# ସାନ୍ତାଳୀ-ଓଡ଼ିଆ

# ଅଭିଧାନ

ଜନଜାତି•ସଂସ୍କୃତି•ପ୍ରଗତି

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମୟୂରଭଞ୍ଜ**

ଯୋଜନା ଓ ସଂଯୋଜନ ବିଭାଗ

ଓଡ଼ିଶା ସରକାର

# ସାନ୍ତାଳୀ ଓଡ଼ିଆ ଅଭିଧାନ


ସଂଙ୍କଳନ :

୰ ଲସ ମାଝୀ

ସଂପାଦନା :

ଶ୍ରୀ ଚୈତନ୍ୟ ପ୍ରସାଦ ମାଝୀ



ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମୟୂରଭଞ୍ଜ

ଓଡ଼ିଶା ସରକାର

୨୦୧୮

# ସାନ୍ତାଳୀ ଓଡ଼ିଆ ଅଭିଧାନ


ସଂକଳନ : ✓ ଲସ ମାଝୀ

ପ୍ରକାଶକ : ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ମୟୂରଭଞ୍ଜ
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର

ପ୍ରଥମ ପ୍ରକାଶନ : ୧୯୯୫

ଦ୍ୱିତୀୟ ପ୍ରକାଶନ : ନଭେମ୍ବର, ୨୦୧୮

ମୁଦ୍ରଣ : ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ
ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


# SANTALI ODIA ABHIDHAN


Compilation :

✓ **LASA MAJHI**

**Editor :**
**SRI. CHAITANYA PRASAD MAJHI**

**Publisher :**
**Special Development Council, Mayurbhanj**

**Planning & Convergence Department**
**Govt. of Odisha**

**1st Edition – 1995**

**2nd Edition - November, 2018**

**Printed at : The Odisha State Bureau of Textbook Preparation and Production, Bhubaneswar**

# ପ୍ରଥମ ସଂସ୍କରଣର ମୁଖବନ୍ଧ

ଶ୍ରୀ ଲସ ମାଝୀଙ୍କ ଦ୍ୱାରା ପ୍ରଣୀତ "ସାନ୍ତାଳୀ-ଓଡ଼ିଆ ଅଭିଧାନ" ପଢ଼ିଲି । ପ୍ରଥମ ଥର ଏକ ପୂର୍ଣ୍ଣାଙ୍ଗ "ସାନ୍ତାଳୀ ଭାଷା"ର ଅଭିଧାନ ଲେଖିବାରେ ଶ୍ରୀ ଲସ ମାଝୀଙ୍କ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ସେ ନିଜେ ସାନ୍ତାଳ ସଂପ୍ରଦାୟର ଲୋକ ହୋଇଥିବାରୁ ସାନ୍ତାଳୀ ଶବ୍ଦକୁ ବ୍ୟାଖ୍ୟା କରିବା ଏବଂ ତା'ର ଉପଯୁକ୍ତ ଓଡ଼ିଆ ପ୍ରତିଶବ୍ଦ ଏବଂ ଭାଷାନ୍ତର କରିବା ପାଇଁ କଷ୍ଟ ହୋଇ ନ ଥିଲେ ମଧ୍ୟ ନିଶ୍ଚିତ ଭାବେ ସମୟ ସାପେକ୍ଷ । ସାନ୍ତାଳୀ ଶବ୍ଦକୁ ଓଡ଼ିଆ ଲିପିରେ ପ୍ରକାଶ କରିବା ଧ୍ୱନିଗତ ଅସୁବିଧା ଯୋଗୁ ସହଜ ନୁହେଁ, ସେଥିପାଇଁ ଶ୍ରୀ ଲସ ମାଝୀଙ୍କୁ କେତେକ ସାଂଙ୍କେତିକ ଚିହ୍ନର ସାହାଯ୍ୟ ନେବାକୁ ହୋଇଛି । ଯାହା ହେଉ ନା କାହିଁକି ସେ ଯେଉଁ ଶ୍ରମ ସ୍ୱୀକାର କରି ଏହାକୁ ପ୍ରଣୟନ କରିଛନ୍ତି ତାଙ୍କର ଶ୍ରମ ସାର୍ଥକ ହେବ ବୋଲି ଆଶା ରଖୁଛି ଏବଂ ଏହି ଅଭିଧାନ ଦ୍ୱାରା ଅଣ-ଆଦିବାସୀ ଲୋକେ ପ୍ରଭୂତ ଭାବେ ଉପକୃତ ହେବେ ।

**ଚୈତନ୍ୟ ପ୍ରସାଦ ମାଝୀ**

**ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ**

ତା- ୧୫.୧୧.୧୯୯୩ **ଓଡ଼ିଶା ସରକାର**

# ଭୂମିକା

ଓଡ଼ିଶାରେ ବାଷଠି ପ୍ରକାର ଜନଜାତି ବସବାସ କରିଥା'ନ୍ତି । ଏମାନଙ୍କ ମଧ୍ୟରୁ ସାନ୍ତାଳ ଜନଜାତି ତୃତୀୟ ବୃହତମ ସଂପ୍ରଦାୟ । ଓଡ଼ିଶାର ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ବାଲେଶ୍ୱର ଜିଲ୍ଲାରେ ଏମାନେ ବହୁଳ ଭାବରେ ବସବାସ କରୁଥିଲେ ହେଁ ସାରା ଓଡ଼ିଶାରେ ବିକ୍ଷିପ୍ତ ଭାବରେ ବସତି ସ୍ଥାପନ କରି ରହିଛନ୍ତି । ଓଡ଼ିଶା ବ୍ୟତିରେକ ପଶ୍ଚିମବଙ୍ଗ, ବିହାର ଓ ଆସାମର ଚା ବଗିଚା ଅଂଚଳରେ ମଧ୍ୟ ଏମାନଙ୍କର ଘନ ବସତି ରହିଛି ।

ଏମାନଙ୍କର ନିଜସ୍ୱ ଭାଷା 'ସାନ୍ତାଳୀ' ନାମରେ ପରିଚିତ । ଜନଜାତି ଭିତ୍ତିକ ଭାଷାତତ୍ତ୍ୱ ଦୃଷ୍ଟି କୋଣରୁ ଏହି ଭାଷା ପ୍ରନ୍-ମୁଣ୍ଡା (ଅଷ୍ଟ୍ରିକ) ଭାଷା ପରିବାର ଅନ୍ତର୍ଭୁକ୍ତ । ନିମ୍ନ ନକ୍ସା ମାଧ୍ୟମରେ ଏହି ଭାଷାର ସ୍ଥିତିକୁ ସୂଚିତ କରାଯାଇଛି ।




ଏହି ସାନ୍ତାଳୀ ଭାଷା ଅପେକ୍ଷାକୃତ ଭାବେ ଅନ୍ୟାନ୍ୟ ଆଦିବାସୀ ଗୋଷ୍ଠୀର ଭାଷାଠାରୁ ବହୁ ଚର୍ଚ୍ଚିତ । (ଦ୍ରଷ୍ଟବ୍ୟ: The: Santals : A Classified and Annotated Bibliography. J. Troysi-1976) ଏହାର ଲିଖିତ ସାହିତ୍ୟ ମଧ୍ୟ କ୍ରମଶଃ ସମୃଦ୍ଧ ହେବାରେ ଲାଗିଛି । ଅନ୍ୟ ଆଦିବାସୀ ଭାଷା ଅପେକ୍ଷା ଏହାର ଏକ ସ୍ୱତନ୍ତ୍ର ଲିପି ଥିବାରୁ ଏହି ଭାଷା ଉପରେ ଗୁରୁତ୍ୱ ଦେବା ସ୍ୱାଭାବିକ । ୰ ପଣ୍ଡିତ ରଘୁନାଥ ମୁର୍ମୂଙ୍କ ଦ୍ୱାରା ୧୯୩୫-୩୬ରେ ଉଦ୍ଭାବିତ ଏହି ଭାଷାର ଲିପି "ଅଲ୍‌ଚିକି" ନାମରେ ଖ୍ୟାତ । ସାନ୍ତାଳମାନଙ୍କର ବ୍ୟାବହରିକ ଜୀବନରୁ ଆହରିତ ଏହି ଲିପି ଏକ ସାଂକେତିକ ଅର୍ଥ ବ୍ୟକ୍ତ କରିଥାଏ । ଆଦିବାସୀମାନେ ନିଜ ନିଜର ଗାଈ ଗୋରୁଙ୍କୁ ଚିହ୍ନିବା ପାଇଁ ତାଙ୍କ ଦେହରେ ବିଭିନ୍ନ ପ୍ରକାର ଚିହ୍ନ ଦେଇଥାଆନ୍ତି । ସେହିପରି ବଣ ଜଙ୍ଗଲର ଗଛ, ପଥର ଖଣ୍ଡ ଉପରେ ଚିହ୍ନ ଦେଇ ଏପଟେ ବିପଦ, ସେପଟେ ଆସିବା ନିଷିଦ୍ଧ ଇତ୍ୟାଦିର ସୂଚନା / ସଂଙ୍କେତ ମଧ୍ୟ ଦେଇଥାନ୍ତି । "ଅଲିଚିକି" ଲିପି ଉକ୍ତ ଗୁପ୍ତ ଇଙ୍ଗିତ ପରମ୍ପରା ତଥା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟାଦିର ସ୍ୱରୂପକୁ ପ୍ରତିଫଳିତ କରିଛି ।

ସାନ୍ତାଳୀ ଭାଷାରେ ସ୍ୱରବର୍ଣ୍ଣର ପ୍ରଭାବ ଅଧିକ ଏବଂ ତତ୍ ସଂଲଗ୍ନ ବ୍ୟଞ୍ଜନ ବର୍ଣ୍ଣ ମଧ୍ୟ ଉତ୍ତମ ରୂପେ ବିକଶିତ । ଏହି ଭାଷାର ମୂଳ ରୂପ (root)ରେ ବିଭିନ୍ନ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଯାଇଥାଏ ଏବଂ ଅର୍ଥରେ ମଧ୍ୟ ପରିବର୍ତ୍ତନ ଅଣାଯାଇ ଥାଏ । ଏପରିକି ଗୋଟାଏ ଗୋଟାଏ ଶବ୍ଦ ପ୍ରୟୋଗ ନେଇ ବିଶେଷ୍ୟ, ବିଶେଷଣ ଅବା କ୍ରିୟା ରୂପ ହୋଇଥାଏ । ସାନ୍ତଳୀର କୌଣସି ଶବ୍ଦ ଏକାଧିକ ବ୍ୟଞ୍ଜନ (ସଂଯୁକ୍ତ ବ୍ୟଞ୍ଜନ) ନେଇ ଆରମ୍ଭ ହୋଇ ନଥାଏ । କାକଲ୍ୟ ଧ୍ୱନି (Glottal) ମଧ୍ୟ ଏହି ଭାଷାକୁ ବହୁଳ ଭାବରେ ପ୍ରଭାବିତ କରିଥାଏ । ପ୍ରସ୍ତୁତ ସାନ୍ତାଳୀ - ଓଡ଼ିଆ ଅଭିଧାନ ଅଣ ସାନ୍ତାଳୀ ଭାଷାଭାଷୀଙ୍କ ନିମନ୍ତେ ଉଦ୍ଦିଷ୍ଟ ହେଲେ ହେଁ ସାନ୍ତାଳ ଭାଷା ଭାଷୀଙ୍କୁ ଓଡ଼ିଆ ସହ ପରିଚିତ କରାଇବାରେ ମଧ୍ୟ ସହାୟକ ହେବ। ଅବଶ୍ୟ ସାନ୍ତାଳୀ ଏବଂ ଓଡ଼ିଆ ଦୁଇ ଭିନ୍ନ - ପରିବାରର ଭାଷା ହୋଇଥିବାରୁ, ଏକ ଭାଷା ପରିବାରରେ ମୂଳ ଶବ୍ଦକୁ ଅନ୍ୟ ଭାଷା ପରିବାରର ଶବ୍ଦରେ ପ୍ରକାଶ କରିବାରେ ଅସୁବିଧା ଦେଖା ଦେବା ସ୍ୱାଭାବିକ । ଭାଷାବିତ୍‌ଙ୍କ ମତରେ ଦୁଇ ଭିନ୍ନ ଭାଷା ପରିବାରର ଶବ୍ଦସ୍ତର ମଧ୍ୟରେ ଅଧିକରୁ ଅଧିକ ଶତକଡ଼ା ପଚିଶ ଭାଗ ସାମ୍ୟ ଲକ୍ଷ କରାଯାଇପାରେ । ତେବେ ଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ପଡ଼ୋଶୀ ସମ୍ପର୍କ ଏହି ବିଷମତାକୁ ଦୂର କରିବାରେ ଅନେକଟା ସମର୍ଥ ହୋଇଥାଏ । ଅଧିକନ୍ତୁ ସାନ୍ତାଳ ମାନେ ଦ୍ୱିଭାଷୀ । ଓଡ଼ିଶାରେ ଏମାନେ ଓଡ଼ିଆ ସାଙ୍ଗକୁ 'ସାଦ୍‌ରୀ' ଭାଷାକୁ ଅର୍ନ୍ତଗୋଷ୍ଠୀୟ ସ୍ତରରେ ବ୍ୟବହାର କରିଥାନ୍ତି । ଏହି ଅଭିଧାନରେ ତେଣୁ ଯେଉଁଠି ଓଡ଼ିଆ ପ୍ରତିଶବ୍ଦ ମିଳିବାରେ ଅବା ଓଡ଼ିଆରେ ବ୍ୟକ୍ତ କରିବା କଷ୍ଟ ସାଧ୍ୟ ମନେ ହୋଇଛି, ସେଠାରେ ଆବଶ୍ୟକ ସ୍ଥଳେ ଉଦାହରଣ ମାଧ୍ୟମରେ ତାହା ଦୂର କରିବାରେ ଚେଷ୍ଟା କରାଯାଇଛି । ସାନ୍ତାଳୀ ଭାଷାର ଧ୍ୱନୀ ସମୂହକୁ ସଠିକ୍ ଭାବରେ ଓଡ଼ିଆରେ ଉଚ୍ଚାରଣ କରିବା ସମ୍ଭବ ହେଉ ନ ଥିବାରୁ, ଏହାର ଉଚ୍ଚାରଣ ପାଇଁ ଏକ ସ୍ୱତନ୍ତ୍ର ପଦ୍ଧତି ଅନୁସୃତ ହୋଇଛି । ସଂଙ୍କେତ ସୂଚି ସ୍ତମ୍ଭରେ ଏହା ସୂଚନା ଦିଆଯାଇଛି ।

ଏହି ଅଭିଧାନର ସଂକଳନ ୰ ଲସ ମାଝୀ (୧୯୭୨-୧୯୯୪) ଜଣେ ସାନ୍ତାଳୀ ଭାଷାଭାଷୀ, ଶିକ୍ଷିତ ତଥା ସୃଜନଧର୍ମୀ ଲେଖକ ଥିଲେ । ପୂର୍ବରୁ ଏକାଡେମୀ, ତାଙ୍କ ଦ୍ୱାରା ପ୍ରସ୍ତୁତ ସାନ୍ତାଳୀ ବ୍ୟାକରଣ – ରଚନା – ଶବ୍ଦକୋଷ ସମ୍ବଳିତ ଏକ ପୁସ୍ତିକା, ଆଦିବାସୀ ଭାଷା ଅଧ୍ୟୟନ ମାଳା ସିରିଜ୍‌ରେ ପ୍ରକାଶ କରିଛନ୍ତି । ଏକାଡେମୀ ପରିଚାଳନା ସଂସଦର ଅନୁରୋଧ ରକ୍ଷାକରି ସେ ଏହାର ସଂକଳନ କାର୍ଯ୍ୟ, ଉପଲବ୍ଧ ସମସ୍ତ ସାନ୍ତାଳୀ ଶବ୍ଦକୋଷରୁ ଏବଂ ନିଜର କଥିତ ଭାଷାରୁ ଶବ୍ଦ ସଂଗ୍ରହ କରି ସମାପନ କରିଥିଲେ । ଦୁଃଖର ବିଷୟ ଅଭିଧାନଟି ଲାଭ କରିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଛି । ଏହି ଅଭିଧାନର ପ୍ରକାଶନ ଅବସରରେ ଏକାଡେମୀ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଏକାଡେମୀ ପରିଚାଳନା ସଂସଦର ଅନୁରୋଧ କ୍ରମେ ଓଡ଼ିଶାରେ ମାନ୍ୟବର ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଚୈତନ୍ୟ ପ୍ରସାଦ ମାଝୀ ପାଣ୍ଡୁଲିପି ପାଠକ ଆବଶ୍ୟକ ସଂଶୋଧନ ତଥା ପରିମାର୍ଜନ କରିଛନ୍ତି । ତାଙ୍କ କର୍ମ ବ୍ୟସ୍ତତା ସତ୍ତ୍ୱେ ଏପରି ଏକ ଦୁରୁହ କାର୍ଯ୍ୟ ସଂପାଦନ କରିଥିବାରୁ ଏକାଡ଼େମୀ ତାଙ୍କ ନିକଟରେ ଚିର କୃତଜ୍ଞ । ଶ୍ରୀଯୁକ୍ତ ନୟନ ଚନ୍ଦ୍ର ହେମ୍ବ୍ରମ ମଧ୍ୟ ପାଣ୍ଡୁଲିପି ପଠନ ପୂର୍ବକ ଆବଶ୍ୟକ ସଂଶୋଧନ କରି ଅଭିଧାନକୁ ତୃଟୀ ଶୂନ୍ୟ କରାଇବାକୁ ଚେଷ୍ଟା କରିଛନ୍ତି ଏଥିପାଇଁ ଏକାଡ଼େମୀ ତରଫରୁ ତାଙ୍କୁ ଧନ୍ୟବାଦ ଜଣାଉଛି । ଏହି ଗ୍ରନ୍ଥର ପରିକଳ୍ପନା ଏବଂ ସମ୍ପାଦନା କାର୍ଯ୍ୟ ଏକାଡ଼େମୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ସଂପାଦିତ ହୋଇଥିବାରୁ ଏକାଡ଼େମୀ ତାଙ୍କ ନିକଟରେ କୃତଜ୍ଞ ।

ଭାରତର ଅନ୍ୟାନ୍ୟ ପ୍ରଦେଶରେ ଆଦିବାସୀ ଭାଷା – ସାହିତ୍ୟ – ସଂସ୍କୃତି ଉପରେ ଯେପରି ବ୍ୟାପକ ଅଧ୍ୟୟନ କରାଯାଉଛି, ଓଡ଼ିଶାରେ ମଧ୍ୟ ସେଥିପ୍ରତି ଦୃଷ୍ଟି ଦେଇ ଆଦିବାସୀ ଉନ୍ନୟନ ପାଇଁ ବ୍ୟାପକ କ୍ଷେତ୍ର ପସ୍ତୁତି ନିମନ୍ତେ ସେମାନଙ୍କ ଭାଷା - ସଂସ୍କୃତିର ସଂରକ୍ଷଣ ଓ ସଂଶ୍ଳେଷଣ ଏକାନ୍ତ ଅପରିହାର୍ଯ୍ୟ ।

ଓଡ଼ିଶା ସରକାରଙ୍କ କଲ୍ୟାଣ ବିଭାଗ ଆନୁକୁଲ୍ୟରେ ପ୍ରତିଷ୍ଠିତ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ପକ୍ଷରୁ ଆଦିବାସୀ ଭାଷା ଶିକ୍ଷା ନିମନ୍ତେ ସହାୟକ ପୁସ୍ତକ ପ୍ରସ୍ତୁତ କରିବାକୁ ଦୁଇଟି ପ୍ରକଳ୍ପ ହାତକୁ ନିଆ ଯାଇଛି । ପ୍ରଥମ ପ୍ରକଳ୍ପରେ ବିଭିନ୍ନ ଆଦିବାସୀ ଭାଷା ଉପରେ ବ୍ୟାକରଣ ପୁସ୍ତିକା ପ୍ରକାଶନ ଏବଂ ଦ୍ୱିତୀୟ ପ୍ରକଳ୍ପରେ ଆଦିବାସୀ ଭାଷା – ଓଡ଼ିଆରେ ଅଭିଧାନ ସଂକଳନ ଓ ପ୍ରକାଶନ । ବ୍ୟାକରଣ ପୁସ୍ତିକା ଉପରେ ଅଦ୍ୟାବଧି ଷୋହଳଟି ଭାଷା ଉପରେ ପୁସ୍ତିକା ପ୍ରକାଶିତ ଏବଂ ଆହୁରି ଚାରୋଟି ପୁସ୍ତିକା ପ୍ରକାଶନ ଅପେକ୍ଷାରେ । ଦ୍ୱିତୀୟ ପ୍ରକଳ୍ପରେ ସାନ୍ତାଳୀ – ଓଡ଼ିଆ ଅଭିଧାନ ପ୍ରଥମ ପଦକ୍ଷେପ ।

ପୂର୍ବରୁ ଇଂରେଜ ଭାଷାରେ Rev. P.O. Bodding ଙ୍କ ଦ୍ୱାରା A Santali Dictionary ପାଞ୍ଚ ଖଣ୍ଡରେ ପ୍ରକାଶିତ । ମାତ୍ର ଏ ପୁସ୍ତକ ସଂପ୍ରତି ଦୁର୍ଲଭ ଓ ସାଧାରଣ ପାଠକଙ୍କ ପକ୍ଷରେ ବୁଝିବା କଷ୍ଟସାଧ୍ୟ । ଓଡ଼ିଶାରେ ସାନ୍ତାଳ ମାନେ ସଂଖ୍ୟା ଗରିଷ୍ଠ ଥିବା ଦୃଷ୍ଟିରୁ ଓଡ଼ିଶା ଭାଷାଭାଷୀଙ୍କ ସହ ଏକାତ୍ମ ହେବା ପାଇଁ ଏକ ସହଜବୋଧ୍ୟ ଅଭିଧାନର ଆବଶ୍ୟକତା ଅନୁଭୂତ ହେବା ସ୍ୱାଭାବିକ । ଏହି ଅଭିଧାନ ପ୍ରକାଶ ଫଳରେ ସେହି ଆବଶ୍ୟକତା ପୂରଣ ହୋଇ ପାରିବ ବୋଲି ଆଶା । ପୁନଶ୍ଚ ଏହା ଆଦିବାସୀ ଉନ୍ନୟନ ସହ ସଂଯୁକ୍ତ କର୍ମକର୍ତ୍ତା, ଗବେଷକ ଏବଂ ଆଗ୍ରହୀ ଲୋକଙ୍କ କାର୍ଯ୍ୟରେ ଲାଗି ପାରିଲେ ଏକାଡେମୀର ଶ୍ରମ ସାର୍ଥକ ହୋଇ ପାରିବ ।

**ମୃ. ପୁରକାୟସ୍ଥ**

**ନବବର୍ଷ, ୧୯୯୫** **କମିଶନର – ତଥା ଶାସନ ସଚିବ**

**କଲ୍ୟାଣ ବିଭାଗ**

## ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ

ଭାରତୀୟ ଭାଷା ଓ ସଂସ୍କୃତି ବହୁଧା ବିଭକ୍ତ । ଏହି ବିବିଧତା ମଧ୍ୟରେ ଏକତା ହେଉଛି ଭାରତୀୟ ସଂସ୍କୃତିର ମହାନତା । ଭାଷା-ଭାଷା ମଧ୍ୟରେ; ସଂସ୍କୃତି-ସଂସ୍କୃତି ଭିତରେ ସମନ୍ୱୟ ସଂସ୍ଥାପନ ଓ ପରସ୍ପର ପ୍ରତି ଆସ୍ଥା ପ୍ରକଟ କରି ଏକତା ସୂତ୍ରରେ ସହାବସ୍ଥାନ ଏହି ସଂସ୍କୃତିର ବିଶେଷତ୍ୱ । ମହାଭାରତୀୟ ସଂସ୍କୃତିର ଉତ୍ସ ଗୋଟିଏ ସ୍ରୋତରୁ ନୁହେଁ; ପରନ୍ତୁ ଏକାଧିକ ଉତ୍ସରୁ ପ୍ରକଟିତ ଓ ଗତିଶୀଳ । ସହସ୍ରାଧିକ ବର୍ଷ ଧରି ଏହି ପରମ୍ପରା କଷଟି ପଥରରେ ପରୀକ୍ଷିତ ।

ଗୋଟିଏ ଜାତିର ମହାନତା ତାର ଭାଷା ଓ ସଂସ୍କୃତିରୁ ଜଣା ପଡ଼ିଥାଏ । ବହୁଭାଷା, ବହୁ ସଂସ୍କୃତିର ଅଧିକାରୀ ଓଡ଼ିଶାର ଜନଜାତି ସମୁଦାୟ ସେହି ମହାସ୍ରୋତର ଅନ୍ୟତମ ପ୍ରବାହ ଅଥଚ ନିଜସ୍ୱ ଧାରାକୁ ଅଦ୍ୟାବଧି ବଜାୟ ରଖିବାରେ ସକ୍ଷମ । ୬୨ ଜନଜାତି ଗୋଷ୍ଠୀ ମଧ୍ୟରୁ ସାନ୍ତାଳ ଓଡ଼ିଶାର ଅନ୍ୟତମ ବହୁଚର୍ଚ୍ଚିତ ଜନଜାତି । ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ପ୍ରଗତି ସହ ସମତାଳରେ ଗତି କରିବା ଏମାନଙ୍କ ବୈଶିଷ୍ଟ୍ୟ । ସମସ୍ତ ଅର୍ଥନୈତିକ କ୍ଷେତ୍ରରେ ଅନ୍ୟମାନଙ୍କ ସହ ସମକକ୍ଷ ହେବାରେ ଏମାନେ ଯେପରି ପ୍ରତିଯୋଗୀ ସମ୍ପନ୍ନ; ପରମ୍ପରାକୁ ବଜାୟ ରଖିବାରେ ମଧ୍ୟ ସେତେ ଆତ୍ମ ସଚେତନ । ଏମାନଙ୍କ ଭାଷା "ସାନ୍ତାଳୀ" ୨୦୦୩ ମସିହାରେ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅର୍ନ୍ତଭୁକ୍ତ ହେବା ଉପରାନ୍ତ ଏମାନଙ୍କ ସାହିତ୍ୟ "ଅଲଚିକି" ଲିପିରେ ବ୍ୟାପକ ପ୍ରସାର ଲାଭ କରିବା ଏକ ସ୍ୱାଭିମାନୀ ଜାତି ପାଖରୁ ହିଁ ଆଶା କରାଯାଏ । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଆବିଷ୍କୃତ ଲିପିର ମହାନତା ନିଜ ସମାଜ ବ୍ୟବସ୍ଥା ଭିତରୁ ବାହାରକୁ ଉଙ୍କି ମାରିବାରେ ଯେତେ ତତ୍ପର; ଶିକ୍ଷିତ ଅଣ-ସାନ୍ତାଳୀ ସମାଜ ମଧ୍ୟ "ସାନ୍ତାଳୀ ଭାଷା" ପ୍ରତି ତାଙ୍କର ଅନୁରକ୍ତି ଭାବ ପ୍ରଦର୍ଶନ କରିବା; ଏହି ଭାଷାର ଭବିଷ୍ୟତ ଯେ ଖୁବ୍ ଉଜ୍ଜଳ ଏହା ସମସ୍ତେ ସ୍ୱୀକାର କରିବେ । ସମସ୍ତ ବିଜ୍ଞ, ସାନ୍ତାଳୀ ପଣ୍ଡିତ ଏହି ଭାଷାକୁ ସାର୍ବଜନୀନ କରିବା ପାଇଁ ଅନେକ ସାଧୁ ଉଦ୍ୟମ କରିଛନ୍ତି । ଇଂରେଜ ଅମଳର P.O. Bodding ଙ୍କ ଠାରୁ ଆରମ୍ଭ କରି "ଲସୀ ମାଝୀ" ଙ୍କ ପର୍ଯ୍ୟନ୍ତ ସାନ୍ତାଳୀ ଭାଷାର ପ୍ରୟୋଗ ପାଇଁ ଆଶାବାଦୀ ହୋଇ ଶବ୍ଦକୋଷ ପ୍ରଣୟନ କରିଛନ୍ତି । ଲସମାଝୀ କର୍ତ୍ତୃକ ଓଡ଼ିଆ ଲିପିରେ ୧୯୯୫ ମସିହାରେ ଏକ ବୃହତ ସାନ୍ତାଳୀ – ଓଡ଼ିଆ ଅଭିଧାନ ପ୍ରଣୟନ ସହ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଦ୍ୱାରା ପ୍ରକାଶ କରାଇବା ଏହି ଉଦ୍ୟମର ଏକ ଅଂଶବିଶେଷ । ସାନ୍ତାଳ ସମାଜର ଜଣେ ମହାନ ବିଦ୍ୱାନ୍, ଜନନେତା, ତଦାନୀନ୍ତନ ଓଡ଼ିଶାର ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଚୈତନ୍ୟ ପ୍ରସାଦ ମାଝୀ ଏହାକୁ ସମ୍ପାଦନ କରିଥିଲେ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ଅନ୍ୟ ଜଣେ ତତ୍ତ୍ୱବିଦ୍ ଶ୍ରୀ ନୟନଚାନ୍ଦ ହେମ୍ବ୍ରମ୍ ମଧ୍ୟ ପୁସ୍ତକରେ ଆବଶ୍ୟକ ପରିମାର୍ଜନ କରିଥିଲେ । ସାନ୍ତାଳୀ ଭାଷା ଓଡ଼ିଆ ଲିପିରେ ପ୍ରକାଶକ୍ଷମ ସଠିକ୍ ଭାବେ ହୋଇ ପାରୁନଥିବାରୁ ଏବଂ ଧ୍ୱନି ସ୍ତରରେ ଉଚ୍ଚାରଣ ବୈଷମ୍ୟ ଯୋଗୁ କେତେକ ସାଂକେତିକ ଚିହ୍ନ ଦେଇ ପ୍ରକାଶକ୍ଷମ କରିଥିଲେ । ସାନ୍ତଳୀ ଭାଷା କିପରି ଆଦୃତ ହେବ ଓ ପ୍ରସାର ଲାଭ

କରିବ ସେଥିପାଇଁ ସେମାନେ ପଦକ୍ଷେପ ନେଇଥିଲେ । ସାନ୍ତଳୀ ପ୍ରେମୀ ଅଣ ସାନ୍ତଳ ଲୋକମାନଙ୍କ ଅନୁରୋଧକୁ ରକ୍ଷା କରି ସାନ୍ତାଳୀ-ଓଡ଼ିଆ ଅଭିଧାନ ସେହି ଓଡ଼ିଆ ଭାଷାଭାଷୀ ସାନ୍ତଳୀ ପ୍ରେମୀଙ୍କ ପାଇଁ ଉଦ୍ଦିଷ୍ଟ ଓ ପୁନଃ ମୁଦ୍ରିତ ।

ପ୍ରାକ୍ ପ୍ରାଥମିକ ସ୍ତର ଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ଗୁଡିକ ଅଲଚିକି ଲିପିରେ ମୁଦ୍ରଣ କରାଯାଇ ଅଧ୍ୟୟନ କରାଯାଉଅଛି । ସାନ୍ତଳୀ ଲେଖକ ମାନଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ କରାଯାଉଅଛି । ପ୍ରାଥମିକ ସ୍ତରରେ D.EL.Ed ତାଲିମ୍ କେନ୍ଦ୍ର ମାନଙ୍କରେ ଗୁରୁ ଛାତ୍ର ମାନଙ୍କୁ ମଧ୍ୟ ଅଲଚିକି ଲିପିରେ ତାଲିମ୍ ଦିଆଯାଉଛି । ଏପରିକି ଯାନ୍ତ୍ରିକ ପ୍ରୟୋଗ ବିଜ୍ଞାନ (Technology) ମାଧ୍ୟମରେ ଏହାର ବହୁଳ ବ୍ୟବହାର କରାଯାଇପାରୁଛି । ସାନ୍ତଳୀ ଭାଷା ଅଲଚିକି ଲିପିରେ ପ୍ରତିବର୍ଷ ବହୁଳ ଭାବରେ ପୁସ୍ତକ ପ୍ରକାଶିତ ହେଉଅଛି । ଏହି ସଂପ୍ରଦାୟର ଲୋକମାନେ ଏହି ଲିପିକୁ ନିତିଦିନିଆ ଜୀବନଜୀବିକାରେ ବ୍ୟବହାର କରିବାରେ ସକ୍ଷମ କରିପାରିଛନ୍ତି । UPSC ଏବଂ CBSEଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷା ଏବଂ ପାଠ୍ୟକ୍ରମରେ ସାନ୍ତଳୀ ଭାଷାର ସ୍ୱୀକୃତି, ସାନ୍ତାଳୀ ଭାଷା ଏବଂ ଜାତିର ମର୍ଯ୍ୟଦା ବଢ଼ାଇଛି ।

ସାନ୍ତାଳୀ (ଅଲ୍‌ଚିକି)- ଓଡ଼ିଆ-ଇଂରାଜୀ ତ୍ରୈଭାଷିକ ଶବ୍ଦକୋଷ ପ୍ରଣୟନ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଅଭିଧାନ ପ୍ରଣୟନ ଏକ ସମୟ ସାପେକ୍ଷ କାର୍ଯ୍ୟ । ତଥାପି ଏକ ନିର୍ଭୁଲ ତ୍ରୈଭାଷିକ ଶବ୍ଦକୋଷ ଏକ ବିଜ୍ଞ ସଂପାଦନ ମଣ୍ଡଳୀ ଦ୍ୱାରା କରାଯାଉଛି ।

ସାନ୍ତଳୀ ଭାଷା ପ୍ରେମୀଙ୍କ ଶ୍ରଦ୍ଧା ଆମ ପ୍ରତି ରହିବ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଏହି ପୁସ୍ତକ ଯେପରି ଜନାଦୃତ ହେବ ସେଥିପାଇଁ ଆମେ ସମସ୍ତଙ୍କ ସହଯୋଗ କାମନା କରୁଛୁ ।


(ଦେବାଶିଷ ମାର୍ଣ୍ଡି)

**ଅଧକ୍ଷ୍ୟ**

**ସ୍ୱତନ୍ତ୍ର ଉନ୍ନୟନ ପରିଷଦ**

**ମୟୂରଭଂଜ**

## - ଅ -

ଅଆର୍—କ୍ରି. ହାତଦ୍ୱାରା ପାଣିରୁ ଛାଣିବା, ଉଦ୍ଧାର କରିବା, ରକ୍ଷା କରିବା, ବି. ଉଦ୍ଧାର, ରକ୍ଷା

ଅଆସ୍—ବି. ବାର୍ଦ୍ଧି

ଅଂ—କ୍ରି. ଫୁଙ୍କିବା

ଅଃ—ଅ. ଅଃ, ବିରକ୍ତି ସୂଚକ ଶବ୍ଦ

ଅ∽—କ୍ରି. ଗାତ ବା ହାଣ୍ଡିରେ ଧୂଆଁ ପୂରାଇବା, ଦରପଚା ଫଳକୁ ପାଳ ଦେଇ ପଚାଇବା

ଅ∽ଅଆର୍—ବି. ଛାଣିବା ପ୍ରକ୍ରିୟା

ଅ∽ଅଆରିଜ୍—ବିଂ. ଯେ ଛାଣେ, ଉଦ୍ଧାର କରେ

ଅଆ∽—କ୍ରି. ଭୁଷ୍ଭୁଡ଼ିବା, ଅଡଡା ଖସିବା

ଅଆର∽—କ୍ରି. ମୁକ୍ତି ପାଇବା, ବି. ରକ୍ଷା ପାଇବା

ଅଆଂ—ବି. ଶୂନ୍ୟସ୍ଥାନ, ଆକାଶ

ଅ-ଆଁସ୍—କ୍ରି. ନିରାଶ ହେବା, ବି. ନିରାଶା

ଅଁଆଁଃ—ଅ. ଶିଶୁର କ୍ରନ୍ଦନ

ଅଦଇଜ—ସ. କାହାର

ଅକ୍ତଅ—ବି. ବେଳ, ସମୟ

ଅକ୍ତଅ ଜାନ—ବି. ବେଳ ଉକ୍ତି

ଅକତଅ ଜାନକ୍—ବି. ବେଳ ଅନୁସାରେ, ବେଳ ଅନୁସାରୀ

ଅକ୍ଭା—ବି. ବଦନାମ, କ୍ରି. ବଦନାମ କରିବା, ପରଚ୍ଛିଦ୍ର କହିବା

ଅକ୍ଭା ଚନ୍ଭା—ବି. ପରଚର୍ଚ୍ଚା, ପରନିନ୍ଦା, କ୍ରି. ପରର ମନ୍ଦ ଚର୍ଚ୍ଚା କରିବା, ପରନିନ୍ଦା କରିବା

ଅକ୍ଥଆର୍—ବି. ଆସ୍ତୃତ, କ୍ରି. ଆସ୍ତୃତରେ ରଖିବା

ଅକ୍ତପାରମ୍ ବି. ବେଳ ଗଡ଼ିଯିବା

ଅକର୍କଣ୍ଟ—ବି. ଅକରକରା. ଏକ ପ୍ରକାରର ଔଷଧି ଗଛ

ଅକରଦ୍—ବି. ଚ୍ଛୋଟ ମୋଟା ବେକଥିବା

ଅକରାର୍—ବି. ପ୍ରତିଶ୍ରୁତି, ଅଙ୍ଗୀକାର, ପ୍ରତିଜ୍ଞା

ଅକଲ୍—ବି. ଅକଲ, ଜ୍ଞାନ

ଅକଲ୍ ଆନ୍—ବିଂ. ଜ୍ଞାନବାନ୍

ଅକଲ୍ବାନ—ବିଂ. ବୁଦ୍ଧିବାନ୍

ଅକସ୍—ସ. ପ୍ର. କିଏ

ଅକସ୍ଆ∽—ସ. ପ୍ର. କାହାର

ଅକସ୍ନ୍ୟା—ସ.ପ୍ର. କିଏ ସେ

ଅକସ୍କଓ୍ୱା∽—ସ.ପ୍ର. କେଉଁମାନଙ୍କର

ଅକସ୍କସ୍ୟା—ସ.ପ୍ର. କେଉଁ କେଉଁ ମାନେ

ଅକସ୍ରିନ୍—ସ.ପ୍ର. କାହାର ଏଗୁଡ଼ାକ

ଅଂକ—ବି. ଅଙ୍କ

ଅ∽କ∽—କ୍ରି. ଧୂଆଁ ଭିତରେ ରହିଯିବା

ଅକା—ସ.ପ୍ର. କେଉଁଟା, ବିଂ. କେଉଁ

ଅକାଅକା—ସ. କେଉଁ କେଉଁଟା, ବିଂ. କେଉଁକେଉଁ

ଅକା ଉତାର୍—ସ.ପ୍ର. କେଉଁଠାରେ (ନିର୍ଦ୍ଦିଷ୍ଟ ଅର୍ଥରେ)

ଅକାକଅ—ସ.ପ୍ର. କେଉଁ ଗୁଡ଼ାକ

ଅକାକରେ—ସ ପ୍ର. କେଉଁ ସ୍ଥାନମାନଙ୍କରେ

ଅକାରେ— ସ.ପ୍ର. କେଉଁଠି

ଅକାଜନ୍—ସ.ପ୍ର. କେଉଁ ଦୁଇଟି

ଅକାରେ (ଣ) ନ —କ୍ରି.ବିଂ ପ୍ର. କେଉଁଠାର

ଅକାରେସ୍ୱା∽—କ୍ରି ବିଂ. କେଉଁଠାରର

ଅକାରେସ୍ୱାଁ —ସ.ପ୍ର କେଉଁଠାର

ଅକାରେହିଁ—କ୍ରି ବିଂ. କେଉଁଠାରେ ବି (ମଧ୍ୟ)

ଅକାଖନ୍—କ୍ରି ବିଂ. କେଉଁଠାରୁ

ଅକାଟା∽—ସ.ପ୍ର. କେଉଁଟା

ଅକାଟୋ—ବି. କେଉଁ ବାଗକୁ, କେଉଁ ସ୍ଥଳରେ, କ୍ରି.ବିଂ. କେଉଁ ବାଗକୁ ହୋଇପାରେ, କେଉଁ ସ୍ଥଳରେ ହୋଇପାରେ

ଅକାଠେନ୍— କ୍ରି.ବିଂ. କେଉଁଠି, ପ୍ର. କେଉଁଠାରେ

ଅକାଭ୍—ବିଂ. ଅକାତ, କାତ ଯେଉଁଠାରେ ପହଞ୍ଚି ପାରେନା, ଅମାପ

ଅକାଭାନା∽ —ପ୍ର.ସ. କେଉଁଟା (ହୋଇପାରେ)

ଅକାତେ—ପ୍ର. ସ. କେଉଁଠାରୁ

ଅକାତେନା∽—ପ୍ର ସ. କେଉଁ ଆଡ଼ର

ଅକାତେଭି—କ୍ରି. ବିଂ. କେଉଁଠାରେ ବି

ଅକାଦାସ୍ — କ୍ରି. ବିଂ. କେଉଁ ପ୍ରକାର, କେଉଁ ପ୍ରକାରର, କାହାଦ୍ୱାରା

ଅକା-ଦ — କ୍ରି. ବିଂ. କେଉଁ କେଉଁ, କେବେ କେବେ

ଅକାଧା.ବଜ୍ — କ୍ରି. ବିଂ କେଉଁ ପର୍ଯ୍ୟନ୍ତ

ଅକାମି — ବିଂ. ଅଚଳ, ରଦ୍ଦ

ଅକାସ୍ (ଜ) — କ୍ରି. ବିଂ. ଅଯଥା କର୍ମ

ଅକା ବା — ପ୍ର. ସ. କଅଣ, କ'ଣବା

ଅକାବାଡ୍ଡେ — କ୍ରି. ବିଂ କେତେ ଶୀଘ୍ର, କେତେକ୍ଷଣରେ

ଅକାର୍ — ବି. 'ଅ' ଚିହ୍ନ

ଅକାରନ୍ — କ୍ରି. ବିଂ. ବୃଥା, ଅକାରଣ

ଅକାରେ — ସ. ସ. କେଉଁ ସ୍ଥାନରେ, କେଉଁ ଠାରେ

ଅକାରେନ୍ — ପ୍ର. ସ. କେଉଁ ଠାରର

ଅକାରେୟାଁ — ପ୍ର. ସ. କେଉଁ ସ୍ଥଳର

ଅକାଲେକା — ପ୍ର. ସ. କେମିତି

ଅକାଲେକାତେ — ପ୍ର.ସ. କେମିତିକା, କ ପ୍ରକାରରେ

ଅକାଲେକାନ୍ — ବି କପଟ

ଅକାଲ୍ — ବି, ଅସ୍ୱ, ବିଂ. ଦୁର୍ଭିକ୍ଷ

ଅକାଲେକାହ୍ନିଁ — କ୍ରି. ବିଂ. କେମିତି ବି

ଅକାଲେକାଦେହିଁ — କ୍ରି. ବିଂ. କୌଣସି ପ୍ରକାରରେ ବି

ଅକାସେଦ୍ — ସ. ପ୍ର. କେଉଁ ଆଡ଼କୁ, କେଉଁ ଠାକୁ

ଅକାସେନ୍ — ସ. ପ୍ର. କେଉଁ ଠାକୁ

ଅକାସେନ୍‌ଗନ୍ — ସ. ପ୍ର. କେଉଁ ଆଡ଼ରୁ, କ୍ରି. ବିଂ. କେଉଁ ଠାରୁ

ଅକାସେନ୍‌ରେ — ସ. ପ୍ର. କେଉଁଠି, କ୍ରି. ବିଂ. କେଉଁ ଦଗରେ

ଅକା.ହିଁ — ସ. କହୁ ବି

ଅଖ — ବି. ଅଖ

ଅଖଅଖ — ବି. ଏକ ପ୍ରକାର ଖେଳ

ଅଖନ — ବି. ବର୍ତ୍ତମାନ

ଅଖର — ବି. ଅକ୍ଷର, କ୍ରି. ଅଖା କରିବା

ଅଗସ୍ୱଓ — କ୍ରି. ଉପୁଜିବା, ଜନ୍ମଣ, କ୍ରି ବିଂ. ଗୋଟିଏ ସ୍ଥାନରେ କିଛି ସମୟ ରହିବା

ଅଗନଝାଲ୍ — ବି. ଅଗ୍ନିଝାଳ, ଏକ ପ୍ରକାରର ଔଷଧି ଲତା

ଅଗମ୍ — ବିଂ. ଅଗମ୍ୟ (ଦୀର୍ଘ ଅର୍ଥରେ)

ଅଗମ୍‌ଆକା — ବିଂ. ଗଭୀର ଓ ବିସ୍ତୀର୍ଣ୍ଣ

ଅଗମ୍‌ଦରେୟା — ବି. ଅଗମ୍ୟ ସାଗର

ଅଂଗସ୍ — ବି. ଦଂଶକ

ଅଗି — ବି. ଗଛ ବା ଡାଳର ଅଗ ଅଂଶ

ଅଗୁଣ୍‌ଠ — ବି. ବେହୁସାବ, ଅଗଣିତ

ଅଘଚଘ — ବିଂ. ଉଚ୍ଚନୀଚ ଅସମତଳ

ଅଘଟନ୍ — ବିଂ. ଅଘଟଣ, ଦୁର୍ଘଟଣା

ଅଚ ∽ — କ୍ରି. ଉଠ, ଘୁଞ୍ଚ, କ୍ରି.ବି ଘୁଞ୍ଚିଯିବା

ଅଚଲ୍ — ବିଂ. ଅଚଳ, ବି. ଜକମା

ଅଂଚଲ୍ — ବି. ଅଞ୍ଚଳ

ଅଚନ୍‌ହିଁ — ବିଂ. ଅପରିଚିତ, ପରଦେଶୀ

ଅଗ୍ଗୁ — ବି. ଉପୁଡ଼ା ଧାନଗଛକୁ ଏକାଠି ବାନ୍ଧିବା

ଅଜ୍ — କ୍ରି. ଦୋଷ କରିବା, ବି. ଦୋଷ

ଅଜାନା — ବି. ଅଜଣା, ଅପରିଚିତ

ଅଁଜସ୍ — ବିଂ. ଅପରିଷ୍କାର, ମଇଳା, ଆବର୍ଜନା, କ୍ରି. ଆବର୍ଜନା- କରିବା . ମଇଳା କରିବା

ଅଜ ∽ ଆଃ — କ୍ରି. ଦୋଷଣୀୟ ହେବା

ଅଜଅ ∽ — କ୍ରି. ମାଖିବା, ତରଳ ଜିନିଷ ବୋଲହେବା

ଅଜ ∽ ଜାପା ∽ — ବି. ବିବାହ ପାଇଁ ଝିଅ ଓ ପୁଅକୁ ଏକାଠି ବସାଇ ତେଲ ହଳଦୀ ମଖାଇବା

ଅଜରନ୍ — ବି. ଅଜୀର୍ଣ୍ଣ, ଉଦରାମୟ

ଅଜେ — ବି. ଉଦ୍ଦେଶ୍ୟ

ଅଜଭ୍ୱଁଦର୍ — କ୍ରି. ବି.,ବିଂ. ଲୁଗାପଟା ସହିତ ସମ୍ପୂର୍ଣ୍ଣ ଭିଜିଯିବା

ଅଝଲା — ବି. ବିଂ. ପେଟ ବାହାର ପଞ୍ଜରା

ଅଝଲାଓ — କ୍ରି. କମିବା, କ୍ଷୀଣହେବା

ଅଟା — ବି. ଓଝା, ଗୁରୁ, ଗୁଣିଆ, ଚେରମୂଳ ଔଷଧ ଦେବାବାଲା

ଅଟାନ ∽ — ବି. ଓଝା, ଗୁଣିଆର କାମ, କ୍ରି. ଅଟାକାମ କରିବା

ଅଞ୍ଜ୍‌ସ୍ — ବି. ଅପରିଷ୍କାର, ବିଂ. ଅପରିଷ୍କାର କର୍ମ
କ୍ରି. ଅପରିଷ୍କାର କରିବା

ଅଟକ୍—ବି. ଅଟକ, ଅବରୋଧ

ଅଟକାଓ—କ୍ରି. ଅଟକାଇବା, ଉଗାଳିବା, ଅବରୋଧ କରିବା

ଅଟଲ୍—ବି. ଅଟଲ୍

ଅଟା—ବି. ଅଟା

ଅଟାଂ—କ୍ରି. ଚାଳୁଣି ଖୋଲିବା, ଯୋଡଣୀ ଉଠାଇବା

ଅଟାଂରୁ-ଦ୍—କ୍ରି. ଚାଳୁଣି ବା ଯୋଡଣୀ ଉଠାଇ ବାହାର କରିବା

ଅଟାଂଅଡକ୍—କ୍ରି. ଯୋଡଣୀ ବାହାରକର କନସ୍ତ ଆଣିବା

ଅଟାଂସାହା—କ୍ରି. ଯୋଡଣୀ ଉଠାଇ ଏକ ପାଖରେ ରଖିବା

ଅଟାଂ—କ୍ରି. ଉଡ଼ିଯିବା, ଉ: ଧୂଳି ଅଟାଂଏନା, ଧୂଳି ଉଡ଼ିଗଲା

ଅଟଂସାସ୍—କ୍ରି. ଉଡ଼ିକରି ସରିଯିବା

ଅଟେ-କ୍—କ୍ରି. ଚଡକିବା, ମୁଢ଼ି ବା ଖଇ ଫୁଟିବା

ଅଟେ-କ୍ ରୁଦ୍—କ୍ରି. ଚଡ଼କ ଫୁଟିବାହାରିବା

ଅଠର—ବି. ବିଂ. ଅଠର ସଂଖ୍ୟା ବିଶେଷ

ଅଡର୍—ବି. (ଇଂ) order, ଆଦେଶ

ଅଡାଓ—କ୍ରି. ଧରିବା ଯନ୍ତ୍ର ବସାଇବା, ଜାଲ ବସାଇବା, ଫାସ ବସାଇବା, ଦେଖାଇ ହେବା

ଅଣଅସାର୍—ବିଂ. ଅଣ ଓସାରିଆ

ଅଣଧଂ—ବି. ମୋଟା ଓ ଅଧା ଲଙ୍ଗଳା

ଅଣ୍ଡ୍ ଗା—ବି. ବଳି ଉଦ୍ଦେଶ୍ୟରେ ପିଲା ଚୋରିକରିବା ବାଲା, ପିଲା ଚୋର

ଅଣ୍ଡୁଅ—ବି. ବୋକା, ନିର୍ବୁଦ୍ଧିଆ

ଅଣ୍ଡ୍ ସ୍କାଂ—ବି. ନିଶାଗ୍ରସ୍ତ ହୋଇ ଯେ ପାଟିରୁ ଶବ୍ଦକରେ, ବଦ୍ ରାଗି

ଅଣ୍ଡସୁଦ୍—ବି. ମୂର୍ଖ, ବୋକା, ଖାମଖିଆଲି

ଅଣ୍ଡରୁଅଣ୍ଡରୁ—କ୍ରି. ବିଂ ସ୍ଥିରଦୃଷ୍ଟିରେ ଦେଖିବା, ଏକ ଲୟରେ ଦେଖିବା

ଅଣ୍ଡେ—ସ. ସେଠାରେ

ଅଣ୍ଡେଖନ—ସ. ସେଠୁଁ, ସେଠାରୁ

ଅଣ୍ଡେଅଣ୍ଡେ—ସ. ସେଇଠି ସେଇଠି

ଅଣ୍ଡେଗେ—କ୍ରି. ସ. ସେହିଠାରେ ହିଁ

ଅତନଂଗତବ୍—ବି. ଭୂଗୋଳ ପୁସ୍ତିକା

ଅତର—ବି. ଅତର, ସୁଗନ୍ଧ ତୈଳ

ଅଡଂ—କ୍ରି. ପଶୁମାନଙ୍କ ଯୌନ ପ୍ରକ୍ରିୟା

ଅତେ—ଅ. ଅନୁମାନାତ୍ମକ, ହେଇ

ଅତେତଅ—ଅ. ହେଇପରି

ଅତେମାହା—ବି. ସୋମବାର

ଅଦଗାଃ—କ୍ରି. (କାନ୍ଥ, ଇଟାକାନ୍ଥ) ଭୁସୁଡ଼ିବା

ଅଦଗାଃ ବଦଗାଃ—କ୍ରି.ବିଂ. ଥୋପ, ଥୋପ, ଉ: କାନ୍ଦ୍ ଅଦଗାଂ ବଦଗାଃ ଖୁରୁଃକାନା କାନ୍ଥଟି ଥୋପ ଥୋପ ହୋଇ ପଡ଼ିଯାଉଅଛି ।

ଅଦଗଲ୍—ବିଂ. ମୋଟା

ଅଦ୍ଗେଲ୍—କ୍ରି.ବିଂ. ଆରମ୍ଭ କରିବାର ମନ, କାମ ଆରମ୍ଭ କରିବା ପ୍ରକ୍ରିୟା

ଅଦଲ୍ଦବଲ୍—ବି. ଉପରାଉପରି, ନ ସରୁଣୁ ଆଉ ଥରେ କରିବା

ଅଦଲ୍ ବଦଲ୍—ବି. ଅଦଳବଦଳ

ଅଦର୍କାର୍—ବିଂ. ଅନାବଶ୍ୟକ

ଅଦା—ବି. ଅଦା (zinger)

ଅଦାଡେମ୍ବା—ବି. ଦରପାକଲା (ଫସଲ)

ଅଦା—କ୍ରି. ଭିଜିଯିବା, ବିଂ. ଭିଜା

ଅଦାବାଦ—ବି. ଖଣ୍ଡୁଆ, ଯୋରସୋର କଳହ

ଅଦାଲତ୍—ବି. ଅଦାଲତ

ଅଦାସୁକା—ବି. ଉପଯୁକ୍ତ ଭିଜା

ଅଦିନ—ବି. ଅଦିନ, ଅସମସ୍ତ, ଅବେଳ

ଅଦ୍ଦବାଲ୍ବାଲ୍—କ୍ରି. ଝାଳରେ ଭିଜିଯିବା
କ୍ରି.ବିଂ. ଝାଳ ହେଉଥିବା

ଅଧମ୍—ବିଂ. ଅଧମ, କିଛି କାମର ନୁହେଁ

ଅଧରମ୍—ବି. ଅଧର୍ମ

ଅଧରାଓ—କ୍ରି.ବିଂ. ଶୀର୍ଣ୍ଣକାୟ ହେବା, କମିଯିବା, ଦୁର୍ବଳ ହେବା

ଅଧାଓ—କ୍ରି. ପିଟିବା, ମାଡ଼ଦେବା

ଅଧାମାନଧା—କ୍ରି.ବିଂ. ଅଧାକରି ରଖିବା

ଅନଅନା—ନିର୍ଦ୍ଦିଷ୍ଟାତ୍ମକ ସ. ସେହିଟା

ଅନ୍ଅନ୍କା—କ୍ରି.ବିଂ. ସେଇମିତି

ଅନ୍କା—କ୍ରି.ବିଂ. ସେହିପରି
ଅନ୍କାଅନ୍କା—କ୍ରି.ବିଂ. ସେହି ପ୍ରକାରରେ
ଅନ୍କା ଅନ୍କାତେ—କ୍ରି.ବିଂ. ସେହିପରି, ହେଉଁ ହେଉଁ
ଅନ୍କାନ୍ଆଁ ∞ —କ୍ରି.ବିଂ. ସେ ପ୍ରକାରର
ଅନ୍କା.ନ୍ନଂକାନ୍—ସ. ଏପରି ସେପରି
ଅନ୍କାଗେ —ସ. ସେହିପରି
ଅନ୍କାରେ—କ୍ରି.ବିଂ. ସେମିତିଭାବେ
ଅନ୍ତେ—କ୍ରି.ବିଂ. ସେହିଆଡ଼େ, ସେହି ଆଡ଼କୁ
ଅନ୍ତେନତେ—କ୍ରି.ବିଂ. ଏପାଖ ସେପାଖ
ଅନ୍କାଲେକା—କ୍ରି.ବିଂ. ସେହି ପ୍ରକାର
ଅନ୍କାଲେକାତେ—କ୍ରି.ବିଂ. ତହିଁ
ଅନ୍କାଲେକାନ୍—ସ. ସେପରି, ସେମିତି ବିଂ. ସେମିତି
ଅନ୍ଡ଼ମନ୍ଡ଼—ବିଂ. ବିପର୍ଯ୍ୟସ୍ତ, ଲଣ୍ଡଭଣ୍ଡ
ଅନଅଡ଼ଂ—ବିଂ. ବହିର୍ଗମନ ପଥ
ଅନ୍ତେ—କ୍ରି.ବିଂ. ସେହିଠାରେ
ଅନ୍ଧଅକାର୍—ବି. ଅନ୍ଧକାର
ଅନ୍ମାନ—ବି. ଅନୁମାନ, କ୍ରି. ଅନୁମାନ କରିବା, ଆକ୍ରୋଶ ରଖିବା
ଅନତେତାସ୍—କ୍ରି.ବିଂ. ସେହି ବାଟେ ବାଟେ
ଅନ୍ତର୍—ବି. ତ୍ୟାଗ କ୍ରି. ତ୍ୟାଗ କରିବା
ଅନା—ନିଶ୍ଚୟାତ୍ମକ ସ. ସେହିଟା
ଅନାକାତେ—କ୍ରି. ବିଂ. ତାହାପରେ
ଅନାଟା ∞ —ନିଶ୍ଚୟାତ୍ମକ ସ. ସେହି ଗୋଟାକ
ଅନାତେତାନ୍ଅନା —କ୍ରି.ବିଂ. ଉପରିଉପରି, ଗୋଟିଏ ଉପରେ ଆଉ ଗୋଟିଏ
ଅନାତାୟମ୍—କ୍ରି.ବିଂ. ତାହାପରେ
ଅନାତେ—କ୍ରି.ବିଂ. ସେହେତୁ, ସେ କାରଣ ହେତୁ
ଅନାତେଲଂ—କ୍ରି. ବିଂ. ସେହେତୁ
ଅନାବାତାଲକ୍—ବି. ପ୍ରାୟତଃ ସେ ପ୍ରକାରର, ପାଖାପାଖି
କ୍ରି. ପ୍ରାୟ ସମାନ ହେବା
ଅନାମେନ୍ତେ—କ୍ରି.ବିଂ. ସେହି କାରଣ ଯୋଗୁଁ, ତେଣୁ
ଅନାଲେକା—କ୍ରି.ବିଂ. ସେପରି, ବି. ପାଖାପାଖି, ସମାନ ହେବା
ଅନାଲେକାନ୍—କ୍ରି. ବିଂ. ସେହିମିତିକା

ଅନାଲେକାତେ—କ୍ରି.ବିଂ. ସେହି ହେତୁ,ସେ ପ୍ରକାରରେ
ଅନାହିଁ—ନିଶ୍ଚୟାତ୍ମକ ସ. ତାହା ହୋଇପାରେ
ଅନେ—କ୍ରି.ବିଂ. ହେଇ ସେଇଟା
ଅନେଅନେ—ବି. ଏଟାସେଟା, ଭିନ୍ନ ଭିନ୍ନ
ଅନେଅନ୍କା—କ୍ରି.ବିଂ. ସେହିପରି, ସେମିତି
ଅନେତଅ—କ୍ରି.ବିଂ. ସେପରିକା, ହେଇ ସେମିତି
ଅନେତଂ—କ୍ରି.ବିଂ. ସେଇ ପ୍ରକାର
ଅପନ୍ତ୍—ବି. ଅପନ୍ତ୍, ସମାନ ନ ହେବା
ଅପନ୍ତ୍—କ୍ରି. ଶନ୍ତୁଡ଼ା ହେବା, ନ ପଡ଼ିବା
ଅପତା—କ୍ରି.ବିଂ. ହାତାହାତି ହେବା, ମାଡ଼ପିଟରେ ଜଣେ ଆଉ ଜଣକୁ ଜାକିବା ଓ ଆଉ ଜଣେ ଓଲଟି ମାଡ଼ ବସିବା ପ୍ରକ୍ରିୟା ।
ଅପଦସ୍ତ—ବି. ଅପଦସ୍ତ
ଅପମାନ୍—ବି. ଅପମାନ
ଅପର୍—କ୍ରି. ପରସ୍ପରକୁ ଟଣା ଝିକା ହେବା, କ୍ରି.ବିଂ. ଟଣାଝିକା
ଅପରାଧ୍—ବି. ଅପରାଧ୍, କ୍ରି. ଅପରାଧ କରିବା
ଅପସର୍—କ୍ରି. ପରସ୍ରା ଗିବା
ଅପା-ଦ୍—ବି. ଗଜାଗଛ
ଅପାଦ ∞ —କ୍ରି. ଗଜାଗଛ ବାହାରିବା
ଅପା.ର୍ଲ—ବିଂ. ନାବାଳକ, କ୍ରି. କର୍ମ କରିବାକୁ ଉପଯୁକ୍ତ ନ ହେବା
ଅପିଲ୍— କ୍ରି. ଅପିଲ କରିବା
ଅଫିମ୍—ବି. ଅଫିମ
ଅଫିସ୍—ବି. ଅଫିସ
ଅଫିସର୍—ବି. (ଇଂ) ଅଫିସର
ଅବ୍ଅବଅ—କ୍ରି. ବିଂ. ହାମୁଡ଼ିବା ଅବସ୍ଥା
କ୍ରି. ବସିବାକୁ ଯାଉଥିବା ଅବସ୍ଥା
ଅବତାର୍—ବି. ଅବତାର
ଅବର୍—କ୍ରି. ଟେପେଇ ପଡ଼ିବା, ବସି ରହିବା
ଉ: ସିମ ଅବର୍ ଆକାନାୟ୍ - କୁକୁଡ଼ା ଟେପେଇ ବସିଛି ।
ଅବସ୍—ବିଂ. ଅଣ୍ଡଲା ପେଟିଆ
ଅବଲ୍—ବିଂ. ଅମଣା, ଯେ କିଛି ବୁଝେନାହିଁ ।
ଅଭ୍ରଅ—ବି. ଅଭ୍ର

ଅଗ୍ରାବ୍—ବି. ଅଗ୍ରାବ

ଅଭ୍ରଶ୍ରାବକ—ବି. ଅଭ୍ରଶ୍ରାବକ

ଅମଭ୍—କ୍ରି. ଅମଡହେବା

ଅମନ୍—ବି. ଗଜା ହେବା, ଅଙ୍କୁର, କ୍ରି. ଅଙ୍କୁରିବା

ଅମନ∞—କ୍ରି. ଅଙ୍କୁରିବା ପ୍ରକ୍ରିୟା

ଅମର୍—ବି. ଅମର

ଅମ୍ରିତ୍—ବି. ଅମୃତଭଣ୍ଡା ଗଛ

ଅମଲ୍—କ୍ରି. ଅମଲ, ଶସ୍ୟ ଅମଲ, ବି. ଆବୃରିବା

ଉ: ପାନକମ୍‌ଇଂ ଅମଲ୍ ଆକାଦ୍‌ଆ – ମୁଁ ପାନଖିଆ ଆବୃରିଛି ।

ଅମଂ—ବି. ସ୍ୱତଃଜାତ

ଅମ୍‌ସାର୍—ବି. ଅନୁସାରେ, ଅନୁସାୟୀ

ଅମାନତ୍—ବି. ଅମାନତ

ଅମାର୍—ବି. ଧାନଗୋଲା

ଅମୀର୍—ବି. ଅମୀର

ଅମିନ୍—ବି. ଅମିନ୍

ଅମେଲ୍—ବି. ଅମେଲ, କ୍ରି. ଅମେଲ-ହେବା

ଅର୍—କ୍ରି. ଟାଣିବା, ଝିଙ୍କିବା

ଅରଅଚ୍—ବି. ଅରୁଚ

ଅରଜ୍—ବି. ଫଲାଫଲ

ଅରୱାଲ୍—ବି. ଉଡ଼ନ୍ତା ବଲେଇ, (ପକ୍ଷୀ ସଦୃଶ୍ୟ ଜୀବ)

ଅର୍‌ଜନ୍—ବି. ଅର୍ଜନ

ଅରତାବ୍—କ୍ରି. ଲେଙ୍ଗୁଟି ମାରିବା, କୌପିନ ପିନ୍ଧିବା

ଅର୍‌ବୁ-ଦ୍—କ୍ରି. ଉପାଡ଼ିବା

ଅରବୁଦ୍‌ଆ∞—ବିଂ. ଉପୁଡ଼ା

ଅରନ୍‌ବନ୍—ବି. ଅଗମ୍ୟ ଜଙ୍ଗଲ ।

ଅରଲ∞—ବିଂ. ଦରପୋଡ଼ା

ଅରସଂ—ବି. ସଂଚରଣ, infection

ଅରସଂଅ∞—କ୍ରି. ସଞ୍ଚରିବା, ଡେଇଁବା (ରୋଗ)

ଅରଂ—କ୍ରି. ବଂଶୀବାଦନ କରିବା, ବି. ବଂଶୀବାଦନ

ଅଗ୍ରଅରି—କ୍ରି. ବିଂ. ଦେଖିବୁଝି

ଅଗ୍ରପାରି—କ୍ରି. ବିଂ. ଅଦଲ ବଦଲକରି, By turn

ବିଂ. ଅଦଲ ବଦଲ, ବାରି ବାରି

ଅଗ୍ରପା ଗ୍ରନ୍—କ୍ରି. ବିଂ. ପରସ୍ପର

ଅଗ୍ରବାଗ୍ର—କ୍ରି. କାମ କରିବାର ମନ କରିବା, ବି. ପରିକଳ୍ପନା

ଅଲଂ—ବି. ରୂପ,

ଅଲେଇଚ—ବି. ଅଲେଇଚ

ଅଲେ-ଜ—ବିଂ. ଛୁଣ୍ଡା, କ୍ରି. ଛୁଣ୍ଡାଇବା, ଚିରିବା

ଅଲେ-ଜ୍ ଲୁଗୁଲ—ବି. ଛୁଣ୍ଡାଲୁଗା

ଅଲେଜ∞—କ୍ରି. ଚିରିବା

ଅଲ୍‌ଗନ୍‌ବଲ୍—(ପ୍ରସ୍ତାବ) କ୍ରି. ବିଂ. ଫିକ୍ରାକଣି

ଅଲ୍‌ପା.ସ୍ତ୍ତ—ବି. ବିଂ. ଅଲ୍ପାୟୁ

ଅଲ୍‌ମଜ୍—ବି. ଗୁରପୋକ

ଅସ୍ମାଂ—ବି. ନକ୍ଷତ୍ର ମଣ୍ଡଳ

ଅଲ୍—ବିଂ. ଲେଖା, ଚିହ୍ନ କରିବା, ବି. ଅକ୍ଷର

ଅଲ୍—କ୍ରି. ଲେଖିବା

ଅଲଖବା—ବିଂ. ମୂର୍ଖ, ମୂଢ଼

ଅଲ୍‌ଗ୍—କ୍ରି. ଭିନ୍ନହେବା

ଅଲନ୍—କ୍ରି. ଚିହ୍ନଣ କରିବା, ବି. ଚିହ୍ନଣ, ଲିଖିତ

ଅଲ୍‌ବଭ୍—କ୍ରି. ବିଂ. କଷ୍ଟସ୍ଥ

ଅଲମ୍ ଝଲମ୍—କ୍ରି. ବିଂ. ଉତ୍କଟ ଇଚ୍ଛା, ଡହୁଲ ମାରିବା

ଅଲ∞କଲା—ବି. ଗୁଣ୍ଡ

ଅଲ∞କୁଲି—ବି. ଗୁଣ୍ଡୀ

ଅଲ∞କଲାକୁଲି—ବି. ଗୁଣ୍ଡଗୁଣ୍ଡୀ

ଅଲସ୍ତ୍ ଗଲସ୍ତ୍—କ୍ରି. ବିଂ. ଉତରେ ଏକ ପରେ ଏକ ଯିବା

ଅଲ୍ପ-ଦ୍—ବି. କଞ୍ଚିଡ଼ି ଗଜାଗଛ

ଅଲହେଦ୍—କ୍ରି. ବିଂ. ଦରଶୁଖିଲା, କ୍ରି. ଅଧା ଶୁଖିଯିବା

ଅସଭ୍—ବି. ଅସଭ୍ୟ

ଅସଥ—ବି. ଅସ୍ଥି, ହାଡ଼

ଅସନ୍‌ଡାରେ—ବି. ଅସନଗଛ

ଅସମ୍‌ଭବ୍—ବିଂ. ଅସମ୍ଭବ

ଅସ୍‌ମାଓ—କ୍ରି. (ସ୍ୱାସ୍ଥ୍ୟ) କମିଯିବା, ଦୁର୍ବଳହେବା,

(ଧନୀ) ନିର୍ଦ୍ଧନ ହେବା

ଅସଲ୍—ବିଂ. ମୁଖ୍ୟ

ଅସହାୟ—ବି. ଅସହାୟ

ଅସାଗୁନ୍—ବି. ଅଶୁଭ ସୂଚନା

ଅସାର୍—ବି. ଚଢ଼ଉ଼ା

ଅସାର୍—କ୍ରି. ଚଢ଼ଉ଼ା କରିବା, ବିଂ. ଚଢ଼ଉ଼ା

ଅସାର ୦୦—କ୍ରି.ବିଂ. ଚଢ଼ଉ଼ା ହେବା ପ୍ରକ୍ରିୟା

ଅସାର୍ତେ(ନ୍)—ବିଂ. ଚଢ଼ଉ଼ାରେ

ଅସୁକ୍—ବି. ଅସୁସ୍ଥ

ଅସୁକ ୦୦—କ୍ରି. ଅସୁସ୍ଥହେବା

ଅସୁମାର୍—ବିଂ. ବହୁତ, ଅଗଣତ

ଅହ୍ଃ—ଅ. ଅହୋ

ଅହ୍—ଅ. ନାସ୍ତିକ ଶବ୍ଦ

ଅହମ ୦୦—ବିଂ. ନ ହେବା

ଅହମା—ବିଂ. ଆଶ୍ଚର୍ଯ୍ୟ, ଅପରିଚିତ

## ଆ

ଆ.ଇସ୍ବା—ସମ୍ବୋଧନ. ହେ, ହେଇ

ଉ: ଆଇ(ସ୍ବା)ନତେ ହେକ୍ ଲେନ୍ ମେ - ହେଇ ଏଣିକି ଆସିଲ ।

ଆ.ଇକା.ଉ—ବିସ୍ମୟାଦି ବୋଧକ.ବୁଝିବା,ଜାଣିପାରିବା ଚେତାବନି

ଉ: ଆ.ଇକା.ଉ ଆମ ହାପେ ଦାଲ୍ ମେସ୍ବାକ—ବୁଝିବ ଯେ ରହ ତୁମକୁ ମାଡ଼ ଦେବେ ।

ଆ.ଇ-ସ୍ୟୁ—ଆଶ୍ଚର୍ଯ୍ୟ ବୋଧକ. ବେଦନାତ୍ମକ. ମାଲେ

ଆ.ଇସ୍ୟୁ, ଲ୍ବନାଂ ଏ ଷ୍ଟାମ୍ଆନା-ମାଲେ ଏତେଗୁଡ଼ାଏ ପାଇଗଲୁ ।

ଆ.ଇସ୍ୟୁ ଆଞ୍ଜ୍ଏମ୍ ହା.ସୁଅତ କଦଷ୍ଟଆ-ମାଆଲେ ମୋତେ ବହୁତ ବ୍ୟଥା ଦେଲ ।

ଆ.ଇଣ୍ଠା.ଉ—କ୍ରି. ଫେଣ୍ଟିବା

ଆ.ଇଣ୍ଟା.ଉପା.ଇଣ୍ଟା.ଉ—କ୍ରି. ଗୋଳେଇ ଘାଣ୍ଟି

ଆଁଇଁଠା.—ବି ଅଇଁଠା, ଶକ୍ଡ଼ି

ଆଇନ୍—ବି. ଆଇନ

ଆଇନାଁ.—ବି. ଦର୍ପଣ

ଆଁଇଁସା—ବି. ଆମିଷ

ଆ.ଉ—ଅ. ବିସ୍ମୟାତ୍ମକ. ଓଃ !

ଉ: ଆ.ଉ ଅକସ୍ବନା - ଓଃ, କଣ କଲେ ।

ଆ.ଉଟ ପା.ଉଟ୍—କ୍ରି.ବିଂ. ପେଟ ଭୋକରେ ଘାଣ୍ଟି ହେବା

ଦୋଦୁଲ୍ୟମାନ ଅବସ୍ଥା, ମନ ଚଞ୍ଚଳ ହେବା

ଆ.ଉହା.—ବି. ଅଯଥା, ବେକାର (କଥା)

ଆ.ଉଲଧାଏ—କ୍ରି.ବିଂ. ଅତ୍ୟଧିକ (ଦେବା)

ଆ.ଉର୍—ଅ. ନାସ୍ତି ଅର୍ଥରେ, ନାହିଁ

ଉ: ଆ.ଉର ହୁକଃ ଆୟୁ - ସେ ଆସି ନାହିଁ ।

ଆ.ଉଲା.—ଅ. ନାସ୍ତି ଅର୍ଥରେ, ନ ଜାଣି

ଉ: ଆ.ଉଲା ଆଲମ୍ ସେନ ୦୦ଆ - ନ ଜାଣି ଯାଅ ନାହିଁ ।

ଆ.ଉଲ—ଅ. ବହୁ ଅର୍ଥରେ, ଅନେକ (ଅଚଣ୍ଡା)

ଉ: ଆ.ଉଲ ହଲ୍କ ତା ହେଁକାନା-ଅନେକ ଲୋକମାନେ ଥିଲେ ।

ଆ.ଉଲ—ବି. ଖାଲି, ଫାଲତୁ

ଆଓଁଗ୍ମିଥ୍—ବି. ସୁଗନ୍ଧ ମେଣ୍ଟ

ଆଓଁଗ୍ଆଓଁର୍—କ୍ରି.ବିଂ. ଚହ୍ଲଡ଼ାଚହ୍ଲଡ଼

ଆକଥ—ସ. ସେମାନେ

ଆକକଥ—ସ. ସେମାନେ ସମସ୍ତେ

ଆକଆ ୦୦—ସ. ସେମାନଙ୍କର

ଆକକଆ ୦୦—ସ. ସେମାନେ ସମସ୍ତଙ୍କର

ଆଁକ—ବି. ଆଖୁ

ଆକ୍ତା ଆକଢ—କ୍ରି.ବିଂ. ଡରୁଆ, ଡରମର, ଅଡଚ୍ଛରେ

ଉ: ଆମ୍ଦ ଆ.ଞ୍ଜ ଆକତା ଆ.କଢ ହଲ୍ ଜାନାମ - ତୁମେ ବହୁତ ଡରୁଆ ଲୋକ ଅଟ ।

ଆ.କତାଓ୍—କ୍ରି. ଚଞ୍ଚଳ, ଶୀଘ୍ରହେବା

ଉ: ତୁଆ.ଲ୍ ଏ ଆକ୍ତାଓ୍ କାନା - ଫେରିବାକୁ ଶୀଘ୍ର ହେଉଛୁ ।

ଆକା—କ୍ରି. ଟାଙ୍ଗିବା, ଝୁଲାଇବା

ଆକାଆଃ—ବିଂ. ଟଙ୍ଗା, ଝୁଲାହୋଇଥିବା

ଆ ୦୦ କାଆ ୦୦—ଦଉଡ଼ିଆଲଣା

ଆକାଓନା—ବି. ଅର୍କ (ଗଛ)

ଆକାନା(ସ୍ବ୍)—କ୍ରିୟାର ସହଯୋଗୀ ପଦ, ଅଛୁ ଅର୍ଥରେ

କ୍ରିୟାରେ ଯୋଗହୁଏ

ଉ: ଡନ ଦୁଲୁ-ଦ୍ ଆକାନାସ୍ - ସେ ବସିଅଛୁ ।

ଆକାର୍—ବି. ରୂପ, ଚେହେରା

ଆକାରକୁକା.ର—କ୍ରି.ବିଂ. ଅଥୟ, ଅସ୍ଥିର

ଆକ୍ପାକାଓ—କ୍ରି. ଅଣନିଃଶ୍ୱାସୀ ହେବା, ଚଞ୍ଚଳ, ତତ୍ପର

(୧) ଉ: ଧୂଆଁରେ ଏ ଆକପାକାଓ ଏନା - ଧୂଆଁ ହେତୁ ସେ ଅଣନିଃଶ୍ୱାସୀ ହେଲା

(୨) ଗ୍ରାମ ମେନ୦ଏ ଆକପାକାଓଃ କାନା - ଗ୍ରାମ ଯିବାକୁ ତତ୍ପର ହେଉଛି ।

ଆକାଲ୍—ବି. ଦୁର୍ଭିକ୍ଷ

ଆକାଲ ସୁକାଲ୍—ବି. ଅସ୍ୱବ ଅସୁବିଧା

ଆକାଲିସ୍ଥା—ବିଂ. କାଙ୍ଗାଲିସ୍ଥା, ଲୋଭୀ, ପେଟୁ

ଆଙ୍କଡ଼ାବାଟେର—ବି. ଲଙ୍ଗଳ ଈଶ ସହିତ ଯୁଆଳି ବାନ୍ଧିବା ଦଉଡ଼ି

ଆଙ୍କ୍ଡ଼ା—ବି. ଲଙ୍ଗଳ ଈଶରେ ଥିବା ଆଙ୍କୁଶ

ଆକନ୍—ସ. ସେ ଦୁହେଁ

ଆକନ୍—କ୍ରି. ମିଳନ ହେବା, ବିବାହ ହୋଇଯିବା

ଉ: କଡୋଦ କନ୍ ଆକନ୍ ଏନା—ବର୍ତ୍ତମାନ ସେ ଦୁହେଁ ବାହା ହୋଇଗଲେ

ଆକଲ୍—କ୍ରି. ଶିକ୍ଷା ପାଇବା, ଅକଲ୍ ପାଇବା

ଆ.କୁଜ ସା.କୁଜ୍—କ୍ରି. ହଲିବା, ହଲଚଲ ହେବା

ଉ: ଲେଟ୍କା ଦ ଆ.କୁଜ୍ ସା.କୁଜ ଅ୦ କାନାସ୍ଥା—ପିଲାଟା ହଲ୍‌ଚଲ ହେଉଛି

ଆ.କୁଟ—ବି. ଘନ, ବହଳ

ଉ: ଆ.କୁଟ ବିରତେ ଅକସ୍ ହୁଁ ବାଂଆ ଡାକଆ—ଘନ ଜଙ୍ଗଲକୁ କେହି ବି ଯାଆନ୍ତି ନାହିଁ

ଆକୁତ୍—କ୍ରି. ବିଂ. ଭୟପାଇବା, ବ୍ୟାକୁଳହେବା, ନେହୁରାହେବା

ଆକୁତିସ୍ଥା—ବିଂ. ନେହୁରା ହେବା, ଶରଣାପନ୍ନ

ଆ.କୁଳ ବା.କୁଳ—କ୍ରି. ବିଂ. ବ୍ୟାକୁଳ ହେବା, କ୍ରି.ବିଂ. ବ୍ୟାକୁଳ ହଡ଼ବଡ଼ିଆ

ଆଁକୁଡ୍ ବାଁକୁଡ୍ (ଆଙ୍କୁଡ୍ ବାଙ୍କୁଡ)—ବିଂ. ଅଙ୍କା ବଙ୍କା,

ଅଙ୍କୁର—ବି. କ୍ରି. ଅଙ୍କୁର, ଅଙ୍କୁରହେବା

ଆଃ—ଅ- ଦୁଃଖଦାୟକ-ଓଃ

ଆ୦—ବି. ଧନୁ

ଆଂ—ବି. ଆଦେଶ

ଆ. ଖରଞ୍ଜ୍—କ୍ରି. ବନ୍ଦୋବସ୍ତ କରିବା

ଆ.ଖରଞ୍ଜ୍-ଆ୦—ବିଂ. ବନ୍ଦିତ

ଆ.ଖରଞ୍ଜ୍‌ଇକ୍—ବି. ବନ୍ଦୋବସ୍ତ, ବ୍ୟବସାୟୀ

ଆଖର୍—ବି. ଅକ୍ଷର

ଆଖର୍—ବି. ପରିଣାମ

ଉ: ଆଖର ଇନା କାଥାରେ ହୁସ୍ ଏନା—ପରିଣାମରେ ସେହି କଥାଟ ହେଲା

ଆ.ଖା.ସ୍ତ ନ—ବି. ବାଉଁଶ ଲମ୍ବ ବାଡ଼ି (ଧାନ ବେଙ୍ଗଲା ବେଳେ କୁଟା ଉଠାଇବା ଓ ପକାଇବାରେ ବ୍ୟବହାର ହୁଏ)

ଆ.ଖିର୍—ବିଂ. ଶେଷରେ, ଭବିଷ୍ୟତରେ

ଆ.ଖିରଦମା.—ବି. ଆଖିର ଦମାସ୍ ହାଡାଓ୍ କେ-ଦ୍ ଗେସ୍ଥା- ଶେଷକୁ ସେ ନେଇ ବି ନେଲା

ଆଖ୍ଲା—ବି. ଆଖଡା (club)

ଆଗଥ—ବି. ପ୍ରଥମେ

ଆ.ଗ୍ଲା—ବି. ଆସନ୍ନା

ଆଗା—କ୍ରି.ବିଂ. ଆଗ ଭାରହେବା (ଭାର ବା ଶଗଡ ଗାଡ଼ିର)

ଆଗାମ୍—ବିଂ. ଆଗାମୀ, ଭବିଷ୍ୟତ୍

ଆଗଲ୍ବା—ବିଂ. ଆଗୁଆ, ପ୍ରଧାନ, ବି. ଆଗୁଆ ଭରିବା (ହେବା)

ଆଗନସାଲ୍—ବି. ଏକ ପ୍ରକାର ଧାନର ନାମ

ଆ.ଗିଲ୍—କ୍ରି. ବିଂ. ବଳଦ ଗାଡ଼ିର ଆଗପଟ ଭାରି ହୋଇଯିବା

ଆ.ଗିଲ୍‌କାଲ୍—ବି. ପୂର୍ବକାଳ

ଆ.ଗିସ୍ଥା.—କ୍ରି. ସମ୍ମୁଖରେ ହେବା, ସାମନାରେ ରଖିବା, ଆଣିବା

ଉ: ଆ.ଗିସ୍ଥା.ରେ ମେରମ୍ ଆଗୁଏମ୍ — ମୋ ସାମନାରେ ଛେଳି ରଖ / ଆଣ

ଆ.ଗିସ୍ଥା.ଧାଓ—ବିଂ. ପୂର୍ବଥର, ଆଗରୁ ହୋଇଥିବା

ଆ.ଗିସ୍ଥା.ଘାଁସ୍—ବି. ମିଠା ଗନ୍ଧର ଏକ ପ୍ରକାର ଘାସ

ଆ.ଗୁ—କ୍ରି. ଆଣିବା, କ୍ରି. ବିଂ. ଅଣା ହୋଇଥିବା

ଆ.ଗୁଓ୍ୱାନ୍—ବି. ଦଳପତି leader

ଆ୦ଗୁଇକ୍—ବିଂ ଆଣିବାବାଲା

ଆଁଗା ଚ୍—କ୍ରି. ମୁଣ୍ଡ ମଣ୍ଡଳ ଧୋଇବା

ଆଂଗଡ୍—କ୍ରି. ହାଇ ମାରିବା, କ୍ରି. ବିଂ. ହାଇ

ଆଂଗମ୍—କ୍ରି. ଦୁର୍ଭବୋଧ ହେବା

ଆଂଗା—ବି. ପ୍ରତ୍ୟୁଷ, କ୍ରି. ସକାଳ ହେବା

ଆଂଗା୦ଆଂଗା୦ତେ—କ୍ରି. ବିଂ. ବେଲ ଉଠନ୍ତି

ଆଂଗର୍ସ—ବି. ଅଙ୍ଗାର

ଆଂଗିର୍—କ୍ରି. ନ କହି କାହାରିକୁ ନେଇ ପଳାଇବା

ଆଂଗିର ଂ—କ୍ରି. ବିଂ. ପୁଅ ଝିଅକୁ ନେଇ ପଳାଇବା

ଉ: ଜଲା କୁଲ ଆଂଗିର ଂ କାନ୍ ଉପଲ୍ କାନା—ପୁଅ ଝିଅ ନ କହି ପଳାଇବାକୁ କଥା ହେଉଛନ୍ତି

ଆଂଗା.ରସ୍କା—ବି. କଳାଜ୍ୱର

ଆଂଗାସ୍ୱଓ୍—କ୍ରି. ଆଗ୍ରହ କରିବା

ଉ: ଆମ୍ଠେନ୍ ସେନ ଂଏ ଆଂଗାସ୍ୱଓ୍ କାନା—ତୁମ ପାଖକୁ ଯିବାକୁ ଆଗ୍ରହ ପ୍ରକାଶ କରୁଛି

ଆଂଗୁର ବିହିନ୍—ବି. କଣନଖି (ନଖ) ରୋଗ ବିଶେଷ

ଆଂଗୁର୍ ବୁଡ଼ି—ବି. ଏକ ପ୍ରକାର କୀଟ-ପାଣିରେ ରହେ

ଆଘାତ୍—ବି. ଆଘାତ, କ୍ରି. ଆଘାତ କରିବା

ଆଘାଣ୍ ବଂଗା—ବି. ମାର୍ଗଶୀର ମାସ

ଆଁଚ—ବି. ଆଞ୍ଚ, ନିଆଁର ଅଙ୍ଗାରରେ ଜ୍ୱଳନ୍ତ ଧାସ

ଆଁଚକା—କ୍ରି. ବିଂ. ଅକସ୍ମାତ, ହଠାତ୍

ଆଁଗ୍ୱଓ—କ୍ରି. ଅଖୋଇବା, ଧୋଇ ହେବା, ପିଲ୍ଲ ଧୋଇହେବା

ଆଁଖାର୍—ବି. ଲୁଗାକାନି, ପଣତ କାନି

ଆ.ଗ୍ଗୁର୍—ବି. ଆଗୁର

ଆଁଝୁର୍ ପାଝୁର—କ୍ରି. ବିଂ. ପାଚେରି ଘେରା (ଘର)

ଆ.ଚୁ—କ୍ରି. କାମରେ ନିଯୁକ୍ତ କରିବା

ଉ: ମଣେ ହଲକ ଆ.ଚୁ ଆକାନା—ପାଞ୍ଚଜଣ ଲୋକଙ୍କୁ କାମରେ ନିଯୁକ୍ତ କରାଯାଇଛି

ଆଚୁଡଡେ—କ୍ରି. ବିଂ. କର୍ମପାଇଁ ନିଯୁକ୍ତ କରିବାକୁ ବୁଝିବା

ଉ: ଆ.ଡ଼ି ହଲ ଇଂ ଆ.ଚୁଡଡେ ଲେଦ୍ କଆ ଅନେକ ଲୋକଙ୍କୁ କାମରେ ନିଯୁକ୍ତ କରିବାକୁ ବୁଝିଥିଲି

ଆ.ଚୁନ୍—ବିଂ. ନିଯୁକ୍ତ ପାଇଁ ଆଶାର୍ଥୀ

ଉ ଆ.ଚୁନ୍ ହଲକ ଦ ଆକଡେକ ସେଟେର୍ ଏନା ନିଯୁକ୍ତ ପାଇବା ଆଶାର୍ଥୀ ଲୋକ ନିଜେ ପହଞ୍ଚିଥିଲେ

ଆ.ଚୁର୍ ପାଚୁର—କ୍ରି. ବିଂ. ଘେରିବା, ଘେର କରିଥିବା

ଉ: ମାସ୍ଂ ଠାଓଁଡେକ ଆଚୁର ପାଚୁର୍ ଓଲା ଂ ଆକାନା ବଡ଼ ସ୍ଥାନକୁ ଘେରକରି ଘର କରିଛନ୍ତି

ଆ.ଚୁର—ବି. ଫେରନ୍ତା, ବିଂ. ବୁଲଣିଆ, କ୍ରି. ବୁଲାଇବା, ଘୁରାଇବା

ଆ.ଚୁର ବମ୍ବୁର୍—ବିଂ. ବୁଲଣିଆ, କ୍ରି. ଘୁରାଫେରା କରିବା

ଆ.ଚୁର୍ ସଲଡା—କ୍ରି. ରହିଯାଇ ପୁଣି ଆସିବା

ଉ: ଆ.ଚୁର୍ ସଲ୍ଡାସ୍ କ୍ ଦା ଂ ଏଦା—ବର୍ଷା ରହିଯାଇ ପୁଣି ଆଉ ଥରେ ବର୍ଷୁଛି

ଆ.ଚୁର୍ ଜାତ୍ରା—ବିଂ. ଯାତ୍ରା ଫେରିବା, ଲେଉଟା ଯାତ୍ରା

ଉ: ଆଚୁର ଜାତ୍ରା ଞେଲ୍ ସେନ ଂ ଆନ—ଫେରିଥିବା ଯାତ୍ରା ଦେଖି ଯିବା

ଆ.ଚୁର୍ଚୁଆ.ଲ୍—କ୍ରି. ଫେରାଇ ଆଣିବା

ଉ: ଗଟ୍ଟେ ଡାଙ୍ଗ୍ରିକ ଆଚୁର୍ଚୁଆଲ୍ ଆ.ଗୁ କମ୍—ଗୋଠକୁ ଗାଈଙ୍କୁ ଫେରାଇ ଆଣ

ଆ.ଚୁର୍ ହିଜୁଃ—କ୍ରି. ଫେର ଆସିବା

ଆଚ୍ଛ—ଅ- ସମ୍ମତ ସୂଚକ "ହେଉ"

ଆଚ୍ଛୁମ୍—ବି. ଛୁଙ୍କ, କ୍ରି. ଛୁଙ୍କିବା

ଆଚ୍ଛୁଦାରେ—ବି. ଆଚୁଗଛ, ଏ ଗଛରୁ ନାଲିରଙ୍ଗ ରସ ବାହାର କରାଯାଏ

ଆଚ୍ଛୁଆସ୍—ବିଂ. ଗାଢ଼ ନାଲି

ଆ.ଛୁଆ.—ବି. ଚୁଲିର ମୁହଁ

ଉ: ବାର ଆ.ଛୁଆ. ଚୁଲ୍ହା ବେନାଓମେ—ଦୋମୁହାଁ ଚୁଲି ତିଆରି କର

ଆ-ଜ୍—ସ. ସେ

ଆଜଅ—କ୍ରି. ଖୁଆଇଦେବା

ଉ: ଲେଟ୍କାସ୍ ଆଜଅ ଆସ୍ କାନା—ପିଲାକୁ ଖୁଆଇ ଦେଉଛି

ଆଜ୍ଆ ଂ—ସ. ତାହାର

ଆ.ଜା.ଭୁକ—କ୍ରି. ଖାଲି କରିବା

ଉ: ଟିଲି ଆ.ଜା.ଭୁଲମେ —କଲସି ଖାଲି କର

ଆଜ୍ଇଜ୍—ସ. ତାର, ତାହାର (ପୁରୁଷ ବା ସ୍ତ୍ରୀ)

ଆ.ଜିଇଂ—ସ. ସମ୍ବୋଧନ, ନାନୀ, ଦଦ, ବଡ଼ ଭଉଣୀ ସମ୍ପର୍କ

ଆଜଡେ—କ୍ରି. ବିଂ. ଆପଣେ, ନିଜେ ନିଜେ ହେବା

ଆଜ ଆଜ୍ଡେ—ବିଂ. ସ୍ୱତଃ, ଆପେ ଆପେ

ଆଜ୍କାଲ୍—ବିଂ. ଆଜିକାଲିକା, ଅଧୁନା

ଆଜାର୍—ବି. ରୋଗ

ଆଜାରେ—କ୍ରି. ଅନ୍ୟ ଘରକୁ ବୁଲିଯିବା

ଅଟ୍‌ନାର୍—ବି. ଦେଢ଼ଶାଶୁ

ଅଁଡ୍ରମ୍—କ୍ରି. ଶୁଣିବା

ଅଁଷ୍ଟେଦ୍—କ୍ରି. କମିଯିବା, ଶୁଖିଯିବା, ମରିଯିବା

(୧) ଉ: ପୁଖୁର୍ ଦା ~ ଅଁଷ୍ଟେଦ୍‌ଏନା - ପୋଖରୀ ପାଣି ଶୁଖି ଗଲା ।

(୨) ଉ: ବୁଆ. ~ ହାଲାମ ହାଲ୍ୟା ଅଷ୍ଟେଦ୍‌ଏନା - ଜ୍ୱରରେ ପଡ଼ିଥିବା ବୁଢ଼ା ଗତକାଲି ମରିଗଲା ।

ଅଁଷ୍ଟେଲେ—ବି. ଆଙ୍ଗୁଳା

ଅାଟ୍‌ଆନା—ବି. ଆଠଅଣି

ଅାଟ୍‌କାଓ୍—କ୍ରି. ଅଟକାଇବା, ଅଟକିବା

ଅାଟ୍‌କାର୍—କ୍ରି. ହୃଦୟଙ୍ଗମ କରିବା, ବୁଝିବା, ଜାଣିବା

ଆ.ଟ୍‌କର୍—ବି. ଗ୍ରମଦାନ୍ତ କାଠି, ଲତା, ଔଷଧି ଗଛ ବିଶେଷ

ଆ.ଟ୍‌କୁଲା—ବି. ଆଣ୍ଟୁକୁଡ଼ା, ପିଲାପିଲି ନ ଥିବା ଦମ୍ପତି

ଆଟାଲ୍—ବିଂ. ସ୍ତର ସ୍ତର

ଉ: ଆଟାଲ୍ ବୁରୁ ପାରମ୍ - ସ୍ତର ସ୍ତର ପର୍ବତ ସେପାରି

ଆଟାଲ୍‌ବାହା—ବି. ବହୁ ପାଖୁଡ଼ା ବିଶିଷ୍ଟ ସ୍ତର ସ୍ତର ଥିବା ଧଳା ଫୁଲ ବିଶେଷ ।

ଆଟ୍‌ନା ସାଟ୍—ବି. ଅର୍ଥ ବିଶ୍ଳେଷଣ

ଉ: ଆଟ୍‌ନା ସାଟ୍ ଏମ୍ ରଲକାନା - ତୋ କଥାର ଅର୍ଥ ନାହିଁ ।

ଆ.ଟି—ବି. ଅଟି

ଉ: ବୁସୁବ୍ ଅଟି ଡଲମେ - କୁଟାକୁ ଅଟି ବାନ୍ଧ କରିଦିଅ ।

ଆ.ଟିସ୍‌କୁଟିସ୍—କ୍ରି.ବିଂ. ବାରମ୍ବାର

ଉ: ଚେଡା ~ ଆ.ଟିସ୍ କୁଟିସ୍ ଏମ୍ ହିଜୁ ~ କାନା - କାହିଁକି ବାରମ୍ବାର ଆସୁଛ ।

ଆ.ଟିସାହାଡ଼ା—ବି. ଏକ ପ୍ରକାରର ଔଷଧି ସାହାଡ଼ା ଗଛ

ଆ.ଟୁ—ବି. ଅଟୁ, କାଠ ବା ବାଉଁଶର ଅଟୁ (ceiling)

ଆ.ଟୁପା.ଟୁ—କ୍ରି.ବିଂ. ଚଞ୍ଚଳ, ଶୀଘ୍ର, ତତ୍ପର ହେବା, ବିଂ. ତତ୍ପର

ଉ: ଆ.ଟୁପା.ଟୁ କାମିକିଂ ହଲକ କୁସିଆକଆ - ଚଞ୍ଚଳ କାମ କରୁଥିବା ଲୋକକୁ ଲୋକେ ଭଲ ପାଆନ୍ତି ।

ଆ.ଟୁକ୍‌ପା.ଟୁକ୍—କ୍ରି.ବିଂ. କଷ୍ଟପ୍ରଦ, କଷ୍ଟକର, ବି. କଷ୍ଟ, କଠିଣ

ଉ: ଆ.ଟୁକ୍‌ପା.ଟୁକ୍ କାମି ରେହଁ କଯା.ଣ ବାସ୍ତୁ କୁସି ~ ଆ - କଷ୍ଟକର କାମ କଲେ ମଧ୍ୟ ଖାଇବା ଖୁସି ହୁଏ ନାହିଁ ।

ଆ.ଟୁପ୍‌ଟାଟୁପ୍—କ୍ରି.ବିଂ. ଧୀରେ ଧୀରେ

ଆଟାପଟାଲାବ—ବିଂ. ଜଟିଳ, କଠିନ
କ୍ରି. ଜଟିଳତାରେ ପଡ଼ିଯିବା

ଉ: ଆ.ଡ଼ଆ.ଟୁପ୍‌ଟାଲୁବ୍ ତେ ବିରୁଲେ ପାରମ୍ କେଦା - ବହୁ ଜଟିଳତାପୂର୍ଣ୍ଣ ଜଙ୍ଗଲ ପାରହେଲୁ ।

ଆଟ ~ଟାମ୍ବ ~—କ୍ରି.ବିଂ. ଉଦ୍‌ବିଗ୍ନ, ବ୍ୟାକୁଳ

ଆଠଓ୍ୱାର—ବିଂ. ଅଷ୍ଟମ ଦିବସ (ପୂଜା, ବୈଠକ)

ଆ.ଠିୟାଲ୍ (ଲ)—ବି. କଦମ୍ବଗଛ

ଆ.ଠିଆଡ଼—ବି. କୃପଣ, ବିଂ. ତେଢ଼ାମେଢ଼ା

ଉ: ନୁଇହଲ୍‌ଡ ଦ ଆ.ଡ଼ତେଡ୍ ଏ ଅଠିଆ.ଡ୍ ଗେୟା—ଏ ଲୋକ ବହୁତ କୃପଣ ଅଟେ

ଆଡ଼ଅ—ବି. ବୀର୍ଯ୍ୟ ସ୍ଖଳନ, କ୍ରି. ବୀର୍ଯ୍ୟ ସ୍ଖଳନ ହେବା ବା ପରସ୍ତ୍ରୀ କରିବା

ଆଡା—ବି. ବହୁ ଲୋକର ମିଳନସ୍ଥଳ, ଟସର ପୋକ ପାଳିବାସ୍ଥାନ

ଆଡାସ୍—କ୍ରି. ଟସର ପୋକ ପାଳିବା, ଟସର ଚାଷ କରିବା

ଅଁ.ଡାଗ୍—ବି. ଅକସ୍ମାତ, ହଠାତ୍ ଆଦେଶ

ଉ: ଉନହଲ୍‌ଆ.ଡ଼ ଅଁଡାଗ୍‌ସ୍ ହେଜ୍‌ଏନା—ସେ ଲୋକ ଅକସ୍ମାତ ଆସି ପହଞ୍ଚିଲା

ଅଁ.ଡାଗ୍.ବାଁ.ଡଗ୍.—କ୍ରି. ଅଯଥା ଗ୍ରୁଡ଼ିଯିବା

ଉ: ଦାକାସ୍ ଅଁ.ଡାଗ୍. ବାଁ.ଡଗ୍.ସ୍ ବାଗି ହିଟ କାଦା—ଭାତକୁ ଅଧା ଖାଇ ଗ୍ରୁଡ଼ି ଚାଲିଗଲା

ଆ.ଡାସ୍ ବାଡାସ୍—ବି. ଧୂରନ୍ଧର, ଅଭିମାନ, ସବ୍‌ଜାନ୍ତା
ବିଂ. ଜଣା, ଜାଣିଥିବା

ଉ: ଆ.ଡ଼ଆ.ଡାସ୍ ବାଡାସ୍ ହଲ୍ କାନାୟା — ସେ ବହୁତ ବିଷୟରେ ଧୂରନ୍ଧର

ଆ.ଡଲ୍—ବି. ଠେସ

ଆ.ଡଲ୍ ଏମ୍—କ୍ରି. ଠେସ ଦେବା

ଆ.ଡ଼—ବି. ବହୁତ

ଆ.ଡ଼ଗାନ—ବିଂ. ବାହୁଲ୍ୟତା (ବହୁତ ବହୁତ)

ଆ.ଡ଼ଆ.ଡ଼—ବି. ବହୁତ ବହୁତ, କ୍ରି. ବିଂ. ଅତ୍ୟଧିକ

ଆଡ଼ଅଡ଼-ଜ—କ୍ରି. ବିଂ. ବହୁତ ବେଶି ହେବା, ଅତି ବେଶି

ଉ: ଆକ୍ ଅଲା ~ ରେ ଆଡ଼ ଅକକ୍ ହିଜୁ ମେନା ~ ଆ—

ତାହା ଘରେ ବହୁତ ବେଶି ଧାନଅଛି (ଜନପର ବହୁଳତା ବ୍ୟକ୍ତକରେ)

ଆ.ଡ଼ହଡା.ର୍—ବି. ଅତ୍ୟଧିକ, ବହୁତ ବେଶି

ଉ: ଆ.ଡ଼ହଡା.ର ହାକୁକୁ ଗଜ୍ଆକା-ଦ୍ କଆ—ସେମାନେ ଅତ୍ୟଧିକ ମାଛ ମାରଛନ୍ତି (ପଙ୍କାବ ଜନପର ପରିମାଣ ବ୍ୟକ୍ତକରେ)

ଆ.ଡ଼କାସ୍ଟେ—କ୍ରି. ବିଂ. ଅତ୍ୟଧିକ

ଉ: ଆ.ଡ଼କାସ୍ଟେ ହା.ସୁ ଇଦଇଂଞ୍ଜା—ମୋତେ ଅତ୍ୟଧିକ ବେଦନା ହୁଏ । (ବେଦନା ଅନୁଭବ ଅର୍ଥରେ-ବହୁତ ବ୍ୟବହାର)

ଆ.ଡ଼କାର୍ଟେ—କ୍ରି. ବିଂ. ଜୋର ଦେଇ, ବହୁ ପ୍ରକାରରେ

ଉ: ଆ.ଡ଼ କାରତେ ହହ କେଦାୟ—ବହୁତ ଜୋର ଦେଇ ଡାକିଲା

ଆ.ଡିଗଟାଂ—ବି. ବିଭିନ୍ନ ପ୍ରକାର, ବିଂ. ବିଭିନ୍ନ / ପ୍ରକାର/ ବହୁତ ଗୁଡାଏ

ଉ: ଆ.ଡିଗଟାଂ ଏ ଭଲ୍କେଦା—ସେ ବହୁତ ରକମର ଗୁଡାଏ କହିଲା

ଆ.ଡ଼ଘା.ଲକ୍ / ଆ.ଡ଼ ଘାଲକ୍—କ୍ରି. ବିଂ. ବହୁତ ଡେର

ଆ.ଡ଼ ଏନାଂ—କ୍ରି. ବିଂ. ବହୁତପରେ

ଆ.ଡ଼ ଘା.ର୍ଡେ—କ୍ରି. ବିଂ. ବହୁତ ଜୋରରେ ବହୁ ଗହନରେ

ଉ: ଆ.ଡ଼ ଘା.ର୍ଡେ ହୁଡ଼ୁର କେଦା—ବହୁତ ଜୋରରେ ମେଘ ଗର୍ଜିଲା

ଆ.ଡ଼ଲଙ୍କା—କ୍ରି. ବିଂ—ଦୂର, ବହୁତ ଦୂର

ଆ.ଡ଼ ଢର୍-କ୍—ବିଂ. ଅଧିକ ବଡ, ଅଢ ବଡ ବଡ

କ୍ରି. ବିଂ. ଅଧିକ ପରିମାଣରେ

ଉ: ବିର୍ରେ ଆ.ଡ଼ ଢର୍ କ୍ ଜଆ.ଲ୍ ମେନା∞ କଆ—ଜଙ୍ଗଲରେ ଅଢ ବଡ ବଡ ଜନ୍ତୁ ଅଛନ୍ତି

ଆଡ଼ ଢର୍କ୍—କ୍ରି. ବିଂ. ବହୁତ ବଡ ବଡ

ଉ: ଆଡ଼ ଢର୍କ୍ ରଲଏ ବାଡାୟା—ସେ ବହୁତ ବଡବଡ କଥା ଜାଣିଛି

ଆ.ଡ଼ ବାଲ.କ୍—କ୍ରି. ବିଂ. ବହୁତ ଖରାପ୍

ଉ: ଆ.ଡ଼ବା.ଲକ ସଃ କାନା—ବହୁତ ଖରାପ ଗନ୍ଧ ହେଉଛି

ଆଡାରୁ ବାଡାରୁ—କ୍ରି. ବିଂ. ବୃଦ୍ଧ/ବୃଦ୍ଧା ଅବସ୍ଥା

ଆଡାଲ୍—ବି. ପରଦା, screen, ଆଢୁଆଳ

ଆଁଣ୍କୁସ୍—କ୍ରି. ମନ ବୁଝିବା, ମନାଇବା, ମନ ଦବାଇ ରଖିବା

ଆଁଣକୁସ∞—ବି. ମିନତି. ପ୍ରାର୍ଥନା, କ୍ରି. ମିନତି କରିବା

ଉ: ଗୁନ ବଙ୍ଗାଠେନ୍ ସାରୁସା.ଲ ଆଁଣକୁସ∞ ଦାପାୟୁଆ—ଈଶ୍ୱରଙ୍କଠାରେ ସଦାବେଳେ ପ୍ରାର୍ଥନା କରିବା ଭଲ

ଆଁଣ୍ଗଅ—କ୍ରି. ଓହ୍ଲାଇବା, ନ୍ୟୂନହେବା

ଆଁଣମେ୍—ବି. ମଇ, ମୟି (ହଳ ଦଆ ଜମିକୁ ସମାନ କରିବା ଯନ୍ତ୍ର)

ଆଁଣ୍ଗାର୍—କ୍ରି. ବିଂ. ବେଳ ଥାଉଁଣୁ, ବି. ସହଳ

ଆଣାଂ—ବି. ପାଣିରୁ ଜନ୍ମିତ ଶବ୍ଦ ବା ସ୍ୱର

ଆଁଣିକ୍—କ୍ରି. ପାଣି ନଗାଡ଼ିବା

ଆଁ-ଣିକ୍ ଦା∞—ବି. ଟେକ

ଆଁ.ଣ୍ଢ—କ୍ରି. ଦୋହରୁ ପରଶିବା

ଆ.ତ୍—ବିଂ. ବହର, ବାଟ, ଅବସର

ଉ: ଗୁଲ∞ ଆ.ତ୍ଙେ ବାଙ୍କ ଞ୍ଜାମ ଏଦା—ଯିବାକୁ ମୁଁ ଅବସର/ ବାଟ ପାଉ ନାହିଁ

ଆ.ତ୍—ବି. ଆୟତ, ଅଧିକାର

ଉ: ଉନ ଦ ଇଞ୍ଜା∞ ଆ.ତ୍ରେ ମେନାୟା—ସେ ମୋ ଆୟତରେ ଅଛି

ଆ.ତ୍କର୍—କ୍ରି. ନେଇ ପଳାଇବା

ଆତ୍ନା∞ ଦାରେ—ବି. ଅସନ ଗଛ

ଆତ୍ନା∞ ଦାହା.ଲ—ବି. ଚଳିଆ ପଗଡ଼ି

ଆତ୍ମ୍—କ୍ରି. ବିଂ. ଏଡ଼େଇବା, କ୍ରି. ଏଡ଼େଇଯିବା

ଆତ୍ମା—ବି. ଆତ୍ମା

ଆଡା—ବି. ଭଜା. କ୍ରି. ଭଜିବା

ଆଡାଆଃ—ବିଂ. ଭଜା ହୋଇଥିବା

ଆଡାଂ—କ୍ରି. ହାତ ପତାଇବା

ଆ∞ ଡାଂଆଃ—ବି. ନେବାର ଆଧାର୍ (container)

ଉ: ଆ∞ ଡାଂଆଃ ଡାଲ୍ ଆଗୁୟମେ - ନେବାର ଡାଲି ଆଣ

ଆଡାର୍—କ୍ରି. ଜଳାଇ ଦେବା, (ବାଣ) ଫୁଟାଇବା

ଆ∞ ଡାସ୍ଆ∞—ବି. ଯାହା ଦ୍ୱାରା ଜଳାଇ ଦିଆଯାଏ

ଆଡାର∞—କ୍ରି. ବିଂ. ପୋଡ଼ିହେବା

ଆଡାସ୍ଃ—କ୍ରି. ପୋଡ଼ିଦେବା

ଆଡ୍‌ଗ୍ରୁ—କ୍ରି.ବିଂ. ଅଧାବାଣ୍ଟ, ଅଧାରେ କରିଦେବା

ଉ: ଉନ ଆଡ୍‌ଗ୍ରୁ ହ୍‌ଟ କାସୁ୍‌ଗେ - ତାହାକୁ ଅଧା ବାଣ୍ଟ ଗ୍ରହଣ ଦେଇ ଆସ

ଆଡ୍‌ଗ୍ରୁ—ବିଂ. ଅଧା ଅଂଶ କରିବା

ଉ: ଇଂ ଆଡଗ୍ରୁ ସିଇ ଆକାଦ୍ ଆଙ୍ଗ୍ - ମୁଁ ଅଧ ଅଂଶ ଗ୍ରହଣ କରିଅଛି

ଆ.ଡ୍ରକର୍‌ଆ ∽ —ବିଂ. ନେଇ ପଳାଇଥିବା

ଆଡ୍‌ରୁଞ୍ଜ୍—ବି. ବିପରୀତ, ବିମୁଖ, ଅନୁଭକର, ବିରୋଧ

ଉ:ଜମ୍‌ଲଗିଦଏ ଅଡ୍‌ରୁଞ୍ଜ ଅ ∽ ଦାନା - ଖାଇବାକୁ ବିରୋଧ କରୁଛି

ଆ.ଡଞ୍ଜ୍—କ୍ରି. ଚରିବା, ଚରାଇବା

ଉ: ଗାସୁ୍ (ଇ) ଆ.ଡଞ୍ଜ୍ ଲ୍‌ଗିଦ୍ ତେଏ ଇଦକମ୍ - ଗାଈଙ୍କୁ ଚରାଇବା ପାଇଁ ନେଇଯାଅ ।

ଆ.ତୁ—ବି. ଗ୍ରାମ, ଗାଁ

ଆ.ତୁଦ୍‌ଃ—କ୍ରି.ବିଂ. ବୋହି ଯାଉଥିବା, ଭାସି ଯାଉଥିବା

ଆ.ତୁ—କ୍ରି. ବୋହିଯିବା, ଭାସିଯିବା

ଆ.ତୁଆ.ତୁ—ବି. ଗ୍ରାମ ଗ୍ରାମ, ଭାସି ଭାସି

ଆ.ତୁର୍—କ୍ରି. ତଳକୁ ନଇଁ (ଝୁଲି) ଯିବା

ଉ: ନାଁଣି ଲତାର ସେଦ ଆ.ତୁର୍ ଆକାନା - ଲତା ତଳକୁ ଝୁଲି ପଡ଼ିଛି ।

ଆତେ—ଅ. ପାଇଁ, ନିମନ୍ତେ, ସହିତ, କ୍ରିୟା ଓ ସର୍ବନାମ ପଦ ହେଉଥିବା ପ୍ରତ୍ୟୟ ସହିତ ସଂଯୁକ୍ତ

ଉ: ଜମ୍ ଆତେ—ଖାଇବା ସହିତ

ଅନାଆତେ—ସେଥିପାଇଁ, ଆକାଆତେ—କେଉଁ ନିମନ୍ତେ

ଅକସୁ୍ ଆତେ—କାହା ସହିତ

ଆତେନ୍—କ୍ରି. ଶୁଣିବା, କାନେଇବା

ଆ.ଥା.ଭିଲ—ବିଂ. ଅତ୍ୟଧିକ, ଅଯଥା, ଏଣ୍ଡୁତେଣ୍ଡୁ

ଉ: ଆ.ଥା.ଭିଲ କାଥାମ୍ ଭଲ୍ ଏଦା – ତୁମେ ଅତ୍ୟଧିକ/ଅଯଥା/ ଏଣ୍ଡୁତେଣ୍ଡୁ/କଥା କହୁଛ

ଆ-ଦ୍—କ୍ରି. ହଜାଇବା, ହରାଇବା

ଆ.ଦ—ବି. ଆଦିକାଳ

ଆ.-ଦ୍—କ୍ରି. ଅଧିଆର, ଯତ୍ନ, ଧନ (ଭୂମି ବା ପଶୁଙ୍କ ଯତ୍ନ କରିବା), ବିଂ. ପ୍ରଥମ, ପହିଲୁଁ

ଉ: ଆ.ଦ୍‌ଖନ୍ ନର୍ଓ୍ୱାଦ ଆଲେସୁା ∽ ଜୁମିକାନା - ଆଦି କାଳରୁ ଏହା ଆମର ଜମି ଅଟେ

ଆଦଅ—ସଂଯୋଜକ ତାପର

ଆଦ୍-ଆ ∽ —ବିଂ. ହଜିଲା, ହଜାଇଥିବା

ଆଦର୍ଓ୍ୱା (ଆଦ୍‌ଓ୍ୱା)—ବି. ଅରୁଆ, ବିଂ. ଲଙ୍ଗଳା

ଉ: ଆଦର୍ଓ୍ୱା ଗୁଉଲେ—ଅରୁଆ ଗୁହାଳ

ଆଦଭ୍—ବିଂ. ଅଭ୍ୟାସ

ଆଦମ୍—ବି. ଅଳ୍ପ କିଛି, ଅଧା

ଆଦର୍—ବି. ସ୍ନେହ, ଶ୍ରଦ୍ଧା, ଆଦର

ଆଦର ∽ —କ୍ରି. ବିଶ୍ଵସ୍ତ ହେବା, ବିତୃଷ୍ଣା ଆସିବା

ଆଦା—କ୍ରି. ଲବଣ ଉପଯୁକ୍ତ ଭାବେ ମିଶ୍ରଣ ହେବା

ଉ: ଉଲୁରେ ବୁଲୁଂ ଆଦା ଆକାନା—ତରକାରିରେ ଲୁଣ ଠିକ୍ (ଉପଯୁକ୍ତଭାବେ) ମିଶିଛି

ଆଦା—ବି. ଅଦା, zinger

ଆ.ଦା.ସୁ—କ୍ରି. ଆଦାୟ କରିବା

ଆ.ଦିବାସି—ବି. ଆଦିବାସୀ

ଆ.ଦିମ୍—ବି. ଆଦିମ

ଆଦେର—କ୍ରି ଭର୍ତ୍ତି କରିବା, ପୁରାଇବା

ଆଦେର ∽ —ବି.ଭର୍ତ୍ତିଯୋଗ୍ୟ, କ୍ରି. ବିଂ. ପଶୁଥିବା ଅବସ୍ଥା

ଆ-ଧା—ବିଂ. ଅଧା, ଅଧେ

ଆଧାଇସିନ୍—ବିଂ. ଦରସିଜା, ଦରପାଚିଲା

ଆଧିନାର୍—ବି. କଷ୍ଟିତ, ଅଳ୍ପ କିଛି

ଆଧାର୍—ବି. ଖାଦ୍ୟଦ୍ରବ୍ୟ

ଆ.ଧି—କ୍ରି. ଅଧା କରିବା, କମ୍ ହେବା, କମାଇ ଦେବା

ଉ: ଆସୁମା ଆ.ଧିଏନା—ବହୁତ କମିଗଲା

ଦାକା ଆ.ଧି କା ∽ ମେ—ଭାତକୁ କମ କରି ଦିଅ

ଆ.ଧିଲ—ବି. ଅଧିକ

ଆ.ଧୁଲି—ବିଂ. ଅଧା ବୟସ ଟପିଯିବା

ଆ.ନ୍—ବି. ଆଇନ୍, ବିଧାନ, ଧାରା

ଆ.ନ୍‌ଆ.ର—ବି. ଆଇନ୍, ଶାସ୍ତ୍ର ଅନୁସାରେ ଚଳିବା, ଚଳେଇବା

ଉ: ଆ.ନ୍‌ଆ.ର ଲେକାତେ କା.ମି ଜା.ତୁଲ୍‌ଆ—ଆଇନ ଅନୁସାରେ କାର୍ଯ୍ୟ କରିବା ଉଚିତ

ଆ.ନ୍.ଖା.ସ୍କୁ, ଆ.ନ୍.ଖାସ୍କୁ—ବି. ମୌଳିକ, ମୁଖ୍ୟ
ଉ: ଆ.ନ୍.ଖା.ସ୍କୁ ଆ.ନ୍.ଖାସ୍କୁ କ'ଥାସ୍କୁ ଉଲ୍ଏଦା—ମୁଖ୍ୟ କଥାମାନ ସେ କହୁଅଛି

ଆ.ନ୍.ଖା.ସ୍କୁ.ଲ୍—ବି. ଉପଦ୍ରବ, ଅସହ୍ୟ
ଉ ଆ.ଞ ଆ.ନ୍.ଖା.ସ୍କାମ୍ ଉଲ୍ଏଦା—ତୁମେ ଅସହ୍ୟ କଥାମାନ କହୁଅଛ

ଆ.ନ୍ଟିଲ୍—ବି. ଲୁହା କଳା, କଳା
ଉ.—ନିଁଓ୍ୱା ମେଣ୍ହେଦ୍ ଦ ଆ.ନ୍ଟିଲ ମେ—ଏହି ଲୁହାକୁ କଳା କର

ଆ.ନ୍କୁଲ୍ ବା.ନ୍କୁଲ୍—ବି. ବାଘରେ ପରିଣତ, ଉଲ୍ଟା ବାଘ
ଉ: ନୁଇ ଡା.ରୁବ୍ ଦସ୍ଥ ଆ.ନ୍କୁଲ୍ ବା.ନ୍କୁଲ ଂ ଜାନା— ଏ ବାଘ ମନୁଷ୍ୟରେ ପରିଣତ ହେବା ବାଘ ଅଟେ

ଆ.ନଡ଼କୁଲ୍—କ୍ରି. ମନୁଷ୍ୟକୁ ବାଘରେ ପରିଣତ କରିବା
ଉ: ଉନ୍ନି ହାଲ୍ଦ ଗୁରୁକ ଆ.ନଡ଼କୁଲ୍ କେଦେସ୍ମା—ଶୁ ତୁମାନେ ସେ ବ୍ୟକ୍ତିକୁ ବାଘରେ ପରିଣତ କଲେ

ଆ.ନ୍ଡ୍ରିସ୍ମା—ବି. ସବୁ ପଶୁ ଜାତିର ପୁରୁଷକୁ ବୁଝାଏ, ମନୁଷ୍ୟ, ନର

ଆ.ନ୍ଡ୍ରିସ୍ମା ଂ—କ୍ରି. ଯୁବଅବସ୍ଥା ପ୍ରାପ୍ତ ହେବା
ଉ: ଆଣ୍ଡିଆ ମେରମ୍ କାନାସ୍ମ—ଅଣ୍ଡିରି ଛେଳି ଅଟେ (ବୋଦା)

ଆ.ନ୍ଡ଼ିସ୍ମା, ଉରି-ଜ୍ (ଚ)—ବି. ପଶୁ

ଆନ୍ଡିସ୍ମା କଂଗାଦ୍—ବି. ଏକ ପ୍ରକାର ଜଙ୍ଗଲି ଲତା

ଆନ୍ଡିସ୍ମା ଧୂପଆଲା ଂ—ବି. ଜଙ୍ଗଲର ଏକ ପ୍ରକାରର ଶାଗ ଗଛ

ଆ.ନ୍ଡିଆ ମରମ ଆଲା ଂ—ବି. ଜଙ୍ଗଲର ଏକ ପ୍ରକାର ଲତାର ଶାଗ

ଆ.ନ୍ଡ଼ିଆ ସସ—ବି. ଜଙ୍ଗଲି ଖାଲିଆ ଫଳ

ଆ.ନ୍ଡ୍ରିଜ୍—କ୍ରି. ଫୁସୁଲାଇବା, ଭୁଲାଇନେବା, ଛଳିବା

ଆ ଂ ଆନ୍ଡିଜ୍—ବିଂ. ପ୍ରଲୋଭନ, ଭୁଲାଣିଆ

ଆ.ନ୍ଡେନ୍—କ୍ରି. ଚରିତ୍ର ଉପରେ ସନ୍ଦେହ ହେବା,

ଆ.ନ୍ଡ୍ରିର, କୁନ୍ଡ୍ରିର—କ୍ରି. ବକ୍ରଭାବ ଦୃଷ୍ଟି ପକାଇବା, ଢିମା-ଢିମା ଆଖିରେ ଦେଖିବା, କ୍ରି. ବିଂ. ଡିମା ଡିମା ଆଖିରେ

ଆ.ନଡ୍ରିର୍, କୁନ୍ଡ୍ରିର୍—କ୍ରି. ଗିଳିବାରେ କଷ୍ଟହେବା
ଉ: ଆ.ନଡ୍ରିର୍ କୁନ୍ଡ୍ରିର୍ ଆଡେଇଂ ଉଦ୍କେଦା—ମୁଁ ବହୁତ କଷ୍ଟରେ ଗିଳିଲି

ଆ.ନ୍ଦୁଂ—କ୍ରି. ବାହାନା କରିବା, ବିଂ ବାହାନା
ଉ: କା.ମି ଲଗିଦ୍ ଆଲମ ଆନ୍ଦୁଆ—କାମ କରିବାକୁ ବାହାନା କରନାହିଁ

ଆ.ନଦୁର୍ ମାଁନ୍ଦୁର୍—କ୍ରି. ଚଞ୍ଚଳ କରି ଏଣେ ତେଣେ ହେବା କ୍ରି.ବିଂ—ଚଞ୍ଚଳତା, ଉ: (୧) ଅଜାକରେ ଆଁନ୍ଦୁର ମାଁଦୁର ଏମ୍ ଦାଣାବାଲାସ୍କ କାନା - କେଉଁଠାରେ ଏଣେ ତେଣେ ଚଞ୍ଚଳ ଚଞ୍ଚଳ ବୁଲୁଛ । (୨) ଆଁନଦୁର୍ ମାଁନଦୁରତେଇଂ ହୁଲିଷ୍ଣ କେଦା-ଚଞ୍ଚଳତାହେତୁ ପାଶୋରି ଦେଲି

ଆ.ନ୍ଦୁ ଂ ସ୍ମନଦୁ ଂ—ବି. ଦୁଃଖ ଜର୍ଜରିତ

ଆନ୍ଦୁଃସ୍ମନ୍ଦୁଃ—ବି. ନିଃସହାୟ, ବିଂ. ନିରାଶ
ଉ: ନିଡଂ ଦଆଞି ଆ.ନ୍ଦୁ ଂ ସ୍ମ.ନ୍ଦୁ ଂ ରେ ମେନାଞ୍ଜଆ — ଏବେ ମୁଁ ବହୁ ନିଃସହାୟ/ନିରାଶରେ ଅଛି ।

ଆ.ନଦା ଂ—କ୍ରି. ଆଉଟିବା, ଘାଣ୍ଟିବା, କ୍ରି.ବିଂ. ହଇରାଣରେ ପକାଇବା
ଉ: ଉନ ଇଞ୍ଜ୍ଏ ଆନ୍ଦା ଂ କିଦିଞ୍ଜା - ସେ ମୋତେ ହଇରାଣ କରାଇଲା

ଆ.ନଦଲ୍—କ୍ରି. କୋଳାହଳ କରିବା, ବି. କୋଳାହଳ

ଆ.ନଦାଜ୍—କ୍ରି. ଅନ୍ଦାଜ, ଅନୁମାନ

ଆନ୍ଧିର (ଆନ୍ଧ୍ରି)—ବି. ଅନ୍ଧ, ବୋକା
ଉ: ଆନ୍ଧିରିଗେସ୍ମାସ୍କ ବାସ୍ଥ ଞ୍ଜେଞ୍ଜେଲ - ସେ ଅନ୍ଧ, ଦେଖି ପାରେ ନାହିଁ

ଆନ୍ଧା—ବି. ଅନ୍ଧା

ଆ.ନଧିସ୍ମନ୍.ଧି—କ୍ରି. ନବୁଝି, ଶୀଘ୍ର ଶୀଘ୍ର କରିବା, ଅନ୍ଧାଧୁନ୍
ଉ: ଉନକୁହଲ ଆ.ନଧି ସ୍ମ ନଧି ଏଗୋର୍ କଦିଞ୍ଜ ଆକ — ସେ ଲୋକମାନେ ମୋତେ ଅନ୍ଧାଧୁନ୍ ଗାଲି କଲେ ।

ଆନ୍ଧାଧୁନ୍ଧିସ୍ମା—କ୍ରି.ବିଂ. ବାଛବିଚାର ନ କରି କାମ କରିବା

ଆ.ନଧାଲ୍—ବିଂ. ଅନ୍ଧକାର, କ୍ରି. ଅନ୍ଧଭାବରେ ରହିବା

ଆନା—ବିଂ. ଅଣି, କ୍ରି. ଅଟେ
ଉ: ଲୁଗୁଲ ଦାମ ପେଟାକା ଆନା - ଲୁଗାର ଦାମ ତିନି ଟଙ୍କା ଅଟେ

ଆନାକ୍—ବି. ଅଲଗୁଣୀ

ଆନାସ୍ମର୍—ବିଂ. ଅତ୍ୟାଚାର, ବ୍ୟଭିଚାର

ଆନାତୁର୍—ବିଂ. ବୁଲାଣିଆ, ବି ବୁଲାଣିସ୍ଥଳ

ଆ.ନା.ଲ—ବି. ଅପରିଚିତ, ଅଚିହ୍ନା

ଆ.ନକ୍—ପ୍ରତ୍ୟୟ ପଦ -

ଉ: ବାଡେ ଆ.ନକ୍ ହଲ୍ - ଶକ୍ତିବାନ ପୁରୁଷ

ଆ.ନକ୍—କ୍ରି. ଇଚ୍ଛା ପ୍ରକାଶ କରିବା, ଖୋଜିବା

ଉ: ନଆଁ.ଆ.ଡଇଞ୍ଜ ଆ.ନକ୍ଆ.∽କାନା - ଏହାକୁ ମୁଁ ବହୁତ ଖୋଜୁଁ ଅଛି

ଆ.ନକ୍ବା.ନକ୍—କ୍ରି. ବିକିକିଣା, ବେପାର, ବ୍ୟବସାୟ

ଉ: ଆ.ନକ୍ ବା.ନକ୍ ଲା.ଗିଦ୍ ହୁଡୁସ୍. ଇଦ ଆକା-ଦ୍ଆ - ବିକିକିଣା/ବେପାର/ବ୍ୟବସାୟ ପାଇଁ ସେ ଧାନ ନେଇଛି

ଆ.ନୁଆ.ନୁ—ବିଂ. ଭିନ୍ନ ଭିନ୍ନ

ଉ: ଆ.ନୁଆ.ନୁ ଜନସ୍କ ଆ.ଗୁସ୍ମେ - ଭିନ୍ନ ଭିନ୍ନ ଜନସମାଜ ଆଣିବ

ଆନେ-କ୍ ଧାନେକ୍—ବିଂ. ଅଚଳାଚଳ

ଉ: ଉନଠେନ୍ ଆନେକ୍ ଧାନେ-କ୍ ଧନ୍ ଦୁଲୁପ୍ ମେନା∽ଆ ତାହା ପାଖରେ ଅଚଳାଚଳ ଧନ ଦୌଲତ ଅଛି

ଆପ-ଦ୍—ବି. ବିପଦ

ଆପ୍ନାର୍—ବି. ଆପଣାର, ନିଜର

ଆପନାରଦୁଗୁ∽—ବିଂ. ଆତ୍ମରକ୍ଷା

ଆ.ପ୍ରୁ∽—ବି. ଅଳ୍ପକିଛି, କମ୍

ଉ: ଆ.ଡ଼ିଆ.ପ୍ରୁ∽କ ଏମାଦଞ୍ଜ - ମୋତେ ବହୁତ ଅଳ୍ପ/କମ୍ ଦିଆଯାଇଛି

ଆପ୍ଲେ—କ୍ରି. କୁଣ୍ଢାଇବା

ଉ: ଦାରେ ଆପଲେକାତେ ଦେକ∽ମେ - ଗଛକୁ କୁଣ୍ଢାଇ କୁଣ୍ଢାଇ ଚଢ଼ିଯା ।

ଆପାକ୍—କ୍ରି. ଅମେଳ ପ୍ରକାଶ କରିବା, ପରସ୍ପରକୁ ଠେଲିବା -

ଉ: ଉନ୍ କନ୍ କନ୍ ଆପାକ କାନା - ସେ ଦୁହେଁ ଅମେଳ ହେଉଛନ୍ତି ।

ଆପୟ୍—ବିଂ (ବନ୍ଧୁବାନ୍ଧବ ଆଦି) ସମ୍ପର୍କୀୟ

ଆପା-ଦ୍—କ୍ରି.ବିଂ ପରସ୍ପରଠାରୁ ବିଚ୍ଛିନ୍ନ ହେବା

ଉ: ଯାହାରେ କନ୍ ଆପା-ଦ୍ ଏନା - ଯାହାରେ ସେ ଦୁହେଁ ପରସ୍ପରଠାରୁ ବିଚ୍ଛିନ୍ନ ହେଲେ ।

ଆପାନ୍ ଆ.ପିନ୍—ବିଂ. ଯିଏ, ଯାହାର, ବିଚ୍ଛେଦାତ୍ମକ

ଆପାବାରେ—ବି. ବନ୍ଧୁକୁଟୁମ୍ବ ବାପାଭାଇ

ଆ.ପା.ଲ—ବି. ଲୁହାର ମୁନଆ ଶର ବା ତୀର

ଆ.ପା.ଲସ୍—ବିଂ. ପରସ୍ପରକୁ ଈର୍ଷା କରିବା/କଥା ନ ପଡ଼ିବା/ ପରସ୍ପର ମଧ୍ୟରେ ଅସନ୍ତୋଷ ହେବା

ଉ: ଉନ୍ କନ୍ କନ୍ ଆ.ପା.ଲସ୍ ଆକାନଆ - ସେ ଦୁହିଁଙ୍କ ମଧ୍ୟରେ ଅସନ୍ତୋଷ ଭାବ ରହିଛି ବା ସେମାନଙ୍କର କଥା ପଟୁନାହିଁ

ଆ.ପା.ସୁ—ବି. ଦୋଷ, ଭୁଲ୍, କ୍ରି. ଭୁଲ କରିବା

ଉ: ଉନସ୍ଥା∽ ଆ.ପା.ସୁ ଦଆଲମ୍ ସାବ୍ଆ - ତାହାର ଦୋଷ/ ଭୁଲ ଧର ନାହିଁ ।

ଆପାଲ୍ହେଦ୍—କ୍ରି.ବିଂ. ଭୟପାଇ କ୍ଷୀଣ ସ୍ୱର ବାହାରିବା

ଉ: ବଡରତେ ଆପାଲ୍ ହେଦ୍ ଗେ ରଲଏଦା - ଭୟରେ ସେ କ୍ଷୀଣ ସ୍ୱରରେ କଥା କହୁଛି । କ୍ରି. ଗୁମ୍ମାରି ରହିବା

ଉ: ଲଜାଓତେ ଆପାଲ୍ ହେ.ଦ୍ଏ ଦୁଜୁ-ବ୍ ଆକାନା — ଲଜ୍ଜାରେ ସେ ଗୁମ୍ମାରି ବସିଛି ।

ଆପାସୁଲ୍—କ୍ରି. ଗୁଳୁଗୁଣ ମେଣ୍ଟାଇବା

ଉ: ଈରି ପୁରୁଷ ବେଦ୍ କନ୍ ଆପାମୁଲ∽କାନା - ସ୍ତ୍ରୀପୁରୁଷଙ୍କର ଭିତରେ ଗୁଳୁଗୁଣ ମେଣ୍ଟୁଛି ।

ଆ.ପିସ୍—ବି. ଅଫିସ, କାର୍ଯ୍ୟାଳୟ

ଆପିଲ୍—କ୍ରି. ଅପିଲ୍ କରିବା

ଆ.ଫତ୍—କ୍ରି. ଆପତ୍ତି କରିବା

ଆ.ଫିମ୍—ବି. ଅଫିମ୍

ଆ.ଫିର—କ୍ରି. ଉଡ଼ିବା, ଉଡ଼ିଯିବା

ଉ: ଅକାସେ.ଦ୍ ଚଂ ଚେଣେକନ୍ ଆଫିର୍ ଏନା - ଚଢ଼େଇ ଦୁଇଟି କେଉଁ ଆଡ଼କୁ ଉଡ଼ିଗଲେ ।

ଆ.ଫୁମ୍—ବି. ପିତା, ବାପା

ଉ ଉନିଦ ଇଂଆଫୁଞ୍ଜ୍ କାନାୟ - ସେ ମୋର ପିତା ଅଟନ୍ତି

ଆପେ—ସ. ତୁମ୍ଭେମାନେ

ଆ-ବ୍- କ୍ରି. ପକ୍ଷୀ (ଡାଳରେ) ବସିବା

ଉ: କାହୁ ଡା.ରୁରେ ଆ-ବ୍ ଆକାନାୟ୍ - କୁଆ ଡାଳରେ ବସିଛି

ଆବଃ—କ୍ରି. ପକ୍ଷୀ ଡାଳରେ ବସିବାର ଉପକ୍ରମ କରିବା

ଆବ∽—କ୍ରି. ମୁଖମଣ୍ଡଳ ପାଣିରେ ଧୋଇ ହେବା

ଆବଅ—ସ. ଆମ୍ଭେମାନେ

ଆବକ—ସ. ଆମେ ସମସ୍ତେ
ଆବକଆ ං —ସ. ଆମ୍ଭମାନଙ୍କର
ଆବଇଜ୍—ସ. ଆମର (ମନୁଷ୍ୟ ସମ୍ପର୍କ)
ଉ: ଆବଇଜ୍ ହପନ, ଆମର ପୁଅ (ସନ୍ତାନ)
ଆ.ବ୍ସ୍.ଓ୍ୱ—ବି. ଆଦର, ଆପଣାଉକରିବା
କ୍ରି. ଆଦରକରିବା, ପ୍ରଶଂସା କରିବା
ଉ: ଲଠୁହଲ ଆ.ବାସ୍.ଓ୍ୱ ଜମ୍-ବଡ଼ଲୋକଙ୍କ ଆଦର କର
ଆ.ବରନ୍—ସ. ଆମର (ପଶୁ ସମ୍ପର୍କରେ)
ଉ: ନୁକୁଦ ଆବରନ୍ ଗା:ଇ(ସ୍ତୁ) - ଏଗୁଡ଼ିକ ଆମର ଗାଈ
ଆବ୍ଗେବଙ୍ଗା—ବି. ସାନ୍ତାଳର ଏକପ୍ରକାର ପୂଜା ।
ଘରରୁ ବାହାରେ କରାଯାଏ
ଆବାର୍—ଅ. ପୁଣି, ପୁନଃବାସ୍
ଆ.ବନ୍—ସ. ଆପଣ, ତୁମେ ଦୁହେଁ
ଆ.ବର୍—ବି. ଆ.ବର୍, ଧୂଳିରଙ୍ଗ
ଆ.ବୁ—ବି. ଆବୁ
ଆ.ବୁକ୍—କ୍ରି. ଧୋଇବା, ଧୋଇଦେବା
ଉ: ଗିଦ୍ରା. ଆ.ବୁକ୍ଏମ୍ - ପିଲାକୁ ଧୋଇଦଅ
ଆ.ବୁକ୍ ଜାଙ୍ଗା—କ୍ରି. ଗୋଡ ଧୋଇଦେବା, ବିବାହବେଳେ
ବରଯାତ୍ରୀଙ୍କର ପାଦକୁ ସାନ୍ତାଳମାନେ ଧୋଇଥାନ୍ତି
ଉ: ଜଭ ଂଦ ବାପ୍ଳା ପେଲାକ ଆ.ବୁକ୍ ଏଦ୍ କଆ-
ଏବେ ବରଯାତ୍ରୀଙ୍କର ପାଦ ଧୋଇ ଦେଉଛନ୍ତି
ଆ.ବୁକ୍ ସେଲେଦ୍—କ୍ରି. ଧୋଇବା ସହିତ
ଉ: ଆବୁକ୍ ସେଲେଦ୍ ଦା ଂକ କୁଲ୍ମେ - ଧୋଇହେବା ସହିତ
ପାଣି ମଧ୍ୟ ପଠାଇଦଅ
ଆ.ବୁର୍ବା.ବୁର୍—ବିଂ. ଏଣ୍ଡୁ ତେଣ୍ଡୁ । କ୍ରି. ଅଡୁଆ ଧରିବା
ଉ: ଆ.ବୁର୍ବା.ବୁର୍ କାଥା ଆଲମ୍ଲେଆ - ଏଣ୍ଡୁ ତେଣ୍ଡୁ କଥା
କହନାହିଁ
ଆ.ଭୁଓ୍ୱ—ବି. ଗଣ୍ଠିଆ । କ୍ରି. ଗଣ୍ଠି ଧରିଥିବା
ଉ: ନଓ୍ୱା ଠେଙ୍ଗାଦ ଆ.ଭୁଓ୍ୱଗେଦ୍ବା - ଏହି ବାଡ଼ିଟି ଗଣ୍ଠିଆ
ଅଟେ

ଆମ୍—ସ. ତୁମେ
ଆମ୍ଲା—ବି. ଆମ୍ବଡ଼ା
ଆମାଃ—ସ. ତୁମର
ଆମ୍ ଇ-ଜ୍—ସ. ତୋର ସେ (ଏକବଚନ)
ଆମ୍ରନ୍—ସ. ତୁମର ସେଗୁଡ଼ିକ (ବହୁବଚନ)
ଆମପାଉମ୍ପୁ—କ୍ରି. ବିଂ. ଧଡ଼ପଡ଼ ହୋଇ ବିଛଣାରୁ ଉଠିବା
ଉ: ଆମ୍ପାଉମପୁଇଂ ବେରେ-ଦ୍ ଏନା ବିଛଣାରୁ ଧଡ଼ପଡ଼ହୋଇ
ଉଠିଲି
ଆମ୍ଦା—ବିଂ. ଗୁଡ଼ାଏ, ଯୋଡାଏ
ଆମ୍ଦାଜ୍—ବି. ଆନ୍ଦାଜ
ଆମ୍ଦାନି—ବି. ଆମଦାନି
ଆମ୍ବାସ୍ଥ ଭାର୍—ବି. ଏକପ୍ରକାର ସାପର ନାମ
ଆମ୍ଭୁଲ୍ ଝାମ୍ବୁଲ—ବି. ଅବ୍ୟବସ୍ଥିତ, କ୍ରି. ଅବ୍ୟବସ୍ଥିତ
ଅବସ୍ଥାରେ ଥିବା
ଉ: ଓଲା ଂ ଆମ୍ଭୁଲ୍ ଝାମ୍ବୁଲ୍ ଏନା
ଘର ଅବ୍ୟବସ୍ଥିତ ଅବସ୍ଥାରେ ଅଛି
ଆମରେ(ର)ତ୍—ବି. ପପଯ୍ୟା-ଅମୃତଭଣ୍ଡା
ଅମ୍ରୁତ୍—ବି. ଅମୃତ
ଆମ୍ସି—ବି. ଆମ୍ବୁଲ
ଉ: ଉରୁରେ ଆମ୍ସି ମେସାସ୍ ମେ - ତରକାରିରେ ଆମ୍ବୁଲ
ମିଶାଇ ଦିଅ
ଆ.ମା.ଲି—ବି. ଅଧିକାର, ଅଧିକାରୀ
କ୍ରି. ଅଧିକାର ସାବ୍ୟସ୍ତ କରିବା
ଉ: ବା.ହୁରେ ଅଲା ଂରେ ଆ.ମା.ଲି ଆକାଦ୍ ଅସ୍ —
ବହୁ ଘରର ଅଧିକାର ସାବ୍ୟସ୍ତ କରିଅଛି
ଆମେଜ—କ୍ରି. ପରିଷ୍କାର/ଶୁଦ୍ଧ/କରିବା, ବିଂ. ପବିତ୍ର, ଶୁଦ୍ଧ
ଉ: ଗୁଓଲେ ଆମେଜ୍ମେ - ଗୁହାଳ ସଫା କର
ଆ.ମିନ୍—ବି. ଅମିନ
ଆ.ମୁଲ୍—ବି. ଆମ୍ବୁଲ
ଆ ମେହ୍—କ୍ରି. ସଂଗ୍ରହ କରିବା, ଜମା କରିବା

ଉ: ଝାଡାଏ ଆମେଝ୍ ଆକାଓଆଜା - ଝଙ୍କା ସେ ଆପଣାର କରିଅଛୁ

ଆସ୍—ବି. ଆୟ, ଆମଦାନୀ

ଆୟ୍ଅ—ବି. ମାଆ

ଆ.ୟ୍(ଇ)ଦା.ଗ—ବି. ମାଲକାନା, ଦ୍ରବ୍ୟର ବିସ୍ତାର

ଆୟନମ୍ବାହ୍ମା—ବି. ଅପରିଜ୍ଞାତା ଫଳ

ଆୟ୍ମା—ବିଂ. ଅନେକ, ବହୁତ, ବି. ଅଜଣା

ଉ: (୧) ଆୟ୍ମା ହ୍ମଲ୍କ ଦୂକୁବଆଜାନା - ବହୁତ ଲୋକ ବସିଛନ୍ତି

(୨) ଆୟ୍ମାଗେ ଆଇ(ୟ୍)କା.ଉଃ ଜାନା - ଅଜଣା ଅଜଣା ଲାଗୁଅଛୁ

ଆସ୍ଥା—ବି. ଆସ୍ଥା

ଆୟ୍(ଇ)କା.ଉ—କ୍ରି. ଜାଣିବା, ଚେଷ୍ଟା କରିବା, ଚଳାଇବା

ଉ: (୧) ଚେଦ୍ଲେକା ଆୟ୍(ଇ)କା.ଉଃ ଜାନା - ଜପର୍ ଲାଗୁଅଛୁ

(୨) ଆୟ୍(ଇ)କା.ଉମେ — ବୁଝିନିଅ, ଜାଣିନିଅ

ଆୟଗୋ—ଅ. ମାଲେ

ଉ: ଆୟଗୋଢନ୍‌ରେ ହେତ୍ ଏନାୟ୍ - ମାଲେ ସେ କେତେ-ବେଳେ ଆସିଯାଇଛୁ

ଆ.ୟ୍ଭାହ୍ନା—ବିଂ. ଲୁଣିଆ

ଉ: ନଆଁ ଲଝା ବା◌ଂଦ ଆ.ୟ ଭାହ୍ନା ଗେ ଆ.ୟ(ଇ)କା.ଉଃ ଜାନା — ଏ ଲୋଝାର ପାଣି ଲୁଣିଆ ଲାଗୁଛୁ

ଆ.ୟ୍ନୁଃ—କ୍ରି. ମଉଳିବା, ଶୁଖିଯିବା

ଆଇୟୁ—ବି. ଆୟୁ

ଆ.ୟୁଗୋ—ଅ. ଅହଃ

ଉ: ଆୟୁଗୋ ଆ.ଢ଼ିଆଁଝ୍ ହାସୁଇଂ ଜାନା - ଅହଃ, ମୋତେ ବହୁତ ଯନ୍ତ୍ରଣା ହେଉଛୁ

ଆ.ୟସାନ୍—କ୍ରି. ବିଂ. ବହୁତ ଅଧିକ, କ୍ରି. ପ୍ରଯତ୍ନ କରିବା

ଉ: ଆ.ୟସା.ନ୍ ତେହେଞ୍ଜ୍ ଏ ଦା◌ଂଜେଦା - ଆଜି ବହୁତ ଅଧିକ ବର୍ଷା ହେଲା

ଆ.ଇସିବା.ଇସି (ଆୟ୍ସି ବାୟସି)—କ୍ରି. ବିଂ. ମିଳିତ, (ପୂର୍ଣ୍ଣ ଭାବେ କରିବା)

ଉ: ଉନ୍‌କାନ୍‌ଦ ଆ.ୟସି ବା.ଇସି ହ୍ମଲ୍‌ଜାନାକନ୍ - ସେ ଦୁହିଁଙ୍କ ମଧ୍ୟରେ ମିଳିତ ପୂର୍ଣ୍ଣ ବ୍ୟବହାର କରିଥାନ୍ତି

ଆ.ୟୁବ୍(ପ୍)—ବି. ସନ୍ଧ୍ୟା, ସଞ୍ଜ, କ୍ରି. ସନ୍ଧ୍ୟା ହେବା

ଆ.ୟୁବ୍ଞ୍ଜୁମ୍‌ବା◌ଂ—କ୍ରି.ବିଂ. ମାଟ୍ଟୁ ଅନ୍ଧାର, କ୍ରି. ଅନ୍ଧାର ହେବା, ଗାଢ ହେବା ଉ: ଆ.ୟୁବ୍(ପ)ଞ୍ଜୁମ୍‌ବା◌ଂ ଏନା - ଅନ୍ଧାର ବା ଗାଢ ହେଲା

ଆ.ୟୁବଜପ◌ଂ—କ୍ରି. ସୂର୍ଯ୍ୟ ବୁଡିବା ବେଳ, ସୂର୍ଯ୍ୟାସ୍ତ ବେଳ

ଉ: ଆୟୁବ୍(ପ) ଜପ◌ଂ ଏନା - ସୂର୍ଯ୍ୟାସ୍ତ ହୋଇଗଲା

ଆ.ୟୁବ୍(ପ୍)ବେଲା—ବି. ଅପରାହ୍ନ, କ୍ରି. ଅପରାହ୍ନ ହେବା

ଉ: ଆ.ୟୁବ୍(ପ୍)ବେଲା ଇଞ୍ଜ୍ ଠେନ୍ ହୁଜୁ◌ଂମେ - ଅପରାହ୍ନରେ (ଉପରଓଳ) (ମୋଠାକୁ ଆସ) ସନ୍ଧ୍ୟାବେଳେ ଆସ

ଆୟୁବ୍(ପ୍) ଲୁମ୍‌ବା◌ଂ—କ୍ରି. ସନ୍ଧ୍ୟା ଗଡ଼ିଯାଇ ଅନ୍ଧାର ହେବା

ଉ: ଆ.ୟୁବ୍ ଲୁମ୍‌ବା◌ଂଏ ସେଝେର୍ ଆଜାନା - ସଞ୍ଜଗଡ଼ି ଅନ୍ଧାର ବେଳରେ ସେ ପହଞ୍ଚିଛୁ

ଆ.ୟୁବ୍(ପ୍)ସୁମାଂ, ଆ.ୟୁବ୍ ସୁମୁଂ—ବି. ସୂର୍ଯ୍ୟାସ୍ତ ବେଳ, ଠିକ୍ ସୂର୍ଯ୍ୟାସ୍ତ ବେଳ

ଆ.ୟୁର୍—କ୍ରି. ମାର୍ଗ ଦର୍ଶାଇବା

ଆ◌ଂ.ୟୁରିକ୍—କ୍ରି.ବିଂ. ମାର୍ଗ ଦର୍ଶାଇବା ବାଲା ବି. ଉପଦେଶକ

ଉ: ନୁଇ(ୟ୍) ଦସ୍ଥ ଆ◌ଂ.ୟୁର ଇନ୍ ଜାନ୍ ଭାଲେୟା — ଏ ଲୋକ ଆମ୍ଭମାନଙ୍କର ମାର୍ଗ ଦର୍ଶକ (ପଥ ପ୍ରଦର୍ଶକ) ଅଟନ୍ତି

ଆର୍—ଅ. ଆଉ

ଉ: ଆର୍ ସେ ନତେ ଉନ ହୁଜୁଃଆୟ - ସେ କି ଆଉ ଏଣିକି ଆସିବ

ଆର୍—(ସଂଯୋଜକ) ଓ

ଉ: ଆଲେଲେ ହେ-ଜ ଲେନା ଆର୍ ଉନ୍‌କୁହିଁକ ହେ-ଜ୍‌ଲେନା ଆମ୍ଭେମାନେ ଆସିଥିଲୁ ଓ ସେମାନେ ମଧ୍ୟ ଆସିଥିଲେ

ଆର୍କ—ସ. ଅନ୍ୟମାନେ

ଆର୍ଓ୍ୱାଲ—ବି. ପରଦା, କାନ୍ଥରେ ପକାଇବା ବସ୍ତ୍ର

ଆର୍ଜାଓ—କ୍ରି. ଅର୍ଜନ କରିବା, ବି. ଅର୍ଜନ

ଆର୍‌ଲାଓ—ବି. ବାଘଗର୍ଜନ

ଆ.ର୍‌ଜି—ବି. ଦସ୍ତାବଜ, ଅର୍ଜି, କ୍ରି. ଅର୍ଜିକରିବା

ଉ: ଆମଠେନ୍ ମିଦ୍‌ଟାଂ ଆର୍ଜି ମେନା ଽ ଆ - ତୁମପାଖରେ ମୋର
ଗୋଟିଏ ଅର୍ଜିଅଛି

ଆ.ର୍‌ନକ୍—କ୍ରି. ଧର୍ମକର୍ମ କରିବା ବିଂ. ଧାର୍ମିକ

ଉ: ଆଡ଼ିଆର୍‌ନକ୍ ହଲକାନାୟା - ସେ ଜଣେ ଧାର୍ମିକ ଲୋକଅଟେ

ଆର୍‌ନକ୍—କ୍ରି. ବାଛବିଚାର କରିବା

ଉ: ଜମ୍‌ରେ ଆଡ଼ିଏ ଆର୍‌ନକ୍‌ଆ - ଖାଇବାରେ ସେ ବହୁତ
ବାଛବିଚାର କରେ

ଆ.ର୍‌ସି—ବି. ଦର୍ପଣ, ଚଷମା, କାଚ

ଆ.ର୍‌ସିଞ୍ଜ୍.ବା.ର୍‌ସିଞ୍ଜ—କ୍ରି. ବିଂ. କ୍ଷଣିକ, ଅଳ୍ପସମୟ

ଉ: ଆ.ର୍‌ସିଞ୍ଜ, ବା.ର୍‌ସିଞ୍ଜ ଦନ୍ ଲଗିଦଏ କାମିକାନା
ଅଳ୍ପ ସମୟ ପାଇଁ କାର୍ଯ୍ୟ କରୁଛି

ଆ.ର୍‌ସିସିଲପିଞ୍ଜ୍—ବି. କାଚର କବାଟ

ଉ: ଉନ୍‌କୁ ଦ ଆ.ର୍‌ସି ସିଲପିଞ୍ଜ ଆକାଓଆନାକ - ସେମାନେ
କାଚର କବାଟ କରାଇଛନ୍ତି

ଆର୍‌ହଁ—ଅ. ଆତୁର

ଆ.ର୍‌ହାକା.ତ୍—କ୍ରି.ବିଂ. ମିଶ୍ରିତ ସାକ୍‌ସବ୍‌ଜି

ଉ: ଆ.ର୍‌ହାକା.ତକ ହରୁ ଅକା.ଦ୍‌ଆ - ମିଶ୍ରିତ ସାକସବ୍‌ଜିର
ତରକାରି କରିଛନ୍ତି

ଆସ୍—ବି. ବଳଦ ଗାଡ଼ି ଚକର ଆଡ଼ରେ ଦିଆଯାଇ ଥିବା
କାଠ (spoke)

ଆସ୍ ଽ —ବି. ନାଲି

ଆସ୍‌ଓ୍—କ୍ରି. ଝୁଲାଇବା, ଟାଙ୍ଗିବା

ଉ: ଆନାକ୍‌ରେ ଲୁଗୁଲକ ଆସ୍‌ଓ୍ ଆକାନା - ଆଲଣାରେ
ଲୁଗାଗୁଡ଼ିକ ଝୁଲାଇ ଦିଆଯାଇଛି

ଆସ୍‌ଣ୍—ବି. ଯୁଆଳୀ

ଆସ୍‌ମ୍—ବିଂ ଆସ୍‌ମ୍

ଆ.ର.ସ୍.ଶ—ବି. ଚଲଣୀ, ସ୍ୱଳ୍ପଚଳଣ

ଆ.ଶତ୍—କ୍ରି. ଖୋଜିବା, ଆଖିଡୋଳା ବୁଲାଇ ଦେଖିବା

ଉ: ଚେଦ୍‌କରସ୍ ଆ.ଶତ୍ ଆ ଽ କାନା - କଅଣ ଘୁରାଇ ଆଖି
ବୁଲାଇ ବୁଲାଇ ଦେଖୁଛୁ/ଖୋଜୁଛୁ

ଆଶତ୍‌କୁଶତ୍—କ୍ରି. ବିଂ. ପୁନଃ ପୁନଃ - ଉତ୍କଣ୍ଠା ସହ
ଦେଖିବା

ଉ: ହେକ୍‌କାତେ ଆ.ଶତ୍ କୁଶତ୍ ଏ ନସ୍ ଽ ବାଲାଏଦା - ଆସିକରି
ପୁନଃ ପୁନଃ ନିରୀକ୍ଷଣ କରି ଦେଖୁଅଛି

ଆ.ଶ୍—ବି. ମଠ, କଷ୍ଟମ

ଆ.ଶକ୍ ପା.ଶକ୍—ବି. ସଫାସୁତୁରା, କ୍ରି.ବିଂ. ଉଚିତ ଅନୁଯାୟୀ
ସଫାସୁତୁରା କରିବା

ଉ: ଆ.ଡ଼ି ଆ.ଶକ୍ ପା.ଶକରେ ଓଲା ଽ କ ଦହଆକାଦ୍‌ଆ
ବହୁତ ସଫା ସୁତୁରା କରି ଘରକୁ ରଖିଛନ୍ତି

ଆ.ଶକା—ବି. ସ୍ତ୍ରୀଲୋକର ମଦ

ଆ.ଶବା.ନ.ଧ୍—କ୍ରି.ବିଂ. ତନଖି ଦେଖିବା

ଉ—ସ୍କୁଷ୍ କାମିଦ ଆଶବା.ନଧି ତେ କ୍ଷେଲ୍ ଦରକାର
ସ୍କୁଲକାମକୁ ତନଖି ଦେଖିବା ଉଚିତ

ଆ.ଶୁ—କ୍ରି. ସଂସ୍କାର କରିବା, ପୁନଃନିର୍ମାଣ କରିବା,
ବଦଳାଇ ଦେବା

ଆ ଽ ଆଶୁ—ବିଂ. ସଂସ୍କାର କରିବା ବାଲା

ଉ: ଓଲା ଽ ଆ ଽ ଆଶୁ ହଲକ ହେକ୍ ଆକାନା
ଘର ପୁନଃନିର୍ମାଣକାରୀ ଲୋକମାନେ ଆସିଛନ୍ତି

ଆଶୁଞ୍ଜ୍ ପାଶୁଞ୍ଜ୍—କ୍ରି.ବିଂ. ବିତୃଷ୍ଣା ସହକାରେ, ମନ ନଲଗାଇ
କରିବା

ଉ: ଆ.ଶୁଞ୍ଜ୍ ପାଶୁଞ୍ଜ୍ ଆତେ ଆଲମ୍ କାମିଆ
ମନ ନଲଗାଇ କାମ କରନାହିଁ

ଆ.ଶୁଦ୍ (ଆ.ଶୁତ)—କ୍ରି. ବିଂ. ପଶ୍ଚାତ୍ତାପ, ଦୟା

ଉ: ନଆଁ ଖା.ତିରଇଞ୍ଜା ଽ ମନଦଆ.ଶୁ ଦ ଽ ଏକାନା - ଏଥିପାଇଁ
ମୋର ମନ ପଶ୍ଚାତ୍ତାପ କରୁଅଛି

ଆ.ଶୁବ୍ (ପ)—କ୍ରି. ଧୋଇବା, ଧୋଇ ପରିଷ୍କାର କରିବା

ଆ.ଶୁବ୍ ଇଡ—କ୍ରି. ଧୋଇନେବା

ଆ.ଶୁବ୍ ଆଦେର୍—କ୍ରି. ଧୋଇ ଘରକୁ ନେବା

ଆ.ରୁଡ଼ି(ଲ)—କ୍ରି. ଲଗିବା, ନିଜ ଉପରେ ନେବା,ନିୟୋଜିତ ହେବା

ଉ: ଇଂଜ ଇଶା ହୁଟିଙ୍କେ ଆ.ରୁଡ଼ି(ଲ)ଅକାନା - ମୁଁ ଇଶାଙ୍କ କାମରେ ନିୟୋଜିତ ହୋଇଛି

ଅରେ— ବି. ଆଠ (ସଂଖ୍ୟା)

ଅରେ.ଜ୍ —କ୍ରି. ପାଣି ଛୁଟିବା, ପାଣି ବାହିବା

ଉ: ଖେ~ ଝନ୍‌ଦାଃ ଅରେ-ଜ୍ ଆଷ୍ଟେଦ୍‌ମେ - ଖାଲରୁ ପାଣି ବାହି ଶୁଖାଇ ଦିଅ

ଅରେଲ୍ —ବି. କରକା ପଥର, କୁଆ ପଥର

ଆ.ଲ୍ —ବି. ଉଚ୍ଚାରଣ, ଶବ୍ଦସ୍ୱର

ଆଲା— ବି. ହୁଡ, ହୁଡ଼ା, ବନ୍ଧଆଡ଼

ଆଲା~ —ବି. ଶାଗ

ଆ~ଲା~ — କ୍ରି. ଛାଡ଼ିଦେବା

ଉ: ହର୍‌ଆ~ଲା~ ଆସୁମେ — ଡାଲୁ ବାଟ ଛାଡ଼ି ଦିଅ

ଆ.ଲ୍‌ଟା.ଉ—କ୍ରି. ଛନ୍ଦିଯିବା, ଗୋଳମାଳିଆ କରିବା

ଉ: ଜାଥାଦ ଅଲମ ଆ.ଲଟା.ଉଅ – ବିଷୟକୁ ଗୋଳମାଳିଆ କରନାହିଁ

ଆଲାଂ—ବି. ସ୍ୱର, ଧ୍ୱନି

ଉ: ଆମାଂ ରଲ୍ ଆଲାଂଦ ହେଲେମ୍ ରେଅ – ତୁମର କଥା ସ୍ୱର ସୁମିଷ୍ଟ ଅଛି

ଆ.ଲସ୍—ବି. ବିରକ୍ତ. କ୍ରି. ବିରକ୍ତ କରିବା, ରଗାଇବା

ଆ.ଲୁ—ବି. ଆଳୁ

ଆଲଅ—ବି. ଆଲୋକ, ଆଲୁଅ

ଆଲଅ—ଅ. ନାହିଁ (ନାସ୍ତିବାଚକ)

ଉ: ଆଲଅ ଆ~ ଆମ୍ - କରନାହିଁ / ଯାଆନାହିଁ

ଆ.ଲ୍‌କା.ଉ—କ୍ରି. ଧୋକାଦେବା, ବାଧାଦେବା

ଉ: ଅଲମ୍ ଆ.ଲ୍‌କାଓ୍ୱ ଇଞ୍ଜା - ମୋତେ ଧୋକା/ବାଧା ଦିଅ ନାହିଁ

ଆଲ୍‌କାତ୍ରି—ବି. ଆଲ୍‌କାତରା, ପିଚୁ, (coal tar)

ଆଲାଙ୍ଗ—ବି. ଭିନ୍ନ

ଉ: ଆମା~ ରଲ୍ ଦ ଇଂଖନ୍ ଆଲ୍‌ଗା ତେଆ - ତୁମ କଥା ମୋ (କଥା) ଠାରୁ ଭିନ୍ନ ଅଛି

ଆଲ୍‌ଗା—କ୍ରି. ବିଂ. ସହଜ, ସହଜିଆ

ଉ: ରଲ୍ ଜଂ ଦ ଆଲ୍‌ଗା ଗେଯା - କହିଦେବାଟା ସହଜ ଅଟେ

ଆଲତା—ବି. ଅଲତା, ଗୋଡ଼ରେ ନଖରେ ଲଗାଇବା ନାଲି ତରଳ ଜିନିଷ

ଆଲ୍‌ପିନ୍—ବି. ଆଲ୍‌ପିନ୍

ଆଲ୍‌ମା.ରି—ବି. ଆଲମାରି

ଆ.ଲ୍‌ମା.ଲ—ବି. ଅନିଶ୍ଚିତରୂପ, କ୍ରି. ଏପାଖ ସେପାଖ ହେବା ବିଂ. ଗୋଳମାଳ

ଉ: ଆ.ତୁରେ ଆ.ଲ୍‌ମା.ଲ୍ ରକାବ୍ ଅକାନ୍‌ଆ - ଗାଁରେ ଗୋଳମାଲ କଥା ହୋଇଛି

ଆଲ୍‌ମାଲଓ୍ୱ—କ୍ରି. ଗୋଳମାଳିଆ କରିବା

ଉ: ଜିନିସ୍‌କ ଜତ ଆ.ଲମା.ଲଓ୍ୱ ଗୁଦାଅକାନ୍‌ଆ - ଜିନିଷମାନ ସବୁ ଗୋଳମାଲ ହୋଇ ପଡ଼ିଛି

ଆଲ୍ବକ୍‌ଜା.ଡି—ବି. ନିର୍ମୂଳି ଲତା

ଆଲ୍ବକଜା.ଡି—ବିଂ. ବେପରୁଆ କଥା, ଉପହାସକରି କଥା

ଉ: ଆଲ୍ବକ୍‌ଜା.ଡି ରଲ୍ ଅଲମ୍ ରଲ୍‌ଆ - ବେପରୁଆ/ଉପହାସକରି କଥା କହ ନାହିଁ

ଆଲ୍ବନ୍‌ବଲ୍ବନ୍—ବିଂ. ପ୍ରଶସ୍ତ, ସୁଖଦାୟକ

ଉ: ନଆଁଦ ଆଲ୍ବନ୍ ବଲ୍ବନ ହରକାନା - ଏହା ପ୍ରଶସ୍ତ ରାସ୍ତା ଅଟେ

ଆଲ୍ବସୁକା.—ବି. ମୁମୂର୍ଷୁ ଅବସ୍ଥା, ବିଂ. ଅସ୍ତବ୍ୟସ୍ତ

ଆଲ୍ବସୁ—କ୍ରି. ସମର୍ପିଦେବା - ସବୁ ଦାୟିତ୍ୱ ନ୍ୟସ୍ତ କରିଦେବା

ଉ: ମାଗ୍ଂବା.ହୁଡରେ ଓଲା~ କାଆ କ ଆଲ୍ବସୁ. ଆକାଦ୍‌ଆ- ବଡ଼ବୋହୂ ହାତରେ ଘରର ଯାବତୀୟ ବିଷୟ ସମର୍ପି ଦେଇଛନ୍ତି

ଆଲ୍ବଂ—ବି. ଜିଭ

ଆଲ୍ବଂଘାଓ—ବି. ଜିଭ ଘା

ଆଲ୍ବଂ—ସ. ଆମେ ଦୁହେଁ

## ବ (ଓ୍ୱ) ଅର୍ଥରେ ବ୍ୟବହାର

ଆ.ଓ୍ୱହା. (ଆବହା)—ବିଂ. ବେକାର, ଅର୍ଥହୀନ

ଉ: ନଆଦ ଏଖେନ୍ ଆ.ଓ୍ୱହା. କାଥାକାନା - ଏହା ଅର୍ଥହୀନ କଥାଅଟେ

ଆଓ୍ୱଶା.ଓ୍ୱ—କ୍ରି. ବିଚଳିତ ହେବା, କ୍ରି.ବି°. ଅକାବୁକା ହେବା

ଉ: କା.ମିଁ କାମି. ତେଞ୍ଜ ଆ.ଓ୍ୱଶାଓ୍ୱ ଏନା - କାମ କରି କରି ବିଚଳିତ ହେଲି

ଆଓ୍ୱଘାଟ୍—ବି. ଅସ୍ଥାନ, ସ୍ଥାନ, ଉ:ଡା.ରୁବ୍ ଆଓ୍ୱଘାଟରେଞ୍ଜ ଞାମ୍ କେଦେୟା - ବାଘକୁ ମୁଁ ଅସ୍ଥାନରେ ପାଇଲି

ଆ.ଓ୍ୱଟ୍ଟାଓ୍ୱ—କ୍ରି°. ଉଲଞ୍ଜନା ଝଞ୍ଜଟ, ବି. ବାଧା

ଉ: କା.ମିରେଞ୍ଜ ଆଓ୍ୱଟ୍ଟାଓ୍ୱଏନା - କାମରେ ମୁଁ ବାଧାପ୍ରାପ୍ତ ହୋଇଛି

ଆ.ଓ୍ୱଁାଗ୍ୱାଁ.ଉର—କ୍ରି.ବି°. ପାଟିତୁଣ୍ଡ, କ୍ରି. ପାଟିତୁଣ୍ଡ କରିବା

ଆ.ଓ୍ୱସାନ୍—ବି. ଅବସର, ଫୁରସତ୍

ଉ: ଲଡ°ବାଞ୍ଜ କାମିଙ୍କନ୍ଞ୍ଜ ଆ.ଓ୍ୱସାନ ଏନା - କାମରୁ ଏବେ ମୁଁ ଫୁରସତ ପାଇଲି

ଆ.ଓ୍ୱହ୍ୱା.—କ୍ରି. ଅନାହୁତ, ବେକାର, ଅକସ୍ମାତ

ଉ: ଉନଦ ଆ.ଓ୍ୱହ୍ୱା.ଗେ ହୁଜୁ°ଆସୁ - ସେ ଅନାହୂତ ଭାବେ ହଠାତ୍ ପହଞ୍ଚିଯାଏ

ଆ.ଓ୍ୱା.ପାପା—କ୍ରି.ବି°. ଦୁଃଖିତ ହୋଇ ଜୋରରେ ଚିତ୍କାର

ଉ: ଅନାଓଲା°ହଲ୍ ଆଓ୍ୱାପାପାକ ସ୍ୱ°ଏୟୁ। - ସେ ଘରର ଲୋକମାନେ ଦୁଃଖରେ ଜୋରରେ କାନ୍ଦୁଛନ୍ତି

ଆସ୍କଉ୍—ବି. ଅସୁସ୍ଥ ଅନୁଭବ

ଉ: ଆସ୍କଉ୍ ଗେଞ୍ଜ ଆୟୁ(ଇ)କା.ଉ୍ ଏଦା - ମୁଁ ଅସୁସ୍ଥ ଅନୁଭବ କରୁଅଛି

ଆସ୍କଉ୍ରୁଓ୍ୱା(ରୁଆ.)—ବି. କ୍ଷଣିକ ବେମାର, କ୍ଷଣିକ ଜ୍ୱର

ଉ: ଆସ୍କଉ୍ ରୁଓ୍ୱା ହିଁସ୍ ବରଅ ଆ°ଡାନା ? - କ୍ଷଣିକ ଜ୍ୱରକୁ ଡରୁଅଛ କି ?

ଆସକାୟୁ୍—କ୍ରି.ବି°. ଯେଉଁ ଉପାୟରେ ହେଉ, ନିଶ୍ଚିତ ରୂପେ

ଆସନ୍—ବି. ଆସନ, ଗଦି, ପଦବୀ

ଆସର୍—ବି. ଆଖଡ଼ା, ବୈଠକ

ଆସ୍ଲା—ବି. ସଂଗଠନ

ଆସଲ୍—କ୍ରି.ବି°. ସହଜ, ଅସଲ, ମୁଖ୍ୟ

ଆଁସ୍—କ୍ରି. ଆଶା କରିବା

ଆସା—ବି. ଆଶା।

ଆସାଡ୍ବଂଗା—ବି. ଆଷାଢ଼ ମାସ

ଆ.ସା.ଢ଼ଆ.—ବି. ଏକପ୍ରକାର ଜଙ୍ଗଲ ଲଟି, ଯାହାର ଫଳ ଆଷାଢ଼ ମାସରେ ଫଳେ

ଆ.ସାଲି.ଆ.—ବି. ଅଳସ, ଅରୁଚି

ଆସା°—ବି. ଅଳସି

ଆସା°ଉସୁ°—କ୍ରି. କାମକରିବାରେ ବିରାଗ, ଇଚ୍ଛାହୀନ

ଆସାଏଁ—ବି. ଡଣ୍ଡିଣିଆ ମାଛ

ଆସାଏଁଇଚ—କ୍ରି. ଡଣଡଣିଆ ମାଛର ଅଣ୍ଡା (ମଳକରିବା)

ଆସେ-କ୍ ତସେ-କ୍—ବି°. ଏଣେ ତେଣେ

ଆସ୍ତାବଲ୍—ବି. ଅଶ୍ୱଶାଳ

ଆସ୍ପାସ୍—ବି°. ନିକଟବର୍ତ୍ତୀ, ପଡ଼ୋଶୀ, କ୍ରି. ଦବାଇ ଦେବା

ଉ: କାଥାକୁ ଆସ୍ପାସ କେ-ଦ୍ୱଅ: - କଥାକୁ ଦବାଇ ଦେଲେ

ଆସାଭରସା—ବି. ଆଶାଭରସା, ସାହାଯ୍ୟ

ଆସାର୍ଫି—ବି. ଅସର୍ଫି

ଆସରାୟୁ—ବି. ଶରଣ ପଶିବା

ଆସାମି—ବି. କୈଦ, ଦୋଷୀ

ଆସାପା.ତ—ବି. ଗର୍ଭବତୀ

ଆ.ସୁଲ୍—କ୍ରି.—ପୋଷିବା, ପୋଷିହେବା

ଆ.ସୁର୍—ବି. ଅସୁର, ସର୍ବଭୁକ୍।

ଆସେନ୍—କ୍ରି. ବୁଲାଇବା. ଦେଖାଇ ଆଣିବା

ଆସେନ୍ ଦା°—ବି. ବିବାହ ଉତ୍ସବର ଏକ ଅଂଶ - ଏହି ଅବସରରେ ସ୍ତ୍ରୀ, ପୁରୁଷ ବନ୍ଧୁବାନ୍ଧବ ସହିତ ପରିଚିତ ହୁଅନ୍ତି

ଆ.ସୁଲ୍ଦୁକ୍ତୁବ୍—କ୍ରି. ମରଣ ପର୍ଯ୍ୟନ୍ତ ଖୁଆଇବା, ପୋଷିବା

ଆ.ସୁଲ୍.ଦହ—କ୍ରି. ପୋଷି ରଖିବା

ଆ.ସୁଲ୍ବାଲା—କ୍ରି. ପାଳନ, ପୋଷଣ କରିବା, ପୋଷ୍ୟ

ଆ.ସୁଲ୍ ସାଙ୍ଗେ—କ୍ରି. ଜୀବିକା ନିର୍ବାହ କରିବା

ଆସୁଲ୍ହାସ୍ୱ—କ୍ରି. ପ୍ରାପ୍ତ ବୟସ ପର୍ଯ୍ୟନ୍ତ ପୋଷଣ କରି ବଢ଼ାଇବା

ଆହତ୍—ବି. ଗୁପ୍ତ, ଆଡ଼ୁଆଳ

ଆହା—ଅ. ଅହ, ସହାନୁଭୂତି ସୂଚକ

ଉ: ଅହ୍ଵା, ଚେଦଚସ୍ତ୍ ଦୁକ୍ଅକାନ ସ୍ରାଃକାନାସ୍ତୁ - ଅହ୍ଵ, ତାହାର କ ଦୁଃଖ ହୋଇଛୁ, ସେ କାନ୍ଦୁଛି

ଆହ୍ଵତ୍—ବି. ଆହ୍ଵତ, କ୍ରି. ଆହ୍ଵତ ହେବା

ଆ.ହ୍ଵାକା.ଭ୍—କ୍ରି. ଖଲ୍ଵରେ ଧଇଁ ସଇଁ ହେବା, ଧୂଆଁରେ ହଡ଼ବଡ଼ାଇବା

ଆହ୍ଵା—କ୍ରି. ନଜର ଲାଗିବା, ମୋହ୍ ଯିବା

ଆହ୍ଵା ∽ —ବି. ଖରାପ ନଜର ଲାଗିଥିବା ବ୍ୟକ୍ତି

ଆହ୍ଵାନା.ଓ୍—କ୍ରି. ଦୁର୍ଗନ୍ଧ ବାହାରିବା, ନଷ୍ଟ ହୋଇ ଯିବା

ଆହ୍ଵାର୍—ବି. ପୋଖରୀ, ବନ୍ଧ

ଆହ୍ଵାର୍—ବି. ଖାଦ୍ୟ, ଶସ୍ୟ

ଉ: ଅହ୍ଵାର୍ ଖ୍ରାମ୍କୋ୍ ହେନ୍ ଲେନା - ଖାଦ୍ୟ/ଶସ୍ୟ ହଦ୍ଧାନରେ ଯାଇଥିଲେ

ଆହ୍ଵାଲ୍ ଆହ୍ଵାଲ୍—କ୍ରି. ବିଂ. ଉଦ୍ଭଦ୍ଭଦଆ, ଭୟଙ୍କର, ଅସହ୍ୟ

ଉ: ଆହ୍ଵାଲ୍ ଆହ୍ଵାଲ୍ ରେଙ୍ଗେଜ୍ ଦ୍ଵନ ହେଚେର୍ ଏନା - ଅସହ୍ୟ ଅଭାବ ଦ୍ଵନ ପଡ଼ିଥିଲା

ଆ.ହ୍ଵା.ଲ୍.—ବି. ଲହର, ଋଶ୍ମି ତରଙ୍ଗ, ତେଜ

ଉ: (୧) ରମିଲ୍ ଆ.ହ୍ଵା.ଲ୍. - ମେଘ ଲହର (ମାଳା)

(୨) ସିରୁ° ଆ.ହ୍ଵା.ଲ୍. - ଖରାର ତେଜ

(୩) ବଜ୍ଲ୍ ଆ.ହ୍ଵା.ଲ୍ - ଋଶ୍ମି ତରଙ୍ଗ

## ଇ

ଇଃ—ଅ. ଇଃ ବିସ୍ମୟାତ୍ମକ, ବେଦନାତ୍ମକ, ଅଧୀରତାତ୍ମକ ଅବ୍ୟୟ

ଉ: ଇଃ ଉନ୍ମାସ୍ଂଇ-ଜ୍ ହେ ଆ - ଇଃ ଏତେ ଝାଏ କରେ

(୨) ଇଃ, ଆ.ଡିକୁ୍ଏମ୍ ହ୍ଵା.ସୁ ଅଟକଦଜ୍ଜା - ଇଃ ମୋତେ ବହୁତ ଜୋରରେ ବ୍ୟଥା କରାଇଲା

ଇହ୍ଵରୁପ୍—ବି. ଇହ୍ଵରୋପ

ଇକ୍ଲୁମ୍—କ୍ରି. ଆଣ୍ଠୋଇବା

ଇକା.—ବିଂ. କ୍ଷମା, କ୍ରି. କ୍ଷମାଦେବା

ଇକା.ଇକ—ବି. କ୍ଷମାଶୀଳ ସ୍ଵଭାବ

ଇକା.ତେ—ଅ. କ ହେତୁ

ଇ ∽ କାନ୍—ବି. କ୍ଷମା ଦେବାବାଲା

ଇକା.କାସ୍ତୁ—କ୍ରି. ଛାଡ଼ିଦେବା, କ୍ଷମା କରିବା

ଇକଲ୍ ପିକଲ—ବି. ଅଶାନ୍ତ, ଚଞ୍ଚଳ, ହନ୍ତସନ୍ତ, ଦୁଃଖଦାୟୀ କ୍ରି. ଦୁଃଖଦେବା, ବିରକ୍ତ କରିବା

ଉ: ମି ∽ ଆଲମ୍ ଇକଲ୍ ପିକଲ୍ ଇଞ୍ଜା - ଛାଡ଼, ମୋତେ ଦୁଃଖ/ ବିରକ୍ତ କରନା ନାହିଁ

ଇକ.ଜ୍ସକଜ୍—କ୍ରି. ଟିହଁବା ଟିହଁକା କରିବା, ଖୁନ୍ଦାଖୁନ୍ଦି କରି ରଖିବା, ଉ: ଠେକାରେ ଇକ.ଜ୍ ସକଜ୍ ହୁଲୁସ୍ତୁ ପେରେଜ୍ କାଦ୍ଆ - ଖୁନ୍ଦା ଖୁନ୍ଦି ହଲା ହଲି କରି ପାଛିଆରେ ଧାନ ପୁରାଇଲା

ଇଖା.—ଅ. କାଲୁ

ଇଖାନ୍—ଅ. ଅଥଚ୍

ଇଗଲ୍ ଚେଣେ—ବି. ଇଗଲ ପକ୍ଷୀ

ଇଲେ୍ ଅଗଲ୍—କ୍ରି. ବିଂ. ଗୋଲମାଲିଆ, କ୍ରି. ଗୋଲମାଲିଆ କରିଦେବା, ଏପାଖ ସେପାଖ କରିଦେବା

ଉ: ସାକାଓ ଦହ୍ଵ କନପ ଏମ୍ ଇଗଲ ଅଗଲ୍ଗଦ୍ କା-ଦ୍ଆ - ସଜ୍ଜିତ କନପ ତୁମେ ଏପାଖ ସେପାଖ/ଗୋଲ୍ ମାଲିଆ କରିଦେଲ

ଇଂଗର ଅଁଗର—ବି. ଆଟରେ ଚାଲିବା, ଆଟ ଦେଖାଇବା

ଉ: କଲାଟା ନଣ୍ଡେ ଇଂଗର ଅଁଗର୍ ବାଲାସ୍ତୁ କାନାସ୍ତୁ - ପୁରୁଷଟା ଏଠାରେ ଆଟ ଦେଖାଇ ବୁଲୁଛି

ଇଂଗ୍ଲିସ୍—ବି. ଇଂରାଜୀ

ଇଂଗୁଲ୍—କ୍ରି. ବଢ଼ିବା, ପରୀକ୍ଷା ଦେବା, ଗୁଣିବା

ଉ: କୁଲି ଇଂଗୁଲ୍ ଏମ୍ - ପଚାରି ବଢ଼ି/ପରୀକ୍ଷା କରି ଦିଅ

ଇଗ୍ଜଃଆଲା ∽ —ବି. ଏକ ପ୍ରକାର ଜଙ୍ଗଲି ଶାଗ

ଇ.ଗ୍ଜଃହ୍ଵାକୁ—ବି. ଟଙ୍କୁଣି ମାଛ

ଇଗ୍ଜଃ ବାହ୍ଵା—ବି. ଏକ ପ୍ରକାର ଜଙ୍ଗଲି ଫୁଲ

ଇଗ୍ଜଃଦାରେ—ବି. ଟେଙ୍ଗୁଣିଆଦାଲ (ଗୁଲୁକାଣ୍ଡାସ୍ତୁ ଔଷଧି ଲତା)

ଇଗ୍ଜଃ କାକଲ୍ଡେଦ—ବି. ପାଣିରେ ରହୁଥିବା ଏକ ପ୍ରକାର ପୋକ

ଇଜ୍ଅ ∽ —କ୍ରି. କଲଙ୍କି ଲାଗିବା

ଉ: ମେଣ୍ଡେହ୍ଵେଦ୍ ଇଜ୍ଏନା - ଲୁହାରେ କଲଙ୍କି ଲାଗିଛି

ଇ.ଜ୍—ବି. ମଳ, ବିଷ୍ଠା, କ୍ରି. ମଳତ୍ୟାଗ କରିବା

ଇଜ୍ ଆଡ଼ଅ—ବି. ମଳମୂତ୍ର

ଇଜ୍ହରୁ—ବି. ଗୋବର ଭଅଁର

ଇଜ୍ ଅଙ୍ କଅ—ବି. ମଳ ବାହାରିବା

ଇଜ୍ଅଡକ୍ଅଲେକା—କ୍ରି. ମଳତ୍ୟାଗ ଜନିତ କଷ୍ଟ ସଦୃଶ୍ୟ ଲାଗିବା

ଇକ୍‌ଜ.ନ୍ତୁ—ବି. ଇଜ୍ଜତ

ଇକ୍‌ମାହାଲ୍—ବିଂ. ଇଜ୍‌ମାଇଲ୍

ଇକ୍‌ଲାସ୍—ବି. କଚେରୀ, ବିଚାରାଳୟ

ଇଜାସ୍—ବି. ଇଜାସ

ଇଜ.ହାର୍—କ୍ରି. ନାଲିସ୍ କରିବା

ଇଜା.ସ୍ପପାଟା—ବି. ଜମିର ପଟ୍ଟା, କ୍ରି. ଜମିର ପଟ୍ଟାନେବା

ଇଜା.ରଦାର୍—ବି. ଜମିର ପଟ୍ଟାନେବାବାଲା, କରଦାତା, ପ୍ରଜା

ଇଜା.ଦାର୍—ବି. ଜମିର ପଟ୍ଟା, କ୍ରି. ଜମିକୁ ପଟ୍ଟାରେ ନେବା

ଇଞ୍ଜ୍ ଆଂ—ସ. ମୋର

ଇଞ୍ଜ୍ (ଇଂ)—ଏକବଚନ, ପ୍ରଥମ ପୁରୁଷ—ମୁଁ

କା.ସି—ବି. ଖାସି, କ୍ରି. ଖାସି କରିବା, ଅଣ୍ଡିରି ଛେଳି ଛୁଆକୁ
ଧର୍ଷଣ କରିବା

କା.ଃସି—କ୍ରି. ବିଂ. ଧର୍ଷଣ କରିବା ପ୍ରକ୍ରିୟା

କା.ସି—ବି. କାଶୀ (ସହର)

କା.ସିବାହା—ବି. କାଶତଣ୍ଡି ଫୁଲ୍

କାଂସା.ର—ବି. କଂସାରି, କଂସା, ପିତଳ ବାସନ ଯେ କରେ
ଓ ବେପାର କରେ

କାଂସା.ଇ—ବି. କଂସେଇ, ପଶୁଙ୍କୁ ଯେ ବଧ କରେ

କାଂସା.ଇଖାନା—ବି. କଂସେଇଖାନା

କାଂସା—ବି. କଂସା

କାଁସ୍‌କୁଁସ୍—ଅ. (ଅନିଚ୍ଛା ପ୍ରକାଶ କରିବା ଭାବର ଶବ୍ଦ)
ଉଁ, ହୁଁ, ଆଁ

କାହାବାକଅ.—ବିଂ. ବକ୍ରା

କା.ହାଲେ—ବି. କଲ୍‌ଗି, କ୍ରି. ନୂଆ ଗଛ ବାହାରି ଉଠିବା ବା
ବାହାରିବା

କାହାନ୍ (ଣ୍)—ସଂଖ୍ୟା ବାଚକ ସ. ଷୋଳପଣ, ଏକ ହଜାର
ଦୁଇଶହ ଅଶୀ

କା.ହାନି—ବି. କାହାଣୀ, ଗଳ୍ପ

କା.ହିଁସ୍—ବିଂ. ଅସନ୍ତୋଷ, ମନଦୁଃଖ, କ୍ରି. ମନଦୁଃଖ କରିବା,
ଅସନ୍ତୋଷ ପ୍ରକାଶ କରିବା

କା.ହଲ୍—କ୍ରି. ରୋଗାକ୍ରାନ୍ତ ହୋଇଯିବା, ଅତମାତ୍ରାରେ ରୋଗ
ଭୋଗିବା, ଅତମାତ୍ରାରେ ଭୋଗିବା

କା.ହୁ—ବି. କାଉ, କୁଆ

କା.ହୁହା. ଦାରେ—ବି. ଅସନ ଗଛ

କା.ହୁବଭ୍‌ନଚ୍—ବି. କୁଆ ମଇଡ, ଔଷଧି ଗୁଳ୍ମଲତା

କାଡ଼କା.ଡ଼ି—ବି. ଦୁଇ ପାଖରେ ଉପର ତଳ ବନ୍ଧା ଥିବା
ଦଉଡ଼ିକୁ (ଆଣିବା) କସ୍ କରୁଥିବା ଦଣ୍ଡା ବା ବାଡ଼ି
କ୍ରି. ଦଣ୍ଡା ସାହାଯ୍ୟରେ ଦଉଡ଼ିକୁ ଆଣ୍ଠିବା ପ୍ରକ୍ରିୟା

କାଡ଼ଚେ—ବି. ଚେରକ ବୃକ୍ଷ, ଏହା ଏକ ପ୍ରକାର ବଡ଼ ଗଛ
ଯାହାର ପାଚିଲା ଫଳକୁ ପକ୍ଷୀମାନେ ଖାଆନ୍ତି

କାଲ୍.ଙ୍କୁଂ—ବିଂ. ଲମ୍ବ ଅଥଚ ପତଳା କୁଞ୍ଚକୁଞ୍ଚିଆ

କାଲ୍‌ଙ୍କୁଂକୁଲ୍‌ଚୁଂ—ବି. କୁଞ୍ଚିଯାଇଥିବା, କୁଞ୍ଚିଯାଇ ଏକାଠିହୋଇଥିବା
କ୍ରି. କୁଞ୍ଚିଯିବା

କାଲ୍ସ୍ଂକୁଡ୍ସ୍ଂ—ବିଂ. କୁଙ୍କୁଡ଼ିଥିବା, ଗୋଡ଼ ହାତ ଏକାଠି
କୁଙ୍କୁଡ଼ି ରହିବା ଅବସ୍ଥା କ୍ରି. କୁଙ୍କୁଡ଼ିବା

କାଲ୍(ଡ)ଜା—ବିଂ—ଲମ୍ବା, ଢଙ୍ଗା, ଧଣ୍ଡିଆ

କାଲ୍ନ୍ଦାଂ (କାଲ୍ନ୍ଦାଂ)— ବି. ଢାଲୁ, ଏକକଡ଼ିଆ ହୋଇଥିବା
ବିଂ. ଢାଲୁଆ, କଡ଼ିଆ

କାଲ୍ବାଂକୁଲ୍ବାଂ—ବିଂ. ଅଙ୍କାବଙ୍କା

କାଲ୍ମାଲାଓ୍ୱ (କାଡ୍ମାଡାଓ୍ୱ)—କ୍ରି. ଜୋର ଜବରଦସ୍ତ କରି
ଧରିବା ବିଂ. ଜୋର୍ କରି ଧରିବା

କଆ. ଦାରେ—ବି. କଆ ଗଛ

କଆ. ବାହା—ବି. କଆ ଫୁଲ, କେତକୀ ଫୁଲ

କକ କକ—କ୍ରି. ବେକକୁ ଜାବୁଡ଼ି ଧରି ଅଣନିଃଶ୍ୱାସ କରାଇବା

କକ୍—କ୍ରି. ଇଂ. କକ୍ (kick), ଗୋଇଠାମାରିବା

କକର୍—ବି. ମାଛରଙ୍କା

କକର୍ହା.କୁ—ବି. ଗୁଜିଆ ମୁହାଁ ମାଛ ବିଶେଷ

କକଲ୍ବଣ୍ଡି—ବି. ଗଉଡୁଣୀ ପୋକ

କକସ୍ନା.ଓ୍ୱ—କ୍ରି. ଚିତ୍କାର କରିବା, ଚିହିଁଡ଼ିବା
କ୍ରି. ବିଂ. ଚିତ୍କାର, ଚିହିଁଡ଼ା

କଚକ.—ବି. ସ୍ଥାନର ନାମ ବିଶେଷ

କଚକଚ୍ଅ—କ୍ରି.ବିଂ. ବଙ୍କାବଙ୍କି ହେବା

କଚ୍ରଚ୍—ବି. ଲୁଗା, ପୋଷାକ

କଛିତ—କ୍ରି.ବିଂ. ଅଳ୍ପକିଛି

କଚୁଆ—ବି. କେଞ୍ଚୁଆ

କଚୁ—କ୍ରି.ବିଂ. କଛୁ

କଜରି—ବି. ଏକପ୍ରକାର ଗଛ ଯାହାର ଫଳରୁ ନର୍ଯ୍ୟାସ ଉପକ୍ର
ଔଷଧ ରୂପେ ବ୍ୟବହାର କରାଯାଏ

କଟ୍କଟ୍—କ୍ରି.ବିଂ. କଟ୍ କଟ୍ ହେବା

କଟ୍କଟଃ—କ୍ରି. କଟ୍ କଟ୍ ହେବା (କୁଣ୍ଠାଇ ହେବାର ପୂର୍ବାଭାସ)

କଡା.—ବି. କାଠ

କଡା.—ବି. ଖଜୁରି ପତ୍ର

କଡା.ବ୍—ବି. କିତାବ, ପୁସ୍ତକ

କଡା.ବଶ୍—ବି. ଏକ ପ୍ରକାର ଗଛ

କଡ଼ରଏକେକ୍—ବି. କାଡ ଖେଳ

କଦଣ୍ଡ୍—ବି. ବସ୍ତ୍ର

କଦଣ୍ଡ୍-କାଟକମ—ବି. କଙ୍କଡାବସ୍ତ୍ର

କଦଣ୍ଡ୍ବାହା—ବି. ଏକପ୍ରକାରର ଫୁଲ

କଦଣ୍ଡ୍ ମାର୍ମାର୍—ବି. ଚେନ୍ଦୁଲିଆବସ୍ତ୍ର

କଦଣ୍ଡ୍ କଦଣ୍ଡ୍ ଡାଲାମ୍—କ୍ରି.ବିଂ. ଶୀଘ୍ର ଶୀଘ୍ର ଚାଲ

କଦୁଂଜମ୍—କ୍ରି. ସ୍ୱାଦ ଖାଇବା, ସ୍ୱାଦ ଭୋଜନ

କଦୁଂଆଲାଂ—ବି. ଏକପ୍ରକାର ଶାଗ

କନାସ୍—ବି. ସୀମା, କୂଳ

କାନାସ୍ୟ୍—କ୍ରି. ମୀମାଂସାକରିବା, କ୍ରି. ବି. କନାସ୍ହେବା
ମୀମାଂସା ହେବା

କନ୍ଡାକାନ୍ଡେ—କ୍ରି.ବିଂ. ଲଡ୍ବଡ, ନଡ୍ବଡ଼

କନ୍ଡାମାନ୍ଡେ—କ୍ରି.ବିଂ. ନଡବଡ ହେବା, ଚାଲିବାରେ
ଦୁର୍ବଳତା ହେତୁ ଗୋଡ ଠିକ୍ ଭାବେ ନ ପଡ଼ିବା

କନ୍ଦରବାନାମ୍—ବି. ଏକ ପ୍ରକାରର ସାରଙ୍ଗୀ

କବଲ୍ କବଲ୍ ଡାଲାମ୍—କ୍ରି. ବିଂ. ଚେନ୍ଦୁଲିଆ ବସ୍ତ୍ର ଚାଲ,
ଚଞ୍ଚଳ ଚାଲ

କମାମ୍—ବି. କମାମ, ଏକ ପ୍ରକାରର ପାନ ମସଲା

କମିନ୍—ବି. ପୁତ୍ରବଧୂ, ସାନଭାଇ ବୋହୂ

କମିସ୍ନା—ବି. କମିସ୍ନା. ମୋହ କରଣ କ୍ରି. ମୋହକରି ଦେବା

କସ୍ନା—ବି. ସିନ୍ଦୂର ଫରୁଆ

କରକରଅ—କ୍ରି.ବିଂ. କଷ୍ଟେ ମଷ୍ଟେ, ଅତିରିକ୍ତ ବଳ ଖର୍ଚ୍ଚ କରି
(ବୋଝ ବୋହିବା)

କସ୍ନୀ—ବି. କରଣୀ

କରସିନ୍—ବି. କିରାସିନି

କରିଣ୍ଡ୍—କ୍ରି. ଖର୍ଚ୍ଚ କରିବା, କିଣିବା

କରିଣ୍ଡ୍ଆଃ—କ୍ରି. ବିଂ. କିଣା, କିଣିଥିବା

କରିଣ୍ଡ୍ଆ.ଖରିଣ୍ଡ୍—କିଣା ବିକା,
ବ୍ୟବସାୟ କରିବା

କଷଲ୍—ବି. ଚିତ୍କାର, ପାଟିତୁଣ୍ଡ, କ୍ରି. ଚିତ୍କାର କରିବା, ଜୋରରେ ପାଟିତୁଣ୍ଡ କରିବା

କଷଲ୍—କ୍ରି. ଜିଦ୍ କରିବା

କଷଲ୍ କଷଲ୍—କ୍ରି. ବାରମ୍ବାର ଚିତ୍କାର କରିବା

କଷସ୍ମା କରମ୍—କ୍ରି. ଅନ୍ତିମ (ସଂସ୍କାର) ସଂସ୍କାର କରିବା ବି. ଶପଥ

କଲା.—ବି. କଲା, ଖୁଣ୍ଟି

କଲଣୀ—ବି. କଲଣୀ ଦ୍ୱାରା କଲା, ଛୁଟକଣି

କଲବଦ୍—କ୍ରି. ପୋଛଦେବା, ଭର୍ତ୍ତି ହୋଇଥିବା, ପଣି ରହିଥିବା

କଲଯ୍ତା. ପାଠେ—କ୍ରି. ଚପିକରି ପିନ୍ଧିବା, କ୍ରି. ବିଂ. ଚପ୍ଟା ପିନ୍ଧା ହୋଇଥିବା

କଲ୍.—ବି. କଲ୍ଲା, ସୈନ୍ୟ ରହିବାଗଡ଼

କଲସ୍—ବି. ଇଂ. କ୍ଲାସ ଶ୍ରେଣୀ

କଲ୍—ବି. ସାନ୍ତାଲଙ୍କର ଗୋତ୍ର

କସ୍ କୁ—ବି. ସାନ୍ତାଲଙ୍କ ଏକ ଗୋତ୍ରର ନାମ

କସ୍ ଭ—ବି. କୃଷି, ଦେଶୂର ଧାର୍ଯ୍ୟ ସମସ୍ତ

କସ୍ ନ—ବି. ବଣି

କସା.ଣ୍—ବି. ଧନୀ, ଧନବାନ୍, ବିଂ. ଧନାଢ୍ୟ

କସା.ଣଃ—କ୍ରି. ଧନୀହେବା

କସା.ଣ୍—ବି. କଣ୍ଟା

କସ୍ମିସ୍—ବି. କସ୍ମିଣ୍

କସୁନ୍—ବି. କୃଷ୍ଣ

କୁଆଁର୍—ବି. କୁମାର

କୁଆଁର—ବି. କୁମାରୀ

କୁଆଁର ପୁନ୍ଇ—ବି. କୁମାର ପୂର୍ଣ୍ଣିମା

କୁଆଡାସ୍—ବି. କୁଆଁ ଡାସ

କୁଇ—ବି. କନ୍ଧ ଉପଜାତିର ଭାଷା

କୁଇଥୁ—ବି. କଇଁଥ

କୁଇଣ୍ଡି—ବି. ମହୁଲ ଗଛର ଫଳ/ମଞ୍ଜି

କୁଇଲ୍.—ବି. କୋଇଲା, ଅଙ୍ଗାର

କୁଇଲ୍.କା.ଣ୍ଡ୍—ବି. କଣ୍ଟା ଜାତୀୟ ଶାଗ ବିଶେଷ

କୁଇଲ୍—ବି. ଆମ୍ବ ଟାକୁଆ, ଭିତର ଶସ୍ୟ

କୁଇଁ—ବି. କୂଅ, କୂପ

କୁଇଁନାଇନ୍—ବି. କୁଇନାଇନ ଔଷଧ ବିଶେଷ

କୁଇସ୍ମା.—ବି. କାଳିଆ

କୁଇସ୍ମାଃ—କ୍ରି. କାଳିଆ ହେବା, କଳା ହେବା

କୁକାର୍—କ୍ରି. ଗୋବର ଦେଇ ସଫା କରିବା

କୁକାର୍—କ୍ରି. ପେଟ ଭିତରେ କିଛି ବିଷାକ୍ତ ଜିନିଷ ଥିଲେ ପେଟରେ ତେଲ ଲଗାଇ ସୂକ୍ଷ୍ମ ଚୂନାର ଗ୍ରେଟ ପେଷ୍ଟ କରି ଗୁଣିଆ ମନ୍ତ୍ର କରି ତାହା ବାହାର କରିବା ପଦ୍ଧତି

କୁକୁଟ୍—କ୍ରି. ଡିପ ଜମିର ଶସ୍ୟ ଭିତରୁ ଘାସ, ଲଟା, ବୁଦା ବାଛି ବାହାର କରିବା

କୁକୁଟାମ୍—କ୍ରି. ଠେଙ୍ଗି କରି ମାରିବା ପ୍ରତିସ୍ଥା

କୁକୁଟା.ମ୍ ଇକ୍—ବିଂ. ଠେଙ୍ଗିକରି ମାରିବା ବାଲା, ଠେଙ୍ଗିବା ବାଲା

କୁକ୍ମୁ—ବି. ସ୍ୱପ୍ନ

କୁକ୍ମୁଇକ୍—ବିଂ. ସ୍ୱପ୍ନ ଦେଖିବାବାଲା

କୁକ୍ମୁଷ୍ଟାମ୍—କ୍ରି. ସ୍ୱପ୍ନରେ ପାଇବା

କୁକ୍ଲି—କ୍ରି. ପ୍ରଶ୍ନ କରିବା

କୁକୁଲ୍—କ୍ରି. ପଠାଇବା

କୁକୁଡ଼ା—ବି. ସାନ୍ତାଲଙ୍କର ପୂର୍ବ ପୁରୁଷଙ୍କ ଦେଶ

କୁକୁଜ୍—ବିଂ. ସମ୍ପୂର୍ଣ୍ଣ ନଇଁଥିବା, କ୍ରି. ନଇଁଯିବା

କୁକୁମ୍ପୁର୍—ବିଂ. ଏକୁଟିଆ, କ୍ରି. ବିଂ. ଏକେଲା, ଆଉ କିଛି ବି ନାହିଁ

କୁକୁଲ୍ଚୁଂ—କ୍ରି. ବି. ସଂକୋଚନ, କ୍ରି. ସଂକୁଚିତ କରିବା

କୁକୁଡ଼-କୁ—କ୍ରି. କୁକୁଡ଼ା ଗଣ୍ଡା, କୁକୁଡ଼ାକୁ ବୋଲ ବୋବାଇବା

କୁକୁ—କ୍ରି. ପଣ୍ଡିଆରେ ଶୁଖାଇ ଥିବା ଜିନିଷକୁ ପଣ୍ଡିଆର ଦୁଇ କାନ ଧରି ଏକାଠି କରିବା

କୁକ୍ଷି—ବି. ଗର୍ଭ, ଗର୍ଭାଶୟ

କୁପାର୍—ବି. କଷ୍ଟ, ବିଂ. ଦୁଃଖିତ, କ୍ରି. ଦୁଃଖ ବା କଷ୍ଟ ପାଇବା

କୁଂକୁରୁରୁ—ବି. ଏକ ପାହାଡ଼ର ନାମ

କୁଂକୁରୁରୁ ବଂଗା—ବି. କୁଂକୁ ପାହାଡ଼ର ଦେବତା

କୁଟ୍‌କୁଟ୍—କ୍ରି.ବିଂ. କଚ୍ଛ କଚ୍ଛ

କୁଟ୍-ଆ,—କ୍ରି. ଏକାଠାରେ ଅସଜଡ଼ା କରି ରଖିବା

କୁ.ସ୍କୁ.—ବି. ଛୋଟ ଧରଣର ଖଣ୍ଡ

କୁଟ—ବିଂ. କଅଁଳ

କୁଟେଚ୍ଛ—ବିଂ. ସଂକୀର୍ଣ୍ଣ, ଅଣଓସାରିଆ

କୁଟୁ—ବି. ପୋହଳା

କୁଟୁର—ବି. କଟେରି

କୁଟୁଲ—ବି. କୋଣଆ

କୁଟୁଂ—ବି. ସାମ୍ବାଲର ଏକ ରାଜ୍ୟ

କୁଟୁଂ—କ୍ରି. ଉପରତଳେ ବା ଆଗପଛ ଏକାଠି କରି ସଂକୁଚିତ କରିବା

କୁଟ୍‌ଲଓ୍ୱ—କ୍ରି. ବଳଦର ଲାଞ୍ଜ ମୋଡ଼ିବା, ତ୍ୱରାନ୍ୱିତ କରିବା, ଉସ୍କାଇବା

କୁଟେଲ୍—ବି. ନଦୀ ବାଙ୍କ, କ୍ରି. ବାଙ୍କ ହେବା

କୁଟ୍‌ରି—ବି. ଗୋଟିଏ ପ୍ରକାର କଣ୍ଟାଳିଆ ଗଛ

କୁଜାଂ—ବିଂ. ପିଠିର କୁଜା

କୁଜାଃ—କ୍ରି. ଅଣ୍ଟା ବା ପିଠି, ନଇଁକରି ରହିଥିବା, କୁଜାହେବା

କୁଞ୍ଜୁ—ବି. କୁଜା

କୁଟ୍‌କୁଟ୍—କ୍ରି. କୁଣ୍ଢାଇ ହେବା

କୁଟ୍‌କନା—ବିଂ. ଅସୁବିଧା, କଷ୍ଟ, କୃପଣ

କୁଟ୍‌ନାଁ.—ବି. ପିଟଣା, ଯାହାଦ୍ୱାରା ପିଟାଯାଏ

କୁଟ୍‌ନାଟ୍—କ୍ରି. ବିଂ—ଅତ୍ୟଧିକ ମାତ୍ରା

ଉ: ଉନାଦ କୁଟନାଟ୍‌କ ଦାଲ୍‌ଜାଦେୟା—ତାହାକୁ ଅତ୍ୟଧିକ ମାତ୍ରାରେ ମାଡ଼ ଦେଲେ

କୁଟ୍‌ନାସିଟ୍—ବିଂ. ବିଲକ୍ଷଣ, ଆଶ୍ଚର୍ଯ୍ୟ
କ୍ରି. ବିଂ. ବିଲକ୍ଷଣ, ଆଶ୍ଚର୍ଯ୍ୟ

କୁଟ୍‌ବା.—ବିଂ. ତେଳା, ବାଙ୍କୁଆ

କୁଟ୍‌ବୁର୍—କ୍ରି. ମୁଣ୍ଡ ନୁଆଁଇବା, ମୁଣ୍ଡ ନଇଁକରି

କୁଟ୍‌ମେଲ୍—ବିଂ. ମୋଟା, ଗୋଲ ଗାଲ, ଭଲ ଅବସ୍ଥା ବଢ଼ ହୋଇଥିବା

କୁଟ୍‌ରା—ବି. ଛୋଟ ଛୋଟ ଖଣ୍ଡ, ଟୁକୁରା

କୁଟାମ୍—କ୍ରି. ଟାଙ୍ଗିଆ ମୁଣ୍ଡିରେ ମାରିବା, ବିଂ. ଠେସିବା, ଠେସଣ, ମାଡ଼

କୁଟାପି.—ବି. ହାତୁଡ଼ି

କୁଟିସ୍‌ଚେଣେ—ବି. ଏକ ରକମର ଛୋଟ ଚଢ଼େଇ

କୁଟୁସ୍ ଦାରେ—ବି. ଏକ ପ୍ରକାରର ଝାଡ଼ୁଆ ଛୋଟ ଗଛ, କୁଟୁସ ଗଛ

କୁଟି—ବି. ଖଣ୍ଡ, ଛୋଟିଆ ଖଣ୍ଡ

କୁଟି କୁଟି—କ୍ରି. ଖଣ୍ଡ ଖଣ୍ଡ କରିବା

କୁଟ କୁଟି—ବି. (ସଂଖ୍ୟା ବାଚକ) କୋଟି କୋଟି

କୁଟୁଂ—କ୍ରି. ଟାଣିକରି ଦୃଢ଼ କରିବା
କ୍ରି. ବିଂ. ଟାଣ ହୋଇଥିବା (ଖଟ)

କୁଟୁମ୍—ବି. କୁଟୁମ୍ବ, ବିଂ. ସମ୍ପର୍କୀୟ, କ୍ରି. ଅତିଥି ବା ସମ୍ପର୍କୀୟ ବ୍ୟକ୍ତି ଆସିବା

ଉ: ସାଙ୍ଗିଞ୍ଜ ଦିଶମ୍ କୁଟୁମ୍‌କ ହେକ୍‌ଆକାନା - ଦୂର ଦେଶ (ଗ୍ରାମ)ର ସମ୍ପର୍କୀୟ ଲୋକମାନେ ଆସିଛନ୍ତି

କୁଟୁର୍ କୁଟୁର୍—କ୍ରି. ବିଂ. କୁଟୁର କୁଟୁର୍ ଚୋବାଇବା

କୁଟୁରି—ବି. କଟୁରି

କୁଟେଦ୍—କ୍ରି. ଦବକିବା

କୁଟେଦ୍ ପାଞ୍ଜାର୍—ବି. ଚଉଡ଼ା ଗୁଣ୍ଡିବାଲି

କୁଟ୍ କୁଟୁର୍—ବି. କୋର୍ଟ-କଚେରୀ

କୁଠା.ଓ୍ୱଡ଼—ବି. ଏକାଠି, କ୍ରି. ଏକାଠି କରିବା

କୁଠା.ଅଲା—ବି. କୋଠା ଘର, ପକ୍କା ଘର, ଆଟୁଡ଼ିଆ ଘର

କୁଠା.ଣ୍—କ୍ରି. ବିଂ. କଠିନ ଅଥଚ ନରମ, ବିଂ. ଶୁଖିଲା

କୁଠି—ବି. କୋଠି, ଧାନ ଅମାର, ଧାନ ଘର

କୁଠି—ବି. ଗର୍ଭାଶୟ, କ୍ରି. ଗର୍ଭଧାରଣ କରିବା

କୁଠିସ୍ୱା.—ବିଂ. କଞ୍ଜୁସ୍

କୁଡ଼୍ଅ.—ବିଂ. ଟେଢ଼ା ଗୋଡ଼ଆ, କ୍ରି. ଟେଢ଼ା ଗୋଡ଼ଆ ହେବା

କୁଡା.—ବି. କୋଷ୍ଠ

କୁଡାମ୍—ବି. (ଘର) ପଛପାଖ

କୁଡ଼ାମ୍ହେଦ୍—ବିଂ. ଘର ପଛ ଦ୍ୱାର

କୁଡାମ୍ନାୟୁକେ—ବି. ରକ୍ତ ଦେଇ ଯେ ପୂଜା କରେ,
ରକ୍ତ ଦିଆ ପୂଜକ

କୁଡାମ୍ ପାହାଣ୍ଟା—ବିଂ. ଘର ପଛପାଖ ସ୍ଥାନ

କୁଡାମ୍ ଟୁଙ୍ଗୁ—ବି. ସାନ୍ତାଳର ଟୁଡୁ ଗୋତ୍ରର ଏକ ଶାଖା

କୁଣ୍ଡ—ବି. କୋଡ଼ି (spade)

କୁଡ୍ହୁ—ବିଂ. ଅଳସୁଆ

କୁଡୁ—ବି. ଅଣ୍ଡିରି ଘୁଷୁରି ଛୁଆ

କୁଡ୍ହୁ—ବି. ଧାନ ଛେ କାଟି ଶୁଖାଇଥିବା ଧାଡ

କୁଡଂ କୁଟଂ—କ୍ରି. ବିଂ. ମୁଣ୍ଡ ନଇଁ କରି, ମୁଣ୍ଡ ଓ ପିଠି ନଇଁ ନଇଁ

କୁଡୁମୁଦ୍—ବି. କୁଡ଼ିଆ ଘର, ଝୁମ୍ପୁଡ଼ି ଘର

କୁଣ୍ଇ—ବି. କଣି

କୁଣିସ୍କାଁ.—ବିଂ. କଙ୍କାଳିଆ, କୋଣିସ୍କାଁ

କୁତ୍ଲୁ—ବି. କୁଲ୍କୁତୁ, କ୍ରି. କୁଲ୍କୁତୁ କରିବା

କୁଡା—ବି. ଧାନ କୁଟିବା ପାହୁଣା, କ୍ରି. ବିଂ. ପାହୁଣାଦିଆ
ଧାନକୁଟା

କୁତୁଆ—ବି. ଅଣ୍ଡିରି କୁକୁର

କୁଡ—ବି. ମାଈ କୁକୁର

କୁତୁକୁରୁ—କ୍ରି. ବିଂ. (କୁକୁରକୁ) କୁତୁକୁରୁ କରି କୁକୁରକୁ
ଡାକିବା

କୁତୁହଲ୍—ବିଂ. କୌତୁହଳ

କୁଥା.—ବି. ପେଟକଟା ରୋଗ ବିଶେଷ

କୁଥା.ଓ୍ଵ—କ୍ରି. କୁନ୍ଥାଇବା

କୁଥା.ବର—ବି. ବଣ ବର

କୁଦ୍—କ୍ରି. ଜେଲ୍ ପଠାଇବା

କୁଦ୍ ଦାରେ—ବି. ଜାମୁ ଗଛ

କୁଦା.—ବି. କୁଦ, ଢିପ

କୁଦା.ଓ୍ଵ—କ୍ରି. ଗୋଡ଼ାଇବା, ଅନୁସରଣ କରିବା

କୁଦୁମ୍—ବି. କୌତୁକ ପ୍ରଶ୍ନ (riddle)

କୁଧ୍ଲା.—ବିଂ. ଅତି ସ୍ଥୂଳ, ମୋଟା

କୁନ୍କୁନ୍—କ୍ରି. ବିଂ. ଅଧିକ ମାତ୍ରାରେ ବ୍ୟଥା ହେବା

କୁନ୍ଡା.—ବି. କୁଣ୍ଡା

କୁନ୍ଡ଼ି—ବି. ହୃତ୍‌ପିଣ୍ଡ, ପଶୁର ଖାଦ୍ୟସ୍ଥଳ

କୁନ୍ଡ୍ଅ—ବି. କୁଣ୍ଡ

କୁନ୍ଡ୍ଲଂ—କ୍ରି. ଗଡ଼ଣିବା, ଶୋଇବା

କୁନ୍ଦ୍ର (କୁନ୍ଦ୍)—ବି. କୁନ୍ଦୁରି

କୁନ୍ଦା.ଓ୍ଵ—କ୍ରି. କୁନ୍ଦିବା, କ୍ରି. ବିଂ. କୁନ୍ଦା

କୁନଡ—ବି. ଖନା, ଯେଉଁ ସ୍ତ୍ରୀ ବା ଝିଅ କଥା କହି ପାରେନାହିଁ

କୁନାଁ.ମ୍—ବି. ଏକ ପ୍ରକାରର ଗଛ

କୁନାଁ.ମି—ବି. ପୂର୍ଣ୍ଣିମୀ, କ୍ରି. ପୂର୍ଣ୍ଣିମା ହେବା

କୁନଦୁରୁନାଣୀ—ବି. କଣ୍ଟାଯୁକ୍ତ ଲଟି ବିଶେଷ

କୁପି—ବି. କୁପ୍‌ପୀ, ମାଟି ତିଆରି ଛୋଟିଆ ମାଠିଆ ଯହିଁରେ
ତେଲ ରଖାଯାଏ

କୁପି—କ୍ରି. (ଇଂ) କପି କରିବା

କୁପୁଲ୍—କ୍ରି. ବିଂ. ପଚରି ପଚରି ହେବା, ବିଂ. ପଚରା, ପ୍ରଶ୍ନକରି

କୁବ୍ଜା—ବିଂ. କୁବ୍ଜା, କୁଜା, କୁଆଁଳିଆ
କ୍ରି. କୁଜା ବା ଟେଢ଼ା ହେବା

କୁବଧା.—ବି. କୁବୁଧା. ଯାହାର ପଛବେକ ମୂଳ ମୋଟା ଓ ଯେ
ସାମାନ୍ୟ ଆଗ ନଇଁଥିବ

କୁବ—ବି. କୋବ

କୁ-ବି—ବି. କବି, ଲେଖକ

କୁବୁଇ କୁବୁଇ—କ୍ରି. ବିଂ. ଏଣେ ତେଣେ ବେକାର ଦୌଡ଼ା
ଦୌଡ଼ି କରି, କ୍ରି. ଦୌଡ଼ିବା

କୁବେଲା—ବି. ଉତ୍ତାପ୍ତ ପ୍ରହର, ବିଂ. ଖରାପ ସମସ୍ତ, କୁବେଲା
କ୍ରି. ଅସମସ୍ତ ହେବା

କୁବୁଲ୍—କ୍ରି. ସ୍ୱୀକାର କରାଇବା, ମନାଇବା

କୁବୁଲସ୍ଥତ୍—ବି. କବୁଲସ୍ତତ, ସ୍ୱୀକାର ନାମା

କୁମ୍‌କୁମ୍—ବି. କୁମ୍‌କୁମ୍

କୁମ୍ବା.ଲା.ଓ୍ୱ—କ୍ରି. କୁହୁଳାଇବା, ଧୂଆଁରେ ଭର୍ତ୍ତି ହେବା
ବିଂ. କୁହୁଳା

କୁମ୍ବା.ଅଲା—ବି. ଝୁପୁଡ଼ିଘର, ଶ୍ରେଷ୍ଠ ନୁଆଁଣିଆ ଘର

କୁମ୍ବା.ସ୍ୱ—କ୍ରି. ଝୁପୁଡ଼ି ତିଆରି କରିବା

କୁମ୍‌ବୁଜୁ—ବି. ସ୍ୱେର

କୁମ୍‌ବୁଜୁସ୍ୱ—କ୍ରି. ସ୍ୱେରକରିବା

କୁମ୍‌ବେଦ୍—ବି. ଦାଉିଣ ତିଆରି ଅର୍ଦ୍ଧଚନ୍ଦ୍ରାକାର (ଅଂଶ)

କୁମ୍—ବି. ଚମଡ଼ାର ଥଳି ବା ମାଟିର ପାତ୍ର ଯହିଁରେ ତେଲ
କମ୍ବା ଗୁଡ଼ ରଖାଯାଏ

କୁମାଂ—ବି. ପିଉସୀ

କୁମା.ସ୍ୱା—ବି. ପିଉସୀ-ପୁତୁରା ସମ୍ପର୍କ

କୁର୍‌କୁର୍—କ୍ରି.ବିଂ.—ଡମ ଡମ ଭାବ ଦେଖାଇବା, ବହୁତ ଖପା
ହୋଇଥିବା

କୁର୍‌କୁରା.ଓ୍ୱ—କ୍ରି. ଡମ ଡମ ହୋଇ ରାଗ କରିବା, ଖୁବ୍ ଖପା
ହେବା, ବହୁତ ଜୋରରେ ରାଗିଥିବା

କୁର୍ଥି—ବି. କୋଳଥ

କୁର୍ଧିଅ—ବିଂ. କ୍ରୋଧିତ କ୍ରି. କ୍ରୋଧିତ ହେବା

କୁର୍ଣ୍ଡା—ବି. ବାଧକ, ବଳଦ ବା ମଇଁଷି ବେକରେ ବନ୍ଧା
କାଠ ଗଡ଼ିଆ, ଦଣ୍ଡ ଦେବା କାଠ ଗଡ଼

କୁର୍ମୁତା.ହ୍ୱାଃ—ବିଂ. କଠୋରତା, ନିର୍ଦ୍ଦୟ

କୁର୍ନାଁ.—ବି. କୋରଣା, କୋରିବା ଯନ୍ତ୍ର

କୁରୁକ୍—ବି. କୋରକ୍

କୁରୁମୁଟ୍—ବିଂ. ପ୍ରଯତ୍ନ, ଚଞ୍ଚଳତା ସହ

କୁରୁମୁଟ୍‌ସ୍ୱ—କ୍ରି. ପ୍ରଯତ୍ନ କରିବା, ଚଞ୍ଚଳତା ସହ କରିବା

କୁମ୍ବୁ—ବି. ଆମ୍ବ ଟାକୁଆ

କୁମ୍ବୁଂକୁମ୍ବୁଂ—କ୍ରି.ବିଂ. ଏକୁଟିଆ ହୋଇ, ବି. ଏକଲା

ଉ: କୁମ୍ବୁଂ କୁମ୍ବୁଂ ଏ ରିଙ୍ଗାଓ୍ୱାନୋ - ଏକଲା ସେ ବୁଲୁଥିଲା
କ୍ରି. ନଇଁ କରି ଯିବା

କୁଲ୍—ବି. କୁଳ, ବଂଶ

କୁଲ୍‌ଟେଦ୍—ବିଂ. ଗ୍ଳେଟେଇ ଗୁଲିବା

କୁଲ୍‌ଟେଦ୍‌ଅ—କ୍ରି. ଗ୍ଳେଟେଇ ଗ୍ଳେଟେଇ ଯିବା

କୁଲ୍‌ବାଂ—ବିଂ. ବେଙ୍କିଆ, ବଙ୍କା
କ୍ରି. ବେଙ୍କିଆ କରିବା, ବଙ୍କା କରିବା

କୁଲ୍‌ବୁଂ—ବିଂ. ବାଙ୍କିଆ

କୁଲ୍‌ବୁଂସ୍ୱ—କ୍ରି. ବାଙ୍କିଆ କରିବା

କୁଲା.ଇ—ବିଂ. ମଜୁସ୍ତ, ପାରିତୋଷିକ

କୁଲା.ଓ୍ୱ—କ୍ରି. ଏକଜ ଜମାକରିବା, ଅଣ୍ଟାଇବା
ବିଂ. ସୁବିଧା କରାଇବା, ପୂରଣ କରିବା

କୁଲସ୍ୱା.—ବି. ଝୁପୁଡ଼ି ଘର, ଶ୍ରେଷ୍ଠ ଘର

କୁଲସ୍ୱା.ସ୍ୱ—କ୍ରି. ଝୁପୁଡ଼ିଘର କରିବା, ଶ୍ରେଷ୍ଠଘର ତିଆରି କରିବା

କୁଲି-ଦ୍—ବି. ଚାଲି

କୁଲି—ବି. ସ୍ତ୍ରୀ ଲୋକ

କୁଲି—କ୍ରି. ଗୋଷ୍ଠି, ବଂଶ

କୁଲିହପନ୍—ବି. ସ୍ତ୍ରୀ ପିଲା

କୁଲିଗିଦାରୁ—ବି. ଝିଅ

କୁଲିଃ—ବି. ଯୁବତୀ ହେବା, କ୍ରି. ଯୁବତୀ ହେବା/ଯୋଗ୍ୟ

କୁଲ୍— ବି. ଫିଙ୍ଗ

କୁଲ୍‌ବନ୍ଦ—ବି. ବଡ଼ ମାଙ୍କଡ଼ସା

କୁ-ଲ୍—କ୍ରି. ପଠାଇବା

ଉ: ପେଲାଅଲା ତେ ହ୍ୱଲ୍ କୁ-ଲ୍ ଜପେ - ବନ୍ଧୁଘରକୁ ଲୋକ
ପଠାଇ ଦିଅ

କୁଲ୍‌ଝୁ—ବି. ଗାଁର ମଝି ରାସ୍ତା

କୁଲ୍‌ଝୁଦୁଜୁପ୍—ବି. ପଞ୍ଚାୟତ, ଗାଁ ସଭା

କୁଲିହୁ—ବି. ଧାନବଡ଼ା

କୁଲି.ଇ—ବି. ଠେକୁଆ

କୁଲି—ବି. ପ୍ରଶ୍ନ ପଚାରିବା, କ୍ରି. ପ୍ରଶ୍ନ କରିବା, ପଚରା ଉଚରା
କରିବା

କୁଲୁପ୍—ବି. ତାଲା, କ୍ରି. ତାଲା ଲଗାଇବା

କୁସ୍ତି—ବି. କୁସ୍ତି, କ୍ରି. କୁସ୍ତି କରିବା

କୁସ୍‌ରୁରି—ବି. କସ୍ତୁରୀ

କୁସ୍‌ମ୍ବି—ବି. ଦାଉ, ବେଶ୍ୟା

କୁସ୍‌ମ୍ବିବାହ୍ଵା—ବି. ଗେଣ୍ଡୁଟୁଲ୍

କୁସା.—ବି. ଖୋସା, ଉସାଳୁଆ ମଞ୍ଜି

ଉ: ଖାଣ୍ଡାଲ କୁସା. - ପଣସ ଖୋସା

କୁହୁଣି—ବି. କହୁଣୀ

କୁହୁଲା—ବି. କୁହୁଡ଼ି, ଧୂଆଁ ପଟଳ

କୁହା.ଓ୍ଵ— କ୍ରି. କହୁଣୀଭୁସା

କୁହ୍ଵବାଦ୍‌କେ—ବି. ଧାନ୍ଗାଳର ବାସ୍‌କେ ଗୋଷ୍ଠର

ଏକ ଶାଖା ଗୋଷ୍ଠ

କୁଙ୍କାଲ୍—ବି. କୁମ୍ଭାର ଜାତି, ଏକ ପ୍ରକାର ବହୁଡ଼ି ପୋକ

ଯିଏକି ମାଟି ଘର କରି ତହିଁରେ ପୋକ ରଖି ବହୁଡ଼ି ଜନ୍ମାଏ ।

କୁଙ୍କାଲ୍ ଖ୍ରା.ଢି—ବି. କୁମ୍ଭାରଶାଳ

କେଓଁଟା—ବି. କେଉଟ

କେଓ୍ଵା—ବି. ଚକୁକ

କେକ୍—ବି. (ଇଂ) (cake) କେକ୍

କେକ୍‌ଲେ ଦେଦ୍—କ୍ରି. ଡରରେ ମୂର୍ଚ୍ଛା ହେବା

କ୍ରି. ବିଂ. ବହୁତ ଅଧିକ ଡରରେ ହତବାକ୍ ହେବା

କେକେ ଯା —ବିଂ. ଭଲ ଅବସ୍ଥା, ହୃଦଖୁସି ଅବସ୍ଥା

କ୍ରି. ବିଂ. ସୁଅବସ୍ଥା

କେକେଲ୍‌ଗ୍ଂ—ବିଂ. ଶୃଙ୍ଖଳ ଅବସ୍ଥାରେ ପଡ଼ି ରହିବା,

ଧଡ଼୍‌ଧଡ଼ିଆ ଅବସ୍ଥା

କେଗ୍ଗ —କ୍ରି. ଖଣ୍ଡିଆ କରିବା, ଫାଳ କରିବା,

କେଚେଦ୍—କ୍ରି. ଶେଷାଂଶ କାହାରି ଯିବା, ଛେଦ କରି ଶେଷ

କରିବା, କ୍ରି. ବିଂ. ଶେଷ

କେଚେର୍—କ୍ରି. ବିଂ. ଛେଚରା, ଖଣ୍ଡ ବିଖଣ୍ଡ ହେବା

କ୍ରି. ଛେଚରା ହୋଇଯିବା

କେଚେଲ୍—କ୍ରି. ପଣ୍ଡ୍‌କିଯିବା, ଖସି ପଡ଼ିବା

କେଟେଜ୍—ବିଂ. ଶକ୍ତ, ଟାଣୁଆ, ଦୃଢ଼, କ୍ରି. ବିଂ. ଟାଣୁଆ, ଦୃଢ଼

କେଟ୍‌କେଟେ—ବିଂ. ଖରା ବା ଅଣ୍ଟାରେ ଶକ୍ତ/ଟାଣ ହେବା

କେଟ୍ କେଟେ—କ୍ରି. ଠାଣୁଆ ଧରିବା

କେଟେ କେଟେ—ଅ. କରୁକଟେ କରୁକଟ୍ ଶବ୍ଦ

କେଡ୍‌ମେର୍—ବିଂ. କମ୍‌ଜୋର, ଦୁର୍ବଳ, କ୍ରି.ବିଂ. ଦୁର୍ବଳ

କ୍ରି. ବିଂ. ଦୁର୍ବଳ, କ୍ରି. ଦୁର୍ବଳ ହୋଇଯିବା, ନଇଁଯିବା

କେଡ୍‌ଉଂ—ବି. ତେଲୁଣି ପୋକ

କେଡେଃ—କ୍ରି. ଝୁଙ୍କି ପଡ଼ିବା, ବିଂ. ନଇଁବା

କେଡୁଲ୍—ବି. ଶାମୁକା, ବଳଦ ଗାଡ଼ିର ଲମ୍ବ ଦଣ୍ଡାକୁ ଧରି

ରଖିବାର ଲମ୍ବ ତଣ୍ଟା କାଠ

କେଦ୍—କ୍ରିୟାର ସହଯୋଗୀ ପଦ 'କରି' ଅର୍ଥରେ ଯୋଗ

କରାଯାଏ

କେତାବ୍—ବି. ପୁସ୍ତକ

କେଦ୍‌ସଓ୍ଵ—କ୍ରି. ପଞ୍ଚ ଲଗାଇବା, ଚଟରା ଉଟରା କରିବା

କେଦାର—ବି. କ୍ଷେତ (ଜମିକୁ ଆଡ଼ି ଦେଇ ବାନ୍ଧ କରି ଯେଉଁ

ଆବୃତ କରାଯାଏ ତାହା କେଦାର ଅଟେ) ଏକ ପ୍ରକାର କ୍ଷେତର ନାମ

କେଦାର୍‌କାଁଣି—ବି. ଏକ ପ୍ରକାର ଲତା, ସାମ୍‌ଦାନ୍ତ କାଠି ଲତା

କେଦୁ —ବି. ରାନ୍ଧି ଭୋଜନ, କ୍ରି. ରାନ୍ଧି ଭୋଜନ ତିଆର କରିବା

କେଦୁଃ ଆଲା —ବି. ଏକ ପ୍ରକାରର ଶାଗ, ଏହାକୁ ଖାଆନ୍ତି

କେନ୍‌ଅ—ଅ. କାହିଁକି

କେନ୍‌ତରା (କେନ୍‌ତ୍ରା)—ବିଂ. ଖଣ୍ଡିଆ, କମାଇବା

କ୍ରି. ଖଣ୍ଡିଆ କରିବା, କମାଇ ଦେବା

କେନ୍‌ଦେର୍‌ପେନ୍—ବିଂ. ଅସୁନ୍ଦରିଆ, ଅପରିଷ୍କାର

କେନାଲ୍—ବି. (ଇଂ) (canal) କେନାଲ୍, ନାଳ

କେନେକଟ୍—ବିଂ ସୁନ୍ଦର, ଖୁସି, କ୍ରି. ବିଂ. ସୁନ୍ଦର ରୂପରେ

ଖିଲ୍ ଖିଲ୍ କରି ହସିବା

କେନେର୍— କ୍ରି. ହଲିବା, ଦୋହଲିବା, ଉପର ତଳ ହୋଇ

ହଲିବା

କେପ୍—ବି. (ଇଂ) (cap) ଟୋପି

କେମନ୍—କ୍ରି.ବିଂ. କେମନ୍ତ, କପରି

କେର୍‌କେଟା—ବି. ଏକ ପ୍ରକାରର ଚଢ଼େଇ

କେସ୍—ବି. କେଶ, ଗୁଚ୍ଛା

କେସ୍‌ସିନ୍—ବି. କସ୍ତେସିନ

କେସ୍ନ—ବି. କସ୍ଣୀ

କେରେ—କ୍ରି.ବିଂ. ଓଜନଦାର

କେରେକେରେ—କ୍ରି. ଓଜନଦାର ଜନିଷ ବୋହିବା ପ୍ରକ୍ରିୟା

କେଲା—ବି. କେଲା, ଜାତିବିଶେଷ

କେଲ.ହାଦ—ଖପର୍, ଖପର୍ଖଣ୍ଡ

କେଲେ—ବି. ଏକ ପ୍ରକାର ଧାନର ନାମ

କେସାର୍ତୁ—ବିଂ. ହାଲ, ଅଧୁରା, କ୍ରି.ବିଂ. ହାଲ, ଅଧୁରା

କେସାଶ—ବି. ଖେସାରି (ଡାଲି)

କେସର୍ଆଳୁ—ବି. ମିଠାକନ୍ଦା, ଶଙ୍ଖ ଆଳୁ

କେହେନାଓଁ—କ୍ରି. ବହୁତ ଜୋରରେ ହେବା, ମାରିବା, ପିଟିବା
କ୍ରି.ବିଂ. ଅଧିକଜୋର, ଝର୍ଝୁମ୍

ଉ: କେହେନାଓଁ ଆଡେ ବା ୦ ଏବାସ୍ତୁ - ଅଧିକ ଜୋର,
ଝର୍ଝୁମ ବର୍ଷା ହେଉଛି

କେହେଁ—ବି. ଶଙ୍ଖଚଲି

କେହେଁର୍ କେହେଁର—ଅ. ଖୁଁ ଖୁଁ, ଶବ୍ଦବାଚକ ପଦ-ଖେଁ ଖେଁ

କେଁହେଁର୍ କେଁହେଁର—କ୍ରି ବିଂ. ନିସ୍ତୁକ କାଶିବା, ଧମାଧମ
କାଶ ହେବା

## ଖ

ଖଅ—ଅ. ଖଅ-ହଁ ହଁ ଶବ୍ଦ

ଖଆଲ୍—ବି. ଖୁଆଡ଼, କାଶ୍ତିଆଡୁବା

ଖଇ—ବି. ଖଇ, ଲିଆ, ଧାନଆଦି ଭଜା

ଅ ୦ ଖ ୦ —ଅ. ଖୁସିର ମନଖୋଲା ହସର ଶବ୍ଦ - ଖଃ ଖଃ

ଖକ୍ରଅ—ବି. ପୋଲା, କୋରଡ଼

ଖକ୍ସାଓଁ—କ୍ରି. ଖୋଲ କୋରଡ଼ ତିଆରି କରିବା

ଖକ୍ର ୦ —କ୍ରି.ବିଂ. କୋରଡ଼ ହେବା, ସ୍ୱାନବଲ ହେବା,
ଦୁର୍ବଳ ହେବା

ଖକ୍ସା—ବିଂ. ଦୁର୍ବଳ, ଦେହ ଝଡ଼ିବା, କ୍ରି. ଦୁର୍ବଳ ହେବା,
ଝଡ଼ିଯିବା

ଖଚ.ଅ—ବିଂ. ଦୁର୍ନାମ, ଅନ୍ୟ ବିଷୟରେ ମିଛ ସତ କହିବା
ଦୋଷ ଦେବା

ଖଗ୍—ବି. ଖୁଣ୍ଟା

ଖଁଚର—ବି. ଖଚର, ଗଧ

ଖଚର ଖଚର୍—ଅ. (ଶବ୍ଦ ସୂଚକ ପଦ) ଖଚ ଖଚ ଶବ୍ଦ
ଯାହାକ ସୃଷ୍ଟିଇବା ଓ ବାହାର କରିବା
ଦ୍ୱାରା ବାହାରେ

ଖଜ୍—କ୍ରି. ଖୋଜିବା

ଖଜ୍ଜା—କ୍ରି. ଖାଲରେ ପଡ଼ିବା ବିଂ. ଜ୍ୱର ହେବୁ ଓହ୍ଲାଇବା,
ବି. ଖାଲ

ଖଖଜ୍—କ୍ରି.ବିଂ. ଖୋଜିବା, ବିଂ. ଖୋଜା ହେଉଥିବା

ଖଜାର୍—ବିଂ. ପସ୍ତରିବା, ତଲାସ୍ କରିବା

ଖଜର୍ହା.କୁ—ବି. ଖଜର୍ ମାଛ, ଏ ମାଛ ପାହାଡ଼ିଆ ନଦୀରେ
ମିଳନ୍ତି

ଖଞ୍ଜ—କ୍ରି. ଫିକର କରିବା

ଖଞ୍ଜା—କ୍ରି. ନାଗୁଆ, ସବୁଦିନ କାମ କରିବାକୁ ନିଯୁକ୍ତ

ଖଞ୍ଜାସ୍—କ୍ରି. ଯୋଡ଼ିବା

ଉ: ବାବେର୍ ଖଞ୍ଜାସ୍ ମେ - ଦଉଡ଼ି ଯୋଡ଼ି ଦିଅ

ଖଞ୍ଜା—ବି. ଗଣ୍ଠି, ସନ୍ଧି, ହାଡ, ଗୋଡ଼ର ଯୋଡ଼ି ସ୍ଥାନ

ଖଞ୍ଜା—ବିଂ. ଯୋଡ଼ା

ଉ: ଖଞ୍ଜା ଅଲା ୦ - ଯୋଡ଼ା ଘର (ଖଞ୍ଜାଘର)

ଖଞ୍ଜଣି—ବି. ଖଞ୍ଜଣୀ (ବାଜା)

ଖଟ୍—ଅ. ଖଟ (ଶବ୍ଦ ବିଶେଷ)

ଖଟାଓଁଃ—କ୍ରି. ଖଟିବା, କାମ କରିବା

ଖଟାଓଁ—କ୍ରି. ଖଟାଇବା, କାମ କରାଇବା

ଖଃଟାଓଁ—କ୍ରି.ବିଂ. ଖଟିବାର ପ୍ରକ୍ରିୟା

ଖଟ୍ରାଓଁ—କ୍ରି. ଖୋଦନ କରିବା, ଧୀରେ ଖୋଳିବା

ଖଟା—କ୍ରି. ଅରୁଣା କଥାକୁ ବୋହରାଇବା, ଖୁଣ୍ଟା ଦେବା

ଖଡ଼ରାଓ—କ୍ରି. କାଟି କାଟି ବା ଆଞ୍ଚୁଡ଼ି ଖାଲ୍ କରିବା,
ଛେଦ କରିବା

ଖଡ୍—ବି. ଖଡ଼, ନଡ଼ା

ଖଡ଼ି—ବି. ଖଡ଼ି

ଖଣ୍ଡେଁ—ବିଂ. ଭେଡ଼ା, କଣା

ଖଣ୍ଢ—ବି. ଖଣ୍ଢ, ଦୁଇ ମୁନଆଁ ଖୋଳିବା ଯନ୍ତ୍ର,
ଶ୍ରେଷ୍ଠ ଶାବଳ

ଖଣା—ବି. ଖାତ, ଖାଲ

ଖଣି—ବି. ଖଣି, ଖାଦାନ

ଖ-ଣ୍ଡ୍—ବି. ପୂଜାପୀଠରେ ମୁରୁଜ ରଚନା

ଖତ୍—ବି. ଖତ

ଖତଖା.ଶିଆ—ବି. ଗୋବର ଗଣ୍ଡିଆ

ଖତ୍ର∞—ବିଂ. ଅସାବଧାନ, କ୍ରି. ବିଂ. ଅସାବଧାନତା ବଶତଃ

ଖତ୍ସ—ବିଂ. ବରବାଦ୍, ନଷ୍ଟ, ଖଣ୍ଡ, ଖରାପ

ଖତ୍ସ∞—କ୍ରି. ବିଂ. ବରବାଦ, ନଷ୍ଟ, ଖଣ୍ଡ, ଖରାପ (ହେବା)

ଖତମ୍—କ୍ରି. ଶେଷ କରିବା, ମାରିଦେବା

ଖଢସ୍ଥାନ୍—ବି. ଖଢସ୍ଥାନ୍

ଖଦ୍—ଅ. କଡା, ଟୁକୁଡ଼ା, ଅଂଶ, ନାଟକର ଅଙ୍କ

ଖଦ୍ ଖଦ୍—କ୍ରି. ବିଂ. ଅଲଗା ଅଲଗା କରି

ଖଦା—କ୍ରି. ଖୋଦନ କରିବା, ଚଟା କୁଟାଇବା

ଖଦା—ବି. ଚଟା କୁଟାଇବାର ଦାଗ ବା ଚିହ୍ନ

ଖଦ୍ସ—ବି. ଖଦଡ଼ା

ଖଦ୍ଧ—ବି. ଖଦୀ, ଖଦଡ଼ ଲୁଗାର ଧୋତି

ଖଦେ—ବି. ଖୁଦ (ଚୂର୍ଣ୍ଣ ବିଚୂର୍ଣ୍ଣ ଚାଉଳ)

ଖନ୍—ବିଭକ୍ତି ସୂଚକ ପଦ, ରୁ, ଠାରୁ, ଠି, ଠୁଁ

ଖନ୍ତା—ବି. ଅଳ୍ପ ଲମ୍ବର ଚେପ୍ଟା ଶାବଳ, ଖଣ୍ଢ

ଖନ୍ତାବନ୍ଧ∞—ବିଂ. ଚେପ୍ଟା ମୁଣ୍ଡିଆ

ଖନା—ବିଂ. ଖନା

ଖନା∞, ଖନା°—ଅ. ଠାରୁ

ଖନ୍ନ—ବି. ଖନୀ (ସ୍ତ୍ରୀ ଲିଙ୍ଗ)

ଖ-ସ୍ତା∞—ବିଂ. ଫମ୍ପା, ପୋଲ, କ୍ରି. ପୋଲ ହେବା

ଉ: ଜ ଖ-ସ୍ତା∞ ରେସ୍ତୋ - ଫଳ ଫମ୍ପା ଅଛି

ଖପ୍—କ୍ରି. ବିଂ. ଟ୍ଅଚ୍, ଟ୍ଚ୍, ଚଟ୍ (କରି) (ଚଞ୍ଚଳତାସହ)

ଖପର୍—ବି. ଖପର (tile)

ଖବ୍—ଅ. ଲାଗୁବା, ଶାବଳ ଭୁଷିବା ଆଦିର ପଶିବା ଶବ୍ଦ

ଖବାଓ୍ ଦାଲେ—ବି. ଛେଦ କରି ପାରିବାର ଶସ୍ତ୍ର,
ପୁରାଇବାର ଶସ୍ତ୍ର

କ୍ରି. ପାରିବାର ଶସ୍ତ୍ର ପ୍ରୟୋଗ କରିବା, ଛେଦବାର ଶସ୍ତ୍ର ପ୍ରୟୋଗ
କରିବା

କବାଓ୍—କ୍ରି. ଛେଦବା

ଖବର୍—ବି. ଖବର

ଖବର କାଗଜ୍—ବି. ଖବର କାଗଜ

ଖବର୍ଦାର—ବି. ଖବରଦାର, ହୁସିଆର

ଖମ୍ବ ଅ—ବି. ଖମ୍ବ

ଖର୍ଖର୍—କ୍ରି.ବିଂ. ଶୀଘ୍ର ଶୀଘ୍ର, ଚଞ୍ଚଳ ଚଞ୍ଚଳ

ଖରଚ୍—କ୍ରି. ଖର୍ଚ୍ଚ କରିବା

ଖର୍ଚ୍ଚ—ବି. ଖାଦ୍ୟ, ଅନ୍ନ, ଖାଇବା ପିଇବା ବ୍ୟବସ୍ଥା

ଖରନା—ବିଂ. ଲୁଣିଆ

ଖଲ୍ଧା—ବିଂ. ଲେଙ୍ଗଡ଼ା, ଖୋଟା

ଖଲମ୍—ବି. ଖଲ୍ଲମ

ଖସ୍ହା.ଲୁ—ବି. କଇମାଛ

ଖସ୍ସ୍ତା—ବି. ପୋଲା, ଫମ୍ପା

ଖଲ୍—ବି. ଗୁମ୍ଫା

ଖଲ୍ଓ୍—କ୍ରି. ଭାଙ୍ଗିବା, ଖୋଳିବା

ଖଃଲ୍ଓ୍—କ୍ରି.ବିଂ. ଭାଙ୍ଗିବା ପ୍ରକ୍ରିୟା ବିଂ. ଭାଙ୍ଗିବା

ଖଲ୍ପ୍—କ୍ରି. ମୁକୁଳିବା, ବାହାର କରିବା, ଛାଡ଼ି ମିଳିବା

ଖଲ୍ପି—ବି. ଯେ ଜିନିଷ ବାହାର କରେ

ଖସ୍ ଖସ୍—ଅ. ଖସ୍ ଖସ୍

ଖସାଓ୍—କ୍ରି. କମାଇବା, ଓହ୍ଲାଇବା

ଖସଡ଼ା – ବି. ଖସଡ଼ା, ଡାଲିଦା, କ୍ରି. ଖସରିବା, ଖସରି(ଡ଼ି)ବା

ଉ: ଖସଡା ହର୍ - ଖସଡ଼ା ବାଟ

ଖସର୍ଓ୍—କ୍ରି. ଖସିଯିବା, ଟାଣିକରି କିଛି ଦୂର ନେବା

ଖାଓଆଓ୍—କ୍ରି. ଖୁଆଇବା

ଖା.ଇ—ବି. ଖାଇ, ଖାତ

ଖାକ୍—କ୍ରି. ଖାର ହୋଇଯିବା

ଖା.ଙ—ବିଂ. ଖାଙ୍କ (ରଙ୍ଗ)

ଖା.ଚ୍‌ଲ୍‌. ଂ—ବି. ପାଛୁଆ

ଖାଗୁଓ—କ୍ରି. ଖଞ୍ଜିବା, ଟାଣିବା, କେଶ୍ପ କେଶ୍ପ ଭର୍ତ୍ତି କରିବା

ଖାଞ୍ଚା—ବି. ପଞ୍ଜୁରି

ଖାଞ୍ଚି—ବି. ଟୋକେଇ

ଖା.ଜା.ଲ—ବି. ମୁଢ଼ି

ଖା.ଜା.ଲ ଆଡାସ୍‌—କ୍ରି. ମୁଢ଼ି ଭାଜିବା

ଖାଜ୍‌ନା—ବି. କର, ଖଜଣା

ଖାଜ୍‌ଅ—କ୍ରି. ପାଣିରେ ଜିନିଷ ପକାଇବା, ଅନ୍ୟ ଜିନିଷ ଥିବା ପାତ୍ରରେ କିଛି ଜିନିଷ ପକାଇବା

ଖା-ଞ୍ଜ୍—ବି. କୁଞ୍ଚଲ (crease)

ଖାଞ୍ଜଜଅ—କ୍ରି. ପାଣିରୁ ଜିନିଷ ପକାଇବା

ଖା.ଟ୍‌ଅ—କ୍ରି ଲମ୍ବରେ କମାଇବା, ବିଂ. କମ୍ ଲମ୍ବ

ଖା.ଟ୍‌ଲ୍‌ ଂ—ବି. ଛୋଟ ଖଟିଆ

ଖାଟାଓ୍ୱ—କ୍ରି. ଖଟିବା, ପରିଶ୍ରମ କରିବା

ଖା ଂ ଟାଓ୍ୱ—କ୍ରି. ବିଂ. ଖଟାଇବା, ପରିଶ୍ରମ କରାଇବା

ଖାଟାନି—ବି. ଖଟଣି, ଶ୍ରମ

ଖା.ଟି—ବି. ଶୁଦ୍ଧ, ଖାଣ୍ଟି

ଖା.ଟି ଂ—କ୍ରି. ଶୁଦ୍ଧି ହେବା

ଖା.ଟୁଓ୍ୱ—କ୍ରି. ବିଂ. କଠିନ ପରିଶ୍ରମ, କ୍ଷିପ୍ର ବେଗରେ କାର୍ଯ୍ୟ କରିବା

ଖା.ଡା—ବି. ବୋଡ୍ଡା ଡାଙ୍ଗି

ଖାଡାଆଲା ଂ—ବି. ଖଡ଼ା ଶାଗ

ଖାଡ୍‌ଗୁ—ବିଂ. ବଡ଼ ବାଳର କୁକୁଡ଼ା, ଘୁଷୁରି, କୁକୁର ଆଦି ପଶୁ ପକ୍ଷୀ, ବଡ଼ ପତ୍ରଥିବା ଗଛ

ଖା.ଡ଼—ବି. ବାଜା ବଜାଇବା କାଠି

ଖା.ଡୁ—କ୍ରି. ପିଠିରେ ଟିଲ୍ଲ ବସିବା, ପିଠିରେ ବସାଇବା

ଖା.ଡୁଆ.—ବି. ଖଡୁ, ବାଜୁ ଅଲଙ୍କାର ବିଶେଷ

ଖାଡେଓ୍ୱା—ବି. ଖଡ଼ୁଆ ଜାତିବିଶେଷ

ଖାଣା—ବି. ଖାତ, ଖାଲ

ଖାଣିସୁଁ—ବି. ଗାଡ଼, ଛୋଟଖାଲ

ଖାଣ୍ଡ୍—ବି. କୁହୁଁବା ଦାଗ

ଖାଣ୍ଡଅ—ବି. ଅଳ୍ପ କିଛି ଦାନ୍ତ ଝଡ଼ିଯାଇଥିବା ପାଟି

ଖାଣ୍ଡା—ବି. ଖଣ୍ଡା, ତଲୁଆର୍

ଖାଣ୍ଡା ଲୁଗୁଲି—ବି. ସ୍ୱତନ୍ତ୍ର ୭ ହାତ ୯ ହାତ, ୧୨ ହାତ ମୋଟା ସୂତାର ତନ୍ତ ବୁଣା ଶାଢ଼ୀ ସମୂହ/ଏଗୁଡ଼ିକୁ ସାନ୍ତାଳ ଲୋକ ବିବାହ ବେଳେ କନ୍ୟାର ପଣ ବାବଦକୁ କନ୍ୟା ଘରକୁ ଦେଇଥା'ନ୍ତି

ଖାଣ୍ଡିଆ—ବିଂ. ଖଣ୍ଡିଆ, କ୍ରି. ଖଣ୍ଡିଆ କରିବା

ଖାଣ୍ଡେରସ୍ୱ୍—ବି. ହାସ୍ୟରସ ପରିବେଶକ ନାମ ବିଶେଷ

ଖାତର୍—କ୍ରି. ବିଂ. ଖାତିର୍, ମାନ୍ୟ, କ୍ରି. ଖାତିର କରିବା ମାନ୍ୟ କରିବା

ଖାଡା—ବି. ଖାଡା, ସ୍ତର

ଖାଡା ଖାଡା—ବି. ଦଳ ଦଳ, ସ୍ତର ସ୍ତର

ଖା.ଥିର୍—ଅ. ପାଇଁ, ଲାଗି, ନିମନ୍ତେ

ଖା.ଦ୍—ବି. ଖାଦ, ଅବଶେଷ ବହୁଳ ଜିନିଷ, ଅପରିଷ୍କାର

ଖା.ଦ୍‌କାସ୍ୱା—ବିଂ. ତମାଖୁ ଖାଇବା ବାଲା

ଖା.ଦ—କ୍ରି. କାଠ ଖଣ୍ଡିଆ କରିବା, ଖଦି ଲୁଗା

ଖା.ଦଆଡ୍—ବି. ଶୀତ ଲୁଗା, କମ୍ବଳ

ଖାଦ୍‌ଖାଦାଓ—କ୍ରି. ହୁସର କୋଳାହଳ

ଖାଦ୍ ଖାଦ୍ (ଲସଦ୍)—ବିଂ ପଚପଚିଆ (କାଦୁଅ)

ଖାଦ୍‌ଲେ—କ୍ରି. ପାଣି ପାତ୍ରରେ ପକାଇବା

ଖାଦ୍‌ଲେମେସା—କ୍ରି. ପକାଇ ମିଶ୍ରଣ କରିବା

ଖାନ୍—ଅ. ତେବେ, ଯଦି

ଖାନ୍‌ଡା—ବି. କନ୍ଥା

ଖାନ୍‌ଟାଲ୍—ବି. ପଣସ

ଖା.ନ୍‌ଡ଼ଓ୍ୱା—ବିଂ. ବିଚ୍ଛିନ୍ନ କରାଯାଇଥିବା କ୍ରି. ବିଚ୍ଛିନ୍ନ କରିବା, ଅଲଗା କରିବା

ଖାନ୍‌ଡାଓ୍ୱ—କ୍ରି. ଖଣ୍ଡିଆ କରିବା, ସମସ୍ତ ବତାଇବା

ଖା.ନ୍‌ଡ଼—ବି. ଏକ ପ୍ରକାର ଶାଢ଼ୀ, କ୍ରି. ଗୋଟି ଡାବଲ ଖେଳ, ଗୋଟିକୁ ମାରିବା

ଖା.ନ୍‌ଡ଼ନ୍—କ୍ରି. କ୍ଷେତ ତିଆରି କରିବା, ଜମି ନେବା, ଖଣ୍ଡ କରିବା

ଖାନ୍ଡୁଆ ∽ —ବି. ଲୁଗାର ଖଣ୍ଡିଆ ଜଳା
ଖା.ନ୍ଦ୍ରି—ବି°. ଗନ୍ଧୁଗ୍ଧିଆ, କ୍ରି. ଗନ୍ଧୁଗ୍ଧିଆ ହେବା
ଖା.ନଦ୍ଧ—ବି°. ଚେପଟା ନାକ, ଚେପଟି ନାକ
ଖା.ନ୍ଡୁଆ.—କ୍ରି. ଖଣ୍ଡିଆ ହେବା, ଏକ ପାଖିଆ ଖଣ୍ଡିଆ ହେବା
ଖା.ନ୍ଗି—ବି. ମା ବାପାଙ୍କୁ ଦେବା ଜମି ବି° —ଛଟକ (ସ୍ତ୍ରୀ)
ଖାପ୍—ବି. ଖୋପ
ଖାପ୍‌ଅ—ବି. ମେଳ ହେବା, ମେଳ ଖାଇବା
ଖା.ପି – କ୍ରି. ଖୁଣ୍ଟରେ ଖୋପ (ଖାଲ) କରିବା
**ଖାପାର୍—ବି. ଟାଇଲ୍**
**ଖାପାର୍‌ଓଲା ∽ —ବି. ଟାଇଲଘର**
**ଖାପାର୍‌ଆଲା ∽ —ବି. ପୁରୁଣି ଶାଗ**
ଖାପ୍‌ସ୍ରା—ବି. ଖପରା
ଖା.ପିର୍—ବି. ଖପୁରି, ମୁଣ୍ଡର ଖପୁରି
ଖା.ପୁଆ.—ବି°. କୁନ୍ଥାଇଥିବା, ଚପି ରହିଥିବା, ପଶିଯାଇଥିବା (ପାଟି) ପାକୁଆ
ଖାବ୍—ଅ. ଚଟ୍, ଶୀଘ୍ର, quickly
ଖାବ୍ ଖାବ୍—ଅ. ଚଟ୍ ଚଟ୍, ଶୀଘ୍ର ଶୀଘ୍ର
ଖାବଲ—ବି. ଫୋପାଡ଼ିବା ବାଙ୍ଗ, ଫୋପାଡ଼ିବା ଖଣ୍ଡିଆ ଡାଲ
ଖାବ୍‌ଲ୍‌ଓ—କ୍ରି. ଅଣ୍ଟରେ ଖୁଣ୍ଟିବା, ଖୁମ୍ପିବା, ଚଟ୍ କରି ଉଠାଇ ନେବା
ଖାମ୍—ବି. ଲଫାପା
ଖାମ୍—କ୍ରି. ନଷ୍ଟ କରିବା, ଖଣ୍ଡିଆ କରିଦେବା
ଖାମ୍‌ଖୁଣ୍ଟି—ବି. ମୁଖ୍ୟ ଖୁଣ୍ଟ
ଖାମ୍‌ଖେଆଲ୍—ବି°. ଖାମଖିଆଲ, ମନମୁଖି, ମନୁଆ
ଖାମାର୍—ବି. ଖମାର
ଖାମି—ବି°. ନଷ୍ଟ, ଖଣ୍ଡିଆ କ୍ରି. ନଷ୍ଟ ହେବା, ଖଣ୍ଡିଆ ହେବା
ଖା ମିଦ୍—ବି. ମାଲିକ ବି°. ମୁଖ୍ୟ, ପ୍ରଧାନ
ଖାଁସ୍ରୁ ∽ —ବି°. ଖାଇ, ଗନ୍ଧୁଆ ଖାଲ
ଖାସ୍ଁଭୁଆ—ବି°. ଖାଉରିଆ, (ଖାଲି ସେ ଖାଏ, କିଛି କାମ କରେ ନାହିଁ)

ଖାସ୍‌ଖସ୍—କ୍ରି. ଫୁସ୍‌ଫୁସ୍ କରି କହିବା, କ୍ରି.ବି. ଫୁସଲାଇବା
ଖାସ୍‌ଖାସ୍—କ୍ରି.ବି. ଅତିଶକ୍ତ (ଅଗ୍ରିବ)
ଉ: ଖାସ୍ ଖାସ୍ ରେଙ୍ଗେଜ୍ ଦନ୍ - ଅତିଶକ୍ତ ଅଗ୍ରିବ ଦନ
ଖାସ୍ ପିଲାଃ—ବି°. ପେଟୁ
ଖାସ୍ବାର—ବି. ଖଇର
ଖାସ୍ ∽ —କ୍ରି. ଲୁଣ୍ଠି ନେବା, ରଗଡ଼ି କରି ନେବା
ଖା.ସ୍‌ପା ∽ ଖୁସ୍‌ପା ∽ —ବି. ଅସମତଳ, ଉଠିଥିବା ଦବିଥିବା ଅବସ୍ଥା
ଖା.ସ୍ପୁଃ—ବି°. ଭିତରକୁ ଦବିଥିବା, ମୋଡ଼ିଯାଇ ଦବିଥିବା କ୍ରି. ଭିତରକୁ ପଶିଯିବା (ପେଟ)
ଖାସ୍‌ଗ୍ରା—ବି°. ଖଇର ରଙ୍ଗିଆ
ଖାସ୍‌ଦା ∽ ଖୁସ୍‌ଦୁଃ—ବି°. ଖଦ୍‌ଖଦଡ଼ିଆ, ଅସମତଳ
ଖାଁସ୍‌ଦୁଃ—ବି°. ବହୁତ ଗନ୍ଧୁଆ, କ୍ରି. ବହୁତ ଗନ୍ଧୁଆ ହେବା
ଖାର୍—ଅ. ପଟ୍‌କରି, ଫସ୍‌କନା
ଉ: ଖାର୍‌ମେନ୍ତେ ବଣ୍ଡିଭେଞ୍ଜ୍ ଗେଦ୍‌ଏନା ଫସ୍‌କନା ପନଖିରେ କାଟି ହେଲା
ଖାର୍‌କାହ୍ଲା—ବି°. ଦକ୍ଷ, କର୍ମକୁଶଳତା
ଖାରନାହ୍ଲା—ବି°. ତେଜ
ଖାର୍‌ପା—ବି. ଚପ୍‌ପଲ
ଖାର୍‌ପାଃ—ଚପ୍‌ପଲ ପିନ୍ଧିବା
ଖାରକ୍—ବି. ଖାରକ୍
ଖାସ୍ର—ବି° ଲୁଣିଆ
ଖାସ୍ରଦନ୍—ବି. ଖସ୍ରଦନ, ଅଶୁଭବେଳା
ଖାସ୍ରଓ—କ୍ରି. ପୋଡ଼ିଯିବା, ଅଧା ଜଳିଯିବା, ଲୁଣିଆ କରିବା
ଉ: ଆଲା ∽ ଉଲୁ ଖାସ୍ରଓ କେଦ୍‌ଆସ୍ - ଶାଗ ତରକାରି ଦରପୋଡ଼ା କରି ଦେଲା, ଶାଗ ତରକାରି ଲୁଣିଆ କରିଦେଲା
ଖାର୍‌ବାଓ—କ୍ରି. ନଷ୍ଟ କରିବା, ଖରାପ କରିଦେବା
ଖାସ୍ର ∽ —ବି. ଖଙ୍କାର

ଖାରେନ୍—ବି. ମାଡ଼ି, କ୍ରି. ମାଡ଼ି ଉଠିବା
ଖାର୍ଏନ୍—କ୍ରି. ଚମଡ଼ା ଆଞ୍ଚୁଡ଼ିଯିବା
ଖା.ସ୍ରସ୍ (ଇ)—ବି. ଝଲା
ଖା.ସ୍ରସ୍.ଲ ଂ—କ୍ରି. ଝଲା ଗୁଞ୍ଚିବା
ଖା.ଣ—ବି. ଏକ ହଜାର ତିନିଶହ ଷାଠିଏ ସଂଖ୍ୟା
କ୍ରି. ଏକ ହଜାର ତିନିଶହ ଷାଠିଏ ଗଣତିରେ ହେବା
ଖା.ରୁଆ.—ବିଂ. ଲୁଣିଆ
ଖା.ଲ୍—କ୍ରି. (ଘରେ) ପୁରାଇବା, (ଗୁହାଳରେ) ପୁରାଇବା ଗୁହାଳରେ ଖୁଆଡ଼ ଦେବା
ଖା.ଲ୍ଦୁ ଂ—ବି. ଗ୍ଲେଞ୍ଚା, କ୍ରି. ଗ୍ଲେଞ୍ଚାଇବା
ଖାଲସ୍—ବି. ଖାଲେଇ
ଖା.ଲ—କ୍ରି. ତେଲପାଣି ଦେଖିବା, ଝଞ୍ଜି ପକାଇ (ଭବିଷ୍ୟତ) ଦେଖିବା
ଖାଃ.ଲଇକ୍—ବି. ଝଞ୍ଜିକରିବା ବାଲା, ଗଣକ
ଖା.ଲ ମାଟି—ବି. ଖଡ଼ି ମାଟି (ଧଳା ମାଟି)
ଖାଲ୍—କ୍ରି. ମଲପଶୁଙ୍କ ଛାଲ ଉତାରିବା, ଛାଲିବା
ଖାଲ ଂ—ବି. ପଣ ତିଆରି କଡ଼ଦୁନା
ଖାଲଗ୍—କ୍ରି. ପଣ ଦ୍ୱାରା ବଡ଼ ଦୁନା ତିଆରି କରିବା
ଖାଲସ୍—କ୍ରି. ଖଲାସ୍ ହେବା, ମୁକ୍ତ ହେବା
ଖା.ଲି—ବିଂ. ମିଛ, ଖାଲି
ଖା.ଲି ନାହାଃ—ଅ. ଏମିତି ଖାଲି, କ୍ରି. ବିଂ. ଏମିତି ଖାଲି ହୋଇଯିବା
ଖାଓ୍ୱାଖାଓ୍ୱ—କ୍ରି. ଖାଇବାର ଲାଳସା କରିବା
କ୍ରି. ବିଂ. ଅଧିକ ଖାଇବାକୁ ଇଚ୍ଛା କରିବା
ଖାଓଆଓ୍ୱ—କ୍ରି. ଖୁଆଇବା
ଖାବାର୍—ବି. ଖାଇବାର ଖାଦ୍ୟ
ଖାସ୍—ବିଂ. ବିଶେଷ, ନିଜର, ବି. କୁଣ୍ଡାଇ ହେବା
ଖାସ୍ମାହାଲ୍—ବି. ଖାସ୍ ମାହାଲ୍
ଖାସ୍ତାଚଜା—ବି. ଏକ ପ୍ରକାର ମିଠାଇ
ଖାଧା—ବିଂ. ବଢ଼ିଆ, ପ୍ରଫୁଲ୍ଲିତ

ଖାକୋସିଆ—ବିଂ. ଦୁର୍ବଳିଆ
ଖାଁକ୍—କ୍ରି. ପେଟରେ କିଛି ନ ଥିବା, ଦରସିବା
ଖାଗା—ବି. ବାଜୁ
ଖାଗାଲ୍ ଖୁଗାଲ୍—କ୍ରି. ବିଂ. ପୂର୍ଣ୍ଣତଃ ନଷ୍ଟ, କ୍ରି. ନଷ୍ଟ ହେବା ଖର୍ଣ୍ଣି ଚୁର୍ଣ୍ଣ ଯିବା
ଖାଡ଼ାଂ—ବି. ଏକ ପ୍ରକାରର ବଣ ଘାସ, ବିଂ. ଇଚ୍ଛୁକ, ଉତ୍ସାହ
ଖିଅ—ବି. ମୂଳ ସୂତ୍ର, ସୂତାର ଧର
ଖିସ୍ୱା.ଓ୍ୱ—କ୍ରି. ରୁଷ୍ଟ ହେବା
ଖିକାଲ—ବି. କୋକଶିଆଳ
ଖିକ୍ଲି—ବିଂ. ଦୁର୍ବଳ
ଖିଚ୍ଖିଚ—କ୍ରି. ବିଂ. ବକର ବକର
ଖିଚଣ୍ଡି—ବି. ଖେଚୁଡ଼ି
ଖିଚଣ୍ଡି—କ୍ରି. ମିଶାମିଶି ହେବା, ଖେଚୁଡ଼ି ତିଆରି କରିବା
ଖିଜ୍ରସ୍ଥା—ବି. ଏକ ପ୍ରକାର ଦୋଲ୍ଗା ପକ୍ଷୀ
ଖିଜ୍ଲା.ଓ୍ୱ—କ୍ରି. ହଇରାଣ କରିବା, ଡରାଇବା
ଖିଜୁର୍—ବି. ଖଜୁର
ଖିଜୁରସ୍ଥା.—ବି, ଖଜୁରିଆ ଜାତି ବିଶେଷ
ଖିଟ୍କଣୀ—ବି. ଖିଟ୍କଣି
ଖିଡ଼କ—ବି. ଖିଡ଼କି
ଖିଡ଼ଲି—ବି. ଖିଟ୍କଣି, କ୍ରି. ଖିଟ୍କଣି ଦିଆରିବା
ଖିଢ—ବି. କ୍ଷତ
ଖିଦ୍ଖିଦାଉ—କ୍ରି. ଶୀଘ୍ର ପଳାୟନ କରିବା, ଅନ୍ୟ ପଛରେ ଗୋଡ଼ାଇବା
ଖିଦ୍ମତ୍—ବି. ସେବା, ପରିଚର୍ଯ୍ୟା, କ୍ରି. ସେବା ପରିଚର୍ଯ୍ୟା କରିବା
ଖିସ୍ଖସ୍—ବିଂ. ଚପା ଗଳାର ଆବାଜ୍, କ୍ରି. ବିଂ. ଚପା ଆବାଜ୍ ହେବା (ଶବ୍ଦ)
ଖିୟାଉ—କ୍ରି. ଖୁଆଇବା, ରୁଷ୍ଟ ହେବା ଛିନ୍ଛତର କରିବା, ଖିନ୍ଭିନ୍ କରିବା
ଖିନ୍ଭିନ୍—ବି. ଖିନଭିନ୍, ଛିନଛତର
ଖିୟାଉ ପିଆଉ—କ୍ରି. ବିଂ. ଖୁଆଇ ପିଆଇ
ଖିର୍—ବି. କ୍ଷୀର
ଖିସ.—ବି. ଖିସ୍ସା

ଖିଲଅ.ଉ—କ୍ରି. ଖେଲେଇବା, ଖେଲେଇ ଦେବା

ଉ: କାଡ଼ାନ୍‌ତାସ୍ୟମ ଦୁଲୁଗାଛି ଖିଲଅ.ଉ କା ॰ ପେ -

ବାହୁଡ଼ାପରେ ଧାନ ବୁଆଳଙ୍କୁ ଖେଲେଇ ଦେବା

ଖିଲ୍.—ବି. ଜଲା

ଖିଲ୍.ଉଇକ୍—କ୍ରି. ଜଲାଦେଇ ଶକ୍ତ କରିଦେବା

ଖିଲଣ୍—କ୍ରି. ଖିଲ୍ଲଣ କରିବା

ଖିଲ୍.ଉ—କ୍ରି. ମୁଥମାରିବା

ଖିଲଲ୍—ବି. ଖେଲ

ଖିଲଡ଼ିୟୁ—ବିଂ. ଖେଳପ୍ରିୟ

ଖିଲଂଡ଼ିୟୁ—ବି. ଖେଳୁଆଡ଼

ଖିଲ୍.କାନ୍ଦି—ବି. ଖିଲଦିଆ ହାତଖଣ୍ଡୁ

ଖିଲ୍‌କାଠ—ବି. ଖିଲକାଠ

ଖିଲ୍‌ଡୁ—କ୍ରି. ଅପଯରେ ଖେଲବା

ଖିଆଲ୍—ବିଂ. ମନ, ହେତୁ

ଉ: ଇଞ୍ଜାଃ ଖିଆଲ ବାନୁଆ - ମୋର ହେତୁ ନାହିଁ

ଖିବ୍‌ଲାଉ—କ୍ରି. କଣ୍ଟୁକିଆ କହିବା

ଖିବ୍‌ଲଖିବ୍‌ଲ—କ୍ରି. ଏଣ୍ଡୁ ତେଣ୍ଡୁ ଗୁଡ଼ାଏ ବକବା, ଗାଲିକରି

ଖିଲ— ବି. ଖିଲ, ଗୋଜ

ଖିଲ୍‌ପ୍—କ୍ରି. ଖିଲ୍ଲପ କରିବା

ଖିଲ୍‌ଟଂ ଖଲଟଂ—ବିଂ. ଟେଢ଼ା ମେଢ଼ା

କ୍ରି. ବି. ଟେଢ଼ା ମେଢ଼ା

ଖୁଆ—ବି. ଖୁଆ, ଇଟା ଓ ପଥରକୁ ଖିଙ୍ଗି ଛୋଟ ଛୋଟ କରିବା

ଖୁଆ.ଉ— କ୍ରି. ଖୁଆଇବା, ମିଳାଇବା

ଖୁଙ୍ଗି—ବି. ମଲଗୁ, ମଇଲା

ଖୁଚର୍.—ବିଂ. ଛୋଟ ଛୋଟ କରିବା, ଚୁକୁରୁ, ଖୁଚୁରୁ

ଖୁଚର୍‌ସ୍—କ୍ରି. ଚୁକୁରୁ କରିବା, ଖୁଚୁରୁ କରିବା, ଛୋଟ ଛୋଟ କରିବା

ଖୁଟ—ବି. ଖୁଂଟ, ବାଡ଼ ଘେର କରିବାରେ ଯେଉଁ ଛୋଟ ଖୁଣ୍ଟା ଦିଆଯାଏ

ଖୁଁଞ୍ଜୁ ମୁଁଞ୍ଜୁ—କ୍ରି.ବିଂ. ଅନିଶ୍ଚିତ, ଅମଙ୍ଗ

କ୍ରି. ଅମଙ୍ଗ ହେବା, ସନ୍ଦେହ କରିବା

ଖୁଜୁଲ୍—ବି. ଖୁଜୁଲି, ଚର୍ମରୋଗ ବିଶେଷ

ଖୁଟ୍‌ଲ୍.—କ୍ରି. ଉପରକୁ ଉଠିବା, ଉପରକୁ ଶର ନିକ୍ଷେପ କରିବା

କ୍ରି.ବିଂ. ଉପରକୁ ଉଠିବା, ବି. ଏକ ଗହଣା ବିଶେଷ

ଖୁଟ୍‌ଲ୍.— ବି. ଖୋଟରେ ଲଗାଇବା, ଗହଣା ବିଶେଷ

ଖୁଣ୍ଟା.ଓ—କ୍ରି. ଖବର ଦେବା, ବି. ଖବର, ସୂଚନା

ଖୁଟୁର୍—ବିଂ. ଶକ୍ତ, କଡ଼ା କ୍ରି. କଡା ବା ଶକ୍ତ ହେବା

ଖୁଟୁର୍ ଟୁଟୁର୍— କ୍ରି. ଖୁଡ୍ ଖୁଡ୍ କରିବା, କୁଟୁର କୁଟୁର କରିବା

ଖୁଡ଼ର—ବି. ଛୋଟିଆ ଖଣ୍ଡ, ସାନ ଖଣ୍ଡ

କ୍ରି. ଛୋଟ ଖଣ୍ଡ କରିବା, ଛୋଟ ଖଣ୍ଡରେ ପରିଣତ କରିବା

ଖୁଣ୍—ବି. ଦୋଷ, ତ୍ରୁଟି, କ୍ରି. ଦୋଷ ରଖିବା, ତ୍ରୁଟି ରଖିବା

ଖୁଡସ୍ଥାନ୍—ବି. ଖଡସ୍ଥାନ, ହିସାବ୍ କିତାବ୍ ବହି (ଖାତା)

ଖୁଡ—ବି. ଅଳି

ଖୁଡ଼ୁ—ବି. କ୍ଷତ, କ୍ରି. କ୍ଷତ ହେବା

ଖୁଦ୍—ସ. ସ୍ୱୟଂ, ନିଜେ, ଆପଣେ

ଖୁଦା—ବି. ମୁସଲମାନ୍ ମାନଙ୍କ ଭଗବାନ

ଖୁଦ୍ଦ—ବି. ଖଦ (ଲୁଗା)

ଖୁଦ୍‌ନ—ବି. ବେଶ୍ୟା, ବିଂ. ବ୍ୟଭିଚାରି

ଖୁଦ୍‌କ—ବି. ଚଡାକୁଟା ଦାଲି

ଖୁଦ୍‌ର—ବିଂ. ଖୁଦ୍‌ର, (ସାମାନ୍ୟ ବଡ଼ଖଣ୍ଡ)

ଖୁଦ୍‌ର—ବି. ଟୁକୁଡା, ଛୋଟିଆ ଖଣ୍ଡ, ବିଂ. ଟୁକୁଡ଼ା,

କ୍ରି. ଟୁକୁଡ଼ା ହେବା

ଖୁନ୍—ବି. ରକ୍ତ, କ୍ରି. ରକ୍ତାକ୍ତ କରିବା, ହାଣି ମାରିଦେବା

ଖୁନ୍ଟାଃ—ବିଂ. ଅପବାଦ, କ୍ରି. ଅପବାଦ ଦେବା

ଖୁନ୍ଟା.ଉ—କ୍ରି. ଖୁଣ୍ଟରେ ବଳଦ ବାନ୍ଧି ନଚାଇବା

ଖୁନ୍ଟି—ବି. ଖୁଣ୍ଟ, ଖମ୍ବ

ଖୁନ୍ଟୁଡ୍—ବି. କଣ୍ଟାଗଛମୂଳ

ଖୁନ୍ଦ—ବି. ଘର ଭିତର କୋଣରେ କୁକୁଡ଼ା ରହିବା ପାଇଁ

ମାଟି କାନ୍ଥ ଘେରା ସ୍ଥାନ

ଖୁନ୍‌ସ୍ୱାଦ୍—ବି. ଖୁନ, ହତ୍ୟାକାଣ୍ଡ

ଖୁପା— ବି. କାନ୍ଥ ଖୋପ କ୍ରି. କାନ୍ଥରେ ଖାଲୁଆ ଗାତ ରଖିବା

ଖୁପ୍ପା.—ବି. ଛନ ମୁନିଆ ଶର, (ମାଛ ମାରିବା ପାଇଁ ବ୍ୟବହୃତ ହୁଏ)

ଖୁପପା. ∽—ବିଂ. ଗାଡ଼୍ହା, ବି. ଗାଢ଼୍ହା, କ୍ରି. ଗାଢ଼୍ହା ହୋ

ଖୁପି—ବି. ଘର ସ୍ଥଳର କୋଣ ଅଂଶ

ଖର୍—ବିଂ. ବହୁତ, ବେଶୀ, ଅଧିକ

ଖୁଚା.ଉ—କ୍ରି. ଭେଦ କରିବାର ପ୍ରଚେଷ୍ଟା, ଛେଦ କରିବାର ପ୍ରଚେଷ୍ଟା

ଖୁଦ୍‌ଲା.ଉ—କ୍ରି. ଛେଦିବାକୁ ପ୍ରୟାସ କରିବା

ଖର୍—କ୍ରି. ଦାନ୍ତ ଆମ୍ବିଲା ହେବା. ଓହରି ଯିବା

ଖର୍ପି—ବି. ଖୁରପି

ଖୁରୁ.—ବି. ଖୁରା ଚାପୁ, ଜନ୍ତୁର ଗୋଡ଼ ଖୁରା ରୋଗ

ଖୁରା.କ୍—ବି. ଖାଦ୍ୟ ଯୋଗାଣ

ଖୁରା.କ୍ ସୁରାକ୍—ବି. ଖାଦ୍ୟ ବସ୍ତୁ

ଖୁରି—ବିଂ. (ସ୍ତ୍ରୀ) ମୁଖର

ଖୁରୁ ∽—କ୍ରି. ବିଂ. ଦାନ୍ତ ଆମ୍ବିଲା ହେବା ପ୍ରକ୍ରିୟା

ଖୁଲପା—ବି. ଖୋଲପା

ଖୁଲ୍—ବି. ଖୋଲ, ଫମ୍ପା

ଖୁଲ୍ଲ.—ବିଂ. ଖୋଲ, ଅନାବୃତ, ସରଳ

ଖୁଲନ—ବି. ଲାଞ୍ଚ, ବିଂ. ମୁକ୍ତ କରିବା ପାଇଁ ଅର୍ଥ/ପଇସା

ଖୁଲ୍ଲ.ଉ—ବି. ସୁନ୍ଦର, ଉତ୍ତମ, ବଢ଼ିଆ, କ୍ରି. ଖୋଲିବା ଉଦ୍‌ଘାଟନ କରିବା, ଉନ୍ମୁକ୍ତ କରିବା

ଖୁଲି—ବି. ପନ ଦନା, ସିଆଁ ପନ ଥାଲି

ଖୁଲିଓଲା ∽—ବି. ଡାଲ ପନ ଗୁହୁଣୀ ଘର

ଖୁସ୍—ବିଂ. ପରିତୃପ୍ତ, ଆନନ୍ଦ, କ୍ରି. ଖୁସିହେବା

ଖୁସିଯା.ଜ—ବି. ସମ୍ମତ, ତୃପ୍ତି, ସନ୍ତୁଷ୍ଟ, କ୍ରି. ସମ୍ମତ ଦେବା, ସନ୍ତୁଷ୍ଟ ହେବା

ଖୁଁଭୁ ∽—ବିଂ. ସନ୍ଦେହ, କ୍ରି. ସନ୍ଦେହ କରିବା

ଖୁଲ୍ପି—ବି. କୋଠରି

ଖୁଲଆ.ଓଁ—କ୍ରି. ଖୋଲତାଳ କରିବା, ଅନୁସନ୍ଧାନ କରିବା, ଠିକଣା ଠାବ କରିବା

ଖୁଁଟ୍—ବିଂ. ମୂଳ, ଗୋତ, ଗୋଷ୍ଠୀ

ଖେ.—ଅ. ଖେ- କୁକୁର, ଶିଆଳର ଅସନ୍ତୋଷ ପ୍ରକାଶ ଶବ୍ଦ

ଖେଆଲ୍—ବି. ଖିଆଲ, ମର୍ଜି

ଖେଆନତ୍—ବି. ହାନି, ନଷ୍ଟ, ନୁକସାନ୍

ଖେଆନତ୍‌ଅ ∽—କ୍ରି. ବିଂ. ହାନିକାରକ

ଖେକ୍‌ରେ—ବିଂ. ଭଙ୍ଗା, ଅଧାଭଙ୍ଗା ଅବସ୍ଥା, ଛେଚ୍‌ଛେଚ୍ କ୍ରି. ଦରଭଙ୍ଗା ହେବା, ଛେଚ୍‌ଛେଚ୍ ହେବା

ଖେଚଅ—ବିଂ. ପାତ୍ରର ଉପରାଂଶରୁ କିଛି ଭଙ୍ଗାଥିବା

ଖେଚଲ୍—ବିଂ. ଖେଚଡ଼, ବଦମାସ

ଖେଚଲାହା—ବିଂ. କଳହ ପ୍ରିୟ, କଳିହୁଡ଼ା

ଖେଚସାଓଁ—କ୍ରି. ଉସୁକେଇବା, କାନଭୁହା

ଖେଞ୍ଚାଓଁ—କ୍ରି. ଖେଞ୍ଚିବା, ବାଡ଼ିରେ ଠେସିବା, ବାଡ଼ିସିଧା କରି ଫୋପାଡ଼ି ଦେବା

ଖେଜା—କ୍ରି. ବଦଳରେ କିଣାକିଣା (barter)

ଖେଞ୍ଚେର୍—କ୍ରି. (ବାଡ଼ି/ଦଣ୍ଡା) ଶରକୁ ଫୋପାଡ଼ିଲେ ଉପରକୁ ପବନରେ ଉଡ଼ିଯିବା

ଖେଣ୍ଟ୍ ଖେଣ୍ଟ୍—ଅ. ଅସନ୍ତୋଷ ଭାବ ପ୍ରକଟ କରିବା ଶବ୍ଦ କ୍ରି. ବିଂ. ଖେଁ ଖେଁ ହେବା, ଖେଟ୍ ଖେଟ୍ ହେବା

ଖେତ୍—ବି. କ୍ଷେତ

ଖେଢ—ବିଂ. ଷଣ୍ଢ, ହାନି, କ୍ରି. ଷଣ୍ଢ ହେବା, ହାନି ହେବା

ଖେଢବାଡ଼ି—ବି. କ୍ଷେତବାଡ଼ି, ଜମିବାଡ଼ି

ଖେଦ୍‌ଆଓଁ—କ୍ରି. ଗୋଡ଼ାଇଦେବା, (ଶିକାର ବେଳେ ଜନ୍ତୁ) ଗୋଡ଼ାଇ ଆଣିବା

ଖେଦ୍‌ଡା—ବିଂ. ସମାଜଚ୍ୟୁତ ବ୍ୟକ୍ତି, ଜାତିରୁ ତଡ଼ାଯିଆ

ଖେନେକଜ୍—ବିଂ. ଲୋଭନୀୟ (ହସ/କଥାବାର୍ତ୍ତା) ହସଖୁସିଆ

ଖେନଡ଼କେଦ୍—ବିଂ. ଖାଲି, ଥୁଣ୍ଟା

ଖେନ୍‌ତବାଂ—ବିଂ. ତକୁଆ, ଢିଲା, କ୍ରି. ଢିଲା ହେବା, ଢିଲସ ହେବା

ଖେନ ଦର୍ନ୍—ବିଂ. ଗଣ୍ଡିଆ, ଅସନା

ଖେନ୍ଦ ∽—କ୍ରି. ସାଙ୍ଗିବା

ଖେନ୍‌ଡେ ଖେଡେଡ୍—କ୍ରି.ବିଂ. ଖିଲଖିଲିଆ (ହସ)
କ୍ରି. ଖିଲ୍‌ଖିଲେଇବା

ଖେନ୍‌ଡାଁ—କ୍ରି. ରୋକ କରିବା, ବାଧା ଦେବା

ଖେପ—ବି. ଥର, ପାଳି, turn ବୋଝାଇ

ଖେମଟା—ବି. ସାନ୍ତାଳଙ୍କ ଏକ ପ୍ରକାର ନାଚର ନାମ ଖେମଟା

ଖେମ୍‌ତା—ବି. କ୍ଷମତା, ଶକ୍ତି

ଖେମାଓ—କ୍ରି. ସମସ୍ତ ଅଧିକାରଚ୍ୟୁତ କରିବା, ସମସ୍ତ ଗଡ଼ାଇ ଦେବା

ଖେମା—କ୍ରି. କ୍ଷମା

ଖେୟମତା—ବି. ଯୋଗ୍ୟତା

ଖେୟମତା ଂ—କ୍ରି. ଯୋଗ୍ୟତା ପ୍ରାପ୍ତ ହେବା, ଶକ୍ତିଶାଳୀ ହେବା

ଖେୟାଲ୍—କ୍ରି. ମନେରଖିବା

ଖେୟାଲ୍‌ଆନ୍—ବିଂ. ବୁଦ୍ଧିମାନ, ସ୍ମାରକ

ଖେଲାଓ—କ୍ରି. ଖେଳାଇଦେବା

ଖେଲନା—ବି. ଖେଳଣା

ଖେଲ୍‌ଖେଲ୍—ବିଂ. ରଙ୍ଗରସ

ଖେଲ ଖେଲ୍‌ଅ ଂ—କ୍ରି. ରଙ୍ଗରସ ହେବା

ଖେଲଣ୍ଡ—ବି. ନାଟକ

ଖେଲଣ୍ଡିୟା.—ବି. ନାଟ୍ୟକାର

ଖେଲଣ୍ଡ୍‌କଲା—ବି. ଅଭିନେତା

ଖେଲଣ୍ଡକୁଲି—ବି. ଅଭିନେତ୍ରୀ

ଖେର୍‌ଖେରଆ—ବିଂ. ଚଞ୍ଚଳା, ଚଟାପଟ୍ କରିବା ବାଲି, ମୁଖରା

ଖେର୍‌ଲା—ବି. ବାଜପକ୍ଷୀ

ଖେସମ୍—ବି. ମନକୁ ନେବା, ମାନିବା

ଖେସାର—ବି. ଖେସାରି, ଡାଲି

## ଗ

ଗଅ—ବି. ବଡ଼ଶଳା, ଦେଢ଼ ଶଶୁର

ଗଆଁର—ବିଂ. ଗାଉଁଲିଆ, ମୂର୍ଖ

ଗଆଁଓ—କ୍ରି. ଦବାଇ ଦେବା, ନଷ୍ଟ କରିବା

ଗଇ—ବିଂ. ଗଣିତାବଳି, ଖେଳର ଗଣନରେ ସାତ ସଂଖ୍ୟା

ଗଢ଼—ବି. ଝିଲ୍, ବୃହତ୍ ଜଳାଶୟ, ଜୋଡ଼

ଗ ଂ—କ୍ରି. ନିଜ କାନ୍ଧରେ ନେବା, ସ୍ୱୀକାର କରିବା,
ବଚନ ଦେବା, କାନ୍ଧେଇବା

ଗ ଂ ଗସୁମ୍—କ୍ରି. କାନ୍ଧରେ ଲଟକାଇ ବୋହିନେବା

ଗ ଂ ଖରସ୍ୟା—କ୍ରି.ବିଂ. କାନ୍ଧସ୍ଥ ଖ୍ୱର କାନ୍ଧରେ ବୋଝ ବୋହିବା

ଗ ଂ ସାହାନ୍—କ୍ରି. ଜୁଇ କାଠ (ବୋହିବା)

ଗଖ୍‌ନା—କ୍ରି. ଉପନାମ ଦେବା

ଗଖ୍‌ଲା—କ୍ରି. ବିରୋଧ କରିବା

ଗଖ୍‌ଲା ଜାନୁମ୍—ବି. ଏକ ପ୍ରକାରର କଣ୍ଟାଗଛ

ଗ ଂ ଗ୍‌ଆଃ—ବିଂ. କାନ୍ଧରେ ପକାଇ ଥିବା ବସ୍ତ୍ର

ଗଗ ଂ ବାନ୍ଦେ—ବିଂ., ବି. ସ୍ତ୍ରୀ ଲୋକର ଉପର ତଳ ଢାଙ୍କିବା ବସ୍ତ୍ର

ଗଗଲ୍‌ଅ—କ୍ରି. ସାହାଯ୍ୟ କରିବା

ଗଗ୍‌ଲଇଚ୍—ବିଂ. ସାହାଯ୍ୟକାରୀ

ଗଗେ ଗଗ ଂ ଜାପା ଂ—କ୍ରି.ବିଂ. (କନ୍ୟାକୁ ନେବା ଆଗରୁ)
ସ୍ୱତନ୍ତ୍ର ବିଧିରେ ଲୁଗା ପିନ୍ଧାଣ କରିବା

ଗଗାଚ୍—ବିଂ. ପ୍ରାଣନାଶକ, ମାରିବାବାଲା

ଗଗାଜ୍—କ୍ରି. ପ୍ରାଣନେବା ପ୍ରକ୍ରିୟା, ମାରିବା ପ୍ରକ୍ରିୟା

ଗଂ—କ୍ରି. ଶୁଣିବା, ଉତ୍ତର ଦେବା, କନ୍ୟାକୁ ବିବାହ ଦେବା

ଗଂଘାଆ—ବି. ଗେଣ୍ଡା

ଗଂଘର୍—ବି. ବିଲ, ଗଭୀର ଗାଡ଼

ଗଚ୍ଛର୍—କ୍ରି. ପଥର ବୁଢ଼ିବା, ସାନ୍ତ୍ୱନା ଦେବା

ଗଜ୍ଜୁ—ବିଂ. ଅଣ୍ଡୁଆ, କ୍ରି. (ପାଣି) ଜମିବା

ଗଜ୍ଜୁ ଜା.ନା.ଓଲି - ଗେଜ୍ଜୁ ଖା.ଜା.ଲି—କ୍ରି. କନ୍ୟା ବିଦାୟ
ବେଳେ ସଙ୍ଗିନୀମାନଙ୍କ ଦ୍ୱାରା କନ୍ୟାକୁ ଦିଆଯିବାର
ମୁଢ଼ି ଓ ପଇସା ଆଦି

ଗଜ୍ଜୁଗାବ୍‌ଲ୍—କ୍ରି. ଅଣ୍ଡୁଆ କରି ଓ ଲୁଗାରେ ବାନ୍ଧି କାନ୍ଧରେ
ଓହଳାଇ ନେବା

ଗଜ୍ଜୁଓଃ—କ୍ରି. ମାନି ନେବା, ସ୍ୱୀକାର କରିବା

ଗଅଜ୍—କ୍ରି. ମରିବା, ମାରିବା

ଗଅଜ୍‌ଆଃ—ବିଂ. ମଲା

ଗଜ୍‌ଧୁରି—ବି. ମଲାପଥର, ଖସ୍ପ ପଥର

ଗଜ୍ହାପା—ବି. ଗଜବାଡ଼ି

ଗଜା—ବି. ଗଜା ମାରିବା, ଗଜା ମିଷ୍ଟାନ୍ନ । ମିଠା ଲଡ଼୍

ଗଜା ~ —ବିଂ. ମୁନିଆଁ (କାଠି, ବାଉଁ) କ୍ରି. ମୁନିଆ ହେବା, ଖୋଳା

ଗଂଟଲା—ବିଂ. ନିପଟ ଅଳସୁଆ, ଅମାନିଆ

ଗଟ୍—ବି. ଗୋଠ, ଏକତ୍ରିକରଣ କ୍ରି. ଗୋଠକୁ ଆଣିବା

ଗଟ୍‌ବଂଗା—କ୍ରି. ଗୋଠପୂଜା, ଗୋପୂଜା

ଗଟା—ବିଂ. ସମୁଦାୟ, ସବୁ

ଗଟହଲ୍—ବି. ଅବିବାହିତ ପୁରୁଷ

ଗଟାଗୁଟି—ବି. ସନ୍ତାନ ବିହୀନ ସ୍ତ୍ରୀ ପୁରୁଷ

ଗଟାଗୁଣ୍ଟି—ବିଂ. ମୋଟାମୋଟି

ଗଟାନ୍—ବିଂ. ସ୍ଥିର କରାଯାଇଥିବା

ଗଟାଟାଣ୍ଡି—କ୍ରି. ବିଂ. ସବୁସ୍ଥାନ

ଗଟାପାଲା—କ୍ରି.ବିଂ. ସ୍ବରଆଡ଼େ

ଗଟାଂଆ ~ —ବିଂ. ଗୋଟାଳିଆ

ଗଟ୍‌ସିମ୍—ବିଂ. ଗୋଠ ପୂଜାରେ ବଳିଦେବା କୁକୁଡ଼ା

ଗଟେ—ବି. ଏକ ପ୍ରକାର ଗଛ

ଗଟେସ୍ରସା—ବି. ମଣ୍ଡ

ଗଠାନ୍—କ୍ରି. ଗଢ଼ିବା, ଗଠନ, କରିବା

ଗଠାଓ୍ୱ—କ୍ରି. ଜମା କରିବା, ଏକତ୍ର କରିବା, ଏକାଠି କରିବା

ଗଡ୍—କ୍ରି. ପ୍ରଣାମ କରିବା, ଏ ପ୍ରଣାମ ସାନ୍ତାଳଙ୍କ ସ୍ବତନ୍ତ୍ର ପଦ୍ଧତି । ସ୍ତ୍ରୀ ଲୋକ ହୋଇଥିଲେ ସେ ନିଜର ଦୁଇ ହାତକୁ ଆଗନ୍ତୁକର ପାଦ ନିକଟରେ ରଖି ମୁଣ୍ଡିଆ ମାରନ୍ତି । ପୁରୁଷ ହୋଇଥିଲେ ଦୁଇ ହାତ ଯୋଡ଼ି ଅଣ୍ଟା ନୁଆଁଇ ମୁଣ୍ଡ ନୁଆଁଇ

ଗଡା—ବି. ଉଚ୍ଚ ଜମି, ପଡ଼ିଆ ଜମି, ଧାନଚାଷ ପାଇଁ ଅନୁପଯୁକ୍ତ

ଗଡ୍‌ଆଓ୍ୱ—କ୍ରି. ସମସ୍ତ ଗଡ଼ାଇ ଦେବା, ସମସ୍ତ ନଷ୍ଟ କରିବା ଗଡ଼ାଇ ଦେବା (To roll)

ଗଡ୍‌ସିମ୍—ବି. ପୂଜା ନିମନ୍ତେ ଏକତ୍ର କରିଥିବା କୁକୁଡ଼ା

ଗଡ୍‌ଜାତ୍—ବି. ଗଡ଼ଜାତ ମୁଲକ

ଗଡାହୁଲୁ—ବି. ଉଚ୍ଚଜମିରେ ବୁଣା ହେବା ଧାନ, ଗୁଡ଼ାଧାନ

ଗଡେଭ୍—ବି. ସାନ୍ତାଳ ସାମାଜିକ ବ୍ୟବସ୍ଥାରେ ସମାଜ କାର୍ଯ୍ୟକ୍ରମ ସମ୍ପର୍କୀୟ କଥାବାର୍ତ୍ତା ସଭାକୁ ଡାକିବାକୁ ବାର୍ଷିକ ନିଯୁକ୍ତ ଡାକୁଆ

ଗଢ଼ହାଓ—କ୍ରି. ତିଆରି କରିବା, ଗଢ଼ିବା

ଗଢ଼ନ—ବି. ଗଠନ, ରୂପ

ଗଡେଡାର—ଅ. ଶ୍ରେଷ୍ଠ ସ୍ଥାନରେ ହଳକୁ ବୁଲାଇବା ବେଳେ ହଳକରୁଥିବା ଲୋକ ବଳଦକୁ ଏ "ଗଡେଡ୍‌ଆର୍ ଗଡେଡାର" କହେ

ଗଣାଓ୍ୱ—କ୍ରି. ଗଣାଇବା

ଗଣେ—ବି. ଏକ ପ୍ରକାରର ବୃକ୍ଷ ବିଶେଷ

ଗତ୍—କ୍ରି. ଗଡ଼ହେବା, ଜମାକରି ଦେବା

ଗତାଓ୍ୱ—କ୍ରି. ଭର୍ତ୍ତିକରିବା, ପୂରାଇବା

ଗତ ~ କ ~ —ବିଂ. ସ୍ବୀକାର, ମାନିନେବା, ଆପଣାର କରିବା

ଗତର୍‌ଖାଟା—ବିଂ. ଶ୍ରମକାତର, ଶ୍ରମବିମୁଖ

ଗତର୍—ବିଂ. ଶ୍ରମ, ଅଙ୍ଗୀକାର ବେଳ, ସମସ୍ତ

ଗତର୍‌କୁଢ଼ୀ—ବିଂ ଅଳସୁଆ

ଗତମ୍—ବି. ଘିଅ

ଗତେ—କ୍ରି.ବିଂ. ମୁହଁ ମୋଡ଼ିଦେବା ନାପସନ୍ଦର ସୂଚନା

ଗଦ୍—ବି. ଗଦଗଛ zinger

ଗଦ୍—କ୍ରି. ତୋଳିବା to pluck

ଗଦା—ବି. ଗୋଦର ରୋଗ, ବିଂ ଗୋଦର, ଫୁଲି ହୋଇଥିବା ଗୋଡ଼, କ୍ରି. ଗୋଦର ରୋଗ ହେବା

ଗଦା—ବି. ଗୁଚ୍ଛିଡ଼ାବୁଲ ଖେଳରେ କୌଣସି ସଂଖ୍ୟା ଗଣିବାକୁ ନଥିଲେ "ଗଦା" କହନ୍ତି

ଗଦା—ବି. ଗଦା (ମୋଟା ମୂଷଳ ଯାହାଦ୍ୱାରା ଲଢ଼େଇ କରାଯାଏ)

ଗଦାଗୁଦ—କ୍ରି.ବିଂ. ଜଣଙ୍କ ପଛରେ ଜୋର ସୋର ଗୋଡ଼ାଇବାର ପ୍ରକ୍ରିୟା, କ୍ରି. ପଛରେ ଗୋଡ଼ାଇବା

ଗଦାମ୍—ବି. ଗୋଦାମ

ଗଦାମ୍‌ଓଲା ~ —ବି. ଗୋଦାମଘର କ୍ରି. ଗୋଦାମ କରିବା

ଗଦା—କ୍ରି.ବିଂ. ଟୁଲ ହୋଇଥିବା, ଗଦା ହୋଇଥିବା

ଗଢ—ବି. ଗଦ୍ଦ, (ଶୋଇବା ପାଇଁ ଗଦ୍ଦ ବିଛଣା)

ଗଡାମାଁରଣ୍ଡି—ବି. ସାନ୍ତାଳର ମାଁରଣ୍ଡି ଗୋଷ୍ଠ (ଖିଲ୍/କିଲି)ର ଏକ ଶାଖା

ଗଧଡ଼ା—ବିଂ. ଖାଇ ଖାଇ ଲାଗିବା ଅବସ୍ଥା, ମନମୋଟା ବାଲା ଅଳସୁଆ

ଗଧଡ—ବିଂ. ମୋଟା, ଫୁଲକା, କ୍ରି. ମୋଟାହେବା, ଫୁଲିବା

ଗଧଡ—ବିଂ. ଶକ୍ତ, ମଜବୁତ, ଓଜନଯୁକ୍ତ, କ୍ରି. ବିଂ. ଉପଯୁକ୍ତ ମଜବୁତ

ଗନ୍‌ଠେ—ବି. ହାଡ଼ଗଣ୍ଠି

ଗନ୍‌ଡାରୁଅ—ବି. ଗଣ୍ଡାର

ଗନ୍‌ପନ୍—ବି. ଟଙ୍କା ଆକାରରେ କନ୍ୟାମୂଲ

ଗନଂ—ବି. କନ୍ୟାମୂଲ, ବଧୂ ମୂଲ୍ୟ

ଗନଂସିଧ—କ୍ରି. ବିଂ. କନ୍ୟାମୂଲ ଆଦାୟ କରିବାକୁ ଯିବା

ଗନଂଭଡାନ୍ନ—ବି. ବରପକ୍ଷର କନ୍ୟାମୂଲ ଅର୍ପଣ କରିବା ଲୋକଙ୍କୁ ଖାଦ୍ୟ ପେୟ ଦେବା

ଗପ.ସୁ(ଗ୍ରୁ)—କ୍ରି. ପିଠିରେ ବାନ୍ଧିକରି ନେବା
କ୍ରି. ବିଂ. ପିଠିରେ ବାନ୍ଧି କରି ନେବାର ପ୍ରକ୍ରିୟା

ଗପଲ୍‌ଅ—କ୍ରି. ପରସ୍ପରକୁ ସହଯୋଗ ଦେବା

ଗପାଲ ଭୋଗ ହୁଲୁ—ବି. ଗୋପାଳ ଭୋଗ ଧାନ

ଗପାର୍ଓ୍—କ୍ରି. ଚପାଇ ରଖିବା, ଗୁପ୍ତରେ ରଖିବା, ଲୁଚାଇ ଦେବା

ଗଫାର୍ଓ୍—କ୍ରି. ଗୁନ୍ଥିବା, ଦଉଡି ଯୋଡ଼ି ପାଗ କରିବା

ଗପ୍‌ଅ—ବିଂ. ଗପ, କ୍ରି. ଗପ କରିବା, କଥାବାର୍ତ୍ତା ହେବା

ଗପାଉଦ୍—ବି. ବଡ ଆକାରର ଖାଇବା ଛତୁ

ଗଫାମାଲ୍—ବି. କାଚ ଦାନାର ଗୁଆର ମାଳ, କାଚମାଳ

ଗବର୍—କ୍ରି. (ଦେଶୀ ଔଷଧ) ମୁଣ୍ଡରେ ଲେପଦେବା

ଗବର୍ଓ୍—କ୍ରି. ପାଣି, ଔଷଧ ଗୁଣ୍ଡକୁ ମୁଣ୍ଡ ଓ ଶରୀରରେ ଲେପ ଦେବା

ଗବଜାଡା—ବି. ଗବ, ଜଡ଼ା

ଗବରିୟା, ଗବାରିୟା—ବିଂ. ଆମୁଆ ଦେହବାଲା

ଗବର୍ମେଣ୍ଟ—ବି. ଗଭର୍ଣ୍ଣମେଣ୍ଟ, ସରକାର

ଗମ୍‌କେ—ବି. ମାଲିକ, ଅଧିକାରୀ, ମହାଶୟ, ସମ୍ମାନୀୟ ବ୍ୟକ୍ତି ବିଶେଷ

ଗମକେଜନ୍, ଗମକେଙ୍ଗ(କନ୍)—ବି. ମାଲିକ ଓ ମାଲିକାଣୀ

ଗମ୍‌କେଲ୍‌ଅ—କ୍ରି. ଅଧିକାରୀ ହେବା, ଅଧିକାର ସାବ୍ୟସ୍ତ କରିବା, ମାଲିକ ହେବା

ଗମ୍‌କେଲ୍‌କାୟ୍—କ୍ରି. ଅଧିକାରୀ କରି ଦେବା, ମାଲିକ କରି ଦେବା

ଗମାନ୍—କ୍ରି. ଗୋବର ପାଣିରେ ଲେପିବା

ଗମାନ୍ ଦା—ବି. ଗୋବର ପାଣି

ଗମ୍‌ହେଲ୍—ବିଂ. ଗୁଲ୍‌ଗୁଲ, ଉଷୁମ

ଗମସ୍‌ତା—ବି. ଗୁମାସ୍ତା

ଗମ୍‌ହାଁ—ବି. ଗନ୍ଧାପଟ

ଗସୁଁଠା—ବି. ଘଇଁଠା (ଗୋବରକୁ ଗୋଲକରି ବା ପିଠାପରି କରି ଶୁଖା ଯାଇଥିବା ଦ୍ରବ୍ୟ)

ଗସୁଁଠାଟିଟିଲ୍ ଇଜ୍, ଗସୁଁଠାଟିଟ୍‌ଲ—ବି. କଳାରଙ୍ଗର ଏକ ଛୋଟ ପକ୍ଷୀ ବିଶେଷ, ଗୋବରି ପକ୍ଷୀ

ଗସୁଁଠା ଭୁକୁ—ବି. ଗୋବର ଭୁଇ

ଗସୁଁଠା ସାଟ(ଲ) ହୁଲୁ—ବି. ଏକ ପ୍ରକାର ଧାନର ନାମ

ଗସୁମା ଗୁସୁମୁ, ଗସୁମା ଗୁସୁମି—କ୍ରି. ବିଂ. (ଅଯଥା) ଏପାଖ ସେ ପାଖ ବୁଲାବୁଲି କରିବା, କ୍ରି. ବୁଲାବୁଲି କରିବା

ଗସ୍ସା—କ୍ରି. କଳା ଦାଗ ହେବା, କଳା ଦାଗ ଲଗାଇବା
ବିଂ. କାଳିଆ ହେବା

ଗସୁନ୍—କ୍ରି. ଶରଣ ପଶିବା, ମାନିବା

ଗସୁ—ବି. (ସମ୍ବୋଧନାତ୍ମକ) ମାଆ ଗୋ

ଗସୁନ—କ୍ରି. ମିଶିଯିବା, ଏକଜୁଟ ହୋଇଯିବା

ଗରୁକା (ଗଲକା)—ବି. ଗୁଲେଲି

ଗରଜ୍—ବି. ସ୍ନେହ, ଶ୍ରଦ୍ଧା

ଗର୍‌ଜନ୍—କ୍ରି. ଗର୍ଜନ ହେବା, ବି. ଗର୍ଜନ

ଗରବ୍—ବି. ଗର୍ବ, ଦାମ୍ଭିକତା

ଗରବ୍‌ବାସ୍—ବିଂ. ଗର୍ଭିଣୀ, ଗର୍ଭାବସ୍ଥା

ଗେଭ୍‌ଅ—ବି. ଭିତର, ଗର୍ଭସ୍ଥ, ଜରାୟୁ, ଅତି ଭିତର

ଗେମା ଦାରେ—ବି. ଏକ ପ୍ରକାରର ଗଛର ନାମ

ଗରମାଓ୍ୱ—କ୍ରି. ଗରମ ହେବା

ଗରଲ୍—ବି. ବିଷ

ଗରସୁପା.ରୁ— ବିଂ. ଅଘଟଣ, ଅସୁସ୍ଥ, ଅସୁବିଧା

ଗରଲ୍ ଦା ‥ —ବି. ମୁଖ ନିସୃତ ପାଣି

ଗଗ୍—ବି. ଗଗ୍ରା (ପିତଳ କଳସୀ)

ଗଗ୍ରାମ୍—ବି. ଗ୍ରାମ, ଗାଁ

ଗରମୀ—ବି. ଗର୍ମି ରୋଗ ବିଶେଷ

ଗଲ୍ଅ—କ୍ରି. ସଙ୍ଗଦେବା, ସହାୟତା କରିବା

ଗଲମ୍ ଆୟୁ—ବି. ବୁଢ଼ୀମା'

ଗଲମ୍କଲା—ବି. ନାତି

ଗଲମ୍କୁଲି—ବି. ନାତୁଣୀ

ଗଲମ୍ ବୁଢ଼ି—ବି. ଆଈ

ଗଲମ୍ ହାଡ୍ହାମ୍—ବି. ଆଈ ଶାଶୁ

ଗଲମ୍ ହାଲାମ୍—ବି. ବୁଢ଼ାବାପା, ଅଜା

ଗରସ୍ଥା—ବି. ଗୋଶାଳା ପୂଜା

ଗଲ୍—କ୍ରି. ଫିଟି ମାରିବା

ଗଲ୍ଗଲ୍—କ୍ରି.ବିଂ. କଣ୍ଠ ହେବା, କୁଣ୍ଠାଇ ହେବାର ପ୍ରକ୍ରିୟା

ଗଲ୍ଓ୍ୱ—କ୍ରି.ବିଂ. ଗୋଲାଇ ହେବା, ପଟସଡ଼ି ମିଶିବା

ଗଲ୍କାନ୍ଠା—ବି. ଗଳାଫୁଲା ରୋଗ ବିଶେଷ, ସାଧାରଣତଃ ଗୋମହିଷିଙ୍କୁ ଏ ରୋଗ ହୁଏ

ଗଲସୁଁଟି—ବି. ସ୍ୱ-ଗୋତ୍ର ବିବାହ, ଆଦାନ୍‌ପ୍ରଦାନ
କ୍ରି. ସ୍ୱ-ଗୋତ୍ର ବା ଦୁଇ ପରିବାର ମଧ୍ୟରେ ବିବାହ କରିବା ଓ ଆଦାନ ପ୍ରଦାନ କରିବା

ଗଲର୍‌ମାଲ୍ଲା—ଗଳାର ମାଳ (ହାର) ଅତିପ୍ରିୟ
ଉ: ଆମ୍ ମା ହୋ ଇଞ୍ଜ୍ ଇକ୍ ଗାଲର ମାଲ୍ଲା କାନାମ -
ତୁମେ ତ ହୋ ମୋହର ଅତି ପ୍ରିୟ ଅଛ

ଗଆଲ୍—ବି. ଗୋପାଳ, ଗୋପାଳ ଜାତି

ଗସ୍ଅ—କ୍ରି. ଖାଉଁଳିବା

ଗସ୍ର ‥ —ବିଂ. ମଳିଆ, ଅସନା

ଗସର୍—ବି. ମଇଳା, ଅସନା

ଗସର୍ଓ୍ୱଃ—କ୍ରି. ମଇଳା ହେବା, ଅପରିଷ୍କାର ହେବା,

ଗସ୍‌ଲେ—ବିଂ. ଅଳସୁଆ, ଅମନଯୋଗ କ୍ରି. ଅମନଯୋଗୀ ହେବା ଅଳସୁଆମି କରିବା

ଗସାଣି—ବି. ଦେବସ୍ଥଳୀ, ଠାକୁର ବା ଠାକୁରାଣୀ ଘର

ଗସାୟୁ—ବି. ଦେବ, ଭଗବାନ, ପ୍ରଭୁ

ଗସାଇଁଏରା—ବି. ଦେବୀ

ଗସାଇଁ ଗସାଇଁ—କ୍ରି. ପ୍ରାର୍ଥନା ବେଳେ ଓଡ଼ିଆରେ ଯେପରି "ଦେବ, ହେ ଦେବ" ବୋଲି କୁହାଯାଏ, ସେହିପରି ସାନ୍ତାଳ ପୂଜା ବା ପ୍ରାର୍ଥନା ବେଳେ ପ୍ରାର୍ଥନା ଆରମ୍ଭରେ "ଗସାଇଁ ଗସାଇଁ" ଉଚ୍ଚାରଣ କରେ, ଏହାଦ୍ୱାରା ବିନମ୍ରଭାବ ପ୍ରକାଶ ହୁଏ

ଗହେଜ୍—କ୍ରି. ମୁଣ୍ଡର ବାଳ ଇଞ୍ଚାଡ଼ି ହୁଙ୍କୁଣି ବାଛିବା

ଗହଣାପାତି—ବି. ଗହଣାପତ୍ର, ଗହଣା ସମୁଦାୟ

ଗହନାଗୁହନ—କ୍ରି. (ଜଣକ) ପଛରେ ଲାଗିରହିବା
କ୍ରି.ବିଂ. ପଛରେ ଲାଗି ରହିବାର ପ୍ରକ୍ରିୟା

ଗହନାନ୍—କ୍ରି. ପଛରେ ପଛରେ ଯିବା, ଲାଗିରହିବା

ଗହରକ୍—ବି. ଗ୍ରାହକ

ଗହଲାଗୁହଲି—କ୍ରି.ବିଂ. ସ୍ୱଳ୍ପପାଖ, ଅଧକଢ

ଗହଲଓ୍ୱ—କ୍ରି. ସ୍ଥଗିତ କରିବା, ଡେରିକରି ଦେବା

ଗ.ହଲେ—କ୍ରି. ଶାନ୍ତ ହେବା, ରୁଜ ହେବା

ଗହାଲ୍ ପୂଜା—ବି. ସାନ୍ତାଳଙ୍କ ଏକ ପ୍ରକାର ପୂଜା ଗୁହାଳ ଘରେ କରାଯାଏ । ଏ ପୂଜାରେ ସବିଶେଷ ବଳି ଦିଆଯାଏ ।

ଗହଲ୍—କ୍ରି. ଘୋଷାରିବା

ଗହଲା—ବି. ଗୌଡ଼ ଜାତି ବିଶେଷ

ଗଙ୍ଗାକୁଲଦ୍—ବି. ନଦୀକୂଳିଆ ଚଲ

ଗଙ୍ଗା ଗସ୍ଥା—କ୍ରି. ଅନ୍ତିମ ସଂସ୍କାର କରିବା, ଗଙ୍ଗା ପାଣିରେ ଅସ୍ଥି ବିସର୍ଜନ କରିବା, କ୍ରି. ବିଂ. ଅନ୍ତିମ୍ ସଂସ୍କାର କରିବା ପ୍ରକ୍ରିୟା

**ଗଙ୍ଗା ତୁଲସି**—ବି. ଗଙ୍ଗା ତୁଳସୀ

**ଗାଁ**—ବି. ଗ୍ରାମ

**ଗାଁ.ଟ୍**—ବି. ଗଣ୍ଠି, ଗଣ୍ଠିଲି, କ୍ରି. ଗଣ୍ଠି ପକାଇବା, ଗଣ୍ଠିଲି ବାନ୍ଧିବା, ଦଉଡ଼ିରେ ଗଣ୍ଠି ପକାଇବା

**ଗାଁ.ଟ ଂ**—କ୍ରି°. ଆପେ ଗଣ୍ଠି ପଡ଼ିବା, କୁକୁର ଓ କୁକୁରୀର ସମ୍ଭୋଗ ବେଳେ ଗଣ୍ଠି ପଡ଼ିଯିବା

ଗାଁଓଁାର୍—ବି°. ଗାଉଁଲି, ମୂର୍ଖ

ଗାଓଁାର ବୁଲି—ବି. ଗାଉଁଲି ଭାଷା

ଗାଁଓଁ ଆଓ—କ୍ରି. ମିଶ୍ରଣ କରିବା, ନଷ୍ଟ କରିବା

ଗାଁଓଁ ଡା—ବି°. ପଡ଼ିଶା ଗାଁ

ଗାଁଓଁ ଲେ—ବି°. ଗାଁଉଲିଆ

ଗାଁଓଁ ଡେ—କ୍ରି. ବି°. ଅଶୁଦ୍ଧି ଭାବେ, ଭୁଲ୍‌ବଶତଃ

ଗାଁଓଁ ଡ଼େ, ଗାଁଓଁ ଡେ—କ୍ରି. ବାହାନା କରିବା, ଲଜା କରିବା କାମ ଢ଼େର

ଗାଁହାଁତ୍ ଗୁହୁଁତ୍—କ୍ରି. ବି°. ଅସ୍ପଷ୍ଟ ଭାବେ (କହିବା) କ୍ରି. ଧୀରେ କହିବା, ଗୁଣି ଗୁଣି ହେବା

ଗାଁହାଁଣ୍ ଗୁହୁଁଣ୍—କ୍ରି. ଗୁଣ୍ ଗୁଣ ହେବା କ୍ରି. ବି°. ଧୀରେ ଧୀରେ (କହିବା)

ଗାଁଡ଼ାଓଁ—କ୍ରି. ଧପେଇ ଆଣିବା

ଗାଁଣା—ବି. ଅଂଶ ବିଶେଷ

ଗାଁଡ଼୍‌ସାଦେ—ବି. କଳସୀ ବା ଗଗରୀ ରଖିବା ମୁତୁଲା

ଗା°—ବି. ରକ୍ତ ଦାଗ, କ୍ରି. ରକ୍ତଦାଗ ବସିବା

ଗା°ଡାଁଇ—ବି. ଗଙ୍ଗାନଦୀ

ଗାଗ୍—କ୍ରି. (ଦଉଡ଼ି, ସୂତା) ଛନ୍ଦିବା

ଗାଗ୍‌ଆ ଂ—ବି°. ଛନ୍ଦା

ଗାଚମ୍—ବି. ଦାଢ଼ୀ

ଗାଚସ୍ମାଃ—ବି. ଦାଢ଼ୀଆ

ଗାଚ୍‌ପାଣ୍ଡ—ବି. ଗଛପଞ୍ଝ

ଗାଛା—ବି. ଗୁଛା

ଗା.ଛୁ—ବି. ବୁଆଲ

ଗା.ଛୁସ୍ମା.ଉ—କ୍ରି. ବହୁତାପରେ ବୁଆଲଗୁଡ଼ିକୁ ସଜାଡ଼ି ଦେବା

ଗାଛୁଓଁ—କ୍ରି. ସ୍ୱୀକାର କରିବା କଥାହେବା, ସହମତ ହେବା

ଗାଜଗାଜ୍—କ୍ରି.ବି°. ଅତ୍ୟଧିକ (ଗରମହେବା, ଦୁର୍ଗନ୍ଧ ହେବା, ସଡ଼ିଯିବା)

ଗାଜଗାଜ୍‌ଅ ଂ—କ୍ରି. ସଡ଼ିବା, ବଜ୍‌ବଜ୍‌ହେବା

ଗାଜ୍‌ଗାଜାଅ ଂ—କ୍ରି. ସଡ଼ିବା

ଗାଜାଓଁ—କ୍ରି. ଠେସିକରି ପୁରାଇବା, ଡାଗିଦା କରି କହିବା ଜୋରରେ ଗାଲିଦେବା, ଡାଣ୍ଟି ଦେବା

ଗା.ଜ୍‌ଲାଃ. ମେନତେ—କ୍ରି.ବି°. ଧପକରି, ଭାରି ବା ବହୁତ ଜିନଷ ହଠାତ୍ ଖସିପଡ଼ିବାର ଶବ୍ଦ କ୍ରି.—ଧପ୍, ବା ଧଡ୍ କରି ପଡ଼ିବା

ଗା.ଜଲ୍ଲାଃ ଗା.ଜ୍‌ଲାଃ—ବି°. ବହୁତ, ଗଦାଗଦା

ଗାଜ୍‌ଗୁଜ୍—କ୍ରି.ବି°. ଅକସ୍ମାତ୍ ଝଟାମଠା ଖସିପଡ଼ିବା, ଗଜ୍ ଗଜ୍ କରିବା

ଗାଜର୍—ବି. ଗାଜର

ଗାଜାଗାଜ—କ୍ରି. ବକାବକି କରିବା, ଗାଲିଗୁଲଜ୍ କରିବା

ଗାଜାର୍ ଗୁଜୁର୍—କ୍ରି.ବି°. ଖଣ୍ଡବିଖଣ୍ଡ ଅବସ୍ଥା

ଉ: ଗାଜାର୍ ଗୁଜୁର୍ ସାହାନ - ଖଣ୍ଡ ବିଖଣ୍ଡ ଜାଳେଣି କାଠ

ଗାଜାଲ୍‌ହୁଡୁ—ବି. ଦଲଦଲିଆ ଜମିରେ ହେଉଥିବା ଧାନ

ଗାଜାଲ ଗାଜାଡ୍ ବି. ବୁଦୁବୁଦିଆ ଜଙ୍ଗଲ କ୍ରି. କଥା ଭାଷାର କୋଳାହଳ ହୋ ହାଲ୍ଲା ଶବ୍ଦ ବା ଧ୍ୱନି

ଗାଜାଲ୍‌ମସୁ—ବି. ବଡ଼ପାଟିବାଲା, ହାଉ ହାଉ କରି କହିବାବାଲା

ଗାଜାଲ୍ ହାକୁ—ବି. ପଙ୍କରେ ମିଳୁଥିବା ଏକ ପ୍ରକାରର ମାଛ

ଗାଜଜ୍‌ଖୁର୍—ବି°. ଖଞ୍ଜଣୀ

ଗାଞ୍ଜ୍‌ଜନ—ବି°. ପଞ୍ଚମ ସନ୍ତାନ

ଗାଞ୍ଜ୍‌ଜନି—ବି°. ପଞ୍ଚମା ପୁତ୍ରୀ

ଗାଞ୍ଜ ଜା—ବି. ଗଞ୍ଜାଇ

ଗାଞ୍ଜଜା ଗାଞ୍ଜ ଜ—କ୍ରି.ବି°. ଅଧିକ ଭିଡ଼ ଗେଞ୍ଜାଗେଞ୍ଜି (ଭିଡ଼)

ଗାଞ୍ଜଜାଗା.ଞ୍ଜଜ—କ୍ରି.ବି°. ଗେଞ୍ଜାଗେଞ୍ଜି କରିଦେବା

ଗାଣ୍ଡଜାଗୁଣ୍ଡା.—କ୍ରି. ଗେଣ୍ଡାଗେଣ୍ଡି କରି ମିଳାଇ ଦେବା, ସମାନ୍ କରିବା

ଗାଣ୍ଡିଅ—ବି. ଗାଣ୍ଡିଆ

ଗାଣ୍ଡ୍‌ଜାଓ—କ୍ରି. ଗୁଣ୍ଡିବା

ଗାଣ୍ଡ୍‌ଜାନ୍—ବିଂ. ଗଞ୍ଜଣା, କ୍ରି. ଗଞ୍ଜଣା ଦେବା, ଦୁର୍ବ୍ୟବହାର କରିବା

ଗାଣ୍ଡ୍‌ଜେଡ୍.—ବିଂ. (ଖାଡ଼ ମଧ୍ୟରୁ କେହି ଜଣେ) ଖସିଯିବା ବା ପଳାଇବା କ୍ରି. କଣ୍ଡୁଲୁଗା ଖସିଯିବା ଅବସ୍ଥା

ଗାଣ୍ଟ୍‌କା ଗୁଣ୍ଟ୍‌କା—ବିଂ. ଆବଡ଼ା ଖାବଡ଼ା, ଉଚ୍ଚ ନୀଚ, ଅସମତଳ

ଗାଡ୍ ଗାଡାଓ—କ୍ରି. (ଡାଲ୍‌ବା ଡେଲରେ) କମ୍ପନ ପକାଇ ତାହାର କୁଣ୍ଡବା ଛୁଟିବା ଯୋଗୁଁ ଦେ ଅସେ । "କଡ୍ କଡ୍" ପୃଷ୍ଠମାଧ୍ୟରେ (କହିବା)

ଗାଡ୍‌ଗୁଡ୍—ବିଂ. ଧୁମା ଧୁମ, ଧୁଡ୍‌ଧାଡ, ଉ: ଗାଡ୍‌ଗୁଡ୍‌ଜନ୍ ଡାପାମ୍ କାନା - ଧୁମାଧୁମ୍ ଲଢୁଛନ୍ତି ବା ମାଡ଼ପିଟ୍ ହେଉଛନ୍ତି

ଗା.ଡ୍‌ବାଡା.ଛ—କ୍ରି. ଗଡ଼ବଡ଼ ହୋଇଯିବା, ଗୋଳମାଳ ହେବା

ଗାଡ୍‌ବେ ସାଡ୍‌ବେ—କ୍ରି. ବିଂ. ଅସ୍ତବ୍ୟସ୍ତ, ଭୁଲଭାଲ୍
କ୍ରି. ଅସ୍ତବ୍ୟସ୍ତ ରହିବା, ଭୁଲଭାଲ୍ (ଭୁଲଭଟକା) ହେବା

ଗାଡ୍‌ସ ଗୁଡ୍‌ସୁ—କ୍ରି. ବିଂ. ଛୋଟ ଛୋଟ ବୟସରେ ଅସୁବିଧା ଉଠୁଥିବା, କ୍ରି. ଗୋଡ଼ିଆ ଗୋଡ଼ି ହୋଇ ପଡ଼ିବା

ଗାଡ୍‌ସବ୍ ଗୁଡ୍‌ସୁବ୍—ବିଂ. ସାନ ସାନ, ବି. ପିଲା ପିଲା ଆଦି ଏକାଠି ଉ: ଏଙ୍ଗାଡ୍ ଆପାଡ୍ ସାଓଁତେ ଗାଡ୍‌ସବ ଗୁଡ୍‌ସୁବ୍ କ ପେଟେଇ୍ ଏନା - ପିତାମାତାଙ୍କ ହେତୁ ସାନ ପିଲାପିଲାମାନେ ପଢୁଥିଲେ

ଗାଡ୍‌ଲ୍ —ବି. ଗାତ, ଖଣି

ଗାଡ୍‌ଲ୍ ଅ —କ୍ରି. ଗାତ ହେବା, ଖଣି ହେବା

ଗାର୍ଡ୍—ବି. ଇଂ guard ଗାର୍ଡ, ପହରାଦାର

ଗାଡା—ବି. ଛୋଟ ନଦୀ

ଗାଡ଼ାଇଗୁ —ବି. ନଦୀ ଶଙ୍ଖୁଡ଼ି

ଗାଡ଼ାକା.ଛ—ବି. ଏକପ୍ରକାର ଖେଳ

ଗାଡ଼ାକାଲ୍‌ହା—ବି. ନଦୀକୂଳର ଏକପ୍ରକାର ଗଛ

ଗାଡ଼ାକା.ସି—ବି. ନଦୀକୂଳସ୍ଥ କାଗଡଣ୍ଡି ଗଛ

ଗାଡ଼ାକାସ୍‌ମାଲ୍—ବି. ଗମ୍ଭାରିଗଛ ସଦୃଶ୍ୟ ନଦୀ କୂଳିଆ ଗଛ

ଗାଡାକା.ହୁ—ବି. ନଦୀକୂଳିଆ ବଡ଼ କାଉ, ଡାମରା କାଉ

ଗାଡାଗାଁଣ୍ଡି—ବି. ନଦୀର ଏକ ପ୍ରକାରର ପୋକ

ଗାଡ଼ାଗୁଲ୍—ବି. ନଦୀକୂଳିଆ ମୂଷା

ଗାଡାଗୁହିର୍—ବି. ଖଞ୍ଜନ ପକ୍ଷୀ

ଗାଡାଡେ—ବି. ନଦୀକୂଳିଆ ଏକପ୍ରକାର ବଡଧରା ଢେଣ ସାପ

ଗାଡ଼ାଡଙ୍ଗଡ୍—ବି. ନଦୀ ଚେଙ୍ଗମାଛ

ଗାଡ଼ାଢେଲ୍—ବି. ଏକପ୍ରକାରର ନଦୀକୂଳିଆ କେନ୍ଦୁ ଗଛ

ଗାଡ଼ାଦୁଁଣୀ—ବି. ନଦୀରେ ଥିବା ତୋଡ଼ି ମାଛ

ଗାଡ଼ାପାଡଓ୍ୱାନ୍—ବି. ନଦୀକୂଳିଆ ଏକପ୍ରକାର ଗଛ

ଗାଡ଼ାପାଞ୍ଜ୍‌ଜାଁନ୍—ବି. ନଦୀକୂଳିଆ ଏକ ଗଛର ନାମ

ଗାଡ଼ାପାଁଡ଼ିଁ—ବି. ନଦୀକୂଳିଆ ଅକର୍ ଗଛ

ଗାଡାମୁଣ୍ଡୁଦନ୍—ବି. ବର୍ଷାଋତୁ

ଗାଡ଼ାକ୍ ଗୁଡୁକ୍—ବିଂ. ଛୋଟିଆ, କ୍ରି. ମନ୍ଦବେଗରେ, ଛୋଟିଆ ଛୋଟିଆ ପାଦ ପକାଇ ଯିବା

ଗାଡ଼ାର୍ ଗୁଡୁର୍—ବିଂ. ଛୋଟିଆ ଗୋଲାକାର
କ୍ରି.ବିଂ. ଛୋଟିଆ ଛୋଟିଆ ଅଲଗା ଅଲଗା (ଗଳିପଡ଼ିବା)

ଗାଡାଗଁଧା—ବି. ବଚ

ଗାଡାଓ—କ୍ରି. ପୋତିବା, ମନରେ ବସିବା, ପୁରଣ ହେବା

ଗାଁଡାର୍ (ଗାନ୍‌ଡାର)—ବି. କାଠ ବା ଗଛ କଟା ପୋକ

ଗାଁଡାର୍‌ମୁଣ୍ଡି—ବି. ଲମ୍ବ ଲାଞ୍ଜବାଲା ମେଣ୍ଢା

ଗାଡାସିକସ୍ୟା.ମ୍—ବି. ନଦୀକୂଳିଆ ପାଣି ରସୁଣ (ଔଷଧରେ ବ୍ୟବହାର ହୁଏ)

ଗା.ଡ଼—ବି. ଗାଡ଼

ଗା.ଡ଼ସ୍ୟା —ବି. ଛୋଟ ପୋଖରୀ pond

ଗାଢ୍—ବିଂ. ଘନ, ବହଳିଆ

ଗାଡ୍‌ହା—ବି. ଖାଲ, ଗାତ

ଗାଡ଼ାଗୁଡ୍ ଗାଡ୍‌ହା ଗୁଡ୍‌ହୁ—ବି. ଖାଲ ଢିପ

ଗାଣା.—ବି. ପିଲା

ଗାଣାସ୍—କ୍ରି. ବଂଶ ବୃଦ୍ଧି କରିବା
ଗା.ଣି—ବି. ପାଣ୍ଡମାଙ୍କଡ଼
ଗାଁଣ୍ଡ୍—ବି. ଗଣ୍ଠି, (ସୂତା ଗଣ୍ଠି, ଲୁଗାଗଣ୍ଠି, ଦଉଡ଼ି ଗଣ୍ଠି
କ୍ରି. ଗଣ୍ଠି ପକାଇବା
ଗାଁଣ୍ଡାଓ—ଗଣ୍ଠାଇବା, ଗଣ୍ଠିଲି କରିବା
ଗାତକ୍—କ୍ରି. ଅର୍ପଣ କରିବା, ଆଶ୍ରୟରେ ଛାଡ଼ିବା
ଗାତକଦାର୍—ବି. ଆଶ୍ରୟ ଦାତା
ଗାତ୍ଲଗୁତ୍ଲୁ—କ୍ରି. କୁଲ୍‌କୁରୁ କରିବା, କୁରୁଲ କୁରୁକରିବା
ଗାତାମ୍—କ୍ରି. ଚୁପ ରହିବା, ଶୂନ ପଡ଼ିବା
ଗାତ୍ରଗାମ୍—କ୍ରି. ଶାନ୍ତ ହେବା, କ୍ରି. ବିଂ. ପୂର୍ଣ୍ଣତଃ ଶାନ୍ତ
ଗାତାସ୍‌ଗାତାସ୍—କ୍ରି.ବିଂ. ଦେହ ବା ଜିଭ ଗଲୁକରିବା,
ଦେହ ବା ଜିଭକୁ ଖସ୍‌ଖସିଆ ଲାଗିବା
ଗାତାସ୍‌ମେନ୍‌ତେ—କ୍ରି.ବିଂ. ହଠାତ୍ ଗଲୁ ହେବାର ଅନୁଭବ
ଗାତାବ୍—କ୍ରି. ଖୋଜ ବାହାର କରିବା, ଖୋଜ ପାଇବା
ଗାତେ—ବିଂ. ସାଙ୍ଗ, ସାଥୀ, ବି. ମିତ୍ରତା
ଗାତେ ଗାତେ—କ୍ରି. ବିଂ. ସାଙ୍ଗହୋଇ
ଗାତେ ଜଂ—କ୍ରି. ସାଙ୍ଗ କରିବା, ସାଥୀ କରିବା
ଗାତେ ଓରେଙ୍ଗ୍—କ୍ରି. ବିଂ. ସାଥିମାନଙ୍କ ଗହଣରେ
ଗାତ୍ରୱା—ବିଂ. ଘରପୋଷା
ଗାଥା—ବି. କାହାଣୀ, ଶ୍ଳୋକ
ଗାଥାଓ୍—କ୍ରି. ଗୁନ୍ଥିବା
ଗାଥିନ—ବି. ଗାନ୍ଥିଣୀ (ମୂଲଦୁଆ ପକାଇ କାମ ଆରମ୍ଭ କରିବା)
ଗା.ଦ୍—ବିଂ. ଗଦା ଗଦା, କ୍ରି. ଗଦା କରିବା, ଗଦାଇ ଦେବା
ଠୁଳ କରିବା, ଠୁଳେଇ ଦେବା, ସନ୍ତୋଷ ହେବା
ଗାଦ୍ ଗାଦ୍—କ୍ରି. ବିଂ. ଗଦ୍ ଗଦ୍ ପାଣି ପଡ଼ିବାର ଶବ୍ଦ
ଗା.ଦ୍ ଗା.ଦ୍—କ୍ରି. ବିଂ. ବହୁତ ଅଧିକ
ଉ : ହୁକୁ ଗା.ଦ୍ ଗା.ଦ୍ ମେନାଃଆ — ଧାନ ଗଦା (ଠୁଳ
ହୋଇଥିବା) ବହୁତ ହୋଇଛି
ଗାଦ୍‌ଗାଦାଓ୍—କ୍ରି. ବିଂ. ଭିଡ଼, ବହୁତ (ଲୋକ) ଠୁଳ ବା
ଏକତ୍ର ହେବା

ଗାଦ୍ ଗୁଦ୍—କ୍ରି. ବିଂ. ଦୁଲ୍‌ଦାଲ ପଡ଼ିବାର ଶବ୍ଦ
ଗା.ଦ୍‌ମେନ୍‌ତେ—କ୍ରି. ବିଂ. ଗୁଦ୍‌ଗାଦ୍ ବା ଦୁଲ୍‌ଦାଲ ଶବ୍ଦ ହୋଇ
ଗାଦ୍‌ମାରଓ୍—କ୍ରି. କାଦୁଅରେ ପଶିଯିବା, କାଦୁଅ ପାଣି ଭିତରକୁ
ପଶିବା
ଗାଦ୍‌ର ଗୁଦ୍‌ର.—କ୍ରି. ବିଂ. (ଗୋଡ଼) କାଦୁଅରେ ଲଟ୍
ପଟ୍ ହୋଇ, ବିଂ. କାଦୁଅ ଗୋଡ଼ିଆ ହେବା
ଗାଦ୍‌ରଃ ସାଦ୍‌ର ଂଂ—ବିଂ. ଅପରିଚ୍ଛନ୍ନ ଛିଣ୍ଡା ଫଟାଲୁଗା
ପରିଧାନ ପୂର୍ବକ, କ୍ରି. ମଇଳା ଛିଣ୍ଡା ଫଟା ଲୁଗା ପିନ୍ଧି
ଅପରିଷ୍କାର ହୋଇ ଆସିବା
ଗାଦ୍‌ରଜ୍—କ୍ରି. ବିଂ. ଅପରିଷ୍କାର, ଛିଣ୍ଡା ଓହଳା ଲୁଗା
ପିନ୍ଧିକରି ଆସିଥିବା ବ୍ୟକ୍ତି, ବିଂ. ଅପରିଷ୍କାର ବସ୍ତ୍ର ଧାରଣ
କ୍ରି. ଦୁସ୍ଥ ଅବସ୍ଥା ହେବା, ଛିଣ୍ଡାଫଟା ବସ୍ତ୍ର ପିନ୍ଧିବା
ଗାଦା—ବି. ଗଦା, ମୁଦ୍‌ଗର
ଗାଦା—ବିଂ. ଏକତ୍ର ଠୁଳ କରାଯାଇଥିବା (ଦ୍ରବ୍ୟ)
ବିଂ. ଗଦାଇଥିବା, କ୍ରି. ଗଦାଇବା, ଜମାଇବା
ଗାଦାଗାଦା—ବିଂ. ବହୁତ ଅଧିକ, ବହୁତ ଲୋକ ଏକତ୍ର ହେବା
ଗାଦାର୍—ବିଂ. ଦର ପାଚିଲା
ଗାଦାର୍—ବି. ଅନିଚ୍ଛା, ଅରୁଚି, ବିତୃଷ୍ଣା
କ୍ରି. ଅନିଚ୍ଛା/ଅରୁଚି ପ୍ରକାଶ କରିବା
ଗାଦ୍‌ନାର୍—ବିଂ. ପାଚିବା ଅବସ୍ଥାକୁ ଆସିବା
ଗାଦାଓ—କ୍ରି. ଠେସିବା
ଗାମାଓ କେଟେଜ୍—କ୍ରି. ଠେସି ଠେସି (ଖୁନ୍ଦି) ବନ୍ଦ କରିବା
ଗା.ଢ—ବି. ଗଢ, ଆସନ. ରାଜସିଂହାସନ, କ୍ଷମତା
ଗା.ଦୁଜ୍—କ୍ରି. ଆଞ୍ଜୁଳିବା, ଲିଖାଡ଼ିବା
ଗା.ଦୁଜ୍ ଗା.ଦୁଜ୍—କ୍ରି. ବିଂ. ଢିଲାଢାଲା (ଲୁଗା) ପୋଷାକ
ପିନ୍ଧି କରି, କ୍ରି. ଢିଲାଢାଲା ପୋଷାକ ପିନ୍ଧିବା
ଉ: କୁଲହି ଗା.ଦୁଜ୍ ଗାଦୁଜ୍ ସେ ତାଲାମ୍ ଅକାଦ୍ ଆ—
ସିଏ ଢିଲାଢାଲା ଲୁଗା ପିନ୍ଧି ବୁଲୁଅଛି
ଗା.ଦୁର୍—କ୍ରି. ଲୁଣ୍ଠାଇବା, ଆଞ୍ଜୁଳିବା, ଘୁଞ୍ଚୁଳିବା
ଗାଦେଲ୍—ବିଂ. ବହୁ ସଂଖ୍ୟକ, ବି. ବହୁତ ଭିଡ଼,
କ୍ରି. ବହୁତ ଭିଡ଼ ହେବା

ଗାଧ୍‌ନାର—ବି°. ଗାଦ୍‌ନାର ଦେଖ

ଗାଧ୍‌ନାର୍ଓ୍ୱ—କ୍ରି. ଆଦର୍ କରିବା

ଗାଧ୍‌ଡା—ବି°. ଖାଲ, ଗାଡଢ଼ା

ଗାଧା—ବି. ଗଧ, ବି°. ମୂର୍ଖ

ଗାଧାଗୁଦ୍‌ଦୁ—ବି°. ଅତିସୁସ୍ଥ, ସୁଗଠନ ସ୍ୱାସ୍ଥ୍ୟ

କ୍ରି. ମୋଟା ସୁସ୍ଥ ହୋଇ ରହିବା

ଗା.ଧୁତ୍—ବି° ମୂଢ଼, ଅପରିଚ୍ଛନ୍ନ

ଗାନ୍—କ୍ରି. ପାରିବା, ଜାଣିବା

ଗାନ୍‌ଆ ∞ —ବି°. ହୋଇଥିବା, କରାଯାଇଥିବା

ଗାନଃ —ବି°. ହେବା

ଗାନଃଆ—କ୍ରି. ହୋଇଯିବା

ଗାନା ∞ —ବି°. ଲଟ୍‌କଣା, କ୍ରି. ଲଟ୍‌କଣା (ଲଟି, କଣ୍ଟା)ରେ ଲଟକିବା, ଓଟାରି ଧରିବା, ଉ: ସା.ଲ ଜାଲୁମ୍‌ରେ ଗାନା ∞ ଏନ୍ ଉଞ୍ଜ୍‌ଆ - ମୋ ଶାଢ଼ୀ କଣ୍ଟାରେ ଲଟକି ଯାଇଛି

ଗାନାଓ୍ୱ—କ୍ରି. ଖ୍ୱବନା ପ୍ରସ୍ତୁତ, ରଚନା କରିବା, ଚନ୍ଦ୍ରାକୁ ରୂପ ଦେବା

ଗାଁନ୍‌ଡ (ଗାଣ୍ଡ୍)—ବି. ଗିଲଟି, ମାଂସ ପେଣ୍ଡୁଳା

ଗାଁନ୍‌ଡ ∞ —କ୍ରି. ଗିଲ୍‌ଟି ବାହାରିବା

ଗାଁନ୍‌ଡଅ (ଗାଣ୍ଡା)—ବି. ପିଢ଼ାପଟା

ଗାଁନ୍‌ଡ୍‌ଆ—ବି. ଗଣ୍ଡା(ଏ) ସ୍ୱରସଂଖ୍ୟା

ଗାଁନ୍‌ଡ୍‌ଇଜ୍ (ଗାଣ୍ଡିଜ୍)—କ୍ରି. ହାଣି ଗଡ଼ କରିବା

ଗାଁନ୍‌ଡ୍‌କେ—ବି. (କାଠ) ଗଡ଼

ଗାଁନ୍‌ଡ୍‌କେ—ବି°. ବୃଛ ବା ମାଚ (ଲୋକ) ଏ ଶବ୍ଦ କେବଳ ଗାଲି କରିବାରେ ବ୍ୟବହୃତ ହୁଏ

ଗାଁନ୍‌ଡେ—କ୍ରି. ଅବରୋଧ କରିବା, କରେଇ ହୋଇ ଛଡ଼ା ହେବା

ଗାଁନ୍‌ଡେ ଦାସ୍ୱମ୍—କ୍ରି. ଓଗାଳିବା

ଗାଁନ୍‌ଡେନ୍ତୁବଞ୍ଜ୍—ବି. ଚନ୍ଦସାପ

ଗା.ନ୍‌ଡଲ୍ଲୁର୍—ବି. କାଠଗଡ଼ରେ ଉଆର ନଳା

ଗାନ୍‌ଡାର୍—ବି. କାଠପୋକ

ଗାନ୍‌ଡ୍‌ସ—ବି°. ପୋକସ୍ଥ (ଗଛ ଡାଲ) କ୍ରି. ପୋକସ୍ଥ ହେବା

ଗାନ୍‌ଡ୍‌ସ୍ୱଗୁନ୍‌ଡ୍‌ସ.—ବି°. ଖ୍ଲେଟିଆ ଖ୍ଲେଟିଆ, ଖଣ୍ଡିଆ ଖଣ୍ଡ

କ୍ରି.ବି°. ଝୁଲୁସ୍ ଝୁଲୁସ୍ ହୋଇଥିବା

ଗାନ୍‌ଡାସ୍ୱଓ୍ୱ—କ୍ରି. (କାଠକୁ) ଗୋଲେଇ କରି ଛାଲି ବାହାରି କରି ଦେବା

କ୍ରି.ବି°. ପୋକ ଦ୍ୱାରା ନଷ୍ଟ କରିଥିବା, ପୋକକଟା

ଗାନ୍‌ଡାଗୁଟି—ବିଭିନ୍ନ ଗୋଟି (ଜନସ୍ଥ) କ୍ରି. ବଣ୍ଟନ କରିବା

ଗାନ୍‌ଡା ଗୁନ୍‌ଡା—ବି. ଅତି ଖ୍ଲେଟ ଖ୍ଲେଟ, ଗୁଣ୍ଡିଆ

ଗାନ୍‌ଡାଜ୍ ଗୁନ୍‌ଡୁଜ୍—କ୍ରି.ବି°. ଝୁଲୁସ୍ ଝୁଲୁସ୍ ହୋଇ

କ୍ରି. ଝୁଲୁସ୍ ଝୁଲୁସ୍ ହେବା

ଗାନ୍‌ଡେ—କ୍ରି. ଆଢ଼କରି ରଖିବା

ଗାନ୍‌ଡେ—କ୍ରି. ଆଢ଼କରି ରଖିବା

ଗାନ୍‌ଡେ(ଢ଼) ମୁନ୍‌ଡେ (ଢ଼)—କ୍ରି.ବି°. ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଅନ୍ତରକ୍ତ (ପିଟିବା)

ଗାନ୍‌ଡଅ ଗୁରୁ—ବି. ସାନ୍ତାଲର ଔଷଧ ଦେବା ପାଇଁ ଅନେକ ଗୁରୁଅଛନ୍ତି, ସେଥି ମଧ୍ୟରୁ ଗାଣ୍ଡଗୁରୁର ନାମକରଣ ହୋଇଛି

ଗାନ୍‌ଡଅମା.ଟ—ବି. ପିଢ଼ା ଓ ମାଚଆ

ଗାନ୍‌ଡନ୍—କ୍ରି. ଶୁଦ୍ଧି କରଣ କରିବା, ଶୁଦ୍ଧି ହେବା ଚନ୍ଦ୍ରା କରିବା

ଗାନ୍‌ଡେନ୍ତୁ ମୁନ୍‌ଡେତ୍—ବି. କାଠର କଟା ଯାଇଥିବା କଟାଗଛର ମୁଣ୍ଡରୁ ଅଗ ପର୍ଯ୍ୟନ୍ତ

ବି°. ଖୋଲା ବା ଲଙ୍ଗଳା ଅବସ୍ଥା

ଗାନାଡେ—ବି. ଦ୍ୱାରବନ୍ଧ

ଗାନ୍‌ଦାଜ୍ ଗୁନ୍‌ଦୁଜ୍—ବି°. ଅଲ୍ପଭାଷୀ, କଥା କହିବାରେ ହକ୍‌ବକ୍‌ହେଇବା

ଗାନ୍‌ଦାର୍ ଗୁନ୍‌ଦୁର୍—କ୍ରି. କହିବାରେ ଅସ୍ପଷ୍ଟ କଥା କହିବା

କ୍ରି.ବି°. ଫୁସୁଫୁସିଆ କରି କହିବା

ଗାନ୍‌ଧା ଗା.ନ୍‌ଧୁ—ବି°. ତୀବ୍ର ଦୁର୍ଗନ୍ଧ

ଗା.ନ୍‌ଧୁ (ଋଅ)—ବି. ଗନ୍ଧ ପୋକ (ମାଛି)

ଗାଁନ୍‌ଧା.ରି ଆଲା ∞ —ବି. ଖଡା ସାଗ

ଗାନ୍‌ଗାନଡେ—କ୍ରି.ବି°. ପାରୁ ପାରୁ, କରୁଁ କରୁଁ

ଗାନାଃ—ବି. ମାଙ୍କଡ଼ସା ଜାଲ

ଗା.ନା.ରି—ବି. ମୁଣ୍ଡଲି ଜାଲ

ଗାନଃଧା.ବଜ୍—କ୍ରି.ବିଂ. ହେବା ପର୍ଯ୍ୟନ୍ତ, ପାରୁପର୍ଯ୍ୟନ୍ତ

ଗାପ୍‌ଗୁପ୍—କ୍ରି.ବିଂ. ଚୁପ୍‌ଚାପ୍

ଗାପା—ବି. ଆସନ୍ତାକାଲି

ଗାପାମେସ୍ତଂ—କ୍ରି.ବି. କାଲି ପଅରିଦିନ

ଗାପାହ୍ୱାବଜ୍—କ୍ରି.ବି. କାଲି ପର୍ଯ୍ୟନ୍ତ

ଗାପାଲ୍ ଗାପାଲ୍—ବିଂ. ମଳଗ୍ରସ୍ତ ଫୁଲ, ଢିଲ (ଲୁଗାପଟା ପିନ୍ଧା)

ଗାପାଲ୍ ମାଗ୍ଏଁ—ବି. କଥୋପକଥନ

ଗା.ପୁଜ୍—କ୍ରି. ଲଙ୍ଗୁଳି ଜାକିବା, ଡରି ପଛଘୁଞ୍ଚା ଦେବା

ଗା.ପୁଜ୍‌ଗା.ପୁଚ୍—କ୍ରି.ବିଂ. ଡରିକରି ଧିରେ ଧିରେ ଘୁଞ୍ଚିଯିବା ପ୍ରକ୍ରିୟା

ଗାପେ ଗୁପେ—କ୍ରି.ବିଂ. ଗୁପ୍ତ ଭାବରେ, କ୍ରି. ଗୁପ୍ତ ରଖିବା

ଗାବ୍—ବିଂ. କସ, ଦାଗ, ଚିହ୍ନ କ୍ରି. କସ ହେବା, ଦାଗହେବା, ଚିହ୍ନ ହେବା

ଗାବ୍‌ଗାବ୍—କ୍ରି.ବିଂ. ଗବ୍‌ଗବ୍ ଚଟ୍‌ଚଟ୍

ଗାବ୍‌ଗାବାଏଁ—କ୍ରି. କାଦୁଅରେ ପଶିଯାଇ ରହିବା

ଗାବ୍‌ଡେ(ଲେ)—କ୍ରି.ବିଂ. ଭୁଲ୍‌ରେ, ଭୁଲ୍ ବଶତଃ
କ୍ରି. ଭୁଲ୍ କରିବା

ଗାବ୍‌ମେନ୍‌ଡେ—କ୍ରି.ବିଂ. ହଁଅଟ୍‌କରି (କାଦୁଅରେ, ଯୋରରେ ପଶିଯିବା, ଫଳ ଗଛରେ ବାଜିଯିବା)

ଗା.ବରି—(ସ୍ତ୍ରୀଲିଂ) ବିଂ ଅପରିଚ୍ଛନ୍ନିଆ, ଗନ୍ଧିଆ
ବି. ପେଟ ଭିତରର ମଳ, କ୍ରି.ବିଂ ଅପରିଚ୍ଛନ୍ନିଆ ମଳଗ୍ରସ୍ତ, ଗନ୍ଧିଆ

ଗାବ୍‌ରଂ ସାବ୍‌ରଂ—କ୍ରି.ବିଂ. ଓଦା ସର ସର, ଲୁହୁଲୁହାଣ

ଗାବଲ୍—ବି. ଗଣ୍ଠିଲି, ଗ୍ରେଟ ବୋଝ ଯାହା କାନ୍ଧରେ ନେଇହୁଏ

ଗାବଲି—ବିଂ. କାନ୍ଧେଇଥିବା, କାନ୍ଧରେ ଲଟକାଇ ନେଉଥିବା (ବୋଝ, ଗଣ୍ଠିଲି)

ଗାବ୍‌ଲେ—କ୍ରି. (ଜବର ଜଣ) ଝିଙ୍କାଇ ନେବା, ଛଡ଼ାଇ ନେବା

ଗାବାନ୍—କ୍ରି. (ରସି ବା ଦଉଡ଼ିକୁ) ଯୋଡ଼ିକରି ମୋଟା କରିବା ଗୁଡ଼ାଇବା, କ୍ରି.ବିଂ. ଯୋଡ଼ି ହୋଇଥିବା

ଗାବାଓଁ—କ୍ରି. ଯଥେଷ୍ଟ ମିଳାଇ ଯିବା, ଉପଯୁକ୍ତ ଭାବରେ ମିଶି ରହିବା

ଉ: ସୁଣ୍ଡ ସୁତାମ୍ ଆରାଂ ଉଂତେ ଗାବାଓଁ ଆକାନ
ଧଳା ସୂତାରେ ଉପଯୁକ୍ତ ଭାବରେ ନାଲି ରଙ୍ଗ ମିଶିଛି

ଗାବାସ୍‌ଗୁବୁଦ୍—କ୍ରି.ବିଂ. ଥଲଥଲ୍ ଅବସ୍ଥା କ୍ରି. କାଦୁଅ ହେବା ନରମ ଅବସ୍ଥା ହେବା

ଗାବାଙ୍ଗ୍ ଗୁଜୁଙ୍ଗ୍—ବିଂ. ଜୋର ପାଟିତୁଣ୍ଡ ହଟଗୋଲ
କ୍ରି. ହଟଗୋଲ ହେବା, ଶାନ୍ତ ଭଙ୍ଗ ହେବା

ଗାବେ—ବିଂ. ମାଂସଳ, ଫଳର ମଞ୍ଜି ଓ ଛୁଲି ମଧ୍ୟରେ ଥିବା ନରମ ପଦାର୍ଥ ବିଶେଷ

ଗା.ବୁଜ୍—କ୍ରି. ଲୁଟିନେବା, ଛଡ଼େଇ ନେବା, ସ୍ୱେଚ୍ଛା କରିବା

ଗା.ବୁଜ୍ ଗା.ବୁଜ୍—କ୍ରି. ବିଂ. ଢିଲା ଢିଲ ହୋଇ ଚାଲିବା, ସଂକୋଚରେ ଯିବା ଆସିବା ଭାବ

ଗା.ବୁଲ୍—କ୍ରି. ଖର୍ଚ୍ଚ କରିବା, ଖର୍ଚ୍ଚ ଲାଗିଯିବା, ହାନିରେ ପଡ଼ିବା

ଗାଭି—ବି. ଉପତ୍ୟକା, ଦୁଇ ଉଚ୍ଚ ସ୍ଥଳର ମଧ୍ୟବର୍ତ୍ତୀ ସ୍ଥାନ, ଗାଡ଼ିଆ, କ୍ରି. ଗାଡ଼ିଆ ହେବା, କ୍ରି. ବିଂ. ଅଧିକ ଗାଡ଼ିଆ ହେବା

ଗା.ଭୁର—ବିଂ. ଘୋର

ଗା.ଭୁର୍ ମେନ୍ତେ—କ୍ରି. ବିଂ. ଗଭୀର ଜଳରେ ଓଜନିଆ ବସ୍ତୁ ପଡ଼ିବାର ଶବ୍ଦ

ଗାମ୍—ବି. ଗହନ କଥା, କାହାଣୀ, ଇତିହାସ, ଲୋକ କଥା
କ୍ରି. କାହାଣୀ କହିବା

ଗାମ୍‌ଗୁମ୍—କ୍ରି. ଗୁଁ ଗାଁ କଥା, ଅସ୍ପଷ୍ଟ କଥା

ଗାମ୍‌ଗୁନ୍‌ଦା.ର୍—କ୍ରି. ହଡ଼ ବଡ ହେବା, ବଲ୍‌ବଲାଇବା

ଗାମୁଛା—ବି. ଗାମୁଛା

ଗାମଛ୍ରସ୍—କ୍ରି. ଧଳା ଗାମୁଛାକୁ ଲାଲ ରଙ୍ଗରେ ରଙ୍ଗାଇବା

ଗମ୍ଛାଧିରି—ବି. ନାଲି ପଥର

ଗାମ୍ଛା ହାସା—ବି. ନାଲି ମାଟି

ଗାମ୍ ପାଭାଓ୍ —କ୍ରି. ନୀରବ ରହିବା, ସ୍ୱର କରି ଚୁପ ରହିବା, କିଛି ବି ନ ଶୁଣିବା

ଗାମ୍ସୁସ୍—କ୍ରି. ଲୁଚାଇଆ ଯୋଜନା କରିବା, ଷଡ଼ଯନ୍ତ୍ର କରିବା
କ୍ରି. ବିଂ. ଗୋପନୀୟ

ଗାମ୍ଲା—ବି. ଗାମଲା (ମାଟି କୁଣ୍ଡ)

ଗାମାଓ୍—କ୍ରି. ପରିଚିତ ହେବା, ଅନ୍ୱେଷଣ ପାଇଁ ଭ୍ରମଣ କରିବା

ଗାମାଲ୍—ବିଂ. ମଇଲା, ମଳିନ

ଗାୟ(ଇ)ନାହା—ବି. ଗାୟକ

ଗାୟ୍ମାୟ୍ଏ—ବିଂ. ଶାନ୍ତ, ସହାନୁଭୂତି ଦାୟକ

ଗାମାଲ୍ଗାମାଲ୍—ବିଂ.—ମଳିନ, ମଳିନ ହୋଇଥିବା ଲୋକ

ଗାଲ୍—ବି. ଦୁର୍ଗ, ଗଡ଼

ଗା.ଲି—ବି. ହନୁମାଙ୍କଡ଼

ଗା.ଲୟା—ବିଂ. ଅଳସୁଆ, ଘାଟେଇବା

ଗା.ୟ୍(ଇ)—ବି. ଗାଈ

ଗାୟା—ବି. ଧର୍ଷଣ (ଖାଦ୍ୟ) ହୋଇଥିବା କୁକୁଡ଼ା ଗଛା ବା ପଶୁ

ଗାୟାଣ୍—ବି. ଗାଁଆଣ

ଗାୟାଂ ଗୁୟୁଂ—କ୍ରି. ବିଂ. ଚୁପ୍ଚାପ୍ ହୋଇ, ଅଲକ୍ଷରେ, ଧୀରେ ଧୀରେ ପଦସ୍ଖଳନ ପ୍ରକ୍ରିୟା

ଉ: ପୁସିଏ ଗାୟାଂ ଗୁୟୁଂ ବାଲାୟ୍କାନା - ବିରାଡ଼ି ଚୁପ୍ଚାପ୍/ ଅଲକ୍ଷରେ ବୁଲି ବୁଲି କରୁଛି

ଗାୟାମ୍—କ୍ରି. ବିଂ. ଧୀର ସ୍ପର୍ଶ, ସାମାନ୍ୟ ଭାବେ ଛୁଇଁବା

ଗାୟାମ୍ଗାୟାମ୍—କ୍ରି. ବିଂ. କୌଣସି ଜିନିଷ ଦ୍ୱାରା, ତାହାର ଦ୍ୱାରା ସାମାନ୍ୟ ଛୁଇଁବାର ଅନୁଭବ, କ୍ରି. ସାମାନ୍ୟ ଭାବେ ସ୍ପର୍ଶ କରିବା

ଗାୟାମ୍ ମେନ୍ଡେ—କ୍ରି. ବିଂ. ଧୀର କରି ସ୍ପର୍ଶ କରି ଦେବା

ଗାୟାର୍ ଗାୟାର୍—କ୍ରି. ବିଂ. ଲମ୍ବ ନଡ଼ବଡ଼ିଆ ଜିନିଷ ହଲଚଲ କରିବା ପ୍ରକ୍ରିୟା, ଉ: ହା.ଡି ଶୁଣ୍ଢାୟ୍ ଗାୟାର୍ ଗାୟାର୍ ଏବାୟ୍ - ହାତୀ ତାହାର ଶୁଣ୍ଢ ଝୁଲାଇ ହଲଚଲ କରୁଛି

ଗାୟାର୍ ଗୁୟୁର୍—କ୍ରି. ବି. (ଲମ୍ବ ନରମ ପତଳା) ଜିନିଷ ନେବା ବେଳେ ଖଣ୍ଡ ଖଣ୍ଡ ହୋଇ ପଡ଼ି ପଡ଼ି ଯିବାର ପ୍ରକ୍ରିୟା

ଉ: ଦସିଲ୍ ବୁସୁବ୍ ଗାୟାର ଗୁୟୁର୍ ଞୁର୍ ଇଦଃକାନା — ମୁଣ୍ଡରେ ବୁହା ଯାଉଥିବା କୁଟାଗୁଡ଼ିକ ଏକ ପରେ ଏକ ପଡ଼ି ପଡ଼ି ଯାଉଛି

ଗାୟାଲ୍ ଗାଲୟ୍—କ୍ରି. ବିଂ. ଜ୍ୱଳନର ଆଶ୍ଚର୍ଯ୍ୟ ଚମରେ ଅନୁଭବ କରିବା ଭାବ, ଧାନର ଅଂଶୁ ପଡ଼ିଲେ ଚମରେ ଯେଉଁ କୁଣ୍ଡିଆଣ ଉତ୍ପନ୍ନ ହୁଏ

ଗା.ୟୁର୍ ଗାୟୁର୍—କ୍ରି. ବିଂ. ଗୋଡ଼ାଇ ଗୋଡ଼ାଇ ଯିବା, ପଛେ ପଛେ ଯିବା

ଗା.ୟୁର୍ ଖାସୁରୁ—କ୍ରି. ବିଂ. ଓହଳା ଓହଳ (ଜିନିଷ)

ଗାୟାଲ୍ ମେନ୍ତେ—କ୍ରି. ବିଂ. ଅଳ୍ପ ଧକ୍କାର ଶରୀର ସ୍ପର୍ଶ

ଗାୟେ ମାୟେ—ବିଂ. ଶାନ୍ତ, ନମ୍ର, କ୍ରି. ଶାନ୍ତ ହେବା, ନମ୍ର ହେବା

ଗାୟ୍ଗାପ୍—କ୍ରି.ବିଂ. ମନ୍ଥର ଗତିରେ ଅସାବଧାନତାରେ
କ୍ରି. ଧୀରେ ଧୀରେ କରିବା

ଗାୟୁର୍ ଗାୟୁର୍—କ୍ରି. ବିଂ. ଓହଳ ଓହଳ, ଝୁଲି ଝୁଲି

ଗାର୍—କ୍ରି. ଗାର କରିବା, ଲମ୍ବ ରେଖା ଟାଣିବା

ଗାର୍ଗା.ଡ—ବି. ଗରଗଡ଼, ଏକ ପ୍ରକାର ଘାସ ଜାତୀୟ ଗଛ

ଗାର୍ଜାଗା.ର୍ଜ—କ୍ରି. ବିଂ. ଜୋରରେ ଚିହିଁକା ଚିହିଁକି କରିବା

ଗାର୍ଜାଓ, ଗାର୍ଜାଓ—କ୍ରି. ଗର୍ଜିବା, ଜୋରରେ ପାଟି କରିବା
ବି. ଗର୍ଜନ

ଗାର୍ଗାଦ୍ଲାଃ—କ୍ରି. ବିଂ. ବହୁଳ ଭାବେ, ବହୁତ ସଂଖ୍ୟାରେ ଏକାଠି ହୋଇ (ପଡ଼ିବା), ଉ: ଡା.ର୍କ ହୁଲା.ହ୍ ଲେଦା ଜଅ କ ଗାର୍ଗାଦ୍ଲାଃ ଞୁର୍ ଗଦ୍ଏନା - ଡାଳ ହଲାଇ ଦେଲେ ଫଳସବୁ ଏକାଠି ବହୁତ ଗୁଡ଼ାଏ ଝଡ଼ି ପଡ଼ିଲା

ଗା.ରଗା.ର୍ଅ —କ୍ରି. ରାଗିବା, ଗରଗର୍ ହେବା, ଉତ୍ତେଜିତ ହେବା

ଗାର୍ତେ—କ୍ରି. ବିଂ. ଧାଡ଼ିରେ, କ୍ରମାନୁଯାୟୀ

ଗାର୍ଗାର୍ତେ—କ୍ରି. ବିଂ. ଗାର ବା ଧାଡ଼ି ଧାଡ଼ି ଦେଇ

ଗାର୍ଦା—ବି. ଗର୍ଦ୍ଦା, ଅପରିଷ୍କାର, ଅବଶିଷ୍ଟାଂଶ (ଆଖୁରସ ଗର୍ଦ୍ଦା) ଚୁଲୁଣିରେ ଛଣା ଯିବାପରେ ଅବଶିଷ୍ଟ ଜିନିଷ

ଗାର୍ନା—ବି. କାଠ କୋଇଲା ବୋହାଇ କରି ଆଣିବା ଝୁଡ଼ି ବା ପାଛିଆ

ଗାର୍‌ପାର୍ ଗୁର୍‌ପୁର୍—କ୍ରି. ବିଂ. ପରଧାନର ଅଭାବ ହେତୁ ଲଜ୍ଜା ପ୍ରକଟ କରି ଉଦ୍ଧାଡ଼ରେ ରହିବା, ଲୁଚିବା, କ୍ରି. ଲାଜେଇବା ସଂକୋଚ କରିବା

ଗା.ର୍‌.ପୁର୍—ବିଂ. ଚମଲୁଗା ପିନ୍ଧିଥିବା ଗରିବ (ଲୋକ)

ଗାର୍‌ମା ଗୁର୍‌ମି—କ୍ରି. ବିଂ. ଗରମା ଗରମ, ଉତ୍ତେଜିତ କଣ୍ଠରେ ବାକ୍ ବିତଣ୍ଡା ପ୍ରକ୍ରିୟା

ଗାରଲ ଗୁର୍‌ଲ.—ବିଂ. ଘୂର୍ଣ୍ଣାୟମାନ, ଚତୁର୍ଦ୍ଦିଗରୁ ପବନ ବୋହି ଆସି ଆଲୋଡ଼ନ ସୃଷ୍ଟି କରିବା

ଗାର୍‌ଲସ୍—ବିଂ. ଫିକା ରଙ୍ଗ, ଗୋରା

ଗାର୍‌ସା ଗାଲେ—ବିଂ. ଅବ୍ୟବସ୍ଥିତ ଅବସ୍ଥା ମଳିନ ସ୍ଥିତିରେ ଥିବା ସ୍ତ୍ରୀ, କ୍ରି. ବିଂ. ଅତ୍ୟନ୍ତ ଚିନ୍ତିତ, କ୍ରି. ଚିନ୍ତାଗ୍ରସ୍ତ ହେବା

ଗାର୍‌ସାଗାଲ୍‌ଂ—କ୍ରି. ବିଂ. ଅପରିଚ୍ଛାରେ, ଅବ୍ୟବସ୍ଥିତ ହୋଇ, ଦୁଃଖ ଦୁର୍ଦ୍ଦଶାରେ

ଗାର୍‌ହା—ବିଂ. ଖାଲ, ଦୁର୍ଦ୍ଦଶା

ଗାର୍‌ଲା ଗୁର୍‌ଲୁ—କ୍ରି. ବିଂ. ଗଳାର ଘୁର୍‌ଘୁ ଘୁରୁଘୁ ଶବ୍ଦ କାଶ ଶର୍ଦ୍ଦି ଯୋଗୁ ହୁଏ, ଏ ଅବସ୍ଥାରେ କଥାଗୁଡ଼ିକ ଅସ୍ପଷ୍ଟ ହୁଏ ତା ବ୍ୟତୀତ ଭଲ ଶୁଭେ ନାହିଁ, ଏହାକୁ ସାନ୍ତାଲ ଗାର୍‌ଲା ଗୁର୍‌ଲୁ କହେ, କ୍ରି. ଅସ୍ପଷ୍ଟ ଭାବେ କହିବା

ଗାର୍‌ହାକ୍—ବି. ଗ୍ରାହକ, ଖରିଦ୍‌ଦାର୍

ଗାର୍‌ହା ଦଶମ୍—ବି. ସାନ୍ତାଳର ପୂର୍ବପୁରୁଷଙ୍କର ଏକ ଦେଶ ଯେଉଁଠାରୁ କି ସେମାନେ ଆସିଛନ୍ତି

ଗାସ୍—ବି. ଗାରା, ମାଟି ବାଲି ମିଶାଇ ଇଟା କାନ୍ଥ ଯୋଡ଼ାଇବାରେ ଲାଗେ

ଗାସ୍ ∾ ଗାସ୍ ∾—କ୍ରି. ପାଟି କରି ବାରମ୍ବାର ଡାକିବା

ଗାସ୍ଂ ଗାସ୍ଂ—କ୍ରି. ବିଂ. ପ୍ରଜ୍ୱଳିତ ଅଙ୍ଗାର

ଗାସ୍ଂ ଦା ∾—ବି. ଘାଆର ପୂଜ ପାଣି, ପୂଜ. କ୍ରି. ଘାଆରୁ ପୂଜ ନିର୍ଗତ ହେବା

ଗାସ୍‌ଦ୍—ବି. ଜେଲଖାନା

ଗାସ୍‌ଜ୍ୱାଲା—ବିଂ. ଦୁର୍ବିସ୍ମ ଜ୍ୱାଳା

ଗାସ୍‌ଲ୍ ଗାସ୍‌ଲ୍—ବିଂ. ଘାଆଟି ସଦ୍ୟଘାଆ ପରି ଲାଲ ରଙ୍ଗିଆ ହେବା, ଟକ୍ ଟକ୍ ନାଲି ଘାଆ

ଗାସ୍‌ଓ୍ୱା—କ୍ରି. ସଢ଼ାଇବା

ଗାସ୍‌ଓ୍ୱଃ—କ୍ରି. ସଢ଼ିବା, ନଷ୍ଟ ହେବା

ଗା.ରୁଜ୍. ଗା.ସୁଜ୍.—ବିଂ. ଫଟାଫଟି ପିନ୍ଧା (ବ୍ୟକ୍ତି) କ୍ରି. ବିଂ. ଚିରାଫଟା ପିନ୍ଧି କରି (ଆସିବା)

ଗାର୍‌ହସ୍ତି—ବି. ଗୃହସ୍ଥୀ, ପରିବାର

ଗା.ର—କ୍ରି. କୌଣସି ଜିନଷ ଦ୍ୱାରା ଟାଣି ନେବା।

ଉ: କୁଡ଼ିତେ ଗୁରିଜ୍ ଗା.ରି ଗିଡ଼ିମେ – କୋଡ଼ିଦ୍ୱାରା ଗୋବର ଟାଣି ପକାଇ ଦିଅ

ଗା.ରି—ବି. ମୁଣ୍ଡୁଳି ଜାଲ, କ୍ରି. ମୁଣ୍ଡୁଳି ଜାଲରେ ମାଛ ଧରିବା

ଗା.ରିଖୁରି—ବି. ଅଯନା ଅପରିଷ୍କାର ଦ୍ରବ୍ୟ

ଗା.ରିୟା.ଉ—କ୍ରି. ଚାଲ ବେଉଷଣ କରିବାର ପ୍ରଥମ ଓଡ଼ ହଲ କରିବା

ଗା.ରିମା—ବି. ଗର୍ବ, ବଡ଼ିମା, ଟେକ, ଗାରିମା

ଗା.ଲ୍—ବି. ଗଉଡ଼ (ଜାତି)

ଗା.ଲ୍—ବି. ଗଡ଼, fort

ଗା.ଲ—ହନୁମାଙ୍କଡ଼

ଗା.ଲସ୍ମା—ବିଂ. ଅଲସୁଆ, ଠକ

ଗାଲ୍‌ଜାଟୁଆ.—ବି. ଦମ୍ଭପୂର୍ଣ୍ଣ କଥା, ବିଂ. ଦାମ୍ଭିକ, ଭଉ ଭଉଆ ବୃହାଲିଆ

ଗାଲ୍‌ଗାଲ୍—ବିଂ. ଗୋଳମାଳିଆ ଶବ୍ଦ/ସ୍ୱର

ଗାଲ୍‌ଗାଲ୍‌ଓ—କ୍ରି. ପାଟି ଭିଣ୍ଡର ଘୋ ଘୋ ଶବ୍ଦ ଶୁଣିବା, କୋଳାହଳ କରିବା

ଗାଲ୍‌ଗୁଲ୍—କ୍ରି. ବିଂ. ଭୁନଭୁନ କଥା ବାର୍ତ୍ତା

ଗାଲଚ—ବି. କଥନ, ଭାଷଣ

ଗାଲସ୍—ବି. ଗାଲସ୍

ଗାଲଚସ୍ମା—ବିଂ. କଥକ, ବକ୍ତା

ଗାଲ୍‌ଗାଲ୍‌ୟା—କ୍ରି. ଗପ କରିବା, କଥାବାର୍ତ୍ତା ହେବା

ଗାଲ୍‌ଦାଜ୍—ବିଂ. ଫୁଟାଣି, ନିଜକଥା କହୁବା ବାଲା କ୍ରି. ବକର ବକର ହେବା

ଗାଲ୍‌ବାଜା.ଲ(ଡ଼)—ବିଂ. ହସଖୁସି

ଗାଲବାଃ ଘାଲ୍‌ବାଃ—କ୍ରି. ବିଂ. ଏଣ୍ଡତେଣ୍ଡ ଗୁଡ଼ାଏ (କହିବା)
ମୂର୍ଖଙ୍କ ଭଳି କହିବା

ଗାଲ୍‌ମାରାଓ୍—ବି. କଥା, ଆଲୋଚନା କ୍ରି. କଥାବାର୍ତ୍ତା ହେବା
ଆଲୋଚନା କରିବା

ଗା.ଲ୍‌ସି—ବି. (ମାଛ) ଗାଲ୍‌ସି

ଗାଲ—ବି. ଅଠା, gum

ଗାଲାଃଗାଲାଃ—କ୍ରି.ବିଂ. ଘାଆ ଫାଟିଥିବା ଅବସ୍ଥା ଓ ଲାଲ
ହୋଇଥିବା

ଗାଲାଂ—କ୍ରି. ବୁଣିବା, ଛନ୍ଦିବା, ବେଣୀବାନ୍ଧିବା

ଗାଲାଂଗା.ସୁଜ୍—କ୍ରି.ବିଂ. ସଙ୍କୋଚରେ ସୁଖ ସାମନାକୁ
ଆସିବାକୁ ଭୟ । କିନ୍ତୁ ଏପାଖ ସେପାଖ ହେଉଥିବା ଅବସ୍ଥା
କ୍ରି. ସଙ୍କୋଚ କରିବା

ଗାଲାଂ ଗୁଲୁଂ.—କ୍ରି.ବିଂ. ଏପାଖ ସେପାଖ ବୁଲାଚାଲା କରିବା
ବିଶେଷତଃ ଛୋଟ ପିଲାଙ୍କର ଏପରି ବୁଲାବୁଲିକୁ
ଡାଲାଂଡୁଲୁଂ କହନ୍ତି

ଗାଲାମ୍ ମେନ୍‌ତେ—କ୍ରି.ବିଂ. ପରସ୍ପରଙ୍କର ଝଲକ୍

ଗାଲାସ୍—ବି. ଅତିଛୋଟ ମାଛ

ଗାଲାସ୍ ଗାଲାସ୍—କ୍ରି.ବିଂ. ମଣିଷ ଦେହର ଲୋମରେ ସ୍ପର୍ଶ
ବାରମ୍ବାର କରିବାରେ ଯେଉଁ ଶିହରଣ ଜଣାଯାଏ
କ୍ରି. ଶିହରଣ ହେବା

ଗାଲାଓ—କ୍ରି. ଡରିଲାଇବା, ପଳାଇବାର ପ୍ରଚେଷ୍ଟା କରିବା
ବିଂ. ଗଳିତ

ଗାଲସାଂ—ବିଂ. ଅଚେତ, କ୍ରି.ବିଂ. ସୁରକାବୁ ମେଲି ଚିତ୍‌ହୋଇ
ପଡ଼ିବା ଓ ଜଡ ଯିବା, ଅଚେତ୍ ହେବା

ଗାଲାଁର୍—ବି. ଏକପ୍ରକାରର ଚଢ଼େଇ

ଗାଲଚ୍‌ଗାଲଚ—କ୍ରି.ବିଂ. ଗାଲିଗୁଲଜ, କ୍ରି. ଗାଲିଗୁଲଜ୍ କରିବା
ଭର୍ତ୍ସନା କରିବା

ଗାଲାଁନ୍ଥ୍—କ୍ରି. ନିଷ୍ପତ୍ତି କରି ନେବା, ଏକମତ ହେବା, ସ୍ୱିଚନ୍ତ
ସ୍ଥିର କରିନେବା

ଗାଲାଭ୍ ସାଲାଭ୍—କ୍ରି.ବିଂ. ମତିଭ୍ରମ
କ୍ରି. ହତାହତ ଜ୍ଞାନ ଶୂନ୍ୟ ହେବା

ଗାଓଆର୍ ଗାଓଆର୍—କ୍ରି.ବିଂ. ଡାମଗ୍ରାଡ଼ୁର ଲହରଦିଆ
ଡାକ, ଓହ୍ଲା ଓହ୍ଲା ହୋଇଥିବା
କ୍ରି. (ଜଳପରି କିଛି ଅଂଶ) ଓହ୍ଲା ଓହ୍ଲା ଯିବା

ଗା.ଲା—ବି. ଗାଲା

ଉଃ ହା.କୁଆ – ଗାଲା ମେନାଃଆ-ମାଛର ଗାଲଅଛି

ଗା.ଲୁଆ—ବି. ଗାଲଫୁଲା ରୋଗ, ଗଲଗଣ୍ଡ

ଗାସ୍—ବି. ଘାସ

ଗାସ୍‌କେ—ବି. ଲୁଣ୍ଡା, ଏହାଦ୍ୱାରା ହାଣ୍ଡିଆ ପଚୁଆଡକୁ ଚାଲୁଣିରେ
ଭଗଡ଼-ହାଣ୍ଡିଆ ପାଣି ଛଆର କରାଯାଏ

ଗାସ୍‌ଗୁସ୍-ଘାସଘୁସ୍—କ୍ରି.ବିଂ., କ୍ରି. ନକହି ଅଜଣା ଭାବେ
ଜଣକ ପରେ ଜଣେ ପଶିଯିବା

ଗାସ୍‌ଗୁସ୍—କ୍ରି.ବିଂ. ଗୁପ୍ତଭାବେ, ଲୁଚଛପି
କ୍ରି. ଲୁଚ ଛପି ଯିବା, ଲୁଚଛପି ପଳାଇବା

ଗାସ୍ ଗାସାଓ—କ୍ରି. ଘଷିମାଜିବା

ଗାସ୍‌ମାଣ୍ଡାଓ—କ୍ରି. ଘଷିକରି ନଷ୍ଟ କରିବା

ଗାସ୍‌ର ଗା.ସ୍‌ର—କ୍ରି.ବିଂ. ଜଣେ ଅନ୍ୟ ଜଣଙ୍କୁ ଘଷାଘଷି
କରିବା, କ୍ରି. ଘଷପଷି ହୋଇ ଯିବା

ଗାସ୍‌ରଭ୍ ଗସ୍‌ରଭ୍—କ୍ରି.ବିଂ. ଲଗାଲଗି ହୋଇ
କ୍ରି. ଲଗାଲଗି ହୋଇ ଯିବା

ଗାସ୍‌ରି– —କ୍ରି.ବିଂ. ଦେହକୁ ଦେହ ବାଜିବାଘ, ଷିକଣିଯିବା

ଗାସାର୍ ଗୁସୁର୍—କ୍ରି. ବିମର୍ଷ ଭାବେ ଏକୁଟିଆ (ବୁଲିଯିବା)
ବିଂ. ଏକୁଟିଆ

ଉଃ ଉନିଦ ଗାସାର୍ ଗୁସୁର୍ ହିଲ - ସେ ଏକୁଟିଆ ଲୋକ

ଗାସାଓ—କ୍ରି. ମାଜିବା, ଘଷିପଛା କରିବା, ରଗଡ଼ିବା

ଗାସାଂଗୁସୁଂ.—କ୍ରି.ବିଂ. ଧୀରେ ଧୀରେ (ମନକୁ ନପାଇବାରୁ)
ବୁଲିଯିବା, କ୍ରି. ମନ୍ଥର ଗତିରେ (ଯିବା, କାମ କରିବା)

ଗା.ସିଜ୍—ବି. ପାଦ୍ର, ମଳଦ୍ୱାର ଦେଇ ଦୁର୍ଗନ୍ଧ ବାଷ୍ପଯିବା
କ୍ରି. ପାଦ୍ରିବା, ଦୁର୍ଗନ୍ଧ ବାଷ୍ପ ତ୍ୟାଗ କରିବା

ଗା.ହ୍ବା.ନାଓ—କ୍ରି. କଳ୍ପନା କରିବା
ଗାହ୍ବାନା ଓ୍ବ—ବି. (ଚନ୍ଦ୍ର ବା ସୂର୍ଯ୍ୟ) ଗ୍ରହଣ
ଗାହ୍ବାନା ଗୁଡ଼ିଆ—ବିଂ. ଗହଣା ପରିହିତା, ଆଭୁଷଣ
ଗାହ୍ବା ଗା.ଲ୍—କ୍ରି. ବିଂ. କୋଲାହଳ
ଗାହ୍ବାଗୁଲ୍—କ୍ରି. ବିଂ. ଗୋଳମାଳିଆ ଅବସ୍ଥା
ଗାହ୍ବାଗୁଣ୍ଡୁ—ବିଂ. ମୋଟା ଲୁଗା ଘୋଡ଼ାଇ ହୋଇଥିବା
କ୍ରି. ମୋଟା ହୋଇ ଥିବା, ମୋଟା ହେବା, ମୋଟା
ସୁନ୍ଦର, ପୋଷାକ ଘୋଡ଼ିହେବା ଅବସ୍ଥା
ଗା.ହ୍ବ—ବି. ସନ୍ଧାନକାରୀ, ସୂଚନା ଦାତା, ଗୁପ୍ତଚର
ଗା.ହ୍ବସ୍ଥା—ବି. ସୂଚନାକାରୀ, (ଯେ ଅନ୍ୟର ଖବର କରିବାକୁ
ସୂଚନା ଦିଏ)
ଗା.ହ୍ବର୍—ବି. ଗମ୍ଭୀର, ଗହନ, ଅନ୍ତଗୁପ୍ତ
ଗାହ୍ବାଲ୍.—ବିଂ. ଗମ୍ଭୀର ଶବ୍ଦ, କ୍ରି. ବିଂ. ଗମ୍ଭୀର ସ୍ୱର
ଗିଜ୍ଲ—କ୍ରି. କ୍ଷୀର ଖରାପ ହେବା, ଦହି ବସିବା
ବିଂ. ଜମିଥିବା କ୍ଷୀର
ଗିଜର୍ ଗିଜର୍—ବିଂ. ଗ୍ରେଣ୍ଟିଆ ଖଣ୍ଡ, କ୍ରି. ବିଂ. ଗ୍ରେଣ୍ଟ ଗ୍ରେଣ୍ଟ
କଷ୍ଟ ହୋଇଥିବା
ଗିଜଲା.ଉ—କ୍ରି. ଦାନ୍ତ ଦେଖାଇ ହେବା, ଦାନ୍ତ ନିକୁଟିବା
ଗିଂଜ—ବି. ଗଣ୍ଠି, ଗୋଣ୍ଠି
ଗିଟି—ବି. ଗେଟି crushed stone
ଗିଠ୍ରି.—ବି. ଗଣ୍ଠି, କ୍ରି. ଗଣ୍ଠି ବାନ୍ଧିବା
ଗିଠଲ—ବି. ବାଙ୍ଗରା ଓ ପତଳା
ଗିଡ଼—କ୍ରି. ପକାଇବା, ଫୋପାଡ଼ି ଦେବା
ଗିଡ଼ଆ ∞ —ବିଂ. ପରିତ୍ୟକ୍ତ, ଫୋପଡ଼ା
ଗିଡ଼କା ∞ —କ୍ରି. ପକାଇ ଦେବା
ଗିଡ଼ ମାରେ—ବିଂ. ପୋପଡ଼ା, ପରିତ୍ୟକ୍ତ, ସଢ଼ା (ଜନ୍ତୁ)
ଗିଡ଼ସିମ୍—ବିଂ. ବଳି ଦେବାକୁ ଥିବା କୁକୁଡ଼ା
ଗିଡ଼ଗିତା.ଉଃ—କ୍ରି. ଶରୀର କଳବଳ ହେବା, ଅସଂଯମ ହେବା
ଗିତା.ଃ—ବି. ନଈତଳେ ଥିବା ପତଳା ଶିରା
ଗିତା—ବି. ହିନ୍ଦୁଙ୍କ ଧର୍ମ ଗ୍ରନ୍ଥ, ଗୀତା

ଗିତା ହୁଡ଼ୁ—ବି. ଏକ ପ୍ରକାର ଧାନର ନାମ
ଗିତା. ∞ ଗିତା. ∞ —କ୍ରି. ବିଂ. ଅବ୍ୟବସ୍ଥିତ ହେବା
ଗିତ୍ଲହା ∞ —ବିଂ. ବାଲିଆ (ମାଟି ଜମି)
ଗିଦଜ୍—କ୍ରି. ଶୋଇବା ଦେହକୁ ଗଡ଼େଇ ଦେବା
ଗିଦଜ୍ ଜା.ପିଦ୍—କ୍ରି. ନିଦରେ ଶୋଇବା
ଗିଦଜ୍ ଏବେଜ୍—କ୍ରି. ନିଦ ଭାଙ୍ଗିବା
ଗିଦଜ୍ ବେରେଦ୍—କ୍ରି. ନିଦରୁ ଉଠି, ନିଦରୁ ଉଠିବା ବେଳ
ଗିଦଜ୍ ଗଲ୍ଅ—କ୍ରି. ଶୋଇବାକୁ ସାଙ୍ଗ ଦେବା
ଗିଦଜ୍ ଗଗଲ୍ଅ—କ୍ରି. ସ୍ୱତ ଶୋଇବାରେ ସାଙ୍ଗଦେବା
ଗିଦଜ୍ ଗିଦ-ଜ୍—କ୍ରି. ବିଂ. ଶୋଇ ଶୋଇ, ଶୋଉଁ ଶୋଉଁ
ଗିଦଜ୍ ବେର୍—କ୍ରି. ବିଂ. ଶୋଇବା ବେଳ
ଗିଦଲ୍—ବି. ବାଲି, ବାଲିରୁ ଜାତ କୀଟ, ପାଣିଚିଆ କୀଟ
କ୍ରି. ବାସନ ରଗଡ଼ି ଧୋଇ ପରିଷ୍କାର କରିବା
ଗିଦଲ୍-ଆଲା ∞ —ବି. ଏକ ପ୍ରକାର ଶାଗର ନାମ, ଏହାକୁ
ଖାଆନ୍ତି
ଗିଦଲ୍ କାଡ଼ା—ବି. ବାଲିରେ ମନ୍ଦା ଖୋଲି ରହୁବା ପୋକ।
ଏ ପୋକ ଔଷଧରେ ଲାଗେ
ଗିଦଲ୍ ଗାଁନ୍ଡ଼—ବି. ବାଲିରେ ରହୁଥିବା ଏକ ପ୍ରକାର କୀଟ
ଗିଦଜ୍କାସ୍—କ୍ରି. ଶୁଆଇବା
ଗିଦଲ୍ ଗୁଲ୍ (ଡ୍)—ବି. ଶୁଖିଲା ଗୁଡ଼
ଗିଦଲ୍ ଗ୍ୱନ୍—ବି. ଏକ ଔଷଧ ଜାତୀୟ ଗଛର ନାମ,
ବାଲିଖିଆରେ ଲଗାଇବା ଔଷଧ
ଗିଦଜ୍ ଜାଲମ୍—ବି. ଏକ ପ୍ରକାରର ମାଛ ଧରା ଜାଲ
ଗିଦ୍ରା., ଗିଦାର୍—ବିଂ. ପିଲା, ବାଲ୍ୟ ଅବସ୍ଥା, ଛୁଆ
ଗିଦ୍ରା.ଜଂ—କ୍ରି. ପିଲାଛୁଆ ଜନ୍ମାଇବା
ଗିଦ୍ରା.କଲା—ବି. କିଶୋର
ଗିଦ୍ରା.କୁଲୀ—ବି. କିଶୋରୀ
ଗିଦ୍ରା. ଖ୍ୱା.ସ୍—କ୍ରି. ବିଂ. ପିଲାଳିଆ ଢଙ୍ଗ/ଭାବ
ଗିଦ୍ରା ପିଦ୍ରା—ବି. ପିଲାପିଲି
ଗଦ—ବି. ଗୃଧ, ଶାଗୁଣା

ଗିନ୍ଦୁ—ବି. ବାଟୁଲି ଗଡ଼ା, ବଲ୍

ଗିନ୍ଦୁଆ.ଣ—ବି. ଗେଣ୍ଡୁଆର, ଗୋଟି ପଥର ଫୋପାଡ଼ିବା ଦଉଡ଼ିରେ ଛଅର ଯନ୍ତ୍ର

ଗିନ୍ଦୁଆ.ଣଗାସ୍—ବି. ଏକପ୍ରକାର ଘାସର ନାମ

ଗିନ୍ଦୁଫାହ୍ମ—ବି. ଗେଣ୍ଡୁଫୁଲ

ଗିଙ୍ଗ୍ଟି—ବି. ଗେଙ୍ଗୁଟି

ଗିନ୍ଠି—ବିଂ. ଜିଦ୍ଧ

ଗିନ୍ଠିଃ—କ୍ରି. ଜିଦ୍ଧ କରିବା

ଗିନା.—ବି. ଗିନା

ଗିନ—ବି. ଗିନ (ବାଦ୍ୟଯନ୍ତ୍ର)

ଗିନ ସୁନା.—ବି. ମିଶ୍ରିତ (ସୁନା)

ଗିପିତକ୍—କ୍ରି.ବିଂ. ଅନେକ ବ୍ୟକ୍ତି ଏକାଠି ଶସ୍ୟନ ଓ ଗ୍ରନ୍ଥି ସ୍ଥାପନ, ଅବସର

ଗିପିତକଟାଁ.ନ୍ତ୍ର—ବି. ଶସ୍ୟନକର ଗ୍ରନ୍ଥି ସ୍ଥାପନ କରିବା ପଡ଼ିଆ ବା ସ୍ଥାନ

ଗିର୍ଖିଗ୍ରଓ୍ୱଃ—କ୍ରି.ବିଂ. ଅତ୍ୟନ୍ତ ଅଦହନଶୀଳ ହେବା ବରନ୍ତ ପ୍ରକାଶକ ଅବସ୍ଥା

ଗିର୍ଗିର୍—କ୍ରି.ବିଂ. ଘ୍ରାଗ ଡମ ଡମ ହୋଇ

ଗିର୍ଜା—ବି. ଗୀର୍ଜା

ଗିର୍ନ—ବି. ଗୃହିଣୀ, ମାଲିକାଣୀ

ଗିରପ୍—କ୍ରି. ଗିରଫ୍ କରିବା

ଗିର୍ମିଙ୍ଗ୍—ବି. ପ୍ରଦକ୍ଷିଣ ପଥ, ସ୍ୱୀକୃତ ପଥ

ଗିର୍ହୁବା.ଧ୍—ବି. ଚମଡ଼ାର ସରୁ ଦଉଡ଼ି, ଚମଡ଼ାର ପତଳା ସରୁ ଦଉଡ଼ି

ବିଂ. ଢୋଲ, ଧାମସା ବନ୍ଧା ସରୁ ଚମଡ଼ା ଫିତା ବା ଦଉଡ଼ି

ଗିର୍ହାଁଡଏର୍—ବି. ଗୃହିଣୀ

ଗିର୍ହଲ୍—ବି. ଅଗୁଆ ବ୍ୟକ୍ତି

ଗିସ୍ର.—କ୍ରି. ଦୂତାଗଣ୍ଠି ପଠାଇ ନିମନ୍ତ୍ରଣ କରିବା

ଟିବେ.ଦେନ୍—କ୍ରି. ଟେଟେ ଟେଣ୍ଟି ଟେକେବା

ଗିସ୍ର.ବେଓର୍—କ୍ରି.ବିଂ. ଗଣ୍ଠି ପକା ଖବର, ନିମନ୍ତ୍ରଣ ଏହା ସାନ୍ତାଳଙ୍କର ବଶିଷ୍ଟ ଖବର ଯାହାକୁ ଅଗ୍ରାହ୍ୟ କରିବା ଉଚିତ ନୁହେଁ

ଗିସ୍ର.ଦୁଲୁଦ୍—ବି. ନିମନ୍ତ୍ରଣ ଗଣ୍ଠି କରି ପଠାଇବାର ଲୌକିକ ବୈଠକ

ଗିସ୍ରଉ(ଓ୍ୱ)—କ୍ରି. ଖସାଇବା

ଗିରପ୍‌ଦାର୍—କ୍ରି. ଗିରଫ୍ କରିବା, ବନ୍ଧକରିନେବା

ଗିରୁ—ବି. ଗେରୁ, ଡାଉଆ

ଗିରୁଆର୍ ଂ—ବିଂ. ଗେରୁରଙ୍ଗ

ଗିରସ୍ତା—ବିଂ. ଗୃହସ୍ଥ

ଗିର୍ସ୍ତଃ—କ୍ରି. ଗୃହସ୍ଥୀ କର୍ମକରିବା

ଗିରସ୍ତାନ(ଣ)—କ୍ରି.ବିଂ. ମାଲିକ ପଣିଆ, ଘର ଚଲାଇବାବାଲା

ଗିଲ୍ଟି—ବି. ବାଗି, ଗିଲଟି

ଗିଲାସ୍—ବି. ଗିଲାସ, glass

ଗିଓ୍ୱାର୍ ଗାଓ୍ୱାର୍—କ୍ରି.ବିଂ. ଓହ୍ଲାଇ ଓହ୍ଲାଇ ହୋଇଥିବା

ଗିବିଲ୍ ମେନ୍ତେ ଗିବିଲ୍ ମାର୍ତେ—କ୍ରି.ବିଂ. ଏକ ଝଲକ୍ ସହିତ ଅକସ୍ମାତ ଦୃଷ୍ଟି ଗୋଚର ହେବା ଓ ଉଭେଇ ଯିବା

ଗିସିଜ୍ ଗିସିଜ୍ ବା ଗିସିର୍ ଗିସିର୍—କ୍ରି.ବିଂ. ଲଗାଏତ କୁଣ୍ଡାଇବା ଯଦ୍ୱାରା ଘାସୁର୍ ଘାସୁର୍ ଶବ୍ଦ ବାହାରେ

ଗୁସୁଂ ଗୁସୁଂ—କ୍ରି.ବିଂ. ନିଶବ୍ଦରେ ଧୀରେ ଧୀରେ ଘୁଞ୍ଚିଯିବା ଏକୁଟିଆ ଶୀଘ୍ର ଶୀଘ୍ର ହୋଇ (ଘୁଞ୍ଚିଯିବା)

ଗିସାର୍ ଗାସାର୍—କ୍ରି.ବିଂ. ଏପାଖ ସେପାଖ ହେଉଛନ୍ତି (ହୋଇ) କ୍ରି. ବ୍ୟତିବ୍ୟସ୍ତ ହେବା

ଗିସାଂଗାସାର୍—କ୍ରି.ବିଂ. ଅନିୟମିତ ଭାବେ (ଗତାଗତ କରିବା) କ୍ରି. ବ୍ୟତିବ୍ୟସ୍ତ ହେବା

ଗୁସୁର୍ ଗୁସୁର୍ ବା ଗାସୁର୍ ଗାସୁର୍—କ୍ରି.ବିଂ. (ଅନାବଶ୍ୟକ ଭାବେ କାହାରି) ପଛେ ପଛେ ଯିବା

ଗୁରୁଗ୍ରନ—ବି. କେଞ୍ଚୁଆ (ଏହାର ପୌରାଣିକ ନାମ) ସାନ୍ତାଳଙ୍କର ଲୋକକଥା ଅନୁସାରେ-ସାନ୍ତାଳ ବିଶ୍ୱାସ କରେ ପୃଥିବୀ କେଞ୍ଚୁଆ ଦ୍ୱାରା ସୃଷ୍ଟି ହୋଇଛି

ଗୁଜ୍‌ଗୁଜ୍—କ୍ରି.ବିଂ. ଝାଳ ଦ୍ୱାରା ଦେହ ଭିଜିଗଲେ ଯେଉଁ ଅନୁଭବ ସୃଷ୍ଟି ହୁଏ, ଅତ୍ୟଧିକ ଗରମ, ଝାଳରେ ସରସର ହେବା

ଗୁଜ୍‌ଗୁଜ୍—କ୍ରି. ଝାଳରେ ଜୁଡୁବୁଡୁ ହୋଇଯିବା

ଗୁଦା.ଗାଦେ—କ୍ରି. ବିଂ. ଓଜନଥା

ଗୁନ୍ଧଗୁନ୍ଧ—କ୍ରି.ବିଂ. ମୋଟା ଲୁଗା ଘୋଡ଼ାଇ ହେବାର ଓଜନଥା ଭାବ

ଗୁଟକ୍.ଜା.ନୁମ୍—ବି. କଣ୍ଟାଳିଆ ଗୁଳ୍ମ ଗଛ ଓଦାଳିଆ ସ୍ଥାନରେ ଜନ୍ମିଥାଏ

ଗୁଖୁଲ୍‌ସା.ର—ବି. ଏକପ୍ରକାର ଧାନର ନାମ

ଗୁଆଖୁଲ୍—ବି. ଗୁଡ଼ାଖୁ

ଗୁଆ—.ବି. ଗୁଆ

ଗୁଆଁର୍—ବି. ଗୁଆଁର

ଗୁଇଁଗାଇଁ—କ୍ରି.ବିଂ. ଗୁଇଁଗାଇଁ, ଅମଙ୍ଗ

ଗୁଇଁନ୍‌ଦା—ବି. ଗୋଏନ୍ଦା

ଗୁଗୁ—କ୍ରି. ପିଠିରେ ଲଦିବା, ପିଠିରେ ରଖିବା, ପିଠିରେ ରଖିନେବା

ଗୁଙ୍ଗ୍—ବି. ପନାସି ପତ୍ରରେ ତିଆରି ପଖିଆ

ଗୁଙ୍ଗ୍‌ଜଲା—ବି. ସୁରୁଙ୍ଗ, ସୁଡ଼ା

ଗୁଙ୍ଗ୍‌କୁଳି—ବି. ଝିଆସ୍ତ

ଗୁଙ୍ଗା—ବିଂ. ଘୁଙ୍ଗା, କ୍ରି. ଘୁଙ୍ଗା ହେବା

ଗୁଙ୍ଗ୍‌ରୁଦ୍—କ୍ରି. କୋଳେଇ ନେବା, ଆଲିଙ୍ଗନ କରିବା, ଜାବୁଡ଼ି ହୋଇଯିବା

ଗୁଙ୍ଗ୍‌ରୁଦ୍—କ୍ରି. ତଣ୍ଟି ବସିଯିବା, କଣ୍ଠ ବସିବା

ଗୁଗୁର୍‌ନ୍—କ୍ରି. ଗୋବର ପାଣିରେ ଲେପ କରିବା

ଗୁଂରୁଦ୍—କ୍ରି. କୋଳରେ ମୁଣ୍ଡ ଗୁଞ୍ଜି ଦେବା

ଗୁଂଗ୍‌ଲୁ—କ୍ରି. ଆଲିଙ୍ଗନରେ ରହିବା, ଆତ୍ମାପାଇଁ ଅନ୍ୟ ଶରୀରରେ ନିଜକୁ ଲଗାଇ ଦେଇ ରହିବା

ଗୁଂଗ୍‌ଲୁଗୁନ୍—ବିଂ. ଶାନ୍ତ ଭାବେ. ମାନ ମାରି ଚୁପ୍ ଚୁପ୍ (ବସିରହିବା)

ଗୁଂଗଡ଼ା—ବି. ଘୁଙ୍ଗା

ଗୁଚ୍ଛ—ବି. ଗୋଚ୍ଛ bundle

ଗୁଚ୍ଛ—ବି. କୁଟାଗଦା କ୍ରି. କୁଟା ଗଦା କରିବା

ଗୁଚ୍ଛରାଲା—କ୍ରି. କୁଟାଗଦା ଖୋଲିବା

ଗୁଚ୍ଛ—ବି. ଗୋଡ଼ର ଗୋଚ୍ଛ

ଗୁଜ୍‌ରାଣ୍—ବିଂ. ଜୀବିକା

ଗୁଜା.ର—ବି. ଜୀବନ ଯାପନ, ଜୀବିକା ନିର୍ବାହ

ଗୁଜ୍‌ରାଓ୍ୱ—କ୍ରି. ଜୀବନ ଯାପନ କରିବା, ଜୀବିକା ନିର୍ବାହ କରିବା

ଗୁଞ୍ଜ୍‌ରାଓ୍ୱ—କ୍ରି. ବାଘ ବା ସିଂହ ରଡ଼ି କରିବା

ଗୁଞ୍ଜ୍‌ରାଓ୍ୱ—ବିଂ. ଗର୍ଜନ

ଗୁଜୁ—ବି. ମୁଖ, କ୍ରି. ମରିବା

ଗୁଜି—ବି. ଜ୍ୱାଲା, କ୍ରି. ଜ୍ୱାଲା ଠୁକିବା

ଗୁଜକୁଡ଼ି—ବିଂ. ଛୋଟିଆ ବେଣ୍ଟ ଥିବା କୋଦାଳ ବି. ଛୋଟ କୋଦାଳ

ଗୁ-ଞ୍ଜ୍‌ଅଃ—ବି. ଅନ୍ଧାର, କ୍ରି. ଅନ୍ଧକାର ହେବା, ଅନ୍ଧକାର ମାଡ଼ିଯିବା

ଗୁଞ୍ଜାର୍—ବି. ନାଚ ବିଶେଷ

ଗୁଞ୍ଜାଉ—କ୍ରି. ଗୁଞ୍ଜି ବା ଠେଞ୍ଜି ଦେଇ ରଖିବା

ଗୁଟ୍—ବି. ମୋଟା, କ୍ରି. ମୋଟ କରିବା, ଏକାଠି କରିବା

ଗୁଟ୍‌ଅଃ—କ୍ରି. ଏକାଠି ହେବା

ଗୁଟା.ଉ—କ୍ରି. ଏକାଠି କରିବା, ଜମା କରିବା, ମୋଟାଇବା

ଗୁଟିସ୍ୱାଉ—କ୍ରି. ଏକାଠି କରିବା, ଜମା କରିବା

ଗୁଟି—ବି. ଗୋଟି, ଛୋଟ ପଥର, କ୍ରି. ଗୋଲ୍ କରିବା, ଗୁଟି ଗଣିବା

ଗୁଟିଏନେଜ୍—ବି. ପିଲାଙ୍କ ଗୋଟି ଖେଳ

ଗୁଟି ଠେଙ୍ଗା—ରେଶମ ପୋକକୁ କୌଣସି ଗଛ ଡାଳକୁ ଚଢ଼ାଇବା ବାଡ଼ି

ଗୁଟିମା.ରିଚ —ବି. ଗୋଲମରିଚ

ଗୁଡ଼୍‌ଗୁଡ଼ାହ୍—କ୍ରି. ବିଂ. ହୁଡ଼ବଡ଼ାଇବାର ପ୍ରକ୍ରିୟା
କ୍ରି. (ବାରମ୍ବାର କହୁ) ଡରାଇ ଦେବା, ଡରାଇବା

ଗୁଡ୍‌ନା.—ବି. (ଗଦାପରି) ମୋଟା, ମୁଦ୍‌ଗର, ମୂଷଳ

ଗୁଡ୍‌ମା.—ବି. ଶ୍ରେଷ୍ଠ ଓ ଗୋଲ

ଗୁଡ୍‌ମା ହୁକ୍ରୁ—ବି. ଏକ ପ୍ରକାରର ଧାନର ନାମ

ଗୁଡ୍‌ମୀ—ବି. ବାଙ୍କରା ଓ ମୋଟି ନାସା

ଗୁଡ୍‌ରା.—ବି. ଏକ ଘର ଦେବତାର ନାମ
ବିଂ. ମୋଟା ଓ ବାଙ୍କରା

ଗୁଡ୍‌ରା.ଗୁଡ୍‌ର୍—ବିଂ. ବାଙ୍କରା ବାଙ୍କର, କ୍ରି. ଗଡ଼ ଗଡ଼ ଯିବା
(ଗୋଲ ଜିନିଷ ଗଡ଼ିବା ପ୍ରକ୍ରିୟା)

ଗୁଡ୍‌ରା.ଉ—କ୍ରି. ଗଡ଼ାଇ ଦେବା, ଗଡ଼ିଯିବା

ଗୁଡ଼ା.ହ୍ (ଗୁଡ଼ାହ୍)—କ୍ରି. ମୁଦ୍‌ଗରରେ ମାଡ଼ ଦେବା
(ଓଳିଆ ବା ଧାନ ପୁଡ଼ୁଳା ବାନ୍ଧିବା ବେଳେ ମୁଦ୍‌ଗର ମାଡ଼ କରାଯାଏ)

ଗୁଡ଼ା.ଉଃ—କ୍ରି. ବିଂ. (ଦଉଡ଼ି, ସୂତା, ଲୁଗା) ଗୁଡ଼େଇ ହେବା

ଗୁଡ଼ି—ବିଂ. କଙ୍କର. ଅଣ୍ଡଶ୍ରେଷ୍ଠ ଗୋଡ଼ି

ଗୁଡ଼ି—ବି. ଗୁଡ଼ି

ଗୁଡ଼ିଅଟା°—କ୍ରି. ଗୁଡ଼ି ଉଡ଼ାଣ

ଗୁଡ଼ିଆ କା.ପି—ବି. ଚଉଡ଼ା ଓ ବଡ଼ ମୁହଁବାଲା ଫାରସା

ଗୁଡ଼ିୟା. ଗୁଡ଼ିୟେ—କ୍ରି. ବିଂ. ଯାଙ୍ଗେ ଯାଙ୍ଗେ
କ୍ରି. ପଛେ ପଛେ ଗୋଡ଼ାଇ ନେବା

ଗୁଡ଼ିୟା ଠେଙ୍ଗନ୍—ବି. ଚଉଡ଼ା ଧାର ଥିବା ବୁଢ଼ିଆ
(ଶ୍ରେଷ୍ଠ କୁରୁହାଡ଼)

ଗୁଡ଼ିୟା.ଉ—କ୍ରି. ପଛେ ପଛେ ଦୌଡ଼ି ଯାଇ ଧରି ପକାଇବାର ପ୍ରକ୍ରିୟା, ଉ: ସେତାଦ ଭୁସୁସ୍ ଗୁଡ଼ିୟା.ହ୍ ଇଦ କେଦେୟା — କୁକୁର ଗୋଟିଏ ଶିଆଳକୁ ଗୋଡ଼ାଇ ଗୋଡ଼ାଇ ଧରିବା ଧରିବା ଅବସ୍ଥାରେ ରହିଯାଇଛି

ଗୁଡ଼ିୟା.—ବି. ଗୁଡ଼ିଆ

ଗୁଡ୍ଡୁ—ବି. ମୂଷା

ଗୁଡୁରୁ ଗୁଡୁର—କ୍ରି. ବିଂ. (ଶ୍ରେଷ୍ଠ ଗୋଡ଼ର) ଶୀଘ୍ର ଶୀଘ୍ର (ଚାଲି) (ଶ୍ରେଷ୍ଠ ପିଲା ଅନ୍ୟର ପଛେ ପଛେ) ଶୀଘ୍ର ଶୀଘ୍ର (ଯିବା)

ଗୁ.ଣନ୍—ବି. ଗୁଣନ, କ୍ରି. ଗୁଣିବା

ଗୁଣା —ବି. ଗୁଣା, ନାକଚଣା

ଗୁଣିଆ —ବି. ଗୁଣିଆ, ଓଝା

ଗୁଣ୍‌ରୁକ୍—କ୍ରି. ପରକୁ କାନ ଭିତରେ କୁଣ୍ଡାଇବା ପାଇଁ ଢଆରି କରି କାନ କୁଣ୍ଡାଇବା

ଗୁଣ୍‌ରୁକ୍—କ୍ରି. କାନକୁ ଭଲ ନ ଶୁଭିବା

ଗୁଣ୍ଡୁଲ୍ ଦାରେ—ବି. ଗୁଲଚ ଗଛ

ଗୁନ୍ଦୁରୁଦ୍ ଟେଣେ—ବି. ଶ୍ରେଷ୍ଠ ନୀଳ ରଙ୍ଗର କାଠହଣା କଢ଼େଇ

ଗୁନ୍ଦୁରୁଦ୍ ପଡାମ୍—ବି. ନୀଳ ରଙ୍ଗର କପୋତ

ଗୁନ୍ଦୁରୁଦ୍ ସେତା—ବି. ଡାହାଣୀମାନଙ୍କର କୁକୁର ଅର୍ଥାତ୍ ବାଘ

ଗୁନ୍ଥଃ—କ୍ରି. ବାରମାସିଆ ରହିବା

ଗୁନ୍ଥ—ବିଂ. ହଳିଆ, ବାରମାସିଆ, ବର୍ଷକିଆ ଗୋତି

ଗୁନ୍ଥୁ—କ୍ରି. ଗୁନ୍ଥିବା, ଫୋଡ଼ିବା, ବାଡ଼ରେ ଫୋଡ଼ିବା

ଗୁନ୍ଥୁରୁଅ—ବି. ଗୋଣ

ଗୁନ୍ଥୁଲୁ ବା ଗୁନ୍ଥୁଲୁ—କ୍ରି. କୁଲ୍‌କୁତାଇବା, କୁଲୁକୁରୁ କରିବା

ଗୁନ୍ଧକା.ଣମୀ—ବି. ଘୁଙ୍କର, ଘୁଙ୍କରାଣୀ

ଗୁନ୍ଧକାମି—ବିଂ. ଘୁଙ୍କର କାମ

ଗୁନ୍ଧ ଦା.ଣି—ବି. ଘୁଙ୍କର, ଘୁଙ୍କରାଣୀ

ଗୁନ୍ଧମାଲ—ବି. ଗୁନ୍ଥାହାର, ଗୁନ୍ଥା ମାଳ

ଗୁଦ୍‌ଗୁଦ୍—ବିଂ. ଦଳ ଦଳ, କ୍ରି. ଦଳ ଦଳ (ଲୋକର) ପାଦଶବ୍ଦ କରି ଯିବା

ଗୁଦ୍‌ଗୁଦା.ଉ—କ୍ରି. ବିଂ. ଦୁଲ ଦୁଲ ଶବ୍ଦ କରି ଯିବା

ଗୁଦା.ମ୍—ବି. ଗୋଦାମ

ଗୁଦ୍.ରା.—ବିଂ. ଗୋଦରା

ଗୁଦ୍‌ଲା.ଓ୍—କ୍ରି. କନ୍ଧୁଣୀ ଭୁଷା ମାରିବା, କ୍ରି. ବିଂ. ଜୋର କରିବା

ଗୁଦାଗୁଦ—କ୍ରି. ଆଗ ପଛ ହୋଇ ଯିବା, ଗୋଡ଼ାଗୋଡ଼ି ହୋଇ (ଯିବା), କ୍ରି. ବିଂ. ଶୀଘ୍ର ଶୀଘ୍ର ପଛରେ ଯିବାର ପ୍ରକ୍ରିୟା

ଗୁଦୁରୁଧୂମ—ବିଂ. ଉଚ୍ଚ ଜାତିର ଗୁମାନ୍

ଗୁଧ୍‌ଲ—ବି. ଢେଲି ବା ମେଣ୍ଢାଶାଳ (ଗ୍ରେଞ୍ଚ ଘର)

ଗୁଧ୍‌ଲି—ବି. କୋଠରି

ଗୁଧୂଲ୍‌—ବି. କନ୍ଥା

ଗୁନ୍‌—ବି. ଗୁଣ, ଗୁଣ୍ଡଚଲଣ, ସ୍ୱଭାବ

ଗୁନ୍‌—ବିଂ. ଗୁଣନର ପ୍ରକ୍ରିୟା ଦ୍ୱାରା ବାହାରିବା ଅଧିକ ଫଳ
ବା ସଂଖ୍ୟା (ଏକଗୁଣ, ଦୁଇଗୁଣ ଇତ୍ୟାଦି)

ଗୁନ୍‌ଆନ୍‌—ବିଂ. ଗୁଣବନ୍ତ, ବୁଦ୍ଧିମାନ୍‌

ଗୁନ୍‌ଠି—ବି. ଗଣ୍ଠି

ଗୁନ୍‌ଠଅ—ବି. ଗୁଣ୍ଡୁ

ଗୁନ୍‌ଡ଼ା—କ୍ରି. ଚୂର୍ଣ୍ଣ କରିବା, ଗୋଲ କରିବା, ବିଂ. ଚୂର୍ଣ୍ଣ
କ୍ରି. ହାତରେ ଘଷି ଗୁଣ୍ଡା (ଗୋଲ) କରିବା

ଗୁନ୍‌ଡା—ବି. ଅସାମାଜିକ ବ୍ୟକ୍ତି ବିଶେଷ

ଗୁନ୍‌ଡ଼ରଚେଣେ—ବି. ଗୁନ୍‌ଡ୍ରି ଚଢ଼େଇ

ଗୁନ୍‌ଡ଼ର୍ ଗୁନ୍‌ଡର୍—ବି. ଟୁଲୁର୍, ବିଂ. ଗ୍ରେଟଟୁଲୁର୍
କ୍ରି. ଟୁଲୁର୍ ଟୁଲୁର୍ କରିବା

ଗୁନ୍‌ହ୍ନାଁ.—ବି. ଦୋଷ

ଗୁନ୍‌ହ୍ନାଁ.ସୁ—କ୍ରି. ଦୋଷ କରିବା

ଗୁନ୍‌ଦ୍‌ଗୁନ୍‌ଦା.ଉ—କ୍ରି. ଗୁଣ୍ଣୁଗୁଣ୍ଣୁ କରିବା, ମନକୁ ମନ କହି ସ୍ୱର
ବନାଇବା

ଗୁନ୍‌ଦଲି—ବି. ଗୁନ୍ଦ୍‌ଲି, ଶସ୍ୟ ବିଶେଷ

ଗୁନ୍‌ଦଲିଖା.ଗସ୍ସ(ଇ)—ବି. ଗୁନ୍ଦଲି, ପିଟିବା ବା ବେଙ୍ଗଲା
କରିବା ଖଲା

ଗୁନ୍‌ଦଲିବୁସୁବ୍‌—ବି. ଗୁନ୍ଦଲିର କୁଣ୍ଟା ବା ନଡ଼ା

ଖୁନ୍‌ଦ୍‌ଲି ହୁଲ୍ଲୁ—ବି. ଏକ ପ୍ରକାର ଧାନର ନାମ

ଗୁନ୍‌ଦୁର୍‌ମୁହା ଂ—ବିଂ. ନୀରବ, ଚୁପ, ମନର ଭାବ ପ୍ରକାଶ
କରିବାକୁ ଅମଙ୍ଗ

ଗୁନ୍‌ଦୁର୍ ଗୁନ୍‌ଦୁର୍—କ୍ରି. ଭଡ଼ଭଡ଼େଇବା
କ୍ରି.ବିଂ. ଭଡ଼ଭଡ଼େଇ କରି କହିବା, ବଲବଲାଇବା

ଗୁନ୍‌ସି—ବି. ରୁପା ହାର

ଗୁନ୍‌ପାଲ୍ନନ୍‌—ବି. ଘୋଡ଼ାରସଜ

ଗୁନ୍‌ସ୍ନାର୍ଓ୍ୱ—କ୍ରି. ଧନ୍ୟବାଦ ଦେବା, ଆଦର ସମ୍ମାନ ଦେବା

ଗୁନା.ଆଃ—ବିଂ. ସମ୍ଭବ

ଗୁନା.ଃତେ—କ୍ରି.ବିଂ. କାରଣ ବଶତଃ

ଗୁନ୍‌ହ୍ନା.କାର୍—ବିଂ. ଦୋଷୀ, କ୍ରି. ଦୋଷ ବାବଦ ଦେୟ

ଗୁନା.ନ୍‌—କ୍ରି. ଚିନ୍ତା କରିବା, ବିବେଚନା ବିଚାର କରିବା

ଗୁନି—ବିଂ. ଗୁଣବାନ, ଯାଦୁବିଦ୍ୟାଧାରୀ, କ୍ରି. ଯାଦୁକରିବା,
ମୋହ କରିବା

ଗୁନିଗୁରିବ୍‌—ବିଂ. ଧନବାନ୍‌ ଓ ଧନହୀନ, ସ୍ୱଚ୍ଛଳ ଓ ଗରିବ

ଗୁନିଦାର୍—ବି. ଯାଦୁଗର

ଗୁନିସାବି—କ୍ରି. ବିବେଚନା

ଗୁନିସ୍ଥା.—ବି. ଗୁନିଆ. ମାପ ଯନ୍ତ୍ର ବିଶେଷ

ଗୁପ୍‌ଢହାପା—ବି. ଗୁପ୍‌ଢବାଙ୍ଗ, (ଯହିଁରେ ଛୁରୀ ବା ତରୁଆଲ
ଥାଏ)

ଗୁପ୍‌ଢମାର୍—କ୍ରି.ବିଂ. ଗୁପ୍ତ ଭାବେ

ଗୁପ୍‌ଢ—ବି. ଯାଦୁଗର

ଗୁପ୍‌ଢକାଥା—ବି. ଗୁପ୍ତବିଷୟ

ଗୁପ୍‌ଢତେ—କ୍ରି.ବିଂ. ଗୁପ୍ତରେ

ଗୁପ୍‌ଚୁପ୍‌—କ୍ରି.ବିଂ. ଚୁପ୍‌ଚୁପ୍‌

ଗୁପା.ତୁ—କ୍ରି. ଗୋପନରେ ରଖିବା, ଗୁପ୍ତରେ ରଖିବା,
ଲୁଚାଇବା

ଗୁପି—କ୍ରି. ଦେଖା ଦେଖି କରିବା, ପଶୁ ଚରାଇବା

ଗୁପିକଲା—ବି. ବଗାଲିଆ

ଗୁପିଃ—କ୍ରି. ସଂଯମରେ ରହିବା, ନିଜ ଆୟତରେ ରହିବା

ଗୁପିନି—ବି. ଗୋପବାଲା, ଗୋପିନୀ

ଗୁପୁତ୍—କ୍ରି. ଲୁଚାଇ ଦେବା, ଗୋପନ କରିବା

ଗୁମୁର୍ ଗୁମୁର୍—କ୍ରି.ବିଂ. ଛୁଇଁବା, ଛୁଇଁବା ଅବସ୍ଥା

ଗୁବୁର୍ ଗୁବୁରୁ—ବିଂ. ନରମ, କ୍ରି.ବିଂ. ଅତି ନରମ,
ଧନ୍ତୋଗର ସୁଖ

ଗୁବୁଡ୍‌ ଗୁବୁଡ୍‌—ବି. ଧମସା ବାଜାର ଶବ୍ଦ, ଧମାସ୍ ଧମାଡ୍‌

ଗୁବୁଡ୍‌ ସୁବୁଡ୍‌ ବା ଗାବୁଡ ସାବୁଡ—କ୍ରି. ଗୋଲିଆ ଘାଣ୍ଟିଆ
(କରି ଠକି ନେବା) ମିଶାମିଶି କରିଦେବା

ଗୁମ୍‌—କ୍ରି. ପାକୁଡ଼ିବା (କୁଲରେ ପାକୁଡ଼ିବା)

ଗୁମ୍—ବିଂ. ଚୁପ୍‌ଚାପ, ଗୁମ୍‌ସୁମ୍, ନିର୍ବିଘ୍ନ

ଗୁମ୍‌ମାଁ.—ବିଂ. ଝିମ୍‌ଝିମ୍‌ସା, କ୍ରି. ଗୁମା ହେବା, ଗନ୍ଧାଇବା, ସଡ଼ିବା ଅବସ୍ଥା ହେବା

ଗୁମ୍‌ମାଁ.—କ୍ରି. ଗୁମା ହେବା, ଝିମି ମାରିବା

ଗୁମୁର୍—ବିଂ. ଗୁମର, ଭିତର

ଗୁମୁର୍ ଗୁମୁର୍—କ୍ରି. ବିଂ. କୁଣ୍ଠାଇବା ସହିତ ସାମାନ୍ୟ ବ୍ୟଥାର ଅନୁଭବ

ଗୁମ୍‌ଫା—ବି. ଗୁମ୍ଫା

ଗୁମ୍ଣ୍‌ଫା ସୁଙ୍ଗି—ବି. ଏକ ପ୍ରକାର ଧାନର ନାମ

ଗୁମ୍ଣ୍‌ହା. ଗାନ୍‌ଧାରି—ବି. ଏକ ପ୍ରକାର ଖଡ଼ା ଶାଗ ଜାତୀୟ ଶାଗ ଗଛ

ଗୁମ୍ଣୁଂ—କ୍ରି. ବିଂ. ଚୁପଚାପ ଧୀରେ (ଚାଲିଯିବା)

ଗୁମ୍ଣୁଂଗୁଫୁଁ—କ୍ରି. ବିଂ. ଚୁପ୍‌ଚାପ ଏପାଖ ସେପାଖ (ହେବା)

ଗୁମ୍ଣୁଂଗୁପୁଂ ବାଲାସୁ—କ୍ରି. ଚୁପ୍‌ଚାପ, ଏପାଖ ସେପାଖ ହେଉଥିବା ପ୍ରକ୍ରିୟା

ଗୁମ୍ଣୁଂ ମେନ୍‌ତେ—କ୍ରି. ବିଂ. ଅକସ୍ମାତ୍ ଚାଲିଯିବା

ଗୁର୍—ବିଂ. ମୃତ୍ୟୁ, ମରିବା

ଗୁରୁ∞—କ୍ରି. ମରିବା

ଗୁର୍‌ଏ—କ୍ରି. ମାରିଦେବା, ହତ୍ୟା କରିବା, ଖାଇ ଦେବା

ଗୁର୍‌ଗୁରୁ∞—କ୍ରି. ଆପଣେ ବକର ବକର ହେବା, ଗର୍‌ଗର୍ ହେବା

ଗୁର୍‌ଜୁ ବା ଗର୍‌ଜ୍—ବିଂ.,ବି. ଗରଜ୍, ଇଚ୍ଛା, ଘେର ଦେବାର ଖୁଣ୍ଟ, କ୍ରି. ଇଚ୍ଛା କରିବା, ଇଚ୍ଛା ପ୍ରକାଶ କରିବା

ଗୁର୍‌ଜ ତେଆ(ହା)ଡା—ବି. ଠକଗାଁ ସିମାଲୀ ପଥର ଖୁଣ୍ଟ

ଗୁର୍‌ପା.ହୁନ୍ତୁ—ବି. ଏକ ପ୍ରକାର ଧାନର ନାମ

ଗୁର୍‌ଭିନ୍—ବିଂ. ଗର୍ଭିଣୀ

ଗୁର୍‌ମି—ବି. ଗର୍ମି ରୋଗ

ଗୁର୍‌ମିଃ—କ୍ରି. ଗର୍ମି ଶୋଷକ ବାହାରିବା

ଗୁର୍‌ଲ.ଢ଼—କ୍ରି. ଘୂର୍ଣ୍ଣନ ହେବା, ବିଂ. ଘୂରିବା

ଗୁର୍‌ଲ—ବି. ଏକ ପ୍ରକାରର ଲତା

ଗୁର୍‌ଲାଁଟାଁମ୍—କ୍ରି. ଅସୁବିଧା ଖଣ୍ଡନ କରିବା, ଶିକାର ଯିବା, ଅରିଷ୍ଟ ଖଣ୍ଡନ କରିବା

ଗୁର୍‌ଖୁର୍ (ଗୁଲାଖୁଞ୍ଜ୍)—ବି. ହୁକାରେ ଲଗାଯାଉ ଥିବା ଦୋକତା ଗୁଣ୍ଡ

ଗୁର୍(ଇ)ସ୍ତା ବଂଗା—ବି. ଘରର ଏକ ଦେବତାର ନାମ

ଗୁର୍‌ବଟ୍—ବି. ଗୋବର

ଗୁର୍‌ବଜ୍—କ୍ରି. ଗୋବରରେ ଲିପିବା

ଗୁର୍‌ବଟ୍‌ଡଢ଼—ବି. ଗୋବର ଛତୁ

ଗୁର୍‌ବଟ୍‌ଡରୁ—ବି. ଗୋବର ଭଅଁର ବା କଳାପୋକ

ଗୁର୍‌ବଟ୍‌ତଜୁ—ବି. ଗୋବର ପୋକ

ଗୁର୍‌ବକ୍ ମାନ୍‌ଦେ—ବି. ଗୋବର ଖାତ

ଗୁର୍‌ବଦ୍—ବିଂ. ଗରବ

ଗୁର୍‌ବଦ୍‌ଅ∞—କ୍ରି. ଗରବ ହେବା

ଗୁରୁ—ବି. ଗୁରୁ

ଗୁରୁହୁସୁଃ—କ୍ରି. ଗୁରୁ ହେବା

ଗୁରୁଆଁ ଗିସ୍ଁା—ବି. ଗୁରୁ ଆଜ୍ଞା, ଗୁରୁ ଆଦେଶ

ଗୁରୁପାକ୍—ବିଂ. ଗୁରୁପାକ

ଗୁରୁବାର୍—ବି. ଗୁରୁବାର

ଗୁରୁବା.ରୁର୍—ବି. ଗାଈ ବାଛୁରୀ

ଗୁରୁର ପାସ୍—ବିଂ. ଗାଈ ସଦୃଶ୍ୟ ଅପରିଚ୍ଛନ୍ନ

ଗୁରୁଇ(ସ୍ତୁ) ଗୁରୁଇ(ସ୍ତୁ)—କ୍ରି. ବିଂ. (ବହୁତ ଲୋକ) ଜଣେ ବା ଦଳେ ଲୋକ ପଛେ ପଛେ ଚାଲିବା, ଦଳ ଦଳ ହୋଇ ଯିବା

ଗୁଲ୍—ବି. ଗୁଡ଼

ଗୁଲ୍‌ଗୁ—ବି. ଶୀଲପୁଆ

ଗୁଲ୍ ଡାଓ୍ୱା∞ ଏନେଜ୍—ବି. ପିଲାଙ୍କର ଏକ ପ୍ରକାର ଖେଳ

ଗୁଲ୍‌ଗୁଲସ୍ତା—ବି. ଗୁଲ୍‌ଗୁଲ

ଗୁଲ୍ ଦା∞—ବି. ଗୁଡ଼ ପାଣି

ଗୁଲ୍‌ଦା.ଢ଼—ବିଂ. ଗଡ଼ଗଡ଼ି ଯିବା, କ୍ରି. ଗଡ଼ିଯିବା, ଗଡ଼ଗଡ଼ି ଯିବା

ଗୁଲ୍‌ଦା ଗୁଲ୍‌ଦ—କ୍ରି. ବିଂ. ଗଡ଼ା ଗଡ଼ି

ଗୁଲ୍‌ସୁ ପୁଟିସୁ—କ୍ରି. ବିଂ. ସଂପୂର୍ଣ୍ଣ ପୋଡ଼ାଇ ହେବା

ଗୁଲା.—ବି. ଗୋଲା, ବନ୍ଧୁକ ଗୋଲା

ଗୁଲା.ଉ—କି. ଗୋଳାଇବା, ମିଶ୍ରଣ କରିବା

ଗୁଲ—ବି. ଗୁଲି, କି. ଗୁଳି କରିବା

ଗୁଲସ୍ଥା.ଉ—କି. ଗୁଡ଼ାଇବା (ସୂତା ଗୁଡ଼ାଇବା, ଦଉଡ଼ି ଗୁଡ଼ାଇବା, ଲୁଗା ଗୁଡ଼ାଇବା

ଗୁଲୁଚ—ବି. ଗୁଳୁଞ୍ଚି ଗଛ, ଏହା ଏକ ଔଷଧି ଗଛ

ଗୁଲୁମ୍—ବି. କିଂକର୍ତ୍ତବ୍ୟ ବିମୂଢ଼, ସ୍ତବ୍ଧ
କି. କିଂକର୍ତ୍ତବ୍ୟ ବିମୂଢ଼ ହୋଇଯିବା, ସ୍ତବ୍ଧ ହେବା

ଗୁଲ୍—ବି. ଗୋଲ

ଗୁଲ୍ ଗୁଲ୍—ବି. ଗୋଲ ଗୋଲ

ଗୁଲ୍ମାଲ୍—ବି. ଗୋଳମାଳ, ପାଟିଗୁଣ୍ଡ, କି. ଗୋଳମାଳ ହେବା, ଗୋଳମାଳ କରିବା

ଗୁଲଞ୍ଚ୍ଆବାହା, ଗୁଲାବ୍ବାହା—ବି. ଗୋଲାପ ଫୁଲ

ଗୁଲି.—ବି. ଗୁଲି ଜାତି ବିଶେଷ, ଧାନ ଗୋଲି

ଗୁଲି.ଇ—ବିଂ. ଗୋଲାକାର

ଗୁଲି.ଉ—କି. ଗୋଲ କରିବା

ଗୁଲିପ୍ଉଂ—ବିଂ. ଗୋଲପୀ

ଗୁଲି—କି. ଗ୍ରୋଟ ଗୋଲି, (ମାଟିର) ତିଆରି କରିବା
ବି. ଗଞ୍ଜାଇ ତିଆରି ଦ୍ରବ୍ୟ, ସାହା ଚୁଙ୍ଗା ଦ୍ୱାରା ନିଆଁ ଲଗାଇ ଧୂଆଁ ପିଆଯାଏ, ବି. ଗୁଲି

ଗୁଲିଖଟି—ବି. ଗୁଲିଖଟି, ଗଞ୍ଜାଇ ଧୂଆଁ ପିଆ ଆଡ଼ା

ଗୁଲିଁନ୍ଡ—ବିଂ. ଗୋଲାକାର

ଗୁଲିମ୍—ବି. ଗୋଲାମ

ଗୁଲିଦୁଆର—ବି. ଘର ପଛ କବାଟ, ଘର ପଛ ଦ୍ୱାର

ଗୁଲିବାଁ.ଟି—ବି. ଚଠା ପକାଇ ପାରିତୋଷିକ, ବାଣ୍ଟିବା ବିଧି
କି. ଚଠା ପକାଇ ପାଉଣା ଦେଇ ଦେବା, ଭାଗ୍ୟ ପରୀକ୍ଷା କରିବା

ଗୁଲୁଆ.ଋ—ବି. ଏକ ପ୍ରକାର ନାଚର ନାମ

ଗୁଲୁସୁଚ୍—ବିଂ. ନିସ୍ତେଜ, କି. ନିସ୍ତେଜ ହୋଇଯିବା
ଉ : ଉନ ଗୁଲୁସୁଚ୍ଏ ଦୁଲୁବ୍ ଆକାନା - ସେ ନିସ୍ତେଜ୍ ହୋଇ ବସିଛି

ଗୁଆ(ଓ୍ୱା)ଚଣେ—ବି. ସାନ୍ତାଳର ଚଣେ ଗୋତ୍ରର ଏକ ଶାଖା

ଗୁଆଗୁଲି, ଗୁଓ୍ୱା.ଗୁଲି—ବି. ଏକ ପ୍ରକାରର ଝୁମ୍ପୁରା ଗଛ

ଗୁଓ୍ୱା.ଜାଁଇ, ଗୁଆଜାଁଇ—ବି. ଏକ ନଦୀର ନାମ

ଗୁଆପାନ—ବି. ଗୁଆ ଓ ପାନ ପତ୍ର

ଗୁଆସରେନ୍—ବି. ସାନ୍ତାଳର ସରେନ୍ ଗୋତ୍ରର ଏକ ଶାଖା

ଗୁଆ ହେମ୍ବ୍ରମ୍—ବି. ସାନ୍ତାଳର ହେମ୍ବ୍ରମ୍ ଗୋତ୍ରର ଏକ ଶାଖା

ଦ୍ରଷ୍ଟବ୍ୟ : ଗୁଆ ନାମକ ଶାଖା ଗୋତ୍ରର ସାନ୍ତାଳମାନେ ଘରେ ବା ବାହାରେ ଗୁଆ ବ୍ୟବହାର କରନ୍ତି ନାହିଁ

ଗୁସା.ଉ—ବି. ପଳାୟନ, କି. ଖସି ପଳାଇ ଯିବା

ଗୁସ୍ଟି—ବି. ଗୋତ୍ର

ଗୁସ୍ଗୁସିଆ—ବିଂ. ଅନ୍ତରରେ ବିରକ୍ତ ଭାବ

ଗୁସା.—କି. ମୁଷ୍ଟିମାଡ଼ ଦେବା

ଗୁସ .ଡ ଗିସିଡ୍—କି. ବିଂ. (କାମଚୁଡ଼ି) ଏଣେ ତେଣେ ବୁଲିବା

ଗୁସିଆ.ଓ୍ୱ—କି. ଲୁଚାଇବା, ଗୋପନ ରଖିବା

ଗୁସିଆଲା ∞—ବି. ଏକ ପ୍ରକାର ଶାଗ

ଗୁସୁଂ ଗୁସୁଂ—କି. ବିଂ. (ପଛକୁ ନ ଚାହିଁ କାଲେ ଡାକଲେ) ମୁହଁମାଡ଼ି ଧୀରେ ଧୀରେ (ଚାଲିଯିବା)

ଗୁସୁଚ୍—କି. ନ କହି ଚାଲିଯିବା

ଗୁସୁଚ୍ ମେନ୍ତେ—କି. ବିଂ. ଅଗୁନଭ ଚାଲିଯିବା

ଗୁସୁର୍ ଗୁସୁର୍—କି. ବିଂ. ଘସର ଘସର, ବିଳମ୍ବ କରିବାର ପ୍ରକ୍ରିୟା, କୁଣ୍ଠାଇ ହେବା

ଗୁହମା. ହୁଲୁ—ବି. ଏକ ପ୍ରକାର ଧାନ

ଗୁହରସ୍ଥା—କି. ବିଂ. ନାଗରା ବଜାଇ ସୂଚାଇବା, ବିପଦ ସୂଚନା ଦେବାର ନାଗରା ବାଦ୍ୟ

ଗୁହା.—ବି. ଗୁହା, ଗୁମ୍ଫା

ଗୁହା.ରୁ—କି. ଗୁହାରି କରିବା

ଗୁହି—ବିଂ. ଖୁଣ, ଦୋଷ

ଗୁହୁ—କି. ବିଂ. ଦୀର୍ଘସ୍ଥାୟୀ ହୋଇ ରହିବା

ଗୁହୁଃ—କି. ଦୀର୍ଘସ୍ଥାୟୀ ହେବା, ଉ : ଆମାଃ ରଲ୍ ଦ ଗୁହୁଃ ଡ ∞ ମା—ତୁମ ବଚନ ଦୀର୍ଘସ୍ଥାୟୀ ହେଉ

ଗୁହୁଡ୍ ଗୁହୁଡ୍—କି. ବିଂ. ନାଗରା ବଜାଇବାର ଶବ୍ଦ, ଢୁଲ୍ଢାଲ୍

ଗୁହ୍ରଡ୍‌ଲୁସ୍ଥ୍‌—କ୍ରି. ନାଗର୍‌ ବଜାଇବା, ଶ୍ରବଣୀସ୍ଥ ନାଗସ୍ୱ ବାଜା
ଗୁହ୍ରମ୍‌—ବି. ଗହ୍ମମ
ଗେ—ବି. ଦଶର ପ୍ରତିଶବ୍ଦ, ଉ: ଗେବାର୍‌—(ଦଶ ଦୁଇ) ବାର
ଗେପେ—ତେର ଆଦ
ଗେ—ଅ. ଉ, ଡି, ହିଁ ଅର୍ଥ ସୂଚ୍ୟ
ଗେସ୍ୱାନ୍ତ୍‌—ବି. ଜାଡ
ଗେଆ(ସ୍ୱା)ନ୍‌—ବିଂ. ଜ୍ଞାନ, ବୁଦ୍ଧି
ଗେଗେଦେରେଞ୍ଜ୍‌—ବି. ଗହଡୁଣୀ ପୋକ
ଗେଗେର୍‌—ବିଂ. କାମୁଡିବା ବାଲ୍‌
ଗେଗେଲ୍‌—ବିଂ., ବି. ଏକ ଶତ, ସଂଖ୍ୟା ବାଚକ, ଶହେ
ଗେଙ୍ଗଲ୍‌—ବିଂ. ଠକାଇବା ବାଲା, ଠକୁଆ
ଗେଙ୍ଗ୍‌—ବି. (ଇଂ) ଗେଙ୍ଗ୍‌, ଦଳ
ଗେଙ୍ଗ୍‌ଗାହ୍ରଃ, ଗେଙ୍ଗ୍‌ଲା—ବିଂ. ଡେରେଛା, ବଙ୍କ
କ୍ରି. ବିଂ. ଡେର୍‌ଛା, କ୍ରି. ଡେର୍‌ଛା ହେବା
ଗେଙ୍ଗ୍‌ଟା—ବି. ଗେଙ୍ଗୁଟି
ଗେଜ୍‌—କ୍ରି. ପୋଛି ଆଣିବା
ଗେଜେର୍ଃ—ବି. ଛେଚ୍ଚା, ଖଣ୍ଡ ଖଣ୍ଡ ହୋଇଥିବା
ଗେଜେର୍‌—କ୍ରି. ଛେଚ ଗୁଣ୍ଡ କରିବା, ଖଣ୍ଡ ଖଣ୍ଡ କରିବା
ବିଂ. ଛେଚ୍ଚା, ଖଣ୍ଡ ଖଣ୍ଡ
ଗେଜ୍ ଗା.ସୁମ୍‌—କ୍ରି. ବିଂ. ପୋଛି ପରିଷ୍କାର
କ୍ରି. ପୋଛିବା କାମକୁ ସମାପ୍ତ କରିବା
ଗେଜ୍ ଗୁରିଗି—କ୍ରି. ଗୋବର ଦେଇ ଲିପିବା
ଗେଜ୍ ଗାସେର୍‌—କ୍ରି. ଜୋରିମାନା କରିବା, ଜୋରିମାନାରୁ
ମୁକ୍ତ ହେବା
ଗେଜ୍ ଡାଣ୍ଡମ୍‌—କ୍ରି. ଜୋରିମାନା ଦେଇ ମୁକ୍ତ ହେବା
ଗେଜ୍ ଗେଜ୍‌—କ୍ରି. ବିଂ. ମଇଳା, ଦୁର୍ଗନ୍ଧିଆ, ବିଂ. ମଇଳା,
ମଳଛି, ଦୁର୍ଗନ୍ଧ ପାଣି, କ୍ରି. ମଇଳା ହେବା, ଦୁର୍ଗନ୍ଧ ବାହାରିବା
ଗେଞ୍ଜ୍‌ଲ୍‌ଂ, ଗେଦ୍‌ଲ୍ଂ—ବିଂ. ଛୋଟ ଛୋଟ (ମାଛ). ଖୁଚୁରା ମାଛ
କ୍ରି. ବିଂ. ଛୋଟ ଛୋଟ, ସାନ ସାନ (କୁକୁଡା ଛୁଆ)

ଗେଞ୍ଜାଡ୍‌—ବିଂ. ଅପରିପକ୍ୱ, ବ୍ୟବହାର ଉପଯୋଗୀ (ନୁହେଁ)
ଗେଞ୍ଜାଓ୍‌—କ୍ରି. ଗେଞ୍ଜିବା, ଘୋଷ୍ ଦେବା
ଗେଟ୍‌—ବି. ଇଂ. (gate) ଫାଟକ
ଗେଟ୍‌ମା—ବି. ଆଳୁ, ବାଙ୍ଗର ଓ ମୋଟା
ଗେଟି—ବି. ଗେଟି (ଛୋଟ ପଥର ଖଣ୍ଡ)
ଗେଠା—ବିଂ. ଗଣ୍ଠିଆ
ଗେଡ୍‌ମେଜ୍‌—ବିଂ. ଛୋଟିଆ
ଗେଡା—ବିଂ. ଗେଡ଼ା
ଗେଡି—ବିଂ. ଗେଡ଼ି
ଗେଡାସ୍ମ୍‌—କ୍ରି. ଗେଡା ହେବା
ଗେଡେ—ବି. ବତକ
ଗେଦ୍‌—କ୍ରି. କାଟିବା
ଗେଦ୍‌ଆ ∞—ବିଂ. କଟା ହୋଇଥିବା
ଗେଦ୍‌ଗେଡେ—କ୍ରି. ବିଂ. ସିଧା ଭାବରେ ଠିଆ (ବାଳୁଆ)
କ୍ରି. ଠିଆ ହୋଇ ରହିବା
ଗେଦେଗେଦେ—କ୍ରି. ବିଂ. ଲଗାଇ ଲଗାଇ (କହିବା)
ଗେନ୍‌ଠା ଧିରି—ବି. ଗେଙ୍ଗୁଟି ପଥର
ଗେନଠା ତେଦ୍‌—ଅ. ନାହିଁ ଅର୍ଥରେ ପ୍ରୟୋଗ
(ଓଡିଆରେ ଆଙ୍ଗୁଠାଏ ପାଇବା)
ଗେନ୍‌ଡାଲସ୍ୱା—ବି. ଗେଣ୍ଡାଳିଆ
ଗେନ୍‌ଡାଓ୍‌—କ୍ରି. ଧପେଇବା, ଠକିବା
ଗେନଡା ଗିନ୍‌ଡି—କ୍ରି. ବିଂ. ବାଟ ଓଗଳା, ଧପା ଧପି କରିବା
ଗେନ୍‌ଦା—ବି. ଗେନ୍ଧା, ବାଜେ କଥା
ଗେନ୍‌ଦ୍‌ରେଜ୍‌—ବି. ଛୋଟ ଚିରା ଲୁଗାର କନା
ଗେନ୍‌ଦ୍‌ରେଜ୍‌, ଗେନ୍‌ଦରେଜ୍‌—ବି. ଚିରା ଫଟା କନା
ଗେନ୍‌ଦାଲା ∞—ବି. କନା
ଗେନ୍‌ଦ୍‌ଲାଂ—ବି. ମୀନ ମାଛ
ଗେନ୍‌ଠେ—ବିଂ. ଏକାଠି ଜାବୁଡି ହେବା, ଗଣ୍ଠି ହେବା
ଗେନ୍‌ଡେସ୍ୱା ଟାକା—ବି. ପୁରାତନ ଟଙ୍କା
ଗେନ୍‌ଡେର୍‌—କ୍ରି. ଆଗକୁ ଖସିବା, ଆଗକୁ ଖସିଗ ପଶିଯିବା
ଗେନେଜ୍ ଗେସେଜ୍‌—ବିଂ. ଅତ୍ୟନ୍ତ ବ୍ୟଗ୍ର ହୋଇ ଶୀଘ୍ର
ଶୀଘ୍ର (ନାଚିବା)

ଗେନେଡେସ୍ମାଂ, ଗେନେଡେସ୍ମାମ୍—କ୍ରି. ସମାନ ଭାବେ ଥିବା, ଚକ୍‌କଣ ହେବା

ଗେସେକ୍ ଗେସେକ୍—କ୍ରି. ବିଂ. ଧୀରେ ଧୀରେ, ସନେଇ ସନେଇ

ଗେମେର୍—କ୍ରି. ଉଠାଇ କରି ବୋହି ନେବା

ଉ : ହାସାସ୍ ଗେମେର୍ ଇଦ କେଦା - ମାଟିକୁ ଉଠାଇ ବୋହି ନେଇଗଲା

ଗେର୍—କ୍ରି. ମୁହଁ ଦ୍ଵାରା କାମୁଡ଼ିବା, ଦାନ୍ତ ମଝିରେ ଚୁପି ଧରିବା

ଗେର୍ଆ ––—ବିଂ. କାମୁଡ଼ିଥିବା

ଗେରେର୍—ବିଂ. କାମୁଡ଼ା (କୁକୁର)

ଗେଗ୍ରାମ୍—ବି. ଗ୍ରାମ, ଗାଁ

ଗେଗ୍ରାଂ—କ୍ରି. କୁନ୍ଥେଇବା, ଉ : କୁଓ୍ଵା ––ତେ ଗେଗ୍ରାଂ ଏଦା - ବେଗ ହେବୁ କୁନ୍ଥାଉଛି

ଗେଗ୍ରାଂ ହା.ଲୁଂ—କ୍ରି. ଚିତ୍କାର କରିବା, ବିଳାପ କରିବା

ଗେରେଜ୍ ଗେପେକ୍—କ୍ରି. ବିଂ. ଅଧିକ ସଂଖ୍ୟାରେ, ବହୁଳ ପରିମାଣରେ ବିଚ୍ଛୁରିତ ହୋଇ, କ୍ରି. ବହୁତ ପରିମାଣରେ ବିଚ୍ଛୁରିତ ହୋଇ ପଡ଼ିବା ବା ବଖୁରି ହୋଇ ପଡ଼ିବା

ଗେରେ ଗେଞ୍ଜେ—କ୍ରି. ବିଂ. ବହୁତ ଭିଡ଼, ଭରପୂର ହୋଇଥିବା

ଗେରେଜ୍ ଗେରେଜ୍—କ୍ରି. ବିଂ. ଘିମିରି ବା ଗ୍ରେଟ ଗ୍ରେଟ ବିସ୍ଫୋଟକ ଉଠିବା ପ୍ରକ୍ରିୟା, କ୍ରି. ବିସ୍ଫୋଟକ ବାହାରି ପଡ଼ିବା

ଗେର୍ଓ୍ଵାଲ୍—ବି. ଗୋଲେଇ

ଗେଲ୍—ବି. ଦଶ ସଂଖ୍ୟାବାଚକ

ଗେଲ୍ମିଦ୍—ବି., ବିଂ. ଏଗାର ସଂଖ୍ୟାବାଚକ

ଗେଲବାର୍—ବି./ବିଂ. ବାର

ଗେଲପେ—ବି./ବିଂ. ତେର

ଗେଲ୍ସୁନ୍—ବି., ବିଂ. ଚଉଦ

ଗେଲ୍ମଣେ—ବି., ବିଂ. ପନ୍ଦର

ଗେଲ୍ତୁରୁଇ—ବି., ବିଂ. ଷୋହଳ

ଗେଲ୍ ଏସ୍ଥାସ୍—ବି., ବିଂ. ସତର

ଗେଲ୍ଇରଲ୍—ବି., ବିଂ. ଅଠର

ଗେଲ୍ ଆରେ—ବି., ବିଂ. ଉଣାଇଶ

ଗେଲ୍ବାର୍ ମହଲ—ବିଂ. ବାର ମହଲା

ଗେଲ୍ଗାଣ୍ଡା—ବିଂ. ବାରଗଣ୍ଡା

ଗେଲ୍ଲା—କ୍ରି. ଚେଷ୍ଟା କରିବା

ଗେଲେଆ.—କ୍ରି. ଈଶ୍ଵରଙ୍କର ବରଦାନ ପାଇବା

ଗେଲେଜ୍—କ୍ରି. ଆଖୁଡ଼ି ବାହାର କରିବା, ହାତରେ ଖୋଲିବା

ଗେଲେବଲ୍ଲ—ବି. ନୂଆ ଫସଲ, କ୍ରି. ନୂଆ ଫସଲ ହେବା, ଧାନ ଫଳିବା ଓ ପାଚିବା

ଗେଲ୍ହା—ବିଂ. ଗେହ୍ଲା, ଅତ୍ୟଧିକ ସ୍ନେହ

ଗେଓ୍ଵିକ୍ ଗାସେର୍—କ୍ରି. ବିଂ. ଅଧିକ ଖର୍ଚ୍ଚ କରିବାଲା, ବଡଖର୍ଚ୍ଚି କ୍ରି. ଖର୍ଚ୍ଚରେ ପଡ଼ିବା

ଗେଓ୍ଵିଲ୍ ଗେଓ୍ଵିଲ୍, ଗିଓ୍ଵିଲ୍ ଗିଓ୍ଵିଲ୍—କ୍ରି. ବିଂ. ଏଣେ ତେଣେ, ଅଡୁଆ ଧରଣର

ଗେସ୍—ବି. ଗେସ୍ (ଇଂ) gas

ଗେସ୍ଟାହା—ବିଂ. ଗନ୍ଧଆ, ଖରାପ

ଗେସ୍ର ––—କ୍ରି. ଘସିହେବା

ଗେସେଚ୍ ଗେସେଚ୍—କ୍ରି. ଭିଡ଼ ହେବା, ଚୂର୍ଣ୍ଣି ସିବା

ଗେସେର୍ ଗେସେର୍—କ୍ରି. ବିଂ. ଶୀଘ୍ରତା ପୂର୍ବକ

ଗେସେର୍ ମେନ୍ତେ—କ୍ରି. ବିଂ. କ୍ରୋଧାନ୍ଵିତ ହୋଇ

## ଘ

ଘଘ—ଅ. (ଶବ୍ଦ ବିଶେଷ) ଘୋଘୋ, ଘୁହୁଘୁହୁ

ଘଟ—ବି. ଘଟ

ଘଟକ୍‌ଦାର୍—ବିଂ. ଘଟକଦାର, ଆଗୁଆ କୁହାଶୁଣା କରିବା ବାଲା

ଘଟ୍‌କାଓ—କ୍ରି. ଦୌଡ଼ାଇ ନେବା, ଗୋଡ଼ାଇବା

ଘଟନ୍—କ୍ରି. ବିଂ. ଘଟନ, କ୍ରି. ଘଟଣା ଘଟିବା

ଘଟାଓ—କ୍ରି. ଘଟାଇବା, ଘଟଣା ଘଟିବା

ଘଡ଼ଘଡ଼—ଅ. ଘଡ଼ ଘଡ଼ ଶବ୍ଦ, ଉ : ସାଗାଲ୍ ଘଡ଼ ଘଡ଼କ ଅର୍ ଇଦ କେଦ୍ଆ - ଶଗଡ଼ ଘଡ଼ ଘଡ଼ କରି ଘୋସାରି ନେଇ ଗଲେ

ଘଡ୍‌ଘୁଡ଼ି—କ୍ରି. ବିଂ. ମେଘ ଗର୍ଜନ

ଘଡର୍—କ୍ରି. ବିଂ. ଘର ଘର (ଶବ୍ଦ)

ଘଡ଼ା—ବି. କାଠ ଘୋଡ଼ା ବନ୍ଧୁକର ଘୋଡ଼ା

ଘଁଣଚେ—କ୍ରି. ଏକ କଡ଼ଆ (ଗୁଲିବା) ଏକ ପାଖିଆ ହେବା
ଘଁଣା—କ୍ରି. କାନ୍ଧରେ ବସାଇବା, କାନ୍ଧେଇବା
ଘଣା—ବି. ଘଣା, ତେଲ ପେଡ଼ା ଯନ୍ତ୍ର
ଘନଘନ୍—ବିଂ. ବାରମ୍ବାର, ଘନଘନ
ଘର୍—ବି. ଦନ୍ତ
ଘର୍କରନା—ବି. ଘର ସମ୍ପତ୍ତି, କ୍ରି. ଘର ସମ୍ଭାଳିବା, ଘର ସମ୍ପତ୍ତି କରିବା, କ୍ରି. ବିଂ. ଘର ସମ୍ପତ୍ତି କରିବା ପ୍ରକ୍ରିୟା
ଘର୍ଗୁଷ୍ଟି—ବି. ପରିବାର ସମୂହ
ଘର୍ଚଟିଆ—ବି. ଘର ଚଟିଆ, ଘରପଶା
ଘର୍ ଘୂଷିଆ—ବିଂ. ଘରପଶା (ଘର ଛାଡ଼ି ଯାହାର ଅନ୍ୟତ୍ର ଯିବାକୁ ଯେ ଅମଙ୍ଗ ଥାଏ)
ଘର୍ସ୍—ବିଂ. ଭିଜା ମାଟି, ପାଣିଲଗା କ୍ଷେତ
ଘର୍ସାଓ୍ୱ—କ୍ରି. ଜମି ପାଣିଦ୍ୱାରା ଧୋଇ ଖାଲ ହେବା
ଘଗସ୍ସାଓ୍ୱ—କ୍ରି. ଧୋଇ ଖୋଳିନେବା, ହୁଡ଼ ଭାଙ୍ଗି ଖାଲ ହୋଇଯିବା
ଘଲ୍ଟାଓ୍ୱ—କ୍ରି. ଓଲଟି ପଡ଼ିବା
ଘଚେ—ବିଂ. ତେରଛା, ଏକ କଡ଼ିଆ ଚାଲିବା
ଘଚଲେ— କ୍ରି. ବିଂ. ଏକ କଡକୁ ଚାଲିବା
ଘଜଲ୍ ଘଜଲ୍—କ୍ରି. ବିଂ. ଚାଲିବା ସ୍ଥିତି, ଟେଢ଼ା ଅବସ୍ଥା
ଘଟ୍ରେଣ୍ଡ୍ କଲ୍—ବି. ଶ୍ରେଷ୍ଠ ଆକାରର ହରିଣ
ଘଟାଓ୍ୱଃ—କ୍ରି. ଘଟଣା ଘଟିଯିବା
ଘଟାଓ—କ୍ରି. ଘଟିବା, ଘଟାଇବା
ଘନ୍ଘନ୍—କ୍ରି. ବିଂ. ଘନଘନ, ବାରମ୍ବାର
ଘନ୍ଟା—ବି. ଘଣ୍ଟା
ଘଡ଼ି.—ବି. ଘଡ଼ି (watch)
ଘା.ଇ—ବି. ଘାଇ (breach)
ଘା.ଇଲ୍—ବିଂ. ଘାଇଲ, କାମୁଡ଼ାଖିଆ, ଆଘାତପ୍ରାପ୍ତ
ଘାଓ—ବି. ଘା
ଘାଘ୍—ବି. ଜଳପ୍ରପାତ, କ୍ରି. ଜଳପ୍ରପାତ ହେବା
ଘାଗସ୍—ବି. ଗର୍ଭ, ଗରଭ

ଘାଘାଲ୍—ବି. ବୁଦ୍ଧିଆର, ତୀବ୍ରବୁଦ୍ଧି ବାଲା
ଘାଂଗ୍ସ୍—ବି. ବରଗୁଡ଼ି
ଘାଂଗସ୍ ଘାଂଗ୍ସ୍—ଚିଲଚିଲ, କ୍ରି. ବିଂ. ହୁଣ୍ଡଗୋଲ କର
ଘାଙ୍ଗିସ—ବି. ଶ୍ରେଷ୍ଠ ବରଗୁଡ଼ି
ଘାଂଙ୍ଗ୍—କ୍ରି. ବିଂ. ନାକ ବାଟେ କହିବା ପ୍ରକ୍ରିୟା
କ୍ରି. ଘାଂଗୁ କରିବା, ଘୁଂଗୁଁ ହେବା, ଅସ୍ପଷ୍ଟ ଭାବେ କହିବା
ଘାଚ୍ଘାସ୍ଓ—କ୍ରି. ଘୋସାରିବା, କ୍ରି. ବିଂ. ଘୋସାରି ଘୋସାରି
ଘାସ୍ଓ—କ୍ରି. ଜୋରଦେଇ ଟାଣିବା
ଘାସ୍ଂ ମେନ୍ତେ—କ୍ରି. ବିଂ. ହଠାତ୍, ଜୋରରେ
ଘାଣ୍ଡିଘୁଣ୍ଡି—କ୍ରି. ବି. ଅସ୍ପଷ୍ଟ ଭାବେ, କ୍ରି. ଉଡ଼ାଇବା
ଘାଣ୍ଡିଜଲ୍ଂ—କ୍ରି. ବିଂ. ଢିଲାହୋଇ ତଳକୁ ଯିବା ପ୍ରକ୍ରିୟା
ଉ : ଘାଣ୍ଡିଜଲ୍ଂ ପାଉକମ୍ - ଢିଲା ଖଟ
ଘାଣ୍ଡିଲଂ ଘାଣ୍ଡିଲଂ—କ୍ରି. ବିଂ. ଢିଲା ଢିଲା
ଘାଣ୍ଡିତେ—ବିଂ. ଅବ୍ୟବସ୍ଥିତ ପିନ୍ଧା, କଣ୍ଟ ଏକ କଡ଼ିଆ ହେବା
ଘାଣ୍ଡାଜା ଘାଣ୍ଡଜ—ବିଂ. ଅସ୍ତବ୍ୟସ୍ତ, କ୍ରି. ଉଡ଼ୁଥିବା ଅବସ୍ଥା
ଘାଣ୍ଡିଜେତ—କ୍ରି. କଣ୍ଟ ଅଲଗା ହେବା, ଅଲକ୍ଷରେ ଖସିଯିବା
ଘାଣ୍ଡିଜେତଃ—କ୍ରି. ବିଂ. ଅଲଗା ହେବା ପ୍ରକ୍ରିୟା, ଅଲକ୍ଷରେ ପଳାୟନ କରିବା ପ୍ରକ୍ରିୟା
ଘାଣ୍ଡିଲେ ଘାଣ୍ଡିଲେ—କ୍ରି. ବିଂ. ଏକ କଡ଼ ହୋଇ ପାଦ ଚାଳନ କରିବା ପ୍ରକ୍ରିୟା, ଢିଲାଢିଲା କଣ୍ଟ ପିନ୍ଧି ଗଢକରିବା
ଉ : ଘାଣ୍ଡିଲେ ଘାଣ୍ଡିଲେ ତାଲାମ୍ ଆକାଡ୍ଆ - ଢିଲା ଢିଲା ଚାଲିଛି
ଘାଣ୍ଡିଜେଲଃ—କ୍ରି. ଖସରି ଯିବା, କ୍ରି. ବିଂ. ପାଖେଇ ଖସିବା ପ୍ରକ୍ରିୟା
ଘାଣ୍ଡା—ବି. ଫାନ୍ଦ, ଫାଶ, କୌଶଳ (trick)
ଘାଣ୍ଡା ପାଟାଃ—କ୍ରି. ବି. ଛନ୍ଦହେବା ପ୍ରକ୍ରିୟା
କ୍ରି. (ଗୋଡ) ଛନ୍ଦ ହୋଇଥିବା
ଘାଟ୍—ବି. ଘାଟ, ଗୁଠ
ଘାଟ୍କାଚ୍, ଘୁଟ୍କୁଚ୍—ବିଂ. ପଥୁରିଆ, ଖୁଣ୍ଡମସ୍ତ, ଅସମତଳ
ଘାଟ୍ମା ଘୁଟ୍ମା—ବିଂ. ଗୋଲଗାଲ, ମୋଟାସୋଟା
ଘାଟ୍ସ ଘୁଟ୍ସ—ବିଂ. ଅଳ୍ପ ସ୍ୱଳ୍ପ

ଘାଟ୍ଓ୍ୱା—କ୍ରି. ଧରିନେବା

ଘାଟ୍ଓ୍ୱା-ଘାଟ୍ଓ୍ୱି—କ୍ରି. ବି°. ଆଶାସ୍ଥୀ, ଲୋଭ ରଖି, ପରସ୍ପର ଧରାଧରି ହେବାର ପ୍ରକ୍ରିୟା

ଘାଟ୍ବେକ୍—ବି. ଘାଟ ମାଲିକ

ଘାଟ୍ଘାଟାଓ୍ୱ—କ୍ରି. ଜୋରରେ ଧରି କରି ଡାକିବା, ଘାଟିରୁଣ୍ଡ କରି କମ୍ପାଇ ଦେବା

ଘାଟ୍ଘୁଟ୍—କ୍ରି. ବି°. ଟାଣଟୁଣ

ଘାଟ୍ଘୁର୍.—କ୍ରି. ପାଣିକୁ ଗୋଳାଇ ଦେବା

ଘାଟଘା.ଛର୍—ବି. ଏକ ଆତ୍ମାର ନାମ ଯାହାକୁ ଗୁରୁମାନେ ପୂଜା କରନ୍ତି

ଘାଟ୍ ପାହାଡ଼୍—ବି. ଜଙ୍ଗଲର ଏକ ଦେବତାଙ୍କ ନାମ

ଘାଟାଘା.ଟି—କ୍ରି. ଘଣ୍ଟା ଚକଟା କରିବା

ଘାଟାର୍ ଘୁଟୁର୍—ବି°. ଆବଡ଼ା ଖାବଡ଼ା, ଉଚା ନିଚ୍ଚ

ଘାଟାର୍ ଘୁଟୁର୍—ବି°. ଶ୍ରେଷ୍ଠ ଶ୍ରେଷ୍ଠ (ପିଲା), ସାନ ସାନ (ଖଣ୍ଡ)

ଘାଟାଲ୍ ସାଞ୍ଜ୍—କ୍ରି. ବି°. ସ୍ୱଳ୍ପ ଭୋଜନ

ଘା.ଟି—ବି. ଗିରି ସଙ୍କଟ, ବିପଦ, ସଙ୍କଟ ସମୟ, ବି°. ମାଛ ଖଇଣ୍ଡିରେ ଧରିବା ପାଇଁ ତିଆରି ଘାଟ

ଘା.ଟିୟା—ବି. ଘାଟକୁ ଯେ ଜଗେ

ଘାଟିୟାଲ—ବି°. ଘାଟ ନିକଟସ୍ଥ

ଘାଟେବାଟେ—କ୍ରି. ବି°. ବାଟରେ ଘାଟରେ, ସବୁ ସ୍ଥଳରେ, ସବୁଠି

ଘାଡ୍ଲାଃ—ବି. ଖାଲ, ଗାଡ଼

ଘାଡ୍ଲାଃ ମାଡ୍ଲାଃ—ବି°., କ୍ରି. ବି°. ଶ୍ରେଷ୍ଠବଡ଼ ଗାତ/ଖାଲ

ଘା.ଡୁ—ବି. ସୁ ଅବସର

ଘା.ଡୁଅ॰—କ୍ରି. ସୁ ଅବସର ମିଳିବା

ଘା.ଡ୍ ଘା.ଡାଓ୍ୱ—କ୍ରି. ତାଡ଼ନା ଦେବା, ଡରାଇ ଅସ୍ଥିରିବା

ଘା.ଡ୍ର୍.—ବି°. ଧାଡ଼ିର ଶେଷାଂଶ, କ୍ରି. ଧାଡ଼ିର ଶେଷାଂଶରେ ରହିବା

ଘାଡ୍ର୍—କ୍ରି. ଝାଡୁ କରିବା

ଘା.ତର୍—ବି°. ଅଭ୍ୟନ୍ତର, ଅତି ଗମ୍ଭୀର

ଘା.ତର୍—ବି°. ଭିତର, ଗମ୍ଭୀର

ଘାନ୍ଟା—ବି. ଘଣ୍ଟା, କ୍ରି. ଘାଣ୍ଟିବା (ବାଡ଼ି, ଡଙ୍କି, ହାତ, ଗୋଡ଼ ସାହାଯ୍ୟରେ ଘାଣ୍ଟିବା)

ଘାନ୍ଟା ଘା.ନ୍ଟି—କ୍ରି. ବି°. ଘଣ୍ଟାଘଣ୍ଟି, ଗୋଳାଇବା ପ୍ରକ୍ରିୟା

ଘାନ୍ଟା ବା.ଲି—ବି. ସାନ୍ତାଲ ଦ୍ୱାରା ନାମିତ ଏକ ପାହାଡ଼ର ନାମ

ଘା.ନ୍ଟି—ବି. ଘଣ୍ଟି

ଘା.ନି—ବି. ତେଲପେଢ଼ା ଘଣା

ଘାନେ—ବି°. ସଦାବେଳେ

ଘାନେ ଘାନେ—କ୍ରି. ବି°. ବାରମ୍ବାର, ଥରକୁ ଥର, ନାଗାଡ଼

ଘାମ୍ରାଁକାଁଭ୍—କ୍ରି. ବି°. କଠିନ ପରିଶ୍ରମ କରି ସ୍ୱଚ୍ଛସ୍ଥ କରିବା ପ୍ରକ୍ରିୟା

ଘାମାଘାମି—ବି°. ଅଧିକ ଗରମ, କ୍ରି. ଝାଳ ବୋହିବା, ଗରମ ଲାଗିବା

ଘାମାଣ୍ଡ୍—ବି°. ବ୍ୟସ୍ତତା, କ୍ରି. ବ୍ୟସ୍ତ ରହିବା,
କ୍ରି. ବି°. କାର୍ଯ୍ୟବ୍ୟସ୍ତ

ଘାମାଓ୍ୱ—କ୍ରି. କ୍ଳାନ୍ତ ହେବା, ପରିଶ୍ରାନ୍ତ ହେବା

କ୍ରି. ବି°. ନିପୁଣତାପ୍ରାପ୍ତ, ପରିଶ୍ରମ କରି ଆୟତ୍ତ କରିବାର ପ୍ରକ୍ରିୟା

ଘାମାଓ୍ୱଟା—ବି. ପରିଶ୍ରମ, କ୍ରି. ପରିଶ୍ରମ କରିବା
କ୍ରି. ବି°. ପରିଶ୍ରମ ଦ୍ୱାରା ଆୟତ୍ତରେ ରଖିବାର ପ୍ରକ୍ରିୟା

ଘାଁସ୍ ଘାଁସ୍—କ୍ରି. ଘାଣ୍ଟିବା, ଘୋରରେ ଦଳାଦଳି କରିବା

ଘାର୍ଘା.ଟା.ସ୍—କ୍ରି. ଘରକରଣା କରିବା ପଦ୍ଧତି, ବୈବାହିକ ଜୀବନ ବିତାଇବା ସୂତ୍ର

ଘା.ରଦ୍ ଜାଁଓ୍ୱାଁସ୍—ବି. ଘର ଜୁଆଇଁ

ଘାରଞ୍ଜ୍ଅ—ବି. ପରିବାର

ଘାରଦଦ—ବି. ଏକ ପ୍ରକାର ସୁନ୍ଦରିଆ ପକ୍ଷୀ

ଘାରଦୁଆର୍—ବି. ଘରଦ୍ୱାର, ପରିବାର

ଘା.ରନା(ନି)—ବି. ଘରଣୀ, ଘରର ମାଲିକଆଣୀ, ଘରର ସ୍ତ୍ରୀ

ଘାର୍ଲା, ଘାର୍ଲି—ବି. ବନ୍ଦ କରିବା ଯନ୍ତ୍ର, ଟାଣ କବାଟକୁ ବନ୍ଦ କରିବା ଫଳକ

ଘା.ରୁଲ—ବି. ଶିଡ଼ି (ଢ଼ି) (ladder)

ଘା.ର୍‌ଲ—ବ. ବୋବାଇ (ସବାଇ) ଦଉଡ଼ି ପାଗ କରିବା ଯନ୍ତ୍ର

ଘାର୍‌ଘାର୍ଓ୍ୱ—କ୍ରି. ଘଡ଼ର ଘଡ଼ର ଶବ୍ଦ ସହ (ଘୋଷାରି ନେବା)

ଘାରଣ୍ଡନ୍‌ତା.—ବି. ଘର ତୋଳିବାର ସ୍ଥାନ

ଘାର୍‌ନା—ବି. ଘର ମାଲିକ, ଘର ସମ୍ପର୍କ

ଘାର୍‌ହାର୍—କ୍ରି. ବିଂ. ସମୁଦାୟ ଘରରେ, ସମୁଦାୟ ଗ୍ରାମରେ

ଘାରଣ୍ଡ୍‌ନ୍—ବି. ପରିବାର

ଘାରଣ୍ଡଜସ୍ଥା.—ବି. ଘର ମାଲିକ

ଘା.ଲ୍‌ଘା.ଲ—କ୍ରି. ବିଂ. ତନ୍ମତନ୍ନ, ଅନବରତ (କହିବା)

ଘାଲ୍‌ଘା.ଲାଓ—କ୍ରି. ବିଂ. ଅନର୍ଗଳ

ଘାଲଓ୍ୱା—ବି. ଘରଚଟିଆ

ଘା.ଲକ୍—ବି. ବିଳମ୍ବ, କ୍ରି. ଡେରି କରିବା, ବିଳମ୍ବ କରିବା

କ୍ରି. ବିଂ. ଡେରିକରି

ଘାଲକ୍‌ଅଃ—ବି. ବିଳମ୍ବ ହେବା

ଘା.ଲଜ୍—ବି. ଅନେକ ସମୟ ଧରି

ଘା.ଲ—ବି. ଘଡ଼ି ସମୟ

ଘା.ଲଘାଣ୍ଡି—କ୍ରି. ବିଂ. ଥରକୁ ଥର

ଘାଲ୍(ଡ୍)ଓ୍ୱ୍‌ଘାଓ—ବି. ବେକ ପଛରେ ହେବା ଘା'

ଘାଲ୍ ଘାଲ୍—ବିଂ. କୁରୂପ, ଖରାପ (ଘା)

ଘାଲ୍ ଘାଲ ∞—କ୍ରି. ପଚିବା (ଘା), ସଢ଼ିବା (ଘା),

କୁରୂପ ଦିଶିବା (ଘା)

ଘାଲ୍ ଘାଲ୍ଓ୍ୱ—କ୍ରି. ପଚି ସଢ଼ିବା, ଖରାପ ହେବା

ଘାଲ୍‌ଗୁଲ୍—କ୍ରି. ବିଂ. ଅତିରିକ୍ତ ଗୁଲ୍‌ଗୁଲି

ଘାଲ ∞—କ୍ରି. ବିଂ. ସହଜରେ, ମିଶିକରି

ଘାଅଁ ଘାଅଁ—କ୍ରି. ଘାଉଁ ଘାଉଁ କରିବା, ଘୁଁ ଘୁଁ କରିବା

ଘାଓ୍ୱ କୁଗାଡ୍—କ୍ରି. ଘା' ବଢ଼ାଇବା

ଘାବ୍‌ଗ୍‌ଓ—କ୍ରି. ଘାବୁରିବା, ଡରିଯିବା, ହଡ଼ବଡ଼େଇଯିବା

ଘାବାଡ୍—ବି. ଘେର, ଚଉହଦ, କ୍ରି. ଘୁରିକାଙ୍କ ଥିବା,

ଠେଙ୍କୁଆକୁ ଜାଲରେ ପକାଇବା ପାଇଁ ଡାଲ ପତ୍ରରେ ଘେର

କରି ଜାଲକୁ ଢାଙ୍କି ଦେବା

ଘାସ୍, ଘାଁସ—ବି. ଘାସ

ଘାସ ∞—କ୍ରି. ଘାସ ହେବା

ଘାସ୍‌କାଓ—କ୍ରି. ଆଡେଇ ଦେବା, ଖସାଇ ଦେବା

ଘାସ୍‌ଗ୍‌ଓ୍ୱ—କ୍ରି. ଜୋରରେ ରଗଡ଼ିବା

ଘସ୍‌ଘାସାଓ—କ୍ରି. ବିଂ. ଘସ୍ ଘସ୍, ରଗଡ଼ି

ଘାସ୍‌ଘୁସ୍—କ୍ରି. ଧୀରେ ଅଥଚ ଚଞ୍ଚଳ କରି ପଶିବା

କ୍ରି. ବିଂ. ଆସ୍ତେ ଆସ୍ତେ ପଶିଯିବା ପ୍ରକ୍ରିୟା

ଘାସ୍‌ମାନ୍‌ଡାଓ—କ୍ରି. ଦରମରା କରିବା, ଅଧାମାଡ଼ି ମକଚି

ଦେବା

ଘାସା ଘାସି—କ୍ରି. ଘଷାଘଷି କରିବା, ଘଷିବା

ଘାସା ମାନ୍‌ଡ—କ୍ରି. ଦରମରା କରିବା, ମାଡ଼ି ମକଚି ଦେବା

ଘାସାର୍ ଘୁସୁର୍—କ୍ରି. ବିଂ. ଏପାଖ ସେପାଖ ହୋଇ ଘସର

ଘସର ହୋଇ ବୁଲିବା, ଏକୁଟିଆ ହୋଇ ଘରେ ବୁଲିବା

ଘାସାର୍ ପୁସା.ର୍—ବିଂ. ଅସଜଡ଼ା ଲୁଗାପଟା, ଲୁଗାପଟା ବିଗିଡ଼ି

ହୋଇ (ରହିଥିବା), କ୍ରି. ବିଂ. ଅସାବଧାନ ବଶତଃ ଲୁଗା ପିନ୍ଧା

ଘାସାଓ, ଗାସାଓ—କ୍ରି. ମାଜିକରି ସଫା କରିବା

ଘାଃସାଓ—କ୍ରି. ବିଂ. ମାଜି ସଫା କରିବା ପ୍ରକ୍ରିୟା

ଘାସି—ବି. ଘାସି ଜାତି ବିଶେଷ

ଘା.ସୁର୍ ଘାସୁର୍—କ୍ରି. ବିଂ. ଘର୍ମାକ୍ତ ହେବା ପ୍ରକ୍ରିୟା

ଘାସୁରଃ—କ୍ରି. ଘର୍ମାକ୍ତ ହେବା

ଘାସେ ପାତେ—ବି. ଶାଗ ଶବଜି

ଘିଟ୍ ଘିଟାଓ—କ୍ରି. ବିଂ. (ଛୋଟ ପିଲାର) ଶୀଘ୍ର ଦୌଡ଼ିବା

ପ୍ରକ୍ରିୟା

ଘିଟ୍ ଘିଟ୍—କ୍ରି. ବିଂ. ଦ୍ରୁତତାସହ (ବୁଲିବା)

ଘିର୍ ଘିର୍—କ୍ରି. ବିଂ. ତଳ ପରି (ବୁଲିବା ବା ଘୂରିବା)

କ୍ରି. କ୍ଷିପ୍ରତାସହ ଘୂରିବା

ଘିର୍‌ନା—ବିଂ. ଘୃଣିତ, ବି. ଘୃଣା

ଘିର୍‌ଣ୍ଣ—ବି. ଚମ୍ପେଇ ନେଉଳ

ଘିରସ୍ଥା.—କ୍ରି. ବୁଲାଇବା, (ବାଡ଼ି ବୁଲାଇବା, ଖଣ୍ଡା ବୁଲାଇବା,

ଝାଡ଼ୁ ବୁଲାଇବା)

ଘିରସ୍ତା.ଘିରସ୍ତାଇ—କ୍ରି. ବୁଲାଇବା ପୁଣି ବୁଲାଇ ଆଣିବା
କ୍ରି.ବିଂ. ଘୂର ଘୂର ବୁଲାଇବା

ଘିରସ୍ତାଆଟୂର—କ୍ରି. ଘୁରପାଖକୁ ବୁଲାଇବା

ଘିକୁଆଁଶ—ବି. ଘିକୁଆଁଶ ଗଛ (ଔଷଧରେ ଲାଗେ)

ଘିନ୍‌ଘିନ୍—ବିଂ. ଘିନ୍ ଘିନ୍

ଘିନ୍—ବି. ଘୃଣା

ଘିହାଁଡ୍ ଗାଁହାଁଡ୍—କ୍ରି. ଅସୁସ୍ଥ ଅବସ୍ଥାରେ ରହିବା
କ୍ରି. ବିଂ. ଆଳସ୍ୟ ଭାବେ, ଧୀରେ ସୁସ୍ଥେ

ଘୁଗୁର୍ ଘାଓ—ବି. ଏକପ୍ରକାର ଘା, ଦେହର ସବୁଠାରେ ଘା ହେବା

ଘୁଗୁର—ବି. କଳା ଗୋବର ପୋକ

ଘୁଂଗା—ବିଂ. ମୂକ, ଗୁଙ୍ଗା

ଘୁଙ୍ଘୁର୍—ବି. ଘୁଙ୍ଗୁର

ଘୁଞ୍ଚ.ଇ—କ୍ରି. ଘୁଞ୍ଚାଇ ଦେବା, ସ୍ଥାନାନ୍ତର କରିବା

ଘୁଞ୍ଚଘୁଞ୍ଚି—ବିଂ. ସମସ୍ତ ଅଦଳ ବଦଳ
କ୍ରି. ଘୁଞ୍ଚା ଘୁଞ୍ଚି କରିବା, ଉଠା ପକା କରିବା

ଘୁଚ.ଘୁଚ୍ଚଇ—କ୍ରି. କାର୍ଯ୍ୟ ହାସଲ ପାଇଁ ଜୋର ଦେବା, ବା ବହୁ ପ୍ରକାରେ ବୁଝାଇବା

ଘୁଟୁର୍ ଘୁଟୁର୍—କ୍ରି.ବିଂ.—ବାରମ୍ବାର, ଲଗାତାର

ଘୁଁଟୁ(ଠୁ)—ବିଂ. ମଧ୍ୟମ ଧରଣର

ଘୁଟ୍ ଘୁଟ୍—କ୍ରି.ବିଂ. ଚାଲିବାରେ ନଡ଼ବଡ଼ ହୋଇ
କ୍ରି. ନଡ଼ବଡ଼ ହୋଇ ଚାଲିବା

ଘୁଟ୍ ଘୁଟିସ୍ତା—ବିଂ. ଗେଡ଼ା ଓ ମୋଟା, ଗୋଲ ଗାଲିଆ

ଘୁଟିଞ୍ଜ୍—ବି. ଗୋଟି ପଥର

ଘୁଟ୍‌ନ—ବି. ଡାଲିଘଣ୍ଟା ବାଡ଼ି

ଘୁଟ୍‌କା—ବି. ଘଣ୍ଟିକା

ଘୁଟ୍ଟ—ବିଂ. ଉଚ୍ଚ ଜମି, ପଥୁରିଆ ଜମି, ନଦୀକୂଳ ସ୍ଥାନ

ଘୁଟ୍‌ଟୁଟୁଲ୍—ବିଂ. ଉଚ୍ଚ ନୀଚ ଭୂମି

ଘୁଣ୍—ବି. ଘୁଣ ପୋକ, କାଠ କାଟିବା ପୋକ

ଘୁଣ୍‌ଚ—କ୍ରି. (ଦଉଡ଼ି, ସୂତା) ମୋଡ଼ହୋଇ ଯିବା

ଘୁଣ୍‌ଚଗାସ୍ (ଣ)—ଲକ୍ଷରେ ଚର୍ଓଁର ଗୋଡ଼ାଇ ହୋଇଥିବା ଗାଈ

ଘୁଣାଁ—ବି. ଧନୁର ଦଉଡ଼ି, କ୍ରି. ବଳଦଙ୍କୁ କୁଆଳରେ ଅଭ୍ୟାସ କରିବା ପ୍ରକ୍ରିୟା

ଘୁଣାଁଆ --—ବି. ଧନୁର ଜ୍ୟା ର ଦୁଇ ମୁଣ୍ଡରେ ଦଉଡ଼ିର ଗୋଲାକାର ମୁନ୍ଦ, ଯାହାକି ଧନୁ ଦୁଇ ପାଖ ଖାଦେଲରେ ଲଗାଯାଏ

ଘୁଣାଁଇ—କ୍ରି. ସଂସ୍କାର ଆରମ୍ଭ କରିବା ପ୍ରକ୍ରିୟା

ଘୁଡ଼ିଆ—ବି. ଘରରେ ଶ୍ରେଣୀ ଲଗାଯାଉଥିବା, କାଠକୁ ପେଲି ରଖିଥିବା କାଠ, ପେଲ

ଘୁଡ଼ଘୁଡ଼ା.ଇ—କ୍ରି.ବିଂ. ଅସ୍ତବ୍ୟସ୍ତ, ବ୍ୟଗ୍ର କରିବା

ଘୁମୁର.—ବି. ଘୁମୁରା (ବାଜା ବିଶେଷ)

ଘୁର୍—ଅ. ଘୁର୍ (ଆଦେଶାତ୍ମକ ଶବ୍ଦ)

ଘୁରା.ଇ—କ୍ରି. ଘୁରାଇବା (ଦଉଡ଼ି ମୁଣ୍ଡରେ କିଛି ବାନ୍ଧି ବୁଲାଇବା)

ଘୁର୍ ଘୁରା.ଇ—କ୍ରି. ବୁଲାଇ ବୁଲାଇ ହଇରାଣ କରିବା

ଘୁରା.ଫେର୍—କ୍ରି.ବିଂ. ଘୁରା ଫେରା

ଘୁଲ୍‌ଘୁଲ୍—କ୍ରି.ବିଂ. ଏକାପରେ ଆଉ ଏକ (ବାହାରି ଆସିବା)

ଘୁଲ୍—ବି. ଭିଡ଼, ଗହଳି

ଘୁଲା.ଇ—କ୍ରି.(ଅଣ୍ଡା) ଘୋଳାଇବା, ନଷ୍ଟ ହେବା, ସଢ଼ିଯିବା

ଘୁଲି—ବି. ପିଠାଘଡ଼ି, କାନ୍ଥ ଘଡ଼ି

ଘୁସ୍—ଲାଞ୍ଚ, କ୍ରି. ଲାଞ୍ଚ ଦେବା

ଘୁସ୍‌ଖୁର୍—ବିଂ. ଲାଞ୍ଚୁଆ

ଘୁସା.—କ୍ରି. ଠେଙ୍ଗା ବା ବାଡ଼ିର ମୁଣ୍ଡରେ ଭୁସିଦେବା

ଘୁସି.ଆଲା --—ବି. ଗଇସ ଶାଗ

ଘୁସୁଣା—ବି. ଘୋଷଣା, କ୍ରି. ଘୋଷଣା କରିବା

ଘୁସୁଣାଆ --—କ୍ରି.ବିଂ. ଘୋଷଣା କରାଯାଇଥିବା, ଘୋଷିତ

ଘୁସୁର୍ ଘୁସୁର୍—କ୍ରି.ବିଂ. ଭୁଣ୍ଡାଇ ହେବା ପ୍ରକ୍ରିୟା

ଘୁସୁରା.ଇ—କ୍ରି. ଘୋଷାରିବା

ଘୁସୁରା.ହକା ଂ —କ୍ରି. ଘୋଷାରି ଏକ ପାଖକୁ କରିଦେବା

ଘେଉଁରା—ବି. ମସ୍ତକସ୍ଥ ଭଉଁରୀ, କ୍ରି. ପାଣି ସ୍ରୋତରେ ଭଉଁରୀ ସୃଷ୍ଟି ହେବା

ଘେଞ୍ଚ୍‌ଘେଞ୍ଚ୍—ବିଂ. ଚଉଚଡ଼ା, କ୍ରି. ମୁହଁ ଛୁଆଡ଼ ରୁକ୍ଷ ଭାବେ କଥା କହିବା, ରାଗି କରି ଗାଳି ଦେବା

ଘେଁଟ୍ (ଘେଁଟ୍)—ବି. ଗଣ୍ଠିଲି, ପୁଟୁଳି

ଘେଁଟ ମୋଟ୍—କ୍ରି. ବିଂ. ପୁଟୁଳା ପୁଟୁଳି

ଘେଁଣେଁ—ବିଂ. ନାକ ଦେଇ କଥା କହିବା, କ୍ରି. ଅସ୍ପଷ୍ଟ ଶବ୍ଦ

ଘେଁଣା—ବି. ନାକ ଦେଇ କହିବା ବାଲା ବା ବାଲୀ

ଘେଁଣେଘେଁଣେ—କ୍ରି. ବିଂ. ଘଣ ଘଣ

ଘେଚେଘେଚେ—କ୍ରି. ବିଂ. ଓଜନିଆ ବୋଝ ବା ଜନିଷକୁ ଘୋଷାରିବା ପ୍ରକ୍ରିୟା, ବଳ ଦେଇ ଘୋଷାରି ନେବାର ପ୍ରକ୍ରିୟା

ଘେଚେଘେଚ—କ୍ରି. ଘୋଷାରି ଘୋଷାରି ଟାଣିନେବା

ଘେର୍ ମେର୍—କ୍ରି. କଥା କଟାକଟି ହେବା, କଥାର ମେଳ ନ ହେବା

ଘେକେ ବେକେ—କ୍ରି. ବିଂ. ବହୁତ ଅଧିକା, ଅଡୁଆ ଅବସ୍ଥା, ଅସ୍ଥିରରେ ରହିଥିବା

ଘେନ୍‌ତା—ବିଂ. ଦୁଇ ଅର୍ଥବୋଧକ (କଥା, ଗୀତ) କ୍ରି. ବିଂ. ଦୁଇଅର୍ଥ ବାହାର ହେବାର ପ୍ରକ୍ରିୟା

ଘେନାଓ—କ୍ରି. ଘେନିବା, ଗ୍ରହଣ କରିବା

ଘେର୍‌ଅ—ବି. ଘେର, ବାଡ଼ବନ୍ଧ, ଭିତର ପାଖ

ଘେର୍‌ଘେର୍—କ୍ରି. ବିଂ. ଘୁରିବା ପ୍ରକ୍ରିୟା

ଘେରା—ବି. ଗୋଲେଇ

ଘେରାଓ—କ୍ରି. ଘେରିବା

ଘେରେଗେରେ—କ୍ରି. ବିଂ. ଘୋଷରା, ଘୋଷରି କ୍ରି. ଘୋଷରା ଘୋଷରି କରି ଟାଣିନେବା

ଘେଚେ—ବିଂ. ତେରଚ୍ଛା ଭାବେ, ତେଡ଼ା ଭାବେ

ଘେଚେଡେ, ଘେଚଡେ—କ୍ରି. ବିଂ. ତେରଚ୍ଛା ସ୍ଥିତ, ତେଡ଼ା ସ୍ଥିତ
ଉ: ହୁକୁଲ୍ ଘେଚେଡେ କାଟେ ମେନାଂଆ – ହାଣ୍ଡି ତେଢ଼ା ବାଗରେ ଅଛି

ଘେସ୍‌ରା—ବିଂ. ଦେହସୁଖା, କର୍ମକ୍ଷ

## ଚ

ଚଆ ଂ —କ୍ରି. ଖଣ୍ଡିଆ ଭାବେ ଭାଙ୍ଗିଯିବା, ଖଣ୍ଡିଯିବା, ଫାଟିଲେ ଭାଙ୍ଗି ପଡ଼ିବା, ଉ: ସୁପା.ଲ ସାସାବ୍‌ଆଃ ଦ ଚଆ ଂ ଏକା-ଗ୍ଲେଟ କଲସୀର ଧରିବାଟା (ମୁହଁ) ଖଣ୍ଡିଆ ହୋଇ ଭାଙ୍ଗିଗଲା । (୨) ଡଆ ଡାଟା ଚଆଗ ଲେନ୍‌ଖାନ୍ ନାଓ୍ବା ଡାଟା ଅମନ୍ ଅଃଆ- ଦୁଧ ଦାନ୍ତ ଭାଙ୍ଗି ଗଲେ ନୂଆ ଦାନ୍ତ ଉଠିବ ।

ଚଆଲ୍—ବିଂ. ବଦ୍‌ମାସ୍, ଡୁଆଡ୍

ଚଆଟିୟା—ବି. ଉଚ୍ଚ, ଉପର, ଉ: ନଆଁ ଚଆଟିୟା ଖେତ୍‌ରେ ହୁଡ଼ୁ ଗୁଜ୍ଜୁ ଗୋୟା — ଏ ଉପର ଜମିରେ ଧାନ ମରେ

ଚଉଦ—ବି., ବିଂ ଚଉଦ (୧୪) ସଂଖ୍ୟାବାଚକ

ଚଉଢିରିସ୍—ବି., ବିଂ. ଚଉତିରିଶ୍ (୩୪) ସଂଖ୍ୟାବାଚକ

ଚଉବନ୍—ବି.,ବିଂ. ଚଉବନ (୫୪)

ଚଉରା—ବି. ଚଉରା (ତୁଳସୀ ଚଉରା)

ଚଉରାନବେ—ବି.,ବିଂ. ଚଉରାନବେ (୯୪)

ଚଉରାସି—ବି., ବିଂ. ଚଉରାଅଶି (୮୪)

ଚଉରାଳିସ୍—ବି., ବିଂ. ଚଉରାଳିଶି (୪୪)

ଚଉଷଠି—ବି., ବିଂ. ଚଉଷଠି (୬୪)

ଚଉହୁଦ—ବି. ଚଉହଦ, ପରିସୀମା

ଚ ଂ —କ୍ରି. ଚୁମ୍ବନ ଦେବା, ବିଂ. ଚୁମ
ଉ : ଦୁଲାଲ୍‌ତେ ଚ ଂ ଅଦେୟା – ତାକୁ ସ୍ନେହକରି ଚୁମା ଦେଲା

ଚକ୍—ବି. ସ୍ଥୂଳ ଖଣ୍ଡ

ଚକଅ—ବି. ଚକ

ଚକଚ୍—କ୍ରି. ଗାଲରେ ଶୂନ୍ଦା ମାରିବା, ଲୁଗା କାଟିବା ପ୍ରକ୍ରିୟା

ଚକକଃ—କ୍ରି. ପାଚି ଶୁଖିଲେଇ ହେବା

ଚକ୍‌ଟାଓ—କ୍ରି. ଚକଟିବା, ଦଳିବା

ଚକରାଓ—କ୍ରି. ଅଲପ ଅଲପ କରି କାଟିବା ପ୍ରକ୍ରିୟା

ଚକର୍ ହାଦ୍—ବିଂ. ଖଦଖଦିଆ

ଚକର୍‌ହାଦ୍ ଜାଁଣି—ବି. ଆମୁରୁଳ, ଏକ ପ୍ରକାର ଔଷଧି ଲତା

ଚକଲା—ବି. ଚକଡ଼ା, ଚଉହୁଦ

ଚକା ଂ —ବି. ଶୋଲପା, ସ୍ଲେପା

ଚକା∽ବାକ୍ଲ୍—କ୍ରି. ବିଂ. ଅଶ୍ରାବ୍ୟ (କଥା), ଏଣ୍ଡୁତେଣ୍ଡୁ ଦେଖାଇ (କହିବା)

ଚକ୍ଲଓ—କ୍ରି. ହାତରେ ଲୁଗାକୁ କାଚିବା, କୌଣସି ଜିନିଷକୁ ପାଣିରେ ସଫା କରିବା

ଚକ୍ଲ∽—ବି. ବକଲା, ବକଲାର ଉପର ଅଂଶ, ଛାଲ୍‌କା

ଚକଲ∽—କ୍ରି. ଶଙ୍କୁଳି ଯିବା, କୁଞ୍ଚ ଧରିବା/ହେବା

ବିଂ. କୁଞ୍ଚିତା (କୁଞ୍ଚିତ), ଉ : ନଆଁ ଲୁଗୁଲ ଦ ଚକଲ∽ ଗେୟା - ଏ ଲୁଗାଟି କୁଞ୍ଚିଯାଏ

ଚକାଓ∽—କ୍ରି. ଡରିଯିବା, ଭୟଭୀତ ହେବା

ଚକା∽—ବି. ବକଲାର ଉପର ଶୁଷ୍କ ଛାଲ୍‌କା

ଚକଲେ—ବିଂ. କୁଞ୍ଚିତ, କ୍ରି. ଶିକୁଳି ଯିବା

ଚଖସ୍—କ୍ରି. ଅସ୍ତ୍ରକୁ ଶାଣ କରିବା

ଚଖ—ବିଂ. ସୁଆଦିଆ, ଉ : ଚଖସ୍ ଉଲ୍‌କାନା - ସୁଆଦିଆ (ସ୍ବାଦ ମଧୁର) କଥା କହୁଛି

ଚଖ୍‌ନା—କ୍ରି. ଜଳଖିଆ କରିବା, ଚୁଗୁଲି କରିବା

ଚଗଲ୍—ବିଂ. ଚଗଲ, ଦୁଷ୍ଟ, ମିଛୁଆ

ଚଗଲ ବଗଲ୍—କ୍ରି. ବିଂ. ଦୁଷ୍ଟାମି, ମିଛ

ଚଗା—କ୍ରି. ଲଟକି ରହିବା, ଗଛ ଡାଳରେ ବସି ରହିବା

ଉ : ଝୁଟି ସାର୍ ଉଞ୍ଚ୍ ଡା.ଲ୍‌ରେ ଚଗା ଆକାନା - ମୋର ମୁଣ୍ଡି ଶରଟି ଡାଳରେ ଲଟକି ରହିଛି

ଚଘେ—କ୍ରି. ଚଢ଼ିକରି ବସିଥିବା, ଉପର ସ୍ଥାନରେ/ଗହଳରେ ବସି ରହିବା, ଉ : ଦାରେରେ ଚଘେ ଆକାନା - ଗଛ ଉପରେ ବସି ରହିଛି ବା ଗଛରେ ଚଢ଼ି ରହିଛି

ଚଂଗା—ବି. ଚୁଙ୍ଗା, ନଳ ପାଇପ୍, ଉ : ସୁଲୁମ୍ ଦ ଚଂଗାତେକ ଦୁଲ୍‌ଆ - ଚୁଙ୍ଗା ଦ୍ୱାରା ତେଲ ଢାଳନ୍ତୁ

ଚଂଚଂ—କ୍ରି. କୁକୁର ପରି ପିଚ୍ଛୁମାଡ଼ି ବସିଥିବା

କ୍ରି. ବିଂ: ଅସ୍ଥିର, ଚଙ୍ଗଚଙ୍ଗିଆ ଭାବ

ଉ : ମା ଅନା ପିନ୍‌ଡାରେ ଚଂଚଂ କ∽ ମେ - ହଁ, ସେ ପିଣ୍ଡାରେ ପିଚ୍ଛୁମାଡ଼ି (କୁକୁରଙ୍କ ପରି) ବସିଥା

ଚଂଚଲ (ଚଞ୍ଚଲ)—ବିଂ. ଚଞ୍ଚଳ, ଉଚ୍ଛନ୍ନ

ଉ : ଔଲା∽ତେ ସେନଃ ମନତାସ୍ ଚଞ୍ଚଲ ଏନ୍ ତାୟା - ଘରକୁ ଯିବାକୁ ତାହାର ମନ ଉଚ୍ଛନ୍ନ ହୋଇଛି

ଚଟ୍—କ୍ରି. ଶୀଘ୍ର, ବି. ଉପର, ଉଚ୍ଚ ସ୍ଥାନ, ଶୀର୍ଷ

ଚଟ୍‌କା—ବିଂ. ଚେପ୍‌ଟା, ଭଙ୍ଗୁର

ଚଟ୍‌କାର୍—କ୍ରି. ବିଂ. ଫୁର୍ତ୍ତି, ତତ୍ପର ସହ

ଉ : ଉନିଦ ଆ.ଡ଼ ଚଟ୍‌କାର୍ ହୁଲ କାନାସ୍ - ସେ ବହୁତ ଫୁର୍ତ୍ତି ଲୋକ ଅଟେ । (୨) ଉନିୟା କାମି ଚଟକାରଗେୟା - ସେ ଫୁର୍ତ୍ତି ସହକାରେ କାମ କରେ

ଚଟା∽ ଚଟାଗ୍—କ୍ରି. ଚଟକିବା, ଫଳର ଖୋଳପା ଛଡ଼ାଇବା ଜଳ ଚଟା∽ଗ୍ ମେ - ତେନ୍ତୁଳ ଛଡ଼ାଅ

ଚଟ୍‌ଆହା—ବିଂ. ଭୂତାହା (ପ୍ରେତ ଅଧୀନ) ଉ : ନିଁଆ ଗା.ଡ଼ୟା ଚଟ୍‌ଆହା ଗେୟା — ଏହି ପୋଖରୀ ଭୂତାହା ଅଟେ

ଚଟ୍‌ୟା—ବିଂ. ସାଧାରଣ, ସ୍ୱାଭାବିକ

ଉ : ଚଟେୟା କ୍ଷେଲ∽ ହୁଲ୍ ଗେକ ଅକଲ୍ ଆନା — ସାଧାରଣ ଦେଖା ଯାଉଥିବା ଲୋକମାନେ ବୁଦ୍ଧିମାନ ହୋଇଥା'ନ୍ତି

ଚଟି—ବି. ଚପଲ

ଚଟାଭ୍—ବି. ଉପଗ୍ରାଂଶ

ଚଟ୍‌ସୁଦ୍—ବି. ଜୀର୍ଣ୍ଣ ଶୀର୍ଣ୍ଣ ସ୍ୱାସ୍ଥ୍ୟଧାରୀ, ଦୁର୍ବଳ ବ୍ୟକ୍ତି

ଚଟୁ—ବି. ଚଟୁ, ଡଙ୍କି

ଚଡର୍—କ୍ରି. (ଦେବା ଦେବୀ ନାମରେ) ପାଣି ଅଳ୍ପ ଅଳ୍ପ କରି ଢାଳିବା

ଚଡଗା—ବି. ଗଡ଼ିଶା ମାଛ

ଚଡଗନ୍—ବି. ଗଡ଼ିଶା ଜାତୀୟ ଏକ ମାଛର ନାମ

ଚନ୍‌ଡ୍‌କା (ଚଣ୍ଡ୍‌କା)—ବି. ଚଉହଦରେ ଖୁଣ୍ଟ ପୋତି ଦିଆଯାଏ, ଏହି ଖୁଣ୍ଟଗୁଡ଼ିକର ମଧ୍ୟ ସ୍ଥାନକୁ 'ଚଣ୍ଡ୍‌କା' କହନ୍ତି । ଏହି ସ୍ଥଳରେ କେହି ଗୋ ମହିଷାଦି ଚରନ୍ତି ନାହିଁ

ଚଡ୍‌ହା—ବି. ଚଡ଼ା, ଉଚ୍ଚ ଦର ହେବା

ଚଡ଼ା—ବି. ଦ୍ୱୀପ, ଘର ପାଖରେ ପାଣି ରହି ଥିବା ଶ୍ରେଷ୍ଠ ଉଚ୍ଚ ସ୍ଥାନ

ଚଡ଼ାଉ—କ୍ରି. ଚଡ଼ାଉ କରିବା, ଆକ୍ରମଣ କରିବା

ଚଡାଓ୍—କ୍ରି. ଚଢ଼ାଇ ଦେବା, ସୁଗ୍ରାଇ ଦେବା

ଉ : ଉନ ବାସ୍ ଗାଡ଼ିରେ ଚଡାଓ୍ ଅଟକା ଦେୟାସ୍ — ସେ ତାହାକୁ ବସ୍‌ରେ ଚଢ଼ାଇ ଦେଇ ଆସିଲା

ଚଣା—ବି. ଚଣା (ଡାଲି ଜାତୀୟ ଫସଲ)

ଚଣେ—ବି. ସାନ୍ତାଳ ଜାତିର ଏକ ଗୋତ୍ରର ନାମ
ଚଥଣ୍ଡ—ବିଂ. ଅକର୍ମା, ନିକମା, ଅଲୋଡ଼ା ଜିନିଷ
ଚନ୍ଦା—କ୍ରି. ଯୋଖେଇ ବସାଇବା, ଗୋଟିଏ ପାତ୍ର ଉପରେ ଆଉ ଗୋଟିଏ ପାତ୍ର ରଖିବା
ଚନ୍ଦାପରେ—ବିଂ. ଏକ ପାତ୍ର ଉପରେ ଆଉ ଗୋଟିଏ ପାତ୍ର ରଖିବା ପ୍ରକ୍ରିୟା
ଚନ୍ଦାବୁରୁ—କ୍ରି. ପାତ୍ରର ଶେଷ ମୁଣ୍ଡି ତକ ବିଂ. ଭର୍ତ୍ତି କରି
ଚନ୍ଦନ୍—ବି. ଚନ୍ଦନ୍
ଚନ୍ଦନ୍ ସୁନୁମ୍—ବି. ଚନ୍ଦନ ତେଲ, ଅତର
ଚନ୍ଦନ୍ ବଙ୍ଗା—ବୋଡ଼ାସାପ, ଅଜଗର ସାପ
ଚପ୍—ବି. ଚପ୍, ଖାଦ୍ୟ ଜିନିଷ (ଆଳୁଚପ୍)
ଚପ-(କ୍)—କ୍ରି. ଚୁପିବା
ଚପା—ବିଂ. ଚେପ୍ଟା, ଖାଲି, ବିନା ଫଳ ଥିବା ମଞ୍ଜି
ଚପାଓ—କ୍ରି. ଚୁପିଦେବା
ଚପ୍ରାସ୍—ବି. ଚପରାସୀ, ପିଅନ୍
ଚପେୟା—ବିଂ. ଶରୀର ନିମ୍ନ ଭାଗ ଶୁଖିଯାଇ ଚେମ୍ଟା ହେବାର ପ୍ରକ୍ରିୟା
ଚବ୍ରାଓ—କ୍ରି. ବୁଡ଼ାଇବା
ଉ: ଇଂଆ – ଲୁଗୁଲ ହିଁ ସାବନଦା – ରେ ଚବ୍ରାଓ୍ ମେ ବୁଗିତେ ମାଇଲା ଆକାନା - ମୋର ଲୁଗା ସାବୁନ ପାଣିରେ ବୁଡ଼ାଇ (ବୁଡ଼ାଇ) ଦେବ ତାହା ବହୁତ ମଇଳା ହୋଇଛି
ଚମ୍ ଚମ୍ବାଓ—କ୍ରି.ବିଂ. ଉପର ପର୍ଯ୍ୟନ୍ତ ଭର୍ତ୍ତିହୋଇ (ଥିବା)
ଉ: ଟୁକୁକ୍ ଜମ୍ ଚମ୍ବାଓ୍ ଆକାନା-ହାଣ୍ଡି ଉପର ମୁଣ୍ଡି ତକ ଭର୍ତ୍ତି ରହିଅଛି
ଚମକ୍—କ୍ରି. ଡରିବା, ବିଂ. ଡର, ଚମକ
ଉ: ଉନିୟା ରଲ୍ ଆଞ୍ଜମ୍ତେ ଚମକ୍ ବଲ୍ ଆଦାଞ୍ଜଆ—ତା କଥା ଶୁଣିକରି ମୋତେ ଡର ଲାଗୁଛି
ଚମ୍କାଓ—କ୍ରି. ଡରିଯିବା, ଚମକିବା
ଚମ୍କରକ୍—କ୍ରି.ବିଂ. ଝଟାଳିଆ
ଚମ୍ରେ—ବି. ସ୍ତ୍ରୀଙ୍କ ରୋଗ ବିଶେଷ
ଚମ୍ୟକଦ୍—ବିଂ. ଚମ ଶୁଖିଯିବା ଓ ଚିଙ୍କୁଡ଼ିବା
ଉ: ହାଲାମ୍ ଲେଦ୍ଖାନ ଜାହା ଜମ୍ୟକଦ୍ ଅକ ଆ-ବୁଢ଼ା ହୋଇ ଗଲେ ଗାଲ ଶୁଖି ପଶିଯାଏ

ଚମ୍ୟଠା—ବିଂ. ପତଳା, ଶୀର୍ଣ୍ଣ
ଉ: ଉହଲ୍ ଚମ୍ୟଠା ଆକାନାୟ-ସେ ଶୁଖିକରି ପତଳା ହୋଇ ଯାଇଛି
ଚମ୍ୟନ୍ଦା—ବିଂ. ଚଣ୍ଡୋ, ଖେଚଡ଼ କ୍ରି. ଚଣ୍ଡଚଡ଼ାଇବା, ଖେଚଡ଼ାମି କରିବା
ଉ: ଚମ୍ୟନ୍ଦା ହଲ୍ରୁଲୁଙ୍କ ରଲ୍ ବାଂ ପଞ୍ଚାଓ୍ଃଆ-ଚଣ୍ଡଚଡ଼ା ଲୋକ ସତ୍ତୁତ କଥା ପଚେ ନାହିଁ
ଚମ୍ୟମକ୍—ବିଂ. ଲମ୍ବାଳିଆ (ଥୋଡ଼ି ଗୁଜିଆ)
ଉ: ଉନିୟା – କେଓ୍ବାଦ ଚମ୍ୟମର ଗେଡାୟା-ତାହାର ଥୋଡ଼ି (ଚବୁକ୍) ଗୁଜିଆ (ଲମ୍ବାଳିଆ) ଅଟେ
ଚରକ—ବିଂ. ସୁନ୍ଦର
ଚର୍ଠା—ବିଂ. ରାଗି, କ୍ରୋଧି, ଲଢ଼ିବା ପ୍ରବୃତ୍ତ ଥିବାବାଲା
ଚର୍—ବି. ଚେର
ଚର୍—କ୍ରି. (ପିଲାଙ୍କ ଭାଷାରେ) ପରିଶ୍ରା କରିବା
ଚରତ୍ ଚରତ୍—କ୍ରି.ବିଂ. ଧିରେ ଧିରେ ଅଥଚ ଟିକିଏ ଗୁଡ଼ିଏ ପରିଶ୍ରା ହେବା, ଡରିଯାଇ ପରିଶ୍ରା ହେବା
ଉ: ବଡରୁତେ ଚରତ୍ ଚରତ୍ ଏଳରେୟା କେଦା-ଡରରେ ସେ ଅରେ ଦୁଇଥର ପରିଶ୍ରା କଲା, ଚର୍ ଚର୍ ମୁତିଲା
ଚରସ୍—ବି. ଚରସ୍ (ନିଶାଦ୍ରବ୍ୟ)
ଚରେଙ୍ଗେ—ବିଂ. ମାମୁଲି,
ଉ: ଅଲେୟା – ଜନଲା ଦ ଚରେଙ୍ଗେ ଏନା—ଆମର ମକା ବହୁତ ମାମୁଲି ଧରଣର ଦେଖାଯାଉଛି
ଚଲ୍—ବି. ଯାହା ଚଳୁଅଛି, ରୀତି, ରିବାଜ୍
ଉ: ନଂକା ଦ ଆଲେ ଦିଶମ୍ରେ ଚଲ୍ ବା.ନୁଃଆ—ଏ ପ୍ରକାର ରୀତି ଆମ ଦେଶରେ ନାହିଁ
ଚଲାଓ—କ୍ରି. ଚଳିବା, ମେଣ୍ଟିବା
ଚଲେତ—କ୍ରି. ଚମ୍ପଟ ମାରିବା, ପଳାଇଯିବା
ଚଲଣା—ବି. ଚଲଣି (ଝୁଟି ଜାତୀୟ ଫଳ)
ଚଲ୍ଅ—କ୍ରି. ଚୁଲ, ଯିବା
ଚଲଂଚଲଂ—କ୍ରି.ବିଂ. ଅଧିକ ଭରିବା
ଉ: ଟୁକୁକରେ ଚଲଂଚଲଂ ଦା – କପେରେକ୍ କେଦା-ହାଣ୍ଡିରେ ଢହଳପଢ଼ିବା ପର୍ଯ୍ୟନ୍ତ ପାଣି ଭର୍ତ୍ତି କଲେ

ଚନ୍ଡାଂ—କ୍ରି. ବିଂ. ଆବଡା ଖାବଡ଼ା, ଉଚ୍ଚ ନୀଚ, ପଥୁରିଆ

ଚଲନ୍—ବି. ଚଳଣୀ, ଚାଲିଚଳଣି

ଉ: ଉନକୁ ଅଲା ଂ ଚରସ୍ତା ଚଲନ୍ ଦ ନାପାଯ୍‌ଆ-ତାଙ୍କ ଘରର ଚାଲି ଚଳଣି ଉତ୍ତମ ଅଟେ

ଚଲନ୍ତ—ବିଂ. ସମ୍ପତ୍ତିବାନ୍

ଚଲ୍‌ନ୍ତ (ଚଲନ୍ତ)—ବିଂ. ପ୍ରଭାବଶାଳୀ, ମୁଖିଆ, ବସ୍ତୁରବନ୍ତ

ଉ: ଉନାଦ ଖୁବ୍ ଚଲନ୍ତ ହଲ୍‌କାନାୟ୍ ଗାଲ୍‌ମାରାଓକ ଆସେନ୍‌ଏୟା - ସେ ଅତି ବସ୍ତୁରବନ୍ତ ଲୋକ, ତାଙ୍କୁ ବସ୍ତୁର ଆଦ କଥାବାର୍ତ୍ତା ପାଇଁ ଏଣେ ତେଣେ ବୁଲନ୍ତି

ଚସମା—ବି. ଚଷମା

ଚହିଁକ୍—ବିଂ. ଉଜ୍ଜ୍ୱଳ, ସୁନ୍ଦର

ଉ: ମାରା ଂ ଏନେଜ୍ ଜଖେଜ ଆଡି ଚହିଁକ ଜନ୍ଜେଲାଃଆ-ମୟୂରମାନେ ନାଚିଲେ ବେଳେ ଅତି ସୁନ୍ଦର ଦେଖାଯାଆନ୍ତି

ଚହିଁଟ୍—କ୍ରି.ବିଂ. ଜରୁରୀ, ତତ୍ପର, ଲୋଡ଼ା, ଆବଶ୍ୟକ

ଉ: (୧) ଉନାଦ ଆ.ଡ଼ି ଚହିଁଟ୍ ହଲ କାନାୟ - ସେ ଜଣେ ଅତି ତତ୍ପର ବ୍ୟକ୍ତି

(୨) ପୁଇସା. ଆଡ଼ି ଚହିଁଟ୍ ଲାଗାଓଆନ୍ତକାନା, ଏମାଞ୍ଚମେ-ପଇସା ମୋର ଅତି ଜରୁରୀ ଆବଶ୍ୟକ ହୋଇ ପଡ଼ିଛି, ମୋତେ ଦିଅ

ଚହିଁଟ୍ ଚହିଁଟ୍—କ୍ରି. ବିଂ. ତୁରନ୍ତା ସହ, ଶୀଘ୍ର

ଉ: ବା.ଗି ଆଲାଂକାନାକ ଚହିଁଟ୍ ଚହିଁଟ୍ ତାଲାମମେ ସେଟେର କଆଲାଂ ସେମାନେ ଆମକୁ ଛାଡ଼ି ଗଲେ ଶୀଘ୍ର ଶୀଘ୍ର ଚାଲ ପହଞ୍ଚାଇବା

ଚହଟ୍—ବିଂ. ସୌନ୍ଦର୍ଯ୍ୟ, ମହକ, ବି. ସୁନ୍ଦର

ଚହଟାଓ—କ୍ରି. ମହକିବା, ଚହଟିବା

ଉ: ମା.ଲବାହା ସଅ ଚହଟାଓଅଃ କାନା - ମଲ୍ଲୀଫୁଲ ଗନ୍ଧ ମହକୁଛି

ଚହଲ୍—ବି. ଚହଲ, ଆନ୍ଦୋଳିତ

ଚହଲ ଂ—କ୍ରି. ଚହଲ ପଡ଼ିବା, ଆନ୍ଦୋଳିତ ହେବା

ଚହଦ—ବି. ଚୌହଦି, ସୀମା

ଉ: ହାନା ବା.ରୁଦାରେ ହା.ବଜ୍ ଆଲେୟା ଂ ଚହଦ ମେନାଃଆ-ସେହି କୁସୁମଗଛ ପର୍ଯ୍ୟନ୍ତ ଆମର ସୀମା ଅଛି

ଚୁଅଲେ—ବି. ଚୁଲ୍ଲି

ଚୁଅଲେ ମା.ରଚ୍—ବି. ଧାନୁଆଲଙ୍କା ମରିଚ

ଚୁଇଗାଲ୍—ବି. ସାନ୍ତାଳଙ୍କର ଏକ ଗଡ଼ର ନାମ (ରାଜଧାନୀ)

ଚୁ.ଇଯାଡ଼ଯାଡ଼୍—ବିଂ. (ହାତୀକୁ ଆଗକୁ ନେବା) ଆଦେଶସୂଚକଶବ୍ଦ

ଚୁଇଲ (ଆଚ୍ଛୁ)—ବି. ଏକ ବୃକ୍ଷର ନାମ ଚୁସୁଳୀ, ଏହାର ବକଳାର ରସ ସୂତା ରଙ୍ଗ କରିବାରେ ବ୍ୟବହାର ହୁଏ

ଚୁଇନ—ବି. ଶିଢ଼ି

ଚୁଉକା.—ବି. ଚୌକା ମାପ, (୧୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାର ଏକଫୁଟ ଗଭୀର)

ଚୁଉକ—ବି. ଚୌକି

ଚୁଓକା.ଚୁଓକ—କ୍ରି. ବିଂ. ଅତିଶୀଘ୍ର ଏପାଖ ସେପାଖ ନିରୀକ୍ଷଣ କରିବା, ଚାରିଆଡ଼କୁ ଅନାଇବା

ଚୁଉକାଟ୍—ଚୌକାଠ

ଚୁଉକାଠା—ବି. ଚୌକାଠ ଉପରେ ଥିବା ପଟାକାଠ ଯାହା ଉପରେ କାନ୍ଥ ଉଠାନ୍ତି, ଏହି କାଠପଟା କାନ୍ଥ ବାହାରକୁ ରଖାଯାଏ ଜଳରୁ ରକ୍ଷିବା ପାଇଁ

ଚୁ.ଉକଦାର—ବି. ଚୌକିଦାର

ଚୁ.ଉରୀ.—ବି. ଚଉରୀ

ଚୁଉଡାଲ୍—ବି. ପାଲିଙ୍କି

ଚୁଓଁ ାର୍—ବି. ଚଅଁର, ଘୋଡ଼ାର ଲାଞ୍ଜବାଳ

ଚୁ.ଉଚୁ.ଉ—କ୍ରି. ବିଂ. ଉଚ୍ଚବାଚ୍ୟ, ଜୋରରେ ପାଟିତୁଣ୍ଡ କରିବା

ଉ: ଚୁ.ଉ ଚୁ.ଉଜ ଖା.ପାଣିୟାଉଃ କାନା - ଜୋରରେ ପାଟିତୁଣ୍ଡ କରି କଳିକଜିଆ କରୁଛନ୍ତି

ଚୁ.ଉଠା—ବିଂ. ଚଉଠା, ଏକ ଚତୁର୍ଥାଂଶ (ସଂଖ୍ୟାବାଚକ)

ଚୁ.ଉଆଲ୍—ବିଂ. ସମତଳ

ଉ: ବୁରୁଲତାର ରେଦ ମାଝାଂ ଚୁ.ଉଆଲ୍ ଅତ୍ ମେନାଃଆ-ପାହାଡ଼ର ପାଦ ଦେଶରେ ବଡ଼ ସମତଳ ପହାଡ଼ିଆ ଭୂମି ଅଛି

ଚୁ.ଉପାଲ—ବି. ପାଲିଙ୍କି, ଖଟୁଲି

ଉ: ବାହୁ ଜାଓଁାୟ ଚୁଉପାଲ ତେଜ ତୁଲ୍‌ଇଦ କେଦ୍‌କନା-ବରକନ୍ୟାଙ୍କୁ ପାଲିଙ୍କିରେ ବୋହି ନେଇଗଲେ

ସୁ.ଡ଼ୁପିସ୍ତାଡ଼ା—ବି. ଘର ଚାରିପାଖର ପିଣ୍ଡା ଉପର ସ୍ଥଳ

ସୁଡ଼ୁପଡ଼ର୍—ବି. ସୁଶପ୍ତହର, ଧନସାସ୍

ଉ: ଲୁକମାସ୍ଂ ତଡ଼ୁପଡ଼ର ଧନ୍ ଅକାଡେମ୍ ହେକ୍‌ଲେନା ?
ଏତେବଡ଼ ଧନଧାସ୍ ତୁ କେଉଁଠାରୁ ପାଇଥିଲୁ ?

ସୁଡ଼ୁସାଡ଼ା—ବିଂ. ଚତୁର୍ବିଦ୍ୟାଧାସ୍ତ ଓଝା,

ଉ. ତଡ଼ୁସାଡ଼ା ଡ଼ଲ୍ ଦ ଞ୍ଜି ନା ବାକ ବଡର୍ ଆଃଆ-ଓଝାମାନେ
ସ୍ଥଡରେ ଡରନ୍ତି ନାହିଁ

ସୁଭିରକ୍—ବି. ଖୋସାକୁ ବାନ୍ଧିବା ପାଇଁ ବାଳରେ ଗୁନ୍ଥାଯାଇଥିବା
ଗୁଛା

ଉ: କୁଲକ ସୁଭିରକ୍ ମେସାକ ସୁଦ୍‌କ ଂଆ - ସ୍ତ୍ରୀ ମାନେ ବନ୍ଧା
ବାଳଗୁଛାକୁ ମୁଣ୍ଡବାଳରେ ମିଶାଇ ଖୋସା ବାନ୍ଧନ୍ତି

ସୁଭିର୍—ବିଂ. ଗାଈ ଲାଞ୍ଜର ଧଳା ବାଳ ଗୁଛା

ସୁଡ଼ୁଲସ୍ତାଦାରେ—ବି. ଏକପ୍ରକାର ଔଷଧି ଗଛ

ସୁ.ଡ଼ୁଡ଼ା.ଲ—ବି. ଗାଲପାଟି

ସୁକ୍—କି. କାର୍ଯ୍ୟରେ ଲାଗିବା

ଉ: ଆମାଃ ରଲ୍ ସୁକ୍‌ରେ ଲାଗାଓ ଏନା - ଆପଣଙ୍କ କଥା
କାର୍ଯ୍ୟରେ ଲାଗିଗଲା

ସୁକା—ବି. ଚକ, ଚକା

ସୁକ୍‌ଖୁନ୍‌ଟି—ବି. ପୋଡାସ୍ତ ମଟିରେ ପୋଡା ହୋଇଥିବା ଖୁଣ୍ଟ

ସୁକବ୍—କି. ବିଂ. ତଳ ପାଟି ଓ ଉପର ପାଟି ଦ୍ୱାରା ଚୋବାଇବା
ଓ ଗିଳିବା ପ୍ରକ୍ରିୟା, ପାକୁଳିବା

ଉ: ଗାସୁ. (ଇ) ଦାନାସୁ ସୁକବ୍ ଏଦା - ଗାଈ ଖାଦ୍ୟ ପାକୁଳୁଛି

ସୁକର୍—ବି. ସୁକର

ସୁକାଓନଡାଦାରେ—ବି. ସୁକୁଣ୍ଡା ଗଛ

ସୁକ—ବି. ପଥର ଚକ

ଉ: ସୁକତେ ଗୁହ୍ମମ୍ ଦକ ହଲଂଏଦା - ଚକ ଦ୍ୱାରା ଗହମକୁ
(ହଲଂ) ଅଟା କରନ୍ତି

ସୁକଣି—ବି. ସୁକସ୍ତି

ସୁକଲି—ବି. ମାଟିବୁଢ଼ା, ଦଉଡ଼ି ଦ୍ୱାରା ଛଅଁାର ଝୁଣ୍ଡି

ସୁକୁ—ବି. ସୁଖୁ, ଛୁଟି

ସୁ.କୃତ—କି. (ଫଳକୁ) ଫାଳ କରିବା, ଛେଲି ଖଣ୍ଡ ଖଣ୍ଡ କରିବା
ବି. ଫାଳ ଖଣ୍ଡ (ଫଳ)

ଉ: ହଲ୍ ସୁକ୍‌ତ ମେ - ଅମ ଛେଲି ଖଣ୍ଡ ଖଣ୍ଡ କର

ସୁକସ୍—ବି. ନପୁଂସକ, ହୁଣ୍ଡଡ଼ା

ସୁକ୍‌ସ୍ତଓ୍—ବି. କପାଳରେ ଚଡା ଚନ୍ଦ୍ର

ଉ: ସୁକ୍‌ସ୍ତଓ୍ ହଲ୍ ହଲସୁ ହେକ୍‌ଆଦ୍‌ଲେ ଡାଙ୍ଗେଃ -
କପାଳରେ ଚଡା ଚନ୍ଦ୍ର ଦେଇଥିବା ଲୋକ ଗତକାଲି ଆସିଥିଲେ

ସୁଖ୍‌ନା—ବି. ଲୁଣାପାଣି ସହିତ ଖାଇବା ଜଳପ, ସୁନ୍

ଉ: କଲ୍ ସୁଖନା ରୁଲୁକ୍‌ଲେ ଞ୍ଜୁ କେଦା - ମାଂସ ସୁନ୍ ସହିତ
ପିଇଲୁ

ସୁଖା—କି. ସୁଖିବା, ବିଂ. ଚଖା ହୋଇଥିବା

ଉ: ତେଦ୍ ଲେକା ସିବଲି ଦେସେଲେ ସୁଖାସ୍ତା - କପର ସ୍ୱାଦୁ
ଅଛି ଦଅତ ସୁଖି କରି ଦେଖଁ

ସୁଖାଲ୍—କି. ଫାଟିବା, ଫାଡ଼ି ହେବା

ଉ: ଡା.ର୍ ସୁଗାଲ୍ ଞ୍ଜୁର୍ ଏଗ - ଡାଲ ଫାଡ଼ି ହୋଇ ପଡ଼ିଲା

ସୁଂଗା—କି. ଗୋଡ଼ ଦୁଇଟି ଫାଙ୍କ କରିବା

ସୁଂଗା—ବିଂ. ଦୋଛକି

ସୁଙ୍ଗାଡା.ର—ବି. ଶାଖା ଡାଳ

ସୁଙ୍ଗ୍‌ଡ଼ା—ବି. ସୁଙ୍ଗୁଡ଼ି

ସୁଙ୍ଗେ—କି. ଡାଳ ଛକରେ ବସିବା

ସୁଙ୍ଗୁ—ବି. (ବାଥୁଡ଼ି, ଜୁଆଙ୍ଗ, ଭୁୟାଁଙ୍କର) ସୁଙ୍ଗୁବାଜା

ସୁଚଅ—କି. ଛୋଟପିଲା ଚାଲି ଶିଖିବା ପ୍ରକ୍ରିୟା

ସୁସୁଂ—ବିଂ. ଛେଲ୍ଡସ୍, ଛେଚସ୍,

ଉ: ଆରେଲ୍‌ତେ ସାକାମ୍‌କ ସୁସୁଂ ଆକାନା - କୁଆପଥର ମାଡ଼
ଦ୍ୱାରା ପଥ ସବୁ ଛେଚସ୍ ହୋଇଛି

ସୁଂ—ଅ. କାହିଁକି

ସୁସୁର୍‌ଡ଼ାଦ୍—ବିଂ. ଖସଖସିଆ, ଖଦ୍‌ଖଦଡ଼ିଆ

ଉ: ରଟେ ଦେସ୍ତାଦ ସୁସୁର୍‌ଡ଼ାଦଗେ ଷ୍ଟେଲଃକାନା - ବେଙ୍ଗ ପିଠିଟା
ଖଦ୍‌ଖଦ୍‌ଡ଼ିଆ ଦିଶୁଛି

ସୁସୁର୍‌ଡ଼ାଦ୍—କି. ଖାରିଆ, ପିତାଳିଆ, ସ୍ୱାଦ ଲାଗିବା

ଉ: ଉଲୁଡ ଗୁଗୁରହାଦ୍ଗେ ଆଟ୍କାଲୁଅ॰ କାନା—ତରକାରି ଖାଇଆ ପିଡାଇଅ ଲଗୁଛୁ ।

ଗୁ.ଚତ୍—କ୍ରି. ସାମାନ୍ୟ ଭାବେ (କାଟିବା ନଥରେ) ଉକୁଡ଼ାଇବା

ଉ: ଗାଣ୍ଡକେ କେଟେଜ୍ ଗେସ୍କା ଗୁ.ଚତ୍ ଗୁ.ଚତ୍ ଏ ପାଲା॰ ଏଦା—କାଠ ଖଣ୍ଡିଏ ଟାଣ ଅଛେ ସାମାନ୍ୟ ଭାବେ ଉକୁଡ଼ାଇ ଉକୁଡ଼ାଇ ଫାଳ କରୁଛୁ ।

(୨) ସାମାନ୍ୟ ଭାବେ ଆଘାତ ବା ଅପଡ ମାରିବା, ବଳର ଅଭାବେ

ଲ.ଗିଦ୍ ନାସେଞ୍ଜ୍ ଗୁ.ଚତ୍ କେଦେସ୍କା—ଡସ୍ଇବା ପାଇଁ ତାକୁ ସାମାନ୍ୟ ଭାବେ ଆଘାତ କଲି ।

ଗୁଂଚ୍ଲା—ବି. ଗୁଛୁଡା

ଗୁଂଚର୍—ବି. ଏକ ପ୍ରକାର ଚଢେଇର ନାମ

ଗୁଂଚ୍କ—ବି. ଚପଲ୍

ଗୁଟ॰—କ୍ରି. ଗୁଟିବା ବା ଲେହନ କରିବା

ଗୁଟ୍ନ—ବି. ଚଟଣି

ଗୁଟ୍ପାଲ—ବି. ଗୁଟଶାଳୀ

ଗୁଟା—ବି. ଚଉକୋଣିଆ ବାଉଁଶ ବାଡ଼ିକାରେ ତିଆରି ଜାଲି ଜାଲି ପଟିଆ ଯାହା କ ଗ୍ରେଥଇ ଘରେ ସାଧାରଣତଃ ଚୁଲି ଉପରେ ଝୁଲାଇ ରଖାଯାଏ; ଆଇଁସ ଜିନିଷ ଶୁଖାଇବା ପାଇଁ

ଗୁଟା.ଇ—ବି. ଚଟେଇ, (ମରିଣା ଚଟେଇ, ତାଳପତ୍ର ଚଟେଇ)

ଗୁଟାଣ—ବି. ଚଟାଣ

ଗୁ.ଟିଜ୍—କ୍ରି. ଚଟ୍କିବା, ଉପର ଅଂଶ ଆପେ ଆପେ ଉଖୁଡ଼ିଯିବା ବା ଭାଙ୍ଗିଯିବା ।

ଉ: ଦାଟେ ବାକ୍ଲ॰ ଗୁ.ଟିଜ ଅଃ କାନା—ଗଛର ବକଲ ଉପରାଂଶ ଚଟକି ଯାଉଛୁ ।

ଗୁ.ଟିଦାର—ବି. ଦଲାଲ, କଥା କହି ଠକା ଠକି କରିବା ବାଲା ।

ଗୁ.ଟିସ୍କା—ବି. ଚେଲା, କ୍ରି. ଚେଲା କରିବା

ଉ: ଗୁରୁଣନ୍ ଆଡ଼ଗାନ୍ ଗୁଟିଆ ମେନାଃ କଅ—ଗୁରୁଙ୍କର ବହୁତ ଚେଲା ଅଛନ୍ତି

ଗୁଟି—କ୍ରି. ବଡ ବଡ କଥା କହିବା

ଗୁଟି ଅଲା॰—ବି. ଚଟି ଘର, ସରାଇ ଘର

ଗୁଟୁଃ—କ୍ରି. ଗୁଟିଦେବା

ଗୁଟୁଃ ଗୁଟୁଃ—କ୍ରି. ବିଂ. ଗୁଟିବାର ଆବାଜ୍

ଗୁଡଅ—କ୍ରି. (ପାଣିରେ କିଛି ଜିନିଷ) ପକାଇବା

ଗୁଡ୍ଗ—ବିଂ. ଟାଙ୍ଗରା ମୁଣ୍ଡିଆ

ଗୁଡ଼ର—ବିଂ. ଟାଙ୍ଗିରା ମୁଣ୍ଡୀ

ଗୁ.ଡ଼ି—ବି. ବିବାହ ବେଳେ ବରପକ୍ଷରୁ କନ୍ୟା ଘରକୁ ଗୋଟିଏ ଛେଳି ବରକନ୍ୟା ଲେଉଟା ଦିନ ବଳି ପାଇଁ ଦିଆଯାଏ । ଏହାକୁ ଗୁ.ଡ଼ି କୁହାଯାଏ

ଗୁ.ଡ଼ି ଗୁଓଲେ—ବି. ଗୁଡ଼ି ସହିତ ଦିଆଯାଉଥିବା ଗୁହଳ

ଗୁଡୁ—କ୍ରି. ପାଣିରେ କିଛି ପକାଇବା, ବିଂ. ପାଣିରେ ପକା ଯାଇଥିବା

ଗୁଡୁର୍ ବାଡୁର୍—ବିଂ. ପାଣିଚଅ, ପାଣିଆ

ଉ: ଗୁଡୁର୍ ବାଡୁର୍ ଦା.ଲକ ଉରୁ ଆକାଦଆ—ସେମାନେ ପାଣିଚଅ (ପାଣିଆ ପାଣିଆ) ଡାଲି ପ୍ରସ୍ତୁତ କରିଛନ୍ତି

ଗୁଣ୍ କଲମ—ବି. ଗୁଛ

ଗୁ.ଣ୍ଡୁଲ୍ ବାକୁଲ୍—କ୍ରି. ବିଂ. ବାନର ଜେଉଁ ଭେଉଁ ନାଚିବା ପ୍ରକ୍ରିୟା

ଗୁଣ୍ଡିସ୍କା.ଜ—କ୍ରି. ଟାଣି ଲମ୍ବ କରିବା, ପଶୁକୁ ଲମ୍ବ ଦଉଡ଼ିରେ ବାନ୍ଧି ଗୋଟିଏ ଖୁଣ୍ଟିରେ ବାନ୍ଧିଦେବା

ଉ: ଦୁଦା.ଲ୍ ଗାଇଦ ଖୁଣ୍ଟିରେ ଗୁଣ୍ଡିସ୍କାଜ୍ ଅଟକାସ୍କମେ—କ୍ଷୀର ଦିଆ ଗାଈକୁ ଲମ୍ବ ଦଉଡ଼ିରେ ବାନ୍ଧି ଖୁଣ୍ଟାରେ ବାନ୍ଧି ଦେଇଅଛ

ଗୁଣ୍ଡୁଜ୍—ବି. ଗୋଡ଼ ଆଙ୍ଗୁଳିରେ ଅଧିକ ଭର ଦେଇ ଚାଲିବା ପ୍ରକ୍ରିୟା

ଗୁଣ୍ଡୁଚ୍ ଗୁଣ୍ଡୁଜ୍—କ୍ରି. ବିଂ. ଇଙ୍ଗିତରେ ଜାନୁମ୍ଦେଖ ପା.ଟି ଆକାନା ଅନାତେ ଗୁଣ୍ଡୁଚ୍ ଗୁଣ୍ଡୁଜ୍ ଏ ତାଲାମ ଏଦା—ତାହାର ଗୋଇଠିରେ କଣ୍ଟା ପଶିଛି ତେଣୁ ସେ ଆଙ୍ଗୁଳିରେ ଭରଦେଇ ଚାଲୁଛି, କ୍ରି. ଶୀଘ୍ର ଶୀଘ୍ର ଚାଲିବା

ଉ: ଗୁଣ୍ଡୁଚ୍ ଗୁଣ୍ଡୁଜ୍ ଏ ତାଲାମ୍ ଇଦ କେଦ୍ଅଁ—ସେ ଶୀଘ୍ର ଶୀଘ୍ର ଚାଲି ଗଲା

ଗୁଣ୍ଡୁଲମ୍—ବି. ଗୁଣ୍ଡିକା

ଗୃ.ତ୍‌ଂଗା—ବି. ଚୈତ୍ରମାସ

ଗୃତମ୍—ବି. ଛତା

ଗୃତମ୍ ଆଲା ‑‑ —ବି. ସୁନ୍‌ସୁନିଆ ଶାଗ

ଗୃତମ୍ ଅଲା ‑‑ —ବି. ଗୃହ ଗୃହସ୍ଥା ଘର

ଗୃତବ୍ରାଲ୍ଲସ୍ତା—ବିଂ. ଧୂର୍ତ୍ତ, ଚଲାକ

ଉ: ଗୃତବ୍ରାଲ୍ଲସ୍ତା ହଲ ସାଓଁ ବଆଲମ୍ ଗାଟେ ଆ—ଧୂର୍ତ୍ତଲୋକ ସହିତ ସାଙ୍ଗ ହେବ ନାହିଁ

ଗୃରୁର୍—ବି. ସତର୍କ, ଚତୁର

ଉ: ଆଟେଲଇକ୍ ମାଷ୍ଟ୍ରର ଦ ଆ. ଡ଼ିଏ ଗୃରୁର ଆ—ଆମର ଶିକ୍ଷକଟି ବହୁତ ସତର୍କ/ଚତୁର ଅଟନ୍ତି

ଗୃଦର୍—ବି. ଚଦର

ଗୃନ୍‌ଦ—ବି. ଗୃଧ

ଗୃନଦଅ ବଂଗା—ବି. ଈଶ୍ୱର, ମାସ୍ପଂବୁରୁ

ଗୃନ୍‌ଦା—ବି. ପଶୁର ମୁଣ୍ଡରେ ଧଳା ବା କଳା ଦାଗ ଚିହ୍ନଥିବା

ଉ: ହୁନି ଗୃନ୍‌ଦା ତାଂଗଗ୍ରା ଦ ଅକଇକ୍ ? — ସେହି ଚନ୍ଦା ଚିହ୍ନଥିବା ବଳଦ କାହାର

ଗୃନ୍‌ଦ୍‌ଲା —ବିଂ. ଅକସ୍ତ ଇକ୍ ଗୃନ୍‌ଦ୍‌ଲା ତାଙ୍ଗ୍‌ଗ୍ରା ଅଣ୍ତେ ମେନାସ୍ତା—ସେଠାରେ କାହାର ଚନ୍ଦ୍‌ଲା ବଳଦ ଅଛି

ଗୃନ୍‌ଦା ବହୁଃ —ବି. ଚନ୍ଦା ମୁଣ୍ଡ

ଗୃ ନ୍‌ଦ—ବି. ଗୃଧ, ଲୁପା

ଗୃନଦ୍‌ନି—ବି. ମାଙ୍କଡସାର ଜାଲ

ଗୃପଅ—କ୍ରି. ହାତ ପାପୁଲି ରଖିବା ବା ଧରିବା

ଉ: ଛରେ ଗୃପ ଆକାଦନ୍ତି—ମୋ ହାତରେ ତା'ର ପାପୁଲି ରଖିଛି

ଗୃପା —ବିଂ. ଗୃପ, ଜ୍ୱର ଲଦିବା, ଉ: ଇଞ୍ଜଚେଲାନ୍‌ରେ ଆଡ଼ ଗୃପା ହୁନ୍‌ଃକାନା —ମୋ ଉପରେ ବହୁତ ଗୃପ ପଡ଼ୁଛି

ଗୃପଗୃପା—କ୍ରି. ହାତ ଗୋଡ଼ ମେଲାଇ ପେଟେଇ ରହିବା

ଗୃପାଓ—କ୍ରି. ଗୃପିବା

ଗୃପଲ୍—କ୍ରି. ଗୃପୁଡ଼ା ମାରିବା

ଗୃପ୍‌ପାଲା—ବିଂ. ଚେପ୍‌ଟା, କ୍ରି. ଚେପ୍‌ଟା ହେବା

ଗୃପା‑ଦ୍—କ୍ରି. ଫୋପାଡ଼ିବା

ଗୃପାଲ୍—କ୍ରି. ଆକ୍ରାନ୍ତ ହେବା, ବିଂ. ଆକ୍ରାନ୍ତ, ଭୂତପ୍ରେତ ସବାର ହେବା, ଉ: ବେମାର୍ ଏ ଗୃପାଲ ଆକାଦେସ୍ତା—ସେ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଅଛି, (୨) ଭୂତ୍ ଏ ଗୃପାଲ୍ ଆକାଦେସୁ—ତା' ଦେହରେ ଭୂତ ସବାର ହୋଇଛି

ଗୃପାଲ୍—କ୍ରି. ଏ ହାତରୁ ସେ ହାତ, ସେ ହାତରୁ ଏ ହାତକୁ ଦେବା

ଗୃ.ପିସ୍ତା—ବିଂ. ଚେପଟା ନାକଆ

ଉ: ଉନି ଗୃପିସ୍ତା ନଣ୍ତେ ଦୁଲ୍ତୁବ୍ ଆକାନାସୁ—ସେ ଚେପ୍‌ଟା ନାକଆ ଏଠାରେ ବସିଅଛି

ଗୃପୁ—କ୍ରି. ଦେହକୁ ହାତ ଦେଇ ପରୀକ୍ଷା କରିବା, ନାଡ଼ି ଦେଖିବା

ଗୃ.ପୁଆ—ବି. ଖଣ୍ଡ (କମାର ଶାଳ ଖଣ୍ଡକୁ ପବନ ଯୋଗାଉ ଥିବା ଯନ୍ତ୍ର)

ଗୃପେ—କ୍ରି. ଲୁଚିବା

ଗୃପେସ୍ତାଃ—ବିଂ. ଲୁଚମାନ

ଗୃବ୍‌ଲଗୃବ୍‌ଲି—କ୍ରି. ଦେହର ଏଠି ସେଠି ହାତ ମାରିବା ବା ଘାଣ୍ଟୁଡ଼ିବା, ଉ: ମିଃ, ଆଲମ୍ ଗୃବଲ ଗୃବ୍‌ଲି ଇଞ୍ଜା—ଛୁଡ଼, ମୋ ଦେହରେ ଏଠି ସେଠି ହାତ ମାରନାହିଁ

ଗୃବା—କ୍ରି. ଶେଷ ହେବା, କ୍ରି. ବିଂ. ସମାପ୍ତ

ଗୃବାର୍ ଚୁବୁର୍—କ୍ରି. ବିଂ. ଅଳ୍ପ ପାଣିରେ ଗୃଳିବାର ଶବ୍ଦ

ଗୃ.ବି—ବି. ଗୃବି, ଲୁହାକାଠି

ଗୃ.ବୁଃ – କ୍ରି. ତରଳ ପଦାର୍ଥରେ ଆଙ୍ଗୁଳି ବୁଡ଼ାଇବା

ଉ: ସୁନୁମ୍ ଗୃବୁଃ ଆଗୁଇମେ—ହାତ ଆଙ୍ଗୁଳି ପୁରାଇ ତେଲ ଆଣ

ଗୃ.ବୁକ୍—କ୍ରି. ଆଙ୍ଗୁଳି ଦ୍ୱାରା ପାଣି ଉଷୁମ ହୋଇଛି କି ନାହିଁ ପରଖିବା

ଗୃବୁକ୍—ବି. ଗୃବୁକ

ଗୃ.ମ୍‌କା.ଉ—କ୍ରି. ଗୃବୁକ ଦ୍ୱାରା ପ୍ରହାର କରିବା

ଉ: ସାଦମ୍ କ ଗୃମ୍‌କାଉ ରଙ୍ଗାଓକେଦେୟୁ - ଘୋଡ଼ାକୁ ଗୃବୁକ ମାରି ତେଜ୍ କରାଇ ଦେଲେ

ଗୃ.ମ୍‌ଡୁଲ୍—କ୍ରି. ପାଣିରେ ବୁହାଇ ଦେବା, ଅଧିକ ଝୋଳହେବା

ଉ: ହାକୁ ଉତୁପେ ଚ୍.ମ୍ଭୁଲ କେଦ୍.ଆ - ମାଛ ଭରକାଗ୍ରରେ
ଅଧିକ ଟୋଲ କରଦେଲ

ଚ୍.ମ୍ଭଆ—ବିଂ. ଚମଡା ବେପାରୀ, ବେଶ୍ୟା

ଚ୍ମଚ୍—ବି. ଚ୍ମୁଚ

ଚ୍ମ୍ପେଲ୍—କ୍ରି.ବିଂ. ପ୍ରଚ୍ଚରିତ, ପ୍ରସାରିତ

ଚ୍ମାର୍—ବି. ଚମାର ଜାତି ବିଶେଷ

ଚ୍ମାଚ୍କର—ବି. କେଚଲ୍ଖାଇ ପକ୍ଷୀ

ଚ୍ମାଲ୍ ଚୁମୁଲ୍—କ୍ରି.ବିଂ. ଚରକା ଚରକ, ଛନ୍କା ଛନ୍କ

ଚ୍.ମୁଆଁ—ବି. ପିଡାଆଳୁ

ଚ୍.ମୁକ୍—ବି. ଚ୍ମୁକ

ଚ୍ମ୍ପାବାହା—ବି. ଚମ୍ପାଫୁଲ

ଚ୍ର୍—ବି. ଚ୍ର (ସଂଖ୍ୟା)

ଚ୍ର୍ଚ୍—କ୍ରି. ଚର୍ଚ୍ଚା କରିବା, ଆଲୋଚନା କରିବା

ଚ୍.ର୍ଖା ବା ଚ୍.ର୍ଖି—ବି. ଚରଖା

ଚ୍.ର୍ଚି—କ୍ରି.ବିଂ. କଛୁ

ଉ: ପେଲାକ ସାଓଁତେ ଆମ ହିଁ ଚ୍ର୍ଚି ଜମ ମେ - ଅତିଥିମାନଙ୍କ
ସହିତ ତୁମେ ବି କଛୁ ଖାଅ

ଚ୍.ରପହଲ—ବିଂ. ବର୍ଗାକାର, ଚ୍ରକୋଣ ସମାନ ଥିବାବାଲା

ଚ୍.ର୍ବର୍ଦା—ବିଂ. ଚତୁପାର୍ଶ୍ୱ, ଚ୍ରପାଖ

ଚ୍ର୍ସିଗ୍.—ବି. ଏକପ୍ରକାରର ଜଙ୍ଗଲି ଗଛ

ଚ୍ର୍ହା.ଓ—କ୍ରି. ଲୋଭାଇବା, ଚିହ୍ନାଇବା, ରଗାଇବା

ଚ୍.ର୍ହି—ବି. ମେରୁଦଣ୍ଡ, (ମଣିଷର ମେରୁଦଣ୍ଡ)

ଉ: କାଡା ଚ୍.ରହି ଦ ଉସୁଲ୍ ଗେଯା - ମଣିଷର ମେରୁଦଣ୍ଡ
ଉଚା ଅଛି

ଚ୍.ଶର୍—କ୍ରି. ଲୁଚକରି ଦେଖିବା, ଲକ୍ଷ ରଖିବା

ଉ: କଲାକଦ କୁଲକ ଚ୍.ଶର୍ କଆ - ଯୁବକମାନେ ଯୁବତୀଙ୍କୁ
ଲୁଚକରି ଦେଖନ୍ତି

ଚ୍ସ୍—କ୍ରି. ଭଲ ପକାଇବା

ଚ୍ଚ—ବି. ଖାଦ୍ୟ, ଚ୍ଚଗଛ ବିଂ. ଉପାୟ

ଉ: ନୁକୁ ସିମ୍ଚ୍ଚଆ.ଗୁଆକ ମେ-ଏହି କୁକୁଡାଙ୍କ ପାଇଁ ଖାଦ୍ୟ ଆଣ

(୨) ଅନକା ଏହ୍କେଟଣେରେଞ୍ଜ୍ ବାଜାଓ ଲେନା ଯେ
ଅଣ୍ଡେଖନ୍ ସାହାଃଇଞ୍ଜା ଚ୍ଚବଂ ଡାହେଁଲେନ୍ତଞ୍ଜ -
ଏପରି ଅସୁବିଧାରେ ପଡ଼ିଲି ଯେ ସେଥିରୁ ମୁକୁଳିବାକୁ
ମୋର ଉପାୟ ନଥିଲା

ଚ୍ଚଚୁରୁ—କ୍ରି.ବିଂ. ଡରମରି, ଡରରେ

ଉ: ବାବାଆ ଂଂ ରୁହିର୍ ଆଞ୍ଜମ୍ତେ ଚ୍ଚଚୁରୁଲେ ଉକୁଏନା -
ବାପାଙ୍କ ଗାଳି ଶୁଣି ଡରମରି ଲୁଚଗଲୁ

ଚ୍ସ୍ ଚ୍ସ୍—କ୍ରି. ବିଂ. ଲଗାତର ଛୁଆଡ଼ା ବର୍ଷା ହେବାର
ପ୍ରକ୍ରିୟା

ଉ: ଚ୍ସ୍ ଚ୍ସ୍ ଦା ଂଂ ତେ ବାଂ ଅକଯ୍ ସେନଃକାନ୍ -
ଛୁଆଡ଼ାମାଡ ଦଆ ବର୍ଷାରେ ବା କଏ ଯାଏ

ଚ୍ରେକ୍—ବି. ପତଲା କାଠି, ସରୁ କାଠି, (ପତର ସିଁଇବା,
ଦାନ୍ତ ଖୁଣ୍ଟିବା କାଠି)

ଚ୍ଲ୍ଥ ଅଲା ଂଂ—ବି. ମେଲା ଚ୍ଲଛପର ଘର, ଚ୍ଲିଆ

ଚ୍ଲ୍କା.—ବି. ଚେଙ୍ଗମାଛ

ଚ୍.ଲ୍ଦୁଃ ବା.ଲ୍ଦୁଃ—କ୍ରି. ବିଂ. ଯାହାତାହା ଅନୁପଯୁକ୍ତ ଭାବେ

ଉ: ଘାସ୍ରେ ଚ୍ଲ୍ଦୁଃ ବାଲ୍ଦୁଃ କ ସି କେଦା - ଘାସ ଉପରେ
ଯାହାତାହା ହଳକରି ଦେଲେ

ଚ୍ଲ୍ହା—କ୍ରି. ବିଂ. ଚଢ଼ିହା (ଦର), ଅଧିକା (ଦାମ୍)

ଉ: ନୁଇ ମେରମ୍ଆ ଂଂ ଚ୍ଲ୍ହା ଦାମ୍ ବାଇଞ୍ଜ୍ ଏମ୍ ଆ -
ଏହି ଛେଳିର ଅଧିକା ଦାମ୍ ଦେବି ନାହିଁ

ଚ୍ଲ୍ହାଓ—କ୍ରି. ଧନୁରେ ଗୁଣ (ଜ୍ୟା) ଲଗାଇବା

ଚ୍ଲ୍ସା.—ବିଂ ଚାଳିସିଆ, ଦୃଷ୍ଟିଶକ୍ତି କମିବା

ଚାଲ୍ତି—ବିଂ. ଧନୀ, ଚଳ, (ଚଳନ୍ତି)

ଉ: ନଆ ଆ.ତୁରେ ନୁଇ ହଲ୍ଦ ଚାଲ୍ତି ହଲ୍ କାନାଯ୍ -
ଏ ଗାଁରେ ଇଏ ଧନୀ ଲୋକ ଅଟନ୍ତି

ଚା.ଲି—ବି. ଚାଳି

ଚ୍ଲିସ୍.ଭ—କ୍ରି. ଉତ୍ତେଜିତ କରାଇବା

ଚ୍ଲନ୍—କ୍ରି. ବାଣ ପେଷିବା

ଚ୍ଲ୍—କ୍ରି. ବିଂ. ହସ୍ତାନ୍ତର, କ୍ରି. ହାତକୁ ହାତ ବଢ଼ାଇ ଦେବା

ଗ୍ଲାଓ୍ୱ୍—କ୍ରି. ଚଲାଇବା (ମଟର ସାଇକେଲ, ଯାନ ଚଲାଇବା), ଖର୍ଚ୍ଚ ଚଲାଇବା

ଗ୍ଲ ∞ ଲ୍ଓଇଜ୍—ବିଂ. ଯେ ଚଲାଏ, ଚଲାଇବା ବାଲା, ନେତା, ଅଗ୍ରଣୀ

ଗ୍.ଲ୍ଚଲନ୍—ବି. ବ୍ୟବହାର, ଚଳଣି

ଗ୍ଲାଚଲନ୍—ବି. ସ୍ୱଭାବ, ରୀତିନୀତି, ଅଭ୍ୟାସ

ଗ୍ଲ—ବି. ଗ୍ଲଣୀ

ଗ୍ଲ∞—କ୍ରି. ଯିବା

ଗ୍ଲାକ୍—ବିଂ. ଚତୁର, ଗ୍ଲାକ, ଧୂର୍ତ୍ତ

ଗ୍.ଲୁଇ—କ୍ରି. ଆରମ୍ଭ କରିବା

ଗ୍.ଲୁ—ବିଂ. ମିଛୁଆ, ଗ୍ଲୁ, ମନରେ ଗୋଟିଏ ଭାବେ, କଥାରେ ଗୋଟିଏ କହୁଥିବା ବାଲା, ଉ: ଗ୍ଲୁ ହଲ୍ ସାଓଁ ଆଲମ୍ ଗାଡେଃଆ—ମିଛୁଆ ଲୋକ ସହିତ ସାଙ୍ଗ ହେବ ନାହିଁ

ଗ୍ଦାଇ (ଗ୍ଓ୍ୱାଇ)—ବିଂ. ଚୁଗୁଲିଆ, ଝଲ

ଗ୍ଓ୍ୱ ଆଇ ହଲଖନ୍ ମାହାରେ ତାହେନ ବୁଗିୟା—ଚୁଗୁଲିଆ ଲୋକ ଠାରୁ ଦୂରରେ ରହିବା ଭଲ

ଗ୍ସ୍.ଲମ୍—ବି. ଲଙ୍ଗୁଡ଼

ଗ୍ସ୍.ହାବ୍—ବିଂ. ମେଳ ପାଣ୍ଟିଆ, ଭକୁଆ, ବୋକା

ଗ୍ସ୍ୟା—ବି. ଅସରପା

ଗ୍ସ୍—କ୍ରି. ଗୃହକାମ କରିବା, ବି. ଗୃହକାର୍ଯ୍ୟ

ଗ୍.ସି—ବି. ଗୃହୀ

ଗ୍ହା—ବି. ଗୃ, ଗୃହ

ଗ୍ହାବ୍—କ୍ରି. ପାଣ୍ଟିମେଳ କରିବା, ଆଁ କରିବା

ଗ୍ହାଲ—ବି. ଗୃହାଳୀ, ପାଠଶାଳା

ଙଆ.(ଙ୍ୟା.)—କ୍ରି. ଠାବ କରିବା

ଚକ୍ଚକ୍—ବିଂ. ଚକ୍ଚକ୍, କ୍ରି. ଚକ୍ଚକ୍ କରିବା, ଝଲସିବା, ଚକ୍ମକ୍ କରିବା, ଉ: ପଡାଓ ଭିତ୍ର ଚକ୍ଚକ୍ ଞେଲଃ କାନା—ଲିପା ହୋଇଥିବା କାନ୍ଥ ଚକ୍ଚକ୍ ଦିଶୁଛି

ଚକାୟ୍—କ୍ରି. କ'ଣ ହେବ, କ'ଣ କରାଯିବ

ଚକାଁଣ୍—ବିଂ. ପରିଷ୍କାର ଓ ଚକ୍କଣ

ଚକାଁ.ଣ ପିନ୍ଡା.—ବି. ସଫାସୁତୁରା ପିଣ୍ଡା, କଚେରୀ

ଉ: ଆଲମ ଦାଲ୍ଇଞ୍ଜା ବାଂଖାନ୍ ଚକାଁଣ୍ ପିନ୍ଡାଂ ଙ୍ଂଇଡ ମେସ୍ୟା—ମୋତେ ପିଟନାହିଁ, ନ ହେଲେ କଚେରୀକୁ ତୁମକୁ ନେବି

ଚନ—ବି. ସାନ୍ତାଳି ଅକ୍ଷର ବା ଲିପି

ଚକେଟା.—ବିଂ. ଅଠାଳିଆ, ଚକଟା

ଚକେସା—ବି. ଚକେସ୍ୟା, କ୍ରି. ଚକେସ୍ୟା କରିବା

ଉ: ରୁଆଃରେ ଉନ୍କୁକ ଚକେସା କେଦଞ୍ଜ୍ଆ—ଜ୍ୱର ବେଳେ ସେମାନେ ମୋତେ ଚକେସ୍ୟା କରିଥିଲେ

ଚଖ୍ନାଁ—ବି. ଦାଗ, ଚିହ୍ନ, ଉ: ଞେଲ୍ ଠିକୁଃ ଲ୍.ଗିଦ୍ ଗାଇ୍କ ଚଖ୍ନାଁ କେଦକଆ—ଚିହ୍ନିବା ପାଇଁ ଗୋରୁଙ୍କୁ ଦାଗ ଚିହ୍ନ ଦେଇ ଅଛନ୍ତି

ଚୋଗାଚୋଗେ—କ୍ରି. ବିଂ. ଦୁଇ ଗୋଡ଼ ଫେରକୋଟା କରି ଚାଲିବା ପ୍ରକ୍ରିୟା, ଉ: ଡେକେରେ ଉକୁ ଆକାନାୟ୍ ଅନାତେ ଚୋଗାଚୋଗେ ଡାଲାମ୍ ଏଦାୟ୍—ପିଟାରେ ତା'ର ବଥ ହୋଇଛି ତେଣୁ ଫରକୋଟେଇ ଫରକୋଟେଇ ଚାଲୁଅଛି

ଚୋର—ବି. ମଜା, ତାମସା, ଥଟ୍ଟା, କ୍ରି. ଥଟ୍ଟା କରିବା, ମଜା କରିବା, ଉ: ଦନ୍ଟେ ଉନଦ ଚକାର ଗେ ରଲ୍ଆ—ସବୁଦିନ ସେ ଥଟ୍ଟାଳିଆ କଥା କହେ

ଚଗାଁ—କ୍ରି. ଗୋଡ଼ରେ ଘା ଯୋଗୁ ନ ଚାଲିବା

ଚଗାଁ. ଆକାନାୟ୍ କାୟ୍ ଡାଲାମ୍ ଦାଲେୟା କାନା—ଗୋଡ଼ରେ ଘା ହୋଇଥିବା ହେତୁ ଚାଲି ପାରୁନାହିଁ

ଚେଲ୍.ଉ—କ୍ରି. ଚୁଗୁଲାଇବା, ପରିହାସ କରିବା

ଉ: ଆଲମ୍ ଚେଲ୍.ଉଏୟା ବାଂଖାନ୍ ଏ ସ୍ରଗ୍ଆ—ତାକୁ ଚୁଗୁଲାଅ ନାହିଁ ନ ହେଲେ ସେ କାନ୍ଦିବ

ଚେରେନ୍—ବି. ବସ୍ତ୍ର, ଲୁଗା

ଚଲ୍—ବି. ଚଳ, ମାଲମଥା, ସମ୍ପତ୍ତି

ଚହ୍ଟର୍—କ୍ରି. ଶିଉଳି ଜନ୍ମ ହେବା

ଉ: ଜାପୁତ୍ ଦନ ଓତ୍ର ଚହ୍ଟର୍ ଖଦ୍କ∞ ଅ—ଝଡ଼ି ବର୍ଷାରେ ଭୂମି ଉପରେ ଶିଉଳି ଜନ୍ମି ଥାଏ

ଚେଟ୍—ବି. ଅଠା

ଚିଁଟ୍—କ୍ରି. ଅଠା ଲଗାଇବା

ଉ: ଲଫାପା ଚିଟ୍ଠିରେ ଟିକାସ୍ (ଟିକଟ୍)ଚିଁଟ୍ ମେ—ଲଫାପାରେ ଟିକଟଟି ଅଠାଦେଇ ଲଗାଇ ଦିଅ

ଚଟି—ବିଂ. ଦର ପାଚିଲା, ଉ: ଚଟିରେଗେ ସାନାମ୍ ପାଂଗସ୍ତଲେ ଜମ୍‌ସ୍କଡା କେଦ୍‌ଆ—ଦର ପାଚିଲା ବେଳେ ସବୁ ବରଗୁଡ଼ି ଖାଇ ଶେଷ କରି ଦେଇଅଛୁ

ଚଟ୍ଠି—ବି. ଚିଠି, ପତ୍ର

ଚଟ୍ଠା—ବି. ସୂଚନା, ଆଦେଶ

ଚଡ଼ଚଡ଼ା—ବିଂ. ଚଡ଼ଚଡ଼ା, ବଦରାଗି

ଚଡ୍ରୁ—ବି. ପତଳା ଝାଡ଼ା ହେଉଥିବା ବ୍ୟକ୍ତି

ଚଢ୍ରୁ—ବିଂ. ଗନ୍ଧଆ, ଅସନା

ଉ: ଉନି ଚଡ୍ରୁ. ଟେନ୍‌ଦ ବାଂଇଞ୍ଜି ଦୁଲ୍ଲପ୍ ଆ—ସେ ଗନ୍ଧଆ/ ଅସନା ଲୋକ ପାଖରେ ବସିବ ନାହିଁ

ଚଡ଼୍ରୁ—ବି. ପତଳା ଝାଡ଼ା, କ୍ରି. ପତଳା ଝାଡ଼ା ହେବା

ଚଣ୍ଡ୍‌କା.ଚଲ୍ଲ ∞—କ୍ରି. ବିଂ. ଏଠି ସେଠି

ଉ: ଚଣ୍ଡ୍‌କା.ଚଲ୍ଲ ∞ ଲୁଲୁ ଦାଟେ ଆକାନା—ଏଠି ସେଠି ଧାନ ଗଛ ହୋଇଛି

ଚଣ୍ଡାଲ୍—ବିଂ. ଛୁଡ଼ିଯିବା, ଉ: ଟେଡ୍‌ଲେକାମ୍ ଇରଏଦ୍ ଚଣ୍ଡାଲ ଇଦକା ∞ ଜାନଦମ୍ ?—ତୁମେ କେମିତି କାଟିଦେଇ ଯାଉଛ, ଛୁଡ଼ିଯାଉଅଛ ଯେ ?

ଚଣ୍ଡାଲ୍—ବି. ଅପଲ୍ଲବ, ଉ: ଏକ୍ ଚଣ୍ଡାଲ୍‌ରେମ୍ ଓଲା ∞ ଆକାଦ୍‌ଆ ହୁହୁସ୍ତରେମ ଡ ଅକଯ୍ ଆଞ୍ଜମ ମେୟା ?—ଏଭଳି ଅପଲ୍ଲବ ସ୍ଥାନରେ ଘର କରିଛ ଡାକିଲେ କିଏ ତୁମକୁ ଶୁଣିବ ?

ଚତ୍ତ—କ୍ରି. ଚଢ଼ ହେବା

ଚଡ଼ାଇଁ—ବି. ଚଟୋଇ ପକ୍ଷୀ

ଚଢ଼ନି ଚେଟେଣେ—ବି. ଚଢ଼ି ଚଢ଼େଇ

ଚତା.ଲ ହାକୁ—ବି. ଚିଥଲ ମାଛ

ଚଢର୍ ବଢର୍—ବିଂ. ବିଗୁଡ଼ି ପଡ଼ିଥିବା, କ୍ରି. ବିଂ. ଅଯତ୍ନଜଡ଼ା ଖବେ ପକାଇ ଦେବା, ଉ: ବୁଲୁଂକ ଏର୍ ଚଢର୍ ବଢର୍ ଆକାଦ୍‌ଆ—ଲୁଗକୁ ବିଗୁଡ଼ି ଦେଇଛନ୍ତି

ଚଡାମ୍ (ଛଡାମ୍)—ବି. ଛଡାମ୍, କଉଡ଼ି

ଉ: ନେଡାର୍ ଡ ମିଦ୍ ଚଡାମ୍‌ଟେ ଟେଦ୍ ହୁ ବାଂ ଞ୍ଜାମଃଆ—ଆଜିକାଲି ଗୋଟିଏ ଛଡାମ୍ (କଉଡ଼ି)ରେ କିଛି ମିଳେ ନାହିଁ

ଚନଦା.ର୍ ଗୁନ୍‌ଦେର୍ (ଗୁନ୍‌ଦାର୍)—କ୍ରି. ବିଂ. ଢିଲା ଓହଳା ଲୁଗା ପିନ୍ଧା ଗୁଲି, ଉ: ଚନ୍‌ଦାର୍ ଗୁନ୍‌ଦାର୍ ହଲ୍ ସାମାଂରେ ଆଲମ୍ ଦାଣା ବାଲାୟା—ଲୋକଙ୍କ ସାମନାରେ ଢିଲା ଓହଳା ଲୁଗା ପିନ୍ଧି ଚଲ ବୁଲ କର ନାହିଁ

ଚନ୍—ବି. ଦାଗ, ଚିହ୍ନ

ଚନ୍‌ଡା.—ବି. ଚିନ୍ତା, ଭାବନା, କ୍ରି. ଭାବିବା, ଚିନ୍ତା କରିବା

ଉ: ଚନ୍‌ଡାକାନାଞ୍ଜି ଟେଦ୍ ଲେକାଟେ ପାଲ୍‌ହାଓ ଆଞ୍ଜ୍—ଭାବୁଛି କିପରି ମୁଁ ପଢ଼ିବ ?

ଚନ୍‌ହା.—ବି. ଚିହ୍ନ, ଉପହାର, ବିଂ. ଚିହ୍ନା, ପରିଚିତ

ଉ: ନୁଇ କୁଲି ହର ∞ ଚନ୍‌ହା ଲଗିଦ୍‌କ ହେଜ୍‌ଆକାନା—ସେମାନେ ଏହି ଝିଅକୁ ପିନ୍ଧାଇବା, ଉପହାର ଦେବାକୁ ଆସିଛନ୍ତି

ଚନହଟ୍—କ୍ରି. ଚିହ୍ନଟ, ଚିହ୍ନଦେବା/କରିବା

ଚନ୍‌ହା.ଓ୍—କ୍ରି. ଚିହ୍ନିବା, ଜାଣିବା

ଉ: ଚହ୍ନା.ଓ୍ ଆକାଦ ଆଞ୍ଜ୍—ମୁଁ ତାଙ୍କୁ ଜାଣିଛି/ଚିହ୍ନିଛି

ଚନ୍‌ହା.ପ୍—ବିଂ. ଜଣା, ପରିଚିତ

ଚନାବାଦାମ୍—ବି. ଚନାବାଦାମ, ମୁଗଫଲି

ଚନ—ବି. ଚଣା

ଚପ୍—ବି. ମୁଖ୍ୟ (ଇଂ) chief

ଚପ୍‌ଚଲପ୍—ବି. ବଜ୍ରମୂଳୀ ଗଛ

ଚପ୍ରୁ—ବି. ଏକ ପ୍ରକାରର ଘାସ

ଚପା.—ବିଂ. କୃପଣ, ଘୋର, କଟକଣା

ଚପା.ଉ—କ୍ରି. ଚିପିବା

ଚପା.ବୁଡାମ୍—ବି. ଚିପା ବୋଡାମ

ଚସ୍ୟାଗୁଟେପ—କ୍ରି. ବିଂ. ଗୋଡ଼ ଘୋଷାରି ହୋଇ ଯିବାର ପ୍ରକ୍ରିୟା

ଉ: ଲୁଙ୍ଗାଟେ ବେଶ୍ ଲେକା ବାସ୍ ଡାଲାମ ଦାଲେୟା.ଦା ଚସ୍ୟା ଗୁଟେପ ଇଦ ଏନାୟୁ—ଥକି ଯିବାରୁ ସେ ଭଲ କରି ଚାଲି ପାରିଲା ନାହିଁ, ସେ ଗୋଡ଼ ଘୋଷାରି ଘୋଷାରି ଚାଲିଲା

ଚମ୍ଟା.—ବି. ଚମୁଟା, କ୍ରି. ଚମୁଟି ଧରିବା

ଉ: ଲଲ୍ ଆଙ୍ଗ୍ରା ଚୁହ୍ଲାଖନ୍ ଚମ୍ଟା. ଭୁଦ୍ ମେ - ଚୁଲିର ଗରମ ଅଙ୍ଗାର ଚମୁଟାରେ ଧରି ବାହାର କର

ଚମ୍ନି—ବି. ଚମନି

ଚମ୍ଡ଼୍—ବିଂ. ଚମଡ଼, ଝାଣ୍ଡୁଆ

ଉ: ଜଜ ଡାରେ ଦ ଆ.ଡ଼ ଚମଡ଼୍ ଆ - ତେନ୍ତୁଳି ଗଛ ବହୁତ ଶକ୍ତ ଅଟେ

ଚସ୍ବା—କ୍ରି. ଖୋଜିବା, ଠାବ କରିବା

ଉ: ମିଦ୍ ଝାଂ ସାଇକଲ ଚସ୍ବା ଆଞ୍ଜ ମେ - ମୋ ପାଇଁ ଗୋଟିଏ ସାଇକେଲ୍ ଖୋଜିଦିଅ

ଚସ୍ବାପ୍ ଚସ୍ବାପ୍— କ୍ରି. ବିଂ. କୁକୁଡ଼ା ଚଅଁର ଚସ୍ବଁା ଚସ୍ବଁା (ରବ)

ଉ: ସିମ୍ ହୁପନ ଦକ ଚସ୍ବାପ୍ ଚସ୍ବାପ୍ ଏଦା - କୁକୁଡ଼ା ଛୁଆ ସବୁ ଚସ୍ବା ଚସ୍ବାଁପ୍ କରୁଛନ୍ତି

ଚସ୍ପଦ୍—କ୍ରି. ଚପୁଡ଼ିବା

ଚସ୍ମୁପ୍— କ୍ରି. ଚୁମିବା

ରେବେନ୍ ମେ ଚସ୍ମୁପ୍ ଅମାସୁକାହାଃ - ରାଜି ହୋଇଯାଅ, ସେ ତୁମକୁ ଚୁମି ଦେବ

ଚର୍—ବି. ଝଣ୍ଡା, ପତାକା

ଚର୍ଗାଲ୍—ବିଂ. ସତର୍କ, ସାବଧାନ

ଚର୍ବଡର୍— କ୍ରି. ଛିନ୍ନଛତର, ନଷ୍ଟଭ୍ରଷ୍ଟ କରିବା

ଉ: ନୁଇଁ ଆ.ଗୁମାଇଁ ବଲକାତେ ଅ.ଲା ~ ଦୁଆର୍ ଚରବଡରଏନା ଏହି ସ୍ତ୍ରୀ ଘରେ ପଶିବାରୁ ଘରଦ୍ୱାର ଛିନ୍ନଛତର୍ (ନଷ୍ଟ) ହୋଇଗଲା

ଚରମିଟିସ୍ବା.—ବିଂ. ଦୁର୍ବଳିଆ ହୋଇ, କଣ୍ଠା ହୋଇଥିବା ବାଲ

ଉ: ନୁଇ ଚରମିଟିସ୍ବା ଦ ଅହସ୍ତ୍ କା.ମି କେସ୍ବା—ଏହି ଦୁର୍ବଳିଆ କଣ୍ଠା ହୋଇଥିବା ଲୋକ କାମ କରି ପାରିନାହିଁ

ଚରି.—ବି. ଛିଣ୍ଡା, ଟୁକୁରା

ଚରିସ୍—କ୍ରି. ଚିରିବା, ଛିଣ୍ଡାଇବା

ଚରି.ଚରି—କ୍ରି.ବିଂ. ଛିଣ୍ଡାଛିଣ୍ଡି

ଉ: ଲୁଗୁଲି ଦ ଆଲପେ ଚରି.ଚରିସ୍ବା - ଲୁଗାକୁ ଛିଣ୍ଡାଛିଣ୍ଡି କର ନାହିଁ

ଚରଦ୍—ବି. ସଂକୀର୍ଣ୍ଣତା, ଛୋଟ ଜାଗା ବିଂ. ସଙ୍କୀର୍ଣ୍ଣ

ଉ: ବାଞ୍ଜ୍ ଦ୍ ଧରି ଚରଦ୍ ରେକ ଡାହେଁନ୍ଆ - ସାପମାନେ ପଥରର ସଂକୀର୍ଣ୍ଣ ସ୍ଥାନରେ ରହନ୍ତି

ଚର୍ତା.—ବି. ଚରିଇତା ଔଷଧ ଗୁଳ୍ମଗଛ ବିଶେଷ

ଚରିବରି— କ୍ରି.ବିଂ. ଛୋଟ ଛୋଟ ପତଲା କରିବା

ଉ: ମାଁଦ୍ ଚରିବରି ପାଲାଃଗ୍ ମେ - ବାଉଁଶକୁ ଛୋଟ ଛୋଟ ପତଲା କରି କାଟ

ଚରୁଘାସ୍—ବି. କୁଶ ଘାସ

ଚର୍ଅକାଲ୍—ବି. ଚରକାଲ

ଚଲ୍କା. ଚଲ୍କ—କ୍ରି.ବିଂ. ଶରୀରର ଶିହରଣ (ଯାହା ଜ୍ୱର ଆଗରୁ ଉତ୍ପନ୍ନ ହୁଏ)

ଚଲା.—ବିଂ. ଚତୁର, ଗୁଣି

ଚଲ୍ଚଲ୍ଲ—କ୍ରି. ବିଂ. କୋଲାହଳ କରିବାର ପ୍ରକ୍ରିୟା

ଚଲମ୍—ବି. ହୁକା, ଚଲମ କ୍ରି. ଚଲମ ଟାଣିବା, ହୁକା ପିଇବା

ଚଲି —ସ. କଏ

ଚଲିଚଂ—କ୍ରି.ବିଂ. କଏ କେଜାଣି

ଚସ୍—ଅ. ଧେତ୍ (ବିରକ୍ତାତ୍ମକ ଶବ୍ଦ)

ଚହ୍ଲା.ଓ—କ୍ରି. ଚହଡ଼ିବା, ଚିତ୍କାର କରିବା

ଚହ୍ରା.ଓ୍—କ୍ରି. ଶିହରଣ ହେବା, ରୋମ ଟାଙ୍କୁରିବା

ଉ. ଦା ~ ହଲ୍ମରେ ଇରଜଡରା ହଲ୍ମଡଞ୍ଜ୍ ଚହ୍ରା.ଓ ଗଦ୍ଏନା - ଦେହରେ ପାଣି ଟୋପା ସଂଗେ ସଂଗେ ଦେହ ମୋର ଶିହରି ଉଠିଲା ବା ରୋମ ଟାଙ୍କୁରି ଉଠିଲା

ଚହଡ଼ି ଡାଂ ବା ସୁହାଲି ଡାଂ—ବି. ନୌକା ବାହିବା ଡାଙ୍ଗ ବା ବାଡ଼ି

ଉ: ଲ.ଉଲିଆ ଚହଡ଼ିଡାଂତେ ଲ.ଉକା.ସ୍ ରୁଲାଓଏଦା-ନାଉରିଆ ସୁହାଲି ଡାଙ୍ଗ ଦ୍ୱାରା ନୌକା ବାହୁନେଉଛି

ଚହିଁହିଁ—କ୍ରି. ବିଂ. ଘୋଡ଼ାର ଚହଡ଼ିବା, ରଡ଼ିବା (ଶବ୍ଦ)

ଉ: ସାଦମ୍ ଚହିଁହିଁସ୍ ସାତେ ଅତଏଦା-ଘୋଡ଼ା ହିଁ ହିଁ ରବ କରୁଛି

ଚଲ୍(ଡ)ଆ.ଉ—କ୍ରି. ଚଢ଼ାଇବା

ଉ: କଲାକ କୁଲିକ ଚଡା.ଉଏଦ୍ କଆ - ଯୁବକମାନେ ଯୁବତୀମାନଙ୍କୁ ଚଢ଼ାଉ ଅଛନ୍ତି

ଚୁଆ.—କ୍ରି. ଚୁଆ କରିବା, ଜୁଆଁଇବା

ଉ: ଗ୍ରନ୍ ରେହେଦ୍ ଚୁଆ.ସ୍ମ ମେ—ଔଷଧ ଚେରକୁ ଜୁଆଇ ରଖ

ଚୁଆ.ଉ—କ୍ରି. ଚୁହିଁବା, ପିଇବା

ଉ: ହଲ୍ ଦ କ୍ଷିନା. ହା.ଣ୍ଡି କ ଚୁଆସ୍ୱ.ଆ—ଲୋକମାନେ ଘରେ ହାଣ୍ଡିଆ ଜୁଆଇ ରଖନ୍ତି, ଜିକ ଦ ମାସ୍କାମ୍କ ଚୁଆ.ଉଆ—ଜୋକମାନେ ରକ୍ତ ଶୋଷନ୍ତି

ଚୁଆ.ଲ୍ —ବିଂ. ଜୁଆଡ, ବଦମାସ୍, ନିଷ୍ଠୁର

ଚୁଇଁସ୍କା. ଂ—ବି. ମାଛକାଣ୍ଟ

ଉ: ହେଣା ହାକୁ ଚୁଇଁସ୍କା. ଂକ ଦ ଲଠୁ ଆର୍ ଗୁଲା.ଣ୍ଡ୍ ଗେସ୍କା—ବଡ଼ ମାଛର କାଣ୍ଟଗୁଡ଼ିକ ବଡ଼ ଓ ଗୋଲ ହୋଇଥାଏ

ଚୁଇହୁଁର୍—ବିଂ. ମୁନିଆଁ

ଉ: ସୁଇ ଦ ଚୁଇହୁଁର ଗେସ୍କା— ଛୁଞ୍ଚି ମୁନିଆଁ ଅଟେ

ଚୁଇଗା—ବିଂ. ମୁନିଆଁ, ଉ: ଚୁଇଗା ସା.ବ୍ଲକେ ଡା.ରୁବ୍ ସବ ଂଏମ୍—ବାପକୁ ମୁନିଆଁ ଶାବଲରେ ଫୋଡ଼ିଦିଅ

ଚୁଇମୁର୍—ବି. ଛୁଞ୍ଚିମୁହାଁ/ମୁହ

ଚୁକ୍—ବିଂ. ଭୁଲ୍. ଅଜାଣତ

ଉ: ଭୁଲ୍ ଚୁକ୍‌ତେ ଆମ୍ଇଞ୍ଜୁ ଏଗେର୍ କେଦ୍‌ମେସ୍କା ଇକା. କାଞ୍ଜୁମେ—ଅଜାଣତରେ ଭ୍ରମ ହେବାରୁ ମୁଁ ତୁମକୁ ଗାଳି ଦେଇଛି ମୋତେ କ୍ଷମା ଦିଅ

ଚୁକ୍‌ଚୁକ୍—କ୍ରି. ସ୍ନେହ କରିବାର ପ୍ରକ୍ରିୟା, ଚୁ ଚୁ କହି ଆଦର କରିବା

ଚୁକ୍‌ଥ—କ୍ରି ଚୁକ୍ତିକରି ଦେବା, ଦେଇକରି ନିଶ୍ଚିତ କରିବା

ଚୁକ୍‌ଥ ଫୁଲୁ ଂ—ବି. ଗୁଣକୋଣିଆ ପଣ୍ଡନା

ଚୁକରି—ବି. ଦ୍ୱିପ, କ୍ରି. ଦ୍ୱିପ ସ୍ଥାନରେ ରହିବା, କୂଳରେ ହେବା କ୍ରି. ବିଂ. କୂଳେ କୂଳେ (ଯିବା, ବସିବା)

ଚୁକି—ବି. ଚକି

ଚୁକୁଣ୍ଡିନ୍—ବି. ଏକପଙ୍କ୍ତି ଗଡ଼ିତା ଦନା, ମୁଠା କରିବା

ଚୁକା ଂ—ବି. ଛୋଟ କଳସୀ

ଚୁକା ଂଘାଓ—ବି. ଏକ ପ୍ରକାରର ଘା ଯାହାର ମଝିରେ ଗନ୍ଧଡ଼ିଆ ହୋଇଥାଏ

ଚୁକା.ଉ—କ୍ରି. ଚୁକ୍ତି କରି ଦେବା

ଚୁକୁଲା.—ବିଂ. ଚେପା, କ୍ରି. ଚେପା ହେବା

ଚୁକୁଚ୍—କ୍ରି. ହାତ ମୁଠାକରି ସାମାନ୍ୟ ଆଘାତ କରିବା

ଚୁକୁଚ୍ ଚୁକୁଚ୍—କ୍ରି. ବିଂ. ଧୀରେ ଧୀରେ ଛୋଟାଇ ଛୋଟାଇ ଯିବା ବା ଆସିବା, ଉ: ଉନି ଚୁକୁଚ୍ ଚୁକୁଚ୍ ଏ ହେକ୍‌ଏନା—ସେ ଧୀରେ ଧୀରେ ଛୋଟାଇ ଛୋଟାଇ ଆସିଲା

ଚୁକୁପ୍ ଚୁକୁପ୍—କ୍ରି. ବିଂ. ଚୋବାଇ ଚୋବାଇ

ଚୁକପ୍ ଚୁକପ୍—କ୍ରି. ଚୋବାଇ ଚୋବାଇ ଜିନିଷର ସ୍ୱାଦ ପରଖିବା

ଚୁଗୁଲ୍—ବିଂ. ଶୀଘ୍ର, ଚଞ୍ଚଳ

ଚୁଗୁଲ୍ ଡାଲାମ୍—କ୍ରି. ଶୀଘ୍ର ଛୋଟ ଛୋଟ ପାଦ ପକାଇ ଚାଲିବା ଢଙ୍ଗ

ଚୁଗୁଲି ଚୁଗୁଲି, ଚଗଲ୍ ବଗଲ୍—କ୍ରି. ବିଂ. ଅଯଥା କଥା, ବାଚାଳତା, ଉ: ଚୁଗୁଲି ଚୁଗୁଲି ରଡ ଦ ବାଂ ଆଞ୍ଜାମ୍ ସାନାଞ୍ଜୁଆ-ଅଯଥା କଥା ମୋତେ ଶୁଣିବାକୁ ଭଲ ଲାଗେ ନାହିଁ

ଚୁଗୁଲି—କ୍ରି. ଚୁଗୁଲି କରିବା, ଅନ୍ୟ ନାମରେ ମିଛ କହିବା

ଚୁଗୁଲିଖୁର୍—କ୍ରି. ଚୁଗୁଲିଖୋର

ଉ: ଚୁଗୁଲିଖୋର୍ ହଲ୍‌ଆଁ କାଥା ଆଲମ୍ ଆଞ୍ଜମ୍ଆ ବାଂଗାନ୍ ନିଚେଲୁଂ ଡାପାମ୍ଆ—ଚୁଗୁଲିଖୋର ଲୋକ କଥା ଶୁଣ ନାହିଁ ନଚେତ୍ ଆମେ ନିଶ୍ଚୟ ଲଢ଼ା ଲଢ଼ି ହେବା

ଚୁଂ—ବିଂ. ଛୋଟିଆ, ଅପ୍ରଭାବଶାଳୀ

ଚୁଂଗା.—ବି. ଚୁଙ୍ଗା

ଚୁଂଗି—ବି. ଚୁଙ୍ଗି, ଢିବି

ଚୁଚୁ ଂ—ବି. ଯୋନି

ଚୁଚୁଙ୍ଗୁଡ୍—କ୍ରି. ଗୋଡ଼ ଉପରେ ଭରାଦେଇ ବସିବା (ଢଙ୍ଗ)

ଚୁଚୁ—ବି. ପାଣିବେତ ଗଛ

ଉ: ଗାଡ଼ା ଆଲେ ଆଲେତେ ଚୁଚୁ ଗାଜାଲ୍ ଆକାନା—ନଦୀ କୂଳେ କୂଳେ ପାଣିବେତ ଗଛର ଜଙ୍ଗଲ ହୋଇଛି

ଚୁଞ୍ଚି (ଚୁଂଚ)—ବି. ସ୍ତନର ଅଗ୍ରଭାଗ (nipple)

ଚୁଟ୍‌କି—ବି. ଚୁଟ୍‌କି

ଚ଼ୁଟ୍‌ମୁଲ୍—ବି. ଲମ୍ବଚ଼ୁଟି

ଚ଼ୁଟ୍‌ଚ଼ୁଟ୍—କ୍ରି.ବିଂ. ଇଚ୍ଛା, ଧୈର୍ଯ୍ୟ

ଚ଼ୁଲ୍‌ଚ଼ୁଲ୍—କ୍ରି. ଇଚ୍ଛା କରିବା

ଚ଼ୁଟି—ବି. ଚପଲ

ଚ଼ୁଟିସ୍କା.—କ୍ରି.ବିଂ. ଖରାପ, ବଦମାସ, ବି. ସାନମୂଷା

ଚ଼ୁଟିସ୍କା ସ୍ୱନ୍‌ଜ୍ଜଲମ୍ ଦାରେ—ବି. ଏକପ୍ରକାରର ଗଛର ନାମ

ଚ଼ୁଟିସ୍କା ସ୍ୱଣ୍ଡ୍‌ଲମ—ବିଂ. ଶ୍ରେଷ୍ଠ ମୂଷାର ଲାଞ୍ଜ ପରି, ଲମ୍ବରେ ଶ୍ରେଷ୍ଠ ଓ ସରୁ

ଚ଼ୁଟିସ୍କା ବା.ରଦୁଲକ୍—ବି. ଚେମିଣି, ଶ୍ରେଷ୍ଠ ଆକାରର ବାଦୁଡ଼ି

ଚ଼ୁଟିଲ୍ଲ ସ୍ଲୁଟୁଂ—ବି. ଏକପଜ୍ଞିଆ ଦନା

ଚ଼ୁଟିଂ—କ୍ରି. ଲୁଚ୍ଛ ମନେକରି ଚ଼ୁଟିଂ ଶବ୍ଦ ପ୍ରୟୋଗ କରି ଗାଳି ଦେବା । ଓଡ଼ିଆରେ "ମୁଢ଼" ସହିତ ସମାନ କରା-ଯାଇପାରେ

ଚ଼ୁଟିଞ୍ଜ୍‌ମୁତ୍—ବି. ଅତି ଶ୍ରେଷ୍ଠ ପିମ୍ପୁଡ଼ି

ଚ଼ୁଟୁ—ବି. ଚ଼ୁଟିଆ ମୂଷା

ଚ଼ୁଟୁଂ—କ୍ରି.ବିଂ. ଆଗକୁ ବାହାରିଥିବା, ଆକାରରେ ବଡ଼
କ୍ରି. ଉତ୍‌ଷଣାତ୍ ବାହାରି ପଡ଼ିବା

ଉ: ଚ଼ୁଟୁଂ ସାହିଁଞ୍ଜ୍ ଡେଙ୍ଗାଂ ମେ - ଆଗକୁ ଲମ୍ବାଇ କରି ଲୁଗା ପିନ୍ଧ

ଚ଼ୁଟୁବ ଚ଼ୁଟୁବ୍—କ୍ରି.ବିଂ. ଉତ୍ସାହ ସହକାରେ

ଉ: ଚ଼ୁଟୁବ୍ ଚ଼ୁଟୁବ୍ କାମିସ୍କେ ଲୁଟା.ଉ ଆକାନା—ଉତ୍ସାହ ସହକାରେ କାମରେ ଲାଗି ପଡ଼ିଛୁ

ଚ଼ୁଟୁଣି—ବି. ଚଟୁଣୀ, ଚଟଣୀ

ଚ଼ୁଡ୍‌ରୁକ୍—ବିଂ. ଗୁଣ୍ଡ୍‌ଚ଼ି ମୂଷାର ଚ଼ୁଡ଼ୁର ଚ଼ୁଡ଼ୁର ଶବ୍ଦ

ଚ଼ୁଡ୍‌ରୁକ୍—କ୍ରି. କିଛି ପାଣି ଟାଳିଦେବା

ଉ: ଇରେ ଦାଂ ଚ଼ୁଡ୍‌ରୁକ୍ ଆଞ୍ଜ ମେ - ମୋ ହାତରେ କିଛି ପାଣି ଢାଳି ଦିଅ

ଚ଼ୁଡୁର୍ ବୁଡୁର୍—କ୍ରି. ବିଂ. ଫନ୍ଦିକଡାମି, ଲମ୍ଫଟ୍‌ଗିରି

ଉ: ହେନ୍‌ଦା ଜା ଡେଦାଃଏମ୍ ଚ଼ୁଡୁର୍ ବୁଡୁର୍ ବାଲାସ୍କୁ କାନା - ହଇ ହେ କାହିଁକି ତୁ ଫନ୍ଦିକଡାମି କରୁଅଛୁ ?

ଚ଼ୁଡୁବୁଡୁ—କ୍ରି. ବିଂ. ତରତର, ଚଞ୍ଚଳତା

ଉ: ଡେଦାଂ ଚସ୍କୁ ଚ଼ୁଡୁବୁଡୁ ବାଲାସ୍କୁ.କାନ ଅକସ୍କୁବାଡ଼ାସ୍କୁ ? କାହିଁକି କେଜାଣି ତରତର ହେଉଛୁ କିଏ ଜାଣେ ?

ଚ଼ୁରୁର୍—ବିଂ. ଚତୁର, ଚାଲାକ

ଚ଼ୁଦ୍ଧା.ଉ—କ୍ରି. କଥା ବୁଲିବା, ଫୁଟାଣି କରିବା

ଚ଼ୁଦ୍ଧା.ଲିସ୍କା—ବିଂ. ବେଶ୍ୟା

ଚ଼ୁଦ୍ଧ—ବିଂ. ଦୁଷ୍ଟା, ଦୋସ୍କରୁଣୀ

ଚ଼ୁଦୁ—ବିଂ. ମୂର୍ଖ

ଚ଼ୁଁଦୁ—ବିଂ. ଲୁଚ୍ଚ

ଚ଼ୁନ୍—ବି. ଚ଼ୁନ

ଚ଼ୁନ୍‌ଠଙ୍ଗା—ବି. ଚ଼ୁନ ରଖିବା କାଉଁଶ ନଳୀ

ଚ଼ୁନ୍‌କୁଃ—କ୍ରି.ବିଂ. ଅଗ ପାଦରେ ଭରା ଦେଇ ଠିଆ ହେବାର ପ୍ରକ୍ରିୟା

ଚ଼ୁନ୍‌ଡ଼ିଲୁଃ—ବି. ବେଇମାନ, ଧପାବାଜ୍

ଚ଼ୁନ୍‌ଡ଼ାଃ ଚ଼ୁନ୍‌ଡ଼କାଃ—ବିଂ. କନିଷ୍ଠ

ଚ଼ୁନ୍‌ଡ଼ି ଚ଼ୁନ୍‌ଡ଼କି—ବିଂ. କନିଷ୍ଠ ପୁତ୍ରୀ

ଚ଼ୁନ୍‌ଡୁକ୍ ମେନ୍‌ଡେ—କ୍ରି. ବିଂ. ଚଟ୍‌ପଟ୍, ଶୀଘ୍ର ଶୀଘ୍ର

ଉ: ଚ଼ୁନଡୁକ ମେନ୍‌ଡେ ଡା.ଲ୍ କେଦଆ - ଶୀଘ୍ର ଶୀଘ୍ର ଦୌଡ଼ି ପଳାଇଲା

ଚ଼ୁନ୍‌ଡ଼ା.ଆଲାଂ—ବି. ଏକ ପ୍ରକାର ଶାଗ ତରକାରୀ କରି ଖାଆନ୍ତି

ଚ଼ୁନ୍‌ଡାଲ୍ ବା.ନ୍‌ଡୁଲ୍—କ୍ରି. ବିଂ. ଏପାଖ ସେପାଖ, ଏଣେ ତେଣେ । କ୍ରି. ଢଳାଇ ଦେବା

ଚ଼ୁନା—ବି. ଚ଼ୁନା powder

ଚ଼ୁନା.ଉ—କ୍ରି. ବାଛିବା, ନିର୍ବାଚନ କରିବା

ଚ଼ୁନି—ବିଂ. ଅତି ଶ୍ରେଷ୍ଠ

ଚ଼ୁନି ଚ଼ୁନି—କ୍ରି.ବିଂ. ଅତି ଶ୍ରେଷ୍ଠ ଶ୍ରେଷ୍ଠ, ଚ଼ୁନିଚ଼ୁନି

ଚ଼ୁନି—ବି. ଏକ ପ୍ରକାରର ବହୁମୂଲ୍ୟ ରତ୍ନ

ଚ଼ୁନିମୁନି—ବିଂ. ଶ୍ରେଷ୍ଠବଡ଼, ଭଲ ଓ ଖରାପ

ଉ: ଚ଼ୁନିମୁନି ଜତ ହାତାଓମେ - ଶ୍ରେଷ୍ଠ ବଡ଼, ଭଲ ଓ ଖରାପ ସବୁକୁ ଗ୍ରହଣ କର

ଚୁପ୍—କ୍ରି. ବିଂ. ଚୁପ୍, ନୀରବ, କ୍ରି. ଚୁପ୍ ରହିବା, ନୀରବ ରହିବା

ଚୁପା.—ବି. ଚୈପା

ଚୁପ୍ରୁ—କ୍ରି. ସୂଚନା ଦେବା

ଚୁପ୍ରୁସୁଂଲ୍ଲି—ବି. ଗୁଣ୍ଡକଣିଆ ଚୂନା

ଚୁପ୍ଣ—ବିଂ. ଖାଲି, କ୍ରି. ବିଂ. ଛେଟିଆ

ଚୁପି—ବି. (ପକ୍ଷୀ ବା ମାଛ) ଲାଞ୍ଜ ବା ପୁଚ୍ଛ

ଚୁପିଗ୍ଲୁଜୁଙ୍ଗ—ବି. ବରବାଦ୍

ଚୁପିଗ୍ଲୁଡୁଇଅଃ—କ୍ରି. ବରବାଦ ହେବା, ବରବାଦ କରିବା

ଚୁପୁଲ୍—ବି. ହାତମୁଠା, ମୁଠି, କ୍ରି. ମୁଠାକରି ଦେବା, ଅଧୀନରେ ରଖିବା, ହାତେଇବା

ଚୁପୁଲ୍ ପିଠା.—ବି. ହାତ ମୁଠାରେ ତିଆରି ପିଠା

ଚୁପୁସ୍ କୁଷ୍ଠ—କ୍ରି. ଶୁଖି ଚେପାହେବା

ଚୁବା. ∞—କ୍ରି. ଶାନ୍ତ କରିବା

ଉ: ସ୍ରୀ.ଗି ହୁଲ୍ ନାପାସ୍ତୁ ରଲତେ ଚୁବା. ∞ ଅବଆସ୍ତୁ—ସ୍ତ୍ରୀ ଲୋକ ଉତ୍ତମ କଥାରେ ଶାନ୍ତ ହୋଇଯାଏ

ଚୂବା. ∞—ବି. ଆଖିରେ ପଡ଼ିଥିବା କଳଙ୍କ

ଉ: ଚେଦ୍‌ଚେମ୍ ଚୂବା. ∞ ଏନା—କ'ଣ ଟାଏ ଆଖିରେ ପଡ଼ିଛି ?

ଚୁବୁଜ୍(ର୍)—କ୍ରି. ଛୁଞ୍ଚି ବା କଣ୍ଟାରେ ସାମାନ୍ୟ ଭାବେ ଫୋଡ଼ିବା ବା ଫୋଡ଼ି ହେବା, ଉ: ର ∞ ଜକେଳ୍ ସୁଇ ତେଞ୍ଜ୍ ଚୁବୁଜ୍ ଏନା—ସିଲେଇ କରିବାବେଳେ ଛୁଞ୍ଚିରେ ଫୋଡ଼ିହେଲି

ଚୁମ୍ବକ୍, କ୍ରି. ବିଂ.—ସଂକ୍ଷେପ, ବିଂ. ସଂକ୍ଷିପ୍ତ

ଚୁମ୍ବୁକ୍, ଚୁମ୍ବାକ୍—ବି. ଚୁମ୍ବକ

ଚୁମ୍କାଃ—ବି. ଗୋଲାକାର, ବିଂ. ଗୋଲାକାର ଭାବେ

ଚୁମ୍କା.ଃ ଚୁମ୍କା.ଃ—କ୍ରି.ବିଂ. ଏଠି ସେଠି ଗୋଲାକାର ଭାବେ

ଚୁମ୍କା.ଃ ଇପିଲ୍—ବି. କୃତ୍ତିକା ନକ୍ଷତ୍ର, ଏକତ୍ର ବହୁତ ତାରାପୁଞ୍ଜ

ଚୁମ୍କୁଚ୍—କ୍ରି. ବିଂ. ଗୋଲାକାର ହୋଇ (ହାତ ଗୋଡ଼ ଏକତ୍ର ବାନ୍ଧି କରି ବସିବା ସ୍ଥିତି)

ଚୁମ୍ ଚମ୍ବା.—ବି. ପିଲାଙ୍କର ଏକ ପ୍ରକାର ଖେଳ (ଏନେଲ୍) (ରୁମାଲ୍ ଚୋର)

ଚୁମ୍ଙ୍କୁ—ବିଂ. କୁପିତା ନାରୀ, ସର୍କିଣୀ, ଝଗଡ଼ା କରିବା ପ୍ରବୃତ୍ତି ଥିବା ସ୍ତ୍ରୀ

ଚୁମ୍କ—ବି. ଚୁମ୍କ ପଥର (ସାପ ବିଷ ଶୋଷକ ପଥର)

ଚୁମାନ୍—ବି. ପରିକ୍ରମା

ଚୁମା ଢୁଲା—କ୍ରି. ପରିକ୍ରମା କରିବା, ଗୋଲାକାରରେ ବୁଲିବା, ନାଚିବା

ଚୁଇଁଃ—ବି. କାଣ୍ଡ (ମାଛ କାଣ୍ଡ, ସାପ କାଣ୍ଡ)

ଚୁର୍କା.—ବିଂ. ଡରୁଆ, ଭୀରୁ

ଚୁର୍କା ଭୁର୍କା—କ୍ରି. ବିଂ. ବଗୁଡ଼ି ରହିଥିବା

ଚୁର୍କୁଚ୍ ଭୁର୍କୁଚ୍—କ୍ରି. ବିଂ. ଏଣେ ତେଣେ, ଅସଜଡ଼ା

ଚୁର୍ଗୁଲୁଜ୍—ବିଂ. ମନଗଢ଼ା କାହାଣୀ

ଚୁର୍ଚୁ—ବି. ଏକ ପ୍ରକାରର ଛୋଟ ଗଛ (ବାଡ଼ ଦେବା କାମରେ ଲାଗେ)

ଚୁର୍ଚୁଟ୍—ବି. ଝିଟିପିଟି, ବିଂ. ସାନ, ଛୋଟିଆ କ୍ରି. ଛୋଟିଆ ହେବା

ଚୁର୍ମାର୍—କ୍ରି. ବିଂ. ଅତିଶୀଘ୍ର, ଲଗାତର

ଚୁର୍.ତାର—କ୍ରି. ବି. ଲଗାତର, ଅବିରାମ

ଚୁର୍.ଢ—କ୍ରି. ଗୁଳୁକ ମାରିବା, ଝାଡ଼ିରେ ପିଟିବା, ଝାଡୁରେ ପିଟିବା

ଚୁଶ୍ଯା ∞—ବି. ଛୋଟ କଳସୀ

ଚୁଲୁ—କ୍ରି. ବିଂ. ପୂର୍ଣ୍ଣ, ଯଥାର୍ଥ ଭାବେ ପୂରଣ ଥିବା

ଚୁଲୁଚ୍—ବିଂ. ତିନ ଆଙ୍ଗୁଠି ଭର୍ତ୍ତି ପରିମାଣ, କ୍ରି. ଅଳ୍ପ କିଛି କୌଣସି ପାତ୍ରରେ ରଖିବା

ଉ : ବୁଲୁଂ ପାତ୍ରଲାରେ ଚୁଲୁଚ୍ ଇଦମେ—ଅଳ୍ପ କିଛି କିଛି ଲୁଣ ଖଲି ପତ୍ରରେ ଟୁଲେଇ ଟୁଲେଇ ଦିଅ

ଚୁଲୁଚ୍ ସୁଏଲେ—ବି. ଅର୍ପିତ ଭୁଲ

ଚୁଲୁବୁଲୁ (ଚୁଲୁଚୁଲୁ)—କ୍ରି. ବିଂ. ପୂର୍ଣ୍ଣରୁ ଅଧିକ (ଲଦିବା)

ଚୁଲୁଇ—ବି. ଚୁଲ୍ଲୀ

ଚୁଲ୍ତ—ବିଂ. ଚଳନ୍ତି, ଚଳବାଦାଲି, ଧନୀ

ଚୁଲ୍ଚୁଲୁ—ବିଂ. (ମଦର) ଚୁଲା ପରି, ବ ଗଦାଇବା

ଚୂଳା.—ବି. ଶିଖର, ଶିଖା, ଚୂଡ଼ା, ଉପରଭାଗ

ଚୂଲ—ବି. ଚୂଡ଼ୀ

ଚୂଲନ୍—ବି. ସେନ୍ଧଣି

ଚୂଲ୍‌ଚୂଲ୍‌ଆ.—ବିଂ. ଚୂଲ୍‌ବୁଲ୍‌ୟା, ନଷ୍ଟଖଟିଆ

ଚୂଲ୍‌ହା,ଗ୍ରୁସ୍ନା—ବି. ଚୁଲି

ଚୂଲ୍‌ହା.ଉ—କ୍ରି. ଅଧିକ କରି (ଗଦା କରିବା, ଠୁଳେଇବା)

ଚୂଲ୍‌ହା.—ବି. ଅସ୍ଥାୟୀ ଚୁଲି

ଚୂଲୁଂ—ବିଂ. ଅଡଅଲ୍ପ, କଷ୍ଟ, ଅପ୍ରସ୍ତୁତକାରୀ

ଚୂଲୁଂଚୂଲୁଂ—କ୍ରି.ବିଂ. ଶୀଘ୍ର ଶୀଘ୍ର

ଚୂଲୁଂ ଲୁଟୁଂ—କ୍ରି.ବିଂ. ଉଦ୍ଦେଶ୍ୟବିହୀନ ଚଲାବୁଲା

ଚୂଲୁଂମାରଡେ—କ୍ରି.ବିଂ. ଝଟ୍‌କରି, ଶୀଘ୍ରତାପୂର୍ବକ

ଚୂମ୍ବୁହୁଁରୁ—ବିଂ. ମୁନିଆ, କ୍ରି. ମୁନିଆ କରିବା

ଚୂସା.ଉ—କ୍ରି. ଚୁଷିବା

ଚୂହ୍ନା.ଉ—କ୍ରି. ଚହିଁବା

ଚେଓଁ ଚେଓଁ—କ୍ରି.ବିଂ. ଖାଉଆ, ଲୁଣିଆ

ଉ: ଉଲୁଆ.ଞ୍ଜ ଚେଓଁ ଚେଓଁ ଏନା - ତରକାରୀ ବହୁତ ଲୁଣିଆ ହୋଇଛି

ଚେଁଃ—କ୍ରି.ବିଂ. ଅଚାନକ ଧରିବା ବେଳେ ମୂଷା ଚେଁଃ ଶବ୍ଦ କରେ

ଉ: ପୁଷି ଗୁଞ୍ଜୁ ଚେଁଃ ମେନ୍ଦ୍ରେ ସାବ୍ କେଦେସ୍ୱାସୁ - ବିଲେଇ ମୂଷାକୁ ହଠାତ୍ ଧରିବାରୁ ମୂଷା ଚେଁଃ କଲା

ଚେକ୍‌ବୁହ୍—ବି. ଚେକ୍‌ବହି cheque book

ଚେକା—ବି. ଚେକା (ଘାସମିଶା ମାଟିଢେଲା)

ଚେକା—କ୍ରି. ବିଂ. କପରି, କେମିତି

ଉ: ଚେକା ଲେକା ଡେମ୍ ହେଜ୍‌ଆକାନା ? - ତୁମେ କେମିତି ଆସିଛ ?

ଚେକାସୁ ଚକାସୁ—କ୍ରି. କପରି କରିବ, କଣ ହେବ

ଚେକାଡେ ଚକାଡେ—କ୍ରି. ବିଂ. କ ପ୍ରକାରରେ

ଚେକାଲେକା—କ୍ରି. ବିଂ. କେମନ୍ତ

ଚେକାଲେକାଡେ—କ୍ରି.ବିଂ. କ ଉପାୟରେ, କେଉଁ ବାଟରେ

ଚେଁଗେହାଲୁ—ବି. ଚେଙ୍ଗ ମାଛ

ଚେଂଚେଂଗେସ୍ୱା—ବିଂ. ଛଟ୍‌ପଟିଆ, ଦୁଷ୍ଟ

ଉ: କମ୍ କଟୋକ୍ ମା ଚେଂଚେଂଗେସ୍ୱା ଲେଟ୍‌କାକହେଜ୍ ଲେନା- ଖାଇବାବେଳେ ଛଟ୍‌ପଟିଆ (ଦୁଷ୍ଟ) ପିଲାମାନେ ପହଞ୍ଚିଲେ

ଚେଂଗାଡ୍—କ୍ରି. ଶିଖାଇ ଦେବା, ଶିଖିନେବା, ଆୟତ୍ତ କରିନେବା

ଉ: କୁଲକ ଆଲ୍‌ଗା ତେଗେ ସେରେଣ୍ଡାକ ଚେଂଗାଡ୍ (ଚେଦ୍) ଗଦ୍ କେଦ୍‌ଆ - ଝିଅମାନେ ସହଜରେ ଗୀତ ଗୁଡ଼ିକ ଶିଖି କରି ଆୟତ୍ତ କରି ନେଲେ

ଚେଁଚେଁ—କ୍ରି. ବିଂ. ଚେ ଚେଁ

ଉ: ପୁକୁସି ଲେକା ଆଲପେ - ଚେଁଚେଁ ହୁଅନାହିଁ

ଚେଚେଦ୍—କ୍ରି. ଶିଖିବା, ଶିକ୍ଷା ଗ୍ରହଣ କରିବା

ଉ: ଚେଚେଦ୍ ଏ ଦୁନ୍ଦୁପ୍ ଆକାନା - ଶିଖିବା ପାଇଁ ବସିଛି

ଚେଚେଦ୍‌ଆ ∞—ବି. ଶିକ୍ଷା ଉପକରଣ

ଚେଃଚେଦ୍‌ଇକ୍—ବି. ଶିକ୍ଷା ଦେବାବାଲା, ଗୁରୁ

ଉ: ଚେଃଚେଦ୍‌ଇକ୍ ଜହାର୍ ଆସୁ ମେ - ଗୁରୁଙ୍କୁ ପ୍ରଣାମ କର

ଚେଲ୍ଲୁ—ବି. ବାଉଁଶ ବା ଲମ୍ବ କାଠକୁ ଛେଚି ଶୁଖାଇ ମଶାଲ ରୂପେ ବ୍ୟବହାର କରାଯାଏ । ଏଥିରେ ନିଆଁ ଲଗାଇ ହାତୀପରି ବନ୍ୟ ଜନ୍ତୁଙ୍କୁ ରାତିରେ ଘଉଡ଼ାଇ ଫସଲ ରକ୍ଷା କରାଯାଏ

ଉ: ଚେଲ୍ଲୁ ସେଙ୍ଗେଲ୍ ତେ ବିର୍ ସୁବ୍ ହାଲ୍ ଞ୍ଜିଦା ହାତୀକ ଲାଗାକଆ କ୍ଷେତ୍‌ଖନ - ଜଙ୍ଗଲପାଖିଆ ଲୋକମାନେ ରାତି ଚେଲ୍ଲୁ (ମଶାଲ) ଜଳାଇ ହାତୀଙ୍କୁ କ୍ଷେତ ଜମିରୁ ଘଉଡ଼ାଇଥାନ୍ତି

ଚେଲ୍ଲାଓ—କ୍ରି. ଛେଚିବା

ଚେଟ୍ ଚେଟ୍—ବିଂ. ଅଠାଳିଆ ଅଠାଳିଆ

କ୍ରି.ବିଂ. କଡ୍ କଡ୍ (ଚୋବାଇବା) ଶବ୍ଦ

ଚେଞ୍ଜ୍ ଚେଞ୍ଜ୍—ବିଂ. କେଁ କେଁ ହେବା

ଉ: ଚେଦ୍ ଲଗିଦ୍ ନାମ ଚେଞ୍ଜ୍ ଚେଞ୍ଜ୍ ଅ ∞ କାନା - କାହିଁକଲେ କେଁ କେଁ ହେଉଅଛୁ ?

ଚେଟ୍‌ପ୍ରା—ବି. ଚଟାବାସ

ଚେଟ୍‌ରେ—ବିଂ. ଠକୁଆ କ୍ରି. ଠକାଇବା

**ଚେଃ॥**—କ୍ରି. ଧ୍ୱପୁଢ଼ା ମାରିବା, ଆପୁଢ଼ା ଦେବା

**ଚେଃଚେଲ୍**—ବି. ବଜ୍ର, ବଜ୍ରପାତ

ଚେଟେ ଚେଟେ—କ୍ରି. ବିଂ. ବକର ବକର

ଚେଟେ ଚେଟେଃ—କ୍ରି. ବକର ବକର ହେବା

ଚେଡେ ପିଠା—ବି. ଅଣ ଲେଉଟା ପିଠା

ଚେଣ୍ଡେ—ବି. ପକ୍ଷୀ

ଚେଣେ ଚପ୍ରୁଜ୍—ବି. ସବୁ ପ୍ରକାରର ପକ୍ଷୀଗଣ

ଚେତ୍ରୁ—ଅ. କ'ଣ ?

ଚେତାମ୍—ଅ. କ'ଣ ପାଇଁ ତୁମେ

ଚେଦ୍—କ୍ରି. ଶିଖିବା, ଉଃ ଅଲ ॰॰ ଚେଦ୍ ମେ—ଲେଖିବା ଶିଖ

ଚେଦ୍‌ଚ॰—ଅ. ହେବପସ୍ତ, ଅନୁମାନିକ ହୋଇଥିବ

ଉଃ ହୁଇ ଆକାନ୍ ଗେସ୍ତା ଚେଦ୍ ଚ॰—ହୋଇ ଥିବ ପସ୍ତ

ଚେଦ୍‌ଚଅ—କ୍ରି. ବିଂ. କ'ଣଟା

ଚେଦାଃ—କ୍ରି. ବିଂ. କ'ଣ ପାଇଁ

ଚେଦ୍‌ଆ ॰॰—କ୍ରି. ବିଂ. ଶିଖିଥିବା

ଚେଦ୍‌ଲେକା—କ୍ରି. ବିଂ. କପରି, କି ପ୍ରକାରର

ଚେଦ୍ ଲେକାନ୍‌ଆ ॰॰—କ୍ରି. ବିଂ. କି ପ୍ରକାରର ହେବ, କେମିତିକା, ଉଃ ଅନା ଦ ଚେଦ୍ ରେକାନ୍ ଆ ॰॰—ତାହା କି ପ୍ରକାରର ହେବ

ଚେଦ୍ ହୁଁ—ବିଂ. କିଛି ବି

ଉଃ ଅନା କାଥା ଦ ଚେଦ୍ ହୁଁ ବାଂ ହୁସ୍ଥ୍ ଲେନା—ସେ କଥାଟି କିଛି ବି ହେଲା ନାହିଁ

ଚେନ୍—ବି. ଚେନ୍ (ଇଂ) chain ହାର

ଚେନା—ବି. ଚେନା, ଛୋଟ ଫାଳ, ଖଣ୍ଡ

ଚେନ୍ନ—ବି. ଚନ୍ନ

ଚେପା—ବିଂ. ଚେପା (dishaped)

ଚେପେଜ—କ୍ରି. ଫଳଖାଇ ଚୋପା ପକାଇ ଦେବା, ଚୂସି ପରୀକ୍ଷା କରିବା

ଚେପେପେଦ୍—କ୍ରି. ପରସ୍ପରକୁ ଶିକ୍ଷା ଦିଆ ଦେଇ ହେବା

ଚେପେ—ବିଂ. ଚେପାନାକ

ଚେପେଲ୍—ବିଂ. ସଂପୂର୍ଣ୍ଣ, ପୂର୍ଣ୍ଣ

ଉଃ ଝୁଲୁକ୍‌ରେ ଦା ॰॰ ଚେପେଲ୍ ଏନା ଗୁରୁଃ କମ୍ ମେ—ହାଣ୍ଡିରେ ପାଣି ଭରପୂର ହୋଇଛି କାଢ଼ି କରି କମାଇ ଦିଅ

ଚେପେଲ ଚେପେଲ୍—କ୍ରି. ବିଂ. ଉଛୁଳି, ଉଛୁଳା

ଉଃ ଗାଡା ଚେପେଲ୍ ଚେପେଲ୍ ପେରେଜ୍ ଆକାନା—ନଦୀ ଉଛୁଳା ଉଛୁଳି ପୂରି ରହିଛି

ଚେପେସ୍ ଚେପେସ୍—ବିଂ. ସିଠା ନ ହୋଇ ପାଣିଆ ପାଣିଆ ଥିବା, ଉଃ ଜଆ ଦାକାଦ ଚେପେସ୍ ଚେପେସ୍ ଆଇକା. ଉଃକାନା ବାଂ ସିବଲ୍ ଆ—ଏ ଭାତରୁ ପାଣି ଛାଡ଼ ନାହିଁ ଭଲ ଲାଗିବ ନାହିଁ

ଚେମ୍‌କେତ୍—ବିଂ. ସୁନ୍ଦରୀ, ମନୋହାରିଣୀ

ଉଃ ଉନି କୁଲି ଦ ଚେମ୍‌କେତ୍ ଏ ଜେଲ୍ଲଃ କାନା—ସେ ଝିଅଟି ସୁନ୍ଦରୀ ହୋଇଛି

ଚେମ୍ ଚେଲେମ୍—କ୍ରି. ବିଂ. ଭରପୂର

ଚେମ୍‌ଡେଜ୍—ବିଂ. ଉପର ଜମି, ଉଚ୍ଚ ଜମି

ଉଃ ଚେମ୍‌ଡେଜ ଓତ୍‌ରେ ଦ ଘୃଷ୍‌ଗେ ବାଂ ହୁୟୁଃଆ—ଉପର ଜମିରେ ଫସଲ ହୁଏ ନାହିଁ

ଚେମେକ୍ ଚେମେକ୍—କ୍ରି. ବିଂ. ଛୋଟ ଲମ୍ବର ପାଦ ପକାଇ ଶୀଘ୍ର ଶୀଘ୍ର (ଚାଲିବା ପ୍ରକ୍ରିୟା)

ଉଃ ଏନେଜ୍ କୁଲକ ଚେମେକ୍ ଚେମେକ୍ କ ଏନେଜ୍ କାନା—ନର୍ତ୍ତକମାନେ ଛୋଟ ଲମ୍ବର ପାଦ ପକାଇ କ୍ଷିପ୍ରତା ସହ ନାଚୁଛନ୍ତି

ଚେମେଞ୍ଜ୍—ବି. ନେଉଳ

ଚେମ୍‌ଚେଟା—ବି. ଚେମେଣୀ

ଚେମେଙ୍ ଚେମେଙ୍—କ୍ରି. ବିଂ. ଠକ୍ ଠକ୍ (ଖଟ୍ ଖଟ୍) କରି ଶୀଘ୍ର (ଚାଲିବା)

ଉଃ ମେରମ୍ ଚେମେଙ୍ ଚେମେଙ୍ କ ଡାଲାମ୍ ଆ—ଛେଳିମାନେ ଖଟ୍ ଖଟ୍ କରି ଶୀଘ୍ର ଶୀଘ୍ର ଚାଲନ୍ତି

ଚେରସ୍ତୁ—ବିଂ. ବାଙ୍ଗର ହେବା, ବାମନ

ଉଃ ଆମ୍ ଦମ୍ ଚେରସ୍ତୁ ଏନା ବାମ୍ ହାସ୍ତ ॰॰ ଆ—ତୁମେ ବାମନ ହେଲ ବଢ଼ିବ ନାହିଁ

ଚେରୁଚେଟେଜ୍—ବି. ଝିଟିପିଟି

ଚେରୁହା—ବି. ଧୂପ, ଚେଡ଼େଙ୍ଗା

ଢେର—ବି. ଡେର ଫଳ ବିଶେଷ

ଚେରେଙ୍ଗ୍—କ୍ରି. ଶିଶୁକୁ ସ୍ନେହ କରି ହସାଇବା ପ୍ରକ୍ରିୟା, ଲାଳସା ଦେଖାଇବା

ଉ: କଲା ଦ କୁଲିକ ଚେରେଙ୍ଗ୍ କଆ – ଯୁବକମାନେ ଯୁବତୀଙ୍କୁ ଲାଳସା ଦେଖାଇଥାନ୍ତି

ଚେପେରେଙ୍ଗ୍—କ୍ରି. ପରସ୍ପରକୁ ଗେଲ କରି ଖେଳିବା

ଉ: ଲେଟ୍‌କାକନ୍ ଚେପେରେଙ୍ଗ୍ କାନା - ପିଲା ଦୁଇଟି ପରସ୍ପରକୁ ଗେଲ୍‌ଲ୍ ହେଉଛନ୍ତି

ଚେରବେରିଅ—କ୍ରି.ବି°. ଚଢ଼େଇଙ୍କ କଳରବ

ଚେର୍ ଚେର୍—କ୍ରି.ବି°. ବଡ଼ବଡ଼େଇବା, ଅଯଥା କୁହାଟ ପକାଇ କଥା ହେବା

ଉ: ଆଲମ୍ ଚେର୍ ଚେର୍ ଅ ଂ ଆ, ଦାଲ୍ ଏମ୍ ଜମ୍‌ଆ - ଅଯଥା ବଡ଼ବାଡ଼ୁଅ ନାହିଁ (ଭଡ୍‌ଭଡ଼ କର ନାହିଁ) ମାଡ ଖାଇବୁ

କ୍ରି. ବି°. ଚଢ଼େଇର ଚେର୍ ଚେର୍ ଶବ୍ଦ

ଚେଲ୍‌କେଙ୍ଗ୍—ବି°. ଦଦରା, କ୍ରି. ଦଦରା ହୋଇଯିବା

ଉ: ମାରେ ହାଣ୍ଡା ଂ ଜ ଦ ଚେଲ୍‌କେଙ୍ଗ୍ ଏନା - ପୁରୁଣା କୁଲା ସବୁ ଦଦରା ହେଲାଣି

ଚେଲ୍‌କଡ୍—ବି°. ସଫାସୁତୁରା ରହ (ଲୁଗା ପିନ୍ଧିଥିବା ବାଲା/ବାଳି)

ଉ: ସ୍କୋଲ ଅଡ ଂ ଲଗିଦ୍ ଡେହେଞ୍ଜ୍ ଦୟୁଚେଲ୍‌କଡ୍ ଆକାନା - ଆଜି ସେ ଦେଖାଇ ହେବା ପାଇଁ ସଫାସୁତୁରା ଲୁଗା ପିନ୍ଧିଅଛୁ

ଚେଲକ୍ ମେଲକ୍—କ୍ରି. ବି°. ଝଲକ୍ ମଲକ୍

ଉ: ଅକାରିନ ଲୁଲଡ° ହାଟ୍‌ରେ ଚେଲକ୍ ମେଲକ୍ ବାଲାସ୍କାନା- କେଉଁଠିକାର ସ୍ତ୍ରୀଟାଏ ହାଟରେ ଝଲକ୍ ମଲକ୍ ହେଉଅଛୁ

ଚେଲ୍ ଚେକେଙ୍ଗ୍—ବି°. ଅଧିକ ମେଲା ନଥିବା, ଗହଳିଆ

ଉ: ନଆଁ ଦ ଚେଲ୍ ଚେକେଙ୍ଗ୍ ଆଣିକାନା – ଏହା ଗହଳିଆ ଆଲଅଛେ

ଚେଲପେଞ୍ଜ—ବି. ଅଗଣ୍ଠିର

ଉ: ନଆଁ ସୁଖୁରିଦ ଚେଲ୍ ପେଞ୍ଜ୍ ଗେସ୍ତା - ଏହି ପୋଖରୀ ଅଗଣ୍ଠିର ଅଛେ

ଚେଲ୍‌ହେ—କ୍ରି. ଅଣ୍ଟା କରିବା

ଉ: କୁଲି କମ୍ ଚେଲ୍ ହେନ୍ତୁ କ ଡାହେଁକାନା – ତୁମେ କ'ଣ ସ୍ତ୍ରୀ ଲୋକଙ୍କୁ ଅଣ୍ଟା କରୁଛ ?

ଚେଲା—ବି°. କୋଦାଲ ଭରା (ମାଟି) ମାଟି ଢେଲା

ଉ: ମିଦ୍ ଚେଲା ହାସା। ଏମ୍‌ଆ ଂ ମେ - ଏକ କୋଦାଲ ଭରା ମାଟି ପକାଅ (ଦିଅ)

ଚେଲା—ବି. ଚେଲା, ଶିଷ୍ୟ

ଚେଲା°—ବି. ଅଷ୍ଟିକା, ଗ୍ଲେଟହାଣ୍ଡି

ଚେଲେ—ବି° ପ୍ରଶ୍ନବାଚକ - କ'ଣ, କ'ଣଟା

ଉ: ଚେଲେ ଚେଦ୍ ଏମ୍ ବୁଝାଉ କେଦ୍ ଆ - କ'ଣ କ'ଣଟାଏ ବୁଝିଲ ? (କଅଣ କଛୁ ବୁଝିଲ ?)

ଚେଲେନ୍—ଅ. ପରା

ଚେଲେବ୍(ନ୍)—ଉ. ଉନିମା ଚେଲ୍ ନ୍ ସାହେବ୍ କାନାସ୍ତ ? ସେ ପରା ସାହେବ ଅଛେ

ଚେଲେୟା—ଅ. କେତେବେଳେ, କେବେ

ଉ: ଚେଲେୟା ବାମ ଆଞ୍ଜମ୍ ଲେଦ୍ ଗେୟା ? - କେବେ ତୁ ଶୁଣିଲୁ ନାହିଁ ?

ଚେଓ୍ୱେଁକ୍—କ୍ରି. ଅଗ ଛୁଣ୍ଡାଇଦେବା, ଖୁଣ୍ଟିବା

ଉ: ଅନାଦାରେ ଡର୍ ଡେନ୍ତୁ ଚେଓ୍ୱେଁକ୍ ଆଗୁସ୍ତୁ (ଇ) ମେ - ସେ ଗଛର ଅଗିଲାଟାକୁ ଖୁଣ୍ଟିଆଣ

ଚେସ୍—ବି. ଚେସ୍ ଖେଳ

ଚେଯଣ୍ଟା—କ୍ରି. ଚେଷ୍ଟା କରିବା

ଚେହ୍‌ରା—ବି. ମୁଖମଣ୍ଡଳ, ଚେହେରା

ଚେହେରା—ବି°. ସୁନ୍ଦର

ଚେହେଲ୍ ଚେହେଲ୍—କ୍ରି.ବି°. ଢଳଢଳ ହେବା

ଉ: ସା.ଲୁ ସାକାମରେ ଦା ଂ ଚେହେଲ୍ ଚେହେଲ୍ ଓଁ ଂ କାନା- ସାରୁ ପତ୍ରରେ ପାଣି ଢଳଢଳ ହେଉଛି

ଚେହେଲ ଚେପେଲ୍—କ୍ରି. ବି°. ଭରପୂର ହୋଇ ଉଚ୍ଛୁଳି ପଡ଼ିବା ଅବସ୍ଥା

ଉ: ଗାଡ଼ାନାଲା ଚେହେଲ ଚେପେଲ ସୁବା ଆକାନା – ନଦୀନାଳ ଭରପୂର ହୋଇ ଉଚ୍ଛୁଳିବା ଅବସ୍ଥାରେ ରହିଛି

ଚେହେର୍ ଚେହେର୍—କ୍ରି. ବିଂ. ସ୍ନେହ ସହକାରେ ସଦ୍‌ଭାବରେ
ବିଂ. ସୌହାର୍ଦ୍ଦ୍ୟ, ଉ: ଗାଟେନ୍ତ୍ ଡାସ୍ ଏ
ହେକ୍ ଆକାନଖନ୍ ଚେହେର୍ ଚେହେର୍ କନ୍ ଦାଣା ବାଲାସ୍
କାନ—ସେବେଠାରୁ ତା'ର ସାଙ୍ଗ ଆସଛୁ ସେହି ଦିନଠାରୁ
ସେମାନେ ସଦ୍‌ଭାବରେ ବୁଲାବୁଲି କରୁଛନ୍ତି

ଚେହ୍ରାଓ୍ୱ—ବି. ସତର୍କ, ହୁସିଆର୍

ଉ: ନୁଇ ହଲ୍ ଚେହ୍ରାଓ୍ୱ ଟେଟ୍ସାସ୍—ଏ ଲୋକ ହୁସିଆର ଅଛି

ଚେହ୍ରାଓ୍ୱନା—ବିଂ ଚେତାବନି, ସଚେତ
କ୍ରି. ଚେତାବନି ଦେବା, ସଚେତ କରାଇବା

## ଛ

ଛଅ—ବି. ଛ ସଂଖ୍ୟା ୬

ଛଇ—କ୍ରି. ବି. ଛଇ, ଛଟକ, ବାଲୁଙ୍ଗି

ଛଉଏନେକ୍—ବି. ଛଉନାଚ

ଛକଅ—ବିଂ. ଠକ, ଠକୁଆ

ଛକାଛକ—କ୍ରି. ବିଂ. ଛକାଛକ, ଜଗାଜଗି

ଛଟକ—ବିଂ. ଚଟକ, ପେଖନା

ଛଟପଟ୍—ବିଂ. ଚଞ୍ଚଳ, ଛଟ୍‌ପଟ୍, ଅସ୍ଥିର

ଛଁଅଟ୍—ବି. ଧାନବଡ଼ା ବାନ୍ଧିବାର ଝୁଆଳ

ଛଟା—କ୍ରି. ବିଂ. ଶ୍ରେଷ୍ଠ ହୋଇଥିବା

ଛଟାଂ—ବି. ଛଟାଙ୍କି

ଛକାପଞ୍ଝା—ବିଂ. ଛକା ପଞ୍ଝା, ପେଞ୍ଚ ପାଞ୍ଚ

ଛକାପଥ—ବି. ତାସର ଛ ପଥ

ଛଡ଼—ବି. (ଲୁହା) ଛଡ଼

ଛଣ—ବି. ଛଣ, ଏକ ପ୍ରକାର ଲମ୍ବ ଘାସ ଛପର କାମରେ ଲାଗେ

ଛତର୍‌ପୁଡ—ବି. ଛତ୍ରପତି

ଛତିଶ୍—ବି. ଛତିଶ, ୩୬ ସଂଖ୍ୟା ବିଶେଷ

ଛନ୍‌ଛନ୍—କ୍ରି.ବିଂ. ଛନ୍ ଛନ୍ ଭାବ

ଛନ୍ ଛନଃ—କ୍ରି. ଛନଛନେଇବା

ଛନ୍‌କା—କ୍ରି.ବିଂ. ଘ୍ରାନଆ, ଡର

ଛନ୍‌ଡ—ବିଂ. ଅକୁଶଳ

ଛନ୍‌ଡାଓ୍ୱ—କ୍ରି. ଗାଲଦେବା

ଛପ୍—ବି. ଢଙ୍ଗ, ବାଲୁଙ୍ଗି

ଛପ୍—କ୍ରି. ଅପ୍‌ଅପ୍ କରିବା

ଛପ୍‌ଛପ୍—କ୍ରି. ଥପ୍ ଥପ୍ କରିବା

ଉ: ବହ୍ ଂରେ ଦା ଂ ଏ ଛପ୍ ଛପ୍ ଆସ୍ କାନା - ମୁଣ୍ଡରେ
ପାଣି ଛପଛପ୍ (ଅପ୍‌ଅପ୍) କରି ଦେଉଛି

ଛପକାଓ୍ୱ—କ୍ରି. (ଛପିରହିବା) ଛପି ରହିବା

ଛପକାଓ୍ୱକାଡେ—କ୍ରି. ବିଂ. ଛପିକରି

ଛପାଓ—କ୍ରି. ଲୁଚାଇବା

ଛପାଓକା ଂ—କ୍ରି. ବିଂ. ଲୁଚାଇଥିବା

ଛପଃଡବଃ—ବିଂ. ଅବିଶ୍ୱାସୀ, ଅଯତ୍ନର ମୁଣ୍ଡ ଝୁଙ୍ଗୁରା

ଛସ୍—(ସଂଖ୍ୟାବାଚକ) ବି. ଛଅ କରିବା

ଛର୍ (ଛର୍‌ଛର୍)—କ୍ରି. ଛର୍, ସହସା ମୁତିବା ଶବ୍ଦ, ପାଣି ଗୁଡ଼ିବା,
ଗୁଡିବା ଶବ୍ଦ, ସହସା ଗୁଟରେ ପିଟିବା ଶବ୍ଦ

ଛର୍‌ଲ୍ଂ—କ୍ରି. ବାନ୍ଧକରି ବାହାରିବା

ଛରପିଠା.—ବି. ଅଣଲେଉଟା ପିଠା

ଛର୍‌କଟ୍—କ୍ରି. ନଷ୍ଟକରିବା, ବିନଷ୍ଟ କରିବା, ସମାପ୍ତ କରିବା

ଉ: କା.ମି ଛର୍‌କଟ୍‌କାଡେ ସେନ୍‌ଏନାସ୍ - କାମ ସମାପ୍ତ କରି
ଗଲିଗଲି

(୨) ଅଲାଃଦୁଆର୍ ଛରକଟ୍ ବାଲାକାଡେ ଛିରି ଏନାସ୍ -
ଘରଦ୍ୱାର ନଷ୍ଟ ବିନଷ୍ଟ କରି ପଳାଇଗଲା

ଛର୍‌ଛର୍‌ଓ୍ୱ—କ୍ରି. ଅପଦସ୍ତ କରି କହିବା, ନିନ୍ଦା କରିବା, ଅଶ୍ରାବ୍ଯ
ଗାଲଗୁଲଜ କରିବା

ଉ: ବାଂ ବାତାଓ ହଲଦକ ଛର୍‌ଛର୍‌ଓ୍ୱକଆ - ଅମାନିଆ ଲୋକଙ୍କୁ
ନିନ୍ଦା/ଅଶ୍ରାବ୍ୟ ଗାଲଗୁଲଜ/ଅପଦସ୍ତ କରିଥାନ୍ତି

ଛର୍‌ବାଂ—କ୍ରି. ଶେଷକରିବା, ତାଣ୍ଡିଦେବା

ଛଲ୍—ବି. ଷଡଯନ୍ତ୍ର, ଛଳିବାର ପ୍ରକ୍ରିୟା

ଛଲ୍‌ଗୁଲ୍‌କ—କ୍ରି. ବିଂ. ଛଳନାପୂର୍ଣ୍ଣ ଚତୁରତା ସହକାରେ

ଛଲ୍‌କପଟ୍—ବି. ଛଳକପଟ, ଧୋକାଦେବା

ଛଲ୍‌ଡେ ଛଲ୍‌କାଡେ—କ୍ରି. ବିଂ. ଛଳକରି, କପଟକରି

ଛଲ୍‌ଦସ୍ତ—ବି. ଛୋଟିଆ ତମ୍ବୁ
ଛଲ୍ଲ—ବି. ବୁଟିସିଂ୍ଘା
ଛଲର୍ଓ୍ବ—କ୍ରି. (ବକଲ, ଛାଲ) ଛଡ଼ାଇବା
ଛଲେ—କ୍ରି. ଧୀର ଭାବରେ ବାଜିବା ପ୍ରକ୍ରିୟା, ଧୀର ଭାବେ ପିଟିବା ପ୍ରକ୍ରିୟା, ଉ: ଜଲ୍‌ (ଜେଲ୍‌) ଇଞ୍ଜ୍‌ ଭୁଞ୍ଜ୍‌ ଲେଦେୟ
ଛଲେ ଏକାୟ—ହରିଣ ବନ୍ଧଲ୍ ତାଙ୍କୁ ସାମାନ୍ୟ ଭାବେ ବାଜିଲା
ଛଲନା—ବି. ଛଲନା, କ୍ରି. ଛଲନା କରିବା
ଛଲା(ଡା)—ବି. ଏକ ପ୍ରକାରର ଔଷଧ ଗଛ
ଛୁ.ଦ୍—ବି. ଛଉ ରୋଗ ବିଶେଷ
ଛାଉଣି—ବି. ଶିବିର, ସେନାନିବାସ
ଛୁଏଁ ଛୁଏଁ—କ୍ରି. ବିଂ. ଅ. ସେଁ ସେଁ, ଅତ୍ୟଧିକ ତାପ ଜନିତ ଜଳର ଶବ୍ଦ, ଉ: ଖୁବ୍‌ଲଲ ଦା ଂ ସେଁ ସେଁ ସାଜେୟା—ଅତି ଗରମ ପାଣିରୁ ସେଁ ସେଁ ଶବ୍ଦ ବାହାରେ
ଛୁଓଲା—ବିଂ. କୈଶୋର, ଅପ୍ରାପ୍ତ ବୟସ୍କ
ଛୁଓଲା କଲା—ବି. କିଶୋର
ଛୁଓଲା କୁଲି—ବି. କିଶୋରୀ
ଛୁକନ—ବି. ଛୁଙ୍କୁଣୀ, ସ୍ବଲ୍ପଣୀ
ଛୁକା—ବି. ଛକ ସ୍ଥାନ
ଛୁଂକାଓ—କ୍ରି. ଛୁଙ୍କିବା
ଛୁଚ—କ୍ରି. ବାନ୍ତ କରିବା
ଛୁଟ୍‌କା—ବି. ଘରର ସାମନା ବାହାର ଅଗଣା
ଛୁ.ଟ୍—ବିଂ. ଏକ ପର୍ବର ନାମ
ଛୁଟ୍‌ଅ—ବି. ସ୍ବଳ୍ପ, ଛୁଟ
ଛୁଟ୍‌କା ଦୁଆ.ର—ବି. ଅଗଣା ଅଡ଼କୁ ଯିବା ଦ୍ୱାର
ଛାଁଟ୍‌—ବିଂ. ଢଙ୍ଗ, ଠାଟ (ପୋଷାକ, ପରିଚ୍ଛଦରେ ଅଭିବ୍ୟକ୍ତ) ଆଡ଼ା ଚଢ଼ା
ଛୁଟାଓ—କ୍ରି. ଛୁଟିଦେବା, ବୁଣିବା
ଛୁ.ଟିଆ.—ବି. ଛୁଟିସ୍ଥା, ଶ୍ରମିକଙ୍କ ଉଦାରଖିକାସ୍ତ
ଛୁଟାଣ୍‌—କ୍ରି. ଛୁଟିଣି ପୂର୍ବର ଖାଣ୍ଟି ବା ବାଉଁଶ କାଣି ବସ୍ତ୍ରଇ ବାନ୍ଧିବା ପ୍ରକ୍ରିୟା

ଛୁଟିଣି—ବି. ଗୋଡ଼ହାତ ଟାଣିହେବା ରୋଗ ବିଶେଷ
ଛୁ.ଟିୟାର୍—ବି. ଷଷ୍ଠି ଦିବସ, କ୍ରି. ଶିଶୁର ନାମ କରଣ ଦିବସ, ଜନ୍ମ ହେବାର ୬ ଦିନରେ ହୁଏ
ଛୁଟ୍‌ପାଟାଓ—କ୍ରି. ଛଟପଟ ହେବା
ଛୁଡ୍—କ୍ରି. ଛୁଡ଼ କରିବା, ଅନୁମତି ପତ୍ର
ଛୁଡା—ବି. ବ୍ୟତୀତ, ଛଡ଼ା
ଛୁଡାଛୁଡ଼—ବିଂ. ବିଚ୍ଛେଦ, କ୍ରି. ବିଚ୍ଛେଦ ହେବା
ଛୁଡାଓ—କ୍ରି. ଉଦ୍ଧାର କରିବା, ଛଡ଼ାଇ ଆଣିବା, ଛଡ଼ାଇବା, ଆପଣେ ଛୁଡ଼ିଯିବା ବା ଫାଟିଯିବା
ଛାଡ଼ିକ୍—କ୍ରି. ବିଂ. ଛୁଡ଼କରି, ବ୍ୟତୀତ
ଛୁ.ଡୁଇ—ବିଂ. ଛାଡ଼ସ୍ତ୍ରୀ, ଛାଡ଼ପତ୍ର ଦିଆ ଯାଇଥିବା ନାରୀ
ଛୁଡୁଇକାୟ୍—କ୍ରି. ଛାଡ଼ପତ୍ର ଦେଇ ଦେବାର ଉପକ୍ରମ
ଛୁଡୁଇକୁଲି—ବି. ଛାଡ଼ସ୍ତ୍ରୀ
ଛୁଡୁଇକଲା—ବି. ଛାଡ଼ସ୍ୱ, ଛାଡ଼ପତ୍ର ଦେଇଥିବା ପୁରୁଷ
ଛୁଣାଓ—କ୍ରି. ଛୁଣିବା
ଛୁତ୍—ବି. ଛୁତ
ଛୁତ୍ନା ଦାରେ (ନ)—ବି. ଛତିଅନା ଗଛ
ଛୁତ୍‌ରଅ—ବି. ଛତ୍ର
ଛୁତର—ବି. ଛତ୍ରୀ
ଛୁଡା—ବି. ବିରୁଡ଼ିବସା, ମହୁବସା, ଛତା, ଏକ ପର୍ବର ନାମ
ଛୁଡାଦାରେ—ବି. ସ୍ୱାମୀ, ଆଶ୍ରୟ ଦାତା
ଛୁଢ—ବି. ଛୁଢ, ଢଲ୍‌, ବିଂ. ଉତ୍ସାହ କ୍ରି. ସାହସ ହେବା, ସାହସ କରିବା
ଛାଢଓଢାଓ—କ୍ରି. ଛୁଢ ଦେଖାଇବା
ଛୁଢ କାଢାଓଃ—କ୍ରି. ହତୋତ୍ସାହ, ନିରୁତ୍ସାହ ହେବା
ଛା.ଢଫାଟାଓ୍ବ—କ୍ରି. ଛାତି ଫାଟିବା ଭଳି ବିପତ୍ତିରେ ପଡ଼ିଯିବା, ହୃଦୟ ବିଦାରକ
ଛାନ୍—କ୍ରି. ହଜାଇ ଯିବା, ଅଦୃଶ୍ୟ ହେବା
ଛାନ୍‌ଏନ୍—ବିଂ. ବିଗତ, ଅଦୃଶ୍ୟ
ଛାନ୍‌ଆକାନ୍—ବିଂ. ଅଦୃଶ୍ୟମାନ

ଛାଣ୍‌—କ୍ରି. ଛାଣିବା

ଛା.ନଅା.—କ୍ରି. ବିଂ. ଛାନଅା

ଛାନ—ବି. ମୋଟାଆବନ୍ଦ, ପରଲ, କ୍ରି. ପରଲ ପଡ଼ିବା,
ଆଖିକୁ ଧୂଆଁଳିଆ ଦଶିବା

ଛାପ୍—ବି. ଛାପ୍, ଚିହ୍ନ

ଛାପ୍‌କାଓ—କ୍ରି. ଛପି ରହିବା

ଛାପା—ବି. ମୁଦ୍ରଣ

ଛାପାଖାନା—ବି. ମୁଦ୍ରଣ ଯନ୍ତ୍ର ଆଦି ଯେଉଁଠାରେ ଥାଏ,
ଛାପାଖାନା

ଛାପାଛାପି—କ୍ରି. ଲୁଚିବା

ଛାପାସ୍—କ୍ରି. ମୁଦ୍ରଣ କରିବା, ଛାପିବା

ଛାପାଡାଓ୍ୱ—କ୍ରି. ଅଲଗା କରିବା, ଅଲଗା ହେବା

ଛାପାରୁଦା ॰ —ବି. ଲୁଣିପାଣି

ଛା.ପ୍‌ର୍ ଅଲା ॰ —ବି. କୁଡ଼ିଆ ଘର

ଛାପ୍‌ଲଓ୍ୱ—କ୍ରି. ପାଣି ଛାଟିବା, ପାଣି ଛାଲ୍‌କାଇବା

ଛାପିନ୍—କ୍ରି. ଗୁପ୍ତରେ ରଖିଦେବା ବିଂ. ଗୋପନ

ଛାବି—ବି. ଛବି, ଚିତ୍ର

ଛାମ୍ ଛାମ୍—କ୍ରି. ବିଂ. ଠେକ୍‌ଠୋକ୍

ଛାମ୍‌ଡା—ବି. ଛାମୁଣ୍ଡିଆ

ଛାମୁ—ବି. ମହାଶୟ, ହଜୁର

ଛା.ମୁଆ.ଋଃ—କ୍ରି. ସମ୍ମୁଖସ୍ଥ ହେବା, ସମ୍ମୁଖକୁ ଯିବା

ଛା.ମୁଁଆ.—ବି. ସାମନା, ସମ୍ମୁଖ

ଛା.ମୁଓ୍ୱା ଛାମିସ୍ୱା—କ୍ରି. ବିଂ. ସାମନା ସାମ୍‌ନା

ଛା.ମୁଓ୍ୱା.ଛା.ମିସ୍ୱାଃ—କ୍ରି. ସାମନା ସାମନା ହେବା

ଛାସ୍ୱଁ ଛାସ୍ୱଁ— କ୍ରି. ବିଂ. ସେଁ ସେଁ, ଅଧିକ ଗରମ ହେବା ଶବ୍ଦ

ଋ: ଦା ॰ ଛାସ୍ୱଁ ଛାସ୍ୱଁ ହେଡେଳ୍ ଏନା - ପାଣି ସେଁ ସେଁ କରି
ଫୁଟୁଛି

ଛାସ୍ୱଁମେନ୍‌ଡେ—କ୍ରି. ବିଂ. ଝଅଟକରି, ଅସ୍ୱସ୍ତିକର, ଅଧିକ ଗରମ
ହେବା ଶବ୍ଦ

ଋ: ଖେରଲା ଛାସ୍ୱଁମେନ୍‌ତେ ଆଣଗ କାତେ. ବୁସାଃ ଏ ଆ.ଡ଼କର୍

ଡେଦସ୍ୱା - ବାଜପକ୍ଷୀ ଝଅଟ ଓହ୍ଲାଇକରି କୁକୁଡ଼ା ଛୁଆକୁ
ନେଇ ପଳାଇଲା

ଛାସ୍ୱଲ୍—ବିଂ. ଲମ୍ବା ଓ ସୁନ୍ଦର (ଲୋକ, ବୃକ୍ଷ)

ଛାସ୍ୱଲ୍‌ବସ୍ୱଲ୍—ବିଂ. ପୁଷ୍ପିବିକଶିତ (ବ୍ୟକ୍ତି, ଗଛ)

ଛାସ୍ୱେବାସ୍ୱେ—ବି. ମାଆ ଓ ପିଲାପିଲି

ଛାର୍—ବିଂ. ଛାର, ଅଧମ, ତୁଚ୍ଛ

ଛାର୍‌ଛାସ୍ୱଓ—କ୍ରି. ଛରଛର୍ କରି ଫାଟିବା, ଖଣ୍ଡ ଖଣ୍ଡ ହୋଇଯିବା

ଛାର୍‌କାଟ୍—କ୍ରି. ଅଯଥା ଖର୍ଚ୍ଚ, ଧନ ଲୁଟିବା

ଛାର୍.କାଓ୍ୱ—ବିଂ. ମୁଖସ୍ତ

ଛାର୍‌ହାଡ଼ଆ—ବିଂ. ପତିତ

ଛାର୍‌ଖାର୍—କ୍ରି. ବିଂ ଛାରଖାର ହୋଇଯିବା, ନଷ୍ଟଭ୍ରଷ୍ଟ

ଛାର୍ଲା—ବି. ଛରଲା (ଗୁଳି)

ଛାସ୍ୱଓ—ବିଂ. ମେଳିଯିବା, ବିସ୍ତାରିତ ହେବା

ଋ: ଦା.ଦ ଛାସ୍ୱଓ ଆ - ଯାହୁ ମେଳିଯାଏ

ଛାଲ୍—ବି. ଚମଡ଼ା, ବକଲା କ୍ରି. ଛାଲିବା

ଛାଲ୍‌କା ଛାଲ୍‌କ—କ୍ରି. ବିଂ. ଉତ୍ସାହସହ ସାଜସଜ ହୋଇ,
ଉଦ୍ଧମସହେ

ଛାଲ୍‌କାଓ—କ୍ରି. ପାଣି ଛାଟିବା

ଛାଲ୍‌ଛାଲ୍ଓ—କ୍ରି. ବିଂ. ପାଣିଛାଟି ପହଁରିବା ପ୍ରକ୍ରିୟା

ଛାଲ୍‌ଛା.ଲସ୍ୱା.—ବିଂ. ଛଲ୍‌ବୁଲିଆ (ପିଲା)

ଛାଲ୍—ବି. ପଶୁପିଠିର ପଲାଣ, ଢେଲା କ୍ରି. ପଶୁପିଠିରେ ଜନିଷ
ଲଦିବା

ଛାଲ୍ ବଲଦ୍—ବି. ଖରବୁହା ବଲଦ

ଛା.ଲ୍—ବି. ଗଛର ବକଲା

ଛାଲେ—ବି. ସର (ଦୁଧସର) ପାଣିସର, ଆସ୍ତରଣ

ଛାଲେଃ—କ୍ରି. ସରପଡ଼ିଯିବା

ଛି—ଅ. ଛି (ବିରକ୍ତିସୂଚକ ଶବ୍ଦ)

ଛି ଛି—କ୍ରି. ଛି ଛି କରିବା

ଛିହାଡ଼ି—(ଘୃଣାତ୍ମକ ଶବ୍ଦ) ଦୂରହୋଇ ଯା

ଛିଟଅ—ବିଂ. ଛିଟା, ଚର୍ଚ୍ଚିତ

ଛୁଟ୍‌କା.ଢ଼—କି. ପାଣି ଛାଟି ହୋଇ ପଡ଼ିବା

ଛୁଟା.ଢ଼—କି. ଆବୁଡ୍ ଟାବୁଡ୍ କରି ପକାଇବା, ପରୁଲ ପକାଇବା

ଛୁଟିୟା.ଢ଼—କି. ଛୁଆଡ଼କରି ପକାଇବା

ଛୁଟିକଣି—ବି. ବାଟୁଲି, କଳୁଣୀ, (ଦ୍ୱାର) ଝୁଡୁକା

ଛୁଟ୍‌କଣିର୍—ବି. ଛଡ଼ି, ଛାଟ

ଛୁଣି—ବି. ଛେଣି (ଲୁହାକଟା ଯନ୍ତ୍ର)

ଛୁତବତ—କି. ଖେଳେଇ ଦେବା, କି. ବିଂ. ଏଣେତେଣେ ଖେଳେଇ ହୋଇଥିବା

ଛୁତ୍‌ୟା.ଢ଼—କି. ଖେଳେଇବା, ବୁଣିଦେବା (ଗୁଣଆଡ଼େ)

ଛୁଟର୍‌ବତର୍—କି.ବିଂ. ବିଛାଡ଼ିହୋଇ ପଡ଼ିଥିବା

ଛୁଦ୍‌ଗା.ସ୍ତୁ—ବିଂ. ଅଶିଷ୍ଟ, ଧୃଷ୍ଟ

ଛୁଦ୍‌ଗାସ୍ତୁ. ଛୁଦ୍‌ଗାସ୍ତୁ—କି.ବିଂ. ଧୃଷ୍ଟଭାବରେ, ହେଳାଜନିତ

ଛୁଦ୍‌ଗା.ସୁମେନତେ—କି.ବିଂ. ହଠାତ ଅସାବଧାନ ପୂର୍ବକ

ଛୁନ୍—କି. ଛଡ଼ାଇବା, ଝୁରୁଡ଼ିବା

ଛୁନ୍‌ଗା.ଢ଼—କି. ଝୁରୁଡ଼ି ପଳାଇବା

ଛୁନ୍‌ଗା ଛୁନଗୀ—କି.ବିଂ. ଉତ୍ସୁଖିତ ହୋଇ ଏଣେ ତେଣେ ହେବା

ଛୁନ୍‌ଟି—କି. ବିଂ. ଡରରେ ଏକୁଟିଆ ପଳାଇବା, ଅଲଗା ରହିବା ନାସ୍ତି

ଛୁନ୍‌ତ୍‌ଖାନ୍‌ତ୍—କି. ନିଶ୍ଚୟ କରିବା, ସ୍ଥିର କରିବା

ଛୁନ୍‌ଡ଼ା.କାଟା—ବିଂ. ବିଚ୍ଛିନ୍ନ, ଏପାଖ ସେପାଖ କି. ବିଚ୍ଛିନ୍ନ ହେବା, ଅଲଗା ହେବା

ଛୁନ୍‌ଡ଼ା.ଛୁନ୍‌ଡ଼ି—କି. ନିର୍ଣ୍ଣୟ କରିବା, ବନ୍ଦସ୍ତ କରିବା ବିଂ. ସ୍ୱେକ୍‌ଟୋକ୍

ଛୁନ୍‌ଡ଼ା.ଢ଼—କି. ଛିଣ୍ଡାଇ ଦେବା, ନିଶ୍ଚିତ କରିଦେବା, ମିମାଂସା କରିଦେବା

ଛୁନ୍‌ଡୁଂ ମିନ୍‌ଡୁଂ—କି.ବିଂ. ତରତରିଆ

ଉ: ଛୁନ୍‌ଡୁଂମିନ୍‌ଡୁଂ ଲେନ୍ଦ ବାଙ୍ଗ ବୁଝାଁଇ ଦାଲେୟାଃଆ - ତରତରିଆ କଥାକୁ ମୁଁ ବୁଝିପାରେ ନାହିଁ

ଛୁନାଛୁନା—କି. ଟଣା ଓଟରା କରିବା, ଛଡାଛଡ଼ି ହେବା, ଝଗଡ଼ିବା

ଛୁନାଛୁପା—କି. ଅସମାନ ହେବା

ଛୁନାର୍—ବିଂ. ଲମ୍ପଟ, କାମୁକ

ଛୁନାରି—ବି. ବେଶ୍ୟା

ଛୁନାରଗିରି—ବି. ବେଶ୍ୟାବୃତ୍ତି

ଛୁପଛୁପାନ—ବିଂ. ଲୁଚ୍ଛପା, ଲୁଚ୍ଛାଇକରି

ଉ: ଛିପଛିପାନ କାମିଦ ବାଙ୍ଗ ସୁକ୍‌ଆଃଆ - ଲୁଚ୍ଛପା କାର୍ଯ୍ୟକୁ ମୁଁ ଭଲ ପାଏନାହିଁ

ଛିପା.ଢ଼—କି. ଲଗୁଇବା, ଚପାଇବା

ଛିମ୍‌ବଡ଼—ବି. ଭୁଲା ଖଣ୍ଡ

ଛିମ୍‌ବଡ଼ସାକମ୍—ବି. ବାଳୁବନ୍ଧ, ପଟପଟ ଦଲା

ଛିମ୍‌ବଡ଼ି—କି. ଭୁଆ ଭୁଆ କରିବା, ଖଣ୍ଡ ଖଣ୍ଡ କରିବା

ଉ: ଜାମିର ଜ ଉର୍‌କାତେ ଛିମ୍‌ଡ଼ି (ଛିମ୍‌ବଡ଼) ମେ - ଖଟାକମଳା ଛଡାଇକରି ଭୁଆ ଭୁଆ କରିଦିଅ

ଛି-ମ୍ୟାଃ—କି. (ଘୃଣା ଭାବକରି) ଛି କରିବା, କହିବା (ଛି-ମ)

ଛିର୍—କି. ଶ୍ରେଣ୍ଟେଣ୍ଡ କରିବା

ଛିରଛାବୁର୍—କି. ଛିନ୍ନଛତର କରିବା, ହେବା ବିଂ. ଛିନ୍ନଛତର

ଛିରିଛିରାଙ୍—କି. ଲଟେ ଲଟେ ବହୁତଥର ପିଟିବା

ଛିରିଛିରିଦ୍—କି.ବିଂ. ଚହଲା, ଚହଲିବା, ଚତ୍କାର କି. ଚହଲିବା, ଚତ୍କାର କରିବା

ଛିରିକ୍ ଛିରିକ୍—କି. ତରଳ ପଦାର୍ଥ (ଏଡ଼ିଏଡ଼ି) ଅଳ୍ପ ଅଳ୍ପ ପଡ଼ି ପଡ଼ି ଯିବା

ଛିରଦନ୍—କି. ବିଂ. ଚିରନ୍ତନ, ସ୍ଥାୟୀ

ଛିଲ୍‌କା.ଢ଼—କି. ଝୁଲ ପଡ଼ିବା

ଛିଲ୍‌କା.ଢ଼ରୁଦ୍—କି. ଝୁଲ ବାହାରିବା, ଝୁଲ ବାହାରି ପଡ଼ିବା

ଛିର୍‌କଣିନ୍—ବି. ଛାଟବାଡ଼ି

ଛିଲ୍‌ୟା.ଢ଼—କି. ଧାନ ଗଛକୁ ଖେଳେଇ ଦେବା

ଛିଲ୍‌ବଲ୍‌.ଢ଼ଃ—କି.ବିଂ. କଲବଲ (ହେବା) ବଚଳିତ (ହେବା) କି. ବ୍ୟାକୁଳ ହେବା

ଛିଲ୍‌ବଲ୍—ବିଂ. ବ୍ୟାକୁଳ, କି. ବିଚଳିତ ହେବା, ବ୍ୟାକୁଳ ହେବା, ଅସ୍ଥିର ହେବା

ଛୁଲ୍‌କାଛୁଲକ—କ୍ରି. ବିଂ. ଛମକ ଛମକ (ନାଚ), କ୍ରି. କ୍ଷିପ୍ର ଗତିରେ ନାଚବା ପ୍ରକ୍ରିୟା

ଛୁଗୁକର୍—କ୍ରି. ଛୁଗୁକର କରବା, ଘୃଣାକରିବା

ଛୁ-ଥୁ—କ୍ରି. ଛୁ ଛୁ କରିବା, ତିରସ୍କାର କରିବା

ଛୁକ୍ ଗ୍ରୁକ୍—ବିଂ. ସଫାସୁତୁରା, ଝକମକ

ଛୁଡ୍—କ୍ରି. ପଳାୟନ କରିବା, ଛୁ;

ଛୁକର୍—ବି. ଝିଅ, ଛୋକରି, ବିଂ. ସାନଝିଅ

ଛୁକ—ବି. ଛକସ୍ଥଳ, ଛକ ଚଣ୍ଡ

ଛୁଂଛୁ ଂ—କ୍ରି. ବିଂ. ଜୋରରେ ଭଡ୍ ଭଡ୍ କର (ଗାଳିଦେବା)

ଛୁଡ୍—କ୍ରି. ଟେଙ୍କେଇଦେବା, (ଯେଉଁ ଜନପଦରେ ଜ୍ୱଳନ ହୁଏ ସେପରି ଜନପଦରେ ଛୁଇଁଦେବା ବା ପୋଡ଼ଦେବା)

ଛୁଁର୍—ବି. ଚୁଣି, ପିନ୍

ଛୁଚନ୍ଦାର—ବି. ଏକପ୍ରକାରର ପୁରୁଷଲିଙ୍ଗର ରୋଗ, ଚୁଚୁନ୍ଦ୍ର

ଛୁଚୁନ୍ଦାରଃ—କ୍ରି. ଛୁଚୁନ୍ଦ୍ର ରୋଗ ହେବା

ଛୁଗ୍ଯୁ—ବି. ନିଧନୀ, ନିଃସ୍ୱ

ଛୁଛୁନ୍ଦର୍—ବି. ଛୁଛୁନ୍ଦର

ଛୁଟ୍‌କାନ୍—କ୍ରି. ଅନ୍ତରହେବା ସମାପ୍ତିହେବା ଛୁଟିମିଳିବା

ଛୁଟ୍‌କ—ବି. ଦ୍ୱିତୀୟା ସ୍ତ୍ରୀ, ବିଂ. ଛୁଟକ

ଛୁଟ୍‌କ ଜଂ—କ୍ରି. ଦ୍ୱିତୀୟା ସ୍ତ୍ରୀ ବିବାହ କରିବା, ଦ୍ୱିତୀୟା ସ୍ତ୍ରୀ ରଖିବା

ଛୁଟକଆୟୁ—ବି. ବିମାତା, ସତ୍‌ଭୁଣୀ ମା

ଛୁଟାଲସ୍ୱା—ବି' ନୀଚ, ତୁଚ୍ଛ, ଘୃଣିତ

ଛୁଟାଲସ୍ୱାଃ—କ୍ରି. ନୀଚହେବା, ତୁଚ୍ଛହେବା

ଛୁଟା—ବିଂ. ଛୋଟା

ଛୁଟାଭ୍—କ୍ରି. କାମରେ ଲାଗିବା, ମେହେନତ କରିବା

ଛୁଟି—ବି. ଛୁଟି, ଅବକାଶ

ଛୁଟିଃ—କ୍ରି. ଛୁଟିମିଳିବା, ଅବକାଶ ମିଳିବା

ଛୁଟିବ୍ରମ୍—ବି. ସମାପ୍ତି, ଅନ୍ତ, କ୍ରି. ସମାପ୍ତିହେବା

ଛୁଡ଼ାଭ୍—କ୍ରି. ଅପସରିଯିବା ଛଡ଼ାଇନେଇ ଯିବା

ଛୁନ୍ଦ୍ର—ବି. ଅବିବାହିତା ନାରୀ

ଛୁତ୍—ବି. ଅସ୍ପୃଶ୍ୟ, ଛୁଆଁଛୁତ୍ କ୍ରି. ଛୁତହେବା

ଛୁତ୍‌ମୁଲୁଟ୍—ବି. ଦୁରାଗ୍ରହ୍

ଛୁତାହା—ବିଂ. ଛୁତାହା, ଅଶୌଚ, ଅଶୁଦ୍ଧ

ଛୁଣ—କ୍ରି. ବିବାହ ସମୟ କନ୍ୟାପଣ ପାଇଁ ଦିଆଯାଇଥିବା ପଶୁଙ୍କୁ ଦେଖି ନିଷ୍ପତ୍ତି କରିବା

ଛୁତକା—ବିଂ. ସୂତକା

ଛୁତ୍‌କାଃ—କ୍ରି ସୂତକା ହେବା

ଛୁନ୍ତା—କ୍ରି. ଛୁଆଁ ହୋଇଯିବା

ଛୁପି—ବି. ପନାସିପତ୍ର ଓ ବାଉଁଶ କାଠିରେ ତିଆରି ଟୋପି ଏହାକୁ ବର୍ଷାବେଳେ ମୁଣ୍ଡରେ ପିନ୍ଧନ୍ତି

ଛୁସ୍ୱଅ—କ୍ରି. ଛୁଇଁବା, ଧରିବା, (ଏ ଶବ୍ଦ ଗୀତରେ ହିଁ କେବଳ ବ୍ୟବହାର କରାଯାଏ)

ଛୁର୍—କ୍ରି. ତାଳୁରେ ଖାଦ୍ୟ ପେସ୍ତ ଲାଗିଲେ ଯେଉଁ ଛୁଙ୍କ ହୁଏ ତାକୁ "ଛୁର୍" କହନ୍ତି । ବିରତ ହେବା, ହାର୍ ମାନିବା

ଛୁରୁଃ—କ୍ରି. ତାଳୁକୁ ଜିଭି ଛୁଙ୍କିବା ପ୍ରକ୍ରିୟା

ଛୁରା—ବି. ବଡଛୁରୀ

ଛୁରି—ବି. ଛୁରୀ

ଛୁରିଏ—କ୍ରି. ଛୁରୀମାରିବା, ଛୁରୀ ଭୁଷିବା

ଛୁଆଁ-ଆ ଂ—ବି. ଛୁଆଁ ହୋଇଥିବା (ଜନପଦ)

ଛୁତ୍‌ଫେଗ୍ରଓ—କ୍ରି. ଛୁତ ମିଟାଇବା, ପବିତ୍ର ହେବା

ଛୁତ୍ ମେଟାଓ—ବି. ଶୁଦ୍ଧିକ୍ରିୟା, କ୍ରି. ପ୍ରାୟଶ୍ଚିତ କରିବା

ଛେକ୍‌ମେନ୍‌ଡେ—କ୍ରିଂ. ବିଂ. ଅତି ଚଞ୍ଚଳତା ସହ (ହାଣିବା) ଫଟ୍‌କରି

ଛେକ୍ ଛେକ୍—କ୍ରି. ବିଂ. ଝକ୍ ଝକ୍ (ବେଦନା) କ୍ରି. ଝକ୍ ଝକ୍ ବାଧିବା

ଛେର୍ ଦେଲ୍—କ୍ରି. ବିଂ. ଅଧିକମାତ୍ରାରେ କାନ୍ତ ହେବା ପର୍ଯ୍ୟନ୍ତ (ଖାଇବା ବା ପିଇବା)

ଛେଚ୍—ବିଂ. ଛେଚିବା ଶବ୍ଦ

ଛେଚ୍ ଛେଚ୍—ବି. ଛେଚିବା ପ୍ରକ୍ରିୟା

ଛେସ୍ୱଓ—କ୍ରି. ଛେଚିବା

ଛେଞାଓ—କ୍ରି. ଝାଟିରେ ପିଟିବା

ଛେଦ୍—ବିଂ. ଫଟାଚକ୍ଷୁ

ଛେଦ୍—ବି. ଦୁର୍ଗାମାତାଙ୍କ ଠାରେ ଯେଉଁ ବଳି ପଶୁବଳି
ଦିଆଯାଏ ସେ ବଳିକୁ "ଛେଦ୍" କହନ୍ତି

ଛେଦ୍—କ୍ରି. ଧାରୁଆ ଅସ୍ତ୍ରରେ ହାଣି ଦେବା ବା କାଟିଦେବା

ଛେଦାଓ—କ୍ରି. ଛେଦିବା, କୋଦାଳରେ ସମାନ ଭାବରେ ହାଣିବା

ଛେଦ୍‌ଗା ଛେଦ୍‌ଗି—କ୍ରି. ବିଂ. ଅସାବଧାନ ରୂପେ, କଟାକଟି କରିବା

ଛେନା—ବି. ଛେନା

ଛେପ୍‌ଅ—ବିଂ. ଚାଙ୍ଗର, ଅନୁଜ

ଛେପଲେ—ବିଂ. ଛେଛଡ଼ା, ଅନୁଜ ହେବା

ଛେବ୍‌ଲ—ବିଂ. ଚିହ୍ନିତ (spotted) ବହୁ ରଙ୍ଗିଆ

ଉଃ ଉନିଦ ଛେବଲ ତାଙ୍ଗସ୍ କାନାସ୍—ତାହା ଗୋଟିଏ
ବହୁ ରଙ୍ଗିଆ (ଚିହ୍ନିତ) ବଳଦ

ଛେବ୍‌ଲ ଛେବ୍‌ଲ—କ୍ରି. ମିଶାମିଶି ରଙ୍ଗରେ ରଙ୍ଗାଇବା

ଛେର୍—କ୍ରି. ତରଳିବା

ଛେରଃ—କ୍ରି. ତରଳିବା ପ୍ରକ୍ରିୟା

ଛେର୍‌ଆ.ଧ୍ୱଃ—କ୍ରି. ତରଳି କରି କମିଯିବା

ଛେର୍‌ଛେସୋଓ୍—କ୍ରି. ପତଳା ଝାଡ଼ା ହେବା

ଛେସ୍—ବି. ବଦ୍‌ହଜମି

ଛେସଃ—କ୍ରି. ବଦ୍‌ହଜମି, ଝାଡ଼ାହେବା

ଛେଲ୍‌କେ—ବିଂ. ପ୍ରେମ ଦେଖାଇବା ବାଲା

ଛେଲ୍‌କେ ଛେଲ୍‌କେ—କ୍ରି. ବିଂ. ମନମତାଣିଆ ଭାବରେ

ଛେଲେ—କ୍ରି. ଛାଲିବା, ଛଳିବା

ଛେଓ୍—କ୍ରି. କମିଯିବା, ଗୁଣ୍ଡିଯିବା, ତରଳି ଯାଇ କମିଯିବା

ଛେଓ୍ ଚେଓ୍—କ୍ରି. ବିଂ. ଉପରେ ଉପରେ

ଛେଓ୍ ଛେଓ୍—କ୍ରି. ବିଂ. ଉପରେ ଉପରେ

ଉଃ ଉନ ଛେଓ୍ ଛେଓ୍ ଏ ପି ଇବ୍‌ଦେଦ୍‌ଆ—ସେ ଉପରେ
ଉପରେ ଲଙ୍ଗଳ ଚଲାଇ ନେଲା

ଛେଲ୍—ବି. ଛେଲି

## ଜ

ଜ—ବି. ଫଳ

ଜଇନଅ—ବି. ଜୈନ ଜାତି ବିଶେଷ

ଜଉବନ୍—ବିଂ. ଯୌବନ

ଜ‥—କ୍ରି. ଫଳ ଫଳିବା, ଝାଙ୍ଗୁ କରିବା

ଜଂ—ବିଭକ୍ତି ପଦ-କୁ, ଉ: ଜମ୍ ଜଂ—ଖାଇବାକୁ
ରଲ୍ ଜଂ—କହିବାକୁ, ଣ୍ଡେଲଜଂ—ଦେଖିବାକୁ

ଜଆଓ—କ୍ରି. ଯୁଆଇବା

ଜଆବ୍—ବି. ଜବାବ

ଜଂକ୍—କ୍ରି. ଜଙ୍କ ଲାଗିବା (rust)

ଜଁକ୍—ବି. ଜୋକ

ଜକାର୍—ବି. ଜୋକାର୍ (jocker)

ଜଖ—ବି. ଯକ୍ଷ

ଜଖମ—କ୍ରି. ଜଖମ ହେବା, ଦୁର୍ବଳ ହେବା

ଜଖା—କ୍ରି. ମାପିବା, ମାପ କରିବା

ଜଖାଜଖେନ୍—ବି. ମାପିବା ବେଳେ

ଜଖାଇଂଗୁଲ୍—କ୍ରି. ମାପି ପରୀକ୍ଷା କରିବା

ଜଖାଜୁଙ୍ଗି—କ୍ରି. ମାପିବା ପ୍ରକ୍ରିୟା

ଜଖାବୁଟା.ଉ—କ୍ରି. ମାପକରି ଅନୁମାନ କରିବା

ଜଖାସାକାମ୍—ବି. ମାପପତ୍ର, ଜଙ୍ଗଲର ଏକ ପ୍ରକାରର ଗଛ

ଜଖାସିଦ୍—କ୍ରି. ବିଂ. ମାପ ସମାପ୍ତ କରି

ଜଖା‥—କ୍ରି. ଉଚ୍ଚତା ମାପ କରିବା ପ୍ରକ୍ରିୟା

ଜଖେନ୍—ଅ. ଯେଉଁ ସମୟରେ, ଯେତେବେଳେ

ଜଖେନ୍—ଅ. ସମୟ ନିର୍ଦ୍ଦେଶକ ପଦ

ଉ: ଅକାଜଖେନ୍—କେଉଁ ସମୟରେ, ଉନଜଖେନ୍-ସେତେବେଳେ

ଜଗ୍‌ଅ—ଅ. ଉପ, ଉ: ଜଗପାର୍ସେଡ୍—ଉପ-ସଭାପତି
ଜଗଅ ମାଝି—ଉପ-ପ୍ରଧାନ ଲୋକ

ଜଗମାଁଝି—ବି. ଉପ(ସହାୟକ) ପ୍ରଧାନ

ଜଗପାରୁନକ୍—ବି. ଉପସହାୟକ ପ୍ରଧାନ

ଜଗକାଠି—ବି. ଔଷଧି ଗଛର ନାମ

ଜଗ୍—କ୍ରି. ଖରକିବା, ଝାଙ୍ଗୁ କରିବା

ଜଗଡ୍—ବି. ଜଗଡ଼, ବିଶ୍ୱ

ଜଗଧାତ୍ରୀ—ବି. ଜଗଦ୍ଧାତ୍ରୀ

ଜଗରନାଥ୍—ବି. ଜଗନ୍ନାଥ
ଜଂଗଲାଓ ଜଙ୍ଗ୍‌ଲାଓ—କ୍ରି. ଲେସ୍କୁକୋସ୍କୁ ହେବା
ବିଂ. ଲେସ୍କୁକୋସ୍କୁ, ଉଃ ହାଲାମ୍‌ ଲେନ୍‌ଖାନ ହଲ୍‌ଆ ଂ ହଲ୍‌ମ
ମେଦ୍‌ଅହାଁ ଜଙ୍ଗଲାଓ ଆ—ବୁଢ଼ାହେଲେ ମଣିଷର ଦେହ ମୁହଁ
ଲେସ୍କୁକୋସ୍କୁ ହୁଏ
ଜଗାଓ—କ୍ରି. ସାଇତ ରଖିବା, ଯୋଗାଇବା
ଜଗାସ୍—ବି. ସାବଧାନ, ଜଗାରଖା, ବିଂ ସାବଧାନସହ
କ୍ରି. ଜଗାରଖା କରିବା
ଜଗାସନ୍—ବି. ଯୋଗାସନ, କ୍ରି. ବୁଝି ବସ୍ତୁର କରିବା,
ଜଗାରଖା କରିବା
ଜଗାଡ୍‌ତେ—କ୍ରି. ବିଂ. ଯୋଗାଡ଼ କରିବାକୁ, ସୁରକ୍ଷା କରିବାକୁ
ଜଗାଡ଼ଆ—ବି. ଯୋଗାଡ଼ିଆ, ସଂଗ୍ରହକାରୀ
ଜଗ୍‌ଆ ଂ—କ୍ରି. ବିଂ. ଖରକା ହୋଇଥିବା
ଜଙ୍ଗ୍‌ଲେ—ବିଂ. ଲେସ୍କୁକୋସ୍କୁ ହୋଇଥିବା
ଉଃ ଧୂଡ ଜଙ୍ଗ୍‌ଲେ ଆକାନା ବାଙ୍ଗ୍‌ ଧୂଡଃଆ—ଧୋଡ ଲେସ୍କୁକୋସ୍କୁ
ହୋଇଛି ପିନ୍ଧିବ ନାହିଁ
ଜଙ୍ଗଲ୍—ବି. ଜଙ୍ଗଲ
ଜଜ୍‌ନା—କ୍ରି. ନିନ୍ଦା କରିବା, ସାପ ଦେବା
କ୍ରି.ବିଂ. ପୁରୁଣା କଥା ଦୋହରାଇବା ପ୍ରକ୍ରିୟା
ଜଜ—ବି. ତେନ୍ତୁଳି
ଜଜ ଦାରେ—ବି. ତେନ୍ତୁଳି ଗଛ
ଜଜ—ବିଂ. ଖଟା, କ୍ରି. ଖଟା ଲାଗିବା
ଜଜମ୍—କ୍ରି. ଖାଇବା ପ୍ରକ୍ରିୟା
ଜଜମଇଜ୍—ବିଂ. ଯେ ଖାଏ, ହିଂସ୍ର ଜନ୍ତୁ, ସାପ
ଉଃ ଜଜମ ବିଙ୍ଗ୍‌—ସାପ ଯେ ଦଂଶେ, ଜଜମ କୁଲ୍—ସିଂହ ଯେ
ଖାଏ ମଣିଷଖିଆ ସିଂହ
ଜଜ-ସଅ—ବିଂ. ଝୋଲର ଗନ୍ଧ
ଜଜମ୍ଡ—ବି. ଡାହାଣ ହାତ
ଜଞ୍ଜ୍‌ରଜ୍—ବିଂ. ଦୁର୍ବଳ ଓ ଶ୍ରେଷ୍ଟ, ବେକାମି, ଦୁର୍ବଳିଆ
ଉଃ ଜଞ୍ଜ୍‌ରଜ୍ ହଲ୍‌ତେ ତେଦ୍ ହୁଁ ବାଂକଗ୍‌ଓଃଆ—ଶ୍ରେଷ୍ଟିଆ
ଦୁର୍ବଳିଆ ଲୋକ ନେଇ କାମ ହୋଇ ପାରେ ନାହିଁ

ଜଟ୍—କ୍ରି. ଜଣକ ସହିତ ଆଉ ଜଣକୁ ସମାନ କରିବା,
ଯୋଡ଼ିକରି ଦେବା, କନ୍ୟା ବା ବରର ଯୋଡ଼ି ସ୍ଥିର କରିବା
ଜଟାଓ—କ୍ରି. ଦୁଇ ଜଣକୁ ଏକାଠି କରିବା, ସଂଗ୍ରହ କରିବା
ଜଟେଦ୍—କ୍ରି. ଛୁଇଁବା, ସ୍ପର୍ଶ କରିବା
ଜଟେଦ୍ ଜପଟେତ୍—କ୍ରି. ଛୁଆଁ ଛୁଇଁ ହେବା
ଜଠର୍ ଜଠର୍—କ୍ରି. ବିଂ. ନିରର୍ଥକ
ଜଠ୍‌ଅ—ବି. ସ୍ତ୍ରୀର ଗର୍ଭାଶୟ
ଜଡ୍ ଜଡ୍‌ଅ—ବିଂ. ଅସୁସ୍ଥତା ଅନୁଭବ, କ୍ରି. ଦେହ ଭଲ ନ ଲାଗିବା
ଅଳସ ଲାଗିବା, କ୍ରି. ବିଂ. ଆଳସ୍ୟତା
ଜଣାଓ—କ୍ରି. ଜଣାଇବା, ସୂଚନା ଦେବା
ଜଣାଓକାତେ—କ୍ରି. ବିଂ. ଜଣାଇ, ସୂଚନା ଦେଇ
ଜଣାଓ ଆକାନ୍—ବିଂ. ଜଣା, ସୂଚିତ ହୋଇଥିବା
ଜତ୍—ବି. ବିଲବାଡ଼ି
ଜତ୍‌ଅ—ବିଂ. ସମସ୍ତ, ସବୁ
ଜତଦାର୍—ବିଂ. ଉତ୍ତମ, ଭଲ ଲାଗିବା, ହୃଦୟସ୍ପର୍ଶୀ
ଜତନ୍—ବି. ଯତ୍ନ, କ୍ରି. ଯତ୍ନ ନେବା
ଜତ୍‌ରାଓ—କ୍ରି. ମରାମତି କରିବା, ପୁନଃ ନିର୍ମାଣ କରିବା
ଜତା—ବି. ଦୁଇ କାଠ ଦ୍ୱାରା ଜାକିବା, ଜଣେ ପିଟି ସାରି ଆଉ
ଜଣେ ପିଟିବା
ଜତେ—ବି. ପଘା, ପଶୁକୁ ଖୁଣ୍ଟିରେ ବାନ୍ଧିବା ଦଉଡ଼ି
ଜତେଜର୍—ବି. ଅଣ୍ଟାସୂତା
ଜତେବିଙ୍ଗ୍—ବି. ସୂତାପରି ପତଳା ସାପ
ଜଥାର୍ଥ—ବିଂ. ଯଥାର୍ଥ, ଉଚିତ, ଉପଯୁକ୍ତ
ଜଥାନ୍—ବିଂ. ବଢ଼ିଆ, ଉତ୍ତମ
ଜଦ୍—କ୍ରି. ପୋଛିବା
ଜଦ୍‌ବଦାଓ—କ୍ରି. ରଙ୍ଗଦେଇ ପୋଛି ଆଣିବା
ଜଦ୍‌ଅ ବଦ୍‌ଅ—କ୍ରି. ବେନିୟମରେ ଲଗାଇ ରଙ୍ଗ କରିବା
ବିଂ. ଯାଇତାଇ ରଙ୍ଗ ବୋଳିବା
ଜଧିଧା—ବିଂ. ଅଳସୁଆ, ଠକୁଆ
ଜନ୍—ବି. ଲୋକ, ବ୍ୟକ୍ତି
ଜନ୍‌କା.ମିସ୍ତ୍ରୀ—ବି. କାମକରା ଲୋକ, ସ୍ୱକର ବା ମୂଲିଆ

ଜନ୍‌ଦ୍ରା ବାସ୍—ବି. ଦୁର୍ଗନ୍ଧ

ଜନ୍‌ଦ୍‌ଗ୍ରଓ—ବିଂ. ଦୂଷିତ (ସ୍ଥାନ) କ୍ରି. ଅପରିଷ୍କାର କରିବା

ଜନଲା (ସ୍ତ୍ରୀ)—ବି. ମକା

ଜନ ∞ —ବି. ଝାଡ଼ୁ

ଜନ ∞ ଇପିଲ—ବି. ଲଣ୍ଠାଡାଗ୍ର, ଧୂମକେତୁ

ଜନ୍‌ଖା – ବି. ମାପକରିବା ପ୍ରକ୍ରିୟା

ଜନଖା—ବି. ଜନଖା ହାପା-ମାପବାଡ଼ି, ଜନଖା ବାଟେର୍‌-
ମାପ ଦଉଡ଼ି, ଜନଖା କାଠା-ମାପ ଦଠା

ଜନମ୍—ବି ଜନ୍ମ, ଖାଦ୍ୟ, ଖାଦ୍ୟ ଜନ୍ମଣ

ଜନ୍‌ମାଓ—କ୍ରି. ଜନ୍ମାଇବା, ଉତ୍ପନ୍ନ କରିବା

ଜପ—ବି. ଜପ, ଜପ କରିବା

ଜପାଓ—କ୍ରି. ଜପିବା

ଜପଜପାଓ—କ୍ରି. ସନ୍ତସନ୍ତାଇବା

ଜପର୍‌ଜଲେ—କ୍ରି. ବିଂ. ସାଙ୍ଗସାଥି ହୋଇ

ଜପସ ଜପସେ—ବି. ସୁଧାଛନ, କ୍ରି. ବିଂ. ମେଘାଛନ

ଜପଃପି—ବି. ଦୁର୍ବଳ

ଜପାଣ୍ଡଞ୍ଜ—ବି. ଶ୍ୟାମଳ ପତ୍ର ଘାସ ଓ ଫୁଲ ସମୃଦ୍ଧ

ଜପାଓ—ବିଂ. ଘାଣହେବା (ଜ୍ୱରରେ) ଘାଣ୍‌ହୋଇଛୁ, (ଜ୍ୱରରେ)
ଦୁର୍ବଳ

ଜପର୍—ବିଂ. ଏକ ସମାନ, ଏକାଭଳିକା

ଜପର ଜଲେ—କ୍ରି. ବିଂ. ସମାନ ସମାନ ସେମାନେ ଯିବାର
ପ୍ରକ୍ରିୟା ଏକାଭଳିଆ (ଲୋକ) ସାଙ୍ଗସାଥି ହୋଇ ଯିବାର ପ୍ରକ୍ରିୟା

ଜପହାର୍—କ୍ରି. ଏକ ଆର ଏକକୁ ନମସ୍କାର କରିବା, ପରସ୍ପର
ନମସ୍କାର କରାକରି ହେବା

ଜବ—ବି. ଯବ, ଏକ ପ୍ରକାର ଶସ୍ୟର ନାମ

ଜବଜାଓ୍ୱ—କ୍ରି. ପାଣିରେ ଜୋରକରି ବୁଡାଇବା, ଗୋଲସ୍ଥା
ପାଣିରେ ଧଡ଼ି ଓଦା ସରସର ହେବା

ଜବଦ୍—କ୍ରି. ଅଙ୍କିସ୍ଥାରରେ ରଖିବା, ଜବଦ୍ କରିବା

ଜବ୍‌ଗ୍ରା—ବି. ଅଲଆ

ଜବଗ୍ରସ୍ଥ—କ୍ରି. ଅଲଆ କରବା

ଜବଗ୍ର ∞ —କ୍ରି. ବି. ଅଲଆପୂର୍ଣ୍ଣ

ଜବଗ୍ରଣ୍—ବି. ଜବରଦସ୍ତୀ

ଜବରାଣଏ—କ୍ରି. ଜବରଦସ୍ତୀ କରିବା, ଜୋରଦେବା

ଜବଗ୍ରଣତେ—କ୍ରି. ବିଂ. ଜବରଦସ୍ତୀ କରି

ଜବାନ୍—ବିଂ. ଉତ୍ତମ କଥା, ବ୍ୟବହାର

ଜବା.ବ୍—ବି. ଉତ୍ତର, ସ୍ୱପ୍ନ

ଦବାବ୍ ଏମ୍—କ୍ରି. ଉତ୍ତର ଦେବା

ଜାବାବ୍ ଦେଇ—ବି. ଜବାବ୍‌ଦେଇ

ଜବାବସ୍ଥା—ବିଂ. ଜବାବ ଯେ ଦଏ

ଜବାବାହା—ବି. ମନ୍ଦାର ଫୁଲ

ଜବେ-ବଂଗା ଅଦ୍ଧଣେ—କ୍ରି. ଦେବତାଙ୍କୁ ତର୍ପଣ କରିବା

ଜବେ—କ୍ରି. ମଇଳା ପାଣିରେ ପଙ୍କ ରହିବା

ଜବର୍—ବିଂ. ଶକ୍ତିଶାଳୀ, ଧନବାନ, ମଜ୍‌ଭୁତ, ବି. ଶକ୍ତିବାନ
କ୍ରି. ଶକ୍ତିଶାଳୀ ହେବା, ମଜଭୁତଆ ହେବା

ଜ-ବର—ସ୍ତ୍ରୀଲିଙ୍ଗ ବିଂ. ଜୋବସ୍ତ, ହିଂସାଳୁ ଓ ହଠଗୋଳିଆ
କ୍ରି.ବିଂ. ହଟ୍ଟଗୋଳ କରି

ଜବେ—କ୍ରି. ଦଲଲ, ତର୍ଣ୍ଣି କାଟିବା

ଜମ୍—କ୍ରି. ଖାଇବା

ଜମ୍ ଆନାଜ୍—ବି. ଖାଦ୍ୟଦ୍ରବ୍ୟ

ଜମ୍ ଆନାଞ୍ଜ୍—କ୍ରି. ଖାଇଅଛୁ

ଜମକା ଜମକ—କ୍ରି. ବିଂ. ମିଳମିଶି, ସାଥୀ ହୋଇ ଧୂମ୍
ଧାମ୍ କରିବା

ଜମ୍‌କାଓ—ବି. ଏକତ୍ର, କ୍ରି. ଏକତ୍ର ଭିଡ଼ କରିବା (ବାଜା
ଗୀତ ସହ) ଏକତ୍ର ଆନନ୍ଦ କରିବା, କ୍ରି. ବିଂ ଜୋରସୋର କରି

ଜମ୍‌ଦାକା—ବି. ବିବାହ ସହିତ ବରକୁ ଯେଉଁ ଭେଟି ବା ଦାନ
ଦିଆଯାଏ, ତାକୁ ସାନ୍ତାଳରେ 'ଜମ୍ ଦାକା' କୁହାଯାଏ

ଜମ୍ ଅ ଦୁଆର୍—ବି. ଯମଦ୍ୱାର

ଜମ୍‌ଅସ୍ୱଜ୍—ବି. ଯମରାଜା

ଜମ୍‌ଲାଡ୍—ବି. ଏକ ବିଶେଷ ଗଛର ନାମ

ଜମ୍‌ସିମ୍—ବି. ସାନ୍ତାଳଙ୍କ ଏକ ପ୍ରକାର ପୂଜାଉତ୍ସବ ଯାହା ଘରଠୁ
ଦୂରରେ ପଡ଼ିଆରେ ପୂଜାହୁଏ, ଏହା ସୂର୍ଯ୍ୟଙ୍କ ନାମରେ
ଅର୍ପଣ କରାଯାଏ । ଏଥିରେ ନିକଟ ସମ୍ପର୍କୀୟ, ଦୂର ସମ୍ପର୍କୀୟ

ବନ୍ଧୁମାନେ ଯୋଗ ଦଅନ୍ତୁ
କି. 'ଜମସିନା' ପୂଜା କରିବା

ଜମ୍ ହୁଡା.ର୍—. ଯମ ଦୂତ

ଜମାସ୍—କି. ଜମା କରିବା

ଜମ୍ଆ ∞—ବି. ଖାଦ୍ୟ ପଦାର୍ଥ

ଜମାଓ—କି. ଜମାଇବା, ଏକତ୍ର କରିବା

ଜମାଟ—କି. ଜମାଟ ବାନ୍ଧିବା, ବିଂ. ଜମାଟ୍

ଜମାବନ୍ଧ, ଜମାବନ୍ଦ୍—ବି. ଜମାବନ୍ଧ

ଜୟ୍—ବି. ଜୟ, ସଫଳତା, କି. ଜିତିବା, ଜୟ କରିବା, ସଫଳତା ହାସଲ କରିବା

ଜର୍ସ୍—କି. ପାଣି ପଡ଼ିବା

ଜର ∞—କି. ପାଣି ଝରିବା

ଜରକାଓ—କି. ଜରକିବା, ସନ୍ତାଇବା

ଜରସ୍ ଜରସ୍—କି. ଯୋଡ଼ାଯୋଡ଼ା ସାଙ୍ଗସାଥୀ ହୋଇ (ବୁଲିଚାଲି କରିବା ପ୍ରକ୍ରିୟା) ଉ: ଜରସ୍ ଜରସ୍ ଦାଲାକ ଦାଲାନ୍କାନା—ସାଙ୍ଗ ସାଥୀ ହୋଇ ଯୋଡ଼ା ଯୋଡ଼ା ହୋଇ ବୁଲୁଛନ୍ତି

ଜବ୍ରୁର୍—ବିଂ. ଜବରଦସ୍ତି, ଜୋର କରି

ଜର୍ଭଅ—ବି. ଓହଳ (ବର ଓହଳ ଡାଳରୁ ଚେର ତଳକୁ ଓହଳି ଥିବା)

ଜଭକ୍ ଜଭକ୍—କି. ବିଂ. ପାଣି ପଚପଚ

ଜସ୍ମୁ—ବି. ଜମ୍ବୁ

ଜଈ—ବି. ଜଈ

ଜରୁଆ—ବିଂ. ଜରୁଆ, ରୋଗଗ୍ରସ୍ତ

ଜରେସ୍ତା—ବି. ମୃତ, କି. ମୃତିବା

ଜରେସ୍ତା ଦା ∞—ବି. ମୃତ ପାଣି

ଜରେସ୍ତା ଓଲା ∞—ବି. ଶବସ୍ତାଗାର

ଜଲ୍—ବିଂ. ଯୋଡ଼ି, କି. ଏକତ୍ର ହେବା

ଜଲ ∞—କି. ସହାବାସ କରିବା

ଜଲ୍ଜଲ୍—କି. ବିଂ. ଯୋଡ଼ି ଯୋଡ଼ି

ଜଲ୍କର୍—ବି. ଜଲକର

ଜଲ୍କା—ବି. ଅନ୍ଧାରକଣା, ଛୋଟ ଝରକା ବା ବାତାୟନ

ଜଲ୍ଖିଆ—କି. ଜଳଖିଆ, ଲଘୁଖାଦ୍ୟ ଖାଇବା

ଜଲାଓ—କି. ଯୋଡ଼ିବା

ଜଲାଂତକ—ବି. ଜଳାତଙ୍କ ରୋଗ, ଜଳାତଙ୍କ

ଜଲା—ବି. ଜୋଡ଼ା, ଗୋରୁ ବେକରେ ବାନ୍ଧିବା ଯୋଡ଼ା, ପଘା

ଜଲ୍—ବି. ମୃତ ପାଣି, ପାଣି

ଜଲ୍କତ୍—କି. ପେଟକୁ ଭିତରକୁ ନେଇଯିବା, ପେଟ ଶୁଖିବା

ଜଲ୍ବନ୍ତ୍—ବି. ବଡ଼ ଧରଣର ପାଣି ସାପ (ଲୋକଙ୍କୁ ଗୁଡ଼ାଇ ବାନ୍ଧେ)

ଜଲ୍ଓ୍ୱ ଜଲ୍ଓ୍ୱ—କି. ଜଳିବା, ପ୍ରଦାହ ଅନୁଭବ କରିବା
ଉ: ହଲ୍ମ ଜଲ୍ଓ୍ୱଆ—ଦେହ ଜଳେ, ମନ ଜଲ୍ଓ୍ୱଆ—ମନ ଜଳେ, ମନ ଦୁଃଖ ହୁଏ, (୨) ଜଲ୍ଓ୍ୱ ଇଞ୍ଜ୍ କାନାସ୍—ମୋତେ ଚକ୍ରାନ୍ତ କରୁଛ, ମୋତେ କଷ୍ଟ ଦେଉଛ

ଜନ୍ଦୃଭା—ବିଂ. ସଙ୍ଗଠନ, ସମୂହ, ବି. ସାଙ୍ଗସାଥୀ

ଜନ୍ଦୃତାଓ୍ୱ—କି. ଏକତ୍ରିତ କରାଇବା, ଏକାଠି ହେବା

ଜହର୍—ବି. ବିଷ, ଜହର

ଜହାର୍—ବି. ଜୁହାର, ନମସ୍କାର

ଜହ୍ୱା—ବି. ଗାଲି

ଜହ ∞—ବିଂ. ଓହଳା, ଲମ୍ବାଇ
ଉ: ଜହ ∞ ଷ୍ଟଃ ଧୃତଃମେ—ଲମ୍ବାକାନ୍ଦ କରି ଧୋତି ପିନ୍ଧ
କି. ବିଂ. ବେହେଲ

ଜହ ∞ ଜହ ∞—କି. ବିଂ. ଲମ୍ବାକରି ଝୁଲାଇ ଝୁଲାଇ ନେବା
ଉ: ଜହ ∞ ଜହ ∞ ଏ ଗ ∞ ଆକାଦ୍ଆ—ଝୁଲାଇ ଝୁଲାଇ ବୋହିଁ ବୋହୁଛି

ଜହ ∞ ରୁମ୍ବା—ବିଂ. ଗୋଲ ଓହଳା (ପେଟ) ବେଢ଼ଙ୍ଗ

ଜହର୍—କି. ବିଂ. ପାଦଯାଏ ଓହଳା ହୋଇଥିବା, ତଳ ପର୍ଯ୍ୟନ୍ତ ଝୁଲି ରହିବା
ଉ: ଜହର୍ ବାନ୍ଦେ ଲୁଲ ସେନ ∞ କାନାସ୍—ତଳଯାଏ ଶାଢ଼ୀ ଝୁଲାଇ ପିନ୍ଧିଥିବା ସ୍ତ୍ରୀ ଯାଉଛି

ଜଡ଼୍ଧେ—କ୍ରି. ଗୋଡ଼େଇ ହେବା, ଯୋଡ଼େଇ ହେବା, ଜଡ଼ିତ ହେବା

ଜଡଧେ ବଙ୍ଗା—ବି. ଶ୍ୱଶୁର ଘରର ଦେବତା ଯେ ଝିଅ ସହିତ ଗୋଡେଇ ହୋଇ ଆସେ - କନ୍ୟା ଜନେ ଜବରଦସ୍ତ କିଛି ଜିନିଷ ଯଦ ନେଇ ଆସେ ସେ ଜିନିଷ ସହିତ ବର ଘରକୁ ଆସେ ଓ ପୀଡା ଦିଏ । ଶ୍ୱଶୁର ଘର ଦେବତା

ଜହାଜା.ସୁଲୁକ୍—ବି. ବରପିଡା ପଣରେ ବଳଦବନ୍ଧା ଦଉଡ଼ି ବା ପଘା

ଜଲଜଟଅ—କ୍ରି.ବିଂ. ବିଭିନ୍ନ ଉପାୟରେ ଜିନିଷ ସଂଗ୍ରହ କରିବା ପ୍ରକ୍ରିୟା

ଉ: ଜଲଅ ଜଟଅ କାତେ ଶିକଟାକା ଇଞ୍ଜି, ହାଲି କୋଃଆ - ବିଭିନ୍ନ ଉପାୟରେ ସଂଗ୍ରହ କରି ଋଣ ଟଙ୍କା ଶୁଝିଲି

ଜାଓ—ବି. ଆଗରୁ, ସବୁଦିନ

ଉ: ଜାଓରେ ହିଜୁଃଏନଃ କାନ୍ ତାହେଁକ୍ଏ - ଆଗରୁ ସେ ଯିବା ଆସିବା କରୁଥିଲା

ଜାଓଗ୍ୱ—କ୍ରି.ବିଂ. ଏକାଠି ବସି, ଏକଜ ହେବା କ୍ରି. ପଞ୍ଚାୟତ ବସାଇବା

ଉ: ଜାଓଗ୍ୱ ହୁଲ ~ ଆବନାଃ ଗାଲ୍ମାରାଓ ହୁୟୁଃଆ - ପଞ୍ଚାୟତ ବସିବା ଦିନ ତୁମ ଦୁଇଜଣଙ୍କର ମିମାଂସା ହେବ

ଜାଓ୍ୱା—କ୍ରି. ଯୁଆଇବା

ଜାଓ୍ୱା—ବି. ଜାଆଁଲା

ଜାଓ୍ୱାଁସୁ—କୁଆଁଇ

ଜାକ୍ଜମକ୍—ବି. ଜାକ୍ଜମକ୍, ଧୂମ୍ଧାମ୍

ଜାକାଜାକ—ବି. ଖିଡ଼, ଜକାଜକ

ଜା ~ —କ୍ରି. ସାମାନ୍ୟ ସ୍ପର୍ଶକରିବା

ଉ: ଶାଲି କାନତେ ଜା ~ ଲେଦଞ୍ଜ୍ ଅୟୁ - ସେ, ମୋତେ ତାର ଶାଢ଼ୀ କାନରେ ସାମାନ୍ୟ ସ୍ପର୍ଶ କରିଥିଲା

ଜା ~ କଟେଦ୍—ସାମାନ୍ୟ ସ୍ପର୍ଶ କରିବା ବା ଛୁଇଁବା

ଉ: କମିନକୁଲ ବାହାହସ୍ତହାର୍ ଜା ~ କଟେଦ୍ ଦ କାଇକାନା - ବୋହୂ ସ୍ୱାମୀର ବଡ଼ଭାଇକୁ ସାମାନ୍ୟ ଛୁଇଁବାଟା ଦୋଷ ଅଟେ

ଜାକ୍ତା—ବି. ଜାତରା, ନାଟକ, କ୍ରି. ଜାତରା ହେବା, ନାଟକ କରିବା

ଜାକ୍ନାକ୍ ଜୁକୁନୁର୍—କ୍ରି.ବିଂ. ଦୁର୍ବଳ ଚାଲି, ଦୁର୍ବଳ ହେତୁ ନଡ଼ବଡ଼ ଚାଲିବା ପ୍ରକ୍ରିୟା

ଜାକାର୍ ନୁକୁର୍—ବିଂ. ଦୁର୍ବଳିଆ, ନଡ଼ବଡ଼ିଆ

ଜାକାଓ—କ୍ରି. ଘାରିବା, ମାଡ଼ିବସିବା, ଦୁର୍ବଳ ହେବା

ଉ: ଇନ୍ଜ ରୁଆ.ତେ ଜାକାଓ ଆକାନାୟୁ - ସେ ଜ୍ୱର ହେତୁ ଦୁର୍ବଳ ହୋଇ ପଡ଼ିଛି

(୨) ରୁଆ.ତେ ଜାକାଓ ଆକାଦଞ୍ଜ - ମୋତେ ଜ୍ୱର ଘାରିଛି, ଜ୍ୱର ମାଡ଼ିବସିଛି

ଜାକାଡ ଜାକାଡ୍—କ୍ରି. ବିଂ. ଲମ୍ବପାଦ ପକାଇ ଶୀଘ୍ର ଶୀଘ୍ର ଚାଲିବା ପ୍ରକ୍ରିୟା

ଜାଂକାଁଡ—ବି. ଡାଆଁସ ମାଛି, ବିଂ. ପରଗୋଜୀ

ଜାଁକାଁତେ—ବି. ବୈଶ୍ୟ, ଶତ୍ରୁ

ଜାଖାନ୍ ତାଖାନ୍, ଜଖନ୍ ତଖନ୍—କ୍ରି.ବିଂ. ଯେତେବେଳେ ସେତେବେଳେ, କେବେ କେମିତି

ଜାଖାମ୍ —ବି. ଜଖମ୍

ଜଖମ୍—କ୍ରି. ଜଖମ ହେବା, ମାଡ଼ ବାଜିବା

ଜାଖେ ଯେମନ୍—କ୍ରି. ବିଂ. କେନ୍ଥ କେନ୍ଥ

ଜାଗର୍ ଜାତ୍ରା—ବି. ଜାଗର ଯାତ୍ରା, ଶିବପୂଜା ପର୍ବ

ଜାଗ୍ନା—ବି. ଅନିଦ୍ରା, ଉପବାସ, କ୍ରି. ଅନିଦ୍ରା ରହିବା

ଜାଗ୍ରନ—କ୍ରି. ଉଜାଗର ରହିବା କ୍ରି. ବିଂ. ପ୍ରାରମ୍ଭିକ ଉଜାଗର କରିବା ପ୍ରକ୍ରିୟା

ଜାଗ୍ବାର—କ୍ରି. ଜାଗିବାର, ଉଜାଗର ରହିବା ବିଂ. ଜାଗିବା, ଅନିଦ୍ରା, କ୍ରି.ବିଂ. ଅନିଦ୍ରା

ଜାଗା—ବି. ଜାଗା, ସ୍ଥାନ

ଜାଗାରନା—କ୍ରି.ବିଂ. (ଦଶହରା ପୂଜା ବେଳେ) ବିନା ଆଦେଶରେ ଗ୍ରାମରେ କୌଣସି ଫଳ ନେଇଯିବା ବାଧା । ଏହି ଗ୍ରାମରେ ଫଳ ପରିବା ଏପରି ହରଣ ଚାଲ୍ ହେଲେ ଏହାକୁ ସାନ୍ତାଳ ଗ୍ରେଜ ବୋଲି ଆଖ୍ୟା ଦିଏ ନାହିଁ)

ଜାଗାରନାଥ୍ ହୁଲ୍ଲୁ—ବି. ଜଗନ୍ନାଥ ଧାନ ବିଶେଷ

ଜାଗାଓ—କ୍ରି. ସଯତ୍ନରେ ରଖିବା ସଞ୍ଚିବା

ଜା-ଗେ (ଜାହିଁଗେ)—ସ. କହୁ ବି

ଜାଗେସାର୍—ବିଂ. ବିସ୍ତୃତ, ବୃହତ

ଜାଂ—ବି. ହାଡ଼, ମଜ୍ଜି

ଜାଂଗା—ବି. ଗୋଡ଼

ଜାଂଗାକା.ଟୁଡ୍—ବି. ଗୋଡ଼ ଆଙ୍ଗୁଠି

ଜାଂଗା ଦା ~—କ୍ରି. ଗୋଡ଼ ଧୋଇଦେବା (ସାନ୍ତାଳର) ପଦ୍ଧତି ଅନୁସାରେ ବନ୍ଧୁ (ନୂତନ ବନ୍ଧୁ) ଆସିଲେ ଗୋଡ଼ ଧୋଇ ଦଅନ୍ତି, ଏହାକୁ 'ଜାଂଗା ଦା ~ କହନ୍ତି)

ଜାଂଗେ—ବି. ଲମ୍ବକାଠ, ଯାହା ବାଡ଼ରେ ଦିଆଯାଏ

ଜାଂଗେ ଦାରମ୍—କ୍ରି. ଅନ୍ୟର ସାମନାରେ ରହି ଆକଟ କରିବା

ଜାଂଘିଆ.—ବି. ଜଙ୍ଘିଆ

ଜାଂବାହା—ବି. ଅସ୍ଥି (ଯେଉଁ ହାଡ଼କୁ ଚିତା ଭସ୍ମରୁ ଉଦ୍ଧାର କରି ସାଇତି ରଖି ଗଙ୍ଗାରେ ବୁଡ଼ାଇ ଦିଆଯାଏ)

ଜାଂଜ(ଜ)ଲର୍—ବି. ଏକ ପ୍ରକାର ବୃକ୍ଷ

ଜାଙ୍ଗାଲା କୁଙ୍ଗୁଲୁ—କ୍ରି. ବିଂ. ଲେସ୍କୁକୋସ୍କୁ ହେବା, କାବୁକରି ଛଡ଼ାଇ ନେବା, କ୍ରି. ବିଂ. ଅସ୍ପଷ୍ଟ ଭାବେ, ଗାଇଁ ଗୁଇଁ ହୋଇ କହିବା ପ୍ରକ୍ରିୟା

ଜାଙ୍ଗାଲାଓ—କ୍ରି. ଝଗଡ଼ିବା, ଲେସ୍କୁକୁସ୍କୁ ହେବା, ବହୁଲୋକ ଏକ ଲୋକକୁ ଗାଲିଗୁଲଜ୍ କରିବା ବା ଛଡ଼ିରେ ମାରିବା

ଜାଙ୍ଗାଲ୍ଟାଭାର୍—ବି. ତଳ ପାଦ, କ୍ରି. ଅଧୀନରେ ରଖିବା ଗୋଡ଼ ତଳେ, ଉ: କୁକୁରେଙ୍ଗେନ୍ ହଲ ଦ କଥା.ଣ୍ ହଲ୍ ଜାଙ୍ଗା-ଲ୍ଟାଭାର୍‌ରେକ ତାହେଁନା—ଏହି ଗରିବ ଲୋକମାନେ ଧନୀ ଲୋକର ଅଧୀନରେ (ଗୋଡ଼ତଳେ) ରହିବେ

ଜାଂ ଥର୍ଭା.—ବି. ଏକ ପ୍ରକାର ଜଙ୍ଗଲି ଲତା ଯାହାର ମୂଳ କନ୍ଦକୁ (କନ୍ଦ) ଲୋକେ ଖାଆନ୍ତି

ଜାଂଲୁକ(ଲ)—ବି.. ହାଡ଼ସ୍ଥ ମଜ୍ଜା

ଜାଂ ସରସ୍—ବି. ଏକ ପ୍ରକାର କ୍ଷୁଦ୍ର ଗଛ

ଜାଁଚ୍—କ୍ରି. ଯାଞ୍ଚ କରିବା

ଜାଁସ୍ଲଓ—କ୍ରି. ଜାଚିବା

ଜାସ୍ଲଓ୍—କ୍ରି. ପ୍ରାର୍ଥନା କରିବା, ନେତୃତ୍ୱ ନେବା

ଜାଜ୍—କ୍ରି. ପ୍ରମାଣ କରିବା

ଜାଜ୍—ବି. (ଇଂ) ଜଜ (judge)

ଜାଜାନାମ୍‌କନ୍—ବି. ଜନ୍ମଦାତା ଦୁହେଁ

ଜାଜାନାମ୍‌ଇଜ୍—ବି. ଜନ୍ମଦାତା, ଜନ୍ମଦାତ୍ରୀ, ସୃଷ୍ଟିକର୍ତ୍ତା

ଜାଞ୍ଜାଲ୍—ବିଂ. ଜଞ୍ଜାଳ

ଜାଞ୍ଜାଲଅ ~—କ୍ରି. ଜଞ୍ଜାଳ ଭୋଗ କରିବା

ଜାଞ୍ଜେଜ ଜାଞ୍ଜେ—କ୍ରି. ଏକ କଡ଼ିଆ ହୋଇ (ଚାଲିବା), ଥର୍ ଥର୍ ଗୋଡ଼ ପକାଇବା ପ୍ରକ୍ରିୟା

ଜାଟ୍—ବି. ତେଲ ପେଡ଼ିବା ଯନ୍ତ୍ରର ପେଷିବା ପ୍ରକ୍ରିୟା, ଗୁହଳ ବା ଗୁଡ଼ ରଖା ବଡ଼ ହାଣ୍ଡି ବା କଳସୀ

ଜାଟା.—ବି. ଜଟା

ଜାଟା ~—କ୍ରି. ଚଟ୍‌କରି ଲାଗିବା

ଜାଟା ~ ଜାଟା ~—କ୍ରି. ବିଂ. ଚପିଚପି ହେବା, ଲାଗିଯିବା, ଚଟ୍‌ଚଟ୍ ଲାଗିବା, ଉ: ଅଣ୍ଡେ ଗୁଲ୍ ତାହେଁକାନା, ଉ ଜାଟା ~ ଜାଟା ~ ଆ.ଇ କା.ଲ କାନା—ସେଠାରେ ଗୁଡ଼ଥିଲା ହାତରେ ଚଟ୍ ଚଟ୍ (ଚପିଚପି ଯାଉଛି) ଲାଗୁଛି (ଚକ୍‌ଟା ଚକଟା ଲାଗିବା)

ଜାଟା ~—କ୍ରି. ହାତ ପାପୁଲି ବା ଆଙ୍ଗୁଠି ସାହାଯ୍ୟରେ ଚାପି ଦେଇ (ଗୁହଳ, ଗୋବର, କାଦୁଅ ଆଦି) ଉଠାଇବା ପ୍ରକ୍ରିୟା

ଜାଟା କଲ୍‌ସା ହୁଲ୍ଲୁ—ବି. ଏକ ପ୍ରକାର ଧାନର ନାମ

ଜାଟାଂ—ବିଂ. ଚକଟିଆ, ଅଠାଅଠା

ଜାଟା ଜାରୁମ୍—ବିଂ. ଅପରିଷ୍କାର ଥିବା ମୁଣ୍ଡ ବାଳ

ଜାଟାଜଟ—କ୍ରି. ବିଂ. ଝଅଟ୍ ଝଅଟ୍

ଜାଟାଲ୍ କଟାଲ୍—ବିଂ. କଷ୍ଟେ ମଷ୍ଟେ
କ୍ରି. ବିଂ. ଅସହାୟ ଭାବେ

ଉ: ଜାଟାଲ୍ କଟାଲତେଦନ୍ ବଡା.ଉ:କାନା—କଷ୍ଟେ ମଷ୍ଟେ ଦିନ ବିତୁଛି

ଜାଟ୍‌ଲ—ବିଂ. ଜଟାଧାରୀ

ଜାଟ୍‌ଲି (ସ୍ତ୍ରୀ ଲିଙ୍ଗ)—ବିଂ. ଜଟାଧାରିଣୀ ନାରୀ

ଜା.ଟି—ବି. କଳଙ୍କ, ଦୁର୍ନାମ

ଜାଠ୍—ବି. ଜାଠ ଜାତିବିଶେଷ

ଜାଡ୍‌ବାନ୍—ବି. ଅତିରିକ୍ତ କର
(କର ସହିତ ଅଧିକା ଲୁଗାପଟା ଜମିମାଲିକଙ୍କୁ ଦେବା)

ଜାଡ଼ା—ବି. ଜଡ଼ା (ଗବଜଡ଼ା) ଗଛ

ଜାଡ଼ାମ୍ ଜାଡ଼ାମ୍—କ୍ରି. ବିଂ. ଲଗାତର, ନିରବଚ୍ଛିନ୍ନ ଭାବେ
ଉ: ଜାଡ଼ାମ୍ ଜାଡ଼ାମ୍ ଏ ଦା ॰ ଏଦା - ନିରବଚ୍ଛିନ୍ନ ଭାବେ
ବର୍ଷା ହେଉଛି

ଜାଡ଼ଅ—ବିଂ. ଶୀତ, ଥଣ୍ଡା

ଜାଡ଼ବାଯ୍—କ୍ରି. ଅତିରିକ୍ତ ଥଣ୍ଡା ଅନୁଭବ କରିବା

ଜାଡ୍‌ବା.ହୁ—କ୍ରି. ବିଂ. ଅଧିକ ଥଣ୍ଡା ଲହର ଲଗିବାର ପ୍ରକ୍ରିୟା

ଜାଡାସୁନୁମ୍—ବି. ଜଡ଼ାତେଲ

ଜା.ଢ଼—ବି. ଜାଡ଼ ଘା ରୋଗ ବିଶେଷ

ଜାଢ଼ୁଯ୍—ବି. ରେଶମ ପୋକ, ରେଶମ ପୋକର ଲୁଷ ସ୍ଥାନ

ଜାତନା—ବିଂ. ଅଳସେଇବା, ଅଳସେଇ ବସି ରହିବା ପ୍ରକ୍ରିୟା

ଜାତାନ୍—ବିଂ. ଖେତରେ ସିଝିବା ଶସ୍ୟ, ଖେତରେ ପ୍ରସବ
କରିବା ଗାଈ, ଜାଗ୍ର

ଜା.ଣ୍—କ୍ରି. ବୁଝ, ଅନୁଭବ କର

ଜା.ଣି—ଛପେଟ, ଛଣୀ

ଜା.ଣି ବାବେର—ବି. ଛଣୀ ଦଉଡ଼ି

ଜା.ତୁ—କ୍ରି. ଧରିବା, ଶତ୍ରୁର ପକ୍ଷକୁ ବଶ କରିବା, ବି. ଜାତି

ଜାଁତୁ—ବି. ଗୁଷିବା ଯନ୍ତ୍ର, ଖଇପଟା, କ୍ରି. ଗୁଷିବା ଦ୍ୱାରେ ପଦାବିବା

ଜାତୁକୁତୁ—କ୍ରି. ଯୋଗାଡ଼ଯନ୍ତ୍ର କରିବା, ମତ୍ରମନ୍ତ୍ର କରିବା,
ଠିକ୍‌ଠାକ୍ କରିବା, ମୀମାଂସା କରିବା

ଜାତ୍‌ନା—ବି. ଯନ୍ତ୍ରଣା, କଷ୍ଟ କ୍ରି. ଯନ୍ତ୍ରଣା ଦେବା/ପାଇବା,
କଷ୍ଟ ପାଇବା, କଷ୍ଟ ଦେବା

ଜା.ତ୍‌ମଁହିଁର୍—ବି. ଜାତି ମହତ, ନେତାଲକ୍ଷ୍ମା

ଜାତ୍ରା—ବି. ମେଳା, ନାଚ ଉତ୍ସବ, ଯବା, ଯାତ୍ରା
କ୍ରି. ମେଳା କରିବା, ନାଚ୍ୟ ଉତ୍ସବ କରିବା, ତୀର୍ଥଯାତ୍ରା
କରିବା

ଜାତ୍ରା ଏନେଚ୍—କ୍ରି. ମେଳାର ନାଚ ନାଚିବା
ବି. ମେଳା ନାଚ

ଜାତ୍ରା ବଂଗା—ବି. ମେଳା ମହୋତ୍ସବର ମାସ, ମେଳାସ୍ଥିତ
ଦେବ, ଦେବୀ

ଜାତ୍ରା ମାନ୍‌ଡ଼ା—ବି. ମେଳାର ନାଚିବା ସ୍ଥାନ, ମେଳାରେ
ବଳଦଆ ଯାଉଥିବା ସ୍ଥାନ

ଜାତ୍ରା ସେରେଞ୍ଜ୍—ବି. ମେଳା ଗୀତ, ଜାତରା ଗୀତ

ଜାଁତା.ଲ—ବିଂ. ବଢ଼ିଆ, ବହୁତ ବଢ଼ିଆ

ଜା~ତେ—କ୍ରି.ବିଂ. ଯାହାଦ୍ୱାରା, ଯେପରି

ଜା~ତେକ୍—କ୍ରି.ବିଂ. ଯେକୌଣସି ପ୍ରକାରରେ, ଉପାୟରେ

ଜା~ତେକ୍—କ୍ରି. ବିଂ. ହେବପରି, ହୋଇପାରେ
(ବିସ୍ମୟ ପ୍ରକଟ କର)

ଜା.ଥ—ବି. ଜାତି

ଜା.ଦୁର୍—ବି. ଏକପ୍ରକାର ନାଚ ବିଶେଷ

ଜା.ଦୁ ବିଦ୍ଦା—ବି. ଯାଦୁବିଦ୍ୟା

ଜା-ଥେ—କ୍ରି. ବିଂ. ଯେମନ୍ତ ଅ. ଯେପରି, ଯେପ୍ରକାର

ଜାଦ୍‌ଗ—କ୍ରି. ହାତମାରି ଦେବା, ହାତମାରି ଛୁଇଁ ଦେବା

ଜା~ଦା—ବି. ଅଧିକ

ଜା~ଦା ॰—କ୍ରି. ଅଧିକ ହେବା

ଜାନ୍—ବି. ଓଝା, ଗୁରୁ

ଜାନ୍‌କାଓ୍ୱ—କ୍ରି. ଭେଦ ପାଇବା ରହସ୍ୟ ବାହାର କରିବା

ଜାନ୍‌ଗୁମାନ୍—ବି. ଖବର ଖବର, ସୂଚନା, ଗୁରୁଆଜ୍ଞା
କ୍ରି. ଗୁରୁଙ୍କୁ ଜାଣିବା ପାଇଁ ପରାମର୍ଶ କରିବା,
ଖୋଜାଖୋଜି କରିବା

ଜାନ୍‌ଗୁରୁ—ବି. ଭୂତ ପ୍ରେତ ଆଦି ଖୋଜି ବାହାର କରିବା
ଓଝାଗୁରୁ

ଜାନ୍‌ଜାନ୍‌ଓ୍ୱା.ର—ବି. ପାଳିତ ପଶୁ

ଜାନ୍‌ଜାନାଓ୍ୱ—କ୍ରି. ଗୁରୁସମ୍ବାଦ, ଗୁରୁଆଜ୍ଞା

ଜାନ୍‌ତେ—ବି. ଯନ୍ତ୍ର

ଜାନ୍‌ତେ କହିଁନ୍‌ଡ଼ା—ବି. ଚେପ୍‌ଟା, ଗୋଲ୍‌ବାଲ୍ଲ ବୋଇତାଳୁ

ଜାନ୍‌ତେ ଜାନ୍‌ତେ—କ୍ରି. ବିଂ. ଜାଣି ଜାଣି

ଜାନ୍‌ଥାଲ—ବି. ଫସଲ ଜମିର ଦେବତା ସ୍ଥଳୀ

ଜାନଥାଲ୍ ବଂଗା—ବି. ଫସଲ ଦେବତା

ଜାନ୍‌ଥାଲ୍ ବଂଗା ‑‑—କ୍ରି. ଫସଲ ଦେବତା ସ୍ଥଳୀରେ ପୂଜା କରିବା
(ଏହି ପୂଜା ନ ହେଲେ ଫସଲ କଟା ଯାଇପାରେ ନାହିଁ)

ଜାନ୍‌ଦେ ଡାନ୍‌ଦେ—କ୍ରି. ଅନାଟନ ଓ ଅସୁବିଧାରେ ରହିବା
ବିଂ. ଅନାଟନ ଓ ଅସୁବିଧା

ଜାନଦେ ମାନ୍‌ଡାନ୍‌ଦେ—କ୍ରି. ବିଂ. ଠିକ୍ ଠିକଣା (ନାହିଁ)
ଦୁଃଖ କଷ୍ଟରେ ଏଣେ ତେଣେ (ରହିଛି)

ଜାନ୍ ମୁନ୍‌ଦେ—କ୍ରି. ବିଂ. ଅଜଣା ଦଗରେ, ନିରୁଦ୍ଦେଶ୍ୟ

ଜାନ ପାହ୍ଚାନ୍—ବିଂ. ପରିଚିତ, ଜଣାଶୁଣା. କ୍ରି. ବିଂ. ପରିଚିତ
କ୍ରି. ପରିଚିତ ହେବା

ଜାନ୍‌ମା.ଲ୍—ବି. ସନ୍ତାନ ସନ୍ତତି, ପିଲାପିଲି

ଜାନ୍‌ଓ୍ୱାର୍—ବି. ପଶୁଜାତି

ଜାନ୍ ହାଣ୍ଡି—ବିଂ. ଓଁଝା ଗୁରୁ ଉଦ୍ଦେଶ୍ୟରେ ରଖା ଯାଇଥିବା
ହାଣ୍ଡିଆ

ଜାନ୍‌ହେ—ବି. କଦନ୍ନ, ଘାସ ଜାତୀୟ ଫସଲ, ଏ ଫସଲ ଉଚ୍ଚ
ପଥୁରିଆ ଜମିରେ ବୁଣ କରାଯାଏ । ସୋରିଷ ମଞ୍ଜି ଠାରୁ ଅଳ୍ପ
ବଡ଼ ଦାନାଦାର

ଜାନ୍‌ହେ ନାଙ୍ଗମ୍—ବି. ଏକ ପ୍ରକାର ଘାସ ଜାତୀୟ ଗଛ

ଜାନ୍‌ହେ ହରମ୍—ବି. ଏକ ପ୍ରକାରର ଘାସ ଗଛ

ଜାନାଜାନି—କ୍ରି. ଜଣାଜଣି କରାଇବା, ପ୍ରକାଶ କରିଦେବା

ଜାନା କୁରୁଗୁ—ବିଂ. ପୂର୍ବ ପରିଚିତ, ସୁପରିଚିତ

ଜାନାଓ୍ୱ—କ୍ରି. ଜଣାଇବା, ସୂଚନା ଦେବା

ଜାନାଟ ‑‑—ବି. ଏକ ପ୍ରକାର ଗୁଳ୍ମ ଗଛ, ଯାହାର ମଞ୍ଜି ଦେହ,
ଲୁଗାରେ ସହଜରେ ଲାଗିଯାଏ

ଜାନାପିତ୍ ଦାରେ—ବି. ଲାଜକୁଳି ଲତା

ଜା.ନା.ପିଡ଼ିଆ ‑‑—ବିଂ. ନିଦ୍ରାକାରକ

ଜାନାମ୍—ବି. ଜନ୍ମ, ଅଙ୍କୁର ଉଠିବା, ଉତ୍ପନ୍ନ

ଜାନାମ୍—କ୍ରି. ଜନ୍ମଦେବା, ଜନ୍ମହେବା, ଉତ୍ପନ୍ନ ହେବା

ଜାନାମ ‑‑—କ୍ରି. ବିଂ. ଜନ୍ମନେଇ

ଜାନାମ୍‌ଇଲ୍—ବି. ପକ୍ଷୀର ଜନ୍ମ ବେଳର କୋମଳ ପର

ଜାନାମ୍‌ଉବ୍—ବି. ଜନ୍ମ ବେଳର ପ୍ରଥମ ବାଳ

ଜାନାମ୍ ଏମ୍—କ୍ରି. ଜନ୍ମଦେବା, ଦେଇବା

ଜାନାମ୍ ଗୁନ୍—ବି. ଜନ୍ମଗତ ଗୁଣ

ଜାନାମ୍ ଛଟ୍‌ଆର୍—ବି. ଜନ୍ମର ଷଷ୍ଠୀ ଦିବସ

ଜାନାମ୍ ଛୁତ୍—କ୍ରି. ବି. ଜନ୍ମଦେବା ହେତୁ ଅସ୍ପୃଶ୍ୟ ପ୍ରକ୍ରିୟା

ଜାନାମ୍ ଜାତ—ବି. ଜନ୍ମ ଜାତ

ଜାନାମ୍ ଜୁଗ୍—କ୍ରି. ବିଂ. ଆଜୀବନ, ଜୀବନ ସାରା

ଜାନାମ୍‌ରୁକା—ବି. ଗର୍ଭାଶୟ

ଜାନାମ୍ ଦାତା—ବି. ଜନ୍ମଦାତା, ପିତା, ଈଶ୍ୱର

ଜନାମ ଦିଶମ୍—ବି. ମାତୃଭୂମି, ଜନ୍ମ ଭୂମି

ଜାନାମ୍‌ଆ ‑‑—ବିଂ. ଜନ୍ମ ନେଇଥିବା, ଉତ୍ପନ୍ନ ହୋଇଥିବା

ଜାନାମ୍‌ରେ—କ୍ରି. ବିଂ. ଜନ୍ମଗତ, ଜନ୍ମଠାରୁ

ଜାନାଲମ—ବି. ମାଛ ଧରିବାର ଏକ ପ୍ରକାରର ଛୋଟ ଜାଲ

ଜାନାଓ୍ୱ/ଜାଣାଓ୍ୱ—କ୍ରି. ଜଣାଇବା

ଜାନାସୁନା—ବିଂ. ଜଣାଶୁଣା, ପୂର୍ବ ପରିଚିତ
କ୍ରି. ବିଂ. ପୂର୍ବ ପରିଚିତ

ଜାପ୍‌ଜାଲାଓ—ବିଂ. ଖାଦ୍ୟ ପେୟର ଅଭାବ ଅସୁବିଧା
କ୍ରି. ବିଂ. ଖାଦ୍ୟପେୟ

ଜାପା ‑‑—କ୍ରି. ସାହାଯ୍ୟ ପାଇଁ ପ୍ରତୀକ୍ଷା କରିବା, ସହାୟତା
ପାଇଁ ପର ଦ୍ୱାର ମୁହଁରେ ହାତ ରଖି ଆଉଜି ରହିବା

ଜାପା ‑‑ କେରେଡ୍—କ୍ରି. ବିଂ. ସାହାଯ୍ୟ ପାଇଁ ପର ଦ୍ୱାରରେ
ବସି ଅପେକ୍ଷା କରିବା ପ୍ରକ୍ରିୟା

ଜାପାଓ—କ୍ରି. ଜପ କରିବା, ଜପିବା, ବିଂ. ଆକ୍ରାନ୍ତ

ଉଦାଃ ବେମାର୍ ଏ ଜାପାଓ ଆକାଦେୟା—ସେ ରୋଗରେ ଆକ୍ରାନ୍ତ
ହୋଇଅଛି

ଜାପାଂ ଜୁପୁଂ ବା ଜାପା ଜପଅ—କ୍ରି. ଦୁର୍ବଳ ଯୋଗୁଁ ଚାଲିବାରେ
ଟଳ ଟଳ ହେବାକୁ ବୁଝାଏ, କ୍ରି. ବିଂ. ଦୁର୍ବଳ ହେବାରୁ ଟଳି ଟଳି
ଚାଲିବା ପ୍ରକ୍ରିୟା

ଜାପାନ୍—ବି. ଜାପାନ (ରାଷ୍ଟ୍ର)

ଜାପାଣ୍—କ୍ରି. ବି°. ଅନ୍ୟର ଆଶ୍ରାରେ ରହିବା, ବି. ଆଶାବାଡ଼ି ବି°. ତେଲୁ ବା ଠିଆବାଗରେ ଆଉଜା ହୋଇଥିବା ସିଢ଼ି

ଜା.ପିଦ୍—କ୍ରି. ଶୋଇବା, ଶୟନକରିବା

ଜା.ପୁଦ୍—ବି. ବଡ଼ ବର୍ଷା

ଜା.ପୁଦ୍ ଶତ୍—ବି. ବର୍ଷାଋତୁ

ଜାପୁଦ୍ ଦନ୍—ବି. ବର୍ଷାଦିନ

ଜା.ପୁଦ ଜନ୍ଧଃ—କ୍ରି. ବି°. ବଡ଼ବର୍ଷା ବେଳେ

ଜା.ପୁ-କ୍—କ୍ରି. ଘରପାଖରୁ ଦେଇନେବା, ଦୂରଦୃଷ୍ଟି ପାଖୁଲି ଦ୍ୱାରା କୌଣସି ଜୀବକୁ ଧରନେବା

ଜାବ୍‌ଜାବ୍—କ୍ରି.ବି°. ଅତ୍ୟଧିକ ଭିଜିବା, ଜେଦ ଲତ୍ ଲତ୍ ହେବା ପ୍ରକ୍ରିୟା

ଜାବ୍‌ଜାବାଓ୍ୱ—କ୍ରି. ଜଳସିକ୍ତ କରାଇବା, ସମ୍ପୂର୍ଣ୍ଣ ଭିଜାଇ ଦେବା

ଉ: ଅନା ଖେତ ଦ ଡା — ତେକ ଜାବ୍ ଜାବାଓ୍ୱ କାଡ଼ୁଆ - ସେହି ଜମିକୁ ପାଣି ଦେଇ ସମ୍ପୂର୍ଣ୍ଣ ଭିଜାଇ ଦେଲେ

ଜାବ୍‌ଡାଓ—କ୍ରି. ଜଳରେ ପକାଇବା

ଜାବ୍‌ଡାଙ୍ଗା—ବି°. ଅଧିକା ଜଳପୂର୍ଣ୍ଣ ଖାଲ, ନିଚ ଜମି (ସବୁଦିନରେ ପାଣି ପଙ୍କ ଜମି ରହେ)

ଜାବଡ଼—ବି. ବାଜା ବାଜଣାର ଶବ୍ଦ ସମାହାର ସ୍ଥଳୀ କ୍ରି. ବାଦ୍ୟଯନ୍ତ୍ର ଏକତ୍ର ବଜାଇବା ପ୍ରକ୍ରିୟା

ଜାବନ୍ତୁ—ବି°. ସମୁଦାୟ, ସମସ୍ତ, ପର୍ଯ୍ୟନ୍ତ

ଜାବାଳୁବା—କ୍ରି. ଅସ୍ଥାୟୀ ବ୍ୟବସ୍ଥା କରିବା

କ୍ରି. ବି°. କାର୍ଯ୍ୟ କରିବାର ପ୍ରାରମ୍ଭିକ ପ୍ରକ୍ରିୟା

ଜାବାର୍—କ୍ରି.ବି°. ଯିବା ହେଲେ

ଜାବାଜବେ—କ୍ରି. ବି°. ଅନିୟମିତ ରୂପେ କାମ କରିବା

ଜାବାଡ଼୍ ଜବୁଡ଼୍—କ୍ରି.ବି°. ଅଧାପନ୍ତରିଆ କ୍ରି. ଧୀରେ ସୁସ୍ଥେ କାର୍ଯ୍ୟ କରିବାର ପ୍ରକ୍ରିୟା

ଜାବେ ଜନ୍ତୁ—ବି. ସାନ୍ତାଳ ଜାତିର ଏକ ଗୋତ୍ର ବିଶେଷ

ଜାବନାଇ—ବି. ଜାବନଦୀ, ଏହି ନଦୀର ବର୍ଣ୍ଣନା ସାନ୍ତାଳ ଇତିହାସରେ ରହିଛି

ଜାମ୍—କ୍ରି. (ଇଂ) Jam

ଜାମ୍‌ଜା ଜୁମଜ—କ୍ରି. ବି°. ମିଳିକରି, ଏକତ୍ର ହୋଇ, ଉତ୍ସାହିତ ହୋଇ

ଜାମ.କାଓ—କ୍ରି. ମଉଜ୍ ମଜ୍‌ଲିସ୍ କରିବା

ଜାମ୍‌ବୁଜୁ—ବି. ଢମଣା ସାପ

ଜାମିର, ଜାମ୍‌ବିର୍—ବି. ଖଟା କମଳା

ଜାମା — ଜାମୁ —କ୍ରି. ବି°. ବିଚଳିତ ଭାବେ ଧୀରେ ଧୀରେ (ଚୁଲବୁଲ କରିବା)

କ୍ରି. ଅନ୍ୟମନସ୍କ ହୋଇ ମନ୍ଥର ଗତିରେ ପଦଚାରଣ କରିବା

ଜାମ୍‌ବେ—ବି. ଗାଲପାଟି

ଜାମ୍‌ବେ—କ୍ରି. ତଣ୍ଟି କାଟିବା

ଜାମ ବେଲେ—ବି°. ଠକ୍‌କରଗାଲିଆ

ଜାମ୍‌ବେଡାଣ୍ଟା—ବି. ଗାଲପାଟିସ୍ଥ ଦାନ୍ତ, କାଣଦାନ୍ତ

ଜାମ୍‌ବ (ରୁ)—କ୍ରି. ଚୋପାଇ କରିବା

ଜାମ୍‌ରାଜା—ବି. ଯମରାଜା

ଜାମ୍‌ରୁଲ୍—ବି. ଯାମରୁଲ୍ ଫଳ

ଜାମା—ବି. ଜାମା, କୁରୁତା

ଜାମାକୁଡ଼ା—ବି. କୁରୁତା ଯୋଡ଼ା, ଭୂଷଣ ବି°. ଭୂଷିତ, ମେଧାବୀ

ଜାମାଓ—କ୍ରି. ଜମା କରିବା, ଏକାଠି ଠୁଳ କରିବା

ଜାମାଲ୍ (ଡ୍) ବି° କଠିନ ରହୁ ରହୁ ଜମାଟ ଧରିବା

ଜାମାଟ୍—ବି°. ଜମାଟ୍, ଆଣ୍ଠୁ କ୍ରି. ଜମାଟ୍ ହେବା, କଠିନ ହେବା

ଜାମାଦାର୍—ବି. ଜମାଦାର, ଝାଡ଼ୁଦାର, 'ପୋଲିସ୍' ଜମାଦାର

ଜା.ମା.ନ—ବି. ଜମାନତ୍

ଜା.ମିନ୍—କ୍ରି. ଜାମିନରେ ନେବା

ଜା ମିନ୍‌ଦାର୍—କ୍ରି. ଜାମିନ୍‌ଦାର୍

ଜାମ୍ବୁ—ବି. ଜମ୍ବୁ, ଜାମ୍ବକାରୁଣୀ

ଜାସ୍ତୁକରଲ୍—ବି. ଉତ୍ତରାଧିକାରୀ, ପୌତ୍ର ସୁହାଦ

ଜାସ୍ତୁଗା—ବି. ସ୍ଥାନ, ଜାଗା, ଭୂମି ଜାଗା

ଜାସ୍ଦାଦ୍—ବି. ଚଳ ଓ ଅଚଳ ସମ୍ପତ୍ତି
ଜାସ୍ଜଞ୍ଜଷ୍—ବି. ସମସ୍ତ ପ୍ରକାର ଧନ ସମ୍ପତ୍ତି
ଜାସ୍ ଜୁର୍—କ୍ରି. ବିଂ. ଅନାଦିକାଳରୁ, ସର୍ବଦା
ଜାସ୍ ଜୁପା.ଡିଂ—ବି. ଜଙ୍ଗଲି ମୂଳକନ୍ଦ
ଜାସ୍ ଜୁମ୍ ଦା.—ବି. ମଇଳାଗଦା
ଜାସ୍ ଜୁଲୁମ୍—ବି. ଅତ୍ୟାଚାର, ବଳତ୍କାର
ଜାସ୍ ଦାରେ—ବି. ଏକପ୍ରକାର ଗଛ ବିଶେଷ
ଜାସ୍ ନାଁଣୀ—ବି. ସମସ୍ତ ପ୍ରକାରର ଲତା
ଜାସ୍ଫଲ୍—ବି. ଜାଇଫଳ
ଜାସ୍ ବାଁଦାଁଲ୍—ବି. କ୍ଷତିପୂରଣ
ଜାସ୍ ବାଦାଲ୍—କ୍ରି. କ୍ଷତିପୂରଣ ଦେବା, ବଦଳରେ ଦେବା
ଜାସ୍ସାତ୍—ବି. ଦସ୍ତା, ସିଲଭର
ଜାର୍କାଓ—କ୍ରି. ଜର୍ଜରିବା, ସନ୍ତ୍ରେଇବା
ଜାର୍—ବି. ଇଂ Jar, ଜାର
ଜାର୍ଖାର୍—ବିଂ. ବିନଷ୍ଟ, କ୍ରି. ନଷ୍ଟହେବା, ବିପନ୍ନ ହେବା
ଜାର୍ଗେ—ବି. ବର୍ଷାକାଳ, ବର୍ଷାଋତୁ, ଲଗାଏତ ବର୍ଷା
ଜାର୍ଗେ ଜା.ପୁଡ୍—ବି. ଝଡ଼, ବାତ୍ୟା ସହିତ ଲଗାଏତ୍ ବର୍ଷା
କ୍ରି. ବିଂ. ତୋଫାନ ସହ ଝଡ଼
ଜାର୍ଗେ ଉରଲ୍—ବି. ବର୍ଷାକାଳୀନ କେନ୍ଦୁ
ଜାର୍ଗେ ଦା —ବି. ବର୍ଷାପାଣି, ଝଡ଼ ବର୍ଷାପାଣି
ଜାର୍ଗେ ପାନ୍ଦଟ୍—ବିଂ. ବର୍ଷାକାଳୀନ ବିଶେଷ ଲୁଗା
ଲୋକଙ୍କୁ ବର୍ଷାକାଳରେ ପାଲଟିବା ପାଇଁ ସ୍ୱତନ୍ତ୍ର ଲୁଗା
ଦିଆଯାଏ, ଏହାକୁ "ବର୍ଷା ଲୁଗା" ବୁଝାଯାଇ ପାରେ
ଜାର୍ଗେବ୍ଲନ—ବିଂ. ଅଧେଡ଼ ନାରୀ, କ୍ରି. ବିଂ. ଅଧେଡ଼ (ନାରୀ)
ହେବାର ପ୍ରକ୍ରିୟା
ଜାର୍ଗେ—କ୍ରି. ଝଟିକା / ଝଡ଼ ହେବା
ଜାର୍ଜାର୍ଓ—କ୍ରି. ବିଂ. କାମ କରି କରି ଅବଶ ହୋଇ ଦେହ
ଅବଶ ପ୍ରକ୍ରିୟା କ୍ରି. ଅବଶ ହୋଇ ପଡ଼ିବା
ଜାର୍ନାମ୍—ବିଂ. ପ୍ରସିଦ୍ଧ, ଶକ୍ତିଶାଳୀ, ବରଣୀୟ
ଜାର୍ନାହ୍ଵା—ବିଂ. ସାହସୀ, ଚଞ୍ଚଳତା, କେଳେଙ୍କାନ୍

ଜାର୍ପା—କ୍ରି. ଶିକାର ବେଳେ ଶିକାରୀ ଦଳ ଲମ୍ବ ହୋଇ
ଜଙ୍ଗଲକୁ ଘେରାଉ କରିବାର ପ୍ରକ୍ରିୟା
ଜାର୍ପେ—ବି. ହାଣ୍ଡାଲର ଲେକ କଥାରେ ଥିବା ଏକ ଦେଶର
ନାମ
ଜାର୍ପେଲ୍ଏଦ୍—କ୍ରି. ପ୍ରତୀକ୍ଷା କରିବା, ପାଇବା ଆଶାରଖି ବସି
ଅପେକ୍ଷା କରିବା
ଜାର୍ମା — ଡାର୍ମା — —ବିଂ. ଦରିଦ୍ର ହୋଇ ଏଣେ ତେଣେ
(ବୁଲିବା, ବସିବା)
କ୍ରି.ବିଂ.—ଅତି ଦରିଦ୍ର ହୋଇ ଯିବା ପ୍ରକ୍ରିୟା
ଜାର୍ମା. ଜୁର୍ମା—ବିଂ. ଗ୍ରେଣ୍ଟବନ୍ଧ କ୍ରି.ବିଂ. ଗ୍ରେଣ୍ଟିଆ ମୁଟିଆ
ଜାର୍—ବିଂ. ଜଙ୍ଗଲ ପୋଡ଼ାକରିବା ବି. କଣ କରଗୁଞ୍ଜି
କ୍ରି. ଜଙ୍ଗଲ ସଫା ସ୍ଥାନରେ କରଗୋଞ୍ଜି ପରି ଜାଲି
ଜାଗାସ୍ ଫସଲ ଆଦି ସୃଷ୍ଟି କରିବା, ପୋଡୁଚାଷ
ଜାର୍ — ଜାର୍ — —କ୍ରି. ବିଂ. ଆତୁରହୋଇ ଲଗାତାର
ଜୋରରେ (ଡାକିବା, କାନ୍ଦିବା)
ଜାର୍ — ମେନ୍ତେ—କ୍ରି. ବିଂ. ଅକସ୍ମାତ୍ ଜୋର ଦେଇ
(ଚିତ୍କାର କରିବା, ଡାକ ପକାଇବା, ଉଚ୍ଚ କରିବା)
ଜାର୍ଓ—କ୍ରି. ଜୀର୍ଣ୍ଣ କରିବା, ହଜମ୍ କରିବା
ଜାର୍ଜ୍ ଜୁରୁଜ୍—ବିଂ. ସାନବଡ଼ କ୍ରି.ବିଂ. ସାନବଡ଼
ଉ: ଜାର୍ଜ୍ ଜୁରୁଜ୍ ଆନ୍ତେ ଅଳା — କେ ଏସ୍କେରେଲ୍ କାନ୍
ହେନ୍ ଲେନା
ସ୍ୱାମୀ ସ୍ତ୍ରୀ ସାନବଡ଼ (ପିଲାପିଲି) ଧରି ଘରକୁ ଆସିଥିଲେ
ଜାର୍ଜା.ର/ଜାର୍ଝାର୍—ବିଂ. ସୁସ୍ଥସ୍ଥ, ମୋଟାସୁଟା
ଜାର୍ପିସ୍ତା—ବିଂ. ସ୍ତ୍ରୀ ଧନ
ଜାର୍ଲ୍ ଜାର୍ଲ୍—ବିଂ. ପ୍ରଖର ତେଜ ଯୁକ୍ତ (ଖରା, ଧାର)
କ୍ରି. ବିଂ. ଅତିତାପ ସହ (ସୂର୍ଯ୍ୟକିରଣ ପଡ଼ିବା)
ଜାର୍ଲ୍ ଜୁରୁଲ୍—କ୍ରି. ବିଂ. ଝଲସିଆ, ଝଲ୍ମଲିଆ
ଉ: ଜାର୍ଲ୍ ଜୁରୁଲ୍ ଏନ୍ଡାସ୍ତା ଇସ୍ତାଃ ମେଦ ଜାର୍ଲ୍ ଜୁରୁଲ୍
କାଡକେ - ଝଲମଲିଆ ଆଲୋକରେ ମୋର ଆଖି ଝଲସିଗଲା
ଜାର୍—କ୍ରି. ଦମନ କରି ଅଧିକାର ବିସ୍ତାର କରିବା

ଜାରେଜାରେ—ଅ. ଅହଃ ଅହା, କ୍ରି. ଦୁଃଖ ପ୍ରକାଶ କରିବା ଶବ୍ଦ

ଜାଗାଁଓ୍ୱ—କ୍ରି. (ଦେହ) ଝଡ଼ିଯିବା, ଦୁର୍ବଳ ହୋଇଯିବା

ଜା.ଗୁଲ୍—କ୍ରି.ବିଂ. ନଷ୍ଟପ୍ରାୟ, ଜର୍ଜର

ଜାଲାଓ—କ୍ରି. ଆଣ୍ଠୁଗଣ୍ଠି ପଗ୍ରସ ବା ଅବଶ ହୋଇଯିବା

ଉ: ଦୁଲ୍ଡୁବ୍ ଦୁଲ୍ଡୁବ୍ ତେଙ୍ଗା ଜାଲାଓଏନା - ବସି ବସି ମୋ ଗୋଡ଼ ଗଣ୍ଠି ପଗ୍ରସ ହୋଇଗଲା

ଜା.ଲି—କ୍ରି. ଝଡ଼ିବର୍ଷା ହେବା, ବର୍ଷା ହେଉଥିବା ପ୍ରକ୍ରିୟା

ଉ: ଦା ଃ ଜା.ଲି ଦ ବାଂଆଡାଙ୍ଗୁଆ - ବର୍ଷାବେଳେ ଯିବନାହିଁ

ଜା.ଲି—ବି. ଡାଲ, ଶ୍ରେଷ୍ଠ ପାହୁଆ

ଜାଲ୍—କ୍ରି. ଘୁଞ୍ଚିବା, ଘୁଷିବା

ଜାଲ.ଅ—ବି. ଶଙ୍ଖଚିଲ

ଜାଲ୍—ବିଂ. ମିଛ, ଜାଲି

ଜାଲ୍ଖାର୍—ବି. ଜାଲିଜାଲି ଥିବା ମୁଖା ଯାହା ପଶୁ ମୁହଁରେ ବନ୍ଧାଯାଏ

କ୍ରି. ପଶୁ ମୁହଁରେ ମୁଖା ପିନ୍ଧାଇବା

ଜାଲ୍ ଜା.ଲିଆ—ବି. ମିଛୁଆ, କଣା ବିଶିଷ୍ଟ

କ୍ରି. ପ୍ରେମ ପାଇଁ ମୁଆଁଙ୍ଗ ଦେଖାଇବା

ଜାଲ୍ ଜାଲ୍—କ୍ରି. ବିଂ. ଜଳ ଜଳ, ସ୍ପଷ୍ଟ

ଜାଲ୍ ଜାଲ୍ଓ୍ୱ—କ୍ରି. ଜ୍ୱଳନ ହେବା

ଉ: ମା.ରଚ ଇଂ କେଚ୍ଚୁ ଃ ଲେଦା କା.ଟୁବ୍ କ ଜାଲ୍ ଜାଲ୍ଓ୍ୱ କାନା - ମୁଁ ମରଚ ଖଣ୍ଡଖଣ୍ଡ କରିଥିଲି ହାତ ଆଙ୍ଗୁଠି ଗୁଡ଼ିକରେ ଜ୍ୱଳନ ହେଉଛି

ଜାଲ୍ନା—ବି. ଝିଙ୍କିକ

ଜାଲ୍ପା—ବିଂ. ପେଟ ପଶିଯାଇ ଥିବା

ଉ: ରେଙ୍ଗେଜ୍‌ତେ ଉନଆଃ ଲାଜ୍ ଜାଲ୍ପା ଆକାନ୍ ତାଙ୍ଗା - ଭୋକରେ ତାହାର ପେଟ ପଶିଯାଇ ଅଛି

ଜାଲ୍ପାଲୁ—ବିଂ. ପେଟ ଭିତରକୁ ନେବା ପ୍ରକ୍ରିୟା

କ୍ରି. ପେଟ ଭିତରକୁ ଟାଣି ସୁଖାଇବା

ଜାଲ୍ଭୁଗା ଃ—କ୍ରି. ବିଂ. ଘୁଞ୍ଚି ଘୁଞ୍ଚି ଛେଦ ବା କଣା କରିବାର ପ୍ରକ୍ରିୟା

ଜାଲ୍ସାଜ୍ (ଜ)—ବି. ଜାଲିଆତି କ୍ରି. ମିଛ ସାକ୍ଷି ଦେବା

ଜାଲି—ବି. ଜଞ୍ଜାଳ, ଦୁଃଖ, କଷ୍ଟ, ଚିନ୍ତା, ଜ୍ୱାଳା, ହ୍ରଦ, ବିସ୍ତୀର୍ଣ୍ଣ ଜଳରାଶି

କ୍ରି. ଜଞ୍ଜାଳରେ ପଡ଼ିବା, ଦୁଃଖ କଷ୍ଟ ଭୋଗ କରିବା

ଜାଲିକାର୍—ବିଂ. ଜଳମୟ, ବିସ୍ତୀର୍ଣ୍ଣ ଜଳଭାଗ

ଜାଲିଘା.ଟିଆ.ର—ବି. ବାରଗ୍ରାମର ଏକ ମାତ୍ର ସାନ୍ତାଲ ଜମିଦାର

ଜାଲିଜୁଲୁ—କ୍ରି. ବିଂ. ଅସ୍ପଷ୍ଟ, ଆଖିକୁ ଭଲ ନ ଦିଶିବା ପ୍ରକ୍ରିୟା

ଜାଲିଜାଞ୍ଜାଲ—ବିଂ. ଦୁର୍ବିସହ ଦୁଃଖକଷ୍ଟ, ବିପତ୍ତି

ଜାଲିଦ୍—କ୍ରି. ଲାଗିଯିବା, ରୋଷାଇ ବେଳେ ପଲମ ବା ହାଣ୍ଡିରେ ଲାଗିରହି ସାମାନ୍ୟ ପୋଡ଼ିଯିବା

ଜାଲିଦ୍ ଜାପାଦ୍—କ୍ରି.ବିଂ. ଅଭୁକ୍ତ, ଦୁଃଖ କଷ୍ଟ ସହି ବୁଲିବା ପ୍ରକ୍ରିୟା

ଜାଲିଦ ଜୁଲୁଦ୍—କ୍ରି. ବିଂ. ମିଟିମିଟି କରି ଘୁହିଁବା ପ୍ରକ୍ରିୟା ଧୂଆଁଳିଆ ଦିଶିବା ପ୍ରକ୍ରିୟା

ଜାଲିପି (ବି)—ବି. ଜଲ୍ପି, ଜଲପି

ଜାଲିପୁଖୁ—ବି. ସମୁଦ୍ର, ଜଞ୍ଜାଳ ସମୁଦ୍ର

କ୍ରି. ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ରହିବା

ଜାଲିଓ୍ୱ—କ୍ରି. ଜଳାଇଦେବା, ଚୁଲିରେ ଅଗ୍ନି ସଂଯୋଗ କରିବା

ଜାଲିଭୁ ଃ—ବି. କାନ୍ଥର ଉପରେ ପବନ ଯିବା ଆସିବା ପାଇଁ ରଖା ଯାଇଥିବା ଶ୍ରେଷ୍ଠ ଝରକା ବା କଣା

ଜାଲେଜାଙ୍ଗେ—କ୍ରି. ଅଭାବ ପୂରଣ ପାଇଁ ଏଠାରୁ ସେଠାକୁ ଦୌଡ଼ାଦୌଡ଼ି କରିବା

ଜାଲେଥାଲେ—ବିଂ. ଅବ୍ୟବସ୍ଥିତ, ଚଞ୍ଚଳ, ଠିକ ଠିକଣା ବିବର୍ଜିତ

ଉ: ଚେଦ୍ ଏମ୍ ମେନା ଆଞ୍ଜ ଜାଲେ ଥାଲେ ରେ ମେନାଙ୍ଗ୍ ଆ - କଣ କହିବି ମୁଁ ବହୁତ ଅବ୍ୟବସ୍ଥିତ ଅବସ୍ଥାରେ ରହିଛି

ଜାଲମ୍—ବି. ଜାଲ (ମାଛଧରା ଜାଲ) କ୍ରି. ଜାଲ ପକାଇବା

ଜାଲମ୍ ରକାପ୍—କ୍ରି.ବିଂ. ଜାଲ ଉଠାଇବା ପ୍ରକ୍ରିୟା

ଜାଲି—ବି. ବାଜପକ୍ଷୀ, ଜାଲି ଜାଲି କଣା

ଜାଓ୍ୱ—କ୍ରି.ବିଂ. ବରାବର ପ୍ରତିଦିନ, ବରାବର ସଦାବେଳେ

ଉ: ଜାଓ୍ୱଏ ହେଲ୍ ସେନ୍ ଲେନା-ଆଗରୁ ସେ ଯା'ଆସ କରୁଥିଲା

ଜାଓ୍ଵଜାଓ୍ଵ—କ୍ରି. ବିଂ. ସେତେବେଳର

ଜାଓ୍ଵଜାଓ୍ଵତେ—କ୍ରି. ବିଂ. ଥରଥର କରି, ବାରମ୍ବାର

ଜାଓ୍ଵା—ବି. ଜାଆଁଲା, ଜୁଆ ଜନକ, କ୍ରି. ଜୁଆଇ ରଖିବା,
ଭିଜାଇ ରଖିବା

ଜାଓଁ୍ଵାୟୁଁ—ବି. ଜୁଆଁଇ

ଜାଓଁ୍ଵାୟ୍‌ଗମ୍‌କେ—ବି. ଜୁଆଁଇ ପୁଅ

ଜାଓଁ୍ଵାୟ ଲ୍.ଜୁହୁଜୁ—ବି. ଏକପ୍ରକାର ଧାନର ନାମ

ଜାସ୍‌ଡ—ବିଂ. ଅଧିକା କ୍ରି. ଅଧିକା ହେବା

ଜାହାଜ୍—ବି. ଜାହାଜ

ଦା -- ଜାହାଜ—ପାଣି ଜାହାଜ

ଉଡ଼ାନ୍‌ଜାହାଜ୍—ଉଡ଼ାଜାହାଜ

ଜାହାଜ୍‌କାସ୍‌ଗ୍ରି—ବି. ଏକ ପ୍ରକାର କଦଳୀର ନାମ

ଜାହାଜୁହୁ—ବିଂ. ଅଚ୍ଚଳ ପେଟିଆ ଲୋକ ଗୁଲିବା ପ୍ରକ୍ରିୟା
ଗର୍ଭବତୀ ନାରୀର ନଇଁ ନଇଁ ଯିବା ଆସିବା ପ୍ରକ୍ରିୟା

ଜାହାତ୍ ଜୁହୁତ୍, ଜାହାପ୍ ଜୁହୁପ୍—କ୍ରି. ବିଂ. ଅସୁବିଧା ସହ
ଗ୍ରିଲିବାର ପ୍ରକ୍ରିୟା

ଜାଁହାଁ—ସ. ଯାହା

ଜାଁହାଁ ଜାହାଁ—ସ. ଯେଉଁ ଯେଉଁ

ଜାଁହାଁ କରେ—ଅ. କୌଣସିଠାରେ ଯଦ (ଥାଏ)

ଜାଁହାଁତାହାଁ—କ୍ରି. ବି. ଏଠି ସେଠି

ଉ: ଜାଁହାଁତାହାଁମ୍ ଦହ ଆକାଦ୍‌ଆ—ଏଠି ସେଠି ତୁମେ ରଖି
ଦେଇଛ

ଜାଁହାଁତନ୍—ଅ. ଯେଉଁ ମୁହୂର୍ତ୍ତରେ ବି, ଯେ କୌଣସି ସମୟରେ ବି

ଜାଁହାଁତନା -- —ଅ. ଯେତେ ବି

ଉ: ଜାଁହାଁ ତନା -- ଏମ୍ ଏମାୟ୍, ରେହଁ ବାୟ ଜୁସି -- ଆ—
ଯେତେ ଦେଲେ ବି ସେ ଖୁସି ହୁଏ ନାହିଁ

ଜାଁହାଁତନଉତ୍ତନ୍—ଅ. ସର୍ବ. ଯେତେ କଥ, ଯେତକ ଟିକେ

ଜାଁହାଁତସ୍—ଅ. ସର୍ବ. କେବେ ବି, କୌଣସି ସମୟରେ ବି
କ୍ରି. ବି. କେବେ କେବେ

ଜାଁହାଁନା -- ଭାନା -- —ଅ. କୌଣସିଟା, କୌଣସିଟା ବି

ଜାଁହାଁ ତସଃ—ଅ. କୌଣସି ଦିନ ପର୍ଯ୍ୟନ୍ତ/ହୁଏତ

ଉ: ଜାଁହାଁ ତସଃ ଏମ୍ ଲେଲା ଖାନ୍ ହୁଜୁଃମେ—କୌଣସି ଦିନ
ହୁଏତ ଦରକାର ପଡ଼ିଲେ ଆସିବୁ

ଜାଁହାଁତେ—ଅନିର୍ଦ୍ଦିଷ୍ଟ ସ. ଯେ କୌଣସିଠାକୁ

ଜାଁହାଁନାଃ— ଅ. ସ. କୌଣସି କଥ

ଜାଁହାଁମାନ୍ ତାହାଁ—ଅ. ସ. ଯାହା ଇଚ୍ଛା ତାହା, ମନଇଚ୍ଛା
ଯେଉଁଠି ସେଇଠି

ଜାଁହାଁୟ୍—ସ. କେହି, କେହି ବି

ଜାଁହାଁୟ୍ ଜାଁହାଁୟ—ସ. କେହି କେହି

ଜାଁହାଁୟ୍ ତାହାଁୟ୍—ସ. ଅଜଣା କେହି, ଆଲରୁ ଫାଲରୁ

ଉ: ଜାଁହାଁୟ୍ ତାହାଁୟ ହାତେ ଆଲମ୍ କୁଲ୍‌ଆ—ଅଜଣା
କାହାରି ହାତରେ ପଠାଇବ ନାହିଁ

ଜାଁହାଁରେ—ସ. ଯେଉଁଠାରେ ବି

ଜାଁହାଁରେ ବାଂ ଜାଁହାରେ—ସ. କୌଣସିଠାରେ ନା
କୌଣସିଠାରେ

ଜାହାଁଲେକା— ସ. ଯେମିତି ସେମିତି, ଯଦ

ଜାଁହାଲେକାତେ— ସ. ଯେ କୌଣସି ପ୍ରକାରରେ
କ୍ରି. ବିଂ. ଯେ ପ୍ରକାରରେ ବି, ଯେ କୌଣସି ଉପାୟରେ

ଜାହେର୍, ଜାହେର୍‌ଥାନ—ବି. ସାନ୍ତାଳର ସାର୍ବଜନୀନ ଦେବସ୍ଥଳୀ,
ଜାହିର, (ଏଠାରେ ଗୁଡ଼ାଏ ଶାଳ ଗଛ ରହିଥାଏ) ଜାହିରା ସ୍ଥଳୀ

ଜାହେର୍‌ଏରା—ବି. ଜାହେରାସ୍ଥିତ ଦେବୀ, ସାନ୍ତାଳଙ୍କ ମୁଖ୍ୟ
ଠାକୁରାଣୀ

ଜାହେର୍ ଦାରେ—ବି. ଜାହିରା ବା ଜାହେର ସ୍ଥିତ ବୃକ୍ଷ, ମୁଖ୍ୟଗଛ

ଜାହେର୍ ମା.ଉରା. (ଜହର୍)—ବି. ବିଷ ନଷ୍ଟକାରୀ ଔଷଧ ବିଶେଷ

ଜାହେର ସାଲମ୍—ବି. ଜାହିରାରେ ଦେବା ଦେବୀଙ୍କ ପୂଜା
କରିବା ପାଇଁ ଗଛକୁ ଲଗାଇ ଯେଉଁ ଏକ ସ୍ଥାନ ଘୁମୁଣ୍ଡା ତିଆରି
କରାଯାଏ ତାକୁ ଜାହେର୍ ସାଲମ୍ କୁହାଯାଏ

ଜା.ହୁରେ ଜା.ହୁରେ—କ୍ରି. ବିଂ. ଦେବାଦେବୀଙ୍କ ନିମନ୍ତେ ଜୟ
ଜୟକାର କରିବା

ଜା-ହୁ—ଅ. ଯାହାହେଉ

ଜାଗିର୍—ବି. ଜାଗିର୍

ଜାଗିର—ବିଂ. ଜାଗିର

ଜାର୍ଙ୍ଗିସ୍ଥା—ବି. ଜର୍ଙ୍ଗିସ୍ଥା
ଜାର୍ଙ୍ଗି, ଜାର୍ଙ୍ଗେ—କ୍ରି. ବିଂ. ଠୁଳା ହୋଇଥିବା
କ୍ରି. ଏକାଠି ଠୁଳ କରି ରଖିବା
ଜାର୍ଙ୍ଗି ପାଲ୍ଟନ୍—ବି. ପଦାତିକ ସୈନ୍ୟ
ଜାଜଲ୍ ମାନ୍—ବିଂ. ଜାଜ୍ଜ୍ୱଲ୍ୟମାନ, ଯୋଗ୍ୟ
ଜା.ଦୁଗା.ର୍—ବିଂ. ଉନ୍ନତ, ଉତ୍ତମ
ଜାତ୍ପାତ୍—ବି. ଜାତିଗୋଷ୍ଠି
ଜା.ଭିର—ବି. ସାକ୍ଷୀ
ଜା.ତସ୍ଥା—ବିଂ. ସ୍ୱଜାତୀୟ, ଉନ୍ନତ ଜାତିସ୍ଥା
ଜା.ନୁମ୍—ବି. କଣ୍ଟା
ଜାନୁମ୍ ଆନ୍ଦାରେ—ବି. କଣ୍ଟାଥିବା ଗଛ, (ବେଲ, ଆଇଁସା କୋଳି, କାନ୍ କୋଳି ଆଦି)
ଜା.ନୁମ୍ ଆଲା∞—ବି. କଣ୍ଟା ଶାଗ
ଜାନୁମ୍ କନ୍ଥୁ—ବି. ଶ୍ରେଷ୍ଟ ଜାତୀୟ ସାତ ଭାଇଆ ଚଢ଼େଇ, କଣ୍ଟାଥିବା ଗଛରେ ବସା ବାନ୍ଧନ୍ତି
ଜାନୁମ୍ ଦାମ୍ପା—ବି. କଣ୍ଟାବୁଦା ଗଛ
ଜା.ନୁମ ଦମ୍ପେ, ଜାନୁମ୍ ଠମ୍ପେ—ବି. ବେଲ ଗଛର ଗଣ୍ଡି
ଜାଞ୍ଜିଦ୍—ବି. ବଡ଼ ଝିଇଁଟି (ମାଛଧରା ବାଉଁଶ କାଠିରେ ତିଆରି ଯନ୍ତ୍ର)

ଜି(ଜିଇ)—କ୍ରି. ଶୁଙ୍ଘିବା
ଜିଅ.ଲି—ବି. ପଶୁଜାତି
ଜିଓ୍ୱି—ବି. ଜୀବନ
ଜିଓ୍ୱନ୍—ବି. ଜୀବ, ଜୀବନ
ଜିଓ୍ୱିଦ୍—ବିଂ. ବଞ୍ଚିଥିବା, କ୍ରି. ବଞ୍ଚିରହିବା
ଜିଓ୍ୱିଦ୍ ଜିଓ୍ୱନ୍—ବଞ୍ଚିଥିବା ଜୀବନ, ଜୀବନ୍ତ ଅବସ୍ଥା
ଜିଗର୍—କ୍ରି. ଜିଦ୍ କରିବା, ଅନୁନୟ କରିବା
ଜିଂଗର୍—ବିଂ. ଅନୁନୟ
ଜିଗା.ସ୍—କ୍ରି. ଜିଜ୍ଞାସା କରିବା, ପଚାରି ବୁଝିବା, ଅନୁସନ୍ଧାନ କରିବା
ଜିଠି ଦୁଲୁ—ବି. ଏକ ପ୍ରକାର ଧାନର ନାମ

ଜିଣା.ଉ—କ୍ରି. ଜିଣାଇବା, ଜିତାଇବା
ଜିତ୍—ବି. ଜୟ
ଜିତା.ଉ—କ୍ରି. ଜିତିବା, ଜିଣିବା
ଜିତ୍ନକାର୍—ବି. ଜୟୀ
ଜିଜା.—ବି. ମଳ, ଝାଡ଼ା, କ୍ରି. ମଳତ୍ୟାଗ କରିବା, ହଗିବା
ଜିଞ୍ଜିର୍ ଦାରେ—ବି. ଏକ ପ୍ରକାର ଗଛର ନାମ
ଜିଢ଼ା.ଜାଢ଼େ—କ୍ରି. ବିଂ. ଆଳସ୍ୟ ବଶତଃ, ଦୁର୍ବଳତା ବଶତଃ, ଅଳସ ଭାବେ ଧୀରେ ଧୀରେ (ଚାଲିବା ପ୍ରକ୍ରିୟା)
ଜିତସ୍ଥା—ବି. ହିନ୍ଦୁଙ୍କ ଏକ ପୂଜା ପର୍ବ
ଜିତସ୍ଥା ଜାତ୍ରା—ବି. ଜିତିଆ ବ୍ରତ ମେଳା
ଜିଦ୍—ବିଂ. ଜିଦ୍, ଦୃଢ଼, ବି. ଜିଦ୍, କ୍ରି. ଜିଦ୍ କରିବା, ଦୃଢ଼ହେବା, ଅଟଳ ରହିବା
ଜିଦାଜିଦ—କ୍ରି. ବିଂ. ପ୍ରତିଯୋଗିତା, ପ୍ରବୃତ୍ତି, ଜିଦାଜିଦ
ଜିଦାନ୍—ବି. ଉଦ୍ୟମ, ଉଦ୍‌ଯୋଗ, ବିଂ. ଉଦ୍ୟମୀ, ଉଦ୍‌ଯୋଗୀ
କ୍ରି. ବିଂ. ପରିଶ୍ରମ ପୂର୍ବକ, ତତ୍ପରତାସହ
ଜିନ୍ଠି—ବି. ମନ୍ତ୍ରବାଣ, କ୍ରି. ମନ୍ତ୍ରବାଣ ଚାଳନ କରିବା
ଜିନ୍ଠି ପା.ଅରି—ବି. ମନ୍ତ୍ର ବାଣ, କ୍ରି. ବାଣ ପେଷିବା
ଜିନ୍—ବି. ଘୋଡ଼ା ପିଠିର ଆସନ
ଜିନ୍ତା.—ବିଂ. ଜୀବନ୍ତ
ଜିନ୍ଦେଗି—ବି. ଜୀବନ
ଜିନଷ ପିପିଲି—ବି. ଜୀବ, ଜନ୍ତୁ ପକ୍ଷୀ ସମୁଦାୟ
ଜିନଆବାହା—ବି. ଜିନଅା ଫୁଲ
ଜିନସ୍—ବି. ଜିନଷ, ବସ୍ତୁ, ପଦାର୍ଥ
ଜିପା.—କ୍ରି. ଆଖି ମୁଦିବା, ବିଂ. ମୁଦା ଆଖି
କ୍ରି. ବିଂ. ଆଖି ମୁଦା ଅବସ୍ଥା
ଜିପ୍‌ଗାଡ଼ି—ବି. (ଇଂ) Jeep ଜିପ୍‌ଗାଡ଼ି
ଜିପ୍ରିବାହା—ବି. ଏକ ପ୍ରକାର ଫୁଲର ନାମ
ଜିବ—ବି. ଜୀବ, ଜନ୍ତୁ
ଜିବାଁଚ ଜାଁମାଁଚ—ବିଂ. ତରତର (ଚାଲିବା ଢଙ୍ଗ)
କ୍ରି. ବିଂ. ତରି ତରି କରି
ଜିମ୍ଷା.ତଃ—କ୍ରି. ଜମିଯିବା, ଲାଗି ରହିବା

**ଜମା.**—ବି. ଜମାଦାର, ଜମା, କ୍ରି. ଜମାରେ ରହିବା, ବାହାର ବନ୍ଦୀ ହୋଇ ରହିବା

ଜସ୍ମାଂ—କ୍ରି. ବୃଦ୍ଧଙ୍କର ମୁଣ୍ଡ ବାଳ ଆଦି ପରିଷ୍କାର କରିବା, ବୁଢ଼ି କରି ଗାଧୋଇବା

ଜସ୍ମାଂ ଡାଭାଂ, ଜସ୍ମାଂ ଜୁବୁକ୍—କ୍ରି. ବିଂ. ମୁଣ୍ଡର ବାଳକୁ ସଫା କରିବା ଜନ୍ମପରେ ଧୋଇ ପରିଷ୍କାର ପାଣିରେ ଟବ୍ ହୋଇ ଶୋଇ ସଫା କରିଦେବା ପ୍ରକ୍ରିୟା

ଜଆ.ଜ୍—ବି. ବୁଢ଼ୀ ମା' (ବାପା ବା ମା'ର ମାଆ)

ଜଆଜ୍ ଲୁଗୁଲ—ବି. ବିବାହ ବେଳେ କନ୍ୟାର ବୁଢ଼ୀମା ପାଇଁ ଦେବା ଲୁଗା

ଜଆଜ୍ ବାରେଇ୍—ବି. କନ୍ୟାର ବୁଢ଼ୀମା ଓ ସ୍ୱାଇ ସହ ଅନ୍ୟ କେହି ଲୋକ

ଜସ୍ମାଭ୍ଅଂ—ବି. ବର ଅବା କନ୍ୟା ସାର୍ଥୀରେ ଯିବା

ଜସ୍ମାକେ ନା ମରସ୍ଟେଡ—କ୍ରି. ବିଂ. ନା ମରୁଛି ନା ଜିଉଛି

ଜସ୍ମାମ୍ ଟେଣେ—ବି. ବାସ୍ନା ଚଢ଼େଇ

ଜଆ.ଡ୍—ବିଂ. ଜୀବିତ, କ୍ରି. ଜୀବିତ ରଖିବା

ଜଆ.ଲ୍(ଡ୍)—ବିଂ. ମଜଭୁତ, ସତେଜ, ଜୀଅନ୍ତା

ଉ: ଉନି ହାଲାମ୍ ଦ ଜଆ.ଲ୍ ଗେସ୍ମାସ୍—ସେ ବୃଦ୍ଧ ସତେଜ ଅଛି

ଜଆଁଲ୍ ହା.କୁ—ବି. ସିଙ୍ଗି ମାଛ

ଜର୍ଲ—ବି. ଜାଲି

ଜରକ୍—ବିଂ. ଜୀର୍ଣ୍ଣକାରୀ, ହଜମକାରକ

ଜର୍ଲୁଂ—ବି. ଅଜଲ, ଦୁଃଖିଲା, କ୍ରି. ଅଜବା, ଅଜିଯିବା, ଦୁଃଖ କରିବା

ଜରହିବା.ଧ୍—ବି. ଚମଡ଼ା ପକ୍ଷି

ଜାସ୍.—ବି. ଜିରା

ଜସ୍ରକ୍—ବି. କୃଷିକର୍ମ, କ୍ରି. କୃଷିକର୍ମ କରିବା

ଜସ୍.ଓ୍ୱ—ବି. ବିଶ୍ରାମ, ଆରାମ

ଜସ୍.ଓ୍ୱ୍—କ୍ରି. ବିଶ୍ରାମ ନେବା, ଆରାମ କରିବା, ହଜମ କରିବା

ଜସ୍ଓଂ ମାହା—ବି. ବିଶ୍ରାମ ଦିନ, ରବିବାର

ଜରହିଜ—ବିଂ. ଢେଉଢେଉକା, ମରିଚକା ଭୂଲ୍ୟ

ଜଲ୍ପା.ଜ୍—ବିଂ. କୁଞ୍ଚିତ, କ୍ରି. ବିଂ. କୁଞ୍ଚନ ହେବାର ପ୍ରକ୍ରିୟା

ଜଲ୍ପଡ୍—ବିଂ. ନିଦ୍ରାଳୁ, ଅଧା ଆଖି ମୁଦା, କ୍ରି. ଆଖି ବନ୍ଦ କରିବା

ଜଲ୍ପକ୍ ଜଲ୍ପଡ୍—କ୍ରି. ବିଂ. ପଲକ ମାରିବା ପ୍ରକ୍ରିୟା

ଜଲ୍ପୁକ୍—ବିଂ. ଶ୍ରାନ୍ତ, ମନ ଦୁଃଖ ଅବସ୍ଥା
କ୍ରି. ଶାନ୍ତ ହେବା, ମନ ଦୁଃଖ କରିବା
କ୍ରି. ବିଂ. ଶ୍ରାନ୍ତ ହୋଇ, ଦୁଃଖିତ ହୋଇ

ଜଲ୍ହୁର୍—ବିଂ. (ଋତୁ) ଗୁଣ୍ଡିବା ବେଲ, ବର୍ଷା ଋତୁ ପରେ ପୋଖରୀରେ ମାଛ ଖେଳିବାର ବେଲ (ଶରତ ଋତୁ)

ଜଲଦ୍ ଜଲବ୍—ବିଂ. ପ୍ରଖର ଆଲୋକ, ତୀବ୍ର ଜ୍ୟୋତି, ଝଲମଲ ଆଲୋକ, କ୍ରି. ଆଲୋକ ଚମକିବା

ଜଲୁଂ ମିଲୁଂ—ବିଂ. ଶୋକର ଜ୍ୱାଳା, କ୍ରି. (ଶୋକରେ ଝାଉଁଳି ଯିବା ଅବସ୍ଥାରେ ଅଛି) ଉପାସରେ ଝାଉଁଳିବା

ଜଲୁଓ୍ୱା. କାଲଓ୍ୱେ—ବିଂ. କ୍ଷୁଧିତ, ନିରାଶ୍ରୟ, କ୍ରି. କ୍ଷୁଧା ନିରାଶ୍ରୟରେ ଘୂରି ବୁଲିବା

ଜଲ୍—ବି. ମାଂସ

ଜଲ୍—ବି. ଖାଦ୍ୟ ଉପଯୋଗୀ ଜଙ୍ଗଲ ଜନ୍ତୁ

ଜଲ୍ପି—ବି. ଜଲ୍ପି

ଜଲ୍.ପ୍—କ୍ରି. ମୁଡ଼ିବା

ଜଲ୍.ଦ୍—କ୍ରି. କାନ୍ଥୁଆରେ ମୁଡ଼ିବା

ଜଲୁଂ—କ୍ରି. ପାଖେଇ ରହିବା, ପାଖରେ ରହିବା

ଜଲୁଂ ମିଲୁଂ—କ୍ରି. ବିଂ. କ୍ଷୁଧାତୁର ହୋଇ (ଆଖିରୁ ଜୁଳୁ ଜୁଳୁ ପୋକ ଦିଶିବା) ଅନ୍ନକଷ୍ଟ ଅବସ୍ଥା, କ୍ରି. ଶୋକରେ ଦେହ ଝିମ୍ ଝିମ୍ ହୋଇଯିବା

ଜଓ୍ୱିଦ୍—ବି. ଜୀବନ, ଜୀଅନ୍ତା

ଜଓ୍ୱିଦ୍ ଅଡ୍—ବି. ଉର୍ବର ଜମି

ଜଓ୍ୱିଦ୍ ଭୁର୍—କ୍ରି. ବିଂ. ଜୀବନ ଥିବା ଯାଏ

ଜଓ୍ୱିଦ୍ ଜଲ୍—ବିଂ. ଜୀଅନ୍ତା ମାଂସ, ସଜ ମାଂସ

ଜଓ୍ୱିଦ ଝାରନା—ବି. ଜୀଅନ୍ତା ଝରଣା (ଯାହିଁ ପାଣି ଶୁଖେ ନାହିଁ) ଚିରସ୍ରୋତା ଝରଣା

ଜଓ୍ୱିଦ୍ ଧିର—ବି. ଜୀଅନ୍ତା ପଥର

ଜିଓ୍ୱିଦ୍ ବେରେଦ୍—କ୍ରି. ଜୀଇ ଉଠିବା, ଜୀବନ୍ତ ହେବା
ଜିଓ୍ୱିଦ ରଙ୍ଗ—ବି. କଞ୍ଚା ରଙ୍ଗ
ଜିଓ୍ୱିଦ୍ ସୁନୁମ୍—ବି. କଞ୍ଚା ତେଲ
ଜିଓ୍ୱିଦ୍ ତକ୍—କ୍ରି. ବି°. ଜୀବ ଦଶାରେ, ଜୀବ ଥିବାଯାଏ
ଜିସ୍ମାଁ—ବି. ଏକ ପ୍ରକାରର ବହୁ ମୂଲ୍ୟ ପଥର
ଜିସୁ—ବି. ଯୀଶୁ, ଖ୍ରୀଷ୍ଟିଆନଙ୍କର ଈଶ୍ୱର
ଜିହ୍ୱାଜାହ୍ୱେ—କ୍ରି. ବି°. ଗୋଡ଼ ମେଲା କରି ଧୀରେ ଧୀରେ (ଚାଲିବା ପ୍ରକ୍ରିୟା) କ୍ରି. ଭାରି ଦେହବାଲାଙ୍କ ଚାଲି
ଜିହୁଡ୍ ଜହୁଡ୍—କ୍ରି. ବି°. ଗୋଡ଼ ଘୋଷାରି ଘୋଷାରି ଚାଲିବା ପ୍ରକ୍ରିୟା

ଜିହୁ—ବି. ଯାଉ ଖାଇଆ ପକ୍ଷୀ
ଜିହୁଦା.—ବି. ୟୁନାନ (ଦେଶ), ବି°. ୟୁଦ, ଇହୁଦୀ
ଜିହୁବେଲେ ଲେକା—ବି. ଯାଉ ଖାଇଆ ଅଣ୍ଡା ସଦୃଶ୍ୟ ରଙ୍ଗ, ଆକାଶିଆ ରଙ୍ଗ
ଜିହୁମାଲି—ବି. ଆକାଶିଆ ରଙ୍ଗର ଏକ ପ୍ରକାର ମାଳ (ହାର)
ଜିହୁହାଁଦେ—ବି. ଯାତ୍ରାଲ ଜାତର ଏକ ଗୋତ୍ରର ନାମ
ଜିହୁ ଜାଁହାଁ—କ୍ରି. ହଲି ହଲି, ଧୀରେ ଧୀରେ ପାଦର ଚାଲି
ଜିଲ୍(ଡ୍)ମାଃ—ବି°. ବିମର୍ଷ, ଦୁଃଖିତ
ଜିଲଅଁ°—ବି°. ଗ୍ଲେଷ୍ଟିଆ ଚଢ଼େଇ
ଜିଲବ୍ ଜିଲବ୍—ବି°. ଚକମକ, ଝଲମଲିଆ, କ୍ରି. ବି°. ଚକମକ, ଚକମକ, କ୍ରି. ଚକମକ କରିବା, ଝଲମଲ ହେବା
ଜିଲଟକ, ଜିଡଟକ—ବି°. ସାଂସାରିକ ବୋଝ ବାନ୍ଧିବା; ଅନାଟନ ଅନୁଭବ କରିବା

ଜିକ—କ୍ରି. ପିଠି ଘୋଷାରିବା

ଜିକ ଜା.ରୁମ୍—କ୍ରି. ବି°. ଏକ ସ୍ଥାନରେ ବହୁ ସମସ୍ତ ଧରି ପିଠି ଘୋଷରି ଘୋଷରି କରି ବସିବା ପ୍ରକ୍ରିୟା

ଜିକମିକ—ବି°. ଝିକ୍ ମିକ୍, ଚମକିଲା (ଆଲୋକ) କ୍ରି. ଝକମକ ହେବା

ଜିଗ୍ରି ଜିଗିରି—କ୍ରି. ବି°. ଜବାଜବ, ବଳ ପ୍ରୟୋଗ

ଜିବ ଜନ୍ତୁ—ବି. ଜୀବଜନ୍ତୁ

ଜିବ୍ଦାନ୍—ବି. ଜୀବନ ଦାନ, କ୍ରି. ଜୀବନ ଦାନ କରିବା, ଜୀବନ୍ୟାସ ଦେବା
ଜିରଜର, ଜିରଁ ଜିଁରଁ—କ୍ରି. ବି°. ପାଣି ଦେହରେ ଟପୁଥିବା, ରକ୍ତ ଜୁବୁଜୁବୁ ଟପୁଥିବା
ଜିରି ଜିରି—ବି°. ନିର୍ମଳ ଭାବେ/ସଫା ଭାବେ ଥିବା
ଜିରିଡ୍ ଜିରିଡ୍—କ୍ରି. ଝିଲମିଲ, ମରିଚିକା ସଦୃଶ୍ୟ ଦିଶିବା
ଜିରିହ୍ୱରି—କ୍ରି. ବି°. ରକ୍ତିମା ଆଭା
ଉ: ସେତା ∽ ସିଞ୍ଜି ଗୁନ ଡନ୍‌ଗେ ଜିରି ହ୍ୱରିସ୍ ଫୁଟାଃ ଗ୍ରାକାଚ୍ ଆ- ଦୈନିକ ସକାଳେ ସୂର୍ଯ୍ୟ ରକ୍ତିମା ଆଭା ବିତରଣ କରି ଉଠନ୍ତି (ଉଦୟ ହୁଅନ୍ତି)

ଜିଓ୍ୱୁ—ବି. ଆତ୍ମା, ପ୍ରେତାତ୍ମା
ଜିଓ୍ୱି—ବି. ଆତ୍ମା, ଜୀବନ
ଜିଓ୍ୱିନାସ୍—କ୍ରି. ଜୀବନ ନଷ୍ଟ କରିବା, ମାରିଦେବା, ହତ୍ୟା କରିବା

ଜିଓ୍ୱିଆନ୍—ବି°. ଜୀବନଧାରା
ଜିଓ୍ୱିଆନ୍ ମାନାଓ—କ୍ରି. ଜୀବଦେହଙ୍କୁ ମାନ୍ୟତା ଦାନ
ଜିଓ୍ୱିଆଲସ୍—କ୍ରି. ବି°. ଜୀବନକୁ ମୁକ୍ତି, ଜୀବନ ଅର୍ପଣ (କରି)
ଜିଓ୍ୱିଅତକ ∽—କ୍ରି. ମରଣ ହେବା
ଜିଓ୍ୱିଅଆତ୍, ଜିଓ୍ୱିଗ୍ଲେନ୍—କ୍ରି. ଜୀବନ ମନ ଶାନ୍ତ କରିବା, ଧୈର୍ଯ୍ୟ ଧରିବା

ଜିଓ୍ୱିଆଲା°—ବି°. ଜୀବନ ଧ୍ୱଜ, ଜୀବନଧାରା
ଜିଓ୍ୱିକେଟେଜ୍ କାଚେ—କ୍ରି. ବି°. ଜୀବନ ଟାଣ କରି, ବେପରବାହ କରି

ଜିଓ୍ୱିଗ୍ଲୁ ∽—କ୍ରି. ଜୀବନ ଯାଉ
ଜିଓ୍ୱି ଗ୍ଲୁ ∽ ରେହଁ—ବି°. ଜୀବନ ଯାଉ ପଛେ
ଜିଓ୍ୱିଜାକ୍ତେ—କ୍ରି. ବି°. ଜୀବଦଶାରେ
ଜିଓ୍ୱିଆଲା ∽ କାତେ—କ୍ରି. ବି°. ସାହସପୂର୍ବକ
ଜିଓ୍ୱିଜା.ଣ—ବି. ଜୀବ ଜାତ, ଜୀବ ଜଗତ
ଜିଓ୍ୱିଜାନ୍—ବି. ଜୀବ, ଜୀବନ
ଜିଓ୍ୱିଜାପାଁଣ୍—କ୍ରି.ବି°. ଜୀବନକୁ ପର ଆଶ୍ରାରେ ଛାଡ଼ିବା ପ୍ରକ୍ରିୟା

ଜିଓ୍ୱି ଜୁଡ଼ା.ସି—ବି. ଜୀବନକୁ ଉତ୍ସାହ ପ୍ରଦାନ, ଉତ୍ସାହ
କ୍ରି. ମନକୁ ଶାନ୍ତି ଆସିବା

ଜିଓ୍ୱି ଞାମ୍—କ୍ରି. ଜୀବନ ପାଇବା, ପୁନଃର୍ଜୀବନ ପ୍ରାପ୍ତ ହେବା
ବିଂ. ଜୀବନ ଲାଳସା ମେଣ୍ଟନ

ଜିଓ୍ୱି ଟ୍ଅଟ୍—କ୍ରି. ବିଂ. ଜୀବନକୁ ଆଗେଇ ନେବା ପ୍ରକ୍ରିୟା
(କାର୍ଯ୍ୟ କରିବା, ଜୀବିକା ଅର୍ଜନ)

ଜିଓ୍ୱି ଞୁର୍—କ୍ରି. ହତାଶ ହେବା, ନିର୍ଗୁଣ ହେବା

ଜିଓ୍ୱି ତେଗ୍ୟାଗ୍—କ୍ରି. ଜୀବନ ତ୍ୟାଗ କରିବା
କ୍ରି. ବିଂ. ବେପରୱାୟ ଜୀବନ ଧାରଣ

ଜିଓ୍ୱି ତେନ୍—କ୍ରି. ଜୀବନକୁ ସାନ୍ତ୍ୱନା ଦେବା, ଆଶ୍ୱାସନା ଦେବା

ଜିଓ୍ୱି ତେଓ୍ୱେଞ୍ଜ୍—କ୍ରି. ବିଂ. ଜୀବନ ବନ୍ଧନ

ଜିଓ୍ୱି ଭିତାର୍—ବିଂ. ଅନ୍ତରର, ଗୋପନୀୟ
କ୍ରି. ବିଂ. ଗୋପନୀୟ ଭାବେ

ଜିଓ୍ୱି ସିଲେଜ୍—ବି. ଜୀବନକୁ ଆଶ୍ୱାସନା
କ୍ରି. ଆଶ୍ୱାସନା ପାଇବା, ଧୈର୍ଯ୍ୟ ପାଇବା

ଉ: ଜିଓ୍ୱି ସିଲେଜ୍ ଏ ହେଜ୍ ଆକାନା—ମନକୁ ଆଶ୍ୱାସନା ଦେବା ପାଇଁ ସେ ଆସିଛୁ

ଜିଓ୍ୱି ସିଖିସ୍ତା.—କ୍ରି. ଜୀବନ ବଞ୍ଚାଇବା

ଜିଓ୍ୱି ରୁଖିସ୍ତା—କ୍ରି. ବିଂ. ଜୀବନକୁ ବଞ୍ଚାଇବାର ପ୍ରକ୍ରିୟା

ଜିଓ୍ୱି ସିଖିଆ. ଆଲା ଂ—ବି. ଜୀବନ ରକ୍ଷାକାରୀ ଶାଗ
(ଯାହାକୁ ଦୁର୍ଭିକ୍ଷ ସମୟରେ ଖାଆନ୍ତି)

ଜିଓ୍ୱି ରେବେଦ୍—କ୍ରି. ମନ ମିଶିବା, ମନ ଏକହେବା

ଉ: ଆମ୍ରେ ଇଞ୍ଜ୍ ଜିଓ୍ୱି ରେବେଦ୍ ଏନା—ତୁମଠାରେ ମୋ ମନ ମିଶିଗଲା

ଜିଓ୍ୱି ଲ ଂ—ବି. ମନ ଦୁଃଖ, ମନ କଷ୍ଟ, ମନ ପୋଡିଯିବା

ଜିଓ୍ୱି ଲ ଂ ସିଓ୍ୱ—କ୍ରି. ମନ ଅଶାନ୍ତିରେ ରହିବା

ଜିଓ୍ୱି ହାତାଂ—ବି. ମନ, ମସ୍ତିଷ୍କ

ଜିଓ୍ୱି ହା.ରସୁଲ୍—କ୍ରି. ମନରେ ଧୈର୍ଯ୍ୟ ଧରିବା, ମନ ଅସ୍ଥ କରିବା

ଜିଓ୍ୱି ଘା.ଗ୍—ବି. ଆତ୍ମାର ଅନ୍ତରତମ ସ୍ଥାନ, ଯହିଁରେ ଆଘାତ ବାଜିଲେ ମୃତ୍ୟୁ ହୁଏ

ଜିଓ୍ୱି ହଲ୍ମଅ—ବି. ଶରୀର ଓ ଆତ୍ମା, ଦେହ ଓ ମନ

ଜିଓ୍ୱ୍ ଜିଓ୍ୱ୍—କ୍ରି. ବିଂ. ନିରନ୍ତର, ଜବର୍ଦ୍ଦ ଭାବେ

ଜୁଆ.—ବି. ଜୁଆ, ଲଙ୍ଗଳ ଯୁଆଳୀ, କ୍ରି. ଜୁଆ ଖେଳିବା

ଜୁଆ.ଚୁର୍—ବିଂ. କପଟୀ, ଧୋକାବାଜ, କ୍ରି. କପଟ କରିବା,
ଧୋକାବାଜ କରିବା

ଜୁଆ.ନ—ବିଂ. ଯୌବନ, କ୍ରି. ଯୌବନ ପ୍ରାପ୍ତ ହେବା

ଜୁଆ.ନ ଂ—କ୍ରି. ବି. ଯୌବନ ପାଇବାର ପ୍ରକ୍ରିୟା

ଜୁଆ.ବ୍—ବି. ନମ୍ରତା, କ୍ରି. ନମ୍ରତା ସହ ବ୍ୟବହାର କରିବା

ଜୁଆଙ୍ଗ୍—ବି. ଜୁଆଙ୍ଗ୍ ଜାତି

ଜୁଆଣୀ—ବି. ଜୁଆଣୀ

ଜୁଆ.ର୍—ବି. ଜୁଆର

ଜୁଇବାହା—ବି. ଯୁଇଫୁଲ

ଜୁକ୍ତା.ଓ୍ୱଃ—କ୍ରି. ଏକତ୍ରିତ ହେବା

ଜୁକ୍ତଃ—ବି. ମିଶ୍ରିତ, ଏକମତ. କ୍ରି. ବିଂ. ଏକମତ ହେବା,
ମିଳିମିଶି କରି ରହିବା

ଜୁକ୍ନି—ବିଂ. ନରମ, ଚେପିହେବା. କ୍ରି. ନଇଁ ଯିବା,
କୁଞ୍ଚି ହୋଇଯିବା

ଜୁକ—ବି. ଜୋକ

ଜୁଝୁର୍—ବିଂ. ସଦୃଶ୍ୟ, ଏକାପରି, ଉ: ଉନି ଜୁଝୁର୍ କଲା ଦ
ବା.ଲ୍ୟୁକଅ—ତାହା ସଦୃଶ୍ୟ ଯୁବକ ନାହାନ୍ତି

ଜୁଗ୍—ବିଂ. ଉଚିତ୍, ଠିକ୍, ଯୋଗ୍ୟ, ପ୍ରାଚୀନ
ବି. ଯୁଗ, ସମୟ, ପୁରାତନ ସମୟ, କ୍ରି. ବିଂ. ଯୋଗ୍ୟ,
ଯଥାର୍ଥ ହେବା, ସଜ୍ଜା

ଜୁଗ୍—କ୍ରି. ବ୍ୟବସ୍ଥା କରିବା

ଜୁଗ୍ ତେଭାନ୍ ଯୁଗ୍—କ୍ରି. ବିଂ. ଯୁଗ ପରେ ଯୁଗ, ନିରନ୍ତର

ଜୁଗା.ଲ୍—କ୍ରି. ଯୋଗାଡ଼ କରିବା

ଯୁଗ୍ ଜିତା.ଉ—କ୍ରି. ସମୟ କଟିବା, କାଳକ୍ଷେପଣ

ଯୁଗିସ୍ତା—ବି. ଏକ ପ୍ରକାର ଜଙ୍ଗଲି ବୃକ୍ଷ, ବିଂ. ଯୁଗ ପରେ ଥରେ ଅପ୍ରତ୍ୟାଶିତ, ଉ: ଯୁଗିସ୍ତା ବାନ୍ତେ ଆଡ଼ି ଧନ୍, ଜିଓ୍ୱ ଖିତ ଲେନା—ଏକ ଯୁଗ ପରେ ଥରେ ଅପ୍ରତ୍ୟାଶିତ ବନ୍ୟାରେ ବହୁ
ଧନ ଜୀବନ ନଷ୍ଟ ହୋଇ ଥିଲା

ଯୁଗି—ବି. ଯୋଗୀ, ସନ୍ନ୍ୟାସୀ, ସାଧୁ

ଯୁଗିଃଟୁ—ବି. ସାନ୍ତାଳ ଜାତିର ଏକ ଗୋତ୍ର ନାମ

ଯୁଗିଃଟୁସୁର୍—ବି. ଏକ ପ୍ରକାର ଜଙ୍ଗଲି ଗଛ

ଜୁଗିଡୁର୍ଆ. ଆଃା ~ —ବି. ଏକ ପ୍ରକାରର ଶାଗ ଜାତୀୟ ଗଛ

ଜୁଗିଡପାବାହା—ବି. ଏକ ପ୍ରକାରର ଶ୍ଳେଷ୍ଟ ଫୁଲଗଛ

ଜୁଗିମାରନ୍ଡି—ବି. ସାନ୍ତାଳ ଜାତିର ଏକ ଗୋତ୍ରର ନାମ

ଜୁଗି ମୁର୍ମୁ—ବି. ସାନ୍ତାଳ ଜାତିର ଏକ ଗୋତ୍ର

ଜୁଗି ସୁଜ୍‌ଡେଣେ—ବି. ଏକ ପ୍ରକାର ଶ୍ଳେଷ୍ଟିଆ ଚଢ଼େଇ

ଜୁଗି ସରେନ୍—ବି. ସାନ୍ତାଳ ସରେନ ଗୋଷ୍ଠୀର ଏକ ଶାଖା ଗୋତ୍ର

ଜୁଗୁତ୍—ବି. ଅନୁରୂପତା, ବିଂ. ଅନୁରୂପ
କ୍ରି. ବିଂ. ଅତି ସମ୍ପର୍ପଣ ରୂପେ

ଜୁଡ୍‌ହାଓ୍ୱ—ବିଂ. ଏକତ୍ରିତ, ସମ୍ମିଳିତ, ମିଶିକରି

ଜୁଂଗୁର୍ ଜୁଂଗୁର୍—କ୍ରି. ବିଂ. ପଛେ ପଛେ (ଗୁଲିବା)
କ୍ରି. ପଛେ ପଛେ ରହିବା

ଜୁଗୁଆ.ଲି—ବି. ଜଗୁଆଳି

ଜୁଜୁହୁଜ୍—ବି. ଶ୍ଳେଷ୍ଟିଆ ପତଙ୍ଗ, ପତଙ୍ଗ

ଜୁଝାଉ—କ୍ରି. ଇଚ୍ଛା କରିବା, ଲଢ଼ିବା, ଏକମତ ହେବା

ଜୁଟାଂ—ବିଂ. ଫୁର୍ତ୍ତି ସହକାରେ, ଚିରସ୍ଥାୟୀ

ଜୁଟାନ୍—ବି. ଜମା, କ୍ରି. ଜମାଇବା, ଏକାଠି କରିବା
ବିଂ. ଏକତ୍ରିତ, ଜମା

ଜୁଟାଓ୍ୱ—କ୍ରି. ମିଳିବା, ଜମା କରିବା, ଏକତ୍ର କରିବା

ଜୁଟିଜ୍—କ୍ରି. ଦୋହରି ପରଖିବା, ଅଧିକା ଦେବା

ଜୁଡଅ—ବି. ଜୁଡ଼ (ହାତ ଗୋଡ଼ ସାହାଯ୍ୟରେ ଲଢ଼ିବା)

ଜୁତ୍, ଜୁତ୍—ବିଂ. ଯଥାର୍ଥ, ଠିକ୍, କ୍ରି. ଯୋଗାଡ଼ କରିବା, ମେଳ ଖୁଆଇବା

ଜୁତୁସ୍.ଉ—କ୍ରି. ମରାମତି କରିବା, ଠିକ୍ କରିବା

ଜୁତ୍ ଜୁତତେ—କ୍ରି. ବିଂ. ସାବଧାନ ପୂର୍ବକ, ବୁଝି ବିଚାରି, ଭଲ ଭାବରେ

ଜୁଡା.—ବି. ଜୋଡା, କ୍ରି. ଶବ୍ଦମାନଙ୍କ ଯତ୍ନରୁ ଉପଯୁକ୍ତ ଶବ୍ଦ ବାହାର କରିବା ପାଇଁ ଯୋଡ଼ିବା

ଜୁତସ୍—ବି. ଜ୍ୟୋତିଷ

ଜୁଦା—ବିଂ. ଉତ୍ତମ, କୁଶଳ

ଜୁଦା.—ବିଂ. ଅଲଗା, ବିଭିନ୍ନ, କ୍ରି. ଅଲଗା ହେବା, ଭିନ୍ନ ହେବା

ଜୁଦ—ଅ. ଯଦି

ଜୁଧ୍‌ହା—ବିଂ. ଯୋଦ୍ଧା, ବୀର

ଜୁନ୍—ବି. (ଇଂ) ଜୁନ୍ ମାସ

ଜୁନ୍ଡ—କ୍ରି. ନିଆଁ ଲଗାଇବା, ନିଆଁ ଜାଳିବା

ଜୁନ୍‌ଜୁନା.ଉ—କ୍ରି. ମନା କରି ଦେବା, ନିର୍ଦ୍ଦେଶ ଦେବା
କ୍ରି. ବିଂ. କଡ଼ା ବିରୋଧ ପୂର୍ବକ

ଜୁନ୍‌ଟା.ଓ୍ୱ—କ୍ରି. ଅଧିକ ଦେବା, ଭର୍ତ୍ତି ବା

ଜୁନୁଜ୍—ବିଂ. ଟିକିଏ, ଅତି ଅଳ୍ପ

ଜୁନ୍ ରୁକ୍—ବି. ପଶୁ, ଜନ୍ତୁ

ଜୁସୁଜ୍ ଜୁସୁଜ୍—କ୍ରି. ବିଂ. ଚୁପ୍‌ଚାପ, ଚୁପ୍‌କରି, ଶୀଘ୍ରତା ସହକାରେ, ଉ: ଜୁସୁଜ୍ ଜୁସୁଜ୍ ହେନ୍‌କାତେ ଉନ୍‌ରେଡମ୍ ଇଦି କେଦ୍ ଅକମ୍ ବାଡାମ୍ ଲେକେ—ଶୀଘ୍ରତା ସହ ଚୁପ୍‌କରି କେତେବେଳେ ନେଇଛୁ କିଏ ଜାଣିଲା କି ?

ଜୁମାଜୁମି—କ୍ରି. ବିଂ. ଏକତ୍ର ହୋଇ, ମିଳିତ ହୋଇ
କ୍ରି. ଏକାଠି ହେବା, ଜମା ହେବା

ଜୁମା.ଉ—କ୍ରି. ଜମିଯିବା, ଜମା ହେବା, ଏକାଠି ହେବା

ଜୁମି—ବି. ଜମି, କ୍ଷେତ ଉପଯୋଗୀ ମାଟି

ଜୁମିଦ୍—ବି. ସମୂହ ସଙ୍ଗଠନ, ଦଳ, ସଂଘ, ବିଂ. ସଂଘ

ଜୁମିଦ୍‌ଅ ~ —କ୍ରି. ଏକାଠି ଜମାହେବା

ଜୁମିଦାର୍—ବି. ଜମିଦାର

ଜୁମିଦାରି—ବି. ଜମିଦାରି

ଜୁମିବାଡି—ବି. ଜମିବାଡ଼ି, କ୍ଷେତବାଡି

ଜୁମି ସାଗାର୍—କ୍ରି. ବିଂ. ଜମି ସଂଗ୍ରହ, ଜମି ଖୋଜା

ଜୁମ୍‌ବଲ—ବିଂ. ଲୋଭୀ, ଖାଉଟିଆ, ଓଳିଆ

ଜୁମୁଲ୍—ବିଂ. ଏକତ୍ରିତ ହୋଇ ଥିବା, ଏକତ୍ର ମିଳିବା

ଜୁରୁ—ବିଂ. ବଳ, ଜବରଦସ୍ତ

ଜୁର୍‌ତେ—କ୍ରି. ବିଂ. ବଳ ଲଗାଇ ଯୋରରେ

ଜୁର୍—ବିଂ. ସାନ, ଶ୍ରେଷ୍ଠ

ଜୁରି—ବିଂ. ସାଥୀ, ଯୋଡ଼ି

ଜୁରିଜଡା—ବି. ସ୍ୱାମୀ ସ୍ତ୍ରୀ, ପତି ପତ୍ନୀ

ଜୁରିଜଲା—ବିଂ. ସାଙ୍ଗସାଥୀ

ଜୁରିପା.ରି—ବି. ପତି ପତ୍ନୀ, କ୍ରି. ପତି ପତ୍ନୀ ହେବା

ଜୁରିଦାର୍—ବିଂ. ସାଥୀଯୋଗ୍ୟ, ଯୋଡ଼ିଦାର

ଜୁରିବ୍ (ପ୍)—ବି. ଜରିବା, କ୍ରି. (ଭୂମି) ଜରିବ କରିବା,
ଜମି ମାପ କରିବା

ଜୁରିମାନା, ଜୁରିବାନା—ବିଂ. ଜୋରିମନା, ଦଣ୍ଡ
କ୍ରି. ଜୋରିମନା କରିବା

ଜୁରୁସ୍ଥଟ୍‌କା—କ୍ରି. ପରେ ପୁଣି ଦେବା, ଦ୍ୱିତୀୟ ଥର ଦେବା

ଜୁରୁଲ୍ ଜୁରୁଲ୍—ବିଂ. ଆଖି ମିଟିକା ନ ମାରି ସିଧା ଅନାଇ
ରହିବା ପ୍ରକ୍ରିୟା, ଟକ୍ ଟକ୍ କରି ଅନାଇବା ପ୍ରକ୍ରିୟା

ଜୁରୁଲ୍—କ୍ରି. ବିଂ. ଜରୁର, ନିଶ୍ଚୟ

ଜୁଲ୍—ବି. ଯୋଡ଼ି, ସମାନ ସମାନ ହୋଇଥିବା

ଜୁଲା.ଉ—କ୍ରି. ବନ୍ଦୋବସ୍ତ କରିବା

ଜୁଲୁ—ବି. ସ୍ୱାଗ, (ଠୁଲା ସ୍ୱାଗ)

ଜୁଲୁନ୍—କ୍ରି. ବିଂ. ଲଗାତାର (continued)

ଜୁଲ୍—କ୍ରି. (ନିଆଁ) ଜଳାଇବା, ସ୍ୱଗିଯିବା (ସ୍ୱଗରେ ଜଳିବା)

ଜୁଲ୍ୟଃ—କ୍ରି. ବିଂ. ନିଆଁ ଜଳିବା ପ୍ରକ୍ରିୟା

ଜୁଲାଇ ବଂଗା—ବି. ଜୁଲାଇ ମାସ

ଜୁଲ୍ପ୍—ବି. ଜୁଲାବ୍ (ଔଷଧ ବିଶେଷ)

ଜୁଲୁଂ—କ୍ରି. ଦେହ ଶୁଖିଯିବା, ଦେହ ଝଡ଼ିଯିବା ଅବସ୍ଥା

ଜୁଲୁଂ ଜୁପୁଙ୍—ବିଂ. ଦେହ ଜୀର୍ଣ୍ଣ ଶୀର୍ଣ୍ଣ ଅବସ୍ଥା,
ଚମ ଧୁଡୁ ଧୁଡୁ ହେବା ପ୍ରକ୍ରିୟା

ଜୁଲୁଡ୍(ଦ୍-)—ବିଂ. ଆଲୁଅ ଜଳାଇ ଦେଖିବା ପଦ୍ଧତି

ଜୁଲୁଦ୍ ଜୁଲୁଦ୍—କ୍ରି. ଧପ୍ ଧପ୍ କରି ଆଲୁଅ କରିବା

ଉ: ଟର୍ଚ୍ଚତେ ଜୁଲୁଦ୍ ଜୁଲୁଦ୍ ଏଦାୟ—ଟର୍ଚ୍ଚଦ୍ୱାରା ଧପ୍ ଧପ୍
କରି ଆଲୁଅ କରୁଛି

ଜୁଲୁଦେ ଜୁଲୁଦେ—କ୍ରି. ବିଂ. ଆଲୁଅ ଜଳେଇ ଲିଭାଇ,
ଏ ପଦ କେବଳ ଗୀତ, ପଦ୍ୟରେ ବ୍ୟବହାର କରାଯାଏ

ଜୁଲୁଦ୍ ମେନ୍‌ତେ—କ୍ରି. ବିଂ. ଆଲୋକର ଝଲମଲ ପ୍ରକ୍ରିୟା

ଜୁଲୁମ୍—ବି. ଜୁଲୁମ, ଜୋରପ୍ରୟୋଗ କରି ଚାପ ପକାଇବା
ପ୍ରକ୍ରିୟା, କ୍ରି. ଜୁଲୁମ କରିବା, ଜବରଦସ୍ତି କରିବା

ଜୁଲୁପ୍—ବି. କଇଁଚ

ଜୁଲୁପ୍—କ୍ରି. ବାଳକାଟିବା

ଜୁଃଲୁପ୍ ଇଜ୍—ବି. ବାଳ ଯେ କାଟେ, ବାରିକ

ଜୁଲୁପ୍ ଇଦ—ବିଂ ପକେଟମାର

ଜୁବା—ବିଂ. ଯୁବା, ଯୁବକ

ଜୁବାନ୍—ବି. ବଚନ, କଥା

ଜୁବାନ୍ ଏମ୍—କ୍ରି. ବଚନ ଦେବା, କଥା ଛାଡ଼ିବା

ଜୁସ୍—ବି. (ଇଂ) (juice) ଫଳରସ

ଜୁହାର୍ (ଜହାର୍) — ବି. ନମସ୍କାର

ଜୁହୁମ୍—ବିଂ. ଅସୁବିଧା, ମୁସ୍କିଲ, କଠିନ, ଗହନ

ଜେ—ଅ. ଯେ, ଭି(ବି), କି, ଯାହା

ଜେକଲେ—ବିଂ. ପାଣରେ ଶୁଖିଥିବା, କ୍ରି. ଶୁଖିଯିବା,
ଜମି ଶୁଖିଯିବା, ଉ: ଆଇଁଠା ଆ.ରରେ ଜେକ୍‌ଲେ ଆକାନା—
ଅଇଁଠା ଆଳରେ ଶୁଖି ଯାଇଛି

ଜେ କଛୁ—ଅ. ସର୍ବ. ଯାହା କିଛି, କିଛି ବି

ଜେଖନ୍—ଅ. ଯେବେ, ଯେତେବେଳେ

ଜେଗେଜ୍ ଜେଗେଜ୍, ଜେଗେଜ୍ ଜାଗୁମ୍—କ୍ରି. ବିଂ. କାଦୁଅ
ଲଟଲଟ୍, କାଦୁଅ ଲଟପଟ

ଜେଁଗେଦ୍ ଆସ୍ —ବିଂ ଲାଲ ଟହଟହ

ଜେଁଗେଦ୍ ଜେଁଗେଦ୍—ବିଂ. ଟହଟହ ରକ୍ତବର୍ଣ୍ଣ

ଜେର୍ ଜେବେର୍ ଚେଣେ—ବି. ଏକ ପ୍ରକାର ଶ୍ରେଷ୍ଠିଆ ପକ୍ଷୀ ବିଶେଷ

ଜେକ୍‌ଲେଟେଦ୍—ବିଂ. ଭିଡ଼ାଇ ଭିଡ଼ାଇ ବାଡ଼ି ପେଶିବା ପ୍ରକ୍ରିୟା
କ୍ରି. ବିଂ. ଠାଏ ଠାଏ ଝଟା ଦେଇ ପେଶିବା ପଦ୍ଧତି

ଜେଜେବେର୍ ଚେଣେ—ବି. ପାହାଡ଼ରେ ରହୁଥିବା ଏକ ପ୍ରକାର
ଶ୍ରେଷ୍ଠ ଚଢ଼େଇର ନାମ

ଜେଞ୍ଜ୍‌ଲେ—ବିଂ. ଠିଆ ଠିଆ ମଇଳା ସଂଯୁକ୍ତ (କୁକୁଡ଼ା,
ଚଢ଼େଇ) ଅପରିଚ୍ଛନ୍ନିଆ ଲୁଗାପଟା ପିନ୍ଧା (ଲୋକ)

ଜେଞ୍ଜ୍ ଲେଃ—କ୍ରି. ଆଶା ରଖିବା, ନିର୍ଭର କରିବା
କ୍ରି. ବିଂ ଆଶାସ୍ଥି, ନିର୍ଭରଶୀଳ ହେବାର ପ୍ରକ୍ରିୟା
ଜେଟ୍ ବଂଗା—ବି. ଜ୍ୟୈଷ୍ଠ ମାସ
ଜେଟ୍ ବିମାନ୍, ଜେଟ୍ ଉଡ଼ାନ୍ ଜାହାଜ୍—ବି. ଜେଟ୍ ବିମାନ
ଜେଟ୍‌କେ—ବିଂ. ଚପାଚପି, କ୍ରି. ବିଂ. ଚପାଚପି ହେବା ପ୍ରକ୍ରିୟା
କ୍ରି. ଚପାଚପି ହେବା ସହୃତ (ପିନ୍ଧିବା)
ଉ: ନାଁହାଃ ହଲକ ଜେଟ୍‌କେ ଦଉ ଆଉ ରଟେ ଫାଲ ପେଣ୍ଟକ
ଲୁପିଆଃ କାନା—ଏବେ ଲୋକେ ଚପାଚପି ସାର୍ଟ ଓ ପାଇଜାମା
ପସନ୍ଦ କରୁଛନ୍ତି

ଜେଟ୍‌କେ—ବିଂ. ବୋକା, ନୂଆଶିକ୍ଷ୍ୟ
ଜେଟ୍‌କମ୍—ବିଂ. ଚପା, ଭିଡ଼ିଧରି, କ୍ରି. (ଯାହା ଦେହ, ବସ୍ତୁକୁ)
ଭିଡ଼ିଧରି ରଖିବା ବା ଚପି ଧରିବା
ଜେଟ୍‌ଲିଁ ‒ —ବିଂ. ବଦମାସ (ଲୋକ) ଦୁଷ୍ଟ
କ୍ରି. (ଅପେକ୍ଷାକୃତ) ଆଶାସ୍ଥି ହୋଇ ବସିବା
ଜେଟି—ବି. (ଇଂ) (Jetty) ଜେଟି, ବନ୍ଦରରେ ଅପେକ୍ଷା
କରିବା ସ୍ଥାନ
ଜେଠର୍ଓ୍ୱା କାସକମ୍—ବି. ଜ୍ୟୈଷ୍ଠ ମାସରେ ଲଗାଇବା ଜପା
ଜେଠା—ବିଂ. ଜ୍ୟୈଷ୍ଠ, ବଡ
ଜେଠା ହୁପନ୍—ବି. ଜ୍ୟୈଷ୍ଠ ମାସରେ ଜନ୍ମ ହୋଇଥିବା ପୁଅକୁ
"ଜେଠା ହୁପନ୍" କହନ୍ତି
ଜେଟେ—କ୍ରି. ବିଂ. ସାନ ପିଲା ପିଣ୍ଡିରେ ଗୁହ ଶୁଖିବା ପ୍ରକ୍ରିୟା
ଉ: ଲେଟ୍‌କା ଜେଟେଃକାନାସ୍ୟ୍ ଲଗନ୍ ଆ.ବୁଦ୍ କାୟ୍‌ମେ—
ପିଲାର ପିଣ୍ଡିରେ ମଇଳା ଶୁଖିଯାଇଛି ଶୀଘ୍ର ତାକୁ ଧୋଇ ଦିଅ
ଜେଠେର୍ ପେଠେର୍—ବିଂ. (ବସି ବସି) ହାଲିଆ ହୋଇ ଯିବା
ପ୍ରକ୍ରିୟା, ଥକି ଯିବା ଅବସ୍ଥା

ଜେଠ ‒ —କ୍ରି. ଦମ୍ଭ କରି କହିବା, ଗପ କରିବା
ଜେଡେର୍—ବି. ଶୀତକାଳିନ ପ୍ରାତଃ କାଳର ଉଷୁମ କରଣକୁ
'ଜେଡେର୍' କହନ୍ତି
ଜେଡେର ‒ —କ୍ରି. ଜେଡେରରେ ବସିବା, ଉଷୁମ୍ ହେବା
ଜେଡ୍‌ଜେଡେ—କ୍ରି. ବିଂ. ଶିରୁଆ ଶିରୁଆ, ଅଣ୍ଡାଳିଆ ଅଣ୍ଡାଳିଆ,
(ଅନୁଭବ କରିବା)

ଜେଡେ—ବିଂ. ସମସ୍ତ, ଯାବନ୍ତ
ଜେଦ୍‌ହେବେଦ୍‌ହେ—କ୍ରି. ଉପସ୍ ଉପର ଦୌଡ଼ରେ ବାନ୍ଧ
ଦେବା, କାଦୁଅରେ ଲଟପଟ ହେବା
ଜେନ୍—ଅ., କ୍ରି. ବିଂ. ଯେଉଁ
ଜେନଅ ତେନଅ—ବିଂ. ଯେମିତ ହେଉ, ସେମିତ ହେଉ,
ଜେନତେନ, କ୍ରି. ବିଂ. କୌଣସି ପ୍ରକାରରେ
ଜେନେଜ୍—ବିଂ. ଉଚ୍ଚ, (ପଦାର୍ଥ, କଥା, ପ୍ରତିଷ୍ଠା)
କ୍ରି. ବି. ଶ୍ରେଷ୍ଠ, ଅନ୍ତନ୍ୟନ
ଜେନେରେଡ୍—ବି. ଯୋଡ଼ାଇ ବସ୍ତୁ, କ୍ରି. ଯୋଡ଼ିବା ଜନିଷରେ
ଯୋଡ଼ି ଦେବା, (ଯୋଡ଼ିବା ବସ୍ତୁ, ଅଠା, ଖାଦେଲ ଆଦି)
ଜେନ୍ଅ—କ୍ରି.ବିଂ. ଯେମିତ, ଯେ ପ୍ରକାରରେ, ଯେମିତ, ତେମିତ
ଜେପେଡ୍—ବିଂ. ବନ୍ଦ, ମୁଦା (sealed)
କ୍ରି. ବନ୍ଦ କରିବା, ମୁଦିବା (ଜେପେଡ୍—ବନ୍ଦ କରିବା
କିନ୍ତୁ 'ଜେପେଡ୍' ବନ୍ଦରେ ଭିତର ଅଂଶ ଆଦୌ ଦିଶିବ ନାହିଁ
ବା ଫାଙ୍କ ରହିବ ନାହିଁ)
ଜେପେରେଦ୍—କ୍ରି. ପରସ୍ପରକୁ ଚେଙ୍କା ଚେଙ୍କି ହେବା
ଜେବ୍‌ଖର୍ ଘାସ—ବି. ଏକ ପ୍ରକାର ଘାସର ନାମ
ଜେବେଲେ(ଡେ)—କ୍ରି. ଜାବୁଡ଼ି ଧରିବା
ଜେବେଜ୍ ଜେବେଜ୍—ବି. ଅଧିକ ଭିଜା ଭିଜା ଅବସ୍ଥା, ଓଦା
ଜେବେଜ୍ ଜେବେଜଃ—କ୍ରି. ଭିଜା ଭିଜା ଲାଗିବା, ପଚ ପଚ
ଲାଗିବା, ଉ: ଲୁଗୁଲ ଜେବେଜ୍ ଜେବେଜ୍ ଆ.ୟ୍ କା.ଉଃକାନା-
ଲୁଗା ଅତି ଭିଜା ଭିଜା ଲାଗୁଛି, ଜବଜବିଆ ଲାଗିବା
ଜେବେ ଜେବେ—ବିଂ. ପୂର୍ଣ୍ଣସ୍ୱରେ ଭିଜା (ଜନିଷ, ଲୁଗା)
କ୍ରି. ପାଣି ସର ସର ହୋଇ ଭିଜିବା
ଜେବେନ୍—କ୍ରି. ବନ୍ଦ/ମୁଦ ଯିବା
ଜେବେର୍ ଜେବେର୍—ବିଂ ଓଦା ସର ସର
ଜେମ୍‌କେ—କ୍ରି. ଚପିହୋଇ ଲାଗି ରହିବା
ଜେମ୍‌ଠେ—କ୍ରି. ଚପିହୋଇ ଲାଗିଯାଇ ଶୁଖିଯିବା
କ୍ରି. ବିଂ. ଲାଗିଯାଇ ଶୁଖିଯିବା ଅବସ୍ଥା
ଜେମ୍‌ବେଦ୍—କ୍ରି. ଚୁହିବା, ଶୋଷିବା
କ୍ରି. ବିଂ. ଚୁହିବା ବା ଶୋଷିଦେବା ପ୍ରକ୍ରିୟା

ଉ: ତାରୁବ୍ ତାଙ୍ଗସ୍ସ୍ କେମ୍ବେଦ୍କାତେ ମାସ୍ସାମ୍ ଏ
ଉଦ୍କେଦା—ବାଘ ବଳଦକୁ ଚୁହିଁ ଦେଇ ତାର ରକ୍ତ ଗିଳି ଦେଲା

କେସ୍ସା ∞ ଦାଂ ସେସ୍ସା ∞ —କ୍ରି. ବିଂ. ଏ ପାଖ ନୁହେଁ କ ସେ ପାଖ ନୁହେଁ (ଅଯଥା, ବେକାର)

କେମନ—ଅ. ଯେପରି

କେମନ୍ ତେମନ୍—ଅ. ଯେପରି ସେପରି
ଉ: କେମନ୍ ଏ ଖଜ୍ ଲୋଃଆ ତେମନ୍ ଏ ସ୍ତାମ୍ କୋଃଆ—
ଯେପରି ସେ ଲୋଡ଼ିଲେ ସେପରି ସେ ପାଇଲେ

କେମା—ବି. କେମା, ରାଜକନ୍ୟା

କେର୍—ବି. ଗନ୍ଧ, ଅଠା, ଗଛରୁ ବାହାରୁଥିବା ଅଠା

କେର୍ବା.କ—କ୍ରି. କର ବାକ ଭଙ୍ଗିବା

କେର୍କା—ବି. ଯୋଡ଼ି ଯାଇଥିବା ଆଙ୍ଗୁଳି

କେର୍କା—ବିଂ. ଶ୍ଳେଷ୍ମା ଗୋଡ଼ିଆ ଯାହାର ଆଣ୍ଠୁ ତଳକୁ ଦେହ ଚମରେ ବାନ୍ଧ ହୋଇଥାଏ । କ୍ରି. ଶ୍ଳେଷ୍ମାଇ ଶ୍ଳେଷ୍ମାଇ ଚାଲିବା

କେରକାହା—ବିଂ. ଆର୍ଦ୍ର, ଭିଜା ମାଟି, ଲୁଣିଆ ମାଟି

କେର୍କେମାସ୍—ବିଂ. ଦୁଷ୍ଟ

କେରଂଗାହା—ବିଂ ଆର୍ଦ୍ର, ଭିଜା ମାଟି

କେର୍ପେଡ୍, କେର୍ପେଡେଦ୍—ବିଂ. ଜମିଥିବା, ବସିଥିବା, କଠିନ ହେବା, କ୍ରି. ଜମିଯିବା, କଠିନ ହୋଇ ବସିଯିବା
କ୍ରି. ବିଂ. ଜମିଥିବା ଅବସ୍ଥା

କେର୍ବେନ୍ଡା ∞ —କ୍ରି. ମୂର୍ଚ୍ଛା ହୋଇ ପଡ଼ିଯିବା

କେର୍ବେନ୍ଡେଦ୍—ବି. ଦୁଷ୍ଟ, ଚୁଲ୍ ଚୁଲିଆ

କେସ୍—କ୍ରି. କେସ୍ କରିବା, ତକରାର କରିବା, ବି. ତକରାର, କଥା ଆଦାୟ କରିବା

କେସ୍ କାନ୍ହେ—ବି. କଦ ଫସଲ, ଘାସ ଜାତୀୟ ଗଛର ଫସଲ ମଞ୍ଜି କଳା କଳା ହୁଏ

କେରେ କେରେ—କ୍ରି. ଅଧିକ ପାଣି ପାଇ ଗଛ ନ ଉଧେଇବାକୁ ସାନ୍ତାଳୀରେ 'କେରେ କେରେ କହନ୍ତି

କେରେଞ୍ଜ୍ କାପାଂ ବଞ୍ଜ୍—ଛୋଟ ଜାତୀୟ ନାଗ ସାପ

କେରେଦ୍—କ୍ରି. ନିଆଁ ଲଗାଇବା, ଉସ୍କାଇବା
ଉ: ଦେସ୍ସାସିଲ୍ ଉରୁଦ୍କାତେ ବଲବୁଢରେ କେରେଦ୍ ମେ—
ଦିଆସିଲି କାଠି ଜଳାଇ କୁଟା ଗଦାର ବେଣ୍ଡିଆରେ ନିଆଁ ଲଗାଇ ଦେ

କେରେଦ୍ ଆଲା ∞ —ବି. ଏକ ପ୍ରକାରର ଖାଇବା ଶାଗ ଗଛ

କେରେଦ୍ ଚଷ୍ଟା.—ବି. ପୋଡ଼ା ଦାଗ, ବିଂ. ପୋଡ଼ା ଦାଗବାଲା

କେରେଲ୍(ଡ୍)—କ୍ରି. ଲୁପିବା, କ୍ରି. ବିଂ. ଲୁପା ହୋଇଥିବା (ଯାଇଛୁ, ହୋଇଛୁ)

କେଲ୍ (ଜଲ୍) — ବି. ମାଂସ, ହରିଣ
କ୍ରି. ମାଂସ ତିଆରି କରିବା

କେଲ୍-ଦାକା (ଜଲ)—ବି. ମାଂସ ଖଣ୍ଡ

କେଲେଞ୍ଜ୍ (ଜଲଞ୍ଜ୍)—ବି. ଲମ୍ବାଇ, ଉଚ୍ଚଇ
କ୍ରି. ଲମ୍ବାହେବା, ବିଂ. ଲମ୍ବା, ଉଚା

କେଲେଦ୍ କେପେଦ୍—କ୍ରି. ବିଂ. ଭୋକରେ ପେଟ ପିଠିକୁ ଲାଗିଥିବା ଅବସ୍ଥା, କ୍ରି. ଖାଦ୍ୟ ବଜଲରେ ଏଣେ ତେଣେ ଯିବା

କେଲେପ୍ କେଲେପ୍—କ୍ରି. ଚମକାଲା ଆଲୁଅ ପ୍ରକଟ ହେବା, ଝଲମଲ ଦିଶିବା

କେଲେପ୍ ମେନ୍ତେ—କ୍ରି. ବିଂ. ଅଗ୍ନନକ ଝଲମଲ ହେବା, ସଙ୍ଗେ ସଙ୍ଗେ ଝଲମଲ ହେବା

କେଲେପି—ବି. ଜିଲାପି

କେଲେକ୍(କା)—ଅ. ଯେପରି, ଯଥା

କେଲ୍ପେଦ୍—ବିଂ. ଶୁଖିଲା ପେଟ, କ୍ରି. ପେଟ ଶୁଖିଲା ହେବା
କ୍ରି. ବିଂ. ଶୁଖିଲା ପେଟିଆ

କେଓଁ—ବି. ଲହସା (କମାର) ଓ ବାରିକଙ୍କ ବର୍ଷରେ ଥରେ ଅନ୍ନ ଓ ପାଉଣା ଦେବାକୁ 'କେଓଁ' କହନ୍ତି

କେଓଁଏର୍—ବିଂ. ଚଟ ଲାଗିବା, ଅଠା ଲାଗି ଧରିବା

କେଓଁଏର୍ କାଟା ∞ —ବିଂ. ଚଟା, ଅଠାଳିଆ

କେଓଁଏଡ୍(ଲ୍) କେଓଁଏଲ୍(ଡ୍)—କ୍ରି.ବିଂ. ବକର ବକର ହେବା

କେହେ ଜବେ—କ୍ରି. ବିଂ. (ପାଣିରେ) ଅଧିକ ବୁଡ଼ାଇ ଭିଜାଇବା ପ୍ରକ୍ରିୟା
ବିଂ. ସମ୍ପୂର୍ଣ୍ଣ ଭାବେ (ଗାଧୋଇବା, ତେଲ ମାଖିହେବା)

ଜେହେଲ୍—କ୍ରି. ଜେଲ୍ ପଠାଇବା
ଜେହେଲଖାନା—ବି. ଜେଲ୍‌ଖାନା
ଜେଲ୍ ଜେଲ୍(ଡ୍)—କ୍ରି. ଅଧିକା ତେଲ ଲେପନ କରିବା
ବିଂ. ତେଲିଆ
ଜେଲେ ମେଟେ—କ୍ରି. ଅପେକ୍ଷା କରିବାରେ ବିରକ୍ତ ଲାଗିବା, ଅକଟିବା, କିଛି ପାଇବାକୁ ବିଳମ୍ବ ପର୍ଯ୍ୟନ୍ତ ଅପେକ୍ଷା କରିବା,
ବହୁକ୍ଷଣ ଭୋକ ଉପାସରେ ଅପେକ୍ଷା କରିବା
ଜାଁକ୍‌ଲେ(ଡେ)—କ୍ରି. ବିଂ. ସଙ୍କୁଚିତ ହୋଇଥିବା ଅବସ୍ଥା,
ସଙ୍କୁଚିଆ
ଜାଁକାଁ—ବିଂ. ସଙ୍କୁଚିତ ହୋଇଥିବା ଶୁଖିଲା ଅବସ୍ଥା
କ୍ରି. ସଙ୍କୁଚିତ ହେବା
ଜାଁହେଜ୍—ବି. ବେଲ, ସମସ୍ତ
ଜାଁଖମ୍—ବି. ଜଖମ, ମାଡ଼ ଜଖମ, ଘାଆ ଜଖମ
କ୍ରି. ଜଖମ ହେବା, (ମାଡ଼ ଜଖମ ହେବା) ଘାଆ ଜଖମ ହେବା, କାଟିଯିବାର ଜଖମ
ଜାଁଚ୍—କ୍ରି. ଜାଞ୍ଚ କରିବା
ଜାଁଜ୍—ବି. ନ୍ୟାୟାଧୀଶ, ଜଜ୍
ଜାଁଜାଁଖାସ୍—ବିଂ. ଅରୁଚିକର ଖଡ଼ାସଡ଼ା
ଜାଁଜାଁନ୍—ବି. ଯୋଜନ, ବହୁଦୂର
ଜାଁଜାଁମରଜ୍—ବିଂ. ଖଟାମିଠା
ଜାଁଜାଁଗ୍ରସା—ବି. ତେନ୍ତୁଳି ରସ, ଖଟା ରସ
ଜାଁଗ୍ରଂ—ବିଂ. ନପଟ ଲାଲ ରଙ୍ଗ
ଜାଁଗ୍ରଂ ଜାଁଗ୍ରଂ—କ୍ରି. ବିଂ. ଅଧିକ ଲାଲ ରଙ୍ଗିଆ
ଜାଁହାଁକ—କ୍ରି. ବିଂ. ଝୁଲି ରହିଥିବା ପ୍ରକ୍ରିୟା
ସର୍ବ. ଯେଉଁସବୁ
ଜାଁହାଁଡିହାଁ—ଅ. ଏଣେ ତେଣେ
ଜାଁହାଁନା ~—ଅ. କୌଣସି ଏକ
ଜାଁହାଁନ୍କ—ଅ. କେହି କେହି, କ୍ରି. ବିଂ. (ହୋଇଥିବେ/ ଯାଇଥିବେ)

## ଝ

ଝକ୍‌ଝକ୍—କ୍ରି. ବିଂ. ଆଖି ଝଲସିଆ, ଚକଚକିଆ
ବି. ବିଜୁଳିଲତା
ଝକ୍‌ମାଗ୍ରଓ—କ୍ରି. ବିଂ. ଗୁରୁଙ୍କୁ ଦେଖା ଦେଖି କରିବା ପ୍ରକ୍ରିୟା,
ଖୋସାମତ ଭାବ ପ୍ରକଟ କରିବା ପ୍ରକ୍ରିୟା
ଝଗଲା(ଡା)—ବି. କଳିଆ
ଝଗ୍‌ଲାଓ—କ୍ରି. କଳହ କରିବା, ଗାଲଗୁଲଜ କରିବା
ଝଗ୍‌ଲାହୁ—ବିଂ. ଉଦଣ୍ଡୀ, କଳହୁଡ଼ି
ଝଅଜ୍‌ପଜ୍—କ୍ରି. ବିଂ. ଭିଜିଥିବା, ତେଲିଆ ହୋଇଥିବା,
ପାଣି (ଦେହରୁ) ନିଗୁଡୁଥିବା ଅବସ୍ଥା
ଝଟ୍—କ୍ରି. ବିଂ. ଚଟ୍‌କରି, ଝଅଟ, ଶୀଘ୍ରତାସହ
ଝଟ୍‌ପଟ୍—କ୍ରି. ବିଂ. ତତ୍‌କ୍ଷଣାତ, ଶୀଘ୍ର
ଝଟାପଟା—ବି. ଧସ୍ତାଧସ୍ତି, କ୍ରି. କଳହ କରିବା, କଥା କଟାକଟି
କରିବା
ଝଡଅ—ବି. ଝଡ଼ ବତାସ, ତୋଫାନ
ଝଣ୍‌ଝଣ୍—ଅ. ଝଣଝଣ (ringing sound)
ଝଡ଼ଅ—ସର୍ବ. ସବୁ, ସମସ୍ତ
ଝଡର୍—ବି. ମକାର ଶୁଣ୍ଢ ଗୁଚ୍ଛ, କ୍ରି. ବିଂ. ମକାର ଶୁଣ୍ଢ
ବାହାରିବା ପ୍ରକ୍ରିୟା
ଝନ୍‌ଡୁଲ୍—କ୍ରି. ନୁପୁର ବନ୍ଧା ହୁଗୁଳିବା
ଝପର୍ ଝପର୍—କ୍ରି. ବିଂ. ଭିଜା ଲୁଗା ପିନ୍ଧି ବୁଲିବାର ପ୍ରକ୍ରିୟା,
ଉପଯୁକ୍ତ ଭାବେ ନ ପିନ୍ଧି ବୁଲିବା ପ୍ରକ୍ରିୟା
ଝପ୍‌ଟାଓ—କ୍ରି. ଖୁବ୍ ଜୋରରେ ଗୋଡ଼ାଇ ନେବା ବା
ଗୋଡ଼ାଇବା
ଝପଝପ—କ୍ରି. ବିଂ. ତେରି ତେରି, (ବୁଲିବା, ଯିବା)
ଉ: ଝପ୍‌ଝପ୍ ଏ ଡାଲାମ ଇଦଦେନା — ତେରି ତେରି
(ଲମ୍ବ ଗୋଡ଼ ପକାଇ) ବୁଲିଗଲା
ଝପଡଲ ~—ବିଂ. ଝଙ୍କାଳିଆ (ଗଛ)
ଝମ୍‌ଝମ୍—ଅ. ଲଗାତାର ଜୋର ବର୍ଷାପାଣିର ଶବ୍ଦ,
ଝମ୍ ଝମ୍ ଏ ଦା ~ ଏଦ୍‌ଆ—ଝମଝମ କରି ବର୍ଷା ହେଉଛି

ଝମର ଝମର୍—ଅ. ଝଙ୍କଣୀର ଶବ୍ଦ, ଘୁଙ୍ଗୁର ଶବ୍ଦ,
ପିନ୍ଧା ଗହଣାର ଶବ୍ଦ

ଝମଝର୍—ବି. ପେଟ କୃମି ଜାତୀୟ କୀଟ

ଝମ୍ପା—ବି. ଗୁଚ୍ଛ, ଝୁମ୍ପା

ଝଲ୍ସାଉଁ—କ୍ରି. ନେଇଯିବା, ମରାମତ କରିବା

ଝମବଲେ—ବି. ଗୁଚ୍ଛା, (ଏକାଠି ବହୁତ ଫଳ)

ଝରଅ—ବି. ଉତ୍ସ

ଝରନ୍—କ୍ରି. ଝରିବା, ବି. ଝରଣ

ଝସ—ବି. ଝସ ଜାତ ବିଶେଷ, ଛୁନ୍ଦା ଛୁନ୍ଦା ପାଣି ପକାଇବା
ଯନ୍ତ୍ର, ଝସ

ଝଲ୍ଝଲ୍—କ୍ରି. ବିଂ. ଉତ୍ତମ ବିଭୂଷିତ ଦୃଶ୍ୟ ପ୍ରକଟକୁ ସାନ୍ତାଲ
'ଝଲ୍ଝଲ୍' କହନ୍ତି, ଉ: କୁଳଟା ଝଲ୍ଝଲ୍ ଏ ଷ୍ଟେଲ୍ଃକାନା—
ଝଅଟି ଭଲଭାବେ ସଜାଡ଼ି ହୋଇଛି

ଝସାଉଁ—କ୍ରି. ଝାଡ଼ିଦେବା, ଝରିବା

ଝଲା—କ୍ରି. ଉଡ଼ିଆଣିବା

ଝଲା—ବି ଗାଣ୍ଡୁଆ, ମାଟିରୁନ୍ଧା ପାତ୍ରୁଆ

ଝଲଂ—କ୍ରି. ବିଂ. ଢିଲା ଢାଲା, ଦୁଗୁଲା

ଝଣେଷ୍ଟାଁ—ବିଂ. ରୋଗଗ୍ରସ୍ତ, ଜରୁଆ, ଦୁର୍ବଳ
କ୍ରି. ଦୁର୍ବଳ ହେବା, ନିର୍ଜୀବିଆ ହେବା

ଝଲ—ବି. ଝୁଲ, ଅଳନ୍ଧୁ

ଝାସ୍ଟଁ (ଏଁ)—କ୍ରି. ଝାଇଁ ମାରିବା, ଝାଇଁ ଝାଇଁ ଲାଗିବା

ଝାକ୍ଝାକ୍—ବିଂ. ସ୍ୱଚ୍ଛ, ଉଜ୍ଜ୍ୱଳ

ଝାକ୍ଝାକ୍ଅ--—କ୍ରି. ଝକଝକ ଦିଶିବା, ଚକଚକିଆ ଦିଶିବା

ଝିଁକା—ବି. ଚୋଙ୍ଗ

ଝିଁକ୍ଝିଁକ—ବିଂ. ଝକମକିଆ

ଝାକ୍ଝାକାଉଁ—କ୍ରି. ଭଗାଡ଼ି ଘଷି ସ୍ୱଚ୍ଛ କରିବା ବା ସଫା କରିବା

ଝାକ୍ମେନ୍ଜେ—କ୍ରି. ବିଂ. ହଠାତ୍ ପ୍ରଜ୍ୱଳିତ ହେବା ପ୍ରକ୍ରିୟା

ଝାକ୍ମା.ର୍—କ୍ରି. ବିଂ. କଷ୍ଟଦାୟକ, ଭିତର ଦାୟିତ୍ୱ ଗ୍ରହଣ
ପ୍ରକ୍ରିୟା, କ୍ରି. ଆବଶ୍ୟକତା ହେତୁ ଆସିବା

ଝାକ୍ ମୁହୁକ୍—ବି. କପଟ ମୂର୍ଖ

ଝାକସ୍ ଝାକର୍—କ୍ରି. ଟଣାଟଣି କରିବା

ଝାକ୍ସାଉଁ—କ୍ରି. ଜଳ ଆଡ଼କୁ ଘୋଷାରିବା, ଟାଣିନେବା

ଝାକାଝାକ—କ୍ରି. ବିଂ. ଠେଲାପେଲା ହେବା ପ୍ରକ୍ରିୟା
କ୍ରି. ପେଲାପେଲି ହେବା

ଝାକାର୍ ଝାକୁର୍ ବା ଝିଁକା ଝାକୁର୍—କ୍ରି. ବିଂ. ଆଗ ପଛ
ଓହ୍ଲା ଓହ୍ଲଲ ଜନପର ସ୍ଥିତ ବହ୍ନ୍ୟଢ଼ ଅବସ୍ଥା
ଉ: ଝିଁକାଝା.କୁର୍ ଷା.ଗ୍ୟା ଗ -- କାତେ ସେନଃ କାନାସ୍—
ଷାରରେ ଓହ୍ଲା ଓହ୍ଲଲ ଜନପ ଦୋହଲାଇ ଦୋହଲାଇ ବୋହି
ନେଇ ଯାଉଛି

ଝାଙ୍କାର୍—ବି. ଅଣ୍ଡିରା ହରିଣ

ଝାଙ୍କାର୍ ସସରକ୍—ବି. ଜଙ୍ଗଲ ବଡ଼ ଝିଣ୍ଡିକା

ଝାଙ୍କାଲେ(ଡେ)—ବି. ବଡ଼ ଅଣ୍ଡିରା ମହୁମାଛି, ଅନ୍ୟ ଅର୍ଥରେ—
ଶତ୍ରୁ, ବଇରୀ

ଝାଙ୍କାଡ଼େ ସାର୍—ବି. ଫୁଲଝାଡ଼ୁ ଗଛ, ଝାଡ଼ୁ ତିଆରି କରିବା
ଲମ୍ବ ଲମ୍ବ ଘାସ ଗଛ

ଝାଂକୁର୍—କ୍ରି. ଢିଲା ଭାବେ ଓହ୍ଲା ହେବା

ଝାଂଗା—ବି. ପତଲୁନ, ପାଇଜାମା, ଫିଲ୍ପିଲ୍ ସହିତ

ଝାଂଗାସ୍ ସୁଟା.ସୁ—ବିଂ. ଆବୁଜୁ ଜାବୁଜୁ କନପପଣ, ଏଣ୍ଡୁ ଭେଣ୍ଡୁ
ଗୁଣ୍ଡିଏ ଜନପ

ଝାଙ୍ଗା ପାର୍ଉଁ (ପଡ଼ାମ୍, ପୁଡ଼ାମ୍)—ବି. ଗୋଡ଼ରେ ବାଳ ଥିବା
ପାରା / କପୋତ

ଝାଙ୍ଗା ସିମ୍—ବି. ଗୋଡ଼ରେ ବାଳ ବା ପରଥିବା କୁକୁଡ଼ା

ଝାଙ୍ଗାର୍ ଝୁଙ୍ଗୁର୍—କ୍ରି. ବିଂ. ନସର ପସର

ଝାଙ୍ଗାଲ୍ ଝୁଙ୍ଗୁଲ୍—କ୍ରି. ବିଂ. ସମ୍ପୂର୍ଣ୍ଣ ଭାବେ, ଦୁଗୁଲିଯିବା

ଝାଂଗାଂକାଟା—ବି. ଏଣେ ତେଣେ ଜଙ୍ଗଲ କାଟିବା ପ୍ରକ୍ରିୟା
କ୍ରି. ଜଙ୍ଗଲ ଏଣେ ତେଣେ ସଫା କରିବା

ଝାଂଗଡା.(ଲା)ଉଁ—କ୍ରି. ଭଲ ଫସଲ ଉତ୍ପନ୍ନ ହେବା

ଝିଁକାଡ଼କ୍, ଝାକାଲକ୍—ବିଂ. ଝଙ୍କାଝୁଙ୍କାବାଳ

ଝିଁଙ୍କି—ବିଂ. ଝାଙ୍କି, ପ୍ରଖର ଗନ୍ଧର ତେଜ

ଝାଁଞ୍ଜୁର୍ ଝାଞ୍ଜିର୍—ବିଂ. ଝଞ୍ଜଟ, କ୍ରି. ଝଞ୍ଜଟ ଅନୁଭବ କରିବା

ଝାଞ୍ଜରଓ୍ବ, ଝାଞ୍ଜର ଝାଞ୍ଜର—ବିଂ. ଉଦ୍‌ବେଗ ସହ,
କ୍ରି. ଅସ୍ତବ୍ୟସ୍ତ ହେବା

ଝାଞ୍ଜକର—ବି. ଝଞ୍ଜିର, ଚଲ୍ଲ, ଘୁଲୁଣି

ଝାଞ୍ଜାଲ୍—କ୍ରି. ଜଞ୍ଜାଳରେ ପଡ଼ିବା, କଷ୍ଟ ସ୍ୱୀକାର କରିବା,
ବିଂ. ଜଞ୍ଜାଳ, କଷ୍ଟ

ଝାଞ୍ଜଟ୍—ବି. ଝଞ୍ଜଟ, ଦୁଃଖ, କଷ୍ଟ

ଝାଞ୍ଜଟ ∞—କ୍ରି. ଝଞ୍ଜଟରେ ପଡ଼ିବା, କଷ୍ଟରେ ପଡ଼ିବା

ଝାଞ୍ଜ୍.ଡା—ବି. ଯବ ଜାତୀୟ ବଡ଼ ଗଛ, ଝାଞ୍ଜିସ୍

ଝାଟ୍‌କାଓ—କ୍ରି. ଶୁଖିଯିବା, କମିଯିବା

ଝାଟ୍ ମେନ୍‌ଟେ—କ୍ରି. ବିଂ. ତୁରନ୍ତ, ସଙ୍ଗେ ସଙ୍ଗେ

ଝାଟ୍ ପାଟ୍—କ୍ରି. ବିଂ. ଝଟପଟ, ଚଞ୍ଚଳ
କ୍ରି. ଚଞ୍ଚଳ ହେବା, ଶୀଘ୍ର ଶୀଘ୍ର କରିବା

ଝାଟ୍‌କା ଲଟଞ୍ଜ୍—କ୍ରି. ବିଂ. ଲଗି ଲଗି କାମ ପାଇବା ଓ
କରିବା ପ୍ରକ୍ରିୟା

ଝାଟା—ବି. ଝାଟି, ଡାଳ, ଖୁଣ୍ଟ, ଡାଳ

ଝାଟା ଉମୁଲ୍—ବି. ଝୁଣ୍ଟ ଡାଳ ପତ୍ରରେ ତିଆରି ବନା ଛୁଡ଼ିଣି ଛମୁଣ୍ଡିଆ, ଫଳନ୍ତ ଲଟା ମାଡ଼ିବା ପାଇଁ ତିଆରି ହୋଇଥାଏ । ସେହି ବ୍ୟବସ୍ଥାରୁ ଯେଉଁ ରୁଇ ମିଳେ ତାହାକୁ ଝାଟା ଉମୁଲ୍ କହନ୍ତି

ଝାଟାଉମୁଲ ଡୁମ୍ବା.ଦା ∞—ଆକ୍ଷରିକ ଲୋକ ଉକ୍ତିରେ ଏହାର
ଅର୍ଥ କ୍ଷଣିକ ରହିବା ସ୍ଥାନ ଓ ପିଇବା ସ୍ଥାନ

ଝାଟାକେଲ୍‌କେଟା—ବି. ଏକ ପ୍ରକାରର ଲୋଟିଆ ଚଢ଼େଇର ନାମ

ଝାଟା ∞ ଝାଟୁ—କ୍ରି. ଖଦର ଝଦର ଶବ୍ଦ କରିବା
କ୍ରି. ବିଂ. ଝଦର ଖଦର ଶବ୍ଦର ପ୍ରକ୍ରିୟା

ଝାଟାସ୍—ବି. ଛାଞ୍ଚଡ଼ା, କ୍ରି. ଛାଞ୍ଚଡ଼ା ମାରିବା, ବର୍ଷା ପାଣି
ଛାଟିବା

ଝାଡ଼ରୁ ∞ ପା.ଡରୁ ∞—କ୍ରି. ବିଂ. ବାଟରୁ ଅଲଗା ଅଲଗା
ହୋଇ ଯିବା ପ୍ରକ୍ରିୟା

ଝାଣ୍ଡିକକର—ବି. କୁକୁଡ଼ା

ଝାଣ୍ଡିପା.ଣ୍ଡି—କ୍ରି. ଝାଟିରେ ବେଢ଼ା ଘେରିବା

ଝାଣ୍ଡି—ବି. ଝାଟି ବେଢ଼, ଝାଟିରେ ତିଆରି ଥିବା ଘେର, ବାଡ଼

ଝାପନ ଦାରେ—ବି. ଲଜକୁଳି ଲଟା ଗଛ
କ୍ରି. ଘୋଡ଼ାଇ ବନ୍ଦ କରିବା, ଢାଙ୍କି ଦେବା

ଝାପସୀଓଲା ∞—ବି. ଝୁମ୍ପୁଡ଼ି ଘର, କ୍ରି. ଝୁମ୍ପୁଡ଼ି ଘର ତୋଳିବା

ଝାପର କୁଲ—ବିଂ. ବି. ସ୍ତ୍ରୀର ଛୋଟ ବାଳଥିବା ହେତୁ ବେଣୀ ବାନ୍ଧି ହୁଏ ନାହିଁ । ବାଳଗୁଡ଼ିକ ମୁଣ୍ଡର ଚାରି ପାଖେ ଓହଳି ପଡ଼େ
ଏପରି ସ୍ତ୍ରୀକୁ 'ଝାପର' କହନ୍ତି, ଝାମ୍ପୁରି

ଝାପ୍‌ଡା.(ଲା.)—ବି., ବିଂ. ପୁରୁଷ ପିଲର ବାଳ ନୁଖୁରା ବା କୁଞ୍ଚୁକୁଞ୍ଚିଆ ତାହା ମୁଣ୍ଡ ଚାରିପାଖେ ଓହଳି ଥାଏ । ଏପରି ପୁଅକୁ
'ଝାପ୍‌ଡ଼ା' 'ଝାଁପୁରା' କହନ୍ତି

ଝା.ପ୍‌ଡା.(ଲା.) ଦାରେ—ବି. ଝୁମ୍ପୁରା ଗଛ

ଝାପ୍.ସା—ବିଂ. ଝାପସା, ଅନ୍ଧାର ଅନ୍ଧାର ଦିଶିବା

ଝାବାଗ୍ରହ—ବିଂ. ସୁଠାମ ଅଳ୍ପ ବୟସୀ, ଅଳ୍ପ ଉଚ୍ଚା (ନାରୀ ବା
କିଶୋରୀ)

ଝାବ୍‌ଗ୍ଲା—ବିଂ. ଗୋଲଗାଲ୍ ସୁନ୍ଦର ରୂପ ବିଶିଷ୍ଟ
(ନାରୀ, ଯୁବତୀ, ସ୍ତ୍ରୀ)

ଝାବାର୍ ଝବର୍—କ୍ରି. ବିଂ. ପାଣି ସର ସର ହେବା ପ୍ରକ୍ରିୟା,
ଭିଜା ଭିଜା ହୋଇ

ଝାମ୍‌ଝାମ୍—କ୍ରି. ବିଂ. ଝିମି ଝିମି ଅନୁଭବ ପ୍ରକ୍ରିୟା

ଝମ୍ପା—କ୍ରି. ଓହଳିବା, ଜାବୁଡ଼ି ଧରିବା, ଲଟକିବା

ଝାମ୍‌ଲା—ବିଂ. ଗୋଳମାଳ, ଗଣ୍ଡଗୋଳିଆ

ଝାରନା—ବି. ଝରଣା

ଝାର୍—ବି. ହାଣ୍ଡିଆ ରସ

ଝାରନ—କ୍ରି. ମନ୍ତ୍ର ଉଚ୍ଚାରଣ କରିବା

ଝାର୍‌କୁଲେ(ଡେ)ଡ୍ରୁ—ବିଂ. ବୁଢ଼ା ଅବସ୍ଥା, ବାର୍ଦ୍ଧକ୍ୟ
(ବୁଢ଼ା ଲୋକ, ବୁଢ଼ୀ ଲୋକ), ସେଗା ଲୋକ

ଝାର୍‌ଗୁଇ—ବିଂ. ପୁରୁଣା, ପୁରାତନ (ଜନପଦ ସମସ୍ତ) ଢଳ ଢଳ
ଯିବା ଅବସ୍ଥା

ଝାରୁଗୁମ୍—ବିଂ. ଗୁଚ୍ଛରେ ଝୁଲିଥିବା

ଝାର୍ଗୁସ୍ପା ‐‐ —ବିଂ. ଅନ୍ଧ ଘୁଷୁଣା (ବୁଢ଼ୀ, ବୁଢ଼ା, ଗୁଚ୍ଛା)

ଝାଗ୍ରଓ— କ୍ରି. ଝରିବା

ଝା.ଲ୍ — ବିଂ. ଦୂର, ଲମ୍ବ, ଉ: ଝାଲ୍ ହୁର—ଦୂର ବାଟ

ଝା.ଲ୍ଅ ‐‐ — କ୍ରି. ଲମ୍ବ ହେବା, କ୍ରି. ବିଂ. ଲମ୍ବ ହୋଇ ଯିବା

ଝା.ଲ୍-ଡାଅ—ବି. ଲମ୍ବ ଅଙ୍କୁ

ଝା.ଲ୍ଦା ‐‐ ଡସମ୍—ବି. ଦୂର ପାଣି ଝରଣ, ସାନ୍ତାଳ ଇତିହାସରେ ଏହା ଲେଖାଯାଇଛି

ଝା.ଲ୍ଲି—ବି. ଫାସିଅର ଜାଲ

ଝା.ଲ୍ଲିଅଓ—କ୍ରି. ଫାସିଅର ଜାଲରେ ପଶିଯିବା

ଝା.ଲ୍ଲିସ୍ପା. ଝାଲ୍ଲିମି—କ୍ରି. ଫାଶ ଜାଲରେ ପଶିଯିବା ପ୍ରକ୍ରିୟା

ଝା.ଲୁଇ ଝା.ଲୁଇ—କ୍ରି. ବିଂ. ବାରମ୍ବାର ଡାଳ ହଲିବାର ବା ହଲାଇବାର ପ୍ରକ୍ରିୟା, ଦୋହଲି ଦୋହଲି ହଲିବା

ଝାଲ୍—କ୍ରି. ମନ୍ତ୍ର ପଢ଼ି ଫୁଙ୍କି ଝାଡ଼ିବା

ଝା.ଲୁଂ—କ୍ରି. ଝୁଲି ହଲିବା

ଝାଲୁଂ ଝାଲୁଂ—କ୍ରି. ବିଂ. ଝୁଲାଇ ହଲାଇ ହଲାଇ (କୁତାର ଦୌଡ଼ିବା ପ୍ରକ୍ରିୟାକୁ, ଝାଲୁଂ କୁହାଯାଏ) ଉ: ଏଙ୍ଗା ସେତା ଝାଲୁଂ ଝାଲୁଂ ଏ ଡା.ଲ ଅକାଃଅ— କୁତା ପେଟ ଝୁଲି ହଲି ହଲି ଦୌଡ଼ିଛି

ଝାଲୁଂ ଝାଲୁଂ ଡାଲାମ୍—କ୍ରି. ବିଂ. କୁକୁର ଚାଲି

ଝାଲୁଇ—କ୍ରି. (ହୁତା, ଲୁଟା) ଢିଲା ଭାବରେ ଓହଳିବା

ଝାଲା—ବି. ବାଲୁଙ୍ଗା

ଝାଡା(ଲା)ଓ—କ୍ରି. ଝଡ଼ାଇବା, କାଠକୁ ଘୃଷ୍ଟି ଦେବା

ଝା.ଲ୍ ଦନ୍—ବି. ଲମ୍ବୁଡ଼ିଆଁ

ଝାଲ୍—କ୍ରି. ମଦର ସ୍ୱାଦ, ତିକ୍ତ, ଜ୍ୱଳନ ଦାୟକ

ଝାବା—ବି. କୁଣ୍ଡଳି ଅକୃତି ଶିକା (ମାଟିବୁହା ଝୁଡ଼ି)

ଝା.ବ—ବି. କୁତା

ଝା.ଓ ଝାଓ—କ୍ରି. ବିଂ. ବହୁ ଲୋକ କଥା ସ୍ୱର, କୋଳାହଳ

ଝାଁଓ ଝାଁଓଁ—କ୍ରି. ବିଂ. କୁକୁର ସମୂହ ଚିତ୍କାର, ଝାଓଁ ଝାଓଁ

ଝାଁଓଁ ମେନ୍ତେ—କ୍ରି. ବିଂ. ହଠାତ୍ ଝାଓଁ କରିବା ପ୍ରକ୍ରିୟା

ଝାଓଁସ୍ପ ଝାଓଁର—କ୍ରି. ଝାଉଁଳି ଶୁଖିବା

ଝାଁଓଁରାଁଓ—କ୍ରି. ମଉଳିବା, ଝାଉଁଳିବା

ଝାଁଓଁ। ଧିର—ବି. ଝାମା ପଥର

ଝାଡ୍—ବି. ଝାଡ଼, ବାଉଁଶର ମୂଳ, କ୍ରି. ଝାଡ଼ ହେବା, ଝାଡ଼ଫୁଙ୍କ କରିବା

ଝାଡ୍ଗାଓ—କ୍ରି. ମାଙ୍କଡ଼ର ଗଛରୁ ଝଡ଼ାଇବା, ପବନ ବା ଝଡ଼ରେ (ଫଳ ପତ୍ର) ଝଡ଼ିବା

ଝାଡ଼ଗସ୍ ଝାଡଗସ୍—କ୍ରି. ବିଂ. (ପବନରେ ଗଛର ପତ୍ର) ଝଡ଼୍ଝଡ଼୍ ହେ କରିବା ପ୍ରକ୍ରିୟା, ଡାଳ ହଲାଇବାରେ ପତ୍ରର ଖଡ଼ଖଡ଼ ଶବ୍ଦ ପ୍ରକ୍ରିୟା

ଝାଡ୍ଝାଡ୍—କ୍ରି. ବିଂ. ଶୀଘ୍ର ଶୀଘ୍ର ପତ୍ର ଫଳ ଗଛରୁ ଝଡ଼ିବାର ପ୍ରକ୍ରିୟା

ଝାଡଝାଡାଓ—କ୍ରି. ଡାଳ ହଲାଇ ଝଡ଼ାଇବାର ପ୍ରକ୍ରିୟା, ଜୋରକରି ଝାଡ଼ିଦେବା

ଝାଡାଝାଡ୍—କ୍ରି. ବିଂ. ଏକକାଳୀନ ଗୋଟିଏ ପରେ ଗୋଟିଏ ଝଡ଼ି ପଡ଼ିବା ପ୍ରକ୍ରିୟା, ଉ: ଜକ ଦ ଝାଡାଝାଡ ଞୁରୁ ଏନା— ଫଳଗୁଡ଼ିକ ଏକକାଳୀନ ଗୋଟିଏ ପରେ ଗୋଟିଏ ଝଡ଼ି ପଡ଼ିଲା

ଝାଡ୍ଝୁଡ୍—କ୍ରି. ବିଂ. ପତ୍ର ବହୁ ଡାଳ ଝଡ଼ିପଡ଼ିବା ଶବ୍ଦ ଉ: ଡା.ର ଝାଡ୍ଝୁଡ୍ ସସୁଦ୍ ଞୁରୁ ଏନା—ଡାଳ ଭାଙ୍ଗି ଝୁଡ୍ଝାଡ୍ ପଡ଼ିଲା

ଝାଡେ ପାତାଳେ—କ୍ରି. ବିଂ. ଜଙ୍ଗଲ ପାତାଳରେ ସବୁଠି, ସବୁଆଡ଼େ, ଉ: ସିଙ୍ଗବୋଂଗା ଦ ଝାଡେ ପାତାଳେ ଜାତଏ ଲୁରଲ୍ ଏଦଅ—ଭଗବାନ ଜଙ୍ଗଲଠୁ ପାତାଳ ସବୁକୁ ଲକ୍ଷ୍ୟ ରଖିଛନ୍ତି

ଝି—ବି. ଝିଅ

ଝିକା.—ବି. ସାନ୍ତାଳର ଏକ ପ୍ରକାର ନାଚର ନାମ

ଝିକାଝିକ—କ୍ରି. ଟଣା ଓଟରା କରିବା

ଝିଙ୍ଗ୍—ବି. ଝିଙ୍ଗା

ଝିଙ୍ଗା ଝାକୁର—କ୍ରି. ବିଂ. ଦୋଳରେ ଝୁଲିବା ପ୍ରକ୍ରିୟା କ୍ରି. ପାଦ ଠିକ୍ ଭାବେ ନ ପକାଇ ଚାଲିବା ପ୍ରକ୍ରିୟା, ମଦୁଆଙ୍କ ଚାଲି, ଝୁଲି ଝାଲି ଚାଲିବା

ଝିଙ୍କଡ୍ ଝଙ୍କଡ୍—ବିଂ. ଢିଲା ଢାଲା (ହେବା) କ୍ରି. ବିଂ. ହଲି ଦୋହଲି ଧୀରେ ଧୀରେ (ଚାଲିବା ପ୍ରକ୍ରିୟା)

ଝିଙ୍ଗା —ବି. ଜହ୍ନି

ଝିଙ୍ଗା.ଫୁଲ୍‌ସ୍ତା—ବିଂ. ଜହ୍ନି ଫୁଲ ରଙ୍ଗର, ହାଣ୍ଡିଆର ହଳଦୀ ରଙ୍ଗର ରସ

ଝିଙ୍ଗାସ୍ତ ଖାଦସ୍ତ ହୁଳୁ—ବି. ଏକ ପ୍ରକାର ଧାନର ନାମ

ଝିଙ୍ଗା.ସାଲ୍ ହୁଲୁ—ବି. ହଳଦୀ ରଙ୍ଗର ଏକ ପ୍ରକାର ଧାନ

ଝିଙ୍ଗଲ୍ ଝଙ୍ଗଲ୍—କ୍ରି. ଝୁଗୁଲିବା; ଉ: ସାଇକେଲ୍ ଚକ୍ ଝିଙ୍ଗଲ ଝଙ୍ଗଲ ଏନା—ସାଇକେଲ ଚକ ଝୁଗୁଲି ଗଲା

ଝିଙ୍ଗଲଃ ଝଙ୍ଗଲ — —କ୍ରି. ବିଂ. ଝୁଗୁଲିବା ଅବସ୍ଥା, ଭାଙ୍ଗିଯିବା ଅବସ୍ଥା

ଝିନ୍—କ୍ରି. ଦ୍ୱାର ଖୋଲିବା, ଉନ୍ମୋଚନ କରିବା

ଝିନ୍‌ଆ — —ବି. ଖୋଲା ଦ୍ୱାର

ଝିଞ୍ଜିର୍—ବି. ଜଞ୍ଜିର, ରୁପାର ଅଣ୍ଟା ସୂତା (ଜଞ୍ଜିର୍)

ଝିଟ୍‌କା.ଉ—କ୍ରି. ଦୌଡ଼ାଇ ନେବା, ଗୋଡ଼ାଇ ଯିବା

ଝିଟ୍—କ୍ରି. ପାଣି କଢ଼ସାଇବା

ଝିଟାଉ—କ୍ରି. ପାଣି ଛିଟିବା

ଝିଡଝଡ ଝିଡର୍ ଝଡର୍—କ୍ରି. ବିଂ. ଝୁଲା ଢିଲାଢିଲା ଲୁଗା ପିନ୍ଧା ଅବସ୍ଥା

ଝିତକ୍ ଝତକ୍ —କ୍ରି. ବିଂ. ପିଲା ହଲାଇ ଅସ୍ୱାଭାବିକ ରୂପେ ଚାଲିବା ଢଙ୍ଗ

ଝିନୁକ୍—ବି. ଶାମୁକା ଖୋଲ

ଝିନ୍—ବି. ଜିନ୍ ଲୁଗା, ଘୋଡ଼ାର ଜିନ୍
କ୍ରି. ଲଗାମ ଦ୍ୱାରା ଘୋଡ଼ାକୁ ଅଟକାଇବା

ଝିନ୍‌ଝିନା.ଉ—କ୍ରି. ଅଚେତ ହେବା, ମୂର୍ଚ୍ଛା ହୋଇଯିବା, ଦେହ ମୁଣ୍ଡ ଝିମ୍ ଝିମ୍ ହେବା

ଝିପିର୍ ଝିପିର୍—କ୍ରି. ବିଂ. ଝିପିଝିପି, ଉ: ଝିପିର୍ ଝିପିର୍ ଦା — ଜାଲ—ଝିପିଝିପି ବର୍ଷା ପାଣି

ଝିମ୍‌ଝିମ୍—ବି. ଝିମ୍‌ଝିମ୍

ଝିମ୍‌ଝିମି—କ୍ରି. ବେହୋସ ହେବା

ଝିମ୍‌ବା ଲସ୍ତା—ବି. ଏକ ପ୍ରକାରର ଜଙ୍ଗଲି ଲତା

ଝିମ୍‌ବଣ—ବି. ମାଛଧରା ଅଙ୍କୁଲି

ଝିରୁଝିରୁ—କ୍ରି. ବିଂ. ଝିରିଝିରି, ରକ୍ତିମ ରଶ୍ମି ବିଚ୍ଛୁରିତ ହେବାର ପ୍ରକ୍ରିୟା

ଝିରଅ ଝରଅ—ବିଂ. ରକ୍ତିମ ଆଭାସହ, ରକ୍ତ ରଙ୍ଗସହ

ଉ: ସେତା — ଜହ୍ନ ସିଂଗ୍ବନ ଝିରୁଅଝରସ୍ତ ସକାଳଆ—ସକାଳେ ସୂର୍ଯ୍ୟ ରକ୍ତିମ ଆଭାସହ ଉଦୟ ହୁଅନ୍ତି

ଝିଲ୍—ବି. ବିସ୍ତୀର୍ଣ୍ଣ ଜଳରାଶି ଥିବା ସ୍ଥାନ

ଝିଲ୍‌ଝିଲ୍—କ୍ରି. ବିଂ. ସୂର୍ଯ୍ୟ କିରଣ ପାଣିରେ ପଡ଼ି ଯେଉଁ ଆଭା ବିକଶିତ ହୁଏ, ତାହାର ପ୍ରକଟ ଭାବକୁ ସାନ୍ତାଳ 'ଝିଲ୍‌ଝିଲ୍' କହେ

ଝିଲଝଲଅ—କ୍ରି. ବିଂ. ହଲି ଦୋହଲି ଚାଲିବାର ପ୍ରକ୍ରିୟା

ଝିଲ୍‌ଝିଲିସ୍ତ—ବିଂ. ମସୃଣ ସରୁ ଲୁଗା

ଝିଲ୍‌ମିଲ୍—ବିଂ. ଝିଲିମିଲି, କ୍ରି. (ଆଖି) ଝଲସିଆ ଆଲୋକ ହେବା

ଝିଲିମିଲି—ବି. ଝିଡ଼କିରେ ଦେବା, କବାଟରେ ଦେବା ଝାଲେସ୍ତ

ଝିଲର୍—କ୍ରି. ବିଂ. ଝାଲର, କ୍ରି. ଝାଲର ଦେବା

ଝିଲ୍.ଉ—କ୍ରି. ଝୁଲାଇବା, ହଲିବା

ଝିଲ୍‌ଉଓ୍ୱାଂ ଝିଲ୍‌ଓ୍ୱାଂ—ବି. ଦୋଳି

ଝିଲଂଝିଲ୍‌ଂ—କ୍ରି. ଢିଲାଢିଲା, ଝୁଗୁଲା

ଝୁଙ୍କ୍—ବି. ଖିଆଲ୍

ଝୁକ୍‌ଲୁକ୍—କ୍ରି. ବିଂ. ସଙ୍କୁଚିତ ହେବା ପ୍ରକ୍ରିୟା
କ୍ରି. ଶୁଖି ଚେପାଚେପି ହେବା

ଝୁଁକାଉ—କ୍ରି. ଢୁଲାଇବା, ଆକୃଷ୍ଟ ହେବା, ଝୁଙ୍କିବା

ଝୁଙ୍କାଓ୍ୱ—କ୍ରି. ବିଗିଡ଼ିବା, ବିଦ୍ରୋହ କରିବା

ଝୁଟ୍‌ପୁସ୍—କ୍ରି. ବିଂ. ମିଛରେ ବାହାନା କରୁଥିବା, ବିନା ମତଲବରେ କହିବା

ଝୁଟ୍—ବିଂ. ମିଛ, ମିଥ୍ୟା, ବି. ଝୋଟ

ଝୁଟା.—ବିଂ. ଅଇଁଠା, ସଙ୍କୁଡ଼ି

ଝୁଣ୍‌ଝୁଣ—ଅ. ଝୁଣଝୁଣ ଶବ୍ଦ

ଝୁନ୍‌କା.—ବି. ଏକ ପ୍ରକାରର ଜଙ୍ଗଲି ଗଛ

ଝୁନ୍‌କ (ସ୍ତ୍ରୀଲିଂ)—ବିଂ. ଚମ ଓହଳା

ଝୁନକ ସେତା—ବି. କୁଣି

ଝୁଲୁକ୍—ବି. ଶାମୁକା ଖୋଳ

ଝୁପ୍‌ମେକ୍‌ତେ—କ୍ରି. ବିଂ. ଆଖି ପିଛୁଳାକେ, ତତ୍‌କ୍ଷଣାତ

ଝୁପଡ଼ି—ବି. ଝୁମ୍ପୁଡ଼ି

ଝୁମ୍‌ପା., ଝୁମ୍‌କା.—ବି. ଝୁମ୍‌କା

ଝୁମ୍‌ବାରିୟା—ବି. ନାଚବାବାଲା, କ୍ରି. ବିଂ. ନାଚବାରେ ଉତ୍ସାହ ପ୍ରକଟ କରିବାର ପ୍ରକ୍ରିୟା

ଝୁର୍—କ୍ରି. ଜୋର ଦେଇ ଦବାଇବା, ଗୁପିବା

ଝୁର୍‌ଝୁର୍—ବି. ଏକ ପ୍ରକାରର କାନରବାଲା (ଗହଣା)

ଝୁର୍—ବିଂ. ଶୁଖିଲା, କ୍ରି. ଶୁଖିଯିବା

ଝୁର—ବି. ଛୋଟ ଛୋଟ ଶୁଖିଲା ଡାଳ, ଝାଟି

ଝୁରଝାଣ୍ଡି—ବି. ବାଡ଼ସ୍ଥିତ ଶୁଖିଲା କାଠ, କାଠି, ଡାଳ

ଝୁଲ୍—ବିଂ. ଗହଳ ପତ୍ରଯୁକ୍ତ, କୁଞ୍ଜ, ଗହଳିଆ ପତ୍ରଡାଳ ସମୂହ, ଝାଡ଼

ଝୁଲା.—ବି. ମାଟିବୁହା କାଉଁଶ ବା ବେତ ଝୁଡ଼ି

ଝୁଲ୍‌.ଇନ୍ଦା—ବି. ଅଳନ୍ଧୁ, କାଳିଆ ଅଳନ୍ଧୁ

ଝୁଲ୍‌.ଉ—କ୍ରି. ଝୁଲିବା, ଝୁଲାଇବା

ଝୁଲ୍‌.ଥୁଲ୍—ବି. ଝୁଲାଥଲି

ଝୁଡ଼୍‌ଧାପ୍‌କା—ବି. ଲୁଚବାବାଲା ବ୍ୟକ୍ତି, କାମ ଚୋର

ଝୁଡ଼ି—ବି. ଚେପଟା ପାଛିଆ, ଝୁଡ଼ି

ଝେଠ୍ ବଙ୍ଗା—ବି. ଜ୍ୟୈଷ୍ଠ ମାସ

ଝେଦରେ—ବିଂ. ଛୁଡ଼ା ଫଟା ପିନ୍ଧା, କ୍ରି. ଛୁଡ଼ା ଫଟା ପିନ୍ଧିବା

ଉ: ଝେଦ୍‌ରେ କାତେ ହେଲ୍ ଆକାନାୟ—ଛୁଡ଼ା ଫଟା ପିନ୍ଧିକରି ଆସିଅଛି

ଝେଲେ ଝେଲେ—କ୍ରି. ବିଂ. ଅଧିକ ବେଶୀ ତେଲ ଲଗାଇ କରିବା, ବି. ତେଲିଆ, ଅନ୍ୟ ଅର୍ଥରେ—ବିଂ. ବାସ୍ନାଳିଆ, ଅଧିକ ବେଶୀ କୁହାଳିଆ

ଝେଲମ୍ ଗାଡ଼ା—ବି. ଝେଲମ ନଦୀ

## ଞ

ଞା॰—କ୍ରି. ସାମାନ୍ୟ ସ୍ପର୍ଶ କରିବା

ଞା॰ ଞା॰—ବି. କାଳିଆ, ଅତିକଳା, ଘନକଳା

ଞାଂଞୁଂ—କ୍ରି. ବିଂ. ହେଁ, ହୁଁ କରିବା ପ୍ରକ୍ରିୟା କ୍ରି. ଗୁଇଁ ଗୁଇଁ ହେବା

ଞାଗାମ୍ ଞୁଗୁମ୍—କ୍ରି. ବିଂ. ଅନ୍ଧାରିଆବେଳେ

ଞାଗାଲ୍ ଞିଟେ—ବିଂ. ଅତିରିକ୍ତ ଅପରିଷ୍କାର, ଗନ୍ଧିଆ

ଞାଗାଲ୍ ଞୁଭ୍—ବିଂ. ଅତିରିକ୍ତ ଅନ୍ଧାର, ବହୁତ କଳା ଅନ୍ଧାର

ଞାଗାଲ୍ ଞାଗାଲ୍—ବି. ଅତିରିକ୍ତ ମଇଳା ମଇଳ, ଅତିରିକ୍ତ ଅପରିଚ୍ଛନ୍ନିଆ

ଞାଗୟା॰—ବିଂ. କୋଇଲି କଳା ଯମ କଳା

ଞାଞାମ୍—କ୍ରି. ଖୋଜିବା

ଞାଟା :—କ୍ରି. ଲଗିବା

ଞାଭା—ବି. ଦେବର ବୋହୂ, ଜା

ଞତେୟା—ବି. ବଡ଼ ବୋହୂ ସହିତ ସାନ ବୋହୂର ସମ୍ପର୍କ-ଜା କ୍ରି. ଜା କରିବା

ଞାଦାର୍ ଞାଦାର୍—କ୍ରି. ବିଂ. ଅସ୍ପଷ୍ଟ

ଞାପାମ୍—କ୍ରି. ପରସ୍ପର ଭେଟ ହେବା, ଭେଟାଭେଟି ହେବା, ଏକମତ ହେବା

ଞାମ୍—କ୍ରି. ପାଇବା, ଖୋଜି ପାଇବା

ଞାମ୍‌ଚେଦ୍—କ୍ରି. ବୁଦ୍ଧି ପାଇବା, ଅନ୍ୟଠାରୁ ବୁଦ୍ଧି, ଉପାୟ ଖୋଜି ପାଇବା

ଞାମ୍ ଞାମତେ—କ୍ରି. ବିଂ. ଖୋଜି ଖୋଜି

ଞାମ୍‌ବା॰ ଞୁମ୍‌ବା.॰—କ୍ରି. ବିଂ. ଗୋଧୂଳି ବେଳ, ମୁହିଁ ସନ୍ଧ୍ୟାବେଳ

ଞାର୍॰ ଞାର୍॰—କ୍ରି. ବିଂ. ଚହଳି ଚହଳି (କାନ୍ଦିବା, ଡାକିବା)

ଞାର୍॰ ଞୁରୁ॰ ର୍—କ୍ରି. ବିଂ. (ସାନ ପିଲାର) କୁଇଁ କୁଇଁ କରି ଅଳି କରିବା ପ୍ରକ୍ରିୟା

ଞାଲ୍॰—କ୍ରି. ବିଂ. (ଦୂରର) ଅସ୍ପଷ୍ଟ ଦୃଶ୍ୟ

ଞାଲ୍॰ ଞାଲ୍॰—କ୍ରି. ବିଂ. ଅସ୍ପଷ୍ଟ ଅସ୍ପଷ୍ଟ (ଦେଖାଯିବା)

ଞାଁଣାଦାଂ—ବିଂ. କଳା କୁଟୁଣ୍ଡା

ଞାଁହୁଁାମ୍ ଞୁଁହୁମ୍—କ୍ରି. ବିଂ. ମାଛି ଅନ୍ଧାର, ମୁହିଁସନ୍ଧି ଅନ୍ଧାର

ଞାହୁଁର୍—କ୍ରି. ଗମ୍ଭୀର ସ୍ୱରରେ ତାଡ଼ନ କରିବା

ଞାଁହୁଁାଣ୍ ଞାଁହୁଁାଣ୍—କ୍ରି. ବିଂ. ମଧୁର ସ୍ୱରରେ (ଗୀତ, ବଂଶୀ) ଗାଇବା, ବଜାଇବା ପ୍ରକ୍ରିୟା

ଞ୍ଜାମେ୍—କ୍ରି. ଚୁମ୍ବିଦେବା, ଚୁସିଦେବା

ଞ୍ଜିର୍—କ୍ରି. ପଳାଇବା, ପଳାୟନ କରିବା

ଞ୍ଜିଞ୍ଜୀର୍—କ୍ରି. ବିଂ. ପଳାଇବା ପ୍ରକ୍ରିୟା, ପଳାଉ ଥିବା

ଞ୍ଜିଟେ—ବିଂ. ମଳଗୁ, ଅପରିଷ୍କାର, କ୍ରି. ମଳଗୁ ହେବା, ମଇଳା କରିବା

ଞ୍ଜିନ୍ଦା.—ବି. ରାତି, କ୍ରି. ରାତିହେବା

ସିଙ୍ଗା.ଲଞ୍ଜିନ୍ଦା—ପ୍ରଥମ ପ୍ରହର ରାତି, ତାଲ୍ଞ୍ଜିନ୍ଦା—ମଧ୍ୟରାତି, ସିମ୍‌ରାଞ୍ଜିନ୍ଦା—ଶେଷ ପ୍ରହର ରାତି, (କୁକୁଡ଼ା ଡାକ ରାତି)

ଞ୍ଜିନ୍ଦର୍—ବି. ଡ଼ଇ, କ୍ରି. ଡ଼ଇ ଧରିବା

(ଚନ୍ଦ) ଞ୍ଜିର୍‌କାବକଜ୍—ବି. ଜହ୍ନ ପଳାଇବାବେଳେ, (ଅମାବାସ୍ୟା ପୂର୍ବ ଦୁଇଦିନ)

ଞ୍ଜିର୍ ଜଂ, ଞ୍ଜିର୍ ଫଲାଅ—କ୍ରି. ବିନା କହି ପଳାଇବା, ଲୁଚି ପଳାଇବା

ଞ୍ଜିର୍‌ବା ଗି—କ୍ରି. ଗୁଞ୍ଜି ପଳାଇବା

ଞ୍ଜିର୍‌ବଲଅ. ଞ୍ଜିର୍‌ବଲନ—କ୍ରି. ଆପେ ପଳାଇଆସି ଥିବା-ସ୍ତ୍ରୀ ରକ୍ଷିତା

ଞ୍ଜିର୍‌ହେନ୍ଦେଙ୍ଗଦ୍—କ୍ରି. ଦୌଡ଼ି ଦୌଡ଼ି ପୂର୍ଣ୍ଣ ହାଲିଆ ହେବା

ଞ୍ଜିର୍ ସମ୍‌ବନ୍ଦ୍—କ୍ରି. ଦୌଡ଼ି ଦୌଡ଼ି ମୁହଁ ମାଡ଼ି ପଡ଼ିଯିବା

ଞ୍ଜିର୍‌ହେପେରୋଓ୍—କ୍ରି. ଦୌଡ଼ ପ୍ରତିଯୋଗିତା

ଞ୍ଜୁଁ ଦା—ବି. ପିଇବା ପାଣି

ଞ୍ଜୁ—କ୍ରି. ପିଇବା

ଞ୍ଜୁଞ୍ଜୁ—କ୍ରି. ବିଂ. ପିଇବା ପ୍ରକ୍ରିୟା

ଉ: ଦା ଏ ଞ୍ଜୁଞ୍ଜୁ କାନା—ସେ ପାଣି ପିଉଅଛି

ଞ୍ଜୁତା.ଡ୍—ବି. ଅନ୍ଧକାର

ଞ୍ଜୁତା.ଡ୍‌ଅ—କ୍ରି. ଅନ୍ଧକାର ହେବା

ଞ୍ଜୁଡ୍—ବିଂ. ଅନ୍ଧାର

ଞ୍ଜୁଡ୍‌ଅ—କ୍ରି. ଅନ୍ଧାର ହେବା

ଞ୍ଜୁଣ୍ଡିଁକ୍ ଦାରେ—ବି. ସୁନାଝରି ଗଛ

ଞ୍ଜୁଭୁମ୍—ବି. ନାମ

ଞ୍ଜୁଭୁମ୍‌ଅ—କ୍ରି. ବିଂ. ନାମ କମାଇବା

ଞ୍ଜୁଭୁମ୍‌ଆନ୍—ବିଂ. ନାମଜାଦା, ନାମକରା, ପ୍ରସିଦ୍ଧ

ଞ୍ଜୁଭୁମ୍‌ତେ—କ୍ରି. ବି. ନାମରେ, ନାମଧାରୀ

ଞ୍ଜୁଲୁମ୍—ବିଂ. ପିଇବା ଉପଯୋଗୀ

ଞ୍ଜୁପୁମ୍—କ୍ରି. ପରସ୍ପର ନାମ ଧରି ଡକା ଡକି ହେବା

ଞ୍ଜୁମ୍—କ୍ରି. ନାମକରଣ କରିବା, ନାମ କହିବା

ଞ୍ଜୁମ୍‌ବା.—ବି. ଅନ୍ଧାର

ଞ୍ଜୁମ୍‌ବା ଅଃ—କ୍ରି. ଅନ୍ଧାର ହେବା

ଞ୍ଜୁରୁ—କ୍ରି. ପଡ଼ିବା

ଞ୍ଜୁରୁ—କ୍ରି. ବିଂ. ପଡ଼ିବାର ଉପକ୍ରମ/ପ୍ରକ୍ରିୟା

ଞ୍ଜୁରୁଆ ବିଂ.—ପଡ଼ିଥିବା

ଞ୍ଜୁରୁଞ୍ଜ୍, ଞ୍ଜୁରୁଞ୍ଜ୍—କ୍ରି. ବି. ପାଇବାର ଆଶା ରଖି କାଗର କରି କୁଁସ୍ କୁଁସ୍ କରି କାନ୍ଦିବା, ଉ: ଲେଙ୍କା ଟା ଜମ୍ ଲା.ଗିଦ୍‌ଏ ଞ୍ଜୁରୁଞ୍ଜ୍ ଞ୍ଜୁରୁଞ୍ଜ୍‌ଅ କାନା—ପିଲାଟି ଖାଇବାକୁ ଆଶାରଖି କୁଁସ୍ କୁଁସ୍ ହୋଇ କାନ୍ଦୁଛି

ଞ୍ଜୁଲ୍‌ଦାଦ୍, ଞ୍ଜୁଲ୍‌ଦାଦ୍—ବି. କଳା ଚିହ୍ନ, କଳାଦାଗ

ଞ୍ଜୁହୁମ୍—କ୍ରି. ସନ୍ଧ୍ୟା ହେବା, ଅନ୍ଧାର ଆସିବା, ବି. ସନ୍ଧ୍ୟା

ଞ୍ଜୁହୁମ୍ ଞ୍ଜୁହୁମ୍—କ୍ରି. ବିଂ. ସନ୍ଧ୍ୟା ସନ୍ଧ୍ୟା, ସଞ୍ଜ ସଞ୍ଜ

ଞ୍ଜୁଣା—ବି. ହୁଟକ, ହୁକ୍‌କା, କ୍ରି. ହୁଟକ ହେବା, ହୁକ୍‌କା ହେବା

ଞ୍ଜୁଭୁଲ୍‌ଃ—କ୍ରି. ପିଇକରି ମାତାଲ ହେବା

ଞ୍ଜୁ ଭୁଲ୍—ବି. ମାତାଲ

ଞ୍ଜୁଭୁଲାଂ—କ୍ରି. ଉନ୍ମତ୍ତ ହେବା, ମାତାଲ ହେବା ଭାବ ପ୍ରକାଶ କରିବା

ଞ୍ଜୁଲ୍‌ପେର୍—କ୍ରି. ପିଇକରି ତାଜା ହେବା, ପିଇକରି ତେଜସ୍ୱାନ ହେବା

ଞ୍ଜୁଲଲ—କ୍ରି. ପିଇକରି ପେଟ ଭରିବା

ଞ୍ଜେ—କ୍ରି. ଚିତ୍କାର ଶବ୍ଦ, କାନ୍ଦିବା ଶବ୍ଦ

ଞ୍ଜେଞ୍ଜେ—କ୍ରି. ବିଂ. ଚିତ୍କାର କରି କାନ୍ଦିବା ପ୍ରକ୍ରିୟା

ଞ୍ଜେଗେଡ୍—ବି. ଗାଢ଼ ନାଲି, ଟହ ଟହ ଲାଲ

ଞ୍ଜେଞ୍ଜେଲ୍—ବିଂ. ଦେଖିବାବାଲା (ଅନ୍ୟ କେହି ଦେଖିବାକୁ 'ଞ୍ଜେଞ୍ଜେଲ' କହନ୍ତି)

ଙ୍କ୍ରେଙ୍କ୍ରେଲ ଂଂ — କ୍ରି. ଦେଖା ପଡ଼ିବା

ଙ୍କ୍ରେଙ୍କ୍ରେଲ ଭାଣ୍ଡି, ଙ୍କ୍ରେଙ୍କ୍ରେଲ ଝାଣ୍ଡି — ବି. ଦେଖିବାର ପଣ୍ଡୁଆ

ଙ୍କ୍ରେଙ୍କ୍ରେଲ୍ ଦାଲେ — ବି. ଦେଖିବାର ଶକ୍ତି/କ୍ଷମତା

ଙ୍କ୍ରେଃଙ୍କ୍ରେଃଲ୍ ଇନ୍ — ବି. ଦୃଷ୍ଟି ପକାଇବା କାଲ, ଦେଖିବା କାଲ

ଙ୍କ୍ରେଃଙ୍କ୍ରେଲ୍ ଆ ଂଂ — ବି. ଯାହା ଦ୍ୱାରା ଦେଖାଯାଏ,
(ଆଖି, ଚଷମା ଆଇନା)

ଙ୍କ୍ରେଭ୍ — କ୍ରି. (ଅଲକ୍ଷ୍ୟ ହାତ ଦ୍ୱାରା) ମାରଦେବା, ହାଣିଦେବା,
ପାର୍ଙ୍ଗି ମାରଦେବା

ଙ୍କ୍ରେପେଭ୍ — କ୍ରି. ପରସ୍ପର ମଧ୍ୟରେ ମରାମରି ହେବା, ଲଢ଼ାଲଢ଼ି
ହେବା, ମଣ୍ଡ କାଣ ମରାମରି ହେବା

ଙ୍କ୍ରେପେଲ — କ୍ରି. ଦେଖା ସାକ୍ଷାତ, ପରସ୍ପରଙ୍କୁ ଦେଖା ଦେଖି ହେବା

ଙ୍କ୍ରେଲ୍ — କ୍ରି. ଦେଖିବା

ଙ୍କ୍ରେଲ୍ ଆ ଂଂ — ବିଂ. ଦେଖା, ଦେଖିଥିବା

ଙ୍କ୍ରେଲ୍ ସାହାଓ — କ୍ରି. ଦେଖି ସନ୍ତୁଷ୍ଟିବା

ଙ୍କ୍ରେଲ୍ ହାପି — କ୍ରି. ଦେଖି ଚୁପ୍ ରହିବା

ଙ୍କ୍ରେଲ୍ ହାମ୍ପା — କ୍ରି. ଦେଖା ପରିଚୟ

ଙ୍କ୍ରେଲ୍ ହେରେଲ୍(ଡ୍) — ବିଂ. ସାକ୍ଷାତ ଅନୁଭବ, ଦେଖା
ଦେଖିରେ ପରିଚିତ, କ୍ରି. ଅନୁଭବ ଆସିବା

ଙ୍କ୍ରେଲ୍ ହର୍ — କ୍ରି. ବାଟ ଚାହିଁବା, ବନ୍ଧୁଙ୍କୁ ଅପେକ୍ଷା କରିବା

ଙ୍କ୍ରେଲ୍ ହାସ୍ — କ୍ରି. ଦେଖାରେ ବଢ଼ିବା

ଉ: ଲୁଇଦ ଇଞ୍ଚ୍ ଙ୍କ୍ରେଲ୍ ହାସ୍ ଲେଃକୋବଲା — ଇଏ ମୋ ଆଖି
ଆଗରେ ବଢ଼ିଥିବା ଯୁବକ

ଙ୍କ୍ରେଲ୍ ଙ୍କ୍ରେଲ୍ ତେ — କ୍ରି. ବିଂ. ଦେଖୁ ଦେଖୁ

ଙ୍କ୍ରେଲେ — ବି. ବାସୁଆ ମହୁମାଛି

ଙ୍କ୍ରେଲସୁସା — ବି. ମହୁ

ଙ୍କ୍ରିଁର୍ — ବି. କୈଶୋର ପ୍ରାପ୍ତ

ଉ: କାନ୍ଦୀ ହପନ୍ ଏ ଙ୍କ୍ରିଁର୍ ଏନା — ମହୁଣ ଝିଅଟା କୈଶୋର
ପ୍ରାପ୍ତ ହୋଇଛି

ଙ୍କ୍ରଲ୍ ଙ୍କ୍ରୁଁ — କ୍ରି. ଗର୍ଜନ କରିବା, ଉ: ସେଡା. ଏ ଙ୍କ୍ରଲ୍ଓ
ଏଦା — କୁକୁରଟା ଗର୍ଜନ କରୁଛି

ଙ୍କ୍ରିଁହିଁଭ୍ — କ୍ରି. ଝିଙ୍କିଏ କୁଣ୍ଡେଇ ଦେଇ ଯିବା

ଝ

ଝଅର୍ — କ୍ରି. ଅଙ୍ଗୁଳି ଫୁଟାଇବା

ଝଅସ୍ — ବିଂ. ପତଳା ଓ ଲମ୍ବା, ଲମ୍ବା ଗୋଡ଼ିଆ

ଝଆ ଂଂ — କ୍ରି. ଖଣ୍ଡିଆ ହେବା

ଝକଅ — ବିଂ. ଖଟା

ଝକଆ — କ୍ରି. ଖଟାଲାଗେ

ଝକ୍ଝକଅ — କ୍ରି. ବିଂ. ଉପର ଛୁଆ, ଠିଆ ହୋଇଥିବା
(ଖଟ, ଟେବୁଲର ଅବସ୍ଥା)

ଝକଲ ଂଂ ହର — ବି. ଏକ ପ୍ରକାରର ଗ୍ଲେଟ ଧରଣର କର୍ଚ୍ଛିମ

ଝକର୍ ଝକର୍ — କ୍ରି. ବିଂ. ବଳଦ ବେକର ବନ୍ଧା ଯାଇଥିବା
'କାଠ ଘଣ୍ଟିର' ଶବ୍ଦ ପ୍ରକ୍ରିୟା, ସାନ ପିଲାକୁ ସଙ୍ଗରେ ନେଇ
ଏଣେ ତେଣେ ନେଇଯିବା ପ୍ରକ୍ରିୟା

ଝକା ଂଂ — ବି. ମାଟି କଡ଼େଇ

ଝକାଓ — କ୍ରି. ବାଧା ଦେବା, ତେଜାବନ ଦେବା, ମୁହଁ ମୁହିଁ
କହିବା

ଝକର୍ — କ୍ରି. ଠୁକର ବାଜିବା

ଝକର୍ ଝକର୍ — କ୍ରି. ପିଲା ସହିତ ଏଣେ ତେଣେ ବୁଲିବା

ଝକେ — ବି. ଆଖିର ଆଲୁଅ, କ୍ରି. ଆଲୁଅ ବାହାରିବା

ଝଟ୍କ — ବି. କାଠ ଘଣ୍ଟି

ଝଟା — କ୍ରି. ଘାଉଲା ଜନ୍ତୁକୁ ଦୁଇଥର ବାଣ ବଜାଇବା
ବି. ଝଟା ଗୁଳି, ଝଟା ବନ୍ଧୁକ

ଝଟା ଫାଲ(ଡ଼) — ବି. ଶିକାର ଜନ୍ତୁର ଏକ ଫାଳିଆ ଅଂଶ
(ଯେଉଁ ଲୋକ ଘାଉଲା ଜନ୍ତୁକୁ ଦ୍ୱିତୀୟ ଥର ବାଣ ବଜାଏ —
ସେ ବାବଦ ଅଂଶ (ଭାଗ)ର ଭାଗୀଦାର ହୋଇଥାଏ)

ଝଟପାଃ — ବି. ବାଁଆଁର କଥା କହିବା, ଚଢ଼ା କଥା କହିବା ପ୍ରକ୍ରିୟା

ଝଟ ଂଂ — ବି. ଦଣ ବଲେଇ

ଝଠା — ବି. କ୍ଷେତ୍ର, ସ୍ଥଳ, ଅଞ୍ଚଳ

ଝଡା — ବି. ଲଙ୍ଗଳର ଫାଳ ଲାଗିବା ପାଖ କାଠ (ଯୋମଣି)

ଝଡର — ବି. ପୁରୁଷଙ୍କ କଚ୍ଛଟିରେ ପିନ୍ଧିବାର ବଳା

ଝଣ୍ଡା — ବି. ତେଣ୍ଡା

ଝଣ୍ଡ୍ଉଡସୁଦ୍ — ଝରଣା, ଚୁଆ

ଟଣ୍ଡାଂ, ଟମଡାଂ—ବି. ପାହାଡ଼ ଉପର ଗଡ଼ାଣିଆ ଶୁଖିଲ ଭୂଇଁ

ଟନା—କ୍ରି. ଛୋଟିଆ ଛୋଟିଆ ଖଣ୍ଡ

ଟନାଟୁକୁଡା—କ୍ରି. ଛୋଟ ଛୋଟ ଖଣ୍ଡ, ଟୁକୁରା କରିବା

ଟନ୍‌ଟନ୍—କ୍ରି. ବିଂ. ବ୍ୟଥାର ତୀବ୍ରତା, ଟଣଟଣ ଶବ୍ଦ ପ୍ରକାଶକ ପଦ, ଉ: ଉନ୍ ଲିଖିଆକାନ୍‌ଆ ଟନ୍‌ଟନ୍ ହାସୁଛି କାନା- ବଥ ପଚ ଯାଇଛି ଟଣଟଣ ବ୍ୟଥା ହେଉଛି

ଟପ୍—ବି. ଢାଙ୍କୁଣୀ, ଢାଙ୍କିବା ଜିନିଷ, ଠିପି

ଟପା—ବି. ତେଲପେଢ଼ା ଦଉଡ଼ି ତିଆରି ଖୋଳ

ଟପାରି—ବି. ଏକ ପ୍ରକାର ଜାଲ ଯାହାକୁ ଜାକି ଦେଇ ମାଛ ଧରନ୍ତି, ପଲୁଇ, ଢାଙ୍କୁଣୀ

ଟପରି—ବିଂ. ଖେତରେ ଛୋଟିଆ ବିଲ, କେଦାର

ଟବ୍—ବି. (ଇଂ) ଟବ୍ (tub)

ଟଗ୍ର ଦାରେ—ବି. ଟଗ୍ର ଗଛ

ଟମ୍ ଟମବାଓ—କ୍ରି ଲଦାଲଦ, ଭର୍ତ୍ତି କରିବା, ଉଚ୍ଛୁଳା ଉଚ୍ଛୁଳି, ପୂରାଇବା

ଟମ୍‌ବାଓ—କ୍ରି. (ତେଲ ଜିନିଷ) ଜମିବା, ଜମିଯିବା, ପୂର୍ଣ୍ଣହେବା

ଟରଙ୍କ୍—ବି. ଟ୍ରଙ୍କ, ବାକ୍ସ

ଟରୁଲି—ବି. (ଇଂ) ଟ୍ରଲି (trolly)

ଟସ୍ୱାହାଃ—ବି. ବୋକା, ଓଲୁ

ଟସ୍ ଟସ୍—ବିଂ. ଲମ୍ବା ଓ ସିଧା (ଠିଆ ହୋଇ ରହିବା ପ୍ରକ୍ରିୟା)

ଟସ୍ୱାଚେଣେ—ବି. ନୀଳକଣ୍ଠ ପକ୍ଷୀ

ଟରେସ୍ୱା—ବିଂ. କ୍ଷୀଣ ଓ ଦୁର୍ବଳ

ଟଲ୍‌ମଲ୍—କ୍ରି. ବିଂ. ଟଳମଳ ହେଉଥିବା

ଟଲମଲଅ—ବିଂ. ଅସୁସ୍ଥତା, ଦେହ ଭଲ ନ ଲାଗିବା

ଟଲାଓ—କ୍ରି. ଟାଳିବା

ଟଲ୍‌ଓ—କ୍ରି. ସମୟ ଘୁଞ୍ଚାଇବା (to postpond)

ଟଲି—ବି. ସାହି, ବସ୍ତି, ପଲ୍ଲୀଗ୍ରାମ

ଟଲିପାଲା—ବି. ପାଖ ପଡ଼ିଶା, ପଲ୍ଲୀଗ୍ରାମ

ଟହକ୍—ବିଂ. ଚିକ୍କଣ, ପରିଷ୍କାର, ସୁନ୍ଦର

ଟହଗର୍—ବିଂ. ଅତି ସୁନ୍ଦର, ଅତି ଭଲ, ଅତି ଉତ୍ତମ

ଟହକା—କ୍ରି.ବିଂ. ଭଙ୍ଗୁର

ଟହେସ୍ୱା—ବିଂ. ଅଦରକାଞ୍ଚ, ଗପଗା, ଲଡର

ଟହଃଟହଃ—କ୍ରି. ବିଂ. ଧୀରେ ଧୀରେ, ହାଲୁକେ ହାଲୁକେ

ଟ—କ୍ରି. ଲକ୍ଷ୍ୟରେ ବାଜିବା, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା

ଟାଇଟ୍—କ୍ରି. ମଜବୁତ କରିବା, ଦୃଢ଼ କରିବା

ଟାଇପ୍—କ୍ରି. ଛପା ଅକ୍ଷରରେ ଛାପିବା, ଟାଇପ କରିବା

ଟାଇପିଷ୍ଟ୍—ବି ଟାଇପିଷ୍ଟ, ଯେ ଟାଇପ କରେ

ଟାଇଲ୍—ବି. ଟାଇଲ, ଖପର

ଟାଇମ୍—ବି. ସମୟ, କ୍ରି. ସମୟ ହେବା

ଟାଉଟର—ବି. ଟାଉଟର୍, ମଧ୍ୟସ୍ଥି

ଟାକ୍‌ଟାକ୍—କ୍ରି. ଠକ ଠକ (ଶବ୍ଦ କରି), ବିଂ. ଉତ୍ସୁକ

ଟାକା—ବି. ଟଙ୍କା

ଟାକାମାଲି—ବି. ଟଙ୍କାର ହାର

ଟା.କୁଆ—ବି. ଟାକୁଆ, ଟାକୁଆ, ଟାକୁ
ଉ: ଆମ୍ବ ଟାକୁ, ଭଲ ଟାକୁଆ

ଟାଙ୍କାର୍—କ୍ରି. ଓହଲାଇ ନେବା

ଟା.ଙ୍କି—ବି. ଉଠାଇ ନେଇଯିବା ଟାଙ୍କି

ଟାକା ସିରୁପା—ବି. ଟଙ୍କା, ଲୁଗା ଆଦିର ପୁରସ୍କାର

ଟାଙ୍ଗା—ବି. କୁରାଢ଼ୀ

ଟାଙ୍ଗାଓ—କ୍ରି. ଟାଙ୍ଗିବା

ଟାଙ୍ଗ୍‌ଣା—ବି. ଟାଙ୍ଗଣା (borax)

ଟାଂଟୁଂ—କ୍ରି. ବିଂ. ସଂକ୍ଷେପରେ, ଟାଣିଟୁଣି ଚଳିବା

ଟାଂଟାଂ—ବିଂ. ପୂରା ଖୋଲା, ପୂରାଖାଲି
ଉ: ଟାଂଟାଂ ଟା.ଣ୍ଡି—ପୂରା ଖୋଲା ପଡ଼ିଆ
ଟାଂଟାଂ ଅଲା—ପୂରା ଖାଲି ଘର

ଟାଂଟାଲାଂ—ବିଂ. (ନିକଟରେ କିଛି ନ ଥିବା ଅବସ୍ଥାରେ) ଅତି ଉଚ (ସ୍ଥାନ) ଟାଙ୍ଗରା, ଉ: ଟାଟାଲାଂ ଡୁରୁ—ଅତି ଉଚ ଟାଙ୍ଗରା ପାହାଡ଼, (୨) ଟାଟାଲାଂ ରହଲ୍ ଦାରେ—ଅତି ଉଚ ଟାଙ୍ଗରା ଗଛ

ଟାଟକ୍, ଟାଟ୍‌କା—ଅ. ହଠାତ୍, ଉ: ଟାଟ୍‌କାସୁ ସେଟେର ଏନା- ହଠାତ୍ ପହଞ୍ଚି ଗଲା

ଟାଟ୍କା ଭଲ୍ କ—କ୍ରି. ଅସ୍ଥନକ ଭରବା

ଟାଁଟଲବା ∞ —ବି. ଗୋଟିଏ ପଟରେ ଛଆଣ ଚୁଙ୍ଗା ବା ଫୁଲ୍ ଣା

ଟା.ଟି—ବି. ଡାଟି

ଟାଟିୟା—ବି. ଡାଟିଆ

ଟାଁଟେ—ବି. ଲଢ଼ ଲୁମ୍ବା, କ୍ରି. ଛୋଟ ପିଲାକୁ କାଖରେ ଲଟକାଇବା

ଟାଟାଓ—କ୍ରି. ଅଧିକ ଶୁଖିଯିବା

ଟାଡ୍—ବି. ବାଜୁ (ଗହଣା)

ଟାଡା—ବି. ଡଙ୍କା, ଅଚଷ୍ଟା କାଠ

ଟାଡେ—କ୍ରି. ଡଙ୍କାରେ ଡାଙ୍ଗ ଉଠାଇବା

ଟାଣାଂ—ବି. ଘଣ୍ଟା

ଟାଣ୍ଡା—କ୍ରି. ଗୋଡ଼ ଯୋଡ଼କୁ ଫେରକେଟା କରବା

ଟାଣ୍ଡି ମେଗ୍ଲ୍—ବି. ବାଡ଼ି ଅଁଳା

ଟାଣ୍ଡି—କ୍ରି. ପଦାକୁ ପାଇଖାନା ପାଇଁ ଯିବା

ଟାଣ୍ଡି—ବି. ପଡ଼ିଆ (ପଡ଼ିଆ)

ଟାନ୍—ବି. ପରସ୍ତ୍ରୀ ପୋଡ଼ା ରୋଗ, ଅଶ୍ୱବ ସମସ୍ଥ

ଟାନାଓ—କ୍ରି. ଟାଣିବା, କ୍ରି. ବିଂ. ଟାଣି ଲମ୍ବ କରବା ପ୍ରକ୍ରିୟା

ଟାନ(ଣି)—ବି. ଟାଣି, (ଲୁଗା ବୁଣାବେଳେ ଲମ୍ବ ଭାବରେ ଥିବା ସୂତା)

ଟାଁପାର୍—ବି. ବଳଦ ଗାଡ଼ିର ଉପର ଯୋଡ଼ଣୀ ବା ଛାତ, ଛାଳ

ଟାଁପଲେ—ବିଂ. କୁରୂପ

ଟାଁମ୍ ଟାଁମ୍ ଗାଡ଼ି—ଟମ ଟମ ଗାଡ଼ି

ଟାଁୟମକା ∞ —ବିଂ. ମୂର୍ଖ

ଟାୟାଲ୍ଟାୟାଲ୍—କ୍ରି.ବିଂ. ନିରବଚ୍ଛିନ୍ନ ପବନ ବହିବା ପ୍ରକ୍ରିୟା, ଅଯଥାରେ ଦୌଡ଼ା ଦୌଡ଼ି/ବୁଲିବା ପ୍ରକ୍ରିୟା

ଟାଁଲମାଁଲ୍—କ୍ରି. ଟଲଟଲ ଲାଗିବା, ମୁଣ୍ଡ ବୁଲାଇବା

ଟାଁଲ୍ ମାଲ୍ଓ—କ୍ରି. ବିଂ. ମୁଣ୍ଡ ବୁଲାଇ ଟଳମଳ ଲାଗିବା ପ୍ରକ୍ରିୟା

ଟାପଟିପ୍—କ୍ରି. ଅନିୟମିତ ଫଳ ପଡ଼ିବା

ଟାପସ୍ସ—ବିଂ. ଥଟ୍ଟା, ବ୍ୟଙ୍ଗ, ପରିହାସ, କ୍ରି. ଥଟ୍ଟା କରବା, ବ୍ୟଙ୍ଗ କରବା, ପରିହାସ କରବା

ଟାପସ୍ସ—କ୍ରି. ହାଣ୍ଡିରେ ସିଝାଇବା ଅବସ୍ଥାରେ ଅଧପାଖ କଳନ୍ତ ସିଝିଯିବା ଆଉ ଅଧ ପାଖ କଳନ୍ତ ନ ସିଝିବା ପ୍ରକ୍ରିୟାକୁ ସାନ୍ତାଳରେ 'ଟାପସ' କହନ୍ତି

ଟାପସ୍ସ ∞ —କ୍ରି. ବିଂ. ଟପସ୍ସ ହେବାର ପ୍ରକ୍ରିୟା

ଟାପାର୍ ଟାପାର୍—କ୍ରି. ବିଂ. ଉଡ଼ାଇ ଉଡ଼ାଇ ନେଇ ଯିବା ପ୍ରକ୍ରିୟା, ଉ: ଲୁଗୁନ ଟାପାର୍ ଟାପାର୍ ଇଦ କୋଃଆୟ—ଲୁଗା ଉଡ଼ାଇ ଉଡ଼ାଇ ନେଇଗଲା

ଟାପୁ—ବି. ଟାପୁ, ଦ୍ୱୀପ, ଖୁରା, କ୍ରି. ବିଂ. ଖୁରାରେ ଚାଲିବା ପ୍ରକ୍ରିୟା

ଟାବାଟୁବୁ—କ୍ରି. ବି. ପାଣିରେ ପଶି ବୁଡ଼ା ବୁଡ଼ି କରବା

ଟାମସା—ବି. ତାମସା, ଖେଳ, କ୍ରି. ତାମସା କରବା, ଖେଳ ଦେଖାଇବା

ଟାମାକ୍—ବି. ଧାମ୍ସା, ନାଗରା (ବଡ଼ ଟମକ)

ଟାମ୍କା ଟାକୁର୍—କ୍ରି. ବିଂ. ଏଣ୍ଡୁ ତେଣ୍ଡୁ ଉଡ଼ୁଥିବା ଗୁଚ୍ଛା

ଟାମାକ୍ଷା.ଡ଼—ବି. ଧାମସା ବଜାଇବା କାଠି

ଟାମ୍ଡାଓ—କ୍ରି. ବିଚଳିତ ହେବା

ଟାମ୍ଡା ଟାମଣ୍ଡା—ବିଂ. ଅବ୍ୟବସ୍ଥିତ ଅବସ୍ଥା, ହଇରାଣ ହରକତ, କ୍ରି. ବିଂ. ତରବରିଆ ହୋଇ (ନେବା, ଯିବା)

ଟାମାର୍ ଟୁମୁର୍, ଟାମାକ୍ ଟୁମୁର୍—କ୍ରି. ବିଂ. ସାଥୀହୀନ, ଏକଲା, ଏକୁଟିଆ, ଉ: ଟାମାର୍ ଟୁମୁର୍ ଏ ସେନଏନା—ସେ ଏକୁଟିଆ ସାଥୀହୀନ ହୋଇ ଚାଲିଗଲା

ଟାୟାଡଟୁୟୁଡ୍—କ୍ରି. ବିଂ. ବିଚଳିତ ହୋଇ ଏକୁଟିଆ ବୁଲି ବୁଲି କରବା ପ୍ରକ୍ରିୟା

ଟାୟମା ଟୟ୍ମ ∞ —କ୍ରି. ବିଂ. ଲକ୍ଷ୍ୟହୀନ ଭାବେ, ବୋକାମୀ ସହକାରେ ଯିବାର ପ୍ରକ୍ରିୟା

ଟାୟାଲଟୁୟୁଲ୍—କ୍ରି. ବିଂ. (ପତଳା କନା ସୂତା) ଉଡ଼ିବାର ପ୍ରକ୍ରିୟା

ଟାର୍ହାଓ—କ୍ରି. ଅଟକାଇବା

ଟାରହାଓ—କ୍ରି. ସମ୍ଭାଳିବା

ଟାର୍ହାଓଃ—କ୍ରି. ବିଂ. ସମ୍ଭାଳି ହେବା

ଟାଗ୍ରନ୍ ହୁଟୁକ୍—କ୍ରି. ବଡ଼ ସାନ କ୍ରମାନ୍ୱୟରେ
ଟାଲ୍—ବି. ଟାଲ୍, ଏକ କଡ଼ିଆ ହେବା
ଟାଲ୍ — —କ୍ରି. ଏକ କଡ଼ିଆ ହେବା
ଟାଲ୍ଏ—କ୍ରି. ସମସ୍ତ ଟାଳିବା, ସମସ୍ତ ଘୁଞ୍ଚାଇବା
ଟାଓ୍ୱାର୍—ବି. ଟାଓ୍ୱାର, (tower)
ଟାପାଓ—କ୍ରି. କାଦୁଅ ମାଟିରେ ଲେପିବା
ଟାପ୍ରଏ—କ୍ରି. କ୍ରି°. ଲେଖିବାର ପ୍ରକ୍ରିୟା
ଟାସ୍ରସ୍—କ୍ରି°. ନରମା, ନରମା ଡାଳ
ଟାସ୍ରହା—କ୍ରି. ବି°. ନରମା ହେବା ପ୍ରକ୍ରିୟା
ଉ: ଅନା କାଟ୍ ଦ ଟାସ୍ରହା ଅବାନା—ସେ କାଠଟି ନରମା ହୋଇ ଯାଇଛି, (୨) ଟାସ୍ରସ୍ ଡାଲ୍ରେ ଆଲମ୍ ଲେବେଦ୍ ଅ — ଅ—ନରମା ଡାଳରେ ଗୋଡ଼ ରଖ ନାହିଁ
ଟା — କ୍ରି. ବି°. ଟାକରା ମାରିବା ପ୍ରକ୍ରିୟା
ଟିଉସନ୍—ବି°. ଟିଉସନ
ଟିକ୍ଟାକ୍—କ୍ରି. ବି°. ଘଣ୍ଟାର ସେକେଣ୍ଡ କଣ୍ଟାର ଠିକ ଟାକ ଶବ୍ଦ ପ୍ରକ୍ରିୟା
ଟିକଲ୍—ବି. ଟିକଲ
ଟିକା—ବି. ଟୀକା
ଟିକାଃ—କ୍ରି. ଟୀକା ନେବା
ଟିକା.ଦ୍—କ୍ରି. ଡରିବା, ଦମ୍ଭ ଧରିବା
ଟିକଟ୍—ବି. ଟିକଟ
ଟିକସ୍—ବି. ଟିକସ, କର
ଟିକୁର୍—ବି. ପଡ଼ିଆ, ଖୋଲସ୍ଥାନ
ଉ: ଟାଣ୍ଡି ଟିକୁର୍—ଖୋଲା ପଡ଼ିଆ
ଟିଙ୍କାର୍ ଟିକ୍କୁର୍—କ୍ରି. ବି°. ଝୁଲି ଝୁଲି, ଓହଳାଇ ଓହଳାଇ,
ଉ: ଟିଙ୍କାର୍ ଟିକ୍କୁର୍ ନାଡେ ଗ — ଇଦକୋଃଆସ୍—ଝୁଲାଇ ଝୁଲାଇ ଘର କରି ନେଇଗଲା
ଟିଗା.ଟାଗେ—କ୍ରି. ବି°. ଲମ୍ବ ପାହୁଣ୍ଡ ପକାଇ ଚାଲିବା ପ୍ରକ୍ରିୟା
ଉ: ଟିଡ଼ା.ଡାଗେ ଚାଲାମ୍ ଇଦ କୋଃଆସ୍—ଲମ୍ବ ଲମ୍ବ ପାହୁଣ୍ଡ ପକାଇ ଚାଲିଗଲା

ଟିଂଗ୍ରହ୍—କ୍ରି. ଗଛ ଡାଳକୁ ଛାଟିଦେବା, (କାଟି କମାଇ ଦେବା)
ଟିଂଗର—କ୍ରି. ବି°. କ୍ଷଣିକ, ଅଳ୍ପକ୍ଷଣ
ଟିକ୍—କ୍ରି. ସେକେଣ୍ଡଟିଏ ହେବା, ଖଣ୍ଡିଏ
ଉ: ମିଦ୍ ଟିକ୍ ପଟେ ଏମାଞ୍ଚମେ—ମୋତେ ଏକ ଖଣ୍ଡ ବନ୍ଧ ଦିଅ
ଟିକ୍ଟାଂକ୍—କ୍ରି. ବି° ଏକ ଜଣକ ପରେ ଆଉ ଏକ ଆସିବା
ଟିକ୍ଟଲଂ ଚେତେ—ବି. କୁଲ୍ କୁଲ୍ ଚଢ଼େଇ, ଗୋବର ଚଢ଼େଇ
ଟିକ୍ ଟିକ୍—କ୍ରି. ବି°. ଉଷୁମ ସ୍ୱାଦ
ଉ: ସେନ — ଏ ଟିକ୍ଟିକ୍ ଅ — ଦାନା—ଯିବାକୁ ଉତ୍ସାହ ପ୍ରକାଶ କରୁଛି, କ୍ରି. ଉଷୁମ ହେବା
ଟିଞ୍ଜ୍ ଟିଞ୍ଜ୍—କ୍ରି. ବି°. ଶୀଘ୍ର ଶୀଘ୍ର
ଉ ଟିଞ୍ଜ୍ ଟିଞ୍ଜ୍ ଏ ଅତକ ଏନା—ସେ ଶୀଘ୍ର ଶୀଘ୍ର ବାହାରିଲା
ଟିଟିହ୍ସିର୍ବାହ୍—ବି. ଏକ ପ୍ରକାରର ଲାଲ୍ ରଙ୍ଗର ଫୁଲ
ଟିଟ୍କ—ବି°. ଶକ୍ତ, କଠିନ, କ୍ରି. ଶକ୍ତହେବା, କଠିନ ହେବା
ଟିଟ୍ସ୍ୱା.ଉ—କ୍ରି. ବି°. ଲମ୍ବ ହୋଇ କଠିନ ବା ଟାଣ ହେବା ପ୍ରକ୍ରିୟା
ଟିଡା.ଃ—କ୍ରି. ଅଙ୍ଗୁଳି ଟିପରେ ଉଠାଇବା ବା ଲଗାଇବା
ଟିଣି—ବି. ଟିଣ
ଟିଣିକ୍—ବି. ମିଳନ୍, କ୍ରି. ମିଳନେ ହେବା
ଟିନ୍—ବି. ଟିନ୍, ଟିଣ
ଟିପ୍—ବି. ଟିପ, କ୍ରି. ଟିପ ଦେବା
ଟିପା.ଦ୍—କ୍ରି. ଟିପି ରଖିବା, ଲେଖି ରଖିବା
ଟିପା.ଖାତା—ବି. ଟିପାଖାତା
ଟିପ୍ଟାପ୍—କ୍ରି. ବି°. ଏକ ପରେ ଏକ (ପଡ଼ିବା, ଆସିବା, ଯିବା)
ଉ: ମାତ୍କମ୍ ବାହା ଟିପ୍ଟାପ୍ ଜୁରୁଃଆ—ମହୁଲ ଫୁଲ ଏକ ପରେ ଏକ ପଡ଼େ
ଟିପ — ଟପଃ—କ୍ରି. ବି°. ବୁନ୍ଦା ବୁନ୍ଦା ପାଣି ପଡ଼ିବାର ପ୍ରକ୍ରିୟା
ଟିପା.ଟାପେ—କ୍ରି. ବି°. ଡେଙ୍ଗେଇ ଡେଙ୍ଗେଇ ଚାଲିବାର ପ୍ରକ୍ରିୟା, କ୍ରି. ପାଦ ସୋସାଣ ପେଙ୍ଗେଇ ପେଙ୍ଗେଇ ଚାଲିବା
ଟିପା.ନ୍—କ୍ରି. ବି°. ମୂଳଜମା, ପୁଞ୍ଜି

ଟିପିକ୍‌ଟାଲା°—କ୍ରି. ବି°. ଖସି ପଡ଼ିବା ପ୍ରକ୍ରିୟା

କ୍ରି. ଖସି ପଡ଼ିବା, ଖସି ଯିବା

ଟିପିଞ୍ଜ୍‌ ଟିପିଞ୍ଜ୍‌—ବି°. ଅଣଓସାରିଆ ଲୁଗା

କ୍ରି. ବି°. ଅଣଓସାରିଆ ଲୁଗା ପିନ୍ଧିବା ପ୍ରକ୍ରିୟା

କ୍ରି. ଅଣଓସାରିଆ ଲୁଗା ପିନ୍ଧିବା (ଯାହାକି ଆଣ୍ଠୁ ଉପରକୁ ରହେ)

ଟିପୁହ୍‌କା°—ବି°. ଲମ୍ବୋଦର, ପେଟ ବାହାରିଥିବା ଅବସ୍ଥା

ଟିପଃଟେଲ°—କ୍ରି. ବି°. ବୁନ୍ଦା ବୁନ୍ଦା ପାଣି ପଡ଼ିବା ପ୍ରକ୍ରିୟା

ଉ: ଲହଦ୍‌ ଲୁଗୁଲଝନ୍‌ ଟିପଃ ଟେଲଃ ଦା°ଜର ଇଦଃ କାନା—ଭିଜା ଲୁଗାରୁ ଠପ୍‌ ଠପ୍‌ କରି ପାଣି ପଡ଼ି ପଡ଼ି ଯାଉଛି

ବି°. ଠପ୍ ଠପ୍‌

ଟିଓ୍ୱାଟାଓ୍ୱେ—କ୍ରି.ବି°. ଧୀରେ ଧୀରେ (ବଳ ନ ଥାଇ) ଚାଲିବା ପ୍ରକ୍ରିୟା

ଟିବିକ୍‌ ଟିବିକ୍‌—କ୍ରି. ବି°. କୀଟ ଚାଲିବାର ପ୍ରକ୍ରିୟା, ଅକାରଣ ଏପାଖ ସେପାଖ ହଲଚଲ, ଗତାଗତ କରିବା ପ୍ରକ୍ରିୟା

ଉ: ଡଜୁଏ ଟିବିକ୍‌ ଟିବିକ୍‌ ଅଃକାନା—କୀଟ ହଲଚଲ (ଉପର ତଳ) ହେଉଛି । (୨) ଲେଟ୍‌କା ବାୟୁ୍‌ ହୁଜୁବ୍‌ଥିରଃକାନା ଟିବିକ୍‌ ଟିବିକ୍‌ ବାଲାୟ୍‌କାନା—ପିଲାଟି ବସିରହି ପାରୁନାହିଁ ଏପାଖ ସେପାଖ ଗତାଗତ କରୁଛି

ଟିମ୍‌ପା.ଟାଡେଁ—କ୍ରି. ବି°. ଗୋଡ଼ ଲଡ଼ଖଡ଼ାଇ ଚାଲିବା ପ୍ରକ୍ରିୟା

ଟିମ୍‌ଟିମାଓ୍ୱଃ—କ୍ରି. ବି°. ଉତ୍ସାହ ପୂର୍ବକ

ଟିମ୍‌ବା.ଟାମ୍‌ବେ—କ୍ରି. ବି°. ହାଲିଆ ହୋଇ ବସିଯିବା ପରେ ଉଠିକରି ଧୀରେ ଧୀରେ ଚାଲିବା ପ୍ରକ୍ରିୟା

କ୍ରି. ଧୀରେ ଧୀରେ ଚାଲିବା

ଟିମ୍‌ବକ୍‌ ଟିମ୍‌ବକ୍‌—କ୍ରି. ବି°. ଅକଲା ଗୋଡ଼ ଧୀରେ ଧୀରେ ଚାଲିବା ପ୍ରକ୍ରିୟା

ଟିୟାଲ୍‌—କ୍ରି. ପବନର ଧୀର ଅଥଚ ଅନବରତ (ଗନ୍ଧ)ବୋହିବା

ଟିୟାଲ୍‌ ଟାପାଲ୍‌—କ୍ରି. ବି°. ଅନବରତ ପବନ ଗନ୍ଧ ସହ ପତ୍ର କୁଟା ବୋହି ନେବାର ପ୍ରକ୍ରିୟା

ଟିୟା.ଲ୍‌ ଟିୟାଲ୍‌—କ୍ରି. ବି°. ପବନର ଅନବରତ ଗନ୍ଧର ପ୍ରକ୍ରିୟା, ଲାଙ୍ଗୁଡ଼ ଟାଙ୍କ ଯୋରରେ ଦୌଡ଼ି ପଳାଇବା ପ୍ରକ୍ରିୟା

ଟିୟୁଟିୟୁ—କ୍ରି. ବି°. କଣାଦେଇ ପାଣି ପିଚକାରୀ ପରି ବାହାରି ଯିବା ପ୍ରକ୍ରିୟା

ଟିର୍‌—ବି. ଲଙ୍ଗଳ ମୁଠି

ଟିର୍ ଏକେକ୍‌—ବି. ଗୋଟି ତାଭୁଲ ଖେଳର ଗୋଟି

ଟିର୍‌ବୁରୁ—ବି. ଗୋଟିଏ ପାହାଡ଼ର ନାମ

ଟିରମୁଠି—ବି. ଛୋଟ ଧରଣର ବାଜ ପକ୍ଷୀ

ଟିସି.—ବି°. ଛୋଟ, ସାନ

ଟିସି. ଡକୁ—ବି. ଏକ ପ୍ରକାର କୀଟ

ଟିରଂ(ରିଂ) ଚେଣେ—ବି. ଏକ ପ୍ରକାର ପକ୍ଷୀର ନାମ

ହଳଦୀ ବସନ୍ତ

ଟିରେପ୍‌ ଚେଣେ (ଟିରେପ)—ବି. ହଳଦୀ ରଙ୍ଗର ଏକ ପକ୍ଷୀର ନାମ

ଟିରେମ୍‌ ହା.କୁ—ବି. ଏକ ପ୍ରକାର ମାଛର ନାମ

ଟିରମ୍‌ ହାସା—ବି. ହଳଦୀ ରଙ୍ଗର ମାଟି

ଟିଲକ୍ ହାସା—ଧଳା ମାଟି

ଟିଲ୍‌ଟିଲ୍‌—ବି°. ପୂର୍ଣ୍ଣ ହୋଇ ଢଳ ଢଳ ଅବସ୍ଥା

ଟିଲ୍‌ଟିଲଓ୍ୱ—କ୍ରି. ଟାଣୁଆ ହେବା, ପୂରଣ ହେବା, ଢଳ ଢଳିବା ପ୍ରକ୍ରିୟା

ଟିଓ୍ୱାଲ୍‌ ଟାଓ୍ୱାଲ୍‌—କ୍ରି. ବି°. ଓହଳ ଦୋହଲ ହେବା ପ୍ରକ୍ରିୟା

ଉ: ଉନି ହଲଦ ଟିଓ୍ୱାଲ୍‌ ଟାଓ୍ୱାଲ ଏ ଡାଲାମ୍‌ ଆକାଦଆ—ସେ ଲୋକଟିର ପିନ୍ଧା ଲୁଗା ଓହଳ, ଦୋହଲ ହେଉଛି ଓ ସେ ଚାଲୁଛି, ବି. ଗରିବ ଅବସ୍ଥା, ଲୁଗା ପଟାର ଅଭାବ

ଟିବିଲ୍‌—କ୍ରି. ବୁଡ଼ିବା ଉଠିବା, ହଲିବା

ଉ: ବା.ଣେ ପୁଇ ଦ ଟିବିକ୍‌ ଟିବିକ୍‌ ଅ°କାନା—ବନସ୍ତି ପୋହଟା ବୁଡୁଛି ଉଠୁଛି (ହଲୁଛି)

ଟିବିକ୍‌ ଚେଣେ—ବି. ଖଞ୍ଜନ ପକ୍ଷୀ

ଟିସିର—ବି°. କାନ

ଟିପି.—ବି. ଟିପି, କଳାଢଳ

ଟିପିୟା.—ବି. କଳାଢଳ

ଟିପୁ°—କ୍ରି. ଚେପିବା, ଖୁନ୍ଦା ମାରିବା

ଟିହ୍‌କା.ଡ୍‌—କ୍ରି. ଡରାଇ ଦେବା

ଟିହାଓ୍ୱ—କ୍ରି. ଉଷୁଆଇବା, ଟିହାଇବା

ଟିହାଟାହେଁ—କ୍ରି. ବିଂ. ବକ୍ରଭ ରୂପରେ ଚାଲିବା ପ୍ରକ୍ରିୟା

କ୍ରି. (ଅକାରାର ଅସୁବିଧା ହେତୁ) ଧୀରେ ଧୀରେ ଚାଲିବା

ଟୁଆ.ହା-ହା—ଅ. କୁକୁର, ଶୃଗାଲକୁ ଦୌଡ଼ାଇ ଦେବା ପାଇଁ ଚିତ୍କାର କରିବା ଶବ୍ଦ

ଟୁଆ.ରୁ—ବିଂ. ଛେଉଣ୍ଡ, ବାପା ମା' ହୀନ

ଟୁଆ.ରଃ—କ୍ରି. ଛେଉଣ୍ଡ ହେବା

ଟୁଆ.ରୁ ଦାସ୍ଗ୍—ବିଂ. ଛେଉଣ୍ଡ ସଦୃଶ୍ୟ, ଛେଉଣ୍ଡ ସମାନ

ଟୁଆର୍ ଦାସ୍ ∞ —କ୍ରି. ଛେଉଣ୍ଡ ସଦୃଶ୍ୟ ହେବା

ଟୁଇ—ବି. ଶିଖର, ଗୃହ ଘରର ଉପର ଭାଗ

ଟୁଇଟୁଇ—ବିଂ. ଅତି ଉଚ୍ଚ ଡୁଲିଆ ହୋଇଥିବା

କ୍ରି. ବିଂ. ସିଧା ସଳଖ ଠିଆ ହେବା ପ୍ରକ୍ରିୟା, (ଜନ୍ତୁ, ଘର, ଖୁଣ୍ଟ) ଶୁଖିଲା ଗଛ

ଟୁଇଲ୍.—କ୍ରି. ଉପରକୁ ବନ୍ଧ ଉଠାଇବା, ଉପରକୁ ପାଣି ଉଠାଇ ଦେବା, ବିଂ. ଲମ୍ବ ପତଳା ଲୋକ

ଟୁଇଲ୍.ସାର୍—ବି. ଉପରକୁ ବନ୍ଧିବା ଶର

ଟୁଇଲି—(ସ୍ତ୍ରୀ ଲିଙ୍ଗ) ବିଂ. ଲମ୍ବି ଓ ପତଳୀ (ସ୍ତ୍ରୀ ବା ଗୋ ମହିଷ)

ଟୁକ୍ ଟୁକ୍—କ୍ରି. ବିଂ. ଥରଥରିଆ, ଥୁରୁଥୁରିଆ

ବିଂ. ଅତି ବୃଦ୍ଧାବସ୍ଥା

ଟୁକ୍ଟୁକା.ଉଃ—କ୍ରି. କମ୍ପିବା, ଥରିବା

ଟୁକ—ବି. ଟୋକା

ଟୁକର୍.—ବିଂ. ଛୋଟ ଛୋଟ ଖଣ୍ଡ, କ୍ରି. ଛୋଟ ଛୋଟ ଖଣ୍ଡ କରିବା, ଟୁକୁର୍ କରିବା

ଟୁକୁର୍. ଟୁକୁର—ବିଂ. ଖଣ୍ଡିଆ ମୁଣ୍ଡିଆ, ଟୁକୁର୍

କ୍ରି. ଟୁକୁର୍ କରିବା

ଟୁକୁର—ବି. ଟୋକଣି, ଛୋଟ ପାଛିଆ

ଟୁକୁଜ୍—ବି. ହାଣ୍ଡି

ଟୁକୁଜ୍.ହର—ବି. ବଡ଼ କଣ୍ଢିମ

ଟୁକ୍ ଟୁକ୍—କ୍ରି. ବିଂ. ଟୁକୁଟୁକୁ

ଟୁକୁଟୁକୁ—କ୍ରି. ବିଂ. କିଛି କିଛି, ଥୋଡ଼ା ଥୋଡ଼ା

ଟୁଂଟୁଂ—କ୍ରି. ବିଂ. ଏକୁଟିଆ, ଛୋଟ ଛୋଟ ଗୋଡ଼ ପକାଇ ଶୀଘ୍ର ଶୀଘ୍ର ଚାଲିବା ପ୍ରକ୍ରିୟା

ଟୁଙ୍କି—ବି. ଛୋଟ ଟୋକେଇ, (ଯାହାର ତଳ ଅଂଶଟି ଚାରିକୋଣିଆ ଥାଏ)

ଟୁଙ୍କି ଦଗିଲ ବାପଲା—ବିଂ. ସାନ୍ତାଳ ଜାତିର ଏକ ପ୍ରକାର ବିବାହ ପଦ୍ଧତି ଯେଉଁଥିରେ କି କନ୍ୟାକୁ ଟୋକେଇରେ କିଛି ସାମଗ୍ରୀ ଧରି ଲୋକଙ୍କ ସହିତ ବର ଘରକୁ ଯିବାକୁ ହୁଏ। (ମଣ୍ଡପରେ ପରେ ସିନ୍ଦୁର ଦାନ ଦିଆଯାଏ )

ଟୁଙ୍ଗା.ଉ—କ୍ରି. ଟୁଙ୍କି ଦେବା

ଟୁଙ୍ଗା ଟୁଙ୍ଗି—ବିଂ. ଉଚ୍ଚା ନାକବାଲା

ଟୁଙ୍ଗୁଜ୍—କ୍ରି. ବିଂ. ଉପର ଅଂଶକୁ ଟୁଙ୍କିବା ପ୍ରକ୍ରିୟା

ଟୁଙ୍ଗି ଅଲା ∞ —ବି. ଟୁଙ୍ଗି ଘର

ଟୁଂଟୁଂଅଃ—କ୍ରି. ବିଂ. ଫୁଲି ଉଠିଥିବା ଅବସ୍ଥା

କ୍ରି. ଫୁଲି ଉଠିବା, ଉ: ଲାଲ୍ତାସୁ ଟୁଂଟୁଂ ଜେନ୍ଲାଃ କାନା—ତାର ପେଟ ଫୁଲିଥିବାର ଦିଶୁଛି

ଟୁଟା.ଉ—କ୍ରି. କ୍ଷୀଣ ହେବା, ଦୁର୍ବଳ ହେବା, ହାନିରେ ପଡ଼ିବା

ଟୁଟି—ବି. ମୁଣ୍ଡି ଶର, କ୍ରି. ମୁଣ୍ଡି ଶର ମାରିବା, (ଆଳି, ଗୁଲି, ମୁଣ୍ଡିଆ ଜନ୍ତୁରେ ମାରିବା)

ଟୁଟୁସ୍—ବି. ଓଢ଼ଣା

ଟୁଟୁସ୍ ∞ —କ୍ରି. ଓଢ଼ଣା ପକାଇବା

ଟୁଡ଼ା. ∞ —ବିଂ. ଆଙ୍ଗୁଠି ଦିଆ ଚିହ୍ନ, କ୍ରି. ଆଙ୍ଗୁଳିରେ (କଳା, ଧଳା, ଲାଲ) ଚିହ୍ନ ଦେବା

ଟୁଡ଼ାଂ—କ୍ରି. କାଠ ଉପରେ, ତାର ବା ଦୌଡ଼ି ଉପରେ ଦୌଡ଼ିବାର ବା ଚାଲିବାର ପ୍ରକ୍ରିୟାକୁ 'ଟୁଡ଼ାଂ' କହନ୍ତି

ଉ: କାଠ୍ ଚେତାନ ତେ ଚେର ଚେଟେଲ୍ ଏ ଟୁଡ଼ାଂ ରାକାବ୍ ଆର୍ ଆଣଗନ୍ କାନାୟ—କାଠ ଉପରୁ ଓ ତଳକୁ ଚିଟିପିଟି ଉଠି ଯାଉଛି ଓ ଓହ୍ଲାଇ ଆସୁଛି

ଟୁଡୁ—ବି. ସାନ୍ତାଳଙ୍କ ଏକ ଗୋତ୍ର

ଟୁଥ୍ବ୍ରାସ୍—ବି. ଟୁଥ୍ ବ୍ରସ୍ (tooth brush)

ଟୁନ୍ଡ଼ (ତୁନ୍ଡି)—କ୍ରି. ଧାରରେ ପାଣି ବୋହିବା/ଫୁଆରରେ ପାଣି ବୋହିବା

ଟୁନ୍ଡ଼ି ଲଟା—ବି. ଏକ ପ୍ରକାର ଲତା

ଟୁନ୍ଡି—ବି. ବଳଦ ଗାଡ଼ିର ଅଗ୍ର ଭାଗ

ଟୁନ୍ଡ୍ (ଟୁନ୍ଡା.)— କ୍ରି. ବଳଦକୁ ଉଷ୍ଟାଇବା, ଖେଞ୍ଚିବା,
ବାଡ଼ିରେ ଖେଞ୍ଚିବା

ଟୁନଡୁଂ ଏନେଜ୍— ବି. ନାଗରା ଧ୍ୱନି ଅନୁଯାୟୀ ନାଚ

ଟୁନା— ବିଂ. ସାନ

ଟୁନି— ବିଂ. (ସ୍ତ୍ରୀ ଲିଙ୍ଗ) ସାନ

ଟୁନ୍ଟୁନାଡ୍— କ୍ରି. ବିଂ. କ୍ଷତ ଫୁଲିଯାଇ ବେଦନା କରିବା

ଟୁପ୍ଟୁପ୍— ବି. ଅଖି ବୁଜି ଖେଳିବା ଖେଳ (ଲୁଚକାଳି)
କ୍ରି. ବିଂ. ଏଣେ ତେଣେ ଖୋଜା ଖୋଜି କରିବା

ଟୁପ୍‌ରି— ବି. ଟୋପି, କ୍ରି. ଟୋପି ପିନ୍ଧିବା, ଓଢ଼ଣା ମୁଣ୍ଡରେ
ଦେବା

ଟୁପ୍‌ଲି.ଂ— ବି. ଛୋଟ ଡାଲି

ଟୁପ୍‌ଲିଂ ଜହା— ବିଂ. ଫୁଲିକା ଗାଲ

ଟୁପ୍‌ଲିଂ ଅଡ୍ନା— ବିଂ. ଫୁଲମୁହଁ

ଟୁପି— ବି. ଟୋପି

ଟୁବ୍ ଟୁବୁଃ ଟୁବୁଃ— କ୍ରି. ବିଂ. ଉବୁଟୁବୁ, କ୍ରି. ଉବୁଟୁବୁ ହେବା,
ବୁଡ଼ିବା ଓ ଉଠିବା

ଟୁବ୍‌ଟୁବା.ଉ— କ୍ରି. ବିଂ. ଏ କୂଳ ସେ କୂଳ ଭରିଥିବା ପ୍ରକ୍ରିୟା
କ୍ରି. ସମ୍ପୂର୍ଣ୍ଣ ଭରି କରି ରହିଥିବା

ଟୁବ୍‌ଟୁବୁ.— କ୍ରି. ବିଂ. ପେଟ ଫୁଲିଥିବା (ଗର୍ଭଧାରଣ ହେତୁ)
ପେଟ ଫୁଲିଥିବା ଅବସ୍ଥା

ଟୁମ୍‌କା.ଃ— ବିଂ. ଅଳ୍ପ ଫୁଲ, ଛୋଟିଆ କରି
କ୍ରି. ଅଳ୍ପ ଫୁଲିବା, ଛୋଟିଆ ସ୍ଥାନରେ ରହିବା,
ଅଳ୍ପ ଜମା ହୋଇ ରହିବା, ଉ: ଦାଂ ଟୁମ୍‌କା.ଂ ଅକାନା—
ଅଳ୍ପ ଜାଗାରେ ପାଣି ଜମିଛି

ଟୁମାଂ— ବି. ମହିଅର ହାଣ୍ଡି

ଟୁମୁଟୁମୁ— କ୍ରି. ବିଂ. ସରୁଧାରାରେ ନିର୍ଗମନ ହେବାର ପ୍ରକ୍ରିୟା
ଧୀରେ ଧୀରେ ଝରିବା ପ୍ରକ୍ରିୟା

ଟୁମୁଦ୍ ଟୁମୁଦ୍— କ୍ରି. ବିଂ. ଅଟକି ଅଟକି, ଥରି ଥରି

ଉ: ଟୁମୁଦ୍ ଟୁମୁଦ୍ ଆକା ସେଦ୍ ଖନଏମ ହେଜ୍ ଏନା—
ଥରି ଥରି ଏକୁଟିଆ କେଉଁଠୁ ଆସିଲୁ ?

ଟୁମୁ ଟୁମୁଲ୍— କ୍ରି. ଡରାଇବା, ଡରିବା

ଟୁମୁଲ୍ ଟୁମୁଲ୍— ବିଂ. ସ୍ୱଳ୍ପ ଗତିର ପବନଧାରା
କ୍ରି. ବିଂ. ଫର୍ ଫର୍ ଉଡ଼ିବା ପ୍ରକ୍ରିୟା

ଟୁମୁଲ୍ ଟୁମୁଲାଃ— କ୍ରି. ହଲିବା, ଦୋହଲିବା

ଟୁସ୍ ଟୁସ୍— କ୍ରି. ବିଂ. ସିଧା ଠିଆ ହୋଇଥିବା ଅବସ୍ଥା

ଉ: ଜାନୁମ୍ ଟା ଟୁସ୍‌ଟୁସ୍ ଅକାନା କଣ୍ଟାଟି ସିଧା ଠିଆ ହୋଇଛି

ଟୁସୁ୍‌ଲି. ଟୁସୁଲି— କ୍ରି. ବିଂ. ପିଚକାରି ସଦୃଶ୍ୟ ପାଣି ବାହାରିବା
ପ୍ରକ୍ରିୟା

ଟୁର୍— କ୍ରି. ଟୁର tour କରିବା, ବି. ଟୁର୍, ଗସ୍ତ

ଟୁରକା.— ବିଂ. ଭସ୍ମାକ୍ତ

ଟୁରା— ବିଂ. ସାନ ସାନ, ଛୋଟିଆ, କ୍ରି. ସାନ ହେବା

ଟୁରି— (ସ୍ତ୍ରୀ ଲିଙ୍ଗ) ବିଂ. ଛୋଟିଆ, ସାନ (ଝିଅ)

ଟୁରମୁଦ୍— ବିଂ. ଅତି ଛୋଟ

ଟୁରମୁଦ, ଟୁରମୁଦ— କ୍ରି. ବିଂ. ଅତି ଛୋଟିଆ, ଛୋଟିଆ

ଟୁରମାଲ୍‌ହାନ— ବି. ଛୋଟ ଜାତିର ଶିମ୍ବ

ଟୁଲ୍— ବି. ଟୁଲ (ଇଂ) (stool)

ଟୁଲୁ ଟୁପିଆ— ବିଂ. ଅତି ଡଲୁଆ

ଟୁଲୁଡ୍ ଟୁଲୁଡ୍— କ୍ରି. ଟୁଲୁଟ୍ ଟୁଲୁଟ୍ ଶବ୍ଦ

ଟୁଲୁରଟେ— ବି. ଛୋଟ ଜାତିର ବେଙ୍ଗ

ଟୁଲ୍‌ଟୁଲୁଓ— କ୍ରି. ବିଂ. ଭରପୂର, ଠେସିକରି ଭରି ରହିଥିବା
ଅବସ୍ଥା

ଟୁସା.ଉ— କ୍ରି. ଠେସି ଭର୍ତ୍ତି କରିବା, ଠୁସିବା

ଟୁଲୁକ୍ ଟୁଲୁକ୍— କ୍ରି. ବିଂ. ଶୀଘ୍ର ଶୀଘ୍ର, ଧୀର ମନ୍ଥର ଗତିରେ

ଟୁଲୁଂଟୁଲୁଂ— ବିଂ. ଶେଷାଂଶ ପର୍ଯ୍ୟନ୍ତ ଭର୍ତ୍ତି ହୋଇଥିବା ଅବସ୍ଥା

ଟେକ୍— ବି. ସମ୍ମାନ, ମର୍ଯ୍ୟାଦା, ଟେକ

ଟେକ୍‌ରୁଖା.ଉ— କ୍ରି. ସମ୍ମାନ ରଖିବା, ମର୍ଯ୍ୟାଦା ରଖିବା

ଟେକାଓ— କ୍ରି. ଅଟକାଇ ରଖିବା, ବିଂ. ଅବରୁଦ୍ଧ, ବାଧା

ଉ: ଟେକାଓ ମେରମକ ମେମେଃ କାନା— ଅବରୁଦ୍ଧ ହୋଇଥିବା
ଛେଳିଗୁଡ଼ିକ ମେ ମେ ରଡ଼ି କରୁଛନ୍ତି

ଟେକେଟେକେ— କ୍ରି. ବିଂ. ଶୀଘ୍ର ଶୀଘ୍ର ଗୋଡ଼ପେଇ କରିବା ପ୍ରକ୍ରିୟା

ଟେକ୍‌ନକେଲ୍— ବିଂ. (ଇଂ) (ଟେକ୍‌ନିକେଲ୍)

ଟେକ୍‌ନସିଏନ୍—ବି. (ଇଂ) ଟେକନସିଏନ

ଟେଓ୍ୱଏଞ୍ଜ୍—କ୍ରି. ଓହ୍ଲାଇ ନେବା, ବିଂ. ଓହ୍ଲା (ଗଣ୍ଡିଲ, ଥଲ)

ଟେକେସ୍—କ୍ରି. ଛସ୍ତିବା, ସମ୍ଭାଳିବା

ଟେଗ୍—ବି. ଟେଗ (ଇଂ) tag

ଟେଙ୍ଗଜ—କ୍ରି. ଟେଙ୍କିବା, ଅଗରୁ ତୋଲି ନେବା

କ୍ରି. ବିଂ. ନଳ କୂଅର ପାଣି ଟେଣ୍ଡାକୁ ତଳ ଉପର କରି ପାଣି ଉଠାଇବା ପ୍ରକ୍ରିୟା, ବି. କୁମ୍ପଟୀ

ଟେଙ୍ଗକ୍ ଟେଙ୍ଗ-ଜ—କ୍ରି. ବିଂ. ଲଗାତର

ଟେଘା.ନ୍—ବି. ଠେସ, କ୍ରି. ଠେସ ଦେବା

ଟେଁଚ୍ ଟେଁଜ୍—କ୍ରି. ବିଂ. ଚିଆଁ ଚଢ଼େଇର ସ୍ୱର (ଶବ୍ଦ)

ଟେଟେଟେଙ୍ଗକ୍ ଟେଟେଣେ, ଟେଁଟେଁସ୍ଥକ୍ ଟେଟେଣେ—ବି. ଟେଣ୍ଟେଇ ଚଢ଼େଇ

ଟେଣ୍ଟ୍ ଟେଣ୍ଟ୍—କ୍ରି. ବିଂ. ବରଲ୍ଭ ସ୍ୱର, କ୍ରି. ପାଟିକୁଣ୍ଡ କରି ଡାଣ୍ଡିବା, କପଣ ଦେବା

ଟେଟେଆସ୍—କ୍ରି. ଶୋଷ ଲାଗିବା

ଟେଡା—ବିଂ. ଟେଢ଼ା, ଟେରଚ୍ଛା, ରୁକ୍ଷ

ଟେଡାଟେଡି—କ୍ରି. ବିଂ. ଟେଢ଼ାଟେଢ଼ି କରିବା ପ୍ରକ୍ରିୟା

ଟେଡାଓ—କ୍ରି. ଟେଢ଼ା କରିବା, ଟେରଚ୍ଛା କରିବା ଅଣେଇବା

ଟେଣ୍ଡା—ବି. ଖାଲ

ଟେଣ୍ଡାଓ—କ୍ରି. ଖାଲରେ ଲୁଚିବା

ଟେଣ୍ଡାର୍—କ୍ରି. ଆଉଜାଇବା, ଆଉଜିବା

ବିଂ. ଅଉଜା (ଚୌକି)

ଟେଣ୍ଡାର ଆ॰॰ସାର୍—ବି. କନ୍ୟାର ଘରକୁ ବର ତରଫରୁ ଦିଆଯାଉଥିବା ଦାମୁଡ଼ିଆ ବା ବଳଦ

ଟେଣ୍ଡାର୍ ମା.ଚ—ଆରାମ ଚୌକି

ଟେଣ୍ଡେଲ୍(ଲ୍)—ବି. ଜଳ ଜନ୍ତୁ, ଟେହ୍ଲିଆ

ଟେଣ୍ଡସିଆ—ବିଂ. ଜିଦ୍‌ଖୋର, ଧୃଷ୍ଟ

ଟେଣ୍ଡାସ୍—ଜିଦ୍‌ଖୋର ହେବା, ଧୃଷ୍ଟ ହେବା

ଟେନା—ବିଂ. ପଞ୍ଚୁଆ, ଅଠା କାଣ୍ଡିଆ, ବିଂ. ବେକାର, ଫାଲତୁ

କ୍ରି. ଟେଣ୍ଡାରେ ପାଣି ବୁହାଇବା

ଟେନା—ବି. ଟେଣ୍ଡା

ଟେନସ୍—ବି. (ଇଂ) ଟେନସ୍ ଖେଳ

ଟେପ୍—ବି. (ଇଂ) ଟେପ୍, ଫିତା (tape)

କ୍ରି. ଫୁଟ୍‌କି ଫୁଟାଇବା, ଇସାରା ଦେବା, ଇସାରା କରିବା

ଟେପ୍ ଟେପ୍‌ଅ—କ୍ରି. ଚଢ଼ ହୋଇ ହୋଇ ଯିବା ଟେପ୍‌ର ପାଣି ଭରିବା

ଟେପେଜ୍—ବି. ସଂକୀର୍ଣ୍ଣ

ଟେପେଜଃ—କ୍ରି. ସଂକୀର୍ଣ୍ଣ ହେବା

ଟେପେ—କ୍ରି. ଟେଢ଼ା କଥା କହିବା, ଜଘନ୍ୟ ଭାଷା ପ୍ରୟୋଗ କରିବା

ଟେପେଟେପେ—କ୍ରି. ବିଂ. ପଶୁଙ୍କର ଲାଙ୍ଗୁଡ଼ ହଲାଇବା ପ୍ରକ୍ରିୟା

କ୍ରି. ଫୁଟାଣି କରି କହିବା, ହାମ୍‌ବଡ଼ା କଥା ବଖାଣିବା

ଟେପେଭ୍ ଟେପେଭ୍—କ୍ରି. ବିଂ. ଆଙ୍ଗୁଠି ଚିପି ଚିପି ଦୁଡ଼ରେ ଚାଲିବା ପ୍ରକ୍ରିୟା

ଟେପ॰॰—ବି. ପକ୍ଷୀଧରା ଜାଲ, କ୍ରି. ପକ୍ଷୀ ଧରା ଜାଲ ପକାଇବା

ଟେବ୍ ଟେବ୍—ବିଂ. (ଖାଇକରି) ପେଟପୂରା ଖାଇ ପେଟ ଫୁଲିଇବା ଅବସ୍ଥା, କ୍ରି. ଭରିଦେବା

ଟେବ୍‌ରା—ବିଂ. ଭରା ପେଟିଆ, ଖାଇ ପେଟ ବାହାର କରିଥିବାବାଲା

ଟେବେକ୍ ଟେବେକ୍—କ୍ରି. ବିଂ. ଅଳ୍ପ ଅଳ୍ପ ଲମ୍ବା ପାଦ ପକାଇ, ଶୀଘ୍ର ଶୀଘ୍ର ଚାଲିବା ପ୍ରକ୍ରିୟା

ଟେବେ ଟେବେ—କ୍ରି. ବିଂ. ବୋଝ ବୋହି କଷ୍ଟେ ମଷ୍ଟେ ଗୋଡ଼ ଚଲାଇ ନେବା ପ୍ରକ୍ରିୟା

ଟେମ୍ବେଳ ଟୁରୁଚ୍—ବିଂ. ବିଭିନ୍ନ ଆକାରର, ସାନ ବଡ଼ ଆକାରର

ଟେମ୍ବେଟୁରୁ—ବିଂ. ବିଭିନ୍ନ ଆକାର ଓ ବୟସର ପିଲା

ଟେମ୍‌ବଃ—ବିଂ. ସାନ ଆକାରର

ଟେମ୍ ଟେମ୍—ବିଂ. ପେଟପୂରା, ଖାଇ ପେଟ ଫୁଲିବାର ଅବସ୍ଥା

ଉ: ଜମ୍ ଟେମ୍ ଟେମ୍ ଆକାନାଞ୍ଜି—ଖାଇ ପେଟ ଫୁଲାଇ ଦେଇଛୁ। (ଖାଇ ପେଟ ପୁରାଇ ଦେଇଛୁ)

ଟେମ୍ଟେଲେମ୍—ବି. ଭରି ରହିବା ଅବସ୍ଥା, ପୂର୍ଣ୍ଣରହିଥିବା
କ୍ରି. ବିଂ—ଭର୍ତ୍ତି ପାଣିର ଅବସ୍ଥା

ଟେମ୍ରେକ୍—ବି. ଶ୍ଳେଷ ଶ୍ଳେଷ ଓ ନରମ

ଟେପସ୍‌ଅ—ବିଂ. ନଇଁଥିବା

ଟେପସିଂ—କ୍ରି. ନରମିଯିବା, ନଇଁ ଯିବା

ଟେ-ମାଂ—କ୍ରି. ନଷ୍ଟକରିବା, ଧ୍ୱଂସ କରିବା

ଟେମେକ୍ (ଚ)—ବିଂ. ଅଗଭୀର, ସ୍ୱଳ୍ପ ଗଭୀର

ଉ: ନଣ୍ଡେ ଦ ଗାଡ଼ା ଦାିଂ ଟେମେକ୍‌ଗେଯ୍‌ଆ — ଏଠାରେ ନଦୀଜଳ ଅଗଭୀର ଅଟେ

(୨) ଆଜାିଂ ବୁଦ୍ଧି ଟେମେକ୍ ଗେଯ୍‌ଆ—ତାହାର ବୁଦ୍ଧି ସ୍ୱଳ୍ପ ଅଟେ

ଟେମେଜ୍‌ଲ୍ଲଜ୍—ବି. କ୍ଷୀଣ ପେଟ, ବଣୀପେଟିଆ

ଟେମେଲ୍ ଟେମେଲ୍—କ୍ରି.ବିଂ. ଜଣଙ୍କ ପଛେ ପଛେ ଯିବା/ ଚଳିବା ପ୍ରକ୍ରିୟା

ଟେର୍—କ୍ରି. ଇଙ୍ଗିତ, ଆଭାସ ପାଇବା, ଟେର୍ ପାଇବା

ଟେର୍-ମେସ୍ଆଓ୍ୱ (ଢର୍ ମିଁସ୍ଆଓ୍ୱ)—କ୍ରି. ଛଟପଟ ହେବା

ଟେର୍ହେ—କ୍ରି. ବନ୍ଦ ହେବା, ସ୍ଥିର ହୋଇ ରହିବା

ଟେସ୍ର—ବିଂ. ଡେଡ଼ା ଆଖି, ଟେସ୍ର

ଟେସ୍ରୀ—ବିଂ. (ସ୍ତ୍ରୀ ଲିଂ) ଟେସ୍ରୀ

ଟେରେ-ଜ୍ ଟୁରୁଜ୍—ବି. ସାନ ବଡ଼ ଆକାରର (ଫଳ ବା ପିଲା)

ଟେରେ-ଜ୍ ଟେରେଜ୍—କ୍ରି. କର୍କଶ ସ୍ୱରରେ କହିବା

ଟେରେଜ୍ ଟୁମ୍ବୁଜ୍—ବିଂ. ଅଣ୍ଡ ସାନ ଆକାରର

ଟେରେ ଟେରେ—କ୍ରି. ଭଡ଼ ଭଡ଼ କରି କହିବା, ବେଙ୍ଗର ଟର୍ଟର୍ ରଡ଼ିକରିବା

ଟେରେମେରେ—ବିଂ. ଡରୁଣ, କ୍ରି. ଡରାଇବା

ଟେଲା—ବି. ଟେଲା, ଢେଲା, ମାଟିପିଣ୍ଡୁଲା

ଟେଲେମ୍ ଟେଲେମ୍—ବିଂ. ଭରପୁର

ଟେଯ୍—କ୍ରି. ଖୁଣ୍ଟିବାର ଶବ୍ଦ

ଟେସ୍ଟା—ବି. ଇଚ୍ଛା, ଚେଷ୍ଟା କ୍ରି. ଚେଷ୍ଟା କରିବା, ଇଚ୍ଛାପ୍ରକାଶ କରିବା

ଟେଓ୍ୱଁ ଟେଓ୍ୱଁ—କ୍ରି. ଗାଲଗୁଲଜ୍ କରିବା, ପାଟିତୁଣ୍ଡ କରିବା

ଟେବେଲ୍, ଟେଓ୍ୱେଲ୍—କ୍ରି. ଲୁଚି ରହିବା, ଲୁନହେବା

ଟେସସ୍—ବିଂ. ଅନ୍ଧ, କଣା

ଟେସସିଂ—କ୍ରି. ଅନ୍ଧହେବା, କଣା ହେବା

ଟେଯା—କ୍ରି. ସାହାଯ୍ୟ କରିବା

ଟେଧାଟେସ୍—କ୍ରି. ବିଂ. ଠେସାଠେସ୍

ଟେସାଓ—କ୍ରି. ଠିକ୍ ସମୟରେ ପହଞ୍ଚିବା ଠେସି ପୁରାଇବା

ଟେସିଂ—କ୍ରି.ବିଂ. ମାରିବାର ଶବ୍ଦ, ଠେସ୍ କରି ବାଜିବାର ଶବ୍ଦ

ଉ: ବହ୍ନିଂରେ ଠେସିଂମେନ୍ତେ ବାଜାଓ ଏନାୟ - ତାର ମୁଣ୍ଡରେ ଠେସ୍ କରି ମାଡ଼ ବାଜିଲା

ଟେଁସ୍ ଟେଁସ୍—କ୍ରି.ବିଂ. ସଇଁ ସଇଁ

ଉ: ବାସ୍ସାହେବ୍ ଦାଲେଯ୍‌ଆିଂ କାନା ଟେଁସ ଟେଁସ୍ ଅିଂ କାନାୟ - ନିଃଶ୍ୱାସ ମାରି ପାରୁନାହିଁ ସଇଁ ସଇଁ (ଧଇଁ ସଇଁ) ହେଉଛି

ଟେହାଡ୍—କ୍ରି. ସହାୟ ହେବା, ଆଗୁଳିବା, ସାହାଯ୍ୟ ଦେବା ଆଶ୍ରା ଲୋଡ଼ିବା, ଠେସ ଦେବା

ଟେଲିଗ୍ରାଫ୍—ବି. (ଇଂ) ଟେଲିଗ୍ରାଫ୍

ଟେଲିଗ୍ରାମ୍—ବି. (ଇଂ) ଟେଲିଗ୍ରାମ କ୍ରି. ଟେଲିଗ୍ରାମ କରିବା

ଟେଲିଫୋନ୍/ଟେଲିଫୁନ୍ – ବି. (ଇଂ) ଟେଲିଫୋନ
କ୍ରି. ଟେଲିଫୋନ କରିବା

ଟେଲିଭିଜନ୍—ବି. (ଇଂ) ଟେଲିଭିଜନ

## ଠ

ଠଁ—କ୍ରି. ହଳ ଚଲାଇବା, ହଳ ଯୋଡ଼ିବା

ଠହ୍ସ୍ଇ—କ୍ରି. ଅନ୍ଦାଜ୍ କରିବା

ଠଉସ୍. ଠଉଲ—କ୍ରି. ବିଂ. ଅସ୍ତବ୍ୟସ୍ତ

ଠଉସ୍. ଠଉରିଂ—କ୍ରି. ଅସ୍ତବ୍ୟସ୍ତ ହେବା

ଠକ୍—ଅ. ବସ୍ତୁ ବସ୍ତୁରେ ବାଜିବା ଶବ୍ଦ, ଠୁକର

ଠକ୍‌ଅ—ବିଂ. ଠକ, ଠକୁଆ, ଠଗ, ଭଣ୍ଡ

ଠକଣେ—ବି. ଏକ ପ୍ରକାରର ପିଲାଖେଳ

ଠକ୍‌କାଜି—ବିଂ. ଠଗ

ଠକର୍—କ୍ରି. ବାଧାଦେବା, ପ୍ରତିବାଦ କରିବା
ବିଂ. ବାଧା, ପ୍ରତିବାଦ

ଠକରାଓ୍—କ୍ରି. ଠୁକିବା, ଠେଲିବା, ବିରୋଧ କରି କହିବା

ଠକାଓ—କ୍ରି. ଠେକିବା, ପ୍ରତାରଣା କରିବା

ଠକାଠକ—କ୍ରି. ବିଂ. ଭୁଲଭୁଲ, ଛଳବାଜ ପ୍ରକ୍ରିୟା

ଠକାମି—ବିଂ. ଭଣ୍ଡାଇବା, ଭଣ୍ଡାମି, କ୍ରି. ଭଣ୍ଡିଦେବା, ଠକିଦେବା

ଠଙ୍ଗା—ବି. ଫୁଙ୍କାନଳ

ଠଙ୍ଗା.ସାର୍—ଶର ରଖିବା ନଳ, ତୂଣୀର

ଠଂଠଂ—ଅ. ଧାତୁର ମାଡ଼ ଶବ୍ଦ, ବିଂ. ଛୁଚ୍ଛା, ଅତିଶୟ ଅର୍ଥରେ ପ୍ରୟୋଗ ହୁଏ । ଉଃ ଠଂଠଂ ରେଙ୍ଗେକ୍ ହିଲ୍—ଅତିଶୟ ଗରିବ ଲୋକ । (୨) ଠଂଠଂ ଇଲ୍‌ତେ ଦେହ୍ନି ବାଂ ହୁସୁଃଆ—ଛୁଚ୍ଛା (ଖାଲି) କଥାରେ କିଛି ବି ହେବ ନାହିଁ

ଠଟ୍ (ଠକ୍)—ବି. ଏକ ପ୍ରକାର ଛୋଟ ଗଛ, ଯାହାର ଫଳକୁ ଆଘାତ କଲେ ଫଟ୍ କରି ଫାଟି ଯାଏ, କ୍ରି. ଆଙ୍ଗୁଳି ଫୁଟାଇବା, ମୋଡ଼ି କରି ଭାଙ୍ଗିବା

ଠଟ୍‌ରାଓ୍—କ୍ରି. ଅଣ୍ଡରେ କଣା (ଛେଦ) କରିବା

ଠଣ୍ଡା—ବି. ଅଣ୍ଡ

ଠଣା—ବି. ଠଣା, ଖୋପ

ଠଣ୍ଡେଙ୍ଗ୍—ବି. ଅଣ୍ଟୁ ତଳର ଗୋଡ଼ ହାଡ଼

ଠନକ୍—ବିଂ. ଶୁଖିଲା ଉଚ୍ଚ ପ୍ରଶସ୍ତ ସ୍ଥାନ, ପରିଷ୍କାର, ସୁନ୍ଦର

ଠନାଠୁନି—ବିଂ. ମତଭେଦ, କ୍ରି. ମତଭେଦ ହେବା

ଠପ୍—କ୍ରି. ବନ୍ଦୁ ବନ୍ଦୁ କରି ପକାଇବା

ଠମ୍ପୁ—ବିଂ. ଗୋଲାକାର ଗଣ୍ଡି ବା ଫୁଲ (ସ୍ଥାନ) ଛୋଟ ଓ ବାଙ୍ଗରା

ଠମ୍ପେ—ବିଂ. ଫଳଗୁଚ୍ଛ, ବହୁତ ଫଳ ଏକାଠି ଥିବା, ପୁଞ୍ଜାହୋଇ ଥିବା, କ୍ରି. ପୁଞ୍ଜା ହେବା, ଏକାଠି ଥିବା (ଜନତା) ଲାଗିଥିବା

ଠସ୍‌ଠସ୍—କ୍ରି. ବିଂ. କିଛି ନ ଥିବା, କିଛି ବି ଉଦ୍ଦେଶ୍ୟ ନ ଥାଇ, ଉଃ ଠସ୍‌ଠସ୍ ରେଙ୍ଗେକ୍ ହିଲ କାନାସୁ—ସେ ଗରିବ ଲୋକ ଯାହାର କିଛି ବି ନାହିଁ (୨) ଠସ୍ ଠସ୍‌ନ ଦାଲାନକାନା—କିଛି ଉଦ୍ଦେଶ୍ୟ ନ ଥାଇ ସେମାନେ ବୁଲୁଛନ୍ତି

ଠସ୍‌ଠସାଓ୍—ବିଂ. ଅଭାବରେ ପାରିହେବା, ଦାରିଦ୍ର୍ୟରେ ପଡ଼ି ହନ୍ତସନ୍ତ ହେଉଥିବା

ଠସ୍‌ସା—ବି. ନୀଳକଣ୍ଠ ପକ୍ଷୀ

ଠସ୍‌ସଠସ (ଠସଅ ଠସ୍‌ଅ)—ବିଂ. ଧୁଡ଼ୁଧୁଡ଼ୁ, ଧଡ଼ସା

ଠସ୍‌ର∞—ବିଂ. ଖାଲୁଆ ଆଖିବାଲା, କ୍ରି. ଆଖି ଭିତରୁ ପଶିଯିବା

ଠସ୍‌ର∞ଠସ୍‌ର∞—କ୍ରି. ବିଂ. ପଶିଲା ପଶିଲା ଓ କୁଞ୍ଚ ପଡ଼ିଥିବା (ଆଖି ଡୋଳା)

ଠଅର୍—ବି. ଠିକଣା, ପତ୍ତା, କ୍ରି. ଠିକଣା ପାଇବା, ଖବର ଲଗାଇବା, ଖୋଜିବା

ଠର∞ଠର∞—କ୍ରି. ବିଂ. ଖଡ଼ଖଡ଼ ହେବା ଧ୍ୱନି/ଶବ୍ଦ
କ୍ରି. ଖଡଖଡ୍ କରିବା

ଠଲଠଲ୍—ବିଂ. ଅସୁସ୍ଥତା ବଶତଃ ଦେହ ଅଥବା ଅବସ୍ଥା/ପ୍ରକ୍ରିୟା
କ୍ରି. ଝିମ୍ ଝିମ୍ ଲାଗିବା

ଠଲ୍‌ଠଲ୍‌ଓ୍ଃ—କ୍ରି. ବିଂ. ପରିପୂର୍ଣ୍ଣ

ଠହ୍‌କର୍—ବିଂ. ସୁନ୍ଦର, ଆଖିରୋଚକ, ସୌନ୍ଦର୍ଯ୍ୟବାନ

ଠହ୍‌ଅ—କ୍ରି. ସୁନ୍ଦର ଦିଶିବା, ଉତ୍ତମ ଦେଖାଯିବା
ବି. ସୁନ୍ଦର, ଉତ୍ତମ

ଠା∞—କ୍ରି. ଝାକରା ମାରିବା

ଠାଁଇ—କ୍ରି. ଝିଅକୁ ବିବାହ କରିଦେବା

ଠାଓଁ—ବି. ସ୍ଥାନ, ଜାଗା, କ୍ରି. ସ୍ଥାନ କରିବା

ଠା.ଉକା—ବିଂ. ଏକନ୍ଦ, ମୋଟାମୋଟି, କ୍ରି. ଏକନ୍ଦ କରିବା, ମୋଟାମୋଟି କହିବା

ଠାକ୍‌ଠାକ୍—କ୍ରି. ବିଂ. ଠକ୍‌ଠକ୍ ହେବା, କାଟିବା ପ୍ରକ୍ରିୟା

ଠାକ୍‌ଠାକ୍—କ୍ରି. ବିଂ. ଶୀତରେ କମ୍ପିବା ପ୍ରକ୍ରିୟା

ଠାକ୍‌ଠା.କାୟା—ବିଂ. ଚଞ୍ଚଳିଆ

ଠାକଠାକାଓ୍—କ୍ରି. ଚଞ୍ଚଳତା ପ୍ରଦର୍ଶନ କରିବା, ଉତ୍ସୁକତା ଦର୍ଶାଇବା, କ୍ରି. ବିଂ. କମ୍ପନ ପ୍ରକ୍ରିୟା

ଠାକ୍‌ଠିକ୍—ବି. ଠିକ୍, କ୍ରି. ବ୍ୟବସ୍ଥା କରିବା, ସଜ କରିବା

ଠାକ୍ଠୁକ୍—କ୍ରି. ଠୁକାଠୁକ କରିବା, ବଢ଼େଇ କାମର ଶବ୍ଦ ବିଶେଷ

ଠାକ୍ଠେକ୍—ବି. ବାଧା, କଷ୍ଟ, ବନ୍ଦହେବା, କ୍ରି. ବାଧା ଆସିବା, ଅସୁବିଧା/କଷ୍ଟ ଉପୁଜିବା

ଠାଙ୍କାଠଣଂ—କ୍ରି. ବିଂ. ବାସନ କୁସନ ପଡ଼ିବା ଶବ୍ଦ

ଠାଙ୍ଗାର୍ ଠୁଙ୍ଗୁର୍—ବିଂ. ସାନ ବଡ଼ ଭିନ୍ନ ଭିନ୍ନ ଆକାରର (ମଣିଷ, ପିଲାପିଲି)

ଠାଂଠାଂ—କ୍ରି. ବିଂ. ଠନଠନ୍

ଠାଂଠଂ—କ୍ରି. ବିଂ. ଠନ୍ଠନ୍, କ୍ରି. (ଘଣ୍ଟି) ଠନ୍ଠନ୍ ବାଜିବା

ଠାଂମେନ୍ଦେ—କ୍ରି. ବିଂ. ଠଣ୍କଣ

ଠାଟ୍କାଡ୍ ଠୁଟ୍କୁଡ୍—ବି. ଦରପୋଡ଼ା ଜାଳେଣି କାଠ

ଠାଟ୍ରି—ବିଂ. ଦୁର୍ବଳ, କ୍ରି. ଦୁର୍ବଳ ହେବା

ଠାନ୍ଡ଼୍ଗା (ଠାଡ଼୍ଙ୍ଗା)—ବିଂ. ଡାଳ କଟାଯାଇଥିବା ଥୁଣ୍ଟା ଗଛ

ଠାନଠାନ୍—କ୍ରି. ବିଂ. ସ୍ୱଳ୍ପ ଶୁଖିଥିବା, କଡ଼କଡ଼ିଆ ଶୁଖିଲା

ଠାନ୍ଠାନାଓ୍ଃ—କ୍ରି. ଡରଡର ହେବା, ଡସ୍ପର ହେବା

ଠାସ୍ଠାସ୍—ବିଂ. ଅତି କଠିନ, ଅତି ଶକ୍ତ

ଠାର୍ପା.ର୍ପି—କ୍ରି. ନିର୍ଦ୍ଦେଶ ଦେବା

ଠାରେଠୁରେ—ବିଂ. ସୂଚନାର୍ଥେ, ଶୁଣା ଖବର

ଠାଲ ∽ ଠାଲ ∽—ଢିଙ୍କି ମୂଷଳର ଶବ୍ଦ

ଠାଲା ∽ ଠୁଲୁ ∽—କ୍ରି. ବିଂ. କୁରାଢ଼ିରେ ଗଛଡାଳକୁ କାଟିବା ଶବ୍ଦ

ଠାକ୍ରାନ୍—ବି. ଠାକୁରାଣୀ (ଦେବୀମୂର୍ତ୍ତି)

ଠାକୁର୍—ବି. ଠାକୁର, ଈଶ୍ୱର, ଭଗବାନ, ସୃଷ୍ଟିକର୍ତ୍ତା

ଠାକୁର ଗୁଡା—ବିଂ. ସାନ୍ତାଳର ଏକ ପ୍ରକାର ଉତ୍ସବ, ଯାହା ସାନ୍ତାଳ ବିଦ୍ରୋହ ବେଳେ ମାନୁଥିଲେ

ଠାକୁର ଜଓ୍ଇ—ପୁଣ୍ୟାତ୍ମା, ଈଶ୍ୱର

ଠାକୁର୍ ଦୁଆ.ର୍—ବି. ଦେବାଳୟ ଦ୍ୱାର

ଠାକୁର୍ ଦା.ଣ୍ଡ—ବି ଦେବସ୍ଥଳ

ଠାକୁର୍ ଭକ୍ତ—ବିଂ. ଦେବ ଭକ୍ତ

ଠାକୁର୍ ମାନାଓ—ବିଂ. ଈଶ୍ୱର ବିଶ୍ୱାସ

ଠାକୁର୍ ବଗା—ଈଶ୍ୱର ପୂଜା, ଦେବ ପୂଜା

ଠାକୁର୍ ଦାୟା—କ୍ରି. ଈଶ୍ୱର କୃପା କରିବା

ଠାକୁଆ.—ବି. ଠକୁଆ, ଗାଲପଣା

ଠା~କେଦ୍—କ୍ରି. (ଶବ୍ଦ) ବନ୍ଦ ହେବା

ଠା~କେଦ୍ ଠାକେଦ୍—କ୍ରି. ବିଂ. ଅସ୍ପଷ୍ଟ, ଲୁହାଇ ଲୁହାଇ

ଠାଟ୍ବାଁଜଦ୍—କ୍ରି. ବିଂ. ଠାଟ୍ବାଟ୍, କ୍ରି. ସଜାସଜି ହୋଇ ସୁନ୍ଦର ହେବା

ଠାଁଟ୍—ବି. ଆବୃତ, ଛାଆ

ଠା.ଟୁ—ବି. ବିଶାଳ, ବୃହତ

ଠାଡ଼୍ୟା—ବିଂ. ଶୁଖିଲା ଥୁଣ୍ଟା ଗଛ, ବାଞ୍ଝ

ଠାଡ଼୍ୟା.—ବି. ଏକ ପ୍ରକାରର, ସୋରିଷ

ଠାନ୍—ବି. ସ୍ଥାନ

ଠାବଅ—ବି. ରହିବା ସ୍ଥାନ, ଠିକଣା

ଠା.ବୁ—ବି. ଗଣ୍ଡି ହାଡ଼

ଠା.ବୁଠା.ବୁ—ବିଂ. ହାଡ଼ ଗଣ୍ଡିଆ, ଗଣ୍ଡିଆ

ଠା.ପୁଆ—ବିଂ. କର୍ମକୋଡ଼ି, ଅଳସୁଆ

ଠାମ୍ଠାମ୍—କ୍ରି. ବିଂ. ସ୍ପଷ୍ଟ ଓ ଖୋଲାଖୋଲି (କଥା କହିବା)

ଠା.ମ୍ପୁ—ବିଂ. ଫୁଲା (ଗଣ୍ଡି, ଗୋଟମା)

ଠା.ମ୍ବୁଃ—କ୍ରି. ବିଂ. ପାଣିରେ ଧପ୍କରି ପଡ଼ିବା ଶବ୍ଦ, ପାଣି ଚହଲିବା ପ୍ରକ୍ରିୟା

ଠାମ୍ବାର ଠୁମ୍ବୁର୍—କ୍ରି. ବିଂ. ସାଥୀ ହୀନ, ଏକୁଟିଆ

ଠାୟ୍—କ୍ରି. ବିଂ. ଫୁଟିବା ଶବ୍ଦ, ଗୁଳିଫୁଟା ଶବ୍ଦ

ଠାୟଁ—ବି. ସ୍ଥାନ

ଠାୟଁ ଠାୟଁ—ସ୍ଥାନେ ସ୍ଥାନେ, ନିକଟ ନିକଟ, ପାଖେ ପାଖେ

ଠାୟଗ୍.—ବି. ଝଗଡ଼ା

ଠାୟ୍ଗୃଃ—କ୍ରି. ଝଗଡ଼ା କରିବା

ଠାୟଗ୍. ଠାୟଚ—କ୍ରି. ଝଗଡ଼ା ଝଗଡ଼ି ହେବା

ଠା.ଓ୍ବ୍.—କ୍ରି. ଜମା କରିବା, ଏକାଠି ହେବା, ଭିଡ଼ କରିବା

ଠାରାଓ—କ୍ରି. ଠାର ଦେବା

ଠାସ୍—କ୍ରି. ବିଂ. ଠସ୍ (ଝାଙ୍କି ବାର ଉପକ୍ରମ ହେବାର ଶବ୍ଦ)

ଠାସିୟା.ଡ୍—କ୍ରି. ଯୋଡ଼ିବା, ଯୋଡିବା

ଠାସ୍ୟାଃ—କ୍ରି. ବିଂ. ମନପୂର୍ଣ୍ଣ, ଇଚ୍ଛାଥିବା ଭଳି

ଠାସ୍ ଠାସ୍—କ୍ରି. ବିଂ. ଠସଠସ

ଠାସଅସ୍ସା∞—ବିଂ. ଭଙ୍ଗୁର; ନରମା

ଠାଲା∞ଠାଲା∞—କ୍ରି. ଡିଙ୍କି କୁଟିବାର ଶବ୍ଦ

ଠିକ—ବିଂ. ଠିକ୍, ଉଚିତ୍, ଉପଯୁକ୍ତ, ସତ୍ୟ, କ୍ରି. ଠିକ୍ ହେବା, ଉଚିତ୍ ହେବା

ଟିକ୍‌ଟୁଟି ମାଞ୍ଜି ଲୁଟି—ବିଂ. ଠିକ୍ ଠିକ୍

ଠିକ୍ ଠାକ୍—ବିଂ. ଠିକ୍ ଠାକ୍, ସୁବ୍ୟବସ୍ଥା, କ୍ରି. ଠିକ୍‌ଠାକ୍ ହେବା, ସୁବ୍ୟବସ୍ଥା ହେବା

ଠିକରି ଠିକ୍‌ରି—କ୍ରି. ବିଂ. ରଢ଼ି ଚଢ଼ାଇ କରି (କଳିଆ କରିବା)

ଠିକ୍‌ରାଉ—କ୍ରି. ଠୁକର୍ ଲଗାଇବା, ଜବାବ ଦେବା

ଠିକରି, ଠିକ୍‌ରି—ବିଂ. ଛୋଟ, ସାନ, ବାଙ୍ଗରା

ଠିକା.—ବିଂ. ଠିକା, କ୍ରି. ଠିକା ନେବା

ଠିକା.ଗାଡ଼ି—ବି. ଚୁକ୍ତି କରି ଅଣା ଯାଇଥିବା ଗାଡ଼ି

ଠିକା.ଦାର—ବିଂ. ଠିକାଦାର

ଠିକା.ଣ୍—କ୍ରି. ବିଂ. ଠିକଣା ଓ ପରିଚୟର ସ୍ଥିରତା

ଠିକାନା—ବିଂ., ବି. ଠିକଣା, ନିର୍ଦ୍ଦିଷ୍ଟ ସ୍ଥାନ
କ୍ରି. ଠିକଣା ହେବା, ନିର୍ଦ୍ଧାରିତ ସ୍ଥାନ ହେବା

ଠିକାବୁନ୍ଦ—ବି. ଠିକାଦାରି,

ଠିକାରି—ବି. ସୂର୍ଯ୍ୟର କିରଣ, କିରଣର ତେଜ, ପ୍ରଖର ଖରା

ଠିଙ୍ଗିମାଦ୍—ବି. ଗଣ୍ଡିଆ ବାଉଁଶ

ଠିଞ୍ଜ୍ ଠିଣିଞ୍ଜ୍—କ୍ରି. ବିଂ. ଘଣ୍ଟିର ଠିନ୍ ଠିନ୍ ଶବ୍ଦ (ବାଜିବା)

ଠିଣିଞ୍ଜ୍ ଠିଣିଞ୍ଜ୍—କ୍ରି. ବିଂ. ଟିନ୍ ଟିନ୍, ଠିନ୍ ଠିନ୍
କ୍ରି. ଠିନ୍ ଠିନ୍ କରିବା

ଠିଟ୍‌ଣାଃ—ବି. ଅଣ୍ଟୁ

ଠିଟ୍‌ଣାଃ ଠଣେକ୍—ବି. ଆଣ୍ଟୁ ଗଣ୍ଠି

ଠିଟ୍‌ସ୍ସା—ବି. ଅଟାଗ୍ସା

ଠିଟ୍‌ସ୍ସା ଦକାନ୍—ବି. ଅଟାଗ୍ସା ଦୋକାନ

ଠିପାଁଠା.ପାଁଙ୍ଗ୍, ଠିପ ଠପ—କ୍ରି. ବି. ଅଳଥିବା ଗୋଡ଼ର ଚାଲିବା ପ୍ରକ୍ରିୟା, ଧୀରେ ଧୀରେ କଷ୍ଟ କରି ଚାଲିବା ପ୍ରକ୍ରିୟା

ଠିପି—ବି. ଠିପି, ବୋତଲ ମୁଦିବା ଦ୍ରବ୍ୟ

ଠିପିରି ଠିପିରି—କ୍ରି. ବିଂ. ଟିପି ଟିପି, ଟିପ୍‌ଟାପ୍ (ବର୍ଷା)

ଠିସ୍ଟୁଅ ଠସ୍ଟୁଅ—ବିଂ. ରୋଗିଣା, ରୋଗା, ଧଡ଼ିଆ
ଉଃ ଲୁଆ.ତେ ଠିସ୍ଟୁଅ ଠସ୍ଟୁଅ ଗୁବାଏନାସ୍—ଜ୍ୱରରେ ଧଡ଼ିଆ/ ରୋଗିଣା ହୋଇ ଯାଇଛୁ

ଠିରିକ ଠିରିକ୍—କ୍ରି. ବିଂ. କୋଇଲି ଧରଣର ପକ୍ଷୀର 'ଠିର୍ଠିର୍' ଧ୍ୱନି

ଠିଲୁ—ବିଂ. ବାଙ୍ଗର, ଉଃ ନୁଇ ଲେଟ୍‌ଜା ଦ ଠିଲୁ ଏନାସ୍—ଏହି ପିଲାଟି ବାଙ୍ଗର ହେଲା

ଠିଲି—ବି. କଳସୀ (ବଡ଼)

ଠିପି—ବି. ବାଜୁ (ଗହଣା)

ଠୁକ୍—କ୍ରି. ବିଂ. ମୁଣ୍ଡ ବାଜିବାର ଶବ୍ଦ

ଠୁ∞—କ୍ରି. ମୁଣ୍ଡ ବାଜିବା

ଠୁ—କ୍ରି. ବନ୍ଧୁକ ଗୁଳି ମାରିବା, ଫୁଟିବା (ଆବାଜ୍) ହେବା, ପିଟା ପିଟି ହେବା

ଠୁକାଠୁକ—କ୍ରି. ରଗଡ଼ ଝଗଡ଼ ହେବା, ବିଂ. ନିର୍ଦ୍ଦିଷ୍ଟ (କଥା)
ଉଃ ଇଞ୍ଜ୍ ଠୁକାଠୁକ କାଥାଞ୍ଜ୍ ମେତାମ୍ କାନା—ମୁଁ ତୁମକୁ ନିର୍ଦ୍ଦିଷ୍ଟ କଥା କହୁଛି

ଠୁକା.ଉ—କ୍ରି. ଠୁକିବା, ପିଟିପିଟି ସୁଖାଇବା

ଠୁକୁର ଠୁକୁର୍—କ୍ରି. ବିଂ. ଅତ୍ୟଧିକ ବୟସ ଗଡ଼ା ଅବସ୍ଥା

ଠୁଃଠୁଃ—କ୍ରି. ବିଂ. ଠୁକ୍ ଠୁକ୍ (ଶବ୍ଦ)

ଠୁକସ୍ସା.—ବି. ଠକ, ବିଂ. ଠକୁଆ

ଠୁକସ୍ସା. ବା.ଜସ୍ସା.—କ୍ରି. ବିଂ. ଠକାଇବା ପ୍ରକ୍ରିୟା

ଠୁଟ୍‌କ—କ୍ରି. ବିଂ. ବ୍ୟବହାର କରୁ କରୁ ହାନ ହୋଇଯିବା
ଉଃ ଠୁଟ୍‌କ ଜନ∞ – ଛୋଟ ହୋଇ ଯାଇଥିବା ଝାଡ଼ୁ

ଠୁଟ୍‌କୁଲ୍, ଠୁଟ୍‌କୁଲ—ବିଂ. ଦରପୋଡ଼ା ଛୋଟ ଜାଳେଣି କାଠ

ଠୁଟ୍‌କୁଲ ମୁଟ୍‌କୁଲ—କ୍ରି. ବିଂ ପୋଡ଼ା, ଦରପୋଡ଼ା ଛୋଟ ଛୋଟ କାଠ, ଉଃ ଠୁଟ୍‌କୁଲ୍ ମୁଟ୍‌କୁଲ ହାହାନ୍ ଆଗୁଇ ମେ—
ପୋଡ଼ା ଦରପୋଡ଼ା ଛୋଟ ଛୋଟ ଜାଳେଣି କାଠ ଆଣ

ଠୁଣ୍ଡା.—ବିଂ. ଠୁଣ୍ଡା (ଆଙ୍ଗୁଳି କଟା)

ଠୁଣ୍ଡି—ବିଂ. (ସ୍ତ୍ରୀ ଲିଙ୍ଗ) ଠୁଣ୍ଡି (ଆଙ୍ଗୁଳି କଟା)

ଠୁଣ୍ଡା ଭୁର୍ଭ୍ସା—ବି. ଏକ ଘର୍ବେଇ ଦେବତା ନାମ

ଠୁଣ୍‌ଙ୍ଗା (ଠୁଣ୍‌ଗା)—ବିଂ. ଥୁଣ୍ଟା, (କିଛି ନ ଥିବା ଅବସ୍ଥା)
ଉ: ଠୁଣ୍‌ଙ୍ଗା. (ଗା) ବାହ୍ମା ଦାରେ—ଥୁଣ୍ଟା ଫୁଲଗଛ
(୨) ଠୁଣ୍‌ଗା ହୁଲ—ଲୋକର କିଛି ନାହିଁ
ଠୁଁଗୁର୍ ଠୁଁଗୁର୍—କ୍ରି. ବିଂ. ମୁହଁପୋଡ ଚୁପ୍‌ଚାପ୍ ଚାଲିଯିବା ପ୍ରକ୍ରିୟା
ଠୁଣ୍ଡ ଠୁଣ୍ଡ୍—କ୍ରି. ବିଂ. ଚାଲିବାର ଅନ୍ୟ ଗତିରେ ଚାଲିଯିବାର ଶବ୍ଦ, ଠୁଁଇ ଠୁଁଇ
ଠୁନା—ବିଂ. ପୋଚରା, କାଟଦ୍ରଂଷ୍ଟ
ଠୁନାଃ—କ୍ରି. ପୋଚରା ହେବା
ଠୁସୁ—କ୍ରି. ବିଂ. ପରସ୍ପରକୁ ଗୁଳି ମରାମରି ହେବା
ଠୁସୁଃ—କ୍ରି. ଗୁଳି ମରାମରି ଦେବା
ଠୁସୁଠୁଃ—କ୍ରି. ମୁଣ୍ଡକୁ ମୁଣ୍ଡ ବାଡ଼ିଆ ବାଡ଼େଇ ହେବା
ଠୁସ୍‌ମାରଓ—କ୍ରି. ମୁଣ୍ଡିଆ ମାରିବା
ଠୁସ୍ତା.~ମୁସ୍ତା.~—କ୍ରି. ବିଂ. ଚେପ୍‌ଟା ମେପଟା (ବସ୍ତୁ,ବାସନ)
ଠୁସ୍ ଠୁସ୍—କ୍ରି. ବିଂ. ମୁଣ୍ଡରେ ଠସ୍ ଠସ୍ (ମାଡ଼), ଠାସ୍ ଠାସ୍
ଠୁସ୍‌ମେନ୍‌ତେ—କ୍ରି. ବିଂ. ଠସ୍ କରି (ମାଡ଼ ଦେବା)
ଉ: ହପନ ଧରତେ ଗୃପାତ୍ର ଲେଦେ ଖାନ ଠୁସ୍ ମେନ୍‌ତେ ବନ୍ଧ~ରେ ବାକାଓ ଏନାସ୍—ଛୋଟ ପଥର ଫୋପାଡ଼ିବାରୁ ତାର ମୁଣ୍ଡ ଠସ୍ କରି ବାଜିଗଲା
ଠୁର୍—ବି. ମେଘ ଗର୍ଜନ, ଘଡ଼ଘଡ଼ି
ଠୁଲା.—ବିଂ. ଠୁଳା
ଠୁଲି—(ସ୍ତ୍ରୀ ଲିଙ୍ଗ) ବିଂ. ଠୁଳୀ
ଠୁଲା.ଉ—କ୍ରି. ଭୁଣ୍ଡାଇବା, ଏକାଠି କରିବା
ଠୁଲ୍‌କା.—ବିଂ. ଛୋଟିଆ, ସାନ
ଠୁଲ୍‌କା. ଠୁଲକ—ବିଂ. ସାନ ସାନ, ଛୋଟିଆ ଛୋଟିଆ
ଠୁଲକି—(ସ୍ତ୍ରୀ ଲିଂ) ବିଂ. ଛୋଟିଆ
ଠୁଲୁକ୍ ଠୁଲୁକ୍—କ୍ରି. ବିଂ. ଛୋଟ ଛୋଟ (ଲମ୍ଫରେ) ପାଦ ପକାଇ ଶୀଘ୍ର ଶୀଘ୍ର ଚାଲିବା (ପ୍ରକ୍ରିୟା)
ଠୁଇସ୍ତା~—ବିଂ. ଫମ୍ପା, ମହୁମାଛିର ଫେଣା

ଠୁଇସ୍ତା~ ଆଲା~—ବି. ଏକ ପ୍ରକାର ଶାଗ ଗଛ (Melochia corchori folia)
ଠୁଠୁକୁର ସିମ୍—ବି. ଭୁର୍କି କୁକୁଡ଼ା
ଠୁସ୍ ଠୁସ୍—କ୍ରି. ବିଂ. ଠୁସ୍ ଠୁସ୍
ଠୁସା.—ବି. ଝୁଲୁରି ଝୁଲୁରି ହୋଇଥିବା ଚେର ମୂଳ ଔଷଧ
ଠୁସା.ଉ—କ୍ରି. ଠୁସିବା, ଠେସିବା, ଜୋର ଜବର କରି ପୁରାଇବା
ଠେକ୍—ବିଂ. ଧୂନା, କ୍ରି. ଧୂନା ଲଗାଇବା
ଠେକ୍‌ରା—କ୍ରି. ଅଳ୍ପ ଧାନ କୁଟି ଚାଉଳ କରିବା (ବଡ଼ ପାଛିଆର ଏକ ଚତୁର୍ଥାଂଶ)
ଠେକର ପଡାମ୍—ବି. ଏକ ପ୍ରକାର ରଙ୍ଗିଆ କପୋତ
ଠେକ୍‌ଲେନା—କ୍ରି. ବିଂ. ସାମୟିକ ଠେସା ଦେଇ ରଖିବା
ଠେକା—ବି. ପାଛିଆ, ବାଜୁବନ୍ଧ, ଏକ ପ୍ରକାର ଗହଣା
ଠେକା ସାନ୍‌ରା—ବି. କାନବଲା
ଠେକାଓ—କ୍ରି. ନିଆଁ ଲଗାଇବା ଓ ଜଳାଇବା ପାଇଁ ନିଯୁକ୍ତ ଦେବା, କ୍ରି. ବିଂ. ଥରକୁ ଥର କାଠ ଚୁଲିରେ ସଙ୍ଗେଇବା
ଠେକେଠେକେ—କ୍ରି. ବିଂ. ବହୁତ ଗହଳ
ଠେକମ୍—କ୍ରି. ଚାପି ହୋଇ ଲାଗି ରହିବା, ଦବିଯିବା, ଅଟକିଯିବା
ଠେଙ୍ଗା—ବି. ଠେଙ୍ଗା, ବାଡ଼ି
ଠେଙ୍ଗା ଠେଙ୍ଗି—କ୍ରି. ବାଡ଼ିରେ ପିଟିବା
ଠେଙ୍ଗା ବାନ୍ଧୁକ୍—ବି. ମାଟି ପୋଡ଼ା ବନ୍ଧୁକ
ଠେଜ—(ବିଭକ୍ତି କାରକ) ଅ. ଠାରେ ଠିଁ
ଠେଁଚ୍‌ଠେଁଚ୍ ଚେଣେ—ବି. ଟେଁକ୍ ଟେକ୍ ରଡ଼ିକରା ଏକ ଛୋଟିଆ ଚଢ଼େଇ
ଠେନ୍—(ବିଭକ୍ତି ସୂଚକ) ଅ. ଠାରେ
ଠେନ୍‌ଟା—ବିଂ. କ୍ଷୟ ହୋଇଥିବା କୁରାଢ଼ି, କୋଦାଳ ହାଣିବା ଧାରର ଅବସ୍ଥା, ଥୁଣ୍ଟା
ଠେପ୍—କ୍ରି. ଅଙ୍ଗୁଠି ଦ୍ୱାରା ଆଘାତ କରିବା, ଧୀରେ କରି ଆଙ୍ଗୁଠିରେ ମାରିବା
ଠେପ୍‌କେ ଠେପେଡ—କ୍ରି. ବିଂ. ଅନିୟମିତ ଭାବେ ବାଜଣା ବଜାଇବା ପ୍ରକ୍ରିୟା

ଠେପେକା—କ୍ରି. ବିଂ. (ପରସ୍ପରକୁ) ପେଲ ପେଲି ହେବାର ପ୍ରକ୍ରିୟା

ଠେପେ—କ୍ରି. କାନ ହଲାଇବା, ଲାଞ୍ଜ ହଲାଇବା, ପଶୁ ସତର୍କ ହେବାର ନିଦର୍ଶନ

ଠେପଠୋଲ—କ୍ରି. ଲାଞ୍ଜକୁ ଏ ପାଖ ସେ ପାଖ ହଲାଇବା

ଠେପ—କ୍ରି. ଆଙ୍ଗୁଳି ଦେଖାଇ ଡରାଇବା, ଧମକାଇବା

ଠେବଲେ—ବିଂ. ଅନୁଜ, ବାଙ୍ଗର (ସ୍ତ୍ରୀ ଲିଂ) ବାଙ୍ଗସ୍ତ୍ରୀ

ଠେମା—କ୍ରି. କମରରେ ଠେସିକରି ରଖିବା, କମରରେ ବାନ୍ଧିକରି ଗେଞ୍ଜି ଦେବା

ଠେର୍—କ୍ରି. ମେଘର ଗର୍ଜନ ସହ ବଜ୍ରପାତ ହେବା

ଠେର୍ଠେର୍—କ୍ରି. ବିଂ. ଲଗାଇ କରି ମେଘ ଗର୍ଜିବା ପ୍ରକ୍ରିୟା

ଠେର୍ ମେନ୍ଡେ—କ୍ରି. ବିଂ. ମେଘ ଗର୍ଜିବା ଓ ବଜ୍ରପାତ ହେବା ପ୍ରକ୍ରିୟା

ଠେଲ୍ ପାଇଣି—ବି. ପେଲା ଗୋଡ଼ ଖଡ଼ୁ

ଠେଲଓ୍ୱ—କ୍ରି. ପେଲିବା, ଠେଲିବା

ଠେଲଗାଡ଼ି—ବି. ପେଲାଗାଡ଼ି

ଠେଲ ଜାଲମ୍—ବି. ଠେଲି ନେବା ମାଛଧରା ଜାଲ

ଠେଲଠିଲ—କ୍ରି. ବିଂ. ଠେଲାପେଲା

ଠେସାଓ—କ୍ରି. ଠେସି ଭର୍ତ୍ତି କରିବା

ଠେସା—ବି. ଠେସ

ଠେସାକାଃ—କ୍ରି. ଠେସ ଦେବା

ଠେସାଠେସି—ବିଂ. ଭିଡ଼. କ୍ରି. ଅନ୍ଧଭିଡ଼, ଠେସାଠେସି

## ଡ

ଡକା ଦାରେ—ବି. ଜିଆ ଗଛ

ଡକାଓ—କ୍ରି. ଡକାଇବା, ଆମନ୍ତ୍ରଣ କରିବା

ଡଙ୍କ୍—ବି. ଡଙ୍କ, ଡୁଙ୍କ

ଡଙ୍କା ପିଟାଉ—କ୍ରି. ଅଟାଳି ପିଟିବା

ଡଙ୍କାଓ୍ୱଃ—କ୍ରି. ଡଙ୍କ ମାରିବା

ଡଗ୍—ବି. ଗଛର ବା ଲତାର ଅଗ

ଡଗା—ବି. ଅଧା ବଢ଼ିଥିବା ଶେଉଳ ମାଛ

ଡଗାଲ୍ଃ—ବିଂ. ଅଗିଲା, ଆଗରେ ଥିବା

ଡଂଡଂ—ବିଂ. ବହୁତ ଲମ୍ବା

ଡଂଡଲଂ (ଡଂ)—ବିଂ. ଲମ୍ବ ଓ ଉଚ୍ଚ

ଡଗର୍—ବି. ଖବର

ଡଗର୍ ବାହା—ବି. ଟଗର ଫୁଲ

ଡଚ୍—ବି. ଉଚ ଜାତି ବିଶେଷ

ଡଟକଲମ୍—ବି. ଡଟ୍ କଲମ

ଡଡ଼ଅ—ବି. କଙ୍କି, ଏଥିରେ ଶିର ନ ଥାଏ ଓ ଗୋଲ ହୋଇଥାଏ ଭୋରଡ଼ା କଙ୍କି

ଡଡମ୍ ଚକାଃ—ବିଂ. ଫୁଲ ଶବ୍ଦର

ଡଡେ – କ୍ରି. କଥା ବୁଲାଇ ମନାଇ ସାଙ୍ଗ କରିବା, ବୁଝିବାକୁ

ଉ: ହାଟ.ଡେ ସେନ ଂ ଇଞ୍ଜ୍ ଡଡେ ଆଗୁଜଂ କାନା—

ହାଟକୁ ଯିବା ପାଇଁ କହୁଥିଲି, ସାଙ୍ଗ କରିବାକୁ ଯାଇଥିଲି

ଡଢ଼ୁହାର୍—ବି. ବଡ଼ ଅର୍ଥର ପ୍ରୟୋଗ ହୁଏ

ଡଢାହାର୍ ମିରୁ—ବି. ବଡ଼ ଜାତିଆ ଟିଆ ପକ୍ଷୀ

ଡଢାର୍ କା.ହୁ—ବି. ଡାମରା କାଉ

ଡଢାର୍ କଦ୍ କ—ବି. ବଡ଼ ଜାତୀୟ ବଣି

ଡଢାର ମସୁ୍ନା—ବି. ତୋତା ଚଢ଼େଇ

ଡଡସ୍ୱ—ବିଂ. ପୋଲା, ଫଟା କୋରଡ଼, କ୍ରି. ପୋଲା ହେବା, ଫାଟିଥିବା, କୋରଡ଼ ହେବା

ଡଡ଼େୟା—ବିଂ. ଦୁର୍ବଳିଆ, ଶୀର୍ଣ୍ଣକାୟ, ଶକ୍ତିହୀନ

ଉ: ବେମାର୍ତେ ଡଡ଼େୟା ଆକାନାୟ—ରୋଗ ହେତୁ ଦୁର୍ବଳିଆ ହୋଇଅଛି

ଡନ୍ଡଗନ୍—ବିଂ. ନୁଆଁ ଇଥିବା ବେକ, ମୋଡ଼ି ହୋଇଥିବା ମୁଣ୍ଡ

ଡନ୍ଡଲଂ—କ୍ରି. ଚୁଟି (ବାଳ) କାଟିଦେବା

ବିଂ. ମୋଡା ବାଳ, କୁଞ୍ଚ, କୁଞ୍ଚିଆ ବାଳ

ଡନ୍ଡ୍.ର ଂ—କ୍ରି. ଆକାଶରେ ମେଘ ଘୁରି ଯିବା, ମେଘୁଆ ହେବା

ଡନ୍ଡା—କ୍ରି. ଧାନ ଗଛକୁ କାଟି ଶୁଖାଇ ବାନ୍ଧିବାକୁ କଛ ଧାନ ଗଛକୁ କେଣ୍ଡା ମୋଡ଼ି ଜୋଡ କରାଯାଏ । ତାହାକୁ 'ଡନ୍ଡା' କହନ୍ତି

ଡନ୍‌ଡମୁଁଚ୍—ବି. କଳା ରଙ୍ଗର ବଡ଼ ପିମ୍ପୁଡ଼ି, କଳା ଜହ୍ଲା

ଡନଡ—ବି. ମୋଡ଼ା ଶିଙ୍ଘ, ଧଣ୍ଡ ସାପ

ଡନ୍‌ଡଲ୍—ବି. ପାଣିଦଳ, ପାଣିରେ ବଢ଼ିବା ଗଛ (ସୋଲ)

ଡନ୍‌ଡ୍‌ଅ—କ୍ରି. ଫୁଲିବା, କ୍ରି. ବିଂ. ଫୁଲ ଅବସ୍ଥା, ଗର୍ଭ ଧାରଣ

ଡନଡ୍‌ଅ—ବିଂ. ମୂର୍ଖ

ଡନ୍‌ଡ୍ ବୁକ୍ତ୍—ବି. ଧଣ୍ଡ ସାପ

ଡପକାଓ—କ୍ରି. ଢାଙ୍କିବା, ମେଘୁଆ

ଡବ୍‌ଡବଅ—ବିଂ. ମେଘ ଘୁଇ ରହିଥିବା ଅବସ୍ଥା
କ୍ରି. ମେଘୁଆ ହେବା

ଡପଲ୍ଲଡପଲ୍ଲ—କ୍ରି. ବିଂ. ଝୁଙ୍କି କରି ଧୀରେ ଧୀରେ ଗୁଲିବା ପ୍ରକ୍ରିୟା

ଡପସୁଦ୍—ବିଂ. ଚେମଣା, ଶୁଖି ଚେମଣା ହେବା ପ୍ରକ୍ରିୟା
କ୍ରି. ଶୁଖି ଚେମଡ଼ିଆ ହେବା

ଡବ୍‌କା—ବି. ପାଣିବୁହା ଢୁଙ୍ଗି, ଡବକା
(ଡଙ୍ଗା ଭଳିଆ ଜିନିଷ ଯେଉଁଥିରେ ପାଣି ଉଠାଇ ଅନ୍ୟ କ୍ଷେତକୁ ପାଣି ବୁହାଇ ଦିଆଯାଏ। କ୍ରି. ଡବକାରେ ପାଣି ବୁହାଇବା

ଡବ୍‌ଡବି—ବିଂ. ଅଜୀର୍ଣ୍ଣ ହେତୁ ପେଟ ଫାମ୍ପିବା ପ୍ରକ୍ରିୟା
କ୍ରି. ପେଟ ଫାମ୍ପିବା

ଡବ୍‌ମେନ୍‌ଡେ—କ୍ରି. ବିଂ. ଫସ୍ ବା ଝଟକରି ପଶିବା

ଡବାଓ—କ୍ରି. ଶରୀର/ବାଡ଼ିର ଶେଷ ମୁଣ୍ଡ ପର୍ଯ୍ୟନ୍ତ ପୁରାଇ ଦେବା
ବୁଡ଼ାଇ ଦେବା

ଡମ୍ବ ଜଅ—ବି. ଝମ୍ବ ଫଳ, ବାତାପି ଫଳ

ଡମ୍ବାଙ୍କ—ବି. ଡମ୍ବ, ଘୁଣ୍ଟିଆ ଖାଲ୍ ବା ଖାତ

ଡମ୍—ବି. ଡମ ଜାତି ବିଶେଷ

ଡମ୍ପୋ—ବି. ଝେଲା ବାନ୍ଧିଥିବା, ଫୁଲିଥିବା, ଫୁଲା, ଗୋଝମା
କ୍ରି. ଫୁଲିବା, ଗୋଝମା ବାନ୍ଧିବା

ଡମ୍ବା ଆହ୍ନାଂ—ବିଂ. ଏକ ପ୍ରକାରର ନାଗ ସାପ

ଡମ୍ବା ଡମ୍ବେ—ବିଂ. ଆବଡା ଖାବଡ଼ା, ଅସମତଳ
କ୍ରି. ଆବଡା ଖାବଡ଼ା ହେବା

ଡମ୍ବେ—କ୍ରି. ଅଙ୍ଗ ପ୍ରତ୍ୟଙ୍ଗରେ ଗଣ୍ଡି (ଫୁଲା) ହେବା, ଗଳଗଣ୍ଡି

ଡମ୍ବ—କ୍ରି. ଗୋଲ ଆକାର କରିବା
ବି. ଗୋଲ କରି ପିଣ୍ଡା ପିଠା

ଡସୁ—ବି. କାଠ ଘୁମର

ଡସୁପଡ଼—ବିଂ. ଜୀର୍ଣ୍ଣଶୀର୍ଣ୍ଣ, ଧଡ଼ିଆ ପତଳା
କ୍ରି. ଧଡ଼ିଆ ପତଳା ହେବା

ଡସୁମା ଡୁସୁମି—କ୍ରି. ବିଂ. ଏଣେ ତେଣେ ଲକ୍ଷ୍ୟହୀନ ଭାବେ ବିଚରଣ, କ୍ରି. ଏଣେ ତେଣେ ବୁଲିବା

ଡସୁଲ୍‌ଓ—କ୍ରି. ଖସିଯିବା, ଖସିବା

ଡସୁଲାଂ—କ୍ରି. ବିଂ. ଖସିଯିବା, ଉ: ଡଲାଂଇ ଦିଏନା—ଖସି ଖସି ଯାଉଅଛି

ଡସୁଲ ଡୁଇଲ—କ୍ରି. ବିଂ. ଖସି ପୁରି ବୁଲିବା ଅବସ୍ଥା

ଡର୍‌ଡସାହା—କ୍ରି. ବିଂ. ସନ୍ଦେହ ସହକାରେ
କ୍ରି. ସନ୍ଦେହ କରିବା

ଡର୍‌ଭସ୍—ବି. ଡରଭସ୍

ଡର୍—କ୍ରି. ଡରିବା

ଡସି - ବି. ଅଣ୍ଟାସୂତା

ଡସିଓ—କ୍ରି. ଡସିଇବା

ଡସିସୁ—କ୍ରି. ଅଣ୍ଟାସୂତା ପିନ୍ଧିବା

ଡସିଡାନଡା—ବି. ଅଣ୍ଟାସୂତା ପିନ୍ଧିବାର ଚିହ୍ନ

ଡସିବାଁହା—ବି. ଏକ ପ୍ରକାର ଜଙ୍ଗଲି ଲାଲ ଫୁଲ
କ୍ରି. ବିଂ. ଅଣ୍ଟାସୂତା ବାନ୍ଧିବାକୁ ଡରିବା ପ୍ରକ୍ରିୟା

ଡଲା—ବି. ଡୋଲା (ଆଖିର ଡୋଲା)

ଡଲ୍—ବି. ଶରକାଠି

ଡଲ୍ ପାରବ୍—ବି. ଦୋଳଯାତ୍ରା (ଦୋଲ ପର୍ବ)

ଡଲଓ—କ୍ରି. ଗୁମା ଦେବା, ଫିମ୍ପିମାରି ସଢ଼ିବା
କ୍ରି. ବିଂ. ପଚନଶୀଳ

ଡଲ୍‌ବଙ୍ଗା—ବି. ଫଗୁଣ ମାସ

ଡାକ୍—ବି. ଧାନ ଫୁଲ ଛାଡ଼ିବା ବେଳେ ବିଲରେ କେନ୍ଦୁ, ଖଲିଆ ଡାଳ ପୋତିବା ପର୍ବର ନାମ

ଡାକ୍—ବି. ଡାକ (ଚିଠି ପତ୍ର)

ଡାକ୍—କ୍ରି. ଆଜ୍ଞା/ଆଦେଶ ଦେବା, ଡାକବା
ଡାକ୍ଅଲା ∽—ବି. ଡାକ ଘର
ଡାକ୍ ପିଅନ୍—ବି. ଡାକ ପିଅନ
ଡାକ୍ରୁ—ବିଂ. ଆଦେଶ, ଡାକରା, ହୁକୁମ୍
ଡାକ୍ ବାଂଙ୍ଗ୍ଲେ—ବି. ଡାକ ବଙ୍ଗଳା
ଡାକ୍ତର—ବି. (ଡାକ୍ତର) ଡାକ୍ତର
ଡାକ୍ମୁହୁର୍—ବି. ଡାକ ମୋହର
ଡାକାଓ—କ୍ରି. ଡକାଇବା
ଡାକାଓ ବଗା—ବି. ଡାଲସି, ଡକା ହୋଇଥିବା ପ୍ରେତାତ୍ମା
ଡାକାତୁ—ବି. ଡାକୁ, ଡକୈତ
ଡାକାଢ—କ୍ରି. ଡକାୟତ କରିବା, ଡକାୟତ କାମ କରିବା
ଡାକୁ—ବି. ଡକାୟତ, କ୍ରି. ଡକାୟତ କରିବା
ଉ: ଉନକୁ ଅଲା ∽କ ଡାକୁକେଦା—ସେମାନଙ୍କ ଘରେ ଡାକୁ ହୋଇଗଲା
ଡାଂ—ବି. ନଗି, ଲଗି
ଡାଙ୍ଗର୍—ବି. ଉଚ୍ଚ ପଡ଼ିଆ
ଡାଙ୍ଗ୍ରା—ବି. ବଳଦ
ଡା.ଙ୍ଗ୍ରି—ବି. ଗାଈ
ଡା.ଙ୍ଗି ଚନ୍ଦନ—ବି. ଡାରୁ ହଳଦୀ (ଔଷଧ ମୂଳ)
ଡାଙ୍ଗ୍ରା ଡାଙ୍ଗିରି ଡା ∽—କ୍ରି. ବିଂ. ପ୍ରବଳ ବର୍ଷା
ଡାଙ୍ଗ୍ରାକ—କ୍ରି. ବିଂ. ଅତିବୃଷ୍ଟି
ଡାଙ୍ଗଲ୍—କ୍ରି. ଗଛ କାଟି ସଫା କରିବା
ଡାଙ୍ଗୁଆ.—ବି. କୁଆଁର, ଅବିବାହିତ
ଡାଙ୍ଗୁଆ ପାନ୍—ବି. ଏକ ପ୍ରକାର ଲତାଗଛ, ଯାହାର ଗଣ୍ଠି କାଟିଲେ ଲାଲ ରଙ୍ଗ ପାଣି ବାହାରେ
ଡା.ଟୁ—ବିଂ. ବଡ଼ ମୁଣ୍ଡିଆ, ମୂର୍ଖ
ଡାଟା—ବି. ଦାନ୍ତ
ଡାଟାମା.ଢ଼ି—ବି. ଦାନ୍ତମାଢ଼ୀ
ଡା.ଡ୍ହଡ୍—ବି. ଦୁଧ ସର, କ୍ରି. ଦୁଧ ସର ବସିବା
ଡା.ଡ୍—ବିଂ: କୂଅ, ଝରଣା ଧାରରେ ଅଗଭୀର କୂଅ
ଡା.ଡୂପ୍—କ୍ରି. ଧକ୍କା ଲାଗିବା, କ୍ରି. ବିଂ. ଧକ୍କା ଲାଗିବା ଶବ୍ଦ (ହେବା)

ଡା.ଡୁ—ବି. କାଠ ଢଆର ବଡ଼ କରତୁଲ୍ (ଯେଉଁଥିରେ ମୁଢ଼ି ଗୁଡ଼ାଳ ଆଉଁଳା ଯାଏ)
ଡା.ଣ୍ଡ କା.—ବି. ଶ୍ରେଷ୍ଠ ମୀନ (ମାଛ)
ଡା.ଣ୍ଡ କା. ସାଲ୍ ହୁକୁ—ବି. ଏକ ପ୍ରକାରର ଧାନ
ଡା.ଣ୍ଡି—ବି. ବେଣ୍ଟ
ଡା.ଣ୍ଡିଲ୍—ବି. ପଥର କାଠି (ଯାହା ଡାଳକୁ ଧରିଥାଏ) ବେଣ୍ଟ, ଡେମ୍ଫ
ଡାଣ୍ଡା—ବି. କମର, ଅଣ୍ଟା
ଡାଣ୍ଡି—ବି. ଦଣ୍ଡା, ବାଡ଼, ଡଗ୍ଲୁ ବେଣ୍ଟ
ଡାଣ୍ଡିଆ ଏନେଲ୍—ବି. ଡାଣ୍ଡିଆ ଖେଲ, ବାଗୁଡ଼ି ଖେଳ
ଡାଣ୍ଡମ୍—ବି. ବେଣ୍ଟ, (କୁରାଢ଼ୀ ଆଦି ଯନ୍ତ୍ରର ଧରିବା କାଠ)
ଜୋରମନା, ଦଣ୍ଡ ଦେବା, କ୍ରି. ଜୋରମନା କରିବା, ଦଣ୍ଡଦେବା
ଡା.ନ୍—ବି. ଡାହାଣୀ
ଡା.ନ୍ଅ ∽—କ୍ରି. ଡାହାଣୀ ହେବା
ଡା.ନ୍ ବିର୍ଦା.—ବି. ଡାହାଣୀ ବିଦ୍ୟା
ଡା.ନ୍ଚେଚ୍—କ୍ରି. ଡାହାଣୀ ଶିଖିବା
ଡା.ନ୍କୁଜିନ୍—ବି. ଡାହାଣୀ, ଭୂତପ୍ରେତ
ଡା.ନଟିଡ୍—ବି. ଖାଡ଼ (ଦୋଲ୍ଲା ଖାଡ଼) ପଥ ଖାଡ଼, ଡେମ୍ଫ
ଡା.ନଡା.କନ୍—ବି. ଡାହାଣୀ, ଡାକଣୀ
ଡାଫନ୍—ବି. ଡାମ୍ପଣ
ଡାବ୍—ବି. ଦାବ, କ୍ରି. ଦାବି କରିବା ବଦନାମ୍ ଲଦିବା
ଡାବ୍ରା—କ୍ରି. ଖାଲରେ ପାଣି ଜମିବା
କ୍ରି. ବିଂ. ଜମା ହୋଇଥିବା (ପାଣି)
ଡା.ବ୍ରା.ଓ୍—କ୍ରି. ପାଣିରେ ବୁଡ଼ାଇ ଆଣିବା, ପାଣିରେ ଧୋଇବା, ଗାଧୋଇ ପଡ଼ିବା
ଡା.ବୁଆ—ବିଂ. (ଦେହ ପତଳା ହୋଇ) କମର ନଇଁ ଯିବା, ନଇଁ ଯିବା ଅବସ୍ଥା
ଉ: ଉନ ହାଲାମ୍ ଏ ଡା.ବୁଆ ଏନା—ସେ ବୁଢ଼ାର ଅଣ୍ଟା ନଇଁ ଯାଇଛି
ଡା.ବୁଂ ଡାବୁଂ—କ୍ରି. ବିଂ. ବାର୍ଦ୍ଧକ୍ୟ ବଶତଃ ଅଣ୍ଟା ବଙ୍କା ହୋଇ ତଳମୁହାଁ ହୋଇ ଚାଲିବା ପ୍ରକ୍ରିୟା, ଧାମସା ବାଜାର ଦୁହୁଲ୍—ଦୁହୁଲ୍ ମାଡ଼ ଶବ୍ଦ

ଡାବୁର୍ ଦା ୦ —ବି. ଗାଧୁଆ ପାଣି

ଡାମ୍‌ବାର୍ ଡାମ୍‌ବସ୍ତ—କ୍ରି. କୁହୁଡ଼ିଆ ବର୍ଷା ହେବା, କୁହାଡ଼ିଆ ବର୍ଷା ହେବା, ଜୋର ବର୍ଷା ହେବା

ଡା.ୟୁବୁଂ—ବି. କୁବୁଜା ହୋଇଥିବା, ମେରୁଦଣ୍ଡ ବଙ୍କା ହୋଇଯିବା ଅବସ୍ଥା

ଡା.ୟୁବୁଂଅ ୦ —କ୍ରି. ମେରୁଦଣ୍ଡ ବଙ୍କା ହେବା, ନଇଁ ପଡ଼ିବା

ଡାୟୁର—ବି. (ଇଂ) ଡାୟୁରୀ

ଡାୟୁଲ୍—କ୍ରି. (ଇଂ) ଫୋନ ନମ୍ବର ମିଳାଇ-ବୁଲାଇବା

ଡା.ୟୁ.ଲୁ—ବିଂ. ଉଚ୍ଚା ଓ ଗଢ଼ାଣିଆ

ଡା.ର୍—ବି. ଡାଳ, ଶାଖା

ଡା.ର୍‌ଖ.ନଡା.ର—ବି. ପ୍ରଶାଖା

ଡା.ର୍‌ଅ ୦ —କ୍ରି. ଡାଳ ହେବା, ଶାଖା ହେବା, ଶାଖା ମେଲିବା

ଡା.ର୍‌ପାଡ୍(ଟ୍)—ବି. ଡାଳପତ୍ର

ଡା.ଲ—ବି. ଗାଈ

ଡାଲ୍—ବି. ଡାଲି, ଗୁଣ୍ଡୁଡ଼ା

ଡା.ଲଚ୍—ବି ବାଉଁଶ କଣି, ଶ୍ରେଷ୍ଠ ଗୁଣ୍ଡୁଡ଼ି

ଡାଲମ୍ ଦାରେ—ବି. ଡାଲମ୍ବ ଗଛ

ଡା.ଲ୍‌ୟା.—ବି. ସଖା, ଜାନ୍, କ୍ରି. ସଖା (ଗୁରୁ, ଓଝା) ପତ୍ରରେ ତେଲ ପକାଇ ଡାହାଣୀ ଧରିବାର ଯେ ସିଦ୍ଧାନ୍ତ ନିଏ ବି. ଏକ ପ୍ରକାର ଫୁଲ, ଡାଲିଆ ଫୁଲ

ଡା.ଲ୍‌ୟା ପା.ନ୍ଦ୍ରୁ—ବି. ଚୌକିଦାରୀ ଶୁଳକ

ଡା.ଲ୍‌ଧାଡ୍‌ସ୍ ୦ —ବି. ଡାହାଣୀ ଖୋଜିବା ମନ୍ତ୍ର କ୍ରି. ଡାହାଣୀ ଖୋଜିବା ମନ୍ତ୍ର ପଢ଼ିବା/ଗାଇବା

ଡାଲ୍‌ଫୂଲ୍—ବି. ମୃତ୍ୟୁର କାରଣ, କ୍ରି. ମୃତ୍ୟୁ କାରଣ ଖୋଜିବା

ଡା.ଓ୍ୱକା., ଡା.ଉକା—ବିଂ. ଲମ୍ବା ଓ ଚଉଡ଼ା, ଉଚ୍ଚା ଓ ଚଉଡ଼ା, ମେଲ୍ ରହିଥିବା, ଚଉଡ଼ା ଶିଙ୍ଗଥିବା (ପଶୁ)

ଡାହା—ବିଂ. ଭୁଚ୍ଛା, ଏକଦମ୍, ସ୍ୱଚ୍ଛସୁର

ଡାହାଓ—କ୍ରି. ଜାଳି ପୋଡ଼ି ଦେବା, ପ୍ରସ୍ତୁର ଓ ପ୍ରଚାର କରିବା

ଡାହାଣି—ବି. ଡାହାଣୀ

ଡାହାର୍—ବି. ପାଦଚଲା,ଶଗଡ଼ ଚଲା ରାସ୍ତା

ଡାହାସ୍‌ଓ—କ୍ରି. ବାଟ କଢ଼ାଇ ନେବା

ଡାହ୍—ବି. ପାଉଁଶ, କ୍ରି. ଜମି ଉପରେ ପଦାର୍ଥ ଜାଳି ପୋଡ଼ି ପାଉଁଶ କରି ଦେବା, ଜାଳି ପୋଡ଼ି ସଫା କରିଦେବା

ଡାହ୍‌ଟାଣ୍ଡି—କ୍ରି. ଜଙ୍ଗଲକୁ ପୋଡ଼ି କରି ସଫା/ପରିଷ୍କାର କରିଦେବା

ଡାହ୍ ଡୁଙ୍ଗରି—କ୍ରି. ସମତଳ ଓ ଅନୁଚ୍ଚ ପାହାଡ଼ ଜଳି ସଫା/ପରିଷ୍କାର ହୋଇଯିବା, ଯାହା ଖାଇବାକୁ ଦିଅ ତାହା ଖାଇଯିବେ ଉ: ଉନ ଲାଲହା ଡାହ୍ ଡୁଙ୍ଗୁରିଏ ଜମ୍‌ଆ—ଯେ ପେଟୁ ଯାହା ଦିଅ ଖାଇ ଯିବ

ଡାହ୍—ବି. ନିଆଁରେ ପୋଡ଼ି ପରିଷ୍କାର ହୋଇଥିବା ଜମି, ପଡ଼ିଆ ଜମି

ଡା.ହୁ(ଜ)—ବିଂ. (ଡହୁ ଫଳ) ଡିମ୍ବିରି ଫଳ ପରି ହୁଏ, ରଙ୍ଗ ଏହାର ହଳଦିଆ, ଏହାକୁ ଖାଆନ୍ତି ଖଟା ମିଠା ଲାଗେ

ଡା.ହୁଡାକାର୍—ବି. ଏକ ପ୍ରକାର ଲତା ଜାତୀୟ ଶାଗ, ଏ ଶାଗ ପତ୍ର ଚଉଡ଼ା ହୁଏ

ଡାକ୍‌ଡାକା—ବିଂ. ଚୌଡ଼ା ଓ ମେଲା, ଗୁରି ପାଖକୁ ବଡ଼ ଆକାରରେ ମେଲ୍ ଥିବା (କନ୍ଦପ)

ଡାକ୍‌ଡଣ୍—କ୍ରି. ଚକଣ୍ଡା ପାଇଁ ଯାଞ୍ଚ୍ କରିବା

ଡାକଡାଡାହା—ବିଂ. ଡାକୁଆ

ଡାକଦାର୍—ବିଂ. ଗଠି ବାଣ୍ଡିବା ବାଲା

ଡାକ୍ ପିୟୁନ୍—ବି. ଡାକ ପିଅନ

ଡାକ୍‌ସ୍‌ଓ୍ୱ—କ୍ରି. ଡକାଇବା

ଡାକ୍‌ସା.ଣ୍ଆ.—ବିଂ. ପ୍ରସିଦ୍ଧ, ଯଶସ୍ୱୀ, ନାମକରା

ଡାକ୍‌ସା.ର—ବିଂ. ବିଖ୍ୟାତ

ଡାକାଡଡୁକୁର୍—କ୍ରି. ବିଂ. ହାଲି ଟୁଲି, ଏକଡ ସେକଡ, ହାଲି ଦୋହଲି

ଡାକାଡା ୦ —ବି. କାଠର ଶ୍ରେଷ୍ଠ ତୁଙ୍ଗି, ଯେଉଁଥିରେ ବଳଦ/ଗୁସୁରିକୁ କୁଣ୍ଡା ପାଣି ଦିଆଯାଏ, କାଠୁଆ

ଡାକାପ ଡୁକୁପ୍—କ୍ରି. ବିଂ. ଉଠାପକା, ଉଠାପଡ଼ା ହେବାର ପ୍ରକ୍ରିୟା, ଉ: ବାସ୍‌କେ ଡାକାପ୍ ଡୁକପ୍‌ଲେ ସେଟେର୍‌ଏନା—ବସ ଗାଡ଼ିରେ ଉଠାପକା/ଉଠପଡା ହୋଇ ପହଞ୍ଚିଲୁ

ଡାକା.ଡ୍ ଡୁଲୁଲ୍—କ୍ରି. ବିଂ. ଛଠାପକା, ଛଠାପଡ଼ା ହେବାର ପ୍ରକ୍ରିୟା

ଡାକେଡାକ୍—କ୍ରି. ବିଂ. ଏକ ଗାଁରୁ ଅନ୍ୟ ଗାଁକୁ କ୍ରମାନ୍ୱୟରେ ଡକରା ପଠାଇବା

ଡାଗ୍ଡାଗ୍—କ୍ରି. ବିଂ. ଚହଲିଆ ଜଲ୍ (ଅଧିକା କମ୍ପାଇବା ଶବ୍ଦ)

ଉ: ଡାଗ୍ଡାଗ୍ ଜଲ୍ଃକାନା—ଅଧିକା ଜଳଅଛି

ଡାଗ୍ଡାଗାଓ୍—କ୍ରି. ଉଜ୍ଜ୍ୱଳିତ କରିବା, ବଢ଼ାଇ ଦେବା

ଉ: ବା.ଡ ମାର୍ଶାଲଟେକେ ଡ.ଗ୍ଡାଗାଓ୍ ଆକାଦ୍ଆ—ବଡ଼ଶି ଆଲୁଅ ଦ୍ୱାର ଅଧିକ ଉଜ୍ଜ୍ୱଳ କରିଛନ୍ତି

ଡାଗ୍ମାଗାଓ୍—କ୍ରି. ବିଂ. ଡଗମଗାଇ, କ୍ରି. ଡଗମଗ ହେବା ଝଲମଲ ଆଲୋକରେ ଝଲସି ଯିବା

ଡାଗାର୍ ଡୁଗୁର୍—ବିଂ. ଶ୍ରେଷ୍ଠ ବଡ଼ ଗୋଡ଼ର ସମାବେଶ (ଗୁଳିବା)

ଉ: ହାଲାମ୍ ଆର ଲେହ୍ରାକ ଡାଗାର୍ ଡୁଗୁର୍ ଚାଲାମ୍ ଡାଲାମ୍ ହେନାଃକାନା—ବୁଢ଼ା ଓ ପିଲାମାନେ ଗୋଡ଼ ସାନ ବଡ କରି ପକାଇ ପକାଇ ଯାଉଛନ୍ତି

ଡାଗର୍—ବି. ବଡ, ଉନ୍ନତ, ନାମକରା ଲୋକ

ଡାଂ—ବି. ନଳି, ନଳବାଡ଼ି

ଡାଂକା—ବିଂ. ଲମ୍ବା, ଉଚା (ବାଉଁଶ ଗଛ)

ଡାଂକାଡାଲାଂ—ବିଂ. ବହୁତ ଲମ୍ବା, କ୍ରି. ବିଂ. ବହୁତ ଲମ୍ବାଇ କାଠ, ବାଉଁଶ ପକାଇ ଥିବା ଅବସ୍ଥା

ଡାଙ୍ଗ୍ରା ଜା.ଲୁମ୍—ବି. ଏକ ପ୍ରକାର କଣ୍ଟା ଗଛ

ଡାଙ୍ଗ୍ରା ସେସ୍ବା—ବି. ଏକ ପ୍ରକାରର ଝୁମ୍ପୁଲି ଗଛ

ଡାଙ୍ଗ୍ରା କାଟା ଆଲାଂ—ବି. ଏକ ପ୍ରକାରର ଶାଗ

ଡାଙ୍ଗ୍ରା ସେସ୍ବା ଏନେଲ୍—ବି. ଏକ ପ୍ରକାରର ପିଲାଖେଳ

ଡାଙ୍ଗ୍ରାଲ୍ ଅଡ୍ଡ—ବି. ଶୁଖିଲା ଜମି, ଉଚା ଜମି

ଡାଙ୍ଗ୍ ଘାଙ୍ଗ୍ରା—ବି. ଲମ୍ବା ବରଗୁଡ଼ି

ଡାଂଠେଲା—କ୍ରି. ଭରସା କରିବା, ଅନ୍ୟ ଉପରକୁ (ଦୋଷ ଲଦିବା, ବୁଦ୍ଧି ଲଦିବା)

ଡାଂଡାଲାଂ—କ୍ରି. ବିଂ. ଅଡ଼କଡ଼ା ହୋଇ ·ପଡ଼ିଥିବା ଲମ୍ବା (ବାଉଁଶ ବା କଳପ)

ଡାନ୍ଡୁନ୍—ବିଂ. ସାନ, ଗ୍ରେଟିଆ ଦଣ୍ଡ, ଜୋରିମାନା
କ୍ରି. ସାନଥିବା, ଗ୍ରେଟିଆ ହେବା, ଦଣ୍ଡ ଦେବା, ଜୋରିମାନା କରିବା, ଠେସଣ ଦେବା

ଡାଟ୍କାପ୍—ବି. ବଡ ମୁଣ୍ଡଥିବା ବାଳ, ମୂର୍ଖ, ମୂଢ଼

ଡାଟ୍କପ୍—କ୍ରି. (ଚିମୁଟା ଭଳି) ଦାନ୍ତରେ କାମୁଡ଼ିବା, ଚିମୁଟାରେ ଧରିବା

ଡାଟ୍ମଟ୍—ବିଂ. ମୋଟାସୋଟା ପୁଢ଼ଲ ଶରୀର ବାଲା, ଦୃଢ଼
କ୍ରି. ମୋଟାସୋଟା ହେବା, ଜୋରରେ ଧରିବା

ଡାଟାଡ.ଟି,—କ୍ରି. ଡାଗିଦା କରିବା, ଶୋଧିବା

ଡାଟାଡୁଟ୍—ବିଂ. ଯୁବା, ବଡ଼ ହୋଇଥିବା, ବଡ଼ ଆକାରର

ଡାଟାମୁଡ୍, ଡାଟା ମୁହୁଡ୍—ବିଂ. ଅଖିଆ, ଖେକଲା

ଉ: ଡାଟାମୁହୁଡ୍ ଏ ହେଲ୍ ଆକାନା—ସେ ଅଖିଆ ଆସିଛି

ଡାଟଅ—ବିଂ. ବଡ଼ ହୋଇଥିବା, ବଢ଼ିଥିବା

ଉ: ହପନ୍ ଡାସ୍କୁକ ଡାଟଏନା—ତାହାର ପୁଅମାନେ ବଡ଼ ହୋଇଛନ୍ତି

ଡାଟ୍ଅ କୁଆଁର୍—ବି. କଙ୍କଡ଼ା

ଡାଟାଁପ୍—କ୍ରି. ଦୁଇ ଫାଙ୍କିଆ ଯନ୍ତ୍ରରେ ଧରିବା, ଦାନ୍ତ ପାଟିରେ କାମୁଡ଼ିବା

ଡାଟମ୍—ବି. କଙ୍କଡ଼ାର ବୁଢ଼ା (ବଡ଼) ଆଙ୍ଗୁଠି
କ୍ରି. କଙ୍କଡ଼ା ବଡ ଆଙ୍ଗୁଠି ଦ୍ୱାରା ଧରିବା ବା କାମୁଡ଼ିବା

ଡାଡହା ଡୁମାର୍—ବିଂ. ଅତ୍ୟଧିକ ଜନସାଧ, ଅଧିକ ଲୋକ ବିଭିନ୍ନ ପ୍ରକାରର ଏକାଠି ହେବା, ଉ: ଡାଡହା ଡୁମାର୍ ହଲକ ଜାଓ୍ରା (ରା) ଆକାନା—ବିଭିନ୍ନ ପ୍ରକାରର ବହୁତ ଲୋକ ଜମା ହୋଇଛନ୍ତି

ଡାଣ୍ଡା—ବି. ହାଣ୍ଡାଲର ଏକ ପ୍ରକାର ବାଡ଼ି ଖେଳ ନାଚ, ବାଡ଼ି, ଲାଠି, ଛଡ଼ି

ଡାଣ୍ଡାଓ୍—କ୍ରି. ଦାଣ୍ଡିବା, ଅନ୍ଧାରରେ ରଖିବା

ଡାଣ୍ଡ—ବି. ଦଣ୍ଡ

ଡାଣ୍ଡମ୍—ବି. ଦେଣ୍ଡ

ଡାଣ୍ଡମ୍—କ୍ରି. ଦଣ୍ଡ ଦେବା, ଜୋରିମାନା ଭରାକ

ଡାଣ୍ଡ ପୁଗ୍ନନ୍—ବି. ଦଣ୍ଡ ପୁରାଣ

ଡାଣ୍ଡା—ବି. କମର କଟି

ଡାଣ୍ଡାଓ୍—କ୍ରି. ଉଷ୍ଟିବା, ସମ୍ଭାଳିବା, ଧାରଣ କରିବା, ପ୍ରମାଣିତ କରାଇବା

ଡାନ୍‌ଡ଼ଲି—ବି. ଅଣ୍ଟା ଡୋର, ଅଣ୍ଟା ସୂତା

ଡାନ୍‌ଠାଡନ୍‌ଂ—ବି. ଗଣ୍ଡିଆ, ଆଦେଢ଼ା ଖାଦେଢ଼ା

ଡାନ୍‌ଟାଓ୍—କ୍ରି. ଅଧିକ ଆଶା କରିବା, ଅଧିକ ଆଗେଇବା

ଡାପ୍‌ଡ଼ୁପ୍—କ୍ରି. ବିଂ. ଧଡ଼ଧାଡ଼ (ଶବ୍ଦ)

ଡାପ୍‌କା.ଡ଼ୁପକା.—ବି. ଝାଡ଼ ଜଙ୍ଗଲ

ଡାପ୍‌କାଓ୍—କ୍ରି. ଢାଙ୍କିବା, ଢାଙ୍କି ପିନ୍ଧାଇବା

ଡାବ୍‌ଡାବାଓ୍—କ୍ରି. ଡୁବାଇବା, ଜଳରେ ପରିପୂର୍ଣ୍ଣ ହେବା

ଡାବ୍‌ଡୁବ୍—କ୍ରି. ଡୁବିବା ଉଠିବା, କ୍ରି. ବିଂ. ପାଣିରେ ବୁଡ଼ିବା ଓ ଉଠିବା ପ୍ରକ୍ରିୟାର ଶବ୍ଦ

ଡାବ୍‌ଗ୍ର—କ୍ରି. ପାଣି ଜମିବା, କ୍ରି. ବିଂ. ପାଣି ଜମିଥିବା (ସ୍ଥାନ)
ଉ: ଅନା ତଡାରେ ଦା~ ଡାବ୍‌ଗ୍ର ଆକାନା—ସେହି ଖାଲରେ ପାଣି ଜମି ରହିଛି

ଡାବଗ୍ର ଡାବ୍‌ଗ୍ର—ବିଂ. ଛୋଟ ବଡ଼ ସ୍ଥାନରେ ପାଣି ଜମିଥିବା ଅବସ୍ଥା, ଉ: ଅନକାଡେ ଆଲ୍ ଆଡାମ୍‌ଆ ଡାବ୍‌ଗ୍ର ଡା.ବ୍‌ଗ୍ର ଦା~ ମେନା~ ଆ—ଦେବୋଟେ ଯାଅ ନାହିଁ ସାନ ବଡ଼ ଖାଲରେ ପାଣି ଜମି ରହିଛି । କ୍ରି. ଡରଡର ହୋଇ ହସିକୁଦ ଯିବା
ଉ: କଲା କୁଲ ଡାବ୍‌ଗ୍ର ଡାବରିକ ଦା.ଲ୍ କେଡ଼୍‌ଆ—ଟୋକା ଟୋକି ଡରଡର ହୋଇ ହସିକୁଦି ଦୌଡ଼ି ପଳାଇଲେ

ଡାବା—ବି. ଡବା,(ଯେଉଁଠାରେ ବହୁ କଦଳୀ, କୋଳ ଏକାଠି ଥା'ନ୍ତି)

ଡାବା—କ୍ରି. ମଞ୍ଜି ତଳି ପକାଇବା

ଡାବା~ଡୁବୁ~, ଡାବେକ୍ ଡୁବୁକ୍—କ୍ରି. ବିଂ. ମୁଣ୍ଡ ଉପର ତଳ ହଲାଇବା ପ୍ରକ୍ରିୟା

ଡାବାଡୁବୁ—କ୍ରି. ଗାଧୋଇବା ବେଳେ ପାଣିରେ ଗୋଡ଼ ହାତ ଛାଟିଆଡ଼ିବା, ବୁଡ଼ିବା ଉଠିବା, ଲଗାତର ନାଗସ୍ତ ବଜାଇବା

ଡାବାଓ୍—କ୍ରି. ସୂର୍ଯ୍ୟ ଲୁଚିଯିବା, ସୂର୍ଯ୍ୟ ଢାଙ୍କି ହୋଇଯିବା, ସୂର୍ଯ୍ୟ ଢାଙ୍କିହେବା, ଉ: ସେରୁମା ଶମିଲ୍‌ତେ ଡାବାଓ୍ ଆକାନା—ଆକାଶ ମେଘରେ ଲୁଚି ହୋଇ ଯାଇଛି

ଡା!ବେ—ବିଂ. ମୁନିଆଁ ଓ ବଙ୍କା (ଲମ୍ବ) ଟେଡ଼ା ଗୋଡ଼ିଆ
ଉ: ଇନି ଡାଙ୍ଗ୍‌ରୁ ଡମ୍ବୁ ଡାବେ ଦେରେଙ୍ଗ୍ ଅନା—ସେହି ବଳଦର ମୁନିଆଁ ଲମ୍ବା ଶିଙ୍ଗ ଅଛି

ଡାବେସ୍କା—ବିଂ. ଫୁଲି ଓ ଓହ୍ଲା
ଉ: ଇନି ହାଲମ୍ ଆ~ ଲ୍ଲକଦ ଡାବେସ୍କା ଆ—ସେ ବୁଢ଼ାର ପେଟଟା ଫୁଲି ଓ ଓହ୍ଲା (ଫୁଲି ପେଟିଆ) ଅଟେ

ଡାବେର୍—ବି. ଜଳପୂର୍ଣ୍ଣ, ଉ: ଉନ୍‌କୁ ଆ~ ଆ.ଢ଼ଡେର ଡାବେର୍ ହାସା ମେନା~ ଆ—ସେମାନଙ୍କର ବହୁତଗୁଡ଼ାଏ ଜଳ ଜମି ଅଛି

ଡାବର୍—କ୍ରି. ପ୍ରତିବନ୍ଧ ରଖିବା, ବାରଣ କରିବା
ବି. ପ୍ରତିବନ୍ଧ, ପ୍ରତିରୋଧ, ବାରଣ

ଡାମଲ୍—କ୍ରି. ଦୋହରା କରିବା, ଦୁଇଥର କରିବା
ବିଂ. ଦୋହରା, ଦୁଇଥର

ଡାମ୍‌କାଡ଼ୁଗ୍ର.—ବି. ଔଷଧି ଜାତୀୟ ଏକ ପ୍ରକାର ଜଙ୍ଗଲି ଗଛ

ଡାମ୍‌କା ଡୁମ୍‌କୁକ୍—ବିଂ. ଗୋଲ ଆକାରର ଛୋଟ ବଡ
କ୍ରି. ବିଂ. ଛୋଟ ବଡ଼ ଗୋଲକାର ହୋଇଥିବା, ଉକରେ ସାନ ଓ ବଡଥିବା ଅବସ୍ଥା
ଉ: ଡାମ୍‌କା ଡୁମ୍‌କୁକ୍ ଜ ମେନା~ ଆ—ଛୋଟ ବଡ ଫଳ ଅଛି

ଡାମ୍‌ଡାହେ—ବି. ପ୍ରଚାରିତ, ପ୍ରସାରିତ, କ୍ରି. ପ୍ରଚାରିତ ହେବା, ସୂଚନା ମେଲିଯିବା, ଉ: କାଥାସେ ଉକୁନା, ଗଟା ଡାମ୍‌ଡାହେ ହୁସ୍ସୁ ଏନା—ବିଷୟଟା କ'ଣ କୁହେ, ତାହା ତ ସବୁଆଡେ ପ୍ରଚାରିତ/ସୂଚିତ ହୋଇ ସାରିଛି

ଡାମ୍‌ବ୍ରାଓ୍—କ୍ରି. ଢୋଲକୁ ଚମଡାରେ ଛାଆଣି କରିବା

ଡାମ୍‌ବାରମ୍—ବି. ଚମଡା ଛାଉଣି

ଡାମକା~ଡମ୍‌କ~—କ୍ରି. ଫେଳା ବାନ୍ଧିବା, ଜମାଟ ହେବା

ଡାମାଡଲ—ବି. ଶଙ୍କଟ, ଗୋଲମାଲ୍, ଗୋଳମାଳ

ଡାମାଡୁଲ୍—କ୍ରି. ଶଙ୍କଟ ପଡ଼ିବା, ଗୋଲମାଲ ହେବା

ଡାମ୍ବୁକା ଦେରେଙ୍ଗ୍—ବିଂ. ଲମ୍ବ ଓ ବଡ ଶିଙ୍ଗ

ଡାମ୍ବୁ ଡାମ୍ବୁ—କ୍ରି. ବିଂ. ଫୁଟିବାର ଆବାଜ୍, କଥାର/ବିଷୟର, ଦୁର୍ନାମର/ସୁନାମର, ପ୍ରଚାରିତ ଲହରର ଧାରା (ପ୍ରଚାରିତ ଓ ପ୍ରସାରିତ ହେବା ପ୍ରକ୍ରିୟା)

ଡାସ୍କ୍‌ବାଁ ∾ — ବିଂ. ଦୁର୍ବଳ, ଶିଥିଳ, କ୍ରି. ଦୁର୍ବଳ ହେବା, ଶିଥିଳ ହେବା

ଡାସ୍କଲ୍ — ବିଂ. ଓସାରିଆ ଓ ଲମ୍ବ

ଡାସ୍କଲ୍ ଅ ∾ — କ୍ରି. ଓସାରିଆ ଓ ଲମ୍ବ ହେବା

ଉଃ ଡାସ୍କଲ୍ ସାକାମ୍ — ଓସାରିଆ ଓ ଲମ୍ବ ପତ୍ର

ଡାସ୍କାତ୍ ଡୁସୁତ୍ — କ୍ରି. ବିଂ. (ପତଳା, ଜଳୀୟ) ହଲଚଲ ହେବା, ଦୋହଲିବା, ଉଃ କଲମ୍ ଅଲମ୍ ଡାସ୍କାତ୍ ଡୁସୁଦ୍ ଆ — କଲମ ହଲହଲ (ହଲଚଲ) କରନାହିଁ । (୨) ସୁତାମ୍ ଡାସ୍କାତ୍ ଡୁସୁତ୍ ଅ ∾ କାନା ସୁଇ ଭୁଗା ∾ ରେ ବାଂ ବଲନ୍‌ଆ — ସୂତା ଦୋହଲୁଛି ଛୁଞ୍ଚି ଗାତରେ ପଶିବ ନାହିଁ

ଡାଗାଜ୍ ଡୁରୁଜ୍ — ବିଂ. ଛୋଟ ବଡ ଆକାରର (ସୁଁ ହାଁ ହେଉଥିବା ପଶୁଦଳ ପାଇଁ ପ୍ରଯୁଜ୍ୟ), ଉଃ ଡାଗାଜ୍ ଡୁରୁଜ୍ ଶୁକୁରିକ ଦାଲ ଆକାଦ୍ ଆ — ସାନ ବଡ ଘୁଷୁରି ସୁଁ ହାଁ ହୋଇ ଦୌଡ଼ିଛନ୍ତି

ଡାଲାଂ ଡୁଲୁଂ — କ୍ରି. ବିଂ. ନସର ଫସର, ଲସର ଫସର, ଛଡା ଛଡା, କ୍ରି. ଲସର ଫସର ହେବା, ଛଡା ଛଡା ଉଠିବା/ହେବା, ଉଃ ଲେଂକୋଟା ଆସୁ ଅ 'ସୁଲୁରେ ଡାଲାଂଡୁଲୁଂ କାନାସୁ — ପିଲାଟା ମା' ପାଖରେ ଲସର ଫସର ହେଉଅଛି

ଡାଲଓ୍ୱ — କ୍ରି. ଢାଳିବା, ପକାଇ ଦେବା

ଡାବାଂ — କ୍ରି. ଝୁଲି ପଡ଼ିବା, ଝୁଙ୍କି ଯିବା

ଡାହ୍‌ଅ — ବି. ଦ୍ୱୈତ, ଶନ୍ତୁଡା ଉତ୍ତାପ ପକ୍ଷ (ଜ୍ୟେଷ୍ଠ ମାସର ଉତ୍ତପ୍ତ ପକ୍ଷ)

ଡାହ ଗାଲିଆ — ବିଂ. ଅକୁଶଳ, ଅପ୍ରବୀଣ

ଡାହଗୁରିଆ — ବିଂ. ପ୍ରଚଣ୍ଡ ହିଂସା ପରାୟଣ (ବ୍ୟାଘ୍ର)

ଡାହଡାହାଓ — କ୍ରି. ଅତିରିକ୍ତ ଗରମ ହେବା, ଉତ୍ତାପ ପ୍ରଖର ହେବା

ଡାହାତ୍ ଡୁହୁତ୍ — କ୍ରି. ଏଡ଼ରେ ଅଧିକ ଉତ୍ତାପ ଦେଇ ବୁଲିବା, 'ଡାପ୍‌ଡୁପ୍' ଶବ୍ଦ

ଡାହାର୍ ଏନେଜ୍ — ବି. ସ୍ୱତ୍ରା ସ୍ୱତ୍ରାରେ ନାଚିବା

ଡାହାଁର୍ ସୁହା — ବିଂ. ସ୍ୱତ୍ରା ନାଚ, ଗୀତର ସ୍ୱର

ଡାହାର୍‌ସୁ — କ୍ରି. ଡାହାର ନାଚ ବାଜା ବଜାଇବା

ଡାହାର୍ ସେରେଞ୍ଜ୍ — ବି. ଡାହାର ନାଚର ଗୀତ

ଡାହାର ହୁତ୍ରୁ — ଏକ ପ୍ରକାର ଧାନର ନାମ

ଡାହାଲିଅ — ବି. ଜଙ୍ଗଲି କୁକୁର, ବଣୁଆ କୁକୁର
ବିଂ ବିଶାଳ, ବଡ ଓ ଲମ୍ବ (ଏ ଶବ୍ଦ କୁକୁର ପାଇଁ ପ୍ରଯୁଜ୍ୟ)

ଡାହ୍ ∾ — କ୍ରି. ଦେଖିବା

ଡାହ୍‌ର୍ ଡାନ୍‌ଡୁନ୍ — କ୍ରି. ବିଂ. ଧଡ୍ ଧଡ୍ ଶବ୍ଦ, ଢଂ ଢାଂ ହେବା ପ୍ରକ୍ରିୟା, ଢଣଢଣ ହେବା

ଡାହାଁନ୍ — କ୍ରି. ଦହନ କ୍ରିୟା କରିବା

ଡାଣ୍ଡାଲାଂ — ବିଂ. ଢିଲଢିଲ (ଗହଣା, ଲୁଗାପିନ୍ଧା)

ଡାହାଁଡେହେଁ — ବି. ମୁହଁର ବ୍ରଣ ବା ଫୋଟକା
କ୍ରି. ଜଟିଳ ହେବା

ଡିକ୍‌ସନାରି — ବି. (ଇଂ) ଇଂରାଜୀ ଶବ୍ଦକୋଷ

ଡିକାସିନ୍ — ବି. (ଇଂ) ବନା ଚନେଦଥିଆ ଗୁହା ପାଣି

ଡିଗ୍‌ଡିଗ୍ — କ୍ରି. ବିଂ. ହୁରୁ ହୁରୁ, ହୁହୁ (ଆଲୋକ, ଅଗ୍ନି ଜଳିବା ପ୍ରକ୍ରିୟା) ଶୀଘ୍ର ଶୀଘ୍ର, ଉଃ ଚୁଲାରେ ଡିଗ୍‌ଡିଗ୍ ସେଙ୍ଗେଲ ଜୁଲୁଂକାନା — ଚୁଲିରେ ହୁହୁ ନିଆଁ ଜଳୁଛି

ଡିଗ୍‌ଡିଗା ଉ — କ୍ରି. ପ୍ରଜ୍ୱଳିତ ହେବା, ଅଧିକ ରଶ୍ମି ନିର୍ଗତ ହେବା, ଶୀଘ୍ର ପଳାୟନ କରିବା

ଡିଗ୍‌ଲି ଡିଗ୍‌ଲି — କ୍ରି. ବିଂ. (ଧୂଳି ଉଡାଇ ଉଡାଇ, ଟୁଙ୍କି ଟୁଙ୍କି ହୋଇ, ଉଃ ଡିଗ୍‌ଲି ଡିଗ୍‌ଲି ଏନେଜ — ଧୂଳି ଉଡାଇ ଉଡାଇ ନାଚିବା, (୨) ଡିଗ୍‌ଲି ଡିଗ୍‌ଲି ଦାଲ୍ — ଧୂଳି ଉଡାଇ ଦୌଡ଼ିବା

ଡିଗଲଓ୍ୱ — କ୍ରି. ଧୂଳି ଉଡ଼ିବା, (ଡିଗ୍‌ଲିଉ — କେବଳ ଧୂଳି ବା ଗୁଣ୍ଡ ଜାତୀୟ ପଦାର୍ଥ ଉଡ଼ିବା କ୍ଷେତ୍ରରେ ବ୍ୟବହାର କରାଯାଏ)

ଡିଗ୍ରି — ବି. ଡିଗ୍ରୀ, ଆଇନର ଆଜ୍ଞା

ଡିଗ୍ରିଜାରି — ବି. କାନୁନ ଆଜ୍ଞା

ଡିଗ୍ରି ପିଟାହୁଦ୍ — କ୍ରି. ଆଜ୍ଞା ଦେବା, ଆଜ୍ଞାଜାରି କରିବା

ଡିଗ୍ରିଧାରି — ବି. ଡିଗ୍ରୀଧାରୀ

ଡିଗ୍‌ଅ ଡଗ୍‌ଅ — ବିଂ. ଦଲଖ ଉଚ୍ଚ, ସିଧା ବଢ଼ିବା ପ୍ରକ୍ରିୟା
ଉଃ ଦାରେ ଡିଗ୍‌ଡଗ୍‌ଅ ହାରା ∾ କାନା — ଗଛ ସଲଖ ଉଚ୍ଚ ହୋଇ ବଢ଼ୁଛି

ଡିରିର୍ ମେନ୍‌ତେ—କ୍ରି. ବିଂ. ଦାଉକର ହଠାତ୍ ଜଳି ଉଠିବା ପ୍ରକ୍ରିୟା

ଡିରିର୍ ଡିରିର୍—କ୍ରି. ବିଂ. ଦାଉ ଦାଉ (ଜଳିବା)

ଉ: ଡିରିର୍ ଡିରିର୍ ସେଙ୍ଗେଲ ଞ୍ଜେଲ୍‌ତେ ଦଆ.ଲିକ ଦା.ଲ କେଦା—ଜନ୍ତୁମାନେ ଦାଉ ଦାଉ ନିଆଁ ଜଳିବା ଦେଖି ପଳାଇଲେ

ଡିଗର୍—ବିଂ. ଜିଦ୍‌ଖୋର, ଜିଗରିଆ

ଡିଟ୍‌ଥମ୍ (ଡାଟମ୍)—ବି. ଡାଟମ ଦେଖ

ଡିବସ୍ଥା—ବି. ଡବର

ଡିଲ୍‌ଡାଲେ—କ୍ରି. ଝୁଲିଝାଲି ଚାଲିବା, ମାତାଲିଆ ଚାଲି ଚାଲିବା
କ୍ରି. ବିଂ. ଅବହେଳା ଭାବେ

ଉ: ଡିଲଡାଲେ ଅଲମ୍ କା.ମିଆ—ଅବହେଳା କରି କାମ କରନାହିଁ

ଡଓ୍ୱାଂ—କ୍ରି. ଡଲହଲ ଚାଲିବା, ଗୋଡ଼ ଠିକ୍ ଭାବରେ ନ ପଡ଼ିବା

ଡଓ୍ୱାଂ ଡଓ୍ୱାଂ—କ୍ରି. ହଲି ହଲି ଯିବା

ଡଓ୍ୱିଞ୍ଜ୍ ଡଓ୍ୱିଞ୍ଜ୍—କ୍ରି. ହଲିବା
କ୍ରି. ବିଂ. ହଲି ଦୋହଲି ଯିବା

ଡ—ବି. ଡହ

ଡଥିଂ—କ୍ରି. ଝୁଲିବା, ଝୁଲାଇବା

ଡଥିଂଡଥିଂ—କ୍ରି. ବିଂ. ଏକଲି ଝୁଲିଝୁଲି, ଜାବୁଡ଼ି ଧରି

ଡକା. ଡାକେ, ଡକ ଡକ—କ୍ରି. ଏକଡ଼ ସେକଡ଼ ଝୁଲିଝାଲି ଯିବା

ଡକାଁକ୍ ଡକାଁକ୍—କ୍ରି. ବିଂ. ଅଟକି ଚାଲି, ଚାଲିବାରେ ଅଣ୍ଟା ଦୋହଲିବା ପ୍ରକ୍ରିୟା

ଡଗାଏନେକ୍—ବି. ଏକ ପ୍ରକାରର ଖେଳ, ଏ ଖେଳରେ ପଇସା କମ୍ପା ଗୋଲର କଣାରେ ପାଣି ପିଆଇବାକୁ ପଡ଼େ

ଡଗା.ଉ—କ୍ରି. ଖେଳରେ ହାରି ମାନିବାକୁ ହୁଏ, ଅସଫଳ ହେବା

ଡଗିଡଗି—କ୍ରି. ବିଂ. ଦପ୍ତି ବନ୍ତ, ବୈଭବ ସମ୍ପର୍ଣ୍ଣ
କ୍ରି. ଢଙ୍ଗ କରିବା, ଠାଣି ପ୍ରକାଶ କରିବା

ଡଙ୍ଗର୍—ବି. କୌତୁକ, ଥଟ୍ଟା, ମଜା, କ୍ରି. କୌତୁକ କରିବା, ଥଟ୍ଟା କରିବା, ମଜା କରିବା

ଡଙ୍ଗ୍‌ଗ୍ରା—ବିଂ. ନିର୍ଧନ, କ୍ରି. ନିର୍ଧନ ହେବା

ଡଂଗ୍‌ଗ୍ରିଆ ~—ବି. ଗରିବାନା, ଗରିବ ପଣିଆ
କ୍ରି. ଗରିବ ହେବା, ନ୍ୟୂନ ହେବା

ଡଂଗାଡାଂଗୁଆ.—ବି. କୁମାରପଣ, ଅବିବାହିତ ପଣିଆ

ଡଞ୍ଜ୍ ଡାବୁର୍—କ୍ରି. ଅଧିକା ପାଣି ଉଚ୍ଛୁଳି ଯିବା
କ୍ରି. ବିଂ. ଉଚ୍ଛୁଳା ପାଣି ବୋହିଯିବା ପ୍ରକ୍ରିୟା

ଡଞ୍ଜ୍ ଡାବା ~—କ୍ରି. ଟୌଳିବା/ଉପର ତଳ ହୋଇ ଝୁଲିବା ପ୍ରକ୍ରିୟା

ଡଟ୍—ବି. ଜିଦ୍

ଡଟ୍‌ଟା.—ବିଂ. ଜିଦ୍‌ଖୋର, ଦୁଷ୍ଟ

ଡଟ୍‌ଟା.ଆ ~—କ୍ରି. ଜିଦ୍ ଧରିବା

ଡଡ—କ୍ରି. ପଶୁ ପକ୍ଷୀ ଗୋଡ଼ରେ ଠିଆ ହେବା, ମନୁଷ୍ୟ ଗୋଡ ଆଙ୍ଗୁଳିରେ ଭରାଦେଇ ଠିଆ ହେବା

ଡଡ—ଦୁଣ୍ଡୁକିବା, ଉ: ମେରମ୍ ଡଡକାତେ ସାକାମ୍ ଏ ଜମ୍ ଏଦା—ଛେଳି ପଛ ଗୋଡରେ (ଦୁଣ୍ଡୁକି) ଭରା ଦେଇ ପତ୍ର ଖାଉଛି

ଡଟା.ଉଲି ଦାରେ, ଡରୁଓ୍ୱାଲି ଦାରେ—ବି. ବରକୋଳି ଗଛ

ଡଡ଼ିବାଡ଼ି—ବି. ଅସମାନ

ଡନ୍‌ଡ଼—ବି. ଭୁଲାର ଭୁଇ

ଡପ୍‌ଡାପ୍—କ୍ରି. ବିଂ. ଗ୍ରେଟିଆ ଜିଙ୍କପ ପକାଇବାର ଶବ୍ଦ

ଡପର୍ ଡପର୍—କ୍ରି. ବିଂ. ଅଟକି ଚାଲିର ଚାଲିବା ପ୍ରକ୍ରିୟା, କମର ହଲି ହଲି ଯିବା

ଡବ୍‌ଡବଆ.ଟେଟେଁ—ବି. ଏକ ଗ୍ରେଟିଆ ଚଢ଼େଇର ନାମ

ଡବା.—ବି. ଡବା

ଡବା ଡାବେ—କ୍ରି. ବିଂ. ଅସାବଧାନ ଭାବେ, ଧୀରେ ଧୀରେ, ବନ୍ଧୁତ କମ୍, ଏକଡ ସେକଡ ହେବାର ପ୍ରକ୍ରିୟା

ଡବରି—ବି. ଡବ, ଡବରି

ଡମ୍—କ୍ରି. କମିଯିବା, (ଇଂ) (deam)

ଡମ୍‌କି—ବି. ବାଉଁଶ ପାଢଆରେ ତିଆରି ବଡ ଟୋକେଇ ଯହିଁରେ ଧାନ ରଖାଯାଏ

ଡମ୍‌ବୁ ଦାରେ—ବି. ଗ୍ରେଟ ଡମିର ଗଛ

ଡମ୍ବୁବାହ୍ରା—ବି. ଏକ ପ୍ରକାର ଫିକା ଫୁଲ ଯାହାର ବାସନା ଭଲ

ଡଲ୍ ଡଲମି—ବି. ବଡ ଆକାରର ଗୋଲ ବାଉଁଶ ପାଛିଆ ଢଆଁର ଡୋଲି, ଯହିଁରେ ଧାନ ରଖାଯାଏ

ଡାଲି—କ୍ରି. ବିଂ. (ଇଂ) ଦୈନିକ (daily)

ଡହ (ଡହ୍ର)—ବି. ଡହ୍ରଭୂମି

ଡହ୍ରଘୁଟ୍ଟୁ—ବି. ଗାଁ ବସାଇବା ଉଚା ଜମି

ଡହ୍ରଦାର୍, ଡହ୍ରଦାର୍—ବି. ଗାଁ ମୁଖିଆ

ଡହ୍ରାଲ୍—ବି. ଗ୍ରାମ, ଗାଁ

ଡହ୍ରକ୍ ଡଙ୍ଗଂ—କ୍ରି. ବିଂ. ଛୋଟ ପିଲାକୁ ଖେଳେଇ, ନଚାଇବା ବେଳେ 'ଡହ୍ରକ୍ ଡଙ୍ଗଂ' ଶବ୍ଦ ଉଚ୍ଚାରଣ କରାଯାଏ (ଧ୍ୱନିକ ଧ୍ୱନା ନାଚରେ ପୁଅ ନାଚ)

ଡୁକ୍ନୁନ୍—ବି. ଏକ ଚମ୍ଚା (ତର୍ଜନୀ ଓ ବୁଢ଼ା ଆଙ୍ଗୁଠି ଟିପରେ ଯେତିକ ଧରେ ସେହି ପରିମାଣର)

ଡୁକୁଳ୍ ଡୁକୁଳ୍—କ୍ରି. ବିଂ. ମୁଣ୍ଡରେ ଜଳପ ରଖି ତାହା ନ ପକାଇବା ପାଇଁ ଯେ ପାଦ ପକାଯାଏ ତାହାକୁ 'ଡୁକୁଳ୍ ଡୁକୁଳ୍' କହନ୍ତି । (ଧୀର ମନ୍ଥର ଚାଲି)

ଡୁକୁଡ୍ ଡୁକୁଡ୍—କ୍ରି. ବିଂ. ଅବିରତ (କାମ କରିବା ପ୍ରକ୍ରିୟା)

ଡୁକୁପ୍ ଡୁକୁପ୍—କ୍ରି. ବିଂ. ଧୀରେ ଧୀରେ ପାଦ ଟିପି ଟିପି ଚାଲିବା ପ୍ରକ୍ରିୟା

ଡୁଗି—ବି. ଗଛ ଲତାର ଅଗ୍ରାଂଶ, କ୍ରି. ଗଛ ବା ଲତାର ଅଗ୍ରାଂଶକୁ ଛିଣ୍ଡାଇ ଦେବା/ଛିଣ୍ଡାଇବା

ଡୁଗୁର୍ ଡୁଗୁର୍—କ୍ରି. ବିଂ. ଶୀଘ୍ର ଶୀଘ୍ର ଚାଲିବା ପ୍ରକ୍ରିୟା

ଉଃ ଲେଟ୍କା ଆଜ୍‌ବାବା ରୁଲୁକ୍ ଡୁଗୁର୍ ଡୁଗୁର୍ ଏ ତାଲାମ୍ ଆକାଦ୍ଆ—ପିଲା ତାହାର ବାପା ସହିତ ଶୀଘ୍ର ଶୀଘ୍ର ଚାଲିଛି

ଡୁଙ୍ଗ୍ରି—ବି. ଅନୁଚ ପାହାଡ଼, ଡୁଙ୍ଗ୍ରୀ

ଡୁଚ୍ ଡୁଚ୍—ବିଂ. ଛୋଟିଆ, ସାନ

ଉଃ ଡୁଚ୍ ସୁକୁରି—ଛୋଟିଆ ଘୁଷୁରି

ଡୁଚ୍/ଡୁଚ୍ କକର୍—ବି. ଛୋଟିଆ କାଦୁଅର ମାଛରଙ୍କା ଚଢ଼େଇ

ଡୁଜ୍/ଡୁଚ୍ ଗିଞ୍ଜ—କ୍ରି. ଦେଇଦେବା, ଫୋପାଡ଼ି ଦେବା, ବନ୍ଦି କରି ଦେବା

ଡୁଜ୍ ଡୁଜ୍—କ୍ରି. ବିଂ. ଅଳ୍ପ ଅଳ୍ପ (ଦେବା)

ଡୁଚ୍. ଡୁଚ୍—କ୍ରି. ଘୁଷୁରିକୁ ଖାଇବାକୁ ଡାକିବା ଶବ୍ଦ

ଡୁଞ୍ଜ୍ ଡୁଞ୍ଜ୍ (ଡଞ୍ଜ୍ ଡଞ୍ଜ୍)—କ୍ରି. ବିଂ. ସିଧା ସଳଖ ମଜବୁତ ହୋଇ ଠିଆ ହୋଇଥିବା (ଲମ୍ବା ବାଉଁଶ, ଲମ୍ବା ଖୁଣ୍ଟ)

ଡୁଞ୍ଜ୍ ଡୁଞ୍ଜ୍ ବାହ୍ରା—ବି. ଏକ ପ୍ରକାରର ଲମ୍ବା ଜାତୀୟ ଫୁଲ

ଡୁଡ଼ାୟ୍—କ୍ରି. ପଶୁର ବୁଟିବା, ଭସ୍କାଇବା

ଡୁଡୁମ୍ ଡୁକାଃ—ବିଂ. ଛୋଟିଆ ଏବଂ ଗୋଲ, ଶୁକୁଟା
କ୍ରି. ଶୁଖି ଚେମ୍ଟା ହେବା

ଡୁଡୁରମୁର୍—କ୍ରି. ଲେଙ୍ଗ୍ କୋଙ୍ଗ୍
କ୍ରି. ବିଂ. ଲେଙ୍ଗ୍ କୋଙ୍ଗ୍ ଅବସ୍ଥାରେ ଥିବା

ଡୁଡୁଡୁଡୁ—କ୍ରି. ବିଂ. ନାଗରା ବାଜିବାର ଶବ୍ଦ

ଡୁଡ଼ି ଘାସ୍—ବି. ଏକ ପ୍ରକାରର ଘାସ

ଡୁଣ୍ଡଗି—ବିଂ. ବେଲର ମୁଣ୍ଡିଆ

ଡୁଣ୍ଡ୍ଗୁଣ୍ଡ—ବିଂ ବେଲ ମୁଣ୍ଡ ସଦୃଶ୍ୟ
କ୍ରି. ଠୁଲା, ମୁଣ୍ଡର ଚୁଲ କାଟି ଦେବା

ଡୁଣ୍ଡ—କ୍ରି. ଦଣ୍ଡ ଦେବା

ଡୁଣ୍ଡୁକ୍—କ୍ରି. ଲୁଚକାଳି ଖେଳରେ ଖୋଜିବା

ଡୁଣ୍ଡ୍କଡ୍—ବି. ଏକ ପ୍ରକାର ଗଛ

ଡୁଣ୍ଡୁ—କ୍ରି. ଜୁଇ (ଚିତା) ଜଳାଇବା ଆଗରୁ ମୁର୍ଦ୍ଦାର ମୁହଁ ପାଖରେ ନିଆଁ ଜଳାଇବା

ଡୁନ୍ଡଗା—ବିଂ. କଟା ବାଲ, କଟା ଡାଳ
କ୍ରି. ବାଳକୁ କାଟି ଲୁଣ୍ଠି କରିବା, ଡାଳକୁ କାଟିବା

ଡୁନ୍ଡା.—କ୍ରି. ବାଳ କାଟି ଛୋଟ କରିବା

ଡୁନ୍ଡାଃ—ବି. ହଳ ବୁଲାଇବା ବେଳେ ଚକଡ଼ା ଢଆଁର କରିବା, ହଳ ବୁଲାଇବା ବେଳେ ଜମିକୁ ଛୋଟ ଛୋଟ ଆକାରରେ ଗାର ଦେଇ ଦେବା

ଡୁନ୍ଡା.—କ୍ରି. ବିଂ. ପରୁଆନା ପାଇ ଖୋଜିବା

ଡୁନ୍ଡାଡୁନ୍ଡ—କ୍ରି. ଖୋଜା ଖୋଜି କରିବା
କ୍ରି. ବିଂ. ଆବେଗ ହୋଇ ଖୋଜିବା

ଡୁନ୍ଡାଉ—କ୍ରି. ଖୋଜିବା, ପରଖିବା

ଡୁପ୍କା—ବି. ସଂରକ୍ଷିତ ଜଙ୍ଗଲ

ଡୁବ୍ ଡୁବ୍—କ୍ରି. ବିଂ. ଡୁବାଇବା ପ୍ରକ୍ରିୟା

ଡୁବ୍‌ଡୁବା.ଉ—କ୍ରି. ଡୁବିବା, ଡୁବାଇବା

ଡୁବା.ଉ—କ୍ରି. ପୁରା ଡୁବାଇ ରଖିବା, ପୁରା ପୁରାଇ ଦେବା, ନଷ୍ଟ କରିବା

ଡୁଁବ୍‌ଡୁବ୍‌ୟା—କ୍ରି. ଫୁଲିଥିବା ପେଟ, ପେଟ ଫୁଲିବା, ପେଟ ଫୁଲାଇବା

ଡୁବାଂଡୁବାଂ, ଡୁବୁଂଡୁବୁଂ—କ୍ରି. ବିଂ. ମାଦଳ ବଜାଇବା ଶବ୍ଦ/ବଜାଇବା ପ୍ରକ୍ରିୟା, ସ୍ନେହରେ ପିଲାକୁ ଧରି ନଚାଇବା ବେଳେ 'ଡୁବାଂ ଡୁବାଂ' ଶବ୍ଦ ଉଚ୍ଚାରଣ କରିବା ପ୍ରକ୍ରିୟା

ଡୁବା ଚେଟେଣେ—ବି. ପିଙ୍ଗୁଳି ଚଢ଼େଇ

ଡୁବୁକ୍—କ୍ରି. ମୁଣ୍ଡ ହଲାଇବା, ସମ୍ମତି ସୂଚକ ମୁଣ୍ଡ ହଲାଇବା

ଡୁବୁକ୍ ଡୁବୁକ୍—କ୍ରି. ବିଂ. ମୁଣ୍ଡ ତଳ ଉପର କରି ହଲାଇବା ପ୍ରକ୍ରିୟା

ଡୁବୁଂ ଡୁବୁଂ—କ୍ରି. ବିଂ. ମୁଣ୍ଡ ଆପଣେ ହଲିବା ପ୍ରକ୍ରିୟା

ଡୁବୁନ୍(ର୍)—କ୍ରି. ଡୁବିବା

ଡୁବୁକ୍ ଡୁବୁକ୍—କ୍ରି. ବିଂ. ଡୁବିବା ଉଠିବା ପୁଣି ବୁଡ଼ିବା, ବୁଡ଼ାବୁଡ଼ି କରିବା

ଡୁବୁଂ ଡୁବୁଂବୁଦ୍—କ୍ରି. ଡେଙ୍ଗୁରା ପିଟି କାହାରିକୁ ଜାତିରୁ ଅନ୍ତର କରିଦେବା, ଜାତିରୁ ବହିଷ୍କୃତ କରିବା

ଡୁବୁଂଡୁବୁଂ (ଲୁ)—କ୍ରି. ଲଗାତର ନାଗରା ବଜାଇବା

ଉ: ମିଁ.ଦ୍ରୁଣ୍ଡିନା. ଟାମାକ୍ ଡୁବୁଂଡୁବୁଂ ଅକାଳ ତାହ୍ନେଁଏନା— ଗାଉଁସାରା ନାଗରା ବଜାଇ ରଖିଲେ

ଡୁଷ୍ମା.—ବି. ପିତଳର ଏକ ଛୋଟ ପାତ୍ର (ଏଥିରେ ତେଲ ରଖାଯାଏ) ବା ପଥରର ପାତ୍ର

ଡୁଭି—ବି. ପିତଳ ତିଆରି ଚୁଙ୍ଗି

ଡୁମ୍ମୁଅ—କ୍ରି. ଗର୍ଭଧାରଣ କରିବା

ଡୁମ୍ଇଲ୍—ବି. ପକ୍ଷୀର ପର

ଡୁମ୍କା ०० —କ୍ରି. ଗୋଟମା ଧରିବା

ଡୁମ୍କା—ବି. ଡୁମ୍କା ସହର

ଡୁମ୍‌କୁର୍—କ୍ରି. ଛୋଟିଆ ଗୋଲାକାର ହେବା

ବିଂ. ଛୋଟିଆ ଗୋଲାକାର ବା ଅଣ୍ଡାକାର

ଡୁମ୍ ଡୁମ୍—କ୍ରି. ଫୁଲି ରହିବା, କ୍ରି. ବିଂ. ଫୁଲା

ଡୁମ୍ରା.—ବି. ଡେଉଁରିଆ

ଡୁସୁଂ—କ୍ରି. ନେଇଯିବା, ନେଇ ପଳାଇବା

ଡୁସୁଂ ଠୁସୁଂ—କ୍ରି. ବିଂ. ଏକୁଟିଆ ଚୁପ ଚାପ୍ ଝୁଂ ଝୁଂ ଚାଲିଯିବା ପ୍ରକ୍ରିୟା

ଡୁରସ୍ସାଓ୍ୱ—କ୍ରି. ଅନେକଙ୍କୁ ନେଇଯିବା, ଅନେକଙ୍କୁ ବାନ୍ଧିନେଇ ଯିବା

ଡୁରସ୍ସା.—ବି. ଡୁରସ୍ସା, ବହଳ ସୂତା ଯାହାର ଅଗରେ ସୂତାର ଫେଣ୍ଟା ଥାଏ

ଡୁରସ୍ସା. ଆଲା ०० —ବି. ଏକ ପ୍ରକାରର ଶାଗ

ଡୁରସ୍ସା ଡୁରସ୍ସି—ବିଂ. ସାନ ବଡ଼ ସଭିଏଁ, ବାଦ୍ ବଛର ନ ଥାଇ ସମସ୍ତେ (ଦେଖିବାକୁ ନାଚିବାକୁ ଏକାଠି ହେବାକୁ ଯିବା)

ଡୁରସ୍ସା ହା.ଉକାନ୍—ବି. ଏକ ପ୍ରକାର ଜଙ୍ଗଲି ଲତା ଗଛ ଯାହା ଔଷଧରେ ଲଗାଯାଏ

ଡୁରସ୍ସା ହୁଜୁ—ବି. ଏକ ପ୍ରକାରର ଧାନର ନାମ

ଡୁରଆବାଦ୍—କ୍ରି. ଆବାଦ ଯୋଗ୍ୟ ଜମି ଦଖଲ କରିବା

ବିଂ. ଆବାଦ ଯୋଗ୍ୟ ଜମି ତିଆରି କରିବା ପାଇଁ ଜଙ୍ଗଲ ସଫା କରିବା ପ୍ରକ୍ରିୟା

ଡୁର୍—କ୍ରି. ନାଗ ସାପର ରଡ଼ି, ଆନନ୍ଦରେ ଉତ୍ସାହିତ ପାଇଁ 'ଡୁର୍‌ଡୁର୍-ର୍' ଚିତ୍କାର କରିବା

ଡୁରୁଜ୍—ବି. ଡର, କ୍ରି. ଡରିବା, ଡରିଯିବା

ଡରୁକସ୍ସା—ବିଂ. ଡରୁଆ, କାପୁରୁଷ, ଡରପୋକ

ଡୁଲ୍—ବି. ଗୋଲ, ବିଂ. ଗୋଲାକାର

ଡୁଲ୍‌ଡୁଲ୍—ବି. ଗୋଲ ଏବଂ ଫମ୍ପା, ମାଛ ପେଟ ଭିତରେ ଥିବା ପବନ ଭରିକା ଫମ୍ପା ଅଂଶ ଯାହା ଫୁଲାଇଲେ ମାଛ ଉପରକୁ ଉଠେ, ଫୁଲାଇବା ଯନ୍ତ୍ର

ଡୁଲ୍.ଉ—କ୍ରି. ଗୋଲକରି କାଟିବା

ଡୁଲ୍.ଡୁଲ୍—କ୍ରି. କଟା କଟି କରିବା, କାଟି ଛୋଟ କରିବା

ଡୂଲ୍—ବି. ଡୋଲି

ଡୁଲ୍ଲୁ ~ ଡୁଲ୍ଲୁର୍—ବିଂ. ଅଳ୍ପ ଉଚା, ଛୋଟ ଛୋଟ, ସାନ ସାନ

ଉ: ଡୁଲ୍ଲୁ ~ ଡୁଲ୍ଲୁର ହୁଡୁଇର୍ ଆସୁସ୍ (ଇ) ପେ—ଅଳ୍ପ ଉଚ ଛୋଟ ଛୋଟ (ଗଛ ହୋଇଥିବା) ଧାନ କାଟି ଆଣ

(୨) ଡୁଲ୍ଲୁ ~ ଡୁଲ୍ଲୁର୍ ଲେଇକା ଏନେଜ୍ ଜଂକାନାଜ—ସାନ ସାନ ପିଲାମାନେ ଖେଳୁଛନ୍ତି

ଡୁଲୁଂ—କ୍ରି. ବିଂ. ଗଡ଼ି ଗଡ଼ି ଯିବା ପ୍ରକ୍ରିୟା

ଡୁଲୁଂ ଡୁଲୁଂ—କ୍ରି. ବିଂ. ପଛେ ପଛେ ଯିବା ପ୍ରକ୍ରିୟା, ଟୁଂ ଟୁଂ, ଉ: ଲେଇକା ଭାସୁ ଡୁଲୁଂ ଡୁଂଲୁଂ ଏ ପଞ୍ଜା ଆକାଡେସ୍ୟା—ତାର ପିଲାଟି ତାର ପଛେ ପଛେ ଟୁଂ ଟୁଂ ଗୁଲୁଛି

ଡୁଲୁଡୁଂବଙ୍ଗ—ବି. ମାଟି ବଗ୍ରାଡ଼ି ସାପ

ଡୁହୁ—ବି. ଆଳୁ

ଡୁହୁଦାରେ—ବି. ଏକ ପ୍ରକାର ଗଛ ଯାହାର ଫଳକୁ ଲୋକେ ଖାଆନ୍ତି

ଡୁମ୍ବା ଡୁମ୍ବି—କ୍ରି. ଫିଙ୍ଗିଦେବା, ବହିଷ୍କ କରିଦେବା

ଡୁବ୍‌ମେନ୍‌ଡେ—କ୍ରି. ବିଂ. ଡୁବ୍ କରି ଡୁବିବା ପ୍ରକ୍ରିୟା

ଡୁରୁ—କ୍ରି. ନାଗରା ବାଜିବାର ଶବ୍ଦ

ଡେକ୍—ବି. ପାହୁଣ୍ଡ, ଦୁଡ଼, ଜାହାଜ ଉପର ଚଟାଣ

ଡେକ୍‌ଲେକା—କ୍ରି. ବିଂ. ଦୃଢ଼ତାପୂର୍ବକ

ଡେକେ—ବି. ପିଠି

ଡେକଚ—ବି. ଡେକ୍‌ଚ

ଡେକେତ୍—କ୍ରି. ହଲିବା, (ପୋତା ହୋଇଥିବା ଜିନିଷ ହଲିବା) ହଲାଇବା

ଡେକେତ୍‌ଅ ~ —କ୍ରି. ବିଂ: ହଲିବା ପ୍ରକ୍ରିୟା

ଡେକେଡ୍ ଡେକେଡ୍—ବିଂ. (ଖୁଣ୍ଟ) ଢିଲା ହେବା
କ୍ରି. ହଲହଲ ହେବା, ଢିଲା ହେବା

ଡେଗ୍—ବି. ପାହୁଣ୍ଡ

ଡେଗ୍ରା—ବିଂ. ଛୋଟ ଓ ବାଙ୍ଗର (ମନୁଷ୍ୟ ବା ପଶୁ)

ଡେଙ୍ଗା—ବି. ପିନ୍ଧାଣ, ପିନ୍ଧା

ଡେଙ୍ଗା ~ —କ୍ରି. ପିନ୍ଧିବା

ଡେଙ୍ଗାନ୍—ବିଂ. ପିନ୍ଧିବା ଯୋଗ୍ୟ ଲୁଗା, କ୍ରି. ଲୁଗା ପିନ୍ଧିବା

ଡେଙ୍ଗାନ୍‌ଆ ~ —ବି. ପିନ୍ଧିବା ଲୁଗା (ପାଇଜାମା, ଧୋତି ଆଦି)

ଡେଙ୍ଗା ବାଦେ—ବିଂ. ସ୍ତ୍ରୀ ଓ ପୁରୁଷଙ୍କ ପିନ୍ଧିବା ଲୁଗାପଟା

ଡେଙ୍ଗାଲ୍‌ବ୍‌ଲେ—ବି. ନାମକୁ ପିନ୍ଧିବା, କାମଚଳା ଲୁଗା ଆଦି ପିନ୍ଧିବା

ଡେଙ୍ଗାଓ୍ୱ—କ୍ରି. ଅବହେଳା କରିବା, ନଜର ନ ଦେବା, ବିଳମ୍ବିତ କରିବା

ଡେଜ୍ ଡେଜ୍—କ୍ରି. ଉଗ୍ରଭଗ ଦେଖ, ଆଲୋକିତ କରିବା

ଡେଙ୍ଗ୍ ଡେଙ୍ଗ୍—ବିଂ. ଲମ୍ବା ବା ଉଚା ହୋଇଥିବା (ଖୁଣ୍ଟ, ବାଉଁଶ ଘର)

ଡେକେତ୍—ବିଂ: ଲଙ୍ଗଳା, ବସ୍ତ୍ରହୀନ, ଅଳ୍ପ ପରିଥିବା

ଡେଂଗେର୍—ବି. ଡେକ୍‌ଚ ଭଳି ଛୋଟିଆ ଡୋଲ୍

ଡେଟ୍—ବି. (ଇଂ) (date) ତାରିଖ

ଡେଡେର୍‌ଗେଲ୍—କ୍ରି. ବିଂ. ରୌଦ୍ର ତାପରେ
କ୍ରି. ରୌଦ୍ର ତାପରେ ରହିବା, ରୌଦ୍ର ତାପରେ ରଖିବା

ଡେଡେରେଦ୍—ବିଂ. ଛୋଟିଆ, ଖୁଲୁଟା ଓ ଦୁର୍ବଳିଆ (ପକ୍ଷୀ, ଜନ୍ତୁ ବିଶେଷ)

ଡେ-ଡର୍—କ୍ରି. କଷ୍ଟ ପୀଡ଼ା ହେତୁ ଆଗ୍ରହ ସହକାରେ ପ୍ରାର୍ଥନା କରିବା

ଡେ-ଡେର୍—କ୍ରି. ଅଳସୁଆ ହେବା, ଅଳସେଇବା, ବେକାର ବସି ରହିବା

ଡେଣ୍ଡେ—ବିଂ. ପର ବିହୀନ (ପକ୍ଷୀ), ଅଧାପିନ୍ଧା (ଲୋକ) ଅଧା ଲଙ୍ଗଳା (ଲୋକ), କ୍ରି. ପର ବିହୀନ ହେବା, ଫଟା ଦଦରା ପିନ୍ଧିବା

ଡେବ୍ ଡେବ୍—ବିଂ. ପେଟ ଫୁଲି ଫୁଲି ଅନୁଭବ (ବଦ ହଜମର ପୂର୍ବାଭାଷ)

ଡେବ୍‌ଡେବେ—ବି. ପେଟ ଫମ୍ପା

ଡେବ୍ ଡେବେ—କ୍ରି. ପେଟ ଫାମ୍ପିବା, ପେଟେ ଖାଇ ପେଟ ଫୁଲାଇବା

ଡେବ୍ ଡେବ୍ୟା—ବିଂ. ଅସମର୍ଥ, ଅସ୍ୱାଦ

ଡେମ୍—ବି. (ଇଂ) ଡ୍ୟାମ୍, ବନ୍ଧ

ଡେମ୍‌ଗ୍ର—ବିଂ. ପେଟ ଫମ୍ପା, ଅଜୀର୍ଣ୍ଣ
କ୍ରି. ପେଟ ଫାମ୍ପିବା, ଅଜୀର୍ଣ୍ଣ ହେବା

ଡେମ୍‌ବ୍ରା—ବିଂ. ବସାଇଥିବା ପାଣର ଜଳଣ ଫାଳେ ସିଝିବା ଓ ଫାଳେ ନ ସିଝିବା, ଦରସିଝା

ଡେମ୍‌ବା—ବିଂ. ଦରଶୁଖା, ଦର ପାଚିଲା

ଡେମ୍‌ବେ—ବିଂ. ଅଧା ପାଚିଲା ଅଧା କଞ୍ଚା

ଡେମ୍‌ବେ ଡୁଲୁଜ୍—ବିଂ. ଗ୍ରେଟ ବଡ଼ ବଡ଼ିନ୍ଧ ପ୍ରକାର ଓ ଆକାରର

ଡେରା—ବି. ଡେରା, ତମ୍ବୁ, ଅସ୍ଥାୟୀ ଭାବେ ରହିବା ସ୍ଥାନ
କ୍ରି. ଡେରା ପକାଇବା

ଡେଲେ—ବିଂ. ବାଙ୍ଗରା, ଉ: (୧) ଡେଲେ କୁଲି—ବାଙ୍ଗରା ସ୍ତ୍ରୀ
(୨) ଡେଲେ ସିମ୍—ବାଙ୍ଗର କୁକୁଡ଼ା

ଡେଲେମ୍—ବିଂ. ଲଳିତ୍ୟ ପଦସ୍ଫୁରଣ

ଡେଲେମ୍ ଡେଲେମ୍—କ୍ରି. ବିଂ. ସତର୍କତା ସହ ଚାଲିବା ପ୍ରକ୍ରିୟା
ଉ: ହାଟ୍ କୁଲକଆ ∞ ଡେଲେମ୍ ଡେଲେମ୍ ଡାଲାମ୍ ସ୍ତ୍ରୀଲୋକଂ ଚେ ଦାନାମ୍‌ଆ—ହାଟକୁ ଯାଉଥିବା ଝିଅଙ୍କ ସତର୍କ ବା ଲଳିତ୍ୟ ଛନ୍ଦରେ ଚାଲିବାଟା ଦେଖିବାକୁ ମନ ହେଉଥିବ

ଡେହେଁ—ବିଂ. ଅଙ୍ଗର ଆବୁ, କ୍ରି. ଆବୁ ହେବା

## ଢ

ଢକ୍‌ଢକ୍—ବି. ଲାଳାୟିତ, କ୍ରି. ଲାଳାୟିତ ହେବା
କ୍ରି. ବିଂ. ଢକ ଢକ ପିଇବା ପ୍ରକ୍ରିୟା

ଢକର୍—ବି. ଘୁଣ୍ଟିବା / ଗିଳିବା ପ୍ରକ୍ରିୟା

ଢକର୍ ଢକର୍—କ୍ରି. ବିଂ. ଢକ ଢକ କର (ପାଣି ଗିଳିବା)

ଢଗଅ—ବି. ପ୍ରବଚନ କଥା, ଢଗ

ଢଙ୍ଗ—ବି. ଆଚରଣ, ବ୍ୟବହାର, ଢଙ୍ଗ

ଢଙ୍ଗା—ଡଙ୍ଗୀ, ଗ୍ରେଟ ହୁଲଡଙ୍ଗା

ଢଙ୍ଗାଢକୁ—ବି. ଲମ୍ବାକାର ଫସଲ ନଷ୍ଟକାରୀ କୀଟ

ଢଡରଅ—ବି. କୋରଡ଼, ଅନ୍ତସାର ଶୂନ୍ୟ

ଢଡ଼ରା—ବିଂ. ଫମ୍ପା, ପୋଲା

ଢଡେସ୍ରା—ବିଂ. ଗଛ ଭିତରର ପୋଲା, ଫମ୍ପା (ଗଛ) ଅନ୍ତସାର ଶୂନ୍ୟ, ବି. ଦୁର୍ବଳ, ରୋଗଣା

ଢଡେସ୍ରା ରୁଲ—ବିଂ. କାଠଖିଆ ପୋରସ

ଢଣ୍ଡ୍‌ରଅ—ବି. ବିଲ, ଗାଡ, ନାଲ ପରି ଫମ୍ପା

ଢଣ୍ଡ୍‌ବଙ୍କ—ବି. ଧଣ୍ଡ ସାପ

ଢଣ୍ଡରା—କ୍ରି. ଧେଣ୍ଡୁରା ଦେବା

ଢପ୍‌ଥଅ—ବିଂ. ମିଠା ମଦ, ନରମା ସ୍ୱାଦ, ନରମା (ବ୍ଲକ, କାଠ ଆଦି), କ୍ରି. ବିଂ. ଭଲ ଭାବରେ ପୋଡ଼ି ନ ଥିବା ମାଟି ପାତ୍ର

ଢପେସ୍ରା—ବିଂ. କମଜୋରିଆ, ଦୁର୍ବଳିଆ
କ୍ରି. ଦୁର୍ବଳିଆ ହେବା.

ଢପ୍—ବି. କେନାଲ ଡ୍ରପ, (ଯେଉଁଠାରେ ପାଣି ତଳକୁ ଖସାଇ ଦିଆଯାଇଥାଏ)

ଢମ୍ପା ∞—ବି. ଢୋଲ

ଢମ୍‌ବ ∞ ଢମ୍‌ବ ∞—କ୍ରି. ବିଂ. ଗୁଟୁଲା, ଗୋଟା ଗୋଟା ଜିନିଷ ଖସୁଥିବା ପ୍ରକ୍ରିୟା

ଢାକ୍—ବି. ସାନ୍ତାଳଙ୍କ ଏକ ପ୍ରକାର ଲମ୍ବାଳିଆ ଢୋଲ

ଢାକ୍ନି—ବି. ଢାକୁଣୀ, କ୍ରି. ଢାକୁଣୀ ଦେବା

ଢାକ୍ନି ଆଲା ∞—ବି. ଢ଼କଣୀ ଶାଗ (ଏ ଶାଗର ପତ୍ର ବଡ଼ ବଡ଼ ହୋଇଥାଏ)

ଢାକନର୍—ବି. ଢାକୁଣୀ

ଢ଼ାକା—ଠେଲିବା, ପେଲିବା, ଧକ୍କା ଦେବା

ଢାକାର୍ ଢ଼କର୍—କ୍ରି. ବିଂ. ଠେଲାପେଲା

ଢ଼ାକାଲ୍ ଢାକୁଲ୍—କ୍ରି. ବିଂ. ଉଠିବା ପଡ଼ିବା, ଅସମତଳ ରାସ୍ତାରେ ଗାଡ଼ିର ଉଠିବା ପଡ଼ିବା ପ୍ରକ୍ରିୟା, ଧଡ଼ଧାଡ଼ ହେବା ପ୍ରକ୍ରିୟା

ଢ଼ାକୁଲ୍—କ୍ରି. ଢିଙ୍କି ଲଞ୍ଜକୁ ମାଡ଼ିବା ବେଳେ ଯେଉଁ ମାଡ଼ ଶବ୍ଦ ହୁଏ ତାହା 'ଢାକୁଲ' କହନ୍ତି

ଢାକୁଲ୍ ଢାକୁଲ୍—କ୍ରି. ବିଂ. ଢିଙ୍କି କୁଟିବାର ଶବ୍ଦ ପ୍ରକ୍ରିୟା

ଢାକୁଲ୍ ମେନ୍‌ତେ—କ୍ରି. ବିଂ. ହଠାତ୍ ଥରକିଆ 'ଢ଼ାକୁଲ୍' ଶବ୍ଦ

ଢାଂକୁଲ୍(ଡ଼୍) କୁଲ—ବିଂ. ଲମ୍ବା ସୁନ୍ଦରୀ ସ୍ତ୍ରୀ, ବାଳିକା

ଢ଼ାଂକୁଲ(ଡ଼୍) କଲା—ବିଂ. ଲମ୍ବା ସୁନ୍ଦର ପୁରୁଷ, ଯୁବକ

ଢ଼ାଙ୍ଗା—ବି. ଢେଙ୍ଗା

ଢା.ଙ୍ଗି—ବି. ଢେଙ୍ଗୀ

ଢାଗ୍—ବି. ଧରଣ, ପ୍ରକୃତି

ଢାଞ୍ଚା—ବି. ଆକାର, ପ୍ରକାର

ଢାଠି—ବିଂ. ଜିଦ୍‌ଆ, ଜିଦ୍‌ଖୋର

ଢ଼ାଡ—ବି. ଘାନ୍ତାଲର ଏକ ମଣ୍ଡ ଗୁରୁ, (ଏକର ଗୁରୁଠାରୁ) ଆଗୁଆ

ଢାଢ଼ି—ବି. ବଳଦ ଗାଡ଼ିର ଉପରେ ଲଗା ଯାଇଥିବା ଧଡ଼ା (ଜିନିଷ ନ ଖସିବା ପାଇଁ ଦିଆଯାଇଥିବା କାଠ ଆଡ଼ୁଲି ସମୂହ)

ଢାଡେସ୍ଥା—ବି. ଛିଦ୍ରଯୁକ୍ତ ପଟା

ଢ଼ାଣ୍ଡ୍‌କା ~ —ବି. ପଥର ଢେଡ଼ା, ନଡ଼ା, ଢ଼ଣ୍ଡା

ଢ଼ାନ୍—ବିଂ. ଦୁର୍ଗନ୍ଧ, କ୍ରି. ଦୁର୍ଗନ୍ଧ ବାହାନା ହେବା

ଢ଼ାନ୍‌ଢାନ୍—କ୍ରି. ବିଂ. ଦୁର୍ଗନ୍ଧର ପ୍ରକ୍ରିୟା, ଉତ୍କଟ ଦୁର୍ଗନ୍ଧ
କ୍ରି. ସଢ଼ିଥିବା ଗନ୍ଧ

ଢାବ୍ ଢ଼ାପ୍—ବିଂ. କୁଲ୍‌କୁ ପିଟିବା ଶବ୍ଦ

ଢାବ୍‌ଢ଼ାବ୍—କ୍ରି. ବିଂ. ଢାଉଁ ଢାଉଁ (ଶବ୍ଦ) ଧଡ଼ ଧଡ଼ ଶବ୍ଦ

(ଢାପ୍ ଢାପ୍) ଢାପ୍‌ଢାପା—କ୍ରି. ବିଂ. ବଡ଼ ଆକାରରେ ଢଳେଇ ବା ଲୁଗାର ଆବରଣ ବେଢ଼ା

ଢାପ୍‌ନ—ବି. ଢାକୁଣୀ

ଢାପାଲ୍ ଢାପାଲ୍—କ୍ରି. ବିଂ. ଢାଉଁ ଢାଉଁ କରିବା ପ୍ରକ୍ରିୟା ଅଦକଡ଼ା ଲୁଗାପଟା ଧାରଣ କରିବା (ଯିବା ଆସିବା କରିବା ପ୍ରକ୍ରିୟା)

ଢାବୁଂ—ବିଂ. ନାଗରାର ପିଟା ଶବ୍ଦ

ଢାବୁଂ ଢାବୁଂ—କ୍ରି. ବିଂ. ନାଗରାର ବାରମ୍ବାର ପିଟିବା ବା ବଜାଇବା ଶବ୍ଦ

ଢାବୁସ୍‌କାଃ—ବିଂ. ଫୁଲା ପେଟିଆ, ଲମ୍ବୋଦର

ଢା.ଭୁଆ.—ବି. ଆଣ୍ଠୁ, ଢାଭୁଆ

ଢାଭୁଆ.ସ୍—କ୍ରି. ଆଣ୍ଠୁ କରିବା

ଢାମ୍—ବି. ଥଟ୍ଟା, ମିଛ ସତ (କହିବା)

ଢାମ୍—କ୍ରି. ଥଟ୍ଟା କରିବା, ବଢ଼େଇ କହିବା

ଢାମୁଁଆ.—ବିଂ. ଥଟ୍ଟା କରିବା ବାଲା

ଢାମ୍‌ସୁ—ବି. (ଆଘାତ ପାଇ) ଅଙ୍ଗ ଫୁଲିବା, ଆବୁ
କ୍ରି. ଫୁଲିବା, ଆବୁ ହେବା

ଢାମ୍‌ସା ଢାମ୍‌ସୁ, ଢାମ୍‌ସା ଢୁମ୍‌ସୁ—କ୍ରି. ବିଂ. ଫୁଲି ଫୁଲି ଥିବା ଅବସ୍ଥା

ଢା.ରୁଓ୍ବା ~—ବି. ଡାଳ ପତ୍ର, ପତ୍ର ସହ ଡାଳ

ଢା.ରୁଓ୍ବା ~ ଢା.ରୁଓ୍ବି—ବି. ଡାଳ ପତ୍ର ସମୂହ

ଢାଲାଓ—କ୍ରି. ଢଳାଇ କରିବା, ଢାଳିବା

ଢାଲ୍—ବି. ଢାଲ

ଢାଲ୍‌କା—ବିଂ. ଓସାରିଆ (ପତ୍ର, କାଗଜ ଆଦି)

ଢାଲ୍‌ପା ~—କ୍ରି. ଓସାର ହେବା, ଓସାର କରିବା

ଢାଲପା—ବିଂ. ଓସାର, ଓସାରିଆ

ଢାଲ୍‌ପା ଢାଲପା—କ୍ରି. ବିଂ ଓସାରିଆ ଓସାରିଆ

ଢାଲଅ—କ୍ରି. ବିଂ. ଢାଲୁଆ, ଗଡ଼ାଣିଆ

ଢାଲୁ—ବିଂ. ଢାଲୁ, ଗଡ଼ାଣିଆ, କ୍ରି. ଢାଲୁ ହେବା

ଢାଓ୍ବଲସ୍ଥା, ଢାଉଲସ୍ଥା—ବି. ଦେବର ଭାଉଜଙ୍କ ସମ୍ପର୍କ, ଶଳା, ଶାଳୀ ସହିତ ଭିଣୋଇର ସମ୍ପର୍କ, (ଏ ସମ୍ପର୍କରେ ଥଟ୍ଟା ତାମସା କରିବାର ଅଧିକାର ରହେ)

ଢାକ୍ସୁ ~ ଢାକ୍ସୁ ~—କ୍ରି. ବିଂ. ଖୋଟାଇ ଖୋଟାଇ ଚାଲିବା ପ୍ରକ୍ରିୟା, (ଗୋଟିଏ ଗୋଡ଼ ଖୋଟ ହୋଇଥିଲେ ଚାଲିବାର ଯେଉଁ ପ୍ରକ୍ରିୟା

ଢ଼ୁଁକ ଢଅଃ—ବିଂ. କଷ୍ଟକରି ଗିଳିବା, ଅସମ ଗଣ୍ଡ କରିବା, ଅସମ ଭାବେ ଗିଳିବା

ଢାକ୍‌ନା—ବି. ଢାକୁଣୀ, କ୍ରି. ଢାକୁଣୀ ଲଗାଇବା

ଢାକ୍‌ଲ ଢାକ୍‌ଲି—କ୍ରି. ବିଂ. ଧକ୍କା ଧକ୍କି, ଠେଲା ପେଲା
କ୍ରି. ଧକ୍କା ଦେବା

ଢାକ୍‌ଲଓ୍ବ—କ୍ରି. ଧକ୍କା ଦେବା, ଧକ୍କା ଦେଇ ଦେଇ ନେବା

ଡାକା ଡାକ—କ୍ରି. ଧକ୍କା ଧକ୍କ ଦେବା, ପେଲ୍ଲ ପେଲ୍ କରିବା

ଡାକା ଡୁକୁ—କ୍ରି. ଜୋର ଜବରଦସ୍ତ କରିବା

ଉ: ଡାକାଡୁକୁ କାଥାକ ମେନା — ଖାନ୍ ବାଂଆଡଙ୍ଗା—ଜୋର ଜବରଦସ୍ତ କରିବା କଥାମାନ ଘଟୁଥାଏ ମୁଁ ଯିବନାହିଁ

—ରଗାରଗି ହୋଇ ଠେଲାପେଲା କରିବା । ରଗଡ଼ ଝଗଡ଼ ବେଳେ ପରସ୍ପରକୁ ପେଲାପେଲି କରିବା

ଡାକାଓ୍ୱ—କ୍ରି. ଡାଙ୍କିବା, ଡାଙ୍କି ଲୁଚ୍ଚାଇବା, ଚପେଇ ଦେବା

ଡାକେ-ଲାସ୍—ବିଂ. ବହୁତ ସୁନ୍ଦର (ଘର, ବଗିଚ୍ଚ) ସ୍ପୃଥଲା ନାସ୍ତ

ଡାକଡ୍ ଡାକଡ୍ ଯାଡେ—କ୍ରି. ବିଂ. ଡକଡ଼ ଡକଡ଼ ଶବ୍ଦ କ୍ରି. ଡକଡ଼ ଡକଡ଼ ଶବ୍ଦ କରିବା

ଡାଡ୍ଃ—କ୍ରି. ରୁକିଯିବା, ବନ୍ଦ ହେବା, ବାଧା ଉପୁଜିବା, ବାଧା ଆସିବା

ଡାଙ୍ଗାଡାଣାଂ—କ୍ରି. ବିଂ. ଡିଲାମେଲା (ପୋଷାକ) ଆବଶ୍ୟକତାରୁ ବଡ଼ ଆକାରର ଗହଣା, ଆବଶ୍ୟକତାରୁ ବଡ଼ ଜିନଷ (ଖଡିଆ, ଗାଣ୍ଡି, ଖଟ ଆଦି) ଡଣ ଡଣ ଶବ୍ଦ

ଡାଙ୍ଗୁଡ୍ ଡାଙ୍ଗୁଡ୍—କ୍ରି. ଶୀଘ୍ର ଶୀଘ୍ର ଡିଙ୍ଗି କୁଟିବା ପ୍ରକ୍ରିୟା

ଡାଂ ଡୁଂ—କ୍ରି. ବିଂ. କାନ୍ଥ ଘଣ୍ଟ ବାଜିବା ଶବ୍ଦ, ଡଂ ଡଂ

ଡାଂ ଡାଲାଂ—ବି. ମାପଠାରୁ ଅଧିକା ଢିଗୁଲା (ଗହଣା)

ଡାଁଡୁ—ବି. ସବାଇ ଘାସ

ଡାଡ୍ନାସ୍—ବିଂ. କ୍ରୋଧିତ, ରାଗାନ୍ୱିତ କ୍ରି. କ୍ରୋଧ କରିବା, ରାଗିବା, ରୁଷିବା

ଡାଡ୍ନାସିଆ—ବିଂ. କ୍ରୋଧି, ରାଗି

ଡାଡ୍ରା—ବି. ପରଦା, ଆଗୁଳିବା ଜିନିଷ (ଡଲେଇ, ଗୁଣ୍ଡିଡା ଆଦି) କ୍ରି. ପରଦା ଦେବା

ଡାଡା—ବି. ବାଉଁଶ ପାଚିଆ ତିଆରି ଛତା

ଡାଡାଁସ୍—ବି. ସାହସୀ, ଜିଦ୍, କ୍ରି. ସାହସ କରିବା, ଜିଦ୍ ଲଗାଇବା

ଡାଡସିଆ—ବିଂ. ଜିଦିଆ, ଦୁର୍ଦ୍ଦାନ୍ତ, ବାହାପିଆ

ଡାଡ୍ରା—ବି. ଦରିଦ୍ର, ଫଟା, ଅଶକ୍ତ, ଦରିଦ୍ର

ଉ: ଡାଡ଼ରା ଅଲା — —ଦରିଦ୍ର ଘର, ଡାଡ୍ରା ସାକାମ—ଫଟା ପତର, ଡାଡ୍ରା ହଲମ—ଅଶକ୍ତ ଦେହ, ଡାଡ୍ରା ହଲ୍—ଦରିଦ୍ର ବ୍ୟକ୍ତି, ଅଦ୍ଭୁତ ବ୍ୟକ୍ତି

ଡାନ୍କା ଡାନକ—କ୍ରି. ବିଂ. ବ୍ୟଗ୍ରତା ସହିତ (ଖାଦ୍ୟ ଅନ୍ୱେଷଣ, କାମଧନ୍ଦା, ହଜି ଯାଇଥିବା ଗୋ ମେଷାଦି) ଖୋଜିବା ପ୍ରକ୍ରିୟା

ଡାନ୍କାଓ୍ୱ—କ୍ରି. କଷ୍ଟ ଅବସ୍ଥାରେ ବ୍ୟଗ୍ରତା ସହ (ଖାଦ୍ୟ, କାମଧନ୍ଦା ଖୋଜିବାକୁ, ଦୌଡ଼ା ଦୌଡ଼ି କରିବା

ଡାନ୍ଡାନା.ଓ୍ୱ—କ୍ରି. ବିଂ. ଦୁର୍ଗନ୍ଧରେ ଭରିଯାଇ ଥିବା ପ୍ରକ୍ରିୟା

ଡାନ୍ମାନ୍ଡାଓ୍ୱ—କ୍ରି. ମୁଣ୍ଡ ବୁଲାଇବା, ଚେତା ବୁଡ଼ିବା

ଡାପ୍ଡାପ୍—କ୍ରି. ବିଂ. ଡେଣା ମେଲାଇ ଫଡ଼ ଫଡ଼ କରିବା ପ୍ରକ୍ରିୟା, ଜୋରରେ ଖଟ ଖଟ ବଜାଇ ଶବ୍ଦ କରିବା, ନାଗରା ବାଜା ବଜାଇବା

ଡାପ୍ ଡାପା—କ୍ରି. ବିଂ. ଡେଣା ମେଲାଇ କରି ରଖିବା, କବାଟ ମେଲାଇ ରଖିବା, କୌଣସି ବଡ଼ ପତଳା ଜିନଷ ଦେଖାଇବା ପ୍ରକ୍ରିୟା

କ୍ରି. (ଡେଣା, କବାଟ, ପତଳା ଓସାରିଆ ଜିନିଷ) ଦେଖାଇବା

ଯଥା :—ପାଁଖ୍ଡାଃ ଏ ଡାପ୍ ଡାପା ଆନାଦ୍‌ଆ—ଡେଣା ମେଲାଇ ଦେଇଛି

ଡାପାନ୍ ଡୁସୁନ୍—କ୍ରି. ଆଗକୁ ଝୁଙ୍କି ହୋଇ ଚାଲିବା, ସଂକୋଚରେ ଚାଲିବା ପ୍ରକ୍ରିୟା, ଦୁର୍ବଳଆ ଭାବେ ଚାଲିବା ପ୍ରକ୍ରିୟା

ଡାପାଡପ—କ୍ରି. କୁଣ୍ଠିତ ହୋଇ ଆବଡ଼ା ଖାବଡ଼ା ରାସ୍ତାରେ ଚାଲିବାର ପ୍ରକ୍ରିୟା

ଡାପାନ୍ ଡାଂକୁ—ବିଂ. ଦେବତା ପୂଜା ପାଇଁ ବସିବା ପଦ୍ଧତି

ଡାପାଡ୍ ମେନ୍‌ନେ—କ୍ରି. ବିଂ. ଧଡ୍ ଧଡାସ୍, ଆକସ୍ମିକ ଜୋର ଶବ୍ଦ, ହଠାତ୍ ଧଡାଶ୍ ଶବ୍ଦ ହେବାର ପ୍ରକ୍ରିୟା

ଡାବା ଲୁମା.ମ୍—ବି. ବଡ଼ ଆକାରର ଝପର ପୋକ

ଡାବାଓ୍ୱ—କ୍ରି. ବଳକା କରି ରଖିବା, ଅଧା ଖାଇ ଛାଡ଼ିଦେବା

ଡାମ୍ପା ଡମ୍ପେ—ବିଂ. ଉଚ୍ଚ ନୀଚ ବା ଆବଡ଼ା ଖାବଡ଼ା, ପୁଳା ପୁଳା, ପୁଞ୍ଜା ପୁଞ୍ଜା, ଠିକ୍ ଆସ୍ତରଣର ନ ହୋଇ ଥିବା, ଆବୁଠାବୁ, ଆବୁଆ

ଉ: ଢାମ୍ପା ଢମ୍ପେ ସଲକ୍—ଉଇ ମଇ ବା ଆବଡ଼ା ଖାବଡା ସଡ଼କ, (୨) ଜକ ଢାମ୍ପା ଢମପେ ଜ ଆନା—ଫଲ ଗୁଡ଼ିକ ପୁଞ୍ଜା ପୁଞ୍ଜା ଫଳିଛି, (୩) ଢାମ୍ପା ଢମପେ ଜ ବାଲା ଅକାନା —ଅବୁଆ ଆବୁଆ ଫଲ ଫଳିଛି

ଢାମ୍ବୁଁ ଢାମ୍ବୁଁ—ବିଂ. ବଡ଼ ବଡ଼ ଆକାରର, ଠାବୁ ଠାବୁ

ଉ: ନେସ ଦ ଉଲ୍ ଦାରେରେ ଢାଁମ୍ବୁଁ ଢାଁମ୍ବୁ ଉଲ୍ ଜ ଅକାନା—ଏ ବର୍ଷ ଅମ୍ବ ଗଛରେ ଆମ୍ବ ବଡ଼ ବଡ଼ ଫଳିଛି

ଢାମ୍ବିଁସା ∞ ଲକ୍—ବିଂ. ଅଣ୍ଡଲ୍ ପେଟିଆ, ଗୋଲାକାର ବଡ଼ ପେଟିଆ

ଢାମ୍ସାଲ୍—ବିଂ. ଡେଙ୍ଗା ମୋଟି ଝିଅ

ଢାସ୍କୁ—କ୍ରି. ଆଗ୍ନେୟ ଅସ୍ତ୍ର, ଫୋଟକା, ବାଣ ଫୁଟିବା ଶବ୍ଦ 'ଢାସ୍କୁ', ବି. କଥା ଫୁଟିବା, ଗୋପନ ରହସ୍ୟ ବାହାରକୁ ଆସିବା

ଉ: ଖାସ୍ରପ୍ କାଥା ସେ ଉକୁନା, ଗଟାପାଲ ଢାସ୍କୁ ଢାସ୍କୁ ଅଲ୍ଗମଃ ଦାନା—ମନ୍ଦ କଥାକୁ ଲୁଚାଇ ହେବ ନା, ତାହା ଗୁରୁଆଡ଼େ ଫୁଟି ଶୁଣା ଯାଉଛି

ଢାଲ୍କାଓ୍ୱ—କ୍ରି. ଢଳେଇ ଯିବା, ଢାଳି ଦେବା

ଉ: ଦା ∞ ଢାଲ୍କାଓ୍ୱ ଏନା—ପାଣି ଢଳେଇ ଦେ

ଢାଲା.ସ୍କୁ ଢାପାସ୍କୁ—କ୍ରି. ବିଂ. ଧଡ଼୍‌ଧାଡ ଧଡ ପଡ ହେବା ପ୍ରକ୍ରିୟା, କ୍ରି. ଭୋଜନ କମ୍ବା ଖାଦ୍ୟ ଖୋଜିବା ପାଇଁ ଅସ୍ତ ବ୍ୟସ୍ତ ହେବା

ଢାପାନ୍ ଟାଂକୁ—ବି. ଦେବତା ପୂଜା କରିବାର ବସିବା ପଦ୍ଧତି

ଢାପାଂ ମେନ୍ଟେ—କ୍ରି. ବିଂ. ଚଢ଼ଇ ଜଙ୍ଗଲର ବଜାରରେ ପଡ଼ିବା ଶବ୍ଦ

ଢାବା ଲୁମା.ମ୍—ବି. ବଡ ଜାତୀୟ ଟସର, ବଡ ଟସର ଖୋସା

ଢାବା ଲୁମା.ମ୍ ଉଜୁ—ବି. ବଡ଼ ଜାତୀୟ ଟସର ପୋକ

ଢାବାଓ୍ୱ—କ୍ରି. ଖାଇବାର ଥାଳରେ ଅଧେ ଛାଡ଼ି ଯିବା, ବ୍ୟବହାର ନ କରି ରଖିଦେବା

ଢାମ୍ପା ଢୁମ୍ପୁ—ବିଂ. ପଥୁରିଆ, ଉଚ୍ଚ ନୀଚ ଭୂମିର ସ୍ଥିତି ହୋଇଥିବା, ଆବୁଆ ଆବୁଆ, ଉ: ଢାମ୍ପା ଢୁମ୍ପୁ ହର କାନା —ପଥୁରିଆ ରାସ୍ତା ଅଟେ

(୨) ଅନା ଝାଣ୍ଡି ଦ ଢାମ୍ପା ଢୁମ୍ପୁ ଗେୟା—ସେହି ପଣ୍ଡଆଟା ଉଚ୍ଚ ନୀଚ ଅଟେ । (୩) ନାପାସ୍ କାଣ୍ଠାଲ୍ ଦ ବାଂକାନା ଢାମ୍ପା ଢୁମ୍ପୁ ଗେୟା—ତାହା ଭଲ ପଣସ ନୁହେଁ ଆବୁଆ ଅବୁଆ ହୋଇଛି

ଢାମ୍ବଁ ଢାମ୍ବଁ—ବିଂ. ବଡ ବଡ (ଫଲ)

ଢାମ୍ବଁ—ବିଂ. ବଡ, ଉ: ଦାରେରେ ଢାମ୍ବଁ ଢାମ୍ବଁ ଢାମ୍ବଂ ଜଆକାନା—ଗଛରେ ବଡ ବଡ ଫଲ ହୋଇଛି

ଢାମ୍ବିଁସା ∞—ବିଂ. ବଡ ପେଟିଆ, ଓହ୍ଳା ପେଟିଆ

ଢା.ଭ୍ଆ—ବି. ଅଣ୍ଟୁ, ଢାଲୁଆ

ଢାସ୍କୁ—କ୍ରି. ଗୁଳି ପଡ ମାରିବା ଶବ୍ଦ, ବାଣ ଫୁଟାଇବା ଶବ୍ଦ, ଗୁଳିର ଶବ୍ଦ

ଢାର୍‌ଢାର୍, ଢର୍ ଢର୍—କ୍ରି. ବିଂ. ଝର ଝର (ଲୋତକ ଜଲ)

ଢାସ୍ରବ(ଓ୍ୱ)—କ୍ରି. ଡେରା ମାରିବା, ଅସ୍ଥାୟୀ ରହିବା ସ୍ଥାନ, ଅସ୍ଥାୟୀ ବିଶ୍ରାମସ୍ଥଳୀ

ଢାଲ୍ଦା ∞—ବି. ଦେବତାଙ୍କୁ ଅର୍ପିବା ମାଦକ ଜଲ (ମଦ, ହାଣ୍ଡିଆ ରସି)

ଢାଲାଢୁଲା.—କ୍ରି. ପାଣି ଧରି ସଂକଳ୍ପ କରିବା, ପାଣି ଢାଳି ସଂକଳ୍ପ କରିବା

ଢାଲ୍କାଓ୍ୱ—କ୍ରି. ପାଣି ଢାଳି ଦେବା

ଢାଲ୍କାଓ୍ୱଆ.ଧ୍—କ୍ରି. ପାଣି ଢାଳି କମାଇ ଦେବା

ଢାଲ୍କାହ୍ରା—ବିଂ. ଢାଲୁଆ, ନୁଆଁଣିଆ

ଢାଲାସ୍କୁ ଢାପାସ୍କୁ—କ୍ରି. ବିଂ. ଢିଙ୍କିର ମୂଷଲ ମାଡ଼ିବା ମାଡ଼ ଶବ୍ଦର ପ୍ରକ୍ରିୟା, ଧଡାସ୍ ଧସ୍ ଶବ୍ଦ

ଢା.ଲ୍—ବିଂ. ଗଡ଼ାଣିଆ

ଢାସାଓ—କ୍ରି. ବିଂ. ଅଡଡ଼ା ଖସିବା ପ୍ରକ୍ରିୟା

ଢାସାଓ ∞—କ୍ରି. ଅଡଡା ଖସିବା ଧସିଯିବା

ଢିକାଢାକେ—ବିଂ. ପିଠିରେ କମ୍ବା ଜଙ୍ଘରେ ବଥ ବା ଆଘାତ ହେବାରୁ ଚାଲିବାର ପ୍ରକ୍ରିୟା, କ୍ରି. ଫେଙ୍ଗେଇ ଫେଙ୍ଗେଇ ଚାଲିବା, ଛୁଗାଲା ହେବା

ଢିକାଢାସ୍ର—କ୍ରି. ପତଳା ଝାଡ଼ା ହେବା

ଢିକଃ ଢିକଃ—କ୍ରି. ଗୋଡ଼କୁ ଉଠାଇ ଉଠାଇ ଚାଲିବା

ଢିଙ୍କି—ବି. ଢେଙ୍କି

ଢିଙ୍କିଅଲା ∽—ବି. ଢେଙ୍କିଶାଳ

ଢିଙ୍କିଆଲା ∽—ବି. ଏକ ପ୍ରକାରର ଶାଗ

ଢିଙ୍କୁ—ବିଂ. ଢେଙ୍କିର ମୁଣ୍ଡକୁ ପଛ ପାଖ ମାଡ଼ି ଉଠାଇ ରଖିବା ଅବସ୍ଥା, ଲମ୍ବ କାଠ/ବାଉଁଶକୁ ଗୋଟିଏ ପାଖ ଉଠାଇ ଉଠାଇ ରଖିବା

ଢିଙ୍କୁଡ୍ ଢଙ୍କୁଡ୍—କ୍ରି. ବିଂ. ଢେଙ୍କି ମାଡ଼ର ଶବ୍ଦ ପ୍ରକ୍ରିୟା, ଗୋଟାଏ ଗୋଡ଼କୁ ଅଧିକ ଉଠାଇ ଆଉ ଗୋଟାଏ ଗୋଡ଼କୁ ଅଳ୍ପ ଉଠାଇ ଚାଲିବା ପ୍ରକ୍ରିୟା, ଢେଙ୍କିଆ ଚାଲି

ଢିଙ୍କାଢାଣାଂ—କ୍ରି. ବିଂ. ଢିଲା ଢିଲ ହେବା, ଢୁଗୁଲା ଢୁଗୁଲ ହେବା, କ୍ରି. ବନ୍ଧା ଢୁଗୁଲିବା

ଢିଟ୍—ବିଂ. ଉଦ୍ଧତ, ନିର୍ଲଜ, ଗାଲୁଆ
କ୍ରି. ଶୁଣି ନ ଶୁଣିବା, ଗାଳେଇ ଦେବା, ଉଦ୍ଧତ ହେବା

ଢିଟା.ଓ୍ୱ—କ୍ରି. ଧୃଷ୍ଟ ଦେଖାଇବା, ନିର୍ଲଜ ହେବା

ଢିପ.ତୃଳୁଂ—ବି. ଅନ୍ତରୀପ

ଢିପ୍—ବି. ଉଚ୍ଚ ସ୍ଥାନ, ନଦୀ କାନ୍ଥି, ଦ୍ୱୀପ

ଢିପ୍କା.—ବି. ଢେଲା, ଢୁଡ଼ା

ଢିପ୍ଚୁଲ୍ ଢେଣେ—ବି. କଣ୍ଟୁଲପାଣ୍ଡ ଚଢ଼େଇ

ଢିପା.—ବିଂ. ଢିପ ହୋଇଥିବା, ଉଚା ହୋଇଥିବା

ଢିପା. ଢାପେ—ବିଂ. ଉଚ୍ଚ ନୀଚ (ଜମି), ପଙ୍କୁଆ, ସ୍ଥାନ, ରାସ୍ତା ଆବଡ଼ା ଖାବଡ଼ା

ଢିପି ଡାଙ୍ଗର୍—ବି. ଉଚ୍ଚ ଜମି

ଢିପି—କ୍ରି. ଗର୍ଭବତୀ ହେବା

ଢିପାଁଢାପେଁ, ଢିପା ଢାପେ—କ୍ରି. ବିଂ. ବହୁ କଷ୍ଟରେ ଗୋଟିଏ ଗୋଟିଏ ପାଦ ପକାଇ ଧୀରେ ଧୀରେ ଚାଲିବା ପ୍ରକ୍ରିୟା, ହାଉଲେ ହାଉଲେ ଯିବା

ଢିବ୍ଢିବ.ସ୍ୱା—ବି. ପୃଥୁଳ ପେଟ, କ୍ରି. ପେଟ ବଡ଼ ହେବା

ଢିବ୍ଢିବ—କ୍ରି. ଢେଙ୍ଗୁରା ପିଟା ଢବ ଢବ ଶବ୍ଦ କରିବା, ସାପୁଆ କେଲାର ତମ୍ବୁରୁ ଢବ ଢବ ଶବ୍ଦ କରିବା

ଢିବ—ବି. ଢୁଙ୍ଗି, ଢବର

ଢିବର୍. ଢାବ୍ଲା—ବି. ଛୋଟ ବେଙ୍ଗଆ ଏଣ୍ଡୁଅ

ଢିବ୍ରି ଜନଲା—ବି. ଲଘୁ ଛୋଟ ଜାଗାସ୍ଥା ମକ୍କା

ଢିବାଢାବେ—କ୍ରି. ବିଂ. ଥରି ଥରି, ଧୀରେ ଧୀରେ ଚାଲିବା ପ୍ରକ୍ରିୟା

ଢିମ୍ବା.—ବିଂ. ଜମାଟ ବନ୍ଧା ଢେଲା

ଢିମା.—ବିଂ. ପିଟି ଫଟାଇ ଥିବା ବଡ଼ ବଡ଼ ପଥର ଖଣ୍ଡ

ଢିସ୍ (କ୍)—କ୍ରି. ବିଂ. ମୁଣ୍ଡିଆ, ମୁଣ୍ଡରେ ଠେସିବା ପ୍ରକ୍ରିୟା

ଢିରି—କ୍ରି. ଡେରି ହେବା, ବିଳମ୍ବ କରିବା

ଉ: ଆଲମ୍ ଢିରି ଇସ୍ତା—ମୋତେ ବିଳମ୍ବ କରାଇବ ନାହିଁ

ଢିଲ୍—ବିଂ. ଢୁଗୁଲା, ଢିଲା

ଢିଲ୍ଡାଟା—ବି. ଢୁଗୁଲା ଦାନ୍ତ, ହଲୁଥିବା ଦାନ୍ତ

ଢିଲଅ ଢଲ୍ଅ—କ୍ରି. ବିଂ. ଧିମେଇ ଧିମେଇ (ଚାଲିବା, କାମ କରିବା, ଅନିର୍ଦ୍ଦିଷ୍ଟ କଥା), ଢୁଗୁଲା ଢୁଗୁଲା, (ବନ୍ଧା, ଛନ୍ଦା, ଧରିବା)

ଢିଲ୍ ଢିଲସ୍ୱା—କ୍ରି. ବିଂ. ଢୁଗୁଲା ଢୁଗୁଲା

ଢିଲ୍. ଢଲ୍—କ୍ରି. ଢୁଗୁଲା କରି ବାନ୍ଧିବା

ଢିଲଓ୍ୱାଂ—ବି. ଝୁଲଣା, ଦୋଳି, କ୍ରି. ଝୁଲାଇବା, ଓହଲାଇବା

ଢିଲଢିଲି—କ୍ରି. ବିଂ. ଢିଲଢିଲ, ଅମନଯୋଗସହ, ଢୁଗୁଲା ଢୁଗୁଲା ବାନ୍ଧ ଦେବା ପ୍ରକ୍ରିୟା

ଢିଲ୍.ଓ୍ୱ—କ୍ରି. ଅବହେଳା କରିବା, ଦେଖା ଚାହାଁ ନ କରିବା ପ୍ରକ୍ରିୟା, ଉ: ଢିଲ୍ଓ୍ୱଏନ୍ଢେ ଅଲା ∽ ରା ପୁଡ୍ଏନା—ଅବହେଳା ଯୋଗୁ ଘର ଭାଙ୍ଗିଲା

ଢିଲସିଲ୍—ବିଂ. ଅସାବଧାନ, କ୍ରି. ବିଂ. ଅସାବଧାନ ପୂର୍ବକ

ଢିଲାଂଢାଣାଂ ଢିଲଂ ଢଲଂ—କ୍ରି. ବିଂ. ଗୋଡ଼କୁ ଗୋଡ଼ ବଜାଇ ଚାଲିବା ପ୍ରକ୍ରିୟା, ଅବହେଳା ପୂର୍ବକ, ଖାଲି ହାତରେ ଆସିବା
ଉ: ଉଜକୁଲ ପାଇଣି ଢିଲାଂ ଢାଣାଂ ଏ ଡାଲମ୍ ଆକାଦ୍ଆ—ସେ ସ୍ତ୍ରୀ ତା'ର ଚାଲିରେ ଗୋଡ଼ ଖଡ଼ୁ ବଜାଇ ବଜାଇ ଚାଲିଛି
(୨) ଢିଲଂ ଢିଲଂ କାମିଦ ଅକାସ୍ଥ ହିବାକ ପୂକ୍ଆ ∽ ଡାମା—ତୁମର (ଢିଲସି) ଅବଳା କରି କାମ କରିବାକୁ କେହି ପୁଣି ପାଇବେ ନାହିଁ ।

ଢୁଇ—ବି. ଢେଲା, ଡାଲୁଡ଼, ମାଟି ଡାଲୁଡ଼, ପଥର ଡାଲୁଡ଼ କ୍ରି. ମୁଣ୍ଡରେ ବାଜିବା ଶବ୍ଦ

ଢୁଇ ଢୁଇ—କ୍ରି. ବିଂ. ପଥର କମ୍ବା ଶୁଖିଲା ଜିନିଷ ଚଟାଣରେ 'ଢୋ' ଶବ୍ଦ କରି ପଡିବା ପ୍ରକ୍ରିୟା

ଢୁଇମେନ୍‌ଢେ—କ୍ରି. ବିଂ. ଧକ୍କା କରି (ପିଟିବା, ପଡ଼ିବା)

ଢୁକୁଣି, ଢୁକ୍‌ନି—ବି. ଜବରଦସ୍ତ ଅନ୍ୟ ପୁରୁଷ ଘରେ ଅବିବାହିତା ସ୍ତ୍ରୀ ପତ୍ନୀ ରୂପରେ ରହିବା ବାଲ୍ଲ

ଢୁକ୍‌ନି ମୁକ୍‌ନି—ବି. ଅଭିଆଡ଼ି ହିଁ ପରପୁରୁଷ ଘରେ ପତ୍ନୀ ରୂପେ ରହିବା ପ୍ରକ୍ରିୟା

ଢୁକା.ହବାନ୍—ବି. ଆପଣେ ପଶି ବୋହୂ ପଣିଆ ଦେଖାଇବା ନାରୀ

ଢୁକା.ଉ—କ୍ରି. ପୂରାଇବା, ପଶିବା

ଢୁଢ଼ୁରୁ—ବିଂ. ଫମ୍ପା

ଢୁଢ଼ୁରୁ ବାନାମ୍—ବି. ବଡ଼ ଆକାରର କେନ୍ଦରା

ଦୁପୁଠିୟା ଦୁପିଠିୟା—ବଂ. ଛଳିଆ, ବଦମାସ୍

ଦୁପୁଖିୟା—ବି. ମଧ୍ୟସ୍ଥି

ଦୁପୁର୍ ଦୁପୁର୍—କ୍ରି. ଡରରେ ଥରିବା

କ୍ରି. ବଂ. ପୁର୍ ପୁର୍ ହେବା, ବହୁତ ଡରିବା

ଦୁପୁଲ୍ତୁବ୍ (ପ)—ବି. ବୈଠକ, ସଭା

ଦୁପୁଲ୍—କ୍ରି. ପରସ୍ପରକୁ ପାଣି ଢାଳିବା, ପାଣି ଢଳା ଢଳି ହେବା

ଦୁପୁଲ.ଲ୍ (ତ)—କ୍ରି. ପରସ୍ପରକୁ ସ୍ନେହ କରିବା, ଭଲ ପାଇବା

ଦୁପୁସା.ଉ (ଓ୍ୱ)—କ୍ରି. ପରସ୍ପରକୁ ନିନ୍ଦା ଦେବା ପରସ୍ପରକୁ ଦୋଷ ଲଦିବା

ଦୁବ୍ ଘାଁସ୍—ବି, ଦୁବଘାସ

ଦୁବ୍ରାକ୍ଡୁକ୍ତୁ—ବି. ଏକ ପ୍ରକାର ଧାନର ନାମ

ଦୁମ୍କେ ଦମେଲାସ୍—ବଂ. ଅତ୍ୟଧିକ ମୋଟା (ଗୀତରେ କେବଳ ବ୍ୟବହାର କରାଯାଏ)

ଦୁମ୍ଗି—ବି. ପେଣ୍ଟ

ଦୁମ୍ସୁଙ୍ଗ—ବି. ଘାସର ବୋଝ୍ କ୍ରି. ଘାସର ବୋଝ୍ ତିଆରି କରିବା (ଘାସ ବିଡ଼ା କରିବା)

ଦୁମ୍ସୁଙ୍ଗ ଦୁମ୍ସୁଙ୍ଗ—କ୍ରି. ବଂ. ଘାସର ବଡ଼ ବଡ଼ ବୋଝ୍

ଦୁମ୍ଲୁ—ବି. ପୁଞ୍ଜି ଠୁଳ

ଦୁମ୍ଚୁଲୁ—କ୍ରି. ବଂ. ଉଚ୍ଚ ହୋଇଥିବା ମାଟି, ମାଟିଗୁଦା

ଦୁମ୍ଦୁମି—ବି. ପେଟ ଫୁଲା, କ୍ରି. ପେଟ ଫୁଲିବା

ଦୁମ୍ହେଁ ଦୁମ୍ହାଁ—ବଂ. ସ୍ତୂପୀକୃତ, ଗଦେଇଥିବା ଜିନିଷର ସ୍ଥିତି, ଗଦା ହୋଇଥିବା, ଏକାଠି ଠୁଳାଇ ଉଚ୍ଚା କରିବା ସ୍ଥିତି

ଦୁମ୍ହେଁ ଦୁମହେଁ—ଠାଏ ଠାଏ ଉଚ୍ଚା ହୋଇ ଜମା ହୋଇଥିବା, ଠୁଳ

ଦୁମେଝିୟା—ବି. ଦୋମୁହାଁ

ଦୁମୁର୍—ବି. ମଝିଆଲ ମହୁମାଛି
ଦୁମେଡ୍—କ୍ରି. ପିଟିବା, ସୁଧାରିବା
ଦୁମେଡାସ୍—ବିଂ. ଗଣ୍ଡିଆ ଓ ମଳକୁଟିଆ
ଦୁସୁକୁଲ୍—ବିଂ. ଉଭୟ ତରଫ, ଉଭୟ ପକ୍ଷ
ଦୁସୁ ଦକେ—ବି. ଉଭୟ ତରଫ, ଉଭୟ କ୍ଷେତ୍ରରେ
ଦୁର୍—ଅ. ଦୂର ହୁଅ, ପଳା, (କୁକୁରକୁ ଡାକିବା ଶବ୍ଦ)
ଦୁର୍ଜି—ବି. ଦରଜୀ, ଦର୍ଜି
ଦୁର୍କାରହା∾—ଅ. ଓହୋ
ଉ: ଦୁର୍କାରହା∾ ଅକାଡେମ ହେଜ୍ ଲେନା—ଓହୋ, କେଉଁଠାରୁ ଆସିଥିଲୁ
ଦୁର୍ଗା ଦେବ—ବି. ଦୁର୍ଗା ଦେବୀ
ଦୁର୍ଦାର୍—କ୍ରି. ଏଠି ସେଠି କରିଦେବା, ଫୋପଡ଼ା ଫୋପଡ଼ି କରିଦେବା, ନଷ୍ଟଭ୍ରଷ୍ଟ କରିବା, ଦୂର ଦୂର କରିବା
ଦୁର୍ମୁଧୁର୍—ବିଂ. ସୁମଧୁର
ଦୁର୍ଗୁମ୍—ବି. ମେଘୁଆ ପାଗ
ଦୁର୍ଚୁହୁ—ଅ. 'ଦୂର ହୁଅ ଚୁଟିଆ' (ତିରସ୍କାର ସୂଚକ), ହେୟଜ୍ଞାନ ଶବ୍ଦ)
ଦୁର୍ଦୁର୍—କ୍ରି. ଲମ୍ବ ଲମ୍ବ କରି ଚାଲିବା, ଯା, ଯା କହି ତଡ଼ିବା
କ୍ରି. ବିଂ. ଶୀଘ୍ର ଶୀଘ୍ର, ତତ୍ପର ହେବାର ପ୍ରକ୍ରିୟା
ଦୁର୍ ଦସମ୍—ବି. ଦୂର ଦେଶ, ଦୂର ଅଞ୍ଚଳ
ଦୁର୍ ଦୁରାଓ—କ୍ରି. ବିଂ. ହୁ ହୁ ଚାଲିଯିବା ପ୍ରକ୍ରିୟା
କ୍ରି. ହୁ ହୁ ଚାଲିଯିବା, ଦୂର ଦୂର କହି ତଡ଼ିବା
ଦୁର୍ମାର୍—କ୍ରି. ବିଂ. ଅତି ତତ୍ପର ସହ (ଯିବାକୁ ଯୋଗାଡ଼ କରିବା) ପାରୁପର୍ଯ୍ୟନ୍ତ ପ୍ରୟାସ
ଦୁର୍ୟା—ଅ. ଶାନ ପିଲଙ୍କୁ ଦୂରେଇ ଦେବା, ଦୂର ହେ, ଯା'ରେ, ପଳାରେ
ଦୁସ୍ଂ—ବି. ଗୀତ, କ୍ରି. ଗୀତ ଗାଇବା
ଦୁସଦୁର∾—କ୍ରି. ଦୂରେଇ ଯିବା
ଦୁଲବ୍—ବି. ଅସ୍ଥି, ଦ୍ରବ୍ୟ, ଜିନିଷ
ଦୁଲସ୍ଥାରେ—କ୍ରି. ବିଂ. ଦୂରରେ

ଦୁରୁମ୍ ଦୁରୁମ୍—କ୍ରି. ବହୁତ ଜୀବର ସମାବେଶ ହେବା ଅର୍ଥରେ ଏ ଶବ୍ଦ ଉଦ୍ଦିଷ୍ଟ
ଉ: ଦୁରୁମ୍ ଦୁରୁମ୍ କେରେଲେ—ବହୁତ ବହୁତ ମହୁମାଛି
(୨) ଦୁରୁମ୍ ଦୁରୁମ୍ ର—ବହୁତ ବହୁତ ମାଛି
(୩) ଦୁରୁମ୍ ଦୁରୁମ୍ ହଲ୍—ବହୁତ ବହୁତ ଲୋକ
ଦୁରୁମ୍କା∾ ଏନେଜ—ବି. ସାନ୍ତାଳମାନଙ୍କ ଏକ ପ୍ରକାର ନାଚ ଯାହାକି ତାଙ୍କର 'ବୁରୁ ବେରେଞ୍' ପର୍ବରେ କେବଳ ନାଚନ୍ତି, କ୍ରି. ଦୁରୁମ କା∾ ନାଚ ନାଚିବା
ଦୁରୁମଦ୍—ବିଂ. ଗମ୍ଭୀର, ଉଗ୍ରଣିଆ, କ୍ଷତପ୍ରଦ
କ୍ରି. ହାନି କରିବା, ଦୁଃଖ ଦେବା
ଦୁରୁସ୍ ଦୁରୁସ୍—କ୍ରି. ବିଂ. ଧୀରେ ଧୀରେ, ମନ୍ଥର ଗତିରେ (ବହୁଲୋକ ପଛକୁ ପଛ) ଯିବାର ପ୍ରକ୍ରିୟା
କ୍ରି. ଧୂଳି ଉଡ଼ିବା
ଦୁରୁପ୍—ବିଂ. ଦର୍ଶନୀୟ, ସୁନ୍ଦର
କ୍ରି. ସୁନ୍ଦର ଦେଖାଯିବା, ଚକ୍ଷୁରୋଚକ
ଦୁଲ୍—କ୍ରି. ଢାଳିବା, (ତରଳ ପଦାର୍ଥ ଢାଳିବା)
ବିଂ. ଢଳେଇକରା (ଜିନିଷ)
ଦୁଲ୍କାଓ—କ୍ରି. ଥରେଇ ଦେବା, ଦୁଲୁକିବା, କମ୍ପନ ହେବା
ଦୁଲ୍କା ଦୁଲକ—କ୍ରି.ବିଂ. ଦୁଲକା ଦୁଲକ, କମ୍ପନ ଜାତ ହେବା
ଦୁଲ୍ଚୁଂ—ବିଂ. ଗ୍ରେଟିଆ ଠୁଲ କରାଯାଇଥିବା ଜିନିଷ ସଦୃଶ୍ୟ
ଦୁଲ୍ଚୁଂ ଦୁଲ୍ଚୁଂ—କ୍ରି. ବିଂ. ଗ୍ରେଟିଆ ଗ୍ରେଟିଆ ଠୁଲକରା ଜିନିଷ
ଦୁଲ୍ଦୁଲଉ(ଓ)—କ୍ରି. ଦୁଲ୍କାଇବା, କମ୍ପାଇ ଦେବା, ହଟଗୋଳ କରିବା
ଦୁଲ୍ମିଦ୍—କ୍ରି. ଢାଳି ମିଶାଇବା, ଉ: ଲଲ ଦା∾ମାଣ୍ଡି ତୁଲୁଚ୍ ବାସ୍ୱେ ଦା∾ମାଣ୍ଡି ଦୁଲମିଦ୍ ମେ—ଗରମ ପଖାଳ ସହିତ ବାସୀ ପଖାଳ ଢାଳି ମିଶାଇ ଦିଅ
ଦୁଲ୍ମିଦ୍ଠେନ୍—ବି. (ଦୁଇ ନଦୀ ମିଶିଥିବା ସ୍ଥାନ) ମୁହାଁଣ
ଦୁଲ.ଡ୍(ଲ୍)—ବି. ସ୍ନେହ, ପ୍ରେମ, କ୍ରି. ସ୍ନେହ କରିବା, ପ୍ରେମ କରିବା
ଦୁଲ.ଡ଼(ଲ)ୟା—ବିଂ. ପ୍ରିୟ, ପ୍ରିୟା
ଦୁଲଡ—ବି. ପ୍ରିୟା

ଦୁଲୁକ୍ ଦୁପୁତ୍—ବି. ଧୂଳି ସଦୃଶ୍ୟ ସୂକ୍ଷ୍ମ

କ୍ରି. ବିଂ. ଧୂଳି ପରି ହେବା

ଦୁଲୁପ୍ ଦୁଲୁପ୍—କ୍ରି. ବିଂ. ଚକ୍‌ମକ୍ ହେବା (ଆଲୁଅ)

ଦୁଲୁସ୍—କ୍ରି. ଧୂଳିଆ ହେବା

ଦୁଲୁସ୍ ଦୁଲୁସ୍—କ୍ରି. ଧୂଳିରେ ପରିଣତ ହେବା

ଦୁଲ୍‌ଂ—କ୍ରି. ବିଂ. ଢାଳିହୋଇ ଯିବା, ଆପେ ଢାଳ ହେବା ପ୍ରକ୍ରିୟା

ଦୁଷ—କ୍ରି. ଦୋଷ ଦେବା

ଦୁଷ୍ଟାମି—ବି. ଦୁଷ୍ଟାମି, ପାପୀ, ଅଧର୍ମୀ

ଦୁସ୍ଥ—ବି. ମିଥ୍ୟତା

ଦୁସ୍ଥଃ—କ୍ରି. ମିଥ୍ୟତା ହେବା

ଦୁସ୍ତୁର୍—ବି. ଦସ୍ତୁର, ନୀତି ନିୟମ, ବ୍ୟବସ୍ଥା

ଦୁଷ୍କ—ବି. ଦୋଷଆଡ

ଦୁଷ୍କାଂ—କ୍ରି. ବିଂ. ଦୋଷ କରିଥିବା ବିଂ. ଦୋଷୀ

ଦୁସ୍‌ଭୁର—ବି. ଅଭ୍ୟାସ, ପ୍ରକୃତ

ଦୁସ୍‌ମଁନ୍—ବି. ଶତ୍ରୁ, ବିରୋଧୀ

ଦୁସା ଦୁସି—ବି. ଦୋଷା ଦୋଷି କ୍ରି. ପରସ୍ପରକୁ ଦୋଷ ଦେବା

ଦୁସାବ (ଓ୍ୱ)—କ୍ରି. ପରକୁ ଦୋଷ ଦେବା

ଦୁସ୍‌ଥ—ବି. ଦୋଷ

ଦୁସ୍‌ୱ—କ୍ରି. ବିଂ. ପୁନଃସ୍ୱାସ୍ଥ୍ୟ, ଆହୁଥରେ ଅ. ପୁଣି

ଦୁସାରୁ ତେସାରୁ—କ୍ରି. ଓଲଟ ପାଲଟ କରିବା

ଦୁସି—ବି. ଦୋଷୀ

ଦୁହ୍ଲଓ୍ୱ—କ୍ରି. ଦୋହଲାଇବା

ଦୁହ୍ଲତା (ଲା)—ବି. ଦ୍ୱିଶାସ୍ଥିର, ଦୋହଲା

କ୍ରି. ଦ୍ୱିଶାସ୍ଥ ଥର ହଲ ଚୁଲାଇବା

ଦୁହାଁଓ୍ୱ—କ୍ରି. ଦୁହିଁବା

ଦୁହୁପ୍ ଦୁହୁପ୍—କ୍ରି. ବିଂ. ଏଣ୍ଡରେ ଭରି ପକାଇ ଦୁଲ୍ ଦୁଲ୍ ଗୁଲିବା ଶବ୍ଦ, ଜୋରରେ ଜୋରରେ କାହୁ କୁଟିବା ଶବ୍ଦ

ଦୁହୁଡ୍—କ୍ରି. ଧୂଡ୍— (ଶବ୍ଦ) ସଂଯୋଗ ପ୍ରକ୍ରିୟା

ଦୁହୁଡ୍ ମେନ୍‌ତେ—କ୍ରି. ବିଂ. ଧଡ କରି ଦୁଲ୍‌କନା

ଦୁଡ୍ (ଲ୍) କା.ଓ୍ୱ—କ୍ରି. ଡସ୍ୱାଇ ଦେବା

ଦୁଡ୍‌ବୁରୁ—ବି. ଅଧିକ ବୋଝ, କ୍ରି. କାମର ବୋଝରେ ଦବିଯିବା

ଦୁଡ୍‌ଚୁଡ୍—ଉଚ୍ଚାର (ସୂଚକ ଶବ୍ଦ) ମେଞ୍ଚଡଟା, ଚୁପ୍‌ରହ

ଦୁଣୀହାକୁ—ବି. ତୋଡ଼ିମାଛ

ଦୁଁଣୁର୍ (ଜ୍)—କ୍ରି. ଢଳିଯିବା

ଦୁଜୁ (ଜୁ)ବ୍ ଆଂ—ବି. ବସିବା ଟା

ଦୁଜୁ (ଜୁ)ପ୍ ଠାଓଁ, ଦୁଜୁ (ଜୁ)ପ୍—ବି. ବସିବାର ସ୍ଥାନ

ଢଙ୍ଗ୍‌ନ୍—ବି. ଆଗ୍ରହ ବ୍ୟବହାର, ପ୍ରଥା, ରୀତ

କ୍ରି. ଆଗ୍ରହ ବ୍ୟବହାର କରିବା, ପ୍ରଥାନୁସାରେ ବ୍ୟବହାର କରିବା

ଦୁଜୁ (ଜୁ)ପ୍ ଦନ—ବି. ବିଶ୍ରାମ କରିବା ଦିନ, ସମୟ (ପିଲା ପାଳନ ସମୟ, ଗ୍ରୀଷ୍ମଦିନ, ବିଶ୍ରାମ ଦିନ

ଦୁଜୁପ୍ (ବ୍)—କ୍ରି. ବସିବା, ବସାଇବା

ଦୁଜୁପ-ହଲ୍—ବି. ବସିଥିବା ଲୋକ, ବୃଦ୍ଧ, ରୋଗୀ

ଦୁଡୁମ୍ ଦୁଡୁମ୍—କ୍ରି. ଘଡ ଘଡ଼ କରିବା

କ୍ରି. ବିଂ.—ଘଡଘଡ଼ି (ଆକାଶରେ ମେଘର ଶବ୍ଦ)

ଦୁଡୁମ୍ ମେନ୍‌ତେ—ଘଡ଼ଘଡ଼ି ସହ

ଦୁଡୁସ୍ ଦୁଡୁସ୍—କ୍ରି. ବିଂ. ଅଧିକ ଘଡ୍ ଘଡ୍ ସହକାରେ

ଦୁଡେ (ଣେ)—ବି. ଅଣ୍ଡକୋଷ

ଦୁଡେଃ—କ୍ରି. ଅଣ୍ଡକୋଷରେ ଜଳ ଜମିବା (ରୋଗ ବିଶେଷ)

ଦୁଡେବାହା—ବି. ଯୋନୀ, ଗର୍ଭାଶୟ

ଦୁଆ.ରସୁଣି—ବି. ଏକ ଆତ୍ମାର ନାମ, ଯାହାକୁ ଓଝାଗୁରୁମାନେ ପୂଜା କରନ୍ତି

ଦୁଆ.ର ସୁନୁକ୍—କ୍ରି. ଦ୍ୱାର ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ଶବ୍ଦ

ଦୁଆ.ର ସାଁଅଁତେଁ—ବି. ଏକ ଘରର ଦେବତାର ନାମ

ଦୁହୁ—ବି. ଦନ୍ତ

ଦେ—କ୍ରି. ଦେ, ଦେଇଦିଅ

ଦେଇ—ବି. ଶ୍ରେଷ୍ଠ ସ୍ତ୍ରୀଅକୁ ସମ୍ବୋଧନ କରିବା ଶବ୍ଦ
ଦେଓ—ବି. ଦେବ, ଦେବତା
ଦେଓକ—ବି. ଦେବା ଦେବୀ ଗଣ
ଦେଓଣା—ବି. ଦେଣା (ଋଣ) ଋଣ
କ୍ରି. ଦେଣା ହେବା, ଋଣ କରିବା
ଦେକ୍‌ଜା—କ୍ରି. ଦେଖ (ଆଦେଶମୂଳକ)
ଦେକସ୍ତ ଦେଖିଅ—କ୍ରି. ସଚେତନାତ୍ମକ - ଦେଖ
ଦେଖ୍‌ନୁର୍—କ୍ରି. ଦୃଶ୍ୟମାନ, ଜଣାଯିବା, ପ୍ରଗତ ହେବା
ଦେଚ—କ୍ରି. ଚଢ଼ିବା
ଦେଚ୍‌ଦେଚ୍‌ଚେ—କ୍ରି. ବିଂ. ଚଢ଼ି ଚଢ଼ି କରି
ପୁନଃଗ୍ରସ୍ତ ହଳ କରି ଦେବା
ଦେଜ୍—କ୍ରି. ଜମିରେ ଦ୍ୱିତୀୟ ଥର ହଳ କରିବା
ଦୋହଳ କରିବା
ଦେଜ୍‌ଲଝମ୍—କ୍ରି. ବିଂ. ଦ୍ୱିତୀୟ ବାର ହଳକରି ଲୁଗୁଇ ଦେବା
ଯେ ଦ୍ୱିତୀୟ ହଳ କରି ପାରେ ନାହିଁ ସେ ବହନ ବୁଣି
କରି ବଳଧାନ ଲୁଗୁଇ ଦିଏ, ଏ ପଦ୍ଧତିକୁ 'ଦେଜ୍‌ଲଝମ୍'
କହନ୍ତି
ଦେନ୍—ଆଦେଶାତ୍ମକ - କ୍ରି. ଦିଅ, ଦେଇଦିଅ
ଦେନ୍‌ଦେନ୍—କ୍ରି. ଦେବାକୁ ଜୋର ଦେବା (ଦେ ଦେ)
ଦେନେଜ୍—ବି. ଚଢ଼ାଣୀ, ଚଢ଼ିବା, ଯୋଗ୍ୟ
ଦେନେବାନାର୍—ବିଂ. ଉଭୟ ପାଖ, ଡାହାଣ ପାଖ ବାମ ପାଖ
ଦେନେଲ୍ (ଡ)—ବି. ରତି ଯୋଗ୍ୟା, ରମଣୀ ଯୋଗ୍ୟା
ଦେପେଢ଼୍ (ଲେ)/ଦେପେଲେ—କ୍ରି. ସଂଯୋଗରେ ରତ ହେବା
ଦେମ୍‌ଖେମାଓଏଦ୍—କ୍ରି. ଜେଦ କରିବା, ଅନିଚ୍ଛା ପ୍ରକାଶ କରିବା
ଦେମ୍‌ରସ୍ତା—କ୍ରି. ଜବରଦସ୍ତି ସହକାରେ କରିବା
ଦେରେଜ୍—କ୍ରି. ପ୍ରସବ କରିବା ବେଦନା ଅନୁଭବ ପ୍ରକାଶ
କରିବା
ଦେରେଜ୍ ଦେରେଜ୍—କ୍ରି. ଅସୁସ୍ଥ ଲାଗିବା, ଜୀବନକୁ ସୁଖ
ନ ଲାଗିବା

ଦେସଭରୁମ୍ ଦିସମ ଭରୁପ୍—ବି. ଅଂଚଳ ବା ଦେଶ ଦେଶ
ମଧ୍ୟରେ ଥିବା ସୀମା
ଦେସ୍ ଦୁନିଆ - ବି. ଦେଶ ସଂସାର
ଦେସ-ବିଦେସ୍—ବି. ଦେଶ ବିଦେଶ
ଦେସ—କ୍ରି. ଦେଶ
ବିଦେସ୍ ଅ ୦୦ —କ୍ରି. ଦେଶ ବିଦେଶ ଭ୍ରମଣ କରିବା
ଦେସ୍‌ମାଁଝୀ—ବି. ଅଞ୍ଚଳର ସାନ୍ତାଳ ସମାଜର ମୁଖ୍ୟ ବ୍ୟକ୍ତି
ଦେସ୍‌ପାରଗାନା—ବି. ପ୍ରଗଣାର ସାନ୍ତାଳ ସମାଜର ମୁଖ୍ୟ
ଦେବ୍—ବି. ଦେବ
ଦେବି—ବି. ଦେବୀ
ଦେବତର—ବି. ଦେବୋତ୍ତର
ଦେବଦାରୁ ଦାରେ—ବି. ଦେବଦାରୁ ବୃକ୍ଷ
ଦେବଦାସୀ—ବି. ନର୍ତ୍ତକୀ
ଦେବଦୂତ୍—ବି. ଦେବଦୂତ
ଦେରେଞ୍ଜ—ବି. ଶିଙ୍ଗ
ଦେଲ୍ (ଡ)—କ୍ରି. ରତିକ୍ରିୟା କରିବା
ଦେଲେ—କ୍ରି. ରତିକ୍ରିୟା ରତ ହେବା
ଦେଲା—କ୍ରି. ଆଦେଶାତ୍ମକ - ଆସ
ଉ: ଦେଲା ସେନଃଆବ, ଆସ ସମସ୍ତେ ଯିବ, ଦେଲା ହିଜୁଃମେ,
ଆସ, ମୋ ସାଙ୍ଗେ ପଛରେ ଆସ ଇତ୍ୟାଦି
ଦେର୍‌ପେଝେଲ୍—କ୍ରି. ହାଇ ହୋଇ ଦେହ ହାତ ମୋଡ଼ା ମୋଡ଼ି
ଦେବା, ଦେହ ଅସୁସ୍ଥ ଅନୁଭବ କରିବା
ଦେଡ଼୍‌ହା—କ୍ରି. ବାଙ୍କିବା, ଏକକଡ଼ିଆ ହେବା
ବି. ଦେଡ଼ହା (ମୂଳ ହେବା)
ଦେଢ଼୍‌ହେଢେ—ବିଂ. ଭ୍ରଷ୍ଟାନାଷ୍ଟ, ରତି ପ୍ରିୟା
ଦେହେଲ୍—କ୍ରି. ବିଂ. ଦେହ ଛଳକିବା
ଦେହେଲ୍ ଦେହେଲ୍—କ୍ରି. ବିଂ. ଦେହ ଛଳକ ଛଳକ ଦେହ
ଦୁଲକିବା, ନାଚରେ ଦେହ ଦୋହଲିବା ପ୍ରକ୍ରିୟା

## ଧ

ଧ—କ୍ରି. ଧର୍

ଧ ଧ—କ୍ରି. ବିଂ. ଧର୍ ଧର୍, ଉତ୍ସାହାତ୍ମକ ପ୍ରୟୋଗ (ଏହା କୁକୁରଙ୍କ ପାଇଁ ଉଦ୍ଦେଶିତ)

ଧକ୍—ବି. ଧକ୍, ସହସା, ଧୁକଧୁକର ସ୍ପନ୍ଦନ, ସ୍ପନ୍ଦନ ହେବା

ଧକ୍ ଧକ୍—କ୍ରି. ବିଂ ଧକ ଧକ ସ୍ପନ୍ଦନ ହେବା ପ୍ରକ୍ରିୟା, ଡରଯିବା ପ୍ରକ୍ରିୟା, ଭୀତତ୍ରସ୍ତ ହେବାର ହୃଦର ସ୍ପନ୍ଦନ ପ୍ରକ୍ରିୟା

ଧଁକାଓ—କ୍ରି. ଖର ନିଃଶ୍ୱାସ ପ୍ରଶ୍ୱାସ ନେବା ଧଇଁସଇଁ ହେବା

ଉ: ଦା.ଲ ଲଙ୍ଗାତେ ଧଁକାଓଃ କାନାସ୍—ଦୌଡ଼ିକରି ଥକ୍କି ଯିବାରୁ ଧଇଁ ସଇଁ ହେଉଛି

ଧକ୍କା—କ୍ରି. ଧକ୍କା ଦେବା, ଠେଲି ଦେବା

ଧକର୍—ବି. ସଂଶୟ, କ୍ରି. ସଂଶୟ ହେବା, ମନରେ ସନ୍ଦେହ ଜାତ ହେବା

ଧକ୍—ବି. ଗଛର ଉଚ୍ଚତା

ଧଚଅ—ବିଂ. ଠକ, ଅଳସ, ଆଳସ୍ୟ, କ୍ରି. ଠକାଇବା, ଅଳସ କରିବା

ଉ: ସାଣ୍ଡି ଧଚ ଏ ସାବ୍ କୋଃଆ—କୁକୁଡ଼ା ଗଞ୍ଜା ଠକ ଧରିଲେଣି

ଧଡ୍ଧାଡ—ବି. ଧୂଡ଼ଧାଡ (ଶବ୍ଦ)

ଧଡ୍ପଡ୍—କ୍ରି. ବି. ଧଡପଡ, ଚଞ୍ଚଳ, ଶୀଘ୍ର

ଧଡର୍ ପଡର୍—କ୍ରି. ବିଂ. ଯାଇଥାଇ କରି, ଯେମିତି ସେମିତି କରି, ଯେନ ତେନ ପ୍ରକାରେଣ

ଧଡସ୍—ବିଂ. ଫମ୍ପା ଦରସ୍, ଅନାବଶ୍ୟକ

ଧଦେୟା—ବିଂ. ନରମ, ଅକର୍ମା, ନିକମ୍ମା

ଧଦ୍ରସ୍—ବିଂ. ଫମ୍ପା ପୋକସ୍

ଧନ୍—ବି. ଧନ, ସମ୍ପତ୍ତି

ଧନଆନ୍—ବିଂ. ଧନାଢ୍ୟ

ଧନ୍ଦାଉଲତ୍, ଧନ୍ଦୁଲ୍ଲୁଖ୍—ବି. ଧନ ଦୌଲତ

ଧନ୍ଥ—ବି. ମୂଲ୍ୟବାନ, ପ୍ରିୟ, ସନ୍ତାନ, ପୁଅ, ଲିଙ୍ଗ, ପ୍ରିୟ

ଧନା—ବି. ଖଜଣା

ଧପ୍—କ୍ରି. ଚଟପଟ ଲଭିବା, ଅପଟର ଲଭିବା

ଧପଟ୍—ବିଂ. ମଳଲୁଡଆ, ବଳୁଆ

ଧପ୍ଧପ୍—କ୍ରି. ବିଂ. ଧପ ଧପ କରିବା (ବର୍ଷା)

ଧପାଓ୍—କ୍ରି. ଠକିବା, ଠକିଦେବା

ଧପାବାଜ୍—ବି. ଧପ୍ପାବାଜ, ଠକ

ଧବା—ବି. ଧୂଳି

ଧମକ୍—ବି. ଧମକ, ଚେତାବନୀ

ଧମ୍କା—ବିଂ. ଥରକୁ ଥର ଜୋରଦାର ପବନ ହେବା

ଉ: ଧମ୍କା ଧମକା ହୟ୍ତେ ଦାରେ ଗ୍ରସୁବୁ(ବ୍)ଏନା—ଧମକା ପବନରେ ଗଛ ଗୁଡ଼ିକ ପଡ଼ିଲା

ଧମ୍କାଓ—କ୍ରି. ଡରାଇବା ଧମକାଇବା

ଧମ୍କାନ—କ୍ରି. ଧମକାଣି ଦେବା, ଡରାଇବା, ଡାଣ୍ଟିବା

ଧମ୍ପଲ୍ଅ—କ୍ରି. ଡରିଯିବା, ଧମକାଣି ସହିବା

ଧମ୍ପେଲ୍—ବିଂ. ବଡ଼ା, ମୋଟା, ତାଗଡ଼ା (କେବଳ ନାରୀଙ୍କ ପାଇଁ ପ୍ରଯୁଜ୍ୟ), ଉ: ଧମ୍ପେଲ୍ କୁଲ ଟେକା ହପିଲ୍ କାତେ ଯେନ କାନାସ୍—ବଡ଼ା ମୋଟା ତାଗଡ଼ା ମାଇକିନିଆ ପାଛିଆ ମୁଣ୍ଡାଇ ବୁଲୁଛି

ଧମା—ବି. ଡମା (ବଡ଼ ଡମା)

ଧର୍ଅ—କ୍ରି. ଧର, ଧରିପକାଅ (ଆଦେଶାତ୍ମକ ପଦ)

ଧର୍ପଅ—ବିଂ. ଧଡସ୍ ଓ ପୋକସ୍ କ୍ରି. ଫମ୍ପା ପୋକସ୍ ହେବା

ଧରଅ ଉସଅ—କ୍ରି. ବିଂ. ଜରୁଆ ଜରୁଆ (ଲାଗିବା)

ଧରମ୍—ବି. ଧର୍ମ

ଧର୍.ମ୍କା—କ୍ରି. ଧର୍ମ କରିବା

ଧରମ୍ ବାବା—ବି. ଧରମ ବାପା

ଧରମ୍ ଆୟ୍—ବି. ଧରମ ମାଆ

ଧରସି—ବି. ଧନେଶ ପକ୍ଷୀ

ଧର୍ସତ୍ ମରଗଦ୍—ବି. ସ୍ୱାସ୍ଥ୍ୟ ଭଲ ନ ଲାଗିବା ଅବସ୍ଥା, ଅସୁସ୍ଥ କ୍ରି. ସ୍ୱାସ୍ଥ୍ୟ ଖରାପ ହେବା ଲକ୍ଷଣ ଦେଖାଦେବା, ଅନୁଭବ କରିବା

ଧସ୍ସ—କ୍ରି. ବି. ବସ୍ତବର, ବସ୍ତୁତଃ, ସତରେ

ଉ: ଧସ୍ସ ଆମ୍‌ଦ ସାରଗେ ନାପାସ୍ତ୍ ହୁଲ କାନାମ
ସତରେ ତୁମେ ପ୍ରକୃତରେ ଭଲ ବ୍ୟକ୍ତି ଅଛ

ଧସ୍ସଓ୍ୱ—କ୍ରି. ଧସ୍ସାଇ ଦେବା, କାମରେ ଲଗାଇଦେବା

ଧସ୍ସହ୍—ବି. ବାସ୍ତବକତା, କ୍ରି. ବିଂ. ବାସ୍ତବରେ

ଧସ୍ସଧୁସ୍ସ—କ୍ରି. ହାତ ଧସ୍ସଧଶ ହୋଇ, ଜବରଦସ୍ତି କରି,
ଡସ୍ସାଇକରି, କହୁ ଧସ୍ସାଇ ଦେଇ

ଧର୍‌ପାକଡ୍—କ୍ରି. ଦୋଷ ଦେଇ, ଆଇନ ଅନୁଯାୟୀ
ଜବରଦସ୍ତି କରି ଧରିବା

ଧସ୍ସବନ୍ଦା—କ୍ରି. ବିଂ. ବସ୍ତବର ଗ୍ଲୁଲ ଆସୁଥିବା ନୀତ, ନିୟମ
ଅନୁସାରେ, ଧସ୍ସବନ୍ଧା

ଧସ୍ସମାସ୍ସ—କ୍ରି. ବିଂ. ଧରି କରି ମାରିବା, ମାରଧର

ଧରଅଧୁସୁ ହଦ୍—ବିଂ. ଅସଜଡ଼ା ବାଳ, ଧସ୍ତାଧସ୍ତି ହୋଇଥିବା
ମୁଣ୍ଡବାଳର ସ୍ଥିତି

ଧରେଲେ ଧର୍‌ଲେ—ବି. ସିଙ୍ଗା (ବାଦ୍ୟଯନ୍ତ୍ର) ତୁରୀ

ଧଲକାଓ—କ୍ରି. (ମାଟି କାନ୍ଥି, କାନ୍ଥକୁ) ଧସାଇ ଖଣ୍ଡ ଖଣ୍ଡ
କରିବା, ଧସାଇ ପକାଇବା

ଧଲ୍‌ଅ ଧଲ୍‌ଅ—କ୍ରି. ବିଂ. (ଦେହକୁ) ଶିମିଁଝିମିଁ ଲାଗିବା ପ୍ରକ୍ରିୟା
କ୍ରି. ଶିମିଁଝିମିଁ ଲାଗିବା

ଧଲଅ ମଲ୍‌ଅ—କ୍ରି. ଅସ୍ଥିର ଲାଗିବା, ବିଂ. ଅସ୍ଥିରତା

ଧଡ଼୍‌କ ~ ଧଡ଼୍‌କ ~—ବିଂ. ବଡ଼, ବଡ଼ କ୍ରି. ଅସମତଲ ଲାଗିବା
ଧଡ଼୍‌କରି ପଡ଼ିବା ଓ ଉଠିବା ପ୍ରକ୍ରିୟା

ଧଡ଼୍‌ଚୁଲ୍‌ରେ—କ୍ରି. ବିଂ. ଉଠାଣିରେ

ଧଡ଼୍‌ଚୁଲ୍—ଉଦ୍‌ଘାଟକ ପଦ - ଧେନୁରେ

ଧଡକ୍ ଧଡକ୍—କ୍ରି. ବିଂ. ଲେଙ୍ଗଡ଼ାଇ ଟ୍ରେଟେଇ ଟ୍ରେଟେଇ

ଧଡସ୍ସ୍ ଧଡସ୍ସ୍—କ୍ରି. ବିଂ. ବେକାର୍ ବୁଲାବୁଲି କରିବା ପ୍ରକ୍ରିୟା

ଧଡସ୍ସ୍ ଧଡସ୍ସ୍ ଆ ~—ବିଂ. କାଠ ଗଣ୍ଡିଆ ପଶିକା ବଡ଼

ଧଡ଼୍‌ସତେ—ଅ. ସୂଚନା ପାଇ, ଗନ୍ଧ ପାଇ

ଉ: କଡସ୍ସ ଆ.ନ୍ ଲାଗୁଃ ଧଡସତେ ଚୁସ୍ସମାସ୍ସ କ ଉଲୁନ୍‌କାନା
କଡ଼ା ଆଇନ୍ ଲାଗିବା ସୂଚନା ପାଇ (ଗନ୍ଧପାଇ)
ଲୋକମାନେ ଚଟ୍‌ପଟ୍ ଲୁଚୁଛନ୍ତି

ଧଆମଆ (ଦଅମାଆ)—କ୍ରି. ବିଂ. ଅନିଶ୍ଚିତତା ହୋଇ,
ହେବ କି ନ ହେବ ଦ୍ୱନ୍ଦରେ ପଡ଼ି

ଉ: ଦଆମଆ ଏକ୍ ଡାଣ୍ଡ୍ ରେଦ୍ ହିଁ ବାଣ୍ଡ୍ କଗ୍ଓ ଆକାଦ୍‌ଆ
ଅନିଶ୍ଚିତ ହୋଇ ମୁଁ କିଛି ବି କରିନାହିଁ

ଧକ୍‌ଲଓ୍ୱନ୍—କ୍ରି. ବିଂ. ଲକ୍ଷ୍ୟହୀନ ଜୀବନ

ଧକ୍‌ତେ (ଥକ୍‌ଲେ)—ବିଂ. ମଇଳା ଲାଗି ଥିବା (ହାତ, ଗୋଡ଼,
ପିଠି ଓ ଜଙ୍ଘ)

ଧଙ୍ଗ୍‌ତେ—ବି. ତେଲୁଙ୍ଗା, ଟେଡ଼ାମେଡ଼ା
କ୍ରି. ଏକ ତରଫା ହେବା, ତେରଛା ହେବା

ଧଙ୍ଗଲ୍ ଫଙ୍ଗଲ୍—କ୍ରି. ବିଂ—ଅସାବଧାନ ପୂର୍ବକ,
ଅବହେଳା ଭାବେ
କ୍ରି. ଅସାବଧାନ ଓ ଅବହେଳା ଭାବେ କରିବା

ଧଚର—ବି. ଜିଦି, ହଠ କ୍ରି. ଜିଦ୍ ଧରିବା, ହଠ କରିବା

ଉ: ଗିଦ୍‌ରା.ଟା ଧଚର୍ ଏନାସ୍ତ - ପିଲାଟି ଜିଦିଆ ହୋଇଛି

ଧଞ୍ଜ୍—ବି. ଆବଶ୍ୟକତା, ଦରକାର
କ୍ରି.—ଆବଶ୍ୟକ ପଡ଼ିବା, ଦରକାର ପଡ଼ିବା

ଧଟ୍‌ପଟ୍—କ୍ରି. ବିଂ. ଛଟ୍‌ପଟ୍ କ୍ରି. ଛଟ୍‌ପଟ୍ କରିବା

ଧଡ୍‌ରଅ—ବିଂ. ପୋଲା, ଫମ୍ପା, କ୍ରି. ଫମ୍ପା ହେବା

ଧତ୍ଲଲ୍ ଧତ୍ଲଲ୍—ବି. ବଡ ବଡ଼ (ଫୁଲା ଓ ମୋଟା ହୋଇ
ବଡ଼ ବଡ)

ଉ: ଧତଲ ଧତଲ ହୁଲଦ ବାଳ ଦା.ଲ ଦାଲେସ୍ସାଃଆ
ମୋଟା ମୋଟା ଲୋକ ମାନେ ଦୌଡ଼ି ପାରିବେ ନାହିଁ

ଧନ୍‌ଗାର୍—ବି. ଧନରଘର, ଧନୀ, ଅମୀର

ଧନ୍‌ଦୁରବ୍—ବି. ଧନ ଦ୍ରବ୍ୟ, ଧନ ସମ୍ପତ୍ତି

ଧପସ୍ସ—ବି. ବୃଦ୍ଧାବସ୍ଥା

ଧମକ୍—ବି. ଅଭିମାନ୍ କ୍ରି. ଅଭିମାନ କରିବା

ଧରମ୍ କରମ୍—କ୍ରି. ଧର୍ମ କର୍ମ କରିବା

ଧରଂପଡଂ—ବିଂ. ସିଙ୍ଗାଣିଆ

ଧରଂସରଂ—ବି. ଦଦରା ହୋଇ ଥିବା, ସର୍ଦ୍ଦି ହେବା

ଧରନ୍ଥ ଧପଡ୍ (ଠେଙ୍ଗା, ହୁଲ୍)—ବିଂ. ଦଦସ୍ତ (ବାଡ଼ି) ଚାଲିବାରେ
କଷ୍ଟ ପାଉଥିବା (ବ୍ୟକ୍ତି)

ଧରମ୍ ଖାଲ—କ୍ରି. ଧର୍ମକୁ ସାକ୍ଷୀରଖି ଝଗଡ଼ା କରିବା

ଧରମ୍ ବଦା—ବି. ଧର୍ମ ନାମରେ ଗ୍ରାମ୍ଯ ଛଡ଼ାଯାଇଥିବା ବୋଦା

ଧଲା ଦୁବ୍‌ରାଜ ହୁଲୁ—ବି. ଧଳା ଦୁବରାଜ ଧାନ

ଧସ୍ ମସ୍—କ୍ରି. ବିଂ. ଅବହେଳା ଓ ଅସାବଧାନ ରୂପେ

ଉ: ଧସ୍ ମସ୍ କାମି ଦ ବାଇଞ୍ଜି ଜୁପିଆଃଆ-ଅବହେଳା ଅସାବଧାନ
ରୂପେ କାମ କରିବାକୁ ଭଲ ପାଏ ନାହିଁ

ଧସ୍ ମସିୟା—ବିଂ. ଅବହେଳାଆ, ଅସାବଧାନଆ, ଅସ୍ତବ୍ୟସ୍ତ

ଧଡକାଟା—ବିଂ. ମୂଳ ଗଛ ଫମ୍ପା (ଧାନ ଗଛରେ ପୋକ ଲାଗି
ମୂଳ ଗଛ କାଣ୍ଡ ଫୋମ୍ପା ହେବା ଅବସ୍ଥା)

ଧଡକାଟାହା—ବି. ଏକ ପ୍ରକାର ପଶୁଙ୍କ ଗୋଡ଼ ଫୁଲା ରୋଗ
(ଏ ରୋଗରେ ପଶୁଙ୍କ ତଳ ପାଦର ଜଙ୍ଘ ପର୍ଯ୍ୟନ୍ତ ଫୁଲି ଯାଏ)

ଧଡ୍ ଧଡ—କ୍ରି. ବିଂ. ଧଡ଼ାଧଡ଼

ଧଡସ୍—କ୍ରି. ଛନକା ପଶିବା, ସୂଚନା ପାଇବା

ଧାଁଇ ଦାରେ—ବି. ଶ୍ରେଷ୍ଠ ସାହାଡ଼ା ଗଛ

ଧାଁଇ ବୁଢ଼ୀ—ବି. ଧାଈ ବୁଢ଼ୀ

ଧାଓ—କ୍ରି. ବିଂ. ଥରେ, (ଏକ ଥର), କ୍ରି. ବିଂ. ସୁଯୋଗ

ଉ: ମିଦ୍ ଧାଓ—ଏକ ଥର, ଥରେ
ଧାଓଞ୍ଜାମ୍—ସୁଯୋଗ ପାଇବା

ଧାଓଁଆଁ—ବି. କପାଳରେ ନାଇଁ ଅଳଙ୍କାର

ଧାକ୍—କ୍ରି. ଧଡ଼କ ପଶିବା, ଛନକା ପଶିବା

ଧାଃକା—କ୍ରି. ପଛରୁ ଧକ୍‌କା ଦେବା

ଧାଃକାର୍—କ୍ରି. ଆପଣେ ଧକ୍‌କା ପାଇବା
(ଗାଡ଼ି ଏକାଡ଼ ସେକାଡ଼ ହେଲେ ଯେଉଁ ଧକ୍‌କା ହୁଏ)

ଧାଃକାର୍ ଧୁକୁର୍—କ୍ରି.ବିଂ. ସ୍ୱତଃ ଠେଲାପେଲା

ଧାକାଡ଼୍—ବି. ଧଡ଼ (ଶବ୍ଦ)

ଧାକାଡ଼୍ ଧାଃକୁଡ଼୍—କ୍ରି. ବିଂ. ଧଡ ଧାଡ ହେବା, ଉଠପକା
ହେବା

ଧାଃ.କୁର୍—କ୍ରି. କମର ଆଗ ପଛ କରି ହଲିବା

ଧାଃ.କୁର୍ ଧାଃକୁର୍ (ଡାଲାମ୍)—କ୍ରି. ବିଂ. ପିଚ୍ଛ ଆଗ ପଛ କରି
ଚାଲିବା ପ୍ରକ୍ରିୟା

ଉ: ଉକ ଝମିର୍ ଦ ଧାଃକୁର୍ ଧାଃକୁର୍ ଏ ଡାଲାମ୍ ଆ—
ସେ ବେଙ୍ଗଆ ଟା କମର ଆଗ ପଛ କରି ହଲି ହଲି ଯାଏ ।

ଧା.କୁର୍ ବାକୁର୍—କ୍ରି. ବିଂ. ଆଗକୁ ହଲି ପାଖକୁ ହଲି ହଲି
ଅଙ୍କା ବଙ୍କା ହୋଇ (ଚାଲିବା ପ୍ରକ୍ରିୟା)

ଧା.କୁଡ଼୍ ମାକୁଡ଼୍—କ୍ରି. ବିଂ. ଉଠାପଡ଼ା, ଉଠାପକା

ଉ: ସଲକ ବାସ୍ତୁ ନାପାସ୍ତୁ ସମାନ୍ ହତେ ବସ୍‌ଗାଡ଼ି ଧା.କୁଡ
ମା.କୁଡ଼୍ କାତେ ଦା.ଲ ଆକାଦ୍ ଆସୁ—ସଡ଼କ ରାସ୍ତା
ଅସମତଳ ହେତୁ ବସ ଗାଡ ଉଠ୍‌ପଡ଼୍ ହୋଇ ଧାଇଁଛି

ଧା.କୁଡ଼୍(ଲ୍)ଧାକୁଡ଼୍—କ୍ରି. ବିଂ. ଧଡ଼ ଧଡ଼, ଧଡ଼ଧାଡ଼

ଧାଙ୍ଗଡ଼୍—ବି. ଯୁବା (ଅବିବାହିତ)

ଧାଙ୍ଗଡ଼ି—ବି. ଯୁବତୀ (ଅବିବାହିତା), ଯୁବତୀ ସ୍ୱକସାଣୀ

ଧା.ଗୁମ୍ ସାଗୁମ୍ ଉବ୍ (ପ୍)—ବିଂ. ବହଳ ଘନ ଦାଢ଼ି, ବହଳ
ମୁଣ୍ଡ ବାଳ

ଧାଙ୍ଗୁଡ଼ି ଧାସୁଂ (କୁଲ)—ବିଂ. ଅଧିକା ମୋଟା ମୋଟି ଯୁବତୀ

ଧାଂଚୁଡ଼୍ ଧାଂଚୁଡ଼୍ (ଧାଞ୍ଚୁଡ଼୍ ଧାଞ୍ଚୁଡ଼୍)—କ୍ରି. ବିଂ. ବିଶେଷ କରି
ଏକ ଗୋଡ଼ରେ ଭରା ଦେଇ ଡେଇଁ ଡେଇଁ ଚାଲିବା ପ୍ରକ୍ରିୟା

ଧାଁଚୁଲ(ଡ଼୍)—କ୍ରି. ଏକ ଗୋଡ଼ରେ ଡିଆଁ ମାରିବା, ଗ୍ରେଟାଇ
କରି ଚାଲିବା

ଧା.ତରି—ବି. ଚୁଳ, (ପଗଡ଼ିର ଚୂଳ, ମୟୂର ଚୂଳ, ବାଳର
ଗୁଚ୍ଛା, ଯାହା ଉପରକୁ ଟେକ ହୋଇ ରହିଥାଏ)

ଧା.ଚୁ—ଅ. ପରି, ସଦୃଶ୍ୟ, ପ୍ରକାର, ଢଙ୍ଗ

ଧା.ଚୁଲ୍—କ୍ରି. ଡେଇଁବା, ଡେଇଁ ଦେବା

ଧା.ଚୁଲ୍ ଧାଚୁଲ୍ (ଡାଲାମ୍)—କ୍ରି. ବିଂ. ଡେଇଁ ଡେଇଁ ଚାଲି,
ଉଠାପକା ହେବା

ଧା.ଝ୍, ଧା.ଡୁ—ଅ. ଯେଉଁ

ଧା.ତୁରି. ଦାରେ—ବି. ଧୁତୁରା ଗଛ, ଦୁଦୁରା ଗଛ, ଔଷଧୀୟ ଗଛ

ଧା.ଡଞ୍ଚ୍—ବି. ମାଦଳରୁ ଉତ୍ପନ୍ନ ଶବ୍ଦ
କ୍ରି. ମାଦଳକୁ ଚାପୁଡ଼ା ଦେଇ ବଜାଇବା

ଧାରୁ—ବି. ଧାରୁ

ଧାଧ୍ରି—ବିଂ. ଦଦରା, ଛିଣ୍ଡା, ଫଡ଼ଫଡ଼ା, ଅକାମି,
ପତଳା ହୋଇଥିବା ଜନପଦର ଛିଣ୍ଡା ଅବସ୍ଥାକୁ ବୁଝାଏ
(ଲୁଗା, ପଥ, ଟିଣପାତ, ଗ୍ରାହିଣୀ ଗ୍ରନ୍ଥ ଆଦି

ଧାଧ୍ରିଆଲା ᵒᵒ—ବି. ଏକ ପ୍ରକାରର ସାପ

ଧାଧ୍ରିହ୍ଵାଟାଃ—ବିଂ. ପୁରୁଣା ଦଦରା ଜିନିଷ

ଧାଧ୍ସି—ବିଂ. ଅପରିଷ୍କାର, ମଇଳା, (ସ୍ତ୍ରୀ ଲୋକ ପାଇଁ ପ୍ରଯୁଜ୍ୟ)

ଧା.ନ୍‌ଦା.ସ୍ଵ (ଓ୍ଵ)—କ୍ରି. କ୍ରୋଧରେ କହିବା, ଡାଣ୍ଟିବା

ଧା.ନଦ୍‌ସ୍ରି—(ସ୍ତ୍ରୀ ଲିଂ) ବି. ଦୁର୍ବଳା, କଳହୁଡ଼ି

ଧା.ଦ୍‌ଲା.ଉ (ଦାଦ୍‌ଲାଉ)—କ୍ରି ଶିକାର ଗୋଡ଼ାଇବା
ତାଡ଼ନାତ୍ମକ ଭାଷା, କାମୁଡ଼ି ଦେବା

ଉ: ସେତା ତୁମ୍ଭ ଏ ଦା.ଦା.ଲାଉ କେଦେସ୍ଵା
କୁକୁର ବାଳୁଅଟାକୁ କାମୁଡ଼ି ଦେଲା

ଧା.ନଆ—ବି. ଧଣିଆ

ଧାନ—ବିଂ. ଧାନ

ଧାପ—ବି. ଶ୍ରେଣୀ, ସୋପାନ, ପାହାଚ

ଧାପ୍ ଧାପ୍—କ୍ରି. ଥର ଥର

ଧାପାଓ—କ୍ରି. ଦବେଇ ଦେବା, ପୋତି ଦେବା

ଧାଣି—ବି. ବଂଶୀର ଅନ୍ତିମ ସ୍ଵର

ଧା.ସୁଚ୍ ଧା.ସୁଚ୍ (ତାଲାମ୍)—କ୍ରି. ବିଂ. ସାମାନ୍ୟ ନଇଁ ପିସ୍ତୁ
ହଲାଇ ଚାଲିବା ପ୍ରକ୍ରିୟା

ଧା.ସୁଆ. ଧା—ବି. ଶ୍ଳେଷ୍ମ ପିତ୍ତବାଲା (ହାର୍ଣ୍ଣି, ଗର୍ବ)

ଧାବ୍‌ଲା—ବିଂ. ଅଧିକ ଚୌଡ଼ାବାଲା, କ୍ରି. ଚଉଡ଼ା ହେବା

ଧାତଡ଼ (ଲ୍)—ବିଂ. ବେଶି ଓସାର କ୍ରି. ବେଶି ଓସାର ହେବା

ଧା.ବକ୍—ସଂଯୋଜକ ପଦ—ଯେ ପର୍ଯ୍ୟନ୍ତ, ପର୍ଯ୍ୟନ୍ତ

ଉ: ଆମ୍ ହୁନ୍ଃଧାବକ୍ ଇଞ୍ଜ୍ ନଣ୍ଡେଞ୍ଜ୍ ତାହେଁନା
ତୁମେ ଆସିବା ପର୍ଯ୍ୟନ୍ତ ମୁଁ ଏଠାରେ ଥିବି

ଧା.ରୁଢ—ବି. ଋଣଗ୍ରସ୍ତ, ଧାରୁଣୀ, କ୍ରି. ଋଣଗ୍ରସ୍ତ ହେବା

ଧା.ରୁଭା—କ୍ରି. ବିଂ. ଋଣ କରିଥିବା, ଧାରିଥିବା

ଧା.ରୁପାଲ୍/ଧାରପାଲ୍—କ୍ରି. ବିଂ. କବାଟକୁ ବନ୍ଦ କରିବା ଓ
ଖୋଲିବା ଶବ୍ଦ

ଧା.ରପିଲ୍—(ସ୍ତ୍ରୀ. ଲିଂ.) ଅପରିଚ୍ଛିନ୍ନସ୍ତା (ମାଇକନା) ମଇଳା

ଧା.ଉ.ପିଲଂ. ଧା.ର.ପିଲ ᵒᵒ—ବିଂ. ଅସ୍ତବ୍ୟସ୍ତ

ଧା.ଶ—ବି. ଧାଡ଼ି, ଢୁଲର ସ୍ଥାନ

ଧା.ଶଧା.ଶ—କ୍ରି. ବିଂ. ଧାଡ଼ି ଧାଡ଼ି

ଧା.ଶଲ୍—କ୍ରି. ବିଂ. ପର୍ଯ୍ୟନ୍ତ

ଧ.ଉ.ଧାଶ—କ୍ରି. ବିଂ. ପାଖାପାଖି

ଧାସ୍ରି—ବି. ଗତି, କ୍ରମ, ସ୍ରୋତ

ଧାସ୍ରେତେ—କ୍ରି. ବିଂ. ଧରଣ ପ୍ରକାରରେ

ଧାସ୍ରିଓ—କ୍ରି. ବିଂ. ଧାର୍ କରିଥିବା, କ୍ରି. ଧାରିବା
ବି. ଋଣ କରିବା

ଧା.ରୁଆ. (ଓ୍ଵ)—ବିଂ. ଋଣୀ (ଓ୍ଵା) କ୍ରି. ଦାରୁଆ

ଧାରୁକାଟ୍—ବିଂ. ଦୁଷ୍ଟ, ପାଜି, କନ୍ଦ ଖୋର

ଧାରେ—ବି. ଉଟ୍ଟ ଉଚ୍ଚ

ଧାରେ ଧାରେତେ—କ୍ରି. ବିଂ. ଉଟେ ଉଟେ, କଡ଼େ କଡ଼େ

ଧା.ରୁଣ୍ (ନ୍)—କ୍ରି. ବର୍ଷା ଛାଡ଼ିଯାଇ ଆକାଶ ପରିଷ୍କାର
ହେବା

ଧାଡ଼୍ଗୁମ୍—ବିଂ. ବାଳୁଆ (ଲୋକ) ଶରୀର ସମସ୍ତ ଅଙ୍ଗରେ
ବାଳପୂର୍ଣ୍ଣ ଥିବା

ଧା.ଡ଼୍ଗୁମ୍ ଧାଡ଼୍ଗୁମ୍—କ୍ରି. ବିଂ. ବାଳୁଆ ବାଳୁଆଁ ବସ୍ତ୍ରଟ୍ ବସ୍ତ୍ରଟ

ଧାଲୁକ୍ ଧା.ଲୁକ୍—କ୍ରି. ବିଂ. ଲେଉଟାଇ ଲେଉଟାଇ ଢାଳି ଢାଳି
ଦିବା ପ୍ରକ୍ରିୟା

ଧାଲୁସ୍ତ୍ ଧାଲୁସ୍ତ୍—କ୍ରି. ବିଂ. ଚାଲିବା ବେଳେ ବାଳ ଝୁଲିଝୁଲି
ହେଉଥିବା ପ୍ରକ୍ରିୟା
ବା କୁକୁର ଚାଲି ପ୍ରକାରରେ ଚାଲିବା ପ୍ରକ୍ରିୟା

ଧା.ଉଧା.ଉ, ଧା.ଓ୍ଵ ଧାଓ୍ଵ—କ୍ରି. ହୁତ୍ ହୁତ (ନିଆଁ ଜଳିବା)

ଧା.ଉମେନ୍‌ତେ, ଧା.ଓ୍ଵମେନ୍‌ତେ—କ୍ରି. ବିଂ. ହୁତକରି

ଧା.ଡ଼ଗୁ—ବିଂ. ବିଶାଳ ବଡ଼ ବଡ଼

ଧାଡ଼ଗୁପିମ୍‌ବିଲ୍—ବଡ଼ ବଡ଼ ଅଣ୍ଡା

„ ଧିରି—ବଡ଼ ପଥର

„ ଜିଲ୍—ବଡ଼ ବଡ଼ ମାଂସ ଖଣ୍ଡ

ଧାଡ଼ଙ୍ଗି—କ୍ରି. ଢେଙ୍ଗେଇ ଢୋକା, ଢେଙ୍ଗେଇ ସୁନ୍ଦରିଆ ଝିଅ
ଧା.ଡ଼ଚୁ ଂ—କ୍ରି. ଠେସ ଲଗିବା
ଧାଡଚୁ ଂ ଧାଡଚୁ ଂ—କ୍ରି. ବି°. (ଗୋଡ଼ରେ ଠେସ ଲଗିବା ପରେ) ଖ୍ଚୋଟାଇ ଖ୍ଚୋଟାଇ (ଚାଲିବା)
ଧା.ଡୁକ୍—କ୍ରି. ଠେସ ଲଗିବା
ଧା.ଡୁଃଧାଡୁଃ—କ୍ରି. ବି°. ଢେଙ୍ଗିଆ ଚାଲି ଚାଲିବା
ଧାଡୁମ୍-ଧା ଂ—ବି°. ବିଶାଳ, ବହୁତ ବଡ଼
ଧାକ୍ ଧାକ୍—କ୍ରି. ବି°. ଖୁବ ଛୁଟିବା ପଡ଼ିବା, ଧକ୍ ଧକ୍, ଡରିଯିବା
ଧାକ୍ ଧାକାଓ୍ଵ—କ୍ରି. ଖୁବ ଧକ ଧକ କରିବା, ଛନକା ପଶିଯିବା, ଡରିଯିବା
ଧାକ୍ଲ ଧା.କଲ—କ୍ରି. ବି°. ଧକ୍କା ଧକ୍କ
ଧା.କ୍ଲଓ୍ଵ—କ୍ରି. ଧକ୍କା ଦେଇ ତଡ଼ିବା, ବାହାର କରିଦେବା
ଧାକାଧାକେ—କ୍ରି. ବି°. ଧକ୍ଲ ଧୁକଲ
ଧାକ୍ଡା(ଲ)ଧକ୍ଡେ—ବି°. ଢେଡ଼ାମେଡ଼ା
ଧାକାକ୍ ଧୁକୁକ୍—କ୍ରି. ବି°. ଠେଲପେଲ, ହଲ ଦହଲ
ଧାକା ଧୁକୁ—କ୍ରି. ବି°. ଧକ୍କା ଧକ୍କ, ଠେଲା ପେଲ
ଧାକାର୍ ପାକାର୍—କ୍ରି. ବି°. ତରବର ହୋଇ, ତରତର, ଶୀଘ୍ର ଶୀଘ୍ର
ଧାକାଲ୍ ପାକାଲ୍—କ୍ରି.ବି°. ଡରଯାଇ, ଡରମରି, କ୍ରି. ଡରିଯିବା
ଧାକଲ୍ ଧୁକୁଲ୍—କ୍ରି. ବି°. ଆବଡ଼ା ଖାବଡ଼ା ରାସ୍ତାରେ ଗାଡ଼ି ଧଡ ଧଡ, ଧକଡ୍ ଧକଡ୍ (ଚାଲିବା ପ୍ରକ୍ରିୟା)
ଧାକେଲ୍—କ୍ରି. ଥକିବା, ଥକିଯିବା, ହାଲିଆ ହେବା
ଧାକେଲଧାଃ—ବି°. ଗଣ୍ଡି ମୁଣ୍ଡି ପୃଥୁଳକାୟ (ଲୋକ)
ଧାକେଲାସୁ—ବି°. ପିଚ୍ଛ ପୃଥୁଳ ଥିବା (ନାସ୍)
ଧାଙ୍ଗଡ଼ା ଧାଙ୍ଗଡ—ବି. ଅବିବାହିତ ଯୁବକ, ଅବିବାହିତା ଯୁବତୀ
ଧାଙ୍ଗଲା ଘାସ୍—ବି. ଏକ ପ୍ରକାର ଘାସ
ଧାଗ୍ଲଓ୍ଵ, ଧାଂଗାଲାଓ୍ଵ—କ୍ରି. ଶୀଘ୍ର କାଟି ଫାଡ଼ ନେବା, ଥରକୁ ଥର କାଟିବା
ଧାଂଧାସେର୍—କ୍ରି. ଖୋଳ, ଡାଙ୍ଗ ନଷ୍ଟ କରିବା

ଧାଂପାଲ୍(ଡ୍)—କ୍ରି. ଛୁଣ୍ଡା ଛୁଣ୍ଡି କରି ଧ୍ଵସ୍ତ ବିଧ୍ଵସ୍ତ କରିବା
ଧାଗୁଲ୍ ଧାଗୁଲ୍, ଧାଗୁଲ୍ ଧୁଚୁଲ୍—କ୍ରି. ବି°. (ଚାଲିଯିବା ବେଳେ) ମୁଣ୍ଡର ଲୁଖୁଗ୍ରବାଳ ଓ ବେଢ଼ଙ୍ଗର ପରିହିତ ବସ୍ତ୍ରମାନ ଦୋହଲିବା, ହଲିବା ପ୍ରକ୍ରିୟା
ଧାଜା—ବି. ଧ୍ଵଜା, ପତାକା
ଧାଦ୍ଗ୍ରୁଧା.ଧର୍—କ୍ରି. ବି°. ଫଟାଫଟି, ଛୁଣ୍ଡାଛୁଣ୍ଡି
ଧାଦ୍ଲା ଧୁଦ୍ଲ—କ୍ରି. ବି°. କଣାଫଟା
ଧାନ୍ଦ୍ରା ଧାନ୍ଦ୍ରା—କ୍ରି. ବି°. ଲୁହାଟି, ପାଟିକରି, (ହଜିବା ଦ୍ରବ୍ୟ, ଜୀବ ଖୋଜିବା ପ୍ରକ୍ରିୟା)
ଧାନ୍ଡା / ଧାନ୍ଡ଼—କ୍ରି. ବି°. ବ୍ୟସ୍ତ ହୋଇ ଏଠି ସେଠି ଖୋଜିବା ପ୍ରକ୍ରିୟା
ଧାନ୍ଦରୁ/ଧାନ୍ଦର୍—କ୍ରି ଧୁନ୍ଦୁଡ଼ା ଧୁନ୍ଦୁଡ଼ କରିବା
ଧାନ୍ଦାଡ୍ ଧାପାଡ୍—କ୍ରି. ବି°. ଧନ୍ଦା ନ ଥାଇ ଧାଁ ଧପଡ଼, (ଧନ୍ଦା ନ ଥାଇ ଦୌଡ଼ ଧପଡ଼ା କରିବା ପ୍ରକ୍ରିୟା)
ଧାନ୍ଦା—ବି. ଧନ୍ଦା
ଧାନ୍ଦା—କ୍ରି. ଧନ୍ଦା କରିବା
ଧାନ୍ଦଓ୍ଵା ବଡା—ବି. ଅଜଗର ସାପ
ଧାନାକୁନ୍—କ୍ରି. ରତି କ୍ରିୟାରେ ଲିଙ୍ଗର ପୁନଃ ପୁନଃ ପ୍ରବେଶ ପାଇଁ ଅଣ୍ଟା ସଞ୍ଚାଳନ
ଧାପକା—ବି°. ଛପିବା କାମ ଆଡ଼େଇବା ପ୍ରକୃତି, ଅଳସୁଆମି
ଧାପ୍କାଓ—କ୍ରି. ଛପି ରହିବା, କାମ ଆଡେଇବା, ଅଳସୁଆ ହେବା
ଧାପ୍ରୁ—ବି°. ଝୁମ୍ପୁର ବାଳିଆ
ଧାପାକ୍ ଧୁପୁକ୍—କ୍ରି. ବି°. ଶଙ୍କିତ ହୋଇ ଧୀରେ ଧୀରେ, (ଚାଲିବା ପ୍ରକ୍ରିୟା)
ଧାଯାଦାର୍—ବି. ଦଫାଦାର
ଧାପେଚ୍ ଧାପେଚ୍—କ୍ରି. ବି°. ଗୋଡ଼କୁ ଗୋଡ଼ ବାଡ଼େଇ ହୋଇ ଚାଲିବା ପ୍ରକ୍ରିୟା
ଧାବାଲ୍ (ଡ୍) ଧୁବୁଲ୍ ଡ୍)—କ୍ରି. ବି°. ମୋଟା ବା ଗୋବର ଗୋଡ଼ଆଙ୍କ ଚାଲିବା ପ୍ରକ୍ରିୟା, କ୍ରି. ଧାଡ ଧୂଡ କରିବା

ଧାବଡେ(ଲେ)—ବିଂ. ଚୌଡ଼ା ପାଦବାଲା
ଧାବ୍ଡେ ଗା.ଣ୍ଡି—ବିଂ. ଚୌଡ଼ା ପିନ୍ଧୁବାଲା, (ଏ ଶବ୍ଦ ଗାଳିରେ ପ୍ରୟୋଗ ହୁଏ)
ଧାବଡେ ଡେଙ୍ଗା—ବି. ଚଢ଼ୁଡା ଭଳି ପିନ୍ଧୁ ଛାଙ୍କି ଲେଙ୍ଗୁଟି ମାରିବା
ଧାବ୍ଡେ ଧାବଡେ—କ୍ରି. ବିଂ. ଚଢ଼ୁଡ଼ା ପିନ୍ଧି ଥିବା ଲୋକର ଚାଲିବା ପ୍ରକ୍ରିୟା
ଧାମ୍କା ଧା.କୁଡ଼୍(ଲ୍)—କ୍ରି. ବିଂ. ଅତ୍ୟଧିକ ଧାଁ ଧପଡ କରିବା
ଧାମ୍କା ଧାମ୍କା—କ୍ରି. ବିଂ. ଧମକା ଧମକ କରିବା ପ୍ରକ୍ରିୟା
ଧାମ୍କାଓ—କ୍ରି ଧମକାଇବା
ଧାମ୍ରୁଂ ଧୁମରୁଂ—ବିଂ.—ଖାଲି ଢିପ, ମଦ
ଧାମ୍ଧାମିୟା—ବିଂ. ଜମକା ଜମକ, ଜାକଜମକ
ଧାମ୍ ଧାମ୍—କ୍ରି. ବିଂ. ଦେହ ହାତ ଥରିବା ପ୍ରକ୍ରିୟା, ଅସୁସ୍ଥ ହେବା
ଧାମ୍ ଧୁମ୍—ବି. ଧାମାଧମ, ପାଟିତୁଣ୍ଡ
କ୍ରି. ପାଟିତୁଣ୍ଡ କରିବା, ମହଜ ମଜଲିସ କରିବା
ଧାମ୍ପେଧୁଡେ—କ୍ରି. ବିଂ. ଧଡ଼ପଡ଼ ଦୌଡ଼ା ଦୌଡ଼ି କରି
କ୍ରି. ବ୍ୟସ୍ତ ହୋଇ ଦୌଡ଼ା ଦୌଡ଼ି କରିବା
ଧାମ୍ପାଁଲ୍—କ୍ରି. ଜୋରରେ ଅଥଚ ଗୁଡ଼ି ଗୁଡ଼ି ମାଡ଼ି ଡିଙ୍ଗିର ଶବ୍ଦ ବାହାରିବା, ଧକଡ ଧକ୍ (ଶବ୍ଦ)
ଧାମ୍ସା ଧାମ୍ସି—କ୍ରି. ଦୌଡା ଦୌଡ଼ି କରିବା
ଧାମ୍ସାଓ—କ୍ରି. ଥକିଯିବା, ହତାଶ ହେବା, ମନ ଦବିଯିବା
ଧାମା—ବି. ଧାମା
ଧାମାଧୁମ୍—କ୍ରି. ବିଂ. ଧୁମଧାମ୍, ଜୋରସୋର
ଧାମାସ୍ ଧୁମୁସ୍—କ୍ରି. ଗୋଦର ଗୋଡ଼ିଆର ଚାଲି
ଧାଁସ୍ ଖାଁସ୍—ବିଂ. ଅଣିଆ ଅପିଆ ଦୌଡା ଦୌଡ଼ି କରିବା, ପୀଡା, ଥକା, କ୍ରି. କଷ୍ଟ ହେବା
ଧାର୍କର୍—ବିଂ. ପଢ଼ିଥିବା
କ୍ରି. ବେମରାମତ ଯୋଗୁ ନଷ୍ଟହେବା
ଧାର୍ଚୁଡ୍ ଧୁରୁଚୁଡ୍—ବିଂ. ଉଚା ନୀଚା, ଆବଡା ଖାବଡା

ଧାର୍ଧୁର—ବିଂ. ନମ୍ରତା, ଚୁପ୍ଚାପ
କ୍ରି. ନମ୍ର ହେବା, ଚୁପ୍ଚାପ ରହିବା
ଧାର୍ଧାରାଓ—କ୍ରି. ଧରାଧରି କରି ନେବା, ଜବରଦସ୍ତି ଧରିନେବା
ଧାର୍ଧୁର୍—କ୍ରି. ଧାଡ୍ଧୁଡ ଶବ୍ଦ ହେବା
ଧା.ରୁନା—ବି. ଠେସ ଦିଆ କାଠ
ଧାର୍ସାଁଣ୍—ବି. ଢାଲୁ, ବିଂ. ଢାଲୁଆ
ଧାରହୁ—ବିଂ. ଖସଡ଼ା (ସ୍ଥାନ), ଢାଲୁଆ
ଧାରତା—କ୍ରି. କାଳିଆ ହୋଇଥିବା ମଝିରେ ଧଳା ଚିହ୍ନ ରହିବା
ଧାରାରୁଦ୍ଧି—ବି. ବଣ ଦେବୀର ନାମ
ଧାରାପକିୟା—ବି. ବଣ ଦେବତାର ନାମ
ଧାରାପାଟ୍—ବି. ଗଣିତ ପାଠ
ଧାରା ପାଣ୍ଡା—ବି. ଏକ ଦେବତାର ନାମ
ଧାରାଡ୍ ଧାରାଡ୍—କ୍ରି. ବିଂ. ଜୋରରେ ଦ୍ୱାର ଖୋଲିବା ଶବ୍ଦ ହେବାର ପ୍ରକ୍ରିୟା
ଧାରୁଡ୍ ମେନ୍ଟେ—କ୍ରି. ବିଂ. ଧଡକରି
ଧାଲ୍ପା—ବିଂ. ଚଉଡ଼ା
ଧାଓଁ ଧାଓଁ—କ୍ରି. ବିଂ. ଭଣ ଭଣ କରି, ଦୌଡ଼ିକରି (ଅନେକ) ଉଡ଼ି କରି ଯିବା
ଧାଓଁଣା ଧାଓଁଣି—କ୍ରି. ଅସ୍ତବ୍ୟସ୍ତ ହୋଇ ଧାଁ ଧପଡ଼ କରି ଚୁଙ୍ଗାଖୁଙ୍ଗା କରିବା
ଧାଡ୍(ଲ୍)କାହ୍ନା—ବି. ଢାଲୁ
ଧାଡଙ୍ଗା—କ୍ରି. ବିଂ. ଢାଲୁ, ଢାଲୁଆ
ଧାଡ୍ଧାଡ୍—ଅ. ଧଡ଼ଧାଡ ଶବ୍ଦ ବିଶେଷ
କ୍ରି. ଧଡ଼ଧଡ଼ (ଶୀଘ୍ର ଶୀଘ୍ର) କରିବା
ଧାଡ୍ଧାଡାଓ—କ୍ରି. ବିଂ. ଧଡ଼ଧଡ଼ ଶବ୍ଦ କରି ଯୋଖାରି ନେବା ପ୍ରକ୍ରିୟା
ଧାଡ୍ଧାଡଆ—ବିଂ. ଢାଲୁଆ ସ୍ଥାନ, ଅସମତଳ, ଆବୁଡା ଖାବୁଡ଼ା
ଧାଡ୍ଧାଡେ—କ୍ରି. ହାଙ୍କି ଦେଇ ତଡ଼ିବା, ଶୀଘ୍ର ପଳାଇବା
ଧାଡ୍ପାଡ୍—କ୍ରି. ବିଂ. ଧଡ଼ପଡ, କ୍ରି. ଆକୁଳତା ପ୍ରକାଶ କରିବା
ଧାଡ୍ ପାଡାଓ—କ୍ରି. ଅସ୍ତବ୍ୟସ୍ତ ହେବା, ଆକୁଳ ହେବା

ଧାଡା(ଧାଲା)—ବ. ଜଙ୍ଘ, କ୍ରି. ନାଲ ବା ଝରଣାର ଅଧା ଅଂଶରେ ବନ୍ଧ ପକାଇ ପାଣି ଶୁଖାଇବା, (ଏହା ଦ୍ୱାରା ମାଛ ଧରିବା ସୁବିଧା ହୁଏ), ମଝିରେ ମଝିରେ ଆସି (ଋଣ ପରିଶୋଧ) କରିବାକୁ ତାଗିଦ୍ କରିବା

ଧାଡଢା ∞ ଧୁଡ଼ୁକୁ ∞ —କ୍ରି. ଉଠିବା ପଡ଼ିବା (ଆବଡ଼ା ଖାବଡ଼ା ସ୍ଥାନରେ)

ଧାଡା ଧା.ଡ଼(ଲ୍)—କ୍ରି. ବି°. ଧାଡ଼ିରେ, ପଂକ୍ତିରେ

ଧାଡାଧାଡି—କ୍ରି. ବି°. ଧଡାଧଡ, ଚଟ୍‌ପଟ୍

ଧାଡା ଧୁଡା—କ୍ରି. ବି°. ଅବଶିଷ୍ଟ ଯାହା ବଳକା (ଥିବ)

ଧାଡାପ୍—ବି. ଯନ୍ତ୍ର

ଧାଡାପ୍ ଧାଡାପ୍—କ୍ରି.ବି°. ଜୋରରେ ଧଡଧଡ ଗୁଳିବା ଶବ୍ଦ

ଧାଡାସ୍ ଧାଡାସ୍—କ୍ରି. ବି°. ଜୋରରେ ଧାସ୍ଁ ଧାସ୍ଁ ଗୁଳିର ଶବ୍ଦ

ଧାଡାସ୍ ମେନ୍‌ତେ—ଜୋରରେ ଗୁଳି ଫୁଟିବାର ଥରକିଆ ଶବ୍ଦ

ଧାଡାସ୍ ମାସ୍ରଓ୍—କ୍ରି. ବି°. ଧଡାମ ଧୁଡୁମ (ଗୁଳିଫୁଟା ଶବ୍ଦ) ପ୍ରକ୍ରିୟା

ଧାଡାସ୍—କ୍ରି. ଚମକାଇ ଦେବା ଶବ୍ଦ ହେବା, ଧଡାସ୍

ଧାଡାଁ ∞ ଧାଡାଁ ∞ —କ୍ରି. ବି°. ଧଡାକ୍ ଧଡାକ୍

ଧାଡେଙ୍ଗା—ବି°. ଉଚ୍ଚ ସୁଢ଼ଳ (ପୁରୁଷ)

ଧିଆ.ଉ—କ୍ରି. ଧ୍ୟାନ କରିବା, ମନରେ ଇଚ୍ଛା କରିବା

ଧିକ୍—ଅ. ଧିକ୍, ନିନ୍ଦା ବା ଘୃଣା ସୂଚକ ପଦ

ଧିକ୍‌ରେ—ଅ. ଲୁଚ୍ଛା, ଲୁଚ୍ଛାରେ

ଧିକ୍ ଜାନାମ୍—କ୍ରି. ବି°. ଲୁଚ୍ଛା ଜନମ (ନେଇ)

ଧିଙ୍ଗାଲ୍ ସାଂଗାଲ୍—କ୍ରି. ବନ୍ଧନ ଢ଼ିଗୁଲା ଢ଼ିଗୁଲା ହୋଇଯିବା, ଢ଼ିଗୁଳିବା, ଘର ଭଙ୍ଗା ଭଙ୍ଗି ହେବା

ଧିଟ୍—ଅ. ଧେତ୍ତ

ଧିଡ୍‌ଧାଡ୍—ବି°. ତୁରନ୍ତ, ଶୀଘ୍ର, ଡଗଡଗ

ଉ: ଲେଟ୍‌କା ଧିଡଧାଡ୍ ହାରସ୍‌ନାକ—ପିଲାମାନେ ଶୀଘ୍ର ବଢ଼ିଗଲେ ବା ପିଲାମାନେ ଡଗଡଗ ବଢ଼ିଗଲେ

ଧିଣ୍ଡୁ—କ୍ରି. ଜନ୍ମ ଦେବା, ବେଇବା

ଧିଣ୍ଡୁ ଗା.ସ୍ସ(ଇ°)—ବି. ଛୁଆ ଜନ୍ମ ଦେଇଥିବା ଗାଈ

ଧିତ୍—ଅ. ଧେତ୍, ଧେତ୍ତେରିକା

ଧିତାଂ ଧାତାଂ—କ୍ରି. ଅବହେଳା ରୂପେ ଧୀରେ ଧୀରେ, (କର୍ମ କରିବା) ଆଲସ୍ୟ ଭାବେ

ଧିତାଂ ଧାତାଂ—କ୍ରି. ବି°. ମାଦଳର ବଜାଇବା ତାନ ତାଲ "ଧିତାଂଧାଂ"

ଧିଦ୍‌ରିଜ ଧଦ୍‌ରଜ୍—ବି°. ଫଟା ଚିରା ବସ୍ତ୍ର ପିନ୍ଧିଥିବା ଅବସ୍ଥା

ଉ: ଧିଦ୍‌ରିଜ୍ ଧଦ୍‌ରଜ୍ ଏ ହେକ୍ ଲେନା—ଚିରା ଫଟା ବସ୍ତ୍ର ପିନ୍ଧି ଆସିଥିଲି

ଧିଧିଚ୍ଚ୍—ବି°. ଅଳସୁଆ, ଗୁଣ୍ଡୁଆ, ଦାମ୍ଭିକ

ଧିଧିରି ∞ —ବି°. ଅମାଣିଆ, ଥୁଣ୍ଟିଆ

ଧିଦ୍‌ରି ଧଦ୍‌ରଅ—ବି°. ଫଟା ଦଦରା, ଛିଣ୍ଡାଛିଣ୍ଡି
କ୍ରି. ଫଟା ଦଦରା ହେବା

ଧି ଧି—ଅ. ଛି, ଛିଛି

ଧିନ୍ଦର୍ ଫସର୍—ବି°. ଭଙ୍ଗା ରୁଜା
କ୍ରି. ଭଙ୍ଗା ରୁଜା ହେବା

ଉ: ନଆଁ ଧିନ୍ଦର୍ ଫସର୍ ଅଲା ∞ରେ ବାଲ୍ଲ୍ ତାହେଁନ—ଏହି ଭଙ୍ଗା ରୁଟା ଘରେ ରହିବ ନାହିଁ

ଧିନାଂ—କ୍ରି. ବି°. ପରେ, ଆସୁଥିବା ସମୟକୁ

ଉ: ଧିନଂ ହୁଜୁଃ ମେ—ପରେ ବା ପଛକୁ ଆସ

ଧିନୁର୍ ଗା.ସ୍ସ(ଇ)—ବି. ଦୁଧିଆଲୀ ଗାଈ

ଧିନୁଆ.ଉ—କ୍ରି. ବି°. ଗାଈ ବାଛୁରି ସହିତ

ଧିନୁକ୍ ବା ଧିନୁକ୍ ବାସ୍ସ—ବି. ଧାନୁକ ଜାତି (ବି)

ଡେଙ୍ଗେ—ବି. ଧନୁଷ ପକ୍ଷୀ (ବି)

ଧିପ ଆ.ଉ—କ୍ରି. ଖାଲି ହାଣ୍ଡି (ପାତ୍ର) ଗରମ କରିବା

ଧିବାଧାବେ—କ୍ରି. ବି°. (ବସ୍ତୁର ମୋଟା ଲେକର) ଧୀର ମନ୍ଥର ଗତିରେ ଗୁଳିବା ପ୍ରକ୍ରିୟା

ଧିମା.—ବି°. ଶାନ୍ତ, କମଳ, ଦୟାଳୁ, ଅଚଞ୍ଚଳ, ମନ୍ଥର

ଧିମା.ପୁଣ—ବି. ସ୍ୱପରିବାର (ବି)

ଧ୍ରମା.ଉ—କ୍ରି. ମନ୍ଥର କରିବା
ଧ୍ରର୍—କ୍ରି. ଧୀରକର ବଂ. ଧୀର
ଧ୍ରର୍କାସ୍—ଅ. ଛୁ ଛୁ. (ଉରସ୍ତାର୍ ସୂଚକ)
ଧ୍ରରକ୍—କ୍ରି. ଧୈର୍ଯ୍ୟ ଧରିବା
ଧ୍ରରଜା.—ବି. ଧୈର୍ଯ୍ୟ, ଧୈର୍ଯ୍ୟବାନ
ଧ୍ରର୍ଜ୍ଆନ୍—ବଂ. ଧୈର୍ଯ୍ୟଶାଳୀ
ଧ୍ରରସୁର୍—ବଂ. ସନ୍ତୋଷ, ସନ୍ତୁଷ୍ଟ,
କ୍ରି. ସନ୍ତୁଷ୍ଟ ହେବା, ଶାନ୍ତ ହେବା, (ବ)
ଧ୍ରଇ-ରେ—ଉରସ୍ତାର ସୂଚକ—ଅ.ଛୁ
ଧ୍ରରକ୍ଭ ∞ —କ୍ରି. ବଂ. ଶାନ୍ତ ହେବା, ସନ୍ତୁଷ୍ଟ ହେବା
ଧ୍ରଭ—ବି. ପଥର
ଧ୍ରଭଦାର୍ଓ୍ୱା ∞ —ବଂ. ପଥରସମ, ବଳିଷ୍ଠ
ଧ୍ରଭଦଙ୍ଗା—ବି. ପଥର ଦେବତା, ଶାଳଗ୍ରାମ
ଋଦ୍ ଧ୍ରର—ବଣ୍ଟାପଥର
ମାଙ୍କ୍ଡାଧ୍ରଭ—ମାଙ୍କଡା ପଥର
ଟେଙ୍ଗୁଟାଧ୍ରଭ—ଟେଙ୍ଗୁଟିପଥର
ବୁରୁ ଧ୍ରଭ—ପର୍ବତ ପଥର
ମେଣ୍ହେଦ୍ ଧ୍ରଭ—ଲୁହାପଥର
ଭ୍ସୁଲ ଧ୍ରଭ—ଉଚ୍ଚ ପଥର

ଧ୍ରଭ—ହେଲେ, ଧ୍ରଭ—କଳାପଥର
ସୁଣ୍ଡ୍ ଧ୍ରଭ—ଧଳାପଥର
ଚେମାଧ୍ରଭ—ଚିମାପଥର
ଧ୍ରଭକାକ୍ଡା (ଲା)—ବି. ପଥର ଏଣ୍ଡୁଅ
ଧ୍ରଭକାଟ୍କମ୍—ବି. ପଥର କଙ୍କଡ଼ା
ଧ୍ରଭଗାଣ୍ଡାର୍—ବି. ପଥର ପୋକ
ଧ୍ରଭ ଘାସ—ବି. ପଥରସ୍ଥ ଘାସ
ଧ୍ରଭ ସ୍କଟାମା—ବି. ପଥର ଚଟାଣ (ବଡ଼ ପଥରର ଉପର ସମତଳ ଅଂଶ) ପଥରରେ ତିଆରି ଚଟାଣ

ଧ୍ରଭ ସ୍.ଭିସ୍ ବଗା —ବି. ଏକ ପଥର ଦେବତା
ଧ୍ରଭ ଜାପା ∞ —ବି. ପଥର ଉପରର ଲତା (ପରଜୀବ ଲତା)

ଧ୍ରଭ କେର୍—ବି. ପଥରର ଅଠା, ପଥରର ଅକର୍ମଣ୍ୟ ଅଂଶ
ଧ୍ରଭବାନ୍ଦା—ବି. ପଥରରେ ଉଠିଥିବା ପରଜୀବ ଗଛ
ଧ୍ରଭମାଃଇଲ୍—ବି. ପଥୁରିଆ ଦେହ
ଧ୍ରଭସୁନୁମ୍—ବି. ମାଟିତେଲ, କରୋସିନ
ଧ୍ରର ହୁସିର୍—ବି. ପଥରସ୍ଥ ମାଲ (ପଥର ଉପରେ ମାଲ (ହାର)ର ଚକ୍ର)
ଧ୍ରଭଡ୍ (ଲ୍)—କ୍ରି. ଖସିବା, ଖସିପଡ଼ିବା
ଧ୍ରଭଡ୍ (ଲ୍) ମେନ୍ତେ—ଅଗ୍ନୁନକ ଖସିପଡ଼ିବା
ଧ୍ରେ ଧ୍ରେ—କ୍ରି. ବଂ. ଧୀରେ ଧୀରେ
ଧ୍ରେ ସୁଟ୍ରେ—ହାଉଲେ ହାଉଲେ ଅବସର ମୁତାବକ
ଧ୍ରରଂ ଧରଂ, ଧ୍ରରଂ ସରଂ—କ୍ରି. ବଂ. ଫାଟଫାଟ ହେବା
ଉଃ ଦାକା ଟ୍କୁବ୍ ଧ୍ରରଂ ଧରଂ ଆକାନା – ଭାତ ହାଣ୍ଡି ଫାଟ ଫାଟ ହୋଇ ଫାଟିଛି
ଧ୍ରରନ୍ତୁ ଧରନ୍ତୁ (ଦ୍)—କ୍ରି. ବଂ. (ବାଉଁଶ ଠେଙ୍ଗା, ବା ଖୁଣ୍ଟ ସଦୃଶ୍ୟ ଦ୍ରବ୍ୟ) ଫାଟ ଫାଟ ହୋଇଥିବା ବାଂଶ ଦଣ୍ଡା
ଉଃ ମାଁନୁ (ଦ୍) ଠେଙ୍ଗା ଧ୍ରରନ୍ତୁ ଧରନ୍ତ୍ ଆକାନା
ବାଉଁଶବାଡ଼ି ଦଦରା ହୋଇଛି
ଧୀର ଧର—କ୍ରି. ବଂ. ଦରଫାଟ, ଫାଟଫାଟ, ଦରଫାଟ
ଉଃ ସୁପାଲୀ ଧୀର ଧର ଏନ୍ତେ ଦାଃ ଜର ∞ କାନା –
ମାଠିଆ ଦରଫାଟ ହେବାରୁ ପାଣି ଝରିଯାଉଛି
ଧୀରସ୍ପୁଦ୍—ବି. ଫାଟିଥିବା, ଫାଟଫାଟ ଗାର ଥିବା (ହାଣ୍ଡି/କଳସି ଆଦି ପାତ୍ର)
ଧୀଲ ଧଲ—କ୍ରି. ବଂ. ମୋଟା ଅଣ୍ଡାଳ ପେଟିଆର ଚାଲି
କ୍ରି. ଚାଲିବା ବେଳେ ପେଟ ଦୋହଲିବା ପ୍ରକ୍ରିୟା
ଧୀଲସ୍କୁ ଧଲସ୍କୁ—କ୍ରି. ବଂ. ଢଳ ଢଳ ଦୋହଲ ଦୋହଲ (ଚିବାର ପ୍ରକ୍ରିୟା)
ଉଃ ଜାନ୍ହେର୍ ଏନେକ୍ ଆଖ୍ଲାରେ ସେସେରେଞ୍ଜ୍ ହାଲାମ୍କ
ଧୀଲସ୍କୁ ଧଲସ୍କୁକ ତାଲାମ୍ ଆକାଦ୍ଆ –
ଗନ୍ଧର୍ବ ନାଚ ଆଖଡ଼ାରେ ଗାୟକ ବୁଢ଼ାମାନେ ଢଳ ଢଳ
ଦୋହଲ ଦୋହଲ ଚାଲିଛନ୍ତି

ଧୀସ ଧସ—ବିଂ. ଢୁଗୁଲା (ବନ୍ଧା)
କ୍ରି. ଢୁଗୁଲା ହେବା

ଧୁଡକ ଧଡକ୍—କ୍ରି. ଧଡଧାଡ ହୋଇ ହଲଚଲ ହେବା ପ୍ରକ୍ରିୟା

ଧୁଆଁ—ବି. ଧୂଆଁ, କ୍ରି. ଧୂଆଁ କରିବା
ଗଲା ଧୁଆଁସ୍—ଗୁହାଳରେ ଧୂଆଁ ଦେବା
ଝୁଣା ଧୁଆଁସ୍—ଝୁଣାର ଧୂଆଁ ଦେବା

ଧୁଆଁଜସ୍—ବି. ଧୂଆଁର ଜସ

ଧୁଆଁଗୁଡା—ବିଂ. ଧୂଆଁଳିଆ, ଧୂଆଁ ଶୁଖା

ଧୁଇ—ଅ. ଧେତ୍, ଛି (ଭିରସ୍କାରସୂଚକ ସୂଚକ)

ଧୁକ୍ଚୁକ୍—କ୍ରି. ଭାବିବା

ଧୁକ୍ଚୁକା.ଉଃ—କ୍ରି. ମନ ଅପ୍ରବ୍ୟସ୍ତ ହେବା

ଧୁକ୍ଚୁକସ୍ସା—ବିଂ. ଅନ୍ତରର ଅସ୍ଥିରତା ଥିବା
ଉ: ଧୁକରୁକସ୍ସା. ହଲ ଦ ଅକା ହିଁ ବାଂକୁ ଜୁଡ୍ ଦାଲେୟାଃଆ—ଅନ୍ତରରେ ଅସ୍ଥିରତା ଥିବା ଲୋକ କିଛୁ ଯୋଗାଡ଼ କରି ପାରିବେ ନାହିଁ

ଧୁକ୍ ଧୁକ୍—କ୍ରି. ଅନ୍ତରରେ ସନ୍ଦେହ ଜାତ ହେବା
ଉ: ଧୁକ୍ ଧୁକ୍ ଅ ∞ କାନାକ୍ତ୍ରେ ଲେହ୍‌କା ଟା ତେହେନ୍ତ୍‌ଏ ବୁଆ.ଲ୍ ଦାଲେୟାଃ ସେ ବାଂଆ—ମନରେ ସନ୍ଦେହ ଜାତ ହେଉଛି ଯେ ପିଲାଟି ଆଜ ଫେରି ପାରିବ କି ନାହିଁ

ଧୁକ୍ ଧୁକା.ଉ—କ୍ରି. ଉତ୍ସାହିତ କରିବା, ପ୍ରବର୍ତ୍ତାଇବା
ଉ: ନାହ୍ଲା ହଲଦ ଧୁକ୍ ଧୁକା.ଉ ଲେ ଏନାଂ ଲଗନ୍ ଏ କା.ମିଁଆ-ମୂଲଲଗା ଲୋକକୁ ଉତ୍ସାହିତ କଲେ ଯାଇଁ ଶୀଘ୍ର କାମ କରିବ

ଧୁକୁଧୁକ—ବି. ହୃତପିଣ୍ଡର ସ୍ପନ୍ଦନ ପ୍ରକ୍ରିୟା

ଧୁକୁଚୁକୁ—କ୍ରି. ଦ୍ୱିଧାରେ ପଡ଼ିବା, ଆଶଙ୍କା କରିବା

ଧୁକୁଡ଼ି—ବି. ବୁଢ଼ୀ, ଧଡ଼ିଆ ସ୍ତ୍ରୀ

ଧୁକା—କ୍ରି. ଗରମ ଲାଗିବା, ବିଂ. ଗରମ

ଧୁକାଧୁକ—କ୍ରି. ବିଂ. ଧକ୍କା ଧକ୍କି

ଧୁକା.ଉ(ଓ୍ୱ)—କ୍ରି. ଧୁକିବା, ପବନ ଫୁଙ୍କି ଚୁଲି ଭିତରକୁ ନିଆଁ ଜଳିବା ପାଇଁ ଭର୍ତ୍ତି କରିବା, ସ୍ୱତ ଚଳାଇବା

ଧୁକା.ଡ୍(ଲ୍)—କ୍ରି. ଠକାଇବା, ଅଳ୍ପ ଦେଇ ବଡ଼ା କରିବା, ବେକାର କରିବା

ଧୁକୁଡ୍(ଲ୍)—ବି. ବୋଝ

ଧୁକୁଡ୍(ଲ)—କ୍ରି. ପିଠିରେ ଜୋରରେ ଠେସ ଲାଗିବା

ଧୁଙ୍ଗରା ଧୁଙ୍ଗୁରା—କ୍ରି. ବିଂ. ବଡ଼ ପାଟିରେ ଗାଲି ଗୁଲଜ କରିବା

ଧୁଙ୍ଗ୍ରା.ଓ୍ୱ—କ୍ରି. ବ୍ୟାଘ୍ରର ଭିରସ୍କାର ଗର୍ଜନ ପ୍ରକ୍ରିୟା, ତାଡ଼ନା ଦେବା

ଧୁଙ୍ଗିସ୍ସା.—ବି. ଧୂଆଁ, କ୍ରି. ଧୂଆଁ କରିବା
ଚୁଲ୍‌ହା ଧୁଙ୍ଗିସ୍ସା—ଚୁଲି ଧୂଆଁ
ସେଙ୍ଗେଲ୍ ଧୁଙ୍ଗିସ୍ସା—ନିଆଁ ଧୂଆଁ
ଚମନ ଧୁଙ୍ଗିସ୍ସା—ଚମଣ ଧୂଆଁ
ଦା ∞ ଧୁଙ୍ଗିସ୍ସା—ବାଷ୍ପ, ଗୁଡାଂ ଧୁଙ୍ଗିସ୍ସା—କୁହୁଡ଼ି
ଉ: ରେହ୍‌କେ ଲ୍ୱ ∞ ରେ ଧୁଙ୍ଗିସ୍ସା ଆବ—ଗାଈଆ ମୂଷା ଗାତରେ ଧୂଆଁ ଦେବା

ଧୁଚୁଲ ଧୁଚୁଲ—କ୍ରି. ବିଂ. ଉଠାପଡ଼ା ହେବାର ପ୍ରକ୍ରିୟା, (ବଳଦ ଗାଡ଼ିର ପଛ ସିଟ୍‌ରେ ବସିଲେ ଯେଉଁ ଉଠାପଡ଼ା ଅନୁଭବ ହୁଏ)

ଧୁଜା—ବି. ଧ୍ୱଜା, ପତାକା

ଧୁତ୍—ଅ. ଧେତ୍, (ଅପସନ୍ଦ ସୂଚକ)

ଧୁତ୍ସ୍ରା.ଢ଼(ଲ)—ବିଂ. ଅଳସୁଆ, କ୍ରି. ଅଳସୁଆ ହେବା

ଧୁତା. (ଦତା.)—ବି. ଭ୍ରଷ୍ଟତା. ନୀଚତା
ବିଂ. ନୀଚ, ନମ୍ର, କ୍ରି. ନୀଚ କର୍ମ କରିବା

ଧୁଦ୍ଦନ—ବି. ଅଣ୍ଟା ଠାରୁ ଉପରାଂଶ ମାଂସାଳ ଓ ମୋଟା ଥିବା (ସ୍ତ୍ରୀ)

ଧୁନ୍ଦ୍—ବିଂ. ଧୂଆଁଳିଆ, ଅନ୍ଧାରିଆ, ଝାପ୍ସାଳିଆ ସ୍ଥାନ
କ୍ରି. ଧୂଆଁଳିଆ ଦିଶିବା

ଧୁନ୍ଧାଡ୍‌ମେଦ୍—ବି. ଆରମ୍ଭ, କଳିଆ
କ୍ରି. ନାଚ ଆରମ୍ଭ କରିବା, ବାଜା ବଜାଇବା, କଳିଆ କରିବା, ଗାଲଗୁଲଜ କରିବା

ଧୁନ୍ଦ୍ ଡାଉ(ଓ୍ୱ)—କ୍ରି. ଅଣ୍ଡାଳିବା, ଖୋଜିବା

ଧୁନ୍ଦ୍ ଡା.(ଲା) ଧୁନ୍ଦଡ(ଲ)—କ୍ରି. ବିଂ. ଅଣ୍ଡାଳି କରି ଖୋଜାଖୋଜ କରିବା ପ୍ରକ୍ରିୟା

ଧୁନ୍‌ସି ଧୁନ୍‌ସି—ବିଂ. ଏଣେ ତେଣେ କିଛିଷ ଅସଜଡ଼ା ଭାବେ ମେଲେଇ ପଡ଼ିଥିବା (ଦ୍ରବ୍ୟ)

ଉ: ଲୁଗୁଲକ ପାରକମ୍ ଚେଡାନ୍‌ରେ ଧୂନସି ପୁନ୍‌ସି କାଟେ
ମେନାଃଆ—ଲୁଗାପଟା ସବୁ ଖଟ ଉପରେ ଏଣେ ତେଣେ
ବିଛୁଡ଼ି ହୋଇଛି

ଧୂନା.ଧୂନ—କ୍ରି. ଠେଲାପେଲା ଝଗଡ଼ା

ଧୂନା.ଧୂନାଃ—କ୍ରି. ହାତାହାତି ହେବା, ଝଗଡ଼ା ଝଗଡ଼ି ହେବା

ଧୂନା.ଉ—କ୍ରି. କହୁଣି ଭୁସା ଦେବା, ଦେହ ଦେଇ ଠେଲି
ଦେବା, ପଶୁ ଶିଙ୍ଗରେ ପେଲି ଦେବା, ଅଖାଡ଼ୁଆ ମାଡ଼ ମାରିବା,
ମାଆଠାରୁ ସ୍ତନପାନ ପାଇଁ ପିଲା ବା ବାଛୁରି ପେଲିହେବା

ଧୂନଆ (ଧଣିଆ)—ବି. ଧଣିଆ

ଧୂନା(ଧୂଣା)—ବି. ଝୁଣା

ଧୂନି—ବି. ଧନି, ସନ୍ନ୍ୟାସୀଙ୍କ ଅଗ୍ନିକୁଣ୍ଡ,
କ୍ରି. ନିଆଁ ଏକାଠି ଜାଳିବା

ଧୂପ୍‌ଅ—ବି. ଧୂପ, କ୍ରି. ଧୂପଦେବା

ଧୂପ୍‌ଧୂପାଉ—କ୍ରି. ତାଡନା ଦେବା, ଡରେଇବା, ଡରିବା,
ଉନାପନା କରିବା

ଧୂପୁକ୍—କ୍ରି. ଡରରେ କମ୍ପିବା, ଡରିବା

ଧୂପୁର୍ ଧୂପୁର୍—କ୍ରି. ବିଂ. ପୁତ୍‌ପୁର୍ (ଡରିବା) ପ୍ରକ୍ରିୟା

ଧୂମ୍‌କେତୁ—ବି. ଧୂମକେତୁ

ଧୂମ୍‌ଧାମ୍—ବି. ଧୂମ୍‌ଧାମ, ଉତ୍ସାହ ସହ

ଧୂମ୍‌ସା—ବିଂ. ସ୍ଥୂଳକାୟ

ଧୂମ୍‌ସାଂ ଧୂମ୍‌ସିଂ—କ୍ରି. ଥୁମ୍‌ତାଇବା, ସ୍ଥୂଳକାୟର
ଠେଲାପେଲା

ଧୂମସି—ବି. ସ୍ଥୂଳକାୟା ନାରୀ

ଧୂମାନ୍—କ୍ରି. ଧୂପ ଦେବା

ଧୂବ—ବି. ଧୋବା, କ୍ରି. ଧୂଅ (ଧୁବ ଶବ୍ଦ ସାନ୍ତାଳର ମନ୍ତ୍ରଗୁରୁ
ମାନେ ବ୍ୟବହାର କରିଥାନ୍ତି)

ଧୂବତାଶାଲୁ (ବ)—ବି. ଦୁବ ଘାସ

ଧୂବ ଘାସ୍—ବି. ଦୁବ ଘାସ

ଧୂବଣି (ନ)—ବି. ଧୋବଣୀ

ଧୂଭୁ—ଅ.-ବିତାଡନାତ୍ମକ ପ- ଦୂର୍, ପଳା

ଧୂରୁନ୍‌ଧର—ବିଂ. ଧୁରନ୍ଧର, କୁଶଳୀ

ଧୂର୍‌ଧୂର୍—କ୍ରି. ଶୀଘ୍ର ଶୀଘ୍ର

ଉ: ଧୂର୍ ଧୂର୍ ବାଦକାମିକ ସେନିଃକାନା - ଅର୍ଥ ଶୀଘ୍ର ଶୀଘ୍ର ବିଲ
କାମକୁ ଯାଉଛନ୍ତି

ଧୂର୍ ଧୂର—ଅ. ପଳା, ପଳା, ଦୂର୍

ଧୂର ଧୂର—କାମପାଇଁ ତାଡ଼ନା ଅନୁଭବ କରିବା

ଧୂର୍‌ମାର୍—କ୍ରି. ଧରମାର, ଦ୍ରୁତ, ଚଞ୍ଚଳ, ଚଞ୍ଚଳ କରିବା

ଧୂର୍‌ମୁସ୍—ବି. ଧୂର୍‌ମୁସ୍, କ୍ରି. ଧୂର୍‌ମୁସ୍‌ରେ ପିଟିବା

ଧୂର୍‌ହ—ଅ. ଅହୋ

ଧୂରୀ.—କ୍ରି. ବିଂ. କିଛି ଦୂର ପର୍ଯ୍ୟନ୍ତ

ଧୂରୀ.ଓ (ଧରୀଓ)—କ୍ରି. କାମ ଧରାଇବା, କାମ ଆରମ୍ଭ କରାଇବା

ଧୂରୀହା—ବି. ଦୁଷ୍ଟ, ବଦମାସ

ଧୂରୁଷ୍ଟ୍ ଧୂସୁଷ୍ଟ୍—ବିଂ. ଗନ୍ଧସ୍ଥା, ଧୂଳି ଧୂସରିତ
କ୍ରି. ଧୂଳି ଧୂସରିତ ହେବା

ଧୂରୁପ୍—କ୍ରି. ତାତ, ତାପ ଲାଗିବା, ସାନହେବା

ଧୂରୁଧୂଳ୍—ବିଂ. ମଳଗ୍ରସ୍ତ, ଅପରିଚ୍ଛନ୍ନଆ
କ୍ରି. ମଳଗ୍ରସ୍ତ ହେବା, ଅପରିଚ୍ଛନ୍ନଆ ହେବା

ଧୂରୁପ୍—ବି. ଧୂରୁପ୍ ଗଛ (ଏ ଗଛର ଶାଗ ସାନ୍ତାଳ ଖାଏ ଓ
ଔଷଧରେ ଲଗାଏ)

ଧୂଲାମାଟି—ବି. ଧୂଳିମାଟି

ଧୂଲକାଡ଼ା—ବି. ବାଲିମେଣ୍ଟା

ଧୂଲି—ବି. ଧୂଳି

ଧୂଲସ୍ଥା—ବିଂ. ଧୂଳରେ ବୁଡ଼ିଥିବା

ଧୂଲୁତ୍‌ଧୂଲୁତ୍—ବି. ବାଲି ସଦୃଶ୍ୟ ଗ୍ରେଟ ଗ୍ରେଟ
କ୍ରି. ନଡ଼ବଡ଼ ହୋଇ ଧୀରେ ଧୀରେ ଗୁଡ଼ିବା

ଧୂଲୁପ୍—କ୍ରି. ଆଖି ମିଟିକା ମାରିବା

ଧୂଲୁପ ଧୂଲୁପ୍—କ୍ରି. (ପବନରେ) ବତୀ କମ୍ପିବା ଓ ହଲିବା

ଧୂସା.ଉ—କ୍ରି. ଦୋଷାରୋପ କରିବା

ଧୂଡ଼ୟାଆଡ଼ା—ବି. ରେଶମ୍ ପୋକ ପାଳିବା ସମସ୍ତ
କ୍ରି. ରେଶମ ପୋକ ପାଳନ କରିବା

ଧୂଲ୍ଡୁସ୍ଥା.ଓ୍ଵ—କ୍ରି. ମନ୍ତ୍ରମୁଗ୍ଧ କରିବା, ଯାଦୁ କରିବା

ଧୂଲ୍ଡାଂଡାଉଜ—ବି. ପ୍ରୀତିଭୋଜନ, (ଏ ପ୍ରୀତିଭୋଜନ ବିବାହ ପରେ ବରକନ୍ୟା ଘରେ ଲୋକଙ୍କୁ ଦିଆଯାଏ)

ଧୂଲୁଇ ଧୂଲୁଇ ସିଭ୍ଁ—ବି. ପ୍ରଖର ଖରାତାପ
କ୍ରି. ବହୁତ ଗରମ ହେବା

ଧୂଲୂସ୍ ଧୂଲୂସ୍—କ୍ରି. ଧୁସୁଧାସ୍ (ଶବ୍ଦ)
କ୍ରି. ବିଂ. ଧୁସୁଧାସ୍ ଶବ୍ଦ (ହେବା)

ଧୂଲ୍ସା. ଧୂଲ୍ସି—କ୍ରି. ଥରକୁ ଥର ଉସ୍କାଇବା, ପ୍ରବର୍ତ୍ତାଇବା

ଧୂଲ୍ସା.ଓ୍ଵ—କ୍ରି. ପ୍ରବର୍ତ୍ତାଇବା, ଶିଖାଶିଖି କରି ମନାଇବା

ଧୂଲ୍—ଅ. ଧେତ, ଦୂର ହୁଅ

ଧୂମ୍—ବି. ଜୋରଜୋର

ଧୂମ୍ ଧପଟ୍—ବିଂ. ଧୂଳି ମଳରେ ଗାଧୋଇ ଥିବା ସ୍ଥିତି, ଧୂଳିଧୂସରିତ

ଧୂମ୍ଧାମ୍—ବି. ଜାକଜମକ, ଜାକଜମକ କରିବା, ଜୋରଦାର

ଧୂମ୍ଧାରକାଟ୍, ଧୂମ୍ଧାରକାଣ୍ଡ—ବିଂ. ଧୂଳିମଳି ଅଳିଆପୂର୍ଣ୍ଣ ସ୍ଥିତି, କ୍ରି. ଆବର୍ଜନା ହୋଇଥିବା

ଧୂଲ୍ଉଡାନ—କ୍ରି. ପ୍ରୀତି ପାନାସୁ, (ବିବାହ ପରେ ବର ଘରେ ହାଣ୍ଡିଆ ଲୋକଙ୍କୁ ପରିବେଷଣ କରାଯାଏ)

ଧୂଲ୍ପାଟକ ହୁଲୁ—ବି. ଧୂଲ୍ପାଟକ ଧାନ

ଧୂସୁରା—ବିଂ. ଦୋହରା, ଦ୍ଵିତୀୟବାର

ଧୂସୁରା ହୁଲୁ—ବି. ଧୂସର ଧାନ

ଧୂସା.ଧ—ବି. ଦୁଃସାଧ୍ୟ

ଧୂଆନ୍—କ୍ରି. ବିଂ. ରେଶମ ପୋକ ଗୁଟିହେବା, (ଏ ଅବସ୍ଥାରେ ରେଶମ ପୋକ ଖାଇବା ବନ୍ଦ କରି ଅବସ୍ଥା ବଦଳାଏ)

ଧେଆଓ—କ୍ରି. ଧ୍ୟାନ କରିବା, ମନସ୍ଥ କରିବା

ଧେଆନ୍—ବି. ଧ୍ୟାନ

ଧେନ୍—ବି. ସାମର୍ଥ୍ୟ, ଯୋଗ୍ୟତା, କ୍ରି. ସାମର୍ଥ୍ୟ ହେବା, ଯୋଗ୍ୟ ହେବା

ଧେନ୍ ତାଂ—ବିଂ. ସାମର୍ଥ୍ୟତା, ନିପୁଣତା

ଧେନ୍ ନା ତାଂ—କ୍ରି. ଯୋଗ୍ୟତା ହୀନ ହେବା ଓ ସାମର୍ଥ୍ୟହୀନ ହେବା

ଧେନ୍(ର୍)ସାହା—କ୍ରି. ବିଂ. ଅଯୋଗ୍ୟ ଧରଣର ଲୋକ, ଅଯୋଗ୍ୟ, ମୂର୍ଖ

ଧେନ୍ସା.ହ—କ୍ରି. ବିଂ. ଅଯୋଗ୍ୟ ପ୍ରକାରର କାର୍ଯ୍ୟ

ଧେନ୍ଆଓ୍ଵ—କ୍ରି. ସମର୍ଥ ହେବା

ଧେଭ୍—ଅ. ଧେଭ୍ (ତିରସ୍କାର ଅର୍ଥ ବୋଧକ ପଦ)

ଧେମନ୍ ସା.ଦସ୍ଥା—ବିଂ. ପାଖେ ଚୌକି ଥିବା (ଜଙ୍ଗଲ)

## ନ

ନଆଁ—ସ. ଏହା, ଏଇଟା

ନଆଁରୁର୍—ବିଂ. ଏହିପରିକା, ଏତାଦୃଶ

ନଆଁନାଃ—ସ. ଏଇଟାପରି, ଏଇଟା

ନିଁଇ—ଅ. ହେ, ହଇଲୋ, (ସାନ ଝିଅଙ୍କୁ ଡାକିବା ଓ ତା'ର ଲକ୍ଷକୁ ଆକର୍ଷଣ କରିବା ପାଇଁ ବଡ ଝିଅ ଓ ନାରୀମାନେ ସମ୍ବୋଧନ କରିବା)
ଉ: ଏ ନିଁଇ ହୁଡିଂ ମାଇଁ ନଟେ ହୁଜୁମେ—ହଇ ଲୋ ! ଏ ସାନ ଝିଅ ଏଣିକି ଆସ

ନ ୦୦ ଅସୁ—ସ. ଏଇଟା (ନିର୍ଦ୍ଦିଷ୍ଟ ବାଚକ ପଦ)

ନଉକର—ବି. ଚାକର

ନକ୍ଷେତର୍—ବି. ନକ୍ଷତ୍ର

ନକ୍ସା—ବି. ନକ୍ସା

ନକଲ୍—ବି. ଅନୁସରଣ, ପ୍ରତିଲିପି, ନକଲ
କ୍ରି. ଦେଖି କରି କରିବା

ନକଲହା—ବିଂ. ନକଲକାରୀ

ନକସୁ—ସ. କିଏ, (ଏହା କେବଳ ଗୀତରେ ବ୍ୟବହାର ହୁଏ)

ନଉକର ଚାକର—ବି. ଚାକର ବାକର

ନଂକା—କ୍ରି. ବିଂ. ଏହିପରି

ନଗଦ୍—ବି. ନଗଦ

ନଗ୍ଦା—କ୍ରି. ବିଂ. ଏଇକ୍ଷଣି, ସଙ୍ଗେ ସଙ୍ଗେ

ନଗର୍—ବି. ନଗର, ସହର

ନଗଅ—ବି. ଲଗ୍ନ, ଶୁଭ ସମୟ
ନଗର୍‌ପାଲ୍—ବି. ନଗରପାଳ
ନଙ୍ଗର୍—ବି. ଲଙ୍ଗର
ନଂଘା—ବି°. ଖଣ୍ଡା
ଉ: ନଂଘା ଅଲା ଂଂ ମେନା ଂଂ ଭାକଆ - ଭାଙ୍କର ଖଣ୍ଡା ଘର ଅଛି
ନଜର୍—କ୍ରି. ଦେଖିବା, ନଜର ରଖିବା
ନଞ୍ଜଜର୍—ବି. କୁ ଦୃଷ୍ଟି କ୍ରି. କୁ ଦୃଷ୍ଟି ପଡ଼ିବା
ନଞ୍ଜଜର୍‌ବନ୍ଦ—ବି. ନଜରବନ୍ଦ କ୍ରି. ନଜରରେ ରଖିବା
ନଞ୍ଜ୍‌ଜର୍‌ବନ୍ଦ୍—ବି. ନଜରବନ୍ଦୀ କ୍ରି. ନଜର ବନ୍ଦୀରେ ରଖିବା
ନଜର—ବି. ନଜର, ଦୃଷ୍ଟାନ୍ତ
ନଁଟ୍—ବି. ନଟ (nut)
ନଟୁ—ବି. ନଟୁ
ନଟେଇ—ବି. ଲଟେଇ
ନଡ୍‌ବଡ୍—ବି. ପତନୋନ୍ମୁଖୀ, ଏହି ପଡ଼ିବ ପଡ଼ିବା ସ୍ଥିତି
ନଡାଓ—କ୍ରି. ହଲ୍ଲଇବା, ପାଣି ବସାଇବା
(ଗୀତରେ ଏପରି ପଦ ବ୍ୟବହୃତ ହୁଏ)
ନଣ୍—କ୍ରି. ନଳ କରିବା, ଜମିକୁ ମାପ ବାଡ଼ିରେ ମାପିବା
ବି. ମାପବାଡ଼ି
ନଣ୍ଡେ—ସ. ଏଠାରେ
ନଣ୍ଡେନ୍—ବି°. ଏଠାକାର
ନତୁ—ବି. ସ୍ଥାନୀୟ, ଭୂମି, ପୃଥିବୀ, ଏହା ଗୀତରେ କେବଳ ବ୍ୟବହୃତ ହେବ
ନତା—କ୍ରି. ଜାକିବା, ଚୁପିବା, (ଏ ପଦ ଗୀତରେ ବ୍ୟବହୃତ ହୁଏ)
ନତେ—କ୍ରି. ବି°. ଏଆଡ଼କୁ
(ନତେ) ନତେଅନ୍ତେ—କ୍ରି. ବି°. ଏଣେ ତେଣେ
ନତେନ୍—ବି°. ଏଠାର, ଏ ଅଞ୍ଚଳର
ନତରେ—ସ. ଏ ଅଞ୍ଚଳରେ, ଏଠାରେ
ନତେତେ—ଏହି ପାଖ ଦେଇ

ନଥ—ବି. ନଥ
ନନ୍‌କା (ନଂକା)—ଏ. ଏହି ପ୍ରକାରର
ନନ୍‌କାନ୍—ବି. ଏହି ପ୍ରକାରର
ନନ୍‌କା ଲେକା—ବି. ଏମିତକା
ନନ୍ଦ—ବି. ନନ୍ଦ
ନନାହୁଲୁ—ବି. ନନାଧାନ
ନନଦ୍ ଖନ୍ଦ୍—କ୍ରି. ଟିକିନିକି ବୁଝି ବିଚାର କରିବା
ନନ୍ଦ୍ ଫନ୍ଦ୍—ବି. ଲନ୍ଦ୍‌ଫନ୍ଦ୍
ନନ୍ଦ ଂଂ ଖନ୍ଦ ଂଂ—କ୍ରି. ବିବ୍ରତ ହେବା, ହତାଶ ହେବା
ନବାବ୍—ବି. ନବାବ
ନମାଜ—ସ. ନିକଟ
ନମାଜ୍‌ଦାର୍—ବି. ନିକଟବର୍ତ୍ତୀ
ନମ୍ବର—ବି. ନମ୍ବର
ନମସ୍‌କାର—ବି. ନମସ୍କାର
ନସ୍ଟ୍‌ଗ୍ରସ୍—କ୍ରି. ନିସ୍ତାଣ ହେବା
ନସ୍ଥାନକଲସହୁତୁ—ବି. ନସ୍ଥାନ କାଳିସ ଧାନ
ନରକ୍—ବି. ନର୍କ, ବର୍ଷା
ନରକ୍‌କୁଣ୍ଡ୍—ବି. ଆବର୍ଜନା ବର୍ଷା କୁଣ୍ଡ, ନରକ କୁଣ୍ଡ
ନରମ୍—ବି. ନରମ
ନରମା—ବି°. ନରମା
ନରମ୍ ଗରମ୍—ବି. ନରମ ଗରମ, ଉତ୍ତମ ଚେତାବନୀ,
(ଉତ୍ତମ ମଧ୍ୟମ ମାରଧର)
ନରମାଓ—କ୍ରି. ନରମ ହେବା
ନମ୍ରଦରଃ—କ୍ରି. ନମ୍ର ହେବା
ନଲ୍—ବି. ନଳ
ନଲ୍‌ଦା ଂଂ—ବି. ନଳପାଣି
ନଲ୍‌କୁଇଁ—ବି. ନଳକୂଅ
ନସମ୍—ବି. ନସମ୍
ନସ୍‌ମା—ବି°. ନସ୍‌ମା, ଓଦାଳିଆ
ନସର ଫସର୍—କ୍ରି. ବି°. ନସର ପସର୍

ନପି—ବି. ନପି, ପଳାଦି ରସ ବା ପଙ୍କ ଜେମାର ନପି
ନସ୍ଟ—କ୍ରି. ନଷ୍ଟ କରିବା
ନହବତ୍—ବି. ବାହାନାଦି (ବାଜା ବିଶେଷ)
ନାଁଇ—ବି. ନଦୀ
ନାଁଇସ୍ବାଲମା.ନ୍—ବି. ଗ୍ରାମର ପ୍ରଧାନଙ୍କୁ ଦିଆଯାଇଥିବା ଜମିର ଜମି
ନାଁଇହା ର୍—ବି. ଶଶୁର ଘର, (ବୋହୂର ବାପା, ମା ଘର)
ନାଁଇବାଲି—ବି. ନଦୀ ବାଲି
ନାଁଇକା.—ବି. ନୌକା
ନାଏକେ—ବି. ଗାଁର ସାନ୍ତାଲ ପୂଜକ
ନାଁଓଆଁ—ବିଂ. ନୂତନ, ନୂଆ
ନାଁଓଆଁ ନାଁଓଆଁ—କ୍ରି. ବିଂ. ନୂଆ ନୂଆ
ନାଁଓଆଁ ପୁଇସା—ବି. ନୂଆପଇସା
ନାକସ—ବିଂ. ଖରାପ, କ୍ରି. ଖରାପ୍ ହେବା, ଭଲ ନ ପଡିବା
ନାଁକନ୍—ବି. ପାନଆ, ତରୁଣୀ
ନାଁକନ୍ ଘାସ୍—ବି. ନାକ ଘାସ
ନାକ୍ଲି—ବିଂ. ନକଲି
ନାକେଦମ୍—କ୍ରି. ହଇରାଣ ହେବ, ହାଲିଆ ହେବା
ନାଗା—ବି. ନାଗାଜାତି ବିଶେଷ
ନାଗାର୍—ବି. ନଗର
ନାଗାଲ୍—କ୍ରି.ବିଂ. ଲଗାତାର, ନିରବଚ୍ଛିନ୍ନ ଭାବେ
ନାଙ୍ଗେଲେ—ବି. ଲଙ୍ଗଳ ଈଶ ସହିତ ଦୁଆଲକୁ ବାନ୍ଧିବା ଦୌଡ଼ି
ନାଗି—ବି. ନଗୀଧାନ
ନା.ଗିଗାଣ୍ଡିଦା—ବି. ନାଲି ପାଣି, କ୍ରି. ପାଣି ଲାଲ ଦିଶିବା
ନାଗିନ୍ ଧା ର୍—ବି. ନାଗିନ୍‌ବଶ ଦେବୀ
ନାଗିନ୍—ବି. ମାଈ କଳା ନାଗ, ନାଗୁଣୀ, ଦୁଷ୍ଟାନାରୀ
ନାଗିନ୍‌ଧର୍—ବି. କଳାରଙ୍ଗର ପଥର
ନା ଚନଆ.—ବି. ନର୍ତ୍ତକୀ
ନା.ସ୍ବର୍—ବିଂ. ଗରୀବ, ଦରିଦ୍ର, ନିରୁପାୟ

ନାଷ୍ଟମ୍—ବି. ଅଶରୀରୀ, ଭୂତ, ପ୍ରେତ, କ୍ରି. ଶୁଣିବା
ନାଟୁଅ—ବି. ଖେଳ
ନା.ଟୁ—ବି. ନଟୁ
ନା.ଟକା.—ବି. ନାଡୀ, ଧମନୀ
ନାଟ୍‌ଖାଟ୍—ବିଂ. ନଟଖଟ, ଗୋଳମାଳିଆ
ନାଟୁଆ—ବି. ନାଟୁଆ,
ନାଡ଼ାଓ—କ୍ରି. ହଲାଇବା ଘାଣ୍ଟିବା
ନା.ଡ଼ି—ବି. ନାଡିକା
ନାଡ—ବି. ଧମନୀ, ଯାହା ଧଡ଼ ରଖେ, (ପେଟର ନାଡ)
କ୍ରି. ପରୀକ୍ଷା କରିବା, ଭୂତଗୁଣିଆଙ୍କର ଏପଦ ବ୍ୟବହାର କରାଯାଏ
ଦ୍ର: ବାସ୍ଟରେ ବେନ୍‌ଜାନା, ନାଡଯାସ୍ଟ ପେ ଆଲପେ ହିଡ଼ି ଆସ୍ତା
ସେ ରାଜ ହେଇନାହିଁ, ତାଙ୍କୁ ଡାକ ନାହିଁ ତା ମୁହଁରେ ମୁତ
ନାଁ.ଡେ—କ୍ରି. ବଙ୍କାଇବା, ଦର ଆତ୍ମା କରିବା ବି. ବଙ୍କାଥିବା
ନା.ଣି—ବି. ଲତା
ନା.ଣି ବରଗୁଣ୍ଡି—ବି. ଝୁଡ଼ଙ୍ଗ
ନା.ଣିମୁରୁଗା—ବି. ଏକପ୍ରକାରର ଗଛ, ଔଷଧରେ ବ୍ୟବହାର କରାଯାଏ, ପତ୍ରଡପାନ
ନା.ତ—ବି. ନାତି
ନା.ତନା.ତୁକାଲ୍—ବି. ନାତି ନାତୁଣୀ ଆଦି
ନା.ତସୁତ—ବି. ନାତି ନାତୁଣୀ
ନାତଞ୍ଜ୍—କ୍ରି. ଚରିବା, ଏ ପଦ କେବଳ ଗୀତ ଓ ପୂଜା ବେଳେ ବ୍ୟବହାର ହୁଏ
ନାଁ.ରୁ—ବି. ଗାଁ, ଗ୍ରାମ (କେବଳ ଗୀତରେ ପ୍ରୟୋଗ ହୁଏ)
ନା.ରୁଃ—କ୍ରି. ଖସିଯିବା, ବରବାଦ୍ ହେବା, ନଷ୍ଟହେବା
ନାତାଂ—କ୍ରି. ହାତ ପତାଇବା
ନାତେନ୍—କ୍ରି. ଶୁଣିବା, (ଗୀତରେ ଏ ପଦ ବ୍ୟବହାର ହୁଏ)
ନାଥ୍ନ—ବି. ନଥୁଣୀ
ନାଥ୍ (ନଥ୍)—କ୍ରି. ନଥି କରିବା, କାଗଜପତ୍ର ବାନ୍ଧିବା
ନାଥୁ—ବି. ନାକର ଦୁଇ ପୁଡ଼ା, ନାକ

ନାଥୁ ଫଡାଓ୍ୱ—କ୍ରି. ନାକ ଫୋଡ଼ିବା, ଛିଙ୍କିବା

ନା.ଦ—ବି. ନଦୀ

ନା.ଦନାଲ୍‌ଦନ୍—ବି. ବରଷା ସମୟ, ନଦୀ ନାଳ ଦନ

ନାଦଗୁଦ—କ୍ରି. ଭୁଟି ବସ୍ତୁର କରିବା

ନାନ୍‌ତେ—କ୍ରି. ବିଂ. ଏଠାରେ

ନାନାରକମ୍—ବିଂ. ବହୁ ପ୍ରକାରର

ନାନ୍‌ହା—ବିଂ. ସବୁ

ନାନାହୁନା.ର୍—ବିଂ. ବହୁ ଉପାୟ

ନାପ୍—କ୍ରି. ମାପ କରିବା

ନାପାଓ—କ୍ରି. ମାପ କରାଇବା

ନା.ପାଓନ—ବି. ମାପ କରିଦେବା ମୂଲ

ନାପାୟ୍—ବିଂ. ଉତ୍ତମ, ଭଲ, ସୁନ୍ଦର

ନାଁପାନ୍ତୁ—ବି. ତା ବାପା

ନା.ପିଡ୍—ଅ. ପାଇଁ, ଉଦ୍ଦେଶ୍ୟ

ଉ: ଅକାନା. ପିଡ୍‌ଏମ୍ ହେକ୍ ଆକାନା—କ'ଣ ପାଇଁ ଆସିଅଛ ?

ନାଁ.ପିଡ୍—ବି. ଭଣ୍ଡାର

ନାଁ.ସୁମ୍—ବି. ତୋ ବାପ

(ମା ପିଲାଙ୍କ ଉପରେ ବିରକ୍ତ ହେଲେ ତାଙ୍କ ବାପାକୁ ଦୋଷ ଦେଇ ଗାଳି କରିବାରେ ଏ ପଦ ବ୍ୟବହାର ହୁଏ)

ଉ: ନାଁ.ସୁମ୍ ଗେ ତୟ୍ ନଂଙ୍କା କେଦ୍ ଇଞ୍ଜ୍ ଦ ଚେଦ୍ ଇଞ୍ଜ୍ ଚକାୟ୍ଯା—ତୋ ବାପ ତ ଏମିତି କରିଛନ୍ତି ମୁଁ କ'ଣ କରିବି

ନାବ—ସ. ଆମ୍ଭେମାନେ

ନାବ ∞ —କ୍ରି. (ଚଢ଼େଇ) ବସିବା

ନାବ ∞ ସାବ ∞ —କ୍ରି. ବସିବା, ଧରିବା, ସହାୟତା

ନାବନାଃ—ସ. ଆମ ସମସ୍ତଙ୍କର

ନାବାଲକ୍—ବି. ନାବାଳକ

ନା.ବନ୍—ସ. ତୁମେ ଦୁହେଁ

ନା.ବନ୍‌ଆଃ—ସ. ତୁମ ଦୁହିଁଙ୍କର

ନାମ୍—ସ. ତୁ, ତୁମେ

ନାମାଃ—ସ. ତୁମର

ନା.ମି—ବିଂ. ନାମକରା, ପ୍ରସିଦ୍ଧ, ନାମଜାଦା

ନାମାଲ୍—ବି. ତଳମାଳ ଅଞ୍ଚଳ

ନାୟ୍—ବି. ନ୍ୟାୟ

ନାଁୟ—ବି. ନଦୀ

(ସାନ୍ତାଳରେ 'ନାଁୟ' କହିଲେ ସାଧାରଣତଃ ଅସ୍ଥି ବିସର୍ଜନ ହେଉଥିବା ନଦୀ ଦାମୋଦର ନଦୀକୁ ବୁଝାନ୍ତି)

ନାୟ୍‌ୟା—ବି. ନୂଆ

ନାୟ୍‌ବିଚ୍—ବି. ନ୍ୟାୟ ନିୟମ

ନାୟ୍(ଇ)ହା.ର—ବି. ବୋହୂର ପିତା ମାତା ଘର

ନାୟ୍(ଇ)ହା.ର୍ ବଙ୍ଗା—ବି. ବୋହୂଘର ପିତାମାତାଙ୍କର ଦେବତା

ନାଁ.ର୍—ବି. ନାଭି, ଲାହି

ନାଁ.ର୍ କାଟାଉନ—ବି. ନାଭି କର୍ତ୍ତନ

ନାଁ.ର୍‌ଲ—ବି. କଣ୍ଠ

ନା.ର୍‌ଲ ନାର୍‌ହାଡା—ବି. ଘଣ୍ଟିକା ହାଡ଼

ନାର୍‌ହାଡା ଜା·—ବି. ଗୋଡ଼ ହାଡ଼

ନାଁର୍‌କିଁଲ୍—ବି. ନଡ଼ିଆ ଖୋଲ

ନା.ର୍ ଖୁଣ୍ଟି—ବି. ଲୁଗା ଗୋଡ଼ାଇବା ବାଡ଼ି ବା ଖୁଣ୍ଟି

ନା.ରଗି ଘାଓ—ବି. ରସ ଘା', (ଏକ ପ୍ରକାର ଘା ଯାହା ଦେହରେ ଶୀଘ୍ର ଚରିଯାଏ ଓ ରସ ଝରେ)

ନା.ର୍‌ଗି ଦାରେ—ବି. ନାରଙ୍ଗି ଗଛ

ନା.ର୍‌ବେଧା—ବି. ଅଣ୍ଡକୋଷ ବୃଦ୍ଧି ହେବା ରୋଗ

ନାର୍‌କ୍—ବି. ନରକ

ନାରାନ୍—ବି. ନାରାୟଣ

ନାଣ(ଡ଼ି)—ବି. ନାଡ଼ି, ଧମନୀ

ନାଣ(ଡ଼)ଠୁଲ(ଣ)—ବି. ଏକଳା, କ୍ରି. ବିଂ. ସବୁକିଛି

ନାଣ(ଲ)ପାରୟା—ବିଂ. ସମ୍ପୂର୍ଣ୍ଣ ପରିବାର

ନାଁଲା—ବି. ନଳା, ନର୍ଦ୍ଦମା

ନାଁଲାପିଲା—ବି. ରୋଗ, ବ୍ୟାଧି

ନାଲ୍‌ତା ପାଟ୍—ବି. ନଳିତା ପଟ, ଝୋଟ

ନାଲ୍ଲ—ବି. ନଳା, କେନାଲ

ନାଁଓ୍ୱାଁଇ—ବି. ନୂଆ ଫସଲ୍ ଆମଦାନୀ ଓ ନୂଆଖିଆ ପାଇଁ "ପୂଜା"

କ୍ରି. ନୂଆ ଫସଲ୍ ଖାଇବା

ନାଁଓ୍ୱାଁଇଁଅଃ—କ୍ରି. ବିଂ. ନୂଆଖିଆ ପର୍ବ ପାଳିବା ପ୍ରକ୍ରିୟା

ନାସ୍—ବି. ନଷ୍ଟ, ମୃତ୍ୟୁ କ୍ରି. ନଷ୍ଟହେବା, ମୃତ୍ୟୁହେବା

ନାସ୍‌ଖାନା— ବି. ଲସ୍‌ଖାନା

ନାସ୍‌ପାତି—ବି. ନାସ୍‌ପାତି

ନାସାଓ୍ୱ—କ୍ରି. ନଷ୍ଟହେବା, ଶେଷ ହେବା

ନାସେ—କ୍ରି. ବିଂ. ଧିରକରି

ଉ: ଲେହ୍‌କା ଦ ନାସେଟେ ଦାଲ୍ ଏ ମେ
ପିଲାଟିକୁ ଧୀର କରି ପିଅ

ନାସେ ନାସେ—କ୍ରି. ବିଂ. ଧୀରେ ଧୀରେ

ନାସେନାସେତେ—କ୍ରି. ବିଂ. ଧୀରେ ଧୀରେ କରି

ନାସେନାଃ—ବି. ସ୍ୱଳ୍ପ, କଷ୍ଟକୃ, ସାମାନ୍ୟ

ଉ: ନାସେନାଃ ସାବ୍‌ତେଟେ ହାସୁଞ୍ଜ୍ କାନା
କଷ୍ଟତ ଧରିବାରେ ହିଁ ମୋତେ କାହୁଛି

ନାସେସ୍ୟାଃ—ବି. ସାମାନ୍ୟ

ନାସେସା.ରି—ବି. ଭଲ ମନ୍ଦ ଠିକ୍ ଅଠିକ୍

ଉ: ନାସେସାରି କାଥା ବାଂ ବୁଝାଉ କାଟେ ରହେଡ୍‌ବାସ୍ତ ଠିକ୍‌ଆ
ଭଲମନ୍ଦ କଥା ନବୁଝି ଗାଳି କରିବା ଉଚିତ ନୁହେଁ

ନାସେନ ଘାସ—ବି. ନାସନ ଘାସ

ନାସିତ୍—କ୍ରି. ଲତା, ଗଛ ଶୁଖିଯିବା, ରୋଗ କମିବା

ନାସିତ୍‌ଘାଓ—ବି. ଶୁଖିଥିବା ଘା

ନାସ୍ତିକ୍—ବି. ନାସ୍ତିକ

ନାସିବ୍—ବି. ଭାଗ୍ୟ, ନସିବ

ନାଁସୁ—ବି. ବ୍ୟଥା

ନାସେନ୍ ଆ.ଗୁ—କ୍ରି. ବୁଲାଇ ଆଣିବା

ନାହା∽ —ଅ. ତ

ଉ: ହାପେ ନାହା∽ ଦାଲ୍ ମେସ୍ୱାକ - ରହତ ତୋତେ ମାଡ଼ ଦେବେ

ନାହା∽ —ବି. ଅବଧି, ଏବେ, ବର୍ତ୍ତମାନ ସମୟ

ଉ: ନାହା∽ ଦ ହଲ୍‌କ ଆ.ଡିକ ବଦଲ୍‌ଏନା - ଏବେ ଲୋକମାନେ ବହୁତ ବଦଳି ଯାଇଛନ୍ତି

ନାହାଃ—କ୍ରିୟାର ଶେଷରେ ଯୋଗହେଲେ ଭବିଷ୍ୟତ କାଳକୁ ବୁଝାଇବ

ଉ: ଉନ ସେନାଃ ଆୟୁ ନାହାଃ - ସେ ଯିବ

(୨) ଇଞ୍ଜ ହଜୁଃଆଞ୍ଜ ନାହାଃ - ମୁଁ ଆସିବ

ନାହାଁନା∽ —ବିଂ. ଆଜକାଲିର ଅଧୁନା

ନାଁ.ହଣ୍ଡେ—ଅ. ସେହିଠାରେ

ନାଁ.ହଣ୍ଡେନ୍—ଅ. ଏହିଠାରେ

ନା∽ହିଁନାଣ୍ଡେ—ଅ. ଏହିଠି

ନା∽ହିଁନାଣ୍ଡେ—ଅ. ଏହିଠାରେ

ନା∽ହିଁନତେ—ଅ. ଏହି ତରଫ୍‌ରେ

ନାଁହା∽.ତେ—ଅ. ଏବେଳୁ, ଏତେବେଳକୁ

ନାଁହା∽ତେନ୍—ଅ. ଏବକାଳର, ଏବର, ସ୍ନାନ

ନାହାଁନ୍—ଅ. ଶୁଦ୍ଧିକର୍ମ (ମୃତ୍ୟୁ ଦିନରୁ ଏକାଦଶ ଦିନ ପାଳନ କରାଯାଏ)

ନାହାଁନତେ—ଅ. ଶୁଦ୍ଧି କର୍ମକୁ, ସ୍ନାନ କରିବାକୁ

ନା∽ହାଁ ନାତେ—ବିଂ. ଏଣିକି

ନାହାଁନ୍‌କଲେକା—ବିଂ. ଏବେର ପରି ଆଜକାଲିକାପରି

ନାଁହେଲଗାଡା—ବି. ଲଙ୍ଗଳ ଗାର, ପଙ୍କ ଦିନାସ୍ଥିତ ଜଳ

ନାଁହେଲ୍ ଗାଡା ଦା∽ —ବି. ଦିନାରୁ ଡାଲହେବା ପାଣି, ମଦ

ନାଁଲିକାସି—ବି. ଏକ ପ୍ରକାର ଲତା ଜାତୀୟ ଗଛ

ନାଁଲ (ଣି) କଲମା ହୁଲ୍ଲୁ—ବି. ନାଲି କଲମା ଧାନ

ନାଁଣି ଘାସ୍—ବି. ଲତା ଘାସ

ନାଁଣି ମୁରୁଦ୍—ବି. ଲତା ଜାତୀୟ ପଲାଶ ଗଛ

ନାଁଣି ସାଂ—ବି. ନାଁଣି ସାଂ ଲତା

ନାଁଣିହୁଲ୍ଲୁ—ବି. ଲମ୍ବ ନାଡ ଥିବା ଧାନ

ନାକାବୁଲ୍—କ୍ରି. ଅସ୍ୱୀକାର କରିବା, କବୁଲ୍ ନହେବା

ନାଖରାଜ—ବିଂ. କରମୁକ୍ତ ଜମି

ନାଖା—ବି. ଦଗ, ଦଣା

ନାଂ—ବି.— ଅସ୍ପଷ୍ଟ, ଧ୍ୱନି, ଅନିର୍ଣ୍ଣିତ (ସମସ୍ୟା)

ନାଂଗାର୍—ବି. ନଗର

ନାଂଗାର କନ୍ଦି—ବି. ସହସ୍ରବାଣୀ, ସହସ୍ର ଲୋକ

ନାଂଗାର୍ କୁଲ—ବି. ସହସ୍ର କୁକୁର, ସହସ୍ର ଲୋକ

ନାଂଗେର୍ ଚ୍ଛକେଡେ—ବି. ନଗର ଚତୁଃସୀମା, ନଗରର ପରିସୀମା ବା ପରିଧି

ନାଂଗସ୍—ବିଂ. ବାହାନା, ଛଳନା, କ୍ରି. ବାହାନା କରିବା

ନାଙ୍ଗସିୟା—ବିଂ. ବାହାନାବାଜ

ନାଂନାଙ୍ଗିନ୍—ବିଂ. କାଳ୍ପନିକ କଳାନାଗ

ନାଚ୍ଡାଓ୍ୱା—କ୍ରି ଟାଣି ଓଲଟିବା, ସ୍ତମ୍ଭି ପୁନଃ ଛତର କରିବା

ନାଗୁରଅ—ବିଂ. ଦେବ ଓ ଅଙ୍ଗୀ

ନାଙ୍କ୍ଜମ୍—ବି. ଅଶରୀରୀ, ମନ୍ଦ ଶକ୍ତିଧାରୀ (ଭୂତ, ପ୍ରେତ, ଡାହାଣୀ)

ନାଟଅ—ବି. ନାଚ

ନାଟଖାଟି—ବିଂ. ନାଟୁଆ (ଯେ ନାଚରେ ସେ ପୁରୁଷ ସାଜନ୍ତି)

ନାଟେର୍ ଗୁରୁ—ବି. ନାଚ ଗୁରୁ, ଖେଳ ଗୁରୁ

ନାନ୍ହା—ବି. ସରୁ, ପତଳା, ଦୁର୍ବଳ
କ୍ରି. ପତଳା ହେବା, ଦୁର୍ବଳ ହେବା

ନାପ୍—କ୍ରି. ମାପ କରିବା, ବି. ମାପ

ନାମ୍ଡାକ୍—ବିଂ. ପ୍ରତିପତ୍ତିଶାଳୀ ଯାହା ନାମ ଅଂଚଳରେ ସୁପରିଚିତ

ନାପାରକ୍—ବିଂ. ଅଯୋଗ୍ୟ, ଅସହାୟ

ନାପଢ଼୍—ବି. ଅପାଠୁଆ, ଅଜ୍ଞାନ କ୍ରି. ଦସ୍ତାକରି ଦେବା

ଉ: କକସ୍ୱଇକ୍ କସ୍ତ ଏମ ନାପଢ଼ ଆସ୍ୱ୍ ପେ - ଭକାଗ୍ରୁ
ହେସ୍ୱଜ୍ଞାନ କରି ଭକ ଦେଇଦଅ

ନାଫା—ବି. ଲାଭ, କ୍ରି. ଲାଭ ଉଠାଇବା

ନାୟୁକେଷିଲ୍—ବି. ନାୟୁକେଷିଲ୍ (ଏକ ସାନ୍ତାଳ ଜାତିର ଗୋତ୍ର)

ନାୟୁନାପାୟୁ—ବିଂ. ସକୁଶଳ, ଆଚ୍ଛା (ଭଲ ମନ୍ଦ, ସୁଖ ଦୁଃଖ)

ନାୟ୍କେ ପାହାଡ଼ିଜ—ବି. ପୂଜକଙ୍କୁ ବାଟ କଢ଼େଇ ନେବାବାଲା

ନାର୍ଗୁ—ବିଂ. ପଡ଼ିଆ ଜମି, କ୍ରି. ପତିତ ହୋଇଥିବା

ନାରତା—ବି. ଷଠି, ଲାଇ ପୋତା

ନାରୁବା ଖାରବା—କ୍ରି. ବରବାଦ କରିବା, ନଷ୍ଟ ବିନଷ୍ଟ କରିବା

ଉ: ହାଜାର୍ ଟାକା ନାରବା ଖାରୁବା ଗୁଚାଏନା -
ଏକ ହଜାର ଟଙ୍କା ବରବାଦ୍ ହୋଇ ଶେଷ ହୋଇଗଲା

ନାଲ୍ହା—ବି. ମଜୁରୀ, କୁଲିଗିରି କ୍ରି. ମଜୁରୀ ଖଟିବା

ନାଓ୍ୱାଠିକା.ନା.—ବି. ନୂଆ ଠିକଣା

ନାଓ୍ୱାନିକ୍—ବିଂ. ନବୀନ. ନୂଆ

ନାଡ଼୍ଜୁଡ଼୍—କ୍ରି. ଖୋଜକରି ଯୋଗାଡ଼ କରିବା

ନାଲେ (ଡ) ଜଲେ (ଡ)—କ୍ରି. ଖୋଜ ଲୋଡ଼ି ଏକାଠି କରିବା

ନିଇ—କ୍ରି. ନିଅ

ଉ: ଏ ଗୋ ଲେଟ୍କା ନିଇ ହବର୍ ହାଡ଼ାଲ୍ ଏମ୍
ଏଇ, ନିଅ ତ ଏ ପିଲାଟିକୁ କୋଳେଇ ଥାଅ

ନିଅଁ—ବି. ଘର ବୁନିଆଦ

ନିଅଁଲ—କ୍ରି. ଘର ବୁନିଆଦ ଖୋଳିବା

ନିଆଁ.—ସ. ଏହା

ନିଆଁଧାଓ—ସ. ଏହିଥର

ନିଆଁଧାଓଗେ—ସ. ଏହିଥରକ

ନିଆଁସ୍—କ୍ରି. ନିରାଶ, ଆଶା ନ ରଖିବା

ନିଓନ୍—କ୍ରି. ଲୋକରେ ରହିବା

ନିକ୍ଥ—ବି. ତରାଜୁ

ନି-କା.ସୁ—ବିଂ. ଧାର୍ମିକ, ଦୋଷମୁକ୍ତ

ନିକାସ୍—କ୍ରି. ଚୁକ୍ତି କରି ଦେବା, ଦେଇ କରି ଶେଷ କରିବା

ନିକା.ସ୍—ବି. ହିସାବ କିତାବ, କ୍ରି. ହିସାବ କିତାବ ବୁଝିବା

ନିକା.ସ ବା.କି—କ୍ରି. ବିଂ. ହିସାବ ବାକି

ନିକା.ଉ୍ଖାଡ଼୍—ବିଂ. ସବୁ, ସମ୍ପୂର୍ଣ୍ଣ (ହିସାବ ଦେଇ ଦେବା)

ନିକୁ—ସ. ଏମାନେ ସମସ୍ତେ

ନିକୁବା.ଦ—ବି. ଶତ୍ରୁତା ଆଚରଣ ବିଂ. ଶତ୍ରୁ

ନିକୁବା.ଦ ଂଂ—କ୍ରି. ଶତ୍ରୁ ହେବା

ନିକଡା—ବି. ଅକର୍ମଣ୍ୟ, ହସ୍ତପଦହୀନ କ୍ରି. ଅକର୍ମା ହେବା

ନିକାଲ୍—କ୍ରି. ବାହାର ଯା

ନିକିନ—ସ. ଏ ଦୁହେଁ

ନିକୁ—ସ. ଏମାନେ ସମସ୍ତେ

ନିଙ୍କା.—ଅ. ଏପରି, ଇଦ୍ରୁଣ

ନିଙ୍କାନ୍—ଅ., ବିଂ. ଏମିତିଆ, ଏମନ୍ତ

ନିଘା.—ବି. ଦୃଷ୍ଟି, ନଜର

କ୍ରି. ଦୃଷ୍ଟିରେ ରଖିବା, ନଜରରେ ରହିବା

ନିଂଘା.—ବି. ବଳଦ ଗାଡ଼ିର ମଝି ଚକ ଲୁହା (axel)

ନିଚଲ୍—ବିଂ. ନିଛୁଟିଆ, ନିଶ୍ଚଳ

ନିଚ୍.—ବି. ନୀଚ, ନ୍ୟୂନ

ନିଚ୍-ହା.କୁ—ବି. ଚିଙ୍ଗୁଡ଼ି ମାଛ, (ଏ ପଦ ସାନ୍ତାଳ ପଦ୍ୟ, ଗୀତରେ ବ୍ୟବହାର କରେ)

ନିଛକ୍—ବିଂ. ସମ୍ପୂର୍ଣ୍ଣ, ଅନାବିଳ

ନିଛୁଟ—ବି. ନିର୍ଜ୍ଜନ .

ନିଛୁଟିଆ—ବିଂ. ନିର୍ଜ୍ଜନ, ଜନମାନବ ଶୂନ୍ୟ

ନିଛେ—କ୍ରି. ବିଂ. ନିଶ୍ଚୟ

ନିଜ୍—ବି. ନିଜ (ଏକ ସାନ୍ତାଳ ଗୋଷ୍ଠୀର ନାମ)

ସ. ଆପଣାର, ନିଜର

ନିଜଗୁର୍—ସ. ସ୍ୱତଃ, ସ୍ୱୟଂ, ଆପଣା ଗୋଷ୍ଠୀ

ନି-ଜାତ୍—ବି. ଅନ୍ୟ ଜାତି

ନି-ଜୁର୍—ବିଂ. କମଜୋର, ଦୁର୍ବଳ

ନିଝୁମ୍—ବିଂ. ଶାନ୍ତ, ନିରବ

ନି-ଝୁର୍—ବିଂ. ମୁଷଳ ଧାର

ନିଞ୍ଜାମ୍—ବି. ମୁଖ୍ୟ, ସ୍ୱାମୀ, ଅଭିଭାବକ

ନିଞ୍—ସ. ମୁଁ

ନିଞ୍ଆଁ—ସ. ମୋହର

ନିଟ୍.—ବି. (ଇଂ) ମୋଟ

ନିଣ୍ଟାଓ—କ୍ରି. ଲୋପ ପାଇବା, ସମାପ୍ତ ହେବା

ନିତାସୁରସ୍ଥା.—ବିଂ. ନିର୍ଜନ

ନିତ୍—କ୍ରି. ବିଂ. ଦୈନିକ, ସଦାବେଳେ

ନିତ୍ଆଃ—ବିଂ. ଏବର, ବର୍ତ୍ତମାନ

ନିତ୍ରେ—ବିଂ. ଏଇକ୍ଷଣି

ନିତ୍ଆନ୍—ବିଂ. ଏବେ, ବର୍ତ୍ତମାନ

ନି-ତାମ୍—କ୍ରି. ଏହାକୁ ନିଅ

ନିତଃ—କ୍ରି. ବିଂ. ଏଇକ୍ଷଣି, ବର୍ତ୍ତମାନ, ସଙ୍ଗେ ସଙ୍ଗେ

ନିଥ—ବି. ନିୟମ, ନୀତି

ନିଦୁର୍ ହାକୁ—ବି. ଏକ ପ୍ରକାର ମାଛ

ନିଦକ୍—ବିଂ. ନିଶ୍ଚିନ୍ତ, ନିର୍ଭୟ

ନିଦା.—ବିଂ. ନିଦା, ଅଫମା

ନିଁଦା.—କ୍ରି. ଶୁଅ, ଶୋଇଯା

ନିଁଦା. ନିଁଦା.—କ୍ରି. ବିଂ. ଶୁଅ ଶୁଅ, (ଛୋଟ ପିଲାଙ୍କୁ ଗୀତ ଛଳରେ ବହଲାଇ ଶୁଆଇବା ପ୍ରକ୍ରିୟା)

ନିନ୍ଦା.—ବି. ନିନ୍ଦା

ନିନ୍ଦ୍ନିନ୍ଦା.ଓ୍—କ୍ରି. ଦୋଷ ଦେବା, ଦୋଷ ବାହାର କରିବା, ନିନ୍ଦା କରିବା

ନିନ୍—ଅ. ଅଳ୍ପ ପରିମାଣକୁ ଆହୁରି ଅଳ୍ପ କରିବା ପଦ ଯାହାଦ୍ୱାରା ସ୍ୱଳ୍ପ ଭାଗ ନିର୍ଣ୍ଣୟ କରାଯାଏ । ଏହାକୁ ହାତ ଇଙ୍ଗିତ ସହିତ ପ୍ରୟୋଗ କରାଯାଏ

ଉ: (ହାତରେ ଇଙ୍ଗିତ କରି) ନିନ୍ଆଁ— କହି ବୁଝାଏ "ଏତିକି" ନିନାଂରେଞ୍ଜ୍. ଇଦୟା—ଏତିକି ମୁଁ ନେବ

ନିନ୍ମାସ୍ଂ—ଅ. ଏତିକି ବଡ଼

ନିନ୍ତେ—କ୍ରି. ବିଂ. ଏତେ ବେଳକୁ

ଉ: ନିନ୍ତେ କା.ମି ଯାଡ୍କାଃଆ — ଏତେବେଳକୁ କାମ ସରିଆ'ନ୍ତା

ନିନା-ଇନା-—କ୍ରି. ବିଂ. ଏତିକି ସେତିକି

ନିନ୍ଦାସ୍—କ୍ରି. ବିଂ. ଏହି ପ୍ରକାରରେ

ନିନ୍ଧା.ନ୍—ବିଂ. ନିର୍ଜନ, ଅନାମଧେୟ

କ୍ରି. ନିର୍ଜନ ହେବା, ନାମ ନ ଥିବା

ନିପ୍ଟାଓ—କ୍ରି. ସମ୍ପନ୍ନ କରିବା, ପୂରା କରିବା

ନିପଟ୍—ବିଂ. ନିପଟ, ସମ୍ପୂର୍ଣ୍ଣ

ଉ: ନିପଟ୍ ମୁରୁକ୍—ସମ୍ପୂର୍ଣ୍ଣ ମୂର୍ଖ

ନିପା.ଲ୍—କ୍ରି. ନଷ୍ଟ କରିବା, ଶେଷ କରିଦେବା, ଧ୍ୱଂସ କରିବା
ନିପୁନ୍‌ସ୍ ∞ —କ୍ରି.ବିଂ. ନିପୁଣତା ବେଳେ
ନିପୁନ୍—ବି. ନିପୁଣ, କାର୍ଯ୍ୟକୁଶଳ
ନିପୁଟ୍—ବିଂ. ନିଦା, ସ୍ୱୟଂ ସମ୍ପୂର୍ଣ୍ଣ, "ଏକ ଗୁହାଲରେ ଗଢ଼ା"
ନିଫଡ୍—କ୍ରି. ବିଂ. ଜଡ଼ତା ଦୂର କରିବା, ଚେତନା ସୃଷ୍ଟି କରିବା
ନିପୁର୍—ବି. ନୁପୁର
ନିବ୍—ବି. ନିବ୍ nib
ନିବୁ—ବି. ଲେମ୍ବୁ
ନିବାସି—ବି. ନିବାସୀ
ନିବସ୍ତ୍ର—ବିଂ. ଲଙ୍ଗଳା, ନିବସ୍ତ୍ର
ନିମ୍‌ଦାରେ—ବି. ନିମଗଛ
ନିମ୍‌ଦା ∞ ମାଣ୍ଡି—ବି. ନିମପତ୍ର ଗୁଣ୍ଡ ମିଶା ତୋରାଣୀ ଭାତ
ନିମ୍‌ଖାଓ୍ୱ—କ୍ରି. ସମାପ୍ତ ହେବା, ଲଗାଇ ଦେବା
ନିମକ୍‌ହାରାମ୍—ବିଂ. ଅକୃତଜ୍ଞ
ନିମ୍‌କ—ବି. ନିମ୍‌କ
ନିମିନ୍—ଅ. ଏତିକ ଟିକେ
ନିମ୍‌କା.ଇ—କ୍ରି. ହଜମ କରିବା, ଦେହ ସହିବା
ନିମାସା—ବି. ମୀମାଂସା
ନିୟାଁ.—ସ. ଏହା
ନିସ୍ତା.ଲେକା—କ୍ରି. ବିଂ. ଏଣୁପରି
ନିସ୍ତା.ଡ୍—କ୍ରି. ବନ୍ଦନା କରିବା, ଦଣ୍ଡବତ କରିବା
ନିର୍‌ଘାନ୍ତ—ବି. ପ୍ରଚଣ୍ଡ ଘୋଷଣ
ନିର୍‌ଧାଟିସ୍ତା—ବିଂ. ନିର୍ଦ୍ଦୟୀ
ନିର୍‌ଧନ୍—ବିଂ. ଧନହୀନ, ନିର୍ଦ୍ଧନ
ନିର୍‌ଦାନ୍ଦ—ବିଂ. ନିଶ୍ଚିନ୍ତ, କ୍ରି. ନିଶ୍ଚିନ୍ତ ରହିବା
ନିର୍‌ଧୂମ୍—ବିଂ. ନିର୍ଦ୍ଧୂମ୍
ନିରଦୁଷି—ବି. ନିର୍ଦ୍ଦୋଷୀ, କ୍ରି. ନିର୍ଦ୍ଦୋଷୀ ହେବା
ନିରନ୍—ବିଂ. ନିର୍ମଳ, ଦୋଷ ଶୂନ୍ୟ
ନିର୍‌ବସ୍ ଡାରେ—ନିର୍ବିଷ ଗଛ (ଏକପ୍ରକାର ଜଙ୍ଗଲି ଗଛ)
ନିର୍‌ବୁଜ୍—ବିଂ. ଅଜ୍ଞ
ନିରବୁଦ୍—ବିଂ. ମୂର୍ଖ, ନିର୍ବୋଧ
ନିର୍‌ବୁଲ—ବିଂ. ଗୁଙ୍ଗା (ଯେ କଥା କହି ପାରେ ନାହିଁ) ନିବଙ୍ଗୁଆ
ନିର୍‌ବାଚନ.—ବି. ନିର୍ବାଚନ
ନିର୍‌ମାସ୍ତା—ବିଂ. ସରଳ, ନିର୍ମାସ୍ତା
ନିରଲ୍—ବିଂ. ନିର୍ମଳ
ନିର୍‌ଲା.—ବି. ବିଶୁଦ୍ଧ, ଖାଣ୍ଟି, ନିକାଞ୍ଚନ
ନିରସ—ବିଂ. ଗୁଣରେ କମିଯିବା, ନ୍ୟୁନ
ନିସା.—ବିଂ. ଅସଲ
ନିସ୍ୱାଧାର—ବିଂ. ନିସ୍ୱାଧାର
ନିସ୍ୱାପଦ୍—ବି. ନିସ୍ୱାପଦ
ନିସ୍ୱାପତ୍ର—ବି. ନିସ୍ୱାପତ୍ର
ନିସ୍ୱାମିସ୍—ବିଂ. ନିସ୍ୱାମିଷ
ନିସ୍ୱାସ୍ତେ—କ୍ରି. ବିଂ. ନିଶ୍ଚିନ୍ତ ରୂପରେ
ନିସ୍ୱାସ୍ତ—ବି. ଶାନ୍ତ, ଆରାମ, କ୍ରି. ଶାନ୍ତ ମିଳିବା, ଆରାମ ମିଳିବା
ନିସ୍ୱାଲ—ବିଂ. ନିରଳା
ନିସ୍ୱାସ୍—ବି. ନିସ୍ୱାଶ, କ୍ରି. ନିସ୍ୱାଶ୍ ହେବା
ନିଲ—ବି. ନୀଲ
ନିଲକାନ୍ତ—ବି. ନୀଲକଣ୍ଠ
ନିଲ୍ଲଜ୍—ବିଂ. ନିର୍ଲଜ, ବି. ନିର୍ଲଜତା
ନିଲ୍ଲଜିଆ—ବିଂ. ନିର୍ଲଜ, ଅଲାଜୁକିଆ
ନିଲ୍ଲମ୍—ବି. ନିଲମ୍
ନିଶଚୟ—ବି. ନିଶ୍ଚୟ
ନିସ୍‌ଠା—ବି. ନିଷ୍ଠା, ନିର୍ଦ୍ଦିଷ୍ଟ କ୍ରି. ନିଷ୍ଠା କରିବା, ନିର୍ଦ୍ଦିଷ୍ଟ କରିବା
ନିସ୍‌ଟାନ୍—ବି. ଚିହ୍ନ
ନିସ୍‌ତାର—କ୍ରି. ନିସ୍ତାର ପାଇବା, ରକ୍ଷା ପାଇବା ବି. ନିସ୍ତାର
ନିସ୍‌ଡା (ଲା) ଇ—କ୍ରି. ଖିଙ୍କାରି ହେବା, ନିନ୍ଦାକରି ଗାଳିଦେବା
ନିସ୍‌ଡାହନା—ବି. ଗାଳି, ଭର୍ତ୍ସନା
ନିସ୍‌ଅ—ବି. ନିଶ, ମୁଛ
ନିସା—ବି. ନିଶା, ଝୁଙ୍କ୍
ନିସାଖୋର୍—ବିଂ. ନିଶାଖୋର

ନିସାଣ୍ଡ୍ ଅଃ—ବିଂ. ଦୁଢ଼, ଭରପୁର୍, ଗୋଲଗାଲିଆ

ନିସାଦଲ୍—ବି. ନିଶାଦଲ, ଏକପ୍ରକାରର ଔଷଧ

ନିସାନ୍—ବି. ଚିହ୍ନ

ନିସାପ୍—ବି. ମିମାଂସା, କ୍ରି. ମୀମାଂସା କରିବା

ନିସାରଥ—ବିଂ. ନିଃସହାୟ, ଅନାଥ କ୍ରି. ନିଃସହାୟ ହେବା, ଅନାଥ ହେବା

ନିସାସ୍—ବି. ନିଃଶ୍ୱାସ କ୍ରି. ନିଃଶ୍ୱାସ ନେବା

ନିସୁନ୍—ବିଂ. ଶୁନ୍‌ଶାନ

ନିସେଧ—ବି. ନିଷେଧ, ମନା, କ୍ରି. ନିଷେଧ କରିବା, ମନା କରିବା

ନିସୋଡ଼ଅ—ବିଂ. ଦୁର୍ବଳିଆ, ଶକ୍ତିହୀନ, ଅଳ୍ପକାମ କରି ଯେ ହାଲିଆ ହୁଏ

ନିହାତ—ବିଂ. ନିହାତ, ନିତାନ୍ତ ପକ୍ଷରେ

ନିହାଲ୍—ବି. ନିହାଲ୍, କୃତାର୍ଥ, ମନୋରଥ ପୂର୍ଣ୍ଣ
କ୍ରି. କୃତାର୍ଥ ହେବା, ମନୋରଥ ପୂର୍ଣ୍ଣ ହେବା

ନୁଇ—ସ. ଇଏ, ଏହି

ନୁଇଁ—କ୍ରି. ପିଇବା

ନୁକର୍—ବି. ଗୃକର, କ୍ରି. ଗୃକର କରିବା

ନୁକିନ୍—ସ. ଏମାନେ ଦୁହେଁ

ନୁକୁ—ସ. ଏମାନେ

ନୁଖୁର୍—ବିଂ. ତେଜ ସ୍ଥାନ, ତୈଳସ୍ଥାନ

ନୁଟ୍—ବି. ନୋଟ, କାଗଜ ଟଙ୍କା

ନୁଟା—ବି. ଲୋଟା, ଡାଲ

ନୁଟି—ବି. ଲଟି, ଗଛାଳିଆ ଲତା ସମୂହ

ନୁଣିଆଁ—ବି. ନଡ଼ିଆ

ନୁଣିଆଁ ସୁନୁମ୍—ବି. ନଡିଆ ତେଲ

ନୁଣିଆ କୁରୁଣି—ବି. ନଡିଆ କୁରୁଣୀ

ନୁତନ୍—ବିଂ. ନୂଆ, ନୂତନ

ନୁନ୍—ସ. ଏତେ
ଉ: ନୁନ୍ ହଲ୍ - ଏତେ ଲୋକ

ନୁନାଂ—ସ. ଏତେ ଗୁଡ଼ାଏ
ଉ: ନୁନାଂଟାକା - ଏତେଗୁଡାଏ ଟଙ୍କା

ନୁନାଂ—ସ. ଏତେଗୁଡ଼ିଏ

ନୁନାଂ ଉନାଂ—ସ. ଏତେ ସେତେ

ନୁନ୍‌ଗୁନ୍—ବି. କୁତୁକ୍ତା

ନୁନ୍‌ଫୁନ୍—କ୍ରି. ଲନ୍ଦ୍‌ଫନ୍ଦ କରିବା, ମିଛରେ ଦୋଷ ଦେବା

ନୁନୁ—ବି. ସ୍ତନ, କ୍ରି. ସ୍ତନ ପାନ କରାଇବା

ନୁନୁଗୋ—ବି. ନିଜ ମା

ନୁନୁଟାକା—ବି. ମା ର ପ୍ରାପ୍ୟ ଧନ (ଝିଅ ବିବାହ ବେଳେ) ଯେଉଁ ଟଙ୍କା ପଣ ଆକାରରେ ମାଆକୁ ଦିଆଯାଏ)

ନୁପାଲ୍—ବି. କର୍ଣ୍ଣ

ନୁପାଲ୍‌ବାହା—ବି. କର୍ଣ୍ଣଫୁଲ (ଏ ପଦ କେବଳ ଗୀତରେ ବ୍ୟବହାର ହୁଏ)

ନୁଫେଲ୍—କ୍ରି. ଆବିର୍ଭାବ ହେବା, ବି. ଆବିର୍ଭାବ

ନୁମ୍—କ୍ରି. ସ୍ନାନ କରିବା, ଗାଧୋଇବା

ନୁମିନ୍—କ୍ରି. ବିଂ. ଏମିତି ବିଂ. ଏତେ
ଉ: ନୁମିନ୍ ଏମ୍ ବଲମ୍ ଏଡା - ଏମିତି ବଳମ୍ବ କରୁଅଛ

ନୁମିନାଂ—ବିଂ. ଏତେ

ନୁମୁଲ୍—ବି. ଖୁଇ

ନୁୟୁ—ସ. ଏ, ଏଇ, ଇଏ

ନୁର୍‌ପିଞ୍ଜ୍ ଦାର୍‌ପିଞ୍ଜ—ବି. ଅସ୍ଥାୟୀ, ଏବେ ଅଛି ଏବେ ନାହିଁ

ନୁଲ୍—ବିଂ. ଡିଲା କ୍ରି. ଡିଲା କରିବା (ଲମ୍ବରେ ଡିଲାକରିବା)

ନୁଲି—ବି. ବନ୍ଧୁକ ନଳୀ, ଫୁଙ୍କା ନଳୀ

ନୁସିବ—ବି. ଭାଗ୍ୟ

ନୁସିବ୍ ଜୋର୍—ବି. ଭାଗ୍ୟ ଜୋର

ନୁସିବ୍‌ଆନ୍—ବିଂ. ଭାଗ୍ୟବାନ

ନେ—କ୍ରି. ନିଅ

ନେ ନେ ଗେ—କ୍ରି. ବିଂ. ଏଇ ନେ, ଏହି କିଛି କ୍ଷଣ ପୂର୍ବେ
ଉ: ନେ ନେ ଗେ ସେନ୍ ଏନାକ - ଏହି କିଛିକ୍ଷଣ ପୂର୍ବେ ଗଲେ

ନେଆଓ—ବି. ଚଣ୍ଡେଗୋଳ, କଳି, କଜିଆ

ନେଆଓଃ—କ୍ରି. ଗଣ୍ଡଗୋଳ ହେବା, କଳି ହେବା, କଳି ଝଗଡ଼ା ହେବା

ନେଆସ୍—କ୍ରି. ହାସ୍ତର କରିବା, ବି. ନ୍ୟାସ

ନେଆ(ସ୍ଥା)ମ୍—ବି. ନିୟମ, କ୍ରି. ନିୟମ କରିବା, ଧର୍ମକୁ ସାକ୍ଷୀ ରଖିବା

ନେଓତା—ବି. ନିମନ୍ତ୍ରଣ

କ୍ରି. ନିମନ୍ତ୍ରଣ କରିବା

ନେଉଡ଼କ୍(ଚ୍)—ବିଂ. ଏତିକ ଛୋଟିଆ

ଉ: ନେଉଡ଼କ୍ ଗିଦ୍ରୀ ଝେଣେଡ୍ ଝେଣେଡ୍ ଏ ରଲ୍ଜାନା—ଏତିକ ଛୋଟିଆ ପିଲା ଝାଣ ଝାଣ କଥା କହୁଛି

ନେକ—ବିଂ. ଭଲ

ନେକ ନାମ୍—ବି. ନେକ୍ ନାମ୍

ନେକ୍ସ୍—ବିଂ. ଖରାପ, ମନ୍ଦ

ନେକାସ୍—କ୍ରି. ଖରାପ ହେବା, ମନ୍ଦ ହେବା

ନେକୁ—ସ. ଏମାନେ ସବୁ

ନେକ୍ଲେସ୍—ବି. (ଇଂ) ଗଳାହାର

ନେଖନ୍—କ୍ରି. ବିଂ. ଏବେଠାରୁ, ବର୍ତ୍ତମାନ ଠାରୁ

ନେଖନ୍ତେ—କ୍ରି. ବିଂ. ଏହା ପରେ, ଏହି ସମୟ ଠାରୁ

ନେଗେଟିଭ୍—ବି. (ଇଂ) ନେଗେଟିଭ୍

ନେଟ୍—ବି. (ଇଂ) ଜାଲ

ନେଠା—ବିଂ. କମ୍‌ଜୋର, ଦୁର୍ବଳ

କ୍ରି. କମ୍‌ଜୋର ହେବା, ଦୁର୍ବଳ ହେବା

ନେଣ୍ଦେଣ୍—କ୍ରି. ବିଂ. ଦିଆନିଆ

ନେତା—ବି. ନେତା

ନେତାର୍—ବି. ଆଜିକାଲି, ଏ ସମୟ

ନେତାରଆଃ—ବିଂ. ଆଜି କାଲିର, ଏହି ସମୟର

ନେତେ—କ୍ରି. ବିଂ. ଏ ପାଖକୁ, ଏହି ଆଡ଼କୁ

ନେତେ ତେନ୍—କ୍ରି. ବିଂ. ଏଠାକାର, ଏ ଅଞ୍ଚଳର

ନେତେରେ—କ୍ରି. ବିଂ. ଏଠାରେ, ଏ ପାଖରେ

ନେତେରନ୍—କ୍ରି. ବିଂ. ଏ ଅଞ୍ଚଳର

ନେତେନ୍—କ୍ରି. ବିଂ. ଏଠାର, ଏସ୍ଥାନର

ନେ ଞ ଏ-ତ—ଅ. ହେଲ ତ, ଏବେ ତ

ଉ: ଆଲମ୍ ଆ ଲମ୍ ଅ ଂ ଆ ନେ ଞ ଏ-ତ ସେଟେର୍ ଏନାବ—ମନ କଷ୍ଟ କରନାହିଁ ହେଇତ ପହଞ୍ଚି ଗଲୁଣି

ନେପାରମ୍—ବିଂ. ଏ ପାଖର, ଏଠାକାର

ନେନ୍ତେ—ବିଂ. ଏତେ ବେଳକୁ, ଏତେ ସମୟକୁ

ନେନ୍ତେ—ବିଂ. ଏହିଠାରେ, ଏହି ସ୍ଥାନରେ

ନେନ୍ତେନ୍—ବିଂ. ଏହିଠାର

ନେନ୍କା, ନେଙ୍କା—କ୍ରି. ବିଂ. ଏପରି

ନେନ୍କାନ୍—କ୍ରି. ବିଂ. ଏପରିକା, ଏପ୍ରକାରର

ନେନ୍ଡା—ବିଂ. ନିର୍ଦ୍ଧାରିତ, ଧାର୍ଯ୍ୟ

ନେନ୍ଡା ଗନ୍ଡା—କ୍ରି. ସମସ୍ତ ଧାର୍ଯ୍ୟ କରିବା

ନେନ୍ଅକକ୍—କ୍ରି. ବିଂ. ଏତିକ

ଉ: ନେନ୍ ଅକକ୍ ଗେ ଇଦ ମେ—ଏତିକ ହିଁ ନିଅ

ନେନ୍-ହେଚ୍—ବିଂ. ଚମତ୍କାର/ଅତିସୁନ୍ଦର

ନେ-ନାହା ଂ —କ୍ରି. ବିଂ. ତୁରନ୍ତ, ଏହିକ୍ଷଣି

ଉ: ନେ-ନାହା ଂ ଇଞ୍ଜ୍ ସେନଃଆ—ତୁରନ୍ତ ଯିବ, ଏହିକ୍ଷଣି ଯିବ

ନେଫ୍ଡା—ବିଂ. ଦୁଃଶ୍ଚରିତ୍ର, ଅସନ୍ତୁ, ଦୁଷ୍କର୍ମ

କ୍ରି. ଦୁଃଶ୍ଚରିତ୍ର ହେବା, ଅସନ୍ତୁ ହେବା, ଦୁଷ୍କର୍ମ କରିବା

ନେଫ୍ଡାନ୍—ବିଂ. ଦୁଃଶ୍ଚରିତ୍ର, ଦୁଷ୍ଟ

ନେବାର୍—କ୍ରି. ବିଂ. ଏହି ଥରକ

ନେବେତାର୍—କ୍ରି. ବିଂ. ବର୍ତ୍ତମାନ, ଏଣିକି

ନେମ୍ବ୍ରଓ—କ୍ରି. କମାଇ ଦେବା

ନେମ୍ବ୍ରୁ—ବିଂ. କମିଥିବା, କମ୍ ହୋଇଥିବା

ନେମ୍—କ୍ରି. ଦେବା, ବି. ନିୟମ, କାନୁନ

କ୍ରି. ନିୟମ ହେବା

ନେମସ୍—ବିଂ. ଶାନ୍ତ, ନିଶବ୍ଦ

ନେମସ ଂ —କ୍ରି. ଶାନ୍ତ ହେବା

ନେମ୍କା ନେମକ—କ୍ରି. ଆଶ୍ୱସ୍ତ ହେବା, ସାନ୍ତ୍ୱନା ଦେବା

ନେମାଜ—ବି. ନମାଜ, କ୍ରି. ନମାଜ ପଢ଼ିବା

ନେମାଲ—ବି. ନେମାଲ, ସମତଳ ଅଞ୍ଚଳ

ନେ-ଏମାନ୍- ସ. ଏଇଠି, କେଉଁଠି, କ୍ରି. ବିଂ. ନିକଟରେ

ନେ-ମର୍—ବିଂ. କୋମଳ, ନମ୍ର, ନରମ
କ୍ରି. କୋମଳ ହେବା, ନମ୍ର ହେବା, ନରମ ହେବା

ନେଓ୍ୱଧରମ୍—ବି. ନ୍ୟାୟଧର୍ମ, କ୍ରି. ନ୍ୟାୟଧର୍ମ କରିବା

ନେଓ୍ୱଆଓ୍ୱ—ବି. ନଇଁବା, କ୍ରି. ଲୁଆଁଇବା, ବି. ନମିତ

ନେସ୍ତ— ବି. ସ୍ତ୍ରୀ, ( ଏ ପଦ ଗୀତ, ପଦ୍ୟରେ କେବଳ
ବ୍ୟବହାର ହୁଏ)

ନେର୍—କ୍ରି. ବୁଣିବା, (ଗୀତ ଓ ପଦ୍ୟରେ ବ୍ୟବହାର ହୁଏ)

ନେଲ—ବି. ନେଲ, ନୀଳ

ନେସ୍ୱାଓ୍ୱ—କ୍ରି. କଲି କଜିଆ ହେବା

ନେସ୍—କ୍ରି. ବିଂ. ଏହି ସନ, ଏ ବର୍ଷ

ନେସ ॰॰—କ୍ରି. ବିଂ. ଏହି ବର୍ଷ

ନେହ୍‌ଲାଓ୍ୱ—କ୍ରି. ଧମକେଇ, ତାଣ୍ଡି ଦେବା

ନେହାଲ—କ୍ରି. ସଫଳ ହେବା, ସନ୍ତୁଷ୍ଟ ହେବା

ନେହାଁର୍—କ୍ରି. ଅବଶ୍ୟ କରଣୀୟ

ନେହର୍—ବି. ଅନୁନୟ, ପ୍ରାର୍ଥନା, ଜଣାଣ, ଆବେଦନ
କ୍ରି. ଅନୁନୟ କରିବା, ପ୍ରାର୍ଥନା କରିବା, ଜଣାଣ କରିବା

ନୋଃହର୍—କ୍ରି. ବିଂ. ଜଣାଣ କରିବା ପ୍ରକ୍ରିୟା

ନୋଃହର୍‌ଇକ୍—ବିଂ. ଅନୁନୟକାରୀ, ଆବେଦନକାରୀ,
ନେହରକାରୀ

## ପ

ପକପକଅ—ବିଂ. ଫୁଲା (ମୁହଁ). କ୍ରି. ମୁହଁ ଫୁଲାଇବା
ମୁହଁ ଫୁଲାଇ ରୁଷିବା, ରାଗିବା

ପକ୍‌ନେଁର୍—ବି. ଫୁଲାମୁହଁ

ପକ୍‌ରଦ୍—ବି. ଫୁଲାମୁହାଁ
ବିଂ. ଫୁଲା (ବେଙ୍ଗ ଗାଲ ଆଦି) ଫୁଲିଥିବା

ପକରଦ୍‌ରଟେ—ବି. ଫୁଲା ବେଙ୍ଗ

ପକସ୍ଥ୍ଆ ॰॰—ବିଂ. ଲୁଷା

ପକ୍‌ଲହା—ବି. ଲୁଚି ମୁଣ୍ଡି, କ୍ରି. ଲୁଚି ହେବା

ପକସ୍—ବିଂ. ଧୀରେ ଧୀରେ ନିଃଶ୍ୱାସ ନେବା

ପକସ୍ ପକସ୍—କ୍ରି. ବିଂ. ଧୀରେ ଧୀରେ ନିଃଶ୍ୱାସ ନେବା
ପ୍ରକ୍ରିୟା, (ଫସ୍‌ଫସ୍), ଡରି ଥରିବା

ଉ: ପକସ୍ ପକସ୍ ଏ ସାହେବ୍ ଏଦ୍‌ଆ—ଧୀରେ ଧୀରେ ନିଃଶ୍ୱାସ
ନେଉଛି

ପଖଡ୍—ବିଂ. ପୋଖତ, ଦକ୍ଷ, ମଜଭୁତ

ପଖାଲ୍—କ୍ରି. ହକାଳିବା, ଉ: ଲୁଗୁଲି ପଖାଲ୍‌କାଃ ମେ—ଲୁଗା
ହକାଳି ଦେବ

ପଖାଓ—କ୍ରି. ଖୁଆଇବା, ଖୁଆଇ ପିଆଇ ଘରରେ ରଖିବା

ପଖିଆ—ବି. ତାଳପତ୍ରର ପଖିଆ

ପଙ୍ଖେ—ବି. ପକ୍ଷ, ଡେଣା, ପର

ପଙ୍ଖା—ବି. ପଙ୍ଖା

ପଗଲି—ବି. ପଗଡ଼ି

ପଗାର୍—ବି. ସୀମା ଧାରେ ଧାରେ ଥିବା ଖାଲ ବା ନାଳ
କ୍ରି. ସୀମାରେ ଖାଲ ବା ନାଳ କରିବା

ପଗାସ୍ଥା ॰॰—କ୍ରି. ବିଂ. ଅସାବଧାନତା ହେତୁ ବସିବାରେ ଲଜ୍ଜ୍ୟା
ଅଙ୍ଗ ମୁକୁଳା ହେବା

ପଘା—ବି. ପଘା, ପଶୁବନ୍ଧା ଦଉଡ଼ି

ପଘାର୍—ବି. ହଳ କରିବାର ପ୍ରଥମ ଗାର ଦେଇ ହଳ କରିବା
ସୀମା, କ୍ରି. ପଘାର କରିବା

ପଂପଂ—ବିଂ. ଫଟା ବା ଖୋଲା ଅବସ୍ଥାର ଛିଦ୍ର, ଉଦୁଆଁ

ଉ: ସିଲ୍ ସିଣ୍ଡ୍ ପଂପଂ ଏ ଝିଜ୍ ଅଟ ଆକାଦ୍‌ଆ—କବାଟ ଉଦୁଆଁ
ମେଲା କରି ଯାଇଛି

ପଚପଚନ୍ଅଃ—କ୍ରି. ସଢ଼ି ପଚ ପଚ ହେବା, (କଞ୍ଚା ଜିନିଷ)
ପଚି ନଷ୍ଟ ହେବା, ଚପୁଡ଼ି ହୋଇ ଯିବା

ପଚର୍—କ୍ରି. ଖସଡ଼ି ବାହାରିବା, ପିଚକାରୀ ପାଣି ବାହାରିବା

ପଚର୍—ବିଂ. ସଢ଼ା, ଡରୁଆ, କ୍ରି. ସଢ଼ିଯିବା, ଡରିଯିବା

ପଚଲ ପଚଲ୍—କ୍ରି. ବିଂ. (କାଦୁଅ ବା ପଙ୍କପାଣି) "କଚର
କଚର୍" ହେବା ପ୍ରକ୍ରିୟା

ଉ: ଉକ୍ନ ହଲ୍ ପଚଲ୍ ପଚଲ୍ (ଲ) ଲସଦ୍‌ଏ ଲେବେଦ୍
ଇଦକୋଃଆ—ସେ ଲୋକ କଚର କଚର କରି କାଦୁଅ ମାଡ଼ିଗଲା

ପଚ୍ଛ୍ଓ—କ୍ରି. ପଗ୍ଭଇବା, ଘଡ଼ାଇବା
ପଚ୍ଛୁ—ବି. ପଛଭାଗ
ପଚ୍ଛୁଓ—କ୍ରି. ପଗ୍ଭଇବା
ପଚ୍ଛୁଲ୍—ବିଂ. ବିଗତ
ପଶ୍ଚାତ୍—ବି. ପଶ୍ଚାଦ୍ଭୂତ
ପଶ୍ଚିମ—ବି. ପଶ୍ଚିମ
ପଜଅ ଦାରେ—ବି. ରକ୍ତଚୋଇ ଗଛ
ପଜାଓ—କ୍ରି. ଶାଣ କରିବା, ଧାର କରିବା
ପଝ଼ାଡ୍ – ବି. ଦୁଃଖ, ଜଞ୍ଜାଳ
ପଝ଼ାଲ—ବି. ଝାଡ଼, ଝାଡ଼
ପଞ୍ଜରା—ବି. ପଞ୍ଝା
ପଟ୍—ବି. ଯୋଡ଼
ପଟଃ—କ୍ରି. ପକ୍ଷ ଧରିବା, ଦଳ ଧରିବା, ପକ୍ଷଭୁକ୍ତ ହେବା
ପଟେନ୍—କ୍ରି. ଦାନ୍ତିରୁ ଖସିବା
ପଟ୍କଜ୍—କ୍ରି. ଅଙ୍କୁରଉଦ୍‌ଗମନ ହେବା, ଗଜା ବାହାରିବା
ବି. ଅଙ୍କୁର
ପଟକଚ୍‌ଆଃ—ବିଂ. ଅଙ୍କୁରିତ, କ୍ରି. ଅଙ୍କୁରିତ ହେବା
ପଟମ୍—କ୍ରି. ଘୋଡ଼ାଇବା, ବି. ପୁଟୁଳା
ପଟମ୍ ଆକାନ୍—ବିଂ. ଘୋଡ଼ା ହୋଇଥିବା, ତାଙ୍କି ହୋଇ ଯାଇଥିବା
ପଟଲ୍‌ଅ—ବି. ପୋଟଳ
ପଟ୍‌ଲା—ବି. ପୁଟୁଳି, ଗଣ୍ଠିଲି
ପଟ୍‌ମା, ପଟ୍‌ରୁ—ବିଂ. ଅଚ୍ଛଲ ପେଟିଆ
ପଟା—ବି. ପଟା, ଜମିର ଟିକସ
ପଟା—ବି. ଅନ୍ତନାଡ଼ି
ପଟା ∞—କ୍ରି. ଚମ ଛଟିଯିବା, ଛୁଲିବା, ରଗଡ଼ି କରି ଛୁଲିହେବା
ପଟସର୍‌ଅ—ବି. ପେଟର ବଡ଼ ମୋଟା ଅନ୍ତ୍ର/ଶିରା
ପଟି—ବି. ପଟି (ବାନ୍ଧିବା)
ପଟିଆ(ସ୍ଥା)—ବି. ପଟିଆ

ପଟେ—ବି. ଯୋଡ଼, କ୍ରି. ଯୋଡ଼ ହେବା
ପଟେସ୍ୱା ହ୍ୱା.କୁ—ବି. ଗଡ଼ିଶା ମାଛ
ପଟେସ୍ୱା ଡା.ଲୁବ୍—ବି. ଚିତାବାଘ, (ଶ୍ରେଷ୍ଠ ପ୍ରକାରର ବାଘ)
ପପେଟେସ୍ୱା—ବି. ପେଟଫୁଲା ବେମାର
ପଠା ହ୍ୱା.କୁ—ବି. ହେରଣା ମାଛ
ପଠା—ବି. ନଦୀ କୂଳ
ପଣ୍ଡି—ବି. ଜଞ୍ଜିର
ପଣ୍—ବି. ପଣ, କନ୍ୟାପଣ; କ୍ରି. ପ୍ରତିଜ୍ଞା କରିବା
ପଣକଅ—ବି. ପଣକଥା
ପଣା—ବି. ପାଚିଲା ବେଲକୁ ପାଣି କରି ଚିନି ଆଦି ମିଶାଇ ଫେଣ୍ଟି ଦେଇ ଯେଉଁ ପାଣି କରାଯାଏ, ପଣା
ପତ୍‌କା—ବି. ପତାକା, ଝଣ୍ଡା
ପତ୍ର୍—ବି. ପୁସ୍ତକ, ବହି
ପତର୍‌ଅଲା ∞—ବି. ପୁସ୍ତକାଳୟ
ପତନ୍—ବି. ପତନ, କ୍ରି. ପତନ ହେବା
ପତ୍ତା—ବି. ଠିକଣା, ଖବର, ପତ୍ତି
ପତାଓ—କ୍ରି. ଲେପିବା, ଲେପିବା
ପତାମ୍—ବି. କପୋତ
ପତାମ୍ କୁପ ଟେଙ୍ଗାର୍—ବି. ଶ୍ରେଷ୍ଠ କୁରୁହାଡ଼ି, କୁଣ୍ଡିଆ
ପତାମ୍ ବଲ୍ ଇପିଲ୍—ବି. ଜୋଡ଼ିତାରା
ପଡ଼ତ୍ (ଜୁମି)—ବି. ପଡ଼ିଆ (ଜମି)
ପତ୍ରିକା—ବି. ପତ୍ରିକା
ପଥ୍‌କର୍—ବି. ପଥକର
ପଦ୍‌ଅଲା ∞—ବି. ଦୋହରା ଘର
ପଦ୍—ବି. ଶ୍ଳୋକ, ପଦକୀ
ପଦ୍‌ଗସୁ—ବିଂ. ଭୁଦଭୁଦିଆ, ଦଦରା ଫଟା ଅଂଶ ବାହାରିଥିବା, ଆଁଶ ଆଁଶ ହୋଇଥିବା, ଭୁରଭୁରିଆ
ପଦମ୍‌ବାହା—ବି. ପଦ୍ମଫୁଲ
ପଦକ୍‌ଅ—ବି. ପଦକ, ମେଡେଲ୍
ପଦ୍‌ଇଦୁ—ବି. ପଦ୍ୟ

ପଦ୍ଆନ ପଦ୍ମାନ୍—ବିଂ. ସମ୍ମାନିତ

ପଦମାନ୍—ବିଂ. ପଦାଧିକାରୀ

ପଦ୍ମିରନ୍—ବି. ରତ୍ନ, ମଣି

ପଦରି—ବିଂ. ପଣ୍ଡି-ଦଦରି, ଖଣ୍ଡିଆ

ପଦାର୍.ଥ—ବି. ପଦାର୍ଥ, ଧାତୁ, ବସ୍ତୁ

ପଦ୍କା—ବି. ପଦ୍କା (ଭୂମି ମପା ଯନ୍ତ୍ର)

ପଦନ ଆଲା‥—ବି. ପୋତନା ପଣ

ପଦକ—ବି. ପଦକ

ପଦସ୍—କ୍ରି. (ଅଁଶ, ବାଲୁଆ ପଦାର୍ଥ) ଫୁଟି ଫାଟ୍ ଉଡିବା
ପ୍ରକ୍ରିୟା

ଯଥା: ବହୁ — ଭିତ୍ ପଦସ୍ ପଦସ୍ ଅଟାଂଏନା
ମୁଣ୍ଡବାଲ ଫୁଟ ଫୁଟ ଉଡିଗଲା

ପଦର୍—ବିଂ. ନରମା, ଅଶକ୍ତ

ପଧଡ଼ତ—ବି. ପଦ୍ଧତି, ପ୍ରଣାଳୀ

ପଧାନ—ବି. ସରକାର ନିଯୁକ୍ତ ଗ୍ରାମର ଖଜଣା ଆଦାୟକାରୀ, ପଧାନ

ପଧାନ—ବି. ପଧାନ ଭୋଗ କରୁଥିବା ନିଷ୍କର ଜମି,
ପଧାନପଣ (ପଦବୀ)

ପନ୍—ବି. ପଣ, କନ୍ୟାମୂଲ୍ୟ

ପନ୍ଥା—ବି. ପନ୍ଥା, ଉପାୟ ବାହାର କରିବା ପ୍ରଥା
କ୍ରି. ଭାବିବା, ଚିନ୍ତା କରିବା, ବିଷୟର ବିମର୍ଶ କରିବା

ପପଲାଅ ଦାରେ—ବି. ଏକ ପ୍ରକାର ଜଙ୍ଗଲି ଗଛ

ପପଲ୍ ହଡ୍—ବିଂ. ଅସ୍ପଷ୍ଟ (ଦେଖିବା) ଧୂଆଁଳିଆ (ଦେଖାଯିବା)

ପବଅ—ବି. ପବ, ବାହୁ

ପୟ୍—ବି. ଦଣ୍ଡ, ଅଭିଶାପ

ପୟ୍କା —ବିଂ. ଚଉଡ଼ା ଚେହେରା ବାଲା

ପୟ୍(ଇ)ତା—ବି. ପଇତା

ପୟ୍ସା—ବି. ପଇସା

ପୟାନ୍—ବି. ଚିହ୍ନ, ଠିକଣା, ଲକ୍ଷଣ, ମିଶ୍ରଣ

ପରଖାଓ—କ୍ରି. ପରୀକ୍ଷା କରିବା

ପର୍ଗୁଲ୍—କ୍ରି. ପ୍ରାରମ୍ଭ କରିବା, କାର୍ଯ୍ୟର ପୂର୍ବକର୍ମ ଆରମ୍ଭ

ପର୍ଚ୍ଚ—ବି. ପର୍ଚ୍ଚା

ପର୍ଚ୍ଚଟା—ବି. ପରାବଲମ୍ବୀ, ପରମୁଖାପେକ୍ଷୀ

ପର୍ଚ୍ଚାର୍—ବି. ପ୍ରଚାର କ୍ରି. ପ୍ରଚାର କରିବା

ପର୍ଜା—ବି. ପରଜା ଜାତି ବିଶେଷ, ପ୍ରଜା

ପରଜାପାତି—ବି. ପ୍ରଜାପତି (ପତଙ୍ଗ)

ପରତୁବା—ବିଂ. ଋଣୀ

ପରତନ୍ଲିକ୍—ବିଂ. ପ୍ରଚଳିତ

ପରଦା—ବି. ପର୍ଦ୍ଦା, ପରଦା

ପରଚନ୍—ବି. ପ୍ରଚଳନ

ପରଦେସ—ବି. ପରଦେଶ

ପରଦେସୀ—ବିଂ. ପରଦେଶୀ

ପର୍ଧାନ୍—ବି. ପ୍ରଧାନ

ପରପଞ୍ଜିଆ—ବିଂ. ଗଞ୍ଜୁଆ, ପରପଞ୍ଜିଆ

ପର୍ବସ୍ତ—ବି. ପରବସ୍ତି (ଅନ୍ୟଠାରେ ବସତି)

ପରବ୍ଆଲ୍—ବି. ଧର୍ମ ଉତ୍ସବ, ପର୍ବ

ପରବାଲ୍—ବି. ପ୍ରବାଳ

ପର୍ଭାସ୍ଥା—ବି. ଚିନ୍ତା, ଭୟକରିବା ଚିନ୍ତା

ପରଭୁ—ବି. ପ୍ରଭୁ

ପର୍ମାଣ୍—ବି. ପ୍ରମାଣ, ସବୁତ୍

ପର୍ଯାସିମ୍—ବିଂ. ଲାଲ ଧଳା ମିଶାମିଶି (କୁକୁଡ଼ା)

ପରସାଦ୍—ବି. ପ୍ରସାଦ

ପରମ୍ଆତ୍ମା—ବି. ପରମ୍ଆତ୍ମା ପରମାତ୍ମା

ପଣ୍ଡ୍ (ଲ୍)—ବି. ଧଳା

ପଣ୍ଡ୍ ଉପାଲ୍ବାହା—ବି. ଧଳା କଇଁଫୁଲ

ପଣ୍ଡ୍ମାରଣ୍ଡି—ବି. ପୁଣ୍ଡ୍ମାରଣ୍ଡି (ମାରଣ୍ଡି ଗୋତ୍ରର ଏକ
ଶାଖା ଗୋତ୍ର)

ପଣ୍ଡ୍ ମୁରୁଦ୍—ବି. ଧଳା ପଳାଶ, ଧଳା ପଳାଶ

ପଣ୍ଡ୍ ମୁର୍ମୁ—ବି. ପୁଣ୍ଡ ମୁର୍ମୁ (ମୁର୍ମୁ ଗୋତ୍ରର ଏକ ଶାଖା
ଗୋତ୍ର)

ପଣ୍ଡ୍ ସରେନ୍—ବି. ପୁଣ୍ଡ ସରେନ୍ (ସରେନ୍ ଗୋତ୍ରର ଏକ
ଶାଖା ସରେନ୍ ପଦବୀ)

ପସ୍ୱତ ସ୍ୱସଉତ୍—ବି. ଧଳା ଚିକ୍କିଆ

ପସ୍ୱତ—ବି. ପଣ୍ଡିତ ବିଂ. ବିଦ୍ୱାନ

ପସ୍ୱଚତ—ବି. ପ୍ରାୟଶ୍ଚିତ

ପସ୍ୱନ୍—ବି. ପ୍ରାଣ

ପସ୍ୱଂ (ନ୍)ଗତ୍—ବି. ମୁକ୍ତ

ପସ୍ୱମସ୍—ବି. ପସ୍ୱମର୍ଶ

ପସ୍ୱସ୍ନାବାହା—ବି. ପଦ୍ମଫୁଲ

ପଶ୍—ବି. ପର, ଅପ୍ରସ୍ତ

ପଶକ୍ଷା.—ବି. ପସ୍ୱକ୍ଷା

ପରେକ୍—ବିଂ. ଅନ୍ୟଜଣଙ୍କ, ଅନ୍ୟର

ପରେତ୍—ବି. ତେଲ ବା ମଇଳା ବସିଯିବା (ଛିଟ)

ପରେଲ୍—ବିଂ ଅନ୍ୟର

ପହ୍ନପଲ୍ ଦା ‐‐ —ବି. ଗୋଳିଆ ପାଣି, ଗୋଳପାଣି

ପୋଲସ୍ (ପୁଲସ୍)—ବିଂ. ଅସ୍ପଷ୍ଟ ଦିଶିବା, ପତଳା ଦିଶିବା, ଅତି କମ୍ ଦିଶିବା

ପଲ୍—କ୍ରି. ବିଂ. ବିନା ମୂଲ୍ୟରେ

ପଲ୍ଅ—ବି. ଦଳ, ପୋଲ

ପଲ୍ପଲ୍—କ୍ରି. ବିଂ. ଦଳଦଳ (ହୋଇ)

ପଲକ—ବି. ପଲକ

ପଲମ୍—ବି. ପଲମ

ପଲା—ବି. ପଲା, ତେଲ ଢାଳିବା ଜିନିଷର ମାପଯନ୍ତ୍ର

ପଲଷି—ବି. ପଲଷି

ପଲ୍ହନ୍—ବିଂ. ପଚ୍ଛାପଛି

ପଲ୍ଅ—ବି. ପୋଲ bridge

ପଲ୍—ବିଂ. ନୁଆଁଣିଆ ପଥ (ଘର)

ପଲ୍ ଅଲା ‐‐ - ପଲ୍ ଘର କ୍ରି. ମାଗଣା

ପଓ୍ୱାର ମୁର୍ମୁ—ବି. ପଓ୍ୱାର ମୁରମୁ, (ମୁର୍ମୁ ଗୋତ୍ରର ଏକ ଶାଖା ଗୋତ୍ର)

ପସ୍ତାକଲ୍—ବି. ତକ୍ତାକାବର, ଶ୍ଳେଟ ଜାତୀୟ ଫଳକ

ପସ୍କା—ବିଂ. ଫମ୍ପା, ପୋକସ୍ତ

ପସ୍କା ଅଲଦ୍—ବି. ଫମ୍ପା ପୁରୁଣା ଗଛ

ପସ୍ୱକାଦ୍ୟଃ—ବିଂ ଦୁର୍ବଳପ୍ୱା, ସହଜରେ ଭାଙ୍ଗିଯାଏ

ପସ୍ତଅ—ବି. ପୋସ୍ତ,

ପସ୍ତାଭ—ବି. ପଶ୍ଚାତାପ କ୍ରି. ପଶ୍ଚାତ୍ତାପ କରିବା

ପସ୍ତାଓ୍ୱ—କ୍ରି. ପଶ୍ଚାତ୍ତାପ କରିବା, ମନସ୍ତାପ କରିବା

ପସ୍ୱତା (ଲା)—ବିଂ. ଲୁଚ୍ଚ, ସ୍ତନ

ପସ୍ୱତାମାଙ୍ଗାଲ୍—କ୍ରି. ଲୁଚ୍ଚ ମଣିବା, ସ୍ତନମାନ କରିବା

ପସା ଏନେଚ୍—ବି. ପଶା ଖେଳ, ଜୁଆଖେଳ

ପସା ‐‐ —କ୍ରି. ଫାଟିବା, ଫଟାଇଦେବା

ଉ: ଠିକ୍ ପସା ‐‐ ଏନା, କଳସୀ ଫାଟିଗଲା (ଧାତୁ, ମାଟିପାତ୍ର ଫାଟିବା କ୍ଷେତ୍ରରେ ଏ କ୍ରିୟା ପ୍ରୟୋଗ ହୁଏ)

ପସାଓ—କ୍ରି. ପାଳିବା, ମନାଇବା, ମନକୁ ପାଇବା

ପସାଓନ—ବି. ବିବାହ ବେଳେ ସାନ୍ତାଳ ଲୋକ ବର ପକ୍ଷରୁ କନ୍ୟାର ବାପା, ଭାଇ ନଗଦ ଟଙ୍କା ଦିଅନ୍ତି ଏହା "ପସାଓନ" ପଣ ଅଟେ

ପସାକ୍—ବି. ପୋଷାକ

ପହଁସ୍ୱଓ—କ୍ରି. ପହଁଞ୍ଚିବା, ପହଁଞ୍ଚାଇବା

ପହନା (ଣା)ହାକୁ—ବି. ପହଣା ମାଛ

ପହରେଃ—ବିଂ. ଦଣ୍ଡେ, କିଛି ସମୟ ପାଇଁ

ପହରେ ପହରେ—କ୍ରି. ବିଂ. ଦଣ୍ଡେ ଦଣ୍ଡେ

ପହଲ୍ବାନ—ବି. ପହଲ୍ବାନ

ପହଅ—କ୍ରି. ବିଂ. ଜୋରଦାର

ପହଟ୍—ବି. ଅଭ୍ୟାସ, କ୍ରି. ଅଭ୍ୟାସ କରିବା

ପହମ୍—କ୍ରି. ଚଢ଼ିବା

ପହର୍—ବି. ପ୍ରହର, ବେଳ

ପହଲ୍—ବି. ପୋଲ, ପାର୍ଶ୍ୱ, କନାସ୍ୱ, କୂଳ

ପହା—ବି. ଜଳଗଛ, ଗଜାଗଛ

ପହାଣ୍—କ୍ରି. କୁମ୍ଭକାର ଭାଟିରେ କଞ୍ଚା ମାଟିପାତ୍ର ଦେଇ ନିଆଁ ଦେଇଥିବା ପ୍ରକ୍ରିୟା ବି. ପୁଆଣି

ପହାଲ୍—କ୍ରି. ଉଧେଇବା, ପୋଷିତ ହେବା, ହୃଷ୍ଟପୁଷ୍ଟ ହେବା

ପହା ‐‐ —କ୍ରି. ଡାମୁଡ଼ିଦେବା

ପହ୍ରାଡ୍ (ଲ)—କ୍ରି. ଖଙ୍ଗିବା, ନଷ୍ଟ କରିବା

ପହ୍ରାଡ଼(ଲ)ସ୍ଥା—ବିଂ. ଅମନଯୋଗୀ. ସହୃ ବରହ୍ରତ, ହେଙ୍ଗ୍ଲା

ପହୁ—ବି. ଧାନ୍ କେଙ୍ଗଲାରେ ଥିବା ମୂଳ ଖୁଣ୍ଟ

ପହ୍ନ୍ହା—କ୍ରି. ପଠନ, ପାଠ ପଢ଼ିବା ବିଂ. ପାଠୁଆ

ପାଇ—ବି. ଅଧସେର

ପା.ଇଲ୍—ବି. ପାଏକଣା ମାପ ଯନ୍ତ୍ର

ପାଇଲକ୍ତ୍ଡା—ବିଂ ପାଇହ୍ଵା ଖୁସୀ, ଅନ୍ୟଗ୍ରାମର ଖୁସୀ

ପା.ଇକଅ—ବିଂ. ପାଇକ ଜାତି

ପା.ଇକାସ୍—ବି. ପାଇକାସ୍ତ

ପା.ଇଖାନା—ବି. ପାଇଖାନା

ପାଇଙ୍ଗାନ୍ (ଣ୍)—ବି. ନୁପୁର

ପାଇଟାଓ୍—କ୍ରି. ସଫା କରିବା

ପା.ଇନ୍ଡାଓ୍—କ୍ରି. ରଗଡ଼ିବା, ମାଲିସ୍ କରିବା

ପା.ଇଟି—ବି. କାମ, କାର୍ଯ୍ୟ

ପା.ଇଣୀ—ବି. ପିଲାଙ୍କର ଗୋଡ଼ଖଡ଼ୁ

ପା.ଇଜାମା —ବି. ପାଇଜାମା

ପାଉଣା.—ବି. ପ୍ରାପ୍ୟ, ପାଉଣା

ପା.ଉଡ—ବି. ପାଉଡ, ରସିଦ

ପା.ଉସ୍.— ବି. ମହୁଲି ମଦ

ପା.ଉସ୍ଭଟି—ବି. ମଦଭାଟି

ପା.ଉଁରୁଟି—ବି. ପାଉଁରୁଟି

ପାଏ—ବି. ପାଏ

ପାଓଁସ୍—ବି. ପାସ୍ବତ, ଏ "ପାଓଁସ୍" ପଦ କେବଳ ଗୀତରେ ବ୍ୟବହାର ହୁଏ

ପାକ୍—ବି. ଖଣ୍ଡା ବା ବାଡ଼ି ଖେଳର ସମ୍ବାଦ

ପାକଟ୍—ବି. ବାହ୍ଵକ. ପାଚବା ଅବସ୍ଥା

ପାକ୍ଟାଣ୍ଡି—ବି. ଖଣ୍ଡା ବା ଲାଠି, ଖେଳପଣ୍ଡିଆ

ପାକ୍ତା—ବିଂ. ପୋଖତ

ପାକମାସ୍—ବି. ବୁଲାର ଜାତି, ବନ୍ତଜାସ୍ ଜାତି

ପାକ୍ସ—ବି. ବଖସ୍, ପୋକସ୍ (ବର୍ଷକପାଇଁ ଜଣଙ୍କୁ ଦିଆଯାଉଥିବା ଖାଦ୍ୟଦ୍ରବ୍ୟ)

ପାକଲ୍ —ବିଂ. ପକ୍ଵ ଅବସ୍ଥା

ପାକା—ବି. ପୋଖତ, ଯୋଗ୍ୟ

ପା.କଟ୍—ବି. ପକେଟ୍

ପାକସ୍ଥାନ ଦେସମ—ବି. ପାକିସ୍ଥାନ ଦେଶ

ପାକା—ବି. ପକ୍କା

ପା.କୁଆ କୁଡ଼ି—ବିଂ. ଦନ୍ତହୀନ ବୁଢ଼ା

ପା.କୁଆ ହାଲାମ୍—ବିଂ. ଦନ୍ତହୀନ ବୁଢ଼ି, ପାକୁଆ ବୁଢ଼ା

ପା.କୁଆ.ହା—ବିଂ. ଜିଦ, କ୍ରି. ଜିଦ୍ କରିବା

ପାକୁର୍ ସା —ବି. ମନୋହର ବିଂ. ସୁନ୍ଦର ହୋଇଥିବା

ପା.ଖଲ୍ଲା.—ବି. ପାଖୁଡ଼ା, ଫୁଲର ଦଳ petal

ପାଖା —ବି. ଖୋପ (କାନ୍ଥରେ ଜିନିଷ ରଖିବାର ବ୍ୟବସ୍ଥା)

ପାଙ୍ଖା —ବି. ପଙ୍ଖା

ପା.ଗଅ—ବି. ପାଣିପାଗ କ୍ରି. ଦହିକୁ ଭଲକରି 'ପାଗ କରିବା'

ପାଗସ୍ଓ୍—କ୍ରି. ପାକୁଳିବା, ଗୋବାଇବା

ପାଗସ୍—ବି. କାନଫୁଲ

ପାଗଲ—ବିଂ. ପାଗଲ

ପାଗ୍ଲ—ବିଂ. ପାଗଲା, ଉନ୍ମତ୍ତ, ବିକୃତ ମସ୍ତିଷ୍କବାଲା

ପାଗୁର୍—କ୍ରି. ପାକୁଳିବା, ଗୋବାଇବା

ପା.ଗୁସ୍—କ୍ରି. ହରଷା ଲାଗିବା

ପା.ଗୁସ୍(ଇ) ପା.ଗୁସ୍—କ୍ରି.ବିଂ. ଗୋବାଇବାରେ ସ୍ଵାଦହୀନ ଲାଗିବା

ପାଚନ୍—କ୍ରି. ପଚାଇବା, ଏକାଠି ଔଷଧ ଦ୍ରବ୍ୟ ରଖି ସିଦ୍ଧ କରିବା

ଉ: ଗ୍ରନକ ପାଚନ ଏଂସ୍ତା - ଔଷଧ ମିଶା ମିଶି କରି ପାଚନ ତିଆରି କରୁଛନ୍ତି

ପା.ଚସ୍—ବି. ପାଚେସ୍ତ

ପା.ଚ୍—କ୍ରି. ପଛକୁ ହଟିବା, ପଛେଇବା

ପା.ଚ୍ପା.ଚ୍ଡେ—କ୍ରି. ବିଂ. ପଛେଇ ପଛେଇ

ପାଚଲ୍.—ବି. ପଛ ପାଖ, ପିଛିଲା

କ୍ରି. ପଛକୁ ହଟାଇବା

ପା.ଚ୍ଲାଦାପ୍ ପାଚଲ୍ଲଦାଲପ୍—ବି. ଘର ଗୃହିଣୀର ସ୍ୱତନ୍ତ୍ର ବିଧି

ପା.ଚ୍ଲ୍ ପାଚଲ୍—କ୍ରି. ଉଲଟ ପାଲ୍‌ଟ କରିବା, ପଗ୍ରାଇବା ପ୍ରତିସ୍ଥା

ପାଚ (ଚ୍ଛ)ଲ୍—ବିଂ. ପଚ୍ଛ ଖସ୍ସା ହେବା

ପାଛିଲ୍ଲ.ଧାଓଆ — ବି. ଆଗର, ପୂର୍ବର ବକେୟା

ପାଚେ—ଅ. ହୋଇପାରେ, ହୁଏତ, ଆନୁମାନିକ

ପା.ଚୁ—କ୍ରି. ନାହିଁ, ସରଯାଇଥିବା ସ୍ଥିତି

ଉ: ଥଲା —ରେ ଟେଡ୍ ହୁଁ ପା.ଚୁ— ଆନା - ଘରେ କିଛୁ ନାହିଁ

(୨) ହଲ୍ ପାଚୁ— କଥା - ଲୋକମାନେ ଜାଣନ୍ତୁ

ପାଛମା—ବି. ପଶ୍ଚିମ

ପାଛମ୍—ବି. ପଶ୍ଚିମ (ଦିଗ)

ପାଛମିସ୍ଥା—ବିଂ. ପଶ୍ଚିମ ଅଞ୍ଚଳର

ପାଗ୍ଲଇସ୍ଥା—କ୍ରି. ବିଂ. ପଗ୍ଲଇକରି

ପଚୁଆ.ରି—ବି. ପିଚୁଲ ବାବଦ

ପା.ଜ—ବି. ପାଜି, ଦୁଷ୍ଟ, ବଦ୍‌ମାସ

ପାଜ୍‌ଚ ପାଁନଚ—ବି. ଧଣ୍ଡଦଆ ଗାମୁଛା

ପାଜାଓ—କ୍ରି. ଶାଣ କରିବା, ପାଣି ଦାହାର କରିବା

ପାଝାଲ୍—ବି. ଶଙ୍ଖଚିଲ

ପାଞ୍ଜ୍‌ଲ୍‌ରି—ବି. ପିଞ୍ଜରି

ପାଞ୍ଜ୍‌ଜା (ପାଞ୍ଜଜା)—ବି. ପଦଚିହ୍ନ କ୍ରି. ପଛେ ପଛେ ଯିବା

ପାଞ୍ଜ୍‌ଜି—ବି. ପାଞ୍ଜି

ପାଞ୍ଜରି—ବି. ପଞ୍ଜୁରି

ପାଟ୍‌କା—ବି. ପଗଡ଼ି

ପାଟ୍‌ନାସୁନ୍ଦୁରୁ—ବି. ପାଟଣିଧାନ

ପାଟ୍—ବି. ଛଣ, ଯାହାରେ ଅଂଶ ଗ୍ରହଣ କରିବା

ପା.ଟ୍‌କା.ର୍—ବି. ବାରବୁଲା, ବାଜାର

ପାଟ୍‌ଓ୍ୱା—ବି. କୁମ୍ଭୀ

ପାଟ୍‌ଗ୍ରି—ବି. ପାଟଗ୍ରି ଜାତି ବିଶେଷ

ପାଟ୍‌ଗ୍ରିନ—ବି. ପାଟଗ୍ରିଣୀ

ପାଟ୍‌ଣା ସହର୍—ବି. ପାଟଣା ସହର

ପାଟା—ବି. କାଠପଟା, ପଟ୍ଟା (lease) ଖଇଥି

ପା.ଟି—କ୍ରି. ଫୋଡ଼ିବା (କାଠି, ଛୁଞ୍ଚି, ଫୋଡଣା କଣ୍ଟାରେ ଫୋଡ଼ିବା)

ବି. (ଇଂ) ପାର୍ଟି, ଦଳ

ପା.ଟିଆ.—ବି. ପଙ୍କ୍ତି, ପଟିଆ, ଚଟେଇ

ପା.ଟିଆଲ୍—ବି. ପାଟିସ୍ଥାନା, ଓଢ଼ଣୀ

କ୍ରି. ଛୁଞ୍ଚି ଫୁଟା ଲେଖା ହେବା

ପା.ଟିଅଲ୍ (ଡ୍)—ବିଂ ପାଠୁଆ, ଯୋଗୀ, ନିପୁଣ

ପାଟିଧିରି—ବି. ପିଲଟ

ପା.ଟିବାଜ୍—ବିଂ. କୁହାଳିଆ, ଶଠ, ଗୁଲବାଜ୍

ପାଟିଗଣିତ ପଡଦ—. ପାଟିଗଣିତ ବହି, ଅଙ୍କବହି

ପା.ଟୁପ୍—ବିଂ. ଉପୁଡ଼ା, କ୍ରି. ଉପାଡ଼ିବା

ପା.ଟୁସ୍—କ୍ରି. (ମୂଳରୁ ଗଛ) ଉପାଡ଼ିବା

ପାଟୁଲ୍‌ଲ (ଡ୍)—ବି. ଏକ ପ୍ରକାରର ପଳାଶୀ ଗଛ

ପାଠଅ—ବି. ପାଠ

ପାଠାଗାର୍—ବି. ପାଠାଗାର

ପାଠାଣ୍—ବି. ପଠାଣ ଜାତି ବିଶେଷ

ପାଠ୍‌ସାଲା—ବି. ପାଠଶାଳା

ପା.ଠି—ବି. ମାଈ ଛେଳିଛୁଆ, ଗର୍ଭଧାରଣ କରି ନଥିବା ଛେଳି, ପେଣ୍ଡି

ପାଠୁଆ—ବି. ପାଠୁଆ, ବିଦ୍ୱାନ୍

ପାଠେ—ବି. କମରପଙ୍କ୍ତି କ୍ରି. କମରରେ ଲୁଗା ଭିଡ଼ିବା

ପାଠେଭରକ୍ ପାଠେ କେଟେକ୍—ବିଂ. କମରକୁ ଲୁଗା ଦ୍ୱାରା ଭିଡ଼ି ଦମ୍ଭ କରିବା, ଧନ ସମ୍ପତ୍ତିଭରା

ଉ: ପାଠେ କେଟେଚ୍ ହଲ ଯାଂ ଲଗାଓ୍ୱ ବାଂ ବେଶ୍‌ଆ - ଧନ ସମ୍ପତ୍ତିଭରା ଲୋକ ସହିତ ଲାଗିବା ଭଲ ନୁହଁ

ପା.ଡୁହ୍—ବି. ପରାଜିତ, କ୍ରି. ପରାଜିତ ହେବା

ପାଣ୍ଡ୍‌ରି—ବିଂ. ଧଳା ଆଖିବାଲା

ପାଣ୍ଡୁ—ବି. ଧଳା ବାଲବାଲ

ପାଣ୍ଡୁଭୁବ୍(ପ୍)—ବି. ଧଳାବାଲ କ୍ରି. ବାଲପାଚିବା, ଉପ୍‌ପାଣ୍ଡୁ:

ପାଣ୍ଡୁବହ୍ନି —ବି. ଧଳାମୁଣ୍ଡ, ବୁଢ଼, ବୁଢ଼ା, ପୋଖତ, ଜ୍ଞାନୀ

ପା.ଣ୍ଡୁନ୍—କ୍ରି. (ଠକବା ପ୍ରବୃତ୍ତିଥାଇ) ପଳାଇବା ବି. ପଳାୟନ

ପା.ଣ୍ଡୁବିଞ୍ଜ୍—ବି. ଧଳାସାପ

ପାଣ୍ଡୁର୍ୱା—ବିଂ. ପାଉଁଶିଆ ରଙ୍ଗ

ପାଣିଆ.—ବିଂ. ପାଣିଆ, ପାଣିଚିଆ

ପାଣିନି—ବି. ପାଣିନୀ (ବିଖ୍ୟାତ ସଂସ୍କୃତ ବ୍ୟାକରଣ ପଣ୍ଡିତ)

ପା.ଣ୍ଠି—ବି. ପୁଞ୍ଜି, ମୂଳଧନ

ପାଣ୍ଡବ—ବି. ପାଣ୍ଡୁରାଜାଙ୍କର ବଂଶଧର

ପାତ୍—ବି. ପାପ, ପାତକ

ପାତଅ—ବି. ଲୁହାର ପତଳା ଖଣ୍ଡ, ଲୁହା ପାଢଆ

ପାତନି—ବି. ପାପିନୀ

ପା.ତନି—ବି. ଟସର ପ୍ରଜାପତି, ସ୍ନେହରେ ସ୍ତ୍ରୀସ୍ୱାକୁ ପା.ତନି ସମ୍ବୋଧନ କରାଯାଏ

ପା.ତନିବିଲ୍—ବି. ଟସର ପୋକର ଅଣ୍ଡା

ପା.ତରି—ବି. ପାଙ୍ଖୀ

ପାତ୍ଲା—ବି. ଟେଲପତ୍ର ବିଂ. ପତଳା

ପାତ୍ଲା ∞—ବି. କାଠ ଫାଳିଆ

ପାତା—ବି. ମେଳା

ପାତାଟାଣ୍ଡି—ବି. ମେଳା ପଡ଼ିଆ, ମେଳନ ସ୍ଥଳୀ

ପାତାଇସ୍ ∞—ବି. ପତ୍ରଖିଆ ପୋକ

ପାତାକାକ୍ଲାଃ—ବି. ଗଛରୁ ପଡ଼ିଥିବା ଶୁଖିଲା ପତ୍ର

ପାତାଲ୍—ବି. ପାତାଳ ବିଂ. ଭୂଗର୍ଭସ୍ଥ ଅତଳତଳ ସ୍ଥାନ

ପାତାଲ୍ଗା.ରୁଡ଼ (ଳ)—ବି. ପାତାଳ ଗରୁଡ଼ ଗଛ (ଔଷଧ ଗଛ)

ପାଢ—ବି. ପାଢ, ପାଢମାଙ୍କଡ଼

ପା.ଢହା.ଣ୍ଡ—ବି. ପେଢ ମାଙ୍କଡ଼ (ଶ୍ରେଷ୍ଠ ଜାତିର ଲାଲ ମୁହାଁ ହନୁ)

ପା.ଢସ୍ୱା.—ବି. ପାଢଆ (ଲୁହାପାଢଆ, କାଉଁଶପାଢଆ ଆଦି)

ପା.ଢସ୍ୱା.ହ—କ୍ରି. ବିଶ୍ୱାସ କରିବା, ପ୍ରତ୍ୟୟ କରିବା, ପରତେ ଯିବା, ବି. ବିଶ୍ୱାସ, ପ୍ରତ୍ୟୟ

ପାଢସ୍ୱାସ୍—ବି. ପଣ୍ଡିତ ପଣିଆ, ଆସର, ମଜଲିସ
କ୍ରି. ପଣ୍ଡିତପଣିଆ ଦେଖାଇବା, ଆସର, ବା ମଜଲିସ୍ ଜମାଇବା

ପା.ଢସ୍ୱାହଧାସ୍—ବିଂ. ବିଶ୍ୱାସନୀୟ

ପାଢତ୍—ବିଂ. ପତିତ

ପାତିତ ହାସା—ବି. ପତିତ ଜମି

ପାତିତ୍ ହୁଲ—ବି. ପତିତଲୋକ

ପାତିତକାଠ—ବି. ପତିତ କାଠ

ପାତିତ ଆକାନ୍—ବିଂ. ପଡ଼ିଥିବା, ଦଳିତ ହୋଇ ରହିଥିବା

ପାତିହାସ୍—କ୍ରି. ମନ୍ତ୍ର ସ୍ଖଳନ କରିବା, ମୋହିତ କରିବା

ପାଥ୍ଣ—କ୍ରି. (ମନ୍ତ୍ରଦ୍ୱାରା) ବାଣ ପେଷିବା, ଯାଦୁ କରିବା, ମୁଗ୍ଧ କରିବା

ପାଦ୍ମୁଦ୍—ବିଂ. ଚଉଡ଼ା ପିଠିବାଲା

ପାଦ୍ (ଦ)ଲି—ବି. ପାଦ୍ଶ୍ରି

ପାଦା—ବି. ଖେଳର ଚୁକଚୋଣିଆ ଗାର ଦିଆ ଘର, ପାଦା

ପାନ୍—ବି. ପାନ, ଔଷଧ ପିଇବା ପରିମାଣ

ପାନ୍ମଞ୍ଜୁରି—ବି. ପାନ ମଞ୍ଜୁସା

ପାନ୍ସାକାମ୍—ବି. ପାନପତ୍ର

ପାନ୍ବରଜ୍—ବି. ପାନ ବରଜ

ପାନ୍ତା—ବି. ଶିକାରୀଙ୍କ ଜଙ୍ଗଲସ୍ଥ ଲମ୍ବାଧାଡ଼ି

ପାନ୍ଡେ—କ୍ରି. ଖୋଜିବା ଅନ୍ୱେଷଣ କରିବା

ପାନ୍ଡେ ପାନ୍ଡେ—କ୍ରି. ବିଂ. ଧାଡ଼ିରେ ଯୋଡ଼ି ଯୋଡ଼ି ବସିବା

ପାଡେ ପେଟେଡେନ୍—ଧାଡ଼ିରେ, ନିକଟରେ

ପାନ୍ଟେନ୍—କ୍ରି. ତଣ୍ଟିରେ ଠାକ (ଅଟକ) ଯିବା

ପାନ୍ତା—କ୍ରି. ପଣ୍ଡା

ପାନ୍ଡେନ୍—ବି. ପଣ୍ଡିତ

ପାନ୍ଦାସ୍ଟା ∞—ବିଂ. ହେଣ୍ଡି, ହେଙ୍ଗଲୀ

ପାନ୍ଦଲ୍—କ୍ରି. ସ୍ଥାନରୁ ହଟାଇଦେବା, ଠେଲି ନେବା, ସ୍ଥାନ ଅଧିକାର କରିବା

ପାନ୍ଦେ—ବି. ତଳପେଟ

ପାନ୍ପାଟା—କ୍ରି. କାର୍ଯ୍ୟରେ ଲଗାଇ ଦେବା, ସ୍ନେହରେ ବସାଇ ଦେବା, ବିଂ. ମାନ୍ୟତା ପତ୍ର

ପାନ୍ବାସ୍ଗୁଚୁ—ବିଂ. ବହଳ ଦାଢ଼ିବାଲା

ପାପାନ୍ତେ—କ୍ରି. ବିଂ. ଖୋଜବାକୁ

ପାନାଦା˷—ବି. ଆଖୁରସ

ପାନାସ୍କା—ବି. ପାଦତଳ

ପାନ୍ହାଓ—କ୍ରି. ପସ୍ତାଇବା, ମନରେ ଚିନ୍ତାଥିବା

ପାନାହୁ—ବି. ଗୋଡ଼ର ପିନ୍ଧାଣ (ଜୋତା, ଖଡମ) ଗୋରୁଙ୍କ ପାଦ-କାଠ କଡ଼୍ହା

ପାଣ—ବି. ପାଣି

ପାଣଆ.ଓ୍—କ୍ରି. ବିରକ୍ତ କରିବା, ବିରକ୍ତ ହେବା, ହତୋତ୍ସାହ ହେବା

ପା.ଣଓ୍ଡୁବା—ବି. ଜଳରେ ବୁଡ଼ିବା

ପାଣଫଲ୍—ବି. ପାଣିଫଳ, ସିଙ୍ଗ୍ଡା

ପାଣରିପିଅ—ବି. ଜଳପକ୍ଷୀ, ପ୍ରାଣପ୍ରିୟା

ପାପ୍—ବି. ପାପ

ପାପ୍ଖିରି—ଶ. ପାପର ଖର ଶ୍ୱାସ ପଡ଼ିବା, ହଲଚଲ୍ ନ ହୋଇ

ପାପାଁଣ ଦାଂ—ବିଂ. କଠୋର, କଡ଼ା, ନିଶ୍ଚଳ
କ୍ରି. କଠୋର ହେବା, ହଲ୍‌ଚଲ୍ ନହେବା

ଯ: ପାପାଁଣ ଦାଂ ଏ ଗିତଜ୍ ଆକାନ୍ଆ - ହଲଚଲ୍ ନ ହୋଇ ଶୋଇଛି

ପା.ପି—ବିଂ. ପାପୀ, କଂଜୁସ୍

ପାଁପଡ୍—ବି. ପାମ୍ପଡ଼

ପାଁମ୍ପଡ଼ା ପାମ୍ପଡ଼—କ୍ରି. ଖୋସାମତ କରିବା ବି. ଖୋସାମତ୍

ପାପିଷ୍ଠା—ବିଂ. ପାପୀ, ଦୁଷ୍ଟ

ପାପୁ˷—କ୍ରି. ନାହିଁ, ସରିଯିବା (ପିଲାଙ୍କ ବଚନରେ କୁହାଯାଏ)

ପାମିର୍—ବି. ପାମିର, (ମାଳଭୂମିର ନାମ)

ପାସ୍ଟ୍—ବିଂ. ପାଏ

ପାସ୍ଟ୍ (ଇ)କାହା—ବିଂ. ପାଇକ ନାଚ

ପାସ୍ଟ୍‌କାନ୍—ବିଂ. ପହରାଦାର୍

ପାସ୍ଥା—ବି. ବଡ଼ ଖମ୍ବ, ବର୍ଷାର୍ତ୍ତ ଜଳ ବୃଷ୍ଟିର ଭଣ୍ଡାର

ପାସ୍ତାର୍—ବି. ଭବିଷ୍ୟତବାଣୀ

ପାସ୍ଟ୍‌ଘ—ବି. ପହଁରା, କ୍ରି. ପହଁରିବା

ପାସ୍ଟ୍ରପାରମ୍—କ୍ରି. ପହଁରି ପାରିହେବା

ପାସ୍ଟ୍‌ଣାହାପା—ବି. ମୁନଦିଆ ବାଡ଼ି (ହଳବେଳେ ବଳଦଙ୍କୁ ଅଡାଇବା ଓ ଭାଗିଦ କରିବା ବାଡ଼ି, ପାଞ୍ଚଣ ବାଡ଼ି)

ପାଏକୁଲା.ସ୍ଟ୍—କ୍ରି. ସ୍ୱଳ୍ପ ମଜୁରି

ପାସ୍ଟ୍ଂ ସ୍ଟ୍ଂ—ବି. ଘଡଘୋର, ମାଚ୍ଚ ଅନ୍ଧାର

ପାସ୍ଟ୍ (ଇ)ମାର—କ୍ରି. ପାଇକ ଖେଳର ମାଡ

ପାସ୍ଟ୍(ଇ)ଲ୍—ବି. ସେରେକିଆ ମାପଯନ୍ତ୍ର

ପାର୍—ବି. ମୁକ୍ତ, ପାର୍ପାଇବା

ପା.ର୍କାହ୍—କ୍ରି. ଅଭ୍ୟାସ କରିବା ବି. ଅଭ୍ୟାସ

ପାର୍କମ୍—ବି. ଖଟ, ଖଟିଆ

ପାରକମ୍‌ଖୁସ୍—ବି. ଖଟପୁଆ

ପାର୍ଗାନା—ବି. ପ୍ରଗଣା ଅଧିପତି

ପା.ରୁପା.ହ—କ୍ରି. ପ୍ରଥମରେ ଜାଳେଣୀ ଯୋଗାଡ଼ କରି ନିଆଁ ଜଳାଇବା ପ୍ରକ୍ରିୟା

ପାରଓ୍ୱା ଏନେଜ୍—ବି. ପାରିନାଚ

ପାର୍ଓ୍ୱା—ବି. ପାରି, ପାରିବତ

ପାର୍ହାଚ୍(ଲ)—କ୍ରି. ଛାପିବା, ମୁଦ୍ରଣ କରିବା

ପାରି—ବି. ପାରଦ

ପାରିଚ୍ ପାରିଚ୍—କ୍ରି. ବିଂ. ଫଚ୍ ଫଚ୍ (ବେଡରେ ପିଟିବା)

ପାରିଚ୍—ବି. ପଙ୍କ

ପାରିଚ୍ ମେନ୍ତେ—କ୍ରି. ବିଂ. (ବେଡରେ) ପଚ୍‌କରି ମାଡ଼ହେବା

ପା.ଶ—ବି. ପାଲି

ପା.ଶପା.ଶ—କ୍ରି. ବିଂ. ଅଦଳ ବଦଳ ହୋଇ

ପା.ଶପାଶତେ—ବି. ପାଲି କରି କରି

ପା.ଶସ୍—ବି. ସାନ୍ତାଳଙ୍କ "ଗୋଣ" ସମାଜ

ପାଲି—ବି. ପାଲି

ପାଲଜଙ୍ଗ୍—ବି. ଜଙ୍ଗଲି କୋଳ

ପାଲଟନ୍—ବି. ସୈନ୍ୟ

ପାଲ୍ଓ୍ୱା—ବି. ତେନ୍ତୁଳି ଶୁଖିଲା ପତ୍ର ଗୁଣ୍ଡ

ପାଲ୍‌ସିପୁଲ୍‌ସି—ବିଂ. ଧୂଆଁ ଲଆ ଚିକାରଙ୍ଗ

ପାଲ୍ହା—ବି. ପନ୍ଥ

ପାଲ୍ଲ—ବି. ପଶୁଙ୍କୁ ଶୁଆଇବା ପନ୍ଥ

ପାଲ୍ଲ—ବି. ପାଲ୍ଲଯାନ୍ତା

ପାଲ୍ଲକ୍ ପାର୍କମ୍—ବି. ପଲଙ୍କ ଖଟ

ପାଲ୍ଲ ∞ ପୁଲୁ ∞—ବିଂ. ଧୂଆଁଳିଆ କ୍ରି. ଧୂଆଁଳିଆ ଦେଖାଯିବା

ଏଠି ସେଠି ଚର୍ଚ୍ଚା ହେବା, ବାହାରିଆ କଥା ଶୁଣାଯିବା

ଉ: ଇନ ହଲ୍ଆ ∞ କାଥା ପାଲ୍ଲ ∞ ପୁଲୁ ∞ ଆଞ୍ଜମ୍ ଅ ∞ କାନା

ସେ ଲୋକର ବିଷୟ ବାହାରେ ଶୁଣାଯାଉଛି

ପାଲ୍ଲର୍ପୁଲୁର୍—କ୍ରି. ହୃତ୍କମ୍ପ ହେବା, ଡରରେ କମ୍ପିବା

ପାଲ୍ଲଟ୍—ବି. ବଦଲାଇବା (ଲୁଗା ଗାମୁଛା, ଶାଢ଼ୀ ଆଦି) ପିନ୍ଧାଣ

ପାଲ୍ଲଟଃ—କ୍ରି. ପିନ୍ଧାବସ୍ତ୍ର ବଦଳାଇବା

ପାଲ୍ଢ—ବିଂ. ପଲାତକ (ଜମି, ଘର)

ପାଲାଢକା—ବିଂ. ଭାଗକରା (ଭୂମି, ସମ୍ପତ୍ତି ଆଦି)

ପାଲାଓ—କ୍ରି. ହାବୁଡ଼ରେ ପଡ଼ିବା, ମିଳିବା

ପାଲଅ—ବି. ପାଳୁଅ

ପାଲ୍ହାଣ୍ଡ୍—କ୍ରି. ଲହଙ୍ଗା, ମୋଟା ଧଡ଼ିଦିଆ ଲୁଙ୍ଗି

ପାଲ୍ହା—ବି. ଗାହାଣ, କ୍ରି. ଗାହାଣ କରିବା

ପାଲ୍ହାଓ—କ୍ରି. ପଢ଼ିବା

ପାଲା—ବି. କୁକୁଡ଼ା ଗଞ୍ଜା ଲଟେଇ ପଡ଼ିଆ

ପାଲା ∞—କ୍ରି. ଚରିବା, ଫାଙ୍କିବା

ପାଲନ—କ୍ରି. ପୋଷିବା, ପାଳନ କରିବା

ପାପାଲ୍ହାଓ—କ୍ରି. ପାଠକୁ ପଢ଼ିବା

ପାଲ୍ହାଓ୍ୱଇକ୍—ବି. ପାଠକ

ପାଲସ୍ଯାହ—କ୍ରି. ଗରମ ଓ ଥଣ୍ଡା ମିଶା ମିଶି କରିବା

ପାଲସ୍ଯା.ପାଲଇ—କ୍ରି. ବିଂ. ମିଶାମିଶି ହେବା

ଉ: ଯାହାରେ ହଲକ ପାଲସ୍ଯା ପା.ଲଇଃକାନା

ଯାହାରେ ଲୋକମାନେ ମିଶାମିଶି (ନୂଆଲୋକ ପଶୁଛନ୍ତି

ଫେରୁଛନ୍ତି) ହୋଇଯାଉଛନ୍ତି

ପା.ଲୁଓ୍ୱା.—କର୍ମକୋଡ଼ି, ଅଳସୁଆ, ଠକ

ପା.ଲଡା ଦାରେ—ବି. ପାଳଧୂଆ ଗଛ

ପାଲ୍—ବି. ଲଙ୍ଗଳ ଲୁହା

ପା.ଲଅ—ବି. ସାମିଆନା, ତମ୍ବୁ

ପା.ଲଖି—ବି. ପାଲିଙ୍କି

ପାଲ୍ଲନ୍—ବି. ଜିନ୍, ଘୋଡ଼ା ପିଠିର ଗଦି

ପାଲ୍ଲନ୍ଘାଅ—ବି. ଜିନ ଜନିତ ପିଠି ଘାଆ

ପାଲ୍ଲ—ବି. ଯଶାପାଲ୍ଲ

ପାଲ୍ଲଅଲ୍—ବି. ପାଲି ଖସା ଲେଖା

ପାଲେ ପାଲେଢ, ପାଲେନ୍—ଅ. ହୁଏତ, ହୋଇପାରେ

ସମ୍ଭବତଃ

ପାଲେପୁଲେ—କ୍ରି. ବିଂ. ଉପର ଠାଉରିଆ

ପା.ଲ୍କୁମ୍—ବି. କଅଁରି ଝାମ୍ପୁଡ଼ା ବାଳ

କ୍ରି. ଝାଙ୍କୁଆ ପନ୍ଥ ବାହାରିବା

ପାଉିରସ୍କା—ବି. ପାଉିରସ୍କା, ସାନ୍ତାଳଙ୍କ ଏକ ଗୋତ୍ରର ନାମ

ପାସ୍—ବି. ଇଂ ପାସ, ଉତ୍ତୀର୍ଣ୍ଣ, ପ୍ରବେଶ ପନ୍ଥ

କ୍ରି. ପାଶ୍ କରିବା, ଉତ୍ତୀର୍ଣ୍ଣ ହେବା, ପ୍ରବେଶପନ୍ଥ ପାଇବା

ପାସ୍କା—କ୍ରି. (ଗୋଡ଼ରେ) ଇଞ୍ଚାଡ଼ିବା, ଧୂଳି ଉଡ଼ାଇବା

ପାସ୍କାଟାଓ୍ୱ—କ୍ରି. ବାହାନା କରିବା, ଅସମର୍ଥ ହେବା

ପାସ୍କା ପା.ସ୍କ—କ୍ରି. ବିଂ. ଇଞ୍ଚାଡ଼ ଛିଞ୍ଚାଡ଼,

ଧୂଳି ଉଡ଼ା ଉଡ଼ି କରି

ପାସ୍କାଓ୍ୱ—କ୍ରି. ଇଞ୍ଚାଡ଼, ବିପର୍ଯ୍ୟସ୍ତ କରିବା

ପାସ୍କୁକ୍—କ୍ରି. ହୁଗୁଳି ଯିବା, ବାହାରି ପଡ଼ିବା

ପାସ୍ନାଓ—କ୍ରି. ମେଲାଇ ଦେବା, ଖୋଲାଇ ଦେବା

ପାସ୍ନା ପାସ୍କ—କ୍ରି. ବିଂ. ମେଲା ମେଲି, ଖୋଲା ଖୋଲେଇ

ପାସ୍ନାଓ୍ୱଆ ∞—ବିଂ. ମେଲି ହୋଇଥିବା,

ଖୋଲଇ ହୋଇଥିବା

ପାସ୍ପଡସ୍—ବି. ପାଖ ପଡ଼ିଶା

ପାସ୍ ପୁସ୍— କ୍ରି. ଫୁସ୍ ଫାସ୍ କରିବା, ଧୀରେ ଧୀରେ କଥା

ହେବା

ପାସ୍ସ୍—କ୍ରି. ପରଛିଦ୍ର ରଟନା କରିବା

ବି. ଲୁହାର୍, ଲୁହା କାମ କରିବା

ପାସ୍ର—କି. ପରସ୍ପର କାମରେ ସହଯୋଗ କରିବା

ପାସିଉ—କି. (ପାଣି) ଛିଟିକା ପଡ଼ିବା, ବି. ଛିଟିକା

ପାସାଡ଼୍ (ଲ)—କି. ମେଲ୍ଲ କରିବା, ମେଲାଇବା
(ଏହା ଅବୈଧାନିକ ଶବ୍ଦ)

ପାସ୍ତାଓ୍ଵ—କି. ମେଲାଇ ଲମ୍ବ କରିବା

ପାସା—ବି. ଗାଣ୍ଠି, ଗାଣ୍ଠିର ମୁନିଆ ଭାଗ

ପାସା ∞—ବି. ଅରୁଚିକର, ସ୍ୱାଦହୀନ

ପାସା ∞ ପାସା ∞—କି. ଅରୁଚି

ପାସାଙ୍ଗ୍—ବି. ପାସଙ୍ଗ, ଓଜନ ସମାନ ଥିବା

ପାସାର୍—ବି. ପସରା ମେଲିବା

ପାସାର୍ ପୁସୁର—କି. ବିଂ. ଫୁସ୍ ଫାସ୍

ପାସାଓଆ ∞—ବିଂ. ଅର୍ପିତ (ବଳି, ଦ୍ରବ୍ୟ)

ପା.ସି—ବି. ଫାଶ, ଫାଶୀ କି. ଫାଶ କରିବା, ଫାଶ ବସାଇବା
ଫାଶୀ ଦେବା, ଶୂଳି ଦେବା

ପାସୁ—ବି. ପଶୁ

ପା.ସୁଲ୍—କି. ଖସଡ଼ିପଡ଼ିବା, ଛୁଞ୍ଚୁଡ଼ିବା

ପାସେ ପାସେକ୍—ଅ. ହୁଏତ

ପାହାର୍—ବି. ପ୍ରହାର

ପାହାରା—ବି. ପହରା କି. ପହରାଦେବା

ପାହାର୍—କି. ପ୍ରହାର କରିବା

ପାହାରାଦାର—ବି. ପହରାଦାର୍

ପାହସାଓ୍ଵ—କି. ସଜାଇବା, ସଜକରି ତିଆରି କରିବା

ପାହାଣ୍ଟା—କି. ପାଖକୁ ଚାଲିବା, ଆଡ଼କୁ ଚାଲିବା, ତରଫ୍ ହେବା

ଉ: ଉପଲ୍ ଆମ୍ ପାହାଣ୍ଟା ଏନା - କଥାବାର୍ତ୍ତା ତମ ଆଡ଼କୁ ଚାଲିଲା

ପାହଲା—ବି. ଗଳ୍ପ କଥନ, ଗଳ୍ପ ଗାୟନ, ପ୍ରବଚନ

ପହଲାଓ୍ଵ—କି. ଗଳ୍ପ କଥନ କରିବା, ଗଳ୍ପ ଗାୟନ କରିବା,
ପ୍ରବଚନ କରିବା

ପାହା ପୁହୁ—ବି. ଉଷାକାଳ
କି. ବିଂ. ଫୁଟୁଥିବା ଗୁହଳର ଦରସିଜା ସ୍ଥିତି

ପାହାଲ୍ବାନ୍—ବି. ପହଲମାନ

ପାଡ୍ଦା ∞ ପାଡ୍ଦା ∞—କି. ବିଂ. (ଗୋଡ଼) କସ୍ତୁଡ଼ି କରୁଡ଼ି

ପାଢ଼ହାଓ୍ଵ—କି. ପଢିବା, ପଢ଼ାଇବା

ପାଡ଼ା ∞ (ଲା ∞)—କି. ଫାଟ ପଡ଼ିବା, ଜମି ପ୍ରଥମ ହଳ
କରିବା

ପାଡ଼ା ∞ (ଲା ∞) ମସ୍ତୁ—ବିଂ. ଭଡ଼ଭଡ଼ିଆ, ବକ୍ବକାସ୍ଥା

ପାଢ଼ା—ବି. ପଢ଼ା, ସାହି

ପାଡ଼ା ∞ ପାଢ଼ା ∞—କି. ବିଂ. ପାଟି କରି କହିବା, ଯୋର
ପାଟିରେ କହିବା

ପାଡ଼ାଗାଡ଼େଡ଼େ ପାଲେଗାଲେଡ଼େ—କି. ବିଂ. ବାହାନା କରି,
ଲୁଚ୍‌ଲୁଚ୍ ହୋଇ, ଗୋପନୀୟ ଭାବେ

ପାଢ଼ା କାଢ଼ା—କି. ଅତ୍ୟନ୍ତ ବେଗ ବଇରାଗରେ ପଡ଼ିବା

ପାଡ଼ା କାଡ଼ାଡେ—କି. ବିଂ. ଅତ୍ୟନ୍ତ ବେଗ ବେଗ କରି କରି
ହାଲିଆ ହେବା

ପାଢ଼ାପୁଁଡ଼ସି—ବି. ସାହିପଡ଼ିଶା

ପାଡ଼ାସ୍—ଅ. ଧଡ଼ାସ୍, ଠାଏ, ବି. ପୋଡ଼ସି

ପାଇଡ଼ା—ବିଂ. ପ୍ରଥମ

ପାହଣବେଟ—ବି. ପାହାଲଂଟା

ପାହାଡ଼ିଆ—ବି. ପାହାଡ଼ିଆ

ପାହି ହୁଲୁ—ବି. ସାବଧାନ,

ପାହଲ୍—କି. ବିଂ. ପ୍ରଥମେ, ପୂର୍ବରେ

ପାହଲ୍ଡେ—ସ. ପ୍ରଥମରେ, ସେ କାଳରେ

ପାହଲ୍ରେ—ସ. ସେ ବେଳରେ, ପୂର୍ବକାଳରେ

ପା.ହୁଡ୍—ସ. କୁକୁଡ଼ା ଲଢ଼େଇରେ ହାରିଥିବା ପକ୍ଷୀ

ପାଡ୍(ରି)ଛାଓ୍ଵ—ପରିଚ୍ଛନ/ପବନ/ପରିଷ୍କାର କରିବା

ପାଡ୍ସି—ବି. ପଡୋଶୀ

ପା—ବି. ପାଦ

ପାଇକାସ୍ତି—ବି. ପାଇକାସ୍ତି, ବେପାର କି. ବେପାର କରିବା

ପାକଡ଼ା ପକଡ଼ା—ବିଂ. ଦୃଢ଼, ପୋଖତ, ମଜ୍‌ଭୁତ

ପାକ୍ ପାକାଓ୍ଵ—ବିଂ. ଉତ୍କୁଣ୍ଠିତ, ଉତ୍ତେଜିତ
କି. ଉତ୍କୁଣ୍ଠିତ ହେବା, ଉତ୍ତେଜିତ ହେବା, କିଂକର୍ତ୍ତବ୍ୟ
ବିମୂଢ଼ ହେବା

ପାକ୍‌ଡାଓ୍‌—କ୍ରି. ଧରିବା (ଦୋଣୀ, ଦୂଷଲୁ)

ପାକେସାକେ—କ୍ରି. ବିଂ. କେବେ କେବେ, ଥରେ ଥରେ

ପାଗଲ୍ଲ—ବିଂ. ପାଗଲ

ପାଗ୍ନନ.—ବି. ଅଗ୍ଥାସ୍ତୀପେର

ପାଗ୍ଗଟି—କ୍ରି. ଧାନ ବୁଣିବା ଆରମ୍ଭ କରିବା

ପାଗ୍ଗଓ—କ୍ରି. ପଗୁଇବା

ପାଚେରହାଟ—ବି. ପାଞ୍ଚ ଦିନରେ ଥରେ ହାଟ ବସିବା

ପାଗ୍ଗିଡାଓ—କ୍ରି. ପାକୁଡ଼ିବା

ପାଗ୍ଗି—କ୍ରି. ପିଗ୍ଗି କରିବା

ପାଛନ୍—କ୍ର. ଚହ୍ନିବା

ପାଛେ ପାଛେ—କ୍ରି. ବିଂ. ପଛେ ପଛେ

ପାଟେଂଡ୍—ବିଂ. ଦୁଃଖ, ଚନ୍ତା, ଦ୍ଵନ୍ଦରେ ପଡ଼ିବା ଅ. ଦୁଏତ

ପାଁଞ୍ଚାଗାଡାଓ—କ୍ରି. ପଦ ଚହ୍ନ ଦେଖି ଯିବା

ପାଞ୍ଚ୍‌କାଡମ୍ବୁଃ—କ୍ରି. ପିଗ୍ଗିକରି ପହଞ୍ଚାଇବା

ପା.ଟକା ଉଦ୍(ଭ୍)—ବି. ସୁଟ୍‌କାଛରୁ

ପାଟଗାଣ୍ଡ—କ୍ରି. (ଡଲେ) ଚକାମାରି ବସିବା

ପାଟ୍‌ପାଟ୍—ବି. ଅଧିକ୍ତ ବା ଅତ୍ୟନ୍ତ ଅର୍ଥରେ ଗଣିବାକାକୁ ସୁଚ୍ଚଏ

ଉ: ପାଟ୍‌ପାଟ୍‌କ ରେଙ୍ଗେଜ୍ ଅ ∽ କାନା - ଅତ୍ୟନ୍ତ ଦରିଦ୍ର ଅବସ୍ଥାରେ ଅଛନ୍ତି

ପାଟ୍‌ସପୁଟ୍‌ରୁ—କ୍ରି. ବିଂ. ଦେବତାଙ୍କର ଶ୍ରେଷ୍ଠ ବଳ (ମଣିଷ, ପଶୁ)

ପାଟଆ ଘାସ—ବି. ପଟଓ୍ବା ଘାସ । ଏକ ପ୍ରକାର ଘାସର ନାମ

ପାଟ୍ ସାମ୍ନେ—ବି. ସୁଆଲୀର ଜାଲା

ପାଟାଲ୍‌ହାଂବଞ୍ଜ—ବି. ପାଟାଡ୍‌ହାଂ ସାପ, ଲହଡଙ୍କିଆ ସାପ

ପାଟେଦ୍—ବି. ହୁଡ୍‌କା

ପାଟେସ୍କା—ବିଂ. ତେଢା, ବଙ୍କା

ପାଠୋଃଆ ∽ —ବି. କଟିବନ୍ଧ

ପା.ଠେ ପାଠେ—କ୍ରି. ବିଂ. ଗୁଡାଇ ଗୁଡାଇ

ପାଡକମ୍—ବି. ଏକ ଦେଶର ନାମ

ପାଡ୍‌ଖାଡ଼ା—ବି. ପଇଟଡ଼ା,ଅଧିକ୍ତ ଡବୁଆ

ପାଡାଂଗେଡ୍—ବି. (ଶ୍ରେଷ୍ଠ ଗଛର) ଗ୍ରାଲ

ପାତାଲ୍ କନ୍ଦଣ୍ଡା—ବି. ପାତାଲ୍‌କନ୍ଦା (ଏକପ୍ରକାର ଜଙ୍ଗଲ ଆଳୁ)

ପାତାଲ୍‌ପୁର୍—ବି. ପାତାଲ ଲୋକ (ପୁର)

ପାଡାଓ୍—କ୍ରି. ଘନିଷ୍ଠତା ହେବା, ଝୀଅ ମାଁର ସମ୍ପର୍କ

ପାତାଲ୍ ପୁରୁଲ୍ ବର୍—ବି. ଶ୍ରେଷ୍ଠବୁଦା ଗଛର ସ୍ଥଳ ଜଙ୍ଗଲ

ପାତାଡା ∽ —କ୍ରି. ବିଂ. ଦରପାଚିଲା

ପଥରଗୁଟା ହାକୁ—ବି. ପଥୁରିଆ ମାଛ

ପାଣ୍ଡେଡ୍—ବିଂ. କଞ୍ଜୁସ୍, ହଟିଆ, ଘଣ୍ଟୁଆ

ପିଅଡେଣେ—ବି. ହଳଦୀ ବସନ୍ତ ଚଢେଇ

ପିସୁ ପସୁ୍‌ଅ—ବିଂ. ଉଚ୍ଛୁଳା ଉଚ୍ଛୁଳି, ବହୁତ

କ୍ରି. ଛୁଟ୍ରଦେଇ ପାଣି ଝର ଝର୍ ହୋଇ ପଡ଼ିବା

ପିଅଡ୍ ପସୁଡ—ବିଂ. ମଦ ପିଇ କରି ଟଳମଳ ହେବା, ମଦରେ ମତୁଆଲା

ପିଆ ∽ —ବି. ମାତାଲ

ପିଆଓ୍—କ୍ରି. ପିଆଇବା

ପିଆକ୍—ବି. ପିଆକ୍

ପିଆଦା—ବି. ପିଅନ

ପିଆଦା—ବି. ପିଆନ, (ବାଦ୍ୟଯନ୍ତ୍ର)

ପିଆଲ୍—ବି. ପିଆଲ

ପିକନକ୍— ବି. (ଇଂ) ବଣଭୋଜି

ପିଡପକ—ବିଂ. ଗୋଲଗାଲିଆ

ପିକା.—ବି. ଚୁରୁଟ

ପିକେଟିଂ—ବି. ଅବରୋଧ, କ୍ରି. ଅବରୋଧ କରିବା

ପିଗ୍ଲା.ଉ—କ୍ରି. ତରଳାଇବା

ପିଙ୍ଗଲ କୋଡ୍—ବି. ପିଙ୍ଗଲ କୋଡ଼ (ଆଇନଧାରା ପୋଥି)

ପିଚ୍‌ଅ—ବି. ପିଚୁ

ପିଚ୍‌କାରି—ବି. ପିଚକାରି

ପିଚର ପିଚର୍—ବି. ପାଣି ଛିଟା (ଅଧସରୁ ଧାରରେ)

ପିଚୁଲୁଜ୍—ବିଂ. ଲେଞ୍ଜିଆ, ଟିକିଏନାକୁ

ପିଛ୍‌ଲି—ବିଂ. ସୁରୁଣା, ସୁନ୍ଦର ବକେସ୍ବା

ପିଛଲଓ୍ୱ—କ୍ରି. ଖସରସିବା

ପିଛ୍ଛା—ଅ. ପ୍ରତି, ପାଇଁ

ଉ: ହ୍ୱଲ୍ ପିଛ୍ଛା - ଲୋକ ପ୍ରତି

କା.ମ୍ ପିଛ୍ଛା - କର୍ମ ପ୍ରତି

ପିଛ୍ଛାଉଲି—ବି. ପୋଛିବା ବସ୍ତ୍ର (ଗାମୁଛା, ତଉଲିଆ)

ପିଛ୍ଛୁ—ଅ. ପ୍ରତି-ରେ, ପ୍ରତ୍ୟେକରେ

ଉ: ଜମ୍ ପିଛୁ - ପ୍ରତି ଖାଇବାରେ

ହେକ୍ ପିଛୁ - ପ୍ରତି ଆସିବାରେ

ପିଛଡ, ପିଛୁଡ଼, ପିଛୁଲ୍—ବି. ପିଚ୍ଛିଲ, ଖସଡ଼ା

ପିଞ୍ଜ୍‌ଜସ୍ୱ—ବି. ପିଞ୍ଜରା

ପିଟା.ଉ—କ୍ରି. ପିଟିବା (କୌଣସିଥିରେ)

ପିଟ୍‌ନା—ବି. ପିଟଣା

ପିଟା.ଋ—ବି. ପେଣ୍ଡ଼, ପେଟରା

ପିଟାଲି—କ୍ରି. ଅଣ୍ଡା

ପିଟ୍‌କଲ ପିଟ୍‌କଲ—କ୍ରି. ଯୁବତୀ ହେବାର ପ୍ରକ୍ରିୟା

ପିଟି—ବିଂ. ମୋଡ଼ିଥିବା, ଗୁଡ଼ାଇ ହେବା

ଉ: ପିଟିଉବ୍ (ପ) - ମୋଡ଼ା ବାଲ

ବାଙ୍ଗ୍ ଏ ପିଟି ଆକାନା - ସାପ ଗୁଡ଼ାଇ ହୋଇ ଶୋଇଛି

ପିଟୁକ୍—ବିଂ. ଲୋଭୀ, ଖାଉସି

ପିଟୁଆ.ଗାସ୍—ବି. ଶବ୍ଦଗିରା ଘାସ

ପିଠ—ବି. ସ୍ଥାନ, ଧର୍ମସ୍ଥାନ

ପିଠା.—ବି. ପିଠା

ପିଡା.—ବି. ଯନ୍ତ୍ରଣା, ଅଶୁଭ ବେଳ

ପିଡ଼—ବି. ଅଞ୍ଚଳ, ସୀମା, ଅଞ୍ଚଳର ସମଷ୍ଟି (କେତେକ ଗ୍ରାମକୁ ନେଇ ପିଡ଼ ଗଠିତ) ପାଞ୍ଚପିଡ଼

କ୍ରି. ବିଂ. ଭାଲଭିଦ୍ୱା ପିଢ଼ି ଆଦି, ପୁରୁଷାନୁକ୍ରମ

ପିଢ଼ି (ପିଲ୍)—ବି. ସ୍ୱରୂପ, କାଲ, ସମସ୍ତ

ପିଣ୍ଡ—ବି. ପିଣ୍ଡ, ବେଦୀ କ୍ରି. ବେଦୀ ତିଆରିବା

ପିଣ୍ଡା—ବି. ପିଣ୍ଡା କ୍ରି. ପିଣ୍ଡା ତିଆରି କରିବା

ପିଣ୍ଡି—ବି. ଅଲଙ୍କୃତ ପିଣ୍ଡା, ଶ୍ରେଷ୍ଠ ଆକାରର ପିଣ୍ଡା

ପିତ୍‌ଗା ~ —କ୍ରି. ବାଛୁରୀ ଛୁଆ ବା ଛେଳି ଛୁଆର ଡିଆଁ ଡେଇଁ କରିବା ଭଙ୍ଗି, ଉଛୁଳିବା

ପିତ୍‌ଗା.ଜ୍—କ୍ରି. ପିତ୍‌ଗା ~ ହେବା

ପିତ୍‌ଗିଜ୍—କ୍ରି. (ପଶୁ ଛୁଆ) ଡିଆଁ ଡେଇଁ କରି ଘୂରି ବୁଲିବା

ପିତଗଅ—କ୍ରି. ବିଂ. ପଶୁଙ୍କ ଦୌଡ଼ା ଦୌଡ଼ି ପ୍ରକ୍ରିୟା

ପିତନ୍—କ୍ରି. ବିଂ. ଡିଆଁ ଡେଇଁ କରିବା ପ୍ରକୃତ ପ୍ରକଟ କରିବା, ଅଥୟ ହେବା

ପିତ୍‌ନ୍ ପିତ୍‌ନ୍—ବି. ଅଥୟ ହେବା

ଉ: ଲେଟ୍‌କାକ ଯାତ୍ରା ଓ୍ୱେଲ୍‌କ ପିତନ୍ ପିତନ୍ ଅ ~ କାନା - ପିଲାମାନେ ଯାତ୍ରା ଦେଖିବାକୁ ଉଚ୍ଛୁଳି ପଡ଼ିଲେଣି, ବା ଅଥୟ ହେଲେଣି

ପିଭ୍—ବି. ପିତ୍ତ

ପିଭ୍‌ବରନ୍—ବି. ପିତ୍ତବର୍ଣ୍ଣ

ପିତେଭ୍ (ପେତେଭ୍)—କ୍ରି. ଭୁଲା ଭୁଣିବା

ପିରୁଞ୍ଜ୍ ଦାରେ—ବି. ପିରୁଞ୍ଜ ବୃକ୍ଷ

ପିଭ୍‌ଲି—ବି. ପିତ୍ତଳ (ରୋଗ ବିଶେଷ)

ପିତଲ—ବି. ପିତଳ

ପିତୁଲା—ବି. ମାଟି କଣ୍ଢେଇ

ପିଦ୍ୱ ~ —ବିଂ. ଦ୍ୱେଷ, କ୍ରୋଧ, ରାଗ

କ୍ରି. କ୍ରୋଧ କରିବା, ରାଗ କରିବା

ପିନ୍‌ଡାଲୁ ଦାରେ—ବି. ମାଙ୍କଡ଼ା କେନ୍ଦୁଗଛ

ପିନ୍‌ସିଲ୍—ବି. ପେନ୍‌ସିଲ୍

ପିପ୍‌ଅଲ୍—ବି. ପିପ୍‌ପଳି, ଔଷଧି ଫଳଗଛ

ପିପିଲି—ବି. ଉଡନ୍ତା ଜୀବ (ପକ୍ଷୀ, ପ୍ରଜାପତି, ମଶା, ମାଛି ଆଦି)

ପିପିଲିୟାଂ—ବି. ପ୍ରଜାପତି (ରଙ୍ଗ, ବେରଙ୍ଗ ତଙ୍ଗର ଥାନ୍ତି) ଛନ୍‌ଛନିଆ ଯୁବତୀ

ପିମ୍‌ପା—ବି. ପିମ୍‌ପା

ପିରଅ ପିର୍—ବି. ପୀର୍, ମୁସଲମାନମାନଙ୍କ ପଥପ୍ରାନ୍ତ ଠାକୁର

ପିରୁକା—ବିଂ. ଧୂର୍ତ୍ତ, ଗୁଣ୍ଡକ, ଚତୁର

ପିଗ୍ମୀଡ୍—ବି. ପିଗ୍ମୀଡ୍

ପିରତ୍ତ—ବି. ପ୍ରିୟତମ, ପ୍ରିୟତମା, କୁ-ସମ୍ପର୍କ ରଖିବା ପୁରୁଷ ଓ ନାରୀ, କ୍ରି. ପିରତ ରଖିବା ପ୍ରକ୍ରିୟା

ପିରସ୍ତଡ୍—ବି. (ଇଂ) ପିରସ୍ତଡ଼. ନର୍ପଣ୍ଡ

ପିରଲ୍ ପିରଲ୍—କ୍ରି. ବିଂ. ଶୂନ୍ୟରେ ଉଡି ଉଡ଼ି

ପିରସଃ—ବି. ଅଭିଯୋଗ କ୍ରି. ଅଭିଯୋଗ କରିବା

ପିଲ୍—ବି. ପିଲ୍, ଔଷଧ ବଟିକା, ପଞ୍ଜୁଆରେ ପଶୁବନ୍ଧା ଖୁଣ୍ଟି

ପିଲତ—ବିଂ ଦୁର୍ବଳ

ପିଲସ୍ତ—ବି. ପ୍ଲୀହା

ପିଲ୍ସିଲ୍ ପିଲ୍ସିନ୍—ବି. ପେନ୍ସିଲ୍

ପିଲ୍ଲତ୍—ବିଂ. ଦୁର୍ବଳା, ଅଳସୁଣୀ

ପିଲାମ୍ପାଟ୍—ବି. ଚମ୍ପଟ୍, ଦୌଡ଼ି ପଳାଇବା

ପିଲା.—ବି. ପୀଢ଼ା

ପିଲ୍ହ—ବି. ପ୍ଲୀହା ରୋଗ

ପିସକା—ବିଂ. ପିସ୍କା, ଦଣବାଇଡ଼ଙ୍କ

ପିସ୍କା ଉଦ୍ଧ—ବି. ଗୋଲ ଛତୁ

ପିସ୍କଳ୍—କ୍ରି. ହାତ ଆଙ୍ଗୁଠି ଦ୍ୱାରା ଇଞ୍ଚାଡ଼ିବା

ପିସ୍କଳନ୍ଭୁଦ୍—କ୍ରି. ହାତ ଆଙ୍ଗୁଠି ଦ୍ୱାରା ଆଟେଇ ବାହାର କରିବା

ପିଡ଼ୁଖ୍ୱ—ବି. ପିଢ଼ି

ପିଡ୍ଆ ଂ—କ୍ରି. (ଗୋଡ଼) ଛଟ୍‌ପଟ୍ କରିବା

ପିୟୁଁସଅ—ପିୟୂଷ, ଅମୃତ, ସୁଧା

ପୁଅ—ବି. ପୁଅ

ପୁଆଡ—ବିଂ. ପୁଆଣ୍ଡି

ପୁଇ—ବି. ବନସ୍ତୀ ସୂତାରେ ଲଗିଥିବା ଗ୍ରାସମାନ ଖାଣ୍ଡ

ପୁଇପୁଇ—କ୍ରି. ବିଂ. ପାଣି ଭର୍ତ୍ତି ପେଟର ସ୍ଥିତି, ପବନ ଭର୍ତ୍ତି ରବର ନଳୀର ସ୍ଥିତି, ପର କଥାରେ ଖୋଲ ହୋଇଯିବା

ପୁଇଲୁ—ବିଂ. ପ୍ରଥମ, କ୍ରି. ପ୍ରଥମ କରିବା

ପୁଇଲୁତେ—କ୍ରି. ବିଂ. ପ୍ରାରମ୍ଭ ବେଳେ, ପ୍ରଥମରେ

ପୁଇଲୁରେ—କ୍ରି. ବିଂ. ଆରମ୍ଭରେ

ପୁଇଲୁ ଲେକା—କ୍ରି. ବିଂ. ପ୍ରଥମପର (ଭଳି)

ପୁଇଲୁ ଲେକାନ୍—କ୍ରି. ବିଂ. ପ୍ରଥମଥର, ପ୍ରକାରର

ପୁଇଲୁ ଲେକାତେ—କ୍ରି. ବିଂ. ପ୍ରଥମ ପ୍ରକାରର

ପୁଇଲୁ ଲେକାନ୍‌ଆ—କ୍ରି. ବିଂ. ପ୍ରଥମ ପ୍ରକାରର

ପୁଇସା—ବି. ପଇସା

ପୁକ୍ରା—ବି. ଘର କାନ୍ଥରେ ପବନ ଯିବା ଆସିବା କଣା, ଗ୍ରେଟ ଖିଡ଼କି

ପୁଂଗ୍ରା.ଭଇନ୍—ବିଂ. ପୂର୍ଣ୍ଣ କରିବା ବାଲା, ପ୍ରମାଣକାରୀ

ପୁଂଗ୍ରା.ଭଃଆ—କ୍ରି. ପୂରିବ, ପୂରଣ ହେବ, ପୂର୍ଣ୍ଣ ହେବ

ପୁକାର୍—କ୍ରି. ଡାକିବା

ପୁକୁସ୍—କ୍ରି. ଧୀରେ ଧୀରେ ନିଃଶ୍ୱାସ ଛାଡିବା, ଫୁସ୍ ଫୁସ୍

ପୁକୁସ୍ ପୁକୁସ୍—କ୍ରି. ଧୀରେ ଧୀରେ ନିଃଶ୍ୱାସ ନେବା ଆଣିବା ପ୍ରକ୍ରିୟା

ଉ: କା ପିତ୍ କାଲେ ପୁକୁସ୍ ପୁକୁସ୍ ଏ ସାହେବ୍ ଏଃସ୍ତା
ଶୋଇ କରି ଫସ୍ ଫସ୍ ନିଃଶ୍ୱାସ ମାରୁଛି

ପୁକୁସ୍ ମେନ୍‌ତେ—କ୍ରି. ଦୀର୍ଘ ନିଃଶ୍ୱାସ ନେବା ସାଙ୍ଗେ ସାଙ୍ଗେ

ପୁଖ୍ର—ବି. ପୋଖରୀ

ପୁଖିସ୍ତା—ବି. ପକ୍ଷପାତୀ କ୍ରି. ପକ୍ଷପାତୀ ହେବା
ବି. ପଖିଆ (ତାଳପତ୍ର ତିଆରି ବର୍ଷା ସମୟରେ ପିଠିରେ ପକାଇବା ଆବରଣ)

ପୁଙ୍ଖ—ବି. ପକ୍ଷୀର ପର, ଫୁଲର ପାଖୁଡ଼ା

ପୁଙ୍ଗ୍ଡ଼ି—ବି. ମୁକୁଳ, କଳିକା, କଢ଼ି

ପୁଙ୍ଗି.—ବି. ବଢ଼ି

ପୁଂ ପୁଂ—ବିଂ. (ପେଟ) ଫୁଲି ରହିଥିବା ଫୁଲ

ପୁଚ୍‌ପୁଚ୍—କ୍ରି. ବିଂ. ଡରିବାର ଉଗ୍ରତା ପ୍ରକାଶ କରିବା ଶବ୍ଦ "ଅତ୍ୟନ୍ତ" ଅର୍ଥରେ ପ୍ରୟୋଗ

ଉ: ଇଲ୍ଆକ୍ସମ୍‌କାତେ ପୁଚ୍ ପୁଚ୍ ଏନାକ - କଥା ଶୁଣି ସେମାନେ ଅତ୍ୟନ୍ତ ଡରିଗଲେ

ପୁଚୁକ୍—କ୍ରି. ଖସିଯିବା, ଖସିଯିବା, ପଳାଇଯିବା

ପୁଚୁକ୍ ପୁଚୁକ୍—କ୍ରି. ବିଂ. ଲୁଗୁଲା ଲୁଗୁଲା, ଖସି ପଳାଇଯିବା

ପୁଚ୍‌ପୁଗ୍ରଓ—କ୍ରି. ଡରରେ ରହିବା, ଡରିଇ ଦେବା

ପୁଚ୍ମେନ୍ତେ—କ୍ରି. ବିଂ. ତରତର ଝଟ୍ (ଶୀଘ୍ର) (ସ୍ଥିର କରିବା)

ପୁଚ୍ଲା ପୁଚ୍ଲ—କ୍ରି. ଲଙ୍ଗୁଡ଼ ମୋଡ଼ୁଲିବା, ଉତ୍ତେଜିତ କରିବା ଉତ୍ସାହିତ କରିବା

ପୁଚ୍ଲା.ଉ—କ୍ରି. ଲଙ୍ଗୁଡ଼ ମୋଡ଼ୁଲିବା, ଉତ୍ତେଜିତ କରିବା, ଉତ୍ସାହିତ କରିବା

ପୁଚୁର୍ ପୁଚୁର୍—କ୍ରି. ପତଳା ଝାଡ଼ା ପଡ଼ିବା ବା ବାହାରିବା ପ୍ରକ୍ରିୟା

ପୁଚୁର୍—କ୍ରି. ବୋହି ପଡ଼ିବା, (ଝାଡ଼ା) ଝରିପଡ଼ିବା, ପତଳା ଝାଡ଼ା

ପୁଚୁର୍ ପୁଚୁର୍—କ୍ରି. ବିଂ. ଝାଡ଼ା ଶୀଘ୍ର ଶୀଘ୍ର ବୋହିବା ଅନୁଭବ କରିବା ପ୍ରକ୍ରିୟା

ଉ: ବାଞ୍ଜ ସେନ୍ ଦାଲେ ଆ ∞ ଆ ପୁଚୁର୍ ପୁଚୁର୍ ଅ ∞ କାନାଇଞ୍ଜ୍
ଯାଇ ପାରିବ ନାହିଁ, ମୋର ପୁଚ୍ ପୁଚ୍ ଝାଡ଼ା ହେଉଛି

ପୁଚୁର୍ ମେନ୍ତେ—କ୍ରି. ହଠାତ୍ ବୁହିବା

ପୁଚଏନେନ୍—ବି. ପୁଚଖେଳ

ପୁଛାର୍—କ୍ରି. ଆବଶ୍ୟକ କରିବା, ପଚ୍ଚରି ବୁଝିବା, ପଚ୍ଚରିବା

ପୁଛାଉ—କ୍ରି. ପଚ୍ଚରି ବୁଝିବା, ଦରକାର କରିବା

ଉ: ଇଂଦ ଅକସ୍ଦ ହିଁ ବାଂଜ ପୁଛାର୍/ପୁଛାଉ ଇଂକାନା
ମୋତେ କେହି ପଚ୍ଚରୁ/ଦରକାର କରୁ ନାହାନ୍ତି

ପୁଜ୍—ବି. ପୂଜ

ପୁଜା—ବି. ପୂଜା କ୍ରି. ପୂଜା କରିବା

ପୁଜା.ଉ—କ୍ରି. ପୂଜା କରିବା, ଚୁକ୍ତି କରିବା, ଭରଣା କରିବା

ପୁଜାର, ପୁଁହାଣ—ବି. ପୂଜାରୀ, ବ୍ରାହ୍ମଣାକାରୀ

ପୁଁଉଚ—କ୍ରି. ପହୁଞ୍ଚି

ପୁଞ୍ଜ୍କା—ବି. ପୁଞ୍ଜା, ଗଦା

ପୁଞ୍ଜ୍ଜ—ବି. ପୁଞ୍ଜି, ପାଣ୍ଠି, ବନ୍ଧୁତ କ୍ରି. ପୁଞ୍ଜି ହେବା, ବନ୍ଧୁତ ହେବା

ପୁଞ୍ଜିନାସ୍—କ୍ରି. ପୁଞ୍ଜି ନଷ୍ଟ, ପୁଞ୍ଜି ଶେଷ ହେବା

ପୁଞ୍ଜିପାଟା—ବି. ପାଣ୍ଠିଧନ, ପୁଞ୍ଜିଧନ

ପୁଞ୍ଜିଜ ପୁଞ୍ଜ୍ଜ—କ୍ରି. ବିଂ. ପୁଞ୍ଜା ପୁଞ୍ଜା

ପୁଞ୍ଜିଜୁର—ବି. ପଞ୍ଜୁରୀ

ପୁଟ୍କା—ବି. ଶ୍ରେଷ୍ଠ

ପୁଟ୍କା. ଉଦ୍—ଶ୍ରେଷ୍ଠ ଛରୁ

ପୁଟ୍କା ଖାଣ୍ଡା—ବି. ଶ୍ରେଷ୍ଠ ଖଣ୍ଡା

ପୁଟ୍କା ରୁଙ୍ଗା—ବି. ଶ୍ରେଷ୍ଠ ପୁରୁଷ

ପୁଟ୍କ (ସ୍ତ୍ରୀ) ମୁଁଫୁଲ୍—ବି. ନାକଚଣା

ପୁଟ୍କି ଘାଁସ୍—ବି. ପୁଟକି ଘାସ

ପୁଟ୍କି ସାକାମ—ବି. ପୁଟ୍କି ପତ୍ର

ପୁଟ୍ପୁଟ୍—ବି. ଫୁଲ ଫୁଲ (ପେଟ)

ପୁଟ୍ରେଡ୍—ବିଂ. ଫୁଲ ପେଟି (ଶ୍ରେଷ୍ଠ ଝିଅ)

ପୁଟଅ—ବି. ପୁଟ, କ୍ରି. ପୁଟ ଦେବା

ପୁଟା ∞—କ୍ରି. ଫୁଟିବା, (ଫୁଲ) (ପାଣିରୁ) ବୁଢ଼ି ଉଠିବା, (ଦେବତା) ଆବିର୍ଭାବ ହେବା

ପୁଟାଉ—କ୍ରି. ଫୁଟିବା, ବିଂ. ଫୁଟା

ପୁଟି—କ୍ରି. (ବଦହଜମି) ପେଟ ଫୁଲା, (ପାଣି ପିଇ) ପେଟ ଫୁଲା ପେଟ ଫୁଲ ରୋଗ, ସନ୍ତୁଷ୍ଟ ହେବା

ପୁଟୁଲ୍—କ୍ରି. (ମାଛ ପେଟ ଚିପିକରି ବାହାର କରିବା (ବାନା) ବାହାରିବା, ବାହାର କରିବା

ପୁଟୁଲ୍ରୁଦ୍—କ୍ରି. (ଆପଣେ ମଞ୍ଜି) ବାହାରିବା

ପୁଟୁର୍—କ୍ରି. ଲୁଣ୍ଡିବା, ଲୁମ ଉଠାଇ ଦେବା, ଛଡ଼ାଇ ଦେବା
ବିଂ. ପୁଟୁର୍ସିମ୍—ପରଛଡ଼ା କୁକୁଡ଼ା
ପୁଟୁର୍ ସେତା—ଲୋମହୀନ କୁକୁର
ପୁଟୁର୍ ହଲମ୍—ଖାଲି ଦେହ ଫୁଙ୍ଗୁଳା ଦେହ

ପୁଟୁରସୁର୍ କଲା—ବି. ଫୁଙ୍ଗୁଳା (ଶ୍ରେଷ୍ଠ ପୁଅ)

ପୁଟୁରସୁତକୁଲ—ବି. ଫୁଙ୍ଗୁଳୀ (ଶ୍ରେଷ୍ଠ ଝିଅ)

ପୁଟୁରସୁତସ୍ତା—କ୍ରି. ବିଂ. ଫୁଙ୍ଗୁଳାରେ (ସ୍ତ୍ରୀ) ଫୁଙ୍ଗୁଳୀରେ

ପୁଟୁଲା—ବି. ଗଣ୍ଠିଲି

ପୁଟୁଲି—ବି. ଶ୍ରେଷ୍ଠ ଗଣ୍ଠିଲି, କାଗଜ ପୁଟୁଲି

ପୁଠି ହାକୁ—ବି. କେରାଣ୍ଡି ମାଛ

ପୁଠୁକ୍—କ୍ରି. ପୁଟୁଲ୍ ଦେଖ

ପୁଡ଼ା—ବି. ଛତ୍ର, ନାକଛତ୍ର

ପୁଡ଼ିଆ—ବି. ପୁଡ଼ିଆ, ପୁଟୁଳି

ପୁଣ୍ଡ୍—ବି. ଧଳା, ସଫେଦ୍

ପୁଣ୍ଡିତ୍—ବି. ପଣ୍ଡିତ

ପୁତ୍ ପୁତ୍—ବିଂ ତରକୁସର ଅନୁଭବ

ପୁତା—ବି. ପୁତ୍ର, ପୁଅ

ପୁଢ—ବି. ଝିଅ

ଲୁଭ୍‌ନ—ବି. ପତ୍ନୀ

ପୁଢତ—ବି. ପଢତ

ପୁଢସ୍ଟା—ବି. ପ୍ରତିଷ୍ଠା

ପୁତଲ୍—ବି. ପୁତୁଳା

ପୁଥି—ବି. ପୋଥି

ପୁଦ୍‌ନା.—ବି. ପୋଦନା (ପଶୁ)

ପୁଦଲୁ—ବିଂ. ଖାଦୁଆ, ଖସ୍‌ଖସିଆ

ପୁନ୍—ବି. ସଂ. ପୁର

ପୁନସ୍ୟୁଅ—ବି. ପୁଣ୍ୟ, କ୍ରି. ପୁଣ୍ୟ କରିବା

ପୁନସ୍ମା—ବିଂ. ପୁର୍ବେଷ୍ଟି

ପୁନ—ବି. ପେଟ ଫମ୍ପା ରୋଗ କ୍ରି. ପେଟ ଫାମ୍ପିବା

ପୁମୁପୁମୁ—କ୍ରି. ବିଂ. ଧୀରେ ଧୀରେ (ବୋହିବା)

ପୁମୁଲ୍—କ୍ରି. ଉଡ଼ିବା, ପତଳା ଝାଡ଼ା ହେବା ପ୍ରକ୍ରିୟା
ଫୁଟ୍‌କରି (ପଳାଇବା)

ପୁମୁଲ୍ ପୁମୁଲ—କ୍ରି. ବିଂ. ଭାଁସ୍ ଭାଁସ୍, ସାଏଁ ସାଏଁ

ପୁମୁଲ୍ ମେନ୍‌ତେ—କ୍ରି. ବିଂ. ହଠାତ ସାଏଁ କରି ପଳାଇବା

ପୁନୁସ୍—ବି. ପୂର୍ଣ୍ଣିମା

ପୁର୍—ବି. ଶ୍ରେଷ୍ଠ ଗଛ

ପୁର୍‌ପାତାଲ୍—ବି. ଶ୍ରେଷ୍ଠ ଜଙ୍ଗଲିଆ ଗଛ ପଶୁ

ପୁରଅ—ବି. ପୁର, ଆଲସ୍ୟ, ସରଗପୁର, ପାତାଲ୍‌ପୁର
ପାତାଳପୁର

ପୁରବୁଦ୍ଧ ଅଲା ∞—ବି. ପୁରବୁଦ୍ଧ ଘର

ପୁରଅ—ବି. ନଡ଼ିଆ କୋଷ

ପୁରୁଖା—ବିଂ. ପୁରୁଖା, ଅଭିଜ୍ଞ, ପରୀକ୍ଷା

ପୁରୁଠା—ବିଂ. ଅନାବିଲ, ହସଖୁସିଆ, ହସମୁଖ

ପୁରୁଥିବ—ବି. ପୃଥ୍ୱୀ

ପୁରନା—ବିଂ. ପୁରୁଣା

ପୁରୁପୁଠୁକ୍—ବିଂ. ଦରଭଙ୍ଗା, ଦରଫୁଟା, ଦରଫୁଲ

ଉ: ହଲମ ପୁରୁପୁଠୁକ ଆକାନା ମାଇଲ ଦାଂ ଗୁଡାଓଃଞ -
ଦେହ ଦରଭଙ୍ଗା ହୋଇଛି ମଇଲା ଗୁଡ଼ିବ ନାହିଁ

ପୁରୁମୁ—କ୍ରି. ପାଣି ଛିଞ୍ଚି ଦେବା

ପୁରୁମୁ—ବିଂ. ଭିଜା, ସରୁସୁତା ପରି ବର୍ଷା ହେବା
କ୍ରି. ବିଂ. ପାଣି ସରସର

ପୁରସ୍‌କାର୍—ବି. ପୁରସ୍କାର

ପୁରୁହୁତ—ବି. ପୁରୋହିତ

ପୁରୁ—ବି. ଢୋଲ କମ୍ପା ନାଗରା ଉପରେ ଲାଗିଥିବା ଚମଡ଼ା
ସମୁଦାୟ, ପୋର ପୋର

ପୁରୁ.ଇ ଆଲା ∞—ବି. ପୋଇ ସାଗ

ପୁରୁ.ଉ—କ୍ରି. ସମ୍ପୂର୍ଣ୍ଣ କରିବା

ପୁରୁପୁରି—ବିଂ. ସମସ୍ତ, ସମୁଦାୟ

ପୁରୁପୁରିକାତେ—କ୍ରି. ବିଂ. ସମ୍ପୂର୍ଣ୍ଣ କରି ଶେଷ କରି

ପୁରି—ବି. ପୁରି (ଗହମ ଜାତ ଦ୍ରବ୍ୟରୁ ତିଆରି ଛଣା ପିଠା)

ପୁଷ୍ପ—ବି. ଦେବ ସହର, ସରଗପୁଷ୍ପ, ସ୍ୱର୍ଗପୁଷ୍ପ

ପୁରିକ୍ଷିଆ—ବି. ପରୀକ୍ଷା କ୍ରି. ପରୀକ୍ଷା କରିବା

ପୁରିଛିନ୍—ବି. ପ୍ରାୟଶ୍ଚିତ କ୍ରି. ପ୍ରାୟଶ୍ଚିତ କରିବା

ପୁରୁଆର୍—ବି. ପ୍ରଧାନ, ପ୍ରମୁଖ

ପୁରୁଛୁରୁ—ବି. ସାନ୍ତ୍ୱନା, ପ୍ରାୟଶ୍ଚିତ କ୍ରି. ସାନ୍ତ୍ୱନା ପାଇବା,
ପ୍ରାୟଶ୍ଚିତ ହେବା

ପୁରୁନ୍—ବି. ପୂର୍ଣ୍ଣ, ସନ୍ତୋଷ କ୍ରି. ପୂର୍ଣ୍ଣ ହେବା, ସନ୍ତୋଷ
ପାଇବା

ପୁରୁଦାରେ—ବି. ପୋକସୁଙ୍ଘା ଗଛ

ପୁରୁଧୁଲ୍—ବିଂ. ଜ୍ଞାନ ବୃଦ୍ଧ, ବୃଦ୍ଧ

ପୁରୁବ୍ ସେହେଦ୍—ବି. ପୂର୍ବଦିଗ

ପୁରୁବସ୍ଥା—ବିଂ. ପୂର୍ବ ଦେଶୀସ୍ଥ ବି. ଏକ ପ୍ରକାର ଶାଗର ନାମ

ପୁରୁଓ୍ୱା—ବି. ପୂର୍ବକାଳର

ପୁରୁସ୍ସ୍ ପୁରୁସ୍ସ୍—କ୍ରି. ବିଂ. ପତଳା ବର୍ଷା ହେବା ପ୍ରକ୍ରିୟା ଝିପି ଝିପି

ପୁରୁଲ୍ ପୁରୁଲ୍—କ୍ରି. ବିଂ. ଧଳା ଫର୍ ଫର୍ (ପୋଷାକ ପିନ୍ଧା ଲୋକ)

ପୁରୁସ୍—ବି. ସ୍ୱାମୀ

ପୁରୁସ୍ ପୁରୁସ୍—କ୍ରି. ବିଂ. କାଳ କାଳ ହେଲଣି, ପୁରୁଷ ପୁରୁଷ

ପୁଲା—ବି. ବିଡ଼ା, ମୁଠାଏ

ପୁଲଅ—ବି. ପୋଲ

ପୁଲ୍ଲ.—ବିଂ. ମାଗଣା

ପୁଲ୍ଲ.ଢ଼—ବି. ପଲଢ଼

ପୁଲ୍ଲି—ବି. (ଇଂ) ପୁଲ୍ଲି, କପି (pully)

ପୁଲ୍ଲସ୍—ବି. ପୁଲ୍ଲସ, ପୋଲିସ

ପୁଲସୁ—କ୍ରି. ବିଂ. ଜାଲ୍ ଜାଲିଆ ଦିଶିବା, ଅସ୍ପଷ୍ଟ ଦେଖାଯିବା

ପୁସ୍ତକ—ବି. ପୁସ୍ତକ

ପୁସ୍—ବି. ପୌଷ

ପୁସ୍କୁଟ୍—କ୍ରି. ଫୁଟୁଲା ହେବା, ଫାଟିଯିବା, ଚିରିଯିବା

ପୁସ୍ଟା—ବି. ସ୍ପଷ୍ଟ

ପୁସ୍ଟାପୁସ୍ଟି—କ୍ରି. ବିଂ. ସ୍ପଷ୍ଟ ଭାବେ

ପୁସ୍ଟାଓ୍ୱ—କ୍ରି. ସ୍ପଷ୍ଟ କହିବା

ପୁସ୍ଟି—ବି. ବଂଶ ପରମ୍ପରା

ପୁସ୍ଟିୟା.—ବିଂ. ଅଭ୍ୟାସଗତ

ପୁସା.ଢ଼—ବିଂ. ପୋଷା, କ୍ରି. ପୋଷିବା, ମନକୁ ପାଇବା

ପୁସା.କ—ବି. ପୋଷାକ

ପୁସି—ବି. ପୁସି, ବିରାଡ଼ି

ପୁସୁ—ବି. ପଶୁ

ପୁସୁର—ବି. ଘିମିର

ପୁସ୍କର—ବି. ପୁଷ୍କର (ଭୂତ, ପ୍ରେତ ଆଦି)

ପୁସୁରଫାଟ୍—ବି. ବ୍ୟର୍ଥ, ବେକାର

ପୁଛ—ବି. ଘଙ୍ଗପାଲ

ପୁଛ—ବିଂ. ଦରସିଝା

ପୁଛଦାକା—ବି. ଦରସିଝା ଭାତ

ପେ—କ୍ରିୟାର ଶେଷରେ ଯୋଗହେଲେ ବହୁବଚନ ଅର୍ଥ- "ତୁମ୍ଭେମାନେ" ବୁଝାଏ

ପେ—ବି. ଢକ

ପେଅ—ବି. ଢକ, ଢକୋଟି

ପେଁଆଜ୍—ବି. ପିଆଜ

ପେଆଟ—ବି. ଢକୋଟି

ପେଆଲ୍ଲ—ବି. ପେସ୍ତାଲ

ପେଖନା—ବିଂ. ବାଲୁଙ୍ଗି, ଛଳନା

ପେଗେ, ପେଗେଲ୍—ବି. ଢକଦଶ, ଢରିଶ

ପେଙ୍ଗା—ବି. ବାହାନା

ପେଙ୍ଗୁଲକ୍ ଚେଣେ—ବି. ପେଙ୍ଗୁଇନ୍ ଚଢ଼େଇ

ପେଚ୍—କ୍ରି. ଇଂ ପେଚ କରିବା, ଅଠାରେ ଡାଲ ଦେବା

ପେଚ୍କସ୍—ବି. ପେଚକସ୍

ପେଞ୍ଚ୍—ବିଂ. ଅଡ଼ୁଆ, ଖଲ

ପେଞ୍ଚକାନ୍ଟା—ବି. ପେଞ୍ଚକଣ୍ଟା

ପେଞ୍ଚୁଆ—ବି. ଖଳୁଆ

ପେଚ୍ଲେକ୍—କ୍ରି. ଛଡେଇ ହେବା, ଖସି ପଳାଇବା

ପେ.ଗ୍ସୁ—ବି. ପେସ୍ତୁ, କ୍ରି. ଚେପା ହେବା

ପେସ୍ତୁ—କ୍ରି. ପିସ୍ତୁ କରିବା

ପେସ୍ତୁ ପେସ୍ତୁ—କ୍ରି. ବିଂ. ପିସ୍ତୁ ପିସ୍ତୁ (ଯିବା), ପଛରେ(ଯିବା)

ପେଜ—ବି. (ଇଂ) ପେଜ୍, ପୃଷ୍ଠା

ପେଟାଲ୍—ବି. ଢକ ଯୋଡ଼

ପେଟ୍—ବି. ପେଟ

ପେଟ୍ ଗୁମଡ଼ା—ବି. ଏକ ପ୍ରକାର ଜଙ୍ଗଲି ଗଛ

ପେଟ୍ଡା ଦୁଆ.—ବିଂ. ପେଟ ବଢ଼ାଳିଆ, ପେଟୁ

ପେଟ୍ଲାହା—ବିଂ. ପେଟୁ

ପେଟାର୍—ବି. ପିଟାଇ, ପେଟାଇ

ପେଟା—ବିଂ. ପେଟବାଲା, ଗୁଡ଼ିରେ ବାଉଁଶ ପେଟା ଦେବା
ସନ୍ଧିରେ ସୂତା ବନ୍ଧା ଯାଇଥାଏ

ପେଟାସନ୍ଧ—ବିଂ. ଲାଳଚ, ପେଟୁ ସ୍ତ୍ରୀ

ପେଟି—ବି. (ଇଂ) ପକେଟ୍, ବଡ଼ ଧରଣର ପକେଟ୍

ପେଟୁ—ବି. ପେଟୁ

ପେଟେଚ୍—କ୍ରି. (ସରୁଡାଳ) ଖୁଣ୍ଟିବା

ପେଟେକ୍—ବି. ଅଗାଡ଼ି

ପେଟେର୍ ଲେଟେର୍—କ୍ରି. ବିଂ. ଭଙ୍ଗା ଭଙ୍ଗି (କରିବା)

ପେଟେ—ବି. ଭର୍ତ୍ତି, ଭର୍ତ୍ତି, ପେଟପୂର

ପେଟେ ପେଟେ—କ୍ରି. ବିଂ. ଭରପୂର ହେବା, ଭର୍ତ୍ତି ହୋଇଯିବା

ପେଟେର୍—କ୍ରି. ମୋଡ଼ିବା

ପେଟେର୍ଆଃ—କ୍ରି. ମୋଡ଼ ହେବା ବିଂ. ମୋଡ଼ା ହୋଇଥିବା

ପେଠାଣ୍—ବି. ବାଡୁସ

ପେଢ଼୍ଗାଓ୍—କ୍ରି. ବିଂ. (ପଶୁ) ଦୌଡ଼ା ଦୌଡ଼ି କରିବା
ଡିଆଁ ଡେଇଁ କରିବା

ପେଡଗ ∞—ବିଂ. ଖ୍ଲୋଟ, ଖ୍ଲୋଟିଆ

ପେଡଗଃଦାରେ—ବି. ପେଡଗ, ଏକ ଗଛର ନାମ

ପେଡେ—ବି. ପାଣ କାଢ, ବୁଣାକାର କାଢ

ପେଡ୍ରେ—ବି. ଓଲୁଅ

ପେଡେଲ୍—ବିଂ. ଖ୍ଲୋଟ ଗୋଡ ବାଲା
ବି. ସାଇକେଲ ପେଡେଲ୍

ପେଡେଲ୍ ପେଡେଲ୍—କ୍ରି. ବିଂ. ଫଟ୍ ଫଟ୍ (ଗୁଲ)
ଖ୍ଲୋଟ ଗୋଡ଼ ବାଲାର ଶୀଘ୍ର ଶୀଘ୍ର ଗୁଲ

ପେଣ୍ଡାଓ—କ୍ରି. ଫେଣ୍ଟିବା

ପେଣ୍ଡାଦ୍—ବିଂ. କଣ୍ଟ୍ରୁଜ୍, ଚଟା

ପେଣ୍ଡ୍ଅ ∞—ବିଂ. ଅଧପଚ୍କା (ରଙ୍ଗ)

ପେଣ୍ଡ୍ଖ—ବିଂ. ଧଳା ଆଖିଆ, ବଦ୍‌ନଜରସ୍ଥା

ପେଡ୍କେରେଚ୍—ବିଂ. ଖାମ୍ଭୁଡ଼ିଆ ମୋଟା ଓ ଗେଡ଼ା

ପେଡାସି—ଭୁତୁଣୀ

ପେଢ—ବିଂ. ପେଢ (ପାଢ ଦେଖ)

ପେଡେଜ୍—କ୍ରି. ପାଚୁଡ଼ିବା

ପେଡେରେଜ୍—ବିଂ. ଓଜନୀସ୍ଥା, ଖସ

ପେଦ୍ଗଡ୍—ବିଂ. ମୋଟା ପିଲ୍ଲ ବାଲା

ପେଦ୍ନେଜ୍—ବିଂ. ଉଁଚ୍ଚ ପିଲ୍ଲ ବାଲା, ଉଁଚ୍ଚ ଶାଢ଼ୀ ପିନ୍ଧାବାଲା

ପେଦେଜ—ବି. ଅଣ୍ଡଓସାର ଗାମୁଛା ପିନ୍ଧା ଖ୍ଲୋଟ ଝିଅ

ପେଦେଜ୍ ପେଦେଜ୍—କ୍ରି. ବିଂ. ପିଲ୍ଲ ଦୋହଲି ଦୋହଲାଇ
ଗୁଲିବା ପ୍ରକ୍ରିୟା

ପେଦଙ୍ ପେଦଙ୍—କ୍ରି. ବିଂ. (ପିନ୍ଧାବସ୍ତ୍ର) ଫଡ଼ ଫଡ୍ ହେବା
ପ୍ରକ୍ରିୟା

ପେଧାଓ—କ୍ରି. ବିଂ. ଢଳନିଥର କରି

ପେଧାଓ—ବି. ତୋଷାମଦ, କ୍ରି. ତୋଷାମଦ କରିବା

ପେନ୍—ବି. (ଇଂ) ପେନ୍, କଲମ

ପେଁଣ୍ଟ୍—କ୍ରି. (ଇଂ) ରଙ୍ଗଚଢ଼ାଇବା

ପେଣ୍ଟ୍—ବି. ପେଣ୍ଟ୍ pant

ପେନ୍ଦଲା—ବିଂ. ଧକାଢୀଳ୍ ଅସୁବିଧାଜନକ (ଲୋକ)

ପେନ୍‌ସିଲ୍—ବି. ପେନ୍‌ସିଲ

ପେନ୍‌ସେନ୍—ବି. ପେନ୍‌ସନ୍

ପେନି—ବି. ଇଂ. ଇଂରାଜୀ ମୁଦ୍ରା

ପେନେ—ବିଂ. ସଂ. ତିନି (ଲୋକ)

ପେନ୍ଦା—ବି. (କଳସି, ହାଣ୍ଡି, ହଣ୍ଡାର) ତଳ ଅଂଶ ଯାହା ମାଟି
ଉପରେ ବସିଯାଏ

ପେପ୍ରେଜ୍—କ୍ରି. ବିଂ. ଭର୍ତ୍ତି କରିବା ପ୍ରକ୍ରିୟା
ଉ: ପେପ୍ରେଜ୍ କାନାକ - ସେମାନେ ଭର୍ତ୍ତି କରିବା କାମ
କରୁଛନ୍ତି

ପେପର୍—ବି. (ଇଂ) କାଗଜ paper

ପେଁପେଣେଦ୍ ଦାରେ—ବି. ସୁନାସ୍ତ ଗଛ

ପେଁପେଁଣେଦ୍—ବି. ପଣ ଢଆର ପେଁକାଳି

ପେଁ ପେଁ—ଅ. ପେଁକାଳିର ଶବ୍ଦ ସୂଚକ ପେଁ ପେଁ (ଶବ୍ଦ)

ପେଁପଣେଲ୍ଲ ପିଠା—ବି. ପଣ ପିଠା
(ପଣରେ ପିଠୋଉ ଦେଇ ସିଝାଇ କରି ପିଠା କରିବା)

ପେ ପେ—ବିଂ. ଙ. ଢନ ଢନ

ପେପେଡକା ∞ —କ୍ରି. ସ୍ୱଅଶ୍ରୁ ନୟନରେ ଅନାଇ ରହିବା
ସାଶ୍ରୁରେ ଦେଖିବା ଅବସ୍ଥା

ପେଡେ ପେଡେ, ପେଲେ ପେଲେ—ବିଂ. ସାଶ୍ରୁ, ଛଲଛଲ ନୟନ

ପେମ୍—ବି. ପ୍ରେମ

ପେର୍‌ଜା—ବି. ପ୍ରଜା

ପେରମାନ୍—ବି. ପ୍ରମାଣ

ପେରେର୍—ବିଂ. ପୂର୍ଣ୍ଣ, ଭର୍ତ୍ତି

ପେରେକ୍ ହଲ୍‌ମଅ—ବି. ଗର୍ଭିଣୀ

ପେର୍‌ଲ୍ୱଃ—ବିଂ. କୁନକସ୍ଥିସ୍ଥା

ପେଲ୍‌କା ∞ —କ୍ରି. ଛଡେଇ ହେବା

ପେଲ୍ (ଡ୍) ଡା—ବିଂ ଶୁଆଇ, ପେଟିଆ (ବଙ୍କା କାଠ ବା ବାଉଁଶ
ରଖିବା ପଦ୍ଧତି

ପେଲ୍ (ଡ) ଡା, ପିଲ୍ (ଡ୍) ଡ—ବି. ପିଢାକୁ ତଳକୁ ରଖି
କରେଇ ଶୁଆଇବା ପ୍ରକ୍ରିୟା

ପେଲ୍ (ଡ୍) ଙା—କ୍ରି. ଛୁଡ଼ିକରି ଛୁଟି ହେବା, ହୁଗୁଲ ହୋଇରେ
ଛୁଟି ହେବ

ଢ଼: ଆ ∞ ରେନାଃ ପାଁଶ୍ଗୁ, ତପା ∞ ଏନ୍‌ତେ ଆ ∞ ଦ ପେଲ୍‌ଯାଂ
ଏନା—ଧନୁର ବଅ (ଜ୍ୟା) ଛୁଡ଼ି ଯିବାରୁ ଧନୁଟା ଛୁଟି
ହୋଇ ଗଲା

ବି. ଏକ ପ୍ରକାରର କେନ୍ଦ୍ରା, ସିତାର

ପେଲା (ଡା.)—ବି. ପିଜୁଲି, ନିକଟ ସମ୍ପର୍କସ୍ଥ ବନ୍ଧୁ

ପେଲା—ବି. ଅତିଥି, ବନ୍ଧୁ

ପେଲା ∞ —ବିଂ. ଅତିଥି ହେବା

ପେଲା ହଲ୍—ବି. ବନ୍ଧୁଲୋକ

ପେଲା ଖଇ—ବି. ବନ୍ଧୁ ଖଇ

ପେଲା (ଡା) ତ୍—କ୍ରି. ବିଂ. ବନ୍ଧୁତ୍ୱ

ପେଲା ∞ ତ୍‌ତେ—କ୍ରି. ବିଂ. ବନ୍ଧୁତ୍ୱ କରି

ପେଲାଡଃ—କ୍ରି. ବନ୍ଧୁତ୍ୱ ସ୍ୱୀକାର କରିବା

ପେଲା ପର୍‌ଭୁ—ବି. ଅତିଥି ପରମେଶ ଅତିଥି ଭଗବାନ

ପେଲା ଲେକ୍‌ଅ—ବି. ବନ୍ଧୁବର୍ଗ, ମିତ୍ର ବର୍ଗ

ପେଲାହଲ ∞ —ବି. ମିତ୍ରଲୋକ ହେବା, ବନ୍ଧୁ ହେବା

ପେରେଲ୍ ପେର୍‌ଲେଲ୍—କ୍ରି. ବିଂ. ଶୂନ୍ୟେ ଶୂନ୍ୟେ

ପେଲ୍ (ଲ୍) କା—ବିଂ ଧୂଆଁଳିଆ ଦେଖାଯିବା

ପେଲ୍ଲ—ବି. ଠେକଣା, ପେଲା, (ପେଲ୍ଲରଖିବା କାଠ)

ପେଲ୍ଲଓ—କ୍ରି. ପେଲ୍ଲିବା, ଠେଲିବା, କହି ବୁଲିବା, ନିଜ ପ୍ରଶଂସା
କରିବା

ପେସ୍ୱାବା—ବି. ପିଆଦା ।

ପେସ୍‌ବା—ବି. ଅଣ୍ଡ କୋଷ

ପେସ୍‌କାର୍—ବି. ପେସ୍‌କାର

ପେସ୍‌କସ୍—ବି. ପେସ୍‌କସ୍

ପେସ୍‌ଡା (ଲା), ପେସ୍‌ଡ (ଲ)—କ୍ରି. ହଲଚଲ ହଲଚି କରିବା
ଅସ୍ୱୀକାର କରିବା

ପେସ୍‌ଡାଓ—କ୍ରି. ତିରସ୍କାର କରିବା, ବୁଦ୍ଧି ଲାଞ୍ଛନ କରିବା,
ଅସଫଳ କରାଇବା

ପେସେକ୍ ପେସେକ୍—କ୍ରି. ବିଂ. ପାଣିଆ ପାଣିଆ

ଢ଼: ପାଣିଆ ପାଣିଆ ପେଷି ଦେଇଥା

ସା: ପେସେକ୍ ପେସେକ୍ ରକ୍ତ କାଡେ ଦହକା ∞ ମେ

ପେସ୍‌ଡ୍ ∞ —କ୍ରି. ସୁରକ ଯିବା, ଖସରି ଯିବା

ପେସା—ବି. ପେଶା, ଧନ୍ଦା, କ୍ରି. ପେଶା କରିବା

ପେସାଦାର୍—ବିଂ. ପେଶାଦାର, କ୍ରି. ପେଶା କରିବା

## ଫ

ଫଇ—ବି. ନଗଣ୍ଡ୍ଗ, କ୍ରି. ଉତ୍ସାହିତ କରିବା

ଫଉଜ୍—ବି. ସୈନ୍ୟ

ଫଉଜ୍‌ତେ—ବି. ସୈନ୍ୟକୁ

ଫଉଜ୍‌ରିନ୍—(ବିଭକ୍ତିବାଚ) ସୈନ୍ୟର

ଫଉଜ୍‌ରେ—ବି. ସୈନ୍ୟରେ

ଫଉଜ୍‌ଦାର—ବି. ସେନାଧ୍ୟକ୍ଷ

ଫଉଜ୍‌ଦାରି—ବି. ଫଉଜଦାରି, ମାରପିଟ୍‌ଆଦି ମକଦ୍ଦମା

ଫକଡ୍—ବିଂ. ବେକାର, ଫାଜଲ, ଧପାବାଜ୍

ଫକ୍କା—ବି. ମାଡ ଚିହ୍ନ
ଫକ୍କା ଫୁକ—ବି. ଦାଗ, ଚିହ୍ନ
ଫକଅ—ବି. ଫେଣ, ଗରଦା ଫେଣ
ଫକଫକଅ—କ୍ରି. ବିଂ. ଫେଣ ଫେଣିଆ, ଅପସ୍ମାର ସୂଚିତ
ଫଁ—ବି. ଫଁ କରିବା
ଉ: ଡାଙ୍ଗାସ୍ତୁ ଫଁ ଏଦା - ବଳଦଟା ଫଁ କରୁଛି, ବା ଫଁ ଫଁ କରୁଛି
ଫଁକ, ଫଙ୍କ୍—ବି. ଶରର ଛେଦ, ଯାହା ଧନୁର ଜ୍ୟାରେ ଯୋଡି
ମାରିବାକୁ ହୁଏ, ଶର ଛେଦ
ଫଅଂ—କ୍ରି. ଚଢ଼କିବା
ଫକତ୍—କ୍ରି. ଗୁପ୍ତ ରଖିବା ବି. ଗୁପ୍ତ
ଫଅଁକେ—କ୍ରି. ଫାଟିଯିବା, ଚଡ଼କ ଫାଟିଯିବା
ଫଗଲା—ବି. ଦାନ୍ତ ବିହୀନ, କ୍ରି. ଦାନ୍ତ ନଥିବା
ଫଙ୍ଗଲା—କ୍ରି. କଣା ବାଟ ବଡ଼ହେବା
ଫଗୁ—ବି. ଫଗୁ
ଫଚ୍—କ୍ରି. ମକା ଗଛରେ ଉନ୍ମେଷ ହେବା
ଉ: କଅଁଳ ମକ୍କା. ମକ୍କା ଫଳ (ଗଛରେ ଥିବା)
ଫଟ୍କା—ବି. ଫୋଟକା, ବାଣ
ଫ.ଟଅ—ବି. (ଇଂ) ଫଟୋ photo
ଫଟ୍କୁରସ୍ମା—ବିଂ. କୁହାଳିଆ
ଫଟ୍ ଫଟ୍ ଅଂ—କ୍ରି. ବିଂ. ଫଟ୍ ଫଟ୍ ଶବ୍ଦ
ଫଟର୍ ଫଟର୍—କ୍ରି. ବିଂ. ଗୁଳୁର୍ ଗୁଳୁର୍, ଗୁର୍ ଗୁର୍ ହେବା
ବିରକ୍ତ ପ୍ରକଟ କରିବା
ଫଟାଓ—କ୍ରି. ଫଟାଇବା, ବିସ୍ତାର କରିବା
କ ଫଟାଓ - ଫଳ ଫଟାଇବା
ଭଲ ଫଟାଓ - କଥା ବିସ୍ତାର କରିବା
ଫଟେଲ୍—କ୍ରି. (କଥା) ବାହାରିବା ବିଂ. ବାହାରିଥିବା (କଥା)
ଫଠକ୍ ପୋତା—ବି. ପାଣି ଝର୍ ଝର୍ ହୋଇ ଝରିବା
ଫଡ୍ ଫଡ୍—କ୍ରି. ବିଂ. ଫଡ ଫଡ (ଡେଣା ଝାଡ଼ିବା ଶବ୍ଦ)
ଭଡ୍ ଭଡ୍ (ଅଯଥା କଥା ଗୁଡ଼ାଏ କହିବା)
ଫଡ ଫଡାଓ—କ୍ରି. ବିଂ. ଡେଣା ଝାଡ଼ିବା, ଫଡ଼ ଫଡ ହେବା
ପ୍ରକ୍ରିୟା

ଫଣା—ବି. (ସାପ) ଫଣା, ରାଗରେ ଫଁ ଫଁ ହେବା ସୂଚିତ
ଫଣଅ—ବି. ଫେଣ, କ୍ରି. ଫେଣ ହେବା, ଫେଣାଇବା
ଫତୁଆ—ବିଂ. ଅପଦାର୍ଥ, ଠକ ହେବା, ଫତୁଆ
ଫତେଇ—ବି. ଫତେଇ
ଫଦଲା—ବିଂ. ଫାଙ୍କା ହୋଇଥିବା
ଫଦଲ୍ ମେକେଡେ—କ୍ରି. ହାଲ୍କା ମାଡ଼
ଫନ୍—ବି. (ଇଂ) ଫୋନ
ଫନ୍ଦ—ବି. ଫିକର, ଉପାୟ
ଫମ୍ପ୍ରି—ବିଂ. ଫମ୍ପା, ପୋଲ
ଫଫଅ—ବିଂ. ପାକୁଆ ବୁଢ଼ା
ଫପ୍ସା—ବିଂ. ନରମା
ଫରଦ୍—ବି. ଫର୍ଦ୍ଦ
ଫର୍ମା—ବି. ଫରମା
ଫର୍ମାସ୍—ବି. ବରାଦ, କ୍ରି. ବରାଦ କରିବା
ଫରମାସି—ବି. ବରାଦି
ଫର୍ସା—ବି. ସଫେଦ୍, କ୍ରି. ଆଲୋକ ଆସିବା
ଫସ୍ପା—ବିଂ. ଅଧ ଫଟା, ଦରୁ ଫଟା, ଫାଲ୍ ଫାଳିକା
ଯଥା—ଫସ୍ପ ଟୁକୁଜ୍ - ଦରଫଟା ହାଣ୍ଡି (ଫାଟିଥିବା ହାଣ୍ଡି)
ଫସ୍ପ କାଠ - ଦଦରା କାଠ,
ଫସ୍ପ ଅନ୍ତୁ । ଫାଲ୍ ଫାଳିଆ ଜମି
ଫଲ୍ (ଲ୍) ଫଲଅ—ବି. ଫଲ, ପରିମାଣ
ଫଲଅ ଡାଲଅ—ବି. ଫଳ ଡାଳ
ଫଲକ୍—କ୍ରି. ବହିର୍ଗମନ ରାସ୍ତା, ଛିଦ୍ର ପଥ, ଅଣ ଓସାରିଆ ବାଟ
ଉ: ଅନା ଫଲକ୍ ସେଦ୍ଡେ ପାରମ୍ଅଃ ମେ - ସେହି ଛିଦ୍ର,
ଅଣ ଓସାରିଆ ପଥ ଦେଇ ପାର ହୋଇ ଆସ
ଫଲନ୍—କ୍ରି. ଉତ୍ପାଦନ କରିବା, ଫସଲ୍ ଫଳାଇବା ବି. ଉତ୍ପାଦନ
ଫସଂ—କ୍ରି. ବିଂ. ଅସ୍ପଷ୍ଟ, କ୍ରି. କଥା ଫସ୍ ଫସ୍ ବାହାରିଯିବା
ଫଡ୍—କ୍ରି. ବିଂ. ଫର୍ (ଲୁଗା, କାଗଜ ଆଦି ଚିରିବା ଶବ୍ଦ)
ଉ: ଲୁଗୁଲି ଫର୍ ମେନ୍ଡେ ଅଲେଜ୍ ଏନା - ଲୁଗା ଫଡ୍ କରି
ଚିରିଗଲା

ଫଡା (ଲା)ଓ୍ୱ—କ୍ରି. ପତଳା କରିବା, ଗୁଣ୍ଡ ଗୁଣ୍ଡ ରଖିବା,
ଶୀଘ୍ର ପଳାଇବା, ବାସନା ଦ୍ରବ୍ୟ ଲଗାଇବା ବି. ପଳାୟନ

ଫଟଙ୍ଗା – ବିଂ. ବେକାର, ମୂଢ଼ ଅଯୋଗ୍ୟ

ଫଟାଗାଡ—ବି. ଫଟଫଟିଆ, ମଟର ସାଇକେଲ

ଫସାଲ୍—ବି. ଫସଲ,

ଫଡ଼ଅ—ବି. କଳି, କଡ଼, କଡ଼ି

ଫାଇଦା ବି. ଲାଭ, ଉପକାର

ଫାଇନ୍—ବି. (ଇଂ) ଫାଇନ୍, ଜୋରିମାନା, ଅତି ସୁନ୍ଦର

ଫାଇଲ୍—ବି. (ଇ) ପାଇଲ୍ file, ନଥିପତ୍ର

ଫାଁକ୍ଲଆ—ବିଂ. ଡେଣା, ବାହୁ

ଫାଙ୍କ୍—ବି. ପାଙ୍କ୍, ଛିଦ୍ର, ସୁଯୋଗ

ଫାଙ୍କା—ବିଂ. ଶୂନ୍ୟ, ଲୁଚ୍ଛା, ଉନ୍ମୁକ୍ତ, ଖାଲି
କ୍ରି. ଶୂନ୍ୟ ହେବା, ଲୁଚ୍ଛା ହେବା, ଉନ୍ମୁକ୍ତ ଥିବା,
ଖାଲି ଥିବା

ଫାଙ୍କାଓ—ବିଂ. ଫାଙ୍କି ଦେବା, ଧୋକା ଦେବା
କ୍ରି. ଫାଙ୍କିବା, ଧୋକା ଦେବା

ଫାଁକ—ବି. ଧୋକା

ଫାକର୍—ବି. ଫକର

ଫାକୁଆ.—ବି. ଧୋକାବାଜ୍

ଫାଗୁନ୍—ବି. ଫଗୁଣ

ଫାଟଅ—ବି. ଫାଟ, କ୍ରି. ଫାଟ ହେବା

ଫାଟକ୍—ବି. ଫାଟକ

ଫା.ଟ୍କା.ରୁ—କ୍ରି. ବାନ୍ଧ କରିବା

ଫାଟ୍କାରୁ—କ୍ରି. ଉଧୁରିବା

ଫାଟ୍କାଓ୍ୱ—କ୍ରି. ରଡ଼ି କରିବା·ସହିତ ଦୌଡ଼ା ଦୌଡ଼ି କରିବା

ଉ: ସିମ୍ଏଙ୍ଗା—ବର୍ସେଖନ୍ ଏ ଫାଟ୍କାଓ ରୁଦ୍ଏନା - ମାଈ
କୁକୁଡ଼ା ତାର ଉପ୍ରେଇ ବା ଥାନରୁ ଉଡ଼ିକରି, ରଡ଼ିକରି
ବାହାରିଗଲା

ଫାଟକା—କ୍ରି. ଅସ୍ୱୀକାର କରିବା

ଫାଣ୍ଡ୍—ବି. (ଇ) ଫାଣ୍ଡ୍ fund, ପାଣ୍ଠି

ଫାଣ୍ଡା—ବି. ଦଣା, ପିଡାବେଲ

ଫାଣ୍ଡା କାଟାଓ୍ୱା—କ୍ରି. ଦଣା ଖଣ୍ଡନ କରିବା

ଫାଣ୍ଡ୍ଗାରୁ—କ୍ରି. ଉଧୁରିବା, ଭଲ ହୋଇଯିବା
ବିଂ. ସୁଧାର, ଉଦ୍ଧମ୍, ସରସ

ଫାଣ୍ଡି—ବି. ଫାଣ୍ଡି, ପୋଲିସ ଚୌକି

ଫାଦ୍ଗାଓ—କ୍ରି. ଡେଣା ଝାଡ଼ିବା, ବିରକ୍ତିରେ ଗୋଡ଼ ହାତ
ଛାଟିପିଟି ହେବା ପ୍ରକ୍ରିୟା

ଫାଦ୍ଲା—ବିଂ. ଫାଙ୍କା ଖାଲି କଣା ବାଟ

ଉ: ଫାଙ୍କା ଅଲା ~ - ଖାଲି ଘର
ଫଙ୍କା ପୁଲଆ - ଖାଲି ପଡ଼ିଆ

ଫାଦା—ବିଂ. ମେଲା, ଖୋଲା, ଶୂନ୍ୟ
କ୍ରି. ମେଲା ହେବା, ଖୋଲା ଥିବା, ଶୂନ୍ୟଥିବା, ନଗେଲା

ଉ: ଫାଦା ହୁର୍ତେ ସେଃମେ, ନଗେଲା, ମେଲା ସ୍ଥାନରେ ଯିବା

ଫାନ୍ଦଅ—ବି. ଫସାଇବା ବୁଦ୍ଧି, ଜାଲରେ ପକାଇବା
କୌଶଳ

ଫାଦ୍ଡା(ଲା) କ୍ରି. ବିଂ. ଖୋଲା ଖୋଲା, ମେଲା ମେଲା ସ୍ଥିତ
ଫଟା, ଖୋଲା ଖୋଲା

ଉ: ଫାଦ୍ଲା କାପାଟ - ମେଲା ମେଲା କବାଟ,
ଫାଦ୍ଲ ଗୁତମ - ଫଟା ଛତା

ଫାନ୍ଦା—ବି. ପଶୁ ପଛ ଗୋଡ଼ରେ ଲାତ ମାରିବା, ଗୋଇଠା
ମାରିବା

ଫାନ୍ଦା-ଫାନ୍ଦ—କ୍ରି. ବିଂ. କୌଶଳ ଧନ୍ଦା, ଗୋଇଠା ଗୋଇଠି

ଫାଦେର୍ ସାହେବ୍—ବି. ଫାଦାର ସାହେବ, ପାଦ୍ରୀ

ଫାଦେଲ, ଫାନ୍ଦେଲ୍—ବିଂ. ଫାଳିରୁ, ଅତିରିକ୍ତ
କ୍ରି. ସ୍ଥାନଚ୍ୟୁତ କରିବା

ଉ: କାମିଁଖନ୍କ ଫାଦେଲ୍ କାଦେୟା - କାମରୁ ସ୍ଥାନଚ୍ୟୁତ
କରିଦେଲେ, ରହସ୍ୟ କରିବା

ଫାଫୁଡାକ—ବିଂ. କଥା ବନାଇବା, ଅଦ୍ଭୁତ କଥା କହିବା

ଫାବଡ୍—କ୍ରି. ବାଡ଼ି ବା କାଠରେ ପୋପାଡିବା ଫାବ୍ଡ଼

ଫାବାଓ—କ୍ରି. ଉର୍ଣ୍ଣିବା, ବେଶିଦିନ ରହିବା

ଫା ∽ ମେନ୍‌ତେ—କ୍ରି. ବି°. ଫାଃ କରି ପଡ଼ିବା, ଅପକାର ପଡ଼ିବା
ଖସିବା, ଥଲ୍ କରି ପଡ଼ିବା

ଉ ଗାଲେ ଫା ∽ ମେନ୍‌ତେ ଖୁର୍ ଏନା - ଗାଲ ଅପ୍‌କାର ପଡ଼ିଲା
(୨) ପା ∽ ମେନ୍‌ତେ ଦୁଲୁବ୍ (ପ୍) ଏନାୟ - ସେ ଥଲ୍ କରି
ବସିଲା

ଫାଁସୁ—କ୍ରି. ସାସୁଁ

ଫାଁସୁ ଫାଁସୁ୍—କ୍ରି. ସାଁସୁ ସାଁସୁ

ଫାଁସୁ୍‌ମେନ୍‌ତେ—କ୍ରି. ବି°. ସାଁସୁ କରି

ଉ: ଫାଁସୁ୍‌ମେନ୍‌ତେ ଗୁଲି ଅଟାଂ ଏନା - ସାଁସୁ୍ ସାଁସୁ ଗୁଳି
ଉଡ଼ିଗଲା

ଫାସୁ୍ (ଏ)ଦା—ବି. ଫାଇଦା, ଲାଭ, ସୁବିଧା

ଫାସୁ୍‌ଲାଓ୍ୱ—କ୍ରି. ମେଲି ଯିବା, ବିସ୍ତାରି ହେବା, ଚାରିଆଡ଼େ
ପ୍ରସାରିତ ହେବା

ଉ: ହୁଲୁବା.ଢ଼ରେ ଫାସୁଲାଓ୍ୱ ଆକାନା
ଧାନ ବିଲରେ ବିସ୍ତାରି ହୋଇ ରହିଛି
ଖବର୍ ଫାସୁ୍ ଲାଓ୍ୱ ମେ - ସମ୍ବାଦ ଚାରିଆଡେ ପ୍ରସାର
କରିଦିଅ

ଫାର୍—ବି. ଲାଭ ସୁବିଧା, କ୍ରି. ଲାଭ ପାଇବା, ସୁବିଧା ପାଇବା

ଫାର୍‌କାଓ୍ୱ—କ୍ରି ହଡ଼୍‌ବଡ଼ାଇବା, ହୁଡରେଇବା, ହୁରୁଡ଼ିବା
ଡରାଇଦେବା

ଫାର୍‌କୁତି—ବି ସମ୍ପୂର୍ଣ୍ଣ ଋଣ ମୁକ୍ତ, କ୍ରି. ଋଣରୁ ମୁକ୍ତି ପାଇବା

ଫାର୍‌କାଟା—ବି°. ଫେର୍‌କେଟା, (ଗୋଡ଼) ବେହେଡ଼ା
କ୍ରି. ଫେର୍‌କେଟା କରିବା, ବେହେଡ଼ା କରିବା

ଫାରଗ୍—କ୍ରି. ପରିଷ୍କାର କରିବା, ବି. ପରିଷ୍କାର, ସଫା

ଫାରନା—ବି°. ସ. ଅମୁକ

ଫାରାକ୍—ବି°. ଦୂର, କ୍ରି. ଦୂର କରିବା, ଦୂରରେ ରଖିଦେବା,
ଦୂରେଇ ଦେବା

ଉ: ଫାରାକ୍ ହୁଲ - ଦୂର ଲୋକ
(୨) ଅକାଦ ଫାରକ୍‌ରେ ଦହକାଃମେ - ତାହାଙ୍କୁ ଦୂରରେ
ରଖିଦିଅ

ଫାଲଅ—ବି. ଦୁଇଭାଗ ହେବା, କ୍ରି. ଫାଟିବା, ଭାଗ ଭାଗ
ହୋଇଯିବା

ଫାଲ—ବି. କଟା ଅଂଶ, ଫଡ଼ିଆ, ଫାଲେ

ଉ: ଫାଲ ଜିଲ୍ - ଫଡ଼ିଆ ମାଂସ
ମିଦ୍ ଫାଲ ଜିଲ୍ - ଏକ ଫାଳ ମାଂସ

ଫାଲା—ବି°. ଫଡ଼ା, ଫଡା ଅଂଶ

ଫାସଅ—ବି. ଫାଶ କ୍ରି. ଫାଶ କରିବା

ଫାସ୍ ଫୁସ୍—କ୍ରି. ଫୁସ୍ ଫୁସ୍ କରିବା, ଅସ୍ପଷ୍ଟ କଥାବାର୍ତ୍ତା

ଉ: ଫସ୍ ଫୁସ୍ ଅ ∽ କାନାକିନ୍ - ସେ ଦୁହେଁ ଫୁସ୍ ଫାସ୍
ହେଉଛନ୍ତି

ଫାସାଓ୍ୱ—କ୍ରି. ଫସେଇବା, ଡଣ୍ଡରେ ପକାଇବା

ଫାସିଆ.—ବି. ଫାସିଆ (କାନ ବା ନାକର ଅଲଙ୍କାର)

ଫି.—ବି. ପ୍ରତ୍ୟେକ

ଫି—ବି (ଇଂ) ଫିସ୍, ଫି

ଫିକର୍—ବି. ଫିକର, ଛଳ, ଫନ୍ଦି
କ୍ରି. ଫିକର କରିବା, ଛଳ କରିବା, ଫନ୍ଦି ପାଣ୍ଠିବା

ଫିକା.—ବି. ଫିକା, ପାଣ୍ଡୁର

ଫିଙ୍ଗ୍—ବି. ଘମକଲା

ଫିଚ୍‌କାସ—କ୍ରି. ଠକିବା, ଧୋକା ଦେବା

ଫିଚକାରସ୍ଥା—ବି°. ଠକ, ଧୋକାବାଜ୍, ଠକୁଆ

ଫିଞ୍ଚାର୍—ବି°. ମୟୂର ପୁଚ୍ଛ, ଚନ୍ଦ୍ରିକା ଥିବା ମୟୂର ପୁଚ୍ଛ

ଫିଟ୍—ବି. ଅବସର, ସମୟ ପାଇବା, ଫୁରସତ୍

ଉ: କାମିଖନ୍ ଇଂ ଫିଟ୍ ଲେନ୍‌ଖାନ୍ ସେନଃଆଇଂ
ମୁଁ କାମରୁ ଅବସର ପାଇଲେ ଯିବି
(୨) ଫିଟ୍ ବା.ନୁଃଆ - ଫୁରସତ୍ ନାହିଁ

ଫିଟ୍ - ବି. (ଇଂ) ଫିଟ୍, fit, ଉପଯୁକ୍ତ, ଯୋଗ୍ୟ

ଫିଟ୍‌କିରି—ବି. ଫିଟିକିରି

ଫିଟ୍‌ଆ.ଉ—କ୍ରି. ଫିଟାଇବା, ଖୋଲିବା, ମୁକ୍ତ କରିଦେବା

ଉ: ଦୁଆର୍ ଫିଟ୍‌ଆ.ଉମେ - ଦ୍ୱାର ଖୋଲିଦିଅ
(୨) ଜାହେଲଖନ୍ ଏ ଫିଟ୍‌ଆ.ଉ ଏନା - ଜେଲରୁ ମୁକ୍ତି ହେଲା

ଫିଡା.—ବ. ଫିଡା

ଫିଦ୍‌ଗିଲ—କି. ରୁଆ ରୁଆ ହେବା (ରୁଆଁ ରୁଆଁ ହେବା)

ଉ: ବୁସ୍ରି. ଫିଦ୍‌ଗିଲ୍‌ଏନା - ବସ୍ତା (ଅଖା) ରୁଆ ରୁଆ ହେଲା

ଫିଦଫିଦ୍—କି. ବଂ. ତମତମ (ରାଗି ବା ଅସନ୍ତୋଷ ହୋଇ ଚଞ୍ଚଳ ହେବା)

ଉ: ଫିଦ୍ ଫିଦ୍ କାଡେ ଦା.ଲ୍ କେ:ଆସୁ (ରାଗ) ତମ ତମ ହୋଇ ଦୌଡ଼ି ପଳାଇଲା

ଫିଦ୍‌ଣ—କି. ରୁଆ ରୁଆ ହେବା

ଫିଦଗିର୍—କି. ରୁଆ ରୁଆ ହେବା, ଝଣିବା

ଫିଦ୍ ଫିଦା.ଉ:—କି. ଉଡ଼ି ବୁଲିବା, ରାଗରେ ଉଚ୍ଛୁଳି ପଡ଼ିବା

ଉ: କାକ୍‌ରାନ୍ତ୍ର ମିମ୍‌ଏ ଫିଦ୍ ଫଦା, ଉ:କାନା କର କର୍ କରୁଥିବା କୁକୁଡ଼ା ଉଡ଼ି ବୁଲୁଛି

ଫିଦ୍‌ଲ—କି. ସୂକ୍ଷ୍ମାଂଶ ବାହାରିବା, ବିଶ୍ଳେଷଣ କରିବା, ଛିନ୍ନ ଭିନ୍ନ କରି ଦେଖିବା

ଫିନାଇଲ—ବ. ଫିନାଇଲ୍

ଫିନ୍ ଫିନ୍—ବଂ. ଅତି ସଫା ସୁନ୍ଦର

ଉ: ଲୁଗୁଲି ଲପତାସୁ ହିଁ ଫିନ୍ ଫିନ୍ ଗେସ୍ସା ତାହାର ଲୁଗାପଟା ବ ଅତି ସଫା ସୁନ୍ଦର ଅଟେ

ଫିନକକ୍—ବଂ. ଚକଣିଆ ପାଗଳ

ଫିମେଲ୍—ବ. (ଇଂ) female ମହିଳା

ଫିର୍—ଅ. ପୁଣି କି. ଉଡ଼ିବା ପ୍ରକ୍ରିୟା

ଫିର୍‌ମେନ୍‌ଡେ—କି. ବଂ. ହଠାତ ଉଡ଼ି

ଉ: ଫିର୍ ମେନ୍‌ଡେ ଅ:ଟାଂ ଏନା - ହଠାତ୍ ଉଡ଼ି ପଳାଇଲା

ଫିରାଓ୍ବ (ଉ)—କି. ଫେରାଇବା, ଫେରାଇ ଦେବା

ଫିରକା.ଲ୍—ବ. ଦଣ୍ଡନାଚ, ବାଡ଼ି ଖେଳ

ଫିରଙ୍ଗି—ବ. ଫିରଙ୍ଗି

ଫିର—ବ. ଢାଲ

ଫିରସ୍ସା.ଦ—ବ. ଫରସ୍ସାଦ

ଫିରାଉ.କାଡେ—କି. ବଂ. ଫେରି

ଫିସ୍—ବ. (ଇଂ) ଫିସ୍, ମାସୁଲ, ଦେୟ

ଫିସାଦ୍—ବ. ଫିସାଦ୍, ଛଳନା

ଫିସାଦସ୍ସା—ବଂ. ଛଳ, ଫିସାଦକାରୀ

ଫୁଇ—କି. ସହମତ ହେବା, ସମର୍ଥନ କରିବା, ଢ଼ିଲା କରିବା,

ଉ: ମିଡ୍ରାକ ଆ: ଖାଗ୍ରାପ୍ କାଥାରେ ଫୁଇ ଆଲା ∞ ଦବାସୁ ଯୁକ୍ତ ଆ ପିଲଙ୍କ ମନ୍ଦ କଥାରେ ସମର୍ଥନ ଦେବା ଠିକ୍ ନୁହେଁ

ଫୁକ୍କିସ୍ସା—ବ. ଫକଡ, ଫାଙ୍କଲ୍

ଫୁକ୍କି—କି. ଫାଙ୍କଲ୍ ହେବା, ଫାଙ୍କିଲିମ କରିବା

ଫୁକା.ର—ବ. ପାଣିନଳୀ

ଫୁକ୍କ—ବ. ପୋକଗ୍ରା, ପୋକଖିଆ

ଉ: ଗୃଅଲେ ଫୁକ୍କ ଏନା - ଗୁହାଳ ପୋକଗ୍ରା ହୋଇଛି

ଫୁଚକା—ବଂ. ଗ୍ରେଟଆଟିଏ, ଉଷ୍ଣାକ୍ତ, ପଳାଇବା

ଫୁଚ୍‌ମେନଡେ—କି. ବଂ. ଅଗ୍ନନକ ସ୍ୱରେ (ପଳାଇବା)

ଫୁଚ-ସ୍ତ୍ରୀ—ବ. ଟିକ (ଝିଅ)

ଫୁଚସ୍ସା-ପୁ—ବ. ଟିକ (ପୁଅ)

ଫୁଚୁକ୍ ଫୁଚୁକ୍—କି. ବଂ. ଜୋରରେ ଡର ଡର ହେବା, ଥରକୁ ଥର ଭୟ ପାଇବା

ଉ: ଫୁଚୁକ୍ ଫୁଚୁକ ଇଂ ବର କଂ ଦାନା ମୁଁ ଜୋରରେ ଡର ଡର ଯାଇଛି

ଫୁଚୁକ୍—କି. ହାତରୁ ଖସିଯିବା

ଫୁଚୁକ୍ ଫୁଚୁକ୍ କି. ବଂ. ଖସିବା ଖସଡ଼ିବା ପରି (ଧରିବା)

ଫୁଚୁକ୍ ଏନଡେ—କି. ବଂ. ଖସିଯିବାରୁ

ଫୁଟଅ—ବ. ଫୁଟ ମାପ, ୧୨ ଇଞ୍ଚରେ ଏକ ଫୁଟ

ଫୁଟ୍—ବ. ଖରଭୁଜ୍

ଫୁଟ୍‌ବଲ୍—ବ. ପେଣ୍ଡୁ, ଫୁଟ୍‌ବଲ

ଫୁଟବଲ ଏନେଜ୍—ବ. ଫୁଟ୍‌ବଲ ଖେଳ

ଫୁଟା.କ—କି. ଫୁଟାଣି କରିବା, ନଜର ବଡ଼ ପଣିଆ ଗାଇବା ବ. ଫୁଟାଣି

ଫୁଟାନସ୍ସା—ବଂ. ଫୁଟାଣିଆ

ଫୁଟା.ଓ୍ବ(ଉ)—କି. ଫୁଟାଇବା, ଫୁଟି ଉଠିବା

ଉ: ଗୁଡମ୍ ଫୁଟା.ଉ ମେ - ଛତା ଫୁଟାଅ, ବାହ୍ମା ଫୁଟାଉ ଆ - ଫୁଲ ଫୁଟେ, ଉ-ଦ୍ ଫୁଟାଉ ଆକାନା - ଛତୁ ଫୁଟି ଉଠିଛି

ଫୁଟା ୦ — କ୍ରି. ବୁଡ଼ିକରି ଉଠିବା

ଉ: ଦା ୦ କା.ହୁ ହନୁମ୍‌ଟନ୍ ଏ ଫୁଟା ୦ ଏନା
ପାଣିକୁଆ ଡୁବିକରି ଉଠିଲା

ଫୁଟାଃ—ବି. (ଶାଢ଼ୀ ବା ଗାମୁଛାର ଧଡ଼ିରେ) ଚନ୍ଦ ଥିବା

ଉ: ଫୁଟାଃ ଗାମୁଛା କଉଞ୍ଚମେ - ଧଡ଼ିରେ ଚନ୍ଦଥିବା ଗାମୁଛା କିଣ

ଫୁଟିୟା କାହଡ଼—ବି. ଫାଟ କହଡ଼

ଫୁଟୁଲ୍ ଫୁଟୁଲ୍—କ୍ରି. ବି°. କ୍ଷୁଦ୍ର କ୍ଷୁଦ୍ର ଶୀଘ୍ର ଶୀଘ୍ର (ଚୁଲିବା)
(ସାଧାରଣତଃ ଏହା ସାନ ସାନ ପିଲାଙ୍କ ଚାଲିକୁ ବୁଝାଏ)

ଫୁଟୁଲ୍ ମେନ୍‌ଟେ—କ୍ରି. ବି°. ହଠାତ ଡେଇଁ (ସିବା)

ଫୁଡୁରାଓ୍—କ୍ରି. ଫୁଡା ଫୁଡ଼ି କଥା, ଫୋଡ଼ା ଫୋଡ଼ି କଥା
କହିବା, ମର୍ମଭେଦ ଭାଷା ପ୍ରୟୋଗ କରିବା

ଫୁଡୁର୍ ଫୁଡୁର୍—କ୍ରି. ବି°. ଗର୍ଜି ଗର୍ଜି ବୁଲୁଫଟା କଥା (କହିବା)

ଫୁଦ୍‌ନା—ବି. ଫୁଦ୍‌ନା, ଶାଢ଼ୀ କନାର ଝାଲେଣ୍ଟ

ଫୁଦଲି—ବି. ଶାଢ଼ୀ କନାର ସରୁ ସରୁ ଝାଲେଣ୍ଟ

ଫୁନ୍—କ୍ରି. ଫୋନ କରିବା

ଫୁନ୍‌ଦ—କ୍ରି. ଫନ୍ଦି କରିବା, କୌଶଳ କରିବା

ଫୁପଣ୍ଡାଃ—କ୍ରି. ଉଷ୍ଣତା ହେତୁ ଛରୁ ଫୁଟିବା ଅବସ୍ଥା,
ଗୁମେଇ ସିବା

ଫୁୱଆ.ଓ୍(ଉ)—କ୍ରି. ଉଗାଳି ଦେବା, ପାଟିରେ ଥିବା ଜଳପ
ବାହାର କରି ନେବା

ଫୁର୍—କ୍ରି. ପାଣି ବା ପାଣିଆ ଦ୍ରବ୍ୟକୁ ପାଟିରେ ରଖି ପିଚକାରୀ
ପରି ବାହାର କରିବା, ହେୟଜ୍ଞାନ କରି ପାଟି "ଫ୍ରୁ"
କରିବା, ଥୁକିବା

ଫୁର୍‌କା.ଉ—କ୍ରି. ପବନ୍‌ରେ ଉଡାଇ ଦେବା

ଫୁରତ—ବି. ଫୁରତ, ଫୁର୍ତ୍ତି

ଫୁରସତ୍—ବି. ଅବସର, ଫୁର୍ସତ

ଫୁରସ୍—ବି. ଠିକା ଜୋଗମନା, କ୍ରି. ଠିକାନେବା, ଜୋଗମନା
କରିବା

ଫୁଲ—କ୍ରି. ଲୁଫୁଡ଼ିବା, ବନ୍ଦ ଲୁଫୁଡ଼ିବା

ଫୁଲ୍ଲି ୦ —ବି. ପଣ୍ଡଦନା

ଫୁଲ୍ଲି°—କ୍ରି. ବାଷ୍ପ ବାହାରିବା

ଫୁଲ୍—ବି. ଫୁଲ, ମିତ୍ର ବନ୍ଧନ, ସଙ୍ଗାତ

ଫୁଲ୍‌କାସା—ବି. ଫୁଲ କଂସା

ଫୁଲ କୁବ—ବି. ଫୁଲ କୋବି

ଫୁଲ୍‌କସ୍କଲ—ବି. ପକ୍କା କୋଇଲା

ଫୁଲ୍ ଝଣ୍ଡି—ବି. ଫୁଲ ଝଣ୍ଡି

ଫୁଲ୍‌ଗନ୍ଧ—ବି°. ଫୁଲ ବାସନା

ଫୁଲବା.ଡ଼ିଆ—ବି. ଫୁଲ ବାଡ଼ିଆ

ଫୁଲ ଧାଉଆ—ବି. ଗୁପ୍ତ ସ୍ନେହ, ଭେଦସ୍ତା

ଫୁଲ୍‌ପାଭାଓ—କ୍ରି. ମିତ୍ରତା କରିବା, ମିତ୍ର ହେବା

ଫୁଲ୍ ସବନ୍—ବି. ଏକମନ ଏକ ଦେହର ମିତ୍ର, ପ୍ରଗାଢ଼
ମୈତ୍ରୀ

ଫୁଲ୍ ପେଲା—ବି. ସଙ୍ଗାତ ମିତ୍ର

ଫୁଲସନ୍—ବି. ଛଣପଟ

ଫୁଲ୍ଲ.—ବି°. ଫୁଲ୍ଲ

ଫୁଲ୍ଲ.ଉ—କ୍ରି. ଫୁଲିବା

ଫୁଲ୍ଲି ବେମାର—ବି. ଫୁଲ୍ଲ ରୋଗ

ଫୁଲ୍ଲ—ବି. ନାକଚଣା

ଫୁସ୍ ଫୁସ୍—ବି. ଫୁସ୍ ଫୁସ୍ ଶ୍ୱାସ ଯନ୍ତ୍ର

ଫୁସ୍‌ଲ.ଉ—କ୍ରି. ଫୁସୁଲା ଫୁସୁଲି କରିବା

ଫେକ୍‌ନା ୦ —ବି°. ଚଢ଼େଇ ମୁହିଁ କ୍ରି. ସଁ ସଁ ଶବ୍ଦ କରିବା
ଛଳନା କରିବା ପ୍ରକ୍ରିୟା

ଫେଁକ୍ ଫାଁକ୍—କ୍ରି. କଥା ଉଡାଇ ଦେବା, ବହଲାଇବା

ଫେଁକାଓ୍—କ୍ରି. ଫିଙ୍ଗି ଦେବା, ହୁରୁଡେଇ ଦେବା, ଅଡୁଆରେ
ପକାଇ ଦୂରେଇ ଦେବା

ଫେଚ୍—କ୍ରି. ବି°. ପଚ କରି ଶବ୍ଦ ହେବା (ଛେପ ପକାଇବା
ଶବ୍ଦ)

ଫେଚ୍ ଫେଚ୍—କ୍ରି. ବି°. ବାରମ୍ବାର ପଚ ପଚ କରିବା ପ୍ରକ୍ରିୟା

ଫେଚ୍ ମେନ୍‌ଟେ—କ୍ରି. ବି°. ପଚ୍‌କରି (ସହସା)

ଫେ.ସ୍ଂ—କ୍ରି. ବାହାରେ ବାହାରେ ଖୁଲିସିବା, ବାଏଁ ବାଏଁ
ଉଠିସିବା

ଉ: ମକଦ୍ଦମା ଲେଦାସ୍ ଉକୁରେ ଦାଲେଲେନା ଜଡ କାଥା

ଫେଗୁଂ ଏନ୍‌ତାସ୍ତା - ମକଦ୍ଦମା କଲ୍ କାହିଁ ସେ କଉଲ୍ ତାର

ସବୁ କଥା ତାସୁଁ ବାଏଁ ଉଡିଗଲ୍

ଫେଣ୍ଡଡ୍ (ଲ)—କି. ଛଡେଇ ହେବା, ଛୁଟିକି ପଳାଇବା

ପାଖ ନ ପଶିବା, ଦୂରେଇ ହୋଇ ରହିବା

ଉ: ସାବ୍ ଲେଦେ ଆଇଞ୍ଜ୍ ଫେଣ୍ଡଡ୍ ସେନ୍ ଏନାସୁ

ଧଉଥିଲି, ସେ ଛଡେଇ ହୋଇ ପଳାଇଲା

(୨) ସୁର୍‌ତେଗେ ବାସୁ ହଲୁଂକାନ୍, ଫେଣ୍ଡତ ରେଗେ ମେନାସୁ

ସେ ପାଖକୁ ଆସୁନାହିଁ ସେ ଦୂରେଇ ହୋଇ ରହୁଛି

ଫେନ୍‌ଟାଓ୍ୱ—କି. ଫେଣ୍ଟିବା, ଗୋଳିଆ କରିବା

ଫେନ୍‌ଟାଓ୍ୱଆ ∼ —ବି. ଫେଣ୍ଟା (ଦରବ) ଫେଣ୍ଟା ହୋଇଥିବା

ଦ୍ରବ୍ୟ

ଫେଟାଣ୍ (ଫେଠାଣ୍)—ବି. ବାଳୁଙ୍ଗ

ଫେଟେ ଫେଟେ—କି. ବିଂ. ଫଟ୍ ଫଟ୍ ହେବା, ଡେଇଁବା

ପ୍ରକ୍ରିୟା (ମାରିବା ଆଗରୁ) ଛଟ ପଟ୍ ହେବା

ଉ: ହଟା କ ଫେଟେଲ୍ କେଦ୍ ତାସ୍ତା, ଫେଟେ ଫେଟେ କାନାସୁ

ଗୁଳ୍ନାଃଆସୁ - ତାହାର ବେକ ମୋଡି ଦେଇଛନ୍ତି

ଛଟ୍ ଛଟ୍ ହେଉଛି, ମରିଯିବ

ଫେଡ—ବି. ଗଛ ମୂଳ, ବିଂ. ଅନୁଚ, କି. ବିଂ. ତଳରେ

ଫେଡାଲ୍—ବି. ମୂଳ, ଆରମ୍ଭ

ଫେଡାଲ୍‌ରେ—କି. ବିଂ. ମୂଳରେ, ଆରମ୍ଭରେ

ଫେଡାଣ—ବି. ଫେଡାଣ, ବସ୍ତ୍ରୋଗ କରିବା

ଫେଣା—ବି. ଫେଣା

ଉ: ବଷ୍ଟ୍ ଫେଣା - ସାପ ଫେଣା

କାଏର୍ ଫେଣା - କଦଳୀ ଫେଣା

ଫେଣାଓ୍ୱ—କି. ଫେଣ୍ଟିବା, ଫେଣ କରିବା

ଉ: ଗମ୍‌ଡା (ଲା) ଦଲଂ ଦାଂ ଫେଣାଓ ମେ - ବଡ଼ ଗୁଡ଼ିଲ ଚୂନା

ସହିତ ଫେଣେଇ ଦିଅ

ଫେନ୍‌ଟର୍—କି. ଛୁଟିକିବା, ଛୁଟିକି ଯିବା

ଫେଣ୍ଡାଓ୍ୱ—କି. ଫେଣ୍ଟିବା

ଫେଡ୍, ଫେଦ୍—କି. ମାରି ଛୁଟ୍ କାଇବା

ଉ: ଆ.ଲ୍ ଫେଦ୍ ମେ - ଗୋଟିମାରି ଛୁଟକାଇ ଦିଅ

ଛୁଟ୍‌କାଣିତେ ଫେଦ୍ (ଡ୍)ମେ - ଛୁଟ୍‌କାଣ ଦ୍ୱାରା ମାରି

ଛୁଟ୍‌କାଇ ଦେ

ପାଁଣ୍ଡୁ ଫେନ୍ (ଦ) ଏନା - ଧନୁର ଜ୍ୟା ଛୁଟ୍‌କି ଗଲା

କା.ଟୁଦ୍‌ତେ ଫେଡ୍ କେଦେସ୍ତାସୁ - ଆଙ୍ଗୁଠି ଦ୍ୱାରା ଛୁଟ୍‌କା

ମାଡ଼ ଦେଲା ଇତ୍ୟାଦି

ଫେଡ୍‌କର୍—ବିଂ. ଖାମିର (ଝିଅ) ଶ୍ରେଷ୍ଠ ନୁଲୁଗ୍ ବାଳିଆ (ଝିଅ)

ଫେଦ୍‌ନେ—ବି. କୁହାଳି ସ୍ତ୍ରୀ

ଫେଦ୍ ଫେଦାଓ—କି. ବିଂ. ବଡ଼ ପାଟିରେ କୁହାଟି କୁହାଟି

(ସ୍ତ୍ରୀ ଲୋକ) କହିବା ପ୍ରକ୍ରିୟା

ଫେଦେର୍ ଫେଦେର୍—କି. ବିଂ. ବାରମ୍ବାର ଫଟ୍ ଫଟ୍ କରି

(ସ୍ତ୍ରୀ ଲୋକ ଗାଳି କରିବା ପ୍ରକ୍ରିୟା)

ଫେନ୍—ବି. ବିଜୁଳି ପଙ୍ଖା

ଫେବ୍ରୁଆରି—ବି. ଫେବୃଆରୀ ମାସ

ଫେରଥ—ବି. ପୁଣି, ପୁନଃଶ୍ଚ

ଫେର୍‌ଥ—ବି. ଫେର, ଲୁଗା କୁଞ୍ଚ

ଫେର ∼ କି. ବଦଳିବା, ଅନ୍ୟ ରୂପ ନେବା

ଉ: ଦିଶମ୍ ଫେର ∼ କାନା - ଦେଶ ବଦଳୁଛି

ଫେର ∼ ହଲ୍—ବଦଳି ଯିବା ଲୋକ

ଫେର୍‌କାସ୍ତେ—କି. ବିଂ. ବଦଳିବାନୁସ୍ତ୍ରୀ

ଫେର୍‌ଲେକ୍—ବିଂ. ବେପାରି

ଫେଗ୍—ବିଂ. ମୁଣ୍ଡର ଗୋଲାଇ ବାଳ, ମୁଣ୍ଡର ଚାରିପାଖର ବାଳ

ଫେଗ୍ଓ—କି. ଫେଗ୍ଇବା, ଫେଗ୍ଇ ଦେବା

ଫେର୍ ବେପାର୍—ବି ବାଣିଜ୍ୟ, ଅଦଳ ବଦଳ କାରବାର

ଫେଗ୍ର—ବିଂ. ଫେଗ୍ର

ଫେରଘାଟ୍—ବି. ଫେରି ଘାଟ

ଫେରିବାଲା—ବି. ଫେରିବାଲା, ବୁଲା ବେପାରୀ

ଫେରେମ୍—ବି. (ଇ) ଫ୍ରେମ frame

ଫ୍ରକ୍—ବି. ଫ୍ରକ୍, ଝିଅଙ୍କ ଅଙ୍ଗା

ଫେଲାଓ୍ — କ୍ରି. ଅନ୍ୟର ସ୍ଥାନ ହରଣ କରିବା, ମଲ୍ଲଦ୍ୱାରା ସଫା କରିବା

ଫେଲ୍ — କ୍ରି. (ଇଂ) ଅସଫଳ ହେବା, ଫେଲ ହେବା, ଅକୃତ କାର୍ଯ୍ୟ ହେବା

ଫେସାଦ୍—ବି. ଫିସାଦ, ଛଳନା

ଫେସାଦୟା—ବିଂ. ପିସାଦିଆ

ଫେସନ୍—ବି. (ଇଂ) ଫେସନ fashion ଶରପାତି

ଫ୍ଲାକ୍ସ—ବି. ଫ୍ଲାକ୍ସ

ଫେଡ଼ ∞ —କ୍ରି. ଖର ବାଢ଼ିବା, ଉଡ଼ରେ କମିଯିବା

**ବ**

ବଅ—ବି. ତନ୍ତ୍ରର ଏକ ଅଂଶ, ବଅ

ବଅଲ୍ ହ୍ୱା.କୁ—ବି. ବାଲିଆ ମାଛ

ବଆ ∞ ମସ୍—ବିଂ. ମେଲ୍ ପାଟିଆ

ବଇଠା—ବି. ବଇଠା, ଘାସ

ବଇନା—ବି. ଅଗ୍ରୀମ ଦେୟ

ବଇଲହ—କ୍ରି. ପଦାକୁ ନେବା, ବାହାରକୁ ନେଇଯିବା

ବଇଲ୍. ଚେଟଣେ—ବି. ବଇଲ୍ ଚଢେଇ (ଏକପ୍ରକାର ଚଢେଇ)

ବଇସ—କ୍ରି. ବସ, ବସିବା

ବକଅ—ବିଂ. ସାନ (ଭାଇ)

ବକଞ୍ଜି—ବି. ସାନ ଭାଇ

ବକବସ୍ଥହା—ବି. ସାନ ଓ ବଡ଼ ଭାଇ

ବଁକ୍, ବଙ୍କ୍—ବି. ଫଳ ଡେମ୍ଫ

ବକ୍ତା—ବି. ବକ୍ତା

ବକ୍ତାଓ୍ୱା—କ୍ରି. ଭାଷଣ ଦେବା

ବକ୍ବକ୍—କ୍ରି. ବିଂ. ବକ୍ ବକ୍

ବକ୍ବକାଓ୍—କ୍ରି. ବକର ବକର କରିବା/ହେବା

ବକ୍ବକଅ—ବିଂ. ସିଧା ଲମ୍ବା

ବକ୍ଲ ∞ —ବି. ଛୁଲ୍କା, ବକଲ

ବକ୍ସା—ବି. ବାକସ

ବକସିସ୍—ବି. ବକସିସ୍, ପୁରସ୍କାର

ବକା—ବିଂ. ମୂର୍ଖ

ବକାଓ—କ୍ରି. ବକିବା

ବକାଓଃ—କ୍ରି. ବକହେବା

ବକା ∞ —ବି. କରଚୁଲି, କାଠ କରଚୁଲି

ବକଞ୍ଜି କଲା—ବି. ମୋ ସାନ ଭାଇ

ବକଞ୍ଜି କୁଲି—ବି. ମୋ ସାନ ଭଉଣୀ

ବକଭ୍ ବକଭ୍—କ୍ରି. ବିଂ. ଅଶ୍ଲୀଳ ଭାଷାରେ ଲଗାତାର ଗାଳି ଫଜିତ କରିବା

ବକବଲଅ—କ୍ରି. ସାନ ଫେଲଅଫି ମିଶିଯିବା, ଅଲ୍ପରେ ଯୋଡ଼ ହେବା

ବକଭଣ୍ଡ—କ୍ରି. ଭଣ୍ଡ କଥା କହିବା, ଅଶ୍ଲୀଳ ଭାଷା କହିବା

ବକୟା—ବି. ବାକି, ଅବଶେଷ ବିଂ. ବଳକା

ବକର୍ ବକର୍—କ୍ରି. ବିଂ. ବକ୍ ବକ୍ କରିବା

ବକଲ୍—କ୍ରି. (ପାଣି) ଗୋଳିୟା (ଆ) କରିବା

ବକଲ୍ ବକଲ୍—କ୍ରି. ବିଂ. ଗୋଳିଆ ଘାଣ୍ଡିଆ ହୋଇଯିବା (ହେବା ପାଣି)

ବଖତ୍—ବି. ସମସ୍ତ ଉପଯୋଗୀ

ବଖତରେ—କ୍ରି. ବିଂ. ସମୟ ବେଳରେ

ବଖରା—ବି. କୋଠରୀ କ୍ରି. ଅଧା ଭାଗ ଦେଇ ଗୃହ କରିବା

ବଗ୍ଦା, ଭୁସା—ବି. ଭୁସା

ବଗବଗ୍—କ୍ରି. ବିଂ. ତୁରନ୍ତ, ହଠାତ୍

ବଗବଗାଓ—କ୍ରି. ଧସି ପଶିବା

ବଂଗା—ବି, ଦେବତା, ଭୂତ, ମାସ, ସ୍କନ୍ଦ

ବଂଗା ଅହଣେ—କ୍ରି. ସ୍ତୁତି, ସ୍ତବ, ପ୍ରାର୍ଥନା

ବଂଗା ସୁଁଭିଭର୍ ଦାରେ—ବି. ଏକ ପ୍ରକାରର ଲତା

ବଂଗା ସୁମୁକ୍—ବି. ଈଶ୍ୱରଜଟା ଗଛ

ବଂଗା ଜାଙ୍ଗାଦ ∞ —ବି. ପାଦୁକା ପାଣି

ବଂଗା ଟାଇନ ଦାରେ—ଏକପ୍ରକାରର ଜଙ୍ଗଲି ଗଛ

ବଂଗା ଟାଇନହାପା—ବି. ଭୂତ ତଡ଼ିବା ଠେଙ୍ଗା (ଏ ଠେଙ୍ଗା ଉପର ମୁଣ୍ଡରେ ଲୁହାର ଟୋପି ଥାଏ) ଦେବତାଙ୍କ ବାଡ଼ି

ବଂଗା ଦାରମ୍—ବି. ଦେବତା ପାଣ୍ଟେଟିବା
ଏହାର କାମ— ଦେବତା ମନୁଷ୍ୟ ଶରୀରରେ ପଶିବ ଓ ଲୋକଟି ଝୁମୁରିବ, ତାକୁ ସୁହନ୍ଦେଶ ପଚରା ହେବ, ହାଣ୍ଡିଆ ରସ ଦିଆ ଯିବ, ବଳିପଡ଼ିବା ଜୀବଙ୍କର ବର୍ଣ୍ଣନା ଶୁଣିବା, ଝୁମୁରିବା ବନ୍ଦ ହୋଇ ଲୋକ ସୁସ୍ଥିର ହେବା ଏହାପରେ ଆସ୍ଥାନରେ ବଳି ଦିଆଯାଇ କାମ ଶେଷ କରାଯାଏ

ବଂଗାବୁରୁ—ବି. ଦେବା ଦେଈ, (ଦେବା ଦେଈ ପାହାଡ଼ରେ ଥାନ୍ତି ଘରେ ଥାନ୍ତି, ଅନ୍ୟଠାରେ ଥାନ୍ତି, ଏ ଶବ୍ଦ ଦ୍ବାରା ସମସ୍ତଙ୍କୁ ଏକତ୍ର ବୁଝାଏ)

ବଂଗା ବେଥା—ବି. ନମୋଛଅ ରୋଗ

ବଂଗା ଭୁଠାନ୍—ବିଂ. ଦେବତା ସଦୃଶ୍ୟ ଶୁଭ୍ର ରୂପ

ବଂଗା ସାର୍ଜମ୍—ବି. ଶାଳ ଗଛ

ବଂଗା ହାତମ୍—ବି. ଏକପ୍ରକାରର ଗଛ, ଆପଣା ପିଉସୀ, ବାପାଙ୍କର ନିଜ ଭଉଣୀ

ବଂଗା ହୁଲ୍—ବି. ହୁନ୍ଦ,

ବଗି—ବି. ଘୋଡାଗାଡି, ରେଲ ଡବା

ବଗେ—ବି. (ଭଦ୍ରସ୍ବରରେ ଉତ୍ତର ଦେବା ପ୍ରଣାଳୀ) ଉତ୍ତମ

ବଗେ ଜୁଦା—ବି. ସମାଚାର, ଖବର, ଭଲମନ୍ଦ ଖବର

ବଗେଡେ—ବିଂ. ଅସଂଖ୍ୟ, ଅଗଣିତ

ବଗଜ୍—କ୍ରି. ଗଳିପଡ଼ିବା, (ପ୍ରହୁଳାରୁ) ଫାଟି ପଡ଼ିବା, ଓଳିଆରୁ ବାହାର କରିବା

ଉ: ବା.ଧ ବଗଜ ଏନା - ଧାନ ଓଳିଆ ଫାଟିଗଲା

ବଗସ୍—ବିଂ. ମୋଟି ମାଇକିନିଆ (ସ୍ତ୍ରୀ)

ବଗର୍ ବଗର୍—କ୍ରି. ବିଂ. ସୁଙ୍ ସାଙ୍, ଗବ୍ ଗବ୍ କରି ଖାଇବା

ଉ: ଦା – ମାଣ୍ଡି ବଗର ବଗର ଜମ୍‌ମେ - ପଖାଳ ଶ୍ବାଲ୍ ସୁଙ୍‌ସାଙ୍ (ଗବ୍ ଗବ୍) ଖାଇଦିଅ

ବଗାଲ୍—କ୍ରି. ବଗାଳିବା, ଅସ୍ବତରେ ରଖିବା

ବଗାଲ୍—ବି. ବଗାଳିଆ

ବଗାଲ୍‌ରେ—କ୍ରି. ବିଂ. ଅସ୍ବତରେ

ବଗଲ୍ ବଗଲ୍—କ୍ରି. ବିଂ. ବକ୍ ବକ୍ କରିବା

ବଗଡା (ଲା)—ବିଂ. ବଗଡା ବଗଡା (ଗୁଡ଼ିଲ) ମୋଟା ଗୁଡ଼ିଲ

ବଂବଂ—ବିଂ.—ମେଲା ପାଟିଆ କ୍ରି. ପାଟି ମେଲା ରଖିବା

ବଂଶ—ବି. ବଂଶ

ବଚ—ବି. ବଚ

ବଜ୍ (ଚ୍)—କ୍ରି. ଝିଙ୍କି ବାହାର କରିବା

ଉ: ବୁସୁବ୍ ବଜ୍ ମେ - କୁଟା ଝିଙ୍କି ବାହାର କର

ବଚନ୍—ବି. ବଚନ, କଥା

ବଚ – ବି. ତଥ୍ୟ, ଦୋଷ, ତ୍ରୁଟି

ବଛର୍—ବି. ପ୍ରତିବର୍ଷ

ବଜ୍—ଝିଙ୍କି ବାହାର କରିବା

ବଜ୍‌ଗାର୍—ବି. ଗର୍ଭାବସ୍ଥା

ବଜ୍‌ଟେ—ବିଂ. ଛିନ୍ନ ହୋଇ ଏକ କଡ଼ିଆ (ହେବା)

ବଜ୍‌ବଜାଓ—କ୍ରି. ପଚ ସଢ଼ିବା

ବଜର୍ ବଜର୍—କ୍ରି. ବିଂ. ବଜ ବଜ କରିବା

ବଜ୍‌ରେ—ବିଂ. ଚିଲ୍ ପିନ୍ଧା ଲୋକ (ଅଣ୍ଟା ତଳକୁ ପିନ୍ଧିବା ପ୍ରକ୍ରିୟା)

ବଜର୍—ବି. ବଜ୍ର

ବଜର୍‌କାପତା—ବି. ବଜ୍ରକପୋତ

ବଝ୍—ବି. ବୋଝ

ବଝାଓ—କ୍ରି. ବୋଝାଇ କରିବା

ବଝାସ୍—କ୍ରି. ବୋଝା କରିବା

ବଝା—ବିଂ. ବୋଝା, ଲଦା

ବଣ୍ଡ୍ ବଣ୍ଡ୍—ବିଂ. ବହୁତ ଲମ୍ବା କ୍ରି. ବହୁତ ଲମ୍ବା ହେବା

ବ. ବଟେ—ବି. ସ୍ବଚ୍ଛ, ବାତ୍ୟବକ୍, କ୍ରି. ବିଂ. ବସୁତଃ

ଉ: ବଟେ ଆମା – ଉଲ୍‌ଦ ସାବେଗେଆ - ବାତ୍ୟବକ୍ ତୁମର କଥା ସତ୍ୟ ଅଟେ

ବଟେ ତେଲ୍—କ୍ରି. ବିଂ. ସ୍ତ୍ରୀ ବା ପୁରୁଷର ଗୁପ୍ତ ଅଙ୍ଗ

ବଟ୍‌କର୍—ବି. ବଟକର

ବଡଜ୍—କ୍ରି. ଚପୁଡ଼ିବା, ଚପୁଡ଼ା

ବଡ୍‌ବଡଅ—ବିଂ. ମାଡ଼ାଳିଆ

ବଡେବାର୍ ହାଁସ୍ଦା ∞ —ବି. ହାଁସଦା ଗୋଷ୍ଠର ଉପଗୋଷ୍ଠ

ବଡ଼ା—ବି. ବଗ୍ଧ (ଛଙ୍କା ବରପିଠା)

ବଡା—ବି. ଚର୍ମ ରୋଗ

ବଢ଼ା ବଣ୍ଡ୍—ବି. ବୁଢ଼ା ସାପ

ବଡ଼ି—ବି. ବଡ଼ି

ବଡସ୍ ବି. ବଡ଼ିସ୍ (ଇଂ) ସ୍ତ୍ରୀ ଲୋକଙ୍କ ଜାମା ବିଶେଷ

ବଡେ—କ୍ରି. ଗୋଳିଆ କରିବା

ବିର୍ଝିଙ୍ଗା—ବି. ବଣଜହ୍ନି

ବର୍‌ତାନ୍ତ—ବି. ଅପବାଦ, ବୃତ୍ତାନ୍ତ, ସମାଚାର

ଉ: ଅନା ବରତାନ୍ତ ଦ ଆଲମ ସା.ଣ୍ଆ ଆ - ସେ ସମାଚାରକୁ ସତ ମଣିବ ନାହିଁ

ବଡୟ୍ୟା—ବିଂ. ଶିଳ୍ପୀ

ବର୍‌ତଲ୍‌ମିଜ୍—ବି. ବଣରାଶି (କଳା ଖରା)

ବର୍‌ତୁଳି—ବି. ବଣ ପୋଷପ

ବର୍ ଦସମ୍—ବି. ଜଙ୍ଗଲ ଦେଶ

ବର୍‌ନାହ୍ୱାଃ—ବିଂ. ଅଜଣା, ପରଦେଶୀ

ବର୍ ନମ—ବି. ବଣ ଜମ

ବର୍ ପାକାଲ୍—ବି. ବଣ ଜଙ୍ଗଲ, ସ୍ଥାନ ହେବା

ଉ: ବର୍ ପାକାଲତେ ହଲକ ଚାଲ୍ଲଓ ଏନା - ଲୋକମାନେ ବଣ ଜଙ୍ଗଲକୁ ଚାଲିଗଲେ

ବର୍ ପିରଡ୍—ବି. ବଣ ପେଚା

ବର୍ ପୁଷି—ବି. ବଣ ବିଲେଇ

ବର୍ ପସାସ୍ତନ—ବି. ବଣ କୁମୁଦନୀ

ବର୍ ଫାଡର ** —ବି. ଘନ ଜଙ୍ଗଲ

ବର୍ ବନ୍‌ଡା—ବି. ଦୈତ୍ୟ ମାନବ

ବର ବାଟ୍‌କମ୍—ବି. ବଣ ଦବାଇ ଘାସ

ବର୍ ମାନ୍ଦାର୍‌ଗମ—ବି. ବଣ ଅଦା

ବର୍ ମା.ଣ୍ଡର୍—ବି. ବଣ ମରିଚ

ବର୍‌ମାଲ୍‌ହ୍ୱାକ୍—ବି. ବଣ ଶିମ୍ବ

ବର୍ ମୁଁଗ—ବି. ବଣ ମୁଗ

ବର୍ ମୁକ—ବି. ବଣ ମୂଳା

ବର୍‌ମେରମ୍—ବି. କୁହୁଁଡ଼ି

ବର୍‌ସହେଲ୍—ବି. ବଣ ହରଡ

ବର୍‌ଲବର୍‌ଲ—କ୍ରି. ବିଂ. (ଆଖି ଡୋଳା ମେଲାଇ) ଦେଖିବା ପ୍ରକ୍ରିୟା, ଏଣେ ତେଣେ ଦେଖିବା ପ୍ରକ୍ରିୟା

ବରଲ୍ଁ ବରଲ୍ଁ—ବିଂ. ହଡବଡାଇ ଯିବା, ଡରିଯିବା

ବର୍‌ଲାଲ୍—ବି. ବଣ ନାଲ

ବର୍ ସାଅଁ ସାକ୍—ବି. ସାଓଁ ସାକ୍ ଏ ଗଛ ଔଷଧରେ ବ୍ୟବହାର କରାଯାଏ

ବର୍‌ସାଂ—ବି. ବଣ ଆଳୁ

ବରସା.ରୁ—ବି. ବଣ ସାରୁ

ବର୍ ସାମା—ବି. ବଣ ହଳଦୀ

ବର୍‌ମାହ୍ୱା—ବି. ପେଟକଟା ଝାଡ଼ା ରୋଗ

ଉ: ହଲଖନ୍ ବର୍‌ମାହ୍ୱା ରପ୍ ଆକା ଦେସ୍ତ - ଗତ କାଲିଠାରୁ ତାକୁ ପେଟକଟା ଝାଡ଼ା ରୋଗ ଧରିଛି

ବର୍‌ସିନ୍‌ଦ୍‌ଜ୍—ବି. ବଣ ମଣିଷ

ବର୍‌ସିମ୍—ବି. ବଣ କୁକୁଡ଼ା

ବର୍‌ସିରମ୍—ବି. ଏକ ପ୍ରକାର ଜଙ୍ଗଲୀ ଘାସ ଏଥିରୁ ଝାଡୁ ତିଆରି କରାଯାଏ

ବର୍ ସୁକୁର—ବି. ବଣ ଘୁଷୁରି (ବରାହ)

ବର୍ ସୁର୍‌ଗୁଜା—ବି. ବଣ ସୁରୁଗୁଜା

ବର୍ ସୁରଜ୍‌ମୁଖୀ—ବି. ବଣ ସୂର୍ଯ୍ୟମୁଖୀ

ବର୍ ସେରେଞ୍ଜ୍—ବି. ଜଙ୍ଗଲର ଗୀତ ଏହାକୁ ବର୍ଷରେ ଥରେ ଜଙ୍ଗଲରେ ଗାଇଥାନ୍ତି (ଅଶ୍ଳୀଳ ଗୀତ)

ବର୍ ହଂଗଦ୍—ବି. ଏକ ପ୍ରକାରର ବଣ ଗଦ ଯାହା ଔଷଧରେ ବ୍ୟବହାର କରାଯାଏ

ବର୍‌ହଲ୍—ବି. ବଣରେ ରହୁଥିବା ମଣିଷ

ବର୍ ହଲେର୍—ବି. ବଣ କୋଳଥ

ବରାକ୍—କ୍ରି. ଡରାଇବା

ବର୍‌ନାଃ—ବିଂ. ଅଜଣା, ବଦେଶୀ, ଅଚହ୍ନା

ଉ: ମିଦ୍‌ଟାଃ ବର୍‌ନାଃ ହଲ୍‌ଏ ହେଜ୍ ଲେନା - ଆଜ ଜଣେ ଅଚହ୍ନା ଲୋକ ଆସିଥିଲା

ବରାନ୍‌ପାଟ୍—କ୍ରି. ବିଂ. କିଂକର୍ତ୍ତବ୍ୟ ବିମୂଢ଼

ବରାଲ୍—ବି. ବରାଡ

ବର୍‌ଆମ୍—ବି. ବରାମ୍

ବରଦ୍—ବି. ବିରୋଧ କ୍ରି. ବିରୋଧ କରିବା

ଉ: ଇଞ୍ଜ୍ ଆମାଃ କାଥା ଦ ବରଦ ଏଦାଞ୍ଜ୍ - ମୁଁ ତୁମ କଥାକୁ ବିରୋଧ କରୁଅଛି

ବର୍‌କତ୍‌ଅ—କ୍ରି. ବିରକ୍ତ ହେବା

ବିରୁ (ରୁ) ଟ—ବିଂ. କଠୋର, ନିଷ୍ଠୁର

ବିରୁଦ—ବି. ମତଭେଦ

ଉ: ବିରୁଦ୍ ଇସ୍ତାଟେକ ଲଡ଼ାଇ ଏଦା - ମତଭେଦ ହେତୁ ସେମାନେ ଲଡ଼ାଇ କରୁଛନ୍ତି

ବିଲ୍—କ୍ରି. ପକାଇବା, ରଖିବା, ପ୍ରସାରିତ କରିବା

ଉ: ପାର୍କମ୍ ବିଲ୍ ମେ - ଜାଲ ପକାଇ ଦିଅ

ପା.ଟିପ୍ପା. ବିଲ୍ଆକାଦ୍ଆ - ପକ୍ଷିଆ ବିସ୍ତାର କରି ରଖିଛି

ବିଲ୍ଆକାନ୍ ଜାଥା ଦ ଅନ୍ନବ ସାମ୍ଟାର୍ଓ ଲେସ୍ସା -

ପ୍ରସାରିତ ବିଷୟକୁ ଆମେ ଏକାଠ କରି ପାରିବା ନାହିଁ

ବିଲ୍ଜାଲମ୍—ପକା ଯାଇଥିବା ଜାଲ

ବିଲ୍ଡତ୍—କ୍ରି. ହରାଇ ଦେବା, ଡରିବା

ବିଲ୍ଲଉପ୍—(ବ୍)—ବି. ପାଚିଲି ବାଳ

ବିଲ୍ବିଲ୍ଓ୍—କ୍ରି. ଉତ୍ସାହ ଦେଖାଇବା, କନ୍ଦ କନ୍ଦ ଭଷ୍ଟୁ ଦେଖାଇବା

ବିଲ୍ଦ୍ବାଲ୍ଂ—କ୍ରି. ଝଲମଲ ହେବା, ଝଲ୍ସିବା, ଦେଖାଇ ହେବା ପାଇଁ ଟିବା ଆସିବା ପ୍ରକ୍ରିୟା

ଉ: କଲା କୁଲ ବିଲ୍ଦ୍ ବାଲ୍ଂ ରେଲ ଡାହେଁଏନା - ଶୋକ ଓ ଶୋଭା ଦେଖାଇ ହେବାପାଇଁ ଟହଲ ମାରୁଛନ୍ତି

ବିଲମ୍—କ୍ରି. ବିଲମ୍ବ କରିବା, ବି. ବିଲମ୍ବ

ବିଲନ୍ତୁ—ବି. ଦୂର ଦୁର୍ଗମ ସ୍ଥାନ, ବିଳନ୍ତ

ବିଲଢ—ବିଂ. ବିଲକ୍ଷଣ

ବିଲ୍ଲୁ ବେଙ୍ଗାଲ୍—ବି. ବିଲ୍ଲଢ ବାଇଗଣ

ବିଲ୍ଲନ୍—ବି. ଖୋଲି ପଡ଼ିଆ, ବିସ୍ତୀର୍ଣ୍ଣ ଥିବା

ବିଲ୍ଲଃ—କ୍ରି. ପଚିବା, ପାଚିବା

କ ବିଲ୍ଲଃଜାନା - ଫଳ ପାଚୁଅଛି

ଘାଓ ବିଲ୍ଲଃ ଜାନା - ଘାଆ ପଚୁଅଛି

ବିଃଲ୍ଲ—କ୍ରି. ଅଣ୍ଡାଦେବା

ବିଲ—ବି. ଅଣ୍ଡକୋଷ, ଅଣ୍ଡା

ବିଲ୍ଲୁ ବିଲଦ୍—କ୍ରି. ବିଂ. ବିଜୁଳିର ଚମକ

କ୍ରି. ଆଖି ଝଲସା ଆଲୋକ

ବିଲ୍ସା ବିଲଦ୍—ବି. ହତ୍ୟା, ନରସଂହାର

ବିଲସ୍ ବିଲ୍ଥ—କ୍ରି. ବିଂ. ଝଲ୍ସାଇବା

ବିଲମ୍—କ୍ରି. ବିଲମ୍ବ କରିବା

ବିଲମ୍ ବିଲମ୍—କ୍ରି. ବିଂ. ବିଲମ୍ବ କରି କରି

ବିଲୁପ୍—କ୍ରି. ବିଲୋପ କରିବା

ବିସ୍—ବି. ବିଷ

ବିସ୍ପିତାହ୍ବା—ବି. ଚଡ଼ଚଡ଼ା, ଅଧିକ ପିତାଳିଆ, ସ୍ୱାଦୁ

ବିସ୍ବାଖାନ—ବି. ଗାଲିଗୁଲଜ୍

ବିସା—ବି. କାଠଖର, କୋଡ଼ିଏ ସେରର ଗୌଣି

ବିସାନ୍—କ୍ରି. ବିଖାଣ, ବିଷ ଚଢ଼ିବା

ବିସଚସୁଟୁଜ୍—କ୍ରି. ବିଂ. ଚକିତ ଦେଖି, ସତର୍କତା ପୂର୍ବକ

ବିସାସ୍—ବି. ବିଶ୍ୱାସ

ବିସି—ବିଂ. ମେରୁ, ବଳବାନ

ବିସିଜାଂ—ବି. ମେରୁ ହାଡ

ବିସସ୍ଥ—ବି. ବିଷୟ, ସମ୍ପତ୍ତି

ବିସେସ୍—ବି. ବିଶେଷ

ବିସୁଃ-ବିସୁଃ—କ୍ରି. ବିଂ. ଢିଲା ଢିଲ ହୋଇଥିବା

ବିସଜ୍ ବିସଜ୍—କ୍ରି. ବିଂ. ହୁଗୁଳା ହୁଗୁଳା ହେବା

ବିସ୍ମର୍—କ୍ରି. ଭୁଲିଯିବା, ବିସ୍ମରଣ ହେବା

ବିହର—କ୍ରି. ଘୁନ୍ଦା ଉଠାଇବା

ବିହାଲ୍—ବିବାହିତା, ବିହାଣ

ବିହାଁଣ—ବି. ଜନ୍ମ (ଜନ୍ମ କରିବା ସଂଖ୍ୟା ବେଳେ ଏ ଶବ୍ଦ ବ୍ୟବହୃତ ହୁଏ)

ବିହାଁଣ୍—କ୍ରି. ଜନ୍ମଦେବା

ବିହନ୍—ବି. ବିହନ

ବିହାର—ବି. ବିହାର (ପ୍ରଦେଶ)

ବିହୁଭ୍—ବି. ନାଚ, କୁସୁମ

ବିହୁର୍—କ୍ରି. ଘୁରିବା, ଚକ୍କର କାଟିବା

ଉ: ତେଡା ଏମ୍ ଆଚୁର ବିହୁରଃ ଜାନା - ଛାହିଁକ ନମେ ଚକ୍କର ମାରୁଛ

ବେହେଦ୍ ବେହେଦ୍—କ୍ରି. ବିଂ. ଗୋରୁ ଅବା ବଳଦର
ସ୍ନେହର ହମ୍ବାରଡ଼ ପ୍ରକ୍ରିୟା

ବଉ (ଲ୍) ଙ୍କା—କ୍ରି. ଅଗ୍ନକୁ ଜଗ୍ଉଇବା

ବଣ୍ଡୁଡ୍ବାହା—ବି. ବଣ୍ଡୁଫୁଲ, ଏହା ଏକ ପ୍ରକାରର ଫୁଲ ଏହା ଔଷଧରେ ଲାଗେ (ଏହା ସାନ୍ତାଳ ଗୀତରେ ସ୍ଥାନ ପାଇଛି)

ବଣ୍ଡୁଳ—କ୍ରି. ମସ୍ତିଷ୍କର ବଳ କମାଇବା

ବଲସ୍ଂ ବଲସ୍ଂ—କ୍ରି. ବିଂ. ଅଙ୍କାବଙ୍କା ଚାଲି

ବଡା.ଭ—କ୍ରି. ପରୀକ୍ଷା କରିବା, ବଛିବା ବି. ପରୀକ୍ଷା

ବଲ—କ୍ରି. ବେଟୀ ପିନ୍ଧାଇବା ବି. ବେଟୀ

ବଗା ବଗି—ବିଂ. ବେଗାବେଗି ଯିବା, ବେଳ ଥାଉଣୁ ଯିବା

ବଧନ୍—ବିଂ. ଧନ ଶୂନ୍ୟ, ଧନ ହୀନ, ନିର୍ଦ୍ଧନ

ବେଲାବଲ—କ୍ରି. ବିଂ. ବେଳ ଥାଉଁ ଥାଉଁ

ବହା—ବି. ବିବାହ

ବହାଦାନ—କ୍ରି. ବିବାହ କରିବା, କନ୍ୟାଦାନ

ବହାସ୍ —ବି. ସମଧି-ସମଧି ପରସ୍ପରକୁ ସମ୍ବୋଧନ କରିବା ଶବ୍ଦ

ବୁଅଙ୍ଗ୍—ବି. ସାନ୍ତାଳ ଏକ ପ୍ରକାର ବାଜା "ବୁଆଙ୍ଗ୍"
ଲମ୍ବା ଫମ୍ପା ଲାଉ ତୁମ୍ବାର ପଛପଟେ ଏକ ବାଉଁଶରେ ବାନ୍ଧି
ବାଉଁଶର ଦୁଇ ଭାଗରେ ଖୁଣ୍ଟି କରି ତନ୍ତିରେ ଦଉଡି ବାନ୍ଧି
ତାଣ୍ଡି ପରି ଦଉଡ଼ିକୁ ଟାଣି ଗୁଞ୍ଜନ, ଏଥିରୁ ଙ୍ଗ୍ଂ ଙ୍ଗ୍ଂ ଶବ୍ଦ
ବାହାରେ

ବୁଆ—ବି. ଶ୍ରେଷ୍ଠ ଧାନ, ଭଲ ଗଛ

ବୁଇ—ଅ. ଝିଅକୁ ଡାକିବା ଶବ୍ଦ

ବୁଆଙ୍ଗ୍ଗୁରୁ—ବି. ତାନ୍ତ୍ରିକ

ବୁଆଙ୍ଗ୍ ସ୍.ଲ୍—ବି. ବୁଆଙ୍ଗ୍ ବାଜାର ଧ୍ୱନି ବା ଶବ୍ଦ

ବୁଆଙ୍ଗ ସେରେଞ୍ଜ୍—ବି. ବୁଆଙ୍ଗ୍ ଗୀତ

ବୁଇଲ—ବିଂ. ଲମ୍ବୀ, ଟେଙ୍ଗି

ବୁଇହିଁଲ—ବି. ଆଗୁଆ, ନେତା

ବୁକ୍ଚ୍—ବି. ବୋଝ, ବନ୍ଧା ହୋଇଥିବା ବୋଝ

ବୁକ୍ଚଉ—କ୍ରି. ବୋଝ ତିଆରି କରିବା

ବୁକ୍—ବି. ସାହସ

ବୁକ୍ଲୁ—କ୍ରି. କୁଲ୍‌କୁରୁ ଲାଗିବା

ବୁକ୍ଲୁଃ—କ୍ରି. କମ ହେବା, ଖସିବା

ବୁକା—ବି. ନାଭି

ବୁକା.ଗୁଡ୍—କ୍ରି. ନାଭି କାଟିବା

ବୁକାତପା—କ୍ରି. ନାଭି ପୋତିବା

ବୁକା.ବୁଢ଼ୀ—ବି. ଧାଈ, ପିଲା ଜନ୍ମ ସମୟରେ ଯେଉଁ ସ୍ତ୍ରୀ
କାର୍ଯ୍ୟ କରେ

ବୁକା.ଲଲ—ବି. ଶୋଳନ

ବୁକା.ସବଃ ଶଞ୍ଜ୍—ବି. ଲାଉଡଙ୍କ ସାପ

ବୁକୁ—ବି. ଗୁଣ୍ଡ

ବୁକୁଜ୍ ବୁକୁଜ୍—କ୍ରି. ବିଂ. ପେଟକୁ ହିଁଚା ନସ୍ତ ହଲାଇବା

ବୁକୁଡ୍ ବୁକୁଡ୍—କ୍ରି. ହଲ୍ ଚଲ୍ ହେବା

ଉ: ତଜୁ ବୁକୁଡ୍ ବୁକୁଡ୍କ ଟୁଡାଂ କାନା - ଯାଟ ଗୁଡାକ ହଲି
ହଲି ବୁଲୁଛନ୍ତି

ବୁକୁଡ୍ (ଲ)—କ୍ରି. ବିଂ. ବୁଦ୍‌ବୁଦ୍

ଉ: ଦା – ବୁକୁଡ୍ ବୁକୁଡ୍ ସେତେଞ୍ଜ୍ ଅ – କାନା - ପାଣି ବୁଦ୍
ବୁଦ୍ ହୋଇ ବଢୁଅଛି

ବୁଗି—ବି. ଉତ୍ତମ, ଭଲ

ବୁଗିୟାଃ—ବିଂ. ଉତ୍ତମ ହୋଇଥିବା

ବୁଗୁଲି—ବି. ଥଳୀ

ବୁଗିସ୍—ବି. ବଗିସ୍

ବୁଗିତାସ୍—ବି. ବହୁତ ପରିମାଣ
କ୍ରି. ବିଂ. ବହୁତ ପରିମାଣରେ

ବୁଗୁର୍ ବୁଗୁର୍—ବି. ଦଲ୍ ଦଲ୍, ପଙ୍କୁଆ

ବୁଗୁଲିୟା—ବିଂ. ବଗୁଲିଆ

ବୁଚ୍.ବୁଚୁ—ବି. ଗାଈଗୋରୁ, ମୁନିଆ, ଗୁଜିଆ

ବୁଚଂବୁଚ୍—କ୍ରି. ବିଂ. ଷଷ୍ଠତା ସହକାରେ

ବୁଚ୍କୁନ୍ ଦାରେ—ବି. ମୁଚକୁନ୍ଦ ଗଛ

ବୁଚୁ.—ବିଂ. ଖଣ୍ଡି ଶିଙ୍ଗା, ଖଣ୍ଡିଆ ଶିଙ୍ଗଥିବା

ବୁଚୀ—ବି. ଖଣ୍ଡି ଶିଙ୍ଗା (ଗାଈ)

ବୁତୁର୍—ବି. ପ୍ରତିବର୍ଷ

ବୁଜ୍—କ୍ରି. ବୁଝିବା

ବୁଜ୍‌ବୁଜଲ୍—କ୍ରି. ଧ୍ୟାନ ଦେବା, ଶୁଣିବା

ବୁଜ୍‌ବୁଝାଡ଼୍—କ୍ରି. ବୁଝିପାରିବା

ବୁଜ୍‌ବାଆର୍—କ୍ରି. ବିଂ. ବୁଝିପାରିବାର ବାହାରେ

ବୁଜୁଗ୍—ବିଂ. (ଅଣ୍ଡା ଭଳକୁ) ଢିଲ୍ଲ ପିନ୍ଧା ଅବସ୍ଥା

ବୁଜ୍‌ସୁଜ୍—ବି. ବୁଝିବାଗୁଣ

ବୁଜୁଃ ବୁଜୁଃ—ବି. ସାଲ୍‌ବାଲ୍, ବହୁତ ଖୁଡ ଅବସ୍ଥା

ଉ: ବୁଜୁଃ ବୁଜୁଃ ହ୍ୱା.ହୁକ ଉମଜା.ଉ ଆକାନା

ସାଲ୍‌ବାଲ୍ ହୋଇ ମାଛ ଗୁଡ଼ାକ ଗଦା ହୋଇ ବାହାରିଛନ୍ତି

ବୁଜୁର୍—କ୍ରି. ଗଳିକରି ପଡ଼ିବା

ଉ: ଥାଇଲାଃ ଟନ୍ ସୁଓଲେ ବୁଜୁର୍ ଏନା - ଥଳିରୁ ସୁହୁଳ

ଗଳିପଡ଼ିଲା

ବୁଜୁର୍ ବୁଜୁର୍—କ୍ରି. ବିଂ. ଗଳିକରି ପଡ଼ିପଡ଼ି ଯିବା ପ୍ରକ୍ରିୟା

ବୁଜା.ଉ—କ୍ରି. ଲୁଚାଇ ଦେବା, ବନ୍ଦ କରିବା

ବୁଝ୍‌ଅ—ବି. ବୋଝ

ବୁଝା.ଉ—କ୍ରି. ବୁଝିବା, ବୁଝାଇବା

ବୁଝାବୁଝି—କ୍ରି. ବିଂ. ପଚରା ପଚରି, ପଚରା ଉଚୁରା, ସଲା ସୁତୁର

ବୁଝି—କ୍ରି. ବୋଝ ପୂରା ହେବା, ବୁଝିକରି ଦେବା

ବୁଝାନ୍‌ଦାରୁ—ବିଂ. ବୁଦ୍ଧିଆ, ସମଜ୍‌ଦାର

ବୁଟ୍—ବି. ବୋଟ, ନୌକା

ବୁଟ୍‌ଅ—ବି. ବୁଟ ଚଣା

ବୁଟ୍‌କା.—ବି. ବଟିକା

ବୁଟ୍‌ଗ—ବିଂ. ବଇନା

ବୁଟା.—ବି. ମୂଳ, ମୋଟାମୋଟି

ଦାରେ ବୁଟା—ଗଛମୂଳ

ବୁଟା କାଥା—ମୂଳ ବିଷୟ, ମୋଟା ମୋଟି କଥା

ବୁଟା.ବୁଟି—ବିଂ. ନିର୍ଦ୍ଦିଷ୍ଟ, ସ୍ପଷ୍ଟ

ବୁଟି—ବି. ନାଡ, ଡେମ୍ଫ

ବୁଟୁକ୍ ବୁଟୁକ୍—କ୍ରି. ବିଂ. ଟଣ୍‌ଟଣିଆ ବ୍ୟଥା

ବୁଟୁଞ୍ଜ୍ ବୁଟୁଞ୍ଜ୍—କ୍ରି. ବିଂ. ଟଣ୍‌ଟଣିଆ ବେଦନା

ଉ: ବହୁଃ ବୁଟୁଞ୍ଜ୍ ବୁଟୁଞ୍ଜ୍ ହ୍ୱାସୁଞ୍ଜକାନା - ମୋ ମୁଣ୍ଡରେ

ଟଣଟଣିଆ ବେଦନା ହେଉଛି

ବୁଟୁଲ୍—ବି. ଚୁନ ଦୋକ୍ତା ରଖିବା ଗ୍ଲେଟ ଡବା

ବୁଡଃ—କ୍ରି. ବୁଡ଼ିବା

ବୁଡା.ଉ—କ୍ରି. ନଷ୍ଟ କରିବା, ଧ୍ୱଂସ କରିବା

ବୁଡା.ଜାହାଜ—ବି. ବୁଡ଼ା ଜାହାଜ

ବୁଡ୍‌ଗୁଃ—ବିଂ. ଅକସ୍ମାତ ବାହାରିବା, ଉଚ୍ଛୁଳି ପଡ଼ିବା

ବୁଡ୍‌ବୁକ୍—କ୍ରି. କୁଲ୍‌କୁଚ କରିବା, ପାଟିରେ ପାଣି ପୁରାଇ ପୁଣି

ବାହାର କରିଦେବା

ବୁଡୁକ୍ ବୁଡୁକ୍—କ୍ରି. ବିଂ. ବୁଦ୍‌ବୁଦ୍ ହେବା

କ୍ରି. ବୁଡ଼ିବା ଓ ଉଠିବା ପ୍ରକ୍ରିୟା

ବୁଢ଼ା—ବି. ବୁଢ଼ାବାପା, ବାପାଙ୍କ ବାପା

ବୁଡା ~—କ୍ରି. ଉପର ଜମି ଗ୍ରୁଲ ହେବା

ବୁଢ଼ହ—ବି. ବୁଢ଼ୀ ମା, ବାପାଙ୍କ ମାଆ

ବୁଢ଼ହଆସ୍ତ—ବି. ବୁଢ଼ୀ ମାଆ

ବୁଢ଼ହ—ବି. ବୁଢ଼ୀ ସ୍ତ୍ରୀ

ବୁଢ଼ା—ବି. ବୁଢ଼ା

ବୁଢ଼ାକା.ଟୁକ୍—ବି. ବୁଢ଼ା ଆଙ୍ଗୁଠି

ବୁଢ଼ି—ବି. ବୁଢ଼ୀ

ବୁଢ଼ିକାକ.ଡା—ବି. ଏକପ୍ରକାରର ଏଣ୍ଡୁଅ

ବୁଢ଼ି କାସ୍‌କମ୍—ବି. ଏକ ପ୍ରକାରର କପା ଗଛ

ବୁଢ଼ି କୁମ୍ବା—ବି. ଶ୍ରେଷ୍ଠ ଝୁମ୍ପୁଡ଼ି

ମକର ପର୍ବରେ ଏହିପ୍ରକାର ଝୁମ୍ପୁଡ଼ି ତିଆରି କରାଯାଏ

ଏହାକୁ ମକର ଦିନ ବଡ଼ି ଭୋରରେ ଗାଧୋଇ ସାରି ନିଆଁରେ

ଜଳାଇ ଦିଆଯାଏ

ବୁଢ଼ିଗା.ସିକ୍—ବି. ଏକ ପ୍ରକାରର ଲତା

ବୁଢ଼ିଦାତ୍ରମ୍—ବି. ଅପାମାରଙ୍ଗ, ଏକପ୍ରକାରର ଔଷଧି ଗଛ

ବୁଢ଼ିନାଁ.କଲ୍—ବି. ଏକ ପ୍ରକାର ଲତାଗଛ

ବୁଢ଼ିପାଉକମ୍ ଇପିଲ୍—ବି. ସପ୍ତର୍ଷି ତାରା

ବୁଢି ବୁଇମୂଲ୍—ବି. ବୁଢ଼ି ଜାଗୁଆ ମାଛ
ବୁଢି ଉଟେ—ବି. ଏକ ପ୍ରକାରର ବେଙ୍ଗ
ବୁଢି ସସ୍‌ରକ୍—ବି. ଏକ ପ୍ରକାରର ବଡ଼ ଝିଣ୍ଟିକା
ବୁଣା.ଉ—କ୍ରି. ବୁଣିବା
ବୁଣି—ବି. ବଣି
ବୁଣନ୍ଦୁ—ବି. ବୁଣଜୁ ଗଛ ବିଶେଷ
ବୁଣ୍ଡୁ—ବି. ଓଲୁଅ
ବୁଣ୍ଡୁର୍—କ୍ରି. ଛାଲ ଛଡ଼ିବା
ଉ: ଉନଦା.ଲ ଏନ୍‌ଡଞ୍ଜ ଚହିଣାଃ ଡଙ୍ଗ୍ ବୁଣ୍ଡୁର୍ ଏବା -
ପଡ଼ିଯିବାରୁ ମୋର ଆଣ୍ଠୁରୁ ଚମ ଛଡ଼ିଗଲା
ବୁଡା.ମ୍—ବି. ବୋଡାମ
ବୁଡାଲ୍—ବି. ଶକ୍ତି, ଅଧିକାର
ବୁଢ—ବି. ବଣ୍ଟା
ବୁତୁଲ୍—ବି. ବୋତଲ
ବୁଦ୍—ବି. ବୁଧ
ବୁଦ୍‌ବାର୍—ବି. ବୁଧବାର
ବୁଦା.—ବି. ବୋଦା, ଶ୍ରେଷ୍ଠ ଝୁମ୍ପୁଡ଼ି ଗଛ
ବୁଦ୍‌ଧି—ବି. ବୁଦ୍ଧି, ବୁଝିବା ଶକ୍ତି
ବୁଧିଆ—ବିଂ. ବୁଦ୍ଧିବାନ
ବୁଦ୍‌ଗାଶ—ବି. ବୁଦ୍ଧିମାନ
ବୁଦ୍‌ଆ.କଲ୍—ବି. ବିଦ୍ୟା, ବୁଦ୍ଧି
ବୁନଦା.—ବି. ଦକ୍ଷିଣା (ଗୁରୁମନ୍ତ୍ର ଶେଷରେ ଦେବା ଦକ୍ଷିଣା)
ବୁନ୍ଦ—କ୍ରି. ସିନ୍ଦୁର୍, ବିବାହ କରିବା
ବୁନ୍ସ୍ବା.ଦ୍—ବି. ମୂଲଦୁଆ
ବୁନସ୍ବାଦ—ବିଂ. ବୁନସ୍ବାଦ
ବୁନୁମ୍—ବି. ଉଇହୁଙ୍କା
ବୁନୁମ୍ ବାଗ୍ଡିକ୍—ବି. ହୁଙ୍କା ବରୁଡ଼ି
ବୁପୁଷ୍ଟା.କ୍—କ୍ରି. ପରସ୍ପରକୁ ବୁଝିବା
ବୁବା—ବିଂ. ବୋବା
ବୁବୁଲ୍‌ଆ—ବି. ଜଣା ଜଣାଅ

ବୁମା—ବି. ବୋମା
ବୁମ୍ଭୁଃ—ବି. ହାତରେ ଥିବା ବଳ
ବୁମ୍ବୁଜ ହାକୁ—ବି. ଏକ ପ୍ରକାରର ଭୁଣ୍ଡିମାଛ
ବୁମ୍ବୁଦ୍ (ଉ)—କ୍ରି. ଭେଦ ପହଞ୍ଚିବା (ଜାଣିବା)
ବୁମ୍ବୁଭ୍ ବୁମ୍ବୁଭ୍—କ୍ରି. ବିଂ. ଅନୁଗୃହୀତ ଭାବ, କଥାରେ ଉଲସିବା
ବୁର୍କ ଭୁଲୁ—ବି. ଗୋବର ଉଇ
ବୁର୍‌ବୁଡ୍‌ବୁଲ୍—ବି. କେଣ୍ଟୁଆ ଉଠା ମାଟି
କ୍ରି. ବିଂ. ଉଗାରଥିବା (ମାଟି, ପାଣି)
ବୁର୍‌ବୁଦ୍‌ଲୁ—କ୍ରି. ବିଂ. ଏକାଠି ପ୍ରଚୁର (ଜନତା ଉତ୍ପତ୍ତି ହେବା)
ଉ: ମିଦ୍‌ଠେନ୍ ଉଦ ବୁର୍‌ବୁଦଲୁ ଅମନ ଆକାନା -
ଏକାଠି ବହୁଳ (ପ୍ରଚୁର) ଛତୁ ଫୁଟିଅଛି
ବୁର୍ଷି (ସେ)—ବି. ଉହ୍ନେଇ
ବୁର୍ଷି ସେଙ୍ଗେଲ—ବି. ଉହ୍ନେଇ ଜାଆଁ
ବୁର୍ସାଲ୍—ବିଂ. ହୃଷ୍ଟପୁଷ୍ଟ ପରିବର୍ଦ୍ଧିତ
ବୁର୍ଗଂ—ବି. ବସ୍ତା, ଅଖା
ବୁର୍ଷ—ବିଂ. ଖରାପ, ଦୁଷ୍ଟ
ବୁରୁ—ବି. ପାହାଡ଼, ପର୍ବତ, ଆମ୍ବା ପାହାଡ଼ର ଦେବତା
ବୁରୁଆମ୍ବାପ୍ତ୍‌ତାର୍ ବିଞ୍ଜ୍—ବି. ପାହାଡ଼ି ଚନ୍ଦ ସାପ
ବୁରୁଡହା.ବୁଡ଼୍—କ୍ରି. ଗଳାରେ ଘା ହେବା, କଣ୍ଠ ସ୍ବର କ୍ଷୀଣ ହେବା
ବୁରୁ ବୁରୁ—କ୍ରି. ବିଂ. ପର୍ବତ ପ୍ରମାଣ କରି ଦେବା
ବୁରୁମ୍—କ୍ରି. ବସିବା (ପଶୁ, ପକ୍ଷୀ)
ଉ: ଏଙ୍ଗାସିମ୍ ଏ ବୁରୁମ୍ ଆକାନା - କୁକୁଡ଼ା ବସିଛି
ସେତା ଏ ବୁରୁମ୍ ଆକାନା - କୁକୁର ବସିଅଛି (ଶୋଇଛି)
ବୁରୁକା.ସି—ବି. ପାହାଡ଼ି କାଯତଣ୍ଡି
ବୁରୁକା.ନ୍ତୁ—ବି. ପାହାଡ଼ିଆ
ବୁରୁ କାଣ୍ଟାକମ୍—ବି. ପାହାଡ଼ି କଙ୍କଡ଼ା
ବୁରୁ ଲୁନାମି—ବି. ପୂର୍ଣ୍ଣିମାର ପୂର୍ବ ଦିନ/ସନ୍ଧ୍ୟା
ବୁରୁଚନ୍ଦବିଞ୍ଜ୍—ବି. ପାହାଡ଼ି ଚନ୍ଦ ସାପ
ବୁରୁତାଲ୍ଲ ଅଟେତଡ୍—ବି. ତରାଇ, ଉପତ୍ୟକା ଭୂମି, ଘାଟିସ୍ଥଳ

ବୁରୁଗୁକାର୍ଣ୍ଣା ଦାରେ—ବି. ପାହାଡ଼ି ଗୁଲୁଣ୍ଡା ଗଛ
ବୁରୁକଗୁ—ବି. ଦୁଇ ପାହାଡ଼ର ସନ୍ଧି ସ୍ଥଳ
ବୁରୁ ମରେଣ—ବି. ପାଞ୍ଚ ଦେବତା (ସାନ୍ତାଳ ଲୋକ ପାହାଡ଼ର ପାଞ୍ଚ ଦେବତାଙ୍କୁ ମାନ୍ୟତା ଦିଏ)
ବୁରୁସୁହେଲ୍—ବି. ପାହାଡ଼ି ହରଡ଼
ବୁରୁ ହର୍‌ଅ—ବି. ପାହାଡ଼ି କର୍ଚ୍ଚିମ
ବୁଲ୍‌ହୁ—ବି. ଦରିଦ୍ର ପେଣ୍ଡା
ବୁଲ୍—ବିଂ. ମାତାଲ୍
ବୁଲୁଃ—କ୍ରି. ମାତାଲ୍ ହେବା
ବୁଲ୍‌ଲୁ—ବି. ଜଙ୍ଘ
ବୁଲଓ୍ୱ—କ୍ରି. ବୁଲାଇବା
ବୁଲନ—ବିଂ. ବୁଲାଣିଆ, ଫୁସୁଲାଇବା
ବୁଲ୍‌ଦାନ୍—କ୍ରି. ବଳିଦାନ ଦେବା ବି. ବଳିଦାନ
ବୁଲୁଂ—ବି. ଲୁଣ
ବୁସ୍‌କା.—ବି. (ଧାନରେ ଲାଗିବା) ପୋକ
ବୁସା.ଲ୍—କ୍ରି. ଜନ୍ମିବା, ଉତ୍ପନ୍ନ ହେବା
ବୁସା ୦୦—ବି. କୁକୁଡ଼ା ଛୁଆ
ବୁସି—ବି. ଭୁଷି
ବୁସୁବ୍—ବି. ଲୁଚା, ନଡ଼ା
ବୁସୁକ୍—କ୍ରି. ଉସୁକାଇବା
ବୁସ୍ ବୁସ୍—କ୍ରି. ବିଂ. ନରମ ନରମ (ମାଟି), ଭୁସ୍ ଭୁସ୍ ଥିବା ମାଟି
ବୁସ୍ ବୁସିସୁଁା—ବିଂ. ନରମ
ବୁସାଃଅଃ—କ୍ରି. ଛୁଆ ଜନ୍ମ କରିବା
ବୁସୁଂ ବୁସୁଂ—କ୍ରି. ଚୁପ୍‌ଚାପ ଏକୁଟିଆ ଥିବାର ପ୍ରକ୍ରିୟା
ବୁସୁପ୍ ଉଦ୍—ବି. ଲୁଚା ଛତୁ, ପାଳ ଛତୁ
ବୁହନ—ବି. ବହନ (ପ୍ରଥମ ବର୍ଷି)
ବୁହୁ—ବି. ବନ୍ଧ, ପୁସ୍ତକ
ବୁହୁ ଦା ୦୦—ବନ୍ୟା ପାଣି
ବୁହୁତ—କ୍ରି. ବିଂ. ବହୁତ

ବୁହେଲ—କ୍ରି. ବୋହୁସିବା, ଖସିଯିବା
ବୁଡ଼ାହୁ—କ୍ରି. ବରବାଦ କରିବା
ବୁଡ଼ୁଆଂ—ବିଂ. କାନ୍ଥଆ ଲାଗିଥିବା ପାନ
ବୁଡ଼ୁକ୍—କ୍ରି. କସି ପାଣିରେ ବୁଡ଼ିଯିବା
ବେଆ.ତୁ—ବିଂ. ଆସ୍ତରର ବାହାରରେ, ଅଃହାସ୍ତୁ
ବେଆ.ନ୍—କ୍ରି. ବେଆଇନ
ବେଆ.ଗି—ବିଂ. ଅନିଶ୍ଚିତ, ଅବ୍ୟବସ୍ଥିତ
ବେଆକ୍‌ତେ—କ୍ରି. ବିଂ. ଅସାମୟିକ
ବେଆସ୍ଵଦ୍—କ୍ରି. ବିଂ. ଆନ୍ଦାଜ
ବେଇସ୍ତା—ବିଂ. ବେହିଆ, ଦୋଷ ରହିତ
ବେଇଜତ୍—ବି. ଅପମାନ, ଅନାଦର
ବେଉପକାର୍—ବିଂ. ବେଉପକାର, ଉପକାର ହୀନ
ବେକାବୁଲ୍—ବିଂ. ଅସ୍ୱୀକୃତ
ବେକା—ବି. ବେଢ଼ା
ବେକାଜ୍—କ୍ରି. ବିଂ. ବିନା କାମର
ବେକାଜୁଆ.—ବିଂ. ବେକାର
ବେକାମ୍—ବିଂ. ବେକାର
ବେକାସ୍ତ୍‌ଡା—ବିଂ. ଅବ୍ୟବସ୍ଥିତ ଅବସ୍ଥା, ବେଢ଼ଙ୍ଗ
ବେକାର୍—ବିଂ. ବେକାର
ବେକୁପ୍—ବି. ମୂର୍ଖ, ବେକୁପ୍
ବେକୁଲ(ଲା)ନ୍—ବି. ଅପୂର୍ଣ୍ଣ
ବେକୁସି—ବି. ଅସୁଖି, ବିଂ. ବ୍ୟାକୁଳ
ବେକେର୍—ବିଂ. ଶିଶୁ ଅବସ୍ଥା (ଜନ୍ମ ପର ଅବସ୍ଥା)
ବେକେର୍ ବେକ୍‌ଡାଂ—ବିଂ. ସ୍ଥୂଳ, କ୍ରି. ମୋଟା ହେବା
ବେକେଲ୍—ବି. ଗୋଲିଆ
ବେକେଲ୍ ବେକେଲ୍—ବିଂ. ଜନ୍ମର ପର ଅବସ୍ଥାରେ ଥିବା ଶିଶୁ କ୍ରି. ଗୋଲିଆ
ବେ (ବ) କଲ୍.—ବି. ବକଲ, କ୍ରି. ବକଲ ହେବା
ବେଗ୍—ବି. ଥଳୀ, ବଟୁଆ, କ୍ରି. (କୌଣସି ଅବସ୍ଥାକୁ ସମ୍ଭାଳିବା (ପାଇଁ) ପ୍ରସ୍ତୁତ ରହିବା

ଢ଼: ଢ଼ନ ଦୁ~ ଏ ଲ.ଗିଦ୍ ହୁଲ୍କ ବେଗ ଆକାନା—ତାକୁ ରକ୍ଷା କରିବା ପାଇଁ ଲୋକମାନେ ପ୍ରସ୍ତୁତ ଅଛନ୍ତି

ବେଗଅ—ବି. ବେଗ, ଗତିର ପରିମାଣ

ବେଗ୍‌ବେଗେ—ବିଂ. ଚୌଡ଼ା ମୁହଁବାଲା, ଅଧିକ ଖୋଲା ପାଟିଆ

ବେଗାର୍ ବେଗାଦ୍‌ନାଓ୍ୱ—କ୍ରି. ଅନାଦର କରିବା, ଅବହେଳା କରିବା, ଧ୍ୟାନ ନ ଦେବା

ବେଗାର୍—ବି. ବ୍ୟତୀତ, ଭିନ୍ନତା, କ୍ରି. ଅଲଗା ହେବା

ବେଗାର୍ ବେଗାର୍—କ୍ରି. ବିଂ. ଅଲଗା ଅଲଗା

ବେଗାରି—କ୍ରି. ବିଂ. ବେଗାରି

ବେଗୁଣା—ବିଂ. ଗୁଣହୀନ

ବେଗୁଣବାନ୍—ବିଂ. ଗୁଣହୀନ

ବେଗେଓ୍ୱା~—ବିଂ. ଚୌଡ଼ାମୁହାଁ, ମେଲା ପାଟିଆ (ଏ ଶବ୍ଦ ଗାଳି ଦେବାରେ କେବଳ ବ୍ୟବହାର ହୁଏ)

ବେଗର୍—କ୍ରି. ବିଂ. ବିନା, ବ୍ୟତୀତ

ବେଗର୍‌ତା—କ୍ରି. ପ୍ରାର୍ଥନା କରିବା

ବେଗମ୍—ବି. ମୁସଲମାନ ମହିଳା, ମୁସଲମାନ ରାଣୀ

ବେଙ୍ଗାଲ୍—ବି. ବାଇଗଣ

ବେଙ୍ଗାଲ ବେଟାହେଦ୍—ବି. ଭେଜିବାଇଗଣ

ବେଙ୍ଗେଦ୍—କ୍ରି. ଚାହିଁବା, ଆଖି ଖୋଲିବା

ବେଙ୍ଗବା~—କ୍ରି. ମୁହଁ ଫାଡ଼ି କରି ରଖିବା

ବେଞ୍ଚ୍—ବି. ବେଞ୍ଚ୍

ବେଜ୍—ବି. ବାନ୍ତି, ବମନ କ୍ରି. ବାନ୍ତି କରିବା, ବମନ କରିବା

ବେଜ୍ ବେଡ୍‌ରେଜ୍ ଚେଣେ—ବି. ପାଣି ସ୍ଥାନରେ ରହୁଥିବା ଏକ ପ୍ରକାରର ଛୋଟ ଚଢ଼େଇ

ବେଜ୍‌ବେଡ୍‌ରେଜ୍—ବିଂ. ଦୁର୍ବଳ, ସରୁ, କ୍ଷୀଣ

ବେଘ୍ରଗ୍—ବିଚରା, ନିଃସହାୟ୍

ବେଘ୍ରସ୍—ବିଂ. ଭୂମିହୀନ

ବେଘ୍ରସା—ବି. ଭୂମିହୀନ କୃଷକ

ବେଚେଲ୍—କ୍ରି. ବକ୍ ବକ୍ କରିବା, ନିରନ୍ତର ଗପ ଯୋଡ଼ି ଚାଲିବା

ବେଜେଲ୍ ବେଜେଲ୍—କ୍ରି. ବିଂ. ବକର ବକର (ହେବା) କଥା ଯୋଡ଼ି ଯୋଡ଼ି ବକବକ୍ (କରିବା)

ବେଜେଲ୍ ମେନ୍‌ତେ—କ୍ରି. ଫଟକରି କହି ଉଠିବା

ବେଜଲ୍—ବି. ଅଶ୍ଲୀଲତା ବିଂ. ଅସଭ୍ୟ, ବେଖାପ
କ୍ରି. ଅଶ୍ଲୀଲ କାମ କରିବା

ବେଜାଁକ୍—ବିଂ. ଅନୁଶାସନ ହୀନ

ବେଜାନ୍—ବି. ଅଜ୍ଞାନ, ମୂର୍ଖାମୀ

ବେଜାଁସ୍—ବିଂ. ବହୁତ ଅଧିକ

ଢ଼: ବେଜାଁସ୍ ଏ ରଲ୍ ଏଦ୍‌ଆ - ବହୁତ ଅଧିକ ସେ କହୁଛି

ବେଜାର୍—କ୍ରି. ବିତୃଷ୍ଣା, ଚିନ୍ତିତ ହେବା

ବେଜୁତ୍—ବିଂ. ଅନୁପଯୁକ୍ତ

ବେଜେ ବେଜେ—ବିଂ. ପଚିଥିବା (ଘାଆ)
କ୍ରି. ପଚିଯିବା, ସଢ଼ିଯିବା, ଗନ୍ଧ ହେବା

ବେଜେଲ୍ ଗା~—ବିଂ. ଅତିରକ୍ତ ଘାଆ ପଚିଥିବା ଅବସ୍ଥା ଘୃଣା ଓ ଦୁର୍ଗନ୍ଧକାରୀ

ବେଝଲା—ବିଂ. ଅବୋଧ, ନିର୍ବୋଧ

ବେଞ୍ଜ୍‌ଜା~ବି. ଆଖି ଲେଞ୍ଜରା

ବେଞ୍ଜଜ~ସେଭଃ—ବିଂ. ଲେଞ୍ଜରା ଓ ସିଙ୍ଗାଣି (ମୁହଁ) ଅପରିଷ୍କାର ରୂପ

ବେଞ୍ଜ୍ ବେଞ୍ଜ୍—କ୍ରି. ଅସନ୍ତୋଷ ପ୍ରକାଶ କରିବା

ବେଟ୍—(ଇଂ) ବି. ବ୍ୟାଟ

ବେଁଟ୍‌ବେଁଜ୍—ବିଂ. କୋମଳ, ଦୁର୍ବଳ

ବେଟା—ବି. ବେଟା, ପୁଅ

ବେଟି—ବି. ବେଟି, ଝିଅ

ବେଟେଜ୍ ବେଟେଜ୍—ବିଂ. ପ୍ରଗଲ୍‌ଭ, ବାଚାଳ

ବେଠି—ବି. ବେଗାରି, ମାଗଣାକାମ

ବେଠିକ୍—ବିଂ. ବେଠିକ୍, ଠିକ୍ ଯାହା ନୁହେଁ, ଭୁଲ୍

ବେଠିକାନା—କ୍ରି. ବିଂ. ଅସୀମିତ, ଅନିର୍ଣ୍ଣିତ

ବେଡ୍‌ରେଜ୍ ଚେଣେ—ବି. ଏକ ଛୋଟ ଚଢ଼େଇ
ବିଂ. ଛୋଟ, ସାନ, ଅନୁଜ (ଏ ଶବ୍ଦ ପୁରୁଷକୁ ଗାଳି ଦେବାରେ ବ୍ୟବହୃତ ହୁଏ)

ବେଡ୍‌ରେକ୍ ବେଡେରେକ୍—କି. ବେଡରେକ୍ ବଡ଼େଇର ସବ
ଗୁଡ଼ ଗୁଡ଼ କଥା କହୁବା, ବାଲୁ କରିବା ପ୍ରକ୍ରିୟା

ବେଡେ— କି.ବିଂ. ବହୁତ, ଅଧିକା କହୁବା

ଉଃ ବେଡେମ୍ ରଲକା.ଦଣ୍ଡଆ - ମୋତେ ବହୁତ କହୁ ପକାଇଲ

ବେଢ଼ା—ବି. ଘେର, ନଦୀକୂଳ ସମତଳ ଭୂମି

ବେଢୁଲ୍—ବିଂ. ଅସୁନ୍ଦର, କୁରୂପ, ଭଦ୍‌ଦା

ବେଢେକ୍—କି. ବୁଦ୍ ବୁଦ୍ ଉଠିବା

ବେଢଅ—କି. ମନା କରିବା (ଅସଭ୍ୟ ଭାଷା ଗାଳ ଦେଲେ
ବ୍ୟବହାର କରାଯାଏ)

ବେଢାଓ—କି. ବେଢିବା

ବେଣ୍ଡାଓ—କି. ଗୁଡ଼ାଇ ହେବା

ବେଣ୍ଡ୍‌କେକ୍—ବିଂ. ଅପ୍ରାପ୍ତ ବୟସୀ ଝିଅ

ବେଣ୍ଡ୍‌କେଲ୍—ବିଂ. ଅପ୍ରାପ୍ତ ବୟସ୍କ ପୁଅ

ବେଣ୍ଡ୍‌ବାଜା—ବି. ବ୍ୟାଣ୍ଡ ବାଜା

ବେଣ୍ଡେର୍—କି. ଚମ ଗୁଞ୍ଜିଯିବା

ବେଣା—ବି. ବେଣା ଘାସ ବିଶେଷ

ବେଁତ୍—ବି. ବେତ

ବେତନ୍—ବି. ବେତନ, ଦରମା

ବେ-ତା.କକ୍—ବି. କିର୍ବିରୋଧ

ବେ-ତା.ପିଲ୍—ବି. ଦୁର୍ବଳଆ, କମ୍ ଶକ୍ତିଶାଳୀ

ବେ-ତାକ୍—ବି. ଅସମସ୍ତ. ଅସୁବିଧା ବେଳ

ବେତାର୍—ବି. ବେତାର

ବେତାଲ୍—ବି. ବେତାଲ, କି. ସ୍ୱରର ତାଲ ନ ମିଶିବା

ବେଢଆ.ର.—ବିଂ. ଢେଡ଼ା, କି. ସଙ୍କୁଚିତ ହୋଇଥିବା

ବେଢର୍‌ପିଡ୍—ବିଂ. ଅତୃପ୍ତ

ବେ-ତୁଲ୍‌ଓ୍ୱ—ବିଂ. ଅତୁଳନୀୟ, ଯାହା ତୁଳାଇ ହୁଏ ନାହିଁ

ବେତେରେଲ୍—ବିଂ. ତୃନଆଦ

ବେତଂ—କି. ବିଂ. ଅଲଗା, ଏକଲା, କି. ଅଲଗା କରିବା

ବେଢକରମ୍—ବି. ବ୍ୟତିକ୍ରମ, ଉଲଙ୍ଘନ

ବେଢବେସ୍ତ—ବି. ବ୍ୟତିବ୍ୟସ୍ତ

ବେବଚ୍ଛେଦ୍—ବି. ବ୍ୟବଚ୍ଛେଦ

ବେଦ—କି. ଡାକିବା

ବେଦଅ—ବି. ବେଦ

ବେଦ୍‌ବଧି—ବି. ପ୍ରସ୍ତାବ, କି. ପ୍ରସ୍ତାବ ପକାଇବା

ବେଦମ୍—ବିଂ. ବେଦମ

ବେଦା—ବି. ଧୋକା, କି. ଧୋକା ଦେବା, ବାହାନା କରିବା

ବେଦାନ୍—ବି. ବେଦନା

ବେଦାନା—ବି. ବେଦାନା

ବେଦାନ୍ତୁ—ବି. ବେଦାନ୍ତ

ବେଦନ୍—ବି. ଅଦନ, ଅଯାମସ୍କିକ

ବେଦ—ବି. ବେଦ, ମଞ୍ଚ, ପୀଠ

ବେଦୟା—ବି. ବେଦଆ ଆଦିବାସୀ

ବେଦେର୍ ଗେକ୍—ବିଂ. ମଇଳା (ଲୁଗା ଜନିଷ)

ବେଁବେର୍ ଗା୦୦—ବିଂ. କୁରୂପ, ଅସୁନ୍ଦର

ବେଦଖଲ୍—କି. ଅଧିକାର ଛଡ଼ାଇ ନେବା

ବେଦା ବଧି—କି. ଗୁଡ଼ାଇ ରଖିବା

ବେଧଅ—ବିଂ. ବଦମାସ, ଦୁଷ୍ଟ

ବେଧାସ୍ତ—ବିଂ. ବେନସୁମ

ବେଧାଓ—କି. ଗୁଡ଼ାଇ ଗୁଡ଼ାଇ ବାନ୍ଧିବା

ବେଧାଡ଼ାକ୍—କି. ବିଂ. ବେଧଡ଼କ

ବେଧରମ—ବିଂ. ବିଧର୍ମି, ଅନ୍ୟାର୍ମ୍ମି

ବେନ୍‌ଦେରେକ୍—ବି. ଶ୍ରେଷ୍ଠ ପିଲା, ଶିଶୁ

ବେନ୍ ଦେକ—ବେଢ଼େଇ ହେବା
(ଅଣ ଓସାରିଆ କପଡ଼ାରେ କମରରେ ବେଢ଼େଇ ପିନ୍ଧିବା)

ବେନ୍—(ଇଂ) ବି. ବେନ୍, ବାରଣ
କି. ମନାକରା ହେବା

ବେନ୍ (ବିନ୍)—(ଦ୍ୱିବଚନାତ୍ମକ ଶବ୍ଦ) ତୁମେ ଦୁହେଁ

ବେନ୍‌ଡା୦୦—କି. ତେରଛା ହେବା

ବେନ୍‌ଡାଓ୍ୱ—କି. ଅନ୍ୟାୟ ଗତି କରିବା, ନଷ୍ଟ ହେବା

ବେନ୍‌ଡାର୍—କି. ପିଲାକୁ କମର ବା ପିଠିରେ ବାନ୍ଧିବା

ବେନା ଘାସ—ବି. ବେଣା ଘାସ
ବେନାଫୁଲ୍ ଧୁକ୍କୁ—ବି. ବେଣାଫୁଲ ଧାନ
ବେନାଓ୍ୱ—କ୍ରି. ତିଆରି କରିବା, ସୃଷ୍ଟି କରିବା
ବେନାଓ୍ୱାଲା—କ୍ରି. ପୁନଃ ତିଆରି କରିବା, ମରାମତି କରିବା
ବେନେଭ୍— ବି. ଗେଣ୍ଡାର ମୁହଁ ଡାଙ୍କୁଣି, ଡାଙ୍କୁଣି
ବେନେ ବାଇଶ୍ଶ—ବି. ଶଯ୍ୟା, ବୈଶ୍ଶ
ବେପାର୍—ବି. ବେପାର, କ୍ରି. ଜିନିଷ ବିକି ଓ କିଣିବା କାରବାର କରିବା
ବେପାରସ୍ଥା—ବିଂ. ବ୍ୟାପାରି
ବେପାର୍ ଆପାର୍— ବିଂ. ବେପାର, କାରବାର
ବେପର୍‌ବାସ୍ତ୍—ବିଂ. ବେପରବାସ୍ତ, ବେଖାତିର, ନିର୍ଭୀକ
ବେପର୍‌ଲ୍ଲଇ—କ୍ରି. ବିଂ. ଅତ୍ୟଧିକ, ଅସୀମ
ବେପାସ୍ତଦା—ବିଂ. ଫାଇଦା ରହିତ, ହାନି ଦାୟକ
ବେଫାଖ୍—ବିଂ. ବ୍ୟର୍ଥ
ବେଫସ୍ୱଓ୍ୱ—ବିଂ. ଅପାର
ବେଫାକାଷ୍ଟ୍—ବିଂ. ଅନାବଶ୍ୟକ
ବେଫିକର—ବିଂ. ବେଫିକର, ମତଲବ୍ ରହିତ
ବେବୋନାଓଇକ୍—ବିଂ. ସୃଷ୍ଟିକର୍ତ୍ତା, ତିଆରି କରିବାବାଲା
ବୋଃବେରେଦ୍—କ୍ରି. ହଟାଇବା ପ୍ରକ୍ରିୟା
ବେବା.ସୁଡ୍—ନାପସନ୍ଦ
ବେବା.ଲକ୍—କ୍ରି. ବିଂ. ଅନ୍ୟାୟ ରହିତ
ବେବାକ୍—ବିଂ. ସମସ୍ତ, ପୁରା, ସମ୍ପୂର୍ଣ୍ଣ
ବେବ୍ସା—ବି. ବ୍ୟବସାୟ
ବେବସ୍ତା—ବି. ବ୍ୟବସ୍ଥା
ବେବାତାସ୍ତ୍—କ୍ରି. ବିଂ. ନ ଜାଣି, ବି. ଅଜ୍ଞତା
ବେ-ବାଡାର୍—କ୍ରି. ଅସମସ୍ଥ ହେବା, ବିଂ. ଅସାମୟିକ
ବେବାତାଓ୍ୱ—ବିଂ. କୃତଘ୍ନ, ନ ଶୁଣିବା
ବେବାତାଲଓ୍ୱ—ବି. ବିନା ଆଦେଶ
ବେ (ବ) ବାଦ୍—ବି. ବିବାଦ
ବେବିଲଣ୍ଡ୍—କ୍ରି. ଲକ୍ଷ୍ୟଭ୍ରଷ୍ଟ ହୋଇ, ଖରାପ କରିବା

ବେବୁଜ୍—ବି. ଅଜ୍ଞତା, ନ ଜାଣି, ନା ବୁଝି
ବେବିଫୁଡ—(ଇଂ) ବି. ବେବିଫୁଡ୍, ଶିଶୁ ଖାଦ୍ୟ
ବେବେ—କ୍ରି. ପରାଜିତ କରିବା, ହରାଇବା
ବେବେ ରଙ୍ଗେ—ବି. ଧାଡ଼ିଆ ବେଙ୍ଗ, ବ୍ରାହ୍ମଣିଆ ବେଙ୍ଗ
ବେବନ୍ଦବସ୍ତି—ବିଂ. ଅନାଧିକୃତ
ବେବେସ୍—ବିଂ. ଆରୋଗ୍ୟ (ଦାତା)
ବେବେସାଃ—କ୍ରି. ଆରୋଗ୍ୟ ହେବା, ଭଲ ହେବା
ବେବସ୍ତର—ବିଂ. ବସ୍ତ୍ରହୀନ
ବେବ୍‌ହାର୍—ବି. ବ୍ୟବହାର
ବେଭରମ୍—ବିଂ. ହୁନସ୍ଥା, ଅବସ୍ଥା ହୀନ
ବେଭାର୍—ବି. ବେଭାର, ଆକଣିଙ୍କ ବ୍ୟବସ୍ଥା
ବେଭାଗିଇସ୍ତ—ବିଂ. ଭାଗ୍ୟହୀନ
ବେଭାଗବାନ୍—ବିଂ. ଦୁର୍ଭାଗ୍ୟ
ବେ-ଭାର୍—ବିଂ. ଦାୟିତ୍ୱ ଶୂନ୍ୟ କାଢ଼ିବା
ବେଭାଓ୍ୱ—କ୍ରି. ଚକ୍ରାର କରିବା, କ୍ରି. ବିଂ. ଚକ୍ରାର କରି କାଢ଼ିବା
ବେଭାବନା—ବିଂ. ଭାବନା ଶୂନ୍ୟ, ନ ଭାବିବା
ବେଭାତାର—ବିଂ. ଅଭଦ୍ର, ଅଶିଷ୍ଟ
ବେଭାର୍ସା—ବିଂ. ଭରସା ରହିତ
ବେଭାରକ୍—ବି. ବ୍ୟବହାରିକ
ବେମଞ୍ଜୁର୍—କ୍ରି. ଅସ୍ୱୀକାର କରିବା, ସ୍ୱୀକୃତି ନ ଦେବା
ବେମ୍‌ଜାନ୍—ବି. ବ୍ୟୋମଯାନ
ବେମାଣ୍ଡର୍—କ୍ରି. ବହିଷ୍କାର କରିବା
ବେମାନ—ବିଂ. ବେଇମାନ
ବେମାନି—ବିଂ. ବେଇମାନି
ବେମାନିଁତ୍—ବି. ମାନ୍ୟତା, କ୍ରି. ମାନ୍ୟତା ନ ଦେବା
ବେମାର୍—ବି. ବେମାର, ରୋଗ, ଅସୁସ୍ଥତା
ବେମାରସ୍ଥା—ବିଂ. ରୋଗୀ, ବେମାରିଆ
ବେମାଲିକ୍—ବି. ବେମାଲିକ, ମାଲିକ ବିହୀନ
ବେମୁରା.ଦ୍—ବିଂ. ବେମୁରାଦ୍, ଅବସ୍ଥା ବିହୀନ
ବେସ୍ତ୍‌ଲକ୍—କ୍ରି. ଅପମାନିତ କରିବା

ବେସ୍ତାଇନଃ—କ୍ରି. ଆଇନର ବିରୁଦ୍ଧ ହେବା

ବେସ୍ତାମ୍—ବି. ବ୍ୟାସ୍ତାମ୍

ବେସ୍ତାକରଣ—ବି. ବ୍ୟାକରଣ

ବେସ୍ତାଜ୍—ବି. ବ୍ୟାଜ, ସୁଧ

ବେସ୍ତାଡ୍—ବିଂ. ଖୋଲା, କ୍ରି. ଖୋଲିଯିବା

ଯ: ଦୁଆର୍ ଦ ବେସ୍ତାଡ୍ ଏନା—ଦ୍ୱାର ଖୋଲିଯାଇଛି

ବେସ୍ତାଦାଶ—ବି. ବଯ୍ସଦଶା, ସମ୍ପର୍କୀୟ

ବେସ୍ତାନ୍—କ୍ରି. ବର୍ଣ୍ଣନା କରିବା, ବି. ବର୍ଣ୍ଣନ

ବେସ୍ତାଦରନ୍—ବିଂ. ବାରବର୍ଣ୍ଣ, ବିଚକ୍ଷ

ବେଆଁସ୍—ବିଂ. ନିର୍ଗୁଣ, କ୍ରି. ନିର୍ଗୁଣ ହେବା

ବେର୍—ବି. ସମସ୍ତ, ବେଳ

ବେର୍ଗା—ବିଂ. ଶ୍ରେଷ୍ଠ ବେକ ବାଲା

ବେର୍ଥା—କ୍ରି. ବିଂ. ବ୍ୟର୍ଥ

ବେର୍ଦଂ—ବି. ଏକ ପ୍ରକାର ଝୁମ୍ପୁଡ଼ା ଗଛ

ବେର୍ବାଟ୍—କ୍ରି. ଡେର ହେବା

ବେର୍ବାଦ—ବି. ବରବାଦ, କ୍ରି. ବରବାଦ ହେବା

ବେର୍ ଗାକାବ୍ ସେହେଦ୍—ବି. ପୁଟ ଢଗ
କ୍ରି. ଢଗ ବାହାରିବା

ବେର୍ଲଂ ବଲଂ—କ୍ରି. ବିଂ. ଏପାଖ ସେପାଖ ଆଖି କରିବା
ଅସ୍ଥିର ନଜର

ବେର୍.ହା.ସୁର୍—ବି. ସୂର୍ଯ୍ୟାସ୍ତ, କ୍ରି. ସୂର୍ଯ୍ୟ ଅସ୍ତ ଯିବା

ବେର୍ହାଁନ୍—ବି. ମଜୁରି, ବେତନ

ବେସମସ୍ତ୍—ବି. ଅବେଳ, ଅସମସ୍ତ

ବେସ୍.କ—ବିଂ. ଅନଚ୍ଛୁକ

ବେସ୍ବର (ବେଳାବଳ)—କ୍ରି. ବିଂ. ବେଳ ଥାଉଁଥୁ, ବେଳ
ଥାଉଁ ଥାଉଁ

ବେସ୍ହା—ବିଂ. ବେଶ୍ୱର

ବେସ୍ହାମ୍—ବିଂ. ଜଞ୍ଜୁର, ଅଲଣା

ବେରଲ୍—ବିଂ. ଅକଥା, କର୍କଶ (ସ୍ୱର)

ବେଲ୍ଟଂ—(ଇଂ) ବି. ବଏଣ୍ଟ

ବେରୁପ୍—ବିଂ. ବିସ୍ତାକାର, ଅନ୍ୟ ରୂପ

ବେରେଦ୍ (ଲୁ)—କ୍ରି. ଉଠିବା (ଶୋଇବାଠାରୁ ଉଠିବା)

ବେରେଲ୍—ବିଂ. କଞ୍ଚା,

ବେରେଲ୍ ଦାକାମ୍—କଞ୍ଚା ପନ

ବେରେଲ୍ ଦା —କଞ୍ଚା ପାଣି

ବେରେଲ୍ ଜଅ—କଞ୍ଚା ଫଳ

ବେରେଲ୍ ମାସ୍ଯାମ୍—କଞ୍ଚା ରକ୍ତ

ବେରେଲ୍ ହଲମ୍—ପୁଆଢ ଦେହ

ବେସ୍ଁଡ୍—ବିଂ. ବନ୍ଧ୍ୟା

ବେସ୍ଓଁଟ୍ ଦୁକ୍—ବି. ଏକ ପ୍ରକାର ରୋଗ ଯାହାର
ନାମ ଜଣା ନାହିଁ

ବେସ୍ଓଁଟି—ବି. (ପଶୁଙ୍କର) ପେଟ ବ୍ୟଥା ରୋଗ

ବେସ୍ଦଁଅଃ—ବି. ଦଠ୍, ଜିଦ୍ଖୋ

ବେରସ୍ତ (ବେସ୍ରସ୍ତା)—ବି. ଅବାଟ

ବେରିଁସ—ବିଂ. ନୀରସ, ଉତ୍ସାହ ଶୂନ୍ୟ

ବେଲ୍—ବି. ବେଲ

ବେଲା—ବି. ସୂର୍ଯ୍ୟ, ପ୍ରହର

ବେଲାବଲ—କ୍ରି. ବିଂ. ସମୟାନୁସାର

ବେଲ୍—ବି. ବେଲ,
ଇଂ - bell ଘଣ୍ଟି, bell ମୁକୁଳାଇବା

ବେଲ୍ଟ୍—ବି. (ଇଂ) ବେଲ୍ଟ belt

ବେଲ୍କେଟ୍—ବି. କୋମଳ (ଶିଶୁ, ଦେହ, ମୁଖମଣ୍ଡଳ)

ବେଲ୍ଦାର କା.ଢ—ବି. ବେଲ୍ଦାର କାଢ

ବେଲ୍ଓ—କ୍ରି. ବେଲିବା

ବେଲ୍ଓ ପାଟା—ବି. ବେଲଣା ପିଢ଼ା

ବେଲ୍ଓ କାଣ୍ଡିକ୍—ବି. ବେଲଣା କାଠି

ବେଲ୍ଢ—ବିଂ. ବଳଦ

ବେଲେ—ବି. ଅଣ୍ଡା, କ୍ରି. ଅଣ୍ଡା ଦେବା, ପାଚିବା (ଫଳ)
ବିଂ. ପାଚିବା, ପଚିବା, ପକ୍ୱ

ବେଲେଜ୍—ବି. ବେକାର୍, ଅଯୋଗ୍ୟ

ବେଲେକ୍‌କଟେଲ୍—କ୍ରି. ବିଂ. ଅସମ୍ଭବ, ଅଯଥା

ବେଲେକୁମ୍ଭୁଡୁଇକ୍ ଇପିଲ୍—ବି. ଏକ ଡାଗ୍ରର ନାମ

ବେଲେକୁମ୍ଭୁ ଜୁଇକ୍—ଅଣ୍ଡା ସ୍ଥେର

ବେଲେଷ୍ଟ୍ ବେଲେଷ୍ଟ—କ୍ରି. ବିଂ. ଅତ୍ୟଧିକ ପଚିଥିବା ଅବସ୍ଥା

ବେଲେଡାହେର ଇଂ—ବିଂ. ପାଚିଲା କାକୁଡ଼ି ରଙ୍ଗ

ବେଲେବଉକେ—ବି. ଏକ ପ୍ରକାର ପାଚିଲା ଫଳ (ଲତାରେଧରେ)

ବେଲେ ବଗ୍ରମ୍—କ୍ରି. ଉପଯୁକ୍ତ ଭାବେ ପାଚିଥିବା ଅବସ୍ଥା

ବେଲେ ଲମ୍ବାଓ—କ୍ରି. ସମ୍ପୂର୍ଣ୍ଣ ପଚି ସଢ଼ିଯିବା

ବେଲେଲନ୍ଦା—କ୍ରି. ଅଧିକ ପାଚିଯିବା

ବେଲେ ଲଡୁର୍—କ୍ରି. (ଫଳ) ପୁରା ପାଚି ନଇଁଯିବା (ଝଡ଼ିବା ଅବସ୍ଥା)

ବେଲେଅର—ବିଂ. କାଚ ଚୁଡ଼ି, ଗୋଲି ଆଦି

ବେଲଂ—କ୍ରି. ବିଂ. ଛୁଟିକି ଅଲଗା ହେବା

ବେଁଓ୍ୱଁ—କ୍ରି. ଦଉଡ଼ି ତାଗ କରିବା, ବାନ୍ଧିବା

ବେଓ୍ୱଁଗୁଓ୍ୱ—କ୍ରି. ଦଉଡ଼ି ଗୁଡ଼ାଇ ହୋଇ ଛନ୍ଦ ହେବା

ବେଓ୍ୱଗ—ବି. ଖବର

ବେଓ୍ୱାଡ଼ା—କ୍ରି. (କଥା, ସୂତା, ଦଉଡ଼ି) ଅଡୁଆ ଧରିବା

ବେଓ୍ୱକଦ୍—କ୍ରି. ବିଂ. ଅଯଥାର୍ଥ, ବେଓ୍ୱାକଦ୍

ବେଓ୍ୱରସ୍—ବି. ବେଓ୍ୱାରସ, ଦଖଲଦାର ରହିତ

ବେସ୍—କ୍ରି. ବିଂ. ଠିକ, ଭଲ, ଉତ୍ତମ

ବେସ୍ ଅକଚଚେ—କ୍ରି. ବିଂ. ସାବଧାନ ସହକାରେ, ଭଲ କରି ଦେଖିଶୁଣି

ବେସ୍‌ଭାଓ୍ୱ—କ୍ରି. ବ୍ୟସ୍ତ ହେବା, ଚନ୍ତାରେ ପଡ଼ିବା

ବେସ୍ ବିଁସ୍—ବିଂ. ଭଲ ଜାତିର, ଭଲ ଗୁଣର (ଗାଈ ଯେ ବେଶି ଦୁଧ ଦିଏ)

ବେସଗ—ବି. ସାନ୍ତାଳର ବେସ୍‌ଗ ଗୋତ୍ରର ଏକ ଶାଖା ଗୋତ୍ରର ନାମ

ବେସରମ୍—ବିଂ. କଳଙ୍କ

ବେସରମିସୁଁ—ବିଂ. କଳଙ୍କ (ଏହି ଶବ୍ଦ ଗାଳିରେ ପ୍ରୟୋଗ ହୁଏ)

ବେସ୍‌ଲେକାତେ—କ୍ରି. ବିଂ. ଭଲ ରୂପେ, ସାବଧାନ ସହ

ବେସଃ—କ୍ରି. ଭଲ ହେବା, ଉଃ ରୁଓ୍ୱାଃକନ୍ ବେସଃମେ, ଜ୍ୱରରୁ ଭଲ ହୁଅ

ବେସ୍‌ଆଁ—ବିଂ. ଭଲ, ଯଥାର୍ଥ, ଠିକ୍

ଉଃ ବେସ୍‌ଆଁ କାଥା ଦ ସବକ କୁସିଆଁଆ—ଭଲ କଥାକୁ ସମସ୍ତେ ପସନ୍ଦ କରନ୍ତି

ବେସାଗୁନ୍—ବି. ଅପଶକୁନ, ଅଶୁଭ

ବେସାଫା—ବିଂ. ଅଶୁଦ୍ଧ, ଅପରିଷ୍କାର

ବେସାହାସ୍—ବିଂ. ନିରାଶ୍ରୟ, ଆଶ୍ରୟହୀନ

ବେସି—କ୍ରି. ବିଂ. ଅଧିକ, ବେଶି

ବେସୁକ୍—ବିଂ. ଅସୁସ୍ଥ, କ୍ରି. ଅସୁସ୍ଥ ହେବା

ବେସୁବିଧା—ବି. ଅସୁବିଧା, କଷ୍ଟକର

ବେସୁମାର୍—କ୍ରି. ବିଂ. ଅସୁମାର, ଅତ୍ୟଧିକ

ବେସୁର—ବି. ବେସ୍ୱର

ବେସମାନ୍—ବିଂ. ଅସମାନ, କମ୍ ବେଶି

ବେହା—ବି. ବିବାହ

ବେହାଲ୍—କ୍ରି. ବିଂ. ବେହାଲ

ବେହରକ୍—ବିଂ. ଅସହାୟ, କ୍ରି. ନିଃସହାୟ ହେବା

ବେହୁଆ—ବିଂ. କଳଙ୍କ, ଧୂର୍ତ୍ତ

ବେହୁସାବ୍—କ୍ରି. ବି. ବେହିସାବ

ବେହୁଦଦ୍—କ୍ରି. ବିଂ. ଉଦ୍ଦେଶ୍ୟ ସ୍ଥାନ

ବେହୁରମ୍ଭୁ—ବିଂ. ବଦନାମ, କଳଙ୍କ ସହକାରେ

ବେହୁଁସ୍—ବିଂ. ଅଚେତ, ମୂର୍ଚ୍ଛିତ, କ୍ରି. ବେହୋସ ହେବା

ବେହେପାଜତ୍—ବି. ହେପାଜତ ରହିତ, କ୍ରି. ଅବହେଳା କରିବା

ବେହକ୍—ବି. ଅନ୍ୟାୟ, ଦାବିରହିତ, ବିଂ. ଅନ୍ୟାୟୀ

ବେହାଜ୍—ବିଂ. କଳଙ୍କ

ବେହର୍—ବିଂ. ବେଶ୍ୟା

ବେ-ହକ୍—ବିଂ. ଅବିବାହିତ

ବେହେଡ଼ା—ବିଂ. ବେହାଡ଼ା

ବେହ୍ହେଲ୍ବାନାମ୍—ବି. ଗ୍ରସ୍ପୋଲିନ୍ ବାଜା

ବେଲ୍ହାସ୍ଥ—ବି. ସ୍ଥୁରଦ୍ଧଗ, ସମୁଦାୟ ଘେର, ଗୃହପାଖ

ବେଲ୍ହାସ୍ତେ—କ୍ରି. ବିଂ. ଗୃହ ଚାରିପଟୁ

ବେଲେକ୍ ବେଲେକ୍—କ୍ରି. ବିଂ. ପ୍ରଲାପ୍, ବାଉଳା

ବେଁଡେ ବେଁଣେ—କ୍ରି. ବିଂ. ବେସୁର୍ ଶବ୍ଦ

ବେହେଭ୍—ବି. ଶପଥ, କ୍ରି. ଶପଥ କରାଇବା

ବେହେଗ୍—ବି. ବେହେଗ୍ (ଜାତି ବିଶେଷ) ପ୍ରଧାନ ପୂଜକ

## ଭ

ଭଅଁର୍—ବି. ଭଅଁର, କାଠ ବିନ୍ଧ କରିବା ଯନ୍ତ୍ର

ଭଇଁଚ— ବି. ବଇଁଚ କୋଳି

ଭଃବଣ୍ଡ୍ଭଃ—ବି. ବହୁତ ବଡ଼ ଖାଲ (ଲମ୍ବ ଓ ଗହୀରିଆ)

ଭଃ ବନ୍ଧାଲ୍—କ୍ରି. ବିଂ. ଲଗାତାର

ଭକ୍ତ—ବି. ଭକ୍ତ

ଭକ୍ତା—ବି. ଖେଳ୍ତା

ଭକ୍ଥ—ବି. ଭକ୍ତି, ଶ୍ରଦ୍ଧା

ଭକ୍ରାଓ—କ୍ରି. ହମ୍ବାରଡ଼ି

ଭଗ—କ୍ରି. ଭୋଗ କରିବା, ବି. କେନ୍ଦ୍ର, ମଧ୍ୟ

ଭଗ୍ଦଖଲ୍—ବି. ଅଧିକାର, ଭୋଗ ଦଖଲ

ଭଗେନ୍ଦର୍—ବି. ଭଗନ୍ଦର (ରୋଗ ବିଶେଷ)

ଭଗାଓ—ବିଂ. ମୋଟା, କ୍ରି. ମୋଟା ହେବା

ଭଗତ୍—ବି. ଶାକାହାରୀ

ଧଗଦାର୍—ବି. ଭୋଗୀ

ଭଗଦର୍—ବିଂ. ମୋଟା ତାଗଡ଼ା

ଭଗମାନ୍—ବି. ଭଗବାନ

ଭଙ୍ଗଲା—ବିଂ. ଢିଲା

ଭଙ୍ଗାର୍—କ୍ରି. ଭାଙ୍ଗିବା, ଖଣ୍ଡ କରିବା

ଭଙ୍ଗାଓ—କ୍ରି. ଭାଙ୍ଗିବା, ଖୁଚୁରା କରିବା

ଉ: ଟାକା ଭଙ୍ଗାଓ ଆଗୁଇମେ - ଟଙ୍କା ଖୁଚୁରା କରି ଆଣ

ଭଜ୍ ଭଜାଓ—କ୍ରି. ବିଂ. ଅଭଣସ୍ତ କଥାବାର୍ତ୍ତା କରିବା ବେଳ (ଶବ୍ଦ)

ଭଜର୍ ଭଜର୍—କ୍ରି. ବିଂ. ଲଗାତାର ବକର ବକର ହୋଇ (କଥା କହିବା)

ଭଜନ୍—କ୍ରି. ଭଜନ କରିବା

ଭଜ୍ଗ୍—ବିଂ. କମର ତଳକୁ ଲୁଗା ପିନ୍ଧିବା ଢଙ୍ଗ

ଭଜରେ—ବିଂ. କମରର ବହୁତ ତଳେ ଲୁଗା ପିନ୍ଧିବା ବାଲା

ଭଟ୍—କ୍ରି. ଭେଟ୍ ଦେବା

ଭଟ୍ ଭଟ୍—କ୍ରି. ବିଂ. କଲ ବା ଇଞ୍ଜିନର ଭଟ ଭଟ ଶବ୍ଦ

ଭଟା—କ୍ରି. ଘୁଆର ଭଟ୍ଟା ପଡ଼ିବା

ଭଟ୍କାଓ—କ୍ରି. ଡରାଇବା, ଧମକ ଦେବା

ଭଡଅ—ବିଂ. ବଡ଼

ଭଡ୍ ଭଡ଼ାଓ—କ୍ରି. ବିଂ. ବକର ବକର୍ (ବକ୍ବାସ୍)

ଭଡ଼ା—ବି. ଭଡା କ୍ରି. ଭଡ଼ା କରିବା

ଭଡାଟିଆ—ବିଂ. ଭଡାଟିଆ

ଭଣ୍ ଭଣ୍—କ୍ରି. ବିଂ. (ମାଛିର) ଗୁଣ ଗୁଣ୍ ଶବ୍ଦ

ଭଣ୍ଭେଲ୍—ବିଂ. ଲମ୍ବମାନ (ବାଜ) ଲମ୍ବାଳିଆ

ଉ: ବିଞ୍ଜ୍ ଭଣ୍ଭେଲ୍ କାଟେ ମେନାସ୍ତା - ସାପ ଲମ୍ବାଳିଆ ହୋଇ ଅଛି

ଭଣଜା—ବି. ଭଣଜା

ଭଣ୍ଡ—ବି. ଠକ, ଭଣ୍ଡ

ଭଣ୍ଡ୍ଲ—ବିଂ. ମୋଟାଇ ହୋଇଥିବା

ଭଣ୍ଡଲଃ ଭଣ୍ଡଲଃ—କ୍ରି. ବିଂ. ଦଉଡ଼ି ଗୁଡାଇ ପେଣ୍ଡା କରିବା ଅବସ୍ଥା (ବଣ୍ଡଲ)

ଭଣ୍ଡା—ବି. ଭଣ୍ଡା

କାଏଗ୍ ଭଣ୍ଡା—କଦଳୀ ଭଣ୍ଡା

ଅମ୍ରଭ ଭଣ୍ଡା—ଅମୃତ ଭଣ୍ଡା

ଭତର୍—ବିଂ. ଡାଳିବା, ଭାଙ୍ଗିବା ଶବ୍ଦ

ଭଭଜଃ—ବିଂ. ମୂର୍ଖ

ଭଦର୍ଲୁକ୍—ବି. ଭଦ୍ରଲୋକ

ଭଦର୍ମି—ବି. ଭଦ୍ରାମି

ଭଦ୍ରଅ—ବିଂ. ଭଦ୍ର

ଭଦର୍ଭଂ—କ୍ରି. ଫାଟି ମେଲ ହେବା ସ୍ଥିତି

ଭଦର ଭଦ୍ର (ଭଟେର୍ ଭଟେର୍)—କ୍ରି. ବିଂ. ବକର୍ ବକର୍

ଭନ୍ଦଲାଂ (ଡା)—ଂବି. ବୃହତ୍

ଭନଅଟ—ବିଂ. ଅଙ୍କୁରିତ ଅଗ୍ରଭାଗ

ଭୟ୍—ବି. ଆତଙ୍କ, ଡର, ଭୟ

ଭୟ୍ଲ—ବିଂ. ଉଚାଳିଆ, ଲମ୍ବ

ବୟଲ୍ କଲା—ଟେଙ୍ଗା ଯୁବକ

ବୟଲଡା.ର୍—ଲମ୍ବ ଡାଳ

ଭୟଲ—ବିଂ. (ସ୍ତ୍ରୀ ଲିଂ) ଡେଙ୍ଗି, ଲମ୍ବି

ଭୟନ୍—ବି. ଭୟାନକ

ଭୟଂକାର୍—ବିଂ. ଭୟଙ୍କର

ଭୟାଭୟ୍—ବିଂ. ଭୟାଭୟ

ଭର୍—ବି. ଅତି ପ୍ରାତଃକାଳ

ଭରକା—କ୍ରି. ଅଧିକା ଉଠିବା (ମାପରୁ ଅଧିକ)

ଭର୍କୁଣ୍ଡ—ବି. ଏକ ପ୍ରକାର ଜଙ୍ଗଲ୍ ଗଛ - ଏହା ଔଷଧରେ ଲାଗେ

ଭର୍ଜୁଆନ୍—ବିଂ. ପୂର୍ଣ୍ଣ ଯୌବନ

ଭର୍ନା—ବି. ପରିଶୋଧ କ୍ରି. ପରିଶୋଧ କରିବା

ଭରସା—ବି. ଭରସା, ବିଶ୍ୱାସ

ଭରସା—କ୍ରି. ଭରସା କରିବା, ନିର୍ଭର କରିବା

ଭର୍ଉ—କ୍ରି. ଭର୍ତ୍ତି କରିବା, ପୂରଣ କରିବା

ଭରି—ବି. ଏକ ତୋଳା

ଭରମ୍—ବିଂ. ଶ୍ରମ

ଭରମ୍ଭୁକ୍ଷା—କ୍ରି. ଶ୍ରମ ସାର୍ଥକ ହେବା

ଭରମ୍ଭାଃ—ବିଂ. ସୁପ୍ତ ଅବସ୍ଥା, ଭ୍ରମ

ଭଲ୍କାଉ—କ୍ରି. ଘାଉ ଫୁଟିବା/ପାଣି ଫୁଟିବା (ଅବସ୍ଥା)

ଭଲ୍ଖାଇ—ବି. ଭଲଖାଇ, ପାଞ୍ଚଲୋକ

ଭଲବଲ୍—(ଲିଂ). ବି. ଭଲବଲ୍

ଭଲେ—କ୍ରି. ବିଂ. ଭଲରେ

ଭବନ୍—ବି. ଭବନ, ବଡ କୋଠା ଘର

ଭବସନ୍ତୁ—ବି. ଭବିଷ୍ୟତ

ଭବାନ ଠାକୁରାନ—ବି. ଭବାନୀ ଠାକୁରାଣୀ

ଭସ୍କାଉ—କ୍ରି. ଭସକିବା, ଫାଟିଯିବା

ଭସ୍କୁପତାମ—ବି. ବଡ଼ କପୋତ

( ଏହାର ସ୍ୱର ମଧୁର ଅଟେ )

ଭସ୍ଟେଅ—କ୍ରି. ଭ୍ରଷ୍ଟ ହେବା, ବି. ଭ୍ରଷ୍ଟ

ଭସଲଂ—ବିଂ. ଖରାପ, ଗନ୍ଧିଆ

ଭସ୍ଲଃ—ବିଂ. ଅଲସୁଆ

ଭିଁସ ଭିଁସ୍—କ୍ରି. ବିଂ. ଭସ୍ ଭସ୍

ଭସମ୍—ବି. ଭସ୍ମ କ୍ରି. ନଷ୍ଟକରି ଦେବା, ହଜମ କରିଦେବା

ଭସଅ—ବି. ମସ୍ତିଷ୍କ brain

ଭସର୍—କ୍ରି. ବିଂ. ଖସକି ଖସକି ଯିବା

ଭସାଉ—କ୍ରି. ଭସାଇ ଦେବା

ଭଲ୍ (ଭା)କ୍—ବି. ରୂପ, ବର୍ଣ୍ଣ, ସ୍ଥିତି

ଭଲକ୍ ଭଲ୍କ୍—କ୍ରି. ବିଂ. ବିଭିନ୍ନ ରୂପ

ଭଲକେ ଭଲକ୍—କ୍ରି. ବିଂ. ଭଲକି ଭଲି

ଭା.ଇ—ବି. ଭାଇ, ବନ୍ଧୁ

ଭା.ଇଫୁଟ୍—ବିଂ. ଶତ୍ରୁ

ଭା.ଇ ଭଗାର୍—ବିଂ. ଭାଇ, ବନ୍ଧୁ ମିତ୍ର ସମ୍ପର୍କିୟ ଆଦି

ଭାଇସ୍ଥା.ଗୁଣ—ବି. ଭାଇସ୍ଥୁଗ୍, ଭାଇଗୁଣ୍ଣ

ଭାଉଜନ୍—ବି. ଦୁନା, (ପଣଦୁନା)

ଭା.ଉ—ବି. ଭାଉ, ମୂଲ୍ୟ, ଗାରିମା

ଭାଉଁର୍—ବିଂ. ଭ୍ରମର

ଭାଦ୍ରି—ବି. ଫେଣବାଲ

ଭାକ୍ତି—ବି ଭକ୍ତି

ଭାନାର୍—ବି. ଗୁଜବ୍, ଉଡାକଥା

ଭାକ୍ଲ—ବିଂ. ଭେଲ୍କା, ବସ୍ମିତ

ଭାକ୍—ଅ. ଭାଗ (ବିରକ୍ତି ସୂଚକ ଶବ୍ଦ)—ଯାଆ ଦୂରହ

ଭା.କସ୍ଥା—ବି. ଦଶା, ଉଦ୍ଦେଶ୍ୟ

ଭାକୁଆ ‒ —କ୍ରି. କଂ କର୍ତ୍ତବ୍ୟ ବିମୂଢ଼ ହେବା

ଭା.କୁଲହା.କ୍ତ—ବି. ଭାକୁଡ଼ ମାଛ

ଭାଗ—ବି. ଭାଗ, ଅଂଶ

ଭା.ଗ୍‌ନା—ବି. ଭଣଜା

ଭାଗ୍‌ଇସ୍ତ—ବି. ଭାଗ୍ୟ

ଭାଇଗବାନ୍—ବିଂ ଭାଗ୍ୟବାନ, ଭାଗ୍ୟଶାଳୀ

ଭାଗ୍‌ବନ୍ତ—ବି. ଭାଗବତ

ଭାଗୋଓ୍ୱ—କ୍ରି. ପରିଶ୍ରାନ୍ତ ହେବା, ଓହ୍ଲାଇବା, ହରାଇ ଦେବା
ଦୂରେଇ ଦେବା

ଭାଗୋଓ୍ୱା—ବି. ପିନ୍ଧା ଲୁଗା କ୍ରି. କଚ୍ଛା ମାରି ଲୁଗା ପିନ୍ଧିବା

ଭାଗିନ୍—ବି. ଭାଣିଜା

ଭା.ଗିସ୍ଥା. ଫୁଟିସ୍ତର୍—କ୍ରି. ବିଂ. ଅଜଦ୍ୟସ୍ତ

ଭା.ଗି— ବି. ଉତ୍ତମ, ଅତି ଭଲ

ଭା.ଗିଦାର୍—ବି. ଭାଗୀଦାର

ଭାଂଗୁଆ—ବି. ଅଲସୁଆ, ଭାଙ୍ଗ ନିଶା ଯେ ପିଏ

ଭାଙ୍ଗାଓ—କ୍ରି. ଭାଙ୍ଗିବା, ଖୁଦ୍ରୁସ କରିବା, କଥା ଭାଙ୍ଗିବା

ଭାଙ୍ଗଲ୍—କ୍ରି. ଭାଙ୍ଗିଯିବା, ଶେଷ ହେବା

ଉ: ସବୁ ଭାଙ୍ଗଲ୍ ଏନା - ସବୁ ଶେଷ ହେଲା

ଭାଗୁ—ବି. ଭଉଣୀର ସନ୍ତାନ

ଭାଜ୍ଜା—କ୍ରି. ଭାଜିବା

ଭାଟା—ବି. ଭାଟା, ଇଟା ଭାଟା - ଇଟା ଭାଟି

ଭା.ଟି—ବି. ଭାଟି, ଇଟା ଭା.ଟି - ଇଟା ଭାଟି
ପା.ରୁଓ୍ୱା ଭାଟି - ମଦ ଭାଟି

ଭା.ଟୁ—ବି. ଆଦିବାସୀ ଡାହାଣୀଙ୍କ କୁକୁର - ବାଘ

ଭାଡା—ବି. ଭଡ଼ା, ମାସୁଲ

ଭା.ଡ଼ି—ବି. ଭା.ଡ଼ି, ମଞ୍ଚ

ଭାଣ୍ଡୁକ୍—ବି. ଏକପକ୍ଷି ଦନା ବା ଦ୍ୱିପକ୍ଷୀ ଦନା

ଭାତ୍—ବି. ଭାତ

ଭାତାଓ—କ୍ରି. ପୋତିବା

ଉ: ହାସାତେ ଖାଶା ଭାତେଓପେ - ମାଟି ଦେଇ ଖାତ ପୋତି ଦିଅ
କ୍ରି. ମାଟି ଖାତରେ ଦେବା ପ୍ରକ୍ରିୟା, ମାଟି ଦେଇ ଖାଲ
ଭର୍ତ୍ତି କରିଦେବା

ଭା.ତ—ବି. ଭାତ

ଭାତୁଲି—ବି. କଳାଯାଇ

ଭାତୁଆ.ଆଲାଃ—ବି. ଭାତୁଆ ସାଗ

ଭାଦ୍—ଅ. (ଆପତ୍ତି ମାନିବା) ଶବ୍ଦ ଠାସ୍

ଭାଦ୍ ଭାଦ୍—କ୍ରି. ବିଂ. ଠାସ୍ ଠାସ୍

ଭାଦର୍‌ବଂଗା—ବି. ଭାଦ୍ରବ ମାସ

ଭା.ଦୁ—ବି. ଜ୍ୟେଷ୍ଠ ଜାମୁକୋଳି

ଭାଦେସ୍—ବି. ବଦ୍‌ଇର୍ଜିତ୍, କ୍ରି. ଛୁଗୁଲିଇବା

ଭାନଡାଆଁ—କ୍ରି. ବାହାରକୁ ବ୍ୟକ୍ତିତ୍ୱର ଦୋଷ ଆରୋପ
କରିବା

ଭାନ୍ଡାଓ୍ୱ—କ୍ରି. ଭଣ୍ଡାଇବା, ଠକିବା

ଭାନ୍ଡାନ୍—ବି. ଶ୍ରାଦ୍ଧ କ୍ରି. ଶ୍ରାଦ୍ଧ କରିବା

ଭାନ୍ଡାର୍—ବି. ଭଣ୍ଡାରି, ମଳକଣ୍ଠକ ରୋଗ

ଭା.ନ୍‌ଡାର୍—ବି. ଭଣ୍ଡାର

ଭା.ନ୍ଦୁଲ୍—କ୍ରି. ପିନ୍ଧା ବସ୍ତ୍ର ପଡ଼ିବା, ପିନ୍ଧାବସ୍ତ୍ର ଖୋଲିବା

ଭାଓ୍ୱରିଂ—ବି. ଏକ ପ୍ରକାରର କଣ୍ଟା ଗଛ

ଭାପ୍—ବି. ବାମ୍ଫ, ବାଷ୍ପ

ଭାଁପ୍—କ୍ରି. ବାମ୍ଫ ଦେବା

ଭାବ୍—ବି. ଭାବ, ପ୍ରକାର

ଭାବଅ—କ୍ରି. ଚିନ୍ତାକର

ଭାବ—ବି. ଚିନ୍ତା, ଭାବନା

ଭା.ବାଃ—କ୍ରି. ଚିନ୍ତା କରିବା, ଚିନ୍ତାରେ ପଡ଼ିବା, ଭାବିବା

ବିଭାଗ୍ ଇକ୍—ବିଂ. ଭାବୁକ

ଭା.ବନ୍ତୁଅ ‒ —କ୍ରି. ଭାବନା କରିବା

ଭାସ୍—ସଂ. ଭାଇ

ଭାସ୍ତାଦ୍—କ୍ରି. ବିଂ. ଶତ୍ରୁତା ଆଚରଣ କର

ଭାସ୍ତାଦାସ୍ତ—ବି. ଭାଇ ଭାଇ ମଧ୍ୟରେ ଶତ୍ରୁତା ଭାବନା

ଭର୍—ବି. ଭାର, ଓଜନ, ଦାୟିତ୍ୱ

ଭରତା—ବି. ଭରତା

ଭା.ରଢ—କ୍ରି. ଭର୍ତ୍ତି, ପୂର୍ଣ୍ଣଥିବା, ଗର୍ଭଧାରଣ କରିବା

ଭର୍ନା—ବି. ଭରଣା (ମୁଦା)

ଭସ୍—ବି. ଭସା, ବାହୁଙ୍ଗି, ବଡ଼ ଭାଡ଼ (ଯାହା ଉପରେ ଜିନିଷ ରହେ, ରଖାଯାଏ)

ଭା.ଶୟା—ବି. ବାହୁଙ୍ଗି ଭାର, କ୍ରି. ଭାର ବୋହିବା

ଭା.ଶ—ବିଂ. ଓଜନିଆ, ବୋଝ

ଭା.ରୁ—ବିଂ. ଠୋସ୍, ମଜ୍‌ଭୁତ୍

ଭା.ରୁଣ—କ୍ରି. ଭଲ ଉଚ୍ଚାରଣ ପାଇଁ ପାଟି ଖୋଲିଯିବା
କ୍ରି. ବିଂ. ଖୋଲି ଖୋଲି ଯିବା

ଉ: ଉଁଜ୍ ବାବେର୍ ଭାରୁଣ ଏନା - ବଟା ଦାଣ୍ଡ ଖୋଲି ଖୋଲି ଗଲା

ଭାଳା—ବି. ଉଚ୍ଚା, ମୂଲ୍

ଭା.ଲି—ବି. ଭାଡ଼ି

ଭାଲୁଆ.—ବିଂ. ଭଡ଼ୁଆ

ଭା.ଲୁମ୍.ଭାଃ—କ୍ରି. ଆଶ୍ଚର୍ଯ୍ୟ ହେବା, କାବା ହୋଇଯିବା

ଭାଲ—ବି. ଭଲ

ଭାଲ.କାରୁଓ୍ୱା—ବି. ଅଣ୍ଡାଜ୍ୱର, କର୍ମଜ୍ୱର

ଭଲ– ଅ. (ବ୍ୟଙ୍ଗ୍ୟାତ୍ମକ) ଭଲ

ଉ: ଭାଲ କାଥାମ୍ ଉଲ୍ କେଡ୍ ତେଦ୍ ଉନଏ ଗୁର୍‌ଏନା ?
ଭଲ କଥା କହିଲ ସେ କଅଣ ମରିଗଲା ?

ଭାଲଇ—ବି. ମଙ୍ଗଳ, ଉପକାର
କ୍ରି. ମଙ୍ଗଳ କରିବା, ଉପକାର କରିବା

ଭାଲୁଆ—ବି. ଚେମ୍ବଚେଟା

ଭାଓ୍ୱ—ବି. ଭବିଷ୍ୟତ ବାଣୀ କ୍ରି. ଭବିଷ୍ୟତ ବାଣୀ କହିବା

ଭାଓଁ୍ୱ ଭାଓ୍ୱ—କ୍ରି. (ପାଣି) ଭଅଁର ମାରିବା, ପାଣିରେ ଚକର ଦେବା ଭଅଁର

ଭାଁକାଃ—ବି. ତର୍କ ବିତର୍କ, କଳି ତକରାଳ
କ୍ରି. ତର୍କ ବିତର୍କ ହେବା, କଳି ତକରାଳ କରିବା

ଭିଁକା ଭକୁଲ—କ୍ରି. ଛୁଣ୍ଡା ଛୁଣ୍ଡି କରିବା, ଝୁଲିବା ପ୍ରକ୍ରିୟା
ଅଙ୍ଗାଭାର ହେଲେ ଭାରର ଦୋଳନ ପ୍ରକ୍ରିୟା

ଭିାଁକାଣା—ବିଂ. କଳଙ୍କ

ଭାକୁମ୍‌ଭାଃ—ବିଂ. ଅତ୍ୟଧିକ ମୋଟା

ଭିାଁଖାଟ୍—କ୍ରି. ହିଡ଼ ଭାଙ୍ଗିବା ସ୍ଥାନ

ଭିାଁଃଗାଜାଲ୍—ବିଂ. ଭାଙ୍ଗିବା ବାଲ୍ଡ

ଭାଂଗାଫୁଟା—ବିଂ. ଭଙ୍ଗାରୁଟା

ଭାଂଗାଭୁସ୍—ବିଂ. ଭଙ୍ଗା ଫଟା ଆଦି

ଭାଗେ—ବିଂ. ଉଦ୍ୟମ,

ଭାଗୁଂଭୁଟୁଂ—କ୍ରି. ବିଂ. ଯେ ଯାହାର ଶୀଘ୍ର (ପଳାଇଯିବା)

ଉ: ତାନ୍‌ରେଚ ଭାଗୁଂ ଭୁଟୁଂକ ଜ୍ରିର୍‌ଏନା - କେତେବେଳେ ସେମାନେ ଯେ ଯାହାର ପଳାଇ ଗଲେ

ଭାଞ୍ଜ୍ଅ —କ୍ରି. ଅଭ୍ୟାସ କରିବା, ବ୍ୟାୟାମ କରିବା

ଭାଟଅ—ବି. ଭାଟ

ଭାଟ୍‌କା ଭୁଟ୍‌କୁଃ—ବିଂ. ଛୋଟିଆ ଛୋଟିଆ

ଭାଟକା ଭୁଟ୍‌କା—ବିଂ ସାନ ସାନ

ଉ: ଭାଟ୍‌କା ଭୁଟ୍‌କୁଃ କୋଟ୍‌କା - ଛୋଟିଆ ଛୋଟିଆ ପିଲା
ଭାଟ୍‌କା ଭୁଟ୍‌କାଜ ହାସ୍ ଆକାନା - ସାନ ସାନ ହୋଇ ବଢ଼ିଛନ୍ତି

ଭାଟ୍‌ସ ଭୁଟ୍‌ସ—ବିଂ. ଛୋଟିଆ

ଉ: ଭାଟ୍‌ସ ଭୁଟ୍‌ସ ଜଜାଖ ଇଦପେ - ସାନ ସାନ ଜିନିଷ ନିଅ

ଭାଟା—କ୍ରି. ପାଣି କମିବା, ସମୁଦ୍ର ପାଣି କମିବା, ଭଟା ପଡ଼ିବା

ଭାଟାଂଭୁଟୁଂ—ବିଂ. ଅର୍ଦ୍ଧନଗ୍ନ (ଅବସ୍ଥା) (ଦେହର ଅଙ୍ଗ ପ୍ରତ୍ୟଙ୍ଗ ଦୃଶ୍ୟମାନ ଆବସ୍ଥା)

ଭାତେନ୍ତ ଭାତେନ୍ତ—କ୍ରି. ବିଂ. ଏକକଡ଼ିଆ ଛୋଟାଇ ଛୋଟାଇ (ଚାଲିବା)

ଭାଡ଼େଙ୍ଗା—ବିଂ. ତେଡ଼ା ଗୋଡ଼ିଆ

ଭାଡ଼୍‌କା ଭାରୁଲ୍—କ୍ରି. ବିଂ. ହଲି ଦୋହଲି

ଭାଡ଼୍‌ମାଗ—କ୍ରି. ଭାତରେ ମାରିବା

ଭାତଲ୍ ଘୁଲୁର୍—ବି. ବଡ ଦାନ୍ତବାଲା, ଜଙ୍ଗଲ୍ ଘୁଷୁରି, ବାରହା

ଭାତ୍—ବିଂ. ସନ୍ତୁଷ୍ଟ

ଭାତ୍‌ଭାଦାଓ୍ୱ—କ୍ରି. ହସର ଚହଲ ପକାଇବା
ରସାଳିଆ ଜିନିଷ ଚୁଷ୍ଟାଡ଼ ପକାଇବା

ଭାଦର୍ ଝାପନ—ବି. ଭଦୁଆ ଲଜ୍ଜାବତୀ ଗଛ (ଔଷଧରେ ଲାଗେ)

ଭାନ୍‌ଭାନାଓ୍ୱ—କ୍ରି. ଭଣ ଭଣ ହେବା

ଭାବାର ଭାବ.ଶ—କ୍ରି. ବିଂ. ପାଟିତୁଣ୍ଡ କରି, ଛିନ୍ନଛନ୍ନ ହୋଇ

ଉ: ଭାବାର ଭା.ବ୍‌ଶ ଏ ସେନଏନା - ଛିନ୍ନଛନ୍ନ ହୋଇ ଗୁଲିଗଲା

ଭାବ୍‌ଭାଓ୍ୱ—କ୍ରି. ଛିନ୍ନଛନ୍ନ ହେବା

ଭାମବାଖୁର୍—ବି. ଦେଶୀ ତମାଖୁ

ଭାଁସ୍ତ୍ ଭାସ୍ତ୍—କ୍ରି. ନିସ୍ପନ୍ଦ ହେବା ବି. ନିଶୂନ୍ ଅବସ୍ଥା

ଭାର୍ ଭାର—ବି. ଏକ ପ୍ରକାରର ଗଛ (ଏହା ଔଷଧରେ ଲାଗେ)

ଭାରତ ଭର୍ଷ—ବି. ଭାରତ ବର୍ଷ

ଭାସାଓ—କ୍ରି. ଶରୀର ଫୁଲିବା (ଏକ ପ୍ରକାରର ରୋଗ)
ଆଘାତ ଜନିତ ଫୁଲା

ଭାସାଂ ଭାସାଂ—କ୍ରି. ବିଂ. ଲଗାତାର୍

ଭାସାଂ ଭୁସୁଂ—କ୍ରି. ଫୁସ୍ ଫାସ୍ ହେବା, ନ୍ୟୂନ ସ୍ୱରରେ କଥା
ବାର୍ତ୍ତା କରିବା

ଭାସ୍‌ଭାସ୍—କ୍ରି. ବର୍ବାଦ କରିବା, ନଷ୍ଟ କରିବା, ମରିଯିବା

ଉ: ଦାରବଳ ଭାସ୍‌ଭାସ୍ କେଦ୍‌ଆ—ଜିନିଷ ନଷ୍ଟ କରି ଦେଲେ

(୧) ହାଲ୍‌ଏ ଭାସ୍‌ଭାସ ଏନା—ମଣିଷଟା ମରିଗଲା

ଭାସ୍‌ଭୁସୁ—ବି. ଫାଟିଫୁଟି ଯିବା

ଉ: ମାରେ ଟୁଲୁଲ୍ ଭାସ୍‌ଭୁସୁ ଏନା—ପୁରୁଣା ହାଣ୍ଡି ଫାଟିଫୁଟି
ଯାଇଛି

ଭାସ୍ତୁକାର—ବିଂ. କୁରୂପ, ଅସୁନ୍ଦର

ଭାସ୍‌ଭୁସ୍—କ୍ରି. ବିଂ. ଅଚାନକ, ଅକସ୍ମାତ୍

ଭାଯା—ବି. ଏକ ପ୍ରକାର ଧାନର ନାମ

ଭାଷା—ବି. ଭାଷା

ଭାସାଓ—କ୍ରି. ଭସାଇ ଦେବା

ଭାସାନ୍—କ୍ରି. ବିସର୍ଜନ କରିବା

ଭାସାଂଭୁସୁଂ—କ୍ରି. ବିଂ. ଏକ ପରେ ଏକ ଭୁସ୍‌ଭାସ୍ ଖସିଯିବା
ପ୍ରକ୍ରିୟା

ଭାଷା ଭାଡ଼ସ୍—କ୍ରି. ଅନର୍ଗଳ କହିବା

ଭାଣ୍ଡ୍—ବିଂ. ଦୁଷ୍ଟ, ମିଛୁଆ

ଭାଣ୍ଡ୍‌ଦସମ୍—ବିଂ. ଦୁଷ୍ଟ ଲୋକର ଦେଶ

ଭାଡ୍‌ଭାଡ୍—କ୍ରି. ବିଂ. କଠିନ ଫଳ, ଜିନିଷ ବହୁ ପରିମାଣରେ
ପଡ଼ିବା ପ୍ରକ୍ରିୟାର ଶବ୍ଦ, ଠକ୍ ଠାକ୍ ଗଡ଼ିବା

ଉ: ରଲ୍ ଜକ ଭାଡ୍ ଭାଡ୍ ଜୁରୁଏନା—ହରିଡ଼ା ଫଳଗୁଡ଼ିକ
ଠକ୍ ଠାକ୍ ପଡ଼ିଲା

ଭାଡ୍‌ଭାଡାଓ—କ୍ରି. ଅବିଶ୍ରାନ୍ତ ଭାବେ ଜୋରରେ କହି ଚାଲିବା

ଭାଡଅ—କ୍ରି. ଆଶ୍ଚର୍ଯ୍ୟ କରିବା

ଭାଡା—ବି. ଭାଡ଼ା, ଭଡ଼ା

ଭିଆ.ଭି—କ୍ରି. ଭିଆଇବା, ବି. ଭିଆଣ, ରଚନା

ଭିକ—ବି. ଭିକ, ଏକ ପ୍ରକାର ଔଷଧର ନାମ

ଭିକଭିକ—ବିଂ. ବ୍ୟଥାର ଅଧିକତା ଅନୁଭବ

ଉ: ଡାଣ୍ଡ୍ରା ଭିକଭିକ ହାପୁଙ୍କ୍ ଡାନା—ଅଣ୍ଟା ଅତି ଜୋରରେ
ବିନ୍ଧୁଛି, ବିଂ. ଗୋଲଗାଲ୍ ମୋଟା

ଭିକାର—ବି. ଭିକାରି

ଭିକୁଆହା—ବିଂ. ଅଲସୁଆ ପଣିଆ

ଭିଗ୍‌ଡା.ଭି—କ୍ରି. ବିଗାଡ଼ିବା, ନଷ୍ଟ କରିବା

ଭିଗାଡ଼—କ୍ରି. ଅଲଗା କରିବା

ଭିଁଗାଡା—ବିଂ. ଧୂର୍ତ୍ତ, ଲମ୍ପଟ, ଦୁଷ୍ଟ

ଭିଚଭିଚ—କ୍ରି. ଅସଭ୍ୟ କଥା କହିବା

ଭିଜାଇ—କ୍ରି. ଭିଜାଇବା

ଭିଷ୍ଟାଲ୍—ବି. ବିଷ୍ଟାଲ ଜାତି ବିଶେଷ

ଭିଜବେଙ୍ଗାଲ—ବି. ଭେଜବାଦିଗଣ

ଭିଟାମାଟି—ବି. ଭିଟାମାଟି

ଭିଟୂଓ୍ୱାଃ—ବି. ଡେମ୍ଫ (ପତ୍ର, ଫଳ, ଫୁଲ ଡେମ୍ଫ)

ଭିଜ୍‌ଗ ବରଅ—ବି. ଅତିରିକ୍ତ ମୋଟି

ଭିଡ଼—ବି. ମେଣ୍ଢି

ଭିଡ ଜାନାଟେଦ୍—ବି. ଏକ ପ୍ରକାର ଗ୍ଲୋଟ ଗଛ ଯାହାର
ଫଳ ଦେହ ଓ ଲୁଗାରେ ଲାଗିଯାଏ

ଭିଡଅ—ବି. ଭିଡ଼

ଭଣା—ବି. ଖଣା (ଯନ୍ତ୍ର) ଯାହା ଦ୍ୱାରା ଭଣାଯାଏ (ତୁଳା ପିଞ୍ଜିବା ଯନ୍ତ୍ର)

ଭଣା.ଉ—କ୍ରି. ତୁଳା ପିଞ୍ଜିବା, ତୁଳା ଭିଣିବା

ଭଣ୍ଡ୍—ବି. ବଡ଼ ଗଣ୍ଠିଲି, ବଡ଼ ବୋଝ

ଭଣ୍ଡା—ବି. ଲମ୍ବା ଖାଲା

ଭତ୍ତୁ—ବି. ଖାଣ୍ଡି, କାଣ୍ଡ

ଭତା.ର୍—ବି. ଭିତର, ଅନ୍ଦର ମହଲ

ଭତାର୍ ବାହେର୍—କ୍ରି. ବିଂ. ଭିତର ଓ ବାହାର

ଭତୁଲ ଭତୁଲ୍—କ୍ରି. ବିଂ. ସ୍ଥୂଳ ପିଣ୍ଡ ଦୋହଲିବା ପ୍ରକ୍ରିୟା

ଉ: ଭିନ ହଲ୍ ଭତୁଲ୍ ଭତୁଲ୍ ଏ ସେନାଃକାନା—ସେ ଲୋକଟି ତାହାର ସ୍ଥୂଳ ପିଣ୍ଡ ହଲାଇ ହଲାଇ ଯାଉଅଛି

ଭତ୍ର—ବି. ଗହନ, ଭିତରିଆ, ଗୋପନ

ଭତ୍ର ଭତରତେ—କ୍ରି. ବିଂ. ଗୁପ୍ତ ଭାବରେ, ଭିତରିଆ ଭାବରେ

ଭତ୍ର ମହଲ୍—ବି. ଅନ୍ତଃପୁର

ଭଦା.ଉ—କ୍ରି. ଭାଙ୍ଗିବା, ଭେଦିବା

ଭଦା.ଉଃ—କ୍ରି. ବିଂ. ଭାଙ୍ଗିବା ପ୍ରକ୍ରିୟା

ଉ: ଭଦାଉଃକାନା—ଭାଙ୍ଗୁଅଛି

ଭଦରଉଂ—କ୍ରି. ଭାଙ୍ଗିଯିବା, ଭାଙ୍ଗିରୁଜି ଯିବା

ଭଦାତା—ବି. ବଧାତା

ଭଦୂକ—ବି. ଭେଦିଆ, ଗୁପ୍ତଚର

ଭନ୍ନାଁ—ବି. ଭିନ୍ନ, ଅଲଗା

ଭନାଃ—କ୍ରି. ଅଲଗା ହେବା, ଭିନ୍ନ ହେବା

ଭନା.ଭନ—କ୍ରି. ଅଲଗା ଅଲଗା ହେବା, ଯେ ଯାହାର ହେବା

ଭନଦା.ଲ୍—କ୍ରି. ପଡ଼ିଯିବା (ଝୁଣ୍ଟି ପଡ଼ିବା ଅର୍ଥରେ) ପକାଇ ଦେବା ଅର୍ଥରେ

ଉ: ଭନ୍ଦା.ଲ ଏନାଞ୍ଜ—ପଡ଼ିଗଲି

(୨) ଦାଲ ଭନ୍ଦା.ଲ କେଦେଆକ—ବନ୍ଧୁ ଲୋକ ତାକୁ ପିଟି ପକାଇ ଦେଲେ

ଭନଭନ୍—କ୍ରି. ଛିତର ବିତର ହେବା

ଉ: ତୁଳାମ୍ ଭନଭନ୍ ଏନା—ତୁଳା ଛିତର ବିତର ହେଲା

ଭପିଲା.ଙ୍—ବି. ଲଗାଲଗି, ମିଶିଯିବା

ଉ: କାଠ ଭପିଲା.ଙ୍ ଗେସ୍ତା—କାଠ (ସମୂହ) ମିଶିଅଛି
କ୍ରି. ଲଗାଲଗି ହେବା

ଉ: ହଲ୍କ ଭପିଲା.ଙ୍ କାତେ ମେନାଃ କଆ—ଲୋକମାନେ ଲଗାଲଗି ହୋଇ ଅଛନ୍ତି

ଭବକ୍—ବିଂ. ସନ୍ଦେହ, ଡର, ଶଙ୍କା

ଭବା—ବି. (ଇଂ) ମୌଖିକ (viva)

ଭମ୍ ପାଉଡର—ବି. ଖାମ ପାଉଡର, ବାଦନ ଧୂଆଁ ପାଉଡର

ଭମଅ—ବି. ଖାମ

ଭର୍କୁଟ୍—କ୍ରି. ଅତ୍ୟଧିକ (ଅର୍ଥରେ)

ଭରଙ୍କ୍—ବିଂ. ଘୃଣିତ, ରୁକ୍ଷ

ଭରଅ ଭରଅ—ବିଂ. ଭରଭର, ଲୁଷୁଡ଼ି ଯିବା, ଦଦରା ହେବା ପ୍ରକ୍ରିୟା

ଭରୁ—ବିଂ. ଖରୁ, ଡରୁଆ

ଭଲ୍—ବି. ଭିଡ଼, ଗହଳି

ଭଲ୍କା.ଉ—କ୍ରି. ହୁରୁଡ଼ାଇବା, ଡରାଇବା, ବିଂ. ହୁରୁଡ଼ା

ଭଲ୍ଭବାଓ—କ୍ରି. ଭିଡ଼ ହଟାଇବା

ଭଲ ଭଲ୍—କ୍ରି.ବିଂ. ଦୌଡ଼ିକରି ଗୋଟିକ ପରେ ଗୋଟିଏ ଯିବା

ଭଲ୍ ଭଲଡ୍—କ୍ରି. ଡରାଇ ଦୌଡ଼ାଇବା ବା ଡରାଇ ଗୁଲ୍ବାକୁ ଲଗାଇ ଦେବା

ଭଲା.ଉ—କ୍ରି. ବିଂ. ଜାକଟବଣ୍ଡି, ଲଗାଇ କର

ଭଲ୍ଆନ୍—ବିଂ. ବ୍ୟସ୍ତ

ଭଲ୍ଅଭଲ—କ୍ରି. ବିଂ. ପୂର୍ଣ୍ଣମାତ୍ରାରେ

ଭଲୁଃ—କ୍ରି. ବିଂ. ଖାଡ଼ ହେବା ପ୍ରକ୍ରିୟା

ଭଲ୍—ବି. ଖଲ୍ କାଠ ବିଶେଷ

ଭଲ୍କ—ବି. ଯାଦୁ, ଭେଲକି, କ୍ରି. ଡରାଇବା

ଭଲ୍ଅ—ବି. ଲଙ୍ଗଳ ଗାର

ଭସ ଭସ୍ଅ—କ୍ରି. ବିଂ. ଡିଲା ଡାଲା, ଢୁଗୁଲା

ଭସଣ୍—ବି. ଖପଣ

ଭିସା—ବି. ଭିସା (visa) (ଇଂ) ଆଜ୍ଞାପତ୍ର

ଭୁ—ଅ. କୁକୁରର ଭୁକିବା ଶବ୍ଦ

ଭୁଃ—ବି. ଗଣ୍ଠି, ଗାତ, ବଳ, କ୍ରି. କୁକୁର ଭୁକିବା ଶବ୍ଦ

ଭୁ—ବିଂ. ଭୁଆ, ଅଣ୍ଡିସ୍ୱ ବଲେଇ

ଭୁଇଲ—ବିଂ. ଲଙ୍ଗଳା

ଭୁଇଲି—(ସ୍ତ୍ରୀ) ବିଂ. ଲଙ୍ଗୁଳୀ

ଭୁକ୍ତ—ବି. ଭକ୍ତ

ଭୁକତାନ୍—କ୍ରି. ଭଙ୍ଗାଇବା

ଭୁକ୍‌ଦୁକ୍—ବି. ଦୁଃଖ ସୁଖ, ସମସ୍ୟା

ଭୁକୁ—ବିଂ. ମୂର୍ଖ, ବି. ହୁଙ୍କା ଉଲୁ

ଭୁକା.ଉଃ—କ୍ରି. ଭୁକିବା

ଭୁକୁନ୍—ବିଂ. ଦୁର୍ବଳ, କ୍ରି. କମର ସୂତ୍ର ପାଖରେ ପତଲା ଲୁଗା ବାନ୍ଧିବା

ଭୁକୁର୍ ଭୁଣ୍ଡା—ବିଂ. ଅତ୍ୟଧିକ ମୋଟା

ଭୁକୁଲ୍ ଭୁକୁଲ୍—କ୍ରି. ବିଂ. ଫୁଟ୍ ଫୁଟ୍ କରି ପାଣି ବାହାରିବା ପ୍ରକ୍ରିୟା

ଭୁଗାଃ—ବି. କଣା, ଗାତ, କ୍ରି. କଣା କରିବା, ଗାତ ଖୋଳିବା

ଭୁଗ—କ୍ରି. କଣା କରିବା, ଗାତ ଖୋଳିବା

ଭୁଗାଲ୍—ବିଂ. ମୋଟା, ଡାଗେଡ଼ା, ମଜଭୁତଆ

ଭୁଗଲ୍—ବି. ଭୂଗୋଳ

ଭୁଗୁଲା—ବି. ଭୁଗୁଡ଼ା, ଝାଟିମାଟି କାନ୍ଥ

ଭୁଙ୍ଗା.ଲା.ଉ—କ୍ରି. କାଟିକରି ଗଡ଼ (ଖଣ୍ଡ) କରିବା

ଭୁଙ୍ଗାଲ୍—ବି. କଟା କାଠ ଗଣ୍ଡି

ଭୁଙ୍ଗାର୍—କ୍ରି. କାଟିକରି କାଠ ଗଡ଼ ଗଡ଼ (ଖଣ୍ଡ ଖଣ୍ଡ) କରିବା

ଭୁଙ୍ଗାସ୍—ବିଂ. ଖଣ୍ଡିତ, ଖଣ୍ଡିଆ

ଭୁଚକି—(ସ୍ତ୍ରୀ) ବିଂ. ମୂର୍ଖା

ଭୁଚ୍‌ଭୁଚ—ବିଂ. (ସ୍ତ୍ରୀ) ଜିଦ୍, ଜିଦ୍‌ଖୋର

ଭୁସ୍ଟ.ଲ୍—ବିଂ. ଗୁଲ୍ଲକ, ଧୁଣ୍ଡି

ଭୁଚୁଂ—ବି. ମୂଢ଼, ମୂର୍ଖ, ବିଂ. ଶୀଘ୍ରତା

ଭୁଚୁଂ ଭୁଚୁଂ—କ୍ରି. ବିଂ. ଶୀଘ୍ର ଶୀଘ୍ର (ଚାଲିବା)

ଭୁଜାଲ୍ସଂ—ବିଂ. ଦୂଷିତ

ଭୁଜାଲ୍—ବି. ଭୁଜାଲି

ଭୁଞ୍ଜା.ଉ—କ୍ରି. ଜୀବନ ଯାପନ କରିବା, ସହିବା, ଉପଭୋଗ କରିବା

ଭୁଟ୍—ବି. ଭୋଟ, କ୍ରି. ଭୋଟ ଦେବା, ଖାଇ ବୁଡ଼ାଇ ଦେବା

ଭୁଟକା—ବିଂ. ଗୋଲ, ମୋଟା, ଡାଗଡ଼ା (ଉଚ୍ଚତାରେ ସାନ)

ଭୁଟ୍‌କି—ବିଂ. (ସ୍ତ୍ରୀ) ଗୋଲ ମୋଟି, ଡାଗେଡ଼ି

ଭୁଟ୍‌କୁ—ବିଂ. ଗେଡ଼ା ଗୋଲଗାଲିଆ, ଡାଗ୍‌ଡ଼ା ଲୋକ

ଭୁଟୁଃ—ବିଂ. କଡ଼ି, କ୍ରି. କଡ଼ ଧରିବା, କଡ଼ି ହେବା

ଭୁଟୁଲ୍ ଭୁଟୁଲ୍—ବିଂ. ନଗ୍ନ ଅବସ୍ଥା, କ୍ରି. ବିଂ. ଖାଲି ଦେହରେ ଚାଲିବା ପ୍ରକ୍ରିୟା

ଭୁଡ୍—ଅ. (ଶବ୍ଦବାଚୀ) ଧୁଡ଼

ଉ: ଭୁଡମେନ୍ତେ ଛୁର୍ ଏନାସୁ—ଧୁଡ଼୍ କରି ପଡ଼ିଗଲା

ଭୁଣ୍ଡା—ବିଂ. ମୋଟା

ଭୁଣ୍ଡି—ବି. ଭେଣ୍ଡି

ଭୁଣ୍ଡିନ୍—ବିଂ. ମୋଟି

ଭୁଣ୍ଡୁ—ବି. ଓଲୁଅ

ଭୁଣ୍ଡୁର୍—କ୍ରି. ଭଣ୍ଡୁର୍, ବିଫଳ କରିବା

ଭୁତ୍—ବି. ଭୂତ

ଭୁତ୍ ପିରତ—ବି. ଭୂତ ପ୍ରେତ, ଭୂତପ୍ରୀତି

ଭୁତାହା—ବିଂ. ଭୂତାହା, ଭୂତଗ୍ରସ୍ତ

ଭୁତେଲ୍—ବିଂ. ଭୂତାହା

ଭୁଡେଲ୍—ବିଂ. ମରୁଆଲି

ଭୁମ୍‌ଗୁଲ୍—ବି. ଭୂମିକମ୍ପ

ଭୁମ୍‌ଫଡ୍—ବି. ପାତାଳ ଫୋଡ଼

ଭୁମି—ବି. ଭୂମି

ଭୁର୍—ବି. ଭୋର, ପର୍ଯ୍ୟନ୍ତ

ଉ: ଉନ ହକୁଃ ଭୁର୍—ସେ ଆସିବା ପର୍ଯ୍ୟନ୍ତ

ଭୁର୍‌କାଃ—ବି. ଜିଆ ଉଠାଇଥିବା ମାଟି ପୁଞ୍ଜା

ଭୁର୍‌କା. ଇପିଲ୍—ବି. ଭୋର ବେଳର ତାରା, ଭୁରକା ତାରା

ଭୁସ୍ ଂ—କ୍ରି. ଚକ୍ଷୁରେ ଉଠାଇବା, କୌଣସି ମାପ ସହରେ ଉଠାଇ ନେବା

ଭୁରୁଢ—କ୍ରି. ଭର୍ତ୍ତି ହେବା

ଭୁରୁଙ୍କ—ବି. ଦ୍ୱାରର ଶିକୁଳି

ଭୁରୁକୁଣ୍ଡ୍ ଦାରେ—ବି. ଏକ ପ୍ରକାରର ଔଷଧ ଗଛ

ଭୁରୁଲୁ—ବି. ଏକ ପ୍ରକାରର ଜଙ୍ଗଲି ଗଛ

ଭୁଲ୍‌ଦାଓ—କ୍ରି. ହଲାଇ ହଲାଇ ବାହାର କରିବା

ଭୁଲ୍‌ମିଣାର୍—ବି. ଭୁଲ ବଣିଜଃ

ଭୁଲ୍ ଭୁଲ—କ୍ରି. ବି°. ହର୍ ସର୍ (ବାହାରିବା), ସିଧା ସଳଖ (ବାହାର ଆସିବା)

ଭୁଲା.—ବି. ଝୋଲା

ଭୁଲୁ.ଙ୍—କ୍ରି. ଲଙ୍ଗଳା ହେବା, ଲଙ୍ଗଳା କରିବା, ଜବରଦସ୍ତ ଛଡ଼ାଇ ନେବା

ଭୁଲ.ହ୍—କ୍ରି. ଭୁଲାଇ ନେବା, ଠକିବା

ଭୁଲ.ନ—ବି°. ମିଛ, ଭୁଲାଣିଆ

ଭୁଲି—ବି. କୁଢ, ମାଈ କୁକୁର

ଭୁସ୍‌କା—ବି. ଫୋଟକା, ଭୁଷିରେ ଥିବା କୀଟ, ପୋକ ବି°. ପେଟୁ

ଭୁସ୍‌କୁ—କ୍ରି. ଉତ୍ତେଜନ୍ କରିବା, ଭୁସ୍‌କାଇବା

ଭୁସଗଡ—ବି. ବଡ଼ ମୂଷା

ଭୁସୁଣ୍ଡି—ବି. ଛୋଟ ମାଛ

ଭୁସ୍ ଭୁସ୍—କ୍ରି. ବି°. ଭୁସ୍ ଭୁସ୍

ଭେ-ଏ—ଅ. ମେଣ୍ଢାର ରଡ଼ି ଶବ୍ଦ

ଭେଆ(ସ୍ବା)ଓ—କ୍ରି. ଭିଆଣ କରିବା, ରଚନା କରିବା

ଭେସ୍ବାଣ—ବି. ରଚନା, ଚନ୍ଦନ

ଭେଓନା—କ୍ରି. ଭରସିବା, ବି°. ଅନ୍ୟମନା ହୋଇ ପ୍ରକୃତ ଜିନିଷକୁ ଅନ୍ୟ ଜିନିଷ ଭାବିନେବା

ଭେକଥ—ବି. ବେଶ, ପୋଷାକ

ଭେଗାର୍—ବି°. ଅଲଗା, ଅନ୍ୟ, କ୍ରି. ଅଲଗା କରିବା

ଭେଜେଦ୍—ବି. ଶତ୍ରୁତା, କ୍ରି. ଶତ୍ରୁତା ଆଚରଣ କରିବା

ଭେଜା—କ୍ରି. ପଠାଇବା, ବି. ଗୁନ୍ଧା, କର

ଭେଜାଓ—ବି°. ପଠାଯାଇଥିବା

ଭେଜାପାଞ୍ଜା—ବି. ଗୁନ୍ଧା

ଭେଜାଲ୍—ବି°. ମିଶ୍ରିତ ଭେଜାଲ

ଭେଜେର୍ ଭେଜେର୍—ବି°. ଦକଦକିଆ (ମାଇକିନିଆ)

ଭେଃଜାଓ—କ୍ରି. ଠୋକର ପାଇବା, ଦୋଷ ଦେବା

ଭେଃଜାନ୍—କ୍ରି. ମିଶ୍ରଣ କରିବା

ଭେଟ୍—କ୍ରି. ସାକ୍ଷାତ ହେବା, ଭେଟ କରିବା

ଭେଟ୍‌କନ୍—ବି°. ତ୍ରୁଟିଆ ଆକାରର

ଭେଟ୍‌ରଅ—ବି°. ଶୁଣି ନ ଶୁଣିବା ବାଲା, ଜଡ଼୍

ଭେଟି—ବି. ଭେଟି, ଉପଢ଼ୌକନ

ଭେଟୁଓ୍ବାଃ—ବି. ଭେଟ

ଭେଡଓ୍ବା—ବି. ଏକ ପ୍ରକାରର ଗଛ, ଛୋଟ ଗୁଲୁଣ୍ଡା ଗଛ

ଭେଡା—ବି. ମେଣ୍ଢା

ଭେଦ୍—ବି. ଭେଦ, ରହସ୍ୟ

ଭେଦେ ଭେଦେ—କ୍ରି. ବି°. ଅଢ଼ଣକୁ ମାଝାରେ

ଭେଦେର୍ ଭେଦେର୍—କ୍ରି. ବି°. ବାରମ୍ବାର (ପଶୁରିବା, ପାଟି କରିବା, କହିବା)

ଭେଧାଓ—କ୍ରି. ବାଧିବା

ଭେନ୍ତା—ବି°. ଗୋପଣୀୟ

ଭେନ୍—ବି. (ଇଂ) ଭେନ (van), ମୋଟର ଗାଡ଼ି ବିଶେଷ

ଭେନ୍ ଭେନାଓ୍ବ—କ୍ରି. ଚକ୍କର ମାରିବା, ଝିମ୍ ଝିମ୍ ଲାଗିବା

ଉ: ବଦ୍ଧାଃରେ ଦାଲ୍ କେଦେତେ ଏ ଭେନ୍ ଭେନାଓ୍ବ ଏନା—
ତା ମୁଣ୍ଡରେ ସେ ପିଟିବାରୁ ତା'ର ମୁଣ୍ଡ ଚକ୍କର ଖାଇଲା

ଭେରୁଣ୍ଡା—ବି. ଅଣ୍ଡିରି ବଳୁଆ, ଷଣ୍ଢ

ଭେରୁ ଭେରୁ—କ୍ରି. ଘୂରିବା ପ୍ରକ୍ରିୟା, ଚକ୍କର ମାରିବା

ଉ: ଲଟୁ ଭେରୁ ଭେରୁ ଆଟୁରଃକାନା—ଲଟୁ ଚକ୍କର ମାରୁଛି

ଭେରଟ୍—ବି°. କଠୋର

ଭେଲା—ବି. ଭେଳା

ଭେଲ୍—ବି. ଭେଲ, କମିଆଁ

ଭେଲକ—ବି. ଭେଲକ, କ୍ରି. ହାତ ସଫେଇ କରିବା
ଭେଲ୍ଲଉଁନା—ବି. ଏକ ପ୍ରକାର ଗଛର ନାମ
ଭେଲଝିଣ୍ଡି—ବି. (ଛେଳି ମେଣ୍ଢା) ଲଣ୍ଡି
ଭେସ୍—ବି. ବେଶ, ପୋଷାକ, ପରିଚ୍ଛଦ
ଭେସାଓ—କ୍ରି. ଚଢ଼ାଇବା
ଭେସା ଭସି—କ୍ରି. ଘୁଙ୍ଗା ପରି ନକଲ କରିବା
ଭେଲ୍‌ଗୁଓ୍ୱ—କ୍ରି. ଡରିଇ ଡଣ୍ଡଦେବା
ଭେଲଚଃ—କ୍ରି. ଛଡ଼ାଇ ହେବା, ଖସିବା
ଭେଲ୍‌ଡାଂ—କ୍ରି. କାଖରୁ ଖସି ପଡ଼ିବା
ଭଃ—କ୍ରି. ଲୁକିବା
ଭଃଭଣ୍ଡିରଂ—ବି. ବହୁତ ବଡ଼ ଖାତ (ଖାଲ)
ଭଃଭନ୍ଦାଂ—କ୍ରି. ବିଂ. ଲଗାତାର, ବାର ବାର

## ମ

ମଅ—ବିଂ. ଫୁଲ, କ୍ରି. ଫୁଲିବା
ମଇଜ— କ୍ରି. ମଇଜ କରିବା
ମଆଁଓ୍ୱ—କ୍ରି. ମିଶାଇବା, ଗୋଳାଇବା
ଉ: ଲହୁଦ୍ ଡାବେନ୍ ତୁଲୁଙ୍ଗ୍ ଗୁଲ ମଆଁଓ୍ୱ ମେ-ଭଜା ଚୂଡ଼ାରେ ଗୁଡ଼ ଗୋଳାଇ ଦିଅ
ମକନ୍ତ—କ୍ରି. ଅସନ୍ତୋଷ ହେବା
ମକ୍ ମକ୍—କ୍ରି. ଅସନ୍ତୋଷ ପ୍ରକାଶ କରି ଭୁକିବା
ମକରଦମା—ବି. ମକଦ୍ଦମା
ମକା—ବି. କହୁଣୀ, କ୍ରି. ଏକ ହାତ ଲମ୍ବା ହେବା
ମକା ଘା.ଟି—ବି. କହୁଣୀ ତଳ, କ୍ରି. ଏକ ହାତରୁ କମ୍ ହେବା
ମକାଠେଣ୍ଡେ୍—ବି. କହୁଣୀ ଗଣ୍ଠି
ମକା ଡାଟାପ୍—କ୍ରି. ବିଂ. ମାପ ପ୍ରକାରରେ
ମକ୍କା—ବି. ମୁସଲମାନ ମାନଙ୍କର ତୀର୍ଥ ସ୍ଥାନ
ମକାସ୍—କ୍ରି. ହାତରେ ମାପିବା
ମଖ୍‌ମଲ୍—ବି. ଚିକ୍କଣ ବସ୍ତ୍ର ବିଶେଷ
ମାଖାଓ୍ୱ—କ୍ରି. ମାଖିବା
ମଗଜ୍—ବି. ମଗଜ, ମସ୍ତିଷ୍କ, ମଜମୋଟା
ମଗରି—ବି. ମାଛଧରି ଏକ ମୁହାଁ ଗୋଲିଇ ଖଇଞ୍ଚି
ମଗାଓ—କ୍ରି. ମଗାଇବା
ମଙ୍ଗରି—ବି. ଓସାରିଆ ଗୋଲିଇ ନଳୀ, ଚିମିନି
ମଙ୍ଗସୁ—କ୍ରି. ଡାକିବା
ମଙ୍ଗସୁ ମଙ୍ଗସୁ—ବିଂ. ସୁଗନ୍ଧ ପବନ
ମଙ୍ଗଲ୍ ବାର—ବି. ମଙ୍ଗଳ ବାର
ମଘା—ବି. ମଘା (ନକ୍ଷେତ୍ର ବିଶେଷ)
ମଚ୍‌ମଚ୍‌ଅ—ବିଂ. ଦୁଃଖି, ଚିନ୍ତିତ
କ୍ରି. ଦୁଃଖିତ ହେବା, ହଇରାଣରେ ପଡ଼ିବା
ମଚଂ—ବି. ଯୋଡ଼ି
ମଚଲା—ବି. ମଚଲା, କଣ୍ଠ ରୋଗ ବିଶେଷ
ମଚ୍‌କାଓ୍ୱା—କ୍ରି. ମୋଡ଼ି ହେବା
ମଚଲାଓ୍ୱ—କ୍ରି. ମଗ୍ଲିବା, ଖୁସାମତ କରିବା, ହାତରେ ଧରି ଟଣା ଟଣି କରିବା
ମଚଲା ମୁଚଲି—କ୍ରି. ଖୁସାମତ କରିବା ପ୍ରକ୍ରିୟା, ଟଣା ଓଟରା ପ୍ରକ୍ରିୟା
ମଚୁ—ବି. ପାଟି, ମୁହଁ
ମଚୁଖୁରୁ—ବି. ପଶୁଙ୍କର ମୁହଁ ରୋଗ
ମଚୁବାନ୍—ବିଂ. କୁହାଳିଆ, ବକ ବକିଆ
ମଁଜ୍‌ଗୁଲ୍ଲ—ବିଂ. ସୁନ୍ଦର, ବଢ଼ିଆ
ମଜା—ବି. ମୌଜା
ମଜ୍‌ଜା—କ୍ରି. ମଜା କରିବା, ଥଟ୍ଟା କରିବା
ମଜ୍ଜା—ବି. ଅସ୍ଥିର ମଜ୍ଜା, ହାଡ ଭିତରସ୍ଥ ମାଂସ
ମଜ୍‌ଭୁଦ୍—ବିଂ. ମଜ୍‌ବୁତ, ଶକ୍ତ
ମଅଟ୍—ବି. ମୋଟ
ମଟକଅ—ବିଂ. ମୋଟା, ବଡ଼
ମଟର—ବି. ମଟର ଗାଡ଼ି, ମଟର ମଞ୍ଜି
ମଟ୍‌ରି—ବି. ଗଣ୍ଠିସି, ଗଣ୍ଠିଲି, ପୁଟୁଲି, କ୍ରି. ଗଣ୍ଠିଲି/ପୁଟୁଲି ବାନ୍ଧିବା
ମଟରି ଟଟରି—ବି. ପୋଟଳି ପଟା, ଗଣ୍ଠିଲି ଇତ୍ୟାଦି

ମଝଟା—ବିଂ. ମୋଟା, ଧଣା, ଡାଗେଡ଼ା

ମଟା ଉକଚ୍ ଆଲାଃ—ବି. ଏକ ପ୍ରକାର ଜଙ୍ଗଲି ଗଛର ପତ୍ର

ମଟା ଗୁନ୍ଦୁଲି ଆଲା ◦◦ —ବି. ଏକ ପ୍ରକାରର ଶାଗ

ମଟା ଠେଙ୍ଗା—ବି. ମୋଟା ଠେଙ୍ଗା/ବାଡ଼ି

ମଟାବର୍ ଝଙ୍କା —ବି. ଏକ ପ୍ରକାର ଔଷଧି ଲତା

ମଟାମୁଣ୍ଡି—ବିଂ. ମୋଟା ଡାଗେଡ଼ା, ବି. ମୋଟରେ

ମଟା ମୁଁ—ବିଂ. ମୋଟା ନାକ

ମଟା ସଟା—ବିଂ. ମୋଟା ଡାଗେଡ଼ା, ମୋଟା ଓ ଜୋରଦାର୍ଆ

ମଟା ଡକାନ୍—ବି. ଏକ ପ୍ରକାରର ଔଷଧିଯୁକ୍ତ ଗଛ

ମଟା ମିଁ.ସୁଆଲା ◦◦ —ବି. ମୋଟା ହୁଡ଼ମିସୁ ଶାଗ

ମଟେଆଓ୍ (ମ୍)—କ୍ରି. (ଏକାଠି କରି) ନେଇ ଯିବା

ମଠଅ—ବି. ମଠୁଆ, କ୍ରି. ମଠ କରିବା, ଡେରି କରିବା

ମଠ—ବି. ମଠ

ମଠା—ବି. ଟସର ତିଆରି ବସ୍ତ୍ର

ମଠା ଶାଲୀ—ବି. ଟସର ଶାଢ଼ୀ

ମଠେ—କ୍ରି. ବିଂ. ଆଦୌ (ନୁହେଁ)

ମଠେରେ—କ୍ରି. ବିଂ. ଖାଲିଟାରେ

ମଡର—ବି. (ଇଂ) ମର୍ଡର (murder)

ମଡେଲ୍—ବି. (ଇଂ) ମଡ଼େଲ୍ (model)

ମଣା—ବି. ମଡ଼ା

ମଣାଓ—କ୍ରି. ମନେଇବା, ମଣେଇବା

ମଣ୍ଡ୍ଗକ୍,ମଣ୍ଡଗଡ୍—କ୍ରି. ଗଜା ଡାଳ ଘୁଞ୍ଚିବା (ହାତରେ) ଧରି ଦାଢ଼ି ମୋଡ଼ିବା

ମଣି—ବି. ମଣି

ମଣେ—ବି. ପାଞ୍ଚ (ସଂଖ୍ୟା ବାଚକ) ପାଞ୍ଚ

ମଣେ ଗାଣ୍ଡା—ବି. ପାଞ୍ଚ ଗଣ୍ଡା

ମଣେ ତେଲିଆ ◦◦ —ବି. ପଗୁଣ

ମଣେ ଟାକାଆ ◦◦ —ବି. ପାଞ୍ଚ ଟଙ୍କିଆ

ମଣେହଲ୍—ବିଂ. ପାଞ୍ଚ ଲୋକ

ମଣେଗଟା°—ବି. ପାଞ୍ଚଟା ·

ମଣେକ ଭୁଲୁଇକ—ବି. ପାଞ୍ଚ ଓ ଛଅ ଦେବତା

ମଣ୍ଡ୍—ବି. ଦେହର ଗଣ୍ଠି

ମଣ୍ଡଅ—ବି. ମଣ୍ଡ

ମଣ୍ଡପ୍—ବି. ବେଦୀ

ମଣ୍ଡା ପିଠା—ବି. ମଣ୍ଡାପିଠା

ମତ୍—ବି. ମତ, ସମ୍ମତି, କ୍ରି. ମତ ଦେବା, ସମ୍ମତି ଦେବା

ମତଅ—ଅ. କେବଳ

ଉ: ଇଞ୍ଜ୍ ମତ୍ଅକ ଏମାଦାଞ୍ଜା—କେବଳ ମୋତେ ଦେଲେ

ମତଲବ୍—ବି. ମତଲବ, ମନ

ମତାଓ—କ୍ରି. ମତାଇବା

ମତାମ ଉଦ୍(ଦ୍)—ବି. ଏକ ପ୍ରକାର ଛତୁ (ବର୍ଷା ଋତୁରେ ହୁଏ ଏହାକୁ ଖାଆନ୍ତି)

ମଦଚୁର୍—ବି. ମୋଡଚୁର୍

ମଦ—ବି. ମନ, ବୁଦ୍ଧି

ମଦୁଆଲ୍—ବିଂ. ମଦୁଆଲ

ମଦ୍—ବି. ମଦ

ମଦତ—ବି. ସାହାଯ୍ୟ

ମଦେରେ—ଅ. ଦଳ ଭିତରେ ଏକ

ଉ: ଆପେ ମଦେରେ ଉନି ହୁଲ୍ ମେନାୟା—ସେ ଲୋକ ତୁମ ଦଳରେ (ଭିତରେ) ଅଛୁ

ମଦାର୍ ମୁଲି—ବି. ଏକ ପ୍ରକାରର ସୁଗନ୍ଧ ଫୁଲ

ମଦାଭ୍—ବି. ନିଶାଦ୍ରବ୍ୟ ବିଶେଷ

ମଧାନ୍—ବି. ମଧାଣ, ଅଗ୍ରଭାଗ

ମଧୁବନ୍—ବିଂ. ସୁଖକର, ଆନନ୍ଦ ଦାୟକ, ମନୋହର ବଗିଚା

ମଧେ—ଅ. ମଧ୍ୟରେ

ମଧ୍ୟମ—ବିଂ ମଧ୍ୟମ

ମନ୍—ବି. ମନ

ମନାଓ—କ୍ରି. ମନାଇବା, ସ୍ୱୀକୃତ ପାଇବା

ମନ୍ତରଣା—ବି. ମନ୍ତ୍ରଣା, ପରାମର୍ଶ

ମନ୍ତରୀ—ବି. ମନ୍ତ୍ରୀ

ମନ୍ଦ୍—ବିଂ. ଖରାପ, ମନ୍ଦ

ମନ୍ଦା—ବି. ମନ୍ଦା, ଗଦା, ଢୁଲ

ମନ୍ଦାମ୍—କ୍ରି. ବିଂ. ଦୈନିକ, ବରାବର

ମନ୍ଦର୍—ବି. ମନ୍ଦର

ମନ୍ଦେ—ବିଂ. ଢୁଲରେ (ଏକଠାରେ) ସଢ଼ିଯିବା

ଖଡ଼୍ମନ୍ଦେ—ଗୋବର ଢୁଲ

ମନ୍ରେ—ବି. ମନରେ, ମନ ଭିତରେ

ମନେ ମନେ—କ୍ରି. ବିଂ. ମନରେ ମନରେ

ମନାସିବ୍—ବିଂ. ଉଚିତ

ମପାଓ—କ୍ରି. ମପାଇବା, ଓଜନ କରାଇବା

ମଫସଲ୍—ବି. ମଫସଲ, ଗ୍ରାମାଞ୍ଚଳ

ମଫହଲ୍ଲଅ—ବିଂ. ଗାଉଁଲିଆ, ଅଜ୍ଞ

ମମ୍—ବି. ମହମ

ମମ୍ବାତି—ବି. ମହମବତୀ

ମୟୁଡ଼ଂ—ବିଂ. ଖାଲି (ବେକ- ଦେହ) (ପରିଧାନହୀନ)

ଉ: ହଁଃତାୟ ମୟୁଡ଼ଂଗେୟା - ତାହାର ବେକଟା ଖାଲି ଅଟେ (ବେକରେ କିଛି ପିନ୍ଧି ନାହିଁ)

ମରଗନ୍—ବିଂ. ଦୁର୍ବଳ

ମରଦ୍—ବି. ମର୍ଦ୍ଦ, ପୁରୁଷ

ମର୍ଧା—ବିଂ. ବେମାରିଆ ଓ ଦୁର୍ବଳ

ମରନ୍—ବି. ମରିବା

ମର୍ନା—ବି. ମୃତ୍ୟୁ

ମରନା ଗରନା—କ୍ରି. ବିଂ. ମୃତ୍ୟୁ ବେଳରେ ଦୁଃଖ ଦୁର୍ଦ୍ଦଶାରେ ପିଡ଼ିତ

ମରନା ଏନେଜ୍—ବି. ମୃତ୍ୟୁ ପରେ ଶ୍ରାଦ୍ଧ ଆଦିରେ ଏକ ପ୍ରକାର ନାଚର ନାମ

ମରକ୍—ବିଂ. ହାତ ଗୋଡ଼ ଛୁଣ୍ଡିବା/ସବୁ ହୋଇଯିବା

ମର୍ମର୍—ବିଂ. ମୋର ମୋର କ୍ରି. ଅସ୍ଫାଳନ କରିବା

ମରସ୍—ବି. ଅମାର

ମରମରାଓ—କ୍ରି. ବିଂ. ଲାଲାୟିତ, ଇଚ୍ଛୁକ

ମରା—ବିଂ. ରୋଗିଣା, ଦୁର୍ବଳିଆ

ମରା କମ୍ପା—ବି. କବର ସ୍ଥାନ

ମରା ଜଇନସ୍—ବି. ଶ୍ରାଦ୍ଧ ସାମଗ୍ରୀ

ମରା ମୁହାଁ—ବି. ଦକ୍ଷିଣ ଦିଗ (ଯେଉଁ ଦିଗକୁ ମଲା ବ୍ୟକ୍ତିର ମୁଣ୍ଡକୁ ରଖି ପୋତନ୍ତି)

ମରାମର୍—କ୍ରି. ମରାମତି କରିବା

ମରେ (ମାରେ)—ବିଂ. ପୁରୁଣା

ମରେୟା—ବିଂ. ଦୁର୍ବଳ (ସ୍ତ୍ରୀପ୍ରାଣୀ)

ମରଲ୍ ମରଲ୍—କ୍ରି. ବିଂ. ଟକଟକକର (ଏକ ଲୟରେ)

ମଲ (ମୁଲ)—ବି. ମୂଲ୍ୟ

ମଲାଟ୍—ବି. ମଲାଟ କ୍ରି. ମଲାଟ କରିବା

ମଲ୍ଓ୍, ମଲାଓ୍—କ୍ରି. ଗୋଳାଇ ମିଶାଇ ପଶୁଙ୍କୁ ଜାବଣ ଦେବା

ମଲ ~ (ମୁଲୁ ~) ବି. ନୂଆ ଚନ୍ଦ୍ର, ଚନ୍ଦ୍ରର ପ୍ରଥମ ଦର୍ଶନ

ମଲ ~ ଉଇଜନ୍—ବି. ଅଧା ଚନ୍ଦ୍ର (ସମସ୍ତ)

ମଲଂ—ବି. କପାଳ

ମସୁଦା—ବି. ମଇଦା

ମସୁଦାନ—ବି. ମଇଦାନ, ପଡ଼ିଆ

ମସୁର୍—ବି. ମସୁର

ମସ୍ଜିଦ୍—ବି. ମସ୍ଜିଦ୍

ମସଡ଼ା—ବିଂ. ଭଙ୍ଗୁର, ଦୁର୍ବଳା, (ଯାହା ସହଜରେ ଭାଙ୍ଗିଯାଏ)

ମସଦ୍—କ୍ରି. ମଉଳିବା (ଫୁଲ) କମିବା

ମସଭ—ବିଂ. ଭଙ୍ଗୁର, ଦୁର୍ବଳ

ମସଲା—ବି. ମସଲା

ମସାଲ୍—ବି. ମଶାଲ

ମସାର୍—ବି. ମସାରି

ମହଦ—ବି. ରାଜପ୍ରତିନିଧି

ମହଙ୍ଗା—ବି. ମହଙ୍ଗା

ମହଣ୍ଡା—କ୍ରି. ଯିବାକୁ ମୁହାଁଇବା

ଉ: ଉନକୁ ଅଲା ~ ତେଜ ମହଣ୍ଡା ଏନା—ସେମାନେ ଘରକୁ ଯିବାକୁ ମୁହାଁଇଲେ

ଉ. ହପନଆ ମହଣ୍ଡା ଦ ଅଜ୍ ବାବା ଲେକାନା—ତାହାର ରୂପ ତାହାର ବାପ ପରି

ମହଣ୍ଡା ମୁହଣ୍ଡି—କି. ବିଂ. ସିଧା ସିଧା, ସାମନା ସାମନି

ମହତ—ବି ମହତ

ମହନ୍ତଅ (ମହନ୍ତ)—ବି. ମହନ୍ତ

ମହର—ବି. ସୁନା ମୁଦ୍ରା, ରୂପ

ଉ: ଆମାଃ ମହର୍ ଦ ବାଞ୍ଚ୍ ଞେଲ୍ ଆଆଦ—ତୁମର ରୂପ ଆଉ ଦେଖିବ ନାହିଁ

ମହମ—ବି. ମହମ

ମହଲ୍—ବି. ମହଲ

ମହଲତ୍—ବି. ମହଲତ

ମହରମ୍—ବି. ମହରମ

ମହେଁ—କି. କଢ଼ି ଧରିବା, କଢ଼ି ହେବା

ମହେଁ ବାହା—ବି. କଢ଼ି ଫୁଲ, ବି. କଢ଼ି

ମା—ଅ. (ଆଦେଶାତ୍ମକ ପଦର ପର୍ବ ପଦ) (ହେଉ, ତେବେ) ସହିତ ସମାନ ହେବ

ଉ: ମା—ହେଉ କର, ମା ସାବ୍‌ମେ—ହେଉ ଧର
ମା ସେନଃମେ—ହେଉ ଯାଅ, ମା ଦେଲାବନ୍—ହେଉ ଆସ ଯିବା (ଆଦ)

ମାଇଁ—ବି. ଝିଅ (ସମ୍ବୋଧନାତ୍ମକ ପଦ) ଯେ କୌଣସି ସ୍ତ୍ରୀକୁ ଯିଏ ତାଠାରୁ ବୟସରେ ସାନ ତାକୁ ଏହି ସମ୍ବୋଧନ କରାଯାଏ)

ଉ: ମାଇଁ ଅଲମ୍ ରା:ଅ—ଝିଅ, ତୁ କ୍ରନ୍ଦନ କର ନାହିଁ

ମା:—କି. ହାଣିବା, କାଟିବା (କୁରାଢ଼ୀ, କଟୁରି, ବାଲି, ଖଣ୍ଡା ଦ୍ୱାରା)

ମାକାରଦାମ୍—ବିଂ. ବଡ଼, ବିଶାଳ

ମାକାରୁଦମା—କି. ମକଦମା କରିବା, ବି. ମକଦ୍ଦମା

ମାକାଲକେନ୍ଦା—ବି. ମାଙ୍କଡ଼ା କେନ୍ଦୁ

ମାକାଲା ଧିରି—ବି. ମାଙ୍କଡ଼ା ପଥର

ମାକଡ଼—ବି. ଅଲଙ୍କାର ବିଶେଷ, ମାକଡ଼ି

ମାକାଥଡା—କି. କଣ୍ଠସ୍ଥ କରିବା

ମାଖାଓ—କି. ମଖାଇବା, ଲେପନ କରିବା

ମାଖନ୍—ବି. ମଖନ

ମାଗଣ—କି. ମାଗିବା, ବି. ମାଗଣ

ମାଗଣା—ବିଂ. ମାଗଣା, ବିନାମୂଲ୍ୟ

ମାଗାଜ୍—ବି. ମଗଜ, ବୁଦ୍ଧି

ମାଙ୍ଗାଲ୍—ବି. ଭୁଚ୍ଛ, ହୀନ, ଅପରିଷ୍କାର, ମଳଗ୍ରସ୍ତ

ଉ: (୧) ଉନ୍ ମାଙ୍ଗାଲ୍ ମେଃହୋର୍—ହୀନ ଭାବ ଯେମାନେ କହନ୍ତି

(୨) ଲୁଗୁଲି ଦ ଆଲମ୍ ମାଙ୍ଗାଲ୍ ଅଚ ଆ:ଆ—ଲୁଗାକୁ ମଳଗ୍ରସ୍ତ ହେବାକୁ ଦିଅ ନାହିଁ

ମାଘ ବଙ୍ଗା—ବି. ମାଘ ମାସ, ମାଘ ପୂଜା

ମାଘ ସିମ୍ ବଙ୍ଗା—କି. ମାଘ ମାସରେ କୁକୁଡ଼ା ବଳି ପୂଜା

ମାଃ ମଣେ—ବି. ମାଘ ମାସର ଜାହେର୍ ପୂଜା (ଏହା ସାର୍ବଜନୀନ ପୂଜା)

ମାଙ୍ଗିର ହା.କୁ—ମାଗୁର ମାଛ

ମାଗ୍—ବି. ମଞ୍ଚା, ଉଚ୍ଚ ଖଟ୍ଟି

ମା.ଚ—ବି. ମାଞ୍ଚି

ମାଛୁଆ ପାତକ—ବି. ମାଛୁଆ ପାତକ (ଘା'ରେ ମାଛି ବସିବା ଦ୍ୱାରା ପୋକ ହେବା ହେତୁ ପାପ)

ମାଛୁଆ—ବି. ମାଛୁଆ ଜାତି ବିଶେଷ

ମାଝାଂ (ମଝାଂ)—ବି. ଥୋଡ଼

ମାଁଜାଓ—କି. ମାଜିବା (ପଥି, ଉଚଞ୍ଚ, ବାସନ ଧୋଇ ସଫା କରିବା)

ମାଞ୍ଜଣା—କି. ଠାକୁରାଣୀ ଶାଳରେ ପୂଜା କରିବା (ଆଷାଢ଼ ମାସରେ କରାଯାଏ)

ମାଞ୍ଜାନ୍—କି. ପୂର୍ବାହ୍ନ ଭୋଜନ

ମାଞ୍ଚି—ବି. ମାଞ୍ଚି

ମାଞ୍ଜ୍—ବି. ମଞ୍ଜ

ମାଝି—ବି. ସାନ୍ତାଳ ଗାଁର ମୁଖ୍ୟ ଲୋକ

ମାଝି—ବି. ସାନ୍ତାଳଙ୍କ ସର୍ବ ସାଧାରଣ ପଦବୀ (surname)

ମାଠା—ବି. ଜଙ୍ଗଲି ଗଛ ଯାହାର ପତ୍ରକୁ ଖାଆନ୍ତି, ଏହା ଖଟା ଲାଗେ

ମାଠାଓ—କ୍ରି. ଠକି ନେବା

ମା.ଠୁ—ବିଂ. ଠକୁଆ, ଠକ

ମାଡ, ମାଣ୍ଡ—ବି. ମାଢ଼

ମାଣ୍ଡ—ବି. ଯୁଦ୍ଧ

ମାଡ଼କମ୍—ବି. ମହୁଲ ଫୁଲ

ମାଡକମ୍ ଦାରେ—ବି. ମହୁଲ ଗଛ

ମାଡକମ୍ ଲାଟଠ—ବି. ମହୁଲ ଫୁଲ ଖଇରେ ତିଆରି ଲଡୁ

ମାଁ.ତ୍କା.ମ୍—ଅ. କଦାଚିତ୍, କଦାପି, କେବେହେଲେ

ଉ: ଉନ୍‌କୁ ଉଲୁକ ମାଁତ୍କା.ମ ଆଲମ୍ ମେସାଃ ଆ – ତାଙ୍କ ସହିତ କଦାପି ମିଶିବ ନାହିଁ

ମାଡାଲ୍—ବି. ମାଡାଲ୍

ମାତ୍ରା—ବି. ପରିମାଣ ମାତ୍ରା

ଉ: ମାତ୍ରା ଲେକାତେ ରାନ୍ ଏମାୟମେ – ମାତ୍ରା ଅନୁସାରେ ଔଷଧ ଦିଅ

ମାଁଦ୍—ବି. ବାଉଁଶ

ମାଦକ ଜିନସ—. ନିଶା ଦ୍ରବ୍ୟ

ମାନ୍‌ଦାଲ୍—ବି. ଗୋଡ ଫଣ୍ଡିଆ (ଶିକାର ଜନ୍ତୁକୁ ଯେ ପ୍ରଥମରେ ଶର ମାରିଥାଏ ତାହାକୁ ଜନ୍ତୁର ଏକ ଫଣ୍ଡିଆ ଅଧିକ ଭାଗ ଦିଆଯାଏ ଏହାକୁ ମାନ୍‌ଦାଲ୍ କହନ୍ତି)

ମାନ୍‌ଦାରଗମ୍ (ମାଦାର୍‌ଗମ୍)—ବି. ଆତ ଫଳ

ମା ନ୍—ବି. ମାନ୍ୟତା, କ୍ରି. ମାନ୍ୟତା ଦେବା

ମାନତ୍—ବିଂ. ଖାତିର୍, ମାନ୍ୟତା

ମାନ୍‌ତାନ୍—ବି. ମାନସିକ

ମାନ୍‌ଡାର୍—କ୍ରି. ମନ୍ତ୍ର କରିବା, ବି. ମନ୍ତ୍ର

ମା.ନଡ—କ୍ରି. ମାନ୍ୟ ଦେବା, ମାନିବା

ମାଁ.ନଦା—ବି. ଶର୍ଦ୍ଧି

ମାନ୍-ଦାଆ—ବି ମାଣସାରୁ କନ୍ଦା

ମାନ୍ ମି—ବି. ମାନବ

ମାନ୍‌ସିକ୍—କ୍ରି. ମନାସିବା, ଦେବତାଙ୍କ ଠାରେ ପଣ କରିବା

ମାନା—ବି. ବାରଣ କ୍ରି. ବାରଣ କରିବା, ମନା କରିବା

ମାନାଓ—କ୍ରି. ମାନିବା, ସନ୍ତୋଷ ହେବା

(ଦ୍ର.ଦ୍ର.—"ମା" କ୍ରମର ଅନ୍ୟ ଏକ କ୍ରମ ଶବ୍ଦ)

ମାଁଇରେ—(ସମ୍ବୋଧନ) ପ୍ରିୟ (ବୟସରେ ସାନ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ)

ମାଇଁରେ—ବି. ପ୍ରିୟ

ମାକୁର୍—କ୍ରି. ସ୍ୱେବାଇବା

ମାକୁଲ୍—ବିଂ. ଯୋଗ୍ୟ, ନମ୍ର, ଦୃଢ଼

ମାକୁ—ବି. ଲୁଗାବୁଣା ତନ୍ତରେ ସୂତା ଭରଣା କରିବା ଯନ୍ତ୍ର

ମାଗଦୁର୍—ବି. ଶକ୍ତି, ବଳ, ବିଂ. ବଳବାନ

ମାଙ୍ଗନ—ବି. ମୁକ୍ତି

ମାଛୁଆନ୍ଧାର—ବି. ମାଛୁଅନ୍ଧାର

ମାଚକଠା—ବି. ପଟାଦାଗ

ମାଚୁଃ—କ୍ରି. ଭୋଜନ କରିବା, ଖାଇବା

ମାଚୁର୍—କ୍ରି. ସ୍ୱେବାଇବା

ମାଜ୍‌ଖାଲ୍‌ଯସ୍—ବିଂ. ମଧ୍ୟମ, ମଝିମଝିକା

ମାଜ୍‌ଝିଖୋଲ୍—ବି. ସାନ୍ତାଳଙ୍କର ଏକ ଗୋଷ୍ଠୀ

ମାଜ୍‌ହି ଥାନ୍—ବି. ଗାଁର ପ୍ରଧାନଙ୍କର ଦେବ ପୀଠ

ମାଜ୍‌ହି ଗିଲାସ୍—ବି. ଏକ ଦେବତାର ନାମ

ମାଝ୍‌କୁ—ବିଂ. ଗେଲ୍ହା ଓ ମୋଟା

ମାଣ୍ଡଲ—ବି. ଗାଁର ମୁଖିଆ ଲୋକଙ୍କୁ ବର ଘର ପକ୍ଷରୁ ମିଳୁଥିବା 'ହକ' ପ୍ରାପ୍ୟ । ଶିକାରରେ ପ୍ରଥମ ମାରି ଥିବା ଲୋକଙ୍କୁ ମିଳୁଥିବା ସ୍ୱତନ୍ତ୍ର ମାଂସ

ମାଣ୍ଡଲ୍ ଗୁଓଲେ—ବି. ଗାଁରେ ବିବାହ ହେଲେ ପ୍ରତ୍ୟେକ କନ୍ୟା ପକ୍ଷରୁ ଗାଁ ମୁଖ୍ୟଙ୍କୁ ମିଳୁଥିବା ଶୁଳ୍କ

ମାଣ୍ଡି—ବି. ତୋରାଣି ଭାତ

ମାଣ୍ଡି—କ୍ରି. ଭାତ ପ୍ରସ୍ତେଇ କରିବା

ମାଣ୍ଡିଆଓ—କ୍ରି. ଲକ୍ଷ୍ମୀ ରହିବା, ପୂର ବୁଲିବା

ଉ: ବାପ୍ଲା ଅଲା ~ ରେଗେ ମାଣ୍ଡିଆଓ କାମେ—ବାହାଘରେ ଲକ୍ଷ୍ମୀ ରହିଥା (ବାହାଘରରେ ପୂର୍ଣ୍ଣବୁଲୁ ଥା)

ମାସୁଲ୍—ବି. କର, ଭଡ଼ା, ଟିକସ
ମାସୁଲ ଇଜାଦାର—ବିଂ. କର ଅସୁଲକାରୀ
ମହାକାଲ୍—ବି. ମହାକାଲ, ମହାକାଲ (ଡୋଟଲ୍) ଗଛ
ମହାକୁପ୍—କ୍ରି. ବୁଜିଯିବା, ବନ୍ଦ ହେବା, ସମାପ୍ତ କରିବା, ସ୍ଥଗିତ ରଖିବା
ମାହାଜୁର୍—କ୍ରି. ମହଜୁତ କରିବା, ସାଇତିବା
ମାହନା—ବି. ମହନା, ମାସ
ମାହରାଓ୍—କ୍ରି. ଅସ୍ୱୀକାର କରିବା
ମାହତ୍—ବିଂ. ଲଜ୍ଜିତ
ମାଁହର୍—ବିଂ. ନମ୍ର. କ୍ରି. ନମ୍ରହେବା
ମାହୁତ—ବି. ମାହୁନ୍ତ
ମାହୁତଗୁଲ୍—ବି. ଝଦେଡା ଗୁଡ଼
ମାହୁଁର୍—ବି. ବିଷ
ମାଣ୍—ବି. ମାଣ
ମା.ଣି—ବି. ଶବ
ମା.ଣିପଡ଼ା—ବି. କବର ସ୍ଥାନ, ମଡ଼ାପୋଡ଼ା ସ୍ଥାନ
ମା ଂମେଲ୍—କ୍ରି. ବଳି ଦେବା, ବଳିଦେବା ସ୍ଥଳୀ
ମାକ୍ନେ—କ୍ରି. ବିଂ. ବାମପାଖିଆ ହେବା
ମାକାଡଗାଓ—କ୍ରି. ଫାସ ବାନ୍ଧିବା
ମାକାଡ଼ ମୋକଡ଼୍—କ୍ରି. ଜୋରରେ ଏପାଖ ସେ ପାଖ ହେବା/ କରିବା, ଅସ୍ଥିର ଭାବେ କରିବା
ମାଘେଜାଡ—କ୍ରି. ବିଂ.—ମାଘ ମାସିଆ ଥଣ୍ଡା
ମାଙ୍ଗାଖୁଡ଼ା—କ୍ରି. ଉଧାର ନେବା
ମାଙ୍ଗାଲ—ବିଂ. ଚକଚିଆ ମଲଚ୍ଛା
ମାଛରଙ୍କା—ବି. ମାଛରଙ୍କା
ମାଛେର୍ ବୁଢ଼ା ଚେଣେ—ବି. ମାଛୁଆ ଚଢ଼େଇ (ନଦୀକୂଳିଆ ଶ୍ରେଷ୍ଠ ଚଢ଼େଇ ଯେ ସଦାବେଳେ ଲାଙ୍ଗୁଳ ହଲଉଥାଏ) ବୁଢ଼ା ଚଢେଇ
ମାଝାର—ବିଂ. ମଝିଆର, ମଝିଲି, ମଧ୍ୟରେ ଥିବା
ମାଞ୍ଜ୍ହି—ବି. ଗାଁର ମୁଖିଆ ଲୋକ

ମାଣ୍ଡ୍ରାଓ୍—କ୍ରି. ଘୂରିବୁଲିବା
ଉ: ସିମ୍ବ୍ରାଃ ଟେଲ୍ତେ ବୁଲଉ୍ ଏ ମାଣ୍ଡ୍ରାଓ୍କାନା - କୁକୁଡା ଛୁଆ ଦେଖି କରି ଚିଲ ଘୂରି ବୁଲୁଛି
ମାଣ୍ଡଓ୍ା—ବି. ମଣ୍ଡପ
ମାଣ୍ଡାଗ ମାଣ୍ଡିର—କ୍ରି. ବିଂ. ଘୁରିଘୁରି କରି ଘୁରି ଫେରି କରି ଦେଖିବା
ମାଣ୍ଡା—କ୍ରି. ପତୁଳି ପକାଇବା, ମଡ଼ାଇବା, ମାଣ୍ଡିବା ପ୍ରକ୍ରିୟା
ମାଣ୍ଡାଓ୍—କ୍ରି. ମଡ଼ାଇବା, ଦଞ୍ଚିବା
ଉ: ଖେତ୍‌ରେ ଦା ଂ ମାଣ୍ଡାଓଏନା - କ୍ଷେତରେ ପାଣି ମାଡ଼ିଗଲା
ମାଣ୍ଡେର୍ —ବି. ବୁଲିବା କ୍ଷେତ୍ର (Area) ବୁଲିବା ପରିମାଣ
ଉ: ମିହ୍ ମାଣ୍ଡେର୍ ଆରୁରଃ ମେ - ଅରେ ମାଣ୍ଡ ବୁଲି (ଘୁରି) ଆସ
ମାନଦଲ୍—ବି. ଏକ ପ୍ରକାରର ହାର
ମାଁନଦର୍ଗି—ବି. ଏକ ସାନ୍ତାଳି ସାର
ମାନବର୍—ବି. ସାନ୍ତାଳଙ୍କ ଦ୍ୱାରା ବର୍ଣ୍ଣିତ ଏକ ସ୍ଥାନ
ମାନଭାନ୍—ବିଂ. ପ୍ରତିଷ୍ଠିତ, ଆଦରଣୀୟ, ମାନନୀୟ
ମାପକାଓ୍—କ୍ରି. ପଛୁଆଙ୍କୁ ସମ୍ମାନ ଦେବା
ମାପାଂଝି ମାପାଞ୍ଜ୍ (କ)—ବିଂ. ଗାଁର ମୁଖ୍ୟ ମୁଖ୍ୟ ଲୋକ ସମୂହ
ମାମ୍କୁଲ୍—ବି. ମାମୁକୁଳ, ଅଜା ଘର
ମାମଡାଓ୍—କ୍ରି. ମାଡ଼ିବସିବା, ଝଗଡ଼ା କରିବା, ମାଡ଼ିବସି କାମୁଡ଼ିବା, ହାବୁଡ଼ରେ ପଡ଼ିବା
ଉ: ସେତା ଦ ଭୁସୁ ଏ ମାମ୍ଡାଓ୍ କାଦେୟା - କୁକୁରଟା ଶିଆଳକୁ ମାଡ଼ିବସି କାମୁଡ଼ି ଦେଲା
ମାମ୍ଅ—ବି. ମାମୁଁ
ମାମ ଖା.ଗନା—ବି. ମାମୁଁ ଭଣଜା
ମାମୟା—ବି. ମାମୁଁ ଭଣଜା ଉଭୟ
ମାମସାଲକ୍—ବି. ମାମୁଁ ପାଉଣା (ଭଣଜା ବିବାହ ବେଳେ ବର ପକ୍ଷରୁ ମାମୁଁଙ୍କୁ ଦିଆଯିବା ଲୁଗା)
ମାୟୁସାସି—ବିଂ. ମାଇଁ ଶାଶୁ
ମାୟୁଡାଂ—ବିଂ. ନଣଦାଡ଼ି ବିଶିଷ୍ଟ ମୁହଁ

ମାସୁଲ୍—ବି. କର, ଭଡ଼ା, ଟିକସ
ମାସୁଲ ଇଜାଦାର—ବିଂ. କର ଅସୁଲକାରୀ
ମହାକାଲ୍—ବି. ମହାକାଲ, ମହାକାଲ (କୋଚଲା) ଗଛ
ମହାକୁପ୍—କ୍ରି. ବୁଜିଯିବା, ବନ୍ଦ ହେବା, ସମାପ୍ତ କରିବା,
ସ୍ଥଗିତ ରଖିବା
ମାହାଜୁତ୍—କ୍ରି. ମହଜୁତ କରିବା, ସାଇତବା
ମାହୁନା—ବି. ମହୁନା, ମାସ
ମାହସ୍ରୱ୍—କ୍ରି. ଅସ୍ୱୀକାର କରିବା
ମାହତ୍—ବିଂ. ଲଜ୍ଜିତ
ମାଁହର—ବିଂ. ନମ୍ର. କ୍ରି. ନମ୍ରହେବା
ମାହୁର—ବି. ମାହୁନ୍ତ
ମାହୁଭଗୁଲ୍—ବି. ଝଡଡ଼ା ଗୁଡ଼
ମାହୁଁ ର୍—ବି. ବଷ
ମାଣ୍—ବି. ମାଣ
ମା.ଣି—ବି. ଶବ
ମା.ଣିପଡ଼ା—ବି. କବର ସ୍ଥାନ, ମଡ଼ାପୋଡ଼ା ସ୍ଥାନ
ମା ~ ମେଲ୍—କ୍ରି. ବଳି ଦେବା, ବଳିଦେବା ସ୍ଥଳୀ
ମାକ୍ନେ—କ୍ରି. ବିଂ. ବାମପାଖିଆ ହେବା
ମାକାଡଗାଣ୍ଡା—କ୍ରି. ଫାସ ବାନ୍ଧିବା
ମାକାଭ୍ ମୋକଭ୍—କ୍ରି. କୋଲରେ ଏପାଖ ସେ ପାଖ ହେବା/
କରିବା, ଅସ୍ଥିର ଭାବେ କରିବା
ମାଘେଜାଡ—କ୍ରି. ବିଂ.—ମାଘ ମାସିଆ ଥଣ୍ଡା
ମାଙ୍ଗାଖୁଡ଼ା—କ୍ରି. ଉଧାର ନେବା
ମାଙ୍ଗାଲ—ବିଂ. ଚକଟିଆ ମଲଛା
ମାଛରଙ୍କା—ବି. ମାଛରଙ୍କା
ମାଛେର୍ ବୁଢ଼ା ଚେଣେ—ବି. ମାଛୁଆ ଚଢ଼େଇ (ନଦୀକୂଳିଆ
ଶ୍ରେଷ୍ଠ ଚଢ଼େଇ ଯେ ସଦାବେଳେ ଲାଙ୍ଗୁଳ
ହଲାଉଥାଏ) ବୁଢ଼ା ଚଢେଇ
ମାଝାର—ବିଂ. ମଝିଆର, ମଝିଲା, ମଧ୍ୟରେ ଥିବା
ମାଞ୍ଜ୍ହି—ବି. ଗାଁର ମୁଖିଆ ଲୋକ

ମାଣ୍ଡ ଗ୍ରୱ୍—କ୍ରି. ଘୂରିବୁଲିବା
ଉ: ସିମ୍ବୁଆଃ ସ୍ତ୍ରେଲ୍‌କେ କୁଲଭ୍ ଏ ମାଣ୍ଡ୍ ଗ୍ରୱ୍ କାନା - କୁକୁଡ଼ା
ଛୁଆ ଦେଖି କରି ଚିଲ ଘୂରି ବୁଲୁଛି
ମାଣ୍ଡୱା—ବି. ମଣ୍ଡପ
ମାଣ୍ଡାଟ ମାଣ୍ଡିର—କ୍ରି. ବିଂ. ଘୂରିଘୂରି କରି ଘୁରି ଫେରି କରି
ଦେଖିବା
ମାଣ୍ଡା—କ୍ରି. ପତ୍ରଲ ପକାଇବା, ମଡ଼ାଇବା, ମାଡ଼ିବା ପ୍ରକ୍ରିୟା
ମାଣ୍ଡାୱ୍—କ୍ରି. ମଡ଼ାଇବା, ଦଳିବା
ଉ: କ୍ଷେତ୍ରେ ଦା ~ ମାଣ୍ଡାଓଏନା - କ୍ଷେତରେ ପାଣି
ମାଡ଼ିଗଲା
ମାଣ୍ଡେର୍—ବି. ବୁଲିବା କ୍ଷେତ୍ର (Area) ବୁଲିବା ପରିମାଣ
ଉ: ମିଦ୍ ମାଣ୍ଡେର୍ ଆବୁରଃ ମେ - ଅରେ ମାଣ୍ଡ ବୁଲି (ଘୁରି) ଆସ
ମାନଦଲି—ବି. ଏକ ପ୍ରକାରର ହାର
ମାଁନଦର୍ହି—ବି. ଏକ ସାନ୍ତାଳି ହାର
ମାନବର୍—ବି. ସାନ୍ତାଳଙ୍କ ଦ୍ୱାରା ବର୍ଣ୍ଣିତ ଏକ ସ୍ଥାନ
ମାନଭାନ୍—ବିଂ. ପ୍ରତିଷ୍ଠିତ, ଆଦରଣୀୟ, ମାନନୀୟ
ମାପଜାୱ୍—କ୍ରି. ପରସ୍ପରକୁ ସମ୍ମାନ ଦେବା
ମାପାଂହି ମାପାଞ୍ଜ୍ (ଜ)—ବିଂ. ଗାଁର ମୁଖ୍ୟ ମୁଖ୍ୟ ଲୋକ ସମୂହ
ମାମ୍ଭୁଲ୍—ବି. ମାମୁଭୁଲ, ଅଲ୍ଲ ଘର
ମାମଡାୱ୍—କ୍ରି. ମାଢ଼ିକପିବା, ଝଗଡ଼ା କରିବା,
ମାଢ଼ିଦନ୍ତ କାମୁଡ଼ିବା, ହାବୁଡ଼ରେ ପଡ଼ିବା
ଉ: ସେତା ଦ ଭୂସୁ ଏ ମାମ୍ଡାୱ୍ କାଦେୟା -
କୁକୁରଟା ଶିଆଳକୁ ମାଢ଼ିଦନ୍ତି କାମୁଡ଼ି ଦେଲା
ମାମ୍ଅ—ବି. ମାମୁଁ
ମାମ ଭା.ଗ୍ନା—ବି. ମାମୁଁ ଭଣଜା
ମାମସ୍ୟା—ବି. ମାମୁଁ ଭଣଜା ଉଭୟ
ମାମସାଲକ୍—ବି. ମାମୁଁ ପାଉଣା (ଭଣଜ ବିବାହ ବେଳେ ବର
ପକ୍ଷରୁ ମାମୁଁକୁ ଦିଆଯିବା ଲୁଗା)
ମାସୁସାସି—ବିଂ. ମାଈ ଶାଶୁ
ମାସୁଡାଂ—ବିଂ. ଜଣଦାଢ଼ି ବିହୀନ ମୁହଁ

ମା-ସ୍ମା—(ସମ୍ବୋଧନ) (ବଡ଼ଠାରୁ ଛୋଟଙ୍କୁ) ହେଇ ହେ
ଉ: ମା-ସ୍ମା ଦାବ୍ ମେ—ହେଇ ହେ ଧର
ମା-ସ୍ମା ସେନଃ ପେ—ହେଇ ହେ, ତୁମେମାନେ ଯାଅ
ମାୟା—ବି. ମାୟା, ଆକର୍ଷଣ ଭାବ
ମାୟାଜାଲ—ବି. ମାୟାଜାଲ, ସ୍ନେହାବେଶ
ମାଁୟାଁମ—ବି. ରକ୍ତ
ମାଁୟେତ୍ରୟେ—ବି. ପିଲାକବିଲା, ସପରିବାର
ମାର୍ଧର୍—କ୍ରି. ପିଟାପିଟି କରିବା
କ୍ରି. ବିଂ. ତତାପଟ, ଶୀଘ୍ର ଶୀଘ୍ର
ମାର୍ପିଚ୍—କ୍ରି. ବିଂ. ମାରପିଟ୍
ମାର୍ମାର୍—କ୍ରି. ବିଂ. ତର ତର
ମାର୍ପାସେ—(ସନ୍ଦେହାତ୍ମକ ପଦ) ହୁଏତ, ହୋଇପାରେ
ମାର୍ମାଁସଲ—ବି. ଗରମ ମସଲା
ମାରା—କ୍ରି. ହାନହେବା, ଅନିଷ୍ଟ ହେବା, ଛୁଆଁ ହେବା, ନଷ୍ଟ ହେବା, ମରିବା
ମାରାଂ—ବି. ମୟୂର
ମାରାକାଟା—କ୍ରି. ମାରିବା, ହାଣିବା
ମାରାଂ ଗୁଜ୍—ବି. ଏକ ପ୍ରକାରର ପିଲାଙ୍କ ଖେଳ
ମାରାଂ—ବିଂ. ବଡ଼, ବିଶାଳ, ବିଖ୍ୟାତ, ପ୍ରଧାନ, ଶକ୍ତିଶାଳୀ, ପ୍ରଥମ
ମାରାଂ ଦାରେ—ବଡ଼ ଗଛ
ମାରାଂ ହଡ଼—ବଡ଼ ଲୋକ, ବିଖ୍ୟାତ ଲୋକ
ମାରାଂ ଦରେୟା—ବିଶାଳ ସମୁଦ୍ର
ମାରାଂ ଅଫିସର୍—ପ୍ରଧାନ ଅଫିସର
ମାରାଂ କାମି—ପ୍ରଥମ କାମ, ପ୍ରଧାନ କାମ ଆଦି
ମାରାଂ କାଂଗାରୁ—ବି. ଏକ ପ୍ରକାରର ଜଙ୍ଗଲି ଲତା
ମାରାଂ ଡାରାସିଂ—ବି. ପୂର୍ବ ଅପରାହ୍ନ
ମାରାଂ ଡାଂ ଲୁବେର୍—ବି. ମୁଖ୍ୟ ପାଣିଅଣା ବେଳ, ସନ୍ଧ୍ୟା ବେଳ
ମାରାଂଦୁକ୍—ବି. ମହାଦୁଃଖ
ମାରାଂବୁରୁ—ବି. ବଡ଼ ପାହାଡ଼, ସାନ୍ତାଳଙ୍କ ମହାପ୍ରଭୁ ବା ମୁଖ୍ୟ ଆରାଧ୍ୟ ଦେବତା
(ପୂଜା ସମୟରେ ପ୍ରଥମରେ 'ମାରାଂବୁରୁ' ନାମରେ ଅର୍ପଣ କରାଯାଏ)
ମାରାଓ୍—କ୍ରି. ମାରିଦେବା, ନଷ୍ଟ କରିବା, କମାଇବା
ମାରାଣ୍—ବି. ନାହୁଙ୍ଗା, ଏକ ପ୍ରକାର ଗଛର ନାମ
ମାର୍କା—ବି. ମାର୍କା
ମାର୍କାଟା—ବି. ଏକ ପ୍ରକାରର ଔଷଧି ଗଛ
ମାର୍ଗେ—(ଆଦେଶାତ୍ମକ) ଓଡ଼ିଆ ପଦ 'ହଁ' ସହିତ ତୁଳନୀୟ
ଉ: ମାର୍ଗେ ତବେ ନତଂଦ ସାବମେ—ହଁ, ତେବେ ଏଥର ଧର
ମାର୍ଗୁ—ବିଂ. (ରହୁ ରହୁ ବା ବ୍ୟବହାର ଜନିତ) କମଜୋର ଅବସ୍ଥା
ଉ: ଲୁଗୁଡ଼ ମାରଗୁ ଏନା ନାଁଓ୍ନାଂ କଣଞ୍ଜ୍ ଟେ ହୁୟୁଃଆ—ଲୁଗା କମଜୋର ହେଲାଣି ନୂଆଟିଏ କିଣିବାକୁ ହେବ
(୨) ମାର୍ଗୁ ଜିନିଷ ଦ ଚେଦ୍ କାମିରେହଁ ବାଂ ଲଗାଓଆ—କମଜୋର ଜିନିଷ କୌଣସି କାମରେ ଲାଗିବ ନାହିଁ
ମାର୍ତେ—କ୍ରି. ବିଂ. ଜୋରରେ
ଉ: ମାରତେ ଅର୍ଆବନ୍—ଜୋରରେ ଟାଣିବା
ମାର୍ଦା ମାରଦ—କ୍ରି. ବିଂ. ରଗଡ଼ା ରଗଡ଼ି ଶକ୍ତି ଖଟାଇ
ମାର୍ଦାଓ୍—କ୍ରି. ଜୋରରେ ମାଲିଶ କରିବା
ମାର୍ଧାଲ୍—ବି. ଆଲୋକ, ରଶ୍ମି, ଉଜ୍ଜ୍ୱଳ
ମାର୍ହେଡ୍(ଲ୍)—ବିଂ. ଅଧେଡ଼, ଦରବୁଢ଼ା
ମାରେ—ବିଂ. ପୁରୁଣା, ପୁରାତନ
ମାରେଆଁରେ—ବିଂ. ପୁରୁଣା ପୁରୁଣି
ମାରେଓଣ୍ଡା—ବିଂ. ପୁରୁଣା ସ୍ଥାନ
ମାରେନ୍—ବିଂ. ପୁରାତନ
ମାରେପୁରନା—ବିଂ. ଗଚ୍ଛିତ ପୁରୁଣା ପୁରୁଣି
ମାର୍ଭ୍—କ୍ରି. ସାରିଦେବା, ଶେଷ କରିଦେବା
ମାଲ୍ଅ—ବି. ମଲ୍ଲଯୋଦ୍ଧା
ମାଲ୍—ବିଂ. ଜିନିଷ, ଧନ, ସମ୍ପତ୍ତି, ଦ୍ରବ୍ୟ
ମାଲ୍କାର୍—ବିଂ ମାଲିକ
ମାଲ୍କାଓ୍ଃ—କ୍ରି. ଝଲକିବା, ଦୌଡ଼ା ଦୌଡ଼ି କରି ଦେଖାଇ ହେବା

ଉ: ହଲକ ଗାମାଂରେ ମାଲ୍‌କାଓ୍ୱଁ କାନାସ୍ତ - ଲୋକଙ୍କ
ହସ୍ତୁଙ୍ଗରେ ଦୌଡ଼ା ଦୌଡ଼ି କରି ଦେଖାଇ ହେଉଛି

ମାଲଗା.ଡ଼ି—ବି. ମାଲ ବୁହା ଗାଡ଼ି

ମାଲ୍‌ଗୁଜାରି—ବି. ମାଲଗୁଜାରି

ମାଲ୍‌ହାନ୍—ବି. ଶିମ୍ବ

ମାଲ୍‌ହାନ୍ ତେଟେଣେ—ବି. ବାସ୍ନା ଚଢ଼େଇ

ମାଲ୍—ବି. ମାଲ, ହାର

ମାଓଁ (ମ) ଦୁଆରି—ବି. କଚେରୀ

ମାହ୍‌କାଓ—କ୍ରି. ମୃଦୁ ହସର ଛଟା, ଇଷତ୍ ହସ, ମୁରୁକି ହସ

ମାହ୍ ମାହାଓ୍ୱ—କ୍ରି. ଅସୁସ୍ଥ ଅନୁଭବ କରିବା ବିଂ. ଅସୁସ୍ଥ,
ରୁଗ୍ଣ

ମାହ୍‌ଗ୍ରାଓ୍ୱ—କ୍ରି. ଶୋଇବାଇବା

ଉ: ଡାଙ୍ଗରୀ ବୁସୁବ୍ ଏ ମାହ୍‌ଗ୍ରାଓ୍ୱ ଏଡା - ବଳଦ କୁଣ୍ଠା
ଶୋଇବାଉଛି

ମାସ୍‌ଡ଼ା—ବି. ମାସିକିଆ ବେତନ

ମାସେ—ଆଗ୍ରହ ପ୍ରକାଶକାରୀ ଶବ୍ଦ—ଓ ହୋ

ଉ: ମାସେ ଭଗିମ ହେଲ୍‌ଏନ୍ ନୁକୁ କା.ମିରେମ୍ ଗଲ.ଅ ଆଦ୍‌କିଆ
ଓହୋ, ଭଲ ଆସିଲ ଏମାନଙ୍କୁ କାମରେ ସହଯୋଗ କଲ

ମାସେ—ବି. ଏକମାସ

ମାସେ ମାସେ—କ୍ରି. ବିଂ. ମାସ ମାସ

ଉ: ମାସେ ମାସେ ପଲମ୍ ଏନା ନଆଁ କା.ମି ବାସ୍ତ ହୁଇଲେନା
ମାସ ମାସ ବିତଲେ ଏ କାର୍ଯ୍ୟ ହୋଇ ପାରିଲ ନାହିଁ

ମାହାକା ମାହାକ—କ୍ରି. ବିଂ. ତରି ତରି ଦୌଡ଼ା ଦୌଡ଼ି କରିବା

ମାହା କାଲମ୍—କ୍ରି. ବିଂ. ଉଚ୍ଚବର୍ଷ ପରେ

ମାହାକାଓ୍ୱ—କ୍ରି. ମହକିବା, ଗନ୍ଧ ହେବା

ମାହିଁଙ୍ଗା—ବି. ମହଙ୍ଗା

ମାହିଁତ—ବି. ମାହାନ୍ତ ଜାତି ବିଶେଷ

ମାହିଁନ୍‌ଦେରି—କ୍ରି. ବିଂ. ଗତ ପରିଦିନ

ମାହାଗ୍ର—ବି. ଗୋପାଳକ, ପାଣିର ଏକ ପ୍ରକାରର କୀଟ,
ପାଣି ନାଲ

ମାହରେ—ବି. ଅସୁବିଧା ଜନକ କ୍ରି. ବିଂ. ପରେ

ମାହାରଗ୍—ବି. ଅଶ୍ୱିନ

ମାହାଲ୍—କ୍ରି. ସ୍ଖଳଣ କରିବା

ମାହାଲି (ଲେ)—ବି. ମାହାଲି ଜାତି ବିଶେଷ (ଏ ଜାତି ଲୋକ
ବାଉଁଶର ପାଛିଆ, କୁଲା, ଡାଲା ଆଦି ତିଆରି କରନ୍ତି)

ମାଁହାଁ—ବି. ଦିନ, ବାର ବିଂ. ବଡ଼ ବିସ୍ତୃତ

ଉ: ଜାନାମ୍‌ମାହା—ଜନ୍ମଦିନ
ଆକାମାହା—କେଉଁଦିନ
ପେ ମାହା—ଉତ୍ସ ଦିନ

ମାହାକାଲ୍—ବି. ବଡ଼କାଳ, ମାହାକାଲ

ମାହାଜୁନ୍—କ୍ରି. ମହାଜନୀ କରିବା

ମାହିଁଜନ୍—ବି. ମହାଜନ

ମାହନ୍ତଁ—ବି ମହନ୍ତ

ମାହାଦେବ୍—ବି. ମହାଦେବ

ମହାଭାଗ—ବିଂ. ଭାଗ୍ୟଶାଳୀ

ମାହାମାସ୍ତ—ବି. ଦୁର୍ଗା, ଜ୍ୟେଷ୍ଠା କନ୍ୟା

ମାହାଭରି—କ୍ରି. ବହୁତ ଦାୟିତ୍ୱ ବୋହିବା

ମାହାମାରି—ବିଂ. ମହାମାରି

ମାହେଲ୍—ବି. କ୍ଷେତ୍ର, ସ୍ତର, ଶ୍ରେଣୀ

ମାଡ଼୍‌କାଓ୍ୱ—କ୍ରି. ମୋଡ଼ିବା

ମାଡ଼୍‌କସ୍ତ—ବି. ବଳଦ ଅଡ଼ାଇବା ମୁନିଆ ବାଡ଼ି

ମାଡ଼୍‌ଓ୍ୱା ମାଡ଼ଓ୍ୱି—କ୍ରି. ଗୋଡ଼ରେ ମାଡ଼ି ଦଳି ଚକଟି ଦେବା

ମାଁଡ଼୍—ବି. ପାହାଡ଼ିଆ ଜନ ଜାତି

ମାଁ ମୁଣ୍ଡା - ବି. ପାହାଡ଼ି ମୁଣ୍ଡା ଜାତି ବିଶେଷ

ମାଣାଂ—ବି. ପ୍ରଥମ, ପୂର୍ବରେ ଅଗ୍ରତ

ମାଣାଂ ମାଣାଂ—କ୍ରି. ବିଂ. ପୂର୍ବେ, ଆଗରେ, ପୂର୍ବ କାଳରେ

ମାଣାଂହଲ୍—ବି. ପୂର୍ବ ପୁରୁଷ, ଆଗୁଆ ଲୋକ

ମାଣମ୍—ବି. ଉଚ୍ଚ ମଞ୍ଚା (ଭାଡ଼ି) କ୍ରି. ମଞ୍ଚା ତିଆରି କରିବା

ମି—ଅ. (ଉରସ୍ଥାର ସୂଚକ) ଗୁଡ଼

ଉ: ଚେଦାଏମ ଅନକାଇଂ କାନା ମି ସେନ୍ ଅତ ଇଂ ମେ—
ଏମିତ କାହିଁକ କରୁଛ ଗୁଡ଼ ମୋତେ ମୁଁ ଯାଏଁ

ମିଆଁ—ବ. ବୁଢ଼ା ମୁସଲମାନଙ୍କୁ ସମ୍ବୋଧନ କରିବା

ମିଆଦ୍—ବ. ମିଆଦ, ତାରିଖ ଦେବା

ମିଇଦ୍—କ୍ରି. ଏକାଠି ମିଶାଇ ଦେବା

ମିଉଁ—ବ. ମିଆଉଁ (ବିଲେଇ ମିଆଉଁ ଶବ୍ଦ)

ମିଗ୍ ବିମାନ—ବ. (ଇଂ) ମିଗ୍ ବିମାନ

ମିଚ—ବ. ଏକ ପ୍ରକାର ଗଛ

ମିଛୁ—ବ. ମିଥ୍ୟା, ମିଛ

ମିଛୁଆ—ବିଂ. ମିଥ୍ୟାବାଦୀ

ମିଞ୍ଜ୍ ମିଞ୍ଜ୍—ବିଂ. ମିଞ୍ଜି ମିଞ୍ଜି, ଅସ୍ପଷ୍ଟ ଜଳିବା ପ୍ରକ୍ରିୟା

ମିଟିଂ—ବ. (ଇଂ) ମିଟିଂ, ଆଲୋଚନା ସଭା

ମିଠାସ୍ (ଇଂ)—ବ. ମିଠାଇ

ମିଠା—ବିଂ. ମିଠା, କ୍ରି. ମିଠା ଲାଗିବା

ମିତ୍ରଅ—ବ. ମିତ, ସାଙ୍ଗାତ

ମିଥି—ବ. ମେଥି

ମିଥୁନ୍—ବ. ମିଥୁନ (ରାଶି) (Gemini)

ମିଦ୍—ବ. ଏକ

ମିଦ୍‌ଅ—କ୍ରି. ମିଶ୍ରିତ

ମିଦ ଆଡମ୍‌ତେ—କ୍ରି. ବିଂ. ଏକ ପାଖେ, ଏକ ପାଖ ଦେଇ

ମିଦଇସି—ବ. ଏକ କୋଡ଼ି, କୋଡ଼ିଏ

ମିଦ୍ କାରଣତେ—କ୍ରି. ବିଂ. କୌଣସି କାରଣ ବଶତଃ

ମିଦକାଲ୍‌ତେ—କ୍ରି. ବିଂ. ଏକ ସମୟରେ

ମିଦ୍‌କାଲଗଜ୍—ବ. ଏକାଙ୍ଗବାତ
କ୍ରି. ଏକାଙ୍ଗବାତ ମାରିବା

ମିଦ୍‌କେ ମିଦ୍—କ୍ରି. ବିଂ. ପ୍ରତ୍ୟେକଙ୍କୁ

ମିଦ୍ ଗଟାଂ—ବ. ଗୋଟିଏ

ମିଦ୍‌ସାଲକ୍—ବ. ଅଲକ୍ଷଣ, ଦଣ୍ଡ

ମିଦ୍‌ଗେଆ—କ୍ରି. ବିଂ. ଏକ ପ୍ରକାରର

ମିଦ୍‌ଜିଓ୍—କ୍ରି. ଏକ ମନ ଏକ ପ୍ରାଣ

ମିଦ୍‌ଜୁଆର୍—କ୍ରି. ବିଂ. ଏକ ସାଦୃଶ୍ୟ

ମିଦ୍ ଜୁର୍—କ୍ରି. ବିଂ. ଏକ ବୟସର

ମିଦ୍ ଜନମ୍‌କାଓ୍—କ୍ରି. ବିଂ. ଏକ ଜନ୍ମରେ

ମିଦ୍ ଜାନଡାର୍—କ୍ରି. ବିଂ. ଏକ ସାଦୃଶ୍ୟ, ଏକାପରି

ମିଦ୍ ଜିଁମକ୍‌ତେ—କ୍ରି. ବିଂ. ଏକା ସାଥିରେ

ମିଦ୍ ଟାଂ—ବ. ଗୋଟିଏ

ମିଦ୍ ଠେନ୍—କ୍ରି. ବିଂ. ଏକାଠି, ଏକ ସ୍ଥାନରେ

ମିଦ୍ ତଲାଓ୍—କ୍ରି. ବିଂ. ଏକ ଲହରରେ

ମିଦ୍ ତୁର୍—କ୍ରି. ବିଂ. ଏକ ସମାନ

ମିଦ୍ ତେ—କ୍ରି. ବିଂ. ଏକ ସାଥିରେ

ମିଦ୍ ଧାର୍—କ୍ରି. ବିଂ. ଏକା ନିୟମ, ଲଗାତାର

ମିଦ୍ ଧାଓ—କ୍ରି. ବିଂ. ଥରେ, ବାରେ

ମିଦ୍ ବାର୍—ବ. ଅଳ୍ପ ସଂଖ୍ୟକ, ଜଣେ, ଦୁଇଜଣ

ମିଦ୍ ବାରବାର—କ୍ରି. ବିଂ. ଏକା ସମାନ

ମିଦ୍ ମିଦ୍—(ଅନିଶ୍ଚୟାତ୍ମକ) ଜଣେ ଜଣେ, ଥରେ ଥରେ,
ଗୋଟିଏ ଗୋଟିଏ

ମିଦ୍ ମିଦତେ—ବି. ସମୂହ, ପ୍ରତ୍ୟେକ

ମିଦ୍ ମୁରୁକତେ—କ୍ରି. ବିଂ. ଏକା ଚେଷ୍ଟା ଓ ଶକ୍ତିରେ

ମିଦ୍ ମିଁନ (ମନ୍)—ବିଂ. ଏକ ମନ ଏକାଗ୍ରଚିତ୍ତ

ମିଦ୍ ରାସ୍—ବିଂ. ଏକ ରାଶି

ମିଦ୍ ଲାଗାଓ—କ୍ରି. ବିଂ. ନିରବଚ୍ଛିନ୍ନ, ଲଗାତାର

ମିଦ୍ ଲାଜ୍ ବସ୍ନୁହା—ବ. ସହୋଦର, ଏକା ପେଟର ଭାଇ

ମିଦ୍ ଲେକା—କ୍ରି. ବିଂ. ଏକ ପ୍ରକାର

ମିଦ୍ ଲେକାନ୍ (କ)—କ୍ରି. ବିଂ. ଏକ ସମାନ, ସାଦୃଶ୍ୟ

ମିଦ୍ ସାଁବ୍—ବିଂ. ଏକ ମୁଠା

ମିଦ୍ ସିଞ୍ଜ୍ ମିଦ୍‌ଞ୍ଜିଦା—କ୍ରି. ବିଂ. ଦିନ ରାତି (ଏକ ଦିନ ଏକ
ରାତି ଚବିଶ ଘଣ୍ଟା)

ମିଦ୍ ସେନ୍(ବ୍)—କ୍ରି. ବିଂ. ଏକ ତରଫା, ଏକ ଆଡ଼

ମିନ୍‌ଦ୍—କ୍ରି. ମିଶାଇବା

ମିମାଂସା—କ୍ରି. ମୀମାଂସା କରିବା, ଚୁକ୍ତି କରିବା, ପୂର୍ବପର ରହିବା

ମିମିତ୍ତୁ—କ୍ରି. ବିଂ. ଜଣେ ଜଣେ କରି (ଦିବା)

ମିଦ୍ ମିଦ୍ତେ—କ୍ରି. ଏକ ଏକ କରି

ମିରୁକାଲ ହା.କୁ—ବି. ମିରୁକାଲ ମାଛ

ମିରୁଗି—ବି. ମୃଗ, ହରିଣ

ମିରୁଗି ଜେଲ୍ (ଜିଲ୍)—ବି. ହରିଣ ମାଂସ

ମିରଜ୍ ବାହା—ବି. ମିରଜ୍ ନାମକ ଗଛର ଫୁଲ

ମିରୁଲୁଂ—ବିଂ. ହତାଶ, ଦୁଃଖି, ନିରାଶ

ମିରୁବାହା ଦାରେ—ବି. ଏକ ପ୍ରକାରର ଶ୍ରେଷ୍ଠ ନାଲି ଫୁଲ ଗଛ

ମିରୁବାହା ମାରଣ୍ଡି—ବି. ସାନ୍ତାଳର ମାରଣ୍ଡି ଗୋଷ୍ଠର ଏକ ଉପ ଗୋଷ୍ଠ

ମିରୁ୦ ମିରୁ୦—କ୍ରି. ବିଂ. ଲାଳାୟିତ (ହେବା)
କ୍ରି. ଇଚ୍ଛା କରିବା, ଶୁଙ୍ଘିବା

ମିରୁ—ବି. ଟିଆ ଚଢ଼େଇ

ମିଲ୍ ମିଲଅ—ବି. ମିଳମିଳା, ହାତ୍‌ଫୁଟି ରୋଗ

ମିଲ୍—ବି. (ଇଂ) ମିଲ୍ (mill), କ୍ରି. ଖାଦ୍ୟ (meal)

ମିଲଓ୍ୱ—କ୍ରି. ମିଶ୍ରଣ କରିବା, ମିଶାଇବା

ମିଲଗୁଟି—କ୍ରି. ବିଂ. ବୁଝିସୁଝି, ବୁଝି ବିଚାରି, ବିଚାର ବିମର୍ଶ କରି,
ମିଳାମିଶି କରି କରିବା

ମିଲକୁଲି—ବି. ମିଳାମିଶି, କ୍ରି. ମିଳାମିଶି ଚଳିବା, ମିଶିବା

ମିଲସ୍ୱା ମିସିଅ—କ୍ରି. ବିଂ. ମିଳାମିଶି କରି

ମିଲୁଓ୍ୱା—ବି. ପ୍ରେମ ବନ୍ଧନ, କ୍ରି. ପ୍ରେମ ବନ୍ଧନରେ ବାନ୍ଧିହେବା

ମିସ୍—ବି. (ଇଂ) ମିସ୍ (miss), ଅବିବାହିତ ଭଦ୍ରମହିଳା,
କୁଆଁରୀ

ମିସ୍ଏରା—ବି. ଭଉଣୀ, ସହୋଦରା

ମିସ୍ଞନେ—ବି. ମିଶ୍ରି

ମିସେରବାଟା—କ୍ରି. ଖୋଜିବାହାର କରିବା, ତଲାସ କରିବା

ମିସନ୍—ବି. (ଇଂ) ମିଶନ, ଉଦ୍ଦେଶ୍ୟ

ମିହଲ୍—ବି. ନ୍ୟାୟାଳୟ, କଚେରୀ

ମିସ୍ତରି—ବି. କାରିଗର, ମିସ୍ତ୍ରୀ

ମିସିନ୍—ବି. (ଇଂ) ମେସିନ୍

ମିହୁ—ବି. ପାଚିଲ ଧୂଳି ସଦୃଶ୍ୟ, ସୂକ୍ଷ୍ମଗୁଣ୍ଡ

ମିହନ୍ଦ—ବି. ମେହେନ୍ଦି

ମିହନତ—ବି. ମେହେନତ

ମିହିଦାନାଲ୍.ଡୁ—ବି. ମିହିଦାନା, ମିଷ୍ଟାନ୍ନ

ମିହୁଁ—ବି. ଅଣ୍ଡିରା ବାଛୁରୀ

ମୁଁ—ବି. ନାକ

ମୁଁଅଁ—ବି. ମୁଆଁ, ଖଇରୁ ତିଆରି ମିଠାଇ

ମୁଁଗିଜ୍—ବି. ମଇଳା

ମୁକଅ—ବି. ମୂକ, ବୋକା

ମୁକ୍ତା—ମୁକ୍ତା

ମୁକାମୁକ—କ୍ରି. କହୁଣୀଭୁଷା ମାରିବା

ମୁକାଓ୍ୱ (ଭ)—କ୍ରି. ମୁଥ ମାରିବା

ମୁକା.ମ—ବି. ରହଣି ସ୍ଥାନ

ମୁକ୍ତ—ବି. ମୁକ୍ତ, ମୋକ୍ଷପ୍ରାପ୍ତ

ମୁକ୍ତାର—ବି. ମୁକ୍ତାର

ମୁଖମଁଲ୍—ବି. ମଖମଲ୍

ମୁଖସ୍ତ—କ୍ରି. କଣ୍ଠସ୍ଥ (ମୁଖସ୍ଥ) କରିବା

ମୁଖା—ବି. ମୁଖା

ମୁଖାମୁଖି—କ୍ରି. ବିଂ. ସାମନା ସାମନି

ମୁଖିୟା—ବିଂ. ମୁଖ୍ୟ, ପ୍ରଧାନ, ବି. ମୁଖିଆ

ମୁଖିସାବୁ—ବି. ମୁଖିସାବୁ

ମୁଖାଁଡ୍—ବି. ପଶୁ ମୁହଁରେ ବନ୍ଧା ହେବା 'ଜାଲି'

ମୁଁଗ—ବି. ମୁଗ

ମୁଁଗରା—ବି. ମୁଦ୍‌ଗର

ମୁଁଗା ମାଲା—ବି. ପୋହଳା ମାଳ, ମୋଟା ମାଳ

ମୁଁଗା.ରୁ—ବି. କାଠ ହାତୁଡ଼ି (ବଡ଼)

ମୁଁଗା ଲୁଗାମ୍—ବି. ରେଶମ ପୋକର ଜାଲ

ମୁଁଗା ପଥରା—ବି. ମୁଗୁନି ପଥର

ମୁଗୁରୁରୁକ୍—ବିଂ. ଅରୁଚିକର ମଇଳା

ମୁ ଗୁନି ଧିଣି—ବି. ମୁ ଗୁନି ପଥର

ମୁଗା—ବିଂ. କାଳିଆ

ମୁଜ୍—ବି. ପିମ୍ପୁଡି

ମୁଗ୍ଦ୍—କ୍ରି. ନିପାତ୍ତି ହେବା, ସମାପ୍ତ ହେବା ବି. ଶେଷ

ମୁଚ—ବି. ମୋଟ ଜାତି ବିଶେଷ

ମୁଚକୁଦ—ବି. ବର୍ଷାଦିନିଆ ଦାଲି ଛତୁ

ମୁଚୁ—ବି. ମୁଗୁରି (ମାଛଧରି ଯନ୍ତ୍ର)

ମୁଚୁ ଫକ୍—କ୍ରି. ଥକିଯିବା

ମୁଚୁରି ମୁଚୁରି—କ୍ରି. ବିଂ. ଲଜ୍ଜିତହାସ୍ୟ କ୍ରି. ଧୀରେ ଧୀରେ ପାକୁଲାଇବା ପ୍ରକ୍ରିୟା

ମୁଜୁଷି—ବି. ମଜୁଷି

ମୁଞ୍ଜ୍‌ବୁଗୁଣି—ବି. ଧରଣୀ, ଜଗତ

ମୁଞ୍ଜ୍‌ଟା.ମ୍—ବିଂ. ମୁଖ୍ୟ, ମୂଳ

ମୁଞ୍ଜ୍‌ଜୁର୍—କ୍ରି. ମଞ୍ଜୁରି ଦେବା, ସ୍ୱୀକୃତ ଦେବା

ମୁଟ୍—ବି. ଏକାନ୍ତ, ଏକାଠି, ମୋଟ

ମୁଟ୍‌କଣ୍ଡି—ବି. ମାଙ୍କଡ଼ା ପଥର, ଶ୍ରେଷ୍ଠ ପଥର

ମୁଟି—ବିଂ. ମୋଟି

ମୁଟିଆଓ୍ୱ—କ୍ରି. ଏକାଠି କରିବା, ଆୟତ୍ତରେ ରଖିବା

ମୁଟୁରି ମୁଟୁରି—କ୍ରି. ବିଂ. ବ୍ୟସ୍ତ ହୋଇ ଏକାଲୟରେ ଗୁହିଁ ରହିବା ପ୍ରକ୍ରିୟା

ମୁଁଠାନ୍—ବି. ମୁଖ ଆକୃତି (ଶରୀରର) ଆକାର ପ୍ରକାର

ମୁଠିଆଓ୍ୱ—କ୍ରି. ମୁଠାରେ ଧରି ରଖିବା

ମୁଠାଭ୍—କ୍ରି. ମୁଠା କରିବା

ମୁଠି—ବିଂ. ମୁଠି

ମୁଟୁ—ବି. ବାଙ୍କର ଓ ମୋଟ

ମୁଠୁଣି—ବିଂ. ମୁଠୁଣି ମାପ (କହୁଣୀ ଠାରୁ ମୁଠା ଶେଷ ଭାଗ ପର୍ଯ୍ୟନ୍ତ)

ମୁଣା—ବି. ବଡ଼ଥଳି

ମୁଣାଭ୍—କ୍ରି. ମଣେଇବା, ମନେଇବା

ମୁଣି—ବି. ଶ୍ରେଷ୍ଠଥଳି

ମୁଣ୍ଡ୍—କ୍ରି. ବିଂ. ଶେଷାଂଶରେ, ମୁଣ୍ଡ!

ଉ: ଅକସ୍ଥ୍.ଆ ମୁଣ୍ଡ୍‌ରେ ତଂ ଝଗ୍ଅଃ ? - କାହା ମୁଣ୍ଡରେ ପଡ଼ିବ କେ ଜାଣେ ?

ବି. ପ୍ରଧାନ, ବଳ, ଶକ୍ତି

ମୁଣ୍ଡ୍‌ଗୁଜ୍—ବିଂ. ଚନ୍ଦାମୁଣ୍ଡା

ମୁଣ୍ଡ୍‌ଧୁମ୍ପିଆ—ବିଂ. ଅସାମାଜିକ

ମୁଣ୍ଡ୍‌ମରଣ—ବିଂ. ଅଲସୁଆ କ୍ରି. ମୁଣ୍ଡ ଘୂରିଯିବା, ବୁଦ୍ଧି ନ ଡଗିବା

ମୁଣ୍ଡ୍‌ଗ୍—କ୍ରି. (ମୁଣ୍ଡରୁ) ବାଳ କାଟିବା

ମୁଣ୍ଡ୍‌ରି—ବି. ଲଣ୍ଡାମୁଣ୍ଡି ବିଂ. ପରି ସ୍ଥାନ, ବାଳ ସ୍ଥାନ

ମୁଣ୍ଡାଗ୍ ଡାଙ୍ଗ୍ଗା—ବି. ଶିଙ୍ଗ ସ୍ଥାନ ବଳଦ

ମୁଣ୍ଡୁ—ବି. ଅଣଓସାରିଆ ପାହାଡ଼ିଆ ଝରଣା

ମୁଣ୍ଡୁ-ଲିକ୍—ବି. କୁକୁଡ଼ା ମୁଣ୍ଡ ଓ ଅନ୍ତ

ମୁଣ୍ଡା—ବି. ମୁଣ୍ଡା ଜାତି ବିଶେଷ

ମୁଣ୍ଡାମୁଣ୍ଡ୍—କ୍ରି. ବିଂ. ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ

ମୁଣ୍ଡୁ ଦଂଗିସ୍ଥା—କ୍ରି. ଜଙ୍ଗଲରେ ଦେବତା ନାମରେ ବଳିଦେବା

ମୁଣ୍ଡୁ ବାପଲି—କ୍ରି. ବିଂ. ଅନିଶ୍ଚିତ ବିବାହ, ଗାନ୍ଧର୍ବ ସ୍ୱତରେ ବିବାହ

ମୁଣ୍ଡୁ ବାସକେ—ବି. ସାନ୍ତାଳ ଜାତିର ବାସ୍‌କେ ଗୋଷ୍ଠୀର ଏକ ଉପଗୋଷ୍ଠୀ

ମୁତ୍ତଲ୍ଂ—ବି. ଉଚ୍ଚ ସ୍ଥାନ

ମୁଡାକ୍—ବି. ଗଦା

ମୁତାବକ୍—କ୍ରି. ବିଂ. ଅନୁସାରେ, ମୁତାବକ୍

ମୁଢ—ବି. ମୋଢ

ମୁଢଆନ୍—ବିଂ. ଆଗୁଆନ୍, ମୁଖ୍ୟ

ମୁତ୍ତିର—ବିଂ. ବିଛଣା ପରସ୍ତା କରିବା ବାଲି

ମୁତସ—ବିଂ. ମୁତ୍ତସ

ମୁତୁଲ୍—ବି. ଘରର ମଧ୍ୟାଂଶ

ମୁତୁଲ୍ କା.ଟୁକ୍—ବି. ମଧ୍ୟମା ଆଙ୍ଗୁଠି

ମୁତୁଲଡା.ଲ୍—ବି. ଗଛର ମୁଖ୍ୟ ଡାଳ

ମୁଥନା—ବି. ଶିଖର, ସର୍ବ ଉଚ୍ଚ ସ୍ଥାନ

ମୁଥନ—ବି. ଶିଖର
ମୁଥିରାଓ୍—କ୍ରି. ସନ୍ତୁଷ୍ଟ ହେବା, ତୃପ୍ତ ହେବା
ମୁଥା ଗାସ୍—ବି. ମୁଥା ଘାସ
ମୁଁଦ୍‌ରେ—କ୍ରି. ବିଂ. ମଧ୍ୟରେ
ଉ: ଆପେ ମୁଁଦ୍‌ରେ ବାଲେ ଜୁନୁପେ—ତୁମ ମଧ୍ୟରେ ହିଁ ସ୍ଥିର ହେବ
ମୁଦା.—ବିଂ. ପୋଡା ହୋଇଥିବା
ମୁଦା.ଉ—କ୍ରି. ମୁଦ ଦେବା, ବନ୍ଦ କରିଦେବା
ମୁନଧର—ବି. ମନ୍ତ୍ରୀ
ମୁନାମ୍—ବି. ମୁଦ
ମୁନାମ୍‌କା.ହୁବ୍—ବି. ଅନାମିକା ଆଙ୍ଗୁଠି
ମୁନ୍‌ଦା—ବି. କୁନ୍ଦା
ମୁନ୍‌ଗା—ବି. ସଜନା
ମଞ୍ଜିଲ—ବି. ମଞ୍ଜିଲ
ମୁନାବ୍—ବି. ମୁନାଫ
ମୁନ୍‌ଦାଭ ଚେଉର—ବି. ଚକୋର (ପକ୍ଷୀ)
ମୁନ୍‌ଧାନ୍—ବି. ଧାରଣା (ସ୍ମୃତିର)
ମୁନ୍‌ଧୁନ୍—ବି. ଘରର ମୁଖ୍ୟ ଖୁଣ୍ଟ
ମନଧୁର୍—ବିଂ. ମଧୁର
ମୁନସି—ବି. ମୁନସି
ମୁନି—ବି. ମୁନି, ଋଷି
ମୁନ୍‌ଦର୍—ବି. ମନ୍ଦିର
ମନୁ—ବି. ମନୁ (ଆଦ୍ୟ ଗୁରୁ)
ମୁରୁକ୍, ମୁରୁଖୁ—ବିଂ. ମୂର୍ଖ
ମୁର୍‌ଗା. ଦାରେ—ବି. ପିଆଶାଳ ଗଛ
ମୁର୍‌ଗାନ୍—ବି. ଔଷଧ, କ୍ରି. ଔଷଧ କରିବା
ମୁର୍‌ଗୁ—ବି. ଦୁର୍ଗ, ଜଙ୍ଗ, କ୍ରି. ଜଙ୍ଗ୍ ଲାଗିବା
ମୁର୍‌ଗୁଓ୍—କ୍ରି. ଅଧିକା ଅଂଶ କାଟି ଦେବା
ମୁରୁଚୁଲ୍—ବିଂ. ସୁନ୍ଦର, ସୁଡ଼ୌଲ (ହୋଇଥିବା)
ମୁରୁଛ ହୁଡୁ—ବି. ଏକ ପ୍ରକାର ଧାନର ନାମ

ମୁର୍‌ଦାନ୍(ର୍)—ବି. ମୁର୍ଦ୍ଦାର, ଶବ
ମୁର୍‌ତି—ବି. ମୂର୍ତ୍ତି
ମୁରଲି (ମୁରାଲି)—ବି. ମୁରଲୀ, ବଂଶୀ
ମୁର୍‌ସିଞ୍ଜ୍ ବା.ର୍‌ସିଞ୍ଜ୍—କ୍ରି. ବିଂ. ଦିନେ ଦୁଇ ଦିନ, କିଛି ଦିନ, କ୍ଷଣିକ
ମୁରୁହୁଡ୍ ଜାଁମ୍—ବି. କୁଷ୍ଠ ରୋଗ, କୁଷ୍ଠି
ମୁରାଇ—ବି. ଗୋଦାମ
ମୁରାଦ୍—ବିଂ. ଇଙ୍ଗିତ, ଶକ୍ତି, ଯୋଗ୍ୟ, ଅନୁମାନ
ମୁରୁଦ୍ ଦାରେ—ବି. ପଲାଶ ଗଛ
ମୁରୁଦ୍ ଶାଙ୍କ୍—ବି. ପଲାଶ ମଞ୍ଜି
ମୁରୁ—ବି. ମୂର୍ମୁଣୁ
ମୁରୁମୁରୁ—କ୍ରି. ବିଂ. ମରଣ ଅବସ୍ଥା
ମୁରୁଦ୍ ହେନ୍ଦେହାସା—ବି. କଳା ମାଟି
ମୁରୁପ୍—ବି. ମୁରୁପ୍ ଲତା (ଝାଡ଼)
ମୁରୁପ୍ ଗୁଣ୍ଡୁ—ବି. ମୁରୁପ୍ ମୂଡା
ମୁରୁବ—ବି. ମୁରବି, ବୁଢ଼ା, ମୁଖିଆ
ମୁରୁମ୍—ବି. ନୀଳ ଗାଈ
ମୁରୁମ୍ ଉଦ୍—ବି. ମୁରୁମ୍ ଛତୁ
ମୁରମୁ—ବି. ସାନ୍ତାଳର ମୁର୍ମୁ ଗୋତ୍ର
ମୁଲ୍—ବି. ମୂଳ, ମୁଖ୍ୟ, ମୂଳ ଉତ୍ପତ୍ତି ସ୍ଥଳ
ମୁଲଦୁଆ—ବି. ମୂଳଭିତ୍ତି
ମୁଲା—ବି. ମୂଳା
ମୁଲ୍‌ହାନ୍ (ମୁଲ୍‌ହା.ନ)—କ୍ରି. ବି. ସଂପୂର୍ଣ୍ଣ ନଷ୍ଟ
ମୁଲାଉ—କ୍ରି. ମୂଲ କରିବା
ମୁଲ୍ଲି—ବି. ମୁସଲମାନ ଧର୍ମ ପ୍ରଚାରକ
ମୁଲାନ୍—ବିଂ. ଦୁଃଖିତ, ଚିନ୍ତିତ
ମୁଲୁକ୍—କ୍ରି. ଈଷତ୍ ହାସ୍ୟ ପ୍ରକାଶ କରିବା, ଅଧାହସିବା
ମୁଲୁକ୍ ମୁଲୁକ୍—କ୍ରି. ବିଂ. ସାମାନ୍ୟ ହସି ହସି
କ୍ରି. ଈଷତ୍ ହସିବା
ମୁଲିଆ—ବି. ମୂଲିଆ

ମୁଲୁକ୍—ବି. ମୁଲକ, ଦେଶ, ଅଞ୍ଚଳ

ମୁସ୍କଲ—ବି. ମୁସ୍କିଲ, କଠିନ ଅବସ୍ଥା, ବିଂ. କଠିନ
କ୍ରି. କଠିନ ହେବା

ମୁସ୍ନା—ବି. ମସିଣା, ପଟିଆ

ମୁସାର୍—ବି. ମୁଷଳ, ଧାନକୁଟା ମୁଷଳ

ମୁସାଗାଭନ୍—ବିଂ. ଗର୍ଭିଣୀ

ମୁସାଫିର୍—ବି. ଯାତ୍ରୀ, ମୁସାଫିର୍

ମୁସାଶ—ବି. ମଶାରି

ମୁସୁନ୍—ବିଂ. ଶାନ୍ତ, ଧୀରମନା

ଉ: ମୁସୁନ୍କାତେ ତାହେଁନ ଲେକ୍ଖାନ୍ ତେଦ୍ ହିଁ ବାଂ
ଗାନାଃଆ—ଶାନ୍ତ ହୋଇ ରହିଲେ କିଛି ହେବ ନାହିଁ

ମୁସୁର ହୁଲ୍ତୁ—ବି. ମୁସୁର୍ ନାମକ ଧାନ

ମୁହକୁପ୍—କ୍ରି. ସ୍ଥଗିତ ରଖିବା, ଡେରି କରିବା

ମୁହାଁନ୍—ବି. ମୁହାଣ, କ୍ରି. ନିର୍ଗମନ ପଥ କରିବା

ମୁହତ୍—ବି. ମୋହିତ

ମୁହତଃ—କ୍ରି. ମୋହିତ ହେବା

ମୁହନ—କ୍ରି. ଯାଦୁ କରିବା, ମନ୍ତ୍ରମୁଗ୍ଧ କରିବା

ମୁହନ୍—କ୍ରି. ମନସ୍ଥିର କରି କରିବା, ବି. ମନସ୍ଥ

ମୁହନଦାର—ବି. ଯାଦୁକାରୀ

ମୁହର—ବି. ଲେଖାକାର, କିରାଣୀ

ମୁହାଁ ବି. ମୁହଁ ଚେହେରା

ମୁହା—ବି. ଖଇ ଗୁଡ଼ ତିଆରି ମିଠେଇ

ମୁହାଁମୁହିଁ—କ୍ରି. ବିଂ. ମୁହାଁମୁହିଁ, ସାମନା ସାମନି

ମୁଁହାଣ୍—କ୍ରି. ମୁହାଁଇବା, ଦଣା

ମୁହୁଁତ୍—ବିଂ. ଚୁପ୍ଚାପ ଠିଆ ହେବା ସ୍ଥିତ

ମୁଁଡଠୁକା—କ୍ରି. ମୁଣ୍ଡକୁ ମାରିବା

ମୁଁଡ୍ପାଟ୍—ବି. ଆଗୁଆ

ମୁଁସୁଡ଼ିଆ—କ୍ରି. ବିଂ. ମେଲାମୁହାଁ

ମୁଲ୍ଗୁନ୍ଡ—ବି. କୂଳ, ମୂଳ ସ୍ଥିତ

ମେ—ଅ. ଛେଳି ଭୁଆର ସ୍ୱର

ମେଆଂ—ବିଂ. ଆସନ୍ତା କାଲି

ମେଆଦ୍—ବି. ମିଆଦ

ମେଆଦ—ବିଂ. ନିର୍ଦ୍ଧାରିତ ସମୟ

ମେକଆପ୍—କ୍ରି. (ଇଂ) ମେକପ୍, ସଜ ହେବା

ମେକେକ୍ ମେକେକ୍—କ୍ରି. ବିଂ. ଧୀରେ ଧୀରେ, ମନ୍ଥର କରି

ଉ: ମେକେକ୍ ମେକେକ ତାଲାମ—ଧୀରେ ଧୀରେ ଚାଲିବା
ମେକେକ୍ ମେକେକ୍ ଜମ୍—ଧୀରେ ଧୀରେ ଖାଇବା

ମେଙ୍ଗ୍ଧା ଜାଣି—ବି. ଏକ ପ୍ରକାର ଝୋଟ

ମେର୍ଭା—କ୍ରି. ବିଂ. ରହିଥିବା, କ୍ରି. ରହିବା

ମେଚ୍—ବି. (ଇଂ) ମେଚ, ପ୍ରତିଯୋଗୀତା ଖେଳ

ମେଟେଲୁ ମେଟେଲୁ—କ୍ରି. ବିଂ. ମଠ ମଠ କରି (ଛେଳି ଗାଈଙ୍କ
ପଶୁଙ୍କର ପତ୍ର ଖାଇବା ଭଙ୍ଗି)

ମେଜଅ—ବି. ମେଜ, ଟେବୁଲ

ମେଜାଜ—ବି. ମିଜାଜ୍, ସ୍ୱଭାବ, ପ୍ରକୃତି

ମେଜିଆ—ବି. ମେଜିଆ, ପକ୍କା ତଳ

ମେଞ୍ଚଡ୍—ବିଂ. ମେଞ୍ଚଡ଼, ଅପରିପକ୍ୱ

ମେଟ୍—ବି. (ଇଂ) ସାଙ୍ଗ, ସାଥୀ (mate)

ମେଟ୍ରେକ୍—କ୍ରି. ସ୍ତୁଦାଇବା (ପଶୁ)

ମେଟ୍ରେକ୍ କଲ (କେଲ୍)—ବି. ଶ୍ଳେଟ କାଗାମୁ! ହରିଣ

ମେଟାଓ—କ୍ରି. ମେଣ୍ଟାଇବା, ଶେଷ ମୀମାଂସା କରିବା

ମେଟେ ମେଟେ—କ୍ରି. ବିଂ. ଉତ୍ସୁକ ସହକାରେ
କ୍ରି. ଉତ୍ସୁକ ହେବା

ଉ: ଉଜ ହୁଲ୍ ମେଟେ ମେଟେ କଯୁଃ ଆକାଆସୁ—ସେ ଲୋକ
ଉତ୍ସୁକ ହୋଇ ଅନାଇଛି

ମେଟାଲ୍—ବି. (ଇଂ) ମେଟାଲ (metal), (ଗୋଡ଼ି) ଧାତୁ

ମେଡୋଲ୍—ବି. (ଇଂ) ମେଡାଲ (medal)

ମେଡ—ବି. ପ୍ରତିମା ରଖିବା ସ୍ଥାନ, ମେଢ଼

ମେଟଜ୍—କ୍ରି. ଖାଇବା

ମେଣ୍ଡଗ—ବି. ପଛକୁ ମୋଡ଼ିଥିବା ଶିଙ୍ଘ

ମେଣ୍ଡସା—କ୍ରି. ଗୁଡ଼ାଇ ଦେବା

ମେଣ୍‌ଯା ମିଣସି—କ୍ରି. ବିଂ. ଗୁଡ଼ାଗୁଡ଼ି କରି

ମେଣ୍‌ଯାଓ୍‌—କ୍ରି. ଗୁଡ଼ାଇ ଧରିବା

ଉ: ଜାଙ୍ଗାରେ ବଞ୍ଜ୍ ଏ ମେଣ୍‌ଯାଓ ଆକାନା—ଗୋଡ଼ରେ ସାପ ଗୁଡ଼ାଇ ହୋଇଛି

ମେଣ୍ଢା—ବିଂ. ପଛଆଡ଼କୁ ମୋଡ଼ିଥିବା

ମେଣ୍ଢାଓ୍‌— କ୍ରି. ଗୁଡ଼ାଇ ଧରିବା, ଗୁଡ଼ାଇ ହେବା

ମେଣ୍‌ହେଦ୍—ବି. ଲୁହା

ମେଣହେଦ୍‌ସିନ୍ଦୁକ—ବି. ଲୁହା ସିନ୍ଦୁକ

ମେଣ୍ଟ—ବି. ମେଣ୍ଟ, ଦଳ, ଗଠନ

ମେଣ୍ଟାଓ—କ୍ରି. ମେଣ୍ଟିବା, ଚଳିବା, ମୀମାଂସା ହେବା

ମେଣ୍ଟାଲ —ବି. (ଇଂ) ମସ୍ତିଷ୍କ

ମେନ୍‌ଥର—ବି. ପମ୍ପଦଆ ବସ୍ତାର ସଲିତା

ମେତାଙ୍ଗ୍‌ମେ—କ୍ରି. ମୋତେ କହ

ମେତାମ୍—କ୍ରି. ତୁମକୁ କହେଁ

ମେଥି—ବି. ମେଥି

ମେଁଦ୍— ବି. ଆଖି

ମେଁଦ୍‌ଆତ୍‌ର୍—କ୍ରି. ଆଖି ବୁଲାଇବା

ମେଁଦ୍‌ଆନ୍—ବିଂ. ଜ୍ଞାନୀ, ବୁଦ୍ଧିମାନ

ମେଦ୍‌ଆର୍‌ମେଦ୍—କ୍ରି. ବିଂ. କ୍ରୋଧ ପୂର୍ବକ ଆଖିରେ ଆଖିରେ ଦେଖିବା

ମେଁଦ୍‌ଆହ୍ନା—ବି. ମୁହଁମଣ୍ଡଳ

ମେଁଦ୍‌କୁଟି—ବି ଆଖିପତା

ମେଁଦ୍ ଗାଡ୍‌ହା—ବି. ଆଖି ଗହ୍ୱର

ମେଁଦ୍ ଚୁବାଃ—କ୍ରି. ଆଖି ଦୁଖିଆ, ଶାନ୍ତ ହେବା

ମେଁଦ୍‌ଜମ୍—କ୍ରି. ଅନ୍ଧ ହେବା, ଭୁଲ୍ କରିବା, ଅନ୍ୟଠାରେ ଭସିବା

ମେଁଦ୍‌ଜଲଓ୍‌—କ୍ରି. ଆଖି ଜଳିବା

ମେଁଦ୍‌ଝାପଝାପ୍‌ଅଃ—କ୍ରି. ଝଲସା ଦେଖାଯିବା

ମେଁଦ୍‌ଝା.ପଜଃ—କ୍ରି. ଆଖି ମୁଦ ହେବା, ତନ୍ଦ୍ରା ଲାଗିବା

ମେଁଦ୍‌ଡୁଲୁଃ—ବି. ଆଖି ଡୋଳା

ମେଁଦ୍‌ପିତୁଲା—ବି. ଆଖି ପୁତୁଳା

ମେଁଦ୍‌କାଜଲ୍—ବି. ଆଖିରେ କଜ୍ଜ୍ୱଳ ଦେବା

ମେଁଦ୍‌ଦା—ବି. ଲୁହ, ଆଖିପାଣି

ମେଁଦ୍‌ପିପଜଃ—କ୍ରି. ପଲକ ପଡ଼ିବା

ମେଁଦ୍ ପେରେକ୍‌ଞ୍ଜେଲ୍—କ୍ରି. ଗାଢ଼ କରି ଦେଖିବା ଆଖି ପୁରାଇ ଦେଖିବା

ମେଁଦ୍‌ବାସୁସାଡ୍—କ୍ରି. ଆଖି ରୋଚକ

ମେଁଦ୍ ଲେଣ୍ଡ୍‌ସ୍—ବି. ଆଖି ଲେଞ୍ଜସ୍

ମେଁମେଁ—କ୍ରି. ଛେଳିପରି ରଡ଼ିବା ପ୍ରକ୍ରିୟା

ମେଁମେଁଦ୍‌ଆନ୍—ବିଂ. ଲେଖାପଢା (ବ୍ୟକ୍ତି) ବୁଦ୍ଧିବାନ

ମେଁଦ୍ ମେଁଦ୍‌ଞ୍ଜେପେଲ୍—ବି. ଚକ୍ଷୁ ଚକ୍ଷୁ ମିଳନ, ସଦ୍ଭାବନୁଭୂତ ପ୍ରକାଶ କରିବା

ମେଁଦ୍‌ରେଦହ୍—କ୍ରି. ନଜରରେ ରଖିବା

ମେଦ୍‌ଲାଗାଓଃ—କ୍ରି. ନଜର ଲାଗିବା

ମେତାୟ୍—କ୍ରି. ତାକୁ କହ

ମେତାଃଗେ—କ୍ରି. ବିଂ. କଥିତ

ମେତାଃମେ—କ୍ରି. ବିଂ. ଧରନ୍ତୁ, କଥା ମାନନ୍ତୁ

ମେଧା—ବି. ମନେ ରଖିବା ଶକ୍ତି

ମେଧାବି—ବିଂ. ସ୍ଥିର ବୁଦ୍ଧି, ବୁଦ୍ଧିବାନ

ମେନ୍ —ଅ. ଆଡ଼ା, ହଠ, ଅର୍ଥରେ

ଉ: ମେନ୍ ଅକ୍ରୋଃ ମେ - ହଠ, ସେମିକି ଯା

ମେନ୍ ସାହାଃ ମେ - ସେଣିକି ଆଡେଇ ଯାଆ

କ୍ରି. କହିବା

ମେନ୍‌ଏଦାୟ୍—ସେ କହୁଛି

ବିଂ. (ଇଂ) main, ମୁଖ୍ୟ

ମେନ୍‌ଆ—ବିଂ. କଥିତ, କୁହାଯାଇଥିବା

ମେନା—ଆ—କ୍ରି. ଅଛି

ମେନ୍‌କାତେ—କ୍ରି. ବିଂ. କହିକରି

ମେନ୍‌ଖାନ୍—ଅ. ପରନ୍ତୁ

ମେନ୍‌ତେ—ଅ. ବୋଲି

ଉ: ଉନିକାନାୟ୍ ମେନ୍‌ତେ ତେଦ୍ ଲେକାତେମ୍ ବାଡାୟା

ସେ ଅଛନ୍ତି ବୋଲି କେମିତି ତୁବେ ଜାଣିବ

ମେନଟେଜ୍—କ୍ରି. ଫ୍ରେଷ୍ଟ ଝିଅ ଅଣ ଓସାରିଆ ଲୁଗାଦେହରେ
ଗୁଡ଼ାଇ ହେବା
ମେନ୍-ଙ୍କ୍-ତେ—କ୍ରି. ବିଂ. କହିବା ଅନୁସାରେ
ମେ ନା—ଅ- (ଆଦେଶାତ୍ମକ) ହିଠ୍ ଲେ, ଗୁଡ-ଲେ
ମେନା ୦—କ୍ରି. ଥିବା, ଅଛି
ମେନଆକ—କ୍ରି. କହନ୍ତି
ଉ: ମେନଆକ ଦାଲନ୍ କାଥା ଭଲ ଦ ବାସ୍ତୁ ଲୁଗିଆ
କହନ୍ତି, ମନ୍ଦ କଥା କହିବା ଭଲ ନୁହେଁ
ମେନା ୦ ତେ—କ୍ରି. ଅଛି ବୋଲି
ମେନାକଆ—କ୍ରି. ସେମାନେ ଅଛନ୍ତି
ମେନ୍‌ମେନ୍‌ତେ—କ୍ରି. ବିଂ. କହୁ କହୁଁ
ମେନାମ୍—କ୍ରି. ଅଛି
ମେନେକ୍—ଅ. ପରନ୍ତୁ
ମେନାଁଜର୍—ବି. ମେନେଜର, ବ୍ୟବସ୍ଥାପକ
ମେପ୍- ବି. (ଇଂ) ମ୍ୟାପ୍, map
ମେପେନ୍—କ୍ରି. ବିଂ. କୁହାକୁହି ହେବା ପ୍ରକ୍ରିୟା
କଥା ଭାଷା ହେବା ପ୍ରକ୍ରିୟା
ମେମ୍‌ସାହେବ୍—ବି. ଇଂରେଜ ଭଦ୍ର ମହିଳା
ମେସ୍ଥଦାଂ—ବି. ବହୁତ କଳା ଦାଢି ଥିବା ସାନ ମୁହଁ
ମେସ୍ତାଂ—ବି. ଆସନ୍ତା କାଲି
ମେରମ୍—ବି. ଛେଳି
ମେରମ୍‌ବୁକା. ନାଁନି—ବି. ନିର୍ମୂଳି ଲତା
ମେରପେଣ୍ଡ ଲଂ.—ବି. ଶ୍ରେଷ୍ଟ ଦୁର୍ବଳସ୍ବା ଝିଅ
ମେର୍‌ମେର୍‌ତେ—କ୍ରି. ବିଂ. ଅଗୁନକ
ମେର୍‌ଲାଂ ମିର୍‌ଲାଂ—ବିଂ. ଦୁଃଖିତ
କ୍ରି. ଦୁଃଖରେ ବିଚଳିତ ହେବା
ମେର୍‌ଲେଜ—ବି. ଏକ ଜଙ୍ଗଲି ଫଳ
ମେଗ—ବି. ହାଣ୍ଡିଆ ସଢ଼ା, ହାଣ୍ଡିଆ ଚପୁଡ଼ା ଖଦଡ଼ା ଅଂଶ
ମେଗମାସ୍ ମେଗ୍‌ମ୍‌ଭ୍—କ୍ରି. ମଗ୍ନମତ୍ତ କରିବା
ମେଗ୍‌ଲ୍—ବି. ଅଁଳା

ମେଗ୍ଓ୍—କ୍ରି. କମାଇବା, ଲାଭହେବା, ଗଣ୍ଠେଇବା
ମେଗ୍‌ହେତ୍—କ୍ରି. ବିଂ. ରୁକ୍ଷ
ମେଶ୍ବା—ବି. କଣ୍ଡ ଜାତିର ନରବଳୀ ପ୍ରଥା
ମେରସ୍ତମ୍—ବି. ଖ୍ରୀଷ୍ଟୀୟାନ ଜାତିର ପୂଜ୍ୟ ମାତା
ମେରୁ—ବି. ମେରୁଦଣ୍ଡ, ହାଡ଼ର ଭିତର ମଂସ
ମେରେ—ଅ (ପୂରକ ଶବ୍ଦ) ତ
ଉ: ଜମ୍ ମେରେ—ଖାଅ ତ
ସେନଃ ମେରେ—ଯାଅ ତ
ମେରେଜ୍—ବିଂ. ପ୍ରାରମ୍ଭିକ କ୍ରି. ବାହାରିବା, ଅଳ୍ପ ଅଳ୍ପ
ବାହାରିବା .
ମେରେଲ୍—କ୍ରି. ଗୁହିଁବା
ମେରେଲ୍ ମେରେଲ୍—କ୍ରି. ବିଂ. ଆଖି ମେଲାକରି ଏକ
ଲକ୍ଷ୍ୟରେ ଅନାଇ ରହିବା ପ୍ରକ୍ରିୟା
ତୀବ୍ର ଇଚ୍ଛା, ଲାଳସା ପୂର୍ବକ
ମେରମ୍ ଖୁବୁ—ବି. ଛେଳି ଦାଢ଼ି
ମେରମ୍ ଘାଓ—ବି. ଏକ ପ୍ରକାରର ଘାଆ
ମେରମ ଗୁଣ୍ଡଲଂ—ବି. ଛେଳି ଲାଞ୍ଜ
ମେରମ୍‌ଚୁଁ—ବି. ଛେଳିର ପ୍ରନ, ଏକ ପ୍ରକାର ଗଛର ନାମ
ମେରମ୍ ଭେଜ ଭେଜ୍ ଏନେଜ୍—ପିଲାଙ୍କର ଏକ ପ୍ରକାର ଖେଳ
ମେରମ୍ ଜେଲ୍, ମେରମ୍ ଜିଲ୍—ବି. ଛେଳି ମାଂସ
ମେରମ୍ ମେଦ୍—ବି. ଛେଳି ଆଖି, ଏକ ପ୍ରକାରର ଗଛ
ମେଲସ୍ତ—ବି. ମଧ୍ୟମ ଧରଣର ଯୁବକ
ମେଲ—ବିଂ. ଖୋଲା ସ୍ଥାନ
ମେଲ ଅଲା ୦—ବି. ବାହାର ଘର, ମେଲା ଘର
ମେଲଂ ତେଶାଂ—କ୍ରି. ବିଂ. ଛାଆଡ଼ ମିସ୍ଥଡ଼ (ଖାଇବା, କରିବା)
ମେଲନ୍- ବିଂ. ଖୋଲା ସ୍ଥାନ, ଚୌଡ଼ା ଓସାରିଆ ସ୍ଥାନ
ମେଲାଓ୍—କ୍ରି. ମେଲାଇ ଦେବା, ଶୁଖାଇବା ପାଇଁ ମେଲାଇ
ଦେବା
ମେଲେ ମେଲେ—କ୍ରି. ବିଂ. ଅତ୍ୟଧିକ ଇଚ୍ଛା ପ୍ରକଟ କରି ଅନାଇ
ରହିବା କମ୍ବା ଇଚ୍ଛା ପ୍ରକାଶ କରିବା ବିଂ. ଲୋଲୁପ

ମେଲର୍—କ୍ରି. ଜିଭ ବାହାର କରିବା

ମେଲର୍ ଚେଟାର୍—କ୍ରି. ଜିଭ ବାହାର କରିବା ଓ ଘୁଟିବା

ମେଲର୍ ମେଲର୍—କ୍ରି. ଜିଭ ଲହ ଲହ କରିବା, ଖାଇବାକୁ ଇଚ୍ଛା କରିବା

ମେଲଅ—କ୍ରି. ମେଲ ଖାଇବା

ମେଲାଓ—କ୍ରି. ମେଲ କରିବା, ସମାନ କରିବା

ମେଲନ୍—ବି. ମେଲଣ

ମେଲି—ବି. ମେଳି, ବିଦ୍ରୋହ କ୍ରି. ମେଳି କରିବା, ବିଦ୍ରୋହ କରିବା

ମେଲ୍ ଗାଡ଼ି—ବି. ମେଲ୍ ଗାଡ଼ି

ମେସ୍—ବି. (ଇ) ମେସ, ବସାଘର

ମେସ୍ କକ୍—କ୍ରି. ମୁରୁକି ହସ

ମେସା—କ୍ରି. ମିଶାଇବା, ମିଶିବା

ମେସାଓ—କ୍ରି. ମିସାଇବା, ଗୋଳା ଗୋଳି କରିବା

ମେସେଜ୍—ବି. (ଇଂ) message, ଖବର

ମେସିନ୍—ବି. (ଇଂ) ମେସିନ, କଳ

ମେହନତ—କ୍ରି. ମେହେନତ କରିବା, ଶ୍ରମ କରିବା

ମେହେଁତର୍—ବି. ମେହେନ୍ତର

ମେହେଁ—ବିଂ. ବାମ୍ହାଁ, ବାମ ପାଖିଆ

ମେହେଡାଓ୍—କ୍ରି. କାନ୍ଦିବା, ବିଳାପ କରିବା

ମେହେର୍ ମେହେର୍—କ୍ରି. ବିଂ. ସନେଇ ସନେଇ, ମନ୍ଥର, ଧୀରେ ଧୀରେ

## ର

ରଅ—ବି. ମାଛ

ରଅ—କ୍ରି. ଜଆଁରେ ସେକ ପଶୁ ଓ ପକ୍ଷୀଙ୍କୁ ରୁମାଇବା (ଘର ବା ଗ୍ରାମ ବାହାର କରିବା)

ରକ୍ରକ୍—କ୍ରି. ବିଂ. ସିଧା ଠିଆ ହୋଇଥିବା, ଠିଆ ଠିଆ

ଉ: ଖୁଣ୍ଟିଲେକା ରକ୍ରକ୍ୟୁ ଇଙ୍ଗୁଆକାନା
ଖୁଣ୍ଟପରି ସିଧା ଠିଆ ହୋଇ ରହିଛି

ରକଜ୍—ବି. ଗୁଜ ଗେଣ୍ଡା

ରକଜ୍ଘାଓ—ବି. କାଛୁ ଘାଆ

ରକମ୍—ବି. ପ୍ରକାର

ରକବା—ବି. ରକବା

ରକଲ୍—କ୍ରି. ଖଡଖଡ (ଶବ୍ଦ) ହେବ

ରକଲ୍ ରକଲ୍—କ୍ରି. ବିଂ. ଖଡ୍ ଖଡ୍ ଶବ୍ଦ ହେବାର ପ୍ରକ୍ରିୟା

ଉ: ଚେଦ୍ ଭାନାଂ - ଟିଣି ଭିତରରେ
ରକଲ ରକଲ୍ ଅଃ କାନା - ଟିଣ ଭିତରରେ କ'ଣଟାଏ ଖଡ୍ ଖଡ ହେଉଛି

ରକ୍କା—କ୍ରି. ରକା ପଡ଼ିବା, ବ୍ୟଥା ହେବା ବି. ସଜ, ଭଣ୍ଟକା

ରକାଥକା—କ୍ରି. ବିଂ. ଲଟକା ଲଟକା ହୋଇଥିବା

ରକାରୁକ—କ୍ରି. ବିଂ. ନଗଦା ନଗଦ କ୍ରି. ଥମାଇ ଦେବା

ରକତ ଚନ୍ଦନ୍—ବି. ରକ୍ତ ଚନ୍ଦନ

ରକ୍ତ ଚନ୍ଦନ ହୁଲ୍କୁ—ବି. ରକ୍ତ ଚନ୍ଦନ ଧାନ

ରକ୍ତଅ ମୁହାଁ—କ୍ରି. କର୍ଦମ୍ମୀ ହେବା ବିଂ. କ୍ରୂର ସ୍ୱଭାବର

ରକମ୍—ବି. ପ୍ରକାର କ୍ରି. ପ୍ରକାର ହେବା

ରଖାଓ୍—କ୍ରି. ରଖାଇବା, ମନା କରିବା

ରଗ୍—ବି. ରୋଗ, ବେମାର

ରଗବିସିନ୍—ବି. ରୋଗାଦ୍ଧ ସ୍ୱପ୍ନ

ରଗଦ୍—କ୍ରି. ଖସ୍ ଖସ୍ କରିବା

ରଗଦ ରଗଦ୍—କ୍ରି. ବିଂ. ଖସ୍ ଖସ୍ କରିବା ପ୍ରକ୍ରିୟା

ରଗେ୍—ବିଂ. ଜୋର୍ ସୋର

ରଗଲା—ବିଂ. ଜୋର୍ ସୋର

ରଗଲା—ବିଂ. ରଗଡା, ଆବଡ ଖାବଡ

ରଗଲାଓ୍—କ୍ରି. ତତ୍ପର କରାଇବା, ଜୋର୍ ଦେବା

ରଗା—ବିଂ. ରୁଗ୍ଣ, ରୋଗା

ରଗାଓ—କ୍ରି. ରଗାଇବା

ରଗଡ଼ା—ବି. ଖଦଡ଼ା

ରଗଡା ରଗଡ଼ି—କ୍ରି. ବିଂ. ଜୋର ସୋରରେ କଳିଆ କରିବା କାମ କରିବା, ଗୁଲି ଗୁଲି ପିବା

ରଗଡାଓ—କ୍ରି. ରଗଡ଼ିବା

ରଗଡ଼ିଆ—ବି. ଜନ୍ଦକଣ ଗୁଲବା ବାଲା

ରଗଡ଼—ବିଂ. ପଥୁରିଆ ସ୍ଥାନ, ଗୋଡ଼ିଆ ସ୍ଥାନ

ରଗସ୍—କ୍ରି. ଖଡ଼ ଖଡ଼ କରବା, ଖସ ଖସ କରବା

ରଗସ୍ ରଗସ୍—କ୍ରି. ବିଂ. ଖସ ଖସ ବା ଖଡ଼ ଖଡ଼ କରବା ପ୍ରକ୍ରିୟା

ରଂ—ବି. ରଙ୍ଗ, କ୍ରି. ରଙ୍ଗ କରବା

ରଂଦା ରବର୍—କ୍ରି. ବିଂ. ଯଥାସମ୍ଭବ କରବା

ରଂଖଂ—ବିଂ. ଗଲା ବସିଯିବା

ରଂଗା—ବିଂ. ଏକ ପ୍ରକାର ଲୁହା ଜାଲା, ଲୁହାକଣ୍ଟା

ରଂଗ—କ୍ରି. ପୋଡ଼ିଯିବା, ବିଂ. ପୋଡ଼ା, ପୋଡ଼ି ଯାଇଥିବା

ଛତ୍ରୁ ରଂଗ ଏନା—ତରକାରୀ ପୋଡ଼ି ଗଲା

ରଗ ବଗିନ୍—ବି. ଶ୍ୱେଗାଢ଼, ବଘ୍ନ

ରଂଗ ମୁଁଡ଼ା.ଦ୍—ବି. ପୋଡ଼ି ଯାଇଥିବା କାଠ ଗଣ୍ଡି ବା ଦାରପୋଡ଼ା ଗଣ୍ଡି

ରଙ୍ଗ ବୁଜ ବଙ୍ଗା—ବି. ଶିକାର ଦେବୀ (ଶିକାର ଯିବା ବେଳେ ଏ ଦେବୀଙ୍କୁ ପୂଜା କରାଯାଏ)

ରଚ୍—ବି. ରୁଚି, ଇଚ୍ଛା

ରଚାଓ—କ୍ରି. ଖାଙ୍କି ପଡ଼ିବା, ଝୁଞ୍ଚି ପଡ଼ିବା

ରଚ୍ଓ—କ୍ରି. ରୁଚବା, ପସନ୍ଦ ହେବା, ମଙ୍କିବା

ରଚଦ୍—କ୍ରି. ଖଣ୍ଡିବା, ଶୁଖିଲା ପତ୍ର ଖଣ୍ଡ ଖଣ୍ଡ ହେବା, ରଚକା ଓ ରଚକବା

ରଜକାର୍—ବିଂ. ରୋଜଗାର, କ୍ରି. ରୋଜଗାର କରବା, ପଇସା କମାଇବା

ରଙ୍ଗାଣି ବାହା—ବି. ଏକ ପ୍ରକାର ଫୁଲ

ରଙ୍ଗେ—କ୍ରି. ବିଂ. ସଙ୍ଗେ ସଙ୍ଗେ

ଉ: ହକୁ ରଙ୍ଗେଲେ ଭେଜାକାୟୁ—ଆସିବା ସଙ୍ଗେ ସଙ୍ଗେ ପଠାଇ ଦେବୁ

ରଜଗାରସ୍ଥା—ବିଂ. ରୋଜଗାର କରବା ବାଲା

ରଜନ ରଜନ୍—କ୍ରି. ବିଂ. ଝିଆ ପିଆ

ରଜ—ବି. ରଜ ପର୍ବ

ରଜନୀ ଗନ୍ଧା—ବି. ରଜନୀ ଗନ୍ଧା

ରଞ୍ଜ୍ ଖଞ୍ଜ୍—କ୍ରି. ରାଗିବା, ଅସହଜ ହେବା

ରଞ୍ଜଂଅ—ବିଂ. ଅବ୍ୟବସ୍ଥା, କ୍ରି. ଅବସ୍ଥା ହେବା

ରଞ୍ଜ୍ ରଞ୍ଜ୍—କ୍ରି. ଅପ୍ରସନ୍ନ ହେବା, ଅସହମତ ହେବା

ରଟ୍—କ୍ରି. ବିଂ. ରଟ କର

ରଟ୍ ରଟ୍—କ୍ରି. ବିଂ. ରଟ ରଟ ହେବା, କଡ଼ କଡ଼ ହେବା

ରଟେ—ବି. ବେଙ୍ଗ, ବଡ଼ ବେଙ୍ଗ

ରଠା—ବି. ଅସ୍ୱଚ୍ଛ, ଗଇଁଆ, କ୍ରି. ଅପସ୍ମାର ହେବା

ରଠହା—ବିଂ. ଅପସ୍ମାରରେ ରହୁବା ବାଲା

ରଡ଼ଗାଃ ରଡ଼ଗାଃ—ବିଂ. ବଡ଼ ବଡ଼ ପଥର ଥିବା (ସ୍ଥାନ, ବାଟ)

ରଡସେମ୍—ବି. ପଥ କର

ରଡଓ୍ୱାଃ—ବିଂ. ଦାନ୍ତୁରା

ରଢ୍—କ୍ରି. ରଢ କରବା

ରଢ୍—ବି. ଗଣ୍ଠି, ମୁଣ୍ଡ ବାଳ ବାନ୍ଧିବା, କ୍ରି. ରଢ କରବା

ରଢାଃ—କ୍ରି. ଗଣ୍ଠି ସଜାଡ଼ିବା, ବେଣୀ ସଜାଡ଼ିବା

ରଢ୍ଗୁଲହା ହା.କୁ—ବି. ଏକ ପ୍ରକାରର ମାଛ

ରଢବକ—କ୍ରି. ବିଂ. ଝଂଗଡ଼ା ଝଂଗଡ଼, ଘନ ଦାଢ଼ି ବଢ଼ିବା

ରଢଓ୍ୱାଂ, ରଢଓ୍ୱାଂ—ବି. ନଣ ଦାଢ଼ି ଉଠିବା ଅବସ୍ଥା କ୍ରି. ନଣ ଦାଢ଼ି ଉଠିବା, ଯୌବନର ଲକ୍ଷଣ

ରଥ୍ଅ—ବି. ବାଙ୍ଗର ଓ ମୋଟା, ରଥ ଗାଡ଼ି

ରନ୍ଦା—ବି. ରନ୍ଦା (ବଢ଼େଇ ଯନ୍ତ୍ର)

ରନ୍ଦାୟୁ—କ୍ରି. ରନ୍ଦା ଚଲାଇବା

ରନସ୍ତ୍—ବିଂ. ଖରଡ଼ା, ଅର୍ଦ୍ଧଶୁଷ୍କ

ରପ୍ ରପ୍—କ୍ରି. ରଫ ରଫ ଶବ୍ଦ (ଜୋତାର ଗୁଲବା ଶବ୍ଦ)

ରପ୍ରପ୍ଅ—କ୍ରି. ମନ ଅସ୍ଥିର ହେବା, ଅସୁସ୍ଥ ଲାଗିବା

ରପା—ବିଂ. ସ୍ୱେଇଥିବା, ସୋଇଥିବା

ରପାରପା—କ୍ରି. ବିଂ. ଲଗାତାର, ଲାଗି ରହୁବା (ଜ୍ୱର ଲାଗି ରହୁବା)

ରପାମ୍—କ୍ରି. ନୂଆଇ ରଖିବା, ଅନେକ ସମୟ ଭଜାଇ ରଖିବା, ଗରମରୁ ଶୀତଳ ହେବା

ଉଙ୍ଗା—କି. ଉଙ୍ଗା ହେବା, ଫସୁସଲ୍ଲ ହେବା, ବୁଝାମଣା ହେବା

ଉବାଡ୍—ବିଂ. ଦାମ୍ଭିକତା, ବଡ଼ପଣିଆ, ରାଗ ଦର୍ଶାଇବା

ଉବେସ୍ତା—ବିଂ. ଦୁର୍ବଳ, ଦେହହାଡ଼ ପତଳା ହେବା ଅବସ୍ଥା, ରୋଗିଣା

ଉବେସ୍ତା—କି. ରୋଗିଣା ହେବା, ଦେହହାଡ଼ ପତଳା ହେବା

ଉବନ୍ତୁ—କି. ହାତରେ ଦବାଇବା ବିଂ. ହାତ ସୁରାଇ ଥିବା

ଉବନା—ବିଂ. ରୋଗଣା (ପେଟ ବଡ଼ ଦେହ ସରୁ)

ଉମ୍ ତମ୍—ବି. ବଡ ପଗଡ଼ି

କି. ବିଂ. ଶାନ୍ତ ଭାବେ ବସିବା, ବଡ ପଗଡି ହେବା

ଉମଚ୍ଲୁଃ—କି. ସ୍ଥିର ଓ ସୁଧାର ହୋଇ ବସିବା, ଡେର ହେବା ଅପେକ୍ଷା କରାଇବା

ଉମ୍ ଧାଃ—କି. ଉବନା (ଦେଖ)

ଉମ୍ ପଲଃ—ବିଂ. ଧଣ୍ଡିଆ, ଶୁଖି ଯାଇଥିବା (ଲୋକ)

କି. ଧଣ୍ଡିଆ ହେବା

ଉସ୍ ଦା—ବିଂ. ଦୁର୍ବଳ ଦେହ ଶୁଖିଯିବା

କି. ଦୁର୍ବଳ ହେବା, କମଜୋର ହେବା (ଦେହ ହାଡ ପତଳା ହୋଇ ଦୁର୍ବଳ ହେବା)

ଉସ୍କ (ରାଇଲ୍)—ବିଂ. ସିଧା ସଳଖ ଓ ଉଚା

କି. ସଳଖ ଲମ୍ବ ବା ଉଚ୍ଚ ହେବା

ଉଲ୍—ବି. ହରଡ଼ା

ଉଲ୍—କି. ଜଆଁରୁ ବାହାର କରିବା (କାଠି ବା ଅନ୍ୟ ସାହାଯ୍ୟରେ)

ଉ: ରାପାଃ ହାକୁସ୍ତ ଉଲ୍ କେଦେସ୍ତା - ପୋଡା ମାଛକୁ କାଢି ଅଣିଲ

ଉଲ୍—ବି. ଭାଷା, କଥା

ଉଲା—ବି. ଘରରେ ଲାଗୁଥିବା କାଠରଲା ବା ବରଗା

ଉଲା—କି. (ମାଡର) ପୋକା, ଦାଗ

ଉଲ୍ଆଃ ବିଂ. କଥିତ, କହୁଥିବା

ଉସ୍—ବି. ଭସ

ଉସ୍ କାର୍—ବିଂ. ଦୁଧିଆଳୀ (ଗାଈ)

ଉସ୍ ଗାଣ୍.ସ୍ତା—ବି. ଉପାଳିଆ

ଉସା ବେମାର ବି. ସଂକ୍ରାମକ ରୋଗ

ଉସାଓ୍ବ—କି. ଭାବରେ ମଜ୍ଜିଯିବା, ଉଷିଯିବା, ଭାବ ବିହ୍ୱଳ ହେବା

ଉହାଡ୍—ବିଂ. ଭଲ, ଉତ୍ତମ ଅବସ୍ଥା. ସମ୍ପନ୍ନ

କି. ଭଲ ରହୁଥିବା, ସମ୍ପନ୍ନବାନ ହେବା,

ଉସପସ, ଉସମ୍ ଉସମ୍—କି. ବିଂ. ଅଳ୍ପ ଅଳ୍ପ ଜ୍ୱର ହେବା, ମନ ଅସୁଖ ହେବା

ଉସଦ୍—ବି. ରସଦ, ଖାଦ୍ୟ ବ୍ୟବସ୍ଥା

ଉସିଦ୍—ବି. ରସିଦ୍

ଉସା—ବିଂ. ରସଯୁକ୍ତ, ରସାଳିଆ

ଉସାୟନ ବର୍ଦ୍ଦୀ—ବି. ରସାୟନ ବିଦ୍ୟା ବିଂ. ଶୁଷ୍କ

ଉହଲ—କି. ଶୁଖିବା, ଶୁଖାଇବା

ଉହଲ୍ଆଃ—ବିଂ. ଶୁଷ୍କ, ଶୁଖିଲା

ଉହଡ଼ା—ବିଂ. ଦାନ୍ତୁଡ଼ି

ଉଂ ଛିଂ—କି. ଛୁଙ୍କିବା

ଉଂ—କି. ଫୋଡ଼ିବା (ପଶୁ) ଶିଙ୍ଘ ଭୁଷିବା, ସିଲଇ କରିବା

ଊଇ—ବି. ଉସ୍ତ, କର୍ଣ୍ଣସ୍ତ, ଊଇ (ପୋଶଷ)

ଊଇକା—ବିଂ. ଲମ୍ବ ସିଧା ମୁନିଆ (ଶିଙ୍ଘ, ବାଡ଼ି) ଲମ୍ବ ଓ ମୋଟା

ଊଇଗୁମ୍—ବି. ଛୋଟିଆ ପତଳା ହେବା

ଊଇ ଚନ୍ଦନ—ବି. ଏକ ପ୍ରକାରର ଚନ୍ଦନ ଗଛ

ଊଇମାଡ୍ କେନ୍ଡାଂ—ବି. କାନଗୁହ, କାନର ମଇଳା

ଊଇସ୍ତା—ବିଂ. ଇଏ ସିଏ

ଊଇ ବୁଇ ଚେଣେ—ବି. ଏକ ପ୍ରକାର ଛୋଟିଆ ଚଢେଇ

ଊଇଲ—ବି. ସିଧା ଲମ୍ବ ଓ ସଳଖ (ଗଛ, ଜଣ)

ଊଇଲ.ବାହା—ବି. ଏକ ପ୍ରକାର ଜଙ୍ଗଲି ଫୁଲ

ଊ.ଜ୍ ଊଜ୍—କି: ବିଂ. ଊଜ୍ ଊଜ୍ କୋଳାହଳ

ଊକସୁ—ବି. ଆଖୁପେଡା ମେସିନ

ଊକାସ୍—ବି. ଊଷସ

ରକ୍ଠାକ୍—କ୍ରି. ବି°. ତତ୍ପରତାସହ (କାମ କରିବା, କଥା କହିବା ଚଞ୍ଚଳ ହେବା)

ରକ୍ରକା—ବି°. ଉଚ୍ଚାଭାବେ ପଡ଼ିଥିବା

ରକ୍ତକ୍—କ୍ରି. ବି°. ଝଁଣଝାଁଣ ହୋଇ ପଡ଼ିବା, ଝଁଣଝାଁଣ ହେବା

ରକ୍ତକ୍ ମେନଡେ—କ୍ରି. ବି°. ଝଁଙ୍କେଇ

ରକଡକ୍ ରକ୍ତକ୍—କ୍ରି. ବି°. ଗ୍ରେଷ୍ଟା ଲୋକର ସ୍ୱଳ୍ପବାର ଭଙ୍ଗି, ଝଁଣଝାଁଣ ଶବ୍ଦ ସହକାରେ

ରକାପ୍— ବି°. ଉଠାଣିଆ (ବାଟ), କ୍ରି. ଉପରକୁ ଉଠାଇ ଦେବା, ଉତ୍ତୀର୍ଣ୍ଣ ହେବା,

ରଂକଣ—ବି. ପିଶାଚ ବିଶେଷ, ବି°. ଅତି ରାଗି (ସ୍ତ୍ରୀ)

ରଖା—ବି°. ଉଖା, ଉଖାହୋଇଥିବା, ସଂରକ୍ଷିତ

ରଖି—ବି°. ରକ୍ଷୀ

ରଙ୍ଗା—ବି°. ଲେମ୍ବା, ପେଟୁ, ଗିଲା, ଖାଉଣ୍ଡିଆ

ରଗ୍—କ୍ରି. କାନ୍ଦିବା, ରାଗ କରିବା
ବି°. ଉକ୍ତ ହୋଇଥିବା

ର —ବି. କାନ୍ଦ, କାନ୍ଦଣା

ରଗାଓ—କ୍ରି. ଭଗାଇବା

ରଙ୍ଗାଓ—ବି. ମାତାଲ, କ୍ରି. ମାତାଲ ହୋଇଥିବା, ମାତାଲ ହେବା, ରଙ୍ଗ କରିବା

ରଙ୍ଗାଇନ—ବି. ରଙ୍ଗଣି ଫୁଲ

ରଙ୍ଗିସ୍ୱା—ବି°. ରଙ୍ଗିଆ ଋପତ୍ ଲାଲ

ଉ: ରଙ୍ଗିସ୍ୱା ଡାଙ୍ଗର—ନାଲିଆ ବଳଦ

ରଙ୍ଗିସ୍ୱା କଲମା ହୁଚୁ—ବି. ନାଲି କଲମା ଧାନ

ରଙ୍ଗିସ୍ୱା ରାଦାଇହୁଚୁ—ବି. ନାଲି ଖେଦେଇ ଧାନ

ରଙ୍ଗି—ବି°. ନାଲି

ରଘା—ବି°. ପଥରପୃଷ୍ଠି, ପାହାଡ଼ ପଥ ବା ସ୍ଥାନ

ର.ଘୁ—ବି. ରଘୁ (ନାଥ)

ରଗ୍ନ—ବି. ଅଗଣା, କ୍ରି. ପଶିଯିବା

ରଗ୍ନ —କ୍ରି. ବଳପୂର୍ବକ ଟାଣିବା, ବଳପୂର୍ବକ ଛଡ଼ାଇବା

ରଚୁପ୍—କ୍ରି. ଖଣ୍ଡିଆ ହୋଇଯିବା

ରଜ୍—ବି. ରାଜତ୍ୱ, କ୍ରି. ରାଜତ୍ୱ କରିବା

ରଜ୍—ବି. ରାଜା

ରଜ୍ଦ୍ୱପନ୍—ବି. ରାଜପୁତ୍ର

ରଜ୍ ଦ୍ୱପନ୍ଏଙ୍ଗ—ବି. ରାଜକନ୍ୟା

ରଜ୍ ଅମଲ୍—ବି. ରାଜ ଅମଳ

ରଜ୍ଶାଁସ୍—ବି. ରାଜସଭା

ରଜ୍ଗାଲ୍—ବି. ରାଜଧାନୀ

ରଜ୍ନଣ୍ଡ—ବି. ରାଜଦଣ୍ଡ

ରଜ୍ସଲକ୍—ବି. ରାଜପଥ, ରାଜରାସ୍ତା

ରଜ୍ସ୍ଥାନ—ବି. ରାଜସ୍ଥାନ ନାମକ ପ୍ରଦେଶ

ରଜ୍ମିସ୍ତି—ବି. ରାଜମିସ୍ତ୍ରୀ

ରଜଓ୍ୱାଲ୍—ବି. ଜଙ୍ଗଲର ଏକ ପ୍ରକାର ଝଟା କୋଳି ଗଛ

ରଜ୍ହାଁସ—ବି. ରାଜହଂସ

ରଜି—ବି. ରାଜି, ମଞ୍ଜୁର, ସମ୍ମତି

ରଜିଃ—କ୍ରି. ରାଜି ହେବା, ସମ୍ମତି ଦେବା

ରଜିନାମା—ବି. ରାଜିନାମା, ମିଳାମିଶା

ରଜୁତି—ବି°. ରାଜ୍ୟ ଶାସନ, ରାଜ୍ୟ ଭୋଗ

ରଟ୍ରଟ୍—କ୍ରି. ବି°. କଟକଟ ଶବ୍ଦ

ରଟ୍ରଟାଓ୍ୱ—କ୍ରି. ବି°. (ଶୀତରେ, ଅଣ୍ଟାରେ) କଣକଣିଆ ଯନ୍ତ୍ରଣା ପ୍ରକ୍ରିୟା, କାକୁଡ଼ି ଯିବା

ରଟା ପାଟା—କ୍ରି. ବି°. ଖଡ଼ଖଡ଼ ଶବ୍ଦ (ଶୁଖିଲା ଝାଟି ପତ୍ର ଘୋସାରିବା ଟାଣିବା ଓ ଉଠାଇବା ହେତୁ ଯେ ଶବ୍ଦ ହୁଏ) ଶୀଘ୍ର ଶୀଘ୍ର, ରଟାପାଟା କାମି—ଶୀଘ୍ର ଶୀଘ୍ର କାମ, ଚଞ୍ଚଳ କାମ

ରଟବ୍—କ୍ରି. ସଶୁ ଆସିରେ ଧରିବା ପ୍ରକ୍ରିୟା, କଇଞ୍ଚିରେ କାଟିବା ପ୍ରକ୍ରିୟା, କଙ୍କଡ଼ା ତାର ବଡ଼ ଗୋଡ଼ରେ କାମୁଡ଼ିବା ପ୍ରକ୍ରିୟା, ଧରିବା, କାମୁଡ଼ିବା

ରଟି କୁଟି—କ୍ରି. ବି°. ଏକ ଏକ କରି, କିଛି ନ ଛାଡ଼ି

ର.ଟୁବ୍ ମାରଓ୍ୱ—କ୍ରି. ଘେଞ୍ଚାଇବା (ହାଡ଼ ଆଦି ଶକ୍ତ ଜିନିଷ)

ରଡାର୍—ବି. (ଇଂ) ରଡ଼ାର ଯନ୍ତ୍ର

ରାଢ଼—ବିଂ. ନିଷ୍ଠୁର, ହୃଦୟସ୍ଥାନ

ରାଢୁଆ—ବି. କଡ଼ା, କଠୋର

କ୍ରି. କଡ଼ା ହେବା, କଠୋର ହେବା

ରାଢ଼ି—ବି. ରାଢ଼ୀ, ଜାତି ବିଶେଷ

ରାଣ—ବି. ରାଣ, ଶପଥ, ନିୟମ

ରାଣ୍ଡ—କ୍ରି. ରାଣ୍ଡ ହେବା, ବିଂ. ରାଣ୍ଡ

ରାଣ୍ଡି—ବିଂ. ରାଣ୍ଡୀ, ବିଧବା (ସ୍ତ୍ରୀ)

ରାଣ୍ଡିଏରା—ବି. ବିଧବା ସ୍ତ୍ରୀ ଲୋକ

ରାଣ୍ଡିବାଜ୍—ବି. ରାଣ୍ଡିବାଜ୍, ରାଣ୍ଡୁଆ

ରାଥ୍—ବି. ରଥ ପର୍ବ

ରାତଗାଡି—ବି. ରଥଗାଡ଼ି

ରା.ତକାନା—ବି. ଅନ୍ଧାରକଣା

ରା.ତ୍ଚରା—ବି. ରାତିଚର, ଏକ ପ୍ରକାରର ରାତିରେ ଚରିବା ପତଙ୍ଗ

ରାତବରା.ତ—କ୍ରି. ବିଂ. ରାତସାରା, ରାତି ରାତି

ରାଡା—ବି. ପୂର୍ଣ୍ଣ ଯୌବନ ପ୍ରାପ୍ତ

ଦ୍ର: ରାଡାକଲା ରୁଲୁକ୍ ରାଡା କୁଳି ବାପ୍ଲାଃ ରୁଗିଆ, ପୂର୍ଣ୍ଣ ଯୌବନ ପ୍ରାପ୍ତ ଯୁବକ ସହିତ ପୂର୍ଣ୍ଣ ଯୌବନା ଯୁବତୀ ସହ ବିବାହ କରିବା ଭଲ ଅଟେ

ରାଡାମ୍—କ୍ରି. ସନ୍ଧିରେ ଜାକି ହେବା

ଦ୍ର: ଢିଡ଼ ଧିରତେ ରାଡାମ୍ ଏନାୟ - ସେ ପଥରରେ ଜାକି ହୋଇଗଲା

ରାଡାମ—ବି. କଇଞ୍ଚି

ରାଡାରାଡ—କ୍ରି. ବିଂ. ରାଡାରାଡ

ରା.ଡୁଆକାଣ୍ଡା ହୁରୁ—ବି. ରାଡୁଆ କାଣ୍ଡା ଧାନ

ରା.ଦ୍ଦ—ବି. ରଦ୍ଦ, ଖରାପ

ରାଦ୍ ରାଦ୍—କ୍ରି. ବିଂ. ଫାଟା ଘୋଷାରିବା ଶବ୍ଦର ପ୍ରତିଧ୍ୱନି

ରାଦଲ୍ ମେନ୍ତେ—କ୍ରି. ବିଂ. ଅସ୍ୱନକ ଖଡ୍ ଖଡ୍ ଶବ୍ଦ ହେବା

ରାଦଲ୍ ରାଦଲ୍—କ୍ରି. ବିଂ. ଫଡ୍ ଫଡ୍ କରି, ଖଡ୍ ଖଡ୍ ହୋଇ

ଦ୍ର: ରହଲ୍ ସାକାମ୍ ହୟତେ ରାଦଲ ରାଦଲ୍ଅଃ କାନା - ପବନରେ ଶୁଖିଲା ପତ୍ର ଫଡ୍ ଫଡ୍ (ଖଡ୍ ଖଡ୍) ହେଉଛି

ରାଧା—ବି. ରାଧା, ରାଧିକା

ରାଧାନାଥ—ବି. କୃଷ୍ଣ

ରାନ୍—ବି. ଔଷଧ

ରାନ୍ବରାଓ—କ୍ରି.ବିଂ. କଣ କଣିଆ ଲାଗିବା, କଷ୍ଟ ଅନୁଭବ ହେବା

ରାନ୍ମୁର୍ଗା.ନ—ବି. ଚେରମୂଳୀ ଔଷଧ

ରାନି—ବି. ରାଣୀ

ରାନିଫୁଲ୍—ବି. ରାଣୀଫୁଲ (ଏକ ପ୍ରକାର ଫୁଲର ନାମ)

ରାନୁ—ବି. ଚେର ଜାତୀୟ ଔଷଧ (ହାଣ୍ଡିଆ ପଚାଇବା ଔଷଧ)

ରାପ୍—ବି. କାରଣ, ଉତ୍ତାପ

ରାପରାପା—କ୍ରି. ଗୋଡ଼ହାତ ଉଠାଇ ପଡ଼ି ରହିବା

ଚାଳପତ୍ର ସହିତ ଏକାଠି ହୋଇ ପଡ଼ିଥିବା ସ୍ଥିତି

ରାପାଂ—କ୍ରି. ପୋଡିବା

ରା.ପୁଦ୍—କ୍ରି. ଭାଙ୍ଗିବା, ବିଂ. ଭଙ୍ଗା, ଭଗ୍ନ

ରାପୁଦଆଃ—ବିଂ. ଭାଙ୍ଗିଯାଇଥିବା, ଭଙ୍ଗା

ରା.ପୁଦରା.ପୁଦ୍—ବି. ଭଙ୍ଗାରୁଣ୍ଡା

ରା.ପୁଦ୍ ସାରେନ୍—ବିଂ. ଭଙ୍ଗାରୁଣ୍ଡାର ଶେଷାଂଶ

ରାବାରୁରୁ—କ୍ରି. ବିଂ. ଥଲ୍ ଥଲ୍ ଲାଗିବା, ଧୀରେ ଧୀରେ ରୁଲବା

ଦ୍ର: ମୁଁର୍ ହାଲମରେ ରାବାରୁରୁ ଇଞ୍ଜ୍ କାନା - ସିମ୍ପୁଡି ଦେହକୁ ମୋର ଥଲ୍ ଥଲ୍ କରାଉଛି

ରାବାଂ—ବି. ଶୀତ କ୍ରି. ଶୀତ ଲାଗିବା

ରାବାଂବିଡ୍—ବି. ଶୀତଋତୁ

ରାବଗୁପ—ବି. ରବଗୁପ

ରାବଡ଼ି—ବି ରାବଡ଼ି

ରା.ବୁଲ୍—କ୍ରି. ଆଞ୍ଜୁଡ଼ିବା ବି. ଆଞ୍ଜୁଡ଼ା

ରାବୁଆ ରା.ଭୁଓ (ଓ୍ୱା) —ବି. ଯକ୍ଷ୍ମର, ବୃଦ୍ଧ, ରୋଗୀ

ରାମ୍—ବି. ରାମ (ରାମାୟଣ ବର୍ଣ୍ଣିତ ରାମ)

ରାମ୍ଫା—ବି. ଫଟା କ୍ରି. ଫଟା ଦେବା

ରାମ୍ରୁଙ୍ଗା—ବି. କରମଙ୍ଗା

ରାମ୍ଜାବ୍—କ୍ରି. ଉତ୍ସାହିତ କରିବା

ରମ୍‌ବାଲା—ବି. ବଣ

ରାମାୟଣ—ବି ରାମାୟଣ କାହାଣୀ

ରାଗ୍ ଂ—କ୍ରି. କାନ୍ଦିବା ପ୍ରକ୍ରିୟା ବିଂ. କାନ୍ଦୁଥିବା

ଉ: ବାବାସ୍ ଗୁର୍ଏନ୍‌ତେ ହପନ୍ ତେଦକ ରାଗ୍ ଂ କାନା
ପିତାର ମୃତ୍ୟୁ ହେବାରୁ ପୁତ୍ରମାନେ ରୋଦନ କରୁଛନ୍ତି

ରାସ୍ତ—ବି. ଜନ୍ମତିଥି

ରାସୁଲ୍ ମେନ୍‌ତେ—କ୍ରି. ବିଂ. ହଠାତ୍ ହୁଲୁକି ଛୁଟିକବା ସ୍ଥିତି

ରା.ସୁଲ୍ ରା.ସୁଲ୍—କ୍ରି. ବିଂ. ଲୁହାକୁ ଲୁହା, ଦୋହଲାଇ
ଦୋହଲାଇ, କ୍ରି. ଲୁହାକୁ ଲୁହା (ବୋହିବା)

ରା.ଲ୍—ବି. ସ୍ୱର (ଧ୍ୱନି)ର ଲହରୀ, ନାଦ, ଝସ୍ମମ

ରାଲା—କ୍ରି. ଖୋଲିବା, ବନ୍ଧନ ମୁକ୍ତ କରିବା

ରାଲ୍‌ରାଲ୍—କ୍ରି. ବିଂ. କୁଳୁକୁଳୁ (ପାଣି ବୋହିବା ଶବ୍ଦ)
ଜୋର ସ୍ରୋତର ଶବ୍ଦ

ରାଲାମ୍ ରାଲାମ୍—କ୍ରି. ବିଂ. ବାରମ୍ବାର ମାଦଳ ଓ ଢମକର
ଉଚ୍ଚଧ୍ୱନି ହେବା

ରାଲେକ୍—କ୍ରି. ଶୀତଳ କରିବା, ଥଣ୍ଡା କରିବା, ହ୍ରାସ ହେବା

ରାଲି—ବି. ଏକ ପ୍ରକାରର ଜଙ୍ଗଲି ଲତା
ବି. (ଇଂ) ରାଲି rally (ସମାବେଶ)

ରା.ସ୍—ବି. ରାଶି, ଭାଗ୍ୟଚକ୍ର

ରାସ୍‌କା.—ବି. ଆନନ୍ଦ, ଖୁସି କ୍ରି. ଆନନ୍ଦ ପାଇବା

ରା.ସ୍‌ବାନା°—ବିଂ. ଭାଗ୍ୟବାନ

ରାସ୍‌ଥନ୍—ବିଂ. ଭାଗ୍ୟବାନ

ରାସ୍‌ଟର୍‌ଅ—ବିଂ. ରାଷ୍ଟ୍ର

ରାସ୍‌ଟରପତି—ବି. ରାଷ୍ଟ୍ରପତି

ରାସ୍‌ଟର୍‌ଦୁତ୍—ବି. ରାଷ୍ଟ୍ରଦୂତ

ରାସିପୁଞ୍ଜି—ବି. ପୁଞ୍ଜି, ଧନ

ରା.ସିସ୍ତା.—ବି. ସଙ୍ଗୀ, ସଙ୍ଗତ, ଏକଜ, ମିଳମିଶି
କ୍ରି. ମିଳମିଶି କାମ କରିବା

ରା.ସୁ ଂ—କ୍ରି. କାମୁଡ଼ିବା, ଚୋବାଇବା

ରା.ସୁ ଂ ରା.ସୁ ଂ—କ୍ରି.ବିଂ. କାମୁଡ଼ି କାମୁଡ଼ି (ଖାଇବା)

ରା.ସୁନ୍ (ଣ)—ବି. ରସୁଣ

ରାସୁନଆଁ—ବି. ଏକ ପ୍ରକାର ଜନ୍ତୁ (ହାତଖଣ୍ଡ)

ରାସୁମ୍ ବା.ଦ୍‌ରୁମ୍—ବି. ଅଡୁଆ ମଡୁଆ, ଅହଜଡ଼ା
(ବାଳ, ଚୂଳ)

ରାସୁଓ୍ୱା—ବି. ବର୍ଷା କ୍ରି. ବିଂ. ଲଗାତାର

ରାସେ—ବି. ଝୋଲ

ରାହା—ବି. ରାସ୍ତା, ସ୍ୱର, ଉପାୟ

ରାହାସ୍ ସାହାସ୍—କ୍ରି. ସ୍ଥାନ ଓ ସହାୟ ପାଇବା, ମୁକ୍ତ ହେବା

ରାହାଓ୍ୱ—ବି. ରକ୍ଷା କ୍ରି. ରକ୍ଷା ପାଇବା, ମୁକ୍ତି ପାଇବା
କ୍ଷମା ମାଗିବା

ରାହାସ—ବି. ରାସ, କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ

ରାହୁ—ବି. ଏକ ପ୍ରକାରର ପାଲିଙ୍କି, ପାଲିକ

ରାହ୍ମ—ବି. ରାହ୍ମ, ଛୁସ୍ଥା, ଧୀରେ ଧୀରେ

ରାହ୍ମ ରାହ୍ମତେ—କ୍ରି. ବିଂ. କ୍ରମାନୁସାରେ

ରାହ୍ମହାଆଁତେ—କ୍ରି. ବିଂ. ଜୋରପୂର୍ବକ, ଶକ୍ତି ପୂର୍ବକ, ଧୀରେ ଧୀରେ

ରାହେଲ—ବି. ହରଡ଼

ରାଂ ଆଗୁ—କ୍ରି. ବିଂ. କାନ୍ଦି କାନ୍ଦି (ଆସିବା)

ରାଂ ତେଙ୍ଗା—କ୍ରି. କାନ୍ଦଣାରେ ସହଯୋଗ କରିବା
ଜଣେ କାନ୍ଦିବାର ଦେଖି ଆଉ ଜଣେ କାନ୍ଦିବା

ରାଂ ପାଞ୍ଜ୍‌କା—କ୍ରି. କାନ୍ଦଣାରେ ସହଯୋଗ କରିବା

ରାଂ ହାଲ୍ଙ୍—କ୍ରି. ଦୁଃଖ ପ୍ରକାଶ କରିବା (କାନ୍ଦିକରି)

ରାକ୍‌କାକ୍—ବି. ସ୍ଥିର, ଦୃଢ଼, କ୍ରି. ବିଂ. ସ୍ଥିରତା ସହକାରେ,
ଦୃଢ଼ତା ପୂର୍ବକ

ରାକାସିସ୍ତା—ବିଂ. ପେଟୁ

ରାକାତ୍ ରକତ୍—ବି. ଅବଡା ଖାବଡା, କ୍ରି. ଖଡ ଖଡ ହେବା

ରାକ୍‌ବାଲି—ବି. ରକ୍ଷିବାଲି, ଜଗୁଆଳୀ

ରାଖା—ବିଂ. ସୁରକ୍ଷିତ କ୍ରି. ସୁରକ୍ଷିତ ରହିବା

ରାଗଡା ରାଗ୍‌ଡ—କ୍ରି. ରଗଡ଼ିବା କ୍ରି. ବିଂ. ରଗଡା ରଗଡ଼ି
(କରିବା) ପଶ୍ଚାତଧାବନ, ପଛରେ ଦୌଡ଼ିବା

ରାଗ୍‌ଦାଓ୍ୱ—କ୍ରି. ରଗଡ଼ିବା

ରାଗ୍‌ବାଗ୍—ବିଂ. ଉତ୍ତେଜନାକାରୀ/ଉତ୍ତେଜକ .

ରାଗଦାଗଓ—କ୍ରି. ବିଂ. ଖଡ଼ ଖଡ଼ (ଶବ୍ଦ) ଗୋଡ଼ର ଚାଲିବା ଶବ୍ଦ

ରାଗ୍ରାଗିସ୍କା—ବିଂ. କ୍ରୋଧି

ରାଗ୍ରାଗା—ବିଂ. ଦନ୍ତୁରିତ

ଉ: ରାଗ୍ରାଗା ହରଡେ ସେନଃ ଦ ହାର୍ଦେଞ୍ଜୁଆ—ଦନ୍ତୁରିତ ପଥରେ ଗମନ କରିବା କଷ୍ଟସାଧ୍ୟ

ରାଗ୍ଡା ରାଗ୍ଡି—କ୍ରି. ବିଂ. ଦ୍ରୁତ ବେଗରେ

ରାଗ୍ଡାଓ୍ୱ—କ୍ରି. ରଗଡ଼ିବା

ରାଗାଲ୍ଡ ଡଗଡ୍—କ୍ରି. ବିଂ. ଉଚା ନୀଚା, ଖଡ଼ ଖଡ଼ିଆ

ରାଗାଡରଗଡ୍—କ୍ରି. ବିଂ. ଶୁଖିଲା ପତ୍ରର ଖଡ଼ ଖାଡ଼ ଶବ୍ଦ

ରାଗାମ୍ ରାଗାମ୍—କ୍ରି. ବିଂ. ଘୁଲ୍ଘୁଲ୍, ସଲସଲ
କ୍ରି. ଘୁଲ୍ ଘୁଲ୍ ଲାଗିବା

ରାଗାସ୍କ୍—କ୍ରି. (ଆଖିରେ ଧୂଳି ଆଦି ପଡ଼ିଲେ) ଯେଉଁ ରଗ ରଗ ଭାବ ସୃଷ୍ଟି ହୁଏ । ରଗ ରଗ ଲାଗିବା

ରାଗାସ୍ଥ୍ ରାଗାସ୍ଥ୍—କ୍ରି. ବିଂ. ରଗ ରଗ ଲାଗିବା ପ୍ରକ୍ରିୟା

ରାଗାସ୍ଥ୍ ଭଗସ୍ଥ୍—ଭୁଲ୍ଲାଠାରେ ହାଣ୍ଡିରେ ଚାଟୁ ବୁଲାଇ ଖଡ଼ଖଡ଼ କରିବା

ରାଗାବାଗା—କ୍ରି. ବିଂ. ଶୁଖିଲା ପତ୍ର ଉପରେ ସରୀସୃପ, ପକ୍ଷୀ ଚାଲିବା ଦ୍ୱାରା ଯେଉଁ ଖଡ଼ ଖଡ଼ ଶବ୍ଦ ହୁଏ, ରାଗାବାଗା

ରାଗାରାଗି—କ୍ରି. ବିଂ. କ୍ରୋଧାନ୍ୱିତ ହୋଇ ରଗାରଗି କରି

ରାଗାଡ ରାଗାଡ୍—କ୍ରି. ବିଂ. ଜୋରରେ ଖଡ଼ ଖଡ ଶବ୍ଦ ହେବା ପ୍ରକ୍ରିୟା (ବଳଦ ଗାଡ଼ି ଗଡ଼ିବା ଶବ୍ଦ, ଜୋରରେ ପବନ ବହିବା ଶବ୍ଦ)

ରାଗାଡ୍ ଝାଗାଡ୍—ବି. ରଗଡ ଝଗଡ, କ୍ରି. ଝଗଡା କରିବା

ରାଗାଡ୍ ରଗଡ୍, ରାଧାରଧଅ—ବିଂ. ଅବଡା ଖାବଡା, ପଥୁରିଆ

ରାଂକାଡ୍—ବିଂ. ଲମ୍ବା, ଉଚା (ଲୋକ)

ରାଂକାନ—ବି. ଏକ ଦେବୀଙ୍କ ନାମ

ରାଂଗାଚାଂଗା—ବି. କଣ୍ଟାଳିଆ

ଉ: ଏଦେଲ୍ ଦାରେ ଦ ରାଂଗା ଚାଂଗା ରେସ୍କା—ଶିମିଳି ଗଛଟା କଣ୍ଟାଳିଆ ଅଟେ

ରାଂମା ପାହାଡ—ବି. ଏକ ଦେବତାଙ୍କ ନାମ

ରାଂରାଙ୍ଗିସ୍କା—ବିଂ. ଈଷତ ନାଲି ରଙ୍ଗ

ରାଂରଜ୍—ବି. ଗୀତ ଓ ନାଚ, କ୍ରି. ଆମୋଦ ପ୍ରମୋଦ କରିବା, ମନୋରଞ୍ଜନ କରିବା

ରାଜ୍ ଅଲା ∞—ବି. ରାଜଉଆସ, ଜମିଦାର ଘର

ରାଜ୍ଗାଜ୍—ବି. ଖୁଡ

ରାଜ୍ଗାଲ୍—ବି. ରାଜାଙ୍କ ଗଡ

ରାଜ୍ନାଂଗାର୍—ବି. ରାଜଧାନୀ

ରାଜ୍ପହଲ୍ ହୁଲୁ—ବି. ରାଜପାଲ ଧାନ

ରାଜ୍ମାହାଲ୍—ବି. ରାଜ ଉଆସ

ରାଜ୍ମାହଲ ହୁଲୁ—ବି. ରାଜମହଲ ଧାନ

ରାଜ୍ ରୁଜ—ବି. ରାଜଯକ୍ଷ୍ମା ରୋଗ

ରାଜ୍ରୁଚ୍—ଲୁଷୁଡ଼ି ପଡ଼ିବା, ଉଜୁଡ଼ି ପଡ଼ିବା, ଶବ୍ଦ ସହକାରେ ଭାଙ୍ଗି ପଡ଼ିବା

ରାଜ୍ଠେଙ୍ଗା—ବି. ରାଜଦଣ୍ଡ

ରାଜ୍ ଡାହାର୍—ବି. ରାଜପଥ

ରାଜ୍ ଦଲାନ୍—ବି. ରାଜମହଲ

ରାଜ୍ପଦ୍—ବି. ରାଜଗାଦି

ରାଜ୍ ପା.ଲଆ—ବି. ରାଜ୍ୟପାଳ

ରାଜ୍ବାହା—ବି. ରାଜଫୁଲ

ରାଜ୍ଭେଜା—ବି. ମାଲଗୁଜାରି, କର

ରାଜ୍ ରପାଜ୍ କ—ବି. ରାଜା ଓ ଜମିଦାର ସମୂହ

ରାଜ୍ରାସ୍ତା—ବି. ରାଜପଥ

ରାଜ୍ଋଷି—ବି. ରାଜର୍ଷି

ରଜାନ ବାଜାନ୍—ବି. ଗାଆଣ ଓ ବାଜଣା
କ୍ରି. ଗାଆଣ ବାଜଣା କରିବା

ରାଜାପାଟା—ବି. ଏକ ପ୍ରକାର ପିଲା, ଖେଳ ଜମି ପଟା।

ରାଜ ପୁତା—ବି. ରାଜପୁତ୍ର

ରାଜା ମୁନ୍ଦେଲେଣେ—ବି. ଏକ ପ୍ରକାରର ଚଢ଼େଇର ନାମ

ରାଜାମୁନ୍ଦ ହୁଲୁ—ବି. ରାଜମୁଣ୍ଡି ଧାନ

ରାଜାପ୍—ବି. ଆଖି ପୁଅ (ଆଖିର ପିତୁଳା)

ରାଜେଷ୍ଟ୍ରି—ବି. ରେଜିଷ୍ଟର, ଖାତା

ରାଜେଷ୍ଟାର୍—ବି. ରେଜିଷ୍ଟ୍ରାର

ରାଜା ∞ ରୂଲ୍—ବି. କାନୁନ୍, ଆଇନ

ରାଜା ∞ ହାଟିଞ୍ଜ୍—ବି. ଜମିଦାରଙ୍କ ଭାଗବାଣ୍ଟ

ରାଜଅଟ୍—କ୍ରି. ଏକଜ ବସି ନିଷ୍ପତ୍ତି କରିବା

ରାଜଅଟ୍—ବି. ନିଷ୍ପତ୍ତି, ସିଦ୍ଧାନ୍ତ, ମତ

ରାଞ୍ଜ୍—କ୍ରି. ଡେଉଁର କରିବା

ରାଞ୍ଜ୍‌ଜାଓ୍—କ୍ରି. କମ୍ ମୋଟା ହୋଇ ଯିବା, ଝିଙ୍ଗିଯିବା,
ଝିଙ୍ଗାଇ ଦେବା

ରାଡାଂ—ବି. ବରଫ, ଅତିଶୀତ ଥଣ୍ଡା ଜଳ, ଶିଶିର

ରାଡାଲ୍‌ମାରା—କ୍ରି. ଗଛ ପତ୍ରରୁ ପଡୁଥିବା ପାଣି ଦ୍ୱାରା ଖରାପ
ହେବା

ରାଡାମା ଦାରେ—ବି. ସଦାବହାର ଗଛ

ରାଥାରଥଅ—ବିଂ. ଅଧାଡ଼ୁ

ରାଧାରାଲାକ୍—ବି. ଗୁଣ ବାହୁ କାଠ ଥିବା ଏକପ୍ରକାର ଗାଛ

ରାନ୍‌ଅଲା ∞ —ବି. ଡାକ୍ତରଖାନା

ରାନ୍‌ଦା ∞ —ବି. ଔଷଧ ପାଣି

ରାନଧନ—ବିଂ. ରାନ୍ଧୁଣିଆ

ରାନ୍‌ନାଞ୍ଜମ୍—ବି. ଡାହାଣୀ

ରାନାକାପ୍ ହା.କୁ—ବି. ଝିଠନ୍ତା ମାଛ

ରାନାକୁମାର୍—ବି. ଏକପ୍ରକାରର ଲମ୍ବା କାଠ

ରାନାପୁଜ୍—ବିଂ. ଭଙ୍ଗା, ଭାଙ୍ଗିଥିବା

ଉ: ରାନାପୁଜ୍ ଆଲେରେ ଦୁଲୁପ୍ କାମେ ଭଙ୍ଗାଆଡ଼ରେ ବସିଥା

ରାନା ଧେଉଥ ହୁଲୁ—ବି. ଏକପ୍ରକାରର ଧାନ

ରାନେ ରାନେ—ବିଂ. ଧନୀ, ଅତ୍ୟଧିକ

ରାପ୍ କଟାପ୍—କ୍ରି. ଖିଆ ସରିବା, ଭୋଜନ ସମାପ୍ତ ହେବା

ରାପ୍‌ଟାଓ—କ୍ରି. ନଖରେ ଆଞ୍ଚୁଡ଼ି ଦେବା

ରାପ୍‌ଟା ରାପଟି—କ୍ରି. ଜୋରସୋର କଜିଆ କରିବା

ରାପ୍‌ଧଅପ୍—କ୍ରି. ବିଂ. ଧମ୍‌କା ଧମକ

ରାପ୍‌ରୁପ୍—କ୍ରି. ଧସକି ପଡ଼ିବା

ରାପାଂ ରୁପୁଂ—କ୍ରି. ବିଂ. ଦୁର୍ବଳର ଚାଲିବା ପ୍ରକ୍ରିୟା

ରାପାସ୍ ∞ —କ୍ରି. ଝିକା ଝିକି ହେବା, କଳି କରିବା

ରାପାକ୍—ବି. ରାଜଅଂଶୀ

ରାପାରପଅ—କ୍ରି. ବିଂ. ଧୀରେ ଧୀରେ ଗୋଡ ଉଠାଇ ଚାଲିବା
ପ୍ରକ୍ରିୟା

ରାପାଲେକ୍—କ୍ରି. ସାନ୍ତ୍ୱନା ଦେବା, ପରସ୍ପରକୁ ସାନ୍ତ୍ୱନା
ଦେବା

ରାପେ—ବିଂ. କଡରା (ବାଳ) ଉପରକୁ ଉଠିଥିବା ବାଳ

ରାବ୍‌ରାବ୍‌ଆ—ବି. ଅତି ଲୁଣିଆ ସ୍ୱାଦୁ

ରାବ୍‌ରୁବ୍‌ଆ—ବିଂ. ଫୁଲା ପେଟିଆ

ରାବାକ୍ ରୁବୁକ୍—କ୍ରି. ବିଂ. ମୁଣ୍ଡକୁ ନୁଆଁଇ ଧୀରେ ଧୀରେ
ଚାଲିବା ପ୍ରକ୍ରିୟା

ରାବାଂ ଦିନ—ବି. ଶୀତକାଳ

ରାବାକ୍ ରୁବୁକ୍—କ୍ରି. ବିଂ. ଚାଲିବାରେ ଗୋଡ ପୋଡ଼ି ପୋଡ଼ି
ହେବା ପ୍ରକ୍ରିୟା

ଉ: ରାବାଂ ଦିନ ଏ ଖେନ ଜାଙ୍ଗା ତେ ଡାଲାମ୍ ଅପା ରାବାକ୍
ରୁବୁକ ଆଇକା.ଉଆ - ଶୀତ ଦିନରେ ଖାଲି ପାଦରେ
ଚାଲିଲେ ତଳି ପାଦ ପୋଡ଼ି ପୋଡ଼ି ହୋଇଯାଏ

ରାବନ୍‌ରାଜା—ବି. ରାବଣ ରଜା

ରାବୁଲ୍—କ୍ରି. ଆଙ୍ଗୁଠିରେ ଆଞ୍ଚୁଡ଼ିବା, ଆଞ୍ଚୁଡ଼ିବା

ରାବାଟ୍ (ରୁ)—ବି. ରବର

ରାବାସ୍‌କା ∞ —ବିଂ. ପେଟା, ବଡ ପେଟିଆ
କ୍ରି. ପେଟ ଫୁଲିବା

ରାବ୍‌ନା—ବିଂ. ରୋଗଣା

ରାମ୍‌ଖାସି—ବିଂ. ବଡ ଖାସି

ରାମଗାଡ଼ି—ବି. ଜଦା ଚକିଆ ବଳଦ ଗାଡ଼ି

ରାମସିଂଗା—ବି. ଭେଣ୍ଡି

ରାମନାଭ୍ ବୋଡାବଞ୍ଜ୍—ବି. ଅଜଗର ସାପ

ରାମ୍‌ପାରୁଡ଼ା—ବିଂ. ତେଡ଼ା ତେଡ଼ି ଝଟା ବା ଶ୍ରେଷ୍ଟ ଡାଲ ପଡିଥିବା

ରାମ୍ ପାଡ—ବି. ଶୁଖିଲା ଡାଳ

ରାମ୍ ଫା—କ୍ରି. ଗ୍ରେଚ୍ଚ ଗଛକୁ କଣ୍ଟା ଝାଟିରେ ଘେର କରିବା

ରାମ୍ ବାଡ ରୁମ୍ବୁଡ୍—କ୍ରି. ବିଂ. ଗୋଟା ଗୋଟା

ରାମ୍ ବାଡ୍ ରୁଖାଡ୍—କ୍ରି. ବିଂ. ଶୁଖିଲା ଅଥଚ ଗୋଟା ଗୋଟା ଥିବା ସ୍ଥିତି

ରାମ୍ ଭରୁମ୍ଭୁ—ବିଂ. ଅଣ୍ଟାଳି ଅଣ୍ଟାଳି ଧିରେ ଧିରେ ଚଲି ବୁଲି କରିବା ପ୍ରକ୍ରିୟା

ରାମ୍ ସାଲ୍ ହୁଲୁ—ବି. ରାମ୍ ଶାଳ ନାମକ ଧାନ

ରାମାରୁଦ୍ଧନ୍—ବିଂ. ମିତବ୍ୟୟୀ

ରାମ୍ ରୁମ୍—ବି. ଅସ୍ତବ୍ୟସ୍ତ, ଚଞ୍ଚଳତା

ରାସ୍ କାକାଡ଼ବା ——ବି. ବହୁରୂପୀ ଏଣ୍ଡୁଅ

ରାସ୍କୁଗାମ୍—କ୍ରି. ଆଣ୍ଠେଇ ପେଟେଇ ଯିବା

ରାସ୍ ରୁମ୍ ରାସ୍ ରୁମ୍—ବିଂ. ଗ୍ରେଚ୍ଚ ଦାଢ଼ିରେ ହାତ ମାରିଲେ ଯେଉଁ ଅନୁଭବ ହୁଏ, ଝାଉଁଝିଆ

ରାସ୍ ଟେଙ୍ଗଲ୍—ବିଂ. (ଇ) ସମକୋଣ

ରାସ୍ ଦହାସ୍—ବିଂ. ପ୍ରାର୍ଥୀ

ରାସ୍ ବାର୍—କ୍ରି. ବିବାହ କରାଇବାର ମଧ୍ୟସ୍ଥି କରିବା

ରାସ୍ ବାର୍ଇଜ୍—ବି. ମଧ୍ୟସ୍ଥି

ରାସ୍ ରୁନ୍ଦହୁଲୁ—ବି. ରାସ୍ତୁନନ୍ଦ ନାମକ ଧାନ

ରାସ୍ ରୁଇସୁନୁମ୍—ବି. ରାଇ ମୋରିଷ ତେଲ

ରା.ସ୍ୱଲ—ବିଂ. ଚଲଣ

ରାସ୍ୱାମ୍ ରୁସୁମ୍—ବି. ଅଡସରୁ ଓ ନରମ

ରାରାନକ୍—ବି. ବୈଦ୍ୟ, ଡାକ୍ତର (ଯେ ଔଷଧ ଦିଏ)

ରାରାସ୍ ——କ୍ରି. ବିଂ. ଦେହର ଝିଙ୍ଗାଝିଙ୍ଗି ହେବା (ବାଲକୁ)
ବିଂ. ମୋଟା ଓ ଝୁମ୍ପୁଡ଼ା ବାଲଆ

ରାରାସ୍ମ୍—କ୍ରି. ବିଂ. କର୍ଦ୍ଦମପରି ଜନପଦରେ କାଟି ହେବା ପ୍ରକ୍ରିୟା

ରାଓ୍ୱାଲ୍—ବିଂ. ହାଲୁକା, ଗରିବ

ରାଁଓଁ ୱାଓଃ—ବିଂ. ବାଜଣାର ପ୍ରତିଧ୍ୱନି
କ୍ରି. ବାଜଣା ପ୍ରତିଧ୍ୱନିତ ହେବା

ରାସ୍ ମାରୁଓ୍ୱ—ବିଂ. ଦରଶୁଖା, ରସ ମରିଥିବା

ରାସାହରୁ—ବି. ଏକ ପ୍ରକାରର ଭଅଁର

ରାସା ~ ମେନ୍ତେ—କ୍ରି. ବିଂ. ଝଟ୍‌କା ଦେଇ

ରାହାଦାନ—କ୍ରି. ପ୍ରତିବନ୍ଧ ଲଗାଇବା, ଅଟକାଇବା

ରାହାଟ୍ ପାହାଟ୍—କ୍ରି. ଜୋର ଜୋର କରି ପିଟିବା ଓ ରଗଡ଼ିବା

ରାହାପରୁହୁପ—କ୍ରି. ବିଂ. ଧୀରେ ଧୀରେ

ରାହାମ୍—ବିଂ. ଲୁଣିଆ

ରାହାମ୍ ରାହାମ୍—କ୍ରି. ବିଂ. ଲୁଣି ଲୁଣି (ଲାଗିବା)

ରାହାଓ୍ୱ—କ୍ରି. ଜ୍ଞାନ ଶୂନ୍ୟ ହେବା

ରାଣାଂ ରାଣାଂ—କ୍ରି. ବିଂ. ଗୁଞ୍ଜନ, ଗୁଣ୍‌ଗୁଣ୍

ରାଣାଂ ମେନ୍ତେ—କ୍ରି. ବିଂ. ଝନ୍‌ଝଣ କରି

ରାହାଡ୍ ରାହାଡ୍—କ୍ରି. ବିଂ. ଅଧ ଜୋରରେ ଗୁଞ୍ଜରିବା ବା ଶବ୍ଦ ହେବା

ରାଡ ~ ରଡ ~ —କ୍ରି. ବିଂ. ଧୀରେ ଧୀରେ ବୁନ୍ଦା ବୁନ୍ଦା (ବର୍ଷା ହେବା)

ରାଡଅ (ରଳଅ)—ବିଂ. ପଥୁରିଆ

ରିଆଜ୍—ବି. ରିଆଜ୍ ଏକ ପ୍ରକାର ସ୍ୱର, ରାଗିଣୀ

ରିଆସ୍ ସିଆସ୍—କ୍ରି. ନଷ୍ଟ ଭ୍ରଷ୍ଟ କରିବା, ବରବାଦ କରିବା

ରିକା—କ୍ରି. ବୁଝିବା, ଅନୁଭବ କରିବା

ରିକାନାଃ—ବିଂ. ବୁଝିଥିବା, ଜ୍ଞାତ

ରିକ୍‌ସା—ବି. ରିକ୍‌ସା, ଦୁଇଚକିଆ ଟଣା ଯାନ

ରିକସ—କ୍ରି. (ଇଂ) ରିସକ୍ (risk)

ରିକୁପ୍—କ୍ରି. ବନ୍ଦ କରି ରଖିବା

ଉ: ତେକେ ରିକୁପ୍ କେଦାସ୍ ବାସ୍ ଇନ୍ ଲେଦା –
ପିଗ୍ ବନ୍ଦ କରି ଦେଲି ହଗିଲି ନାହିଁ

ରିସ୍ଖାଂ ଖିଆଂ—ବି. ଗ୍ରେଚ୍ଚିଆ ପତଳା
କ୍ରି. ଗ୍ରେଚ୍ଚିଆ ପତଳା ହେବା

ରସ୍ୱାଂସ୍ୱପାଂ—ବି. ବହୁତ କମଜୋର, କି. ଅତି ଦୁର୍ବଳ ହେବା

ରସ୍ୱାତ୍ ସ୍ୱପାତ୍—କି. ବିଂ. ଶକ୍ତି ପ୍ରୟୋଗ କରି ନଇଁବତ ହୋଇ ଶୀଘ୍ର ଗତି କରିବା ପ୍ରକ୍ରିୟା

ରସ୍ୱାଉ—କି. ପ୍ରୋତ୍ସାହନ ଦେବା, ଉତ୍ତେଜିତ କରିବା

ରଗିଲ୍—କି. ବାରମ୍ବାର ଜୋର ଦେଇ କହିବା, ଜିଗର କରିବା

ରଗ୍ ମେସିନ୍—(ଇଂ) ବି. ରଗ ଯନ୍ତ୍ର. ରଗ୍ ମେସିନ୍

ରଗଲାଡ଼—କି. ଜୋରଯୋର ଚଲାଇ କରି ନେବା

ରଚ—ବି. ବାଜ ପକ୍ଷୀ

ରଜ୍—(ଇଂ) ବି. ରଜ୍, ଉତ୍ତେଜନା ଉତ୍ସୁକତା

ରଝା.ଉ—କି. ପ୍ରଲୋଭନ ଦେଖାଇବା, ପ୍ରଲୋଭିତ ହେବା ବି. ପ୍ରଲୋଭନ

ରଞ୍ଜ୍ ଜା—ବି. ସାନ୍ତାଳର ଏକ ପ୍ରକାର ନାଚର ନାମ

ରିଟ୍—ବି. ରିଟ୍, ହାଇକୋର୍ଟ ବା ସୁପ୍ରିମ କୋର୍ଟରେ ଦରଖାସ୍ତ କରିବା

ରଟିପିଟି—କି. ବିଂ. ତତ୍ପରତା ସହିତ, ଜୋରଯୋରରେ କାମରେ ଲାଗି ପଡ଼ିବା ପ୍ରକ୍ରିୟା, ଶୀଘ୍ର ଶୀଘ୍ର (କାମ କରିବା)

ରଠା ହା କୁ—ବି. ଏକ ପ୍ରକାର ମାଛ

ରଠା—ବି. ରଠା ଫଳ (soap barry)

ରଠା—କି. ଅଁଠା ହେବା, ମଇଳା (ବାସନ)

ରଡ଼ାର—ବି. ରଡର (reader)

ରଢା.—ବି. ରଢ଼ା, ଦାଡ଼ିମାଡ଼ି

ରଡକୁପ୍—କି. ଚକଟାଇ ଦେବା, ଅଠାଳିଆ କରିବା

ରଡେଡ—ବି. ଏକ ପ୍ରକାର ଜଙ୍ଗଲି ଗଛ

ରଡେଡ୍—କି. ଦୁଇ ଫାଙ୍କ ମଝିରେ ଅଟକି ଯିବା

ଉ: ଧିରି ଚିରଡ୍‌ରେ ରେଡେଡ୍ ଏନା—ପଥର ସନ୍ଧିରେ ଅଟକିଲା

ରଡେଡ୍ ଚରଡ୍—ବି. ଅତ୍ୟଧିକ ଖାଡ଼ ଛିଡ଼ି, ଖାଡରେ ଧରା ଧରି ଅବସ୍ଥା

ରତ୍—ବି. ରଙ୍ଗ, ଧାଞ୍ଚ, ଆଚରଣ ବ୍ୟବହାର (custume) ରୀତି

ରତ୍ଆନ୍—ବିଂ. ରଙ୍ଗବାନ୍

ରଡ଼ା—ବିଂ. ଟଟେକ

ରଢ—ବି. ରୀତି, ନିୟମ

ରଢଆ.ଉ—କି. ପ୍ରସନ୍ନ ହେବା

ରଡଭ୍ ରଡଭ୍—କି. ବହୁତ ଅଧିକ ଥଣ୍ଡା

ରଢ-ମତ୍—କି. ଠିକ୍ ସମୟରେ ହେବା, ନିୟମାନୁସାରେ ହେବା

ରଢୟା ରଢଇ—କି. ବି. ଉତ୍ସପିତ ହୋଇ

ରତଲ୍ହନ୍—ବିଂ. ଦୁର୍ବଳିଆ, ଲମ୍ବ ସଳଖ ଅଥଚ ଦୁର୍ବଳ

ରତୁ—ବି. ଋତୁ, ମୌସମ

ରଦ୍—କି. ପେଷଣ କରିବା, ବାଟିବା

ରଦ୍ଆ—ବିଂ. ପେଷା ହୋଇଥିବା, ବଟା (ମସଲା)

ରଦୁ—କି. ନିଜେ ପେଷିହେବା ପ୍ରକ୍ରିୟା

ରଦ୍ଧିରି—ବି. ଶିଲ ପଥର

ରନ୍—କି. ହେବା ଅର୍ଥରେ କ୍ରିୟାରେ ଯୋଗହୁଏ, ଋଣ କରିବା, ଋଣ

ରନଡଅଲ୍—ବି. ପେଟପୁରା ଖାଇବା, କି. ବିଂ. ପେଟ ପୁରାଇ, ପେଟ ଫୁଲାଇ (ଖାଇବା)

ରନିଜ୍—କି. ହେବା

ଉ: ଉନି ରନିଜ୍—ତାହାର ହେବା (ସ୍ତ୍ରୀ ବା ପୁରୁଷ)

ଉନି ରନିଜ୍ ବାହୁ—ତାହାର ବୋହୂ (ସ୍ତ୍ରୀ) ହେବା

ରନିଡ—ବି. ପର୍ବତ ଶିଖର, ଉଚ୍ଚ ପଥର ଅଗ୍ର, ଶିଖରର ଶେଷାଂଶ

ରନ୍ଧଲ୍—ବି. ପାହାଡର ଶିଖରର ଶେଷାଂଶ, ଶିଖର

ରପଭ୍ ରପଭ୍—କି. ଜୋରର ରଚ ରଚ ଶବ୍ଦ ହେବା

ରପରପଅ—କି. ବିଂ. ଧୀମେଇ ଧୀମେଇ (ଗୁଳିବା)

ରପି ରପି—କି.ବିଂ. ଝିମିଝିମି (ଲାଗିବା ମନେ ହେବା, ବେହୋସ ହୋଇଯିବା ପରି), ଆଖି ପତାକୁ ଉଠାଇ ପକାଇ ଦେଖିବା ପ୍ରକ୍ରିୟା

ରପିଆ.ଓ—କି. ବିଂ. ଆଖିରେ ଯିବାକୁ ଇସାରା କରିବା

ରପିଡ୍—କି. ଆଖି ଠାରିବା, ପଲକ ପକାଇବା

ରପିଡ୍ ଜା.ପିଦ୍—କି. ବିଂ. (ଛନକାରେ) ଆଖିପତା ଉଠାଇବା ପକାଇବା ପ୍ରକ୍ରିୟା

ଋପିଋପି ହୁଡା.ହୁଃ—କ୍ରି. ଫଡ ଫଡ କରି ଉଡ଼ିବା
କ୍ରି. ବିଂ. ବାରମ୍ବାର ଜେଣା ଫଡ ଫଡ଼ କରି ଉଡ଼ି ବୁଲିବା
ଋପିଲ୍—(ଇଂ) ବି. ରିପିଲ୍, ଡଟ୍ କଲମର କାଳି ଧାରକ
ଋବ୍ଋବା.ଓ୍ବ—କ୍ରି. ଦେହ ଝାଙ୍କୁରିବା, ଟଳମଳ ହୋଇ ଚାଲିବା, ଡରରେ କମ୍ପିବା ବା ଥରିବା
ଋବା ଋବେ—କ୍ରି. ବିଂ. (ଅତି କଷ୍ଟରେ ଗୋଡ଼ ଗୋଟିଏ ଗୋଟିଏ ଉଠାଇ) ଚାଲିବା ପ୍ରକ୍ରିୟା
ଉ: ହାଲାମ୍ ହଲକନ୍ଦ ଋବାଋବେକ ତାଲାମ୍‌ଆ-ବୃଦ୍ଧ ଲୋକମାନେ କଷ୍ଟରେ ଗୋଟେ ଗୋଟେ ଚାଲନ୍ତି
ଋବସ୍ଥାଁଡ ଋବସ୍ଥାଁଡ—ବିଂ. ଦୁର୍ବଳ ହୋଇ ପେଟ ଫୁଲି ଥିବା ଅବସ୍ଥାରେ ଚାଲିବା ପ୍ରକ୍ରିୟା
ଋବ ଋବ—କ୍ରି. ବିଂ. ଧିରେ ପିମ୍ପୁଡ଼ି ଅଦ ଚାଲିବା ପ୍ରକ୍ରିୟା (ଧୀରେ ଚାଲିବାକୁ ବୁଝାଏ).
ଋବଡ୍ ଋବଡ୍—କ୍ରି. ବିଂ. ଶ୍ରେଷ୍ଠ ଶ୍ରେଷ୍ଠ ଗୋଡ଼ରେ ଶୀଘ୍ର ଚାଲିବା ପ୍ରକ୍ରିୟା
ଉ: କେନ୍ଦ୍ରୁଂ ଦ ଋବଡ୍ ଋବଡ୍ କ ତାଲାମ୍ ଆ—ତେଲୁଣି ପୋକ ଶୀଘ୍ର ଶୀଘ୍ର ଚାଲନ୍ତି
ଋବଲ୍ କୋବଲ—କ୍ରି.ବିଂ (ଜୋରରେ ନ ଯାଇଁ ଅଣ୍ଟାଦୋହଲି) ଚାଲିବାର ପ୍ରକ୍ରିୟା
ଋବକ୍ ଋବକ୍—କ୍ରି. ବିଂ. (ଦୁର୍ବଳତା ବଶତଃ) ଧୀରେ ଧୀରେ ଚାଲିବା ପ୍ରକ୍ରିୟା
ଋଭର୍ବର—(ଇଂ) ବି. ରିଭଲଭର୍ (ବନ୍ଧୁକ)
ଋମ୍—(ଇଂ) ଋମ୍ (କାଗଜର କୋଡ଼ିଏ ଦସ୍ତାର ଏକକ ପରିମାଣ)
ଋମ୍କା ଝାମ୍କେ—ବିଂ. ଦୁର୍ବଳ (ଉଠି ବସି ନ ପାରିବାର ଦୁର୍ବଳତା ଚାଲିଲେ ପଡ଼ିଯିବାର ଭୟ)
ଋମ୍ପା ଝମ୍ପେ—କ୍ରି. ବିଂ. ଅସଜଡ଼ା (ପଡ଼ିଥିବା ଡାଳ, ଝାଟି) ଅଲରା ମଲରା
ଉ: ଡା.ର ଝାଣ୍ଡି କରମ ପାଝାମପେ ଋଟା ମେନାଃଆ—ଡାଳ, ଝାଟିମାନ ଚାରିଆଡ଼େ ଅଲରା ମଲରା ହୋଇ ରହିଛି

ଋମ୍ବା ଋମ୍ବେ—କ୍ରି. ବିଂ. ଧୀରେ ଧୀରେ ପାଦ ପକାଇ ଚାଲିବା (ଅଟେ ଅରେ ହାତରେ ଅନ୍ୟ ଅଣ୍ଟାନେବା ସ୍ଥିତି
କ୍ରି. ଋଗଡ଼ିବା
ଋମ୍ବଜ—ବିଂ. ଶ୍ରେଷ୍ଠ, ଶ୍ରେଷ୍ଠିଆ ଆକାରର
ଋମିଝିମି—କ୍ରି. ମୁଣ୍ଡ ବୁଲାଇ ମୂର୍ଚ୍ଛାଯିବା ଅବସ୍ଥା
ଋମିଲ୍—ବି. ବାଦଲ, ମେଘମାଳା, କ୍ରି. ମେଘ ଛୁଟିବା
ଋମିଲ ସାଡେ—କ୍ରି. ମେଘ ଗର୍ଜନ
ଋସୁଋସୁ—କ୍ରି. ବିଂ. କର୍କଶ ସ୍ୱର (ବାହାରିବା)
ଋଲ୍—କ୍ରି. ବୃକ୍ଷଣିରେ ଚଳାଇବା, କୁଲାରେ ଝେଡ଼ାମାନ ପାଛୁଡ଼ି ଦେବା
ଋଲି.ମାଲି—ବିଂ. ସ୍ୱଚ୍ଛ, ପରିଷ୍କାର, ନିର୍ମଳ, ସ୍ପଷ୍ଟ
ଋଲପିଲି—ବିଂ. ନିର୍ମଳ, ପରିଷ୍କାର
ଋସ୍ଅ—ବି. କ୍ରୋଧ
ଋସ୍ଋସି—ବିଂ. କ୍ରୋଧି, ମୋଟା ବାଳ ଠିଆ ହୋଇଥିବା
ଋସା—ବି. ଧୂନ୍ଦୁଲି ବାଳ, ପର, ଧୂନ୍ଦୁଲି ପର
ଋସାସିମ୍—ବି. ଧୂନ୍ଦୁଲି ପର ବାଲି କୁକୁଡ଼ା
ଋସିମ୍—ବି. ଭାଗ୍ୟ
ଉ: ଇଞ୍ଜୁଆଁ ~ ଋସିମ୍ ଦ ଖାଟ ରେସ୍ତା-ମୋର ଭାଗ୍ୟ ଖରାପ ଅଟେ
ଋଷ୍ଟ—ବି. ଋଷ୍ଟ, ମନ୍ଦ ଲକ୍ଷଣ
ଋଷି—ବି. ଋଷି
ଋସ୍ପଡ୍—ବି. ଲାଞ୍ଚ, ଘୋସ
ଋହ୍ଲକା ~ ମେକ୍ତେ—କ୍ରି. ବିଂ. ଧକାକ୍ କରି (ଫାଟିବା)
ଋହ୍ଲତା ~ ଋହ୍ଲଡ ~—କ୍ରି. ବିଂ. ଧମକା ହଠାତ ଦେ ହେବାର ବା ଫାଟି ଯିବାର ଶବ୍ଦ ପ୍ରକ୍ରିୟା (ବମ୍ ଫାଟିବା ଶବ୍ଦ)
ରେହ୍ଲାସ୍ତୁ—ବି. ଋବାଜ, ଚଳଣି
ଋହ୍ଲାସ୍ତୁ ଚହ୍ଲାସ୍ତୁ—କ୍ରି. ଫଇସଲା ହେବା, ସମାଧାନ ହେବା
ଋହ୍ଲଡ୍ ବହଡ୍—କ୍ରି. ବିଂ. ବହୁତ ଜୋରରେ ବାଜଣା ଶବ୍ଦ ପ୍ରକାଶ ହେବା ପ୍ରକ୍ରିୟା
କ୍ରି. ଜୋରଦାର ଶବ୍ଦ ହେବା
ଋହ୍ଲକ୍ ମେକ୍ତେ—କ୍ରି. ବିଂ. ଧକ କରି (ପଡ଼ିଯିବା)

ଝହୁଜ୍ ଝହୁଜ୍—କ୍ରି. ବିଂ. ଧଡ଼ାସ୍ ଧଡ଼ାସ୍ କରୁଡ଼ି ପଡ଼ିବା

ଝଡାଂ—ବି. ନଦୀର କନାର, କୂଳ

ଝଡ଼ାଂ ଝଡ଼ାଂ—କ୍ରି. ବିଂ. ଝଣ୍ ଝଣିଆ ଶବ୍ଦ ସହକାରେ
କ୍ରି. ଗୁଞ୍ଜର ଗୁଞ୍ଜର ଶବ୍ଦ ହେବା

ଝଡମ୍ ମେନ୍‌ଡେ, ଝଡ଼ମ ମେନ୍‌ଡେ—କ୍ରି. ବିଂ. ଦୁଲ୍‌କ କରି (ବାଜିଉଠିବା)

ଝଡ଼ମ ଝଡ଼ମ୍—କ୍ରି. ବିଂ. ଦୁଲ୍‌କ ଦୁଲ୍‌କ ବାଜା ବାଜିବା ପ୍ରକ୍ରିୟା

ଝକା—କ୍ରି. ବ୍ୟବସ୍ଥା କରିବା, ଉପାୟ ଖୋଜିବା

ଝକଡ୍—କ୍ରି. ଛିଭ କରିବା, ବୁଝା ବୁଝି କରିବା

ଝକର୍ ଝକର୍—କ୍ରି. ବିଂ. ହଲ୍ ଦୋହଲ୍, କିଛିଏ ରହି ପୁଣି କ୍ଷଣକ ବାଦ (ଯିବା, କରିବା)

ଝଗ୍‌ଦା. ଝଗ୍‌ଦ—କ୍ରି. ବିଂ. ପେସା ପେସିକରି ଚଞ୍ଚଳ ଚଞ୍ଚଳ (ଯିବା)

ଉ: (୧) ଝଦ୍‌ଧିରରେ ଝଗଦା ଝଗ୍‌ଦ କାଡେଏ ବା.ଗିଅଟ କାଦ୍‌ଆ
ଖିଲ ପଥରେ ପେସା ପେସି କରି ସେ ଗ୍ରାଣ୍ଡି ଦେଇଗଲା

(୨) ଝଗଦା. ଝଗ୍‌ଦ ଏ ଦା.ଲ କେଡା - ଚଞ୍ଚଳ ଚଞ୍ଚଳ ଦୌଡ଼ିଗଲା

ଝଗ୍‌ଦା.ଉ—କ୍ରି. ଝଗଡ଼ିବା, ପେଷିବା

ଝଗ୍‌ଡ଼ା.ଉ—କ୍ରି. ବିରକ୍ତ କରାଇବା, ଜିଦ୍‌କରି କାମ ହାସଲ କରିବା, ଯୋର ଦେଇ ଉସ୍‌କାଇବା

ଉ: ଝଗଡ଼ାଉକାଡେ ଇଦ କେଦେସ୍ୟାସ୍
ଜିଦ୍ (ଜଗର) କରି ତାକୁ ନେଇଗଲା

ଝଗା.ମ୍ ଝୁଗାମ୍—କ୍ରି. ବିଂ. ଚାଲିବାରେ ଶବ୍ଦ ନ କରିବା, ଗୋଡ଼ ଚୁପି ଚୁପି (ଯିବା)

ଉ: (ଇଂ) ତାସ୍ସମ୍‌ତେ ଅକସ୍ ଚଂ ଝଗାମ୍ ଝୁଗାମ୍‌ଏ
ପାଣ୍ଡ୍ରାଆକଦଣ୍ଡ୍ରଆ - ମୋ ପଛେ ପଛେ କେହି ଜଣେ ପାଦ ଶବ୍ଦ କରି ଚାଲି ଆସୁଛି

ଝଗିଡ୍—କ୍ରି. ବିଂ. ହଠ କରି, ବାରମ୍ବାର ଉସ୍‌କାଇ
କ୍ରି. ହଠ କରିବା, ଜିଦ୍ କରିବା

ଉ: ଦେଲ୍‌ଂଡ, ତେଦାଃବାମ୍ ହେନାଃଅ, ସେନାଃତେ ହୁମୁଃଆ
ଚାଲନା, କାହିଁକି ନଯିବ, ଯିବାକୁ ହେବ

ଝଗଅସ୍ ଝଗସ୍—କ୍ରି. ବିଂ. ଭଜା, ଖଇ ଭାଜିବାର ଶବ୍ଦ

ଝଗଡ୍ ଝଗଡ—ବିଂ. ପଥୁରିଆ, ଗୋଡ଼ିଆ
କ୍ରି. ବିଂ. ଗଡଗଡ ଶବ୍ଦ କରି, ଝଡ୍ ଝଡ୍ ହେବା

ଉ: ଅନା ଟୁଲୁନ୍‌ରେ ତେଦ୍‌କ ଝଗଡ ଝଗଡ ଅ ∽ ଦାନ
ସେ ହାଣ୍ଡିରେ କ'ଣ ଗୁଡ଼ାଏ ଖଡ ଖଡ ହେଉଛି

ଝଘି—ବି. ଦାନ୍ତ (ଦ୍ୱାର ଉପରେ ଥିବା କାଠରେ ତିଆରି ଦାନ୍ତ)

ଝଗାଂମ୍ ଝୁଂଗାମ—କ୍ରି ବିଂ. ଧୀରେ ଧୀରେ ଶବ୍ଦ କରି ଚାଲିବା

ଝଂଗା.ଓ୍—କ୍ରି. (କାହାକୁ ନକହି) ଚାଲିଯିବା

ଝଙ୍ଗିର ଝଙ୍ଗିର—କ୍ରି. କୌତୁହଳ ପ୍ରକାଶ କରିବା

ଝଙ୍ଗାଲ୍ ଝଂଗାଲ୍—କ୍ରି. ବିଂ. ବାରବାର ଅନିଶ୍ଚିତ ଭାବେ (କହିବା, କରିବା)

ଝଂଝଙ୍ଗାଉଃ—କ୍ରି. ଅତର୍କ ହେବା
କ୍ରି. ବିଂ. ଡର୍ ନ ସହିବା, ଡର୍ ଡର୍ ହେବା

ଝରିନ—ବି. ଖୁଚୁରା ପଇସା

ଝଗ୍ସଂ ପିଗ୍ସଂ—କ୍ରି. ବିଂ. ଅସନ୍ତୋଷ ଭାବେ (ଅଳ୍ପ କିଛି)

ଉ: ଖିଦ୍ରାଟା ଉରୁବାନୁଃ ତେ ଦାକା ଝଗ୍ସଂ ପିଗ୍ସଂ ଏ ଜମ୍
କେଦ୍‌ଆ - ତରକାରି ନ ଥିବା ହେତୁ ପିଲାଟା ଅସନ୍ତୋଷ ଭାବେ ଭାତ ଅଳ୍ପ ଖାଇଲା

ଝଚନ୍ ଝଚନ୍—କ୍ରି. ବିଂ. (ଶୁଖିଲା ପତ୍ର ଉପରେ) ଖଡ୍ ଖାଡ୍ ଶବ୍ଦ କରି ଚାଲିବା ପ୍ରକ୍ରିୟା

ଝଗୁପ୍—କ୍ରି. (ଘାସ) ଉପରେ ଉପରେ ଅଳ୍ପ ଅଳ୍ପ ଚରିବା ପ୍ରକ୍ରିୟା

ଉ: ଗାଇଦ ଘାସ ଏ ଝଗୁପ ଇଦ ଏଦା - ଗାଈଟା ଘାସ
ଉପରେ ଅଳ୍ପ ଅଳ୍ପ କରି ଚରି ଯାଉଛି

ଝଗୁପ୍ ଝଗୁପ୍—କ୍ରି. ବିଂ. ଏଠୁ ସ୍ଥଳେ ସେଠୁ ସ୍ଥଳେ ଚରିବା ପ୍ରକ୍ରିୟା

ଝଚନ୍—ବି. ଦୁଇ ବସ୍ତୁର ମଝି ସ୍ଥଳ, ସନ୍ଧିସ୍ଥଳ

ଋଚନ୍ତ୍ ଋଚନ୍ତ୍—କ୍ରି. ବି°. କମ୍ପନର ଶବ୍ଦ
ଋଜ୍ଗ୍°—ବି°. ମନୋରଞ୍ଜନ, କ୍ରି. ମନୋରଞ୍ଜନ କରିବା
ଋଝ୍ଁା ଋଝ୍ଁି—କ୍ରି. ଆନନ୍ଦରେ ଖେଳ ହୋଇ
ଋଝ୍ଁ.ଆ.ର—ବି°. ଆନନ୍ଦ, ଆନନ୍ଦ ଦାୟକ
କ୍ରି. ଆନନ୍ଦିତ ହେବା, ଖୁସିହେବା
ଋଣ୍ଡ୍.ଜ—କ୍ରି. (ସ୍ରୋତର) କ୍ଷୀଣ ସ୍ରୋତ ଧୀରେ ଧୀରେ ବୋହିବା
ଋଣ୍ଡ୍.ଜ ଋଣ୍ଡଜ—କ୍ରି. ବି°. କ୍ଷୀଣ ଭାବେ ସ୍ରୋତ ଧୀର ଧୀର ବୋହିବା ପ୍ରକ୍ରିୟା
ଋଟାଂ ଗ୍ରଟାଂ—ବି°. ପୂର୍ଣ୍ଣ ବିକଶିତ, କଢ଼ି ଫୁଟିଥିବା
କ୍ରି. ସତେଜ ହୋଇ ଚାଲିବା
ଉ: ଉକିଦ ନେତାର ଋଟାଂ ଗ୍ରଟାଂ ଏ ତାଲାମ ବାଲା ଏଦା - ସେ ଆଜକାଲି ସତେଜ ହୋଇ ଚଲା ବୁଲା କରୁଅଛି
ରୁ—କ୍ରି. ବାଜା ବଜାଇବା
ରୁଇ—ବି. ରୁଇ, କପା
ରୁଆ. ରୁଓ୍ୱା—ବି. ଜ୍ୱର ହେବା
ରୁଓ୍ୱାଃ ରୁଆ.—ବି°. ଜ୍ୱର, ଅସୁଖ
ରୁଓ୍ୱାଃହଲ୍ ରୁଆଲ—ବି°. ରୋଗୀ
ରୁଓ୍ୱାଲ୍ ରୁଆ.ଲ୍—କ୍ରି. ଫେରିବା ବି°. ଫେରନ୍ତା
ରୁଇସ୍ମାଁ—ବି°. କମଜୋର, ଲେଙ୍ଗିଆ
କ୍ରି. ବି°. ଠିକ ଭାବରେ ବଢ଼ି ନ ପାରିବା
ରୁଇଲ—ବି°. ଲମ୍ବା ଓ ଉଚା, ଡାଲ ନଥିବା ଗଛ
ରୁଇଲି—ବି°. ବହୁତ ଡେଙ୍ଗି (ସ୍ତ୍ରୀ)
ରୁଇ ରୁଇ—ବି°. ଲମ୍ବ ସଳଖ ପତଳା
ରୁଇ ରୁଇ ଟେଟେଣ—ବି. ଏକ ପ୍ରକାରର ଲେଞ୍ଜ ଚଢ଼େଇ
ରୁଇଁ ରୁଇଁ—କ୍ରି. ବି°. ଦୁର୍ବଳଆ ଭାବେ ଅସମ୍ଭବ ହେବା
ରୁକଲ°—ଦୁର୍ବଳ ହେବା, କମ ଜୋର ହେବା
ରୁକ୍ବରତ୍—ବି. ଗଛବୃକ୍ଷ, ଶାଗ ସବଜ
ରୁକ୍ରବାନ୍—କ୍ରି. ବି°. ସମ୍ପୂର୍ଣ୍ଣ ନଷ୍ଟ ହେବା
ରୁକା.—ବି. କହ୍ୱାଣ

ରୁକୁ—କ୍ରି. ହଲାଇବା
ରୁକୁନ୍ ରୁକୁନ୍—କ୍ରି. (ଶୀତରେ) କମ୍ପା କମ୍ପି ହେବା/ଥରିବା
ରୁକୁନ୍ ରୁକୁନ୍—କ୍ରି. ଶୀତେଇବା, ଶୀତରେ କମ୍ପନ ହେବା ପ୍ରକ୍ରିୟା
ରୁକୁଲ୍—ବି°. ଅସମତଳ, ବାଲି ଗୋଡ଼ଥିବା, ସ୍ଥଳରେ ବସୁଇବାର ନଥାଇ, ରୁକ୍ଷ ମାଟି ଉପରେ
ଉ: ରୁକୁଲ ଅତ୍ରେ ଦୁକ୍ରୁ ସେ ବନ୍ଦକ୍ ବାସ୍ନ ସୁକ୍ଆ
ସ୍ଥଳରେ ବଛଣା ନ ଥାଇ ବସିବା ବା ଶୋଇ ରହିବା ସୁଖକର ନୁହେଁ
ରୁଖା—ବି. ରୁଖା, ରଖିବା ସ୍ଥାନ
ରୁଖା.ଡ୍—ବି°. ଶୁଷ୍କ, ଶୁଖିଲା
ଉ: ରୁଖା.ଡ ହାଲମରେ ସୁନୁମ୍ ଅଜଃ ଆଃ ମେ
ଶୁଖିଲା ଦେହରେ ତେଲ ଲଗାଇ ଦିଅ
ରୁଖିୟା—ବି. ରକ୍ଷା କ୍ରି. ରକ୍ଷା କରିବା, ବଞ୍ଚାଇବା
ରୁଖି—ବି. ଟୁଙ୍ଗୁରି
ରୁଖିପାଣ୍ଡ୍.ଜା—କ୍ରି. ପଛେ ପଛେ ଚାଲିବା
ରୁଗି—ବି°. ରୋଗୀ କ୍ରି. ରୋଗରେ ପଡ଼ିବା
ରୁଗୁଣା—ବି°. ରୋଗ ଗ୍ରସ୍ତ
ରୁଗୁମ୍ ରୁଗୁମ୍—କ୍ରି. ବି°. ଲୋମରେ ଘଷିହେବା ପ୍ରକ୍ରିୟା ବାଳୁଆ ଜନ୍ତୁରେ ରଗଡ଼ି ହେବା
ଉ: ସୁଙ୍ଗାଡିକୁ ହାଲମ ଏ ରୁଗୁମ୍ ରୁଗୁମ୍ ଏଦ୍ ଉଣ୍ଡୁ.ଆ
ସଁ ବାଳୁଆ ପୋକ ଦେହକୁ ରଗଡ଼ି ରଗଡ଼ି ଦେଉଛି (ଧୀରେ ଧୀରେ ଚାଲୁଅଛି)
ରୁଗୁଇ—କ୍ରି. ପତଳା ଧୂଳି ଝର ଝର ଖସିବା, ପତଳା ବର୍ଷା ପାଣି ପଡ଼ିବା ପ୍ରକ୍ରିୟା
ରୁଗୁଇ ରୁଗୁଇ—କ୍ରି. ବି°. ପତଳା ବର୍ଷାପାଣି ଧୀରେ ଧୀରେ ପଡ଼ିବା, ଧୀମେଇ ଧୀମେଇ ବର୍ଷା ହେବା
ରୁଗୁଲ୍—ବି°. ଖଦଡ଼ି
ରୁଙ୍ଗୁଚୁଙ୍ଗୁ°—ବି°. କୁଙ୍କୁଡ଼ି କାଙ୍କୁଡ଼ି
ରୁଂ ରୁଂ—ବି° ଅସୁସ୍ଥ ଅବସ୍ଥା, ଶୁଷ୍କ ଚେହେରା

ଉ: ରୁଆ.ଡେ ରୁଂ ରୁଂ ସୁବାଏନାସୁ - ଜ୍ୱରରେ ତାହାର
ଚେହେରା ଶୁଷ୍କ ହୋଇ ଗଲାଣି

ରୁଚ୍‌କୁପ୍—ବି. ( ଶୁଖିଲା ପତ୍ର ସାମାନ୍ୟ ଛୁଇଁବାରେ ) ଗୁଣ୍ଡ ହେବା

ରୁଚ୍‌କୁପ୍ ମେନଡେ—କ୍ରି. ବିଂ. ଗୁଣ୍ଡ ହେବାର ଶବ୍ଦ

ରୁଚ—ବିଂ. ରୁଚ, ଇଚ୍ଛା  କ୍ରି. ରୁଚ ଲାଗିବା, ଇଚ୍ଛା ହେବା

ରୁଚୁପ୍ ମାସୁଓ୍ୱ—କ୍ରି. ( ମୁଢ଼ୀ ) ଚୋବାଇବା, କଡ଼ କଡ଼ କରି ଚୋବାଇବା

ରୁଚୁପ୍ ରୁଚୁପ୍—କ୍ରି. ବିଂ. ମଚ ମଚ କରି ଚୋବାଇବା ପ୍ରକ୍ରିୟା

ରୁଜ୍—ବି. ପ୍ରତ୍ୟୁହ, ପ୍ରଭଦନ

ରୁଜୁଁ—କ୍ରି. ରାଜି ହେବା, ଖୁସି ହେବା, ବନ୍ଧକ ରଖିବା, ସ୍ୱୀକୃତ ଦେବା

ରୁଲ୍ ସୁଠୁଲ୍—ବିଂ. ଅତ୍ୟଧିକ ଅପରିଷ୍କାର, ଅତ୍ୟଧିକ ପରିଶ୍ରମ

କ୍ରି. ଦୁଃଖିତ ହେବା, ରାଗିବା, ନାରାଜ ହେବା

ରୁଞ୍ଜ୍ ରୁଞ୍ଜ୍—କ୍ରି. ଅସମ୍ମତ ଭାବ ପ୍ରକଟ କରିବା, ବିରକ୍ତି ପ୍ରକାଶ କରିବା

ରୁଟି—ବି. ରୋଟି

ରୁଟୁସୁଭ୍—ବିଂ. ଦେହ କ୍ଷୀଣ ଅଥଚ ପେଟ ବଡ଼ ଥିବା ବାଳ

ରୁଟୁଃ ରୁଟଃ—କ୍ରି. ବିଂ. କଡ଼ କଡ଼ କରି ଚୋବାଇବା ପ୍ରକ୍ରିୟା
କ୍ରି. ରୁଟ୍ ରୁଟ୍ କରି ଚୋବାଇବା

ଉ: ଚୁଟୁଦ ସୁଓଲେ (ସୁଆଲେ) ରୁଟୁଃ ରୁଟଃ ଏଦାସୁ
ଚୁଟିଆ ମୂଷାଟି ରୁଟ୍ ରୁଟ୍ କରି ଚାଉଳ ଖାଉଛି

ରୁଣ୍ଡ—କ୍ରି. ଏକାଠି ଠୁଳ ହେବା

ରୁଣ୍ଡା—ବି. ବଣ ବିଲେଇ

ରୁଣ୍ଡାଉ—କ୍ରି. ରୁଣ୍ଡାଇବା, ଠୁଳ କରିବା

ରୁତ୍ ଜା.ଲୁମ୍‌ଦାରେ—ବି. ଏକ ପ୍ରକାର କଣ୍ଟା ଗଛ

ରୁତ୍ ରତୁ—ବିଂ. ପତଳା ଅଥଚ ଲମ୍ବା, ଲମ୍ବାଳିଆ ପତଳା (ଜନପଦ)

ରୁଡ—ବି. ରତି (ସୁନା ଓଜନର ଶ୍ରେଷ୍ଠ ମାପ)

ରୁଡ ରୁଡ—କ୍ରି. ବିଂ. ଶ୍ରେଷ୍ଠ ଟୁକୁରା କରି କରି (ଧାଅ, ଭାଗ କରି ଦିଅ)

ରୁରୁଜ୍—ବି. ବଂଶୀ

ରୁରୁଜ୍ ଲେକା—ବିଂ. (ବଂଶୀ ସଦୃଶ୍ୟ) ଏକଦମ୍ ସିଧା, ( ସଳଖ )
କ୍ରି. ସିଧା ଚାଲିଯିବା, ପଳାଇ ଯିବା

ଉ: ଙ୍କୋଲେମେ, କଲାଦ ରୁରୁଜ୍ ଲେକାସୁ ଦା.ଲ୍ କେଦା!
ଦେଖ, ସେ ଟୋକାଟା ସିଧା ସଳଖ ଦୌଡ଼ି ପଳାଇଲା

ରୁଦ୍ ରୁଦୁ—ବିଂ. ଝଙ୍କାଳିଆ, ଝାଙ୍ଗମାରି ଠିଆ ହୋଇଥିବା, ବହୁତ ଘନ ଡାଳପତ୍ର, ହେଲୀ ଥିବା

ରୁଦ—ବି. ରଦ

ରୁଦ୍‌ରାଖରୁ—ବି. ରୁଦ୍ରାକ୍ଷ

ରୁଧିନ ହୁଲୁ—ବି. ରୁଧିନ ନାମକ ଧାନ

ରୁଁଧା.ଉ—କ୍ରି. ତରଛରେ ଯିବା, ଅନ୍ଧାଧୁନ୍ଧିଆ ଯିବା

ରୁନ୍—କ୍ରି. ସିଝାଇବା, ଖାଜିବା, ଚମ କୁଞ୍ଚ ଧରିବା

ରୁନ୍‌ରୁନ୍—କ୍ରି. ବିଂ. ଅଣ୍ଟାରେ ଚମ କୁଞ୍ଚା ହେବା, ବୁଢ଼/ବୁଢ଼ୀ ଅବସ୍ଥାରେ ଚମ ସିଙ୍କୁଡ଼ିବା ଅବସ୍ଥା

ରୁନ୍‌ରୁନାଓ୍ୱ—କ୍ରି. କମିବା, ଅଥବା ବିଂ. ଅଟାଇ ଦେବା

ଉ: ରେସ୍କା (ଆ) ଲ୍‌ଡେ ଲେଟ୍‌କଟା ରୁନ୍‌ରୁନାଓ୍ୱ ଏନାସୁ
ଅଣ୍ଟାରେ ପିଲାଟା ଅଣ୍ଟିଗଲା

ରୁପ୍—ବି. ରୂପ, ଚେହେରା

ରୁପା.—ବି. ରୁପା, ସୁଧ

ରୁପାମାରଣ୍ଡି. ବି. ସାନ୍ତାଳର ମାରଣ୍ଡି ଗୋତ୍ରର ଏକ ଶାଖା ପଦବୀ

ରୁପି—ବି. ରୁପି (ମୁଣ୍ଡର ମଇଳା)

ରୁପୁକ୍‌ରୁତ୍—କ୍ରି. ବିଂ. ସିଙ୍କୁଡ଼ା ହୋଇ ଥିବା, ଜୋର ଲଗାଇ ଦେବା, କସିକରି ବାନ୍ଧି ଦେବା
କ୍ରି. ସଙ୍କୁଚିତ ହେବା.

ରୁପୁଦ୍ ରୁପୁଦ୍—କ୍ରି. ବି°. ଶିଥିଳତା ସହକାରେ, ଅତି ଧୀରେ ଧୀରେ (କାମ କରିବା ବା ଖେଦାଇବା)

ରୁପୁସୁଡ୍—ବି°. ବିବର୍ଣ୍ଣ, ମଳିନ (ଚେହେରା)
କ୍ରି. ବିବର୍ଣ୍ଣ ଦେଖାଯିବା, ମଳିନ ଦେଖାଯିବା

ରୁ-ବ୍ (ରୁଭବ୍) କ୍ରି. ଭୁଷୁଡ଼ି ପଡ଼ିବା

ରୁବଦାଇ ରୁବ୍ଦାଇ—କ୍ରି. ବି°. ଅଦ୍ଭୁତ ଗୋଳମାଳ, ହୋ ହଲ୍ଲା ହେବା

ରୁବନୀ—ବି°. (ସ୍ତ୍ରୀ ଲି°) ଦେହ ସରୁ ପେଟ ବଡ଼ ଦାଲ୍ଲ ଝିଅ (ସ୍ତ୍ରୀ) ରୋଗିଣି

ରୁବ୍ରୁଡାନୀ—କ୍ରି. ବି°. ଅତିଶୟ ପ୍ରଫୁଲ୍ଲିତ ହେବା, ଆନନ୍ଦିତ ହେବା

ରୁବ୍ରୁବୁ—କ୍ରି. ବି°. ଶୀତ ଲାଗିବା, ଶୀତରେ ଲୋମ ଟାଙ୍ଗୁରି ଉଠିବା ପ୍ରକ୍ରିୟା
କ୍ରି. ଗର୍ଭଧାରଣ କରିବା, ଗର୍ଭବତୀ ହେବା

ରୁରୁ° ରୁରୁ°—କ୍ରି. ବି°. ଧିରସ୍ଥିର ଭାବେ (କାମ କରିବା) (ଏ ପ୍ରକାର ଭାବ କମ୍‌ଜୋର ଓ ଅସୁସ୍ଥ ଲୋକଙ୍କ ଠାରେ ଦେଖାଯାଏ)

ରୁମ୍—କ୍ରି. କାଳସି ପଡ଼ିବା

ରୁମ୍‌ବଗା—ବି. କାଳସି ଦେଖି ବା ଦେବତା

ରୁମ୍—ବି. (ଇ°) ରୁମ, କୋଠରି

ରୁମ୍‌କା.ଉ—କ୍ରି. (କହି ଦେଲି, ଇସ୍‌କାଇ) ଏକାଠି କରିବା

ରୁମାଲ୍—ବି. ରୁମାଲ

ରୁମୁଞ୍ଜ୍—ବି. ଛନ୍‌କା, କମ୍ପନ

ରୁମୁଞ୍ଜ ରୁମୁଞ୍ଜ୍—କ୍ରି. ଛନକା ପଶିବା, କମ୍ପନ ହେବା

ରୁମ୍ବୁରୁ—ବି°. ଖଦଡ଼ା

ରୁଁସୁଁ—ବି°. ରୋଗୀଣା, କମଜୋରିଆ
କ୍ରି. ବି°. ଶିଥିଳତା ଉତ୍ପନ୍ନ ହେବା

ରୁସୁତ ରୁସୁତ୍—କ୍ରି. ବି°. ଅତି ଯୋରରେ ପଳାଇବା, ଶୀଘ୍ର ଦୌଡ଼ି ପଳାଇବା

ରୁସୁ ରୁସୁ—କ୍ରି. ବି° ପତଳା (ସରୁ) ଧାରରେ (ପାଣି) ବୋହିବା

ରୁସୁଲ୍ ମେନ୍‌ତେ—କ୍ରି. ବି°. ଲମ୍ବ ଡିଆଁ ମାରି (ପଳାଇବା)

ରୁସୁଲ୍ ରୁସୁଲ୍—କ୍ରି. ବି°. ଲମ୍ବା ଲମ୍ବା ଡିଆଁ ମାରି ମାରି ପଳାଇବା
କ୍ରି. ଡିଆଁ ମାରିବା, ଉଚ୍ଛାଡ଼ିଆ ମାରିମାରି ଦଉଡ଼ିବା

ରୁ ରୁ—କ୍ରି. ବି°. ବଜାଇବା କର୍ମ

ରୁଡ଼ରୁ ରୁଡ଼ରୁ—କ୍ରି. ବେଗାଳରେ ବଂଶୀ ବଜାଇବା

ରୁଲ୍‌ହାପା—ବି. ରୁଲ୍‌ବାଡ଼ି

ରୁଲା—କ୍ରି. ରୁଲା (ପଡ଼ିବା) ରୁଲା ଦାଗ ବସିବା

ରୁସ୍ ରୁସ—କ୍ରି. ବି°. ଦୁର୍ବଳ ସ୍ୱର

ରୁସ୍ ରୁସୁ—କ୍ରି. ରୁଷିବା କ୍ରି. ବି°. ରାଗିଥିବା ଭାବ ପ୍ରଦର୍ଶନ କରିବା (ଆଖିପତା ବାଳ ଟାଙ୍କୁରାଇ ଥିବା)

ରୁଷାରୁଷି—ବି. ରାଗ ରୁଷା

ରୁସଓ୍ୱ—କ୍ରି. ରୁଷିବା, ରାଗ କରିବା

ସାଗୁଚ୍. ସା.ଗୁଚ୍.—ବି. ଅଲଣା ଅବସ୍ଥାରେ ଖେବାଇଲେ ଯେଉଁ ଅନୁଭବ ହୁଏ
କ୍ରି. ମିଶାମିଶି ହୋଇଥିବା ମିଶ୍ରିତ

ସା.ଗୁଆ.ନ୍. ଦାରେ—ବି. ଶାଗୁଆନ ଗଛ

ସାଗୁଦାନା—ବି. ସାଗୁଦାନା

ସାଗୁନ୍—ବି. ଶୁଭ ସୂଚକ

ସାଗେନ୍—କ୍ରି. (ପତ୍ର) କଅଁଳିବା

ସାଙ୍ଗେ—ବିଂ. ଅନେକ, ବହୁତ ସାତ (ଲୋକ)

ସାଙ୍ଗେ ସାଙ୍ଗେ—ସ. ତତ୍‌କ୍ଷଣାତ୍, ସେଇକ୍ଷଣି

ସାଙ୍ଘ୍ ହା (ସାଂଘାହା)—କ୍ରି. ଦ୍ୱିତୀୟ ବିବାହ କରିବା, ସ୍ତ୍ରୀ ଆଉ ଏକ ପୁରୁଷକୁ ବିବାହ କରି ରହିବା

ସାଙ୍ଘାଇ—ବି. ଏକ ସହର ନାମ

ସା.ସ୍ତ.ସ୍ତ୍—ବି. ସତ୍ୟବାଦିତା

ସାଁଚ ମା.ରିଚ୍—ବି. ଏକ ପ୍ରକାରର ମରିଚ

ସା.ଚ ସିଁନ୍—ବି. ଏକ ପ୍ରକାର ଛଣୀ

ସାଁଚ ସୁନୁମ୍—ବି. ସୋରିଷ ତେଲ

ସାଁଞ୍ଜ୍—ବି. ଗୁଞ୍ଜ, ଗର୍ଭାଶୟ ଛାଞ୍ଚା

ସାଁଞ୍ଜାଓ—କ୍ରି. ସଞ୍ଚିବା

ସାଁଞ୍ଜାଓ ଜୁଜନା—ବି. ସଞ୍ଚୟ ଯୋଜନା

ସାଜ୍—ବି. ଗହଣାଦି, ବେଶଭୂଷାର ସାମଗ୍ରୀ

ସାଜାଓ—କ୍ରି. ଭୂଷିତ କରିବା, ସଜାଡିବା

ସାଜା—ବି. ଦଣ୍ଡ

ସାଜାସ୍ତ୍—କ୍ରି. ଦଣ୍ଡ ଦେବା

ସାଜାନ୍—ବିଂ. ମିଶ୍ରଣ, ବି. ମିଶ୍ରିତ କ୍ରି. ମିଶ୍ରଣ ହେବା

ସାଜାଁକ୍—ବିଂ. ମିଛ, କ୍ରି. ମିଛ ସାକ୍ଷୀ ଦେବା, ମିଛ ହେବା

ସାଜ ଡାଲ୍ଓ୍ୱାଃ—ବି. ଧଣିବାର ମୁଠିଥିବା ଶ୍ରେଷ୍ଠ ଡାଳ

ସାଜ ହାସା—ବି. ଖାରୁଆ ମାଟି

ସାଞ୍ଜ୍—ବି. ବଖତ, ଖାଇବା ବେଳ, ଏକ ସମୟର ଖାଇବା, ଏକ ବଖତ୍

ଉଃ ମିଦ୍ ସାଞ୍ଜ୍ ଜମ୍‌କାତେ ହେଜ୍ (ତ) ଆକାନା - ଏକ ବଖତ ଖାଇକରି ଆସିଅଛୁ

ସାଞ୍ଜ୍ ଜକ—ବିଂ. ସଂଯୋଗ, ଉତ୍ତମ ସମୟ, ଯଥାର୍ଥ ବେଳ

ସାଞ୍ଜ୍ ଜଲ୍—ବିଂ. ଚତୁର୍ଥ ପୁତ୍ର, ଚତୁର୍ଥ

ସାଞ୍ଜ୍ କଲ୍—ବିଂ. ଚତୁର୍ଥ ପୁତ୍ରୀ

ସାଞ୍ଜ୍ ଜନ୍ତୁ—ବି. ସଞ୍ଜନ୍ତୁ

ସାଞ୍ଜ୍ ଟଲ୍—ବି. ଉପର ଓଳ, ସଞ୍ଜ ଓଳ
ବିଂ. ଉପର ଓଳର (ପାଣି)

ସାଞ୍ଜ୍ ଟେ ନ ମାଞ୍ଜ୍ ଟେ—କ୍ରି. ବିଂ. ଏକ ବଖତ ନୁହେଁ ବା ଦୁଇ ବଖତ ନୁହେଁ

ସା.ଟ୍—ବି. (ଇଂ) ଶାର୍ଟ, ପଟାପଟା

ସା.ଟ୍କାଓ୍ୱ—ଧ୍ୱ°. ଅନ୍ତରଙ୍ଗ ଶୁଖିଯିବା

ସା.ଟ୍ ଦାଗ୍—ବି. ପଟାପଟା ଦାଗ, କ୍ରି. ପଟାପଟା ଦାଗ ହେବା

ସା.ଟ୍ ଦାଗ୍କୁଲ୍—ପଟାପଟା ଦାଗଥିବା ବାଘ, ପଟା ହୁଳିଆ ବାଘ

ସାଟ୍ନା—ବି. ଦାବିବା ଯନ୍ତ୍ର, କ୍ରି. ଦାବିଯିବା, ଦବିଯିବା

ସାଟ୍ ପାଟ୍—କ୍ରି. ଧ୍ୱ°. ଜଲଦି ଜଲ୍ଦି, ଶୀଘ୍ର ଶୀଘ୍ର (କାମ କରିବା)

ସାଟା ପାଟା—କ୍ରି. ଧ୍ୱ°. ଚଞ୍ଚଳ ଚଞ୍ଚଳ ହେବା, ଶୀଘ୍ର କାମ କରିବାକୁ ଯେଉଁ ଶବ୍ଦ ବାହାରେ, ଶବ୍ଦାୟିତ ହେବା, ସର ସର ଶବ୍ଦ

ସାଟା ପାଟାଓ୍ୱ—କ୍ରି. ସଡ ସାଡ/ଖଡ ଖାଡ ହେବାର ଶବ୍ଦ ପ୍ରକ୍ରିୟା

ସାଟ୍ ମେନ୍ଡେ—କ୍ରି. ଧ୍ୱ°. ଝଁଅଟ କରି, ତୁରନ୍ତ

ସାଟ୍ ସାଟ୍—କ୍ରି. ଧ୍ୱ°. ବହୁତ ଜଲଦି କରିବା

ସାଟ୍ସୁଟ୍—ଧ୍ୱ° ଧଡଧାଡ୍ (ଶବ୍ଦ), କ୍ରି. ଧଡଧାଡ ହେବା

ସାଟ ∞ ମେନଡେ—କ୍ରି. ଧ୍ୱ°. ଜୋରରେ ବାଜିବା, କୁଟିବା, ପିଟିବାର ଢଭ୍ଢଣାଡ୍ ଶବ୍ଦ

ସାଟା ∞ ସାଟା ∞ —କ୍ରି. ଧ୍ୱ°. ଦୁଢ଼ତାର ସହ ବା ଜୋରଦେଇ ଉଚ୍ଚ ସ୍ୱରରେ ଥରକୁ ଥର (କହିବା, ତାଡ଼ନା ଦେବା)

ସାଟାକ୍ ସୁଟୁକ୍—କ୍ରି. ଧ୍ୱ°. ପାଣିରେ ଶବ୍ଦ କରି କରି ଗୁଳିବା ପ୍ରକ୍ରିୟା

ସାଟାପ୍ ସାଟାପ୍—କ୍ରି. ଧ୍ୱ°. ଠିକ୍ଠାକ, ଧପଧାପ ଶବ୍ଦ, ଦାନ୍ତକୁ ଦାନ୍ତ ଜୋରରେ ଲଗିବା ଶବ୍ଦ, ଜୋରରେ ଶୀଘ୍ର ଶୀଘ୍ର କହିବା ଶବ୍ଦ

ସାଟାର୍ ସୁଟୁର୍—କ୍ରି. ସୁଡ୍ ସାଡ଼ କରି ଖାଇବା ପ୍ରକ୍ରିୟା

ସାଟାଓ୍ୱ—କ୍ରି. ହୋଇଯିବା, କୁଲାଣ ହେବା, କୁଲାଇବା

ସାଟାପାଟ୍—କ୍ରି. ଧ୍ୱ°. ଏକ ପରେ ଏକ ରହିବା, ସଜାଡ଼ି ଭରପୂର କରିବା

ସାଟ ∞ —କ୍ରି. ଠୋକର ବାଜିବା, ଜଭ ଦାନ୍ତରେ କଟିଯିବା

ସାଁ।ଟ—କ୍ରି. ଏକମତ ହେବା, ମାନିନେବା

ସାଁ।ଟା—ବି. ସଙ୍ଘ, କ୍ରି. ସଂଘ କରିବା

ସାଠାଓ୍ୱ—କ୍ରି. ତାଗିଦିବା, ତାଡ଼ନାଦେବା

ସାଟିଆ.ଓ୍ୱ—କ୍ରି. ଅତି ଶୁଷ୍କ ଅବସ୍ଥା, (ଶୁଖିକରି ଲଗିଯିବା, ଶୁଖିକରି ଟାଣ ହୋଇଥିବା, ଶୁଖିକରି ବସି ଯାଇଥିବା)

ସାର୍ଟିଂ—ବି. (ଇଂ) ସାର୍ଟିଂ (shirting)

ସାଠ—ବି. ବାହାରିଆ ବାଦ୍ୟ

ସାଡ ସାଡ୍—କ୍ରି. ଧ୍ୱ°. ସଡ ସଡ ଶବ୍ଦ ହେବା, (ପାଣି ପଡ଼ିବା, ପାଣି ବୋହିବା, ପାଣି ଛୁଟିବା ଶବ୍ଦ)

ସା.ଡ୍ଗା ସାଡଗି—କ୍ରି. ଧ୍ୱ°. ପାଣି ଛଟାଛଟି କରିବା ପ୍ରକ୍ରିୟା (ଏହା ଦ୍ୱାରା ସଡସାଡ ଶବ୍ଦ ହୁଏ), ପାଣି ଛୁଟିବା ଶବ୍ଦ

ସା.ଡ୍ଗୁର୍ ବାଡ୍ଗୁର୍—କ୍ରି. ଧ୍ୱ°. ତରଳ ଖାଦ୍ୟ ଖାଇବାର ପ୍ରକ୍ରିୟା ଯାହା ସୁଡସାଡ ଶବ୍ଦ ହେବା ସଙ୍ଗେ ସଙ୍ଗେ ତରଳ ଖାଦ୍ୟ ଛିଞ୍ଚାଡ଼ି ହୋଇ ଥାଏ

ସାଡ୍ଗେ—ବି. ସଡ଼କ

ସାଡ୍ ସାଡାଓ୍ୱ—କ୍ରି. ଧ୍ୱ°. ଅଧିକ ପାଣି ଜୋରରେ ପଡ଼ିଯିବା, ଛିଞ୍ଚାଡ଼ି ହୋଇଯିବା ଶବ୍ଦ
କ୍ରି. ପାଣି ଛିଞ୍ଚାଡ଼ିବା

ସାଡା ∞ —କ୍ରି. ଦଂଶନ, କଟୁକଥା କହିବା

ସାଡା ∞ ମେନ୍ଡେ—କ୍ରି. ଧ୍ୱ°. ଚଟକରି ଦଂଶିବା, ଝଁଅଟ କରି ଦଂଶିବା, ହଠାତ୍ କଟୁକଥା ପ୍ରୟୋଗ କରିବା

ସାଡା ∞ ସାଡା ∞ —କ୍ରି. ଧ୍ୱ°. କଟୁବାକ୍ୟ, ବାରମ୍ବାର ପ୍ରୟୋଗ ପ୍ରକ୍ରିୟା

ସାଡାର୍ ସୁଡୁର୍—ଧ୍ୱ°. ପାଣି ପତଳା ହୋଇ ବାହାରିବା ପ୍ରକ୍ରିୟା

ସାଢ୍—ବି. ସଢ଼କ

ସାଁ।ଡାରୁ—ବି. ମହିଷି ଛଡ଼ା

ସାଢ଼େ—ବି. ଶବ୍ଦ, କ୍ରି. ଶବ୍ଦ ହେବା

ସାଣ—ବି. କମାର ସ୍ୱଡ
କ୍ରି. ଶାଣ କରିବା, ପଜାଇବା, ଧାର କରିବା

ସା.ଣ୍‌ଗମ୍‌—କ୍ରି. ଅନ୍ୟ ମଝିରେ ବା ଉପର ଦେଇ ଯିବା
ମାଡ଼ି ମକଚ ଦେଇ ଗଳିଯିବା

ଉ: ସଣ୍ଡ ହୁଲକସ୍ ସାଣ୍‌ଗମ୍ ଇଦକେଦ୍‌କଆ - ଷଣ୍ଢ ଲୋକକୁ
ମାଡ଼ି ମକଚ ଦେଇ ଗଳିଗଲା

ସା.ଣ୍ଡ୍‌— ବିଂ. ଉଗ୍ର କ୍ରି. ଉଗ୍ର ହେବା

ସା.ଣ୍ଡି —ବି. ଅଣ୍ଡିରା, ମୁଖ୍ୟ, କୁକୁଡ଼ା ଗଣ୍ଡା

ସା.ଣ୍ଡିମାରା ଂ —ବି. ଅଣ୍ଡିରା ମୟୂର

ସାଣ୍ଡିସାବା—ବି. କୁକୁଡା ଗଣ୍ଡା ଗୋଡର ଉପର ଦାନ୍ତୁଆ
ନଖ

ସାଣ୍ଡିସାବା ଦାରେ—ବି. ଏକ ପ୍ରକାର ଗଛ

ସାନ୍ତୁ—ସ. ବା. ବି.—ସାତ

ସା.ତ୍‌—ବି. ସମାପ୍ତ କରିବା, ଶେଷ ହେବା

ସାତମ୍‌—ବି. ତେରଚ୍ଛା ବର୍ଷା

ସାତ୍ଲାଃ—ବି. ସହିତ, ସଙ୍ଗ କ୍ରି. ବିଂ. ସାଙ୍ଗକରି ନେବା

ସାତ୍‌ଗାଁଣ୍ଡ୍‌— ବିଂ. ଗଣ୍ଠିରେ ଭର୍ତ୍ତିଥିବା, ଗଣ୍ଠିଆ
( ଦୌଡ଼ି, ସୂତା )

ସାତ୍‌ମୁଲ୍‌—ବି. ଏକ ପ୍ରକାରର ଔଷଧି ଗଛ

ସାତରିଙ୍ଗ ଦାରେ—ବି. ବିଭିନ୍ନ ଫୁଲ ଫୁଟୁଥିବା ଏକ ପ୍ରକାରର
ଗଛ

ସାତରା ପତରା—କ୍ରି. ବିଂ. ଅଧାପନ୍ତାରିଆ କାମ, ଅସନ୍ତୋଷ
ଜନକ କାର୍ଯ୍ୟ

ସାତରାଲ୍‌— ବିଂ. ସନ୍ତରଣ, ସନ୍ତରଣ ଜାଣିବା ବାଲା
କ୍ରି. ସନ୍ତରଣ କରିବା

ସାତ୍‌ରାଲିସ୍ଥା—ବିଂ. ସନ୍ତରଣକାରୀ

ସାତ୍‌ରଠା—ବିଂ. ଅତିରିକ୍ତ ମଇଳା, ଅତିରିକ୍ତ ମଳିଚ୍ଛୁଆ (ବ୍ୟକ୍ତି)

ସାତ୍‌ସାସ୍ଥାର୍‌—ବି. ଏକ ପ୍ରକାର ଗଛର ନାମ

ସାତ ସିଆଲ୍‌—ବି. ଅତିଧୂର୍ତ୍ତ, ଅତିଶୃଗାଳ (ଧୂର୍ତ୍ତ ଶୃଗାଳ)
ଧୋକାବାଜ୍

ସାତ୍‌ଆଟେ—ଅ. କାରଣ ହେତୁ

ସାତାଓ୍ୱ—ବି. ଦୁଃଖ, କଷ୍ଟ, ପିଡ଼ନ
କ୍ରି. ଦୁଃଖ ପାଇବା, କଷ୍ଟ ଦେବା, ପିଡ଼ନ କରିବା

ସାତବ୍‌ଦ—ବି. ଶତାବ୍ଦି

ସାତାରୁଗାତାର୍—ବିଂ. ପରିବାରର ଲୋକ,
ସମ୍ପର୍କୀୟ ଲୋକ ଆଦି

ସାତାରେ—କ୍ରି. ବିଂ. ଅନ୍ୟ ହେପାଜତରେ ରହିବା
ନିର୍ଭର କରିବା

ସାତାରେଲ୍— ବିଂ. ଅବଶେଷ

ସାତାହ୍—ବି. ସପ୍ତାହ ବ୍ୟାପି

ସାତାହେଁତ୍—ବି. ନିଃଶ୍ୱାସ ପ୍ରଶ୍ୱାସ କ୍ରି. ନିଃଶ୍ୱାସ ନେବା ଓ ପ୍ରଶ୍ୱାସ
ଛାଡ଼ିବା

ସାତେ—ବି. ଗୁଳ, ଛପରର ତଳ ଶେଷାଂଶ

ସାତେ ଆତେ—କ୍ରି. ବିଂ. ଆଖିପତା ଉପରେ ହାତ ଦେଇ
ଆଖିକୁ ଛାଇ କରିବା/ଦୂର ସ୍ଥାନକୁ ଅନାଇବା

ସାତେ ସାତେ—କ୍ରି. ବିଂ. ସଙ୍ଗେ ସଙ୍ଗେ ସହସା

ସାତ ଅଲ୍‌ଆ—ବିଂ. ସାତ୍‌ଦାନ୍ତିଆ ପଶୁ, ସାତ କହିବା ବାଲା

ସାଢ—ବି. ସର୍ତ୍ତ, କ୍ରି. ସର୍ତ୍ତ ହେବା

ସାଥି—ବି. ସାଥୀ

ସାଦ୍— ବି. ସଉକ, ଅଭିରୁଚି, ବାସନା

ସାଦ୍‌ଗୁମ ବାଦ୍‌ଗୁମ୍—କ୍ରି. ବିଂ. ଘନବାଳ ଥିବା (ବ୍ୟକ୍ତି)
ଘନ ଘାସ ଥିବା (ସ୍ଥାନ)

ସାଦ୍‌ଗୁମ୍ ସାଦ୍‌ଗୁମ୍—କ୍ରି. ବିଂ. ଘନବାଳ ସହିତ ଲୁଙ୍କୁରୁ
ହୋଇଥିବା ସ୍ଥିତି

ସାଦ୍‌ଗା ବାଦଗା, ସାଦ୍‌ଗା ବାଦାତ୍—କ୍ରି. ବିଂ. ବିଗୁଡ଼ା ବିଛୁଡ଼ି
ଅବସ୍ଥାରେ ଥିବା, ଏଣେ ତେଣେ ପଡ଼ିଥିବା ସ୍ଥିତି

ସାଦଗାସ୍ଥା ଂ —ବିଂ. ବିନା ଢାଙ୍କୁଣି ଦିଆ (ପାତ୍ର)
ଅବହେଳିତ ହୋଇ ରହିଥିବା (ଖାଦ୍ୟ ଦ୍ରବ୍ୟ)

ସାଦ୍‌ଗାଲ୍—କ୍ରି. ଏଣେ ତେଣେ ଛିଞ୍ଚାଡି ଦେବା

ସାଦମ୍—ବି. ଘୋଡ଼ା

ସାଦ୍‌ରେ—କ୍ରି. ବିଂ. ପ୍ରଥମଥର ହେବା, ଶ୍ରଦ୍ଧାକରି

ସାଦା—ବିଂ. ସିଧାସାଦା, ସାଧାରଣ, ଅବ୍ୟବହୃତ, ଅମିଶ୍ରିତ,
ଶୁଭ୍ର

ସାଢ଼ାପାଲା—କ୍ରି. ବିଂ. ଖଜଣା ଏକଜୁ କରିବା, ସମସ୍ତ ହେବା

ସାଦାସ୍ତ୍—କ୍ରି. ବିଂ. ସଦାବେଳେ, ବାରମ୍ବାର, ପ୍ରତ୍ୟେକ

ସାଦାସୁକ୍—କ୍ରି. ବିଂ. ପରିମାଣରେ ଅତ୍ୟାଧିକ ହେବା

ସାଦମ୍ ଏନେଜ୍—କ୍ରି. ବିଂ. ଘୋଡ଼ାକୁ ନଚ୍ଚାଇବା,
ବି. ଘୋଡ଼ାନାଚ

ସାଦମ ଘାଁସ—ବି. ପାଣିରେ ବଢ଼ୁଥିବା ଘାସ, ଘୋଡ଼ା ଘାସ

ସାଦମ୍ ଡାଁଣ୍ଡ୍କା—ବି. ଏକ ପ୍ରକାର ଶ୍ରେଷ୍ଠ ମାଛ

ସାଦମ ବାସ୍ତୁ ବେମାର—ବି. ଏକ ପ୍ରକାର ବେମାରି

ସାଦମ୍ ମୁଟ—ବି. ଲାଲ ରଙ୍ଗର ବଡ଼ ବଡ଼ ପିମ୍ପୁଡ଼ି

ସାଦମ୍ ଲଦାଡ଼ି—ବି. ଏକ ପ୍ରକାରର ଲତା

ସାଦମ ରଅ—ବି. ଏକ ପ୍ରକାରର ଲାଲ ମାଛି (ଘୋଡ଼ା ଦେହରେ ବସନ୍ତି)

ସାଧାଓ୍ୱ—କ୍ରି. ସାଧନା କରିବା, (ଶିକ୍ଷା, ଶାସନ ପ୍ରଣାଳୀ) ଅନ୍ୟକୁ ବଶୀଭୂତ କରିବା, ବୁଦ୍ଧି, ଜ୍ଞାନ ଲାଭ କରିବାର ନିଷ୍ଠା ଉଦ୍ୟମ

ସଧାରଣ୍—ବିଂ. ସାଧାରଣ

ସାଧେର୍—ବିଂ. ଏକଲା, ଏକୁଟିଆ

ସାଧେର୍ରେ—କ୍ରି. ବିଂ. ଏକଲା ହେବା, ଏକୁଟିଆ ହୋଇ ଯିବା

ସା.ଧିନ—ବିଂ. ସ୍ୱାଧୀନ, ସ୍ୱତନ୍ତ୍ର, କ୍ରି. ସ୍ୱାଧୀନ ହେବା, ସ୍ୱାଧୀନତା ପାଇବା

ସାଧୁ—ବି. ସାଧୁ, କ୍ରି. ସାଧୁ ହେବା

ସାନ୍—ବି. ଅସ୍ତ୍ର ଶାଣଦିଆ ପଥର, ପକାଇବା ଯନ୍ତ୍ର,
କ୍ରି. ଶାଣ (ଘଷୁ) କରିବା

ସାନ କାରଲ୍—ବି. କଲସୀ (ସାନ ଧରଣର)

ସାନ୍ଛେପ୍—ବିଂ. ସଂକ୍ଷିପ୍ତ

ସାନ୍ଠାଓ୍ୱ—କ୍ରି. ଧାନ ଗଛ ପଛାଡ଼ ମାରିବା, ଧାନ ବୁଦାମାନ ସବଳ ସୁସ୍ଥ ହୋଇ ବଢ଼ିବା

ସାନ୍ତ—ବି. ଶାନ୍ତ

ସାନ୍ବଂଗା—ବି. ଶ୍ରାବଣ ମାସ

ସାନ୍ଡା—ବିଂ. ସଣ୍ଡା, ଧାନ ଗଛ ମଝିରେ ଉଠୁଥିବା ମୋଟା ଧାନ ଗଛ

ସାନ୍ତାପ—ବି. ସନ୍ତାପ, ଦୁଃଖ, କ୍ରି. ଦୁଃଖ ଦେବା, କଷ୍ଟ ହେବା

ସାନ୍ତାଲ୍—ବି. ସାନ୍ତାଳ, ବିଂ. ସାନ୍ତାଳ ଜାତି

ସାନ୍ତାଓ୍ୱ—କ୍ରି. ଦୁଃଖ ଦେବା, କଷ୍ଟ ଦେବା

ସାନ୍ଦେ—କ୍ରି. ବିଂ. ବଦଳରେ ହେବା

ସାନ୍ଦାଡା ସନ୍ଦେଡେ—କ୍ରି. ବିଂ. ଅନ୍ଧ ସନ୍ଧ

ସାନ୍ଦାଡାଂ—ବିଂ. ବିନା ଢଙ୍କାରେ ଥିବା, ଖୋଲା,
କ୍ରି. ବିଂ. ଖୋଲାରେ ଥିବା

ସାନ୍ ସାନ୍—କ୍ରି. ବିଂ. ଅତି ମାତ୍ରାରେ ଉତ୍ତେଜିତ, କ୍ରୋଧ କରିବା ପ୍ରକ୍ରିୟା, କ୍ରି. ଉତ୍ତେଜିତ ହେବା, କ୍ରୋଧ ହେବା

ସାନ୍ ସାନାଓ୍ୱ—କ୍ରି. ଶୂନଶାନ ଅବସ୍ଥାରେ ଥିବାର ସୂଚନା ଅନୁଭବ, କ୍ରି. ବିଂ. ତୀବ୍ର ଗତିରେ ପ୍ରସ୍ଥାନ

ସାନ୍ସୁନ୍—ବିଂ. ପରିବେଶର ଶୂନ୍ୟତା ସୂଚନା, ଚୂପ୍‌ଚାପ ସ୍ଥିତି
ଉ: ଅଲାଂଦ ସୁନ୍‌ସାନ ଟେ ଆଇକାଉଃ କାନା—ଘରଟି ଶୂନ୍‌ସାନ (ଚୂପ୍‌ଚାପ) ଜଣାଯାଉଛି

ସାନ୍ଆ—କ୍ରି ଇଚ୍ଛା ହେବା, ଅଭିଳାଷ ଜାତହେବା
ବି. ଇଚ୍ଛା, ବାସନା, ଅଭିଳାଷ

ସାନା—ବି. ଢିଙ୍କି ମୂଷଳରେ ଲଗିଥିବା ଗୋଲ ଲୁହା

ସାନାଂ—କ୍ରି. ପଡ଼ିବା (ଏହି ପଡ଼ିବାରେ ଆବାଜ୍ ଥାଏ)

ସାନା ଫାନା—ବି. ଇଚ୍ଛିତ ଦ୍ରବ୍ୟ, ସାମଗ୍ରୀ

ସାନାମ୍—ବିଂ. ସମସ୍ତ, ସମୁଦାୟ

ସାନାମ୍ରେ—କ୍ରି. ବିଂ. ସମୁଦାୟ ମିଶି କରି

ସାନାମ୍ ସେଚ୍ (ଡ୍)—କ୍ରି. ବିଂ. ସବୁ ଦିଗରେ

ସାନାଓ୍ୱ—କ୍ରି. ସମାନ କରିବା, ସବୁ ମିଶାଇ ଏକଜୁ କରିବା

ସାନା ସା.ନ—କ୍ରି. ମିଶ୍ରଣ କରିବା

ସାନ—ବି. ପୁନଃବାର, ପୁନଶ୍ଚ, କ୍ରି. ବିଂ. ଆଉ ଥରେ ନୂତନ ଭାବେ

ସା.ନଆ.ଉ—କ୍ରି. ଉତ୍ତେଜିତ ହେବା, ରାଗିଯିବା, କ୍ରୋଧ କରିବା

ସାନ୍ତକାଂ—କ୍ରି. ବିଂ. ଶୀଘ୍ର ଶୀଘ୍ର ଖୋଲିବା ଓ ବନ୍ଦ କରିବା

ସାନ୍ତଅକାଂ—କ୍ରି. ମୁହଁକୁ ଚଲାଇବା, (ପାଟିକୁ ଚୋବାଇବା ପରି କରୁଥିବା ପ୍ରକ୍ରିୟା)

ସାନ୍ତଗୋର୍—ବି. ନିର୍ଲଜ୍ଜ, ଦୁଷ୍ଟ, କାମୁକ

ସାନ୍ତା ଂ—କ୍ରି. ଘଣ୍ଟି ବା ଘୁଙ୍ଗୁରର ଗୁର୍‌ଗୁର୍ ଶବ୍ଦ

ସାନ୍ତା କା ଂ ଦାତା—ବି. ମୁଖ୍ୟ କାଠ ଗାଡ଼ି ସ୍ଥଳର ଅନ୍ୟ
କାଠକୁ ସମ୍ଭାଳି ରଖେ ଓ ମଜବୁତ କରେ

ସାନ୍ତାଂ—କ୍ରି. ଅର୍ଦ୍ଧବସ୍ଥିତ ରୂପରେ ଶୋଇବା, ଲେଟିବା

ସାନ୍ତାପ୍—କ୍ରି. ପାଟି ଗୁଲୁ ଗୁଲୁ କରିବା
କ୍ରି. ବିଂ. ପାଟି ଖୋଲିବା ଓ ବନ୍ଦ କରିବାରେ
ଯେଉଁ ଶବ୍ଦ

ସାନ୍ତାପି—ବି. ସଣ୍ଢ଼ୁଆପି

ସାନ୍ଡେ—ବି. (ଇଂ) ରବିବାର

ସାପ୍—ବି. ଶାପ, ଅଭିଶାପ, କ୍ରି. ଅଭିଶାପ ଦେବା

ସାପ୍‌ରୁମ୍—କ୍ରି. ବିଂ. ପୂର୍ଣ୍ଣ ବିକଶିତ, ସମ୍ପୂର୍ଣ୍ଣ କାର୍ଯ୍ୟରେ
ପରିଣତ ହେବା

ସାପ୍‌ଲାଓ୍ୱ—କ୍ରି. ପ୍ରସ୍ତୁତ ହେବା, ପ୍ରସ୍ତୁତ କରିବା

ସାପାଓ—କ୍ରି. ଅଭିଶାପ ଦେବା

ସାପାପ୍—କ୍ରି. ବିଂ. ପରସ୍ପରକୁ ଦୋଷାରୋପ କରିବା,
ବ୍ୟବହାରିକ ଦ୍ରବ୍ୟ

ସାଫା—ବିଂ. ସ୍ୱଚ୍ଛ, ପରିଷ୍କାର କ୍ରି. ସ୍ୱଚ୍ଛଥିବା, ପରିଷ୍କାର କରିବା

ସାଫା ସାଫି—କ୍ରି. ବିଂ. ସଫାସୁତୁରା ହୋଇଥିବା, ପରିଷ୍କାର
ଥିବା

ସାଁଫାର୍—ବି. ସାଦା, ସଫର

ସାପାନ୍—ବି. ସ୍ୱପ୍ନ

ସାପାରମ—ବି. ଏକ ପ୍ରକାର ଔଷଧ ଗଛ

ସାପାହାର(ସ୍ୱା)—ବି. ସାପୁଆ କେଳା

ସାଫାସ୍—କ୍ରି. ସଫାକରିବା, ପରିଷ୍କାର କରିବା

ସାବ୍ (ସାପ୍)—କ୍ରି. ଧରିବା, ଦେଖି ନେବା

ସାବ୍ (ପ୍) ଇରିକ୍)—କ୍ରି. ବିଂ. ମଜ୍‌ଭୁତ ଭାବେ ଧରିବା,
ମଧ୍ୟସ୍ଥି କରି ରଖିବା

ସାବ୍‌ସୁକ୍‌ତାହ୍—କ୍ରି. ଧରିରଖିବାର ଶକ୍ତି

ସାବ୍‌ସୁର୍—କ୍ରି. ଧରିକରି ନିକଟକୁ ଆଣିବା
ବିଂ. ଧରିକରି ନିକଟକୁ ଦେବା (ସନ୍ଧକାର୍ଯ୍ୟ, ବ୍ୟକ୍ତି)
ବ୍ୟବସ୍ଥା କରିବା ପ୍ରକ୍ରିୟା

ସାବନ୍—ବି. ସାବୁନ

ସାବ୍‌ଜା—ବି. ସବୁଜ

ସାବ୍‌ଲ୍—ବି. ସାବୁଲ

ସାବଧାନ୍—ବି. ସାବଧାନ୍

ସାବ୍‌ଗ୍ର ସାବ୍‌ଗ୍ରହା—ବିଂ. ଅସ୍ୱାଦିଷ୍ଟ, କ୍ରି. ଅସ୍ୱାଦିଷ୍ଟ ହେବା

ସାବା—ବି. ଆଲ, କୁକୁଡ଼ା ଗଣ୍ଡା ଗୋଡ଼ର ବଡ଼ ନଖ ପ୍ରଣାଳୀ

ସାବାସ୍—କ୍ରି. ସାବାସି ଦେବା

ସାବା ଂ—ବିଂ. ଅଲଣା
କ୍ରି. ଅଲଣା ଲାଗିବା, ଲବଣାଂଶ ନଥିବା

ସାବାଦ୍—ବି. ଶବ୍ଦ କ୍ରି. ଶବ୍ଦ ହେବା

ସାବାବ୍—ବି. ସ୍ୱଭାବ, ଆଚରଣ

ସାବାଡ୍—କ୍ରି. ଜବଦ୍ କରିବା, ଖତମ୍ କରିବା,
ଶେଷ କରିଦେବା

ସାବାର୍ ସବୁର୍—ବିଂ. ରସାଳିଆ କ୍ରି. ବିଂ. ପାଣିଚିଆ, ପାଣିର
ଅଂଶ ଅଧିକ ଥିବା

ସାବାସି—ବି. ସାବାସି କ୍ରି. ପ୍ରଶଂସା କରିବା

ସାବାସ୍ତ୍ ଜଡ଼ାଦଶମ୍—ବିଂ. ସାନ୍ତାଳଙ୍କର ପୂର୍ବପୁରୁଷଙ୍କ ଏକ
ଦେଶର ନାମ

ସା.ବିକ୍—ବି. ଠିକ୍ ସେହିପରି ତୁଲ୍ୟ, ଅବିକଳ ସେମିତିକାର

ସା.ବିତ—ବି. ଉଚିତ୍, ପ୍ରମାଣିତ

ସାବିଲ—ବି. ଗ୍ରେଣ୍ଟ ସାବୁଲ୍

ସାବୁନ୍—ବି. ସାବୁନ୍

ସା.ବୁର୍—ବିଂ. ପାଣିଆ ସ୍ୱାଦୁ, କ୍ରି. ପାଣିଆ ଲାଗିବା, ପାଣିଚିଆ
ଲାଗିବା

ସାବେ—କ୍ରି. ଧରିବା, ଦୋଷ ଦେବା

ସାବୁର୍ ସାବୁର୍—କ୍ରି. ବିଂ. ପାଣିଚିଆ ପାଣିଚିଆ

ସାମ୍—ବି. ଶ୍ୟାମ

ସାଁମ୍ବଲ୍—ବି. ସମ୍ବଳ, ସମ୍ପତ୍ତି

ସାମ୍‌ନା ସାନ୍ଥି—କ୍ରି. ବ୍ୟଂ. ସାମନା ସାମନି ହେବା, ସମ୍ମୁଖରେ ଫଇସଲା କରିବା

ସାମରେ—କ୍ରି. ଅଭ୍ୟାସ ବଶତଃ ମିଶି ହେବା, ମିଶିଯିବା, ସମ୍ପର୍କୀୟ ହୋଇଯିବା

ସାମ୍‌ଖାଓ୍ୱ—କ୍ରି. ବୁଝାଇବା, ବୁଝିବା

ସାମ୍‌ଝା ସାମ୍‌ଝି—କ୍ରି. ବ୍ୟଂ. ବୁଝାଶୁଝା କରାଇ, ବୁଝାବୁଝି କରି

ସାମ୍‌ଟା ସୁମ୍‌ଟି—କ୍ରି. ବ୍ୟଂ. ସାଉଁଟା ସାଉଁଟି କରିବା
କ୍ରି. ଏକାଠି କରିବା

ସାମ୍‌ଟାଓ୍ୱ—କ୍ରି. ସାଉଁଟା ସାଉଁଟି କରି ଏକାଠି କରିବା ଜମା କରିବା, ଏକାଠି ହେବା

ସାମ୍‌ଟି ଛମ୍‌ଟି—କ୍ରି. ବ୍ୟଂ. ସପରିବାରରେ ସବୁ ଜିନିଷ ପତ୍ର ସହ (ଯିବା)

ସାମ୍‌ନା ସାମ୍‌ନି—କ୍ରି. ବ୍ୟଂ. ମୁହାଁ ମୁହିଁ ହେବା

ସାମ୍‌ଥୁଲ୍—ବି. ସମତଳ, ସମାନ
କ୍ରି. ସମତଳ ଥିବା, ସମାନ ହେବା, ସମାନ କରିବା

ସାମ୍‌ବର୍—କ୍ରି. ଲେଉଟି ଶୋଇବା
କ୍ରି. ବ୍ୟଂ. ଲେଉଟି ପେଟେଇବା

ସାମ୍‌ପୁ(ପ)ରୁନ୍—ବି. ପରିପୂର୍ଣ୍ଣ, ପୂର୍ଣ୍ଣ, ସଂପୂର୍ଣ୍ଣ
କ୍ରି. ପରିପୂର୍ଣ୍ଣ ଥିବା, ପୂର୍ଣ୍ଣହେବା

ସାମ୍‌ଫଲ୍—କ୍ରି. ବ୍ୟଂ. ସଂପୂର୍ଣ୍ଣ ଫଳବତୀ, ଯଥେଷ୍ଟ ଫଳ ଦେଇଥିବା (ଫସଲ)

ସାମ୍‌ବାଲାଓ୍ୱ—କ୍ରି. ସମ୍ଭାଳିବା, ଦେଖାଦେଖି କରିବା

ସାମରକାଡ଼ା—ବି. କଡ଼ା ଜାତୀୟ ଗଛ

ସାମ୍‌ବା∞ରୁସ∞—କ୍ରି. ବ୍ୟଂ. ଅଶ୍ଳୀଳ ଭାବେ, ଅଶିଷ୍ଟଭାବର ଭାବରେ (ବ୍ୟବହାର କରିବା, କଥା କହିବା)
ସାମଞ୍ଜସ୍ୟ ନ ଥାଇ ଏଣ୍ଡୁ ତେଣ୍ଡୁ (କଥା କହିବା)

ସାମ୍‌ବାଓ—କ୍ରି. ଭର୍ତ୍ତି କରିବା

ସାମ୍‌ଭେ—କ୍ରି. ଅଗରେ ଲଟକି ଥିବା (ଘାସ ମାଟି, ମୂଷଳର ଲୁହା)

ଉଃ ନାହେଁଲ୍‌ରେ ହାସା ଆର ଘାସକ ସାମ୍‌ଭେ ଆକାନା—ଲଙ୍ଗଳରେ ଘାସ ଓ ମାଟି ଏକାଠି ଲଟକିଛି

ସା.ମ୍‌ଖା.ଉଲା (ସା.ମ୍‌ଖା.ଉଡା)—ବ୍ୟଂ. ଲଙ୍ଗଳ ଫାଳରେ ଜମା ହେଉଥିବା ଘାସ ଓ ମାଟି

ସାମ୍‌ସୁମ୍—କ୍ରି. ବ୍ୟଂ. ସୁନ୍‌ସାନ

ସାଖ୍ୱ—ବି. ସଖ୍ୱ

ସାମା—ବି. ଘାସ ଜାତୀୟ ଫସଲ

ସାମା∞—କ୍ରି. ଛେଦନ କରିବା, ହାଣିବା
(କୁରାଢ଼ି, ଟାଙ୍ଗିଆ, କଟୁରୀରେ କାଟିବା)

ସାମାଂ—ବି. ସାମନା, କ୍ରି. ସାମନାକୁ ଦେଖିବା, ଦର୍ଶାଇବା, ଦେଖାଇବା

ସାମାନ୍—ବି. ସାମଗ୍ରୀ, ଜିନିଷ ପତ୍ର

ସାମଅଗିର—ବି. ସାମଗ୍ରୀ

ସାମାଚୁର୍—ବି. ସମାଚାର, ସୂଚନା

ସାମାନମ୍—ବି. ସୁନା, କ୍ରି. ସମ୍ମାନଜନକ, ପୂଜ୍ୟ

ସାମିଲ୍—ଅ. ସହିତ, ସମେତ

ସା.ମିଲ୍—ବି. ସାମିଲ, ଏକତ୍ର,
କ୍ରି. ସାମିଲ କରିବା, ଏକତ୍ର କରିବା

ସାମୁକ୍‌ରେ—କ୍ରି. ବି. ସମ୍ମୁଖରେ, କୌଣସି ଜଣଙ୍କର ସାମନା ହେବା

ସାମୁନ୍‌ଦାର୍—ବି. ସମୁଦ୍ର

ସାମୁନ୍‌ଦାର ଫେନ ହୁଲୁ—ବି. ଏକ ପ୍ରକାର ଧାନର ନାମ

ସାମେକ୍—ବି. ପ୍ରତ୍ୟକ୍ଷ, ଦୃଶ୍ୟ, କ୍ରି. ଦୃଶ୍ୟମାନ ହେବା

ସାମେ ସାମେ—କ୍ରି. ବ୍ୟଂ. ଶାନ୍ତ ଭାବରେ, ବନ୍ଧୁତ୍ୱ ଭାବରେ

ସାମେଲାସ୍ତ୍—ବି. ଉପସ୍ଥିତ ସମୁଦାୟ, ସମସ୍ତ

ଉଃ ମହାତ୍ମା ଗା.ନ୍ଧି ଦ ସାମେଲାସ୍ତ୍ ଦିଶମ୍ ହଲକ ସାରିହାଓ ଆକାଦେୟା—ମହାତ୍ମା ଗାନ୍ଧୀଙ୍କୁ ସମସ୍ତ ଦେଶର ଲୋକମାନେ ପ୍ରଶଂସା କରିଛନ୍ତି

ସାମାପ୍ତା—ବି. ସବୁ, ସମସ୍ତ

ସାସ୍ତ୍—କ୍ରି. ସରିଯିବା

ସାସ୍ତ୍—ବି. ଏକଶତ, କାମପାଇଁ ଅଗ୍ରୀମ ଦେବା ପଇସା

ସାସ୍ତଃ—କ୍ରି. ବ୍ୟଂ. ସରି ସରି ଯାଉଥିବା ସ୍ଥିତି

ସା.ସୁକା.—ବି. ଧାନ ରଖିବା ଡୋଲି
ସାସ୍‌ଗାଦ୍—ବି°. ଖସଖସିଆ, କଣ୍ଟାଳିଆ
ସାସ୍‌ଗାଦ୍‌ରଲ୍—କ୍ରି. ବି°. ତୀକ୍ଷ୍ଣ ବାକ୍ୟ, ମର୍ମଭେଦ ଭାଷା,
ରୁକ୍ଷ ସ୍ୱର, କର୍କଶ କରି କହିବା
ସା.ସ୍‌ସ୍ତୁଣା—ବି. ସାହୁ ପଣ୍ଡଣା
ସାଁସ୍‌ତା.ଓ—କ୍ରି. ସନ୍ତାପିତ ହେବା, ଦୁଃଖ କଷ୍ଟ ଦେବା
ସାସ୍‌କାଡା—ବି°. ପ୍ରତିଶତ, ଶତକଡ଼ା
ସାସ୍‌ଦାଂ—ବି°. ଗଛବୃକ୍ଷ ସ୍ଥାନ ପଡ଼ିଆ ବିଶେଷ
ଉନ୍ମୁକ୍ତ ଅଞ୍ଚଳର ସ୍ଥିତି, ଉନ୍ମୁକ୍ତ, ଖୋଲା
ସାସ୍‌ସ୍ୱ ସାହାଲ୍—ବି. ବାଉଁଶ ପାତିଆରେ ତିଆରି ଏକ
ପ୍ରକାରର ମାଛ ଧରିବା ଯନ୍ତ୍ର
ସାସ୍ଲ ବସ୍ଲ—ବି°. ଲମ୍ବା ଓ ପତଳା (ଯୁବା/ଯୁବତୀ)
ସାସ୍ ଶବଦ—ବି. ସଢ଼ା ଶବ୍ଦ କ୍ରି. ସଢ଼ା ଶବ୍ଦ ହେବା
ସାସ୍‌ସାବୁଦ୍—ବି. ଉପଯୁକ୍ତ ପ୍ରମାଣ କ୍ରି. ଉପଯୁକ୍ତ ପ୍ରମାଣ ହେବା
ସାସ୍ୱା—ବି. ଶାସ୍ୱା, ସ୍ତ୍ରୀ ଲୋକମାନେ ଶାଢ଼ୀ ଭିତରେ
ପିନ୍ଧୁଥିବା ଲହଙ୍ଗା
ସାସ୍ୱାଂମେନ୍‌ତେ—କ୍ରି. ବି°. ତୀବ୍ର ଗତିରେ ସାଁଏ୍ କରି ଯିବା
ସାସ୍ୱାଂ ସାସ୍ୱାଂ—କ୍ରି. ବି°. ସାଏଁ ସାଏଁ ଶବଦ ସହିତ
ଜୋରରେ ପବନ ବୋହିବା ପ୍ରକ୍ରିୟା
ସାଁସ୍ୱର୍—ବି. ଏକ ପ୍ରକାର କୁମ୍ଭୀର, କ୍ରି. ପେଟେଇ ପଡ଼ିବା
ସାସ୍ୱାଡ୍ ସାହାଡ୍—କ୍ରି. ବି°. ନିରବଚ୍ଛିନ୍ନ ଭାବେ ପବନ
ବୋହିବାର ପ୍ରକ୍ରିୟା
ସାସ୍ୱାଡ୍ ସୁସୁଡ୍—କ୍ରି. ସିଟି ବଜାଇବା ପ୍ରକ୍ରିୟା
କ୍ରି. ବି°. ଜୋର୍ ଜୋରରେ ସିଟି ମାରିବା
ସାସୁଁମେନ୍‌ତେ—କ୍ରି. ବି°. ଦମକା ପବନ ହଠାତ୍ ବୋହିବା
ସାସୁଁ ସାସୁଁ—କ୍ରି. ବି°. ସୁ ସୁ କରି (ପବନ ବୋହିବା)
ସାଁସ୍‌ ସୁଇଁ—କ୍ରି. ବି°. (ଗହୀରିଆ ନିଦରେ ଶୋଇଥିବା
ବ୍ୟକ୍ତିର) ସୁଁ ସାଁ ଘୁଙ୍ଘୁଡ଼ିମାରି ଶବ୍ଦ
ସାଁସ୍‌ସୁଇଦାରେ—ବି. ଏକ ପ୍ରକାରର ଗଛ
ସା.ସ୍‌ହ୍ନା—ବି°. ସାନ୍ତାଳ ବିବାହର ଏକ ପଦ୍ଧତି, ଏଥିରେ
ସିନ୍ଦୂର ବଦଳରେ କେବଳ ତେଲ ବ୍ୟବହାର କରାଯାଏ

ସା.ଲ୍ଭୁ—ବି. ଧାଡ଼ି, ବନ୍ଧ ଜଳ ଭଣ୍ଡାର
କ୍ରି. ଧାଡ଼ିରେ (ବସିବା, ରହିବା)
ସାଲ୍ଭ—ବି. ଶର, ଶର ଗଛ, ସ୍ଥିରକୃତ
ସାରଅ—ବି. ସାର
ସାର୍‌କାଓ୍ୱ—କ୍ରି. ସରକି ଯିବା, ଘୁଞ୍ଚିବା
ସାର୍‌କାଓ ସାର୍‌କାଓ—କ୍ରି. ବି°. ଘୁଞ୍ଚି ଘୁଞ୍ଚି ଯିବା ପ୍ରକ୍ରିୟା
ସାର୍‌ଗାଲ୍—ବି°. ଢିପର ଜମି, ଖତ ଦିଆ ଜମି
ସାର୍‌ସାରିଆ—ବି°. ବିଶ୍ୱାସ ଭାଜନ, କର୍ମରତ ବ୍ୟକ୍ତି
ସାର୍‌ସାଡ(ଲ)—ବି°. ସଦାବେଳେ
କ୍ରି. ବି°. ଘନ ଘନ (ଆସିବା, ଯିବା, କହିବା)
ସାର୍‌ସ୍ନନ୍ଦ—ବି. ଏକ ଦେବତାର ନାମ
ସାର୍‌ଙ୍ଗାଓ୍ୱ—କ୍ରି. ଚଢିଯିବା, ମୂଷା ଗଛରେ ଚଢ଼ିବା ପ୍ରକ୍ରିୟା
(ରାଗ ଚଢ଼ିଯିବା, ଉତ୍ତେଜନା ଚଢ଼ିଯିବା)
ସାର୍‌ଙ୍ଗା—ବି. ଡାଳୁଆ ମୂଷା
ସାର୍‌ଜମ୍—ବି. ଶାଳ ଗଛ
ସାର୍‌ଠଙ୍ଗା—ବି. ଭୃଣ, ଭୃଣୀର
ସାର୍‌ତାଲ୍—ବି. ପଙ୍କ ତିଆରି ଆଳୀ, ପଙ୍କ ମେଳିଥିବା ଅବସ୍ଥା
ସାର୍‌ତାଲି° —ବି. ଏକପ୍ରକାରର ଗଛ ଔଷଧରେ ଲାଗେ
ସା.ର୍ଥି—ବି. ସାହାଯ୍ୟକର୍ତ୍ତା, ଅଗ୍ରସ୍ଥ କର୍ତ୍ତା
ସା.ର୍ଦ୍ଧ—ବି°. ଜୋରସୋରରେ
କ୍ରି. ବି°. ଜୋର ସୋରରେ (କାମ କରିବା ପ୍ରକ୍ରିୟା)
ସାର୍‌ଦାଡୁର୍—ବି°. ମିଶ୍ରିତ (ଦ୍ରବ୍ୟ) ନକଲି (ଜିଣାଦ୍ରବ୍ୟ)
ସାର୍‌ପାଟ୍—କ୍ରି. ଶେଷ କରିବା
ସାରପାଟ୍ ମେନ୍‌ତେ—କ୍ରି. ବି°. ସଟାକ କରି (ପିଟିବା)
ସାର୍‌ପାଟ୍ ସାର୍‌ପାଟ୍—କ୍ରି. ବି°. ଘୋଡା ଦୌଡ଼ିର ଶବ୍ଦ ହେବା
ସାରପାଂ ଆଡାଙ୍ଗ୍—କ୍ରି. ବି°. ରାତିସାରା ଘୁରି ବୁଲିବା/
କୌଣସି କାମରେ ଲାଗି ରହିବା
ସାର୍‌ଫାଲ୍—କ୍ରି. ବି°. ବ୍ୟାକୁଳ ହୋଇ (ବୁଲିବା)
ଦୁଆର ବନ୍ଦ କରିବା ଶବ୍ଦ
ସାର୍‌ଫାଡ୍ ସାର୍‌ଫାଡ୍—କ୍ରି. ବି°. ଦୁଆର ବନ୍ଦ କରିବାର
ଧଡ ଧଡ ଶବ୍ଦ ପ୍ରକ୍ରିୟା

ସାର୍ଫାଡ୍ ମେନ୍‌ତେ—କ୍ରି. ବି. ଧଡ଼ାଣ କରି (ଦ୍ୱାର ବନ୍ଦ କରିବା)

ସାର୍ବାଜାଓ୍—କ୍ରି. ଶର ବାଜିବା

ସାର୍ବାଟାର୍—କ୍ରି. ବିଭିନ୍ନତା ଦର୍ଶାଇବା

ସାରଷ୍ଟର୍—କ୍ରି. ବ୍ୟବସ୍ଥା କରିବା, କ୍ରି. ବି. ବ୍ୟବସ୍ଥା କରିବା

ସାର୍ମାଁୟାଁମ୍—ବି. ଶର ବାଜିବା କ୍ଷତରୁ ନିର୍ଗତ ରକ୍ତ
କ୍ରି. ଶର ମାରି ପଶୁକୁ ଘାଇଲ କରିବା

ସାର୍ଲଂ—ବି. ଛେଲି, କ୍ରି. ଛେଲି ଗୋଡ଼ରେ ପଶିଯିବା

ସାର୍ଲହା—ବି. ଭଙ୍ଗୁର, ଭାଙ୍ଗିଯିବା କାଠ ଯାହା ସହଜରେ ଭାଙ୍ଗେ

ସାର୍ଅ ଟେଣେ—ବି. ଶାଗୁଆ ଚଢ଼େଇ

ସାରସ୍—ବି. ଶ୍ରେଷ୍ଠ, ପ୍ରଶଂସନୀୟ

ସାର୍ନା ଧରମ୍—ବି. ସାନ୍ତାଳଙ୍କ ଧରମର ନାମ

ସାର୍ ସାଗୁନ୍—କ୍ରି. ଶୁଭ ସ୍ଥିର କରିବା, ବି. ଶୁଭ

ସାର୍ସାବ୍‌ଲେ—କ୍ରି. ବି. ବିସ୍ତୃତ ହୋଇଥିବା ସ୍ଥିତି
କ୍ରି. ବିସ୍ତୃତି ପଡ଼ିଥିବା ସ୍ଥିତି

ସାର୍ହାବ୍—ବି. ସୀମା

ସାର୍ହାଓ୍—କ୍ରି. ପ୍ରଶଂସା କରିବା (ହେବା)
ବି. ପ୍ରଶଂସା, ଧନ୍ୟବାଦ

ସାର୍ହାଡ୍—ବି. ଲମ୍ବା ଓ ସିଧା

ସାର୍ହାଓନ—ବି. ପ୍ରଶଂସା ହେବାର ଯୋଗ୍ୟ, ପ୍ରଶଂସନୀୟ

ସାର୍ହେ—କ୍ରି. ପତ୍ର ବାହାରି ବଢ଼ିବା, ପଲ୍ଲବିତ ହେବା

ସାରୁ—ବି. ଚଡ଼ା, ଲୁଇ

ସାରୁଂ ମେନ୍‌ତେ—କ୍ରି. ବି. ଖରର ଖରର ଶବ୍ଦ ହେବା ପ୍ରତିଧ୍ୱନି, ଘୁଞ୍ଚୁଣିରେ ଖରକିବା ଶବ୍ଦ

ସାରୁଂ ସାରୁଂ—କ୍ରି. ବି. ଘୁଞ୍ଚୁଣିରେ ଖରକିବା ଶବ୍ଦ ପ୍ରତିଧ୍ୱନି

ସାରେଗ୍—ବି. ସ୍ୱର୍ଗ, ଆକାଶ

ସାରେଗ୍ ପାତାଲ୍—ବି. ସ୍ୱର୍ଗ ଓ ପାତାଳ

ସାରେଗ୍ ପାତାଲେ—ବି. ସ୍ୱର୍ଗ ଓ ପାତାଳରେ, ତୀବ୍ର ଅନୁଶୋଚନା

ସାରେଗ୍ ପାତାଲଂ—କ୍ରି. ବି. ମନ ଉଚ୍ଛନ୍ନ, ଦୁଃଖରେ ଜର୍ଜରିତ ହେବା

ସାରେଗ୍‌ବାଡ—ବି. ଅଗ୍ନିବାଣ, ଆତସବାଜି ଯାହା ଆକାଶରେ ଫୁଟି ଉଜ୍ଜ୍ୱଳ ଦିଶେ, ଚନ୍ଦ୍ର ଆଲୁଅ

ସାରେବେଲେ—ବି. ସଦାବେଳେ

ସାରେ ଦିନ—ବି. ଦିନସାରା

ସାରଙ୍ଗି—ବି. ସାରଙ୍ଗୀ ବାଜା

ସାରେଚ୍ ସୁରୁଚ୍—କ୍ରି. ବି. ଶର୍ଦ୍ଦି ହେବାରୁ ନାକରୁ ସିଂଘାଣି ବାହାରିବା ପ୍ରତିଧ୍ୱନି
କ୍ରି. ଛିଙ୍କିବା ଓ ସୁର ସୁର ହେବା

ସାରେଦ୍ ଦା.ହାଣ୍ଡି—ବି. ଶଳା ପଗଣ୍ଡି
(ବିବାହ ବେଳେ ବର ପକ୍ଷରୁ କନ୍ୟାର ସାନ ଭାଇ ପାଇଁ ଦିଆଯାଉଥିବା ଧୋତି)

ସାର୍ସାଓ୍—କ୍ରି. ସ୍ୱତଃ ବୃଦ୍ଧି ହେବା, ଆପେ ଆପେ ପୁନଃ ବୃଦ୍ଧି ହେବା

ସାରାପ୍—ବି. ଅଭିଶାପ

ସାରାପିସ୍—ବି. ଅଭିଶାପ ଦେବା ବାଲା

ସାରାସୁର୍—କ୍ରି. ସମସ୍ତ ବିବରଣ ଦେବା

ସାରାମ୍—ବି. ସମ୍ବର, ହରିଣ

ସାରାମ୍ ବାଟେୟା—ବି. ବଡ଼ ଆକାରର ଗୁଣ୍ଡୁଚି ମୂଷା

ସାରାମ୍ ଲଟୁର୍—ବି. ଏକ ପ୍ରକାରର ଜଙ୍ଗଲି ଝୁମ୍ପୁଡ଼ା ଗଛ ଔଷଧରେ ଲାଗେ

ସାରାସ୍ ଭଦାସ୍—କ୍ରି. ବି. ଅବ୍ୟବସ୍ଥିତ ଭାବରେ କରିବା

ସା.ରା.ସ୍ଂ—ବି. ସରାଇ, ମୁସାଫିର ଖାନା

ସାରାଓ—କ୍ରି. ଶେଷ କରିବା, ସହ୍ୟ ପାରିବା ଗୁଣ, ସହିବା

ସା.ରି—ବି. ସତ, ନିଶ୍ଚିତ, ଠିକ୍ ବି. ସତ୍ୟ କ୍ରି. ସତ୍ୟ ହେବା

ସା.ରିଟେଣେ—ବି. ସାରି ପକ୍ଷୀ

ସା.ରିକାଥା—ବି. ସତ୍ୟ କଥା

ସା.ରିକ୍—ବି. ଭାଗ, ଅଂଶ

ସାରିକଦାର—ବି. ଭାଗିଦାର, ଅଂଶୀଦାର

ସା.ରିଯୁଦବଙ୍ଗା—ବି. ଏକ ଦେବତାର ନାମ, ଭଗବାନ ହିଁ ସତ୍ୟ

ସାରନା ∞ —ବିଂ. ସତ୍ୟ କଥା

ସା.ରଧରମ—ବି. ସତ୍ୟ ହିଁ ଧର୍ମ

ସା.ରସ୍ମାଃ—ବି. ସତ୍ୟ ସିଦ୍ଧ

ସା.ରହଲ୍—ବି. ପ୍ରକୃତ ମଣିଷ

ସାରୁ—ବି. ସାରୁ

ସା.ରୁ ∞ ସା.ରୁ ∞ —କ୍ରି. କଚ କଚ କରି ସେବାଇବା

ସାରେଳ୍—ବି. ଅବଶିଷ୍ଟ

ସାରେଡ୍ (ଲ୍)—କ୍ରି. ପୂର୍ଣ୍ଣ ହୋଇ ଝଡ଼ିପଡ଼ିବା

ସାଲ୍—ବି. ବର୍ଷ, ସାଲ କମାର ଶାଳ, ମଦଭାଟି, ଶାଳ

ସାଲ୍ କଚରକ୍—ବି. ଊଲ୍ ଲୁଗା

ସାଲ୍ଗା—ବି. ଏକ ପ୍ରକାରର ଗଛ

ସାଲ୍ଗାମ୍—ବି. ସାଲଗମ୍

ସାଲ୍ଗାଓ୍ୱ—କ୍ରି. ନିଆଁ ଜଳାଇବା

ସାଲ୍ ମୁଙ୍ଗାରିହୁକୁ—ବି. ଏକ ପ୍ରକାର ଧାନର ନାମ

ସାଲ୍—କ୍ରି. (ଆଙ୍ଗୁଠି ସାହାଯ୍ୟରେ ଚାଉଳ, ଶାଗ, ଶସ୍ୟ ଆଦିରୁ) ଅଲଗା ମଲଗା ଜିନିଷ ବାହାର କରିବା, ବାଛିବା

ସାଲ୍—ବି. ଶଳା

ସାଲ୍ ∞ —ଅ. ସହିତ

ସାଲଗ୍—କ୍ରି. ମିଶ୍ରଣ କରିବା

ସାଲମ୍—କ୍ରି. ସଲାମ୍ କରିବା

ସଲସ୍—ବିଂ. ପ୍ରଥମତଃ, ହାଲ୍ରେ, ହାଲି, ନିକଟ ସମୟରେ ନୂଆ ନୂଆ

ସାଲ୍—ବି. ଶାଳ,

ସା.ଲସ୍—କ୍ରି. ବୁଝାମଣା କରି ନେବା, ସାଲିସ କରିବା

ସା.ଲସ୍ଦାର୍—ବି. ପଞ୍ଚାୟତ

ସାଲିସି—କ୍ରି. ପଞ୍ଚାୟତ ଦ୍ୱାରା ମୀମାଂସା କରିବା

ସା.ଲୁକ୍—ବି. ଲାଲ୍ କଇଁ

ସା.ଲୁକ୍ବାହା—ବି. କଇଁଫୁଲ

ସାଲୁବାଲୁ—କ୍ରି. ବିଂ. ସାଲୁବାଲୁ

ସାଲେ ସାଲ୍—କ୍ରି. ବି. ପ୍ରତିବର୍ଷ, ବର୍ଷକୁ ବର୍ଷ ହେବା

ସାଁଲ୍ଁକ୍—କ୍ରି. ଅଣ୍ଟାପଟି ମିଳିବା

ସାଁଓ୍ୱଁ—ବିଂ. ସାଥି, ସାଙ୍ଗ

ସାଁଓଁଆନ୍—ବିଂ. ସାଥି ଥିବା (ଲୋକ), ସାଙ୍ଗ ଥିବା (ଲୋକ)

ସାଁଓ୍ୱରକ୍—ବି. ଏକ ପ୍ରକାର ଗଛ

ସାଁଓ୍ୱରାଁଓ୍ୱ—କ୍ରି. ଶାନ୍ତ କରିବା, ହାତ ମାରି ଶାନ୍ତ କରାଇବା

ସାଓଁସାଓଁ—କ୍ରି. ବିଂ. ସାଥି ସାଥି ହୋଇ (ଯିବା)

ସାଁଓ୍ୱଁହା—କ୍ରି. ସଜାଡ଼ି ରଖିବା

ସାଓ୍ୱଁଲା (ଣା)—ବିଂ. ପାଉଁଶିଆ ରଙ୍ଗର (ପଶୁ)

ସାଁଓ୍ୱାସ୍ୱଁ—ବିଂ. ଭଲ ଫସଲ ହେବାର ଜଳବାୟୁ ବର୍ଷ
ବି. ଉତ୍ତମ ସମୟ

ସାଁଓ୍ୱାର୍—ବି. ସୁଧାର, ସିଧା, ସିଧା ସ୍ୱଭାବ ବାଲା
କ୍ରି. ସୁଧାର ହେବା, ସିଧା କରିବା,
ସିଧା ସ୍ୱଭାବ ବାଲା ହେବା

ସାଁସ୍ ବେମାର୍—ବି. ଶ୍ୱାସ ରୋଗ

ସାଂସଲ୍ବଣ୍ଡ୍—ବି. ଅଜଗର ସାପ

ସାସ୍ତା—ବିଂ. ଶସ୍ତା କ୍ରି. ଶସ୍ତା ହେବା

ସାସ୍ତି—ବି. ଶାସ୍ତି

ସାଃସାନା—କ୍ରି. ଇଚ୍ଛା ହେବା

ସାଃସାନାଆଃ—ବି. ଇପ୍ସିତ, ଇଚ୍ଛିତ, ଇଚ୍ଛାହେବା ଯୋଗ୍ୟ

ସାସନ୍—ବି. ଶାସନ

ସାସାଂ—ବି. ହଳଦୀ

ସାସାଂଆରିଃ—ବିଂ. ହଳଦୀ ବର୍ଣ୍ଣ, ହଳଦିଆ ରଙ୍ଗ

ସାସାଂ ଗାଲ୍ଁଚ—ବି. ଏକ ପ୍ରକାରର ପକ୍ଷୀ

ସାସଂଚେଣେ—ବି. ହଳଦୀ ରଙ୍ଗର ଚଢ଼େଇ

ସାସାଂକାଟା—ବିଂ. ବିଜାଗିସ୍ତ

ସାସାଂତରି—ବି. ହଳଦିଆ ଅଣ୍ଟାସୂତା

ସାସାଂଦାଆ—ବି. ହଳଦୀକନ୍ଦା

ସାସାଂଦା ∞ —ବି. ହଳଦୀପାଣି କ୍ରି. ହଳଦୀ ପାଣିରେ ଧୋଇ ଦେବା

ସାସାଂଦାକା—ବି. ହଳଦୀ ମିଶା ଭାତ

ସାସାଂପିଅ—ବି. ହଳଦୀ ବସନ୍ତ

ସାସାଂବାହା—ବ. ହଳଦୀ ଫୁଲ

ସାସାଂବେଡା—ବ. ସାନ୍ତାଳଙ୍କ ପୂର୍ବପୁରୁଷଙ୍କ ଏକ ଦେଶର ନାମ

ସାସାଂବହଃ—ବ. ହଳଦୀ କନ୍ଦାର ମୁଣ୍ଡି

ସାସଂଗଭ୍ ଗୁଲ୍‌ଗୁ—ବ. ଶୀଳପୁଆ, ଶୀଳପତା

ସାସାଂଗଭ୍ ଧିରି—ବ. ଶୀଳ ପଥର

ସାସାଂସଜେ/ସାସାଂସୁଲେ—ବ. ହଳଦୀ ଗୁହଳ ଓ ମାଂସ ଖେଚୁଡ଼ି

ସାସାରଲ୍ଂ/ସାସାଲ୍ଂ—କ୍ରି. ବିଂ. ଅବିରତ

ସାସାଲ୍—କ୍ରି. ବିଂ. ବାଛୁ ସଫା କରିବା ପ୍ରକ୍ରିୟା

ସାଁ-ସୁଁଃ—କ୍ରି. ବିଂ. ଜୋରରେ ନିଃଶ୍ୱାସ ନେବାର ପ୍ରକ୍ରିୟା, ଜୋରରେ କାଶିବା, ଧଇଁ ସଇଁ ହେବା, ଧଇଁ ସଇଁ

ସାସୁର—ବ. ଶ୍ୱଶୁର

ସାସେନ୍ଦ୍—କ୍ରି. ଦୁଃଖ ହେବା, ଦୁଃଖ ଦେବା
ବ. କଷ୍ଟ, ଦୁଃଖ

ସାହ୍‌ଡା—ବିଂ. ଶକ୍ତ

ସାହ୍‌ଡା (ଲା) ଦାରେ—ବ. ସାହାଡା ଗଛ

ସାହ୍‌ଡା ଂ ମେନ୍‌ତେ—କ୍ରି. ବିଂ. ଧଡାସ୍ କରି (ପଡ଼ିବା)

ସାହ୍‌ଡା ଂ ସା-ହାଡା ଂ—କ୍ରି. ବିଂ. ଧଡାସ ଧଡାସ ଶବ୍ଦ ସହ

ସା-ହବ୍—କ୍ରି. ଧାରଣ କରିବା, ଧରିବା, ରହିବା

ଉ: ଅନା ଅଲା ଂ ରେ ଇନାଂ ହଲ୍‌ବାକ ସା-ହବ୍‌ଆ
ସେ ଘରେ ସେତେ ଲୋକ ଧରିବେ ନାହିଁ

ସାହା—କ୍ରି. ଦୂରେଇବା

ସାହାଜ୍—ବିଂ. ସହଜ, ସରଳ, ହାଲୁକା

ସାହାଓ୍—କ୍ରି. ସହିବା

ସାହାନ୍—ବ. ଜାଳେଣି କାଠ କ୍ରି. ହଟିଯିବା, ଦୂରେଇ ଯିବା

ସାହ.ନ—ବ. ଖୁଚୁରୁଣୀ, ଖୁଚୁରା ବେପାରୀ, ଦୋକ୍ତା ବକାଲୀ

ସାହାନ ସାକାମ୍—ବ. କାଠ ପତ୍ର

ସାହ୍‌ବଭ୍—କ୍ରି. ସୁବିଧା ହେବା

ସାହାର୍—ବ. ଏକ ଗଛର ନାମ କ୍ରି. ବଳକା ହେବା, ଅଧିକ ହେବା

ସାହାର ଗବର୍—ବ. ଖାଦ କ୍ରି. ଖାଦ ଦେବା

ସାହାର ବେଡା—ବ. ସାନ୍ତାଳଙ୍କ ପୂର୍ବ ପୁରୁଷଙ୍କର ଏକ ଦେଶର ନାମ

ସା.ହାସ୍—ବ. ସହାୟତା କ୍ରି. ସହାୟତା କରିବା, ଦୂରେଇ କରି ରଖିବା

ସାହାର ଲୁଣ୍ଡା—ବ. ସାନ୍ତାଳର ଏକ ପର୍ବର ନାମ

ସାହାଓ୍ ଲହାଓ୍—କ୍ରି. ସହନଶୀଳତା

ସାହାସ୍—ବ. ସାହସ କ୍ରି. ସାହସ କରିବା

ସାହାସିୟା. ସାହାସଆନ—ବ. ସାହସୀ

ସାହି—ବ. ସାହି, ପଲ୍ଲୀ

ସାହିତସ୍—ବ. ସାହିତ୍ୟ

ସାହିଜୁହି—କ୍ରି. ବ୍ୟବସ୍ଥା କରିବା

ସାହୁ—ବ. ସାହୁ, ବେପାରୀ, ଋଣଦାତା

ସାହୁଲ—ବ. ସାହୁଲ

ସାହେଦ୍—ବ. ନିଃଶ୍ୱାସ

ସାହେଦ୍ ଦାଲେ—ବ. ସହଯୋଗ

ସାହେଦ୍ ସାକାମ୍—ବ. ଏକ ପ୍ରକାର ଗଛର ନାମ

ସାହେବ୍—ବ. ସାହେବ, ଗୋରାଲୋକ

ସାହେବ୍‌ଆଣି—ବ. ଇଉରୋପୀୟ ନାରୀ

ସାଁ ହାଁ—ଅ. ହଁ

ସାଡ୍ (ସାଲ୍)—କ୍ରି. ଖୋଲିଯିବା, ଫୁଟିବା ବିଂ. ଫୁଟିଥିବା
ବ. ଶ୍ରେଷ୍ଠ ଆକାର ନାଗରା

ସଡ୍‌ପା/ସାଲ୍‌ପା—ବ. ଗୁଡପିଠା ପିଠଣା

ସାଡ୍‌ପାସ୍ଂ/ସାଲ୍‌ପାସ୍ଂ—କ୍ରି. ବିଂ. ବେପରବାୟ ସହିତ (ବଢ଼ିବା)

ସାଡ୍‌ଫାଡ୍ୟା/ସାଲ୍‌ଫାଲ୍ୟା—ବିଂ. ଚତୁର ହଡବଡିଆ

ସାଲ୍‌ଲ.ଟିଚ୍—କ୍ରି. ବିଂ. ଖୋଲିକରି ଦେଖିବା ପ୍ରକ୍ରିୟା

ସାଡାସାଡଣ୍ଡ୍—ବ. ନିଃସ୍ତବ୍ଧ, ଶୁନ୍ ଶାନ୍ ସମସ୍ତ

ସା.ଡ୍ରି/ସା.ଲି—ବ. ଫଳ ଉପରିସ୍ଥିତ ପତ୍ର

ସାଡି/ସାଲି—ବ. ଶାଢ଼ୀ ଲୁଗା

ସାଡ଼ମ୍ ସାଲମ୍—ବି. ଛପର, ସ୍ଥଳ

ସି—ବି. ହଳୁଣି କ୍ରି. ଚାଷ କରିବା, ଲଙ୍ଗଳରେ ଚାଷ କରିବା

ସିଆଡାଙ୍ଗ୍—କ୍ରି. ବର୍ଷା ହେତୁ ବର୍ଷସାରା ଚାଷ କରିବା ପ୍ରକ୍ରିୟା

ସିଆଂ ସାସ୍ଥାଂ—କ୍ରି. ବିଂ. ଓଦା ଜାଳେଣି ସେଁ ସେଁ କରି ଜଳିବା ପ୍ରକ୍ରିୟା, ଅଣ୍ଡା ପଚନ ହୋଇବା

ସିଆ.ଣିଆ.—ବିଂ. ଚତୁର, ଚଲାକ

ସିଆର୍—ବି. ଲଙ୍ଗଳ ଗାର

ସିଆଲ୍—ବି. ଶୃଗାଳ, ଗିଧ

ସିଆ.ଡା—ବି. ବନସି, ବନସି ଡାଙ୍ଗ

ସିଉଲ୍ ସିଉଲ୍—କ୍ରି. ବିଂ. ଜୋର ଜୋର ସିଟି ମାରିବା ପ୍ରକ୍ରିୟା

ସିଉଲ୍ ମେନ୍‌ତେ—କ୍ରି. ବିଂ. ହଠାତ୍ ସିଟି ମାରିବା

ସିଆଁ ତଂ—କ୍ରି. ଅସମୟରେ ହଳ କରିବା, ହଳ ଯୋଡ଼ିବା

ସିଉଲ—ବି. ସିଉଳ, ପାଣି ସିଉଳ

ସିକ୍—ଅ. କାରଣ

ସିକ୍—ବି. ହୁକ୍କା ସଫା କରିବା ଲୁହାଦଣ୍ଡ

ସିକ୍‌ଟାଂଗା—କ୍ରି. ସ୍ଥଗିତ କରିବା

ସିକ୍‌ନାଉ—ବି. ଶିକ୍ଷା, କ୍ରି. ଶିକ୍ଷାଦେବା, ଶିଖାଇବା

ସିକ୍‌ଲାଓ୍ୱ—କ୍ରି. ଶିକ୍ଷାଦେବା, ଶିଖାଇବା

ସିକ୍‌ସିକାଓ୍ୱ—କ୍ରି. ରାଗ ତମ ତମ ହେବା, ଉତ୍ତେଜିତ ହେବା

ସିକ୍‌ତିଁକ୍—ବି. ମଶା

ସିକ୍‌ଓ୍ୱାର୍—କ୍ରି. ମାଟି ପାଣିରେ ଫାଟ ପଡ଼ିବା

ସିକା.—ବି. ହାତରେ ଦିଆଯିବା ପୋଡା ଦାଗ
କ୍ରି. ଦାଗ କରିବା ପାଇଁ ପୋଡ଼ିବା

ସିକା.ଉ—କ୍ରି. ଶିଖାଇବା

ସିକା.ଟ୍‌ଦାରେ—ବି. ସିକଳା, ଅଡାଣ୍ଡି ଗଛ

ସିକା.ର—ବି. ଶିକାର

ସିକା.ରିୟା—ବିଂ. ବାଣୁଆ, ଶିକାରୀ

ସିକା.ଓ୍ୱନା—ବି. ଶିକ୍ଷା, ଶିକ୍ଷିତ କ୍ରି. ଶିକ୍ଷା ଦେବା, ଶିକ୍ଷିତ କରିବା

ସିକ—ବି. ସୁଉକ, ସୁରଅଣି

ସିକଲ୍—କ୍ରି. କଲ୍ ବଲ୍ ଲଗିବା, ଖରାପ ଲଗିବା, ପୋଡ଼ାଫାଡ଼ ହେବା

ସିକଲିଁର୍—ବି. ମଶା

ସିକଲ—ବି. ସିଙ୍କୁଳ, କବାଟରେ ଦେବା ଜଞ୍ଜିର

ସିକମ୍—କ୍ରି. ସମାପ୍ତ କରିବା

ସିକଲ୍—ବି. ଶାଣ ପଥର କ୍ରି. ଶାଣ ଦେବା, ଧାର କରିବା

ସିକଲ୍‌ଦାର୍—ବି. ଏକ ପ୍ରକାର ଜାତି ଯେଉଁମାନେ ଲୁହା ସବୁକୁ ପକାନ୍ତି ବା ଶାଣ ଦିଅନ୍ତି

ସିକ ସିକଃ—କ୍ରି. କ୍ରୋଧରେ ଲାଲ ପଡ଼ିଯିବା
ଅତି ଉତ୍ତେଜିତ ହୋଇଯିବା

ସିକୁବ୍—କ୍ରି. ସ୍ୱତଃ ବନ୍ଦ ହେବା, ନିବୁଜ କରିବା

ଉଃ ଉବୁଦ ବାହା ଫା.ଖ୍‌ଡା.ତେ ସିକୁବ୍‌ଏନାୟ - ଭଅଁର ଫୁଲ ପାଖୁଡ଼ାରେ ଆପେ ଆପେ ବନ୍ଧ (ବନ୍ଦ) ହୋଇଗଲା

ସିକୁଓ୍ୱାର୍—ବି. ଶିକା

ସିକଅଲ୍—ବି. କୁଟା (ପୁଆଲ) ତିଆରି ସରୁ ଦଉଡ଼ି
କ୍ରି. କୁଟାର ସରୁ ଦଉଡ଼ି ତିଆରି କରିବା/ବଟିବା

ସିକେ—ଅ. ଅତଃ, ତେଣୁ

ସିଖ୍—ବି. ଶିଖ୍ କାଠ

ସିଖା.ତ—ବିଂ. ଶିକ୍ଷିତ କ୍ରି. ଶିକ୍ଷିତ ହେବା

ସିଖା.ଉ—କ୍ରି. ଶିକ୍ଷା ଦେବା

ସିଖା.ଉ ସାଲ୍‌ହାଓ୍ୱ—ଶିଖାଇବା ପଢାଇବା, ପଢାପଢି ଶିଖିବା

ସିଖା.ରି—ବି. ଏକ ପ୍ରକାରର ସାନ୍ତାଳ ଜାତର ନାମ
ସାନ୍ତାଳର ପୂର୍ବ ପୁରୁଷଙ୍କ ଏକ ଦେଶର ନାମ

ସିଗ୍‌ର୍—କ୍ରି. ଶୀଘ୍ର କରିବା

ସିଗାରେଟ୍—ବି. ସିଗାରେଟ୍

ସିଗି—କ୍ରି. ଛେଦ ବଢାଇବା, ଖାଲ/ଗାତ ବଢ଼ାଇବା

ସିଗିକ୍ ସିଗିକ୍—ବିଂ. ଅସ୍ତବ୍ୟସ୍ତ, ତତ୍ପର କ୍ରି. ଅସ୍ତବ୍ୟସ୍ତ ହେବା, ତତ୍ପର ହେବା

ସିଗିବିଗି—କ୍ରି. ବିଂ. ଅତ୍ୟଧିକ (ହାତ ବା ଗୋଡ଼ ଦ୍ୱାରା କରାଯିବା ପ୍ରକ୍ରିୟା)

ସିଗିଲ୍ ବିଗିଲ୍—କ୍ରି. ବିଂ. ଅସ୍ତବ୍ୟସ୍ତ ହୋଇଯିବା

ସିଁ—ବି. ସିଂହ ପଦକ୍ଷା

ସିଂଗା—ବି. ତୁରୀ, ସିଙ୍ଗାବାଜା

ସିଂଗାଦାରୁ—ବିଂ. ତୁରୀ ବାଦକ, ସିଙ୍ଗାଫୁଙ୍କାବାଲା

ସିଂଗାରୁ—ବି. ଶୃଙ୍ଗାରୁ. ଏକ ପ୍ରକାର ଗଛର ନାମ
କ୍ରି. ଶୃଙ୍ଗାର କରିବା, ବାଣ ପେସିବା, ମନ୍ତ୍ର କରି
ଅନ୍ୟର କ୍ଷତି କରିବା

ସିଂଗା.ଡ୍ (ଲ୍)—ବି. ସନ୍ଧ୍ୟାକାଳ, ମାଛି ଅନ୍ଧାର ପର କାଳ
ବଡ ଝସର ଗୋଟି

ସିଂହାସନ—ବି. ସିଂହାସନ

ସିଂହନ୍—ବି. ସିଂହ

ସିଂହନଦିପ୍—ବି. ସିଂହଳ ଦ୍ୱୀପ

ସିଂହନ୍ ଖଡୁଆ—ବି. ପ୍ରଜାପତି / ଝସର ପୋକ ଆଦିଙ୍କ ଲାରବା
(ଲାଲରୁ ଉତ୍ପନ୍ନ ଜୀବ)

ସିଂହନ ମାରିଚ—ବି. ସୂର୍ଯ୍ୟମୁଖୀ ମରିଚ

ସିଂହନ୍ ହା.କୁ—ବି. ସିଂହ ମାଛ

ସିଂହ ମାଥା—ବି. ସିଙ୍ଗ ଓ ମୁଣ୍ଡ

ସିଂହଅ—ବି. ବି. ସିଂହ

ସିଚ୍କାଝୁବ୍—ବି. କାଣିଆଙ୍ଗୁଠି

ସିଚ୍ବଡ୍ରିଚ୍—ବି. ଏକ ପ୍ରକାର ଗଛ ଯାହାର ଫୁଲ ହୁଏ ନାହିଁ

ସିଚ୍ ସିଚ୍—କ୍ରି. ସିଟି ଧୀରେ ଧୀରେ ବଜାଇବା ପ୍ରକ୍ରିୟା

ସିଜ୍ଦାରେ—ବି. ସିଜୁଗଛ

ସିଞ୍ଜ୍—ବି. ଦିନ କ୍ରି. ଦିନ ହେବା, (ଦ୍ୱାର) ବନ୍ଦ କରିବା

ସିଞ୍ଜ୍ ଆଲା ◌ଂ—ବି. କଞ୍ଚନ ସାଗ, କାସୁଡାର ସାଗ

ସିଞ୍ଜ୍ ଗେ ସିଞ୍ଜା/ସିଞ୍ଜ୍ ଗେ ଞିଦା—କ୍ରି.ବିଂ. ଦିନସାରା, ଅନବରତ
(ହେଉଛି, ଚାଲିଛି)

ସିଞ୍ଜ୍ ଚାନ୍ଦ—ବି. ସୂର୍ଯ୍ୟ (ଦିନର ଦେବତା)

ସିଞ୍ଜ୍ ଚାନ୍ଦ ଜେରେଡ୍ ଦାଗ୍—ବି. ଲହସନ, ଜନ୍ମଦାଗ

ସିଞ୍ଜ୍ ଜଅ—ବି. ବେଲ

ସିଞ୍ଜ୍ ଦୁଆରୁ—ବି. ସିଂହଦ୍ୱାର

ସିଞ୍ଜ୍ ବାହନ—ବି. ସିଂହବାହନ ଦୁର୍ଗା

ସିଞ୍ଜ୍ ବିର—ବି. ସାନ୍ତାଳି ଲୋକ କଥାରେ କଥିତ ଏକ
ଜଙ୍ଗଲର ନାମ

ସିଞ୍ଜ୍ ବଙ୍ଗା—ବି. ସୂର୍ଯ୍ୟଦେବତା

ସିଞ୍ଜ୍ ମାରସାଲ୍—ବି. ସୂର୍ଯ୍ୟ ଆଲୁଅ, ଦିନର ଆଲୋକ

ସିଞ୍ଜ୍ ଲାସୁ ଞିନ୍ଦାଲାସୁ—କ୍ରି. ବିଂ. ଦିନ ତମାମ୍ ଓ
ରାତି ତମାମ୍

ସିଞ୍ଜ୍ ସା.ହୁବ୍—କ୍ରି. ବିଂ. ସର୍ବଦା, ଦିନ ରାତି, ନିରନ୍ତର

ସିଞ୍ଜ୍ ସାକମ—ବି. କାଠଘୋଡା, ଏହାକୁ ଲୋକେ ନଚାନ୍ତି

ସିଟ୍—ଇଂ ବି. seat ବସିବା ସ୍ଥାନ

ସିଟ୍କା.—ବି. ପତଳା ବାଉଁଶ କଣି, ପତଳା ଲୁହା ଛଡ଼
ବିଂ. ପତଳା ଓ ସରୁ କ୍ରି. ପିତୁଲା ରୋଗର ଝିଟ୍କା

ସିଟ୍କଅକ୍—କ୍ରି. ଦାନ୍ତ ଉଖାଡ଼ି ଦେବା, ଶୁଖିଯିବା,
ନିସ୍ୱଣ ହେବା

ସିଟ୍ଓ୍ୱାସାଡେ—କ୍ରି. ବିଂ. ବାହାଡ଼ା ଦାନ୍ତ ହେବା,
ଉଲୁଡ଼ା ଉଲୁଡ଼ି କରିଦେବା, ଅସ୍ତବ୍ୟସ୍ତ କରି
ରଖିବା ପ୍ରକ୍ରିୟା

ସିଟ୍ଖଣ୍ଡ୍—କ୍ରି. ବିଂ. ଅଶ୍ଳୀଳତା ପୂର୍ବକ

ସିଟ୍ନା ଶବଦ୍—ବିଂ. ସ୍ଥିତ, ଅବସ୍ଥିତ, ସତ୍ତା ଶବଦ୍ ବିଶ୍ୱାନ
ଉ: ସିଟ୍ନା ଶବଦ ଅକାସ୍ ବଲ୍ କାନ ନଆ ଅଲା ◌ଂ ତେ
ସତ୍ତା ଶବ୍ଦ କିଛି ନାହିଁ ଏ ଘରେ କିଏ ପଶେ

ସିଟ୍ସିଟି—ବିଂ. ଦାନ୍ତଗିଜ୍ଡା ବେରୁପା, ଅସୁନ୍ଦରିଆ
ଚେହେରା ବାଲା

ସିଟା.ପ୍—ବି. ଫାଶ, ଜାଲ, ପନ୍ଦା

ସିଟାପ୍ ସିଟାପ୍—କ୍ରି. ବିଂ. ଖଟ୍ ଖଟ୍ (ଶବ୍ଦ)
ଦାନ୍ତକୁ ଦାନ୍ତ ବାଜିବା ଶବ୍ଦ

ସିଟାମ୍ କାଁଗଜ୍—ବି. ମୋହର ଦିଆ କାଗଜ

ସିଟାର୍ ପାଟାର—କ୍ରି. ବିଂ. ହୁଗୁଲା ହୁଗୁଲ, ବେମଜଭୁତିଆ,
ଝିଅଟ ଝିଅଟ ସଜ ହେବା ପ୍ରକ୍ରିୟା

ସିଟା.ଲ୍ ମିଟା.ଲ୍—କ୍ରି. ହତାଶ ହେବା, ନିସ୍ୱଣ ହେବା

ସିଟି—ବି. ସିଟି କ୍ରି. ସିଟି ବଜାଇବା

ସିଟାଃସାବାଃ—ବିଂ. ସିଠା, ଅସ୍ୱାଦଯୁକ୍ତ

ସିଟିର୍ ପାଟାଃ—କ୍ରି. ବିଂ. ଚମୁଟି ଉଠାଇବା ପ୍ରକ୍ରିୟା
ଅସ୍ତ ବ୍ୟସ୍ତ କରାଇବା

ସିଟିର୍ ସିଟିର୍—କ୍ରି. ଝିପି ଝିପି ପଡ଼ିବା
କ୍ରି. ବିଂ. ଲଗାତାର ଝିପି ଝିପି ବର୍ଷା ହେବାର ପ୍ରକ୍ରିୟା

ସିଟି ସିଟି—କ୍ରି. ଖିଲ୍ ଖିଲ୍ ହେବା (ଖିଲ୍ ଖିଲ୍ ହସିବା)

ସିଟାଂ ସାଟାଂ—ବି. ଅବହେଳିତ ଭାବେ, ଅବ୍ୟବସ୍ଥା ରୂପରେ

ସିଠା—ବିଂ. ସମ୍ପୂର୍ଣ୍ଣ ଚପୁଡ଼ି ସାରିବା ପରର ସାରାଂଶ ଖଦଡ଼ା
କ୍ରି. ରସ ଶୂନ୍ୟ ହେବା

ସିଠାଓ୍ୱ—କ୍ରି. ସିଠା କରିବା, ନିରସ ହେବା,
ହତାଶ ହେବା

ସିତ୍‌ଗିର୍—କ୍ରି. ପାଣି ପକାଇ ସଫା କରି ଆଣିବା

ସିତ୍‌ଗ ∞ ବାତ୍‌ଗ ∞—କ୍ରି. ଜୋର ଜୋର ମୋଟା ଧାରରେ
ପାଣି ଛିଟିକା ହେବା

ସିତ୍‌ର—କ୍ରି. ବିଂ. ଲଗାଇ କରି, ରୁହାକୁ ରୁହା

ସିତରକ୍ ବତ୍‌ରକ୍—ବିଂ. ସରୁ ଧାରରେ ଛିଞ୍ଚା ମାରି
(ବର୍ଷା ହେବା)

ସିତଲ୍ ଗୁତଲ୍—କ୍ରି. ବିଂ. (ହାତ ଗୁରାଇ) ଅସନା ହାତରେ
ପାଣି ଗୋଳାଇବା ଓ ଘାଣ୍ଟିବା ପ୍ରକ୍ରିୟା
କ୍ରି. ପାଣି ଅପରିଷ୍କାର କରିବା

ସିତ୍‌ଓ୍ୱା ∞ ବାତ୍‌ଓ୍ୱା ∞—କ୍ରି. ଅକଥନୀୟ କଥା ବକିବା,
ଅକଥନୀୟ ଭାଷାରେ ଗାଳି ଗୁଲଜ କରିବା

ସିତାଁତ—କ୍ରି. କଟୁକଥା କହିବା

ସିତ୍ରିର୍ ମେନ୍‌ତେ—କ୍ରି. ବିଂ. ହଠାତ୍ କଟୁକଥା ଉଦ୍‌ଗାର
କରିବା

ସିଢ଼ି—ବି. ସିଢ଼ି ladder

ସିଢ଼ ସିଢ଼—କ୍ରି. ବିଂ. ସରୁ ଧାରରେ ପାଣି ପଡ଼ିବା ପ୍ରକ୍ରିୟା
କ୍ରି. ଝୁର ଝୁର ହୋଇ ବୋହିବା (ନାକ)

ସିଣି—ବି. ସେଣୀ (ଛପର ଘରର ମଥାଣ ଲମ୍ବ କାଠ)

ସିତା—ବି. ସୀତା ଦେବୀ

ସିତାର୍—ବି. ସିତାର ବାଦ୍ୟଯନ୍ତ୍ର

ସିତ୍‌ଲ—ବି. ସିତଳା, ଦାନ୍ତମାଢ଼ୀ, ଫୁଲିବା ରୋଗ

ସିତ୍‌ଲାଓ୍ୱ—କ୍ରି. ଶୀତଳ କରିବା

ସିତାନ୍—ବି. ତକିଆ

ସିତାମାଲଦା ∞—ବି. ଏକ ସୁନିର୍ଦ୍ଦିଷ୍ଟ ଜଳର ଟଁର ଯାହା
ସାନ୍ତାଳ ଇତିହାସରେ ବର୍ଣ୍ଣିତ ଅଛି

ସିତାସାଲ୍ ହୁରୁ—ବି. ସୀତାଶାଳୀ ଧାନ

ସିତ୍‌ରୁ ନାଗାତାରୁ—ବିଂ. ନା ଭଲ ନା ମନ୍ଦ, ବେଢଙ୍ଗର
ନା ସଫା ନା ସୁନ୍ଦର

ସିତ୍‌ରୁଗ ∞—ବିଂ. ବେକାର, କିଛି କାମର ନୁହଁ

ସିତେନ୍ତୁ—ବି. ମହମ

ସିତ୍‌ରୁଂ—ବି. ଖରା

ସିତ୍‌ରୁଂଚୁଟି—ବି. ଝରଚୁଟି

ସିଥର୍ ସିଥର୍—କ୍ରି. ବିଂ. ଶିଥିଳ ଭାବେ ଚାଲିବା,
ଅସାବଧାନ ଭାବେ

ସିଥଲ୍ ମେଣ୍ଡ—ବି. ବୁଝାମଣା

ସିଥଲ୍—ବି. ଅଣ୍ଡା ଜଳଜ ହେବା ରୋଗ

ସିଥାଁପ୍ ସାଁଥାଁପ୍—କ୍ରି. ବିଂ. ପାଦ ଚାପି ଚାପି ଚାଲିବା ପ୍ରକ୍ରିୟା

ସିଁଥାଲ୍—ବି. ଶୀତଳ/ଅଣ୍ଡା

ସିଦ୍ (ଦ୍)—କ୍ରି. ମଇଳା ମଳିବା

ସିଦ୍—କ୍ରି. (ସାଗ) ତୋଳିବା

ସିଦ୍—ବି. ସକାର

ସିଦ୍‌ଅ ∞—କ୍ରି. ସକାର କରିବା, ତୋଳିବା ଉପଯୋଗୀ

ସିଦ୍‌ଗି ବଦଲ (ର)—କ୍ରି. ଛିଣ୍ଡାଛିଣ୍ଡି ହେବା, ଛିଣ୍ଡାଛିଣ୍ଡି ପକାଇବା

ସିଦ—କ୍ରି. ଋଣ ଆଦାୟ କରିବା ପାଇଁ କହିବା

ସିଦା.—ବି. ଗୁରୁ ଦକ୍ଷିଣା

ସିଦୁବ୍—କ୍ରି. ସିଧା କରିବା, ପୋଢକରି ସିଧା ରଖିବା
ବି. ସିଧା ଥିବା

ସିଦୁବ୍ ସରେନ୍—ବି. ସରେନ ଗୋତ୍ରର ଏକ ଉପ ଗୋତ୍ର

ସିଦୁବ୍ କରେ ∞—ବି. ଶ୍ରେଷ୍ଠ ଝିଅଙ୍କ ପିନ୍ଧିବା ଲହଙ୍ଗା

ସିଧା—ବି. ସିଧା, ସଳଖ

ସିଧାସିଧି—ବିଂ. ସରଳ (ଲୋକ) କ୍ରି. ବିଂ. ଦୁଡମୁସିଆ ହୋଇ
ଯିବା ପ୍ରକ୍ରିୟା

ସିଧଅ—ବି. ପଥର ମୂର୍ତ୍ତିରେ ପରିଣତ
କ୍ରି. ପଥର ମୂର୍ତ୍ତିରେ ପରିଣତ ହେବା

ସିନ୍—ଇଂ ବି. scene, ଦୃଶ୍ୟପଟ,

ସିନ୍ଧ୍—କ୍ରି. ସିନ୍ଧି କାଟିବା

ସିନ୍ଧକାଟି—ବି. ସିନ୍ଧି କରିବା ଯନ୍ତ୍ର

ସିନ୍ଧ. କୁମ୍ଭୁ—ବି. ସିନ୍ଧି କରିବା ଚୋର

ସିନ୍ଧ. ଫଡାଓ—କ୍ରି. ସିନ୍ଧି ମାରିବା

ସିନ୍ଧ. ମୁହାନ—ବି. ସିନ୍ଧିର ମୁହାଣ (ମୁହଁ)

ସିନ୍ଦୁକ—ବି. ସିନ୍ଦୁକ

ସିନ୍ଦୁର୍—ବି. ସିନ୍ଦୁର

ସିନ୍ଦୁରଃ—କ୍ରି. ସିନ୍ଦୁର ଲଗାଇବା

ସିନ୍ଦୁର୍ ଚେଣେ—ବି. ଏକ ପ୍ରକାରର ଚଢ଼େଇ

ସିନ୍ଦୁର୍ ଚଣେ—ବି. ସାନ୍ତାଳର ଏକ ଗୋତ୍ରର ନାମ

ସିନ୍ଦୁର୍ ବୁନ୍ଦ—ବି. ସିନ୍ଦୁର ବନ୍ଧନ
କ୍ରି. ସିନ୍ଦୁର ଲଗାଇ ବିବାହ କରିବା

ସିନ୍ଦୁର୍ ସାକାମ୍—ବି. ସିନ୍ଦୁର ଲଗା ପତ୍ର

ସିନ୍ଦୁର୍ ସାଢ଼ି (ଲି)—ବି. ବିବାହିତ ଶାଢ଼ୀ
ବିବାହରେ ବ୍ୟବହୃତ ଶାଢ଼ୀ

ସିନ୍ଦୁ—ବି. ସିନ୍ଦୁ

ସିନ୍ଛେନ୍—ବି. ବିଭାଜକ କାନ୍ଥ କ୍ରି. କାନ୍ଥ ଦେଇ ବିଭାଜନ
କରିବା

ସିନଲବାପ୍—ବି. ମୃଷାମଗ୍ନ ଯନ୍ତ୍ର

ସିନ୍ଇଲ୍ ଝାଲ୍—ବି. ମୂଷାମଗ୍ନ ଜାଲ, ପଞ୍ଜୁରୀ

ସିନ୍ଡାଂ—ବିଂ. ହିଂସ୍ରୁକ, କ୍ରୋଧି

ସିନାନ୍କାଗୁ—ବି. ବର ଧୋତ (ବରକୁ ଗାଧୋଇ ସାରି ଯେଉଁ
ଧୋତି ଦିଆଯାଏ)

ସିନା.ମ୍—କ୍ରି. ବିଂ. ସଦୃଶ୍ୟ, ଠିକ ତଦ୍ରୂପ

ସିନ (ଶି) ତୁ—ବିଂ. ସଂକୀର୍ଣ୍ଣ, ଭୟଙ୍କର (ରାସ୍ତା)
କ୍ରି. କଷ୍ଟକର ହେବା

ସିନତ ସାମାନମ୍—ବି. ଏକ ପ୍ରକାର ଫୁଲର ଗଛ

ସିପ୍—ଇ. ବି. ship ଜାହାଜ

ସିପସିପିୟା.—ବି. ଲଡ଼ପଡ଼ିଆ, ଥଲ୍ଥଲିଆ

ସିପା.ହି—ବି. ସିପାହି

ସିପି—କ୍ରି. ଆଙ୍ଗୁଠି ସାହାଯ୍ୟରେ ଗୋଳାଇ ମିଶାଇବା,
ପେଷିବା

ଉ: ଅଟା ଏ ସିପି ଏଦା - ଅଟାକୁ ପେଷି ମିଳାଇଛି
କ୍ରି. ବିଂ. କଥାକୁ ତହିଲିବା

ସିପଅହ୍—ବିଂ. ସ୍ୱାଦିଷ୍ଟ, ସୁଆଦିଆ

ସିପୁଦ୍—କ୍ରି. ଚପୁଡ଼ିବା, ମୁଠାଇବା

ସିବ୍ ଠାକୁର୍—ବି. ଶିବ ଠାକୁର

ସିବ୍ରାତ୍ · ବି. ଶିବରାତ୍ରି

ସିବୁ—ବି. ଶିବ

ସିବିଲ୍—ବିଂ. ସ୍ୱାଦ, ସ୍ୱାଦିଷ୍ଟ
ସିବିଲ ଉରୁ—ସ୍ୱାଦିଷ୍ଟ ବ୍ୟଞ୍ଜନ
ସିବିଲ୍ ହାସା—ଉର୍ବର ଜମି
ସିବିଲ୍ ରଲ୍—ମିଠା କଥା

ସିବଅଲ୍—କ୍ରି. ଠକ ନେବା, ଲୁଟିକି ନେଇଯିବା,
ଭଣ୍ଡାଇ ନେବା

ସିମ୍—ବି. ସିଲେଇର ଏକ କୌଶଳ

ସିମ୍—ବି. କୁକୁଡ଼ା (କୁକୁଡ଼ା ଗଞ୍ଜା ମାଇ ସମେତ)

ସମ୍ଛତ୍—ବି. ଏକ ପ୍ରକାର ଛତୁ

ସିମ୍ଏଙ୍ଗା—ବି. ମାଈ କୁକୁଡ଼ା

ସିମ୍କାଟା ଆଲା ∞ —ବି. ଏକ ପ୍ରକାରର ଶାଗ

ସିମ୍ବୁନ୍ଦ—ବି. କୁକୁଡ଼ା ରହିବା ଘର ଯାହା କାନ୍ଥ ସହିତ
କରାଯାଇ ଥାଏ

ସିମ୍ଗାଲ୍—ବି. ସାନ୍ତାଳଙ୍କ ଏ ଗୋତ୍ରର ନାମ

ସିମ୍ଗଚଅର୍—ବି. ଏକ ପ୍ରକାରର ପିଲାଙ୍କ ଖେଳ

ସିମ୍‌କେଲ୍/ସିମକଲ୍—ବି. କୁକୁଡ଼ା ମାଂସ

ସିମକଲ∞—କ୍ରି. ଅଣ୍ଡା ଜନିତ ଚମଡା ବୁବୁବୁବୁ ହେବା ବା ଫକୁଚତ ହେବା

ସିମ୍‌ଝୁପଝୁପ୍—ବି. ପିଲାଙ୍କର ଏକ ପ୍ରକାର ଖେଳ

ସିମ୍‌ଡସ୍କାଃ—ବିଂ. ବଳଦେବା କୁକୁଡ଼ା

ସିମ୍‌ବୁସୁକୁ—ବି. କୁକୁଡ଼ା ଲଢେଇ

ସିମ୍ ଦଣମ୍—ବି. ସାନ୍ତାଳଙ୍କର ପୂର୍ବ ପୁରୁଷଙ୍କ ଏକ ଦେଶ

ସିମ୍ ବେଲେ/ସିମ୍‌ବଲି—ବି. କୁକୁଡ଼ା ଅଣ୍ଡା

ସିମ୍‌ବୁସାଃ—ବି. କୁକୁଡ଼ା ତୁଆ

ସିମ୍‌ବଲି କେଶର—ବି. ଅଣ୍ଡାର କେଶର

ସିମ୍‌ପାସାଲେ—ବିଂ. ବିପର୍ଯ୍ୟସ୍ତ ଭାବେ, ଅସଜଡ଼ା ସ୍ଥିତି ଅସ୍ତ ବ୍ୟସ୍ତ ଢଙ୍ଗରେ ଥିବା

ସିମ୍‌ପିସିଲନ୍—କ୍ରି. ଝଣଝାଣ ଶବ୍ଦ ହେବା

ସିମ୍‌ବଲାଃ—ବି. ନାକ ଫୁଟା, ନାକ ଭିତରେ ରକ୍ତ ଜମାହେବା ରୋଗ

ସିମ୍‌ସ୍ରୀ∞—ବି. କୁକୁଡ଼ା ଗଣ୍ଡା ଡାକ କ୍ରି. ଗଣ୍ଡା ଡାକିବା

ସିମ୍‌ସ୍ରୀ∞ବେର୍—ବି. କୁକୁଡ଼ା ଗଣ୍ଡା ଡାକ ବେଳ, ଭୋର ବେଳ

ସିମ୍‌ଲଳ୍—ବି. କୁକୁଡ଼ା ଅନ୍ତ

ସିମ୍‌ସାବା ମାରିଚ—ବି. ଏକ ପ୍ରକାରର ଧାନୁଆ ମରିଚ

ସିମା.—ବି. ସୀମା

ସିମାଇ—ବି. ସିମେଇ (ଖାଦ୍ୟ ଦ୍ରବ୍ୟ)

ସିମା.ଡା.ଣ୍ଡି—ବି. ସୀମା ଆଡ଼ି, ଗାଁର ସୀମା ଚିହ୍ନ

ସିମା.ଉବାଡ୍ (ଲ୍)—ବି. ନିର୍ଦ୍ଧାରିତ ସୀମା କ୍ରି. ସୀମା ଘେରିବା

ସିମା.ନା—ବି. ସୀମାନ୍ତ

ସିମା.ବଂଗା—ବି. ଗାଁ ସୀମାସ୍ଥିତ ଦେବତା

ସିମା.ସିମ.—ବି. ସୀମା ଦେବତାଙ୍କୁ ବଳି ଦିଆଯିବା କୁକୁଡ଼ା

ସିମ୍‌ଇଳ୍—ବି. କୁକୁଡ଼ା ମଳ

ସିମିଳ୍—ବି. ଏକ ଗଛର ନାମ, ସେମିଳ୍

ସିମିଳ୍ ସିମିଳ୍—ବି. ପିଲାଙ୍କର ଏକ ପ୍ରକାର ଖେଳ

ସିମେଁଟ୍—ବି. ସିମେଣ୍ଟ

ସିର୍—ବି. ସ୍ନାୟୁ, ଶିର, ନାଡ଼ିକା vein

ସିର୍‌ଦିଅମ୍—ବି. ସାନ୍ତାଳଙ୍କ ଏକ ଦେଶର ନାମ

ସିର୍‌କା—ବି. ଏକ ପ୍ରକାର କଣ୍ଟାଳିଆ ଗଛ

ସିର୍‌ଗିଟିଚ୍‌ଆଲାଃ—ବି. କୁକୁଡ଼ା ଚୂଲ ଶାଗ

ସିର୍‌ଓଡାଓ୍—କ୍ରି. ଅନ୍ୟର ସ୍ୱର ସମ୍ଭାଳିବା

ସିର୍‌ଝାଝାଓ୍—କ୍ରି. ଦୟା କରିବା, ସହାନୁଭୂତି ଦର୍ଶାଇବା

ସିର୍‌ପିଡ଼ୟାଃ—ବିଂ. ଅଳ୍ପ ଭିଜିଥିବା

ସିର୍‌ଭାର୍—ବି. ଭାରର ଦାୟିତ୍ୱ ନେବା, ଭାର

ସିର୍‌ସିଡଓ୍ାଃ—କ୍ରି. ବିଂ. କ୍ରୋଧପୂର୍ବକ କ୍ରି. କ୍ରୋଧ କରିବା

ସିର୍‌ସିରାଓ୍—କ୍ରି. କ୍ରୋଧରେ କମ୍ପିବା

ସିରା.—ବି. ଜନାସ୍ତ ବିଂ. ଅଗ୍ରାଂଶ, ପ୍ରଧାନ ସ୍ଥାନ

ସିସାଭ୍ ବାସାଭ୍—କ୍ରି. ବଡ଼ ବଡ଼ିଆ (କଥା)
ଭଲ ଭଲ (କଥା)
ରସାଳିଆ (ବଚନ)

ସିରାଓ୍ନା—ବି. ଏକ ଗଛର ନାମ

ସିରଗା.ଡ୍—ବି. ଉଲଟା, ଓଲଟା ଉଗଡ଼ା
କ୍ରି. ଉଲଟା କରି ରଖିବା (ଘୋପାଡିବା, ଝାଣିବା)

ସିର୍‌ଗାଡ୍‌ତେ—କ୍ରି. ବିଂ. ଓଲଟା କରି (ନେବା)

ସିର୍‌ଗିଚ୍ ବାହା—ବିଂ. ଏକ ପ୍ରକାରର ଶାଗର ଫୁଲ

ସିର୍‌ଗିଟିଆଲା∞—ବି. ଏକ ପ୍ରକାରର ଶାଗ

ସିର୍‌ଜା.ଉ—କ୍ରି. ଉତ୍ପନ୍ନ କରିବା, ସୃଷ୍ଟି କରିବା

ସିର୍‌ଜନ୍—ବି. ସୃଜନ, ସୃଷ୍ଟି

ସିର୍‌ଢାଲ୍—ବି. କୂଳେ କୂଳେ ଚହଡ଼ାରେ ମେଲେଇ ହୋଇଥିବା ସ୍ଥିତି

ସିର୍‌ଦୁଭ୍ ବର୍‌ଦୁଭ୍—କ୍ରି. କୂଳ/ଧାର ଉଚ୍ଚ ନୀଚ ହୋଇଥିବା

ସିର୍‌ପୁର୍—ବି. କମ୍ ଚଉଡ଼ାର ଲୁଗା, ଲେଙ୍ଗୁଟି

ସିର୍‌ହି—ବି. ଘର ଛାଉଣି କରିବାର ଖୁଣ୍ଟି, ଏକ ପ୍ରକାର ଗଛର ନାମ

ସିର୍‌ହିଅଡ୍ ଚେଣେ—ବି. ଏକପ୍ରକାରର ପାଉଁଶିଆ ଚଢ଼େଇ ଏହାର ସ୍ୱର ମଧୁର

ସିର୍ହଅଦ୍ ହାକୁ—ବି. ଏକ ପ୍ରକାର ମାଛ

ସିର୍ଭଜ ବର୍ଭଜ୍—ବିଂ. ସ୍ୱଚ୍ଛ ଛେଟିଆ ଛେଟିଆ (ଜନପଦ)

ସିରଭ—ବିଂ. ଜିଦ୍, ଜିଦିଆ କ୍ରି. ବିଂ. ଜିଦ୍ ସହକାରେ

ସିରି—ବି. ଶ୍ରୀ, ସୌନ୍ଦର୍ଯ୍ୟ, ଭାଗ୍ୟ

ସିରିଏଲ—ବି. (ଇଂ) serial, କ୍ରମାନ୍ୱୟ

ସିରିମାନ୍—ବିଂ. ଶ୍ରୀମାନ, ଭାଗ୍ୟବାନ

ସିରିବରନଦା.ବନ—ବି. ବୃନ୍ଦାବନ

ସିରିଲ୍ ସିରିଲ୍—କ୍ରି. ବିଂ. ପାଟିରୁ ପାଣି ସ୍ୱତଃ ବାହାରିବା

ସିରିହରି—ବି. ଶ୍ରୀହରି

ସିରିରାମବାଇଁ—କ୍ରି. ଭାଗ୍ୟ କହିବା

ସିରିସ୍ ଦାରେ—ବି. ସିରିସ ଗଛ, ଅଠା ବିଂ. ସିରିସ୍ ଅଠା

ସିରେ ସିରେ ପାଠେ ପାଠେ—ବି. ହର୍ଷୋରିତ କୁସୁମ

ସିରେନ୍ ସିରନ୍—କ୍ରି. ବିଂ. ପତଳ ପତଳ ଝାଡ଼ା,
ଲାଗି ରହୁଥିବା ପତଳା ଝାଡ଼ା

ସିର୍ପା./ସିରଅପା—ବି. ବିବାହ ଅବସରରେ ଦିଆ ଯାଉଥିବା
ଲୁଗା

ସିରଅମ୍—ବି. ବେଣା ଘାସ

ସିରାମ୍—ବି. ଶ୍ରୀରାମ

ସିରା—ବି. ଚନପାଣି

ସିଇଂ ସର୍ଂ—କ୍ରି. ବିଂ. ଶର୍ଦ୍ଧି ଶର୍ଦ୍ଧି ଲାଗିବା ପ୍ରକ୍ରିୟା

ସିଲଂ ସଲଂ—କ୍ରି. ବିଂ. ଅସାବଧାନତା ସହକାରେ
(ଜାଲ ଜଳାଇବା) ଜାଳେଣି କାଠ ଚୁଲିରେ
ଏଣେ ତେଣେ ହୋଇଯିବା

ସିଲଂ କରତାଲ୍—ବି. ଗିନି (ବାଜା)

ସିଲ୍—ବି. ସିଲ୍, ସିଲ୍ ମାଛ କ୍ରି. ସିଲ୍ କରିବା,
ଜଉମୁଦ ଦେବା

ସିଲ୍ଅଟ୍—ବି. ସିଲଟ

ସିଲପାଟ୍—ବି. ମୋଟା କାଠ ପଟା ଯାହା କି ରେଳ ରାସ୍ତାରେ
ଦିଆଯାଏ

ସିଲ୍ପିନ୍ଥ୍—ବି. କବାଟ

ସିଲ୍ପେର୍—କ୍ରି. ବ୍ୟବହାର ବଦଳାଇବା

ସିଲ୍ବେସିଲ୍—କ୍ରି. ବିଂ. ଅସୌଜନ୍ୟ ପୂର୍ବକ

ସିଲ୍ମିର୍—କ୍ରି. ବିଂ. ମିଶାମିଶି କରି ଖରାପ କରିବା ସ୍ଥିତି
କ୍ରି. ଖରାପ ଭାବେ ମିଶିଥିବା, ଗୋଳେଇ ଗୋଳେଇ
ହୋଇଥିବା

ସିଲ୍ଲ.ଇ—କ୍ରି. ସିଲାଇ କରିବା, ସିଇଁବା

ସିଲ୍ଓ—କ୍ରି. ଶୀଳରେ ଘଷି ଧାର ତୀକ୍ଷ୍ଣ କରିବା

ସିଲି—ବି. ଗୁଞ୍ଜା ମାଳ, ଗାଈର ଲାଞ୍ଜ ବାଳରେ ତିଆରି ହାର

ସିଲିମାଲି—ବି. କଲାମାଳ (ହାର)

ସିଲୁଂମିଟୁଂ—ବିଂ. (ହାତଗୋଡ ମୁହଁ) ଅପରିଷ୍କାର ଥିବା
କ୍ରି. ଅପରିଷ୍କାର ରହିବା, ଅପରିଚ୍ଛିନ୍ନ ରହିବା

ସିଲ୍ଅଦା—ବିଂ. ଚଶାଲ

ସିଭ (ଓ)—କ୍ରି. ସିଟି ମାରିବା

ସିଓମେନ୍ତେ—କ୍ରି. ବିଂ. ହଠାତ୍ ସିଟି ବାଜିବା

ସିଭ (ଓ) ସିଓ—କ୍ରି. ସିଟିମାରି
କ୍ରି. ବିଂ. ସିଟି ମାରି ମାରି (ଯାଏ)

ସିଓଖଇଜ୍ ସିଓଇଜ୍—ବିଂ. ଲୋକଙ୍କର ହଲଚଲ ପ୍ରକ୍ରିୟା

ସିଓେକ୍ ଗେଲେକ୍—କ୍ରି. ସିଟି ମାରିବା ପ୍ରକ୍ରିୟା
ଅନ୍ତର ଭିତର ଉଚ୍ଛୁଳି ପଡୁଛି, ଚକିତ ହେବା

ସିଲଭର୍—ବି. ରୂପ ଧାତୁ, ସିଲଭର

ସିଦ୍—ବି. ଶିଶ୍, ମଥା, ଧାନ ବା ଗହମର କେଣ୍ଡା

ସିଦ୍କାର—କ୍ରି. ସିସକାର କରିବା

ସିଯା.—ବି. ଶିସା (ଧାତୁ)

ସିସି—ବି. ଶିଶି (ଛେଟ) ବୋତଲ

ସିସିଜା.ର—ବିଂ. ଲମ୍ବା ଓ ପତଳା (ସରୁ) କାଚର ଜାର

ସିସିଞ୍ଜହା.କୁ—ବି. ଏକ ପ୍ରକାରର କଳା ମାଗୁର ମାଛ
ତାହାର କଣ୍ଟାରେ ଫୋଡ଼ି ହେଲେ ଯନ୍ତ୍ରଣା ବଢେ

ସିସିନ—କ୍ରି. ସିଧକାଟି ସ୍ନେର କରିବା ପ୍ରକ୍ରିୟା
ବି. ସିଧ ସ୍ନେର

ସିସିର୍—ବି. ଶିଶିର କ୍ରି. ଶିଶିର ପଡ଼ିବା

ସିସିର୍ ଛତ୍—ବି. ଏକ ପ୍ରକାରର ଶୀତ ଦିନିଆ ଛତୁ

ସିସିର୍ ଖାଣ୍ଡା ଲୁଗୁଲ—ବି. ଶୀତକାଳୀନ ମୋଟା କମ୍ବଳ

ସିସିର୍ ଗୁପ୍—ବି. ଶୀତକାଳୀନ ସ୍ୱପ

ସିସିର୍ କାଲ୍—ବିଂ ଶୀତ ପଡ଼ିବାରୁ ଶ୍ରେଷ୍ଠ ଶ୍ରେଷ୍ଠ ଫଳିବା ବା ଫଳ ଧରିବା

ସିସିର୍ଜନ୍—ବି. ସୃଜନ କରିବା ସ୍ରଜିସ୍ଥା

ସିସିରଜା.ଢ଼ଇନ୍—ବି. ସ୍ରଷ୍ଟା, ସୃଷ୍ଟିକର୍ତ୍ତା

ସିସିର୍ ଡାଃ—ବି. ଶିଶିର ବିନ୍ଦୁରୁ ନିସୃତ ପାଣି

ସିସିର୍ଦାକା—ବି. ବିବାହ ସମୟରେ ନର୍ତ୍ତକ ନର୍ତ୍ତକୀଙ୍କୁ ଦିଆଯାଉଥିବା ଚାଉଳ ଭାତ

ସିସିର୍ହାଣ୍ଡି—ବି. ବିବାହ ସମୟରେ ନର୍ତ୍ତକ, ନର୍ତ୍ତକୀଙ୍କୁ ଦିଆଯାଉଥିବା ହାଣ୍ଡିଆ

ସିସିସ୍.ଡଃ—କି. ଭୟରେ କମ୍ପିବା, କମ୍ପନ ଜାତ ହେବା

ସିସିଡକ୍—ବିଂ. ଶୂନ୍ୟତା, ଖାଲି, ଏକାନ୍ତ
କି. ଖାଲି ଖାଲି ଲାଗିବା, ଶୂନସାନ ଲାଗିବା

ସିସୁ ଦାରେ—ବି. ଶିଶୁ ଗଛ

ସିସୁଗଁଦ୍—ବି. ଏକ ପ୍ରକାର ଗଦ ଗଛ

ସିସୁପୁଆ.ନ—ବି. ତରୁଣ

ସିସୁଛଣ୍ଡା—ବି. କିଶୋର, ଅଳ୍ପ ବୟସର ତରୁଣ

ସିହା.ସୁ—ବି. କାଳି

ସିଙ୍କିୟା—ବି. ଠେକଣା (ବଳଦ ଗାଡ଼ିର ଭାରସାମ୍ୟ ରକ୍ଷା କରିବା ଠେକଣା ଦଣ୍ଡା)

ସି.ଲ୍ବାତ—ବିଂ. କାମୁକ, ରସିକ

ସିଡ଼ା (ଲା)—ବି. ଫାଳ, ଖଣ୍ଡ

ସିଡ଼ାଂ (ଲାଂ)—କି. ଛୁଞ୍ଚି ଚରିସିବା

ସିଢ଼ିକ—ବିଂ. ଆଇଁସିଆ

ସିଢ଼ିକସ—କି. ଆଇଁସିଆ ଗନ୍ଧ ହେବା

ସିଡ଼ି (ଲି)—କି. ଅସନ୍ତୁ ଉପଯୋଗ ପାଇଁ ଖୋଜିବା, ତଲାସ୍ କରିବା

ସିଡ଼ିଂ (ଲିଂ) ଡାହାମ୍—କି. ବିଂ. ନିସ୍ତବ୍ଧ, ନିର୍ଜନ

ସିଡ଼ିଞ୍ଜ.ହା.କୁ—ବି. ଏକ ପ୍ରକାରର କଣ୍ଟାବାଲା ମାଛ

ସିଡ଼ିଞ୍ଜ୍ ମେନ୍ତେ—କି. ବିଂ. ଝନ୍ ଝନ୍ କରି

ସିଡ଼ପୁ—କି. ଚୁହିଁବା, ମୁହଁ ଲଗାଇ ଟାଣିବା, ଶୋଷିବା

ସିଡଅଂ—କି. ଚିରିବା, ଦ୍ୱିଭାଗ କରିବା

ସିଡ଼ଗ୍—କି. ଧୀକାର କରିବା, ହସରେ ଉଡ଼ାଇ ଦେବା

ସୁଆ ଚେଣେ—ବି. ଶୁଆ ପକ୍ଷୀ

ସୁଆ.ର କା.ଙ୍ଗିସ୍ଥା—ବିଂ. ଗୋଟିଏ ଗୋଡ ଛୋଟିଆ ହୋଇଥିବା (ବ୍ୟକ୍ତି)

ସୁଆର୍—ବି. ସବାଙ୍ଗ

ସୁଇ—ବି. ଛୁଞ୍ଚି କି. ଧାନ ବା ମକ୍କା ଛୁଞ୍ଚିମୁହାଁ ହେବା

ସୁଇସ୍ଥା.—ବିଂ. କ୍ରୋଧି, କଳିହୁଡ଼ା, କଳିହୁଡ଼ି

ସୁଇଲ.—ବିଂ. ଛୁଞ୍ଚିମୁନିଆଁ ଶିଙ୍ଗ ଥିବା (ବଳଦ ବା ମଇଁଷି)

ସୁଇଲ୍—ବିଂ. ଛୁଞ୍ଚିମୁନିଆ ଶିଙ୍ଗଥିବା (ଗାଈ)

ସୁଇସାଗାଂ—କି. ତୀବ୍ର ଭାବେ ଶତ୍ରୁତା ହେବା, ପରସ୍ପରକୁ ଈର୍ଷା କରିବା

ସୁଉ—କି. କଣ୍ଟାକୁ ପାଦ କମ୍ପା ପୋଡ଼ିଥିବା ଜାଗାରୁ କଣ୍ଟା ସାହାଯ୍ୟରେ ବାହାର କରିବା

ସୁଂ—କି. ବିଲରେ/ପିମ୍ପାରେ ହାତ ପୁରାଇବା

ସୁଂ ଉଡୁକ୍—କି. ହାତ ପୁରାଇ ବାହାର କରିବା

ସୁଢ଼କା.—ବି. ସଢ଼କ

ସୁକ୍—ବି. ସୁଖ କି. ସୁଖ ପାଇବା

ସୁକ୍ତା.ଉ—କି. ଖବର ନେବା, ପଚରା ଉଚରା କରିବା, ସନ୍ଧାନ ନେବା, ଚେଷ୍ଟା କରିବା

ସୁକ୍ବାଗ୍ନ—ବି. ବିଶ୍ରାମର ସମୟ କି. ବିଶ୍ରାମ ସମୟ ହେବା

ସୁକ୍ଭଗ୍/ସୁକଭଅଗ୍—ବି. ଭୋଗ ବିଳାସ, ସୁଖ ଭୋଗ
କି. ଭୋଗ ବିଳାସ କରିବା

ସୁକସ୍ୱଳ—ବି. ସୁସ୍ଥ, କି. ସୁସ୍ଥ ରହିବା, ଆରାମ ପସନ୍ଦ କରିବା

ସୁଇ ଇଲ୍—ବିଂ. ଛୁଞ୍ଚି ଆକାର ପର, ପକ୍ଷୀର କଅଁଳ ପର

ସୁଇକାର୍—କି. ଖୋଜିବା

ସୁଇକାର୍ଦାର୍—ବିଂ. ଖୋଜିବା ବାଲା, ଅନୁସନ୍ଧାନ କରିବା ବାଲା

ସୁଇକାରସ୍ତା—ବିଂ. ଅନୁସନ୍ଧାନକାରୀ

ସୁଇଗୁଡୁ ଏନେକ୍—ବି. ପିଲାଙ୍କର ଏକ ପ୍ରକାର ଖେଳ

ସୁଇଡନ୍—ବି. ସନ୍ତରୁଣୀ କ୍ରି. ସନ୍ତରୁଣୀ କରିବା

ସୁଇପା.ଂ—କ୍ରି. ଦୁଷ୍ଟ, ଝଗଡୁଆ, ଇର୍ଷାଳୁ, କଳିହୁଡ଼ା

ସୁଇ ପାତ୍ନାନ—କ୍ରି. କ୍ଷୁଦ୍ର ପରିମାଣ

ସୁଇପିନ୍—ବି. ଦୁଷ୍ଟା, କଳିହୁଡି

ସୁକର—ବି. ଘୁଷୁରି

ସୁକରଆ.ସୁଲ୍—କ୍ରି. ଘୁଷୁରି ପାଳିବା

ସୁକର ଇଡଲ୍—ବି. ଘୁଷୁରି ଚର୍ବି

ସୁକର ଗା.ଲିଡଲ୍—ବି. ଏକ ପ୍ରକାରର ଗଣ୍ଠି ମାରିବା କୌଶଳ

ସୁକର ଦାନ୍ତା—ବି. ଅଣ୍ଡିରି, ଘୁଷୁରି

ସୁକରବାସ୍ନ୍—ବି. ଏକ ପ୍ରକାରର ବେମାର, ଶରୀର ଥରେ ଓ ବ୍ୟଥା ହୁଏ

ସୁକରବାଁଲା—ବି. ଘୁଷୁରି ଘର

ସୁକର ମୁଥା ଘାସ୍—ବି. ଏକ ପ୍ରକାର ଘାସର ନାମ

ସୁକଯାସ୍—ବିଂ. ଆନନ୍ଦ ସୁଖର (ଦିନ)

ସୁକାଗ୍ଁ—ବି. ଶୁକଗନ୍ଧ

ସୁକା.ଦାକୁ—ବି. ଶୁଖୁଆ ମାଛ

ସୁକୁ ସୁକୁ—କ୍ରି. କମ୍ପିବା, ଡରରେ ଛାତି ଧଡ଼ ଧଡ଼ ହେବା

ସୁକୁଲ୍—ବି. ଦୋଳା

ସୁକୁଲ୍‌ବାର୍—ବି. ଶୁକ୍ରବାର

ସୁଖା—ବିଂ. ଶୁଖା

ସୁଖାଇ—କ୍ରି. ଶୁଖାଇବା, (ଦେହ) ଶୁଖିବା, (ଗଳା) ଶୁଖିବା

ସୁଖାଲି—ବିଂ. ସୁଖରେ ବଢିଥିବା (ଲୋକ)
ସୁଖରେ ରହିଥିବା (ବ୍ୟକ୍ତି) (ଦେହ)
ଯୌବନ, ବିଳାସୀ

ସୁଖି—ବି. ସୁଖୀ, କ୍ରି. ଆସ୍ୱସ ରହିବା

ସୁଖୁ—ବିଂ. ଯୋଗ୍ୟ, ବିଶ୍ୱାସୀ, ଉତ୍ତମ
କ୍ରି. ଉତ୍ତମ ସମ୍ଭବ ହେବା, ବିଶ୍ୱାସ ଭାଜନ ହେବା

ସୁଗ୍—କ୍ରି. ହାତ ପୁରାଇବା, ଛିଦ୍ର ଅନ୍ୱେଷଣ କରିବା

ସୁଗ୍‌ବସତତ୍ତ୍ୱ—ବି. ସୂଚନା

ସୁଗଡୁଗା.ଓ୍—କ୍ରି. ହାତ ପୁରାଇ ହଲାଇବା, ହଲଚଲ କରିବା

ସୁଗାସାରିଁ—ବି. ଶୁଆ ଶାରୀ

ସୁଗା.ଲ୍—ବିଂ. ସୁଠାମ, ସୁନ୍ଦର, ମନୋହର

ସୁଙ୍ଗା.—ବି. ସୁଙ୍ଗ/ବାଲ ବାଳୁଆ ଜନ୍ତୁ

ସୁଙ୍ଗାଡକୁ—ବି. ଶୁଁବାଳୁଆ

ସୁଗିଚେଟେ—ବି. ଏକ ପ୍ରକାର ଶ୍ରେଷ୍ଠ ଚଢ଼େଇ

ସୁଗଦା.—ବି. ସୁବିଧା

ସୁଗୁମବାସ୍—ବି. ଏକପ୍ରକାରର ବେମାରି ଯେଉଁ ଥିରେ କ
ଦେହ ଶୀଘ୍ର ଶୁଖିଯାଏ

ସୁଗୁଲ୍—କ୍ରି. ବିଂ. ମନଲୋଭା, ମନୋହରଣକାରୀ

ସୁଗୁମ୍ ଗୁଗୁମ୍—କ୍ରି. ବିଂ ଏକୁଟିଆ, ଧିରେ ଧିରେ ଗୁଲିଯିବା
ପ୍ରକ୍ରିୟା

ସୁଗୁଂ—କ୍ରି. ପାଟି ଭିତରକୁ ହାତ ପୂରାଇ ଦେବା

ସୁଚ୍—ବି. ସୁଚ୍ ନାମକ ଏକ ଚଢ଼େଇ
କ୍ରି. ଟିଟିମାରି ସୂଚନା ଦେବା/ଇଙ୍ଗିତ କରିବା
ମହୁଲ ଫୁଲର ଫକୁଡ଼ି ଗୁଡ଼ିକ ପରିଷ୍କାର କରିବା
(ଫକୁଡ଼ି—ମହୁଲ ଫୁଲର ଭିତରର ଆଁସ ଅଂଶ)

ସୁଚସୁଡୁରୁର୍—କ୍ରି. ବିଂ. ଅନ୍ଧ କନ୍ଧ ବକନ୍ଧ, ଭିତରରୁ ଭିତରକୁ
ଯାଇ (ଦେଖିବା, ଖୋଜିବା)

ସୁଚ୍ଚ—ବି. ସତ୍ୟ

ସୁଚି—ବି. ସୁଚୀ, ତାଲିକା

ସୁଚୁଡ୍—ବିଂ. ଭଲ ବ୍ୟବହାର କରିବା ବାଲା, ଭଲ ଉପଦେଶ
ମାନିବା ବାଲା

ସୁଚୁ ଇ—ସୂଚନା ଦେବା

ସୁଝା.ଓ୍—କ୍ରି. ଦେଖାଇବା ବୁଝାଇବା

ସୁଜା.ଇ—କ୍ରି. ଶୁଝିବା, ପରିଶୋଧ କରିବା

ସୁଟୁରୁଂ—କ୍ରି. ଗ୍ଳେବାଇବା

ସୁଟୁରୁଂ ମେନ୍‌ତେ—କ୍ରି. ବିଂ. ଗ୍ଳେବାଇବା, ଧ୍ୱନିସହ
(କଣାପଡ଼ିବା)

ସୁଟିକ୍—କ୍ରି. ଠିକଣା ଜାଣିବା, ପଚ୍ଚାରି ବୁଝିବା, ଜାଣିବା

ସୁଟ୍ – ବି. (ଇଂ) ସୁଟ୍ ପେଣ୍ଟ, କ୍ରି. ଗୁଳି କରିବା

ସୁଟ୍‌କେଶ୍—ବି. ସୁଟ୍‌କେସ୍

ସୁଟି/ସୁଠି—ବି. ପଜନା ଛୁରି, ଶୁଣ୍ଠି
କ୍ରି. ଫଳରେ ମଞ୍ଜି ହେବା

ସୁଟୁଂ ସୁଟୁଂ—କ୍ରି. ବିଂ. କମାନ୍ୱୟରେ ଟପର ଟପ କରି (ପାଣି ପଡ଼ିବା)

ସୁଟୁର୍—କ୍ରି. ଅଙ୍ଗୁଳି ପୁରାଇ ଖୋଳିବା, ଅଙ୍ଗୁଳି ପୂରାଇବା, ଭିତର କଥା ବାହାର କରିବା

ସୁଟୁର—କ୍ରି. ଫେଙ୍କାଇବା

ସୁଡ଼ୁର୍.ଉ—କ୍ରି. ବି. (ଭଡ୍‌ଭଡ୍ ଶବ୍ଦ ସହ ପାଣି ବାହାରି) ବୋହିଯିବା
(ଗଦ୍ ଗଦ୍ କରି) ପାଣି ଗଡ଼ିବା

ସୁଡୁର୍—କ୍ରି. ଝରିବା, ପାଣି ଧୀରେ ଧୀରେ ଝରି କରି ପଡ଼ିବା

ସୁଡୁର୍ ସୁଡୁର୍—କ୍ରି. ବିଂ. (ପାଣି) ଝରି ଝରି ପଡ଼ିବା ଶବ୍ଦ

ସୁଣ୍ଡ୍—ବି. ଶୁଣ୍ଢ, ଆଢ଼ ଜଭ, ଗୁମ୍ଫା ମୁହଁ

ସୁଣ୍ଡି.—ବି. ଶୁଣ୍ଢି ଜାତି ବିଶେଷ

ସୁଣ୍ଡିକୁଡ୍‌କୁଡ଼ିୟା ପଡାମ—ବି. ଶ୍ରେଷ୍ଠ ଜାଗାଆ କପୋତ

ସୁଡ଼ୁ—ବି. (ନଦୀ ବା ଝରଣା କୂଳରେ ଥିବା ଚୂଆ, ଶ୍ରେଷ୍ଠ ଖାଲ
- ଯହିଁରୁ ପିଇବା ପାଣି ସଂଗ୍ରହ କରାଯାଏ, ଇଶ୍ୱର ଦଶମାଂଶ

ସୁତୁଲ—ବି. ସୁତୁଲି

ସୁତା.ମ୍—ବି. ସୂତା

ସୁତ୍‌ରାଓ୍—କ୍ରି. ପଚ୍ଚରି କଥା ବାହାର କରିବା, ଅନୁସନ୍ଧାନ କରି ବାହାର କରିବା

ସୁତୁର—ବି. ସୁତରି, ତାଲି

ସୁତାମ୍ ଆଁର୍ ସ୍ତ୍ରୁ.ର୍ଚି—ବି. ଦଉଡ଼ି ଗୁଡ଼ାଇବା ତକଲି

ସୁତାମ୍ ଆରାଂ ଏନେଜ୍—ବି. ଏକ ପ୍ରକାରର ପିଲା ଖେଳ

ସୁତ—ବି. ସୁତ, ମାଛଧରା ଫାସି ଜାଲ

ସୁଥର୍.—ବିଂ. ନିର୍ମଳ, ପରିଷ୍କାର

ସୁରୁର୍—କ୍ରି. ଗୁପ୍ତରେ ଖୋଜିବା, ଅନୁସନ୍ଧାନ କରିବା

ସୁତୁର୍ ନା ଗାଡାର—କ୍ରି. ବିଂ. କୁତ୍ସିତ ମୂର୍ତ୍ତି, ନା ଭଲ ନା ମନ୍ଦ

ସୁତୁର—ବି. ସ. ସତୃଷ୍ଣ

ସୁଥରାମ୍—କ୍ରି. ସଫା କରିବା, ପରିଷ୍କାର କରିବା

ସୁଥର୍./ସୁଥାର୍—ବିଂ. ଉତ୍ତମ, ସୁନ୍ଦର, ନିର୍ମଳ

ସୁ.ଦ (ସୁଡ଼ଦ୍—ବି. ଗର୍ତ୍ତ, ଳୁଡ଼ା, ବାଳର ଖୋସା

ସୁଦ୍ – ବି. ସୁଦ, ସୁଧ କ୍ରି. ସୁଧ ଲଗାଇବା

ସୁଦ୍ ବନ୍ଧକ—ବି. ଭୂମି ବନ୍ଧକ, କ୍ରି. ସୁଧରେ ବନ୍ଧକଦେବା

ସୁଦ୍‌ଲ—କ୍ରି. ବିଂ. ସାକ୍ଷାତରେ (ଆସିବା, ମାନିବା, କହିବା)
କ୍ରି. ଭେଦ ଖୋଲି ଦିବା, ଜଣା ପଡ଼ିବା

ସୁଦା.ସୁଛା—କ୍ରି. ପଚରା ଉଚରା କରିବା

ସୁଦା.ଭୁକା—କ୍ରି. ବିଂ. ଭୁଚ୍ଛା, ଖାଲି, ବିନା ଧୁମ୍ ଧାମରେ

ସୁଦ୍—ବି. ଖାଲି, ଭୁଚ୍ଛା

ଉ: ସୁଦ୍ ଏଃ ଏଲେ ରଲ – ଭୁଚ୍ଛା ମିଛ କଥା

ସୁଧ୍—ବି. ସୁଧ

ସୁଧ୍‌ଧନ—ବି. ସୁଧ ଧନ

ସୁଦ୍‌ଧା.ର—ବି. ସଂସ୍କାର କ୍ରି. ସଂସ୍କାର କରିବା, ପରିବର୍ତ୍ତନ କରିବା

ସୁଦ୍‌ଧାରଃ—କ୍ରି. ପରିବର୍ତ୍ତନ ହେବା, ଭଲ ହେବା

ସୁଧ୍‌ରା.ଓ୍—କ୍ରି. ସୁଧାରିବା, ଜାଞ୍ଚ ପଡତାଲ କରିବା

ସୁଧା.—ଅ. ମଧ୍ୟରେ, ସୁଦ୍ଧା

ସୁଧା.ଉ—କ୍ରି. ମନେଇବା, ହାତ ଦେଇ ମନେଇବା

ସୁଧେ—ବିଂ. ଅକାରଣ, ଖାଲି ହାତ ହେବା

ସୁଧେନ୍ତୁ—କ୍ରି. ମନେଇବା, ପିଠିରେ ଥପ୍ ଥପ୍ କରି ଶାନ୍ତ କରାଇବା

ସୁନ୍‌ଦାର—ବିଂ. ସୁନ୍ଦର

ସୁନ୍‌ଦାର୍‌ମୁଖି ହୁଲୁ—ବି. ସୁନ୍ଦରମୁଖୀ ଧାନ

ସୁନ୍‌ଦୁକ୍—କ୍ରି. ଠେଲିଦେବା, ଲୁଚାଇ ଦେବା
ହୃଦରେ ପଶିବା, ଲୁଚିବା

ସୁନଦୁକ ଗା.ସୁକ୍—ବିଂ. ଏକଲା, ଦୁଃଖିତ କ୍ରି. ବିଂ. ଦୁଃଖିତ ହୋଇ (ଗଲା) ଅନ୍ୟାନ୍ୟ ଉପାୟ ନପାଇ (କାନ୍ଦିଲା)

ସୁନ୍—ବିଂ. ଶୂନ୍ୟ, କ୍ରି. ଶୂନ୍ୟ ହେବା, ପ୍ରସବ ବେଳେ ପେଟ ଭିତରରୁ ଯୋର ଦେବା, କୁନ୍ଥାଇବା

ସୁନ୍ଠି—ବି. ଶୁଣ୍ଠି

ସୁନରୁବୁଲୁକ୍ଆଲା ~—ବି. ଏକ ପ୍ରକାର ଶାଗର ନାମ

ସୁନ୍ସୁନ୍ୟା.—ବି. ଏକ ପ୍ରକାରର ଭଅଁର

ସୁନସୁନ୍ୟା ଆଲା ~—ବି. ସୁନ୍ସୁନିଆ ଶାଗ

ସୁନା – ବି. ସୁନା

ସୁନାନ୍—କ୍ରି. ପ୍ରଶଂସିତ ହେବା, ଶୁଣା କଥା

ସୁନା.ର—ବି. ସୁନା ବେପାରି

ସୁନାର ଦାରେ—ବି. ସୁନାରି ଗଛ

ସୁନିଆ.—ବି. ସୁନିଆ

ସୁନିବାର୍—ବି. ଶନିବାର

ସୁନୁମ୍—ବି. ତେଲ

ସୁନୁମ୍.ଖୋର୍ ଦାରେ – ବି. ସୁନୁମ୍‌ଖୋର ବୃକ୍ଷ

ସୁନୁମ୍ ଡୁବା.(ଖ)—ବି. କାଠ ତିଆରି ତେଲ ରଖିବା ଡବା

ସୁନୁମ ପିଠା—ବି. ତେଲରେ ତିଆରି ପିଠା

ସୁନୁମ୍ ବିଙ୍ଗ୍—ବି ତେଲିଆ ସାପ

ସୁନୁମ ବଙ୍ଗା—କ୍ରି. ପଥରେ ତେଲ ଦେଇ ଖଣ୍ଡ ଦେଖିବା, ତେଲ ଖଣ୍ଡ ଦେଖିବା

ସୁନୁମ୍ ମୁଚ୍ (ଚ୍)—ବି. ଏକ ପ୍ରକାର ଜନ୍ଦା, ଯିଏ କାମୁଡ଼ିଲେ ଯନ୍ତ୍ରଣା ହୁଏ, ଧୂଳିଆ ଜନ୍ଦା

ସୁନୁମ୍ ସାକାମ୍ – ବି. ତେଲ ଓ ପତ୍ର

ସୁନୁମ ସାସାଂ—ବି. ତେଲ ମିଶା ହଳଦୀ

ସୁନୁମ ସିନଧାଉ୍—ବିଂ. ଶୃଙ୍ଗାର ସାଧନ

ସୁନୁତ୍ରର—ବି. ଜଳପ୍ରପାତ

ସୁପ—(ଇଂ) ବି. soup, ଝୋଲ

ସୁପ୍‌ହାଓ୍—କ୍ରି. ଭଲ ଫସଲ ହେବା

ସୁପଡ଼କ୍—ବି. କୁଟେଇ

ସୁପା.ଲ—ବି. ଶ୍ରେଷ୍ଠ କଳସୀ

ସୁପା.ର—ବି. ଗୁଆ

ସୁସୁ—ବି. ଚାହୁ

ସୁସୁର୍ ସୁସୁର୍—କ୍ରି. ବିଂ. ଚୁପି ଚୁପି

ସୁସୁର୍—କ୍ରି. ଚୁପିବା

ସୁସୁଡ୍—ବିଂ. ନମ୍ର, ଶାନ୍ତ

ସୁସୁରୁ—ବି. ଆଗପଛ ହେବା (ଏକର ଜନ୍ମ ପରେ ଆଉ ଏକ ଜନ୍ମ ହେଲେ ଏମାନେ ସମ୍ପର୍କରେ ସୁସୁରୁ ହୁଅନ୍ତି) ସହୋଦର, କ୍ରି. ଆଗ ପଛ ହୋଇ ଯିବା

ସୁସୁର—କ୍ରି ବିଂ. ନିକଟବର୍ତ୍ତୀ, ପାଖାପାଖି, ନିକଟ, ନିକଟ

ସୁସୁଣ—ବି. ସପୁର

ସୁଫଅଟ୍—ବିଂ. ରୁଚିକର, ସନ୍ତୋଷ ଜନକ କ୍ରି. ରୁଚିକର ହେବା, ସନ୍ତୋଷ ଜନକ ହେବା

ସୁଫର୍ ଫସ୍‌ପେଟ୍ ସାରଥ—ବି. ସୁପର ଫସ୍‌ପେଟ ସାର

ସୁବା.—ବି. ସୁବା, ଅଂଚଳ

ସୁବିଡା.—ବି. ସୁବିଧା କ୍ରି. ସୁବିଧା ହେବା

ସୁବୁଦ—ବି. ସୁବୋଧ, ଶାନ୍ତ, ନମ୍ର କ୍ରି. ଶାନ୍ତ ରହିବା, ନମ୍ର ହେବା

ସୁବୁର୍—କ୍ରି. ଶାନ୍ତ ହେବା, ଅପେକ୍ଷା କରିବା

ସୁବୁରସ୍ଥା—ବି. ଅପେକ୍ଷାକାଂକ୍ଷା

ସୁବେଦାର୍—ବି. ସୁବେଦାର

ସୁଭଙ୍କର—ବି. ମାନପାଙ୍କର ସୁନ୍ଦ ରଚୟିତା

ସୁଭି.—ବି. ସଂଶୟ କ୍ରି. ସଂଶୟ ଉପୁଜିବା

ସୁମଝା.ଉ—କ୍ରି. ବୁଝିବା, ବୁଝାଇବା

ସୁମ୍‌ଝାଉନି—ବି. ପାଉଣା (ସାମୟିକ କର୍ମପାଇଁ ଦେବା ପୁରସ୍କାର)

ସୁମଦ୍ଧି—ବି. ସମୃଦ୍ଧ

ସୁମ୍ବା.ଉ—କ୍ରି. ସହିବା, ସହିନେବା

ସୁମା.ଦ୍—ବିଂ. ଖାଲି ଗୋଟିଏ, କେବଳ ଗୋଟିଏ

ସୁମା.ନ୍—କ୍ରି. ଖରାପ୍ ଚିନ୍ତା ଦୂର କରିବା, ଶାନ୍ତ ହେବା କାଳସିଙ୍କୁ ଶାନ୍ତ କରିବା ଶବ୍ଦ

ସୁମାର—ବି. ଜନଗଣନା

ସୁମୁଂ—ବି. କେବଳ, ଏକୁଟିଆ,
ଉ: ଇଞ୍ଜ୍ ସୁମୁଂ ଇଞ୍ଜ୍ ହେନ୍ ଆକାନା - କେବଳ ମୁଁ ଏକୁଟିଆ ଅଛି

ସୁମୁଂଗୁର୍— ବିଂ. ଗୋଲ, ଠୁଲ ହୋଇଥିବା, ବଳମ୍ବ
କ୍ରି. ଗୋଲ ହେବା, ଠୁଲ ହେବା, ବଳମ୍ବ କରିବା

ସୁମେରୁ—ବି. ସୁମେରୁ

ସୁୟୁଂ/ସୁୟୁଡ୍ (ଲ)—କ୍ରି. ସିଟି ମାରିବା, ଇଙ୍ଗିତ କରିବା

ସୁର୍—ବି. ସ୍ୱର, ତାନ

ସୁ-ର୍— ବି. ପାଖ, ନିକଟ

ସୁ-ରରେ—କ୍ରି.ବିଂ. ପାଖରେ, ନିକଟରେ (ଅଛି)

ସୁର୍କା ବାବେର୍—ବି. ଫାଶ ଜାଲ ଯାହା ଦ୍ୱାରା ଠେକୁଆକୁ ଧରନ୍ତି

ସୁର୍କା.ଡ୍—କ୍ରି. ଭିତରକୁ ଟାଣିବା, ଭିତରରୁ ଟାଣି ବାହାର କରିବା

ସୁର୍କ—ବି. ସୁରଙ୍ଗ, ସୁରୁଙ୍ଗି

ସୁର୍ଗିବାହା—ବି. ସୁରଗିଫୁଲ, ଶାଳ ଫୁଲ

ସୁର୍ଗୁଜା—ବି. ସୁର୍.ଗୁଜା

ସୁର୍ଜାକାନଡା—ବି. ସୂର୍ଯ୍ୟକାନ୍ତ ମଣି

ସୁରନ୍‌ଗା.ଓ୍—କ୍ରି. ଉତ୍ତେଜିତ କରିବା

ସୁର୍ବାଂ—ବି. କ୍ରୋଧ, କ୍ରି. କ୍ରୋଧିତ ହେବା

ସୁର୍ବୁଜୁଜ୍—ବିଂ. ଅସମ୍ପୂର୍ଣ୍ଣ ଦରପକ୍ୱ, ଦରଭିଜା, ଦରସଡ଼ା
କ୍ରି. ଦରପକ୍ୱ ହେବା, ଦରଭିଜା ହେବା, ଦରସଡ଼ା ହେବା

ସୁରସା.—ବି. ଗଛର ମୁନିଆଁ ଅଂଶ, ଡାଳର ଧାରୁଆ ଅଂଶ
ପଶୁର ତାଳୁରେ ହେଉ ଥିବା ରୋଗ, ତାଳୁକଣା
କ୍ରି. ପଶୁଙ୍କର ତାଳୁ କଣା ହେବା

ସୁର୍ସୁଲ ଡ୍—ବିଂ. କ୍ରୋଧିତ କ୍ରି. କ୍ରୋଧରେ ଜଳିଯିବା

ସୁର୍ଲୁନ୍‌ଦାରେ—ବି. ଏକ ବୁଦା ଜାତୀୟ ଗଛ

ସୁସ୍ଥ—ବି. ଏକ ପ୍ରକାର କୀଟ ଯେ ପଶୁ ଶିଙ୍ଗକୁ ନଷ୍ଟକରେ

ସୁସ୍ଥ—ବି. ଅସରପା ଜାତୀୟ ପୋକ

ସୁସ୍ଥ ଘାଁସ.—ବି. ଏକ ପ୍ରକାର ଘାସର ନାମ

ସୁରକ୍—ବି. ସମାନତା, ତୁଲ୍ୟ କ୍ରି. ସମାନ ହେବା,
ବରାବର ହେବା

ସୁରୁହକ୍‌ତେ—କ୍ରି. ଏକା ସିଧାରେ ହେବା,
ଗୋଟାଏ ଜାଗରେ ହେବା

ସୁଗମାଠା ଅଲାଂ—ବି. ଜଙ୍ଗଲି କଣ୍ଟା ସାଗ ଗଛ

ସୁରୁ—ବିଂ. ସବୁ କ୍ରି. ଆରମ୍ଭ କରିବା

ସୁରୁଂ—ବି. ସୁଡ଼ଙ୍ଗ

ସୁରୁଚ୍—ବି. ସୁଡୁକ, କ୍ରି. ସୁଡୁକିବା

ସୁରୁର୍ ସୁରୁଚ୍—କ୍ରି. ସୁଁ ସୁଁ ସୁଡୁର ସୁଡୁର୍ ହେବା
ଉ: ମାଁ ଦାଃ କାନ୍‌ତେ ସୁରଚ୍ ସୁରୁଚ୍ ଅଂ ନାନାସୁ
ଶର୍ଦ୍ଦି ହୋଇଥିବା ହେତୁ ସୁଁ ସୁଁ ସୁଡୁର ସୁଡୁର କରୁଛି

ସୁରୁଚ୍ ସୁସୁକ୍—କ୍ରି. ସିଙ୍ଘାଣି ବୋହିବା

ସୁରୁଜ୍—ବି. ସୂର୍ଯ୍ୟ

ସୁରୁଜ୍ ମୁଖି ବାହା/ସୁରଜ୍ ମୁନ—ବି. ସୂର୍ଯ୍ୟମୁଖୀ ଫୁଲ

ସୁରଜମୁଖ ହୁଲ୍ଲୁ—ବି. ସୂର୍ଯ୍ୟମୁଖୀ ଧାନ

ସୁରୁଜମୁଖି ମାରିଚ—ବି. ସୂର୍ଯ୍ୟମୁଖୀ ମରିଚ (ଲଙ୍କା)

ସୁରୁଜ୍ ଲେଦେର୍‌ବାହା—ସୂର୍ଯ୍ୟମୁଖୀ ଫୁଲ

ସୁରୁଡ୍—ବି. ମୁହଁ, ମୁଖ, ରୂପ

ସୁରୁଆଲ୍—କ୍ରି. ସମତଳ କରିବା, ଶାନ୍ତ କରିବା,
ସ୍ଥିର କରିବା

ସୁରୁସୁଚ—କ୍ରି. ବିଂ. ଅସୁନ୍ଦରିଆ ହେବା, ଝିଙ୍ଗା ଝିଙ୍ଗି ହୋଇ
(କମ୍ପିଥିବା, ଥରୁଥିବା)

ସୁରୁଲ୍ ସୁରୁଲ୍—କ୍ରି. ସରସର ବୋହିବା
କ୍ରି. ବିଂ. ଝରଣାରୁ ଜୋର ଜୋର ହୋଇ ପାଣି
ବୋହି ଯିବା ପ୍ରକ୍ରିୟା
(ସ୍ରୋତ ଧାର ବହୁଥିବା) ପ୍ରଖର ସ୍ରୋତ

ସୁର୍ଲୁନଦୁଜ୍ (ଚ୍)—ବି. ଏକ ପ୍ରକାରର ଶ୍ଳେଷ୍ଟ ଚଢ଼େଇ

ସୁଲା. (ଡ଼ା)—ବି. ଯୋଡା ପାଣିରେ ବଢୁଥିବା ଏକପ୍ରକାର ଗଛ
ଯେଉଁଥିରୁ ମସିଣା ହୁଏ

ସୁଲା.ଲକ୍ହାସୁ—ବି. ପେଟ କଟା ରୋଗ

ସୁଲ (ଓ) ଭଲ୍—ବି. ଶ୍ରେଷ୍ଠ ଖଟା ଅମ୍ଳ କ୍ରି. ଶୂଳ ଦେବା

ସୁଲୁଂ (ଲୁଂ)—ବି. କ୍ରମଶଃ ଗମ୍ଭୀର ହୋଇଥିବା, ଗହ୍ୱର
ଗମ୍ଭୀର ଥିବା

ସୁଲୁଁକୁର୍—ବି. ଏକପ୍ରକାର ଗଛ

ସୁଲୁ (ଲୁ)ର୍—ବି. ସଙ୍କୀର୍ଣ୍ଣ ଚଲା ରାସ୍ତା
କ୍ରି. ଲୁଚିଯିବା, ବାଟରେ ହଜିଯିବା

ସୁଲୁ (ଲୁ) ସୁର୍—କ୍ରି. ଅଣ୍ଡାରେ ସିଙ୍କୁଡ଼ି ଯିବା
ବି. ସୁଲୁସୁର୍ ବୃକ୍ଷ

ସୁଲେ (ଲେ)—ବି. ଖେଚୁଡ଼ି କ୍ରି. ଖେଚୁଡ଼ି କରିବା

ସୁଲେ (ଲେ) ବାସ୍କେ—ବି. ବାସ୍କେ ଗୋଷ୍ଠୀର ଏକ
ଉପ ଗୋଷ୍ଠୀ

ସୁଲ୍ତାନ୍—ବି. ସୁଲତାନ

ସୁଲ୍ ସୁଲ୍—କ୍ରି. ବିଂ. ଧୀରେ ଧୀରେ (ପବନ ବହିବା)

ସୁଲ୍ସୁଲ୍ଆ—ବିଂ. ସୁଲୁସୁଲିଆ (ପବନ)

ସୁଲ୍ଗାହ୍—କ୍ରି. ସୁଗାଇ ଦେବା, ଚୁଲିରେ ସଙ୍ଗେଇବା

ସୁଲ୍ତା—ବି. ସଳିତା, ବତୀର ଫିତା

ସୁଲ୍ଲ.—ବି. ଶଙ୍କୁଡ଼ା, କ୍ରି. ଶଙ୍କୁଡ଼ା କରିବା

ସୁଲ.—ବି. କୁଡ଼ା ବା ଖୋସା ଶକ୍ତ କରିବା ଖିଲା ବା କଣ୍ଟା,
ମୁଣ୍ଡରେ ଚୁଲ ଯୋଡ଼ିବା

ସୁଲ.କ୍—ବି. ଫୋଡ଼ଣି, କ୍ଲିପ୍

ସୁଲ୍ହ(ଲ୍)—କ୍ରି. ମୌଜ କରିବା, ମନୋରଞ୍ଜନ କରିବା

ସୁଲି—ବି. ଛନ ବା ସାଢ଼େ ଛଅ ହାତିଆ, ଦଣ୍ଡା ଜାହାକୁ
ନଦୀ ପାର୍ କରିବା ବେଳେ ପାଣି ମାପ କରିବା
କାମରେ ଲଗେ, ଏକ ପ୍ରକାର ସାପର ନାମ,
ସୋଲରେ ଟ୍ଲୁ ଲାଗିଥିବା, ମାଛ ଧରିବା ଜାଲ

ସୁଲୁକ୍—ବି. ସହଯୋଗ, ଶାନ୍ତି, ମିଳତା
କ୍ରି. ବିଂ. ପରସ୍ପର ସହଯୋଗ ସହକାରେ ଶାନ୍ତିରେ
ରହିବା ପ୍ରକ୍ରିୟା

ସୁଲମ ସୁଲୁକ୍—କ୍ରି. ବିଂ. ଶାନ୍ତି ପୂର୍ବକ

ସୁଲୁର୍—ବି. ସିଙ୍ଘାଣି, କ୍ରି. ସିଙ୍ଘାଣି ବୋହିବା

ସୁଲୁସ୍ ଲୁନ୍ଦୁସ୍—ବି. ଉଦ୍ଧମ, ମନ୍ଥନ

ସୁଲୁସ୍ ଲୁନ୍ଦୁସ୍ ଚେଣେ—ବି. ସୁଲୁଆ ସୁଲୁଆ ପକ୍ଷୀ

ସୁଲୁଚନା—ବି. ସୁଲୋଚନା ନାମ ବିଶେଷ

ସୁଲୁଭ—ବି. ସୁଲଭ, ସ୍ୱଳ୍ପମୂଲ୍ୟ

ସୁଲ୍ଅତାନ୍—ବି. ସୁଲତାନ

ସୁଲଅମାନ୍—ବି. ସମାନ ସମାନ, କ୍ରି. ସମାନ ସମାନ ହେବା

ସୁଲୁଂ—ବି. ମିଳତା

ସୁଲୁଂ—ବିଂ. ମିଳ, କ୍ରି. ମିଳ ହେବା

ସୁଲୁଂବୁହୁଂ—କ୍ରି. ସାଥୀ ସାଥୀ ରହିବା
କ୍ରି. ବିଂ. ମିଳ ବା ସାଥୀ ହୋଇ (ରହିବା)

ସୁସ୍—ବି. ପଢ଼ତା, ସମତା, କ୍ରି. ପଢ଼ତା ପଡ଼ିବା, ସମତା
ଆଦାୟ ପାଇବା

ସୁସ୍ଢ—ବିଂ. ସୁଖି ଅଳସୁଆ, ମଠୁଆ
କ୍ରି. ମଠ କରିବା, ଡେରି କରିବା

ସୁସ୍କ ଦାଆ—ବି. ଏକ ପ୍ରକାର ଗଛର ନାମ

ସୁସ୍ମାର—ବି. ଏକ ପ୍ରକାର ବଡ଼ ସଁବାଳୁଆ ଜାତିର ପୋକ,
ସେ ଫୋଡ଼ି ଦେଲେ ବହୁତ ବଥେ

ସୁସା.ନ—ବିଂ. ଉତ୍ତମ, ଭଲ

ସୁସା.ର୍—କ୍ରି. ପରିଷ୍କାର କରିବା, ସଂସ୍କାର କରିବା

ସୁସା.ରିଆ—ବିଂ. ସଂସ୍କାରକ, ପରିଷ୍କାର କାରକ

ସୁସା.ର—ବି. ମୁଖ୍ୟ ପୂଜାସ୍ଥ

ସୁସି—କ୍ରି. ବାହୁନା କରିବା, ବି. ବାହାନା, ଆଳ

ସୁଃସିଇନ୍—ବିଂ. ବାହାନା କରିବା ବାଲା

ସୁସୁର୍—କ୍ରି. ବିଂ. ପାଖକୁ ଦେବା କାମ

ସୁସୁରିକ୍—ବି. ପାଟକୁ ଦେବାବାଲା

ସୁସୁକ୍ଠା.ଂ—ବିଂ. ମୁହଁଫୁଲା, ଅସନ୍ତୋଷ ଭାବ ବ୍ୟକ୍ତ
କରୁଥିବା ଲୋକ, ଗୁମ୍ସୁମିଆ

ସୁସୁରୁବାଂ—ବିଂ. ବକୁଡ଼ି

ସୁସୁରୁବାଂ ଡାଣ୍ଡା—ବିଂ. ବକୁଡ଼ି କମର, ପତଳା କମର ବାଲା

ସୁସୁରୁସା—ବି. ଶୁଶ୍ରୂଷା, ସେବା
କ୍ରି. ଶୁଶ୍ରୂଷା କରିବା, ସେବା କରିବା
ସୁସୁଲ୍‌ଟା ୦ —ବିଂ. ହୃଷ୍ଟପୁଷ୍ଟ, ସ୍ୱାସ୍ଥ୍ୟବାନ
କ୍ରି. ହୃଷ୍ଟପୁଷ୍ଟ ହେବା
ସୁହନ—ବିଂ. କୋମଳ, ଧୀର, ବି. ମାନସିକ
କ୍ରି. ସହିବା, ମାନସିକ କରିବା
ସୁହର—ବି. ଧାନ ନଷ୍ଟକାରୀ ଏକ ପ୍ରକାରର କୀଟ
ସୁହି—କ୍ରି. ହସ୍ତାକ୍ଷର କରିବା, ଦସ୍ତଖତ କରିବା,
ଲକ୍ଷ୍ୟ ସ୍ଥିର କରିବା, ସିଧାକରି ଧରିବା, ନିର୍ଣ୍ଣିତ କରିବା
ଉ: ସୁହିମେ—ଦସ୍ତଖତ କର, ସାର୍ ସୁହିମେ—ଶର ଲକ୍ଷରେ
ରଖ, ସୁହିକାତେ ସାବ୍‌ମେ—ସିଧା କରି ଧର
ସୁହିଗିରୁ, ଭେଜାସୁମେ—ନିର୍ଣ୍ଣିତ କରିଥିବା ନିମନ୍ତ୍ରଣ ପଠାଅ
ସୁହିସୁହି—କ୍ରି. ନିର୍ଣ୍ଣୟ କରିବା, ସ୍ଥିର କରିବା
ସୁହୃ—କ୍ରି. ଓହ୍ଲାଇବା, କମାଇବା
ସୁହୁସ—ବି. ସଇସ
ସୁହୁ—କ୍ରି. ଆତ୍ମ ପ୍ରଶଂସା କରିବା
ସେ—କ୍ରି. ଉଭୁର ପଡ଼ିବା, (ସଂଯୋଜକ) ବା କିମ୍ବା
ଉ: ଦାକା ହେଡେଜ୍‌କାତେ ସେ ଏନା—ଭାତ ଫୁଟି ଉଭୁର ପଡ଼ିଲା
(୨) ଉନ ସେ ନୁଇ—ସେ ବା ଇଏ
ସେଆ(ସ୍ୱା)—ବି. ପଶୁ, ସଢ଼ା
ସେଆ ୦ —କ୍ରି. ପଚିବା. ସଢ଼ିବା, ବିଂ. ପଚନଶୀଳ
ସେଆନ୍—ବି. ସିଆଣା, ବୁଦ୍ଧିମାନ, ଚତୁର
ସେଓ—ବି. ସେଓ, ଫଳ ବିଶେଷ
ସେକ୍—ବି. ସେକ, ଦଣ୍ଡ
ସେକାଓ—କ୍ରି. ସେକିବା, ସେକ ଦେବା, ଦଣ୍ଡ ଦେବା
ସେକାସେକ—କ୍ରି. ବିଂ. ସେକା ସେକ କରିବା, ତୋଷାମଦ
କରିବା
ସେ଼ାକାଓ—ବିଂ. ସେକଦେବା (ବ୍ୟକ୍ତି)
ସେଁକ୍‌ତୋଜ୍—କ୍ରି. ବିଂ. ଦମନେବା ପ୍ରକ୍ରିୟା, ଦମନେବା
ସେକ୍‌ରେଦ୍ ଦାରେ—ବି. ସେକ୍‌ରେଜ୍ ନାମକ ଗଛ

ସେକରେର୍‌ମେନ୍ତେ—କ୍ରି. ବିଂ. ଝଣ ଝଣ ଶବ୍ଦ ସହ ପଡ଼ିବା
ସେକ୍‌ସେକେ—କ୍ରି. ବିଂ. ବାହାରକୁ ଅଧା ବାହାରି ଥିବା (ଦ୍ରବ୍ୟ)
ସେକେଜ୍ ମେନ୍‌ତେ, ସେକେଚ୍ ସେକେଚ୍—ଝଣ ଝଣ ଶବ୍ଦ
କରି ପଡ଼ିବା
ସେକେନ୍ଦୁ ରିଁସୁଁଲ୍—ବିଂ. ଲମ୍ବା ବାଡ଼ି ଯାହାକୁ କାନ୍ଧରେ
ପକାଇଲେ ଦୁଇ ପାଖ ଭୂମିରେ ଲାଗୁଥିବ
ସେକେଦକେ/ସେକେ ସେକେ—ବିଂ. ଆଭୁଷଣପୂର୍ଣ୍ଣ ଶରୀର
ସେକେଣ୍ଡ୍—ବି. ସେକେଣ୍ଡ
ସେଗା —ବି. ମାଲୁଆ ଜାତୀୟ ଏକ ଜଳଚର ଜୀବ
ସେଗା—ବିଂ. ଥୁଣ୍ଟିଆ, ଜିଦଖୋ
ସେଗେର୍ ସେଟେର୍—ବିଂ. ଏକାଠାରେ ବହୁତ ମାଛ ଛଟପଟ
ହେଉଥିବା ସ୍ଥିତି
ସେଗେ ସେଟେ—କ୍ରି. ଠେଲାପେଲା ଭିଡ଼, ଅତ୍ୟଧିକ ଭିଡ଼
ସେଗେରଡେ(ଲେ)—ବିଂ. ଗୋଡ଼ପୂର୍ଣ୍ଣ. ଗୋଡ଼ରେ ଭରପୂର ଥିବା
ସେଙ୍ଗେମ୍—କ୍ରି. ଦମନେବା, ଥକା ମାରିବା
ସେଙ୍ଗେଲ୍—ବି. ନିଆଁ, କ୍ରି. ନିଆଁ ଜଳାଇଦେବା
ସେଙ୍ଗେଲ ଏରେ—ବି. ଲାଲ କାଠଶୁମ୍ପି ଚଢେଇ
ସେଙ୍ଗେଲ୍ କୁଟିସ୍—ବି. ଅଙ୍ଗାର
ସେଙ୍ଗେଲ୍ ଗିଦ୍ଧ—ବି. ଲାଲ ବେକିଆ ଶାଗୁଣା, ଗୃଧ,
ନାଲି ମୁଣ୍ଡିଆ ଗୃଧ
ସେଙ୍ଗେଲ ଫୁରୁକା.ଡ୍ ବୁରୁ—ବି. ଜ୍ୱାଳାମୁଖି ପର୍ବତ
ସେଙ୍ଗେଲ୍‌ବୁରୁ—ବି. ଅଗ୍ନେୟଗିରି
ସେଙ୍ଗେଲ୍ ଲେକା—ବିଂ. ଅଗ୍ନି ସଦୃଶ୍ୟ
ସେଙ୍ଗେଲ୍ ଅଲଂ—ବିଂ. ଅଗ୍ନିସମ
ସେଙ୍ଗେଲ୍ ମାରୁମାରୁ—ବି ତେଜାଳିଆ ବସ୍ତୁ
ସେଙ୍ଗେଲସିଂ ଦାରେ—ବି. ବକୁଆଡ଼ ଗଛ
ସେଙ୍ଗେଲଃ—କ୍ରି. କ୍ରୋଧରେ ଜଳିବା, କୋରରେ ରାଗିଯିବା
ସେଚ୍—ଅ. ପାଖ, ଆଡ଼, କ୍ରି. ସହମତ ହେବା
ଉ: ଅନା ସେଚ୍—ସେ ପାଖ, ସେ ଆଡ଼
ସେଚେତୁ—ବି. ଶିକ୍ଷା
ସେଚେତଃ—କ୍ରି. ଶିକ୍ଷିତ ହେବା

ସେଜ୍‌ଅ—ବି. ବିଛଣା, ଶେଯ

ସେଜେଲ୍—ବି. ଏକ ପ୍ରକାର ହରିଣ

ସେଟେର୍—ଢେଙ୍କିରେ ପ୍ରଥମଥର ଧାନ କୁଟିବା, ଧାନ ଦରକୁଟା କରିବା

ସେଟେନ୍—କ୍ରି. ଭେଦିବା, ଛେଦିବା, ପ୍ରସବ ପକାଇବା, କାଢିବା

ସେଟେପେଟେ—ବିଂ. ଏକାଠି ଅଳ୍ପ ପାଣିରେ ଗୋଟା ଗୋଡ଼ି ହେବା (ମାଛ), ଅଳ୍ପ ଯାଗାରେ ବହୁତ ଲୋକର ଭିଡ଼ ହେବା

ସେଟେ ସେଟେ—କ୍ରି. ଫୁଟ ଫୁଟ କରି (ଭାତ) ଫୁଟିବା

ସେଟେସରଡ୍—ବି. ଏକ ପ୍ରକାରର ଝିଣ୍ଟିକା

ସେଡେ (ଲେ)ଗଡେ—କ୍ରି. ପାଣିକୁ ଗୋଳିଆ କରିବା

ସେଡେଡ୍‌ପେଟେ—କ୍ରି. ବିଂ. ପାଣି ଛୁଞ୍ଚାଡ଼ ହେବା

ସେଡ୍—ଅ. ଆଡ଼କୁ କ୍ରି. ଅଡ଼େଇ ଦେବା (ଗାଈଙ୍କୁ ଅଡେଇ ଦେବା)

ଉ: ଅକା ସେଡ୍ ଏମ୍ ସେନଃକାନା - କେଉଁ ଆଡ଼କୁ ଯାଉଛ

ସେତା—ବି. କୁକୁର

ସେତାକତା—ବି. ଭାଲମୁଳ

ସେତାଲୁଦ୍—ବି. ଏକ ପ୍ରକାର ଛତୁ

ସେତା ସୁଟ୍‌କା.—ବି. ଛୋଟ ଗୋଲ ଛତୁ

ସେତା ସାଗାଃ ଘାସ୍—ବି. ଏକ ପ୍ରକାରର ଘାସ

ସେତା ∞ —ବି. ସକାଳ, ପ୍ରାତଃକାଳ

ସେତା ∞ ଖନ୍—କ୍ରି. ବିଂ. ସକାଳ ଠାରୁ

ସେତା ∞ ବେର୍—କ୍ରି. ବିଂ. ସକାଳ ବେଳ

ସେତା ∞ ସେତା ∞ —କ୍ରି. ବିଂ. ସକାଳୁ ସକାଳୁ

ସେତା ∞ ଜମ୍—ବି. ସକାଳ ଭୋଜନ

ସେବୁ—ବି. ସେଉ

ସେରୁଂ—ବି. ଖରା

ସେରୁଂ ଦିନ୍—ବି. ଖରାଦିନ, ଗ୍ରୀଷ୍ମ

ସେରୁଂବେଲା—ବି. ଖରାବେଳ

ସେରୁଂ ସିରୁଂ—କ୍ରି. ବିଂ. ଖରା ଖରାରେ

ସେରୁଂଲଲ—ବି. ଖରାତାତି

ସେରୁଂଲଲ ଦିନ୍—ବି. ଗ୍ରୀଷ୍ମଦିନ, ଖରାତାତି ଦିନ

ସେଲେଞ୍ଚ୍—କ୍ରି. ଝର ଫୁଟି ପାଣି ବାହାରିବା

ସେଲେଞ୍ଚ୍—କ୍ରି. ସଲ୍ଖେଇବା

ସେତେଲେଲ୍ତ—ଅ. ଅନ୍ୟର ସହିତ ଅର୍ଥରେ ପ୍ରୟୋଗ

ଉ: ଇନ୍ଦ ସେତେଲେଲ୍ତ ବାଜାରଏ ସେନଃଆ - ତାହା ସହିତ ବଜାରକୁ ଯିବ

ସେତେ—ବି. ସେତେ

ସେଥା—ବି. ସେଥା, ସିଠିଆ, (ରକ୍ତ ସ୍ୱଳତା ଦଶାଃ ଦେହର ରଙ୍ଗ ଯାହା ଦିଶେ) ସେହି ରଙ୍ଗ

ସେଦ୍—ଅ. ଦିଗକୁ, ଠାକୁ, ଆଡ଼କୁ

ଅକାସେଦ୍—ସ. କେଉଁଠାକୁ, କେଉଁ ଆଡ଼କୁ

ଅକଯ୍ ସେଦ୍—କାହାଠାକୁ

ବେଲାଗ୍‌କାଦ୍ ସେଦ୍—ପୂର୍ବ ଦିଗକୁ

ଆ.ତୁସେଦ୍—ଗାଁ ଆଡ଼କୁ

ସେଦାୟ—କ୍ରି. ବିଂ. ପୂର୍ବକାଳରେ ବିଂ. ପୁରାତନ

ସେନ୍—ଅ. ଠାକୁ, ଆଡ଼କୁ, ଦିଗକୁ

ସେନ୍—କ୍ରି. ଯିବା, ମାଣିବା

ସେନ୍ଦ୍ରା—କ୍ରି. ଶିକାର, ଖୋଜିବା, ଯୋଗାଡ଼ କରି ଆଣିବା

ସେନ୍ଦ୍ରାଗ୍ କଲା—ବିଂ.—ଶିକାରୀ ଯୁବକ

ସେନ୍ଦ୍ରାଗ୍ ଟାଣ୍ଡି—ବି. ଶିକାର ଅପେକ୍ଷାରେ ସମ୍ମିଳିତ ହେବା ସ୍ଥାନ

ସେନ୍ଦ୍ରାଗ୍ ବାସା—କ୍ରି. ବିଂ. ବସା. ରହି ଶିକାର କରିବା ସ୍ଥାନ

ସେନଃ ମେ—ଯାଅ

ସେନଃକା.ନା.ଞ୍ଚ୍—ଯାଉଅଛୁ

ସେନଃଆ.ଞ୍ଚ—ଯିବ

ସେନ୍‌ଲେନା.ଞ୍ଚ—ଯାଇଥିଲି

ସେନ୍‌କଅଞ୍ଚ୍—ଯାଇଥିବି

ସେନ୍ହାନ୍ଲାଃ ଆଞ୍ଜ୍—ସାଲ୍ଥିବ
ସେନା—ବ. ସୈନ୍ୟ
ସେନେ ଦେନେର୍—କ୍ରି. ବଂ. ଉଭୟ ପାର୍ଶ୍ବ
ସେନେର୍—ବ. ଲୁଅ
ସେପେଞ୍ଜ୍—କ୍ରି. (ହାତରେ ଧରି) ଉଚ୍ଚରେ ରଖିବା
ସେଫ୍—ବ. (ଇଂ) ଖୋଲ (shelf)
ସେଫାଲକା ବାହା—ବ. ସେଫାଲିକା ଫୁଲ
ସେଫୁଁ—କ୍ରି. ବଂ. ଫଁ ଫଁ ହେବା, କ୍ରି. ଧକେଇବା
ସେବକ୍—କ୍ରି. ପରିଚର୍ଯ୍ୟା କରିବା, ସେବା କରିବା
ସେବତି ବାହା—ବ. ସେବତି ଫୁଲ
ସେବା—ବ. ସେବା, ପରିଚର୍ଯ୍ୟା
ସେ ବଚକମ୍—ଅ. କଲୁ
ସେବକା—ବ. ସେବକା
ସେବେର୍—ବଂ. ଚପ ଚପିଆ, ଭିଜାକରି ଚପ ଚପ ହେବା, ସ୍ୱଳ୍ପ ଜଳର ସ୍ଥିତି
ସେବେର୍ ସେବେର୍—କ୍ରି. ବଂ. ଚପର ଚପର ହୋଇ ଥିବା (ପାଣି), (ଆନନ୍ଦ ଦାୟକ ଶବ୍ଦ)
ନାଚ ଜୋର ସୋରରେ ଗୁଲ୍ଥିବା ପୁଅମାନେ ଏ ଶବ୍ଦ ବ୍ୟବହାର ଜୋରରେ କହନ୍ତି
ସେ ଭ୍.ଉର୍—କ୍ରି. ବଂ କହିବା ବାହୁଲ୍ୟ, ନୁହେଁ କି
ସେ ଭଲ୍—କ୍ରି. ବଂ. ହୋଇ ପାରେ (ନୁହଁ), ହେବପଦ୍ଧ (ନୁହେଁ)
ସେମ୍—ବଂ. ଭିଜା, ସିଙ୍ଘାଣିରେ ଭିଜିଥିବା, କ୍ରି. ଭିଜିବା
ସେମ୍ଦେ ସୁରୁର୍ (କ୍)—ବ. ସିଙ୍ଘାଣିରେ ସରସଟ
କ୍ରି. ସିଙ୍ଘାଣିରେ ଭିଜି ସରସଟ ହେବା
ସେମ୍ସେମାଓ୍—ବଂ. (ସର୍ଦ୍ଦିରେ) ସିଁ ସିଁ ଶବ୍ଦ
କ୍ରି. ସର୍ଦ୍ଦିରେ ସିଁ ସିଁ ସିଁ ସିଁ କରିବା, ସୁଁ ଭୁରୁ ସୁଁ କରିବା
ସେଁ ମେନ୍ତେ—କ୍ରି. ଦୀର୍ଘଶ୍ବାସ ନେବା
ସେ ମାସୁମ୍ ଇଭ(ଲ)—ବ. ଏକ ପ୍ରକାରର ବାଜଣ୍ଡ
ସେ ମାସ୍ଥାମ୍ ଜେଲ୍—ବ. ଏକ ପ୍ରକାରର ହରିଣ, ନାଲି ରଙ୍ଗିଆ ହରିଣ

ସେମେଲ୍ (ଚ୍)—ବ. ଶ୍ଳେଟ ପଥର
ସେମେଲ୍ ଗାଲେଲ୍—ବଂ. ଅତ୍ୟନ୍ତ ଚିନ୍ତିତ, ଅତ୍ୟନ୍ତ ଦୁଃଖିତ
କ୍ରି. ଅତି ଚିନ୍ତିତ ହେବା, ଅତି ଦୁଃଖ ପାଇବା
ସେର୍—ବ. ସେର
ସେର୍ଗେଜ୍—କ୍ରି. ବସ୍ତୁଚ୍ଛିତ ହେବା
ସେର୍କା ଦାରେ—ବ. ସମୀବୃକ୍ଷ
ସେର୍ଥା—ବଂ. ଶ୍ରେଷ୍ଠ, ଉପଯୁକ୍ତ, ଯୋଗ୍ୟ
ସେର୍ମା—ବ. ଆକାଶ, ସ୍ୱର୍ଗ, ବର୍ଷ
ସେର୍ମା ଗଡେଭ୍—ବ. ସ୍ୱର୍ଗ ଦୂତ
ସେର୍ସିଧା.—ବ. ସିଦା, ଖାଦ୍ୟ ସାମଗ୍ରୀ
ସେରମ୍—ବ. ଅଧ, ଅଧା
ସେରମ୍ ଦଦତା—କ୍ରି. ପୁନଃ ଅଧା ଦେବା
ସେରମ୍ ଦା ~ —କ୍ରି. ବଂ. ଅଧାଦେହ ବୁଡ଼ାଇ ଗାଧୋଇବା, ଅଣ୍ଟା ପାଣି ହେବା
ସେଗ୍ଲ—ବ. ସଗ୍ଲ ପକ୍ଷୀ
ସେଗ୍ରଓ୍—କ୍ରି. ଶେଷ କରିବା, ସାରି ଦେବା
ସେରେ—ବଂ. ଭିଜାଥିବା
ସେରେଗରେ—କ୍ରି. ବଂ. ଭିଜି କରି ସର୍ଦ୍ଦି କାମରେ ପୂରି ରହିଥିବା (ଶଙ୍ଖର)
ସେରେଲ୍ ଅଃ—କ୍ରି. ପତଳା ଝାଡ଼ା ହେବା, ପାଣିଆ ଝାଡ଼ା ହେବା
ସେରେର୍ ସେରେର୍—କ୍ରି. ବଂ. ପତଳା ଝାଡ଼ା ହେବାର ପ୍ରକ୍ରିୟା, (ଝର୍ ଝର୍ ଝାଡ଼ା ହେବା)
ସେରେଁଚ ସେରେଁଚ—କ୍ରି. ସର୍ଦ୍ଦି ହେଉ ନାକ ସୁଁ ସୁଁ ହେବା
ସେରେଞ୍ଜ୍—ବ. ଗୀତ, କ୍ରି. ଗୀତ ଗାଇବା
ସେରେଞ୍ଜ୍ ଆଡାଂ—କ୍ରି. ଗୀତ ଦୋହରାଇବା (ଅନ୍ୟମାନେ)
ସେରେଞ୍ଜ୍ ଦୁଙ୍ଗ୍—ବ. ଗୀତ ନାଚ
ସେରେଡ୍—କ୍ରି. ବଂ. ଧାନ ବଡ଼ା ପିଟିବାର ଶବ୍ଦ
ସେରେପେଟେ—କ୍ରି. ବଂ. ପାଣିରେ ସେରେପେଟେ ହେବା ପ୍ରକ୍ରିୟା, (କାଦୁ ଗାଧୁଆର ପ୍ରକ୍ରିୟା)
ସେରେସେରେ—ବ. ଜରକବା, ପାଣିରେ ଭିଜରହିବା

ସେରେଲ୍ (ଚ୍)—କ୍ରି. ଲଲ ବୋହି ପଡ଼ିବା

ସେରେଲ୍ ମେନତେ—କ୍ରି. ବି°. ପୁତକରି ଲଲ କାହାରି ପଡ଼ିବା

ସେରେଲ୍ ସେରେଲ୍—କ୍ରି. ବି°. ପାଟିର ପୁତ ପୁତ କରି ଲଲ ବୋହିବା ପ୍ରକ୍ରିୟା

ସେଲ୍—ଇଂ ବି. କଇଦ କୋଠରୀ

ସେଲ୍ ସେଲ—ବି. ଧଳା ରଙ୍ଗ

ସେଲେଗା.ମି—ବି. ଉଦ୍ଧତ ପଣ ବି°. ଅକ୍ଳାନ୍ତ ପରିଶ୍ରମି
କ୍ରି. ଅକ୍ଳାନ୍ତ ପରିଶ୍ରମ କରିବା

ସେଲତ୍ ଗାମା°—କ୍ରି. ବ୍ୟସ୍ତତା ସୃଷ୍ଟି କରିବା, ବ୍ୟାକୁଳ ହେବା

ସେଲେ ଟକେ—ବି°. ଶ୍ରେଷ୍ଠ ବଡ ପିଲା ସନ୍ତୁତ (ଯିବା)

ସେଲେନ୍ତ୍—କ୍ରି. ସାଙ୍ଗ କରିବା, ବି°. ମିଶି ଯାଇଥିବା

ସେଲେଦ୍—କ୍ରି. ମିଶାଇବା କ୍ରି. ବି°. ମିଶାଇକରି (ନେବା)

ସେନେବ୍—ବି. କୁଟୁମ୍ବ

ସେବା—ବି. ସେବା, ପୂଜା କ୍ରି. ପୂଜା କରିବା, ସେବା କରିବା

ସେବା ବେଦା—ବି. ପୂଜା ପାଠ କ୍ରି. ପୂଜା ଦ୍ରବ୍ୟ ଅର୍ପଣ କରିବା ପୂଜା କରିବା

ସେବେର୍ ଗେଲେର୍—କ୍ରି. ବ୍ୟାକୁଳ ହେବା, ଅନ୍ତସ୍ଥା କାନ୍ଧବା

ସେବେର୍ ସେବେର୍—କ୍ରି. କାନ୍ଦିବା ବେଳେ, ଓଠ ହଲାଇବା ପ୍ରକ୍ରିୟା

ସେସ୍—ଇଂ. ବି. CESS, କର, ଖଜଣା

ସେସ୍—ବି. ଶେଷ, ଅନ୍ତିମ କ୍ରି. ଶେଷ କରିବା, ସମାପ୍ତ କରିବା

ସେମୋଓ୍—କ୍ରି. ବି°. ସମାପ୍ତ କରିଦେବା, ସାରିକରି (ଯିବା)

ସେମାନ୍ତ—ବି. ଅନ୍ତ, ସମାପ୍ତ କ୍ରି. ସମାପ୍ତ ହେବା, ମରିବା

ସେମାନ୍ତେ—ସଂଯୋଜକ-ପରନ୍ତୁ

ସେମାସେସି—କ୍ରି. ବି°. ଶେଷ ସମସ୍ତ

ସେଁ ସେଁ—କ୍ରି. ସେଁ ସେଁ ହେବା

ସେସ°—କ୍ରି. ଶେଷ ହେବାର ପ୍ରକ୍ରିୟା

ସେଁଡା (ସେଣା)—ବି°. ସୁବା

ସେଁଡେଁ—ବି. ଶାସ୍ତ

ସେଁଡେଁପେଟେ—କ୍ରି. ପାଣି ଛିଟା ଛିଟି କରିବା

## ହ

ହ-ଅ—ଅ. ହଃ (ଦାମ୍ଭିକଦାତ୍ମକ ପଦ)

ହଃ—କ୍ରି. ନା, ନାହିଁ

ହଇଜା.—ବି. ହଇଜା ରୋଗ

ହଇରାନ—କ୍ରି. ହଇରାଣ ହେବା

ହଉ—ଅ. ହଁ, ହଉ

ହକ—ବି. ନ୍ୟାଯ୍ୟ, ହକ୍

ହକହକଅ°—କ୍ରି. ଆଶ୍ଚର୍ଯ୍ୟାନ୍ୱିତ ହେବା

ହକ୍ମାନ୍ତେ—ବି°. ଜୋରଦାର ଶବ୍ଦ ସହ (ପଡ଼ିବା)

ହକ୍ହକଅ—ବି°. ଚୌଡ଼ା, ଖୋଲା ହୋଇଥିବା (ସ୍ଥାନ, ଗଛ)
କ୍ରି. ବି°. ଖୋଲା ସ୍ଥାନ ହୋଇଥିବା, ଅଧିକ ଚୌଡ଼ା ହୋଇଥିବା

ହକ୍ଦାର୍—ବି. ଦାବିଦାର୍

ହକର୍—ବି. ହକର, ଡାକ ବିକିବା ଲୋକ

ହକଡ଼ା (ଲା) ଓ୍—କ୍ରି. ହକାଳିବା, ଲୁଗା ବୁଡ଼ାଇ ଧୋଇକରି ଆଣିବା

ହବାବୁକା.—ବି. ଚାଟକା, ହତବୁଦ୍ଧି
କ୍ରି. ଚାଟକା ହେବା, ହତବୁଦ୍ଧି ହେବା

ହାଂକାରେ—କ୍ରି. ବି°. କେଉଁଠାରେ

ହାଂକସ୍—ଅ. କଣ

ହଗ୍ହଗ୍—କ୍ରି. ବି°. ଅଶ୍ଳୀଳ ଭାବରେ ବସିବା, ଲୁଗା ଢଙ୍କା ନ ହୋଇଥିବା

ହଗର—ବି°. ପିଇବା, ଢକ ଢକ କରି ପିଇବା

ହଂ ହଂ—ବି. ଉଦୁଆ ମେଲା କ୍ରି. ବି°. ପୁରା ଖୋଲା ମେଲା ଅବସ୍ଥାରେ ଥିବା

ହଗରୁ—ବି°. ହଗୁରୁ

ହଚଲଅ—ବି°. ପାଖ କ୍ରି. ପାଖ ହେବା

ଉ: ହଚ୍ଲଆ ହର୍ରେତେ ସେନଃଆ - ପାଖ ରାସ୍ତାରେ ଯିବା

ହଜ୍ — ବି. ମୁସଲମାନମାନଙ୍କ ତୀର୍ଥ ଯାତ୍ରା

ହଜ୍ ହଜଅ — କ୍ରି. ବି. ଠିକ୍ ଭାବେ ପିନ୍ଧା ନ ଥିବା କମର ତଳକୁ ଲୁଗା ପିନ୍ଧାଥାଇ ଉପରାଂଶ ମୁକୁଳା ରହିଥିବା ଯୁଁ ଭରେ (ଚଳବୁଲ କରିବା)

ହଜା ହଜ୍‌ଅ — କ୍ରି. ବି. ଝୁଙ୍କି ଝୁଙ୍କି, ନଇଁ ନଇଁ ଶୀଘ୍ର ଯିବା

ହଜ୍‌ଗ — ବି. ବଡ଼ ପେଟବାଲା

କ୍ରି. ବି. ପେଟ ବାହାର ପଡ଼ିଥିବା

ହକର୍ ଝପର୍ — କ୍ରି. ବି. ଲୁଗାଭଳି ସଡ଼ ସଡ଼ ହୋଇଥିବା ଅବସ୍ଥାରେ ବୁଲିବା ପ୍ରକ୍ରିୟା

ହଚନ୍ତୁ — ଅ. କ୍ରିୟାର ଶେଷରେ, ଅଚନ୍ତୁ କମ୍ବା 'ଅଚ' ପଦ ଯୋଡ଼ିଲେ ଅସମ୍ପନ୍ନ କାଳର କ୍ରିୟା ହୁଏ

ଉ: ଜମ ହଚନ୍ତୁ — ଖାଉ

ଦା.ଲ୍ ହଚନ୍ତୁ — ଦୌଡ଼ୁ

ସେନ୍‌ହଚନ୍ତୁ — ଯାଉ ଆଢ

ହଜମ୍ — କ୍ରି. ହଜମ ହେବା

ହଜମି — ବି. ହଜମି ଔଷଧ

ହଞ୍ଜକାଂ — କ୍ରି. ଖସଡ଼ି ଗାଡରେ ପଡ଼ିବା

କ୍ରି. ବି. ଝସଡ଼ି ପଡ଼ି ଆଘାତ ପାଇବା

ହଞ୍ଜ୍‌ହାର୍ — ବି. ଶ୍ୱଶୁର

ହଞ୍ଜ୍‌ହାର୍‌ଏସ୍ଥା — ବି. ସମ୍ପର୍କରେ ଶ୍ୱଶୁର ପଡ଼ିବା

ହଟର୍ — କ୍ରି. ଚେଷ୍ଟା ବାହାର କରିବା, ହଇଁଚାଇବା

ହଟର୍ ହଟର୍ — କ୍ରି. ବି. ଖେଞ୍ଚୁ ଖେଞ୍ଚୁ (ମିଳାଇ)

ହଟ୍‌କର୍ — କ୍ରି. ଡାଙ୍ଗ, ଦାଆରେ ଆଞ୍ଚୁଡ଼ିବା, ଖେଞ୍ଚିବା

ହଟ୍‌କର୍ ହଟ୍‌କର୍ — କ୍ରି. ବି. ଆଞ୍ଚୁଡ଼ି ଆଞ୍ଚୁଡ଼ି

ହଟର୍ ସାନ୍ଟାଓ — କ୍ରି. ଖେଞ୍ଚି ଅଞ୍ଚୁଡ଼ି ଏକାଠି କରିବା

ହଟଂ — ବି. ବେକ

ହଟଂ ନାଁଲ୍‌କି — ବି. ଗଳାନଳୀ

ହଟାଂ — କ୍ରି. ବାଡ଼ିରେ ସ୍ଥଳନ କରିବା; ତଳରୁ ଉପରକୁ ଉଠା ପକା କରିବା, ଉଲଟିବା, ଶିଙ୍ଘରେ ଭୁଷିବା

ହଟାଃସାହା — କ୍ରି. ବାଡ଼ିରେ ଉଠାଇ ଆଡ଼େଇ ଦେବା ଜନିଷ

ହଟାଃ ପା.ସିର୍ — କ୍ରି. ବାଡ଼ିରେ ଜନିଷ ଉଠାଇ ଦୂରେଇ ଦେବା, ଫୋପାଡ଼ିବା

ହଟାଃ ପସ୍ଥଃ — କ୍ରି. ଲଗାମ ଛଡ଼ା ଭାଷା ପ୍ରୟୋଗ କରିବା

ହଟାଃଗଲ୍ — କ୍ରି. ଶିଙ୍ଘରେ ଫୋଡ଼ି ମାରିଦେବା

ହଟାଃ ସ୍ଥଗାଲ୍ — କ୍ରି. ଶିଙ୍ଗରେ ଫୋଡ଼ି ଦୁଇଫାଳ କରିବା

ହଟ୍ ହଟା — ବି. ହଟହଟା

କ୍ରି. ହଟହଟା କରିବା

ହଟିକାଲ୍‌ଚର୍ — ବି. (ଇଂ) ହର୍ଟିକଲଚର, ଉଦ୍ୟାନ ବିଦ୍ୟା

ହଠାର୍ — କ୍ରି. ବି. ହଠାତ୍

ହଡ଼ଗର୍ — କ୍ରି. ବାଡ଼ି ବା ଦଣ୍ଡା ପାଣିରେ ପୁରାଇ ଭିତରରେ ବୁଲାଇବା, ଗାଣ୍ଡିବା, ଗାତରେ ବାଡ଼ି ପୁରାଇ ବୁଲାଇବା

ହଡଗର୍ ହଡଗର୍ / ହଡର୍ ହଡର୍ — କ୍ରି. ବି. କାଠଦଣ୍ଡା ଘୋଷାରିବାରେ ଯେଉଁ ଶବ୍ଦ ହୁଏ

ହଡ଼ହଡ଼ଅ — କ୍ରି. ବି. ବଗୁଟକାସୁ କାଠ (ପଡ଼ିଛି)

ହଡ଼୍‌ଗ ହଡ଼୍‌ଗ — କ୍ରି. ବି. ଅଧିକ ପାଣିରେ ଭଉଁରି ଜନିତ ଯେଉଁ ଶବ୍ଦ ବାହାରେ

ହଣ୍ଡ୍‌ରଂ, ହଣ୍ଡ୍ରାଃ — କ୍ରି. ହୁଙ୍କାରିବା (ପଶୁର ହୁଙ୍କାର)

ବି. ଏକ ପ୍ରକାରର ଜନ୍ତୁ

ହଣ୍ଡାଂ — କ୍ରି. ଅଡ଼ଜାଇବା, ଭାଜିବା

କଡ଼ଚୁଲି କଡ଼େଇରେ ବୁଲାଇବା

ହଣ୍ଡାଂ ହଣ୍ଡାଂ — କ୍ରି. ବି. ଚଟୁ ଶୀଘ୍ର ବୁଲାଇ ବୁଲାଇ (ସିଦ୍ଧ କରିବା)

ହଣ୍ଡ୍‌ଭଂ — କ୍ରି. ହୁଙ୍କାରିବା, ଗର୍ଜ୍ଜନ କରିବା

ହଣ୍ଡ୍‌କକ୍‌ଟ — କ୍ରି. ବି. ପାଣି (ସୁଅ) ଜୋରରେ ବୋହି ଯାଉଥିବା ବେଳେ ବାଧା ପାଇ ଘୂର୍ଣ୍ଣନର ଶବ୍ଦ

ହଣ୍ଡୁଂ (ହନ୍‌ଡର୍‌ଂ) — ବି. ଅଧିକ ଖୋଲ ହେବା, ଖୋଲି ହୋଇ ଚହଡ଼ା ହେବା

ହଣ୍ଡ୍‌ସ୍ଥାଂ — କ୍ରି. ବି. ଏକ ତରଫା ଉଡ଼ିଯିବା

ହଣ୍ଡ୍‌ସ୍ଥାଲ ହଣ୍ଡ୍‌ସ୍ଥାଲ — କ୍ରି. ବି. ଘୁରିକରି ଘୂରିକରି ଯିବା ପ୍ରକ୍ରିୟା

ହ୍ୱଣ୍ଡେ — ବିଂ. ସେଠାରେ, ସେ ସ୍ଥାନରେ

ହ୍ୱଡ୍ (ଦ୍) — କ୍ରି. ବାଛିବା, (ସାଗ ଭୁଣ୍ଡିବା, ବୁହିଁବା)
ଡେମ୍ପରୁ ଅଲଗା କରିବା

ହ୍ୱଡହ୍ୱଚିଡ୍(ଦ୍) କ୍ରି. ବି. — ସମ୍ପି ସମ୍ପୂର୍ଣ୍ଣ ସଫା କରିଦେବା

ହ୍ୱଡେଆ.ନିଡ — ସ. ସେ ସେଠାରେ, ସେ ସେ ଶୁଣିଛି

ହ୍ୱଡେଲ୍ — କ୍ରି. ବିଂ. ହୋଇଥିବ ପରା, ସମ୍ଭବତଃ

ହ୍ୱଡେଡେ/ହ୍ୱଡେର୍ — ଅ. ଦ୍ୱାରା, ଦେଇ

ହ୍ୱଡଅର୍ (ଦ୍) — ବି. ଲଭ

ହ୍ୱଡଅଡ୍ ଘୁଣ୍ଡା — ବି. ଏକ ପ୍ରକାର ଗନ୍ଧ ପୋକ ଯେ ଲାଉ ପତ୍ର
ଖାଏ

ହ୍ୱଡ୍ହ୍ୱଡଅ — ବିଂ. ଲମ୍ବା, ଲମ୍ବାଳିଆ କ୍ରି. ଲମ୍ବା ହୋଇଯିବା

ହ୍ୱଡବୁଦ୍ଧି — ବି. ମୂଢ଼, ମୂର୍ଖ କ୍ରି. ମୂଢ଼ ହେବା, ମୂର୍ଖ ହେବା

ହ୍ୱଡାଦର୍ — ବି. ହ୍ୱଡାଦର

ହ୍ୱଦ୍ଗଅ — ବିଂ. ବାଳୁଆ (ଲୋକ), ବାଳୁଆ ମୁଣ୍ଡିଆ
ଝୁମ୍ପୁଡ଼ା ବାଳ ବାଲା

ହ୍ୱଦ୍ହ୍ୱଦଅ — ବି. ଜଳପ୍ରପାତର ପାଣି ପଡ଼ିବାର ଶବ୍ଦ
ବିଂ. ମୁଣ୍ଡରେ ବହୁତ ବାଳ ରଖିଥିବା ବାଲା

ହ୍ୱଦ୍ହ୍ୱଡ — ବି. ଜଳ ପ୍ରପାତ (ଶ୍ରେଷ୍ଠ ଧରଣର)

ହ୍ୱଦ୍ — ବି. ହ୍ରଦ

ହ୍ୱଦଅଡ୍ ହ୍ୱଦଅଡ୍ — କ୍ରି. ବିଂ. ଜୋରରେ ଶବ୍ଦ କରି ପବନ
ବୋହିଯିବା, ପାଣି ବୋହିବା ପ୍ରକ୍ରିୟା

ହ୍ୱନ୍ — ବି. ପୁଅ, ପୁଅପିଲା, ବଡମୁଣ୍ଡିଆ ସ. ସଦ୍ଗୁଣ

ହ୍ୱନ୍ଆ — ସ. ତାହା

ହ୍ୱନ୍କା — ସ. ସେ ପ୍ରକାର, ସେମିତି

ହ୍ୱନ୍କାନା ∞ — ସେ ପ୍ରକାରର

ହ୍ୱନ୍ଗୁନୁର୍ ଏନେଲ୍ — ବି. ଏକ ପ୍ରକାରର ପିଲା ଖେଳ

ହ୍ୱନ୍କାଙ୍ଗା — ବି. ମୂଷାର ଗୋଡ କ୍ରି. କଚି ବାହାରିବା

ହ୍ୱନହ୍ୱାଂ — କ୍ରି. ଶୁଙ୍ଘି ଖୋଲି ଦେବା, ମାଟି ଖୋଲି ମେଲି
ରଖିବା

ହ୍ୱନ୍ଡେନ୍ — ବିଂ. ସେ ଆଡର ସେ ଅଞ୍ଚଳର, ସେ ପାଖର
(କଥା, ଲୋକ, ଚଳଣି ଆଦି)

ହ୍ୱକବା.ରହୁଲଇଚ — ବି. ଟେମେଟା

ହ୍ୱନ୍ହ୍ୱଣ୍ଡେ — ସ ସେହିଠାରେ, ସେହି ନିର୍ଦ୍ଦିଷ୍ଟ ସ୍ଥାନରେ

ହ୍ୱନ ହ୍ୱନ୍କାଲେକା — ସ. ଠିକ ସେ ପ୍ରକାରରେ

ହ୍ୱନାଂ — କ୍ରି ହେଲେ, ହୋଇଥିଲେ

ହ୍ୱନେଚଂ — ସ. ଏହିଠି, ସେଠାରେ

ହ୍ୱନେଡାଗ୍ — ସ. ହେଇ ସେଇ (ଯାଉଛି), ହେଇ ଯିବାର ଦେଖ

ହ୍ୱନେ — ସ. ସେହି, ସେଇ, ସେଠାରେ

ହ୍ୱପନ୍ — ବି. ସାନ, ଶ୍ରେଷ୍ଠ

ହ୍ୱପନ୍ ହ୍ୱପନ୍ — କ୍ରି. ବିଂ. ସାନ ସାନ, ଶ୍ରେଷ୍ଠ ଶ୍ରେଷ୍ଠ, ସାନଟିଏ

ହ୍ୱପନ୍ ଆସ୍ସୁ — ବି ଖୁଡ଼ି

ହ୍ୱପନ୍ ଏସ୍ସା — ବି. ଝିଅ

ହ୍ୱପନ ଟୁକା ∞ — ବି. ଟୋକି, ସାନ କଳସି

ହ୍ୱପନ୍ ବାବା — ବି. କକା

ହ୍ୱପନ୍ ମାଁଈ — ବି. ସାନ ଝିଅ (ମାଈ ଝିଅ ଅର୍ଥରେ ପ୍ରୟୋଗ
ହୁଏ)

ହ୍ୱପନଆ ∞ — ବିଂ. ସାନଟା

ହ୍ୱପା — ବି. ଶ୍ରେଷ୍ଠା (ପିଲା)

ହ୍ୱପଅ — ବି. ଏକ ପ୍ରକାରର ଗଛ

ହ୍ୱବର୍ — ବି. କୋଳ କ୍ରି. କୋଳ କରିବା

ହ୍ୱବର୍ରେ — କ୍ରି. ବିଂ. କୋଳରେ ଥିବା

ହ୍ୱବର ଲେଟକା — ବି. କୋଳ ଶିଶୁ (ପିଲା)

ହ୍ୱବଂ ହ୍ୱବଂ — କ୍ରି. ବିଂ. ଅନିର୍ଦ୍ଦିଷ୍ଟ ଭାବେ ଏଣେ ତେଣେ
ଦୌଡ଼ା ଦୌଡ଼ି କରିବା

ହ୍ୱମ୍ବା — କ୍ରି. ହମାରଡ଼ି

ହ୍ୱମ୍ବଅ — ବିଂ. ନଇଁଥିବା
କ୍ରି. ବିଂ. ନଇଁ ହୋଇ ରହିଥିବା (ଝାଟି, ଘର)

ହ୍ୱମନ୍ — ବି. ସୁନ୍ଦର, ସୁରୂପ

ହ୍ୱମ୍ବୁଡ୍ — କ୍ରି. କୋଳରେ ଧରି ଶୋଇବା, କାଖ କରି ଧରି
ରଖିବା

ହ୍ୱମୁଣ୍ଡ୍ ଗୁରୁଣ୍ଡ୍ — କ୍ରି. ଅପ୍ରସନ୍ନ ହେବା, ରୁଷିବା
କ୍ରି. ବିଂ. ଅସନ୍ତୋଷ ପ୍ରକଟ କରିବା

ହ୍ମରଅଃ — କି. ଅନ୍ତରରେ ଶୋକ କରିବା

ହ୍ମରହ୍ମାଲ୍ଂ — କି. ବିଳାପ କରିବା, ଶୋକ କରିବା

ହ୍ମସ୍ — କି. ହଁ କହିବା, ସମ୍ମତି ପ୍ରଦାନ କରିବା,
ହେବାର ପ୍ରତିଶ୍ରୁତି ବି. ପବନ, ବାୟୁ

ହ୍ମସ୍ ଆକମେ — କି. ସମ୍ମତି ଦେଇ ଦିଅ, ହଁ କରିଦିଅ

ହ୍ମସ୍ଅତକାଦେସ୍ମାସ୍ — କି. ହଁ କରାଇ ଦେଲି, ସମ୍ମତି କରାଇ
ଦେଲି

ହ୍ମସ୍ ଅତଅ — କି. ହଁ କରାଇବା, ପବନ ବହୁଥାଉ

ହ୍ମସ୍ କେବଟେ — କି. ବିଂ. ଏମିତି ହିଁ ହେଉ, ଠିକ୍ ରୂପରେ
ନ ହେବା ପ୍ରକ୍ରିୟା

ହ୍ମସ୍ ତାତଂ ଜାସ୍ ତାତଂ — କି. ବିଂ. ହେବକି ନ ହେବ
ଜଣା ନାହିଁ

ହ୍ମସ୍ଜା — ଅ. (ସ୍ୱାମୀ, ଦେବରଙ୍କୁ) କିଛି ଶୁଣିବା ପାଇଁ ଆକର୍ଷିତ
କରିବା ଶବ୍ଦ, ହଇହେ

ହ୍ମସ୍ଲେ ହ୍ମସ୍ — କି. ବିଂ. ହଁ କରିବା କଥା, ହଁ କରିବା

ହ୍ମସ୍ ଜଅସ୍ — କି. ବିଂ. ହଁ ହଁ କହିବା
(ସ୍ୱୀକାରାତ୍ମକ ଶବ୍ଦ)

ହ୍ମସ୍ ଂ — କି. ଖର ହେବା

ହ୍ମସ୍ଡ଼୍(ଲ୍) ହ୍ମସ୍ଡ଼୍ — କି. ବିଂ. ଉପରେ ଲଗାଇବା,
ଜନ୍ତ୍ରର ପବନ ବୋହିବାର ପ୍ରକ୍ରିୟା

ହ୍ମସ୍ଂ — କି. ବିଂ. ପବନ ଲାଗିଯିବା, ଖରାପ ହେବା,
ଖୋଲା ପବନ

ହ୍ମସ୍ ତଅ — ଅ. ହୁଏତ

ହ୍ମସ୍ ଦା ଂ — ବି. ଝଡ଼ ବର୍ଷା ପାଣି
କି. ଝଡ଼ବତାସ ସହିତ ବର୍ଷିବା

ହ୍ମସ୍ ଦ ଂ — ବି. ଖାଲି (ଦେହ), ଖାଲି (ଦେହ)
ବଳଙ୍କାର ବା ବସ୍ତ୍ର ବିହୀନ ରୂପ, ଝଡ଼ ଖାଇଥିବା ଦେହ

ହ୍ମସ୍ଦ ଂ ଜା.ପି — ବି. ଏକ ପ୍ରକାର ଫାର୍ସା

ହ୍ମସ୍ ତସ୍ — କି. ବିଂ. ହଁ ହାଁ କଥା, କଥାର ଠିକଣା ନାହିଁ,
ଅନିଶ୍ଚିତ ସ୍ଥିତି

ହ୍ମସ୍ ମା ତସ୍ ମା — କି. ବିଂ. (ପବନରେ ଝଡ଼ ବୁଲିବା ପ୍ରକ୍ରିୟା)
ଉଦ୍ଦେଶ୍ୟ ବିହୀନ ଭାବେ ଦୌଡ଼ା ଦୌଡ଼ି କରିବା,
ବୁଲାବୁଲି କରିବା

ହ୍ମସ୍ ହ୍ମସିନ୍ତୁ — କି. ନଜର ଲାଗିବା, ଖରାପ ଆଖି ପଡ଼ିବା

ହ୍ମସ୍ ହ୍ମସ୍ — ବି. ଅଶିଷ୍ଟ ଭାବରେ (ବସିବା), ଅଶୋଭନୀୟ
ଭାବେ (ବସିବା), ଆବରଣ ଖୋଲା ଥାଇ ବସିବା

ହ୍ମସ୍ାଂ — କି. ବିଂ. ହାଲୁକା ହେବାରୁ ଟେରଛା ହୋଇ ଯିବା

ହ୍ମସ୍ାଂ ହ୍ମସ୍ାଂ — କି. ବିଂ. ଟେରଛା ଟେରଛା (ବୁଲିବା),
ଟେରଛା (କଥା), ଅବାଗରେ ଉଡ଼ିଯିବା

ହ୍ମସ୍ ମେଦ୍ — କି. ଅସ୍ପଷ୍ଟ ଭାବେ (ଦେଖିବା)

ହ୍ମସ୍ନ୍ — କି. ସ୍ଥିର ହେବା

ହ୍ମସ୍ଅ ମୁନ୍ତଗ୍ — କି. ମୁଣ୍ଡ ବାଳକୁ କାଟିବା ଓ ସ୍ଥିର କରିବା

ହ୍ମସ୍ଡ଼୍ (ଲ୍) — କି. ବସ୍ତୁ ବା ଭୂମିର ଉପରେ ଉପରେ
ଚଳାଇବା

କି. ବିଂ. ଉପରେ ଉପରେ ଲଙ୍ଗଳ ବୁଲାଇ ଚାଲିବା ପ୍ରକ୍ରିୟା
(ଅଳସୁଆ ସ୍ୱଭାବ)

ହ୍ମର୍ — ବି. ରାସ୍ତା, ପଥ, ମାର୍ଗ

ହ୍ମରଟେନ୍ — ବି. ବାଟୋଇ, ବାଟରେ ଯିବା ଲୋକ

ହ୍ମରଅ — ବି. କଇଁଆ, କଚ୍ଛିମ

ହ୍ମରଗଢ଼ଗ୍ର ବାହା — ବି. ହରଗୌରୀ ଫୁଲ

ହ୍ମରଚଡ଼୍ — ବିଂ. ଉଚ୍ଚନିଚ (ସ୍ଥାନ) ଗଣ୍ଡିଆ (ବାଡ଼ି)
ହିଂସ୍ରକ (ବ୍ୟକ୍ତି)

ହ୍ମର୍କା ହ୍ମର୍କ — କି. କଠିନ ଭାବେ ଦମସ୍ତ ଦେଇ ଶୀଘ୍ର
କାମ କରିବା

ହ୍ମର୍ସେଲ୍ — ବି. ବରୁଣ ବୃକ୍ଷ

ହ୍ମରହଅ — କି. ଜଗିବା, ଜଗାରଖା କରିବା

ହ୍ମର୍ହଜାଙ୍ଗେ — କି. ଜଗିବା ବାଡ ଦେବା

ହ୍ମଗ୍ — ବି. ଉଦ୍ଦେଶ୍ୟ, ପ୍ରଣାଳୀ, ଉପାୟ

ହ୍ମଗ୍ଭାମ୍ — କି. ଉଦ୍ଦେଶ୍ୟ ମିଳିବା, ପ୍ରଣାଳୀ ପାଇବା,
ଉପାୟ ମିଳିବା

ହର୍ ∞ — କ୍ରି. ପିନ୍ଧିବା, ପିନ୍ଧାଇବା, ନାଇବା

ହର୍ ∞ ନେ୍ — କ୍ରି. ସମ୍ବନ୍ଧ କରିବା, କନ୍ୟା ବା ବରକୁ ପିନ୍ଧାଇବା

ହର୍ ∞ ତେଙ୍ଗାନାଃ — ବି. ପୁରୁଷଙ୍କର ପିନ୍ଧିବା ପୋଷାକ, ପୁରୁଷଙ୍କ ପୋଷାକ

ହରାଓ୍ — କ୍ରି. ହରାଇବା

ହରସି — ବି. ସୀମନ୍ତ, କେଶବର୍ତ୍ତୀ

ହରାସ୍ ଗାରେମ୍ — କ୍ରି. ବିଂ. ବାସନରେ ମଇଲା ଜମି ରହିଥିବା ସ୍ଥିତି, ଝୋଲ ବୋହି ଯାଇଥିବା ଦାଗ, ମଇଲା ବସିଥିବା ଚିହ୍ନ (ଚଟିବା)

ହର୍ ∞ ବାନ୍ଦେ — କ୍ରି. ବିଂ. ଲୁଗା ପିନ୍ଧିବା, ପୋଷାକ, ଭୂଷଣ

ହର୍ ∞ ବାନ୍ଦେନା ∞ — ବି. ସ୍ତ୍ରୀଙ୍କ ପିନ୍ଧିବା ଲୁଗାପଟା ଓ ଗହଣା ଗାଣ୍ଠି

ହର୍ ∞ ହାଲ୍ଂ — କ୍ରି. ପିନ୍ଧିବାକୁ ଗହଣା ମିଳିବାକୁ ପିନ୍ଧିବା (ପିନ୍ଧିବାର ସୁଯୋଗ ନେବା)

ହରଅ ଲମ୍ବେଦ୍ — କ୍ରି. କାହିଁମ ପର୍ଯ୍ୟନ୍ତ ପେଟେଇ ରହିବା, ଲୁଚ କରି ରହିବା, ଅପେକ୍ଷା କରିବା, ନିକମା ହୋଇ ଶୋଇ ରହିବା

ହରବରଅ — କ୍ରି. ବିଂ. ମୁସ୍କିଲରେ ପଡ଼ିବା, ଦ୍ୱିଧାରେ ରହିବା

ହରଅଡ଼କ ∞ — କ୍ରି. ସ୍ନେହ କରିବା, ଆଲିଙ୍ଗନ କରିବା

ହରଅ ପାଂ — ବିଂ. ଅନାବୃଷ୍ଟି ହୋଇଥିବା, ଫମ୍ପା ବସ୍ତ୍ର ପରିଧାନ କରିଥିବା ବୁଢ଼ା, କୁରୂପ

ହରି — ବି. ହରି, ଭଗବାନ

ହରିବୋଲ — କ୍ରି. ହରିବୋଲ (ଈଶ୍ୱରଙ୍କ ନାମରେ ଡାକ ଦେବା)

ହରିହର — ବି. ହରିହର, ଶିବ

ହରେରାମ — ବି. ହରେରାମ

ହଡ଼୍(ଲ୍) — ବି. ମଣିଷ, ସାନ୍ତାଳ ମଣିଷ

ହଲ୍(ଡ)ସୁଟ୍‌କା. — ବି. ଏକ ପ୍ରକାରର ଝୋପଯୁକ୍ତିଆ ଗଛ, (କୁକୁର ମୁଣ୍ଡା), ଛତୁ

ହଲ୍(ଡ୍)ବେଡା — କ୍ରି. ବିଂ. ଧୋକାଦେବା
କ୍ରି. ବାହାନା କରିବା

ହଲ୍‌ମୁଠ — ବି. ଓଜନ

ହଲ୍‌ମେନା ∞ ଆନ୍ — ବିଂ. ମନୁଷ୍ୟତ୍ୱ, ମଣିଷ ପଣିଆ

ହଲ୍‌ମଅ — ବି. ଶରୀର, ଦେହ

ହଲମଅ ଆନ୍ — ବିଂ. ମୋଟା ଶରୀର ଧାରୀ

ହଲ୍‌ମଅ କଂ — କ୍ରି. ଦେହ ପାଇବା, ଗର୍ଭବତୀ ହେବା

ହଲ୍‌ମଅ ହାଟିଞ୍ଜ୍ — ବି. ଶରୀର ବିଶ୍ଳେଷଣ, ଶରୀରର ବିଭିନ୍ନ ଭାଗ

ହଲମଅ ହାରତା — ବି. ଦେହର ଚମ

ହଲ୍‌ଗଡ଼୍(ଜ୍) — ବି. ନରହତ୍ୟା

ହଲ୍‌ମଅ ହଡ଼୍ — ବି. ଶରୀର ବାଳ

ହଲେଜ୍ — ବି. କୋଳଥ

ହଲେନ୍ତ୍(ଦ୍) — କ୍ରି. (ଖାଲ, ଗିମ୍ପା) ଆଦିରେ ପୁରାଇବା, ଖଣାରେ ପଡ଼ିବା, ଖଣାରେ ପକାଇବା, ଖାଲରେ ପଡ଼ିଯିବା

ହଲସେବ୍ ହଲ୍‌ସେର୍ — କ୍ରି. ବିଂ. ଟେରଚ୍ଛା ଟେରଚ୍ଛା ହୋଇ (ଗୁଲିବା)

ହଲପଅ — କ୍ରି. ଜଗର କରିବା, ଜିଦ ଧରିବା
ବିଂ. ଜିଦ୍, ଜିଦ୍‌ଖୋର

ହଡ଼୍‌ହଡ଼ାଂ ବିଷ୍ଟି — ବି. ବିଷ ଶୂନ୍ୟ ଏକ ପ୍ରକାର ସାପ

ହଲ୍ ଜାଲମ୍ — ବି. ବିଗତ ବର୍ଷ

ହଲ୍ — ବି. ଗତ ଦିନ, ଗତକାଲି

ହଲଟେଲ୍ଂ — ବି. ମୁଣ୍ଡୁଳି ସ୍ଥାନ, ମାଟିର କଡ଼ାଇ

ହଲାଡ୍ — ବି. ଶିଅର ଯନ୍ତ୍ର, କ୍ଷୁର

ହଲ୍‌ନ୍ — ବିଂ. ଗତ କାଲିର

ହଲନ୍ ଆ ∞ — ବିଂ. ଗତ କାଲିର

ହଲ୍ଂ — ବି. ପୁଡ଼ିଲ ଚୂନା, କ୍ରି. ପୁଡ଼ିଲ ଚୂନା କରିବା

ହଲ୍ଂ ଗାଓଁରାଓ୍ — ବି. ସାନ୍ତାଳର ପୂର୍ବ ପୁରୁଷଙ୍କର ଏକ ଗଡ଼ର ନାମ

ହଲ୍ଂ ଭଗିଚ୍ — ବି. ପୁଡ଼ିଲ, ଚୂନା ଉଡ଼ିବା ପରି

ହଲ୍ଂହପଅଂ — କ୍ରି. ଚୂନାପରି କରିଦେବା, ଧୂଳିସାତ୍ କରିଦେବା

ହଲଅ ହଲଅ — କ୍ରି. ବିଂ. ବାରବାର ହଲିବା ପ୍ରକ୍ରିୟା

ହସ୍ ମେନ୍‌ତେ—କ୍ରି. ବିଂ. ଖସ୍‌କ କରି
ହସ୍ ରକ୍—କ୍ରି. ଖସିବା, ଖସକିବା
ହସ୍ ହସାଓ୍—କ୍ରି. ବିଂ. ଖସି ଖସି ଆସିବା ପ୍ରକ୍ରିୟା
ହସର୍ ହକୁଃ—କ୍ରି. ବିଂ. ଖସି ଆସିବା
ହସରାଓ୍—କ୍ରି. ଖସାଇ ଆଣିବା, ଓହ୍ଲାଇବା
ହସ ହସଆତେ—କ୍ରି. ବିଂ. କ୍ଷିପ୍ରଗତିରେ ଖସିବା ପ୍ରକ୍ରିୟା
ସରସର୍ ହୋଇ ଖସି ପଡ଼ିବା ପ୍ରକ୍ରିୟା
ହସରଙ୍କୁରୁଃ—କ୍ରି. ଖସି ପଡ଼ିବା
ହଅ ହଅ—ବି. ଡାକରା, ଚତ୍କାର
ହଅଦ୍ବା ∞ —ବିଂ. ମୂର୍ଖ, ବେକୁଫ୍
ହଅଦ୍ବା ∞ ଅଃ—କ୍ରି. ମୂର୍ଖ ହେବା, ବୋକା ବନିବା
ହଁ—ଅ. ଭି, ବ, ଅନା ହଁ—ତାହା ବି (ତାହା ମଧ୍ୟ)
କ୍ରି. ବିଂ.—ଭୁଷାର ଧ୍ୱନି (ଶବ୍ଦ)
ହାଁ ହାଁ ହାଁ ହାଁ/ହା ହା ହା ହା—କ୍ରି. ଆନନ୍ଦର ଧ୍ୱନି
ଲମ୍ବା ହସର ଲହର
ହଡ଼୍‌ହସ୍—ବି. ଏକ ଗଛର ନାମ
ହଡ଼୍‌ଗା—ବି. ଲମ୍ବାଳିଆ ଓ ଢଙ୍କ
ହଡ଼୍‌ଜାଂ—ବିଂ. ଟେଢ଼ା, ବଙ୍କା
ହଡଜାଂ ହଡ଼୍‌ଜାଂ—କ୍ରି. ବିଂ. ଟେଢା ଟେଢା ଚାଲିବା
ହଡ଼୍(ଲ୍) ପୁତ—ବି. ସାନ୍ତାଳି ଟୁଆ, ପିଲା
ହଲ୍ ପୁତୁ—ବି. ଏକ ଜଙ୍ଗଲି ଫଳ ବୃକ୍ଷ
ହଲ୍‌ମେ ନା ଜଡ଼ମେ—ବି. ଶକ୍ତିହୀନ, ବେକାର
(ନା ଦେହ ଅଛି ନା ଶକ୍ତି ଅଛି)
ହଲ୍‌ମଅ ଆଲ୍‌ଗାନ୍—ବି. ଦେହ ହାଲୁକା କରିବା
ଦେହ ହୁଗୁଳା କରିବା
ହଲ୍‌ମଅ ବାନ୍ଧଅନ୍—ବିଂ. ଦେହ ମନ୍ତ୍ର ଦ୍ୱାରା ବନ୍ଧନ କରିବା
(ଭୂତ ପ୍ରେତାତ୍ମାର ପ୍ରଭାବରୁ ରକ୍ଷା ପାଇବା ପାଇଁ)
ହଲ୍ (ଡ଼୍) ଲେଖା—ବି. ଜନଗଣନା
ହଲ୍ (ଡ଼୍) ସେକ୍—କ୍ରି. ତେରଛା ହେବା
ହଲ (ଡ଼୍) ହାରା—କ୍ରି. ମଣିଷଙ୍କୁ ଭରଣ ପୋଷଣ ଦେଇ
ବଡାଇବା

ହଲ୍‌ପିଛେ—କ୍ରି. ବିଂ. ବ୍ୟକ୍ତି ପ୍ରତି, ପ୍ରତିବ୍ୟକ୍ତି ପାଇଁ
ହଲ୍‌ଅ ହଲ୍‌ଅ—ବିଂ. ପ୍ରତ୍ୟେକ (ବ୍ୟକ୍ତି) ଜଣ ଜଣ କରି
ହଁକା—କ୍ରି. ଷଣ୍ଢ ହୁଁକାରିବା ଶବ୍ଦ
ହାଆ—ଅ. ପକ୍ଷୀ ହୁରୁଡ଼ାଇବା ଶବ୍ଦ
ହାଇ—ଅ. ଏ, ହେଇ-ହ
ହାଇଆ.ର୍—ବିଂ. ପତଳା ଓ ଧାରୁଆ
ହା.ଇକେବଟେ—କ୍ରି. ବିଂ. ହିଁ ସେମିତି ହିଁ ହୁଏ
ହା.ଇଦମ୍—କ୍ରି. ଧଅଁ ସଅଁ ହେବା, ଧଇଁ ସଇଁ ହେବା
ହାଉଦା—ବି. ହାଉଦା (ହାତୀ ଉପରେ ଥିବା ଆସନ)
ହା.ଉଦା.—କ୍ରି. ଠକି ନେବା ଭଣ୍ଡି କରି ନେବା
ଲୁଟ୍‌ଇ କରି ନେବା (ବହୁତ ଜନତା ଥିବା ସ୍ଥାନରୁ)
ହାଓ—ବି. କାଇ, କୁରକୁଟି
ହାଁ—ଅ. ବସ୍ତୁ ବା ସମ୍ମତି ସୂଚକ ଶବ୍ଦ, ହୁଁ
ହାଁକ୍—କ୍ରି. ହାଁକ ଦେବା, ହାଙ୍କିବା
ହାଁକ୍‌ଡାକ୍—ବିଂ. ହାକ ଡାକ, ଶୁଣିବା ବ୍ୟକ୍ତି
ହାକ୍‌ହାକ୍‌ଅ ∞ —କ୍ରି. ବିଂ. ଲାଳାୟିତ କ୍ରି. ଲାଳାୟିତ ହେବା
ହାକ୍‌ହାକ୍—ବିଂ. ବଡ଼ ଓ ଚୌଡ଼ା
ହା ∞ ରାଓ୍—ବିଂ. ହାନିକାରକ, କ୍ରି. ହାରିବା
ହାରାଓ୍—ବିଂ. ବଞ୍ଚିତ, ହାରିଥିବା (ଲୋକ)
ହାକ୍‌ହାଟିଙ୍—କ୍ରି. ବିଂ. ପ୍ରାପ୍ୟ ବଣ୍ଟନ
କ୍ରି. ଅତି ବେଶି କାମ କରାଇବା
ହାକ୍‌ହୁକ୍—କ୍ରି. ବିଂ. ଏକ ପରେ ଏକ ଏ କ୍ରମରେ ଲଗାତାର
ହାକ୍‌ଦାମାନ୍—କ୍ରି. ଦମନ କରିବା, ପ୍ରତିବନ୍ଧ ଲଗାଇବା
ବାରଣ କରିବା
ହାକ୍‌ନାହାଃ—କ୍ରି. ବିଂ. ବିନା କାରଣରେ ବେକାର ହେବା,
ଖାଲିଟାରେ
ହାକ୍‌ରାଓ—କ୍ରି. ହାଁମିବା, ଧଇଁ ସଇଁ ହେବା
ହାକ୍‌ରାଓ୍ ହିଁକ୍‌ରାଓ୍—କ୍ରି. ଚତ୍କାର କରି ଡାକିବା
ଈଶ୍ୱରଙ୍କୁ ଜୋରରେ ଜୋରରେ ଡାକ ପ୍ରାର୍ଥନା କରିବା
ହମ୍ବାରଡ଼ି କରିବା

ହାଁକ୍—କ୍ରି. ଡାକ ପକାଇବା, ଆଜ୍ଞା କରିବା, ବି. ଡାକ

ହାଁକ୍ ହାଜୁର୍—ବି. ଆଜ୍ଞା

ହାଁଃ ହୁଁ—ବିଂ. ହୁଁ ହାଁ କରିବା ବାକ୍ୟ, ନବୋଧ

ହାକାସୁକା—କ୍ରି. ଅସ୍ତବ୍ୟସ୍ତ ଲଗିବା, ଶୀଘ୍ର ଶୀଘ୍ର ହୋଇଯିବା
ବି. ଅସ୍ତବ୍ୟସ୍ତତା

ହାକାମ୍ ହୁକୁମ୍—ବି. ଉପର ଆଦେଶ, ଆଜ୍ଞା

ହାକାମୁକା.—କ୍ରି. ଡାଣ୍ଡିବା, ଧକ୍କା ମାରିବା, କଳି କରିବା

ହାକାର୍ ହାକାର୍—କ୍ରି. ଧଇଁ ସଇଁ ହେବା
କ୍ରି. ବିଂ.—ଜୋର ଜୋରରେ ଧକେଇବା

ହାକାର୍ ହୁକୁର—କ୍ରି. ବିଂ. ଧଇଁ ସଇଁ ହୋଇ ପାଟି କରିବା, ଧଇଁ ସଇଁ ହୋଇ କହିବା

ହାକାଓ୍ୱ—କ୍ରି. ଡାକିବା, ଜୋର କରିବା, ଜଲ୍ମ୍ ଡାକରା ଦେବା

ହାକାଡାକା—ବିଂ. ଆବଶ୍ୟକ ବେଳେ ଡାକରା ଦେବା
କ୍ରି. ବିଂ. ସାହାଯ୍ୟ ପାଇଁ ଖୋଜିବା, ଲୋଡ଼ିବା

ହାକାର୍ ହକାର୍—କ୍ରି. ଆବେଦନ ସହ ଡାକିବା, ପାଟି କରିବା

ହାକାର ପୁକା.ର୍—କ୍ରି. ଚହଳା ଡାକ, ଚକ୍ରାର କରିବା

ହାଁକା ହାଁକ—କ୍ରି. ବିଂ. ହାଁକ ହାଁକ ଡାକିବା, କ୍ରି. ଡାକିବା

ହାକମ୍—ବି. ହାକମ

ହାକସ୍ତାଁ—କ୍ରି. ଜବରଦସ୍ତି କରିବା, ସାମନାରେ କହିବା

ହାକୁସ୍ ପୁକୁସ୍—କ୍ରି. ବିଂ. (ଡରରେ) ଶୀଘ୍ର ଶୀଘ୍ର ଚୋବାଇବା ପ୍ରକ୍ରିୟା, କ୍ରି. ଚଞ୍ଚଳ ଚୋବାଇବା

ହାକୁମ୍ ଟାକୁମ୍—କ୍ରି. ବିଂ. ଧୀରେ ସୁସ୍ଥେ ଚୋବାଇବା ପ୍ରକ୍ରିୟା

ହା.କୁଡ଼୍ ମା.କୁଡ଼୍—କ୍ରି. ଶୀଘ୍ର ଦାନ୍ତରେ କାମୁଡ଼ି ଖାଇବା
କ୍ରି. ବିଂ. ଡର କର ଶୀଘ୍ର କାମୁଡ଼ି କାମୁଡ଼ି ଖାଇବା ପ୍ରକ୍ରିୟା

ହାକୁ—ବି. ମାଛ

ହାକୁ ଅଲା~—ବି. (ମାଛ ଧର) ପୋଖରୀ

ହାକୁ ଚୂର୍ଣ୍ଣା.—ବି. ମାଛ କାଢ

ହାକୁ ପାଟା—ବି. ମାଛଧରା ଖଇଞ୍ଚ

ହାକ୍‌ଅପାକ୍‌ଅ—କ୍ରି. ବିଂ. ଶୀଘ୍ର ଶୀଘ୍ର ଝଡ଼ରେ ଏକ ପ୍ରକାର ଚଢ଼େଇର ରବ 'ହାକ୍‌ଅ ପାକ୍‌ଅ'

ହାକ୍‌ଅ ଫାରେ—କ୍ରି. ବିଂ. ଶୀଘ୍ର ଶୀଘ୍ର, ଶୀଘ୍ରତା ସହକାରେ କରିବା (ଡର୍‌ରେ, ବନ୍ତ୍ରତରେ)

ହାକା ହାକୁ ଏନେଜ୍—ବି. ଏକ ପ୍ରକାରର ପିଲାଖେଳ

ହାଁକୁର୍—ବି. ହୁଙ୍କାର, କ୍ରି. ହୁଙ୍କାର କରିବା

ହାଗ୍ ହାଗ୍‌ଅ—କ୍ରି. ବିଂ. ଅଧିକ ଚୌଡ଼ା, ଅଧିକ ଖୋଲା ହୋଇଥିବା

ହାଗା~ ଦଗ~—କ୍ରି. ବିଂ. ଅସ୍ୱାଭାବିକ ଭାବେ, ଅସଙ୍ଗତ ରୂପରେ ମୋଟା ହେଇଥିବା

ହାଗାମୁତା—ବି. ଝାଡ଼ା ପରିସ୍ରା, ହଗମୁତ

ହାଗାସ୍ ହାଗାସ୍—କ୍ରି. ବିଂ. ଅବଶ୍ରାନ୍ତ ପବନ ବହିବା ପ୍ରକ୍ରିୟା

ହାଗାସ୍ ହୁଗୁଇ—କ୍ରି. ବିଂ. ଫୁଲୁଫୁଲିଆ (ପବନ ବହିବା ପ୍ରକ୍ରିୟା), ଅଭଦ୍ର ବ୍ୟବହାର ଦେଖାଇବା

ହାଗାସ୍ତା—ବି. ଭାଇ ଭାଇ

ହାଗାସ୍ତାରେ—କ୍ରି. ବିଂ. ଭାଇ ଭାଇ ହୋଇ, ଘନିଷ୍ଠ ସମ୍ପର୍କ ରଖି

ହାଗାଲ୍ ମା.ନ୍ତିସ୍ତା—ବିଂ. ଅସୌଜନ୍ୟତା, ଅଭଦ୍ର

ହାଗାଲନ୍ସା—ବିଂ. ଡରୁଆ, ଛେରୁଆ

ହାଗାଓ୍ୱ—କ୍ରି. ହଗିବା, ଜୋରିମାନା ଦେବା, ଫେରାଇ ଦେବା

ହାଂଗାମା—ବି. ହାଙ୍ଗାମା, ଝଂଝଟ, କୋଳାହଳ, ଉପଦ୍ରବ

ହାଂଗର୍ ହା.କୁ—ବି. ଶାର୍କ ମାଛ

ହାଙ୍ଗାର୍—ବି. (ଇଂ) କାନ୍ଥ ଆଲଣା

ହାଂ ହାଂ—ବିଂ. ଅଧିକ ଖୋଲାଥିବା

ହାଂଫାଂ—କ୍ରି. ବିଂ. ଅଧିକ ଖୋଲା ରଖି, ଅଧିକ ଖୋଲା କରି ଯିବା, ମୁକୁଳା ରଖିବା

ହାଂ ହାତୁର୍—କ୍ରି. ବିଂ. ଅଧିକ ମାତ୍ରାରେ କରିବା

ହାଂ ହାପୁ~—ବିଂ. ଗରିବ, ଖାଲି ହାତ ହେବା
କ୍ରି. ଗରିବ ହେବା, ହାତରେ କିଛି ଧନ ନ ଥିବା

ହାଂ ହୁଂ—କ୍ରି. ବିଂ. ଖନେଇ ଖନେଇ (କହିବା) ଅସ୍ପଷ୍ଟ ଭାବେ (କଥା କହିବା)

ହାତ୍‌ଲ ହୁତଲୁ—କ୍ରି. ବିଂ. ନିକଟବର୍ତ୍ତୀ ହେବା, ପହଞ୍ଚା ପହଞ୍ଚି ହେବା

ହାଚ୍ ହାଚୁଓ୍ — କି. ଶଙ୍କିଯିବା, ଚକିତ ହେବା
କି. ବି°. ଜବରଦସ୍ତି କରିବା
ହାଚ୍ ହୁଚ୍ — କି. ବି°. ତତ୍ପରତା ଓ ଶୀଘ୍ରରେ କରିବା ପ୍ରକ୍ରିୟା
ହାଚ୍ଁ ହୁଚୁଁ — କି. ବି°. ଉଦ୍ଦେଶ୍ୟ ସ୍ଥାନ ଛାଡ଼ି ଯିବା ଆସିବା,
ଧାଁ ଧପଡ଼ କରିବା, ବି°. ବିରକ୍ତି ଭାବରେ
ହାଚୁଲ୍(ଡ୍) — ବି°. ଲମ୍ବ ଗୋଡ଼ ପକାଇ ଶୀଘ୍ର (ଚାଲିବା)
ହାଚୁଲ୍ ହାଚୁଲ୍ — କି. ବି°. ଲମ୍ବ ଲମ୍ବ ଗୋଡ଼ ପକାଇ ଚାଲିବା
ପ୍ରକ୍ରିୟା
ହାଜତ୍ — ବି. ହାଜତ
ହାଜାଓ — କି. ହଜମ କରିବା, ସଢ଼ିଯିବା, ହଜାଇଦେବା
ହା.ଜାଯ୍ — କି. ପଚିଯିବା, ହଜାଇ ଦେବା, ହଜମ କରିବା
ହାଜାର୍ — ବି. ଏକ ହଜାର
ହାଜର୍ — ବି. ଉପସ୍ଥିତ, କି. ଉପସ୍ଥିତ ହେବା
ହାଜାହୁଜ୍ — କି. ବି°. ନଇଁ ନଇଁ ଯିବା, ପେଙ୍ଗେଇ ପେଙ୍ଗେଇ
ଯିବା (ପିଠିରେ ବଥ ହୋଇଥିଲେ) ଚାଲିବା
ହାଜିର୍ — କି. ହାଜିର ହେବା
ହାଞ୍ଜ୍ ହୁଞ୍ଜ୍ — କି. ବି°. ଅପ୍ରସନ୍ନ ହୋଇ, ହେବା
ବିରକ୍ତ ହେବା
ହାଞ୍ଜ୍ଜାଃ ହାଞ୍ଜ୍ଜାଃ — ବି°. ଅଧିକ ଚିତ୍କାର, ଜୋର ଜୋର
ଉ: ଉନଗିଡ୍ରା ହାଞ୍ଜ୍ଜାଃ ହାଞ୍ଜ୍ଜା ଏ ଗ୍ଁ ଏଦା
ସେ ପିଲା ଅଧିକ ଚିତ୍କାର କରି କାନ୍ଦୁଅଛି
ହାଞ୍ଜଲ୍ — କି. ଉଜୁଡ଼ି ପଡ଼ିବା, ଖସି ପଡ଼ିବା
ହାଟ୍ — ବି. ହାଟ, କି. ହାଟ ବସାଇବା
ହାଟ୍ଦାରେ — ବି. କୁଡୁଚି ଗଛ
ହାଟ୍କା ହାଟ୍କ — ହଟା ହଟି (ଥରେ ହଟିବା ଓ ଥରେ କନ୍ଦିବା
ପ୍ରକ୍ରିୟା)
ହାଟ୍କାପ୍ ହୁଟ୍କୁପ୍ — କି. ବି°. ଏଠି ସେଠି ପଥର ଉଠି
ରହିଥିବା (ସ୍ଥାନ-ପଡ଼ିଆ)
ହାଟ୍କାଓ୍ — କି. ପଛକୁ ହଟିଯିବା, ପଛେଇ ଯିବା
ହାଟ୍ବାଜାର୍ — ବି. ହାଟ ବଜାର, ବଜାର କରିବା

ହାଟ୍ ଡାହାର — ବି. ହାଟକୁ ଯିବା ରାସ୍ତା, ଆକାଶ ଗଙ୍ଗା
ହାଟ୍ଡାହାର/ପାଣ୍ଡଦାର ଡାହାର୍ — ବି°. ସ୍ୱର୍ଗ ଗଙ୍ଗା ଓ ତାରା
ସମୂହର ରାସ୍ତା
ହାଟପାଟ୍ — କି. ବି°. ଖଟ୍ ଖଟ୍
ହାଟ୍-ବାଟ୍ — ବି°. ହାଟ ଓ ବାଟ
ହାଟ୍ସ୍ଥା — ବି°. ଦୁର୍ବଳ, ଦୁର୍ବଳିଆ, ନଡ଼ବଡ଼ିଆ
ହାଟ୍ଲହେର୍ — କି. ଦେଖାଇହେବା କି ବି°. ଆଡ଼ମ୍ବର କରିବା
ହାଟ୍ବେକ୍ — ବି. ଦୋକାନଦାର
ହାଟ୍ ହାଟାଓ୍ — କି. ବି°. ଜୋର ଜୋରରେ ହସିବା
ହାଟାଁ — ବି. କୁକି
ହାଟାଁ ହା.ରୁପ୍ — ବି°. ଗରିବ ଅବସ୍ଥା
କି. ବି°. ଗରିବ ଅବସ୍ଥାରେ ପଡ଼ିଥିବା
ହାଟାପ୍ ହୁଟୁପ୍/ହାଟାପ ହୁଟୁପ୍ — ବି°. ପଥୁରିଆ
ହାଟାବାଦ — ବି. ପ୍ରତିଦ୍ୱନ୍ଦ୍ୱିତା ମୂଳକ
ହାଟାବାଦଃ — କି. ପ୍ରତିଦ୍ୱନ୍ଦ୍ୱ ହେବା
ହାଟାମୁଠା — କି. ବି°. ଧସ୍ତାଧସ୍ତି ହୋଇ
ହାଟାଓ୍ — କି. ହଟାଇବା, ଦୂରେଇ ଦେବା, ହଟେଇ ଦେବା
ହାଟ୍ହଲ୍ — ବି. ହାଟୁଆ
ହାଟାହୁଟ୍ — ବି°. ଏକା ସମାନ ମୁଣ୍ଡିଆ, ସମାନ୍ ସମାନ୍
ପଥର ଥିବା (ସ୍ଥାନ)
ହାଟିଞ୍ଜ୍ — କି. ବାଣ୍ଟିବା, ଭାଗ କରିବା
ହାଟିଂ — ବି. (ଇ°) ହାଟିଂ, କୁଳି ମୁଳିଆର ଗ୍ରେଟ ଗ୍ରେଟ
କୁଡ଼ିଆ ଥିବା ପଲ୍ଲୀ
ହାଡ୍ — ବି. ହାଡ
ହାଡ୍କୁଲ୍ (ଡ୍) — ବି°. ବଂଶର ବନ୍ଧୁ, ସମ୍ପର୍କୀୟ, ଆପଣା ଭାଇ
ଆଦି ବ୍ୟକ୍ତି,
ହାଡ୍ଗାକ୍ ହୁଡ୍ଗୁକ୍ — କି. ବି°. ଧୀରେ ଧୀରେ ଚାଲିବା
(ଶାର୍ଦ୍ଦୁଳର ଗତି ସଦୃଶ ଚାଲି)
ଚାଲିବାରେ ଗୋଡ଼ ଯୋସାରି ଯୋସାରିଚାଲିବା

ହାଡ୍‌ଗାସ୍‌ ଅ.ଉକ୍ତ୍—କ୍ରି. ବି°. ନିରନ୍ତର ହେବା,
ନିରବଚ୍ଛିନ୍ନରେ (ସମ୍ପାଦିତ ହେବା)

ହାଡ୍‌ଗାସ୍‌ ହାଡଗାସ୍‌—କ୍ରି. ବି°. ସପର ସପର ଶବ୍ଦ ସହ
(ଗୁଳିବା, ପବନ ବହିବା)

ହାଡ୍‌ଗାର୍—ବି. ନେକଡ଼ା ବାଘ, ଶାର୍ଦ୍ଦୂଳ
ବି°. ବଡ଼ ହାଡୁଆ (ଲୋକ)

ହାଡ୍‌ଗୁର୍ ଡଗୁର୍—କ୍ରି. ବି°. ଧୋଇବାର ଶବ୍ଦ ହେବା,
ଜୋରରେ ଖୁଡ଼ଖାଡ ଶବ୍ଦ ହେବା ପ୍ରକ୍ରିୟା

ହାଡ୍‌ଗା ହୁଡଗୁ, ହାଡ୍‌ଗା ହୁଲାଂ—କ୍ରି. ବି°. ମାଟି ମାଠିଆ ଓ
ହାଣ୍ଡି ପରସ୍ପର ଠୁକିକର ବାଜିବା ଶବ୍ଦ, ଡଂ ଡାଂ ହେବା ଶବ୍ଦ

ହାଡ୍‌ଗା ହୁଲାଂଅଃ—କ୍ରି. ବି°. ମାଟି ହାଣ୍ଡି ବା କଳସୀ ବାଜି
କରି ଫାଟିଯିବା, ଶବ୍ଦ ହେବା

ହାଡ୍‌ଗେନ୍, ହାଡ୍ ଗେଡାୟଁ—ବି°. ଦୁର୍ବଳ, ଶୁଖୁଟା
କ୍ରି. ବି°. ଦୁର୍ବଳିଆ ହେବା, ଧଡ଼ିଆ ହୋଇଥିବା

ହାଡ୍ ଜବା.—ବି°. କଠୋର ହୃଦୟବାଲା, ଦୁଷ୍ଟ, ନିଷ୍ଠୁର

ହାଡ୍‌ଜଲା—ବି. ହାଡ଼ ଯୋଡୁଥିବା ଲତା (ଔଷଧ ଗୁଳ୍ମ)

ହାଡ୍‌ବାଡ୍—କ୍ରି. ବି°. (ଶୁଖିଲା ଝଁଟା ଟାଣିଲେ ଯେଉଁ ଶବ୍ଦ ହୁଏ
(ଖଡଖଡ ଶବ୍ଦ), କଡମଡ

ହାଡ୍‌ବାଡାଓ୍ୱ—କ୍ରି. ହଡବଡାଇବା, ଆଚମ୍ବିତ ହେବା

ହାଡ୍‌ବ୍ରୀଃ ହାଡ୍‌ବ୍ରୀ—କ୍ରି. ବି°. ପାଣି କୋହି ଢାଳଦେବାର ଶବ୍ଦ
ପ୍ରକ୍ରିୟା, ହାଡବ୍ରି

ହାଡ୍‌ବ୍ରାଓ୍ୱ—କ୍ରି. କଣ୍ଠାରେ ଆଣ୍ଠୁଡ଼ି ହେବା

ହାଡ୍‌ବ୍ରପ୍—ବି°. ଦୁଷ୍ଟ, ନିର୍ଦ୍ଦୟ
କ୍ରି. ବି°. ଦୁଷ୍ଟ ବ୍ୟବହାର ଦେଖାଇବା

ହାଡ୍‌ବ୍ରିପିୟା—ବି°. ନିଷ୍ଠୁର

ହାଡ୍‌ହାଡ୍—କ୍ରି. ଘଡଘଡ (ଘୋସାରିବାରେ ଯେଉଁ ଶବ୍ଦ
ବାହାରେ)

ହାଡ୍‌ହାଡା—ବି°. ବହୁତ ବଡ଼, ବିରାଟ, ବିଶାଳ

ହାଡ୍‌ହାଡାଓ୍ୱ—ବି°. ଘଡ ଘଡ ଶବ୍ଦ କରି (ରଥ ଚକ ଗଡ଼ିବାରେ
ଯେଉଁ ଶବ୍ଦ ଉତ୍ପନ୍ନ ହୁଏ)

ହାଡ୍‌ହୁଡ୍—କ୍ରି. ବି°. ବଡ ବଡ କାଠ, ପଥର ଗଡିବା ବେଳେ
ଠୋକର ଖାଇ ଯେଉଁ ଶବ୍ଦ ବାହାରେ

ହାଡ୍ ହୁସୁମ୍—ବି°. ରକ୍ତ ସ୍ୱାନତା ବେମାରି

ହାଡଗୁଡା—ବି. ମୃତ ଜୀବର ହାଡ ସମୂହ, ହାଡଗଣ୍ଠି ଆଦି

ହାଡାଂ ହୁଲାଂ, ହାଡାଂ ହୁଲୁଂ—କ୍ରି. ବି°. ବାସନ ଆଦିର
ଠୁଣ୍‌ଠାଣ ଶବ୍ଦ, ଘଣ୍ଟା ଘଣ୍ଟିର ଶବ୍ଦ,
ଘଣ୍ଟା ଘଣ୍ଟିର ସମୂହ ଶବ୍ଦ

ହାଡାକ୍ ହୁଡୁକ୍—କ୍ରି. ଧୀରେ ଧୀରେ ଟୁପ୍ ଟାପ୍ କରି ଖାଦ
ବା ଉଷୁନା ଧାନ ହାଣ୍ଡିରେ ପାଣି ଫୁଟିବା
କ୍ରି. ବି°. ଶାର୍ଦ୍ଦୂଳ ବାଘ ଗୁଳିବା ଢଙ୍ଗରେ
ଗୁଳିବା ପ୍ରକ୍ରିୟା

ହାଡାପ୍—କ୍ରି. ଦାନ୍ତରେ ଧୀରେ ଧୀରେ କାମୁଡ଼ିବା, ଧାନ
ଗୁଣ୍ଡିବା, ଶକ୍ତ ଜିନିଷକୁ ଦାନ୍ତରେ କାଟି ଗୁଣ୍ଡିବା

ହାଡାର୍ ଡାପାର୍—କ୍ରି. ବି°. ଧଡ ଧଡ କରି ଘୋସାରିବା ଶବ୍ଦ

ହାଡାର ହାଡାର୍, ହଡାର ହଡାର—କ୍ରି. ବି°. ଖୁଁଟି, ଟିଣ
ଆଦି ଘୋସାରିବା ଶବ୍ଦ

ହାଡାର୍ ହୁଡୁର୍—କ୍ରି. ମେଘର ଗର୍ଜନ, ଘଡ଼ଘଡ଼ି

ହାଡାହା ଘାସ—ଏକ ପ୍ରକାରର ଘାସ

ହାଡ୍‌ଫୁଟି—ବି. ହାଡଫୁଟି ରୋଗ, ପାଣି ବସନ୍ତ

ହାଡି—ବି. ହାଡ଼ି ଜାତି ବିଶେଷ

ହାଢପା °°, ହାଢପ୍ସ୍—ବି°. ବିଶାଳ ପତଳା ପଟା ବିଶେଷ,
ବଡ଼ ଆକାରର (କବାଟ, ଢାଲ)

ହାଢଅରୟା.—ବି°. ପେଟୁ

ହାଣ୍ଡ୍‌ହା—ବି. ହଣ୍ଡା

ହାଣ୍ଡ୍‌ଗୁର୍—କ୍ରି. (ହିଂସ୍ର ଜନ୍ତୁ) ଗିଳିବା

ହାଣ୍ଡ୍‌ରାଓ—ବି. ଗର୍ଜନ, ହୁଙ୍କାର
କ୍ରି. ଗର୍ଜନ କରିବା, ହୁଙ୍କାରିବା

ହାଣ୍ଡ୍‌ର ହାଣ୍ଡ୍‌ର—କ୍ରି. ବି°. ଗର୍ଜନ ତର୍ଜନ କରି, ହୁଙ୍କାର
କରି, କ୍ରି. ଗର୍ଜନ ତର୍ଜନ କରି କରି ଏଣେ
ତେଣେ ଦୌଡା ଦୌଡ଼ି କରିବା, ଭୁଲ୍ଲାରେ ପାଟିଗୋଳ କରିବା

ହାଣ୍ତ୍ରୁଂ —ବି. ମୂଷା ସନ୍ତ୍ରା

ହାଣ୍ତ୍ରଃ—ବି. ଗର୍ଜନ, ହୁଙ୍କାର, ରଡ଼ି

କ୍ରି. ଗର୍ଜନ କରିବା, ହୁଙ୍କାର କରିବା

ହାଣ୍ତି—ବି. ଗୁହାଳ ତିଆରି ମଦ, ହାଣ୍ତିଆ

ହାଣ୍ତିକୁଣ୍ତି— ବିଂ. ହାଣ୍ତି କଳସୀ ଆଦି

ବି. ଏକ ପ୍ରକାରର ଗ୍ରେଷ୍ଟ ଗଛ

ହାଣ୍ତିମାଞ୍ଝିଃ—ବି. ହାଣ୍ତିଆକୁ ବଣ୍ଟନ କରିବାର ପ୍ରଧାନ ବ୍ୟକ୍ତି

ହା.ଣ୍ତିମୁର୍ମୁ—ବି. ମୁର୍ମୁ ଗୋତ୍ରର ଏକ ଉପ-ଗୋତ୍ରର ନାମ

ହାଣ୍ତୁଓ୍ୱା—ବି. ବାଉଁଶ କରଡ଼ିରୁ ତିଆରି କରା ଦ୍ରବ୍ୟ

ହାଣ୍ତେ— କ୍ରି. ବିଂ. ସେଠାରେ

ହାଣ୍ତେରେ—କ୍ରି. ବିଂ. ସେହି ସ୍ଥାନରେ

ହାଣ୍ତେ ଅନାଂ—କ୍ରି. ବିଂ. କେବଳ ସେଇଠାରେ

ହାଣ୍ତେନ୍—କ୍ରି. ବିଂ. ସେଠାର, ସେଠାକାର

ହାଣ୍ତେ ନାଣ୍ତେ—କ୍ରି. ବିଂ. ଏଠି ସେଠି

ହାଣ୍ତେନ୍ ନାଁଣ୍ତେନ୍—ବିଂ. ଏଠାର ସେଠାର, ଭିନ୍ନ ଭିନ୍ନ ସ୍ଥାନର

ହାଣ୍ତେରେଆନାଂ—କ୍ରି. ବିଂ. କେବଳ ସେହି ଠାରେ (ଅଛି)

ହାଣ୍ତେରେନ୍—ବିଂ. ସେଠାକାର

ହାଣ୍ତେରେନାଂ/ହାଣ୍ତେରେନାଃ—ବି. ସେହି ସ୍ଥାନର

ହାତ୍—ବି. ହାତ, ଅକ୍ତିୟାର, ଅଧିକାର

କ୍ରି. ହାତରେ ମାପିବା, ଅକ୍ତିୟାର/ଅଧିକାରରେ ରହିବା

ହାତାଂ—ବି. ମସ୍ତିଷ୍କ, ମଗଜ୍

ହାତ୍ଆଡ଼ା—କ୍ରି. ହାତ ହଲାଇ ଇସାରା କରିବା,

କହିବା ବା ଚୁପ୍ ରହିବାକୁ ଇସାରା ଦେବା

ହାତକଣ୍ଡି—ବି. ହାତକଡ଼ି

ହାତ୍କାଓ୍ୱ—କ୍ରି. ଜମାଇ ଦେବା, ଦବାଇ ଦେବା

ପ୍ରତିବନ୍ଧ ଲଗାଇବା

ହାତ୍କା.ନ୍—ବି. ଏକ ପ୍ରକାରର ଜଙ୍ଗଲି ଗଛ

ହାତତାଓ୍ୱ—କ୍ରି. ଅଣ୍ଡାଳିବା

ହାତାଓ୍ୱ—କ୍ରି. ଗ୍ରହଣ କରିବା, ବିବାହ କରିବା

ହାତଓଡ଼ା—ବି. ହାତୁଡ଼ି କ୍ରି. ହାତୁଡ଼ି ମାରିବା

ହାତ୍ଖା.ଲି—ବିଂ. ଖାଲି ହାତ, ବେକାର

କ୍ରି. ବିଂ. ଖାଲି ହାତ ହୋଇଯିବା, ବେକାର ହେବା

ହାତ୍ଖା.ଡ (ଲି) ବିଂ. ଭବିଷ୍ୟତ ବାଣୀ

କ୍ରି. ହାତ ଲେଖା ଦେଖି ଭବିଷ୍ୟତ କଥା କହିବା

ହାତଗୁପଡ଼ା (ଲା)—କ୍ରି. ହାତ ଗୁପୁଡ଼ା ମାରିବା

କ୍ରି. ଅଧିକାର ନେବା

ହାତ୍ଚୁଟି—କ୍ରି. ହାତ ଚଞ୍ଚଳ ହେବା

ହାତରେ ଶୀଘ୍ର କରିବା ଦକ୍ଷତା

ହାତ୍ଜଅସ—ବି. ହାତର କରାମତି କ୍ରି. ଭାଗ୍ୟ ଉଦୟ ହେବା

ହାତ୍ବାଇ—ବି. ହାତ ତିଆରି କ୍ରି. ହାତରେ ତିଆରି କରିବା

ହାତ୍ବାଛା—କ୍ରି. ହାତରେ ବାଛିବା ବିଂ. ମନ ପସନ୍ଦ

ହାତ୍ବଅସ୍—ବିଂ. ହାତ ଦ୍ୱାରା ବଶତା ସ୍ୱୀକାର କରାଇବା

କ୍ରି. ଅଜ୍ଞାକାରୀ ହେବା

ହାତ୍ମାଃ—କ୍ରି. ହାତ ଛଡ଼ାଇବା

ହାତ୍ମା ହୁତ୍ମା —କ୍ରି. ବିଂ. ଅଟକାଇବା ଓ ଠେଲିଦେବା

ପ୍ରକ୍ରିୟା

(ଜଣେ ଜଣକୁ ଧରିବାରେ ସେ ଜଣକୁ ଧରିବା ଲୋକ

ଅଟକାଇ ଦେବା ଓ ଠେଲି ଦେବା ପ୍ରକ୍ରିୟା)

ଛଡ଼ାଛଡ଼ି ମିଶାମିଶି ହେବା

ହାତ୍ଲାଃ—ବି. କାଖ

ହାତ୍ଲୁତ୍ଜା—ବି. ହାତର କବଚ

ହାତର୍ଓ୍ୱା ହାତ୍ର୍ଓ୍ୱି —କ୍ରି. ହାତରେ ଅଣ୍ଡାଳା ଅଣ୍ଡାଳି କରିବା

କ୍ରି. ବିଂ. ଅଣ୍ଡାଳି ଅଣ୍ଡାଳି ଖୋଜିବା

ହାତ୍ମୁଙ୍ଗା—ବି. ଏକ ପ୍ରକାର ଶିଁବାଳୁଆ ପୋକ

ହାତଡ଼ା ହାତଡ଼ି—କ୍ରି. ହାତାହାତି ହେବା, ଝଗଡ଼ା କରିବା

କ୍ରି. ବିଂ. ଧସ୍ତାଧସ୍ତି ହେବା

ହାତାଂ—ବି. ମସ୍ତିଷ୍କ

ହାତାମ୍ ହୁତୁମ୍—କ୍ରି. ବିଂ. ହାତର ବଳ ପ୍ରୟୋଗ ପ୍ରକ୍ରିୟା

ହାତାର୍—କ୍ରି. ଜଭ ଛେଲବା, ଫସଲକୁ କାଟିବା

ହାତାର୍ ହୁରୁର୍—କ୍ରି. ବିଂ. ଉପରେ ଉପରେ ହଲ କରିବା ପ୍ରକ୍ରିୟା, ଯାଇତାଇ ହଲ କରି ଦେବା, ଉପରେ ଉପରେ ଛେଲ୍ ଛେଲ୍ କରିବା

ହାତାଓ୍ୱଅରେ—କ୍ରି. ହରଣ କରିବା, ଅପହରଣ କରିବା

ହାଢ—ବି. ହାଣ୍ଡି

ହାଢଆ.ର—ବି. ହୁଢଆର

ହାଢହଡ଼ିଲ୍—ବି. ଏକ ପ୍ରକାରର ଶ୍ରେଷ୍ଠ କଙ୍କଲପାଢ ଚଢେଇ

ହାଢଭ୍-ଦ୍—ବି. ଏକ ପ୍ରକାର ବଢ଼ ଛୁରୁ

ହାଢ ପାଣ୍ଡ୍ କାର୍ ହୁଲୁ—ବି. ଏକ ପ୍ରକାର ଧାନର ନାମ

ହାଢ ବେଲେ ଟାମାକ୍—ବି. ଏକ ପ୍ରକାର ଶ୍ରେଷ୍ଠ କାଗଜ

ହାଢ ସଣ୍ଡା—ବି. ଏକ ପ୍ରକାର ଜଙ୍ଗଲ୍ ଗଛ

ହାଢ ଲୁତୁର ସିଜ୍—ବି. ଏକ ପ୍ରକାର କଣ୍ଟା ସିଜୁ

ହା.ଢ ହା.ଦୁକା.ଦୁ—ବି. ଏକ ପ୍ରକାରର ଗଛ, ଏ ଗଛ ଔଷଧରେ ବ୍ୟବହାର ହୁଏ

ହା.ତୁଡ଼ି (ଲ)—ବି. ହାତୁଡ଼ି

ହା-ତେ—କ୍ରି. ହେଇ (ଧ୍ୟାନ ଆକର୍ଷକ ପଦ) ବିଂ. ହାତରେ

ହାତେ ଆରେ (ଲେ)—କ୍ରି. ବିଂ. ହାତ ନିକଟରେ

ହାତେ ଧୂରସ୍ତା—କ୍ରି. ବିଂ. ହାତେ ଦୂରରେ, ନିକଟରେ

ହାତେ ପାତେ—କ୍ରି. ହାତ ପତାଇବା, ନେହୁରା ହେବା

ହାତେ-ପାସୁଂ—କ୍ରି. ପାଦରେ ପଡ଼ିବା, କ୍ଷମା ମାଗିବା

ହାତେସ୍ତା—କ୍ରି. ପାଇବା ଆଶାରେ ହାତ ପତାଇ ରହିବା, ମାଗିବା

ହାତେର ସୁକ୍—ବି. ଆପଣା ସୁଖ
କ୍ରି. ବିଂ. ନିଜ ସୁଖରେ ରହିବା

ହାତେ ଲଅତେ—କ୍ରି. ହାତକୁ ସାହା ଆସିବ, ସାହା ମିଳିବ

ହାତୁଅମ୍—ବି. ପିଉସୀ

ହାତୁଅମିସ୍ତା—ବି. ପିଉସୀ ସହିତ, ଭଣଜା ଝିଅମାନଙ୍କର ସମ୍ପର୍କରେ ହେବା ଶବ୍ଦ

ହାଥା—ବି. ହତା, ବଢ଼ ଚାଟୁ

ହାଦ୍‌ହାଦ୍—କ୍ରି. ବିଂ. କୋଳାହଳ ହେବାର ପ୍ରକ୍ରିୟା ଗଦ ଗଦ ହୋଇ ପାଣି ପଡ଼ିବା ପ୍ରକ୍ରିୟା

ହାଦ୍‌ହାଦାଓ୍ୱ, ହାଦ୍‌ହା.ଦଅ—କ୍ରି. ବିଂ. ଉଚ୍ଛୁଳା ଉଚ୍ଛୁଳି ଜଳ ବୋହି ଯିବାର ଶବ୍ଦ, ହସରେ ଫାଟି ପଡ଼ିବା ପ୍ରକ୍ରିୟା

ହାଦ୍‌ରଂ ମାଦ୍‌ରଂ—କ୍ରି. ବିଂ. ଅସାବଧାନରେ ଘୋଷାରି ଖଣ୍ଡିଆ ମଣ୍ଡିଆ କରିବା ପ୍ରକ୍ରିୟା

ହାଦ୍‌ରଓ୍ୱ—କ୍ରି. ଲିଭି ଯିବା

ହାଦର ହା.ଦର—କ୍ରି. ବିଂ. ଆଖୁଡ଼ା ଆଖୁଡ଼ି ହେବା

ହାଦ୍‌ହୁଦ୍—କ୍ରି. ବିଂ. ହାଦ୍‌ହୁଦ ବା ଗାଦ୍‌ଗୁଜ୍ କରି ପଡ଼ିବା ଶବ୍ଦ

ହା.ଦ୍‌ଗୁଇ—ବିଂ. ଝାମ୍ପୁରା, ଝିମ୍ପୁରି ବାଲ ଥିବା

ହା.ଦ୍‌ଗୁମ୍—କ୍ରି. ବିଂ. ଝିମ୍ପୁରି ବାଲଥିବା ବ୍ୟକ୍ତିର ଦୌଡ଼ିବା

ହା.ନଆ.ଓ୍ୱ—କ୍ରି. ଡରିଯିବା, ହତବତାଇ ଯିବା, ବ୍ୟସ୍ତ ହେବା

ହାଦସ୍ତା. ହା.ଦସ୍ତି—କ୍ରି. ବିଂ. ଏଣେ ତେଣେ ଘୁଞ୍ଚିଆରେ ଦୌଡ଼ା ଦୌଡ଼ି କରିବା

ହା.ଦୁ ହୁଦୁ—କ୍ରି. ଅସ୍ତବ୍ୟସ୍ତ କରିବା, ଭୟ ଦେଖାଇବା

ହା.ଦୁହୁଦୁଇଚ୍—ବିଂ. ଭୟ ଦେଖାଇବା ବାଲା

ହା.ଦୁମ୍ ପା.ଦୁମ୍—କ୍ରି. ବିଂ. ଦୁଲ୍‌କା ଦୁଲକି ଚାଲି (ଚାଲିବା)

ହା.ଦୁସୁ—ବିଂ. ମୁଣ୍ଡ ବାଲ ଉଡ଼ୁଥିବା ସ୍ଥିତି

ହା.ଦୁସୁ ହା.ଦୁସୁ—କ୍ରି. ବିଂ. ଦେହର ଢାଙ୍କଣା / ମୋଟା ବସ୍ତ୍ର, ଚାଲିବା ବେଳେ ଓହଲି ଓହଲି ଯିବା ପ୍ରକ୍ରିୟା

ହା.ଦୁର୍ ହା.ଦୁର୍—କ୍ରି. ବିଂ. ଗର୍ଜନ କରୁଥିବା, ଘୁଁ ଘଁ ଶବ୍ଦ କରୁଥିବା

ହା.ଦୁଲ୍—କ୍ରି. ଲୁଫୁଡ଼ିବା, ଉଜୁଡ଼ି ପଡ଼ିବା

ହାନ୍—ଅ. (ନିର୍ଦ୍ଦିଷ୍ଟ ରୂପରେ) ତାହା

ହାନ୍‌କା—କ୍ରି. ବିଂ. ସେହି ପ୍ରକାର

ହାନ୍‌କାନ୍—ବିଂ. ସେହି ପ୍ରକାରର

ହାନ୍‌କା ଲେକା—କ୍ରି. ବିଂ. ସେହି ପ୍ରକାରରେ

ହାନ୍କା ଲେକାତେ—କ୍ରି. ବିଂ. ସେହି ଧରଣରେ

ହାନ୍କା ହାନ୍କାତେ—କ୍ରି. ବିଂ. ସେହି ଦଗରେ, ସେହି ବାଟେ

ହାନ୍ଦା—ବି. ବଡ ହାଣ୍ଡି

ହାନ୍ଡାଓ୍ୱ—କ୍ରି. ସତେଇବା, କର୍ଯ୍ୟାତନା ଦେବା,
                    ନିଷେଧ କରିବା

ହାନ୍ତେ—କ୍ରି. ବିଂ. ସେହି ପାଖେ

ହାନ୍ତେନାତେ—କ୍ରି. ବିଂ. ଏପାଖ ସେପାଖ, ଏଣେ ତେଣେ

ହାନ୍ତେ ନାତେନ୍—ବିଂ. ଏଣେ ତେଣେ, ଏଠାର ସେଠାର

ହାନ୍ତେରେ—କ୍ରି. ବିଂ. ତେଣେ, ସେହିଠାରେ, ସେ ପାଖରେ

ହାନ୍ତେରେନ୍—ବିଂ. ସେ ପାଖର

ହାନ୍ହାନସ୍ତା—ବିଂ. ତେଜସ୍ୱାନ, ଶକ୍ତିଶାଳୀ

ହାନ୍ହାର୍—ବି. ଶାଶୁ

ହାନ୍ହାର୍ଇସ୍ତା—ବି. ଶାଶୁ ଓ ପୁତ୍ରବଧୂର ସମ୍ପର୍କ

ହାନ୍ହାର୍ଇଞ୍ଜ୍—ବି. ଆପଣା ଶାଶୁ

ହାନ୍ ହାନ୍—କ୍ରି. ବିଂ. ସେହି ସେହି ନିଶ୍ଚିତ ରୂପରେ

ହାନ୍ହାନ୍କା—ଅ. (ଠିକ୍) ସେହି ପ୍ରକାର

ହାନ୍ହାନ୍ଢେ—ଅ. ସେହି ସ୍ଥଳରେ

ହା.ନ୍ହାନ—ସେହି (ନିର୍ଦ୍ଦିଷ୍ଟ ଲୋକ)

ହାନ୍ହାନାଓ୍ୱ—କ୍ରି. ବିଂ. ହା ହାଁ ହେବା, ଶୀଘ୍ର ପାଇବାର
                    ଲାଳସା ଦେଖାଇବା, ଉଗ୍ରଇଚ୍ଛା

ଉ: ଆଲଅ ସେମ୍ ମାନଏୟା ଅନା ଜଜ ଜମ୍ ଲଗାଦ୍ ଏ
    ହାନ୍ହାନାଓ୍ୱ କାନା - ତାକୁ ମନା କରନାହିଁ ସେ ସେହି
                    ତେନ୍ତୁଳି ଖାଇବାକୁ ଲାଳାୟିତ ହେଉଛି

ହାନ୍ହାନେ—ଅ. ହେଇ ସେଇଠି

ହାନ୍ହାର୍ମେ—ବି. ତୁମର ଶାଶୁ

ହା.ନ୍—ବି. ହାନି, କ୍ଷତି, କ୍ରି. କ୍ଷତି ହେବା

ହା.ନ ହାନ—ଅ. ହେଇ ସେହି

ହା.ନ—ସ. ସେହି ସେ

ହାନା—ସ. ସେଇଟା

ହାନାଃଗୁଜୁଃ—ବି. ମୃଗି ରୋଗ, ଅପସ୍ମାର ରୋଗ

ହାନାଟା—ସ. (ଆଙ୍ଗୁଳି ଦେଖାଇ) ସେଇଟା

ହାନାନାଓ୍ୱା—କ୍ରି. ବିଂ. ଏଇଟା ସେହିଟା (କହନାହିଁ)

ହାନାନଓ୍ୱାଁ—କ୍ରି. ବିଂ. ଏଟା ସେଟା (କହୁଛ)

ହାନାପୁରି—ବି. ପର ଲୋକ

ହାନା ବେଲା—କ୍ରି. ଅସନ୍ଧ ବେଳ, ଅପରାହ୍ଣ

ହାନାର୍ ଝାନାର୍—କ୍ରି. ବିଂ. ଲୁଣ୍ଠି ଟିଣ୍ଠି

ହାନାର୍ ହାନାର—କ୍ରି. ବିଂ. ଟିଣ୍ଠି ଟିଣ୍ଠି

ହାନାର ରୁବ୍—ବି. ଡାକିନୀ

ହା.ନା.ଓ୍ୱ—କ୍ରି. ହାନି ହେବା, କ୍ଷତି ହେବା, ହରାଇବା,
                    ମଣ୍ଡିବା

ହାନାସ୍—ବି. ବ୍ୟଥା, ପୀଡା, ଯନ୍ତ୍ରଣା
    କ୍ରି. ବ୍ୟଥା ହେବା, ପୀଡା ହେବା, ଯନ୍ତ୍ରଣା ଭୋଗିବା

ହାନାସା, ହାନାସାହା—ବିଂ. ସେ ପାଖ, ସେ ପାରି, ଆର ପାଖ

ହାନାସାଃ, ହାନା ସାହାଃ—କ୍ରି. ମଣ୍ଡିବା

ହାନା ସେଚ୍, ହାନା ସେଦ୍—କ୍ରି. ବିଂ. ସେ ପାଖରେ, ସେହି
                    ଦଗରେ

ହାନାସି—ବି. ପୀଡା, ବ୍ୟଥା
    କ୍ରି. ପୀଡା ହେବା, ବ୍ୟଥା ହେବା

ହା.ନ୍କୁ—ସ. ସେମାନେ

ହା.ନ୍ ହାନ୍କୁ—ସ. ସେହି, ସେହିମାନେ

ହା.ନି—ସ. ସେ, ସେହି

ହା.ନୁଃ—କ୍ରି. ହାନି ହେବା

ହା.ନେ—ସ. ସେଇଟା (ଇଙ୍ଗିତ କରି)

ହାନେ ଆନାଂ—ସ. ହେଇ ସେହିଠି, (ଇଙ୍ଗିତ କରି)

ହାନେ ଇନ୍ରେ—କ୍ରି. ବିଂ. ସେହି ସମୟରେ, ସେହି ସେ
                    ସେ ସମୟରେ

ହାନେ ଅଣ୍ଡେ—ସ. ସେଇଠି ହେଇ ସେଇଠି (ଇଙ୍ଗିତ କରି)

ହାନେ ତାଗ୍—ସ. ହେଇ ଦେଖ, ତାହା ଯାଉଛି

ହାନେ ମାରେ—କ୍ରି. ଡରାଇବା

ହାନେ ହାନ୍କା—କ୍ରି. ବିଂ. ସେହିପରି, ସେ ପ୍ରକାର

ହ୍ୱାନେ ହ୍ୱାନ୍କାନ୍—ବି°. (ଦେଖାଇ ଦେଇ) ସେହି ପ୍ରକାରର
ହ୍ୱାନେ ହ୍ୱାନ୍ତେ—କ୍ରି. ବି°. ହେଇ ସେହି ଆଡ଼େ
ହ୍ୱାନେ ହ୍ୱାନେ— ନିର୍ଦ୍ଦିଷ୍ଟ-ସ. ହେଇ ଦେଖ ସେଠାରେ,
ଦେଖ ହେଇ ସେହିଠା
ହ୍ୱାନେ ହ୍ୱାନେନ—ସ. ସେହିଠା, ସେହି ସବୁ ଗୁଡ଼ାକ
ହ୍ୱାପ୍—ଇଂ ବି. ହ୍ୱାପ୍, (half) ଅଧା
ହ୍ୱାପ୍ଲାମ୍—ବି. ପୂର୍ବପୁରୁଷ
ହ୍ୱାପ୍ଲାମ୍କ—ବି. ପୂର୍ବ ପୁରୁଷ ଗଣ
ହ୍ୱାପ୍ଲାଃ—ବି. ବରିଷ୍ଠ, ବଡ଼, ଓସାର
ହ୍ୱାପ୍ଲା ହ୍ୱଲ୍—ବରିଷ୍ଠ ଲୋକ
ହ୍ୱାପ୍ଲା ସାକାମ୍—ଓସାରିଆ ପତ୍ର
ହ୍ୱାପ୍ସିରୁ—କ୍ରି. ହସ ଖୁସି କରିବା
ହ୍ୱାପ୍ସିଦୁକ୍— ବି. କାଶ ରୋଗ, ଧଇଁ ପେଲିବା ରୋଗ
ହ୍ୱାପ୍କା ହୁପ୍କା—କ୍ରି. ହ୍ୱାମ୍କା ହୁମ୍କା, ଡରାଇବା,
ଭୀତ ପ୍ରଦର୍ଶନ କରିବା
ହ୍ୱାପ୍ (ବ୍)—କ୍ରି. ମୁହଁକୁ ନେବା, ମୁହଁ ଓ ମୁଖ ମଣ୍ଡଳରେ ପାଣି
ଦେବା ଓ ଧୋଇବା
ହ୍ୱାପ୍ (ବ୍) ଇକ୍ତୁମ୍—କ୍ରି. ଓଠ ମୁହଁ ଭିତରକୁ ମୋଡ଼ିବା
କ୍ରି. ବି°. ରାଗରେ ଓଠ କାମୁଡ଼ିବା
ହ୍ୱାପ୍ (ବ୍) ଇଙ୍ଗୂଲ୍—କ୍ରି. ଖାଇବାର ବାହାନା କରିବା
(ହାତରେ ଖାଦ୍ୟ ନଥାଇ ଖାଦ୍ୟ ଅଛି ଭାବ ପାଟିକୁ ନେବା)
ହ୍ୱାପସୁପ୍—ବି°. ସ୍ତବ୍ଧ, ଜଡ଼ଭୂତ, ସ୍ତମ୍ଭିତ
କ୍ରି. ସ୍ତବ୍ଧ ହେବା, କ'ଣ କରିବା ନ କରିବା
ଜାଣି ନ ପାରିବା ସ୍ଥିତି
ହ୍ୱାପରୁଓ୍ୱ—କ୍ରି. ଅଧିକାର ଛଡ଼ାଇ ଆଣିବା, ଅଧିକାର ହରାଇ
ଦେବା
ହ୍ୱାପ୍ରୁ ହ୍ୱାପଚ—କ୍ରି. ବି°. ତତ୍ପରତା ସହ
(ପିଛା କରିବା, ନେଇ ନେବା ପ୍ରକ୍ରିୟା)
ହ୍ୱାପ୍ଟାଓ୍ୱ—କ୍ରି. ଈର୍ଷା ହେବା, ପ୍ରତିଯୋଗିତା କରିବା
ହ୍ୱାପ୍ତା—ବି. ହପ୍ତା, ସପ୍ତାହ କ୍ରି. ସପ୍ତାହ ଯାକର ମଜୁରି ନେବା

ହ୍ୱାପ୍ସାଓ—କ୍ରି. ଅଙ୍କ ଧିବା, ହାଫିବା, ଝର ଝର ନିଃଶ୍ୱାସ
ନେବା
ହ୍ୱାପ୍ତା (ଲା)/ହୁହ୍ୱା.ଡ୍ (ଲ୍)—ବି. ବଡ଼ ସବୁଜିଆ କପୋତ
ପରିକା ଏକ ପକ୍ଷୀ
ହ୍ୱାପା—ବି. ବାଡ଼ି, ଠେଙ୍ଗା
ହ୍ୱାପାଃ ହ୍ୱାପାଃ—ବି°. ଶୋକଲ ଅବସ୍ଥିତ (ଧଇଁ ସଇଁ ଦୌଡ଼ି
ଆସିଛି ଓ ତାହାର ପେଟ ପଶିଯାଇଛି)-ଏପରି ଅବସ୍ଥା
ହ୍ୱାପାର୍ ହୁପୁର୍—କ୍ରି. ବି°. ଚୁପ୍ ଚାପ୍, ଗୁପ୍ତ ଭାବରେ
ଧୀରେ ଧୀରେ (ଆସିବା/ଯିବା)
ହ୍ୱାପାଟିଞ୍ଜ୍—କ୍ରି. ଭାଗ କରିବା ପ୍ରକ୍ରିୟା, ବାଣ୍ଟିବା ପ୍ରକ୍ରିୟା
ହ୍ୱାପାଟିଞ୍ଜ୍ରେ—କ୍ରି. ବି°. ଭାଗରେ, ବଣ୍ଟୁଆରରେ
ହ୍ୱାପାମ୍ବୁଲ୍—କ୍ରି. ପରସ୍ପରକୁ ଆଲିଙ୍ଗନ କରିବା
ହ୍ୱାପାମ୍ବୁଲ୍ କାତେ—ବି. ବି°. ପରସ୍ପରକୁ ଆଲିଙ୍ଗନ କରି
ହ୍ୱାପାମୁନ୍—ବି°. ବୟସ୍କ ହେବା
କ୍ରି. ବି°. ଯୁବା ଅବସ୍ଥା ପାଇଥିବା (ପୁରୁଷ)
ହ୍ୱାପାରୁଓ୍ୱ—କ୍ରି. ପ୍ରତିଯୋଗିତା କରିବା
ପରସ୍ପରକୁ ହରାଇବା ପ୍ରକ୍ରିୟା
ହ୍ୱାପି—କ୍ରି. ଚୁପ୍ କରାଇବା, ଭୁନ କରାଇବା
ହ୍ୱାପିଃ—କ୍ରି. ଭୁନ ହେବା, ଚୁପ୍ ରହିବା
ହ୍ୱା.ପୁ॰ ଆରଡା॰—ଏକ ପ୍ରକାର ଶ୍ରେଷ୍ଠ ଗଛ
ହ୍ୱା.ପୁ॰ ଚେଣେ—ବି. ଶ୍ରେଷ୍ଠ ପେସ୍କ
ହ୍ୱାପୁ॰ ଅଅନା—ବି°. ପେସ୍କ ମୁହାଁ
ହ୍ୱାପୁ॰ ମ.ଗୁ—ବି°. ଚୌଡ଼ା ମୁହାଁ, ପେସ୍କ ମୁହାଁ
ହ୍ୱା.ପୁହାର୍—କ୍ରି. କିଂକର୍ତ୍ତବ୍ୟ ବିମୂଢ଼ ହେବା, ଛନକା ପଶିଯିବା
ହ୍ୱାପେ—କ୍ରି. ରହ, ରହିଯାଅ, ଅଟୁ ଧର, ଅପେକ୍ଷା କର
ହ୍ୱାପେନ୍—କ୍ରି. ବି°. ଭବିଷ୍ୟତକୁ ଦେଖିବ, କିଛି ଦିନ ପରେ
ଦେଖିବ
ହ୍ୱାପେ ନାହ୍ୱାଃ—କ୍ରି. ବି°. ରହିତ (ମାଡ଼ ଖାଇବୁ)
ହ୍ୱାପେ ଧପେତେ—କ୍ରି. ବି°. ରହ ରହ କହି କରି, ଅପେକ୍ଷା
କରୁ କରୁ
ହ୍ୱାପ୍କା ବି. ଶ୍ରେଷ୍ଠ ଶାଳ ବୃକ୍ଷ
କ୍ରି. ଝଟକା ସହ, ଝଟକା ଦେଇ (ଛୁଟିବା)

ହ୍ୱାବ୍କା ଡୁବ୍କା—କ୍ରି. ବିଂ. ଡୁବିବା ଓ ଉଠିବା ପ୍ରକ୍ରିୟା
ଉ: ହ୍ୱାବ୍କା ଡୁବ୍କାତେ ଦା∾ ପା.ୟିର୍ଃ କାନା
ଡୁବିବା ଉଠିବା ଦ୍ୱାରା ପାଣି ଛୁଟ୍‌କି ଯାଉଛି

ହ୍ୱାବ୍‌ହ୍ୱାବା.ଓ୍ — କ୍ରି. ବିଂ. ପୂର୍ଣ୍ଣ ମାତ୍ରାରେ ପାଣି ବୋହାଇ ହେବା, ଚପଳତା ହେତୁ ଜୋର୍ ହସ ଖେଳ ହେବା

ହ୍ୱାବ୍‌ଜା.ଓ୍ — କ୍ରି. ହାତୁଡ଼ରେ ପାଇବା, ସାମନାରେ ପାଇବା

ହ୍ୱା.ବ୍ରୁଃ — କ୍ରି. ସୁଡୁକିବା, ସୁଡ଼ୁର୍ ସୁଡ଼ୁର୍ ଶବ୍ଦ କରି ଖାଇବା, ଖାଇବା ବେଳେ ପାଟିରୁ ସୁଡସାଡ ଶବ୍ଦ ବାହାରିବା

ହ୍ୱା-ବା∾ — କ୍ରି. ତୀର ଲକ୍ଷ କରି ରଖିବା, ଶର ବନ୍ଧବାକୁ ଲକ୍ଷରେ ରଖିବା

ହ୍ୱା.ବ୍ହ୍ୱା.ବସ୍ୱା—ବିଂ. ଉପରେ ଉପରେ ଭାସିବା (ଲୋକ), ଫୁଲ୍ ଫାଙ୍କିଆ, କଥା ବେଶି କାମ କମ୍ କରୁଥିବା ସ୍ୱଭାବର ବ୍ୟକ୍ତି

ହ୍ୱାବାଃ ତୁବାଃ—କ୍ରି. ଅସାବଧାନତା ସହ କରିବା, ଅସ୍ଥିରତା ଭାବେ କରିବା

ହ୍ୱାବାକ୍ ଡାବାକ୍—କ୍ରି. ବିଂ. ଏପାଖ ସେପାଖ ହେବା ପ୍ରକ୍ରିୟା, ଟାଳଟୁଳ କରିବା, ହେବା ନ ହେବା ମନଭାବ

ହ୍ୱାବାଦଆ—ବିଂ. ଲୋଲୁପ, ପେଟୁ, ଖାଉଟିଆ

ହ୍ୱାବାଦୁବା.—କ୍ରି. ଡରାଇବା, ହକାବକା କରିଦେବା

ହ୍ୱାବାଲ୍—ବି. ଅଗଣା

ହ୍ୱାବର୍ (କ୍)—କ୍ରି. ବିଂ. ପର୍ଯ୍ୟନ୍ତ

ହ୍ୱାବୁକ୍ ଡାବୁକ୍—କ୍ରି. ବିଂ. ମୁଣ୍ଡ ଟୁଲାଇ ହଲାଇ ନଇଁ କରି ଚାଲିବା ପ୍ରକ୍ରିୟା, (ବାର୍ଦ୍ଧକ୍ୟ ବୁଢ଼ା ବୁଢ଼ୀଙ୍କ ଚାଲି) ପାଣିରେ ବୁଡ଼ିବା ଉଠିବା ପ୍ରକ୍ରିୟା

ହ୍ୱାବଲ୍‌ଦାର୍—ବି. ହାବଲ୍‌ଦାର

ହ୍ୱାମ୍ବ୍ରୁ∾ହୁମ୍ବ୍ରୁ∾—କ୍ରି. ବିଂ. ଝଟକା ଝଟକ ହେବା, ଠେଲା ପେଲା, ଧସ୍ତାଧସ୍ତି, ଝୁଙ୍କି ଝାଙ୍କି ଚାଲିବା

ହ୍ୱାମର୍—କ୍ରି. ଶୋକ/କ୍ରନ୍ଦନ କରିବା

ହ୍ୱାମରଃ—କ୍ରି. ବିଂ. ଅନ୍ତର୍ବ୍ୟଥା କାନ୍ଦିବା

ହ୍ୱାମ୍ଲା—ବି. ଗଣ୍ଡଗୋଳ, ଝଞ୍ଜଟ

ହ୍ୱାମାକ୍ ଦାମାକ୍—କ୍ରି. ବିଂ. ଦୋହଲି ଦୋହଲି ଯିବା, ଦୁଲ୍‌କି ଦୁଲ୍‌କି ଚାଲି କରି ଯିବା

ହ୍ୱାମାନ୍ —କ୍ରି. ବିଂ. ଆଖ ପାଖରେ ଥିବା

ହ୍ୱାମାର୍—ବି. ଅମାର, ଶସ୍ୟ ଭଣ୍ଡାର

ହ୍ୱାମାରସ୍କ—ସ. ଆମ୍ଭମାନଙ୍କର

ହ୍ୱାମାଲ୍—ବି. ଓଜନଦାର, ଭାରି, କଷ୍ଟସାଧ୍ୟ
କ୍ରି. ଭାରିହେବା, କଷ୍ଟସାଧ୍ୟ ହେବା

ହ୍ୱାମାଲ୍‌ଗିଁନ୍—ବି. ଗର୍ଭପାତ, କ୍ରି. ଗର୍ଭପାତ ହେବା

ହ୍ୱାମାହ୍ମୋ—କ୍ରି. ହତାଶ ହେବା, ଶଙ୍କିଯିବା

ହ୍ୱାମାଲ ହ୍ୱଲମଅ—ବି. ଭାରି ଦେହ, ଚର୍ବିବନ୍ତ

ହ୍ୱା.ମ୍ବ୍ରୁଲ୍—କ୍ରି. ବିଂ. ସମ୍ପୂର୍ଣ୍ଣ ଭାବେ ଟୁଲି ପଡ଼ିବା, କାନ୍ଥ ଭାଙ୍ଗି ଯାଇ ଚାଳ ଭୂଇଁରେ ବସିଯିବା ଅବସ୍ଥା

ହ୍ୱା.ମ୍ବ୍ରୁତ୍—କ୍ରି. ଛାତିରେ ଲଗାଇ ନେବା, ବାହୁରେ ବାହୁ ଛନ୍ଦି ଦେବା ସ୍ଥିତି

ହ୍ୱା.ମବୁତ(ଲ୍)—କ୍ରି. ଦାନ୍ତରେ କାମୁଡ଼ି ଖାଇବା, ଦାନ୍ତ ସାହାଯ୍ୟରେ ଖଣ୍ଡ ଖଣ୍ଡ କରି ଚୋବାଇବା

ହ୍ୱାମୁସ୍—ବି. ରକ୍ତ ହୀନତା, କ୍ରି. ରକ୍ତ ହୀନତା ଦ୍ୱାରା ଆକ୍ରାନ୍ତ

ହ୍ୱାମୁସ୍ ରୁଓ୍ୱା—ବିଂ. ରକ୍ତ ହୀନତା ରୋଗ

ହ୍ୱାମେନ୍ଥ୍—କ୍ରି. ଜବତ କରିବା, ଜବରଦସ୍ତ ନେଇ ନେବା

ହ୍ୱାମେଟା—ବିଂ. ପର୍ଯ୍ୟାପ୍ତ, ପ୍ରଚୁର

ହ୍ୱାମଥର—ବି. ଶସ୍ୟ ଭଣ୍ଡାର, ଅମାର, ଶସ୍ୟ ରଖିବା ଘର

ହ୍ୱାସ୍କ୍ — ଅ. ହ୍ୱାସ୍କ୍, ହଁ ଅର୍ଥରେ ବ୍ୟବହାର ହୁଏ

ହ୍ୱାସ୍କ୍‌ନା—ଅ. ଓଃ ମା’

ହ୍ୱା.ସ୍କ.ଆ.ର୍—ବିଂ. ଗୁଜ୍ରାକାଠ ଦଣ୍ଡା କନ୍ଦମୂଳ ଖୋଳିବାରେ ବ୍ୟବହାର ହୁଏ

ହ୍ୱାଁସ୍କ୍— ଅ. ହେତ୍ (ନାପସନ୍ଦାତ୍ମକ ପଦ)

ହ୍ୱାସ୍କଁ—ସ. ସେଠାରେ

ହ୍ୱାସ୍କ୍‌ଚ∾—କ୍ରି. ଦୁଃଖିତ ହେବା, ହ୍ୱାସ୍କ୍ ହ୍ୱାସ୍କ୍ କରିବା

ହ୍ୱାସ୍କ୍‌ଜମା—ବି. ଭାଗି, ଅଂଶୀଦାର, କ୍ରି. ଉତ୍ତରଦାୟୀ ହେବା

ହାସ୍ତ୍ଭା ହସ୍ତ୍ଭା/ହାସ୍ତ୍ଭା ଜସ୍ତଭା—ବିଂ. ଅସହାୟ, ଏକଲା ଶୁନ୍‌ଶାନ, ଏକୁଟିଆ

କ୍ରି. ଅସହାୟ ଲାଗିବା, ଏକୁଟିଆ ଅନୁଭବ କରିବା

ହାସୁଡା.ଢ—ବିଂ. ଦୁଃଖିତ ବ୍ୟକ୍ତି, ଶୋକ ସନ୍ତପ୍ତ

କ୍ରି. ବିଂ. ଦୁଃଖିତ ହୋଇ, ଦୁଃଖ ହୋଇଥିବା ବ୍ୟକ୍ତି

ହାସ୍ତ୍ଦାସ୍ତ୍—ବି. ଉଦର ଦାସ୍ତିହୁ କ୍ରି. ଉଦର ଦାସ୍ତି ହେବା

ହା.ସ୍ତନସା.ସ୍—କ୍ରି. ନିରସ ହେବା, ନିରସ କରିବା

ହା.ସ୍ତ୍ସୁଃ—କ୍ରି. ଥକିଯିବା କ୍ରି. ବିଂ. କ୍ଲାନ୍ତ

ହାସ୍ତ୍ଫଁସ୍ତ୍—ବିଂ. ନିଃସହାୟ, ଭାଗ୍ୟହୀନ

ହାଁସ୍ତ୍ଫଁସ୍ତ୍—କ୍ରି. ଥକିଯିବା, କ୍ରି. ବିଂ. କ୍ଲାନ୍ତ ହୋଇ ଫଁ ଫଁ କରିବା

ହାସ୍ତ୍ବା—କ୍ରି. ଅଧିକାର ଦେବା

ହାସ୍ତ ଖଡ୍—କ୍ରି. ବିଂ. ଦରିଦ୍ର ହେବା, ଅନ୍ନହୀନ ହେବା

ବିଂ. ଅତି ଦରିଦ୍ର ହୋଇଯିବା, ଅନ୍ନଜଳ ନ ଯୁଟିବା ଅବସ୍ଥା

ହାସ୍ତମଅସ୍ତ—ବିଂ. ଆଶ୍ଚର୍ଯ୍ୟ ଚକିତ କ୍ରି. ଆଶ୍ଚର୍ଯ୍ୟ ଚକିତ ହେବା

ହାସ୍ତ୍ମଅସ୍ତ୍କାଠ୍—କ୍ରି. ବିସ୍ମୟରେ କାଠ ହୋଇଯିବା

କ୍ରି. ବିଂ.—ଆଶ୍ଚର୍ଯ୍ୟ ଚକିତ ହୋଇ ରହିଯିବା, କିଂ କର୍ତ୍ତବ୍ୟ ବିମୂଢ଼ ହେବା

ହାସ୍ତର ଗାସ୍ତ୍ର—କ୍ରି. ବିଂ. ଅପସନ୍ଦ ଭାବେ କରିବା, ଅନିଚ୍ଛାସ୍ତ ଭାବେ ହେବା, ଭଲ ଭାବରେ ନ ହେବା

ହାସ୍ତ୍ରେ—ଅ. ଦୁଃଖ ପ୍ରକାଶ ଶବ୍ଦ-ହାସ୍ତ୍ରେ ହାସ୍ତ୍ ହାସ୍ତ୍ କରିବା

ହାସ୍ତରେ ହାସ୍ତ୍—ଅ. ଦୁଃଖର ସାଥୀ ହେବାର ପ୍ରକାଶନ, ହାସ୍ତ ହାସ୍ତ କରିବା

ହାସ୍ତଲଚ୍—ବିଂ. ନିଜ ଖାଇବାର ପାଇଁ ଦୁଃଖ କରିବା ଶବ୍ଦ ହାସ୍ତରେ ପେଟ

ହାସ୍ତ୍ଲଚ୍ ହାସ୍ତ୍ଲଚ୍—କ୍ରି. ବିଂ. ହାସ୍ତରେ ପେଟ କଣ୍ଟି ବେଦନ କରିବା

ହାସ୍ତ୍ଲ ହୁଇଲ.—କ୍ରି. ବିଂ. ନତ ବଡ ହେବା ପ୍ରକ୍ରିୟା ପବନରେ ଦୋହଲି ଯାଉଥିବା (ଲମ୍ବ ପତଳା ଜିନିଷ)

କ୍ରି. ଟଳମଳ ହେବା, ଅଜ୍ଞାତଭେ କିଛି ପାଇବା ଆଶାରେ ଏଠି ସେଠି ଦୌଡ଼ିବା

ହାସ୍ତ୍ସସ୍ତ /ହାସ୍ତସୁଇ— କ୍ରି. ବେଦନାରେ ପୀଡ଼ିତ ହେବା ଶବ୍ଦ ହାସ୍ତ୍ ହାସ୍ତ

ହାସ୍ତା—କ୍ରି. ଇଚ୍ଛୁକ ହେବା, ଅଭ୍ୟସ୍ତ ହେବା

ବିଂ. ଅଭ୍ୟସ୍ତ (ବ୍ୟକ୍ତି) ଅଭ୍ୟସ୍ତ ଥିବା ହେତୁ ଇଚ୍ଛା କରିବା ବା ପାଇବା ପାଇଁ ଲାଳାୟିତ

ହାସ୍ତାମ୍ ମାନତେ—କ୍ରି. ବିଂ. ଲୁଣ୍ଠିତ ଆଘାତ ପାଇବା

ହାସ୍ତାମ୍ ହାସ୍ତାମ୍—କ୍ରି. ବିଂ. କିଛିତ କମ ପରିମାଣରେ

ହା.ସ୍ତା.ଦା.ସ୍ତା.—କ୍ରି. ବିଂ. ସନ୍ତୁଷ୍ଟ ନ ହେବା, ଅସହାୟ ହେବା

ହାର୍—ବି. ନିୟମ, ସିଦ୍ଧାନ୍ତ

ହାର୍—କ୍ରି. ଆଞ୍ଚୁଡ଼ିବା, ଆଞ୍ଚୁଡ଼ି ଘା ହେବା ବି. ଆଞ୍ଚୁଡ଼ା ଦାଗ

ହା.ର୍—କ୍ରି. ସାଉଁଟି ଜମା କରିବା, ଗୋଟାଇବା

ହା.ରଆ.ଗୁ—କ୍ରି ବିଂ. ସାଉଁଟିକରି ଆଣିବା

ହା.ର୍ଇଦ—କ୍ରି. ବିଂ. ଗୋଟାଇ ଏକାଠି କରି ନେଇଯିବା

ହା.ର୍କୁନ୍ଡା'ଙ୍ଗ—କ୍ରି ବିଂ. ଧରି କରି ପକାଇଦେବା

ହାର୍କାଲ୍ପା.ର୍କାଲ୍—କ୍ରି. ବିଂ. ଚଞ୍ଚଳ ଚଞ୍ଚଳ ହୋଇ

ହା.ରକା.ଣ୍—କ୍ରି. ଛଟକଣି ଦେବା, ଘାସୁଲ କରିବା

ହାର୍କେଲ୍—ବି. ହରକତ, କଷ୍ଟ କ୍ରି. ହରକତ ହେବା, କଷ୍ଟ ପାଇବା

ହା.ର୍କନ୍—ବି. ଲଣ୍ଠନ

ହାର୍ଖାଓ୍—କ୍ରି. ପାଇବା ପାଇଁ ପ୍ରବଳ ଇଚ୍ଛା କରିବା, ବହୁତ ଲାଳସା କରିବା

ହାର୍ଖା ହାର୍ଖି—କ୍ରି. ପାଇବା ପାଇଁ ପ୍ରବଳ ବ୍ୟସ୍ତ ହେବା (ଆଗ ଦେ ଆଗ ଦେ କରି ବ୍ୟସ୍ତ ହୋଇଯିବା ପ୍ରକ୍ରିୟା)

ଉ: ଉନି ହଲ୍ ଦିଁ ଲ.ଡୁ ଜମ୍ ଲାଗିତ୍ଏ ହାର୍ଖା ହା.ର୍ଖିଃ କାନା ସେ ଲୋକଟି ଲଡୁ ଖାଇବା ପାଇଁ ପ୍ରବଳ ବ୍ୟସ୍ତ ହେଉଅଛି

ହାରଖେଲ୍—ବି. ଦୁଃଖ, କଷ୍ଟ

ହାର୍ଖେଲ ସାସେଲ୍—ବି. ଦୁଃଖ, ଅସୁବିଧା ଓ କଷ୍ଟ

ହାର୍ଖେଲ୍ଇୟା—ବିଂ. ଦୁଃଖ ଦେବା ବାଲା

ହା.ରଗା.ର—ବିଂ. ସଙ୍କଟ, କଠିନତା

ହା.ର୍‌ଗାସେର୍—କ୍ରି. ବଂ. ଅଣ୍ଡଲା ଅଣ୍ଡଲ କରି ଗୋଟାଇବା, ଅଧିକ ଲୋଭ କରି କିଛି ବାଚ ବିଚାର କରି ଗୋଟାଇ ଆଣିବା ପ୍ରକ୍ରିୟା

ହାର୍‌ଗିଳ୍—କ୍ରି. ବଂ. ହରଗିଜ୍, କେବେ ବି ନୁହେଁ

ହା.ରଗିଡ଼ା—କ୍ରି. ଏକାଠି କରି ଫୋପାଡ଼ି ଦେବା

ହା.ର ଗିଢକ୍—କ୍ରି. ବଂ. ଉଠାଇ ନେଇ ଶୁଆଇବା

ହାର୍‌ଗୁଜ୍ଃ—କ୍ରି. ବଂ. ଗୋଟା ଗୋଟି କରି ମରିବା, ବନ୍ଧୁ ଲାଳସୀ, ଲୋଭୀ

ହା.ରଗୁହାର୍—କ୍ରି. ବଂ. ହାରଗୁହାର କରିବା, ଦୁଃଖ ପ୍ରକଟ କରିବା

ହାରଘାଣ୍ଡି(ଲ)—କ୍ରି. ବଂ. ହରଘଣ୍ଡି, ସଦାବେଳେ, ପ୍ରତି ଘଣ୍ଟାରେ

ହାର୍‌ଚୁତ୍ ହୁର୍‌ଚୁତ—ବଂ. ଉଚ୍ଚ ନୀଚ, ଆବଡା , ଖାବଡା, ଅସମତଳ

ହା.ର-ଜାଆ / ହାର୍ ଜାକ୍—ଅ. ପଶୁଙ୍କୁ ଅଡ଼ାଇ ନେବାର, ହେ, ହେଟ୍ ହେଟ୍ (ଆଦେଶାତ୍ମକ ଶବ୍ଦ)

ହା.ର୍‌ଜାହେ—ବି. ବେଶ୍ୟା

ହାର୍‌ଜନ୍ତ୍ର—କ୍ରି. ହାରଜନ୍ତ ହେବା

ହାର୍‌ଡା—ବି. ଚମ, ଚମଡ଼ା

ହାର୍‌ଡା ଦାକା—କ୍ରି. ଭୋଜନ ଦରସବ୍ କରି ଗୁଣ୍ଡିଯିବା ଅନ୍ନ, ଭୋଜନ ଅଧା ଖାଇ ଗୁଣ୍ଡିଯିବା ଅବସ୍ଥିତ

ହାର୍‌ଦସ୍ତ୍ରା—ବି. ପଶୁଙ୍କର ଏକ ପ୍ରକାର ରୋଗର ନାମ

ହାର୍‌ଦ—ବି. ହଳଦୀ

ହାର୍‌ଦ କଲମା ହୁଡ଼ୁ—ବି. ହଳଦୀ କଲମା ଧାନ

ହାର୍ ଦୁନ୍‌ଦ—କ୍ରି. ଠକିବା, ଲୋକଙ୍କୁ ଧନ୍ଦାରେ ପକାଇବା, ଧୋକା ଦେବା

ହାର୍ ଦୁଲୁବ୍—କ୍ରି. ବଂ. ଉଠାଇ କରି ବସାଇବା

ହା.ର୍ ଦୁ ᱝ—କ୍ରି. ବଂ. ଉଠାଇ କରି ରକ୍ଷା କରିବା

ହା.ର୍ ବଭ୍(ଦ୍)—କ୍ରି. ବଂ. ଉଠାଇ ପାଲଟା କରି ଲୋକର ମୁଣ୍ଡକୁ ତଳରେ ରଖି ଗୋଡ଼ ଉପରକୁ କରି ଦେବା

ହା.ର୍ ବେରେଭ୍—କ୍ରି. ବଂ. ଧରି କରି ଉଠାଇ ଠିଆ କରାଇବା

ହା.ରଲ୍ ସୁର୍‌ଲ—କ୍ରି. ବଂ. ଧରି କରି ବୁଲାଇ ଦେଇ ପୁଣି ପୂର୍ବ ସ୍ଥିତିରେ ରଖିଦେବା

ହା.ର ସାମଟାଓ୍ୱ—କ୍ରି. ଗୋଟାଇ ଏକାଠି ରଖିବା

ହା.ର୍ ସାଓଁହା—କ୍ରି. ଗୋଟାଇ କରି ସାଇତି ରଖିବା

ହାର୍‌ସୁଂ/ହା.ରସୁଲ୍—ବି. କମ, ଧିମା
କ୍ରି. କମ୍ ହେବା, କମିବା, ଧିମାଇବା

ଉ: ହାର୍‌କାନ୍ ହା.ର୍‌ସୁଂ (ହାରସୁଲ୍) ଏନା—ଲଣ୍ଠନ ଧିମାରେ (କମ୍ ଭାବରେ) ଜଳୁଛି

ହା.ର ହାଲଂ—କ୍ରି. ବଂ. ଅନ୍ତିମ ସତ୍କାର କରିବା, ଅନ୍ତିମ କ୍ରିୟାକର୍ମ କରିବା

ହା.ର୍‌ନୁପିସ୍ତା—ବଂ. ଅରୁଚି, ହତୋତ୍ସାହ, ଥକିଯିବା

ହା.ରନା.—ବଂ. ଭୟରେ ଅବଭୂତ ହେବା, ସ୍ତମ୍ଭୀଭୂତ

ହା.ରନା.ବାସ୍କ୍—କ୍ରି. ଡରରେ ଜ୍ୱର ହୋଇଯିବା, ଏକ ବେମାର, ବାତ ବେମାରି

ହା.ର୍‌ନା ଭର୍‌ନା—କ୍ରି. ବଂ. ବନ୍ଧକ ବା ଋଣ ଚୁକ୍ତି କରିବା

ହାରନା ମରନା—ବି. ହାରିଯାଅ ଅବା ମରିଯାଅ

ହାର୍‌ବା—ବି. ବଜ୍ରକାନ୍ତା

ହାର୍‌ବା ଲସ୍କଂ ଗାଡ୍(ଲ୍)—ବି. ସାନ୍ତାଳ କମ୍ବଦନ୍ତୀରେ ଏହା ଏକ ଗଡ଼ର ନାମ

ହାର୍‌ସାଞ୍ଜ୍‌ଜ—ବି. ପଦଚିହ୍ନ, ଅବଶେଷ, ସାହିଁବାରେ ଦକ୍ଷ

ହାର୍‌ମାଦ୍—ବଂ. ଦୁଷ୍ଟ, ବଦମାସ

ହାର୍‌ଲ ସୁଡା—କ୍ରି. ବଂ. ଦରପୋଡ଼ା

ହା.ରଲ ହୁର୍‌ଲ—କ୍ରି. ବଂ. ହଲ ହଲ କରିବା, ହାତ ହଲାଇବା, ହାତ ବୁଲାଇବା

ହାସ୍ୱ—କ୍ରି. ବଢ଼ାଇବା, ପାଳନ କରିବା

ହାସ୍ୱ ᱝ—କ୍ରି. ବଂ. ବଢ଼ିବା ପ୍ରକ୍ରିୟା

ହାସ୍ୱକାତେ—କ୍ରି. ବଂ. ବଡ଼ ହୋଇ, ବଢ଼ି କରି

ହାର୍‌କଲା—ବି. ପୂର୍ଣ୍ଣ ଯୌବନ ପ୍ରାପ୍ତ ଯୁବକ

ହାର୍‌କୁଲି -ବି. ପୂର୍ଣ୍ଣ ଯୌବନ ପ୍ରାପ୍ତା ଯୁବତୀ

ହାର୍‌ଚଗନ୍—ବିଂ. କୈଶୋର, ବଢ଼ ହୋଇଥିବା ବୟସ

ହାର୍‌ଗକାବ୍—କ୍ରି. ବିଂ. ବଢ଼ିବା ପ୍ରକ୍ରିୟା

ଉ: ହୁଡୁବାରେ ହାର୍ ଉକାବ୍ କାନା—ଧାନ ଗଛ ବଢ଼ି ବଢ଼ି ଯାଉଛି

ହାର୍‌ଲ୍—କ୍ରି. ପୋଡ଼ି କରି ହାର ପରି କରିବା

ହାର୍‌ଲ୍ ହାର୍‌ଲ୍—କ୍ରି. ବିଂ. ଶୁଣ୍ଡେ ଶୁଣ୍ଡେ, ଶୀଘ୍ର ଶୀଘ୍ର (କାମ କରିବା)

ହାର୍ଂ—ବିଂ. ଲୁଣିଆ, ଅସ୍ୱାଦ, ଖାରିଆ

(ଶର୍ଦ୍ଧି ଦେଲେ ପାଟିର ଯେଉଁ ଲୁଣିଆ ସ୍ୱାଦ ଅନୁଭବ ହୁଏ)

ହାର୍ଂ ହାର୍ଂ—କ୍ରି. ବିଂ. ଲୁଣିଆ ଲୁଣିଆ, ଖାରିଆ ଖାରିଆ, ଅରୁଚ ଅରୁଚ ଲାଗିବା ପ୍ରକ୍ରିୟା

ହାର୍‌କ୍ ହୁରୁର୍—କ୍ରି ବିଂ. ଧୀରେ ସୁସ୍ଥେ, ଗୋଟିଏ ପରେ ଗୋଟିଏ ହେବା, ସନ୍ଦପନ୍ଦରେ ପଡ଼ିବା, ଦ୍ୱିଧାଗ୍ରସ୍ତ ହେବା

ହାର୍ ଧାଡ଼୍‌ଗଅ—ବିଂ. ଅଧେଡ଼, ବୟସାଢ଼୍ୟ

ହାର୍‌ଟାକା—ବିଂ. ପୂର୍ଣ୍ଣ ଯୌବନ ପ୍ରାପ୍ତ

ହାର୍‌ଡା ବୁରୁ—ବି. ସାନ୍ତାଲଙ୍କପୂର୍ବ ପୁରୁଷଙ୍କ ଦ୍ୱାରା ନାମିତ ଏକ ପାହାଡ଼ର ନାମ

ହାର୍‌ଥୁର୍—ବିଂ. ପୁରି ପାଚିଥିବା (ଫଳ), ପୁରି ବଢ଼ିଥିବା (ପୁରୁଷ), କ୍ରି. ପାଚିଯିବା

ହାର୍‌ନ୍—ବିଂ. ବଢ଼ୁଥିବା (ଲୋକ, ଗଛ ଆଦି)

ହାର୍‌ପାଲ୍ଲା—କ୍ରି. ଯୋଗ୍ୟତା ସମ୍ପନ୍ନ ହେବା

ହାର୍‌ବୁରୁଃ—କ୍ରି. ପର୍ବତ ପ୍ରମାଣେ ବଢ଼ିବା

ହାର୍‌ବୁରୁ—କ୍ରି. ସମ୍ପୂର୍ଣ୍ଣ ବଢ଼ିବା

କ୍ରି. ବିଂ. ସମ୍ପୂର୍ଣ୍ଣ ବଢ଼ିକରି

ହାର୍‌ମ୍‌ଜାଡା—ବିଂ. କୃତଘ୍ନ

ହାର୍‌ମରି—ବିଂ. ମଲା ମଡ଼ା, ମଲା ଶବ

ହାର୍‌ର୍ଓ୍ୱା ବୁରୁ—ବି. ଏକ ପାହାଡ଼ର ନାମ

ହାର୍‌ଲ୍ ଟଟାଲ୍—ବିଂ. ବର୍ଷି ଯାଇଥିବା ମଲାଗୁ, ଘର ଘର ହୋଇ ଲାଗିଯାଇ ଦିଶୁଥିବା ମଇଳା

ହାର୍‌ଓ୍ୱ—କ୍ରି. ହାରିଯିବା

ହାର୍ ହା.ରି—କ୍ରି. ବିଂ. କଡ଼ା କଡ଼, କଡ଼ବା ହାରିବା, ହାର୍‌ହାରି, ପଢ଼ଭାରେ

ହାର୍‌ଲ—କ୍ରି. ଗଳାଇବା, ଗୁନ୍ଥିବା, ପିନ୍ଧିବା

ଉ: ନାୟକେ ହଟଃରେ ବାହା ମାଲାକ ହାରଲ୍ ଆଦେୟା—ପୂଜକ ଗଳାରେ ଫୁଲମାଳ ପିନ୍ଧାଇ ଦେଲେ

ହାରି—ବି. ହରି, ଭଗବାନ

ହାରିଜୟ୍—କ୍ରି. ହରିଙ୍କର ଜୟଗାନ ସାନ୍ତାଳ ଲୋକମାନେ ଶିକାର କରିବା ସମୟରେ ହରିଙ୍କ ଶରଣ ନେଇଥା'ନ୍ତି ଓ ହରିଙ୍କର ଜୟଗାନ କରନ୍ତି, 'ହାରିଜୟ୍'

ହରିବଅଲ୍—ବି. ହରିବୋଲ (ହରିଙ୍କ ନାମ ନିଅ)

ବିବାହ ବେଳେ ସିନ୍ଦୂର କନ୍ୟାକୁ ଲଗାଇବା ସମୟରେ, ଅସ୍ଥି ଧରି ଗଙ୍ଗାକୁ ଯିବା ବେଳେ, ଅସ୍ଥି ବିସର୍ଜନ ବେଳେ, ସାନ୍ତାଳ ଲୋକ 'ହରିବୋଲ, ହରିବୋଲ' କହି ଚତ୍କାର କରେ

ହା.ରିୟାଲ—ବିଂ. ଈଷତ୍ ହଳଦିଆ ରଙ୍ଗ, (ଧାନ ଗଛରେ ଧାନ ପାଚିଲେ ଯେଉଁ ରଙ୍ଗ ଦେଖାଯାଏ)

ହା.ରିୟାଲ୍‌ସିମ୍—ବି. ଈଷତ୍ ହଳଦିଆ ରଙ୍ଗର କୁକୁଡ଼ା (ସାନ୍ତାଳ ଲୋକ ଏହି ରଙ୍ଗର କୁକୁଡ଼ା ଫସଲ ପାଚିବା ସମୟରେ ପୂଜା କରନ୍ତି)

ହା.ରସ୍—ବି. ଧାତୁ ବେମାର

ହାରି—ବି. ହରି, ହେ ଭଗବାନ (ଦୁଃଖାଭିଭୂତ ହୋଇ) ଅଜାଣତରେ ହରି କହେ

ହା.ରୁ—ବି. ହାରୁଆ, ଯେ ହାରେ

ହା.ରୁଆ.ନୟା.—ବିଂ. ଯେ ହଇରାଣ କରେ, ଦୁଷ୍ଟ, ଅମାନିଆ କ୍ରି. ବିଂ. ଦୁଷ୍ଟ କାମ କରିବା

ହା.ରୁଡା.ଦୁ—ବି. ଛଳ, ଧୋକାଗିରି ବିଂ. ଛଳୁଆ, ଧୋକାବାଜ୍

ହା ରୁବ୍/ହା.ରୁପ୍—କ୍ରି. ଘୁଞ୍ଚାଇ ରଖିବା, ଓଲଟାଇ କରି ରଖିବା/ଢାଙ୍କିବା

ହା.ରୁମ୍ ଢଗର/ହୁରୁମ ଢଗିର୍—କ୍ରି. ବି°. ହୁ ହୁ ହୋଇ ଅଙ୍ଗାର ଜଳିବା ପ୍ରକ୍ରିୟା, ଜଳନ୍ତା ନିଆଁ, ଜଳନ୍ତା ଅଙ୍ଗାର ଧାସ

ହାରୁମ୍ ତାରୁମ୍/ହାଲୁମ୍ ତାଲୁମ୍—କ୍ରି. ବି°. ଚଞ୍ଚଳ ଚଞ୍ଚଳ ଅସାବଧାନ ସହକାରେ କରିବା ପ୍ରକ୍ରିୟା

ହା.ରୁଡ (ଲ୍)/ହୁରୁଡ୍ (ଲ)—କ୍ରି. ଗ୍ଲୁଲି ଉଭାରିବା, ଗ୍ଲୁଲି ଅନ୍ୟ ଯନ୍ତ୍ର ସାହାଯ୍ୟରେ ଅଣ୍ଟୁଡ଼ି ଆଣ୍ଟୁଡ଼ି ବାହାର କରିବା

ହୁରୁଡ୍ ହା.ରୁଲ୍/ହାରୁଡ୍ ହୁରୁଲ—କ୍ରି. ବି°. ନିଆଁ କାଠରେ ଭଲ କରି ନଧରି ଧୀରେ ଧୀରେ ଜଳିବା ପ୍ରକ୍ରିୟା

ହାରେଆଡ ହାରେଆଡ୍—କ୍ରି. ବି°. ପାଣି ସବୁ ଧାରରେ ଧୀରେ ଧୀରେ ବାହାରି ବୋହିବା ପ୍ରକ୍ରିୟା

ହାରେସ୍ଥାଁଣ୍—କ୍ରି. ଉପରେ ଉପରେ ଅଳ୍ପ ପାଣିରେ ଧୀରେ ଧୀରେ ଧୋଇବା

ହାରେକ୍—ବି°. ହର ପ୍ରକାରର, ସବୁ ପ୍ରକାରର

ହାରେ ତେ-ତେ—କ୍ରି. ଲଙ୍ଗଳରେ ଜୋଚ୍ଛ ହୋଇଥିବା ବଳଦଙ୍କୁ ଶୀଘ୍ର ଶୀଘ୍ର ଗ୍ଲୁଲିବାକୁ ଉତ୍ସାଇବା ଶବ୍ଦ

ହାର୍ରଜ୍—ବି. ପ୍ରତିଦାନ

ହାରେନ୍/ହୟରାଣ୍—ବି. କଷ୍ଟ, ହରକତ କ୍ରି. କଷ୍ଟ ହେବା ହରକତ ହେବା

ହାଲ୍ହାଲ୍—କ୍ରି. ବି°. କୁଜୁ କୁଜୁ ହୋଇ ବୋହିଯିବା

ହାଲ୍ହାଲବା—ବି. ଆଲଣା, ବସ୍ତ୍ର ଓହଳାଇବା ବ୍ୟବସ୍ଥା

ହାଲାମ୍—ବି. ବୁଢ଼ା, ବୃଦ୍ଧ

ହା.ଲ—ବି. ହଳକାଠ

ହା.ଲ—ଅ. କୁକୁରକୁ ତଡ଼ି ଦେବା ପାଇଁ ଏ ଶବ୍ଦ କୁହାଯାଏ

ହାଲ୍ବାହା—ବି°. ହଳକରିବା ବ୍ୟକ୍ତି

ହା.ଲ୍ ହା.ଲ୍—କ୍ରି. ବି°. ଜୋଚ୍ଛ ବଳଦଙ୍କୁ ଗ୍ଲୁଲିବାକୁ ଇଙ୍ଗିତ ଦେବା ଶବ୍ଦ

ହା.ଲ୍ହାଓ୍ୱ:—କ୍ରି. ଖାଇବାକୁ ଲାଳାୟିତ ହେବା, ଖାଇବାକୁ ଇଚ୍ଛା କରି ପାଟିରୁ ଲାଳ ବୋହିବା

ହା.ଲ୍ଦା:/ହାଲ୍ଦାଂ.—କ୍ରି. ମାଛ ପାଣି ଉପରୁ ନିଶ୍ୱାସ ନେବା ପାଇଁ ଡେଇଁବାରେ ଯେଉଁ ଶବ୍ଦ ହୁଏ

ହାଲ୍—ବି°. ଅବସ୍ଥା, ଖବର, ଓଦା ପରିସ୍ଥିତି କ୍ରି. ବି°. ଓଦା ପରିସ୍ଥିତି ହୋଇଥିବା କ୍ରି. ଓଦା ଥିବା

ହା.ଲକା.—ବି°. ହାଲୁକା, କମ୍ ଓଜନ କ୍ରି. ହାଲୁକା ହେବା, କମ ଓଜନ ହେବା

ହାଲ୍କାପ୍—କ୍ରି. ବିରକ୍ତ କରିବା, ସତାଇବା, ଖରାପ ବ୍ୟବହାର କରିବା ବି°. ଦୁଷ୍ଟ, ବିରକ୍ତକାରୀ, ଦୁଃଖ ଦେବା ବାଲା

ହାଲ.ସୁହନା.—ହଳ ପ୍ରତି ଅତିରିକ୍ତ କର କ୍ରି. ହଳ ପିଛା ଅତିରିକ୍ତ କର ବସାଇବା

ହାଲ୍ ବା.କ—ବି°. ହାଲ୍ ଓ ବାକ

ହାଲ୍ବାଲ୍—ବି. ଚଞ୍ଚଳତା, ଚୁଲ୍ବୁଲ୍ କ୍ରି. ବ୍ୟସ୍ତ କରାଇବା, ଚୁଲ୍ବୁଲ୍ ହେବା, ଦୁଷ୍ଟାମି କରିବା, ଖେଚଡ଼ ହେବା

ହାଲ୍ବୁଟାରସ୍ଥା—ବି°. ହଳ ବାଣ୍ଟିବା, ହଳକାମ କରିବାରେ ଅନ୍ୟକୁ ସାହାଯ୍ୟ କରିବା ପ୍ରତିବଦଳରେ ତାଠାରୁ ହଳ କାମ ନେବା

ହାଲ୍ବାହା—ବି. ହଳ ଚଳାଇବା ବାଲା

ହାଲ୍ଓ୍ୱାସ୍—ବି. ହାଲୁଆ

ହାଲ୍ ସାଲ୍—କ୍ରି. ବି°. ପୁରୁଣା ଋଣ ସହିତ ନୂଆ ଋଣ ମିଶାଇ ଦେବା

ହାଲ୍ସୁର୍.ତ୍—ବି. ପରିସ୍ଥିତି

ହାଲ୍ହା.ଜିର୍—ବି°. ସାମନା ସାମନି କ୍ରି. ଉପସ୍ଥିତ ହେବା, ହାଜିର ହେବା

ହାଲ୍ହା.ତିସ୍ଥାର୍—ବି. ହଳର ଆବଶ୍ୟକ ଯନ୍ତ୍ରପାତି (ଲଙ୍ଗଳ, ବଳଦ, ପାଳ ଆଦି)

ହାଲ୍ହାଲ୍- ବି. କାମର ଖୁବ ଅତିରିକ୍ତ ଥିବା ଅବସ୍ଥା, ବହୁତ କାମ, ଜରୁରି କାମ ପଡ଼ିରହିବା ଅବସ୍ଥା, ଗୁଡ଼ାଏ କାମ କ୍ରି. ନଷ୍ଟଭ୍ରଷ୍ଟ୍ କରିବା, ଗୋଲମାଲ କରିବା

ହାଲ୍ଗୁଲ୍—ବି. ଖବର, ଅବସ୍ଥା, ବିପତ୍ତି

ହାଲ୍ହାଲ୍ଓ୍ୱ—କ୍ରି. ତରବରିଆ କରିବା, ଦୌଡ଼ାଇବା କ୍ରି. ବି°. ମଜୁରିଆଙ୍କୁ ଶୀଘ୍ର ଶୀଘ୍ର କାମ କରିବାକୁ କହିବା, ଜୋର ଦେବା

ହାଲ ହାବାଲ୍, ହଲ ହାବଲ—ବ, ଅବସ୍ଥା, ସ୍ଥିତି, ମୁହାଁମୁହିଁ ହେଲ

ହା.ଲ—ବି. ଲୁହା ପାଟିଆ ଯାହା ବଳଦ ଗାଡ଼ିରେ ଲଗା ଯାଏ, ବଳଦ ଗାଡ଼ି ଚକର ପାଟି

ହା.ଲ୍.କା.ଲ୍—କ୍ରି. ଜିତିବା, ବଶୀଭୂତ କରିବା

ହା.ଲ୍.କା.ଓ୍ୱ—କ୍ରି. ଲୁଚିହିବା, ହଲାଇ ଦେବା

ହା.ଲ୍.ସେ—କ୍ରି. ଖରାପ ଅବସ୍ଥାରେ ରହିବା, ହଇରାଣ ହେବା

ହା.ଲ୍. କା.ହୁଲ୍—କ୍ରି. ଅବସ୍ଥା ସଙ୍କଟାପର୍ଣ୍ଣ, ନିଜକୁ ଦୋଷୀ କରିବା

ହା.ଲ୍. ଫା.ଲ୍—ବିଂ. ଚଉଡ଼ା ଚଉଡ଼ି ଖୋଲା ମେଲା, (ଥିବା ଘର, ସ୍ଥାନ)

ହା.ଲ୍. ମହଣ୍ଡା—ବି. ଦୁଃସ୍ଥଗତ, କ୍ରି. କଷ୍ଟରେ ପଡ଼ିବା

ହାଲ—କ୍ରି. ଫେରାଇବା, ବଦଲ ଫେରସ୍ତ ଦେବା

ହାଲକ୍—ବି. କଷ୍ଟ, ଅକାଳ, ଦୁର୍ଭିକ୍ଷ, କ୍ରି. ଅକାଳ ପଡ଼ିବା

ହାଲକ୍ ଦାଲକ୍—କ୍ରି. ବିଂ. ହଲିବା ଦୋହଲିବା

ହାଲାଂ—କ୍ରି. ଉଠାଇ ନେବା

ହଲାଂ—କ୍ରି. ଗଣି ଗଣି ବୁଣିବା, ବେଣୀ ମୁଠା କରି ବାନ୍ଧିବା ପ୍ରକ୍ରିୟା, ଏକ ଏକ କରି ନେବା

ହାଲାଂ କଚରର୍—ବିଂ. ନମୁନା ଚଣ୍ଡିତ ଲୁଗା, ଧଡ଼ିରେ ଫୁଲ ଉଠା ହୋଇଥିବା

ହାଲର୍ ହୁଲୁର୍—କ୍ରି. ବିଂ. ପତଳା ଲୋକର ଧୀରେ ଧୀରେ ଚାଲିବା ପ୍ରକ୍ରିୟା, ନିଃସହାୟ ଭାବେ ଚୁପ୍ ଚାପ୍ ଚାଲିବା ଢଙ୍ଗ

ହାଲଗୁଲ—କ୍ରି. ପାଟିତୁଣ୍ଡ କରିବା, ଗଣ୍ଡଗୋଳ ହେବା

ହାଲଭ୍ ହାଲଭ୍—କ୍ରି. ବିଂ. ପରଲୋକ ଠାରୁ ଅସ୍ପଷ୍ଟ ରୂପରେ ଶୁଣାଯିବା (କର୍ଣ୍ଣ ଗୋଚର ନ ହେବା)

ହାଲଭ୍—ବି. ହାଲ, ଅବସ୍ଥା

ହାଲସ୍ କା.ପୁଦ୍—କ୍ରି. ବିଂ. ଝଡ଼ ବରଷା

ହାଲସ୍ ହାଲସ୍—କ୍ରି. ବିଂ. ଜୋରରେ ପବନ ବହିବା, ହୁହାକୁ ହୁହା ପବନ ବହିବା

ହାଲ-ହା.ଲ—ବି. ଦଣ୍ଡ ଓ ଦଣ୍ଡର ପ୍ରତିବଦଳ, ଅଦଳ ବଦଳ ରୂପରେ ହେବା, 'ଯେସାକୁ ତେସା'

ହା.ଲ—ବି. ହାଲ, ଅଧୁନା, ଏବର, ନିକଟ ସମୟର

ହା.ଲ ସା.ଲ—କ୍ରି. ବିଂ. ଏ ସାଲର, ଆଧୁନିକ ସମୟର ହେବା

ହାଲୁତ୍ ଦା.ଲୁର୍—କ୍ରି. ବିଂ. ଏ ପାଖ ଢଳ ସେ ପାଖ ଢଳ, ଢଳ ଢଳ, ଧୀରେ ଧୀରେ (ଆସିବା, ଚାଲିବା ପ୍ରକ୍ରିୟା)

ହା.ଲୁମାନ୍ ବାୟୁ—ବି. ଏକ ପ୍ରକାରର ବାତ ରୋଗ, ମାଂସପେଶି ଟାଣି ହୁଏ, ଦାନ୍ତ ଖଟ ଖଟ ହୁଏ

ହାଲୁଓ୍ୱା ହାରଅନ—କ୍ରି. କଷ୍ଟ ହେବା, ଦୁଃଖ ହେବା, ବିରକ୍ତ ହେବା

ହାଲେ—ଅ. ଅହ୍ନଃ, ଆହା, ସତେ

କ୍ରି. ବିଂ. ହୋଇଥିବ, ହୋଇଥାଇ ପାରେ

ଉ: ଆମା ~ କାଥା ଲେକାଗେ ହୁସ୍ (ଇ) ଆକାନା ହାଲେ ଅନକା ହଲନ ଇଲଏଦା—ତୁମର କଥା ହୋଇଥିବା ପ୍ରକାରରେ ହୋଇଥାଇ ପାରେ

ହାଓ୍ୱ—ବି, କାଇ, କୁତ୍କୁଟି, କାଇପୋକ

ହାଓ୍ୱ ହାଓ୍ୱ—କ୍ରି. ନଆଁ ଧାଉଁ ଧାଉଁ ଜଳିବା ପ୍ରକ୍ରିୟା

ଅ. କୁକୁରର ହାଉହାଉ ଭୁକିବା ଶବ୍ଦ

ହାଓ୍ୱଣ୍ଡି—ବି. ଚୋର ପଡ଼ିବା, ବଳପୂର୍ବକ ଅପହରଣ କରିବା

କ୍ରି. ଜୋର ଦେବା, ଜବରଦସ୍ତ ନେଇଯିବା

ହାଓ୍ୱଣ୍ଡେଲ୍—କ୍ରି. ବିଂ. ପାଣିକୁ କାଦୁଅ ସହ ଚକଟି ମଇଳା କରିବା ପ୍ରକ୍ରିୟା

କ୍ରି. ପାଣି ଗୋଳିଆ କରିବା

ହାବଶ୍ୱବ୍—ବି. ସ୍ୱଭାବ

ହାଓ୍ୱ ହାଓ୍ୱ, ହାଉ ହାଉ—ବି. କୋଲାହଳ, ଝଗଡ଼ା ହେବାର ପାଟିତୁଣ୍ଡ ଶବ୍ଦ

କ୍ରି. କୋଲାହଳ କରିବା, କଳି ଝଗଡ଼ା କରିବା

ହାଓ୍ୱସାଓ୍ୱ, ହାଉସାଉ—ବି. କୋଲାହଳ ଶବ୍ଦ, କଳଗୋଳ ପାଟିତୁଣ୍ଡ ଶବ୍ଦ

ହାଓ୍ୱଲା—ବି. ଖେଚଡ଼, ବୋବା କ୍ରି. ଖେଚଡ଼ ହେବା,

ହାଓ୍ୱଲ—ବିଂ. ସାନ୍ତାଳଙ୍କ ବିଦ୍ରୋହ କାଳରେ ହୋଇଥିବା ବିବାହ

ହାଓ୍ୱାଇ—ବି. ନିଆଁ ଜଳାଇବା ଚରଖା ଘଡ଼

ହାଓ୍ୱଲାତୁ—କ୍ରି. ଅଗ୍ରିମ ଦେବା ବି. ଅଗ୍ରିମ

ହାଁଓ୍ୱ ହାଁଓ୍ୱ—କ୍ରି. କୁକୁର ଭୁକିବା

ହାଓ୍ୱାଟୁକ୍—ବି. ହଇଜା ରୋଗ

ହାଓ୍ୱାଂ (ହାଅଆଂ)—ବିଂ. କଟି ଭାଗ, ଅଣ୍ଟା

ହାଓ୍ୱଭରେଭେ (ଲୋ)ମ୍—କ୍ରି. ବିଂ. ସବୁ ସ୍ଥାନରେ ହେବା, ସବୁ କ୍ଷେତ୍ରରେ ହେବା କ୍ରି. ହଫା କରିବା, ନିର୍ମଳ ରଖିବା

ହାବାଲଦାରୁ—ବି. ହାବିଲ୍‌ଦାର

ହାଓ୍ୱାଲ୍ ମୁରୁମ୍‌ବିଞ୍ଜ୍—ବି. ଡାକୁଆ ସାପ, ଲଉଡଙ୍କିଆ ସାପ

ହାଓ୍ୱଏନ୍ତୁ (ଦ୍)—କ୍ରି. ସୁଖିବା, ପାଣି ଶୁଢ଼ିଯିବା

ହାଁସ୍—ବି. ଆନନ୍ଦ, ଖୁସି, ଲୁଲ୍‌କ ଦଆ ହାର

ହାଁସ୍‌ଜାଂ—ବି. ଛାତିର ଉପରଭେ ଥିବା ଦୁଇବାହୁ ଖଣ୍ଡା ଓ ବେକ ମୂଳକୁ ଯୋଡ଼ି ଥିବା ହାଡ଼

ହାଁସ୍ କଅଲ୍—ବିଂ. କବାଟରେ ଲାଗୁଥିବା ହଂସକଳ

ହାଁସ୍‌ଗାଡ଼ଲ୍ଃ—ବି. ବିଷ୍ଠା ପୋଡିବା ଗାଡ

ହାଁସ୍‌ଗୁଟି—ବି. ବିବାହ ସମୟରେ ଦାନରେ ଦିଆଯାଉଥିବା ଟଙ୍କା ଓ ଗହଣା

ହାଁସ୍‌ଦାଃ—ବି. ସାନ୍ତାଳଙ୍କ ଏକ ଗୋତ୍ରର ନାମ

ହାଁସ୍‌ଧୂଲି—ବି. ଯୌବନପ୍ରାପ୍ତଃ ପ୍ରାପ୍ତ, ସ୍ତ୍ରୀଙ୍କର ପ୍ରଥମ ରଜସ୍ରାବ ବା ଋତୁ ଦର୍ଶନ ଧର୍ମ

ହାଁସନା—କ୍ରି. ହସିବା

ହାଁସ୍‌ନା ॰॰ —ବି. ସୁନ୍ଦର

ହାଁସଭଙ୍ଗାଓ୍ୱ—କ୍ରି. ଥଟ୍ଟା କରିବା, ହସରେ ଉଡ଼ାଇ ଦେବା

ହାଁସ୍‌ମିସ୍ତା—କ୍ରି. ଥଟ୍ଟା କରିବା, ମଜା କରିବା

ହାଁସଲପାଓ୍ୱ—ବି. ଗଳାରେ ହେଉଥିବା ଏକ ପ୍ରକାର ଘାଆ ଏହା ଗଳାର ତଳକୁ ହୁଏ

ହାଁସି ଖୁସି—ବି. ହସ ଖୁସି, ହସଖୁସି, ଆନନ୍ଦ

ହାଁସିଖେଲ୍—ବି. ହସ ଖେଳ ବି. ମନକୁ ଖୁସି କରିବା ଖେଳ

ହାଁସିଠଟ୍ଟା—ବି. ହସ ଥଟ୍ଟା, ଥଟ୍ଟା କ୍ରି. ବିଂ. ହସ ଥଟ୍ଟା କରିବା

ହାଁସିଡୁବା—କ୍ରି. ବିଂ. ହସ ଖୁସିରେ ବୁଡ଼ି ରହିବା, ଅତି ଖୁସି କରିବା

ହାଁସିହାନାଓ୍ୱ—କ୍ରି. ଷଡ଼ ହେବା, ଷଡ଼ରେ ପଡ଼ିବା

ହାଁସିଲ୍—ବି. ଉତ୍ପାଦନ କ୍ରି. ଉତ୍ପାଦନ କରିବା

ହାଁସଲି—ବିଂ. ରୁପା ଓ ସୁନାରେ ତିଆରି ମୋଟା ହାର ଏହା ଗଳାରେ ପିନ୍ଧା ଯାଏ

ହାଁସ୍ ହାଁସିଲ୍—ବି. ପକ୍ଷୀ ଯାହାକୁ ଏକ ଯୋଡାରେ ଠାକୁର (ଭଗବାନ୍) ଦୁଇଥର ସୃଷ୍ଟି କରିଥିଲେ, ଏମାନେ ହଂସ ସଦୃଶ୍ୟ ଥିଲେ (ସାନ୍ତାଳ ମିଥ୍) ବିଂ. ପ୍ରଥମ ଅଣ୍ଡିରା ପକ୍ଷୀ ଓ ମାଈ ପକ୍ଷୀ

ହାଁସ—ବି. ହଂସ

ହାଁସ୍‌ହାନାସ—ବି. ଦୁଃଖ ଓ ପୀଡା ( ଏ ପଦ କେବଳ ମନ୍ତ୍ରରେ ପ୍ରୟୋଗ ଓ ବୋଲଯାଏ)

ହାସା—ବି. ମାଟି, ଜମି

ହାସାଃ—କ୍ରି. ମାଟିରେ ମିଶି ନଷ୍ଟ ହେବା, ଶେଷ / ବର୍ବାଦ ହେବା

ହାସାଆଲା ॰॰ —ବି. ଏକ ପ୍ରକାର ଶାଗ

ହାସାଢ୍-ଦ୍—ବି. ବାଲି ଛତୁ

ହାସାଅଲା ॰॰ /ହାସାଓଲା ॰॰ —ବି. ମାଟିର ଘର, କଚ୍ଚା ଘର

ହାଁସାସ୍ ଖେଳସ୍—ବିଂ. ହସି ଖେଳିବା କ୍ରି. ବିଂ. ଆନନ୍ଦରେ ରହିବା କ୍ରି. ହସଖୁସି କରିବା

ହାସା ସୁନୁମ୍—ବିଂ. ମାଟି ତେଲ' କିରାସିନ ତେଲ

ହାଁସି ହାଁସି—ବିଂ. ହସି ହସି, ଆନନ୍ଦ କରିବା କ୍ରି. ବିଂ. ଅତିରିକ୍ତ ଆନନ୍ଦରେ ରହିବା

ହା.ସୁ—ବି. ପିଡ଼ା, ବେଦନା, ବ୍ୟଥା କ୍ରି. ପିଡ଼ା ହେବା, ବ୍ୟଥା ହେବା

ହା.ସୁର୍—କ୍ରି. ଅସ୍ତଯିବା କ୍ରି. ବିଂ. ସୂର୍ଯ୍ୟ ଓ ଚନ୍ଦ୍ର ଅସ୍ତ ହୋଇ ଯିବା

ହା.ସୁର ସେହେନ୍ତୁ—ବି. ପଶ୍ଚିମ ଦିଗ
ହାହାକାର୍—ବିଂ. ନିର୍ଜନ ଜାଗା କ୍ରି. ହା ହୁତାସ ହେବା,
କ୍ରନ୍ଦନ କରିବା
ହାହାଂକାର୍— ବି. ମରୁଭୂମି
ହାହାଲ୍‌ପାତ୍—କ୍ରି. ସଂକୋଚନ ହେବା, ଖାଁକ୍ ହୋଇଯିବା
କ୍ରି. ବିଂ. ସଙ୍କୁଚିତ ପେଟ ହେବା, ପେଟ ପସି ଯାଇଥିବା
ହାହାଓ୍ୱଃ—କ୍ରି. ଇଚ୍ଛା ହେବା, ଅତି ତୀବ୍ର ଭାବରେ ଲାଳାୟିତ
ହେବା
ହାହା ହା.ହ—କ୍ରି. ବିଂ. ତୀବ୍ରଭାବେ ପାଇବାକୁ ଇଚ୍ଛା ପ୍ରକଟ
ହା ହା ହ ହ—କ୍ରି. ବିଂ. ହା ହା ହ ହ (କରିବା)
କ୍ରି. ଜୋରରେ ହସିବା
ହାହାଲ ଦାଂ—ବି. ବଡ ଆକାରର, ଲମ୍ବା ଚଉଡ଼ା ଶରୀର
(ପଡ଼ିଥିବାର ସ୍ଥିତି)
ହାହାଡ଼/ହାହାଲା—ବିଂ. ଆଶ୍ଚର୍ଯ୍ୟ କ୍ରି. ଆଶ୍ଚର୍ଯ୍ୟ ହେବା
ହାହାଲାଃରେନାଂ—ବିଂ. ଆଶ୍ଚର୍ଯ୍ୟ ଜନକ
ହାହାଲା ଲେକାତେ—କ୍ରି. ବିଂ. ଆଶ୍ଚର୍ଯ୍ୟ ଜନକ ଭାବରେ
(ରହିଛି)
ହାହାରୁଆ—କ୍ରି. ଘଷି ରଗଡ଼ି ଚମ ଛଡ଼ିଯିବା
ହା. ହା. ନ୍—କ୍ରି. କ୍ଷତିକାରକ ହେବା
ହା ହା ବନ୍‌ଦ—କ୍ରି. ବିଂ. ଅମର୍ଯ୍ୟାଦା ରୂପରେ ବାରବାର
ଛଳ କପଟ ହେବା
ହା.ହଦୁଦ—ବିଂ. ଘବରଣ, ଧୋକାବାଜ୍, କପଟି
କ୍ରି. ଧୋକାବାଜିକରି (ନେବା)
ହା.ହ ଦୁନ୍‌ଦ—ବିଂ. ଲେଖା, କ୍ରି. ଜୋର ଜବରଦସ୍ତି କରିବା
ହାଁ। ହାଁ।—ଅ.-ହାଁ। ହାଁ, ନାକାରାତ୍ମକ ଶବ୍ଦ (ରହ ରହ)
ହାଁ। ହାଁ।-ଆଃ—ନାହିଁ ନାହିଁ କରିବା, ସତର୍କ କରିବା ଶବ୍ଦ
ହାଁ।ହାଁ।ସ୍—ବି. ତୀବ୍ର ବେଦନା, ବ୍ୟଥା କ୍ରି. ବେଦନା ହେବା,
ବ୍ୟଥା ହେବା
ହାଁ। ହାଁ। ହୁଁ ହୁଁ—କ୍ରି. (ପାଟିରେ ବେଦନା ପାଇବାର)
ହାଁ। ହାଁ। ହୁଁ ହୁଁ ଶବ୍ଦ ବାହାରିବା

ହାଁ। ନା ହୁଁ—କ୍ରି. ନା ହୁଁ କହୁଛ ନା ନାହିଁ କରୁଛ (ଚୁପଚାପ
ରହିବା ପ୍ରକ୍ରିୟା)
ହାଁହୁଁ—କ୍ରି. ବିଂ. (ମୁଣ୍ଡ ହଲାଇ) ହୁଁ ହୁଁ ଶବ୍ଦ କହି ସ୍ୱୀକାର
କରିବା କ୍ରି. ହୁଁ କରିବା
ହାହୁଡ୍—ବିଂ. ଲୋଲୁପ କ୍ରି. ଲୋଭଗ୍ରସ୍ତ ହେବା, ଲୋଭ କରିବା
ହାହୁର୍‌ପା ∞—ବିଂ. ଲମ୍ବା ଚୌଡ଼ା ବି. ଓସାର
ହାହେଜ୍—କ୍ରି. ଅଣ୍ଡା ହେବା
ହାହେ ଦାନ୍‌ଦେ—ବିଂ. ଅତି ଲୋଭୀ
ହାହଅ ପାପ୍‌ଆ—କ୍ରି.ବିଂ. ହଡବଡ ହୋଇଯିବା, ଚଞ୍ଚଳ ଚଞ୍ଚଳ
ହେବା, ବଚଳିତ ସ୍ଥିତିରେ ରହିବା
ହାଡ୍ /ହାଲ୍—ବି. ମାଛ ପାଇଁ ବନ୍ଧ
ହାଡ୍‌କା—ବି. ଡାହିଁଣ ପାଡିଆ ଉଆର ବଡ ପେଟି
ହାଡ୍‌କା ହା.ଡ଼କ—ବିଂ. ବିବାଦାସ୍ପଦ ବିଷୟ
କ୍ରି. ବିଂ. ବିବାଦାସ୍ପ ବିଷୟ ହେବା କ୍ରି. ବିବାଦାସ୍ପ ହେବା
ହାଡ୍‌ଜାଂ ହଡ୍‌ଜଂ/ହାଲ୍‌ଜାଂ ହଲଜଂ—ତେଡା ମେଡା
କ୍ରି. ବିଂ. ତେଡ଼ା ମେଡ଼ା ହୋଇଥିବା
ହାଡ୍‌ପାସ୍ୱଓ/ହାଲ୍‌ପାସ୍ୱଓ—କ୍ରି. ଝିଙ୍କ୍‌ଟରେ ପଡ଼ିଯିବା,
ଝଙ୍କି ପଡ଼ିବା
ହାଁଡ୍‌ପାଟ୍—କ୍ରି. ଜୋର ଶବ୍ଦ ହେବା, ଖଡ଼ଖଡର ଶବ୍ଦ
ହାଡ୍‌ପାଟ୍ ମେନତେ/ହାଲ୍‌ପାଟ୍ ମେନ୍‌ତେ—ଧଡ୍‌କରି ହେବା,
ଟପାଟପ୍ ଶବ୍ଦ ହେବା
ହାଡ୍‌ପାଟ୍ ହାଡ୍‌ପାଟ୍—କ୍ରି. ବିଂ. ଟପ ଟପ ଶବ୍ଦ କରି
ଚାଲିବା, ଘୋଡ଼ାର ଟପ୍ ଟପ୍ ଦୌଡ଼ିବା ଶବ୍ଦ
ହାଡ୍‌ବୁଂ—ବିଂ. ବୁଢ଼ାର ନଇଁଥିବା ଦୁର୍ବଳ ଶରୀର
ହାଡ୍‌ବାଂ ହୁଡ୍‌ବୁଂ—ବିଂ. ଠିକ୍ ଭାବରେ ନଚାଲି ଏପାଖ ସେପାଖ
ଗୋଡ଼ ପକାଇ ଚାଲିବା ପ୍ରକ୍ରିୟା
କ୍ରି. ବିଂ. ଚାଲିବା ପ୍ରକ୍ରିୟାରେ ହାତରେ ଥରେ ଥରେ
ଭାର ଦେଇ ଗୋଡ଼ ପକାଇ ଚାଲିବା (ଗଧିଆ ଚାଲି)
ହାଡବାଂ—କ୍ରି' ହଡ଼ବଡ଼ରେ ପଡ଼ିବା, ଗୋଲମାଲରେ ପଡ଼ିବା
ହାଡ୍‌ବାଡିଆ, ହାଲ୍‌ବାଲିଆ—ବିଂ. ଭୁରୁଭୁରିଆ, ଚପଳମତି ବାଳ

ହାଡ୍‌ହାଦ୍(ତ୍), ହାଲ୍‌ହାଦ୍ (ତ୍)—ବଂ. ରକ୍ତ ସ୍ୱାଦ, ପିତା ସ୍ୱାଦ କ୍ରି. ରକ୍ତ ଲାଗିବା

ହାଡ୍‌ହାଡ୍ କାରଲା, ହାଲ୍‌ହାଡ୍ କାରୁଲା—ବି. ରକ୍ତ କଲଗ୍ନ, ପିତା କଲଗ୍ନ, କ୍ରି. କଲଗ୍ନ ରକ୍ତ ଲାଗିବା

ହାଡ୍‌ହାଡ୍ ଝିଙ୍ଗା., ହାଲ୍‌ହାଡ୍ ଝିଙ୍ଗା.—ବି. ରକ୍ତ ଜଣ୍ଡି, ପିତା ଜଣ୍ଡି

ହାଡ୍‌ହାଡ୍ ସିଁସିର୍—ବି. ପିତ

ହାଡ୍‌ହାଡ୍ ହଡଅଡ୍—ବି. ରକ୍ତ ଲାଲ୍, ପିତାଳିଆ ଲାଲ୍

ହାଡ୍ ହାଡ୍—କ୍ରି. ବଂ. ଘଡ଼ଘଡ଼ ଶବ୍ଦ ସହକାରେ ଗଡ଼ିଯିବା

ହାଡ୍‌ହୁଡ୍—କ୍ରି. ବଂ. ଘୁଡ଼ଘାଡ଼ ହୋଇ (ପଡ଼ିବା), ଘୁଡ଼ଘାଡ଼ ଶବ୍ଦ ହେବା

ହାଡ୍‌ହାଡ଼ଆ ବେମାର—ବି. ହଇଜା ରୋଗ

ହାଡ୍‌ହେ—କ୍ରି. ନଷ୍ଟ କରିବା, ଡାଳ କାଟିବା, ଭାଙ୍ଗି ଦେବା

ହାଡାମ୍, ହାଲାମ୍—ବି. ବୁଢ଼ାବସ୍ଥା
ବଂ. ବୃଦ୍ଧ, କ୍ରି. ବୃଦ୍ଧ ହେବା

ହାଲାମ୍ ଗାଦ୍—ବି. ଆଖୁରସ ଖାଦ

ହାଲାମ୍ ଜା.ପୁର୍—ବି. ନିରନ୍ତର ବର୍ଷା, ବହୁଳ ବର୍ଷା

ହାଲାମ୍ ଦୁମଏଲାସୁ—କ୍ରି. ବଂ. ବୃଦ୍ଧାବସ୍ଥା

ହାଲାମ୍ ଡାଙ୍ଗର୍—ବି. ବୁଢ଼ା ବଳଦ

ହାଲାମ୍ ଡସୁପର୍—ବଂ. ବୁଢ଼ା ହୋଇ ଭାଙ୍ଗି ପଡ଼ିବା ଅବସ୍ଥା, ଧୁକୁଡ଼ା ବୁଢା

ହାଲାମ୍ ଦା—ବି. ଲତା ଜାତୀୟ ଏକ ପ୍ରକାର ଗଛ ଓ ତା'ର କନ୍ଦା

ହାଲାମ୍ ଦୁଜୁମ୍—ବଂ. ଧୁକୁଡ଼ା ବୁଢ଼ା ଅବସ୍ଥା

ହାଲାମ୍ ପା.ଜୁଆ—ବଂ. ବୃଦ୍ଧ ଅଲସୁଆ

ହାଡାମ୍ ବସ୍ତୁ.ହା—ବି. ବୁଢ଼ା ଭାଇ

ହାଡାସୁ, ହାଡାସୁ—କ୍ରି. ବଂ. ବେକାର ଦୌଡ଼ା ଦୌଡ଼ି ପ୍ରକ୍ରିୟା, ଠଂ ଠଂ ବୁଲିବା

ହାଡାସ୍ ମେନ୍‌ତେ—କ୍ରି. ବଂ. ଧଡାସ କରି (ଭାଙ୍ଗିଯିବା, ଫାଟିଯିବା) ଶବ୍ଦ ହେବା

ହାଡାସ୍ ହାଁଡାସ୍—କ୍ରି. ବଂ. ଅତି ଜୋର୍‌ରେ, ଜୋରରେ ଶବ୍ଦ ହେବା ପ୍ରକ୍ରିୟା, ଧଡାସ ଧଡ଼ାସ ଫାଟିବା

ହାଡା ହୁଡା—ବଂ. ବାଧା ବିଘ୍ନ, ଆପଦ ବିପଦ

ହାଡାହୁଡୁ—ବି. ଆଶ୍ରୟ ବା ଇଙ୍ଗିତ, କ୍ରି. ଆଶ୍ରୟ ପାଇବା

ହା ଡ, ହାଲ—ବି. ବେଡ଼ି, କ୍ରି. ବେଡ଼ି ପକାଇବା

ହା.ଲି—କ୍ରି. ଆଟକ ହେବା, କ୍ରି. ବଂ. ସ୍ଥାୟୀଭାବେ ଆଟକ ହୋଇ ରହିବା

ହା.ଲଗୁଣ୍ଡି—ବି. ହଡ଼କାଠ, ଯହିଁରେ ପଶୁକୁ ବଳି ଦିଆଯାଏ

ହାଁଡା ୦୦ ହାଣା ୦୦—କ୍ରି. ଝୁଣ୍ଟି ପଡ଼ିବା

ହାଁଡା ୦୦ ପା ଟାଃ, ହାଣା ୦୦ ପା ଟାଃ—କ୍ରି. ବଂ. ଝୁଣ୍ଟିଯାଇ ଗୋଡ଼କୁ ଗୋଡ ବାଜି ଛନ୍ଦହେବା, ଗୋଡ ଛନ୍ଦ ହୋଇ ପଡ଼ିବା

ହାଁଡାର୍ ହୁଁଡୁର୍, ହାଡାର୍ ହୁଡୁର୍—କ୍ରି. ବଂ. ଟୁପ୍‌ଟାପ୍ ହେବା, ସାମାନ୍ୟ ସୂଚନା ମିଳିବା

ହାଁଡପ୍, ହାଣବ୍—କ୍ରି. ହଡ଼କାଠ ମଝିରେ ପଡ଼ିବା, ଯନ୍ତାରେ ପଡ଼ିବା, ଯନ୍ତାରେ ପଶିଯିବା
କ୍ରି. ବଂ. ବନ୍ଦୀଶାଳରେ ବନ୍ଦ ହୋଇଯିବା

ହାଁଡଅପ ଉରଜ୍, ହାଁଣବ ଉରଜ୍—କ୍ରି. କସିକରି ବନ୍ଦୀ ହେବା, କସି କରି ବନ୍ଦ କରିବା

ହାଁଡପ୍, ହାଣ୍ଡବ୍—କ୍ରି. ଡାକୁଣୀ ଡାଙ୍କି ଦେବା

ହାଡେପ୍ ସିଡ୍—କ୍ରି. ଡାକୁଣୀ ଦେଇ ବନ୍ଦ କରି ଦେବା

ହାଡ (ଲ) ଡାଂ—ବି. ଠେସଣା (ଦେଇ ଉଠାଇବା) ଦଣ୍ଡା, (ଲମ୍ବା କାଠ)

ହାଡ(ଲ)ତଲ୍—କ୍ରି. ଦୁଇଟି କାଠକୁ ବେଢ଼ି କାଠ ପରି ବାନ୍ଧି ଦେବା

ହାଡ(ଲ)ଫାଡ—କ୍ରି. ବଂ. ବେଡ (ଲ) ରେ କାଠରେ ବନ୍ଦ ରହିବା, ଅସୁବିଧାରେ ରହିବା

ହାଡ (ଲ) ବଡ (ଲ)—ବି. ବେଢ଼ି, ବନ୍ଧନ

ହାଡ(ଲ)ସିଦ୍—କ୍ରି. ବଂ. ଦୁଇଟି କାଠ ଖମ୍ବକୁ ଆଡକରି ବାନ୍ଧି ରଖିବା

ହାଡ଼ (ଲ) ରେ—ଅ. କୁକୁରକୁ ତଡ଼ିଦେବା ଶବ୍ଦ

ହାଁଡୁମ୍ ପା.ହୁମ୍—କ୍ରି. ତତ୍ପରତା ସହ ଅସାବଧାନ ଭାବେ ଏକତ ସେ କତ ହୋଇ କାମ କରିବା

ହାଁଡୁ (ଶ୍ରୀ)—ବି. ଡିମ୍ବିରି ଫଳ ଭିତରେ ରହୁଥିବା ପୋକ ହନୁମାନ, ମାଙ୍କଡ଼

ହାଁଡ୍ (ଶ୍ରୀ) ଆଁଉଁଆଁର୍—ବି. ଏକ ପ୍ରକାର ଲତା

ହାଁଡୁ (ଶ୍ରୀ) ବଂଗା—ବି. ହନୁମାନ ଦେବତା

ହାଁ—କ୍ରି. ହଁ କରିବା

ହକ୍‌ମତ୍—ବି. କ୍ଲାନ, ଅସୁବିଧା, ହପାସ୍ତ କ୍ରି. କ୍ଲାନ୍ତ ହେବା ଅସୁବିଧାରେ ପଡ଼ିବା

ହଗା ହାଗେ—କ୍ରି. ବିଂ. ଗୋଡ଼ ଫାଙ୍କି ଚାଲିବା, ଗୋଡ଼ ଫାଙ୍କି ଧୀରେ ଧୀରେ ଚାଲିବା (ପିଚ୍ଛରେ ବଥ ହୋଇଥିଲେ ଜଣେ ଯେପରି ଗୋଡ଼ ମେଲାଇ ଚାଲେ)

ହଗାସ୍ ହଗିସ୍—କ୍ରି. ବିଂ. ଠିକ୍ ଭାବରେ ଲୁଗା ନ ପିନ୍ଧିଥିବା, ଫଟା ଲୁଗା ପିନ୍ଧିଥିବା (ଯେଉଁଥି ପାଇଁ ପବନ ଦେହରେ ବାଜେ)

ହଚ ହଚ—କ୍ରି. ବିଂ. ପିଚ୍ଛ ହଲାଇ ହଲାଇ ସାମାନ୍ୟ ନଇଁ କରି ଚାଲିବା, ପେଙ୍ଗେଇ ପେଙ୍ଗେଇ ଚାଲିବା

ହଚ୍‌କା.ଉ—କ୍ରି. ହକ୍‌କା, ରୋଗର ଉପସର୍ଗ ବିଶେଷ

ହଚକ୍—କ୍ରି. ଅରୁଚ ହେବା ବି. ଅରୁଚ

ହଜ୍‌ଲା/ହଜଲା—ବି. ନଂପୁସକ

ହଜୁଃ—କ୍ରି. ଆସିବା

ହଞ୍ଜଲ୍‌ଦାରେ—ବି. ହିଞ୍ଜଳ ବୃକ୍ଷ

ହଟ୍—ଇଂ. ବି. heat ଉତ୍ତାପ ଶୀର୍ଷସ୍ଥାନ ପ୍ରାପ୍ତ, ମନକୁଆଁ

ହଟର୍—ଇଂ. ହିଟର ବିଜୁଳୀ ଚୁଲି

ହଡଗିନ୍—ବିଂ. ନିଶ୍ଚଳ, ସ୍ଥିର କ୍ରି. ବିଂ. ସ୍ଥିର ହୋଇ (ରହିବା ଛିଡାହେବା, ଚୁପ୍ ରହିବା)

ହଡ଼ଗି ଡଗିର୍—କ୍ରି. ରାସ୍ତାର ମାଟିକୁ ଧୂଳିରେ ପରିଣତ କରି ଉଡାଇ ଦେବା, ଧୂଳି ଉଡ଼ିବା ପ୍ରକ୍ରିୟା

ହଡ୍‌ଗର ହଡ୍‌ଗର୍ — କ୍ରି. ବିଂ. ଘୋସାରି ଘୋସାରି ନେବା

ହଡ୍‌ରଃ—କ୍ରି. ଅକସ୍ମାତ ଦାନ୍ତ କରିବା

ହଡ୍‌ଗର୍ଓ—କ୍ରି. ଅକେଇ ଦେବା

ହଡାଂଠାପାଂ—କ୍ରି. ବିଂ. ଆଣ୍ଠୁକୁ ଆଣ୍ଠୁ ଲଗି ଚାଲିବା

ହଡାଂ ହାଡାଂ— କ୍ରି. ବିଂ. ଆଣ୍ଠୁକୁ ଆଣ୍ଠୁ ଲଗାଇ ଘୋସାରି ଘୋସାରି ଚାଲିବା

ହଡା.ହାଡେ—କ୍ରି. ବିଂ. ଗୋଡ ପେଙ୍ଗେଇ ପେଙ୍ଗେଇ ଚାଲି, ଛୁଞ୍ଚି ଛୁଞ୍ଚି ରୋପଣ କରିବା

ହଡ଼ର୍ (ଜ)—କ୍ରି. ବିଂ. ଶକ୍ତି ପୂର୍ବକ କାମ କରିବା, ଯଥା ଜୋରରେ କରିବେ

ହଡ଼ର୍ ଡକଅଡ୍ (ଲ)—କ୍ରି. ବିଂ. ଶୀଘ୍ର ଶୀଘ୍ର ହୋଇଯିବା (ଚାଲିବା) ଗୋଡ଼କୁ ଉଠାଇ ଉଠାଇ ଚାଲିବା ପ୍ରକ୍ରିୟା

ହଡ଼ର୍ ଡ଼ଜର୍—କ୍ରି. ବିଂ. ହାଲି ଦୋହଲି ଚାଲିବା

ହଡା—କ୍ରି. ଛେଳିକୁ ତଡ଼ି ଦେବା ଶବ୍ଦ

ହଡ଼ର୍ ମେକ୍‌ତେ—କ୍ରି. ବିଂ. ଥପ୍ ଥପ୍ ଆଖି ପାଣି ହଠାତ୍ ଝରି ପଡ଼ିବା

ହଡର୍ ହଡର୍—କ୍ରି. ବିଂ. ଝର ଝର ହୋଇ (ଆଖି ପାଣି ବୋହିବା)

ହଡ୍‌ଅର ଫିଡଅର୍—ବିଂ. ଅବିଶ୍ୱାସ ଯୋଗ୍ୟ, ଅସାବଧାନ

ହଡଚ ଡଅକଚ୍—କ୍ରି. ବିଂ. ଏ ପାଖ ଝୁଲି ସେ ପାଖ ଝୁଲିପଡ଼ି ଚାଲିବା ଯାହା ଦ୍ୱାରା ଫଣ୍ଡିଆ ହାଡ଼ ଠକ ଠାକ ବାଜିବାର ଜଣାଯିବା

ହଡଅ ହଡଅ—କ୍ରି. ବିଂ. ହୁଗୁଳା ହୁଗୁଳା ହୋଇଥିବା କ୍ରି. ହୁଗୁଳା ହେବା, ଫାଟି ଦର ଦର ହେବା, ଫାଟି ଦଦରା ହେବା

ହଣ୍ଡଲ୍ ଯାତ୍ରା—ବି. ମାଘ ପର୍ବ ଯେଉଁଠି ଲୋକମାନେ ଝୁଲାରେ ଝୁଲନ୍ତି

ହତ୍—ବି. ହିତ, ମଙ୍ଗଳ କ୍ରି. ମଙ୍ଗଳ ହେବା

ହତ୍‌ରେ—କ୍ରି. ବିଂ. ମଙ୍ଗଳରେ ଲାଗିବା

ହଡା.ଲ—ବି. ଧର୍ମ ଉପଦେଶାତ୍ମକ ପୁସ୍ତକ

ହତ୍‌ଲାସ୍—କ୍ରି. ବିଂ. ଦେବା ଦେବୀଙ୍କର ଗୁଣଗାନ ଶବ୍ଦ ଜୟଗାନ ଶବ୍ଦ

ହୁଡା.ଭ୍—ବିଂ. ପ୍ରସିଦ୍ଧ, ଯୋଗ୍ୟ, କ୍ରି. ପ୍ରସିଦ୍ଧ ହେବା, ଯୋଗ୍ୟତା ହାସଲ କରିବା

ହୁଡଅ ହୁଡଅ—ବି. ସୁସ୍ଥ, ଗୋଲଗାଲ, ବର୍ତ୍ତୁଳ
କ୍ରି. ବିଂ. ଡେରି କରିବାର ପ୍ରକ୍ରିୟା
(ବର୍ତ୍ତୁଳତା ହେତୁ) ଧୀରେ ଧୀରେ ଚାଲିବା/କରିବା ପ୍ରକ୍ରିୟା

ହୁଦସ୍ତ. ଗିସସ୍ତ.—ବିଂ. ମଳମଳିଆ, ଅମାର୍ଜିତ

ହୁଦନ୍ ହୁଦଅନ୍—କ୍ରି. ବିଂ. ଥକା ହୋଇଥିବା ଅବସ୍ଥାରେ ଚାଲିବା ପ୍ରକ୍ରିୟା, ଧୀରେ ଧୀରେ ଚାଲିବା (ଗର୍ଭିଣୀ ନାରୀର ଚାଲି, ମୋଟା ଲୋକ ଚାଲି)

ହୁନ୍‌ଦ୍ରୁଂ ହୁନଦ୍ରୁଂ—କ୍ରି. ବିଂ. ଡଣଡାଣ ଶବ୍ଦ ଶୁଣାଯିବା

ହୁନ୍‌ଦେପାରୁ ହୁନଦେପାରୁ—କ୍ରି. ବିଂ. ଏଠାରେ ସେଠାରେ ହେବା, ଏପାଖ ସେପାଖ ହେଉଥିବା, ବିଂ. ଚଞ୍ଚଳମତି

ହୁନ୍‌ଡଅଲ୍—ବି. ହୁଣ୍ଡଲ, ଟୁଲ୍ଲ

ହୁନ୍‌ହାଡ(ଲ୍)—କ୍ରି. ହଫା କରିବା, ଫମ୍ପାଳ କରିବା

ହୁନ୍—କ୍ରି. ଏକ ପାଖକୁ ନଇଁଯିବା, ବିଂ. ହାନ

ହୁନଦୁ—ବି. ହିନ୍ଦୁ

ହୁନ୍‌ଦ—ବି. ହିନ୍ଦୀ

ହୁନ୍‌ମାନ୍—ବିଂ. ହୀନସ୍ତା, କ୍ରି. ସର୍ବ ନିକୃଷ୍ଟ ହେବା

ହୁନହୁନା.—ସ. ସେଇଟା (ନିର୍ଦ୍ଦିଷ୍ଟ)

ହୁନା.ଅନ୍‌ଆ—କ୍ରି. ବିଂ. ସେତକ (ଅଛି, ହେବ)

ହୁନାଃ—ସ. ସେତକ (ନିର୍ଦ୍ଦିଷ୍ଟ)

ହୁନାଃ ଉଡର୍—ସ. ସେତକ ମାତ୍ର (ନିର୍ଦ୍ଦିଷ୍ଟ), ସେତକ ଅଧିକ

ହୁନାଃକଡେ—କ୍ରି. ବିଂ. ସେତେବେଳକୁ

ହୁନାଃକାଡେ—କ୍ରି. ବିଂ. ସେତକ ପରିମାଣରେ

ହୁନାଃଡେ—ସ. ଏତକ ବେଳକୁ, ସେତେବେଳକୁ

ହୁନା.କରେ—କ୍ରି. ବିଂ. ସେହି ସ୍ଥାନରେ (ନିର୍ଦ୍ଦିଷ୍ଟ), ସେହି ସ୍ଥାନମାନଙ୍କରେ

ହୁନା.ଟାଃ—ସ. ସେଇଟି (ନିର୍ଦ୍ଦିଷ୍ଟ)

ହୁନା.ଡେ—ସ. ସେହି ବାଟେ, ସେହି ପାଖେ (ନିର୍ଦ୍ଦିଷ୍ଟ)

ହୁନା.ନ୍—ସ. ସେମାନେ ସବୁ

ହୁନା.ନସ୍ତା.—ସ. ତାହା ଓ ଏହା

ହୁନା ଲେକା—ସ. ସେହି ପ୍ରକାରରେ (ନିର୍ଦ୍ଦିଷ୍ଟ)

ହୁପିଡ୍(ଲ୍) ହୁପିଡ୍(ଲ)—କ୍ରି. ବିଂ. ଫର ଫର କରି ଉଡ଼ିବା ପ୍ରକ୍ରିୟା

ଉ: ମୁନଦର୍ ଚୁଲା.ରେ ତର୍ ହୁପିଡ୍ (ଲ୍) ହୁପିଲ୍ ଅଃ କାନା—ମନ୍ଦିର ଚୂଡ଼ାରେ ପତାକା ଫର ଫର ହୋଇ ଉଡୁଛି

ହୁପଅଡ୍ ହୁପଅଡ୍—କ୍ରି. ବିଂ. ଲୁଗାର ଫଡ଼ଫଡ଼ ଶବ୍ଦ

ଉ: ଉନ କୁଲଆଃ ବାନ୍ଦେ ଶାଲ ହୁୟୁଡେ ହୁପ୍‌ଅଡ୍ ହୁପଅଡ଼ଆଃ କାନା—ସେହି ସ୍ତ୍ରୀର ପିନ୍ଧା ଶାଢ଼ୀ ପବନରେ ଫଡ଼ ଫଡ ଶବ୍ଦ କରୁଛି

ହୁପିର୍—କ୍ରି. ବିଂ. ପରସ୍ପର ପରକୁ ଯାଇ ଦେଖା ସାକ୍ଷାତ ହେବା

ହୁପିଲ୍—ବିଂ. ନଣ୍ଢ ଖାଦ୍ୟ, ଦଅର ଖାଦ୍ୟ ସମ୍ପର୍କ

ହୁମ୍—ବି. ହିମ, ବରଫ

ହୁମାଲସ୍—ବି. ହିମାଳୟ ପର୍ବତ

ହୁସ୍ତା—ବି. ହୃଦୟ

ହୁସ୍ତାଃ ଦାମାକ୍—କ୍ରି. ବିଂ. ଟୁଲ୍ଲ ଟୁଲ୍ଲ (ଯିବା, ଚାଲିବା, ନାଚିବା)

ହୁସ୍ତାଁ ଖାଲସ୍—କ୍ରି. ବିଂ. ବିନା ବାଧା ବିଘ୍ନରେ, ସମ୍ପୂର୍ଣ୍ଣ ମୁକ୍ତ ଭାବେ

ହୁସ୍ତା.ଡଙ୍ଗ୍—ବି. ଚିନ୍ତାର ଅଭିଳାଷ
କ୍ରି. ବିଂ. ଚିନ୍ତାରେ ପଡ଼ିଯିବା, ଅବଶୋଷ କରିବା

ହୁର୍କା. —ବି. ଘୃଣା

ହୁର୍ଖା.—ଘୃଣା କରିବା

ହୁର୍ଖା ପାର୍ଖା—ବିଂ. ଅତି ଘୃଣିତ

ହୁର୍କା. ହୁର୍କ—କ୍ରି. ବିଂ. ଘୃଣାତ୍ମକ କଥା କହି

ହୁର୍ଅକ୍—ବି. ବିତୃଷ୍ଣା, କ୍ରି. ବିତୃଷ୍ଣା କରିବା

ହୁର୍ଖାସ୍ତାଃ—(ଘରସ୍ଥାର ବୋଧକ ଶବ୍ଦ)

ହୁର୍ଗୁସ୍, ହୁର୍ଗୁସ୍—କ୍ରି. ବିଂ. ପ୍ରତିଦିନ (ଆସୁଛି)

ହୁର୍ଚଡ୍—କ୍ରି. ବିଂ. ଅଲଗା ବାଲବାଲି, ହୁଂସାକୁ (ନାସ୍ତ) ବିଂ ଜାର୍ଣ୍ଣ ଓ ଚଟା

ହ୍ୱର୍ଚ—କ୍ରିଂ. କ୍ରୋଧ ପୂର୍ବକ କହିବା ବାଣ୍ଟ/ବାଣ୍ଟି

ହ୍ୱର୍ଦାପି—ବି. ଦୁଃଖ, ପୀଡା, ଯାତନା

ହ୍ୱର୍ଲ.—ବି. ଆଶ୍ରୟ, ଆଶ୍ରୟ ନେବା

ହ୍ୱର୍ହ୍ୱାଃ—ଅ. ହୁ କାର (ତିରସ୍କାର ସୂଚକ ଶବ୍ଦ)

ହ୍ୱର୍ ହ୍ୱର୍—କ୍ରିଂ. ଉପରକୁ ଚଢିବା, ଶିଖର, ସଂକୀର୍ଣ୍ଣ ଚଢାଣୀ

ହ୍ୱର୍.—ବି. ହ୍ୱର୍

ହ୍ୱର୍. ହ୍ୱର୍.—କ୍ରି. କ୍ରିଂ. ଅସ୍ପଷ୍ଟ ଭାବରେ ପୂର୍ଣ୍ଣ ବିବରଣ ନ ଜଣା ପଡ଼ିବା କୁହାକୁହିରେ ଯେତିକ ଜଣା

ହ୍ୱରର୍ ପା.ସିର୍—କ୍ରି. କ୍ଷିପ୍ରପଣ୍ଡ ଘୁରିଆସେ ବିଘ୍ନିତ ଯିବା, ବନ୍ଦ ହୋଇ ଯିବା

ହ୍ୱରର୍ (କ୍)—କ୍ରି. ପାଣି ନଗାଣ୍ଡ ହୋଇ ପଡ଼ିବା, ଥଳରୁ ଗଳ ପଡ଼ିବା, ପାତ୍ରରୁ ଡାଳ ହୋଇ ପଡ଼ିବା

ହ୍ୱର୍ ~ ହ୍ୱର୍ଅ ~—କ୍ରି. କ୍ରିଂ. ସୁସ୍ଥ ସବଳରେ ବଢ଼ିବା ପ୍ରକ୍ରିୟା ଭଲରେ ବଢି ଯୁବା ଅବସ୍ଥାକୁ ଆସିବା

ହ୍ୱର୍ଅଚ ହ୍ୱର୍ଅଚ୍—କ୍ରି. କ୍ରିଂ. ଜଣକ ପରେ ଜଣେ (ବଢ଼ିବା) ଏକଲା ଏକଲା ବଢିବା

ହ୍ୱର୍ଅ ଟ୍ଅକଅ—ବି. ଅସୁସ୍ଥ କଣରଃ ଧୀମେଇ ଧୀମେଇ ହ୍ୱଲି ଟୁଲି ଚାଲିବା

ହ୍ୱର୍ଅମ୍—କ୍ରି. ସଂଯୁକ୍ତ କରିବା, ଯୋଡିଦେବା

ଉ: ଆର୍ଣ ସ୍ୱପୁଦ୍ଅ ~ କାନା ଆରମିଦ୍ଟା ମାଁଡ ହ୍ୱରମ୍ଆଃ ମେ ବାହୁଙ୍ଗା ଖଙ୍କି ଯାଉଛୁ ତହିଁରେ ଆଉ ଗୋଟିଏ ବାଉଁଶ ସଂଯୁକ୍ତ କରି ଦିଅ ବା ଯୋଡ଼ି ଦିଅ

ହ୍ୱର୍ଅମ୍ଏର୍—ବି. ସହଚାରିଣୀ ସ୍ତ୍ରୀ

ହ୍ୱର୍ଅମ୍ ଆୟୁ୍ଅ—ବି. ସାବତ ମା

ହ୍ୱର୍ଅମ ବାବା/ଅପାଡ—ବି. ସାବତ ପିତା

ହ୍ୱର୍ଅମ୍ ବାଁସୁ୍ହାଁ—ବି. ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାରେ ପ୍ରଥମ ପତ୍ନୀକୁ ଦେବା ଅର୍ଥ ଅବା ଶାଢ଼ି

ହ୍ୱର୍ଅମ୍ଏସ୍ଥା କ୍ରି. କ୍ରିଂ. ଦୁହେଁ ସହଚାରିଣୀ ହୋଇ ରହିବା

ହ୍ୱଲ୍ (ଡ୍) ସ୍ଥ.ଡ୍—କ୍ରି. କ୍ରିଂ. ଅପକ୍ଷୋଭ ହେବା, ମନରେ ଦୁଃଖ ଆସିବା, ସମ୍ମତ ଦେବାରେ ଟାଳଟୁଳ କରିବା

ହ୍ୱଲ୍ (ଡ୍)ସାହ୍ୱାଡ୍ସେ—କ୍ରି. କ୍ରିଂ. ପରସ୍ପର ପରସ୍ପରକୁ କାମ ଦାୟିତ୍ୱ ଦେବାର ପ୍ରକ୍ରିୟା (ଜଣେ ଆଉ ଜଣକୁ କହେ ତୁ କର, ଆଉ ଜଣେ କହେ ତୁ କର

ହ୍ୱଲ୍ (ଡ) ହ୍ୱାଡ୍—କ୍ରି. କ୍ରିଂ. କ୍ଷମତା କମିଯିବା, କମ୍‌ଜୋର ହେବା, ଶୂନ୍ୟ ହୋଇଯିବା

ହ୍ୱଲ୍ (ଡ୍) ହ୍ୱାଡ ମାର୍‌ଗୁ—କ୍ରି. ଭୂମିର ଉର୍ବର ଶକ୍ତି କମିଯିବା

ହ୍ୱଲାଃ (ଡ୍ାଃ)ହ୍ୱାଲାଃ—ବି. ଉପରେ ଉପରେ ଶୁଣାଯାଏ, ଅନ୍ୟର ବଚନର ସାମୟିକ (ଜଣାଯାଏ)

ହ୍ୱଡ଼ଙ୍କ୍ ହ୍ୱଡ଼ଙ୍କ—କ୍ରି. କ୍ରିଂ. ତୀବ୍ର (ବେଦନା), କୁରୁକୁରିଆ ବ୍ୟଥା, ଟଣ ଟଣିଆ ବ୍ୟଥା

ହ୍ୱଲ (ଡ୍) ଙ୍କ୍—କ୍ରି. ଭୁଲିବା, ବିସ୍ମରଣ ହେବା

ହ୍ୱଡ଼ହ୍ୱନ୍—କ୍ରିଂ. ଡାଳ ନଥାଇ ସିଧା ସଳଖ ଗଣ୍ଡି ଉଚ୍ଚାକୁ ବଢିଥିବା ସ୍ଥିତି

ହ୍ୱଲ୍ଅଡଲ୍ଅ—ବି. ଅଳସ କ୍ରି. ଅଳସର ପ୍ରଭାବ ପଡ଼ିବା, ଚାଲିବାକୁ ପ୍ରୟାସ କରିବା

ହ୍ୱଲ୍ହ୍ୱଲଓ୍ୱ—କ୍ରି. ଶୀଘ୍ର କରିବା (ଚାଲିଯିବା ପାଇଁ ଦୋହଲୁଥିବା ଓ ଯିବାକୁ ଅକ୍ଷମ ହେଉଥିବା

ହ୍ୱଲ୍ଲଓ୍ୱ (ଡ୍)—କ୍ରି. ହଲିବା, ହଲାଇବା, ଟୁଲାଇବା, କମ୍ପିବା

ହ୍ୱଲ୍ଅ ~ ବି. (ଧାର୍ମିକ) ଦଳ, ସମସ୍ତ

ଉ: ନେଣ୍ଡା ହ୍ୱଲ୍ଅ ~ ସେଟେରଃ ମେ - ଧାର୍ମି ଦଳ ପହଞ୍ଚିବ

ହ୍ୱଲଂ ହ୍ୱଅକଅଚ—କ୍ରିଂ. ଢିଲା, ହୁଗୁଲା, କ୍ରି. କ୍ରିଂ. ଢିଲାଢିଲା ହୋଇଥିବା, ଲଡ଼ଖଡ଼ ହୋଇ ଚାଲିବା

ହ୍ୱଲ୍ଅଚ ହ୍ୱଲ୍ଅଚ—କ୍ରି. କ୍ରିଂ. ଟୁଲି ଦୋହଲି, ଲୁଗାପଟା ଟୁଲାଇ ଟୁଲାଇ ଚାଲିବା

ହ୍ୱଲ୍—ବି. ସମ୍ବନ୍ଧ

ହ୍ୱଲ୍ ହ୍ୱାଲ୍—ବି. ଦଅର ସମ୍ବନ୍ଧ ସମ୍ପର୍କ

ହ୍ୱଲ୍ଅଏର୍—କ୍ରିଂ. କଡା ସ୍ୱାଦ, ପିତାଳିଆ

ହ୍ୱଙ୍କ୍—କ୍ରି. ଘରର ପଶୁକୁ ଡାକିବା ଶବ୍ଦ

ହ୍ୱଙ୍କ୍ ହ୍ୱଙ୍କ୍—କ୍ରି. ଅମଣିଆ ପଶୁକୁ ରହିଯିବା, ଛାଡ଼ା ହେବା ପାଇଁ ସୂଚନା ଦେବା ଶବ୍ଦ

ହଞ୍ଜ୍ ହସ୍ସ୍ୟୁଅ—କ୍ରି. ବି°. ଫଟା ବଂଶୀର ବେସୁର ଧ୍ୱନି, ଦଦରା ବାଜଣାର ସ୍ୱର ବା ଧ୍ୱନି

ହଁସ୍—ବି. ଭାଗ, ଅଂଶ କ୍ରି. ଭାଗ କରିବା, ଅଂଶ ବାଣ୍ଟିବା

ହସ୍କା.—ବି. ଇର୍ଷା, ଦ୍ୱେଷ କ୍ରି. ଇର୍ଷା କରିବା, ଦ୍ୱେଷ କରିବା

ହସ୍କା ହସ୍କ—ବି°. ପରସ୍ପର ଇର୍ଷାନ୍ୱିତ ହେବା ପରସ୍ପର ମଧ୍ୟରେ ଦ୍ୱେଷ ରଖିବା

ହସ୍କା. ହପିସ୍କା.—କ୍ରି. ବି°. ପରସ୍ପର ଠାରେ ଦ୍ୱେଷ ରଖିବା ଭାବ

ହସ୍କା ହୁଲ୍°—ବି. ଈର୍ଷା, ଦ୍ୱେଷ

ହସ୍ ଅରତ୍ ହସ୍ ଅରନ୍ତୁ—କ୍ରି. ବି°. ପାଦ ଘୋଷାରିବା

ହସାଦାର୍—ବି. ଭାଗୀଦାର, ଅଂଶୀଦାର

ହସା.ବ୍—ବି. ହସାବ, ଅନୁମାନ, ମତ
କ୍ରି. ହସାବ କରିବା, ଅନୁମାନ ଲଗାଇବା, ମତ ଦେବା

ହସା.ବ କର୍—ବି°. ହସାବ କରି ହୋଇଥିବା, ଅନୁମାନ କରି ହୋଇଥିବା

ହସାଲଆ.—ବି°. ଦୁଷ୍ଟ, ଈର୍ଷାଳୁ, ପ୍ରତିଶୋଧ ନେବା ବାଲା

ହସି ତେଣେ—ବି. ବାଘୁଆ ପକ୍ଷୀ

ହସିତ୍ ହସିତ୍ତୁ—ବି°. ମନ୍ଦ ମନ୍ଦ (ପବନ), ଝୁମୁ ଝୁମୁ, ଧୀରେ ଧୀରେ ବହୁଥିବା ପବନ, ମଳୟ ପବନ

ହସିର୍—ବି. ହାର

ହ ହ, ହ ହ—କ୍ରି. ବି°. ଜୋର୍ ଜୋରରେ ହସିବା
କ୍ରି. (ହ ହ ଶବ୍ଦ କରି) ହସିବା

ହହଲ(ଡ) ପିପିଲ (ଡ)—ବି°. ସାନ୍ତାଳଙ୍କର ପୂର୍ବପୁରୁଷଙ୍କର ଏକ ଜନ୍ମସ୍ଥାନ

ହୁଆ ହୁଆ—ଅ. ବିଲୁଆର ଡାକ ଶବ୍ଦ

ହୁଆ°—କ୍ରି. କାମୁଡ଼ି ଦେବା, ଭାଙ୍ଗିବା, କ୍ଷତ କରିବା

ହୁଇ—ଅ. ଦୌଡ଼ି ପଳାଇ ଯିବା ପାଇଁ ଇସାରା ଦେବା ଶବ୍ଦ

ହୁଇ ହୁଇ—ବି°. ଲଙ୍ଗଳା, ବିନା ବସ୍ତ୍ରରେ ଥିବା ସ୍ଥିତି

ହୁଁଃ—କ୍ରି. ବି°. ଜୋରଦେଇ 'ହଁ' କହିବା, ସ୍ୱୀକାରାତ୍ମକ ଶବ୍ଦ 'ହଁ' କହିବା

ହୁଙ୍ମାନ୍ତେ—କ୍ରି. ବି°. ଜୋରରେ (ହାଣିବା, କାଟିବା, ସେଣ୍ଟ ମାରିବା, ପିଟିବା)

ହୁଙ୍ ହୁଙ୍—କ୍ରି. ବି°. ଜୋର୍ ଜୋର ମାରିବାର ଶବ୍ଦ ହେବା

ହୁଁକ୍—କ୍ରି. ମଚକି ଯିବା (ଅଣ୍ଟା ମଚକିବା, କାନ୍ଧ ମଚକିବା)

ହୁକ୍‌ରଓ୍—କ୍ରି. ହୁଙ୍କାରିବା, କ୍ରି. ବି°. କୁହାଇ କୁହାଇ କାନ୍ଦିବା

ହୁକ୍‌ର ହୁଁକ୍‌ର—କ୍ରି. ବି°. ବଡ଼ ପାଟିରେ ସକେଇ ସକେଇ କ୍ରନ୍ଦନ କରିବା ପ୍ରକ୍ରିୟା

ହୁକ୍—ବି. (ଇ°) ହୁକ୍ (hook)

ହୁକସି—ବି. ଡାହାଣୀ

ହୁଁକ୍ ହୁଁକ୍—କ୍ରି. ବି°. ସକେଇ ସକେଇ ହେବା

ହୁକ୍‌ହୁକାହ୍—ବି°. ଗର୍ଜନ ତର୍ଜନ, କ୍ରି. ଗର୍ଜନ କରିବା

ହୁକା.—କ୍ରି. ପାଟି କରିବା, ଚିତ୍କାର କରିବା, ଶୃଗାଳର ଡାକ
ବି. ହୁକ୍କା

ହୁଁଙ୍କାର୍—କ୍ରି. ହୁଙ୍କାରିବା

ହୁକା. ହୁଆ—ବି. ଶୃଗାଳର ରଡ଼ି

ହୁକା. ବାରଦା—ବି. ସହକର୍ମୀ, ସାଥୀରେ କାମ କରୁଥିବା କର୍ମସଙ୍ଗୀ

ହୁକ ଗଅନ୍ତୁ—ବି. ସମାଚାର, ଖବର

ହୁକୁମ୍—ବି. ହୁକୁମ, ଆଦେଶ
କ୍ରି. ଆଦେଶ ଦେବା, ଆଦେଶ ମିଳିବା

ହୁକୁମ୍ ନାମା—ବି. ଅନୁମତି ପତ୍ର, ଆଜ୍ଞାପତ୍ର, ପ୍ରମାଣ ପତ୍ର

ହୁକୁମ୍ ଗୁଣ୍ଡିର (ଗୁଣ୍ଡର)—ବି. ଏକ ପ୍ରକାରର ଛୋଟ ପାଳମିଆ ଚଢ଼େଇ

ହୁଁକୁଡ୍ ହୁଁକୁଡ୍—କ୍ରି. ସକେଇ ସକେଇ (କାନ୍ଦିବା)
ବି. ଶୋକର ଶ୍ୱାସ ମରିବା

ହୁଁକୁର୍ ହୁଁକୁର୍—କ୍ରି. ବି°. ଜୋରରେ ରଡ଼ି କାନ୍ଦିବା ପ୍ରକ୍ରିୟା
କ୍ରି. ଧୁଁ ଧୁଁ କରିବା

ହୁକୁହୁକୁ—କ୍ରି. ବି°. ମାଙ୍କଡ଼ର ରବ/ଚିତ୍କାର/କାନ୍ଦ

ହୁଗୁଲା.ଉ—କ୍ରି. ହୁଗୁଲା କରିବା

ହୁଗୁସ୍ ମେନ୍ତେ—କ୍ରି. ବି°. ହଠାତ୍ ମନ୍ଦ ପବନ ବୋହିବା

ହୁଗୁସ୍ ହୁଗୁସ୍—କ୍ରି. ବି°. ମନ୍ଦ ମନ୍ଦ ପବନ ବୋହିବା

ହୁଂ ହୁଂ—କ୍ରି. ବିଂ. ଭଣଭଣ କରି, ଗୁଞ୍ଜରଣ କରି
ହୁଚ୍‌ବିରଡେଣେ—ବି. ଏ ପ୍ରକାରର ଗ୍ଲେଟି ଚଢ଼େଇ
ହୁଚ୍‌କାଡ୍—କ୍ରି. ଚଳାଇବା, ଉସ୍ କରି ଉଡ଼ିବା, ଘୁଚ୍‌କାଇବା
ଲଙ୍ଗୁଡ଼ ମୋଡ଼ି ଛୁଟାଇବା
ହୁଚ୍‌କା ହୁଚ୍‌କ—କ୍ରି. ଓଲଟ ପାଲଟ କରି ଦେଖିବା
ଠେଲା ପେଲା କରିବା
ହୁଚ୍‌କୁ ଚୁକୁଣ୍—କ୍ରି. ଘାବୁଣ୍ଡି ଯିବା ଇତସ୍ତତ ହେବା
ହୁଚ୍‌ମେନ୍‌ଡେ—କ୍ରି. ବିଂ. ଫୁର୍ତ୍ତି ସହକାରେ ହେବା
ଚଞ୍ଚଳତା ସହ କରିବା
ହୁଚୁ ହୁଚ୍—କ୍ରି. ବିଂ. ବହୁତ ଶୀଘ୍ର ଜଣେ ଜଣେ ପଳାଇବା
ପ୍ରତିଯୋ
ହୁଚ୍‌ଲ୍—କ୍ରି. ବିଂ. ନିକଟ ରାସ୍ତା, ପାଖ ରାସ୍ତା, ନିକଟ
ହୋଇଯିବା, ସନ୍ନିକଟ ହେବା
ଉ: ହୁଚଲ୍ ହର୍ ତେଲେ ସେନଃଆ - ନିକଟ ରାସ୍ତାରେ ଯିବା
ହୁଚହୁଗୁଣ୍ଡ୍—କ୍ରି. ବିଂ. ବାରମ୍ବାର ଜୋର ଦେବା, ତାଗିଦା
କରିବା
ଉ: ଶନ ହାଲସ୍ ଏ ହୁଚହୁଗୁଣ୍ଡ୍ ଇଞ୍ଜ୍ କାନା - ଦେଶ ଫେରନ୍ତୁ
କରିବାକୁ ମୋତେ ତାଗିଦା କରୁଛୁ
ହୁର୍ ହୁଚୁ—ବିଂ. ଉଚ୍ଚା ଶିଖର, ବନା ପିଡାରେ ବସିବା ଢଙ୍ଗ
ପିମ୍ଭରେ ବଥ ଫୁଲିଥିବା ସଦୃଶ୍ୟ ବସିବା
ହୁଗୁ—କ୍ରି. ବିଂ. ଖଣ୍ଡିଆ ହୋଇଯିବା, ଫାଳେ ଭାଙ୍ଗିଯିବା
ମନ ଭାଙ୍ଗିଯିବା
ହୁଚୁ—ବି. ଆବଶ୍ୟକତା କ୍ରି. ଆବଶ୍ୟକତା ପଡ଼ିବା
ହୁଚୁକ ମେନ୍‌ଡେ—କ୍ରି. ବିଂ. ହଠାତ୍ କରି, ଅପ୍ରତ୍ୟକ
ହୋଇଯିବା
ହୁଚୁର୍ ହୁଚୁର୍—କ୍ରି. ବିଂ. ଅଳ୍ପ ଅଳ୍ପ ଖୋଡା ଲଗି ଲଗି ହେବା
ହୁକ୍‌ଲାଃ ଗାକ୍‌ଲାଃ—କ୍ରି. ବିଂ. ବହୁ ପରିମାଣର (ଜନସ) ଭିତର
ପର୍ଯ୍ୟନ୍ତ ଠେସି ହୋଇ ଯିବା
ହୁକ୍‌ଲାଃ ମେନ୍‌ଡେ—କ୍ରି. ବିଂ. ଅକସ୍ମାତ ପରିମାଣର ଜନସ
ଏକ ସଙ୍ଗେ ପଡ଼ିବା

ହୁକ୍‌ଲାଃ ହୁକ୍‌ଲାଃ—କ୍ରି. ବିଂ. ବହୁତ ବହୁତ ପରିମାଣର ଏକତ୍ରିତ
ଥିବା
ହୁକୁହୁକୁ—କ୍ରି. ବିଂ. ବଡ ପେଟ ଥିବା ଲୋକର ବୁଲିବା
ଗୁଲିବା ଢଙ୍ଗ ବିଂ. ବଡ ପେଟ ବାଳର ଗୁଲିବା ଢଙ୍ଗ
ହୁକା.ଡ୍—ବି. ଦାବଣ୍, ଜୋର ଜବର, ଜବରଣ କ୍ରି. ଦାବଣ
ଦେବା, ଜବରଣ କରିବା, ଜୋର ଜବର କରିବା
ହୁକୁକ୍ ହୁକୁକ୍—କ୍ରି. ବିଂ. ନଇଁ ନଇଁ ଯିବା ବି. ଦଳ ଦଳ
ହୋଇ ରହିବା
ହୁକୁତଣ୍ଡୁ—ବି. ଏକ ପ୍ରକାରର ଗହଣା ଯାହାକୁ ଝିଅ ଓ ସ୍ତ୍ରୀ
ମାନେ ପିନ୍ଧନ୍ତି
ହୁକୁର୍—ବି. ହଜୁର, ଆଜ୍ଞା, ମାନନୀୟ
ହୁକ୍‌ମେନ୍‌ଡେ—କ୍ରି. ବିଂ. ତୀବ୍ର ଗତିରେ ଅତିକ୍ରମ କରି
ହୁକୁଲ୍—କ୍ରି. ଝଟା ଖଣ୍ଡି ଭାଙ୍ଗି ପଡ଼ିବା, ହୁକୁଲି ଯିବା,
ଉକୁଳି ଯିବା
ହୁଞ୍ଜ୍, ହୁଞ୍ଜ୍—ବିଂ. ମନସ୍ତାପ ଓ ଜଗର
କ୍ରି. ମନସ୍ତାପ କରିବା, କ୍ରି. ବିଂ. ମନସ୍ତାପ କରି
(ଗୁଲିଯିବା, ଚୁପ୍‌ହେବା) ଜଗର ଧରି ହୁଁ ହୁଁ କାନ୍ଦିବା
ହୁଟ୍—ବିଂ. ପଳାଅ, ଦୂରହୁଅ ଅ. ପସନ୍ଦ ଯୋଗ୍ୟ ନହେବା ଶବ୍ଦ
ହୁଟ୍ ହୁଟୁ—ବିଂ. ବଡ ଓ ଉଚ୍ଚ (ସ୍ଥାନ, ଦେହ) ଶରୀର
ଉ: ହାତ ଦ ହୁଟ୍‌ହୁଟୁ ଢଙ୍ଗ ଆକାଦା - ହାତୀଟା ବଡ଼ ଓ ଉଚ୍ଚା
ହୋଇ ଠିଆ ହୋଇଛି
ହୁଟୁପ୍—ବିଂ. ଉଚ୍ଚ ଚଟାଣ, ବଡ ପଥର ବି. ଉଚ୍ଚସ୍ଥାନ, ଚଟାଣ
ହୁଟକୁର୍—କ୍ରି. ଚୁଲି ନିଆଁକୁ ଖୋଞ୍ଚିବା/ଆଉଟାଇବା
ହୁଟା.ଲ୍—ବି. ଢେଲା, ମାଟି ଢେଲା, ଟେଲା
କ୍ରି. ଢେଲା ମାରିବା, ଟେଲା ପକାଇବା
ହୁଟିର୍—କ୍ରି. ଶିଙ୍ଗରେ ବିନ୍ଧିବା / ପୋଡ଼ିବା
ହୁଟେଡ୍—କ୍ରି. ବିଂ. ବେହେଡା ଗୁଲିବା, ଠେଙ୍ଗେଇ ଠେଙ୍ଗେଇ
ଗୁଲିବା ବି. କଳହ ପ୍ରିୟ ବି. କଳହତା
ହୁଟେଲ୍ ପାଞ୍ଜାର୍—ବିଂ. ତେଜହା ପଞ୍ଜରା ବାଲ୍, ସିଂହ ପରିକା
ଛାତିରେ ଥିବା ପଞ୍ଜରା ହାଡ଼

ହୁଟେର୍ ହୁଟେର୍ — କ୍ରି. ବି. ଟେଢ଼ା ଟେଢ଼ି / ପେଙ୍ଗେଇ ପେଙ୍ଗେଇ ଚାଲିବା

ହୁଟେର୍ ବାହା — ବି. ଏକ ପ୍ରକାରର ଜଙ୍ଗଲି ଗଛର ଫୁଲ

ହୁଟେଲ୍ — ବି. (ଇଂ) ହୋଟେଲ (hotel), ଭୋଜନାଳୟ

ହୁଠୁ — ବି. ହଟିଆ, ଜିଦ୍‌ଖୋର

ହୁଡ୍‌ଗା.ଚ୍ — କ୍ରି. ଗୋଳାଇବା, କ୍ରି. ବି. ହତା ସାହାଯ୍ୟରେ ତରକାରି ଗୋଳାଇବା, ବାଡ଼ି ସାହାଯ୍ୟରେ ଗାତ ଭିତରକୁ ଖୋଞ୍ଚା ଖୋଞ୍ଚି କରିବା

ହୁଡୁଗୁ ଡୁଗୁର୍ — କ୍ରି. ବି. ଜୋରରେ ଢୋଲ ବାଜିବାର ଶବ୍ଦ, ଜୋର ଜୋର ଢୋଲ ପିଟିବା

ହୁଡ୍‌ଗ୍ଂ — କ୍ରି. ଅଧିକ ପାଣି ଛିଟ୍କି ପଡ଼ିବା ଶବ୍ଦ, ଗଦଗଦ ଶବ୍ଦ

ହୁଡଗ୍ଂ ହୁଡଗ୍ଂ — କ୍ରି. ବି. ଥରକୁ ଥର ଜୋର ଜୋରରେ ପାଣିର ଛିଟ୍କି ପଡ଼ିବା ଗଦଗଦ ଶବ୍ଦ ଗଦ୍ଧଆ ପବନ ବୋହିବା

ହୁଡ୍‌ଗ୍ଂ ମାଚ୍‌ଓ — କ୍ରି. ପାଣିକୁ ଜୋରରେ ଗୋଳାଇବା ଓ ବାଢ଼େଇବା ଶବ୍ଦ

ହୁଡ୍‌ଗ୍‌ଚ୍ — କ୍ରି. ଧସି ପଶିବା, ମାଟିକୁ କାଟି ଖାଲ କରିବା, ହୁରୁଡ଼ାଇ ଦେବା

ହୁଡ୍‌ହୁଡ୍ — କ୍ରି. ବି. ଘଡ଼ ଘଡ଼ ଶବ୍ଦ

ହୁଡ୍‌ହୁଡାଓ୍ — କ୍ରି. ଘଡ଼ ଘଡ଼ ଶବ୍ଦ ହେବା, ମେଘ ଗର୍ଜନ, ଘଡଘଡ଼ି

ହୁଡଞ୍ଜ୍ — ବି. ଗ୍ରୋଟ, କ୍ରି. ଗ୍ରୋଟଟିଏ ହେବା

ହୁଡଞ୍ଜ୍ ତାଗ୍‌ସିଞ୍ଜ୍ — ବି. ତୃତୀୟ ପ୍ରହର, ଦିନର ଶେଷ ପ୍ରହର

ହୁଡଞ୍ଜ୍ ଦାଂଲ୍ ବେର୍ — ବି. ପାଞ୍ଚ ବାଜିବା ସମୟ, ସନ୍ଧ୍ୟା ସମୟ

ହୁଡଞ୍ଜ୍ ସିମ୍‌ଗ୍ଂ — ବି. ଶେଷ କୁକୁଡ଼ା ଡାକ ସମୟ, ପ୍ରତ୍ୟୁଷ, ବଡ଼ିଭୋର

ହୁଡ୍ଂ ହୁଡୁଂ — କ୍ରି. ମନସ୍ତାପ କରିବା

ହୁଡୁକ୍ ହୁଡୁକ୍ — କ୍ରି. ବି. ଡୁଲୁକ ଡୁଲୁକ ଚାଲିବା, ଡୁଲୁ ଡୁଲୁ ଶବ୍ଦ ସହ ଚାଲିବା

ହୁଡୁର୍ — କ୍ରି. ମେଘ ଗର୍ଜନ

ହୁଡୁର୍ ହୁଡୁର୍ — କ୍ରି. ଘଡ଼ଘଡ଼ି ମାରିବା

ହୁଲ୍(ଡ) ହୁଡୁକ୍ — କ୍ରି. ବି. ଅଡ଼ିକମ୍, କମ ହେବା

ହୁନ୍‌ଡ୍ରୁଂ ହୁନ୍‌ଡ୍ରୁଂ — ବାରମ୍ବାର ଗର୍ଜନ କରିବା ଶବ୍ଦ, ଘୃଷ୍ଟୁଣ୍ଡର ଶବ୍ଦ

ହୁଣ୍ଡା — କ୍ରି. ବି. ହାଲୁଇ କରି ପକାଇବା, କ୍ରି. ଜାଲରେ ମାଛକୁ ଧରିବା, ଶିକାର ମାଂସ ଭାଗ କରିବା, ଅଲଗା ଅଲଗା ଠୁଳ କରି ରଖିବା

ହୁଣ୍ଡା ଜାଲ୍ — ବି. ଫୋପାଡ଼ିବା ଜାଲ

ହୁଣ୍ଡାର୍(ଲ୍) — ବି. ହୁଣ୍ଡାଲ, ଗଧିଆ

ହୁଣ୍ଡାହୁଣ୍ଡି — କ୍ରି. ବି. ଆପଣା ଭିତରେ ମନ ମାଳିନ୍ୟ ହେବା, ମନ ଏକମତ ନ ହେବା, ଝଗଡ଼ା ଝାଟି ହେବା

ହୁଣ୍ଡା ହେସାଃ ହୁଣ୍ଡା ବା.ଡେ(ଲ) — କ୍ରି. ବି. ପରସ୍ପର ଭିତରେ ଦେବା ନେବା, କ୍ରି. ମିଛ କହିବା, ଛଳନା କରିବା/ଠକିବା

ହୁଣ୍ଡା — ବି. ଭାଗ, ଅଂଶ ବୋକା, କ୍ରି. ଭାଗ କରିବା, ଅଂଶ ବାଣ୍ଟିବା

ହୁଣ୍ଡି — ବି. ବୋକା ନାଷ୍ଟ, ଅର୍ଥ ସମ୍ବନ୍ଧୀୟ ଚଠା

ହୁତ୍ — ଅ. ଉଠିବା ଯିବା ପାଇଁ (ଆଦେଶାତ୍ମକ ଶବ୍ଦ) ହେତ୍, ଝଟ୍‌କରି ଠେଲିବା

ହୁତୁମା.ଚ୍ — କ୍ରି ଦେହ ଓ ବାହୁ ସାହାଯ୍ୟରେ ଝଟ ଝଟ ଠେଲା ଠେଲି କରିବା ପ୍ରକ୍ରିୟା

ହୁତମା ହୁତମି — କ୍ରି. ବି. ଏପାଖ ସେପାଖ ଦେହ ବାହୁ ସାହାଯ୍ୟରେ ଠେଲା ପେଲା କରିବା (ଏ ପ୍ରକ୍ରିୟା ଭିଡ଼ରେ କରାଯାଏ)

ହୁତ୍‌କା.ମ୍ — କ୍ରି. ବି. ହୋଇଥିଲେ, ହୁଅନ୍ତା ପଦ

ହୁତ୍‌ଲ୍ଂ — କ୍ରି. ବି. ନିଦ୍ରା ଅବସ୍ଥାରେ ହାତ ଛୁଟିବା କ୍ରି. ହାତ ଛୁଟିବା/ଝାଡ଼ିବା

ହୁତ୍‌ଲ୍ଂ ମେନ୍‌ତେ — କ୍ରି. ବି. ନିଦ ବାଉଳାରେ ହଠାତ୍ ହାତ ଛୁଟି ହୋଇଯିବା

ହୁଡ୍‌ଲ୍‌ଂ ହୁଡଲ୍‌ଂ—କ୍ରି. ବିଂ. ହାତ ଗୁଟି ଗୁଟି ଦେବା
ହୁଡ୍ ହୁଡ୍—କ୍ରି. ବିଂ. ଧାଡ୍ ଧାଡ୍ (ଜଳବା), ଅତିଶକ୍ତ ଗରମ
ହୁଡ୍‌ଡାଓ୍ୱ, ହୁଡ୍‌ଲାଢ୍—କ୍ରି. ଲୁଣ୍ଠିବା, ଅଣ୍ଡଳା ଅଣ୍ଡଳ କରିବା, ଅନୁଭବ କରିବା
ହୁଢ—ବି. କାଠପୋକ, (କାଠକୁ ଖାଇ ଖାଇ ଫମ୍ପା କରନ୍ତି ଯେଉଁ କ୍ଷୁଦ୍ର ପୋକ)
ହୁତୁମ୍—କ୍ରି. କୁଳ୍‌କୁଚ୍ଚ କରିବା, ମୁହଁ ଧୋଇବା
ହୁତୁର୍—କ୍ରି. ଖାଲିହେବା, ବିଂ. ଲଙ୍ଗଳା,
ହୁଦ୍‌ଗୁ ଦୁଗୁଲ୍—କ୍ରି. ଜଲଦ କରିବା (ଦୌଡ଼ା ଦୌଡ଼ି କରି) ଶୀଘ୍ର କରିବା, ଶୀଘ୍ର ହେବା
ହୁଦ୍‌ଗୁ ଦୁଗୁର୍—କ୍ରି. ବିଂ. ଧାଢ୍ ଧାଢ୍ ଜଳବା ପ୍ରକ୍ରିୟା, ଜୋର ଜୋର ନିଆଁ ଧାସ୍ ହେବା
ହୁଦ୍‌ମେନ୍‌ଡେ—କ୍ରି. ବିଂ. ଅଗ୍ନିକ ଧାଢ୍ କରି ଜଳି ଉଠିବା
ହୁଦ୍‌ରୀ.—ବି. ସିଢ଼ିର ଦଣ୍ଡା କାଠ
ହୁଦ୍‌ରଲ୍—କ୍ରି. ଆଖୁଞ୍ଜି ସିବା, ଆଖୁଞ୍ଜି ହେବା ବିଂ. ଆଖୁଞ୍ଜା
ହୁଦ୍‌ହୁଦ୍—କ୍ରି. ବିଂ. ପବନ ବୋହିବାର ହୁ ହୁ ଶବ୍ଦ, ନିଆଁ ଜଳବାର ଶବ୍ଦ, ପାଣି ବୋହି ପଡ଼ିବାର ଡାଲ ହେବା ଶବ୍ଦ, ବହୁ ପରିମାଣର ପକ୍ଷୀ ଏକ ସଙ୍ଗରେ ଓଡ଼୍ଲାଇବାର ଶବ୍ଦ
ହୁଦ୍‌ହୁଦାଢ୍—କ୍ରି. ଶବ୍ଦାନ୍ବିତ ହେବା, ଶୀଘ୍ର କରାଇବା ପ୍ରରୋଚନା ଦେବା
ହୁଦ୍ ହୁଦ—ବି. ଜଳ ପ୍ରପାତ, କ୍ରି. ପାଣି ପଡ଼ିବା
ହୁଦ୍‌ଡା (ଲା)—ବି. ଗୁପ୍ତ, ଲୁଚସ୍ଥାନ
ହୁଦା—ବି. ପଦବୀର ଚିହ୍ନ, ଦଳ, ସଂଘ କ୍ରି. ପଦ ମିଳିବା ଦଳ ହେବା, ସଂଘ ଗଢ଼ିବା
ହୁଦାଡ୍ (ଲ)—ବି. ଗାଡ଼ିର ଗୋଲ୍ ଧୁରୀ, ଦୁଇ ଚକକୁ ସଂଯୋଗ କରୁଥିବା ଦଣ୍ଡା
ହୁଦସ୍—ବି. ଭାବନା, ବିସ୍ମୟ, ଲୁଦ୍ଧେଶ୍ୟ
ହୁଦସିସ୍ବା—ବିଂ. ବିସ୍ମୟବନ୍ତ, ବିବେକବାନ, ଲୁଦ୍ଧେଶ୍ୟବାଲା
ହୁଦସ ବୁନ୍‌ଦସ୍—ବି. ବୁଦ୍ଧି ବିସ୍ମୟ, ବୁଦ୍ଧି ବିସ୍ମୟ କ୍ରି. ବିଂ. ବୁଦ୍ଧି ବିସ୍ମୟ କରି କହିବା

ହୁହୁଡ୍ ମେନ୍‌ଡେ—କ୍ରି. ବିଂ. ଧୁଡ୍ କରି ହଠାତ୍ ପଡ଼ିବା
ହୁଦୁଡ୍ ରାଜା—ବି. ଯମରାଜା, ପାତାଳରେ ବାସ କରିଥିବା ରାଜା
ହୁଦୁଡ୍ ହୁଦୁଡ୍ (ଲ)—କ୍ରି. ବିଂ. ଧୁଡ ଧୁଡ ଶବ୍ଦ ଦେଇ ଆସିବା ହୁ ହୁ ଜୋରରେ କାନ୍ଦିବା, ଜୋରରେ ହୁଙ୍କାରିବା
ହୁଦୁଲା ~ (ଡ଼ା ~)—ବିଂ. ଓସାରିଆ, ଓସାର ମୁହଁବାଲା
ହୁଦୁ ହୁଦୁ—କ୍ରି. ବିଂ. ଗଦଗଦ ପାଣି ବୋହିବା, ପଡ଼ିବା ଶବ୍ଦ ପ୍ରକ୍ରିୟା, ଘୋ ଘୋ ଶବ୍ଦ ହେବା
ହୁନ୍‌ଦ୍ରବାହା—ବି. ମାଧବୀ ଫୁଲ
ହୁନଦୁଲ୍ଲୁଂ ମେନ୍‌ଡେ—କ୍ରି. ବିଂ. ଧଡକରି ଖାଲରେ ପଡ଼ିବା
ହୁନ୍‌ଦୁଲ୍ଲୁଂ ମାରୁଓ—କ୍ରି. ଖାଲରେ ଖସି ପଡ଼ିବା
ହୁନ୍‌ଡାଢ୍—କ୍ରି. ଖୋଜିବା କ୍ରି. ବିଂ. ମୁହଁ ନାକ ଲଗାଇ ଶୁଙ୍ଘି କରି ଆଘ୍ରାଣରେ ଖୋଜିବା
ହୁନ୍‌ଡା. ହୁନଡ଼ି—କ୍ରି. (କିଛି ଜିନିଷକୁ) ଖୋଜା ଖୋଜି କରିବା ପ୍ରକ୍ରିୟା
ହୁନ୍—ସ. ସେ, ସେଠାରେ, (କଣ୍ଟିତ)
ହୁଁଣ୍ ହୁଣ—କ୍ରି. ବିଂ. ଗୁଣ୍ ଗୁଣ କରିବା କ୍ରି. ଗୁନ ଗୁଣ କରିବା (ସ୍ୱର ଲଗାଇବା) (ହୁଁ ହୁଁ ହୁଁ)
ହୁନ୍‌ହୁନ୍‌ଆ ~—ସ. ଏତେ ଗୁଡ଼ାଏ, ସେତିକ କ୍ରି. ବିଂ. ସେତିକ ହେଉ
ହୁନ୍‌ହୁନ—ସ. ସେ, ସେହି (କଣ୍ଟିତ) ତାହାକୁ
ହୁନାଃ (ଲୁଡଜ୍)—ସ. ଏତେ ଏତିକ
ହୁନାଃକଡେ—କ୍ରି. ବିଂ. ସେତେ ବେଳକୁ, ସେ ସମୟକୁ
ହୁନାଃଗାନ୍—କ୍ରି. ବିଂ. (ହାତରେ ଇଙ୍ଗିତ କରି) ଏତେ ଗୁଡ଼ାଏ ଏତିକ ଅଧିକ
ହୁନା.ଃ ହୁନାଃ—ସ. ଏତେ ସେତେ ଏତିକ ସେତିକ
ହୁନାଂ—ଅ. ହୁଅନ୍ତା, ସମ୍ଭାବ୍ୟ ସୂଚକ ଶବ୍ଦ
ହୁନି—ସ. ସିଏ, ସେ
ହୁନଆ.ନକ୍—ସ. ସେ ସେଇଠି (କଣ୍ଟିତ) ସେହିଠି ସେ (ଅଛି)
ହୁନ୍ନକ୍—ସ. ସେ, ସେଠାରେ
ହୁନନୁଇ—ସ. ତାକୁ, ଏହାକୁ
ହୁନୁଇ(ସ୍ତା)—ବି. ହୋଇଥିବା, ଘଟିଥିବା

ଉ: ହୁନୁସ୍ତୁ (ଇ) ଆକାନ୍ କଥାଗେଞ୍ଜ୍ ଉଲ୍ଏଦା - ହୋଇଥିବା
କଥା ହିଁ କହୁଛୁ

ହୁନୁଡେଡ୍ —ବି. କଣ୍ଠ ନଳୀ, ଅଙ୍କଡା

ହୁପକା.—ବି. ହଠାତ୍, ଅକସ୍ମାତ

ହୁମ୍.ଗୁ ∞ —ବି. ଝଟକା କ୍ରି. ଝଟକା ଦେବା
କ୍ରି. ବିଂ. ଉପରକୁ ଝଟକା ଦେବା

ହୁପ୍ଟିର୍—ବିଂ. ଗ୍ରେଟ, ସାନ, ଅଭ୍ୟାଲ୍ଲ କ୍ରି. ପରସ୍ପର ମଧ୍ୟରେ
ବଦସା ହେବା

ହୁପନର୍ – ବି. ସାନ ଝିଅ

ହୁପା.ঃ —ବି. କାନ ପାଟି, କାନର ତଳ ଭାଗ

ହୁପୁର୍ ମେନ୍ତେ—କ୍ରି. ବିଂ. ଚୁପ କରି ଶୀଘ୍ର (ଯିବା)

ହୁସୁଚ୍ ହୁସୁଚ୍—କ୍ରି. ବିଂ. ଚୁପଚୁପ ଶୀଘ୍ର ଶୀଘ୍ର କାହାରକୁ
ନ କହି (ପଳାଇବା, ଯିବା, କରିବା)

ହୁପୁଟେଉ୍—କ୍ରି. ପ୍ରତଦ୍ୱନ୍ଦ୍ୱତା କରିବା, ଝଗଡା କରିବା

ହୁବ—ବି. ଆନନ୍ଦ, ଖୁସି

ହୁବ୍ଜଂ—କ୍ରି. ଆନନ୍ଦ କରିବା, ଖୁସି ହେବା

ହୁବ୍ମେନ୍ତେ—କ୍ରି. ବିଂ. ହଠାତ୍ କରି (ଆସିବା କରିବା)

ହୁବ୍କା—କ୍ରି. ବିଂ. ଅଗ୍ଲନକ

ହୁବା. ∞ —କ୍ରି. କାଟିବା, ଫାଡ଼ିବା (ପାହାର ଦେବା)

ହୁମ୍ଗୁঃ—କ୍ରି. ଝଟକା ଦେବା

ହୁମ୍ଗୁঃ ମେନ୍ତେ—କ୍ରି. ବିଂ. ଝଟ୍କାମାରି (ଉଠିବା, କୁଦିବା)

ହୁମ୍ଟା.ঃ—କ୍ରି. ପାଣିକାଟି ଉଠିବା, ପାଣି ଗ୍ରୁଟିଦେଇ ଉପରକୁ
ଉଠିବା, ପାଣି ଛୁଆଁଡିବା

ହୁମ୍ଟି—ବି. ଏକ ପ୍ରକାର ସାନ୍ତାଳ ନାଚର ନାମ
କ୍ରି. କଥା ଯୋଡ଼ିବା, ଲଥା ଯୋଡ଼ିବା

ହୁଁମ୍—ଅ. ପଶୁଙ୍କୁ ସ୍ଥିର ରହିବାକୁ କହିବା ଶବ୍ଦ

ହୁମ୍ଅ—ବି. ହୋମ କ୍ରି. ହୋମ କରିବା

ହୁମା. ∞ —କ୍ରି. ପାହାର ଦେବା, ମାଡ଼ ଦେବା

ହୁମା. ∞ ହାସେଚ୍—କ୍ରି. ବିଂ. କ୍ରୁଲରେ ଗ୍ରହଳ ସଫା କରିବା
କଥାକୁ ସ୍ପଷ୍ଟଲ କରି କହିବା

ହୁମୁର୍ ହୁମୁର୍—କ୍ରି. ବିଂ. ମନଭିତରେ ଚନ୍ତା କରିବା,
ଉତ୍କଣ୍ଠିତ ହେବା

ହୁସୁ୍ରୁ ଗୁସୁରୁ—ବି. ଅସୁବିଧା, କଷ୍ଟକର

ହୁସୁ୍ (ଇ)—କ୍ରି. ହେବା

ହୁସୁ୍ଲ—ବିଂ. ବିନାବସ୍ତ୍ର, ବିନା ଡାଲପତ୍ରରେ ଥିବା
(ମଣିଷ, ଗଛ)

ହୁସୁ୍ଲି—ବିଂ. ଲଙ୍ଗୁଳି

ହୁସୁଁ—କ୍ରି. ବିଂ. କଦାପି (ନୁହେଁ, ଯାଅନାହିଁ)

ହୁସୁଡ୍ (ଲ)—କ୍ରି. ସଂକୀର୍ଣ୍ଣ ହେବା, ସଂକୁଚିତ ହେବା

ହୁର୍କାଁଡ୍/ହୁର୍କାଣ - ବି. ଧଡା, କବାଟକୁ ବନ୍ଦ କରି ରଖିବା
ବ୍ୟବସ୍ଥା, ଠେକଣା, ଠେସା

ହୁର୍ଗୁନ୍ଦୁର୍—ବି. ଅଲିଆ ମଲିଆ, ମଇଳା

ହୁରଚୁମୁନଡୁକ୍—କ୍ରି. କ୍ରୋଧ କରିବା, ଅସନ୍ତୋଷ ହେବା

ହୁର୍ଚହୁଲ୍ଂ—ବିଂ. କ୍ରୋଧିତ (ଲୋକ, ବ୍ୟକ୍ତି)

ହୁର୍ଢଲ୍—କ୍ରି. ଆଙ୍ଗୁଳି/ହାତ/କାଠି ପୁରାଇ) ସଫା କରିବା

ହୁର୍ପା.ହୁର୍ପି—କ୍ରି. କ୍ରୋଧ କରିବା, ବିରକ୍ତ ହେବା

ହୁର୍ମେନ୍ତେ—କ୍ରି. ବିଂ. ଫଟ୍ କରି (ଘୂରି ପଡ଼ିବା)

ହୁର୍ମାର୍—କ୍ରି. ଧରମାର କରିବା, ପିଟାପିଟି କରିବା, ଗୁଗିବା,
ଶୀଘ୍ର କରିବା

ହୁର୍ମୁହ୍—ବିଂ. ଜିଦିଆ, ଜବରଦସ୍ତି କରିବା ବାଲ୍

ହୁର୍ମୁଡ୍—କ୍ରି. ଅପଦସ୍ତ କରିବା, ବେଇଜ୍ଜତ କରିବା

ହୁର୍ଲା. ହୁର୍ଲି—କ୍ରି. ବିଂ. ଝୁଲାଇ ଝୁଲାଇ (ପକାଇ ଦେବା)

ହୁର୍ହୁର୍—କ୍ରି. ବିଂ. ଲହ ଲହ କରି ଜଳିବା
ସାଁସୁଁ ସାସୁଁ ଶବ୍ଦ ହେବା
କ୍ରି. ବିଂ. ଚଞ୍ଚଳ ଚଞ୍ଚଳ କାମ କରିବା

ହୁର୍ ହୁସାଓ୍—ବି. ସାସୁଁ ସାସୁଁ ଶବ୍ଦ କରି ଘୂରି ବୁଲିବା
ଧାଇଁ ଧାଇଁ ହୋଇ ଜଳିବା ପ୍ରକ୍ରିୟା

ହୁସ.—ବି. ମୁଣ୍ଡି ଭାଙ୍ଗିଥିବା କଳସ କ୍ରି. ଷଣ୍ଢ ହେବା

ହୁସ.ବୁସୁ—ବିଂ. ଭଙ୍ଗା, ଭାଙ୍ଗିଥିବା, (ଭଙ୍ଗା କଳସି, ହାଣ୍ଡି)

ହୁସ.ବୁସ.—ବିଂ. ମିଥ୍ୟା, ଅଭିଯୋଗ

ହୁର୍.ହୁର୍—ବି. ରାଗ ରୁଷା, କ୍ରୋଧ

ହୁରାକ୍ (ଲ୍)—କ୍ରି. ଗଳାଇବା, ପିନ୍ଧବା

ହୁରଡ୍ (ଦ୍)—କ୍ରି. ଆଞ୍ଜୁଡ଼ିବା

ହୁର୍—କ୍ରି. ଚିତ୍କାର, ଜୋରରେ ରଡ଼ି କରିବା

ହୁରନ୍—ବି. ହରିଣ

ହୁରବୁଡ଼ି (ଢ଼ି)—ବି. ମଳଗ୍ନ ନାସ୍ତି

ହୁର ହୁରତେ—କ୍ରି. ବିଂ. ହରି ହରି କହି ଚିତ୍କାର କରିବା
(ଈଶ୍ୱରଙ୍କ କୃପାଭିକ୍ଷା ନିମିତ୍ତ ଉଚ୍ଚାରଣ କରିବା)

ହୁରାଂ—କ୍ରି. ଫୋପାଡ଼ିବା

ହୁରୁଡ୍ (ଦ୍)— ବି. ଗଛକଟା ମୂଳ, ଖୁଣ୍ଟା ଅଂଶ

ହୁରୁଦ୍ହଦ୍—ବି. କାଠ ଛତୁ

ହୁରୁଦ୍ ଖୁଣ୍ଟୁନ୍—ବିଂ. କଟା ହୋଇଥିବା ଗଛର ମୂଳ ଚେର
ଓ ଖୁଣ୍ଟା ସମେତ

ହୁରୁଲ୍ (ଢ଼୍)—କ୍ରି. ଖୁଣ୍ଟା କରିଦେବା/ନଣ୍ଡା କରିବା
(ଗଛ ଡାଳ କାଟିବା/ଚୂଳ କାଟିବା

ହୁରୁସ୍ଠାକୁଂ—ଅ. ଚିନ୍ତା ନ କରିବା ପାଇଁ
(ନ'କାରାତ୍ମକ ଶବ୍ଦ) କହିବା ଶବ୍ଦ

ହୁରୁମ ହୁରୁମ୍—ବିଂ. ଜଳନ୍ତା, ହୁ ହୁ ଜଳୁଥିବା ନିଆଁ ରଡ଼ି

ହୁରୁମ୍ ଡଗିର୍—ବିଂ. ଗରମ ଧୂଳି

ହୁରଓ୍ୱା ହୁରୁଇ—କ୍ରି. କ୍ରୋଧ କରିବା
କ୍ରି. ବିଂ.—କ୍ରୋଧିତ ହେବା

ହୁଲ୍ (ଢ଼୍)—କ୍ରି. ଠକ ହେବା

ହୁଲ୍ (ଢ଼୍) ଲୁଗୁଡ୍—କ୍ରି. ଧକା ଧକି କରିବା, ପଛେ ପଛେ
ଲାଗି ରହିବା

ହୁଲ୍ (ଢ଼୍) ମୁସଣ୍ଡ—କ୍ରି. ବିଂ ଜବରଦସ୍ତି କରାଇବା

ହୁଲ୍ (ଢ଼୍) ହୁଲ୍—କ୍ରି. ବିଂ. ହୁଡୁ ହୁଡୁ ଶବ୍ଦ

ହୁଲ୍ (ଢ଼୍) ହୁଲା—ବି. ଅଣସୋରିଷ

ହୁଲ୍ (ଢ଼୍) ହୁଲାସ୍ତା—ବି. ହଇଜା ବେମାରି

ହୁଲା.ଗୁଡା (ଡା)—କ୍ରି. ବିଂ. ଲଠି ମାଡ଼ ସହିତ ଧକ୍କା ଧକ୍କି
କରିବା

ହୁଲା ଗୁସା—କ୍ରି. ଜଳହାତରେ ବାଡ଼ିରେ ପିଟିବା

ହୁଲ୍ (ଢ଼୍) କା.—ବି. କଡ଼ି, ବେଡ଼ି, ଜଞ୍ଜିର
କ୍ରି. କଡ଼ି ପିନ୍ଧାଇବା, ବେଡ଼ି ଲଗାଇବା, ଜଞ୍ଜିର ବାନ୍ଧିବା

ହୁଲ୍ଗୁସ୍ ମେନ୍ତେ—କ୍ରି. ବିଂ. ସୁବିଧାରେ ପଶିଯିବା ପ୍ରକ୍ରିୟା

ହୁଲଗୁସ୍ ହୁଲ୍ଗୁସ୍—କ୍ରି. ବିଂ. ଧୀରେ ଧୀରେ ଖସର ଖସର
ପଶିଯିବା, ଘୁଞ୍ଚିଯିବା

ହୁଲଗୁ ହୁଲ୍ଗୁ—କ୍ରି. ଇତଃସ୍ତତ ହେବା, ଚିନ୍ତାରେ ପଡ଼ିବା

ହୁଲୁଚୁଡ୍—ଅ. ଧେତ

ହୁଲ୍ଚୁଡ୍ ହୁଲଚୁଡ୍—କ୍ରି. ବିଂ. ଏଣ୍ଡୁ ତେଣ୍ଡୁ କଥା କହିବା, ମିଥ୍ୟା
କଥା କହିବା

ହୁଲ୍ଗୁଂ—ବିଂ. ଛୋଟା କ୍ରି. ଛୋଟାଇ ଚାଲିବା

ହୁଲ୍ଚେତ୍—କ୍ରି. ଗୋଡ଼ ଖାଲରେ ପଡ଼ିବା

ହୁଲ୍ତାଂ—କ୍ରି. ଛୋଟା ହେବା, ଛୋଟେଇ ଛୋଟେଇ ଚାଲିବା

ହୁଲ୍ଡାଂ ହୁଲ୍ତାଂ—କ୍ରି. ବିଂ. ଛୋଟେଇ ଛୋଟେଇ ଚାଲିବା,
ଅସ୍ଥିର ଭାବେ ଚାଲିବା

ହୁଲ୍ହୁଂଗା.—କ୍ରି. ହଡ଼ବଡ଼ାଇବା, କର୍କଶ ସ୍ୱରରେ ବ୍ୟବହାର
କରିବା, ବିରକ୍ତ କରାଇବା

ହୁଡ୍ (ଲ୍) ପି—ବି. ଛୋଟ ଗୋଲକାର ପେଡ଼ି (ପାପ ରଖା
ପେଡ଼ି) ହୁଡପି

ହୁଡ୍ (ଲ୍) ବାଂ—ବିଂ. ତେଢ଼ା, ଏକ କଡ଼ିଆ, ନଇଁଥିବା
କ୍ରି. ତେଢ଼ା ହେବା, ନଇଁଥିବା, କଡ଼ିଆ ହେବା

ହୁଡ଼ା. (ଲା.) ଉ—କ୍ରି. ଜବରଦସ୍ତ ପଶିବା ଓ ରହିବା

ହୁଡ଼ା.ହୁଡ଼—କ୍ରି. ବିଂ. ପରସ୍ପରକୁ ଦୋଷ ଦେବା, ପାଟିରୁଣ୍ଡ
କରି ଫାଙ୍କିବା

ହୁଡୁଂ (ଲୁଂ)—କ୍ରି. କୁଟିବା

ହୁଡୁଂ (ଲୁଂ) ଏନେଜ୍—ବି. ଛୋଟ ଝିଅଙ୍କର ଏକ ପ୍ରକାରର
ଖେଳ (ମିଛ ମିଛକା ଧାନକୁଟା ଖେଳ)

ହୁଡୁଂ (ଲୁଂ) ସୁଢ ଦାଂ—ବିଂ. ଅତିବୃଷ୍ଟି
କ୍ରି. ବିଂ. ଅତିବୃଷ୍ଟି ହେବା

ହୁଡୁମ୍ ଭୁଡୁମ୍—କ୍ରି. ଗାଳାଗାଳି କରିବା, ଟେଢ଼ା ମେଢ଼ା ଗାଳି କରିବା, ବିରକ୍ତ କରାଇବା

ହୁଲ୍—ବି. ବିଦ୍ରୋହ, ଉପଦ୍ରବ

ହୁଲ୍ କାଓ୍ୱ (ଉ)—କ୍ରି. ହଲାଇ ଦେବା, ଆନ୍ଦୋଳନ କରିବା

ହୁଲଗାଡ଼ିଚ—ବିଂ. ବିନା ସିନ୍ଦୁର ଦେଇ ଆଣିଥିବା ସ୍ତ୍ରୀ

ହୁଲ୍ ମଅଁଲ୍—କ୍ରି. ଉପଦ୍ରବ, କରିବା, ଶାନ୍ତି ଭଙ୍ଗ କରିବା ଗଣ୍ଡଗୋଳ କରିବା

ହୁଲ୍ ସାସ୍ଟ୍—ବି. ଆତଙ୍କ, ଭୟ, କ୍ରି. ଆତଙ୍କ ଉତ୍ପନ୍ନ କରିବା, ଡରିଯିବା

ହୁଲ୍ ସିଞ୍ଜ୍—କ୍ରି. ପକାଇବା, ଧାର କରିବା

ହୁଲ୍ ହୁଲ୍ୟା—ବିଂ. ପତଳା, ବିନା ଡାଳ ଥିବା ଗଛ ଲହଲହକା

ହୁଲଇ—ବି. ଅପବାଦ, କ୍ରି. ଉଡ଼ା କଥା

ହୁଲ ∽—କ୍ରି. ଝଡ଼ିଯିବା, ଖସିପଡ଼ିବା

ହୁଲ ∽ ଫାଁଡ଼ୀ ∽—ବି. ଧାନ ସିସା କ୍ଷେତରେ ଝଡ଼ି ପଡ଼ିଥିବା ସ୍ଥିତି

ହୁଲାସ୍—ବି. ଉଲ୍ଲାସ, ଆନନ୍ଦିତ, ପ୍ରଫୁଲ୍ଲିତ
କ୍ରି. ଆନନ୍ଦିତ ହେବା

ହୁଲାସ୍ ଭାଙ୍ଗା—ବିଂ. ନିରାଶ, ନିରୁତ୍ସାହ
କ୍ରି. ନିରାଶ ହେବା, ଆନନ୍ଦ ଭାଙ୍ଗିଯିବା

ହୁଲ୍ଂ—କ୍ରି. ଝଡ଼ିପଡ଼ି ନଷ୍ଟ ହେବା

ହୁଲି ପରବ—ବି. ଦୋଳ ପର୍ବ

ହୁଲିସ୍ଥା.—ବି. କଳରବ, ଗୋଳମାଲ
କ୍ରି. ସୂଚନା ଦେବା, ବିଜ୍ଞାପନ କରିବା

ହୁଲୁଇ—କ୍ରି. ହୁଲିବା, ଦେବତାଙ୍କୁ ସ୍ମରଣ କରିବା

ହୁଲୁଇ ମେନ୍‌ତେ—କ୍ରି. ବିଂ. ଦମ୍‌କା ପବନ ହେବା

ହୁଲୁଇ ହୁଲୁଇ ହସ୍ଟ୍—କ୍ରି. ବିଂ. ଭୁଷାର ବର୍ଷା ବେଳର ସୁଲୁସୁଲିଆ ପବନ
କ୍ରି. ଝଡ଼ି ବର୍ଷା ବେଳର ସୁଲସୁଲିଆ ପବନ

ହୁଲ୍ ହାଲ୍—କ୍ରି. ଭାଲୁର ଗର୍ଜନ

ହୁଲୁକ୍ ଭୁଲୁକ୍—କ୍ରି. ଚଲାବୁଲା କରିବା
କ୍ରି. ବିଂ. ଅକାରଣରେ ଚଲାବୁଲା କରିବା ପ୍ରକ୍ରିୟା

ହୁଲୁଚ ହୁଲୁଚ—କ୍ରି. ବିଂ. ହାଲ୍କେଲେ ହାଲ୍କେଲେ, ଧୀରେ ଧୀରେ (ହେବା, କରିବା)

ଉ: ହୁଲୁଚ୍ ହୁଲୁଚ୍ କା.ମିତେବ ନଅାଁ କାମି ଲଗନ୍ ବାଂ ଯୁବା ∽ ଆ - ଧୀରେ ଧୀରେ କାମ କଲେ ଏ କାର୍ଯ୍ୟ ଶୀଘ୍ର ସରିବ ନାହିଁ

ହୁଲେର୍ (କ୍)—କ୍ରି. ଛୁଡ଼ି ପଡ଼ିବା, ଛୁଡାଇ ଦେବା

ହୁଲ୍ଅଂ—କ୍ରି. ଗୋଳମାଲ କରିବା, ହଟ୍ଟଗୋଳ କରିବା

ହୁଲୁସୁଲ—ବି. ହୁଲୁସୁଲ

ହୁଓ୍ୱା—କ୍ରି. ବାଲୁଆ ରଡ଼ି

ହୁଓ୍ୱାଃ—କ୍ରି. ଖାଇ ଖାଅ (ଏ ଶବ୍ଦ କେବଳ ମନ୍ତ୍ରରେ ଉଚ୍ଚାରଣ ହୁଏ)

ହୁଓ୍ୱା ହୁଓ୍ୱା—ବିଂ. ବାଲୁଆର ହୁଆ ହୁଆ ରଡ଼ି

ହୁଁସ୍—କ୍ରି. ହୋସରେ ରହିବା, ବିଚାରରେ ରହିବା
ବିଂ. ବୁଦ୍ଧି, ମନ, ବିଚାର

ହୁସିଆର୍—ବିଂ. ହୁସିଆର, ସାବଧାନ, (କାଠ ଗୁହିବା)

ହୁସିଦ୍ (ଭୁ)—କ୍ରି. ଗୁହିବା, ବାଡି ଗୁହିବା
ମନ୍ତ୍ର ଦ୍ୱାରା ଦୋଷ ଦୂର କରିବା

ହୁସ୍ନା. ∽—କ୍ରି. ସଜାଇବା
କ୍ରି. ବିଂ. ସୁନ୍ଦର କରି ସଜାଇବା

ହୁହ୍ କା.ଓ୍ୱ (ଉ)—କ୍ରି. ଗର୍ଜନ କରିବା

ହୁହା.ଡ୍ (ଲ୍) ବେଙ୍ଗେ—ବି. ହରଡ଼ ଚଢ଼େଇ

ହୁହ୍—କ୍ରି. ସମସ୍ତଙ୍କର ପ୍ରାପ୍ୟ ଭାଗ ମିଳିବା
କ୍ରି. ବିଂ. ଶିକାର ଜୀବର ମାଂସ ଶିକାରରେ ଯାଇ ସବୁ ଲୋକଙ୍କୁ ମାଂସ ଭାଗ ଦିଆଯାଏ

ହୁଁ ହୁଁଡ୍—କ୍ରି. ଗୁଞ୍ଜନ, ପାଟିରୁ ହେଉଥିବା ଗୁଣ ଗୁଣ ଶବ୍ଦ

ହୁ ହୁ—କ୍ରି. ବିଂ. ଭୁଷା ବାଜଣାର ଲମ୍ବା ସ୍ୱର, ପେଚାର ରବ

ହୁଁ ହୁଁ ଭୁନ୍ଦୁର୍—କ୍ରି. ମହୁମାଛିର ଗୁଣ ଗୁଣ ଶବ୍ଦ, ଗୁଞ୍ଜରଣ

ହୁଁ ହୁଁ ହୁଁ ହୁଁ—ବିଂ. ଗୁଞ୍ଜରଣ କ୍ରି. ଗୁଣ୍ଡୁ ଗୁଣ୍ଡୁ କରିବା (ଗୀତ ଗାଇବା)

ହେଁ—ଅ. (ସ୍ୱୀକାରସୂଚକ ଶବ୍ଦ) ହଁ

ହେଁ ଂ —ଅ. (ସ୍ୱୀକାରସୂଚକ ଶବ୍ଦ) ହଁ କରିବା

ହେକ୍, ହେଃ—କ୍ରି. ବିଂ. ହେଁ ହେଁ ରଡ଼ିକରି କାନ୍ଦିବା, ଚିଗିକରି କାନ୍ଦିବା

ହେଃ ମେନ୍‌ତେ—କ୍ରି. ବିଂ. ଅସ୍ୱନକ ପାହାର ଦେବା ଅସ୍ୱନକ ଖସି ପଡ଼ିବା

ହେଁଃ ହେଁଃ—କ୍ରି. ବିଂ. ଜୋର ଜୋରରେ ନିଃଶ୍ୱାସ ନେବା

ହେଁକଅଁ—କ୍ରି. ହୁକ୍‌କା ହେବା, ଆସ୍ଥ ବଡ଼ିମା କରିବା ଗର୍ବ କରିବା ବି. ମୟୂରର ସ୍ୱର

ହେକଃ ହେଁକଃ—କ୍ରି. ବିଂ. ମୟୂରର ସ୍ୱରର ପ୍ରକ୍ରିୟା

ହେଁକଚଅଚ—ବି. ହୁକ୍‌କା କ୍ରି. ଢକ୍‌କା ହେବା

ହେଁକଅଁସୁ ବାସ୍ନ୍—ବି. ହୁକ୍‌କା ହେବା, ବେମାର

ହେଁକ୍‌ଅଁସ୍ନ୍ ହେଁକଅଁସ୍ନ୍—କ୍ରି. ବିଂ. ବାରମ୍ବାର ହୁକ୍‌କା ଆସିବା

ହେଁକଅର୍ ହେଁକ୍‌ଅର୍—କ୍ରି. ବିଂ. ସକ ସକ କରି କାନ୍ଦିବା କୁନ୍ଥାଇ କୁନ୍ଥାଇ ଜୋରରେ କାନ୍ଦିବା

ହେଙ୍ଗାଲ—ବି. ଦୁଷ୍ଟ, ନୀଚ କ୍ରି. ଦୁଷ୍ଟାମୀ କରିବା, ନୀଚ କାମ କରିବା

ହେଙ୍ଗା—କ୍ରି. ସଫା କରିବା

ହେଚ୍ (ଲ୍)—କ୍ରି. ଆସିବା, ପହଞ୍ଚିବା, ପଣ ତୋଳିବା

ହେଁଚ୍‌କାସ—ବିଂ. ଘୃଣିତ, ତିରସ୍କାର ସୂଚକ, ଘୃଣାସ୍ପଦ ସ୍ୱରରେ (କରିବା)

ହେଚଥୁଲ୍—କ୍ରି. ବିଂ. ଆସିକରି ଜମା ହେବା

ହେଚ୍ ଦଅଦ୍ଅ—କ୍ରି. ବିଂ. ଆଗରୁ ତୋଳିକରି ରଖିବା

ହେଚ୍ ପେଁଚ୍—କ୍ରି. ବିଂ. ପରସ୍ପରକୁ କାମ କରିବାରେ ଯୋଗ ଦେବା, ଅସଙ୍ଗ ଭାବ ପ୍ରକାଶ କରିବା

ହେଚ୍‌ମିଁଦ୍—କ୍ରି. ଆସି ଏକାଠି ମିଳିତ ହେବା

ହେଁଚ୍ ହେଁଚ୍—ବିଂ. କମ୍ ଜୋର ଜିନିଷକୁ ଦାବି ଦେଲେ ଯେଉଁ ଶବ୍ଦ ସେହି ଶବ୍ଦ

ହେଁଚ୍ ହୁଁଚ୍—ବିଂ. ଇଚ୍ଛା ବୋଲି ପ୍ରକାଶ କରିବା ଶବ୍ଦ କ୍ରି. ବିଂ. ଅସ୍ପଷ୍ଟ ରହିବା ଭାବ

ହେଁଚୁଲ୍—ବିଂ. ଅସମତଳ ରାସ୍ତା କ୍ରି. ଧକ୍‌କା ଲଗାଇବା ଠେଲିବାର ଧକାଡ କଚ ଶବ୍ଦ

ହେଚେ ପେଚେ—ବିଂ. ସନ୍ଦେହଯୁକ୍ତ (କର୍ମ, ବଚନ) କ୍ରି. ବିଂ. କଥାକୁ ଆଗପଛ କରି କହିବା

ହେଞ୍ଚଳ୍—କ୍ରି. ବିଂ. ଅନାଦର ପୂର୍ବକ

ହେଞ୍ଚ୍‌ଲ୍‌ଲେକ୍—ବି. ଅପରିଷ୍କାର, ଅବ୍ୟବସ୍ଥିତ ଅବସ୍ଥା

ହେଞ୍ଚଲେକ୍/ହେଞ୍ଚଲ୍‌ଲେକ୍—କ୍ରି. ବିଂ. ଅପରିଷ୍କାର ଅପରିଚ୍ଛିନ୍ନ ହୋଇଥିବା ବ୍ୟକ୍ତି

ହେଜ୍ ହେଜେ—କ୍ରି. ବିଂ. ଏକ ତରଫକୁ ଅବ୍ୟବସ୍ଥିତ ରୂପରେ ବସିବା

ହେଜା ଭେଜା—ବି. ଗୁନ୍ଦା, ଅନସ୍ୟମିତ ଘର

ହେଜେ ପେଜେ—କ୍ରି. ବିଂ. କଥା ସବୁ କହିବା ବେଳେ ମୁହଁରୁ ସୁତକ ଯିବା ପ୍ରକ୍ରିୟା ବ୍ୟବହାରିକ ଜିନିଷରେ କାଟ ସଲ ସଲ ହେବା ପ୍ରକ୍ରିୟା

ହେଜେ ବେଜେ—କ୍ରି. ଅସ୍ପଷ୍ଟ ଓ ଚଞ୍ଚଳ କହିବାରେ ବୁଝା ନ ଯିବା ଅସଜଡ଼ା ଅକ୍ଷରରେ ଲେଖିବା ଯାହା ପଢ଼ି ହୁଏ ନାହିଁ ତାହା

ହେଜେ ପେଜେ—କ୍ରି. ବିଂ. ଉପରରୁ ତଳ ପର୍ଯ୍ୟନ୍ତ ଲଗାଇ ହେବା, ଉପରରେ ପଡ଼ି ବଜର ବଜର ହେବା

ହେଜେଡ୍ (ଲ୍)—କ୍ରି. ପୁରୁଷ ଲିଙ୍ଗର ଅଗ୍ରାଂଶ ମୁକୁଳା କରିବା

ହେଞ୍ଚ୍ରୁ ପେଚ୍ରୁଡ୍ (ଲ୍)—କ୍ରି. ବିଂ. ଏପାଖ ସେପାଖ ହୋଇ ମୁକୁଳିବା ପ୍ରକ୍ରିୟା, ଛିଣ୍ଡାଡ଼ି ମିଣ୍ଡାଡ଼ି ହେବା

ହେଞ୍ଚ୍‌କାଓ—କ୍ରି. ଅଙ୍ଗ ଲଗାଇଥିବା କଥା ବିଂ. ଅଙ୍ଗ ଲଗା (କାହାଣୀ)

ହେଞ୍ଚ୍‌କଲ୍‌ଂ—ବିଂ. ମଳ ମଳିଆ, ମଳିମୁଣ୍ଡିଆ କ୍ରି. ମଳ ମଳିଆ ହେବା, ମଳିମୁଣ୍ଡିଆ ହେବା, ଗରିବ ହେବା

ହେଞ୍ଚକଲ୍ଂ ପେଞ୍ଚକଲ୍ଂ—କ୍ରି. ବିଂ. ଅପରିଷ୍କାରିଆ ଓ ଅପରିଚ୍ଛିନ୍ନିଆ (ଲୋକ)

ହେଣ୍ଡକେଣ୍ଡ ଡାରେ—ବି. ଏକ ପ୍ରକାର ଟୁମ୍ପୁଡ଼ା ଗଛ
କ୍ରି. ଖାଦ୍ୟପେୟ ଶୂନ୍ୟ (ଅବସ୍ଥା)

ହେଣ୍ଡେକ୍ତ ହେଣ୍ଡେକ୍ତ—କ୍ରି. ବି°. ଝୋକ ଶୋପରେ କାମ କରିବା

ହେଣ୍ଡକେ ରଅଡ଼େ (ଲେ)—କେନଃ ତେନଃ ପ୍ରକାରରେ
ଅଶ୍ୱବ ଅସୁବିଧାରେ (ଦିନ କାଟିବା)

ହେଞ୍ଜ୍ ଫେଞ୍ଜ୍—କ୍ରି. ଗାଲିଗୁଲଜ କରିବା, ବିରକ୍ତିକର କଟୁ
ଭାଷା ପ୍ରୟୋଗ କରିବାର ପ୍ରକ୍ରିୟା, ଅସନ୍ତୋଷ ଭାବ
ପ୍ରକାଶ କରିବା

ହେଞ୍ଜ୍ ହେଞ୍ଜ୍—କ୍ରି. ବି°. ଗୁଜୁର୍ ଗୁଜୁର୍ ଗାଳି ଅନବରତ
କରିବା, ପାଟିକରି ଶୋଧିବା

ହେଁଟ୍—କ୍ରି. ଜାକିବା

ହେଁଟଅ—ବି°. ନମ୍ର

ହେଁଟାଓ—କ୍ରି. ହରାଇବା, ହଟାଇବା

ହେଁଟ୍ମ୍‌ବର୍—କ୍ରି. ବି°. ସ୍ଥିର ହୋଇ ରହିବା, ଦୃଢ଼ ହେବା

ହେଁଟ୍ଅମୁନ୍ଡିୟା—ବି. ଏକପ୍ରକାର ଫୁଲ ଗଛ ଯାହାର ତଳ
ଆଡ଼କୁ ଟୁଲି ପଡ଼ିଥାଏ
କ୍ରି. ନମ୍ର ହେବା, ମୁଣ୍ଡ ତଳକୁ କରିବା ବି°. ମୁଣ୍ଡ ତଳକୁ
କରିବା ବାଲା

ହେଁଟେ—ବି°. ନମ୍ରରେ

ହେଟେଭ୍—କ୍ରି. ଉତ୍ତେଜିତ କରିବା, ବ୍ୟସ୍ତ କରିବା
ବି°. ଉତ୍ତେଜକ, କଷ୍ଟକାରକ

ହେଟାବାଦ—ବି. କଡାକଡି ପ୍ରତିଯୋଗିତା

ହେଟ୍‌ୱେଁତ୍—କ୍ରି. ପଞ୍ଝ ଛୁଡ଼ାଇବା, ତଙ୍କ ଝୁଙ୍କିବା

ହେଡ୍—(ଇ°) ବି. ମୁଖିଆ, ବଡ଼, ପ୍ରଧାନ

ହେଡ୍‌ମାଷ୍ଟର—ବି°. (ଇ°) ପ୍ରଧାନ ଶିକ୍ଷକ

ହେଡ଼ା—ବି°. ହଡ଼ା (ବଳଦ)

ହେଡଗେରେଜ୍—ବି°. ବଙ୍କ, ତେରଛା

ହେଡ୍ (ଲ୍) ଗେ ହେୟାଃ କ୍ରି. ପାଣିଚିଆ ସ୍ୱାଦ, ସ୍ୱାଦ ଭଲ
ନ ହେବା କ୍ରି. ବି°. ଏଣେ ତେଣେ (ବୁଲିବା/ଗିବା/
ହେବା)

ହେଡ୍‌ରେଚ୍—ବି°. ଫଟା ଦଦରା ହେବା
କ୍ରି. ବି°. ଛୁଡ଼ା ଫଟା ହୋଇଥିବା

ହେଡ୍‌ଲେ ଗଡ୍‌ଲେ—କ୍ରି. ବି°. ଘଣ୍ଟା ଚକଟା ହେବା
କ୍ରି. ଗୋଳିଆ ହେବା

ହେଡ୍‌ହେଡେ—ବି°. ଅଧିକ ଚଉଡ଼ା, ସ୍ଥିର ହୋଇ ଠିଆ
ହୋଇଥିବା

ଦ୍ରଃ ହେଡ୍‌ହେଡେ ଦୁଲୁବ୍ ଅକାନାସ୍ତା - ଅଧିକ ଚଉଡ଼ା ହୋଇ
ବସିଅଛୁ

ହେଡେ ହେଡେ—କ୍ରି. ଦେଖେଇ ହୋଇ ଏଣ୍ଡୁ ତେଣ୍ଡୁ ଅଯଥା
ବକର ବକର ହେବା

ହେଡେଗଅଡେ (ଲେ)—କ୍ରି. ବି°. ମିଳାମିଶା କରି ଅଧିକ
ଖରାପ କରିବା କ୍ରି. ନଷ୍ଟ କରିବା, ଅପରିଷ୍କାର କରିବା

ହେଡେକ୍—କ୍ରି. (ଗରମରେ) ଫୁଟିବା, ଡବ ଡବ ହୋଇ
ଫୁଟିବା

ଦାକା ହେଡେକ୍‌ଏନା - ଭାତ ଫୁଟୁଅଛି
ଦା ∽ ହେଡେଏନା - ପାଣି ଫୁଟୁଛି

ହେଡେ ବେଡେ—କ୍ରି. ବି°. ଅଧିକ ମାତ୍ରାରେ ଗୋଳିଆ
ଘାଣ୍ଟିଆ କରିଦେବା

ହେଡେର୍ ହେଡେର୍—କ୍ରି. ବି° ଘଡ଼ର ଘଡ଼ର ଶବ୍ଦ
(ଚକ ଗଡ଼ି ଗଡ଼ି ଗିବା ଶବ୍ଦ)

ହେଡେ—ଅ. ତଡିଦେବା ଶବ୍ଦ

ହେଡା ∽—ଅ. ଠେଲି ତଡିବା ଶବ୍ଦ

ହେଣ୍ଡକେଡ୍—ବି°. ସ୍ଥିର, ଚୁପ୍, ଖାଲି କ୍ରି. ସ୍ଥିର ହେବା,
ଚୁପ୍ ରହିବା (ପଶିଯାଇ ସ୍ଥିର ରହିବା)

ହେଣ୍ଡକ ∽—କ୍ରି. ଠୁଲେଇ ଜମାହେବା
କ୍ରି. ବି°. ବହୁ ସମୟ ଧରି ବସି ରହିବା

ଦ୍ରଃ ଅନା ଅଲା ∽ରେ ଆ.ଡ଼ି ହଲ୍ ହେଣ୍ଡକଃ ଆକାନ -
ସେ ଘରେ ବହୁତ ଲୋକ ଠୁଳ ହୋଇଛନ୍ତି

ହେଣ୍ଡ୍‌ଗଅ—କ୍ରି. ବିଲମ୍ବ କରିବା

•ହେଣ୍ଡ୍‌ସ—ବି°. କେଶହୀନ, ଟାଙ୍ଗରା ମୁଣ୍ଡ କ୍ରି. ବି°. କେଶ
ନଥିବା ବ୍ୟକ୍ତି କ୍ରି. ବାଲ ସବୁ ପଡ଼ିବା

ହେଣ୍ଡ୍ରା ହେଣ୍ଡ୍ରା—ବି°. ପରସ୍ପର (ପକ୍ଷୀ) କେଶଗ୍ରାନ (ମଣିଷ)
କ୍ରି. ବକାବକ କରିବା

ହେଣ୍ଡେ—ସ. ସେଠାରେ, ସେ ସ୍ଥାନରେ

ହେଣ୍ଡେନ୍ତୁ ଠେପେନ୍ତୁ—ବି°. ଅତ୍ୟନ୍ତ ଦୁର୍ବଳ (ଗ୍ଲୁଲିବା ବେଳେ ଏଣେ ତେଣେ ଯିବା)

ହେଣ୍ଡେତେଆନା°—କ୍ରି. ବି°. ତେବେ, ସେ ପ୍ରକାର ଅବସ୍ଥାରେ ଥିବା

ହେଣ୍ଡେର୍—ବି. ପରିଷ୍କାର, ପରିଚିତ, ଅଭ୍ୟସ୍ତ
କ୍ରି. ପରିଷ୍କାର ହେବା, ପରିଚିତ ହେବା, ଅଭ୍ୟସ୍ତ ଥିବା

ଉ: ଅଟା ରଂ ଦ ହେଣ୍ଡେର୍ ଏନା - ସେହି ରଙ୍ଗଟା ଘ୍ରୁଣ୍ଡିଯାଇ ପରିଷ୍କାର ହୋଇଛି

ହେଣ୍ଡେର୍ ପୁଣ୍ଡୁର୍—ବି°. ଅତି ଦରିଦ୍ର (ଯାହାର ସବୁ କିଛି ଝଡ଼ି ଯାଇଛି)

କ୍ରି. ବି°. ଉଜୁଡ଼ି ଯାଇଥିବା, ଗରିବ ଅବସ୍ଥାରେ ରହିବା

ହେଣ୍ଡେଲ୍—ବି (ଇଂ) ହେଣ୍ଡେଲ (ଧରିବାର ଦଣ୍ଡା)
ସାଇକେଲ ହେଣ୍ଡେଲ୍, ମଟରଗାଡ଼ି ହେଣ୍ଡେଲ୍

ହେଣ୍ଡଅ—କ୍ରି. ବସିବା, ସାଙ୍ଗରେ ରହିବା

ହେଣ୍ଡାଓ/ହେଣ୍ଡାଓ୍—କ୍ରି. ଏଡାଇବା

ଉ: ଇଞ୍ଜ୍ ଏ ହେଣ୍ଡାଓ କା.ଦଣ୍ଡୁଆ - ମୋତେ ଏଡାଇ ଦେଇଗଲା

ହେତ୍—ଅ. ନା (ଅସମ୍ମତ ହେବା ଶବ୍ଦ)

ହେତା—କ୍ରି. ଧ୍ୟାନ ଦେବା

ହେତାଂତୁବାଂ—କ୍ରି. ବି°. ମାଦଳ ଓ ନାଗରା ବଜାଇବାର ଶବ୍ଦ

ହେତେ—ଅ. (ଧ୍ୟାନ ଆକର୍ଷକ ଶବ୍ଦ) ଶୁଣ, ହେଇ, ହୋଇ ହୋ

ହେତେଥତେ—କ୍ରି. ବି°. ଅଡମଡ କରି କହିବା, ଅସ୍ପଷ୍ଟ ଉଚ୍ଚାରଣ କରି କଥା କହିବା

ହେତେଙ୍ଗ୍ (ଲ୍—କ୍ରି. ବଧ କରିବା, ମାରିଦେବା, ହାଣିଦେବା

ହେତ୍ଅ—କ୍ରି. ବି°. ଆଗ ଓ ପଛ ଧରିକରି ଘଉଡ଼ିବା

ହେଦେର୍ ହେଦେର୍—କ୍ରି. ବି°. ଭୁହାକୁ ଭୁହା ପବନ ବୋହିବା

ହେଦେଲ୍ ଗୁଣ୍ଡୁଏନେଜ୍—ବି. ଏକ ପ୍ରକାର ପିଲାଙ୍କ ଖେଳ

ହେନ୍ଦା—ଅ. (ଧ୍ୟାନ ଆକର୍ଷକ ଶବ୍ଦ) ହେ, ହେଁ, ଏ ହୋ
ଓ ହୋ, ହୋଇରେ

ହେନଦା ହୁନଦ—କ୍ରି. ପ୍ରବୃତ୍ତ ହେବା, ଟାଳ ଟୁଲ କରିବା

ହେନ୍ଦେ—ବି. କଳା (ରଙ୍ଗ ହେବା)

ହେନ୍ଦେ ଆସ୍ୱା°—ବି. କଳା ନାଗ ସାପ

ହେନ୍ଦେ କାଟ୍ଉଦ୍—କଳା କାଠରେ ଥିବା ଛତୁ, କଳା ଛତୁ

ହେନ୍ଦେର୍ ପେନ୍ଦେର୍—କ୍ରି. ବି°. ଏଠା ସେଠାରେ ଅବସ୍ଥିତ ଥିବା, ଅବହେଳିତ ଭାବେ ପିନ୍ଧା ପିନ୍ଧି କରିଥିବା

ହେନ୍ଦେ ବେଙ୍ଗାଲ୍—ବି. କଳାବାଇଗଣ

ହେନ୍ଦେ ଖଦାଇ ହୁକୁ—ବି. କଳା ଉଦେଇ ଧାନ

ହେନ୍ଦେରଠା.—ବି°. ଅତ୍ୟନ୍ତ ବାସି ଅଇଁଠା (ପାଣ)
(ଅଇଁଠା କଳା ପଡ଼ିଯାଇଥିବା ଅବସ୍ଥା)

ହେନ୍ଦେ ହୁଲେନ୍—ବି. କଳା କୋଳଥ

ହେନ୍ରେ—କ୍ରି. ବି°. ସେଠାରେ, ସେହି ସ୍ଥାନରେ

ହେନ୍କା—କ୍ରି. ବି°. ସେହି ପ୍ରକାର ହେବା, ସେହିପରି ହେବା

ହେନ୍କା ଲେକା—କ୍ରି. ବି°. ସେହି ପ୍ରକାର

ହେନ୍ତେତେ—କ୍ରି. ବି°. ସେଠାରେ ହେବାକୁ

ହେନ୍ତେ ନେନ୍ତେ—କ୍ରି. ବି°. ଏଠାରେ ସେଠାରେ

ହେନତେର୍ ପେନ୍ତେର୍/ହେନ୍ତେର ପେଟେର୍—ବି°. ଦୁର୍ବହ କଷ୍ଟ ସହି କାମ କରିବା

ହେନ୍ତେର୍ ହେନ୍ତେର୍—କ୍ରି. ବି°. ଏଣେ ତେଣେ ଭୁଲାଠାରେ (ବୁଲିବା)

ହେନ୍ତେରେ—କ୍ରି. ବି°. ସେଠାରେ ସେହି ସ୍ଥାନରେ

ହେନ୍ତାଲ୍—ବି. କଅଁ ଜାତୀୟ ଗଛ

ହେନ୍ତେ—ସ. ସେହି ଜାଗା ଆଡ଼କୁ, ସେହି ପାଖକୁ

ହେନ୍ତେତେ—କ୍ରି. ବି°. ସେହି ସ୍ଥାନ ଦେଇ, ସେହି ପାଖ ଦେଇ

ହେନ୍ତେନ୍—ସ. ସେହି ପାଖର, ସେହି ସ୍ଥାନର

ହେନ୍ତେନେତେ—କ୍ରି. ବି°. ଏପାଖ ସେପାଖ

ହେନ୍ତେରେ—କ୍ରି. ବି°. ସେଠାରେ, ସେହି ତରଫରେ

ହେନ୍ତେରେନ୍—ବି. ସେହି ତରଫର, ସେ ସ୍ଥାନର

ହେନ୍‌ତେ ରେସ୍ତାଃ—ସ. ସେହି ସ୍ଥାନରେ (ନିର୍ଦ୍ଦିଷ୍ଟ) ସେହିଠାରେ

ହେନ୍‌ତେ ହେନ୍‌ତେ—ସ. ସେହି ବାଟେ ବାଟେ, ସେହି ସେହି ଆଡେ, ସେହି ସେହି ଆଡକୁ

ହେନାଃ—କ୍ରି. ହେବା, ଅଛି

ହେନାବାହା—ବି. ହେନା ଫୁଲ

ହେନେ—ସ. ସେହିଠାରେ କ୍ରି. ହେଇ ନିଅ

ହେନେଆନା ° —ସ. ସେହିଠାରେ ସ୍ଥିତ

ହେନେଆନା°—ସ. କେବଳ ସେଇଠି ଅଛି

ହେନେତାନା ° —ସ. ସେ ପ୍ରକାରର ହେବ ପରି

ହେନେଡସି—ସ. ହେଇ ଦେଖ (ଯାଉଛି)

ହେନେ ଫେନେ—କ୍ରି. ବି°. ବାହାନା ପୂର୍ବକ କ୍ରି. ବାହାନା କରିବା

ହେନେଓ୍ୱ—ବି°. ଜାଙରେ କାଟେଇବା, ଯୋଗ୍ୟ ପିଲା, ଶ୍ରେଷ୍ଠ ପିଲା

ହେନେ ହିନ—ସ. ସେ ଯିଏ ସେଠାରେ ଅଛି

ହେନେ ହେନ୍‌ତେ—ସ. ସେହିଠାରେ ଥିବା

ହେନେ ହେନ୍‌କା—କ୍ରି. ବି°. ସେହି ପ୍ରକାର କ୍ରି. ସେହି ପ୍ରକାର ହେବା

ହେନେ ହେନ୍‌କା ଲେକା—ସ. ନିଶ୍ଚିତ ସେହି ପ୍ରକାର ହେବା

ହେନେ ହେନ୍‌ତେ—ସ. ସେହି ଆଡ଼କୁ ସେହି ଦଗକୁ

ହେନ୍‌ଅଃରେନା ° —କ୍ରି. ବି°. ସେପରି ହେବ

ହେନ୍‌ଅସଡା—ବି. ହିନସ୍ତା, ନିନ୍ଦା, ଅପମାନ

ହେପାଜତ୍ତି—କ୍ରି. ହିପାଜତ କରିବା, ଦେଖାଦେଖି କରିବା

ହେବେ—କ୍ରି. କାଖ କରିବା, କୋଳକୁ ନେବା

ହେବେନ୍—କ୍ରି. କାଙ୍କକୁ ଯିବା, କୋଳକୁ ଯିବା

ହେମ୍—ବି. ହିମ, ଶୀତଳ

ହେମ୍‌ବରଅମ୍ (ହେମ୍ବ୍ରମ)—ବି. ସାନ୍ତାଳ ଜାତିର ହେମ୍ବ୍ରମ ଗୋଷ୍ଠୀ

ହେମ୍‌ ଖେମ୍—କ୍ରି. ଡେରି ହେବା, ଅଳସ କରିବା

ହେମ୍‌ ସୁଆଲା ° —ବି. କଳମ ଶାଗ

ହେମସ୍ତୁହନ୍ତୁ—ବି. ହେମସ୍ତୁ ନାମକ ଧାନ, କଳମା ଧାନ

ହେମସ୍ତୁ—କ୍ରି. ମନ୍ଥର ଗତିରେ ଗୁଲିବା, ବିଳମ୍ବ କରିବା ଠହିକା ଥିବା

ହେମ୍‌ ସୁରେଗ୍—ବି. ଏକ ପ୍ରକାର ଶ୍ରେଷ୍ଠ ଗଛ ଔଷଧରେ ପ୍ରୟୋଗ ହୁଏ, ହେମ୍‌ସାଗର ଗଛ

ହେମ୍‌ ହେମ୍—ବି°. ପିତାଳିଆ ସ୍ୱାଦ

ହେମାନ୍ତୁ—କ୍ରି. ସାହସ କରିବା

ହେମାନ୍—ଅ. ଆଦି, ଇତ୍ୟାଦି

ହେମାଲ୍—ବି°. ଶୀତଳ, ଥଣ୍ଡା

ହେମାଲ୍‌ ବୁରୁ—ବି. ହିମାଳୟ ପର୍ବତ

ହେମେଏସି—ବି. ସୁଗୋଲ ସୁଢ଼ଳ ନାସି, କୋଳସ୍ଥିତ ନାସି

ହେମେଢ଼୍ (ଲ୍) ମେସ୍ତଂ—ବି°. ନିଶ ଦାଢ଼ୀ ବଢ଼ିନ ମୁହିଁବାଲା, ନିସ୍ୱଣ, କି° କର୍ତ୍ତବ୍ୟ ବମୂଢ଼

ହେମେ—କ୍ରି. କାଖ କରିବା

ହେଁସ୍ତୁଅଁ ହେସ୍ତୁଅ—କ୍ରି. ବି°. ମୟୂର ଡାକ

ହେରଗସ୍ତୁ ହେର୍‌ଗସ୍ତୁ—କ୍ରି. ବି°. ବାରମ୍ବାର, ଥରକୁ ଥର ବୁଲାବୁଲି କରିବା

ହେର୍‌ପାନ୍ତୁ—କ୍ରି. ନିଆଁକୁ ତାପ କରିବା, ପାଖରେ ବସିବା କ୍ରି. ବି°. ତାପ ହୋଇଥିବା ନିଆଁ ଲଗାଇ ହୋଇ ପାଖରେ ବସିବା

ହେର୍‌ଫେର୍—କ୍ରି. ହେର ଫେର କରିବା, ବଦଳା ବଦଳି କରିବା

ହେର୍‌ଫେରସ୍ତା—ବି°. ଧୂର୍ତ୍ତ, ତୀକ୍ଷ୍ଣ ବୁଦ୍ଧିବାନ

ହେର୍‌ମେଦ୍ (ତ୍)—କ୍ରି. ଅଣ୍ଟାରେ ରଖିବା, କାଖେଇବା କ୍ରି. ବି°. ଅଣ୍ଟାରେ ରଖିନେବା

ହେସ୍ତ° ପେସ୍ତ°—କ୍ରି. ବି°. ଅପରିଷ୍କାର ହୋଇଥିବା କୁ-ସ୍ୱଭବର (ବ୍ୟକ୍ତି) ବି°. କୁ-ସ୍ୱଭାବ

ହେରେ ପେସେ—କ୍ରି. ଯୋଡାଣି ଯୋଡାଣି ହେବା, ପିସ୍ତୁକୁ ଡଲେ ଯୋଡାଣି ଏପାଖ ସେପାଖ ହେବା

ହେରେତ୍ ଡରୁପ୍—କ୍ରି. ବି°. ଗୋଟିକ ପରେ ଗୋଟିଏ, ଏକୁଟିଆ ଏକୁଟିଆ

ହେରେ ହେକେ—କ୍ରି. ବିଂ. ଘୋଷାରି ଘୋଷାରି ନେବା କ୍ରି. ଘୋଷାରିବା, ଟାଣିକରି ନେବା

ହେରେଲ—ବି. ବିବାହିତ ପୁରୁଷ, ପତି, ସ୍ୱାମୀ

ହେରେଞ୍—ବିଂ. ନିପୁଣ, ଦକ୍ଷ, ଯୋଗ୍ୟ, ଅଭ୍ୟସ୍ତ କ୍ରି. ବିଂ. ନିପୁଣ ହୋଇଥିବା, ଦକ୍ଷ ହୋଇଥିବା, ଯୋଗ୍ୟ ହୋଇଥିବା, ଅଭ୍ୟାସ କରିଥିବା

ହେର୍ଲୁଅ/ହେଲ — କ୍ରି. ଖସୁ ହେବା, ଘରିଯିବା, କ୍ରମଶଃ ଖସ ହେବା

ହେଲ୍—ବି. ସମସ୍ତ କ୍ରି. ସମସ୍ତ ହେବା, ସାଥି କରିବା

ହେଲ୍ ଢେଲ୍—କ୍ରି. ବିଂ. ଢିଲିଢିଲି, ଅବହେଳା ହେବା କ୍ରି. ଅବହେଳା କରିବା

ହେଲ୍ ତା—ବି. ନରମ ବାଉଁଶ ପୁଆ, ବାଉଁଶ ଗଜା କ୍ରି. ବାଉଁଶ ଗଜା ହେବା

ହେଲ୍ ମେଲ୍—ବି. ମିଳିମିଶି, ମିଶ୍ରତା କ୍ରି. ମିଳିମିଶି ଚଳିବା ମିଶ୍ରତା କରିବା, ଘନିଷ୍ଠତା ହେବା ବିଂ. ମିଶ୍ର

ହେଲର୍ଓ୍ୱା ହେଲର୍ଓ୍ୱି—କ୍ରି. ବିଂ. ଅକାରଣ ବୁଲିବୁଲି, ବୋକାଙ୍କ ସଦୃଶ୍ୟ ଢଲ ଢଲ ବୁଲିବା କ୍ରି. ସେପାଖ ଏପାଖ ବୁଲିବା/ହଲିବା

ହେଲ୍ ହେଲ୍—ଅ. ବଳଦକୁ ଆଗକୁ ଚ଼ାଲିବାକୁ କହିବା ଶବ୍ଦ

ହେଲା (ଲ)—ବି. ଅସାବଧାନତା, ଉପେକ୍ଷିତ କ୍ରି. ହେଳା କରିବା, ଅସାବଧାନରେ କରିବା ବିଂ. କଷା ହୋଇ ହାତରେ ମୁଠା ହୋଇ ଥିବା ଧାନ ଗଛ

ହେଲ୍ ଫେଲ୍—ବିଂ. ଠେଲି ଠେଲି ହେବା କ୍ରି. କେହି ଦାୟିତ୍ୱ ବହନ କରିବାକୁ ସମ୍ମତ ନୁହଁ, ଅସମ୍ମତ ହେବା

ହେଲଓ୍ୱ—କ୍ରି. ଦର୍ଶାଇବା, ବଡ଼ ବଡ଼ କଥା କହିବା

ହେଲହଲ—କ୍ରି. ଟଳମଳ ହେବା, ଅବହେଳା କରିବା

ହେଲେଚ୍—କ୍ରି. କାଟିବା, କାଟି ନଷ୍ଟ କରିବା, ହାଣି ଦେବା

ହେଲେଞ୍ ମେନ୍‌ଡେ—କ୍ରି. ବିଂ. ଅସୁନିକ ପୀଡ଼ା ହେବା

ହେଲେଞ୍ଜ ହେଲେଞ୍—କ୍ରି. ବିଂ. ତୀବ୍ରପିଡ଼ା, ତୀବ୍ର ବେଦନା

ହେଁଓଁ—କ୍ରି. କାଖେଇ ନେବା, କାଖେଇବା

ହେଓ୍ୱା (ଲ)—କ୍ରି. ହାତରେ ନାଡ଼ିବା (ପାଣି), ପାଣି ହଲଚଲ କରିବା

ହେଓଁଡଲ୍—କ୍ରି. କାଖରେ ବାନ୍ଧ ହେବା, ପିଲା ସମ୍ଭାଳିବା

ହେଓଲ—କ୍ରି. ପାଣି ନାଡିବା, ହଲଚଲ କରାଇବା

ହେଓଲ ହେଓଲି—କ୍ରି. ବିଂ. ନଡାନଡି କରି, ହଲଚଲ କରି, ଧୀରେ ଧୀରେ ପାଣି ଗୋଳାଇବା କମ୍ବା ଘାଣ୍ଟିବା

ହେଓଁହାସ୍—କ୍ରି. କାଖେଇ ବଢାଇବା, ପାଳିବା ପୋଷିବା, ଖୁଆଇ ପିଆଇ ବଡ କରିବା

ହେଓଁହପନ୍—ବି. କାଖର ପୁଅ, ପୁଅ ପାଇବା, କୋଳ ଭରିବା

ହେଓ୍ୱା—ବି. ଅଭ୍ୟାସ କ୍ରି. ଅଭ୍ୟାସ ପଡ଼ିବା, ଅଭ୍ୟାସ ହେବା

ହେଓ୍ୱଏଞ୍—କ୍ରି. ଦୁଃଖିତ ହେବା, ଦୁଃଖ ଦେବା

ହେଓଏର୍—ବିଂ. ପିଡ଼ା ସ୍ୱାଦ

ହେଓଏର୍ ହାଡ଼ହାନ୍—ବିଂ. ପିଡା ଓ ଗୁଆ, ପିଡ଼ା କଷା

ହେଓଏଲ୍ ହେଓଏଲ୍—କ୍ରି. ବିଂ. ପାଣିରେ ପୋକ ଜୋକ ହଲ୍ ହଲ ହେବା (ହଲ ଚଲ୍ ହେବା)

ହେସା ହସି—କ୍ରି. ହଂସା ହଂସି ହେବା, କଲ କଜିଆ କରିବା କ୍ରି. ବିଂ. କାମରେ କୁଣ୍ଠା ପ୍ରକାଶ କରି ଜୋର ଜୋର ଝଗଡ଼ା କରିବା

ହେସାଃ ଦାରେ—ବି. ଅଶ୍ୱତ୍ଥ ଗଛ

ହେସେ—କ୍ରି. ଡାଳ କାଟିଦେବା, କାଟିବା କ୍ରି. ବିଂ. ଗଛ ଡାଳକୁ କାଟି ଶ୍ରେଷ୍ଠ କରିବା

ହେସେଞ୍ ସେକେଞ୍—କ୍ରି. ବିଂ. ଆନନ୍ଦ ପୂର୍ବକ କ୍ରି. ମହାନ ମଜଲିସରେ ରହିବା

ହେସେର୍ ହେସେର୍—କ୍ରି. ବିଂ. ଘୋଷାରିବାର ଶବ୍ଦ କରତରେ କାଟିବା ଶବ୍ଦ କ୍ରି. ସବୁବେଳେ ସସର ସସର କରିବା, କାମରେ ଯୋଡ଼ି ହୋଇ ରହିବା

ହେଁସ୍‌ର୍ ହିଁସ୍‌ର—କ୍ରି. ବିଂ. ଜୋରରେ କାଶି କାଶି ଧଇଁ ସଇଁ ହେବା କ୍ରି. ଦମ୍ ରହିବା, ଦମ୍ ମାରିବା

ହେଁସ୍‌ର୍ଓ୍ୱ—କ୍ରି. ହାଇଁ ପାଇଁ ହେବା, ହାଂଫିବା

ହେସେଲ୍ ଦାରେ—ବି. ଧଅ ଗଛ

ହେଁ ହୁଁ—କ୍ରି. ସମ୍ମତି ଦେବା, ରାଜି ହେବା, ହୁଁ କରିବା

ହେହେ କଅ କଅ—କ୍ରି. ବି°. କୁକୁଡ଼ାଙ୍କର କର କର ଶବ୍ଦ

ହେଁ ହେଁ କଅ କଅ—କ୍ରି. ହସିବା, ମୂର୍ଖବତ୍ ହସିବା

ହେଁ ହେଁ ପେ ପେ—କ୍ରି. ବି°. ଧଇଁ ସଇଁ ହୋଇ କାନ୍ଦିବା
କ୍ରି. କାନ୍ଦିବା, ହେଁ ପେଁ କରି କାନ୍ଦିବା

ହେଁ ହେଁଲ୍—କ୍ରି. ଆଞ୍ଚୁଡ଼ି ଆଞ୍ଚୁଡ଼ି, କାମୁଡ଼ି କାମୁଡ଼ି (ପୋକ ବା ମୂଷା) ଭୂମିରେ ଗାତ କରିବା/ରାସ୍ତା କରିବା
ବି. ଏକ ପ୍ରକାରର ଜଙ୍ଗଲି ଲତା

ହେଁ ହେଁଲ୍ଲ ∽—ବି°. ନିଷ୍କ୍ରିୟ ହୋଇ ରହିବା (ଆଗକୁ କିଛି ଦାୟିତ୍ୱ ନାହିଁ ଭାବି ନିଷ୍କ୍ରିୟ ହୋଇ ଚୁପ୍ ଚାପ୍ ରହିବା ସ୍ଥିତି)

ହେହେ ହେହେ—କ୍ରି. ସ୍ତ୍ରୀଆଙ୍କର ହସ, ମୂର୍ଖଙ୍କ ପରି ହସିବା
ହେ ହେ ହେ ହେ

ହେଁ ହେଁ ହେଁ ହେଁ—କ୍ରି. ଚିତ୍କାର କରିବା

ହେଁ ହୁଅ—ଅ. ହୋଇ କି ହୋ

ହେଁ ହେଁ—କ୍ରି. ହେଁ ହେଁ କରିବା, ସ୍ୱୀକାର କରିବା

ହେଭ୍ (ଲ୍)—କ୍ରି. ଗ୍ରୁଣ୍ଡିବା, କାଟିବା, କ୍ଷୟ ହେବା

ହେଭ୍ (ଲ)ଗ ବଭ୍(ଲ୍)ଗଅ—କ୍ରି. ବି°. ପଛରେ ପଡ଼ିଯିବା
ଧୀମେଇ ଧୀମେଇ ଯିବା

ହେଭ୍ସ୍ଂ—ବି°. ଖୋଟା, ଲେଙ୍ଗଡା କ୍ରି. ଲେଙ୍ଗ୍ଡ଼ିବା,
ଖୋଟେଇ ଖୋଟେଇ ଚାଲିବା

ହେଭ୍ସ୍ଂ ହେଡ୍ସ୍ଂ—କ୍ରି. ବି°. ଲେଙ୍ଗେଡାଇ ଲେଙ୍ଗେଡାଇ
ଚାଲିବା

ହେଁଭ୍ସ୍ ପେସ୍ଂ—କ୍ରି. ବି°. ଗୋଡକୁ ଗୋଡ ବାଡେଇ ଚାଲିବା
ପ୍ରକ୍ରିୟା

କ୍ରି. ଗଡବଡ଼ କରିବା, ମଝିରେ ମଝିରେ ହଇରାଣ
ହରକତ କରିବା ପ୍ରଭୃତି

ହେଭ୍ (ଲ୍)ସ୍ଂ—ବି°. ତେଡା ମେଢା

ହ୍ଵଡ୍ (ଲ) ସ୍ଂ ହ୍ଵଡ୍ଚ—କ୍ରି. ଭୁଷିବା କ୍ରି. ବଦେକଣ୍ଠନ ହେବା
ଲୁଚବୁଲିବା

ହେଭ୍କେଚ୍—ବି. ମନୁଷ୍ୟ ଶରୀରର ମାଂସ

ହେଭ୍ଓଏଚ୍/ପେଟେର୍—କ୍ରି. ମୋଡ଼ି ମୋଡ଼ି ରଖିବା
କ୍ରି. ବି°. ଦେହର ମୋଡ଼ି ଭଙ୍ଗି ହେବାର ଭାବନା

ହ୍ୱଡ୍ସାଦ୍ଧଡପି—କ୍ରି. ପରସ୍ପରକୁ ଦୋଷାରୋପ କରିବା
ପରସ୍ପର ପ୍ରତି ଅସନ୍ତୋଷ ପ୍ରକଟ କରିବା

ହେଭ୍ହେଁକାଂ—ବି°. ବୁଛା, ଡାଳ ବିହୀନ ଗଛ

ହେଭ୍(ଲ୍)ହେଭ୍—କ୍ରି. ବଳବନ୍ତ କରିବା, ଘାସ ବାଛିବା

ହେଭ୍(ଲ୍)ହେଭ୍(ଲ୍)—ବି°. ଖାଲି ଠିଆ ଗଛ, ଡାଳହୀନ ଥିବା
ଉଚ୍ଚା ଗଛର ଦୃଶ୍ୟମାନ ସ୍ଥିତି

ହେଭ୍ଡା ∽/ହେଲା ∽—ବି. ଚନ୍ଦ୍ରକାବସ୍ତ୍ର (ରଙ୍ଗ), ପଞ୍ଚାଳିଆ ଦାଗ

ହେଭ୍ଡା ∽/ମା.ହ୍ଵା.କା.ଲ୍—ବି. ଚନ୍ଦ୍ରକାବସ୍ତ୍ର କୁମ୍ଭାଟୁଆ ଚଢେଇ

ହେଭ୍ଡା (ଲା) ରେଷା—ବି. ପରିଚୟ, ଖୀରନାଭ୍ର ସମ୍ପର୍କ
କ୍ରି. ପରିଚିତ ହେବା, ବନ୍ଧୁ ପାତିବା

ହେଲା ∽—ବି°. ମାଟିଆ ରଙ୍ଗ

ହେସ୍ବାଂ ହେସ୍ବାଂ—କ୍ରି. ଗରମ ପାଉଥିବା, ଗରମ ଲାଗିବା

ହେସ୍ବାନ୍—କ୍ରି. ବି°. ବହୁତ ସ୍ଥାନ ମାଡି ବସିଥିବା (ଲୋକ)

ହେଭ୍ଡା (ଲା)ନ୍ ଅକର୍—କ୍ରି. ବି°. ବହୁତ ଅଧିକ ହେବା

ହେଭଏ (ହେଲେ)—ବି. ରୂପ, କୁଣ୍ଡାରେ ପରିଣତ ହୋଇ
ନଥିବା ଖୋଳପା

ହେଲେ ଜଆଭ୍—ବି°. ପହୀର ଜକା

ହେଭ୍ହେସ୍—କ୍ରି. ବି°. ଯଥା ସମୟପରେ ହେବା,
ସମସ୍ତ ପୂରାଇ ଦେବା କ୍ରି. ପରେ ହେବା

—ସମାପ୍ତ—